ବସନ୍ତ ଶତପଥୀଙ୍କ

# ଗଳ୍ପ ସମଗ୍ର

## (ଦ୍ୱିତୀୟ ଭାଗ)

ଅଗ୍ରଦୂତ
କଟକ

Digitized by srujanika@gmail.com

ବସନ୍ତ ଶତପଥୀଙ୍କ

# ଗଳ୍ପ ସମଗ୍ର

(ଦ୍ୱିତୀୟ ଭାଗ)

ଅଗ୍ରଦୂତ
କଟକ-୨

Digitized by srujanika@gmail.com

ଗଳ୍ପ ସମଗ୍ର (ଦ୍ୱିତୀୟ ଭାଗ)

ଲେଖକ: ବସନ୍ତ କୁମାର ଶତପଥୀ || ପ୍ରକାଶକ: ଅଗ୍ରଦୂତ, ବାଙ୍କାବଜାର, କଟକ-୭୫୩୦୦୨ || ପ୍ରଥମ ପ୍ରକାଶ: ୨୦୧୩ ||
ମୁଦ୍ରଣ:
ମୂଲ୍ୟ: ଟ.୩୫୦/-

© ସୁମନ୍ୟୁ ଶତପଥୀ

---

**Galpa Samagra** (Part - II)

Author: **Basanta Kumar Satpathy || Publisher: AGRADUTA,** Banka Bazar, Cuttack-753002 || 1st Edition: 2013 ||
Printed at:

**Rs. 350/-**

**© Sumanyu Satpathy**

*Digitized by srujanika@gmail.com*

# କୃତଜ୍ଞତା

ବସନ୍ତ କୁମାର ଶତପଥୀଙ୍କ ଗଳ୍ପଗୁଡ଼ିକ ସହଜରେ ଉପଲବ୍ଧ ହେଉ ନ ଥିବାରୁ ସେଗୁଡ଼ିକୁ ପୁନଃମୁଦ୍ରିତ କରି ଓଡ଼ିଆ ପାଠକଙ୍କ ନିକଟରେ ପୁନଃଉପସ୍ଥାପନା ଉଦ୍ଦେଶ୍ୟରେ ସଂକଳନଟି ପ୍ରସ୍ତୁତ । ଗଳ୍ପଗୁଡ଼ିକର ସଂଖ୍ୟା ବହୁଳତା ଦୃଷ୍ଟିରୁ ସଂକଳନଟିକୁ ଦୁଇଟି ଭାଗରେ ପ୍ରକାଶ କରିବାକୁ ବାଧ ହେଲୁଁ ।

ଜ୍ଞାନପୀଠ ପୁରସ୍କାର ବିଜୟିତ୍ରୀ ଡ. ପ୍ରତିଭା ରାୟ ଏହାର ପୂର୍ବାଭାଷ ଲେଖିବାକୁ ରାଜି ହୋଇଥିବାରୁ ମୁଁ ତାଙ୍କୁ ବିଶେଷ କୃତଜ୍ଞତା ଜ୍ଞାପନ କରୁଛି ।

ଏହି କାର୍ଯ୍ୟରେ ଅନେକ ବନ୍ଧୁ ସାହାଯ୍ୟ କରିଥିବାରୁ ମୁଁ ତାଙ୍କ ନିକଟରେ ଋଣୀ । ବିଶେଷ ଭାବରେ କୃତଜ୍ଞତା ଜଣାଉଛି ଦିଲ୍ଲୀସ୍ଥିତ ସଚିନ ରସ୍ତୋଗୀଙ୍କୁ ଯାହାଙ୍କର ତତ୍ତ୍ୱାବଧାନରେ ଏହା ମୁଦ୍ରିତ ହୋଇପାରିଛି ।

ମୋର ବନ୍ଧୁ ଅନିମେଷ, ୟାସିର ଏବଂ ବିଜ୍ଞାନଙ୍କ ନିରବଚ୍ଛିନ୍ନ ନିଷ୍ଠାପର ଉଦ୍ୟମ ହେତୁ ସଂକଳନଟି ସୂଚାରୁ ରୂପେ ପ୍ରସ୍ତୁତ ହୋଇପାରିଛି । ଶ୍ରୀ ଶତପଥୀଙ୍କ ଗଳ୍ପଗୁଡ଼ିକର ପ୍ରକାଶନ ଦିନାଙ୍କ କିଛିମାତ୍ରାରେ ରାଜ୍ୟ ଅଭିଲେଖାଗାର, କେଦାରନାଥ ପାଠାଗାର, ବ୍ରଜନାଥ ରଥଙ୍କ ପାଠାଗାର ଆଦିରୁ ସଂଗ୍ରହ କରି ବିଜ୍ଞାନ ସଂକଳନଟିରେ ସ୍ଥାପନ କରିଥିବାରୁ ମୁଁ ତାଙ୍କ ନିକଟରେ ବିଶେଷ କୃତଜ୍ଞ । ଏ ଦିଗରେ ତାଙ୍କୁ ସାହାଯ୍ୟ କରିଥିବାରୁ ରାଜ୍ୟ ଅଭିଲେଖାଗାର, କେଦାରନାଥ ପାଠାଗାର ଏବଂ ଅନ୍ୟାନ୍ୟ ପାଠାଗାରମାନଙ୍କର କର୍ମଚାରୀବୃନ୍ଦଙ୍କୁ ମୋର ଆନ୍ତରିକ ଧନ୍ୟବାଦ । ଏମାନଙ୍କ ସାହଯ୍ୟ ବିନା ସଂକଳନଟି ହୁଏତ ଅସମ୍ପୂର୍ଣ୍ଣ ରହିଯାଇଥାନ୍ତା । ସୁନନ୍ଦା ପ୍ରଧାନ ଓ ତାଙ୍କର ସାଥୀ ନିବେଦିତା ଶ୍ରୀ ଶତପଥୀ ଗଳ୍ପଗୁଡ଼ିକୁ ନିର୍ଭୁଲ ଡିଟିପି କରାଇବାରେ ସାହାଯ୍ୟ କରିବାରେ ସାହାଯ୍ୟ କରିଥିବାରୁ ତାଙ୍କୁ ମୁଁ କୃତଜ୍ଞତା ନ ଜଣାଇ ରହିପାରୁନାହିଁ ।

ସଂକଳନଟିକୁ ପ୍ରକାଶ କରିବା ଦିଗରେ ଅସୀମ ଉତ୍ସାହ ଏବଂ ପ୍ରେରଣା ଯୋଗାଇଥିବାରୁ ସର୍ବଶ୍ରୀ ଅନନ୍ତ ମହାପାତ୍ର, ବିଭୂତି ପଟ୍ଟନାୟକ, ବ୍ରଜନାଥ ରଥ, ଯତୀନ୍ଦ୍ର କୁମାର ନାୟକ, ଜଗନ୍ନାଥ ପ୍ରସାଦ ଦାସ, ପ୍ରଦୋଷ ମିଶ୍ରନ୍ତି ଏବଂ ମୋର ଅନ୍ୟ ଶୁଭେଚ୍ଛୁ ବନ୍ଧୁମାନଙ୍କୁ ମୋର ଆନ୍ତରିକ ଧନ୍ୟବାଦ । ଏଥିସହିତ, ବସନ୍ତ ଶତପଥୀଙ୍କ ପରିବାରର ସମସ୍ତ ସଦସ୍ୟଙ୍କୁ ମୋର କୃତଜ୍ଞତା, ଯାହାଙ୍କ ପ୍ରେରଣା ଏବଂ ସହଯୋଗ ବିନା ସଂକଳନଟି ପ୍ରସ୍ତୁତ ହୋଇପାରି ନ ଥାନ୍ତା । ପରିଶେଷରେ, ଶତପଥୀଙ୍କ ଅଗଣିତ ପାଠକ, ପ୍ରଶଂସକ ଏବଂ ପ୍ରିୟ ବନ୍ଧୁଗଣଙ୍କୁ ମୋର ବିନମ୍ର କୃତଜ୍ଞତା ।

ଆଶା କରେ, ସଂକଳନଟି ସମସ୍ତଙ୍କ ଦ୍ୱାରା ଆଦୃତ ହେବ ।

**ପ୍ରକାଶକ**

Digitized by srujanika@gmail.com

# ବସନ୍ତ ଚେତନା

**ପ୍ରତିଭା ରାୟ**

ନିଜକୁ ଅଭିବ୍ୟକ୍ତ କରିବାର ଅଦମ୍ୟ ପ୍ରବୃତ୍ତିରୁ 'ଅଭିବ୍ୟକ୍ତି'ର ଜନ୍ମ । ଅଭିବ୍ୟକ୍ତିର ଏହି ପ୍ରବୃତ୍ତି ପ୍ରାଚୀନ ଲୌହ, ତାମ୍ର, ପ୍ରସ୍ତର ଯୁଗରେ ବଣଜଙ୍ଗଲରେ ବାସ କରୁଥିବା ଆଦିମ ମଣିଷର ମଧ ଥିଲା । ଲିପି ସୃଷ୍ଟି ହେବା ପୂର୍ବରୁ ଭାଷା ସୃଷ୍ଟି ହେବା ପୂର୍ବରୁ ଆଦିମ ମଣିଷର ଏହି ଅଦମ୍ୟ କାମନା ଇଙ୍ଗିତ, ଅଙ୍ଗ ଭଙ୍ଗୀ ଓ ପ୍ରସ୍ତର ଗାତ୍ରରେ ରେଖାଚିତ୍ରକୁ ମାଧ୍ୟମ କରି ବ୍ୟକ୍ତ ହୋଇଥିଲା । ସାହିତ୍ୟରେ ଏହି ପ୍ରାଥମିକ ସ୍ତର ଏକାନ୍ତ ବାସ୍ତବଧର୍ମୀ ଏବଂ ସାର୍ବଜନୀନ ଥିଲା । କାରଣ ସେତେବେଳେ ଭାଷାଗତ ଲିପିଗତ ସମସ୍ୟା ନ ଥିଲା । ରେଖାଚିତ୍ର ଦ୍ୱାରା ଭାବ ବ୍ୟକ୍ତି କରିବାର ବହୁବର୍ଷ ପରେ ଲିପି ସୃଷ୍ଟି ହୁଏ ଏବଂ ଆରମ୍ଭ ହୁଏ ଗଳ୍ପର ଅନନ୍ତ ଯାତ୍ରା । ଆଜି ସମାଜୀବନ ଜଟିଳ ଓ କର୍ମମୟ ହୋଇଉଠିଛି । ତେଣୁ ମଧ୍ୟଯୁଗୀୟ ସ୍ୱପ୍ନବିଳାସୀ ଭାବନା ସାହିତ୍ୟରେ ଯଥାର୍ଥ ଜୀବନଚିତ୍ର ପ୍ରଦାନ କରିପାରିବ ନାହିଁ । ବାସ୍ତବତାର ଦର୍ପଣରେ କ୍ଷୁଦ୍ରଗଳ୍ପ ପାଠକକୁ ତା'ର ନିଜ ଜୀବନର ପ୍ରତିବିମ୍ବ ନ ଦେଖାଇଲେ କ୍ଷୁଦ୍ରଗଳ୍ପ ହୃଦ୍ୟ ହେବନାହିଁ ଓ ସମାଜ ଉପରେ କୌଣସି ପ୍ରଭାବ ପକାଇବ ନାହିଁ । ମଣିଷ ଜୀବନକୁ ନେଇ ଗାଳ୍ପିକ ଜୀବନବ୍ୟାପୀ ସାରସ୍ୱତ ସାଧନା କରେ । ସାହିତ୍ୟ ପ୍ରତି ଓ ଜୀବନ ପ୍ରତି ବିଶ୍ୱସ୍ତପଣିଆ ନ ଥିଲେ ସାହିତ୍ୟର କୌଣସି ବିଭାବରେ ଜଣେ ଲେଖକ ସାର୍ଥକତା ପ୍ରତିପାଦନ କରିପାରେ ନାହିଁ ।

ସେମିତି ଜଣେ ବିଶ୍ୱସ୍ତ ସ୍ରଷ୍ଟା ଥିଲେ ବସନ୍ତ କୁମାର ଶତପଥୀ । ମୟୂରଭଞ୍ଜର ପାନ୍ଧଡା ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ । ଇଂରାଜୀ ସାହିତ୍ୟରେ ଅଧାପନା ଥିଲା ତାଙ୍କର ବୃତ୍ତି । ମାତ୍ର ଓଡ଼ିଆ ଭାଷାରେ ସାହିତ୍ୟ ସୃଷ୍ଟି କରିବା ଥିଲା ତାଙ୍କର ପ୍ରବୃତ୍ତି । ବସନ୍ତ ଶତପଥୀଙ୍କର ଇଂରାଜୀ ଅଧ୍ୟୟନ ଓ ଅଧାପନାର ଦକ୍ଷତା ତାଙ୍କର ଓଡ଼ିଆ ସାହିତ୍ୟ ସୃଷ୍ଟି ପଥରେ ଆଦୌ ଅନ୍ତରାୟ ସୃଷ୍ଟି କରୁନଥିଲା । ସେ କିଛିକାଳ 'ଭଞ୍ଜପ୍ରଦୀପ' ପତ୍ରିକାର ସମ୍ପାଦନା କାର୍ଯ୍ୟ ମଧ କରିଥିଲେ ଓ ସେଥିରେ ତାଙ୍କର ଦକ୍ଷତା ପ୍ରଦର୍ଶନ କରିଥିଲେ । ବସନ୍ତ ଶତପଥୀ ଥିଲେ ଏକ ଅନନ୍ୟ ସାରସ୍ୱତ ସାଧକ ଯିଏ ନାଟକ, ଅନୁବାଦକର୍ମ, ସୃଷ୍ଟିଶୀଳ ଗଠନମୂଳକ ସାହିତ୍ୟ ସମାଲୋଚନା ଓ ଚିନ୍ତା ଚେତନା ଉଦ୍ରେକକାରୀ ମୌଳିକ ନିବନ୍ଧ ଆଦି ସାହିତ୍ୟର ସବୁ ବିଭାଗରେ ତାଙ୍କର ଉଜ୍ଜ୍ୱଳ ସ୍ୱାକ୍ଷର ରଖିଥିଲେ । କିନ୍ତୁ ତାଙ୍କ ଲେଖନୀର ଅମୃତ ସ୍ପର୍ଶରେ ସେ କ୍ଷୁଦ୍ରଗଳ୍ପ ଓ ରମ୍ୟରଚନାଗୁଡ଼ିକୁ ଉତ୍କଳ ଭାରତୀଙ୍କ ଗଣ୍ଠାଘରକୁ ଉପହାର ଦେଇ ସମୃଦ୍ଧ କରିଥିଲେ । ପ୍ରତ୍ୟେକ ବିଭାଗର ରଚନା ତାଙ୍କର ଶକ୍ତିଶାଳୀ ଲେଖନୀରେ ରୂପାୟିତ ହୋଇ ପାଠକକୁ ପ୍ରଭାବିତ କରିଥିଲେ ବି ତାଙ୍କର ବାସ୍ତବଧର୍ମୀ, ଜୀବନଧର୍ମୀ ଅମୃତମୟ ରମ୍ୟରଚନାଗୁଡ଼ିକ ତାଙ୍କୁ ପ୍ରଥମେ ରମ୍ୟରଚନା ଲେଖକ ଭାବରେ ଓଡ଼ିଆ ପାଠକମାନଙ୍କର ନିକଟତମ କରିଥିଲା ଏବଂ ପରବର୍ତ୍ତୀ କାଳରେ କ୍ଷୁଦ୍ରଗଳ୍ପର ସଫଳ ସ୍ରଷ୍ଟା ଭାବେ ତାଙ୍କୁ ବିପୁଳ

Digitized by srujanika@gmail.com

ଶ୍ରଦ୍ଧା ଓ ସମ୍ମାନର ଅଧିକାରୀ କରିଥିଲା । ରମ୍ୟରଚନା ପାଇଁ ସେ ପ୍ରଥମେ ପ୍ରଜାତନ୍ତ୍ର ପ୍ରଚାର ସମିତି ଦ୍ୱାରା ପୁରସ୍କୃତ ହୋଇଥିଲେ । ତାଙ୍କର ରମ୍ୟରଚନା *ବୁଢ଼ାବାବୁ, ପାନ, ଗାନ୍ଧୀ ଦର୍ଶନ* ଆଦି ବିଶେଷ ପାଠକୀୟ ଶ୍ରଦ୍ଧା ଓ ସ୍ୱୀକୃତି ଆଣି ଦେଇଥିଲା ।

ତାଙ୍କର କ୍ଷୁଦ୍ରଗଳ୍ପଗୁଡ଼ିକ ପରବର୍ତ୍ତୀ କାଳରେ ତାଙ୍କୁ ଜଣେ ଉଚ୍ଚମାନର ଗାଳ୍ପିକ ଭାବରେ ପ୍ରତିଷ୍ଠା ଦେଇଥିଲା । ତାଙ୍କ କ୍ଷୁଦ୍ରଗଳ୍ପଗୁଡ଼ିକ ଥିଲା ରମ୍ୟରଚନା ଓ ଗଳ୍ପର ଏକ ରମଣୀୟ ଯୁଗଳବନ୍ଦୀ । ତାଙ୍କ ସମୟରେ କେତେକ ଗାଳ୍ପିକ ଗଳ୍ପରେ ରହସ୍ୟମୟତା ଭାବପ୍ରବଣତା ବା ଚମତ୍କାରିତା ପ୍ରଦର୍ଶନ କରି ପାଠକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ବସନ୍ତ କୁମାର ଶତପଥୀଙ୍କ ଗଳ୍ପରେ ଚମତ୍କାରିତା ଅପେକ୍ଷା ମନନଶୀଳତା ଅଧିକ ପରିଲକ୍ଷିତ ହୁଏ । ପାଠକକୁ ଚମକାଇ ଦେବା ଅପେକ୍ଷା ଚିନ୍ତନଶୀଳ କରିବା ତାଙ୍କ ଗଳ୍ପ ରଚନାର ସ୍ୱାତନ୍ତ୍ର୍ୟ । ତାଙ୍କ କାହାଣୀରେ ସାମାଜିକ ବିଡ଼ମ୍ବନା ପ୍ରତି ରହିଛି ତୀର୍ଯ୍ୟକ୍ କଟାକ୍ଷ । ସମାଜର ମୁହଁରୁ ଛଳନା, କପଟତା ଓ ମିଛ ଈଶ୍ୱରର ମୁଖା ହଟାଇଦେବା ପାଇଁ ତାଙ୍କ କାହାଣୀଗୁଡ଼ିକ ବଳିଷ୍ଠ 'ସାଟାୟର'ରେ ରସାଣିତ । ସେ ନିଜକୁ ମଧ୍ୟ କାହାଣୀ ଛଳରେ ସମାଲୋଚନାରୁ ବାଦ୍ ଦେଇନାହାନ୍ତି । କରୁଣତା ଭିତରେ ବି ଆମୋଦ ସୃଷ୍ଟି କରିବା ଥିଲା ବସନ୍ତ ଶତପଥୀଙ୍କର ଫକୀର ମୋହନୀୟ ଉତ୍ତରାଧିକାର ସୂତ୍ରେ ବର୍ଣ୍ଣନାର ଶୈଳୀ । ମଣିଷ ମନର ଗଭୀରତାକୁ ଯାଇ ଅଲୋଡ଼ିତ କରି, ସାତତାଳ ପଙ୍କକୁ ବ୍ୟବଚ୍ଛେଦ କରି ସେ ମଣିଷର ସ୍ୱରୂପକୁ ସକାରାତ୍ମକ ଢଙ୍ଗରେ ପାଠକ ସମ୍ମୁଖରେ ଉନ୍ମୁକ୍ତ କରିଦେଇଛନ୍ତି । ତାଙ୍କ ଶୈଳୀ ଓ ଭାବରେ ଥାଏ ବିନମ୍ର ଆନ୍ତରିକତାର ସ୍ପର୍ଶ ଯାହା ପାଠକ ମନରେ ଅଲିଭା ଚିତ୍ରଟିଏ ଆଙ୍କିଦିଏ । ଅବଶ୍ୟ ସେ ସ୍ପଷ୍ଟ ଭାବେ କହିଛନ୍ତି ଯେ ନୀତିଶିକ୍ଷା ବା ସାମାଜିକ ସଂସ୍କାରର ବାଣୀ ସେ ଗଳ୍ପ ମାଧ୍ୟମରେ ଦେବାକୁ ଚାହିଁ ନାହାନ୍ତି ।

ତାଙ୍କର ପ୍ରତିନିଧି ସ୍ଥାନୀୟ ଗଳ୍ପଗୁଡ଼ିକ ହେଲା "ଏଣ୍ଟି ରୋମାଣ୍ଟିକ, ଗୋଟାଏ ଆଳୁ, ଗଙ୍ଗା ଓ ଗାଙ୍ଗୀ, ହାଇଦ୍ରାବାଦ ଅଙ୍ଗୁର, ମାଂସାଶୀମାନଙ୍କ ଉଦ୍ଦେଶ୍ୟରେ, ନୀଡ଼ାଶ୍ରୟୀ ଏବଂ କାଠ ଇତ୍ୟାଦି । 'ନୀଡ଼ାଶ୍ରୟୀ' ଗଳ୍ପଟି ଗୋଟିଏ ମା' ଏବଂ ଗୋଟିଏ ମା' ଘରଚଟିଆ ଭିତରେ ସଖ୍ୟର ମାର୍ମିକ ଚିତ୍ର । ଏକ ଦମ୍ପତିଙ୍କର ଘର ଭିତରେ ଦୁଇଟି ଶାବକକୁ ନେଇ ମା' ଘରଚଟିଆଟିଏ ବସା ବାନ୍ଧିଥାଏ । ମଣିଷର ନିର୍ଭୟ ଛାତତଳେ ଘରଚଟିଆର ଶାବକ ଦୁଇଟି ସୁରକ୍ଷିତ ବୋଲି ମା' ଘରଚଟିଆଟି ଭାବିଥିବାବେଳେ ନିଜ ରୋଗୀଣା ଝିଅକୁ ନେଇ ମଣିଷ ମା'ଟିର ଅନ୍ତରରେ ଥିବା ଉଦ୍‌ବେଗ ଓ ଆଶଙ୍କାର ଏକ ମାର୍ମିକ ଚିତ୍ର ଅନ୍ତର୍ସଂଳାପ ମାଧ୍ୟମରେ ଗଳ୍ପଟିରେ ଉପସ୍ଥାପନା କରାଯାଇଛି । ଗୋଟିଏ ମା' ହେଉଛି ସନ୍ତାନ ପାଇଁ ଦେବକୀ ନହେଲେ ଯଶୋଦା । ମମତାର ଗୋଟାଏ ଅସରା ପୃଥିବୀ ହେଉଛି ମା' । ସେ କୋଠାଘରେ ରହୁଥିବା ମାନବୀ ମା'ଟିଏ ହେଉ ବା ଗଛଡାଳରେ ନୀଡ଼ ବାନ୍ଧିଥିବା ପକ୍ଷୀ ମାଆଟିଏ ହେଉ । ଦୁହିଁଙ୍କର ମାତୃରୂପ ଏକ । ଦୁହେଁ ଅନ୍ତରଙ୍ଗ ବାନ୍ଧବୀ କିମ୍ବା ଅନ୍ତରଙ୍ଗ ଭଉଣୀ ହୋଇପାରନ୍ତି । ନିଜ ପିଲାମାନଙ୍କୁ ନେଇ ସ୍ୱପ୍ନ ଦେଖୁଥିବାବେଳେ ବା ଦୁଃସ୍ୱପ୍ନରେ ଘାରି ହେଉଥିବା ବେଳେ ଦୁହେଁ

Digitized by srujanika@gmail.com

ସହାନୁଭବୀ । ଏଭଳି ଏକ ବିଶ୍ୱସ୍ତରୀୟ ସାର୍ବଜନୀନ ଚେତନାର ଗଳ୍ପ ଓଡ଼ିଆ ସାହିତ୍ୟରେ ବିରଳ କହିଲେ ଅତ୍ୟୁକ୍ତି ହେବନାହିଁ ।

ବସନ୍ତ ଶତପଥୀଙ୍କର ଦଶଗୋଟି ଗଳ୍ପ ସଂକଳନ ପ୍ରକାଶିତ ହୋଇଅଛି । ଏହା କିଛି କମ୍ କଥା ନୁହେଁ । ସେ ଗଳ୍ପ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହୋଇଥିଲେ (୧୯୭୦) । ବସନ୍ତ ଶତପଥୀଙ୍କ ଭଳି ଏକ ନିରଳସ ସାଧକଙ୍କ ପାଇଁ ପୁରସ୍କାର, ମାନପତ୍ର, ଉପଢୌକନର ବିଶେଷ ଅର୍ଥ ବା ଭୂମିକା ନ ଥିଲା । ଲେଖି ଚାଲିବା ହିଁ ଥିଲା ତାଙ୍କର ସର୍ବଶ୍ରେଷ୍ଠ ପୁରସ୍କାର ଓ ଅବିସ୍ମରଣୀୟ ଗଳ୍ପଗୁଡ଼ିକ ପାଇଁ ପାଠକୀୟ ସ୍ୱୀକୃତି ହିଁ ଥିଲା ତାଙ୍କର ଶ୍ରେଷ୍ଠ ମାନପତ୍ର । ଜୀବନକାଳ ଭିତରେ ତାଙ୍କ ରଚନାର ପ୍ରକୃତ ମୂଲ୍ୟାୟନ ହୋଇନାହିଁ । ଓଡ଼ିଆ ସାହିତ୍ୟରେ ସମାଲୋଚନନା ଦିଗଟି ଏତେ ପ୍ରାଞ୍ଜଳ ବା ଶକ୍ତିଶାଳୀ ନୁହେଁ । ତେଣୁ କେବଳ ବସନ୍ତ ଶତପଥୀ ନୁହଁନ୍ତି ପ୍ରାୟ ସବୁ ଲେଖକ ସମାଲୋଚକଙ୍କ ପାଖରେ ଅଳ୍ପବହୁତ ଅଲୋଡ଼ା ହୋଇ ରହିଥା'ନ୍ତି । ଏହି ଲେଖିକା ଯେତେବେଳେ କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡ଼ିଆ ଭାଷା ପାଇଁ ଆବାହିକା ଥିଲା (୨୦୦୩-୨୦୦୭) ସେତେବେଳେ 'ଓଡ଼ିଆ କଥାଧାରା' ନାମକ ଏକ ଗଳ୍ପ ସଂକଳନରେ ତାଙ୍କର ଗଳ୍ପ 'କାଠ'କୁ ଅନ୍ତର୍ଭୁକ୍ତ କରିବାର ସୁଯୋଗ ପାଇଥିଲା । ଏହି ଗଳ୍ପଟିର ଆବେଦନ ଲେଖିକାକୁ ଆକର୍ଷିତ କରିଥିଲା । ଏଥିରେ ଲେଖକ ନିଜକୁ ସନାକ୍ତ କରିବାକୁ ପଛାଇ ନାହାନ୍ତି । ଆମେ ସାନ ବୋଲି ଭାବୁଥିବା ମଣିଷଟି ଭିତରେ ଯେ ଗୋଟାଏ ବଡ଼ ସ୍ୱାଭିମାନ ଅଛି ତାହା ଦେଖାଇ ଦେଇଛନ୍ତି ଲେଖକ । ଲେଖକ ତା'ର ଜୀବନକାଳ ଭିତରେ ସମ୍ମାନ ପାଉ ବା ନ ପାଉ ତା' ଅନ୍ତେ ତା' ରଚନାଗୁଡ଼ିକ ବଞ୍ଚିରହୁ, ଚର୍ଚ୍ଚିତ ହେଉ ଏବଂ ସମାଜର କଲ୍ୟାଣ କରୁ ଏହାହିଁ କାମନା କରେ । ବସନ୍ତ ଶତପଥୀ ତାହାହିଁ କାମନା କରିଥିବେ ।

ଆଜି ସେହି ମହାନ ଲେଖକ ବସନ୍ତ ଶତପଥୀଙ୍କର ଶତବାର୍ଷିକୀ ଅବସରରେ ତାଙ୍କର ସୁପୁତ୍ର ପ୍ରଫେସର ସୁମନ୍ୟୁ ଶତପଥୀଙ୍କର ପିତାଙ୍କ ସୃଷ୍ଟି ଓ ସର୍ଜନା ପ୍ରତି ଶ୍ରଦ୍ଧା, ଆବେଗ ଓ ସମ୍ମାନ ଦେଖି ଏହି ଲେଖିକା ମୁଗ୍ଧ ହୋଇଛି । ଆମ ପିଲାମାନେ ଅଛନ୍ତି, ଆମର ପାଠକ ଅଛନ୍ତି, ଆମର ଲେଖା ବଞ୍ଚିରହିବ । ଆମେ ଦେଖୁ ବା ନ ଦେଖୁ, ସମୟ ତା'ର ସାକ୍ଷୀ । ସୁମନ୍ୟୁଙ୍କ ମାଧମରେ ପାଠକେ ପୁନଃ ପୁନଃ ବସନ୍ତ ଚେତନାରେ ଉଦ୍‌ବୁଦ୍ଧ ହୁଅନ୍ତୁ, ବିଦଗ୍ଧ ହୁଅନ୍ତୁ, ଏତିକି କାମନା ।

ମହାନ ସ୍ରଷ୍ଟାଙ୍କୁ ପ୍ରଣାମ ଜଣାଉଛି । ସୁମନ୍ୟୁଙ୍କୁ ଅଶେଷ ଶୁଭେଚ୍ଛା ।

---

"ଆଖ୍ୟାୟିକା"
୨୭, ଗଜପତି ନଗର
ଭୁବନେଶ୍ୱର - ୭୫୧୦୦୫
ଓଡ଼ିଶା ।

Digitized by srujanika@gmail.com

# ସୂଚୀପତ୍ର


| | |
|---|---|
| ଭଦ୍ରାମି ଓ ଛେନାପୋଡ଼ | ୯ |
| ମେଜର ଅପାରେଶନ୍ | ୧୪ |
| ଭାଲୁ ଶୀକାର | ୨୭ |
| ଭାଲୁ ଶୀକାର (୨) | ୩୬ |
| ରକ୍ତମନ୍ଦାର | ୪୪ |
| ତାକୁ କାହିଁକି ? | ୪୯ |
| ସୀମାରେଖା | ୫୭ |
| ଅପମୃତ୍ୟୁ | ୬୪ |
| କୁକୁର | ୭୭ |
| ଖୁଚୁରା | ୮୪ |
| ଏଣୁ କପୋତ ଗୁରୁ ମୋର | ୯୦ |
| ମକର - ଘୁଷୁରି ସାହିର | ୯୬ |
| ଆକାଶୀ ଫୁଲ | ୧୦୨ |
| ଶ୍ୱେତପଦ୍ମ | ୧୧୧ |
| କି ଜାତି ପଦାର୍ଥ ? | ୧୧୭ |
| ବାସନ୍ତୀ | ୧୨୪ |
| ରଜା: ଘୁଷୁରି ସାହିର | ୧୩୩ |
| ଧରିତ୍ରୀ | ୧୪୨ |
| ଅଥ ମର୍କଟ ଉପାଖ୍ୟାନ | ୧୫୧ |
| ଭି.ଆଇ.ପି. | ୧୫୯ |
| ସଦ୍‌ଗତି | ୧୬୬ |
| ଏକ ଲାଲ୍ ସ୍ମୃତି | ୧୭୨ |
| କୁଆ | ୧୮୧ |
| ଆଇବୁଢ଼ୀ | ୧୯୧ |
| ମୁଖାଗ୍ନି | ୧୯୯ |
| ଉନ୍ନୟନ | ୨୦୭ |
| ଶାନ୍ତି ପୁରସ୍କାର | ୨୨୦ |
| ଜଗବନ୍ଧୁ ତୁମେ ବଡ଼ | ୨୨୮ |
| ଦିବ୍ୟ ଅଦିବ୍ୟ | ୨୩୭ |
| ଲାଙ୍ଗୁଡ଼ାଙ୍କ ସପ୍ନ | ୨୪୬ |
| ଏକ ବୃତ୍ତାନ୍ତ: ସରସତୀ କୁଣ୍ଡର | ୨୫୨ |
| ମାଂସାଶୀମାନଙ୍କ ଉଦ୍ଦେଶ୍ୟରେ | ୨୬୩ |
| ନେଉଳ ଓ ସାନ୍ତାଳ | ୨୭୧ |
| ମାଛ ଧର୍ ଧର୍ ବେଙ୍ଗ୍‌ଟା ଧର | ୨୮୦ |
| ଡବ୍ଲିଂ/ଦୋହରି | ୨୮୮ |
| ଚାଉଳ | ୩୦୦ |
| ଯୁକ୍ତଦୁଇ ବା ଧନ୍ଦାମୂଳକ | ୩୧୨ |
| ଚିତ୍ର ପ୍ରତିମା | ୩୨୪ |
| ନିତ୍ୟ ରାସ | ୩୩୪ |
| ଘେରାଓ ଓ ଶ୍ରୀଜଗନ୍ନାଥ | ୩୪୦ |
| ମାର୍କେଟିଂ | ୩୪୭ |
| ହଳେ ବଳଦ, ଯୋଡ଼ାଏ ଖାସି ଓ ଦୁଇଟି ପ୍ରାଣୀ | ୩୫୨ |
| ଲୋକେ କ'ଣ କହିବେ | ୩୬୨ |
| ପୁଅ ପାଇଁ ଝିଅ | ୩୭୦ |
| ବମ୍ କଟାଶ କଟିଆ ଉପାଖ୍ୟାନ | ୪୦୭ |
| ଟ୍ରେନ୍‌ରେ ଗୁରୁଦେବ | ୪୧୫ |
| ସହଯାତ୍ରୀ | ୪୨୧ |
| ଜନ୍ମଦିନ | ୪୨୮ |
| ଅନୁଧାନକାରୀ | ୪୩୩ |
| ଟି.ଭି. କ୍ଲବ୍ | ୪୪୧ |
| ଚଇତନ ଚରିତାମୃତ | ୪୪୬ |
| ଚୁପ୍, ଛୁଆ ଶୋଇଛି | ୪୫୬ |
| ମଣିଷ ଓ ମଶା, ମେଲେରିଆ ଓ ମ୍ୟୁନିସିପାଲିଟି, ମଶାରି ଓ ମାଇକିନିଆ, ମହାମାରୀ ଓ ମୃତ୍ୟୁ | ୪୬୩ |
| ବାଙ୍କି ଥିଏଟର | ୪୬୮ |
| ସଂସ୍କୃତି ଓ ଉତ୍ସବ | ୪୭୩ |
| କୁଭା | ୪୮୧ |
| ତସ୍ମୈ ଶ୍ରୀ ଗୁରବେ | ୪୯୦ |


Digitized by srujanika@gmail.com

# ଭଦ୍ରାମି ଓ ଛେନାପୋଡ଼

ସେଦିନ ସକାଳେ ଦଶୋଟି ଟଙ୍କା ଆଉ ଥଳିଟିଏ ଧରି ବଜାରକୁ ବାହାରୁଛି, ଗୃହିଣୀ ପଚାରିଲେ, "ହଇ ହେ, ତୁମେ ଖରା ନାହିଁ ବର୍ଷା ନାହିଁ, ଦିନେ ନୁହେଁ ଅଧେ ନୁହେଁ ପଇଁତିରିଶ ବର୍ଷ ଧରି ଏମିତି ଥଳି ଧରି ବଜାରକୁ ଧାଉଁଛ ଯେ, କଣ ଲାଭ ପାଉଛ ? ଆମ ରାଜୁବାବୁ, ବ୍ରଜବାବୁ, ପ୍ରଶାନ୍ତବାବୁ ତ କେବେ ଥଳି ଧରି ବଜାରକୁ ଯିବାର କେହି ଦେଖିନି । ଭଦ୍ରଲୋକ କି ମାର୍କେଟିଂ କରନ୍ତି ? ଧୂଳି କାଦୁଅ ଠେଲାପେଲା, ଭିଡ଼ାଓଟରା, ହଇଗୋଳ ସତରେ ତୁମକୁ ଭଲ ଲାଗେ ? ଆଜି ନ ଯାଅ, ଟାଣ ଖରା ହେଲାଣି, ସବୁ ତ ଅଛି ଚଳିଯିବ ।"

ମୁଁ ତାଙ୍କରି ମେଜାଜର ଖିଅ ଧରି ରହସ୍ୟରେ ବକ୍ତୃତାଟାଏ ଦେଇ କହିଲି, "ସବୁ ବଡ଼ ବଡ଼ ଲୋକେ ନିଜ କାମ ନିଜେ କରନ୍ତି । ମୁଁ କଣ ତୁମ ଆଖିରେ ବଡ଼ଲୋକ ନୁହେଁ ? କବିସମ୍ରାଟ ଉପେନ୍ଦ୍ର ବଜାରକୁ ଯାଉଥିଲେ, ନହେଲେ 'ବଜାର ବୋଲି' ଲେଖିଥାନ୍ତେ ? କଥାସମ୍ରାଟ ଫକୀରମୋହନ ହାଟକୁ ଯାଉଥିଲେ, ନହେଲେ 'ମୁଁ ହାଟବାହୁଡ଼ା' ଲେଖିଥାନ୍ତେ ? "କମଳ ଅପା କମଳା ଯୋଡ଼ିକ" "ବିଦେଶୀ ମାଲକୁ ନାହିଁ ମୋ ପୁଞ୍ଜି" ତାଙ୍କରି ଲେଖା । ତୁମେ କଣ ଜାଣନି ବଜାରକୁ ନ ଗଲେ ମୋର ଭାତ ହଜମ ହୁଏନି, କାବ୍ୟକବିତାର ଫୁଆରା ଉଠେନି ।"

ଦଣ୍ଡେ ଅଟକି ପୁଣି କହିଲି, "ଧର ଛୁଆପିଲା ଚାକରବାକର ଦେଇ ବଜାର ସଉଦା କରେଇଲି । କଣ ହବ ? ଅଯଥା ଅବିଶ୍ୱାସ, ସନ୍ଦେହ ନିଜ ପିଲା ପର ପିଲା ଉପରେ । ବିଶ୍ୱକବି ରବୀନ୍ଦ୍ରନାଥ କହିନଥିଲେ, "ଯା କିଛୁ ହରାୟ ଗିନ୍ନି ବଲେନ କେଷ୍ଟା ବେଟାଇ ଚୋର ।" ତାଛଡ଼ା ପଚାସଢ଼ା, ବାସିଶୁଖିଲା, ନକଲିଭେଜାଲ ଚିଜ ଆଣିଲେ ତୁମେ ମୋ ମୁଣ୍ଡରୁ ଉକୁଣୀ ଝାଡ଼ି ଦବନି ।"

ଛତାଟି ଧରି ବଜାର ଭିତରକୁ ପଶୁଛି ଦେଖିଲି ଅନ୍ତରଙ୍ଗ ସାହିତ୍ୟିକ ଅଫିସର ବନ୍ଧୁଟି ସସ୍ତ୍ରୀକ ସପରିବାର ସଚପରାଶି ଶୋଭାଯାତ୍ରାରେ ଆସୁଛନ୍ତି ତାଙ୍କ ଜିପ୍ ଆଡ଼କୁ । କୁଆଡ଼େ ଗସ୍ତରେ ଯାଇଥିଲେ, ରାତି ବଙ୍ଗଳାରେ କଟାଇ ଫେରୁଛନ୍ତି, ମନ ହେଲା ମାଛ ବଜାରକୁ ପଶିଯିବେ । ମୋତେ ଦେଖିଲାମାତ୍ରେ କହିଗଲେ, "ଭଦ୍ରଲୋକ କେହି ମାଛ ବଜାରକୁ ଯିବ । କେଡ଼େ ଅଭଦ୍ର ବଜାରୀ ଏ ଲୋକଗୁଡ଼ାକ । ମୋ ବୋହୂଝିଅଙ୍କୁ କମେଣ୍ଟ ଦଉଛନ୍ତି, ଅଶ୍ଳୀଳ ଇଙ୍ଗିତ ସହିତ ଦୋଅର୍ଥୀ କଥା କହୁଛନ୍ତି । ଆପଣ କିମିତି ସବୁଦିନ ବଜାରକୁ ଆସନ୍ତି କେଜାଣି, କେହି ଭଦ୍ରଲୋକ ..."

ଅଥଚ ମୁଁ ଗୋଟିଏ ଭଦ୍ରଲୋକ, ପଇଁତିରିଶ ବର୍ଷ ଧରି ଏଇ ବଜାର ଭିତରେ, ଖୁବ୍ ସତର୍କ ଓ ସାବଧାନତାରେ, କୁମାରୀଟିଏ ସତୀତ୍ୱର ଜାଲି ରକ୍ଷାକଲା ପରି ମୋର ଭଦ୍ରାମି

Digitized by srujanika@gmail.com

ସମ୍ଭାଳିଛି । ଧର୍ମଗୁରୁ ନିଉମେନଙ୍କ 'ଭଦ୍ରଲୋକ କିଏ ?' ପ୍ରବନ୍ଧ ନ ପଢ଼ିବି କେତୁଟା ସାଧାରଣ କଥା ପାଳିଲେ ଜଣେ ଭଦ୍ର ହୋଇପାରେ । ଅର୍ଥ ହେଲା ଅନର୍ଥର ମୂଳ । ଧାର ଦବନି କି ଧାର ନବନି । ଧାର ଦେଲେ ଟଙ୍କା ତ ବୁଡ଼ିବ, ବନ୍ଧୁ ବି ହରାଇବେ । ଧାର ଆଣିଲେ କିଛି ନହେଲେ ଭଦ୍ରାମି ଯିବ । ସେଥିପାଇଁ 'ଆଜି ନଗଦ କାଲି ଧାର' କଥାଟିର ମୁଁ ତାରିଫ୍ କରେଁ । ନିହାତି ଯଦି ଧାର କରିବ ଠିକ୍ ସମୟରେ ଶୁଝିବା ହେଲା ଭଦ୍ରାମି । ବଜାରରେ ଭଦ୍ରାମି ରକ୍ଷାପାଇଁ ମୁଁ କଣ କରେ ଶୁଣନ୍ତୁ । ଲୋକେ କିଣିଲା ବେଳେ ରୋକ୍‌ଠୋକ୍ କହନ୍ତି "ଏ ପୋକରା ମଞ୍ଜିଆ ବାଇଗଣ କିଲୋ କେତେ ?" ଏ ବୁଢ଼ା ଜହ୍ନିଗୁଡ଼ା କାହିଁକି ତୋଳିଲୁ ମଞ୍ଜି ହୋଇଥାନ୍ତା ?" କଥାବାର୍ତ୍ତାରେ ମଧୁରତା ରଖି ମୁଁ ପଚାରେଁ "ବୁଢ଼ା ଭାଇ, ଏ ବାଇଗଣରେ ତେଲ ଦେଇଛୁ ନା କଣ ଚିକ୍ ଚିକ୍ କରୁଛି ।" "ଇମିତି ଲମ୍ବା ସଳଖ କଅଁଳ ଭେଣ୍ଡି ତୋ ବାଡ଼ିରେ ଫଳୁଛି ନା ? ଠିକ୍ ଝିଅଙ୍କ ସରଳ ଆଙ୍ଗୁଳିପରି ।" ଶାଗବାଲୀକି କହେ "କେଡ଼େ ଛନଛନିଆ ଶାଗ, କଞ୍ଚା ଖାଇଯିବାକୁ ଇଚ୍ଛା ହେଉଛି ।" ପଇସାପତ୍ର ଦେଣନେଣରେ ବି ସିମିତି ସରଳତା ଉଦାରତା ଦେଖାଏଁ । ଟଙ୍କା ପଇସା ଗଣେ ନାହିଁ, ଯିଏ ଯାହା ଦେଲା ବିଶ୍ୱାସରେ ପକେଟରେ ପୁରାଏ । ଫଟାତୁଟା ନକଲି ଘଷରା ଦେଖେ ନାହିଁ । ମୋର ମୁହଁ ସାମନାରେ ଦୋକାନୀମାନେ କହିବାର କଥାବାର୍ତ୍ତା ହେବାର ଶୁଣିଛି, "ଜଣେ ମହାତ୍ମା ଭଦ୍ରାମିର ଅବତାର, ଭାରି ରସିକ ଲୋକ ଏମିତି କେତେ କଥା ପଇଁତିରିଶ ବର୍ଷ ଶୁଣିଶୁଣି ବେକିଙ୍ଗ ପାଉଡ଼ର ଦିଆ ପାଉଁରୋଟି ଛେନାପୋଡ଼ ପରି ଫୁଲି ଯାଇଛି ।

ଭାଗ୍ୟ ଭଲ, ଆଜି ଭଦ୍ରାମିର ଟେଷ୍ଟ ଦେବାକୁ ପଡ଼ିବନି । କାରଣ ଏବେ ସ୍ୱାଧୀନତା ପରର ଭାରତର ପରିବର୍ତ୍ତିତ ପରିସ୍ଥିତି ଓ ପରିବେଶରେ ଭଦ୍ରାମି ରକ୍ଷା କରିବାରେ ଭିଡ଼ ପଡୁଛି । ଯୋଡ଼ାଏ ଟର୍ଚ୍ଚ ବ୍ୟାଟେରୀ, ସାବୁନଟିଏ ଆଉ ବ୍ଲେଡ୍‌ଟିଏ କିଣାରେ ସବୁ ପ୍ରାୟ ଶେଷ । ଘରକୁ ଫେରୁଛି ସଇତାନ ମୋତେ ପଛରୁ ଟାଣି ପନିପରିବା ମାଛ ବଜାର ଆଡ଼କୁ ମୁହାଁଇଦେଲା ।

"ହଇରେ ! କୋଶଳା ଶାଗ ।" ପ୍ରଲୋଭନର ପ୍ରଥମ ଚିଜ, ଆଦାମ ଅଗରେ ଇଭର ଏପଲ ପରି । ସେଇ ଝିଅଟା ବିକୁଛି ଯିଏ ମୋତେ 'ବୁଢ଼ାବାବୁ' ଡ଼ାକିଥିଲା । ମୋ ସ୍ତ୍ରୀ ଦିନେ ଏକାନ୍ତରେ ପଚାରିଥିଲେ "ତୁମକୁ କେଉଁ କେଉଁ ଚିଜ ଭଲ ଲାଗେ ?" ମୁଁ କହିଥିଲି, "ଶାଗ ଭିତରେ କୋଶଳା, ପରିବା ଭିତରେ ଫୁଲକୋବି, ଫଳ ଭିତରେ ସିଙ୍ଗାପୁରୀ କଦଳୀ, ମାଛ ଭିତରେ ଖଙ୍ଗା, ମିଠା ଭିତରେ ଛେନାପୋଡ଼ ।" ଆଖିର ପ୍ରଶ୍ନିଳ ଇଙ୍ଗିତରୁ ଝିଅଟା କହିଲା, "ବିଡ଼ା ଦଶ ପଇସା, ତିନ୍ ବିଡ଼ା ଚାରଣା !" ଭାଗ୍ୟକୁ ଚିଣ ଚାରଣୀଟା ପକେଟ୍ କଣରେ ଲୁଚିଥିଲା ରୁମାଲ୍ ଭିତରେ ।

ଶାଗ ଥଳିରେ ପୁରାଉଛି, ସାମନା ଦୋକାନରେ ସୂତଲିରେ ସିଙ୍ଗାପୁରୀ କଦଳୀ ଝୁଲିବାର ଦେଖିଲି । ଲୋଭର ଶେଷ ନାହିଁ ବୁଢ଼ାଲୋକର । ହେଲେ ପଇସା କାହିଁ କଦଳୀ

Digitized by srujanika@gmail.com

କିଣିବି ? "ନେଇଯାଆନ୍ତୁ ବାବୁ ଡ଼ଜନେ ଦି'ଡ଼ଜନ ବହୁଦିନ ପରେ ଆସିଛି । ଛଅଟଙ୍କା ଡ଼ଜନ ।" ମୋ ମୁହଁରୁ ଜାଣିଲା ପଇସା ନାହିଁ ମୋ ପାଖରେ । "ହେଲା, ନେଇଯାଆନ୍ତୁ, ପରେ ଦେବେ ।" କଦଳୀ ଥଳୀରେ ପୁରାଉଛି, ବାଆଁ ପଟକୁ ଚାହିଁ ଦେଖିଲି ଝୁଡ଼ିଏ ଫୁଲକୋବି । ମୋତେ ସେ ବି ଦେଖିଦେଇ କହିଲା, "ନେଇ ଯାଆନ୍ତୁ ଯୋଡ଼ାଏ, ଗୋଟାକୁ ଦି'ଟଙ୍କା, ପଇସା ପରେ ଦେବେ ଆଜି ନାହିଁତ । ଆପଣ ପଇସା ନ ଦେଲେ ବି ଆମର ଦୁଃଖ ନାହିଁ ।" ବିଶ୍ୱାସ ପ୍ରତ୍ୟୟ ରଖିପାରିଲେ ଭଦ୍ରାମି ଓ ମନୁଷ୍ୟତା ରଖିହୁଏ । ଯେବେ ତିନିଶ ଟଙ୍କା ପାଉଥିଲି ଧାରକରଜ କରି ସାତସାତୁଟା ପିଲାଝିଲା ତ ପାଳିଥିଲି, ଘୋର ଅଭାବ ଅନାଟନରେ । ଭାରତ ସରକାର ନୋଟ୍ ଛାପୁଥିଲେ, ଲୋକଙ୍କର ମୋ ଉପରେ ବିଶ୍ୱାସ ଥିଲା ।

କୋଶଳା ଶାଗ, ଫୁଲକୋବି, ଧନିଆଁପତ୍ର, ସିଙ୍ଗାପୁରୀ ଇମିତି କେତେ ଶୀତଦିନିଆ ଚିଜ ଖରାଦିନେ ଭଦ୍ରାମି ଦେଇ କିଣି ଥଳିରେ ପୁରାଇ ଛାତି ଫୁଲାଇ ବୀର ପରି ଚାଲିଛି, ଦେଖିଦେଲି ଅଧା-ଲଙ୍ଗଳା କେଉଟ ବୁଢ଼ା ଖାଳେଇରୁ ମାଛ ଅଜାଡୁଛି । ଧାଇଁଯାଇ ଚିଲ ଝାମ୍ପିଲା ପରି ଯୋଡ଼ାଏ ଖଙ୍ଗା ଜାବୁଡ଼ି ଧଇଲି । ଏ ସହରରେ କେବେ ଦେଖିନି ଏ ମାଛ । ବଜାର ମଉଳି ଯାଇଥାଏ । ଗରାଖ ପ୍ରାୟ ନ ଥାନ୍ତି । ସେଠିବି ଭଦ୍ରାମି ବନ୍ଧାଦେଇ ମାଛ ଆଣିଲି । "ପଇସା ନାହିଁ ସଞ୍ଜବେଳେ ନିଶ୍ଚୟ ଦେବି ।"

ସମଗ୍ର ରାସ୍ତା ବଜାରକୁ ଧରି ଚାଲିଚି ଚାହିଁଦେଲି ଲକ୍ଷ୍ମୀ ମିଷ୍ଟାନ୍ନ ଭଣ୍ଡାରକୁ । କଇଁଛ ପରି ତାଜା ଛେନାପୋଡ଼ଟା ଥାଳିରେ ଥୁଆ ହୋଇଛି । "ଢ଼େର ହେଲାଣି ଆଜି, ଥାଉ ଆଉ ଦିନକୁ ।" ଘରେ ଗୃହିଣୀ ଉତ୍‌ଫୁଲ୍ଲିତା ହୋଇ ଗୋଟାକୁ ଗୋଟା ମୋର ପ୍ରିୟ ଚିଜ କାଢ଼ି ଆଣୁଥାନ୍ତି ଏକ, ଦୁଇ, ତିନି, ଚାରି ବାକୀ ଗୋଟାଏ ଚିଜ ରହିଗଲା ତୁମର, ଦଣ୍ଡେ ରହି ମୋ ଆଡ଼କୁ କଣେଇ କହିଲେ "ଛେନାପୋଡ଼ ।"

ସଞ୍ଜକୁ ଆସିଲା ପ୍ରଳୟଙ୍କରୀ ତୋଫାନ୍ । ଶହେ କୋଡ଼ିଏରୁ ଦୁଇ ପଚାଶ କିଲୋମିଟର ପବନର ବେଗ । ବାହାରର ତୋଫାନକୁ ମୋ ମନ ଭିତରେ ତୋଫାନ । ଦୋକାନୀମାନଙ୍କର ପଇସା ରହିଗଲା, ମୋର ଜବାବ ଭଙ୍ଗ ହେଲା, ଭଦ୍ରାମି ଚାଲିଗଲା । ରାତିଯାକ ନିଦ ନାହିଁ, ଛଟପଟ ସେ ମାଛବାଲାଟା ବିଚାରା ଚାଉଳ କିଣି ପାରିବନି । ହୁଏତ ତାର କଣ ଛପର ଉଡ଼ିଯାଇଥିବ ବା ଡ଼ଙ୍ଗା ଭାସି ଯାଇଥିବ ।

ପରଦିନ ସକାଳେ ପବନର ବେଗ ନ କମିଲେ ମଧ ବର୍ଷା ନଥିଲା, ସୂର୍ଯ୍ୟ ଉଜ୍ଜ୍ୱଳ ହୋଇ ଉଦୟ ହେଲେ । ସହଳ ବଜାରକୁ ଯାଇ କଦଳୀବାଲା କୋବିବାଲାର ପ୍ରାପ୍ୟ ଦେଇ ମାଛ ବଜାରକୁ ଗଲି । ମାଛବାଲା ଆସିନଥିଲା । ତା' ଜାଗାରେ ବସିଥିଲା ଉଣିଶ ଷଟ୍‌ଚାଳିଶ ପରର ନିଶୁଆ କଲିଆ ଟୋକାଟାଏ । ପଚାରିଲି, "ଏଠି ବସିଥିବା ମାଛବାଲା ଆସିନି ?" ଅତି ଆଗ୍ରହରେ ସେ କହିଲା "ଗୋକୁଳିକୁ ଖୋଜୁଛନ୍ତି ? ସେ ତ ମୋର କକା । ମୁଁ ତ ତାକୁ ଅପେକ୍ଷା କରିଛି ।" "ଆଚ୍ଛା, ଏଇ ସାତଟଙ୍କା ନିଅ ତ ବାବା, ତାକୁ

Digitized by srujanika@gmail.com

ଦେଇଦେବ। ମୁଁ ଖଙ୍ଗା ମାଛ ତାଠୁଁ ନେଇଥିଲି।" ଧାର ଶୁଝିଦେଲେ କେଡ଼େ ଉଶ୍ୱାସ ନ ଲାଗେ!

ସେଦିନ ସଞ୍ଜବେଳେ କଦଳୀବାଲାକୁ କହୁଥାଏଁ, "କାଲି ଯେଉଁ କଦଳୀ ଦେଇଥିଲ ଯିମିତି ମିଠା, ସିମିତି ମହକ, ଅସିଲି ସିଙ୍ଗାପୁରୀ, ଗଛ ପାକଲା, କି ସାଇଜ୍!" ପଛପଟୁ କିଏ କହିଲା, "ବାବୁ, ମୋ ମାଛର ଦାମ ?" ଦାମ୍ଭିକତା ସହିତ ଉତ୍ତର ଦେଲି ସକାଳେ ତୁମ ପୁତୁରାକୁ ଦେଇଦେଇଛି। "ମୋର ତ ପୁତୁରା ଫୁତୁରା କେହି ନାହିଁ, କାହାକୁ ଦେଇଛ, ମୋତେ ତ କେହି ପଇସା ଦେଇନି।" କଦଳୀବାଲା କହିଲା "ଗୋକୁଳି, ତୁ ଯାଆ ଭଲକରି ବୁଝାବୁଝି କର। ବାବୁ ଭଦ୍ରଲୋକ, କାହାକୁ ନିଶ୍ଚୟ ଦେଇଥିବେ।" ମାଛବାଲା ଭଦ୍ରଲୋକ ପରି ଚାଲିଗଲା। ଭାବିଲି, ଭଦ୍ରାମି ଅଛି ଦୁନିଆଁରେ।

ପରଦିନ ସକାଳେ କୋବିବାଲାକୁ କହୁଛି "ପଅରଦିନ ଯେଉଁ ଫୁଲକୋବି ଦେଇଥିଲ ଅବିକଳ ଶୀତଦିନ କୋବି ପରି ମିଠା" ପଛପଟୁ ଗୋକୁଳିର ସ୍ୱର ଶୁଭିଲା "ଆସ ବାବୁ, କାହାକୁ ପଇସା ଦେଇଛ ଚିହ୍ନଟ କରିଦବ। କେହି ତ ମାନୁ ନାହାନ୍ତି।" ମୁଁ କହିଲି "ଆରେ ବାବା, ତୁମ ପଇସା ମୁଁ ଦେଇଦେଇଛି ଯାହାକୁ ହେଲେ ତୁମ ଭିତରୁ। ମୁଁ କାହାରି ପଇସା ବାକୀ ରଖେନି।" କୋବିବାଲା କହିଲା, "ଗୋକୁଳି, ଯାଆ ଜଣ ଜଣ କରି ପଚାର, କିଏ ନେଇଥିବ, ଭଦ୍ରଲୋକ ମିଛ କହିବେ ନାହିଁ।" ଗୋକୁଳି ସାମାନ୍ୟ ବିରକ୍ତି ଦେଖାଇ ପୁଣି ଭଦ୍ରଲୋକ ପରି ଚାଲିଗଲା।

ଲାଗେ ଲାଗେ ଦୁଇଥର ଗୋକୁଳିର ପଛୁଆ ଆକ୍ରମଣରେ ବିବ୍ରତ ନ ହୋଇ ପରଦିନ ଶାଗବାଲିକି ରସିକତାରେ ପଚାରୁଛି "ସେ ଦିନର ଶାଗ ତୋ ନିଜର ନା ଆଉ କାହା ବାଡ଼ିର ?" ମାଛବାଲା ମୁହାଁମୁହିଁ ହାଜର। ଆଜି ତା ଚେହେରା ଅନ୍ୟ ରକମ। ରାଗିଗଲେ କୁକୁର ବା ହିଂସ୍ରପ୍ରାଣୀ ଯିମିତି ପିଠିର ଲୋମ ଠିଆ କରିଦିଏ ସିମିତି ତାର ଦରପାକଳ ମୁଣ୍ଡଚୁଳ। ମଦ ବା ହାଣ୍ଡିଆ ଖିଆ ତାର ଆଖି। ସିଧାସଳଖ ମୋତେ ଚାହିଁ କହିଗଲା, "ଭଦ୍ରାମିର ସୀମା ଅଛି ବାବୁ, ତୁମେ ମୋ ପଇସା ଦେଇଦିଅ, ଯାହାଠୁଁ ଜିନିଷ ନବ ତାକୁ ପଇସା ଦବ ନା ବାଟଗଲା ଲୋକକୁ ଦବ, ଭଦ୍ରାମି ନା ବୋକାମି!" କଣ କହିବି ଭାବୁଥିଲି, ସେ କହିବାକୁ ନ ଦେଇ କହିଗଲା "ତୁମର କାମ ନାହିଁ ବୋଲି ଭଦ୍ର ବୋଲାଉଛ, ମୁଁ ମାଛ ଧରିବି, ବିକିବି ନା ଜଣକୁ ଜଣ ପଚାରୁଥିବି ମୋ ପଇସା ନେଇଛ ? ମୋ ସାଙ୍ଗରେ ଆସ ଲୋକ ଚିହ୍ନଟ କରିଦେବ, ନହେଲେ ବିଚ୍ ବଜାରରେ ତୁମକୁ ଅପଦସ୍ତ କରିବି। ଆମେ ଗରିବ ଲୋକ, ଆସ।"

ମୁଁ କିଛି ଦମ୍ଭ ସତ୍‌ସାହସ ସଂଗ୍ରହ କରି ପାଲଟା ଜବାବ୍ ଦେଲି, ଯଦି ମୁଁ କହେ "ମାଛ ନେଇନି ?" ସେ ମୋ ହାତ ଧଣିପକାଇ ବଡ଼ପାଟିରେ କହିଲା, "ମୋ ମାଛ ନେଇନୁ! କେଡ଼େ ଭଦ୍ର ଦେଖେଇ ହଉଛୁ। ଆ, ମାଛହାଟକୁ ଆ", ମୋତେ ଭିଡ଼ି ଓଟାରିଲା।

Digitized by srujanika@gmail.com

ଦୁଃଶା ମୋତେ ବିବସ୍ତ୍ର କରୁଛି ରକ୍ଷାକର କହିଲେ ବି କୌରବ କି ପାଣ୍ଡବ ଅସହାୟ ହୋଇ ଅନାଇ ରହିଲେ। ନିରାଶ୍ରୟା କୁମାରୀ ଉପରେ କୋଡ଼ିଏ କି ତଦୂର୍ଦ୍ଧ୍ୱର ଦୁର୍ବୃତ୍ତ ଯୁବକ ଗଣଧର୍ଷଣ କଲାପରି ବଜାରଯାକର ସମସ୍ତ ଦୋକାନୀ ମୋର ଭଦ୍ରାମିକି ଚିରିଭିଣି ଶେଷ କରିଦେଲେ।

ବେଶୀ ଡ଼େରି କରିବା ବା ବେଶୀ ଦୂରକୁ ଯିବା ବୁଦ୍ଧିମତ୍ତାର ପରିଚୟ ନୁହେଁ ଭାବି ଆତ୍ମସମର୍ପଣ କରି ମାଛବାଲାକୁ ଡ଼ାକିଲି, 'ଆସ'। ମନୋହାରୀ ଦୋକାନ ଭିତରେ ପଶି ଦୋକାନୀ ହାତକୁ ଦଶଟଙ୍କା ନୋଟ୍‌ଟି ବଢ଼ାଇଦେଇ କହିଲି – "ୟାକୁ ସାତଟଙ୍କା ଦେଇଦେବ।" ଦୋକାନୀ କିଛି କହିବା ପୂର୍ବରୁ ମୁଁ ଦୋକାନ ଛାଡ଼ି ସାରିଥାଏଁ।

କୁମାରୀ ବା ସତୀ ନାରୀ ଧର୍ଷିତା ହେଲେ ଯିମିତି ସମାଜ ବିଶେଷତଃ ପୁରୁଷ ଜାତି ଉପରେ ବିଦ୍ରୋହୀ ହୋଇ ପ୍ରତିଶୋଧ ସ୍ୱରୂପ ସମଗ୍ର ମାନବ ଜାତିକି ମାରାତ୍ମକ ଯୌନବ୍ୟାଧିଗ୍ରସ୍ତ କରିବାକୁ ଦୃଢ଼ସଂକଳ୍ପ ହୁଏ, ମୁଁ ବି ସେମିତି ଅତ୍ୟାଚାରିତ ହୋଇ ଆଦର୍ଶରୁ ବସ୍ତୁକୁ, ଆଧ୍ୟାତ୍ମରୁ ସ୍ଥିତିକୁ ଏବଂ ଦେବତ୍ୱରୁ ପଶୁତ୍ୱକୁ ଖସିଆସିଲି କେତୋଟି ମୁହୂର୍ତ୍ତରେ।

ଭାବିଲି, ଦୀର୍ଘ ପଇଁତିରିଶ ବର୍ଷ ଧରି ଆସ୍ଥା, ବିଶ୍ୱାସ, ଭଦ୍ରାମି, ମାନସମ୍ମାନ ଆଦି ଯାହା ଯାହା ସ୍ମଲସେଭିଂସ୍ ଏକାଉଣ୍ଟରେ ସଞ୍ଚିଥିଲି, ତାର ମୂଳତକ କୋବି, କଦଳୀ, ମାଛ ଖାଇବାର ଗଲା। ବାକୀ ସୁଧତକ ଅଛି। ଆଉ ଗୋଟାଏ ଜିନିଷ କାହିଁକି ଛାଡ଼ିବି ? ସିଧା ମିଠା ଦୋକାନକୁ ଯାଇ କହିଲି, "ଛେନାପୋଡ଼ କିଲେ ଦିଅ, ପଇସା ପରେ ଦେବି।"

ପେକିଂ ଫିଟାଇ ସ୍ତ୍ରୀ କହିଲେ, "ବାଃ, ଛେନାପୋଡ଼! ତୁମର ପାଞ୍ଚୋଟିଯାକ ପଞ୍ଚମକାର ଦି'ଟା ଦିନରେ ମିଳିଗଲା, ମନସ୍କାମନା ପୂର୍ଣ୍ଣ ହେଲା ତ ?"

ମୁଁ ଗୁମ୍‌ମାରି ବସିଗଲି। ଘରଠିକଣା ବୁଝି ମାଛବାଲା ପରି ଛେନାପୋଡ଼ବାଲା ମୋ ଘର ଭିତରକୁ ପଶି ପରିବାର ଆଗରେ ଧର୍ଷଣ କରିବ ନାହିଁ ତ! କେଉଁ ବାପ ପିଠିରେ ପଡ଼ିବ ?

Digitized by srujanika@gmail.com

# ମେଜର ଅପାରେଶନ୍

"ଦେଖ ବାପା, ମୁଁ ଆଗରୁ ତୁମକୁ କହିଛି ଷାଠିଏ ବା 'ଷଠି ବର୍ଷ ବୟସ ପରେ ନିହାତି ଦରକାର ନହେଲେ, ମେଜର ଅପାରେଶନ୍ କରିବା ଶାସ୍ତ୍ର ମନା କରୁ ନ କରୁ, ଉଚିତ୍ ନୁହେଁ । ତଥାପି ଯଦି ସମସ୍ତେ ମିଶି ନିଷ୍ପତ୍ତି ନେଲ ଏବଂ ଆମର ଏତେ ମଡ଼ାର୍ଣ୍ଣ ବଡ଼ ହସ୍‌ପିଟାଲ ପ୍ରଖ୍ୟାତ ସର୍ଜନ ଅପାରେଶନ କରିବାକୁ ରାଜି ହୋଇଛନ୍ତି ତଥାପି ଏବେ ବି ମୋର ମତ ଏ ଯେଉଁ ପରିବେଶରେ ଏହି ନର୍ସିଂହୋମ୍ ରହିଛି ଏବଂ ଯେଉଁ ତଥାକଥିତ କେବିନ୍‌ରେ ତୁମକୁ ରଖାହୋଇଛି ସେଥିରେ ତୁମେ ଯାହା ଭାବ ମୋର ସମ୍ମତି ନାହିଁ ।" ମୋ ଡ଼ାକ୍ତର ପୁଅ ସାଫ୍ ସାଫ୍ କହିଗଲ ପହୁଁଚିଲା ମାତ୍ରେ ।

କାଲି ସକାଳ ଆଠଟାରେ ଅପାରେଶନ, ପାଖ କୋଠରୀକୁ ଓ. ଟି. ଅର୍ଥାତ୍ ଅପାରେଶନ ଥିଏଟରରେ ପରିଣତ କରାଯାଇ ସାରିଲାଣି । ଧୂଆଧୋଇ ଖଟ୍‌ଖାଟ୍ ଶବ୍ଦ ମୁଁ କବାଟ ଫାଙ୍କଦେଇ ଶୁଣିପାରୁଛି । ଭିଟାମିନ୍ କେ ବା ଆଉ ଯାହା ଚବିଶ ଘଣ୍ଟା ପୂର୍ବରୁ ଦେବା କଥା ତା' ମଧ ଆରମ୍ଭ ହୋଇଗଲାଣି । ଯାହା କିଛି ସାହସ ବାନ୍ଧିଥିଲି ତାହା ବି କ୍ରମେ ଢ଼ିଲା ହୋଇଗଲାଣି । ମନର ଯାହା କିଛି ବଳ ରହିଛି ତାହା କେବଳ ଜ୍ଞାତିକୁଟୁମ୍ବ, ପୁଅବୋହୂ, ନାତିନାତୁଣୀ, ସମୁଧି ସମୁଧିଆଣୀଙ୍କ ସନ୍ନିଧି ଓ ଉତ୍ସାହବାଣୀ ପାଇଁ । "କିଛି ହବନି, ସବୁ ଠିକ୍ ଅଛି ।"

କିନ୍ତୁ ମୁଁ ବେଶ୍ ଜାଣିଛି ଆମର ଏ ପ୍ରାଇଭେଟ୍ ନର୍ସିଂହୋମ୍‌କୁ ପସନ୍ଦ କରିବା ଠିକ୍ ହୋଇନି । କ'ଣ ବା କରାଯାନ୍ତା ବଡ଼ ଡ଼ାକ୍ତରଖାନାରେ ବେଡ୍ ନାହିଁ, ଇମାର୍ଜେନ୍‌ସି କେସ୍‌ସବୁ ଭୂଇଁରେ ଗଡ଼ୁଛନ୍ତି, ନର୍ଦ୍ଦମାରେ ଶୋଉଛନ୍ତି । ଏଇଟା ନାମକୁ ନର୍ସିଂହୋମ୍ । ପାଖରେ ଗୋଟାଏ ଦୁର୍ଗନ୍ଧମୟ ପଚାଗାଡ଼ିଆ, ଚାରିପାଖ ଘାସ ଆବର୍ଜନା ଅଳିଆମଳିଆ । ରାତିରେ ଭେଳା ଭେଳା ବୁଲା କୁକୁର । ତାଙ୍କ ଉତ୍‌ପାତ ଓ ମଶାମାଛିଙ୍କ ଦୌରାତ୍ମ୍ୟରେ ମୁର୍ଦ୍ଦାର ଛଡ଼ା ଆଉ କେହି ଏଠି ରହି ଶୋଇପାରିବେ ନାହିଁ । ସାନପୁଅ ଯେ କି ମତେ ଜଗିଛି ତା'ର ଦୁଃଖ ମୋର ଶୋଚନୀୟ ଅବସ୍ଥାକୁ ବଳିଯାଇଛି । ପାଇଖାନା ମୋର ଗୋଡ଼ତଳେ । ଜଣେ ପାଇଖାନା ଗଲେ ଆଉ ଜଣକୁ ବାହାରକୁ ଯିବାକୁ ପଡ଼େ । ଯେଉଁ ଖଟଟି ମତେ ମିଳିଛି, ଦି'ଦିନ ତଳେ ନଅ ବର୍ଷର ଝିଅଟିଏ ଅପାରେଶନ ପରେ ଧନୁଷ୍ଟଙ୍କାରରେ ମରିଛି । ତା'ଛଡ଼ା ମୋ ପିଠାର ବଥ ଅଦ୍ୟାପି ଶୁଖିନି ପୂଜ ଅଛି । ଏତେବେଳେ ଅପାରେଶନ କଲେ ସେପ୍ଟିକ୍ ହୋଇଯିବ । ଏ ପୁରୁଣା ଘରଟି କୁଆଡ଼େ ଜଣେ ଡ଼ାକ୍ତରଙ୍କ ପୈତୃକ ସମ୍ପତ୍ତି । ଦି ତିନି ବର୍ଷ ପାଇଁ ଆଉ ଜଣେ ଡ଼ାକ୍ତରଙ୍କୁ ଭଡ଼ାଦେଇ ସେ ବିଲାତ ଯାଇଛନ୍ତି । ଯିଏ ବଡ଼ ଡ଼ାକ୍ତର ମତେ କାଟିବେ ବୋଲି ରାଜି ହୋଇଛନ୍ତି ସେ ଫିସ୍ ପାଇଁ ସେତେ ଆଗ୍ରହୀ ବା ଉତ୍ସୁକ ନୁହନ୍ତି ଅନ୍ତତଃ

---

*ସମାବେଶ ପୂଜାସଂଖ୍ୟା*, ୧୯୮୪ ।

Digitized by srujanika@gmail.com

ମୋ କେସ୍‌ରେ କୌଣସି କାରଣରୁ । କିନ୍ତୁ ତାଙ୍କ ଏସିଷ୍ଟେଣ୍ଟ୍ ପାଖଫୁଟିଆ ଡ଼ାକ୍ତରଟିର ହାତ ଖଲବଲ କରୁଛି, କାଟିବା ପାଇଁ ନୁହେଁ ଫିସ୍ ନେବା ପାଇଁ । 'କାଟ' କହିଲେ, ସେ କୁରାଢ଼ି କୋଦାଳରେ ହେଉ କାଟି ରଖିଦେବ । ମୁଁ ତ ଖାଲି ନରଭସ୍ ପେସେଣ୍ଟ୍ । ପୁଅ ଯିମିତି ଖୋଲାଖୋଲି ତା ମନକଥା କହିଦେଇଛି ମୋର ଚିନ୍ତାଧାରା ଅନ୍ୟ ଆଡ଼କୁ ଗତି କଲା । ହୋଇପାରେ ପୁଅ ଅନଭିଜ୍ଞ ଯୁବକ ଡ଼ାକ୍ତର, କିନ୍ତୁ ବାପର ଜୀବନ ପାଇଁ ସେ ଯେତେ ବ୍ୟସ୍ତ ବା ସତର୍କ ହେବ ଅନ୍ୟ କେହି ସେମିତି ହେବେ ନାହିଁ । ମୁଁ ତ ତାକୁ ଟେଲିଗ୍ରାମ କରି ଅଣାଇଛି । ତା' ସହିତ ପରାମର୍ଶ କରି ଉପଦେଶ ମାଗିବା ପାଇଁ । ଆସି ପହଞ୍ଚି ସେ ଜଣ ଜଣ କରି ପ୍ରତ୍ୟେକଙ୍କୁ ବୁଝେଇଛି କିମିତି ଆମେ ଅବିବେକୀ ଅବିମୃଶ୍ୟକାରୀର କାମ କରିବାକୁ ଯାଉଛୁ । ଇମାର୍ଜେନ୍‌ସି ଅବସ୍ଥା ତ ଚାଲିଯାଇଛି, ଧୀରେ ସୁସ୍ଥେ ବୁଝି, ବିଚାରି କାମ କରାଯାଉ । ସମୟ ମିଳୁଛି, ତେଣୁ ମୋତେ ତା' ସହିତ ତା'ରି ଡ଼ାକ୍ତରଖାନାକୁ ଚାଲିଯିବା ପାଇଁ କହିଲା । ଦି'ପହରଯାକ ସମସ୍ତେ ଏକତ୍ର ବସି ସେଇ ନିଷ୍ପତ୍ତି କଲେ । ମୋର ମନର ବଳ ପରୀକ୍ଷା କରିବା ପାଇଁ ସମସ୍ତଙ୍କ ତରଫରୁ ବଡ଼ପୁଅ କହିଲା 'ବାପା, ଆମେ ସମସ୍ତେ ଠିକ୍ କଲୁଁ ତୁମର ଏଇଠି ଅପାରେଶନ ହେବ ।' ଡ଼ାକ୍ତର ପୁଅ ମଧ୍ୟ ଗମ୍ଭୀର ହୋଇ ଠିଆ ହୋଇଥାଏ ସେତେବେଳେ ।

ମୁଁ ରାଗିଗଲି । "ତୁମର ଏ ନିଷ୍ପତ୍ତି ମୁଁ ମାନିବି ନାହିଁ, ଏଠି ମୋର ପେଟ କଟା ହେବନି । ତୁମେ ସବୁ କ'ଣ ଜୋର୍ ଜବରଦସ୍ତ ନେଇ ଟେବୁଲ ଉପରେ ପକାଇଦେବ ?" ପୁଅ ସାମାନ୍ୟ ମୁରୁକି ହସି କହିଲା, "ବାପା, ମୁଁ ମାତ୍ର ଦୁଇ ଦିନ ଛୁଟିନେଇ ଆସିଛି। ତା' ଛଡ଼ା ମୋର ଏଠି ରହିବା ନା ରହିବା ସମାନ । କାରଣ ଯେଉଁମାନେ ଅପାରେଶନ କରିବେ ସେମାନେ ମୋର ଗୁରୁସ୍ଥାନୀୟ ସେମାନଙ୍କୁ ମୁଁ କିଛି କହିପାରିବି ନାହିଁ । ତୁମର ଆଖି ବନ୍ଦହୋଇ ଆସୁଥିବ, ନାଡ଼ି ଛାଡ଼ି ଆସୁଥିବ, ମୁଁ ଚାହିଁ ରହିଥିବି, ମାତ୍ର ମୁହଁକୁ ଭାଷା ଫୁଟିବନି । ତା' ଛଡ଼ା ଆଉ ଗୋଟାଏ କଥା ଭାବ । ହୋଇପାରେ ପୃଥିବୀ-ପ୍ରସିଦ୍ଧ ସର୍ଜନ ତୁମର ଅପାରେଶନ କଲେ, ସେ ପେଟ କାଟି ଗଲ୍‌ବ୍ଲାଡ଼ର ବାହାର କରିଦେବେ । ମାତ୍ର ନର୍ସିଂ, ଆଫ୍‌ଟାରକେଆର ବଡ଼ କଥା । ଏଠି ତୁମେ ଯଥୋଚିତ ଯତ୍ନ ଚିକିତ୍ସା ପାଇବନାହିଁ । ମନର ଅବସ୍ଥା ଅନୁସାରେ ରୋଗ ଶୀଘ୍ର ଅବା ଡ଼େରିରେ ଭଲହୁଏ । ତୁମେ ମୋ ସାଙ୍ଗରେ ଆସ । ଅଯଥା କେହି ତୁମପାଇଁ ଆଶଙ୍କିତ ହେବେନି ମୋ ପାଖରେ ଆଦର ଯତ୍ନ ଚିକିତ୍ସା ସବୁ ପାଇବ, ନାମମାତ୍ର ଖର୍ଚ୍ଚରେ ।"

ଏତେ ନାମଜାଦା ସର୍ଜନଙ୍କୁ ଆମର ଶେଷ ନିଷ୍ପତ୍ତି ଜଣାଇବାକୁ କେହି ରାଜି ହେଲେନି । ମୁଁ ସାହସ ବାନ୍ଧି କହିଲି, ଡ଼ାକ୍ତର ବାବୁ, ମୋର ଭାଗ୍ୟରେ ନାହିଁ ଆପଣଙ୍କ ପରି ବଡ଼ ସର୍ଜନ ଦ୍ୱାରା ଅପରେଟେଡ଼ ହେବାକୁ, ମୋର ସାହସ କୁଳାଉନି । କାଲି ମୁଁ ଅପାରେଶନ ହେବିନି । ଘରକୁ ଯିବି ପୁଣି ସାହସ ବାନ୍ଧି ଆସିବି । ମହାନୁଭବ ଡ଼ାକ୍ତର

Digitized by srujanika@gmail.com

କହିଲେ, "ମୁଁ କିଛି ଭାବିଲି ନାହିଁ । ଆପଣ କେଉଁଠି କଟେଇବେ କଟାନ୍ତୁ । ଶତକରା ଦୁଇଭାଗ ଲୋକ ଅପାରେଶନ ଟେବୁଲରୁ ନରଭସ୍ ହୋଇ ଘରକୁ ଫେରିଯାଆନ୍ତି ଆପଣ ଜଣେ ।"

ଆମେ ତତକ୍ଷଣେ ପ୍ରାଇଭେଟ୍ ନର୍ସିଂହୋମ୍ ଛାଡ଼ିଲୁ । ତେତିଶ ଘଣ୍ଟା ରହିବା ପରେ ଶହେ ଆଠଟଙ୍କା ଦେବାକୁ ପଡ଼ିଲା । ପ୍ରତ୍ୟେକଟି ଇଞ୍ଜେକ୍ସନ ଦେବା ପାଇଁ ନର୍ସ ନେଲା ପାଞ୍ଚଟଙ୍କା, ପ୍ରତିଥର ବଥ ସେକିବା ତୁଳା, ବେଣ୍ଡେଜ, ଗରମ ପାଣି, ପାଇଖାନା ପ୍ରତିଟିର ଅଲଗା ଅଲଗା ଚାର୍ଜ । ବିନା ଅପାରେଶନରେ ବୁଗୁଚାପତ୍ର ଧରି ଘରକୁ ଫେରିବାରୁ କେହି କେହି ମୁହଁରେ ଲୁଗା ଦେଇ ହସିଲେ । ମାତ୍ର ମୁଁ ନିଜକୁ ଧନ୍ୟବାଦ ଦେଲି ଯେ ଥରକ ପାଇଁ ଜୀବନ ବଞ୍ଚାଇ ଫେରିପାରିଲି । ସେଇ ରାତିରେ ପୁଅ ସାଙ୍ଗରେ ଚାଲିଗଲି । ଘରପାଖ ଷ୍ଟେସନ ଦେଇ ଗଲାବେଳେ ଛୋଟ ପୋଷା କୁକୁରଟିକୁ ଦେଖିବାକୁ ପ୍ରବଳ ଇଚ୍ଛା ହେଲା । କିନ୍ତୁ ରାତି ଅଢ଼େଇଟାରେ ମୋର ଏ ବାସନ ପୂରଣ କରିବ କିଏ ? କାଲି ସକାଳ ଆଠଟାରେ ଫାଶିପାଇବା ଲୋକକୁ ଯଦି ଆଜି ସଞ୍ଜବେଳେ କେହି କେହି ଫାଶୀ ଦିନ ଅନିର୍ଦ୍ଦିଷ୍ଟକାଳ ପାଇଁ ଘୁଞ୍ଚିଗଲା ତେବେ ତା' ମନ ଯିମିତି ହବ ମୋତେ ସିମିତି ଲାଗିଲା । ତରବରିଆ ବିନା ପରୀକ୍ଷା ନିରୀକ୍ଷାରେ ଅପାରେଶନ ଟେବୁଲକୁ ଯିବା ପ୍ରଶ୍ନ ଆଉ ନାହିଁ । ଡ଼ାକ୍ତର ପୁଅର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତା'ର ଘରେ ରହିଲି ଆରାମରେ । ଯଦି ନିହାତି ଦରକାର ପଡ଼େ ତେବେ ସିଧା ଡ଼ାକ୍ତରଖାନାକୁ ଚାଲିଯିବା । ପ୍ରଥମେ ପୂଜଥିବା ଘାଆକୁ ଶୁଖେଇବା କଥା ।

ମୁଁ ଡ଼ାକ୍ତର ନୁହେଁ, ରୋଗୀ । କଥାରେ ଅଛି, ଏ ବର୍ଷର ମଲୁ ଆରବର୍ଷକୁ ବଇଦ । ରୋଗଟା କଥା ମୁଁ ପ୍ରଥମେ କହିଦିଏଁ । ରୋଗଟାକୁ ଚିହ୍ନିବାକୁ ବହୁତ ଦିନ ଲାଗିଲା । ଚାରିବର୍ଷରେ ଦି'ଥର ଜଣ୍ଡିସ୍ ହେଲା । ଦି'ଥର ଯାକ ଡ଼ାକ୍ତରୀ ଚିକିତ୍ସାରେ ଭଲ ହେଲି, କିନ୍ତୁ ରୋଗ ସଂପୂର୍ଣ୍ଣ ଆରୋଗ୍ୟ ହେଲାନି । ଯେଉଁ ଡ଼ାକ୍ତର ପାଖରେ ଅପାରେଶନ ନହୋଇ ଫେରି ଆସିଲି ସେ କାହା ପାଖରୁ ମୋ ରୋଗକଥା ଶୁଣି ପୁଅକୁ ଜଣାଇ ଥିଲେ ପେଟ ଏକ୍ସରେ କରିବାକୁ । ଦି'ଥର ଏକ୍ସରେ କରିବା ପରେ ଯେଉଁ ରିପୋର୍ଟ ମିଳିଲା ସେଥିରେ ଲେଖାଥିଲା **innumerable transluscient objects** ଅର୍ଥାତ୍ ଅସଂଖ୍ୟ ଚକଚକିଆ ପଦାର୍ଥ ପିତ୍ତକୋଷରେ ରହିଛି । ଏଇ ପିତ୍ତକୋଷ ବା ଗଲ୍ ବ୍ଲାଡ଼ରରୁ ରସ ବାହାରି ଖାଦ୍ୟ ହଜମକୁ ସାହାଯ୍ୟ କରେ । କଲିଜା ସାଙ୍ଗକୁ ଲାଗି ସବୁଜ ପାଣିଜାତୀୟ ପଦାର୍ଥ ଏଇ କୋଷରେ ଥାଏ । ରୋହୀମାଛର ଏଇ ପିତ୍ତ ଫାଟିଗଲେ ମାଛ ପିତା ଲାଗେ । ରୋହୀମାଛର ଏଇ ପିତ୍ତକୁ ନେଇ କବିରାଜ ପ୍ରସ୍ତୁତି ଚିକିତ୍ସା କରେ । ଏଇ ପିତ୍ତକୋଷ ଲିଭରକୁ ସାହାଯ୍ୟ କରେ ଅଧିକା ପିତ୍ତ ଯୋଗାଇ । ପିତ୍ତ ଝରିବା ରାସ୍ତାଟିରେ ପଥର ଅଟକିଗଲେ ଦିହଯାକ ପିତ୍ତ ଖେଳିଯାଏ ଏବଂ ଜଣ୍ଡିସ୍ ହୁଏ ।

Digitized by srujanika@gmail.com

ଗୋଡ଼ିପଥର ଖାଇଲେ ପିତ୍ତକୋଷରେ ପଥର ଜମେ ନାହିଁ । ବିହ ଅନୁସାରେ ଆପେ ଆପେ ଜନ୍ମେ ।

ରୋଗଟିର ଗୋଟିଏ କାବ୍ୟିକ ନାଆଁ । Land of the midnight sun ପରି ଏ ରୋଗର ନାଆଁ disease of the midnight pain ଖାଇବା ପିଇବା ଶୋଇବାରେ କିଛି ବିଭ୍ରାଟ ବା ଅନୀତି ହୋଇନଥିବ, ସଞ୍ଜପାଖ ହୋଇଆସିଲେ ହଠାତ୍ ଉପର ପେଟରେ ଏସିଡ଼ିଟି ହେଲାପରି ଲାଗିବ । ଯନ୍ତ୍ରଣା ଆରମ୍ଭ ହୋଇଯିବ । ପେଟ ନୀରବ ନିସ୍ତବ୍ଧ, ତୋଫାନ ପୂର୍ବ ବାୟୁମଣ୍ଡଳ ପରି । ତା'ପରେ ରୋଗ ବଢ଼ିବ ନିରବିଚ୍ଛିନ୍ନ ଓଃ ଓଃ ଓଃ । ମରିଗଲି ମରିଗଲି । ଶୋଇଲେ, ବସିଲେ ଉଠିଲେ କାହିଁରେ ରକ୍ଷାନାହିଁ । ସ୍ୱର୍ଗ ମର୍ତ୍ତ୍ୟ ପାତାଳ କାହିଁ ଠାବ ନାହିଁ । ରାତି ବାରଟା । ସମସ୍ତେ କାଠମୁଣ୍ଡା ପରି ଶୋଇଥିବେ । ଅତି ବେଶୀ ଚିତ୍କାର ଶୁଣିଲେ କୁନି କୁକୁରଟା ଖଟ ଉପର ତଳ ହେଉଥିବ ଅନାନ୍ୟୋପାୟ ହୋଇ । ସାଇକେଲ ଧରେ, କବାଟ ଫିଟାଏ ଏବଂ ନିର୍ଜନ ରାସ୍ତାରେ ଚକ୍କର ମାରେ । ରିଟାୟାର୍ଡ଼ ସିଭିଲସର୍ଜନ ଜଣେ ଚେମ୍ବର ଖୋଲି ବସିଥାନ୍ତି (ରୋଗୀପରି ଡ଼ାକ୍ତରକୁ ନିଦ ହୁଏନି !) ଜିଲୁସିଲ, ଡ଼ାଇଭଲ ଡ଼ାଇଜିନ ବଟିକା ଗୋଟାଏ ଦୁଇଟା ଦିଅନ୍ତି । ଘରକୁ ଫେରିଆସେ । ପାଣି ଗ୍ଲାସେ ଦୁଇଗ୍ଲାସ ପିଇ ଶୋଇବାର ଚେଷ୍ଟା କରେ । ଭୋର ବେଳକୁ କିମିତି କେଜାଣି ନିଦ କଡ଼େ ହୁଏ । ଉଠିଲାବେଳକୁ ଏକାବେଳେ ଫ୍ଲାଟ ପରି ଜଣାପଡ଼େ । କି କଷ୍ଟ ! ମନେପକାଏ ନାହିଁ ରାତିର ଯନ୍ତ୍ରଣା । ସବୁଦିନ ଏମିତି ହୁଏନି, କେବେ କିମିତି ହୁଏ । ଖାଦ୍ୟପାନୀୟରେ ସତର୍କତା, ସବୁ ସିଝା ଉପରେ, ମସଲା ନାହିଁ ଚର୍ବି ନାହିଁ, ସର ବ୍ୟତୀତ ଦୁଧ, ଘୋଳ ଦହି, ହଳଦୀ ଲୁଣରେ ସିଝା ପପେୟା, ପୋଟଳ, ମାଛ, କଲିଜା ଆହୁରି କେତେ କୃଚ୍ଛ୍ର ସାଧନ, ମୁଖମିଠା ଲିଭ୍-୫୨, ପେକେଟ୍ ପେକେଟ୍ ଇସଫ୍‌ଗୋଲ, ପେପ୍‌ସିନ୍ ଥିବା ଟନିକ୍ । ହରଲିକ୍‌ସ, ଭାଇଭା । କାହିଁରେ ରକ୍ଷା ନାହିଁ । Death will come when it will come ରୋଗ ଆସିବା ମନକଲେ ଆସିବଇ ଆସିବ । କେଉଁ ଔଷଧରେ ସାକ୍ଷାତ୍ ତୁରନ୍ତ ଫଳ ମିଳିବ ନାହିଁ, ହୁଏତ ଗିଲାସେ ପାଣି ପିଇଦେଲେ ରୋଗ ହଠାତ୍ ଭଲ ହୋଇଯିବ । ଏ ରୋଗ ସାଙ୍ଗକୁ ଆଉ ଏକ ରୋଗ, ଯାହାକୁ ସ୍ନାୟୁ ରୋଗ ବିଶେଷଜ୍ଞ ପଜିସ୍‌ନାଲ ଭିଟାଇଗୋ କହିଲେ । କଡ଼ ଲେଉଟାଇଲେ, ହଠାତ୍ ମୁଣ୍ଡ ଏପାଖ ସେପାଖ କଲେ କ'ଣ ନା କ'ଣ ହୋଇଯିବ । ଗୋଡ଼ ଉପରକୁ ମୁଣ୍ଡ ତଳକୁ, ଦୁନିଆଁ ଘୂରୁଛି ପରି ଲାଗିବ, ଖଟ ମେଦିନୀ ତଳକୁ ଦବିଯାଇଛି ପରି ଜଣାଯିବ । ବଞ୍ଚିବାକୁ ଆଗ୍ରହ କାହାର ହେବ ଏ ଅବସ୍ଥାରେ ସାଙ୍ଗସାଥୀ ପିଲାଝିଲାଙ୍କ ସହିତ କଥାବାର୍ତ୍ତା କରି, କ୍ଲାସରେ ପାଠ ପଢ଼ାଇ, ଲେଖାଲେଖି କରି, ସର୍ବୋପରି Sense of humour କୁ ଉଜ୍ଜୀବିତ କରି ବଞ୍ଚିବା କଥା । ଅନ୍ୟଥା ଜୀବନ ମୂଲ୍ୟହୀନ, ଯନ୍ତ୍ରଣାଦାୟକ । ଅନୁଭବୀ କେହି ନାହିଁ ଯେ ଆଶ୍ୱାସନା ଦେବ ।

Digitized by srujanika@gmail.com

ଜଣ୍ଡିସ୍ ଅବସ୍ଥା ଆସିଲେ ଲକ୍ଷ୍ମଣ ମିଶ୍ରଙ୍କ ମଞ୍ଜୁଆତି ଚେର ଓ ଚାଉଳଧୁଆ ପାଣି, ଅନ୍ୟଥା ଡ଼ିସେଣ୍ଟ୍ରି, ବାୟୁରୋଗର, ଅଜୀର୍ଣ୍ଣର ଚିକିତ୍ସା । ଅଂସଖ୍ୟ Translucent object X'Ray ରେ ଧରାପଡ଼ନ୍ତେ ଏସବୁର ଚିକିତ୍ସା ହେଲା । କେବଳ ପେଟରୁ ବା ଗଲ୍ ବ୍ଲାଡ଼ରରୁ ପଥର ଦୂର କରିବା କଥା । ତା'ର ଏକମାତ୍ର ଅମୋଘ ଉପାୟ ଅପାରେଶନ । ପଅଁଷଠୀ ବର୍ଷ ବୟସରେ ବୁଢ଼ା ଦିହରେ ଅପାରେଶନ ! ପୁଣି ଆମର ଏସବୁ ଡ଼ାକ୍ତରଖାନାରେ, ନର୍ସିଂହୋମରେ, ଯେଉଁଠି ହାଇଡ୍ରୋଶିଲ ବା ଭାସାକ୍‌ଟୋମି ଅପାରେଶନ୍‌ରେ ମଧ ମୃତ୍ୟୁ ହୁଏ । ତଥାପି ଅପାରେଶନକୁ ଡ଼ରନ୍ତି ନାହିଁ, ମୃତ୍ୟୁ ଯନ୍ତ୍ରଣା ଅପେକ୍ଷା ମୃତ୍ୟୁ ଭଲ । ଏତେ ଲୋକଙ୍କୁ ରାତି ଅଧରେ ଅକାଳେସକାଳେ ହଇରାଣ ନ କରି ଦୁନିଆଁରୁ ଚାଲିଯିବା ଭଲ ।

ତେବେ ଅପାରେଶନ ମନା । ବୁଢ଼ା ଦିହ ସମ୍ଭାଳି ପାରିବ ନାହିଁ, ମେଜର ଅପାରେଶନ । ତେଣୁ ଆୟୁର୍ବେଦ ଚିକିତ୍ସା କରି ଦେଖାଯାଉ । ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ କବିରାଜଙ୍କୁ ଭେଟିଲି । ଟେବୁଲରେ ହାତ ବାଡ଼େଇ ପ୍ରତିଜ୍ଞା କଲେ ଏକୋଇଶ ଦିନରେ ପଥର ସବୁକୁ ପରିଶ୍ରାରେ ବାହାର କରିଦେବେ । କଳା ରଙ୍ଗର ବଟିକାକୁ କୋଳଥ ପାଣି ଅନୁପାନରେ ଖାଇବାକୁ ଦେଇ କହିଲେ କୋଳଥ ପାଣି ପ୍ରତିଦିନ କେତେଟୋପା କରି ମାଙ୍କଡ଼ାପଥରରେ ଏକୋଇଶ ଦିନ ପକାନ୍ତୁ, ପଥର ଫାଟିଯିବ, ତରଳିଯିବ । ଏକୋଇଶ ଦିନ ଭିତରେ କିଛି ଯନ୍ତ୍ରଣା ନ ହେବାରୁ କବିରାଜଙ୍କୁ ପୁରସ୍କାର ତଥା ବଧାଇଦେବାକୁ ଗଲି । ସେ କହିଲେ, "ଆଉ ପଥରର ସତ୍ତା ନାହିଁ, ସବୁ ନିର୍ଗତ ହୋଇଯାଇଛି ।"

ତହିଁ ପରଦିନ ପ୍ରଚଣ୍ଡ ତୋଡ଼ରେ ରୋଗ ବାହାରିଲା । ଏଥର ହୋମିଓପାଥି । ଦୈବାତ୍ ସେ ସମୟରେ ଜଣେ ପ୍ରଖ୍ୟାତନାମା କଲିକତି ହୋମିଓପାଥି ଡ଼ାକ୍ତର ସହରରେ ଅବସ୍ଥାନ କରୁଥାନ୍ତି । ସେ କୁଆଡ଼େ ଏରୋପ୍ଲେନ୍‌ରେ କାଉନ୍‌ସିଲ ମିଟିଂକୁ ଦିଲ୍ଲୀ ଯାଆନ୍ତି । ପ୍ରତ୍ୟକ୍ଷ ଦେବତା ପରି ତାଙ୍କ ଗୁଣଗ୍ରାମ । କାହା ଗୋଡ଼ ହାତ ଭାଙ୍ଗିଛି, ଠିକ୍ ତିନିମାସରେ ହାଡ଼ ଯୋଡ଼ିଯିବ । ଠିକ୍ ତିନିମାସରେ ରୋଗୀ ଚାଲିଲା । ଦି'ଟା ଚକ୍ଷୁ ଜନ୍ମରୁ ଫୁଟିଯାଇଛି, କୋଟିଏ ପାୱାରର ବଟିକା ଫାଳେ ଖାଇଛି, ଠିକ୍ ବର୍ଷକ ପରେ ଚକ୍ଷୁ ଫେରିପାଇଲା ରୋଗୀ । ଗଣ୍ଠି ଫୁଲିଥିଲା, ସାତଦିନ ପରେ ରୋଗୀ ଉଠିବସିଲାବେଳକୁ ଠୋ କରି ଶବ୍ଦ ହେଲା, ପାଣି ବାହାରିଗଲା । ରୋଗୀ ଚାଲିଲା, ଦୌଡ଼ିପାରିଲା । ଚେଲା ଟାଉଟରମାନେ ଏମିତି କେତେ କ'ଣ ଆଧୁନିକ ହାନିମେନଙ୍କ ମହିମା ପ୍ରଚାର କରିଥାନ୍ତି । ଏତେ ମହିମାନ୍ୱିତ ବ୍ୟକ୍ତିଙ୍କୁ ଠିକ୍ ଘଣ୍ଟାକରେ ସାକ୍ଷାତ୍ କରନ୍ତେ ସେ କହିଲେ, "ଆମର ସିମ୍‌ଟମ୍ ଉପରେ ଚିକିତ୍ସା, ପେଟରେ ପଥର ଥାଉ କାଚ ଥାଉ ।" ସିମ୍‌ଟମ୍ କହିଲି । ସେ କହିଲେ, 'ଛଅ ହଜାର ପଡ଼ିବ ।' ଛଅ ହଜାର ଖର୍ଚ୍ଚକରି ମରିବ କାହିଁକି ଯେତିକି ଟଙ୍କାରେ ପୁଅମାନେ ସୁନ୍ଦର ପିତୃଶ୍ରାଦ୍ଧ ଜାକଜମକରେ

Digitized by srujanika@gmail.com

କରିପାରିବେ ଏବଂ ବାପାଙ୍କ ମୃତ୍ୟୁ ପୁଅଙ୍କ ଉତ୍ସବର ଉପଲକ୍ଷ୍ୟ ହେବ । ପରେ ଶୁଣିଲି ସେ ଡ଼ାକ୍ତର କଲିକତାରୁ ଆମ ସହରକୁ ବାରମ୍ବାର ଆସନ୍ତି ମାଛ, ଭଲ ଚାଉଳ, ଦହି ଓ ମିଠା ଆଶାରେ ।

ମୋର ପିପିଲିକା ଅଣ୍ଡବତ୍ ଔଷଧରେ ବିଶ୍ୱାସ ନାହିଁ । ତଥାପି ଲୋକମୁଖରୁ ଅଲୌକିକ ଶକ୍ତିସମ୍ପନ୍ନ ଜନୈକ ସ୍ଥାନୀୟ ହୋମିଓପାଥଙ୍କ ନାଆଁ ଶୁଣି ଦିନେ ଗଲି । ପ୍ରାୟ ପାଞ୍ଚ ଘଣ୍ଟା ଗବେଷଣା ପ୍ରଶ୍ନୋତ୍ତର ପରେ ସେ ପାଞ୍ଚଶଟି ମୁଦ୍ରା ନେଇ ମୋତେ ହାତକୁ ନେଲେ । ପ୍ରଥମ ଔଷଧ ପରେ ଖାଇବା ମୁମୂର୍ଷୁର ଚିତ୍କାର ଓ ଯନ୍ତ୍ରଣାରେ ମୋ ଘର ଉଠିଲା ପଡ଼ିଲା । ଡ଼ାକ୍ତରଙ୍କୁ ପଚାରନ୍ତେ ସେ କହିଲେ, "ଔଷଧ ରୋଗକୁ ବଢ଼ାଏ, ତା'ପରେ ଆରୋଗ୍ୟ କରେ ।" ତାଙ୍କୁ ଛାଡ଼ିଲି ସେଇ ରାତି । ଏବେ କେତେଦିନ ତଳେ ତାଙ୍କ ସହିତ ଦେଖା ହେବାରୁ ସବୁକଥା କହିଲି ଏବଂ ସେ ଆଗ୍ରହ ପ୍ରକାଶ କଲେ ବୋତଲରେ ସଂରକ୍ଷିତ ପଥରସବୁ ଦେଖିବାକୁ, ସେଇ innumerable transluscient objects ଗୁଡ଼ିକୁ ।

ରୋଗ ଯଥାପୂର୍ବ ତଥା ପରମ୍ । ପୁଣି ଦିନେ ସନ୍ଧ୍ୟା ପାଞ୍ଚଟାରେ ଆରମ୍ଭ ହେଲା । ଦୈବକୁ ତିନି ନମ୍ବର ପୁଅ (ତୁ ଦୀର୍ଘଜୀବୀ ହଅ, ବାପା !) ସେ ଦିନ ଆସିଥିଲା । ସେ ସେବାଶୁଶ୍ରୁଷାକୁ ବିରକ୍ତ ହୁଏ । କ'ଣ ଭାବିଲା, ଡ଼ାକ୍ତରଖାନା ନଯାଇ ଚାଲିଲା ଟେଲିଫୋନ ଏକ୍ସଚେଞ୍ଜକୁ ଏବଂ କାହା ସହିତ କ'ଣ ଠିକ୍‌ଠାକ୍ କଲା । ସେଇ ରାତିରେ ଏକ୍ସପ୍ରେସରେ ଯାଇ ନର୍ସିଂହୋମ୍ ପର୍ଯ୍ୟନ୍ତ ଗଲି । ଡ଼ାକ୍ତର ସାହେବ କହିଲେ, 'ଲିଭାର ପାଚିଗଲାଣି ବା ଯିବ, ଅପାରେଶନ କରିଦେବା' । ସେଇ ବ୍ୟବସ୍ଥା ହେଲା । ପଅଁଷଠୀ ବର୍ଷରେ କ'ଣ ଅଶୀ ବର୍ଷ ବୟସରେ ମଧ ଅପାରେଶନ ହେଉଛି । ଟେଲିଗ୍ରାମ୍ ସମସ୍ତଙ୍କ ପାଖକୁ ଗଲା । ଚବିଶ ଘଣ୍ଟାରେ ସମସ୍ତେ ଆସିଲେ । ପୂର୍ବ କଥାମତେ ଆଲୋଚନା ମସୁଧା ପରେ ମୁଁ ପୁଅଝିଅଙ୍କ ସଙ୍ଗରେ ଅନ୍ୟ ଏକ ବେସରକାରୀ ଡ଼ାକ୍ତରଖାନାକୁ ଏକ ଫେରନ୍ତା ଟ୍ରେନ୍‌ରେ ମୁହାଁଇଲି, ପିଠାରେ ଦୁଷ୍ଟ ବ୍ରଣର ଏକ ସୁଗଭୀର ପୂଜମୟ ଗର୍ତ୍ତ ନେଇ ବାଟରେ ପ୍ରିୟ କୁକୁରଟିକୁ ଦେଖାକରି ନପାରି । ଡ଼ାକ୍ତରବାବୁଙ୍କ ବାପା ହିସାବରେ ମୋର ସାଙ୍ଗେ ସାଙ୍ଗେ ଏଡ଼୍‌ମିଶନ ହେଲା । କିନ୍ତୁ ମୁଁ ପୁଅ କ୍ୱାଟରରେ ରହିଲି । ପୁଣି ପରୀକ୍ଷା ନିରୀକ୍ଷା ଚାଲିଲା ନୂଆ ଡ଼ାକ୍ତରଖାନାରେ । ପୁଅ ଆଗରୁ ସବୁ ବ୍ୟବସ୍ଥା କରିଥିଲା ବୋଧହୁଏ । ସବୁ ଠିକ୍ ଅଛି, କେବଳ ବଥର ପୂଜ ଶୁଖିବା ଦରକାର, ଆଉ ଇଉସନୋଫିଲିଆ ୨୪ ପରସେଣ୍ଟ୍‌ରୁ ଯଥେଷ୍ଟ ତଳକୁ ଆଣିବାକୁ ପଡ଼ିବ । ଡ଼କ୍ଟର ଦାସ ହେଲେ ସର୍ଜନ, ଡ଼କ୍ଟର ରାୟ ହେଲେ ତାଙ୍କ ଏସିଷ୍ଟେଣ୍ଟ୍ । କେବଳ ସେଇ ଦୁହିଁଙ୍କି ମୁଁ ମୋର ରକ୍ଷାକର୍ତ୍ତା ବିଧାତା ରୂପରେ ଦେଖିବାକୁ ଲାଗିଲି । ସେମାନେ ଯେ ଖୁବ୍ ଖ୍ୟାତି ଅର୍ଜନ କରିଛନ୍ତି ଅପାରେଶନ କ୍ଷେତ୍ରରେ ତା' ନୁହେଁ, ବରଂ ଡ଼କ୍ଟର ଦାସଙ୍କ ବଦ୍‌ନାଆଁ ଅଛି । ଶୁଣିଲି, ଡ଼କ୍ଟର ଦାସ ଲାଇବ୍ରେରୀରୁ ବହିପତ୍ର ନେଇ କେବଳ

Digitized by srujanika@gmail.com

ଗଲ୍‌ବ୍ଲାଡ଼ର ଅପାରେଶନ ସଂକ୍ରାନ୍ତ ଯାବତୀୟ ଜ୍ଞାନ ସଂଗ୍ରହ କରିବାରେ ସେଇଦିନଠାରୁ ବ୍ୟାପୃତ ହେଲେ । ରୋଗୀ ଆକାରରେ ମୋତେ ସେ ଭି.ଆଇ.ପି. ରୂପେ ରଖିଲେ ଏବଂ ସବୁପ୍ରକାର ଅଭୟ ଆଶ୍ୱାସନା ମୋତେ ଦେଇ ମୋର ନୈତିକ ବଳ ଅତୁଟ ରଖିଥାନ୍ତି ।

ପୂର୍ବ ଅଭିଜ୍ଞତା କହିଲେ ଚାଳିଶ ବର୍ଷ ପୂର୍ବେ ଏଇ ଦୁର୍ଗା ପୂଜା ସମୟରେ କଟକ ମେଡ଼ିକାଲ ସ୍କୁଲରେ ମୁଁ ଡ଼କ୍ଟର କାଶୀନାଥ ମିଶ୍ରଙ୍କ ଦ୍ୱାରା ହାଇଡ୍ରୋସିଲ୍ କଟାଇଥିଲି ପେନ୍‌ସିଲିନ୍‌ର ପୂର୍ବ-ଯୁଗରେ ମାର୍କୁରୀକ୍ରୋମ ଯୁଗରେ । ଅପାରେଶନ ସେତେ ସଫଳ ହୋଇନଥିଲା, ବହୁତ କଷ୍ଟ ଭୋଗିଥିଲି । ମୁଁ Mentally ପ୍ରସ୍ତୁତ ହେଉଛି । ପୂଜା ପାଖ ହେଲା । ଡ଼କ୍ଟର ଦାସ ବଙ୍ଗାଳୀ । କେଉଁ ବଙ୍ଗାଳର 'ମାୟେର ପୂଜୋ'ରେ ବଙ୍ଗଳା ବାହାରେ ରହିବେ ନାହିଁ । ସେ କଲିକତା ଚାଲିଗଲେ । ଅତଏବ ଦୁର୍ଗାପୂଜା ଦଶହରା ପରେ ଅପାରେଶନ ହେବାର ସ୍ଥିରହେଲା । ମୋତେ ଘରକୁ ଫେରିବାର ଚାନ୍ସ ମିଳିଲା । ଇଉନିଭରସିଟିର ଗୁଡ଼ାଏ ଅଦେଖା ଖାତା ଦେଖିବାକୁ ବାକି ଅଛି କହି ଡ଼ାକ୍ତର ପୁଅଠାରୁ ଅନୁମତି ଲୋଡ଼ିଲି ଘରକୁ ଆସିବାକୁ । ସେ ହଁ କଲା । ଅନ୍ୟମାନେ କହିଲେ "ଥରେ ଘରକୁ ଗଲେ ବାପା ଆଉ ଆସିବେ ନାହିଁ । ଥରେ ଖଟରୁ ଉଠି ପଳାଇ ଆସିଛନ୍ତି । ଆଉ ମୋଟେ ଆସିବେ ନାହିଁ ।' ବହୁ ରାଣ ନିୟମ ପକାଇ ଛୁଟି ଆଣିଲି ।"

ବହୁଦିନ ପରେ କୁକୁରଟି ମୋତେ ଦେଖି ଏତେ ଖୁସିହେଲା ଯେ ମୂତ ସମ୍ଭାଳି ପାରିଲା ନାହିଁ । ମୋ ପାଖରେ ସେ ରାତିରେ ଖଟରେ ଶୁଏ ନାତୁଣୀଛୁଆ ପରି । ଘରେ ତିନି ଚାରିଦିନ ରହିବା ସର୍ତ୍ତ କରି ଆସିଥିଲି । ତିନି ଜାଗାରେ ତେରଦିନ ହେଲା । ଫେରିବାକୁ ମୋଟେ ଇଛା ନାହିଁ । ସେମାନେ କାଳେ କହିବେ "ଆମେ ଠିକ୍ କହୁଥିଲେ, ବାପା ଥରେ ଘରକୁ ଫେରିଲେ ଆଉ ଆସିବେ ନାହିଁ ।" ତାକୁ ବେପ୍ରମାଣ କରିବା ପାଇଁ ଫେରିଲି ଅବଶେଷରେ, କୁକୁରଠୁ ଘରଠୁ ଗଛପତ୍ରଠୁ । ପହୁଞ୍ଚ ପ୍ରଥମେ ଶୁଣିଲି, "ଡ଼କ୍ଟର ଦାସ ଫେରିନାହାନ୍ତି । ଖୁସିହେଲି ଯେ ସେ ଆଉ କେତେଦିନ ଛୁଟି extend କରିଛନ୍ତି । ଏ ଭିତରେ ଘାଆ ପୁରା ଶୁଖିଯାଇଛି, ଇଉସେନୋଫେଲିଆ ଆଠ କି ଦଶ ପରସେଣ୍ଟ୍‌କୁ କମିଯାଇଛି । ବାକି ରକ୍ତ ଜମାଟ ବାନ୍ଧିବା ଡ଼େରିହେଉଛି । ଚାରି ପାଞ୍ଚ ଦିନରେ ତାହା ବି ଠିକ୍ ହୋଇଗଲା ।

ଦୁର୍ଗାପୂଜା ଗଲା, ଦଶହରା ଗଲା । ତଥାପି ଡ଼କ୍ଟର ଦାସ ଛୁଟିରୁ ଫେରିଲେନାହିଁ । ଯେତେଦିନ ସେ ଡ଼େରି କରୁଥାନ୍ତି ମୋତେ ସେତେଦିନ ଅଧିକା ଜୀବନ ମିଳୁଛି ବୋଲି ଭାବୁଥାଏ । କାରଣ ଅପାରେଶନ ଅର୍ଥ ନିଶ୍ଚିତ ମୃତ୍ୟୁ ବୋଲି ମୁଁ ଧରି ନେଇଥାଏଁ । ଦିନେ ଶୋଇ ଶୋଇ ଶୁଣିଲି ପୁଅ ବୋହୂକୁ କହୁଛି ଡ଼ାକ୍ତର ଫେରିଲାଣି ବୋଲି । ସେଇଦିନ ସନ୍ଧ୍ୟାରେ ରୋଗ ବାହାରିପଡ଼ିଲା । ଅକଥ୍ୟ ଯନ୍ତ୍ରଣା ଦଶ ପନ୍ଦର ମିନିଟ୍ ଧରି ଭୋଗୁଥାଏଁ । ପୁଅ ତା' ଡ଼ିଉଟିରୁ ରାତି ଏଗାରଟାରେ ଫେରିଲା । ଯିମିତି ବୋହୂ

Digitized by srujanika@gmail.com

ମୁହଁରୁ ମୋର ଅବସ୍ଥା କଥା ଶୁଣିଲା, ଚିତ୍କାର କରି କହିଲା, "ଡ଼ାକ୍ତରଖାନାରେ ଗୋଟାଏ ବୁଢ଼ା ଏମିତି ଓଃ ଓଃ ହୋଇ ଘଣ୍ଟାଏ ଅଟକାଇ ଦେଲା । ଏଠି ଆସି ଦେଖିଲାବେଳକୁ ଆଉ ଏକ ବୁଢ଼ା ଓଃ ଆଃ ହେଉଛି ।" ବେରେଲଗନ୍‌ଟାଏ ଦେଲା । ଔଷଧର ପ୍ରତିକ୍ରିୟା ହେଉ ବା ତା'ର ଦୁଃଖମିଶା ବିରକ୍ତି ହେଉ ରୋଗ ତତ୍‌କ୍ଷଣେ ଉପଶମ ହେଲା । ଖାଇସାରି ପାଖକୁ ଆସି କହିଲା, "ଯଦି ଡ଼କ୍ଟର ଦାସ ପଚାରନ୍ତି କେବେ କହିବ ନାହିଁ ରୋଗ ବାହାରିଥିଲା ବୋଲି ।" ସେ ପର୍ଯ୍ୟନ୍ତ ଘରେ ରହି ଚିକିତ୍ସା ହେଉଥାଏ ।

ତହିଁ ପରଦିନ ଦୁଇଟାରେ ଗୋଟାଏ ରିକ୍ସା କରି ବୋହୂ ମୋତେ ଡ଼ାକ୍ତରଖାନା ନେଇଗଲେ ଏବଂ ପାଞ୍ଚନମ୍ବର କେବିନରେ ରଖାଇଦେଲେ । ସେଦିନ ବୋଧହୁଏ ଦିନକାଳ ଶୁଭ ଥିଲା, ପାଞ୍ଜି ଦେଖି ଦୁହେଁ ମୁହୂର୍ତ୍ତ ବାହାର କରିଥିଲେ । ଶୁକ୍ରବାର (ଯେଉଁଦିନ ପ୍ରଭୁ ଯୀଶୁ ଫାଶିକାଠରେ ଝୁଲିଥିଲେ) ମୋର ଅପାରେଶନ ହବ ବୋଲି ଘଣ୍ଟାଏ ପରେ ପୁଅ ଆସି ମତେ ଜଣାଇଦେଲା । ନିଜକୁ ଅଶୁଭ ଭାବି ବା ତିନିଜଣ କୁଆଡ଼େ ଶୁଭ କାମରେ ଯିବା ଉଚିତ୍ ନୁହେଁ ବିଚାରି ମତେ ତା' କାର୍‌ରେ ଆଣିଲା ନାହିଁ । ସେ ଦିନର ଅବଶିଷ୍ଟ ସମୟ ଓ ରାତିଟା ପର୍ଯ୍ୟବେକ୍ଷଣରେ କଟିଲା । ଡ଼ାକ୍ତରଖାନାରେ ଅଛି ବୋଲି ମୋତେ ଲାଗୁନଥାଏ । ବାରମ୍ବାର ନର୍ସ ପରେ ନର୍ସ ଆସି ମୋ କଥା ବୁଝୁଥାନ୍ତି । ଏୟାରକଣ୍ଡିସନ୍‌ଡ଼ କେବିନ ।

ଘରୁ ବାହାରିବା ପୂର୍ବରୁ ବିକଳ କଣ୍ଠରେ ପଚାରିଲି, "ବାପା, ମରିବ ନାହିଁ ତ ?" ପୁଅ କହିଲା "ଏଇଟା ମାଇନର ଅପାରେଶନ । ଅଧଇଞ୍ଚେ incision ଦେଇଦେଲେ ଗଲବ୍ଲାଡ଼ର ଟିକକ ବାହାରି ଆସିବ, ପାଞ୍ଚମିନିଟ୍‌ରେ ଅପାରେଶନ ଶେଷ ।" ମିଛ କେତେବେଳେ କହିବାକୁ ହୁଏ ପୁଅକୁ ଜଣା । ଡ଼କ୍ଟର ଦାସ ଆସିଲେ । ଜଣାଗଲା ଯିମିତି ଉପସ୍ଥିତ କ୍ଷେତ୍ରରେ ସେଇ ମୋର ଭଗବାନ । ମାରିବା ତାରିବା ତାଙ୍କରି ହାତରେ । ପୁଅବୋହୂ ଝିଅଜୋଇଁ ନାତିନାତୁଣୀ ଯେଉଁମାନେ ବାରମ୍ବାର ପାଳିକରି ଆସୁଛନ୍ତି ସେମାନେ କେହି ନୁହନ୍ତି । ଡ଼କ୍ଟର ଦାସ ସାକ୍ଷାତ୍ ନାରାୟଣ । "କେମେନ୍ ଆଛେନ୍ ? କେମନ୍ ଲାଗଛେ ?" ଆଦି ମାମୁଲି ପ୍ରଶ୍ନ ପଚାରିବା ପରେ ଗେଞ୍ଜି ଉଠାଇ ଡ଼ାହାଣ ଛାତିତଳୁ ନାଭିତଳ ପର୍ଯ୍ୟନ୍ତ ହାତରେ ଆଉଁସି କହିଲେ, "ଏଇ ପୋର୍‌ସନଟା ଭଲ କରେ ସାବାନ ଦେବେନ୍ ।" ପଚାରିଲି 'ବଞ୍ଚିବି ତ, ଡ଼ାକ୍ତର ? କହିଲେ, "ପାଗଲ୍, ନା କି ? କିଛୁ ହବେ ନା ।" ମୁଁ ଅନୁରୋଧ କଲି, "ଡ଼କ୍ଟର ସାହେବ, ଯାହାହେଉ ନା କାହିଁକି ମତେ Intensive Care Unit କୁ ନେବେନି ।" ମୁଁ ଖଟରେ ବସି କାଚକାନ୍ଥ ଦେଇ ଅପରପାର୍ଶ୍ୱର ICU ଦେଖୁଥାଏଁ । ଧାରଣା, ସେଠାକୁ ଗଲେ ଆଉ ଜୀବଦ୍ଦଶାରେ କେହି ଫେରନ୍ତି ନାହିଁ । କେବଳ ବଡ଼ିଟାକୁ ମୁର୍ଦ୍ଧାରକୁ ଆତ୍ମୀୟସଜନଙ୍କୁ ସମର୍ପଣ କରାଯାଏ ।

Digitized by srujanika@gmail.com

ଆଉ ଛତିଶ ଘଣ୍ଟା କାଉଣ୍ଟ ଡାଉନ ଆରମ୍ଭ କରିଦେଲି । ଶୁକ୍ରବାର ଆଠଟା । ଲଞ୍ଚିଙ୍ଗ୍ ସମୟ । ଚନ୍ଦ୍ରଲୋକକୁ । ଜୟ ଜଗନ୍ନାଥ ।

ମତେ ହସ ମାଡ଼ିଲା । ଯେଉଁ ଲୋକ ପ୍ରତି ମୁହୂର୍ତ୍ତରେ ଯନ୍ତ୍ରଣାବେଳରେ ମରିବାକୁ ଭଗବାନଙ୍କୁ ଡ଼ାକୁଥିଲା ମରଣ ବେଳ ନିକଟ ହେଲାବେଳକୁ ଏମିତି ଛାନିଆଁ ହେଉଛି କାହିଁକି ? ଜୀବନର କି ମୋହ !

ବୁଧବାର ରାତି ଭଲ ନିଦ ହେଲାନି । ଏକେ ତ ଏକୁଟିଆ, ଦ୍ୱେଜ ନୂତନ ପରିବେଶ ଯେତେ ଭଲ ହେଲେ ବି । ପୁଅ **Maneaters of Sovo** ବୋଲି ଶିକାର ଗପ ବହିଟାଏ ଦେଇଥାଏ । **Maneaters of Kumaon** ରେ ବାଘ ଶିକାର କଥା ଥିଲା । ଏ ବହିରେ ଆଫ୍ରିକାର ସିଂହ ଶିକାରର ଲୋମହର୍ଷଣକାରୀ ଚମତ୍କାର ଗଳ୍ପ । କେତେବେଳେ କିମିତି ଶୁକ୍ରବାର କଥା ମନେପଡ଼ିଲେ ବହି ପଢ଼ିବାକୁ ଇଚ୍ଛା ହୁଏନି । କ'ଣ ବା ଲାଭ ଜ୍ଞାନ ଅର୍ଜନ କରି ଯଦି କେତେଘଣ୍ଟା ପରେ ଜୀବନ ଶେଷ ହେବ !

ସେ ଦିନ ଓପରବେଳା ଡ଼ାକ୍ତରଙ୍କ ମେଳା ମୋ କେବିନରେ । ଆଖି, ନାକ, କାନ, ଜିଭ, ଦାନ୍ତ, ହାର୍ଟ, ଲାଙ୍ଗସ୍, ସ୍ନାୟୁ ପ୍ରତିଟି ଅଙ୍ଗପ୍ରତ୍ୟଙ୍ଗର ବିଶେଷଜ୍ଞମାନେ ଦଳଦଳ ହୋଇ ଆସୁଥାନ୍ତି ଏବଂ ଚିପାଚିପି, ହଲାହଲି, ଟଣାଟଣି କରି ଦେଖୁଥାନ୍ତି, ହାଟରେ ଛେଳିହଡ଼ା ବେପାରୀମାନେ ପଶୁକୁ ଯେପରି ବିଭିନ୍ନ ଦୃଷ୍ଟିକୋଣରୁ ମାପଯୋଖ, ପରୀକ୍ଷା କରନ୍ତି । ଏପରିକି କୁଷ୍ଠରୋଗ ବିଶେଷଜ୍ଞ ବି ଆସିଲେ ଏବଂ ଡ଼ାହାଣ ହାତ ବଙ୍କା ଆଙ୍ଗୁଳି ପରୀକ୍ଷା କଲେ ଏପରିକି ପିନ୍ କଣ୍ଟା ବଧିରା ଅଙ୍ଗୁଳିରେ ଫୋଡ଼ିଲେ । ଶୁଣିଲି ପ୍ରତ୍ୟେକ ଡ଼ିପାର୍ଟମେଣ୍ଟ ଅପାରେଶନ ପାଇଁ କ୍ଲିଆରେନ୍ସ ଦେବେ । ଶେଷରେ ଆସିଲେ, ନିଷ୍ପେତକ ଯେ ମୋର ଚେତାହରଣ କରିବେ । ସେ ମୋ ପିଠି ଥାପୁଡ଼ାଇ କହିଲେ, "ଆପଣଙ୍କର ସବୁ ଠିକ୍ ଅଛି ଡ଼ରିବାର କୌଣସି କାରଣ ନାହିଁ ।" ସମସ୍ତେ ଓକେ କଲେ । ଆସିଲେ ଡ଼କ୍ଟର ଦାସ ଓ ଡ଼କ୍ଟର ରାୟ ଯାହାଙ୍କ ହାତରେ ମୋ ଜୀବନ । ସେମାନଙ୍କର ଜନୈକ ସହକର୍ମୀ ଡ଼ାକ୍ତର ବନ୍ଧୁଙ୍କ ପିତାଙ୍କୁ ଅପାରେଶନ କରିବାର ଦାୟିତ୍ୱ ବହନ କରି ଦୁହେଁ ଟିକିଏ ବିମର୍ଷ ଥିଲା ପରି ମୋତେ ଜଣାଗଲା । ଡ଼କ୍ଟର ଦାସ ମୋ ଗେଞ୍ଜି ଟେକି ପୁଣି କହିଲେ, "ଏଇ ପୋର୍ଶନଟା ଭାଲ କରି ସାବାନ ଦେବେନ୍ ।" ଦଣ୍ଡେ ପରେ କେହି ଜଣେ ମତେ କହିଲା, ପୁଅ ଦସ୍ତଖତ କରିଦେଇଛି କାଗଜରେ ବାପାଙ୍କ ମୃତ୍ୟୁ ହେଲେ କାହାକୁ ସେ ଦାୟୀ କରିବେ ନାହିଁ । ଡ଼କ୍ଟର ଦାସ ମଧ ଲେଖି ଦେଇଛନ୍ତି, "ମୁଁ ରୋଗୀର ଅପାରେଶନ କରିବାକୁ ରାଜି ।"

ପ୍ରାୟ ପାଞ୍ଚଟାବେଳକୁ ବାରିକଟିଏ ଆସିଲା ଏବଂ ମତେ ଅଜା ସମ୍ବୋଧନ କରି ଥଟ୍ଟାତାମସା କରୁଁ କରୁଁ ସ୍ଥାନ ଆସ୍ଥାନର ଅନାବଶ୍ୟକ ଚୂଳସବୁ ସଫା କରିଦେଲା । ଛାତି ଓ ପେଟ ଆଉଁସି ଆଉଁସି ଦେଖିଲି ପର ପରି ଚିକ୍କଣ ଦିଶୁଛି, ଲାଗୁଛି ମଧ ।

Digitized by srujanika@gmail.com

ତା'ପରେ ପେନ୍‌ସିଲିନ୍‌ର ପ୍ରତିକ୍ରିୟା ପରୀକ୍ଷା, ଭିଟାମିନ୍ କେ ଇନ୍‌ଜେକ୍‌ସନ ଆଦି କେତେ କ'ଣ ଅପାରେଶନ ପୂର୍ବପ୍ରସ୍ତୁତି । ମୁଁ ଆଉ ଡ଼ରୁନଥାଏ । ଯାହା ହେଲେ ବି ଲୋକଲଜ୍ଜା ଓ ଅପାରେଶନ ଭୟରେ ଡ଼ାକ୍ତରଖାନାରୁ ପଳାଇବି ନାହିଁ କାପୁରୁଷ ପରି । ସନ୍ଧ୍ୟା ହେଲା । ଯେଉଁ ଅଳ୍ପ କେତେ ଆତ୍ମୀୟସ୍ୱଜନ ଥିଲେ ସେମାନେ ଆସି ଏଣୁତେଣୁ ଗପି ହସଖୁସିରେ ମତେ ମଜାଇବାର ଚେଷ୍ଟା କଲେ । Maneaters of Sovo ଆଉ ଭଲ ଲାଗିଲା ନାହିଁ । ରାତିର ତରଳ ଲଘୁପାକ ଖାଦ୍ୟ ଖାଇ ବିଶ୍ରାମ ନେବାର ଚେଷ୍ଟାକଲି । ସମସ୍ତେ ଚାଲିଗଲେ । କେବିନ୍ ଶୂନ୍‌ଶାନ୍ ହେଲା । ଏତିକିବେଳେ ମୋତେ ଆଶ୍ୱାସନା ଅଭୟ ଦେବା ପାଇଁ ଯେଉଁ ନାରୀଟିର ଉପସ୍ଥିତି ଚାହୁଁଥିଲି ସେ ସତର ଅଠର ବର୍ଷ ହେଲା ମତେ ଛାଡ଼ି ଚାଲିଯାଇଥିଲା । ପାଖରେ ବସି ସେ ଯଦି କହିଥାନ୍ତା "ତୁମେ ଡ଼ରୁଛ, କିଛି ହବନି; ଚାହଁ ତା ଆଡ଼କୁ, ସେଇ ରକ୍ଷା କରିବି ।" ତା ଚେହେରା ଦିଶିଗଲା ସେଇ ନିର୍ଜନ କକ୍ଷରେ । ତା'ପରେ ଚାହିଁଲି ଟିଣଫ୍ରେମରେ ବନ୍ଧା ତିନି ଠାକୁରଙ୍କୁ । ଦଣ୍ଡେ ପରେ ନର୍ସ ଆସିଲା, ଇଞ୍ଜେକ୍‌ସନ ଦେଲା, ମଶାରୀ ଟାଣିଦେଲା । କହିଲା, "କାଲି ସକାଳ ସାତଟା ବେଳକୁ ଆପଣ ଗାଧୁଆପାଧୁଆ ସାରି ରେଡ଼ି ହୋଇଥିବେ ।" ଅଧଘଣ୍ଟା ପୂର୍ବରୁ ବଡ଼ ନାତି ଆସି କହିଥିଲା "ଅଜା କାଲି ସକାଳ ଆଠଟାରେ, ତୁମ ନାଆଁ ନୋଟିସ୍ ବୋର୍ଡ଼ରେ ପ୍ରଥମରେ ଅଛି । ତୁମେ ଫାଷ୍ଟ ।" ରାତିରେ ଛଟପଟ ମଝିରେ ମଝିରେ ହେଉଥାଏଁ । ନିଦ ବଟିକା ଖାଇବା ଉଚିତ୍ ଥିଲା ଭାବିଲି ।

ପାଞ୍ଚଟା ପୂର୍ବରୁ ଉଠିପଡ଼ିଲି । ଦୋତାଲାରେ ଅପାରେଶନ ଥିଏଟର ନମ୍ବର ୱାନ୍, ଯେଉଁଠି ମୋର ଅପାରେଶନ ହେବ । ଆଲୁଅ ଜଳୁଛି ସେ ଘରେ । ଗୋଡ଼ ତଳେ ଝରକା ଦେଇ ଦିଶୁଥିବା ICU ରେ ନର୍ସଟାଏ ଏପଟ ସେପଟ ହେଉଛି । ଦାନ୍ତପତ୍ର ଘଷି ଖିଅର ହେବା କାମ ମଧ ସାରିଦେଲି । ହସ ମାଡୁଥାଏ, କାହିଁକି କାହା ପାଇଁ ଖିଅର ହେଉଛି, କେଉଁଠି ଇଣ୍ଟରଭିଉ ଅଛି ନା କେଉଁ କ୍ଲାସରେ ପଢ଼ାଇବାକୁ ଯିବି ! ଦାନ୍ତ ଘଷିସାରି ଚା ନ ପିଇବା ଦିନ ଭିତରୁ ଏ ଗୋଟିଏ । ସୁଇପର, ମେହେନ୍ତର ଆସିଗଲା ପେଟ ସଫା କରିବା ପାଇଁ । ଖୁବ୍ ଭଲକରି ଘଷିମାଜି ହୋଇ ଗାଧୋଇଲି, ଖୁବ୍ ଗାଧୋଇଲି ଯିମିତି ଏଇଟା ଶେଷ ଗାଧୁଆ । ପେଟରେ ଦାନା ନଥିଲେ ବି ଖୁବ୍ ଫ୍ରେଶ୍ ତାଜା ଲାଗୁଥାଏ । କାଳୀପୂଜା ଦଶ ଏଗାର ଦିନ ଅଛି । ହେମନ୍ତ ସକାଳ, ଖୁବ୍ ରମଣୀୟ ଦିଶୁଥାଏ । ମୁଣ୍ଡ କୁଣ୍ଡାଇଲି, ଶୁଖିଲା ତଉଲିଆରେ ପାଣି ପୋଛିଲି । କାଠିରେ ତୁଳାଟିକେ ଦେଇ କାନ ସଲ ସଲ କରି ପାଣି କାଢ଼ିଲି କାମଟି କରେ, ଭାବେ କାହିଁକି କାହିଁ ପାଇଁ ଏ ପ୍ରସ୍ତୁତି ।

ନର୍ସ ଆସିଗଲା । କହିଲା, ଶୀଘ୍ର କାମସାରି ଆସନ୍ତୁ, ଶୁଅନ୍ତୁ । ସେଲଫ୍‌ରେ ଥିବା ଟିଣଫ୍ରେମ୍ ବନ୍ଧା ଜଗନ୍ନାଥଙ୍କ ପାଖରେ ଯାଇ ଛିଡ଼ାହେଲି କହିଲି, "ଜଗାରେ, ମୁଁ ଯାଉଛି, ମୁଁ ତୋର ବଡ଼ ଭକ୍ତ ନୁହେଁ । ଗାଧୋଇସାରି ମିନିଟିଏ ତୋତେ ଚାହେଁ, କେବେ ଫୁଲଟିଏ

Digitized by srujanika@gmail.com

ମିଳିଲେ ଦିଏଁ । ନହେଲେ ନାହିଁ । ମୁଁ ତ ତତେ କିଛି ମାଗିନାହିଁ, ଶରଧାବାଲିରୁ ବି ହାତେ ନାହିଁ । ମୁଁ ଚାଲିଗଲେ ତୋର କଣ ଅଭାବ ହବକି ? ପ୍ରତିଦିନ ମାଇଲ ମାଇଲ ଲମ୍ବା ଲକ୍ଷ କୋଟି ପ୍ରାର୍ଥନା ଧୂପ ଧୂଆଁ ପରି ତୋ ଆଡ଼କୁ ମର୍ତ୍ତ୍ୟରୁ ଯାଉଛି । ମତେ ଦୁଃଖ ଲାଗିବ ତତେ ଆଉ ଦେଖିବି ନାହିଁ, ତୁ କ'ଣ ଭାବିବୁ ବୁଢ଼ାଟାଏ ଟିଣଫ୍ରେମ୍‌ରେ ବାନ୍ଧି ପ୍ରତିଦିନ ମୋତେ ଦଣ୍ଡେ ଚାହୁଁଥିଲା, କୁଆଡେ ଗଲା ସେ ? ଜୟ ଜଗା !" ପାଖରେ ଆଇନାଟା ଥିଲା । ମୁହଁଟା ଦେଖିନେଲି ବୁଢ଼ା ମୁହଁ କି ସରସ ସୁନ୍ଦର ନ ଦିଶୁଛି ! ସାତ ବାଜିଲା । ଏଯାକେ ଆତ୍ମୀୟସ୍ୱଜନ କେହି ଆସିନାହାନ୍ତି । ଭଲ ହୋଇଛି । ଆଖିରେ ଲୁହ ନେଇ କୁଆଡ଼େ ଯିବା ଭଲ ନୁହେଁ । ଖଟରେ ଶୋଇଲି ବାଧ ପିଲାଟି ପରି ନର୍ସର ଆଜ୍ଞାରେ । ଯୋଡ଼ାଏ ଖଣ୍ଡେ ଇଞ୍ଜେକ୍‌ସନ ଫୋଡ଼ିଲା । ଡ଼ାକ୍ତରଖାନା ଅର୍ଥ ଖାଲି ଛୁଞ୍ଚିଫୋଡ଼ା । ଫେରିଲା ବେଳକୁ (ଯଦି ଫେରେ) କେଉଁ ସ୍ଥାନ ଫାଙ୍କ ନଥିବ ।

ରୋଗୀବୁହା ଗାଡ଼ି ଆସିଲା, ଷ୍ଟ୍ରେଚାର ସହିତ । ଚକା ଲାଗିଛି, ଘଡ଼ଘଡ଼ କରି କେଡ଼େ ସୁନ୍ଦର କେତେ ଆଡ଼େ ଯାଇ ନପାରେ! ଦି' ଚାରିଜଣ ଯମଦୂତ ପରି ଶବବାହକମାନେ ।

ଆଉ ଗୋଟାଏ, "ଏଇଟା ଶେଷ ।" କହି ନର୍ସ ଆଉ ଗୋଟାଏ ଥର ଫୋଡ଼ିବାକୁ ଆଗେଇଲା । ମୁଁ ତାକୁ ରାଗି ପାରେନି । ଚେହେରା ଭଲ ନୁହେଁ, ରଙ୍ଗ କଳା, କିନ୍ତୁ ଭାରି ସୁଇଟ୍ କଥା, ତତୋଽଧିକ ଭଲ ତା'ର ଆଚରଣ । ମତେ ବାପା ପରି ଗଣେ । ଏ ଇଞ୍ଜେକ୍‌ସନଟା ଭିନ୍ନ ଧରଣର । ଅନ୍ୟଗୁଡ଼ାକରେ କିଛି ପ୍ରତିକ୍ରିୟା ନଥାଏ । କିନ୍ତୁ ଏହାର ଗୁଣ ସାଙ୍ଗେ ସାଙ୍ଗେ ଜଣାପଡ଼ିଗଲା ।

ଷ୍ଟ୍ରେଚାରଟାକୁ ଯମଦୂତମାନେ ମୋ ଖଟ ଲେଭେଲକୁ ଆଣିଲେ । ନର୍ସ କହିଲା, 'ଉଠନ୍ତୁ' । ମୁଁ ଉଠିବାର ଚେଷ୍ଟାକଲି କହୁଣୀରେ ଭରା ଦେଇ । ଆରେ । ମୋ ଦିହହାତରେ ଶକ୍ତି ସାମର୍ଥ୍ୟ ଗଲା କୁଆଡ଼େ । ସେମାନେ ମୋତେ ଧରି ଗାଡ଼ି ଉପରକୁ ନେଲେ । ଶୋଇଲି ଚିତ୍ ହୋଇ । ଶଗଡ଼ ଚାଲିବାକୁ ଆରମ୍ଭ କରିବ, ଚାହିଁଦେଲି ଥରେ ଚାରିପଟେ । Maneaters of Sovo, ଆରସି, ପାନିଆ, ପାଉଡ଼ର ଡ଼ବା, ଘଡ଼ି କଲମ ଆଦି । ଜଗାର ଦି'ଟା ଆଖିକି ଚାହିଁଲି । ସ୍ତ୍ରୀଙ୍କ ମୁହଁଟା ମନେ ପକାଇଲି । ରଥଚକ ଗଡ଼ିଲା । ଜୟ ଜଗନ୍ନାଥ ! ସେଇ ମୁହୂର୍ତ୍ତରୁ ମୁଁ ଆଖି ଫିଟାଇବି ନାହିଁ ସ୍ଥିର କଲି । See no evil. ତଥାପି ମୁଁ ଜାଣିପାରୁଥାଏ ଏପାଖ ସେପାଖ ଲୋକେ ଛିଡ଼ାହୋଇ ବଡ଼ଦାଣ୍ଡରେ ମୋ ରଥ ଚାଲିବାର ଦେଖୁଥାନ୍ତି । ନିଶ୍ଚୟ ଭାବୁଥିବେ ବୁଢ଼ାର ଏ ଶେଷଯାତ୍ରା ।

ଲିଫ୍ଟ ତଳକୁ ଆସିବାକୁ ସାମାନ୍ୟ ଡ଼େରିଥିଲା । ଏଥର ଷ୍ଟ୍ରେଚାର୍‌ରେ ପହୁଞ୍ଚି କରି ସେମାନେ ମତେ ଲିଫ୍ଟରେ ଥୋଇଲେ ଏବଂ ମୁଁ ସର୍ଗମୁହାଁ ଉଠିଲି । ପ୍ରଥମ ଦ୍ୱାର ଖୋଲିଲା । ସେମାନେ ମତେ ଆଉ ଏକ ଘରକୁ ନେଲେ । ସେଇଠି ମତେ ଜୀର୍ଣ୍ଣବାସ

Digitized by srujanika@gmail.com

ପରିହାର କରି ନବବସ୍ତ୍ର ଗ୍ରହଣ କରିବାକୁ ପଡ଼ିଲା । ମତେ ଆଦୌ ଖରାପ ଲାଗୁନଥାଏ । ବେଶ୍ ତାଜା ଫୁର୍ତ୍ତିଫୁର୍ତ୍ତି ଲାଗୁଥାଏ । ପୃଥିବୀ କଥା ମନେକରୁଥାଏ । ଗୋଡ଼ହାତ ବା ଅନ୍ୟ ଅବୟବ ମୋର ଅଛି ବୋଲି ମୁଁ ଜାଣୁନଥାଏ । ଏଥର ଅନ୍ୟ ଏକ ସଂଲଗ୍ନ କୋଠରୀକି ନେଲେ । ଅନ୍ୟ ଦଳେ ମୋତେ ଗ୍ରହଣ କଲେ ପ୍ରଥମଦଳଙ୍କ ପାଖରୁ । ଦଣ୍ଡେ ପରେ ଆଉ ଏକ ଦରଜା ଖୋଲିଲା ଏବଂ ମୁଁ ଜାଣିପାରିଲି ଏଥର ଅପାରେଶନ ଥିଏଟର ନମ୍ବର ୱାନରେ ଅଛି ।

ଅପାରେଶନ ଟେବୁଲରେ ଶୋଇ ଥରେ ଆଖି ଫିଟାଇ ଦେଖିଲି ବଡ଼ ଆଲୁଅର ରିଫ୍ଲେକ୍ଟରଟାକୁ, ଜଳୁ ନଥାଏ ବତୀ । ନର୍ସ ଜଣେ ଅଧେ ଘୂରାଫେରା କରି ଯନ୍ତ୍ରପାତି ସଜାସଜି କରୁଥାନ୍ତି ବୋଲି ମୋତେ ଲାଗିଲା । ନୀରବ ନିଃସ୍ତବ୍ଧ ।

ଡ଼କ୍ଟର ଦାସ, ଡ଼କ୍ଟର ରାୟ କ'ଣ ଆସିନାହାନ୍ତି ? ଯାହା କରିବାର ଶୀଘ୍ର କରନ୍ତୁ । ଭାବିପାରୁଛି, ଚିନ୍ତା କରିପାରୁଛି । ସେଥିପାଇଁ କଷ୍ଟ, ଶଶରୀରିକ ପୀଡ଼ା ନାହିଁ ଏଯାକେ । ଆଲୁଅଟା ଏଥର ଜଳିଲା । ଏଯାକେ ମୋ ଡ଼ାକ୍ତରପୁଅ ଆସିନି । ତାକୁ ଶେଷ କଥାଗୁଡ଼ାକ କ'ଣ କହିବି ଭାବି ସ୍ଥିର କରିପାରିଲିନି । ଜମିବାଡ଼ି ଟଙ୍କାପଇସା ଫିକ୍ସଡ଼୍ ଡ଼ିପୋଜିଟ୍ ଏ ବିଷୟରେ କ'ଣ କହିବି ?

ଦିହମୁଣ୍ଡ କ୍ରମେ ପାରିପାର୍ଶ୍ୱିକ ନୀରବତା ନିଃସ୍ତବ୍ଧତା ସହିତ ନିଜକୁ ମିଶାଇ ନେଇଥାନ୍ତି । ମୁଁ Zero ମୁହୂର୍ତ୍ତକୁ ଅପେକ୍ଷା କରିଛି । ଏକ, ଦୁଇ ଦଣ୍ଡେ ଛାଇନିଦ ହୋଇଗଲା । ମୁଁ ଗୋଟାଏ ବଢ଼ିଆ ସପ୍ନ (ଯାହା ମୋତେ ପୂରା ରିଏଲ ଜଣାଗଲା) ଦେଖିଲି । ସପ୍ନ ଭାଙ୍ଗିଗଲା 'ବାପା' ଡ଼ାକରେ ।

ଅପାରେଶନ ଥିଏଟର ଭିତରେ 'ବାପା' ଡ଼ାକ । ମରୁ ପ୍ରଦେଶରେ ଜଳ ଆସିବ କୁଆଡୁ ? ଏଥର ଆଖି ଫିଟେଇ ଚାହିଁଲି ସେଇଆଡ଼କୁ ଯେଉଁ ଆଡୁ 'ବାପା' ଡ଼ାକ ଆସିଥିଲା । ଦେଖିଲି ଏପ୍ରନ, ମୁଖାପିନ୍ଧା ମୋର ଡ଼ାକ୍ତର ପୁଅ ଠିଆ ହୋଇଛି । ପଚାରିଲା, 'ବାପା', କେମିତି ଲାଗୁଛି ?' ଇଂରାଜୀ ଅଧାପକର ଟାଣ ରଖି କହିଦେଲି Fine clam quiet composed' ସେ ମତେ ଚାହିଁ ରହିଥାଏ, ମତେ ଜଣା ପଡୁଥାଏ ଯିମିତି ହିରଣ୍ୟକଶିପୁକୁ ନରସିଂହ ବିଦାରଣ କରୁଛନ୍ତି (Maneaters of sovo ର ସିଂହ ନୁହେଁ ତ !) ପ୍ରହ୍ଲାଦ ପାଖରେ ହାତଯୋଡ଼ି ଛିଡ଼ା ହୋଇରହିଛି । ସାଙ୍ଗେ ସାଙ୍ଗେ କହିଲି, "ବାପାରେ ! ମନେପଡ଼ିବ କି ନାହିଁ ପରେ କହିଦଉଛି କଥାଟା ମନେ ରଖିବାକୁ । ଏଇକ୍ଷଣି କିଏ ଜଣେ ଗୁଡ଼ାଏ ବଡ଼ ବଡ଼ ନାନା ରଙ୍ଗର ଗୋଲାପ ଫୁଲର ତୋଡ଼ାଟାଏ ଦେଇ ଚାଲିଗଲା । ପୁଅ ବିଜ୍ଞାନସମ୍ମତ ଦୃଷ୍ଟିକୋଣରୁ ଭାବିଥିବ ବାପାଙ୍କ ସଂଜ୍ଞା କ୍ରମେ ଲୋପ ପାଉଥିବାରୁ ଆଜେବାଜେ ଭାବୁଛନ୍ତି, ଦେଖୁଛନ୍ତି । ମୁଁ ପଚାରିବା ପାଇଁ ଯାଉଥିଲି 'ଡ଼କ୍ଟର ଦାସ ଆସିଲେ କି ?' ପଚାରି ପାରିଲି ନାହିଁ । ଗାଁ, ଗାଁ ଶବ୍ଦଟା ତଣ୍ଟିରେ ରହିଗଲା । ବାସ୍ ସେତିକି ।

Digitized by srujanika@gmail.com

ଏଇ ଜାଗାରେ ସମୟ ଅଟକି ଗଲା, ଘଡ଼ି ଘଣ୍ଟା ମୋ ପାଇଁ ଅନ୍ତତଃ ବନ୍ଦ । କେତେ ସମୟ ପରେ କେଉଁଠି ଚେତା ଆସିଲା ଜାଣେ ନାହିଁ । ତେବେ ସୁପ୍ତ ଉତ୍‌ଥିତରେ ସନ୍ଧି ସ୍ଥଳରେ ଥାଇ ମୋର ପ୍ରଶ୍ନ ହେଲା ମୋହ ପୂର୍ବର ଡ଼କ୍ଟର ଦାସ ଆସିଲେ ?' ବଡ଼ଝିଅ ଆନନ୍ଦ ଗଦ୍‌ଗଦ ହୋଇ ଉତ୍ତର ଦେଲା "ହଁ ହଁ" । ପୁଣି କେତେ ସମୟ ପରର ପ୍ରଶ୍ନ "ଅପାରେଶନ ହେଲା ନାହିଁ ?" ବଡ଼ପାଟିରେ ଉତ୍ତର ଆସିଲା 'ହେଲା, ହେଲା' ପୁଣି କେତେ ସମୟ ପରେ ମୋର ପରବର୍ତ୍ତୀ ପ୍ରଶ୍ନ 'କଣ' କିଛି ବାହାରିଲା ?' ହଁ ହଁ, ଅନେକ ଷ୍ଟୋନ୍ । ପେଟ ଆଡ଼କୁ ଚାହିଁବାକୁ ସାହାସ ହେଲାନି । Very Successful Operation କିଏ କହିଲା । "ଲାହୋରରେ ପାକିସ୍ତାନ କେତେ ସ୍କୋର କଲା ?" କ୍ରମେ କ୍ରମେ ମର୍ତ୍ତ୍ୟକୁ ପୁଣି ଫେରିଲି । ତା'ପରେ ପଚାରିଲି, "କେତେଟା ବାଜିଲା ?" ଉତ୍ତର ଆସିଲା 'ଅଢ଼େଇଟା' । "ଏତେ ସମୟ ଗାଢ଼ ନିଦରେ ଶୋଇଥିଲା ପରି ଲାଗିଲା । କଷ୍ଟ ଯନ୍ତ୍ରଣା କିଛି ନାହିଁ । ଚେତା ଆସୁଥାଏ, ଯାଉଥାଏ । କୋଠରୀ ଚାରିଆଡ଼େ ଆଖି ବୁଲାଇଲି । ଏଇଟା ଆଉ ଗୋଟାଏ କୋଠରୀ, କେବିନ୍ । ନାକରେ ନଳ, ଆକ୍ସିଜେନ ସିଲିଣ୍ଡର୍ ହାତରେ ନଳ ଛୁଞ୍ଚି, ରକ୍ତଦେବା ଯନ୍ତ୍ର, ଦିଆସରିଛି, ସାମାନ୍ୟ ରକ୍ତ ରହିଯାଇଛି ଯହିଁରୁ ଜାଣିଲି ରକ୍ତ ବି ଦିଆଯାଇଛି । କିଏ ଜଣେ କହିଲା "ଜଣେ ମୁସଲମାନର ରକ୍ତ" । ଭଲ ହେଲା ନରମା ମୋର ପ୍ରକୃତି ଏଥର ଟାଣୁଆ ହେବ । କେତେ କେତେ ଲୋକ ମୋତେ ଘେରିଥାନ୍ତି । ମୁଁ ଜଣେ ଭି.ଆଇ.ପି ପାଲଟିଲି । ଧୀରେ ଧୀରେ ପୃଥିବୀକୁ ଫେରୁଥାଏ । "ଚାରିଶ ସାତଟା ପଥର ।" ମୋର ପେନ୍‌ସନ୍ ଚାରିଶ ସାତଟଙ୍କା । ମାଷ୍ଟରୀ ଚାକିରୀ କଲେ ଗୋଟିଏ ଟଙ୍କା ପେନ୍‌ସନ୍ ପାଇବାକୁ ହେଲେ ଗଲ୍ ବ୍ଲାଡ଼ର୍‌ରେ ଗୋଟିଏ transluscient objects ରଖିବାକୁ ପଡ଼ିବ ।

ପାକଲା ପତରଟା ଖସି ପଡୁଥିଲା, ଜୀବନ ପ୍ରତି ମମତା ଚାଲିଯାଉଥିଲା, କିଏ ଯାଦୁକର ଡ଼େମ୍ଫଟାରେ ଅଧିକା ରସ ସଞ୍ଚାର କରିଦେଲା । ଜାବୁଡ଼ି ଧରିଲି ଜୀବନକୁ । ଶୁଣିଥିଲି ଅଠଚାଳିଶ ଘଣ୍ଟା ପାର ହୋଇଗଲେ ମରିବ ନାହିଁ । ବଞ୍ଚିଗଲି । ଚତୁର୍ଥ ଦିନ ବଡ଼ ରୋହୀମାଛର ଚାରିଖଣ୍ଡ ଭଜା ରାତିକୁ ପୁଣି ପୂରା ଗୋଟାଏ ଚିକେନ୍‌ର Stew ଖାଇଲି । ଏଗାର ଦିନରେ ସିଲେଇ ଫିଟା ହେଲା । ଯିଏ ଫିଟାଇଲା ସେ ଆପେ ଆପେ କହିଲା 'a clean wound' । ଖାଲି ଚିହ୍ନଟା ମାତ୍ର ଥାଏ । ଆଠ ଇଞ୍ଚ ଦାଗ । ପେଟଟା ଦି'ଫାଳ କରା ହୋଇଥିଲା । ଡ଼କ୍ଟର ଗୁଣ ମିଛ କହିଲି । କଞ୍ଚା ମାଛ ।

ପଞ୍ଚମ ଦିନ ମୋର ଜଣେ ସମୁଧି ଆସିଲେ । ଦୂରରୁ ସେ ଚିତ୍କାର କଲେ । "କିହୋ ସମୁଧି ! ଅପାରେଶନ ହୋଇଛି ନା ନାହିଁ, ବେଶ୍ ଲାଲ ଦିଶୁଛି ତ । ଏଇ ନିଅ" କହି ସେ ମୋ ହାତକୁ ବଢ଼ାଇଦେଲେ ଏକ ବିରାଟ ଗୋଲାପ ଫୁଲର ତୋଡ଼ା, ଠିକ୍ ଯିମିତି ନାନା ରଙ୍ଗର ଫୁଲତୋଡ଼ାଟା ଅପାରେଶନ ଟେବୁଲରେ ପଡ଼ିଥିଲାବେଳେ ଏକ ଅଦେଖା ହାତ ଦେଇଥିଲା । ମୁଁ କାବ୍‌ବା ! ହତଭମ୍ବ ।

Digitized by srujanika@gmail.com

ଦୀପାବଳି ସନ୍ଧ୍ୟା । ଚାରିଆଡ଼େ ବାଣ ଫୁଟିବାକୁ ଆରମ୍ଭ ହେଲାଣି, ଡ଼ାକ୍ତରଖାନା ଛାତ ଉପରେ ଆଲୋକ ମତେ ଦିଶୁଛି । ମମତା ଜମି ଯାଇଥିଲା କେବିନ ପ୍ରତି ନର୍ସମାନଙ୍କ ପ୍ରତି । ବିଜୟ ଦୃପ୍ତ ଆଲେକଜାଣ୍ଡର ପରି ମୁଁ ପୁଅ ଗାଡ଼ିରେ ବିଜୟ ଶୋଭାଯାତ୍ରାରେ ଝୁରୁଝୁରି, ବତୀଜାଳି ବାଣଫୁଟାଇ ଡ଼ାକ୍ତରଖାନା ଛାଡ଼ିଲି, ମୃତ୍ୟୁକୁ ପରାସ୍ତ କଲି । ଚାଲିଲି ସିଧା ସହରର ନିଛାଟିଆ ଜାଗାର ଜଗନ୍ନାଥ ମନ୍ଦିରକୁ ଯେଉଁଠି ଠିକ୍ ସେତିକିବେଳେ ଆରତି ଧୂପ ଦୀପ ସଂକୀର୍ତ୍ତନ ଚାଲିଥିଲା ।

# ଭାଲୁ ଶିକାର

ମୁଁ ସଉଖୀନ ବା ପେଶାଦାର ଶିକାରୀ ନୁହେଁ। ଜୀବନରେ ବନ୍ଧୁକ କେବେ ଧରି ନାହିଁ । ମୋର ଛୋଟ ପୋଷା କୁକୁରଟିର ହୃଦୟସ୍ପନ୍ଦନ ତାଳପତ୍ର ଫୋଟକାରେ ଯେତେ ବଢ଼ିଯାଏ ବନ୍ଧୁକର ଆୱାଜ ଖଣ୍ଡେ ଦୂରରୁ ଶୁଣିଲେ ମୋର ତା'ର ଦୁଇଗୁଣ ହୁଏ ।

ବାଧବାଧକତାରେ ବା ମୁଖଲଜ୍ଜାରେ ପଡ଼ି ଥରେ ଦୁଇଥର ହୁଏତ ଶିକାରକୁ ଯାଇଛି, ତା' ବି ଏମିତି ଲୋକ ସାଙ୍ଗରେ, ଯେ ନିଜ ଜୀବନ ବିନିମୟରେ ବିପଦବେଳେ ମୋ ଜୀବନ ରଖିବ । ଏମିତି ଦରଦୀ ବିଶ୍ୱସ୍ତ ଲୋକଟିଏ ଥିଲେ ମୟୂରଭଞ୍ଜର ଏସ୍.ପି., ଓଡ଼ିଶାର ଆଇ.ଜି. ସ୍ୱର୍ଗତ ରାମଚନ୍ଦ୍ର ଦାସ, ଆଇ.ପି.ଏସ୍. । ସେ ମୋର ବନ୍ଧୁ ବୋଲି ଦାବୀ କରିବି ନାହିଁ, ସେ ମୋର ସବା ସାନଭାଇ ପରି ଭଲ ପାଉଥିଲେ, ତାଙ୍କ ସ୍ତ୍ରୀ ମଧ୍ୟ ମୋ ସ୍ତ୍ରୀଙ୍କି ସେହି ଆଖିରେ ଦେଖୁଥିଲେ । ଗସ୍ତରେ ଗଲାବେଳେ, ମାଛ ଧରିବାକୁ ଗଲାବେଳେ ଏସ୍.ପି. ମୋତେ ସାଙ୍ଗରେ ନେଇଯାଆନ୍ତି । ମୋର ଖାଇବା ପିଇବା ସୁଖସ୍ୱାଚ୍ଛନ୍ଦ୍ୟରେ କେବେ କୌଣସି ତ୍ରୁଟି ହୁଏନି । ମୋର ଗପ କଥାବାର୍ତ୍ତା ତାଙ୍କୁ ବୋଧହୁଏ ଭଲଲାଗେ । ରଜାରାଜୁଡ଼ା ବିଦୂଷକଟିଏ ତ ଫେର୍ ରଖିଥାନ୍ତି, ଜୀବନ ଜଞ୍ଜାଳରୁ କ୍ଷଣେ ମୁହୂର୍ତ୍ତେ ତ୍ରାଣ ପାଇବା ପାଇଁ ।

ତାଙ୍କ ସାଙ୍ଗରେ ଥରେ ଚଢ଼େଇ ଶିକାରରେ ଯାଇଥିଲି । ଟୁଏଲ୍‌ଭ୍ ବୋର ବନ୍ଧୁକରେ ତିନିଟା ହରଡ଼ ଚଢ଼େଇ (ଗ୍ରୀନ୍ ପିଜିଅନ୍) ମାଇଲେ । ସମସ୍ତେ ଚଢ଼େଇ ମାଂସ ଭଲ କହନ୍ତି, ମତେ ଭଲ ଲାଗିଲାନି । ପୁଣି ଥରେ ଯୋଡ଼ାଏ ଖଡ଼ିହଂସରୁ ଗୋଟାକୁ ଆକାଶରୁ ଖସାଇ ଥିଲେ ଏବଂ ଆହତ ପକ୍ଷୀଟିକୁ ଜଗିବାର ଦାୟିତ୍ୱ ମୋର ଥିଲା । ଦଣ୍ଡେ ପରେ

Digitized by srujanika@gmail.com

ଦେଖିଲି ଆହତ ପକ୍ଷୀଟି ଡ଼ିମ୍ବଟିଏ ମୋରି ଆଗରେ ପାଡ଼ିଲା । ମୋତେ ବହୁତ ଦୁଃଖ ଲାଗିଲା "ମା ନିଷାଦ ପ୍ରତିଷ୍ଠାଂ ତ୍ୱ ... ।" ଦୁଇଥର ଯାକ ଦେଖିଲି ବନ୍ଧୁକ ଫୁଟିଲେ ମୋ ଛାତି ଧଡ଼ପଡ଼ ହେଉଛି ଯିମିତି ଫାଟିଯିବ ବା ଦୁକ୍‌ଦୁକ୍ ବନ୍ଦ ହୋଇଯିବ ।

ତୃତୀୟ ଥର ସେ ମୋତେ ଡ଼ାକିଥିଲେ ଏକ ଭାଲୁ ଶିକାରକୁ । ସେ ସ୍ଥାନର ନାଆଁ ଭାଲୁପାହାଡ଼ି । ପାହାନ୍ତାରେ ଗଣ୍ଡା ଗଣ୍ଡା ଭାଲୁ ଗୋଟାଏ ବଣରୁ ଅନ୍ୟ ଏକ ବଣକୁ ସଡ଼କ ଦେଇ ଅଦୂର ପାହାଡ଼ର ଗୁମ୍ଫାମାନଙ୍କୁ ଯାଆନ୍ତି । ଦୁହେଁ ରାତି ଦୁଇଟାରୁ ଯାଇ ଦୂରରେ ଜିପ୍ ରଖି ଗୋଟାଏ ଗଛରେ ଚଢ଼ିଲୁଁ ଏବଂ ଥାର୍ମୋସ୍‌ରୁ ଚା'କପେ କପେ ପିଇ ଅପେକ୍ଷା କଲୁଁ ଜାନୁଅରଙ୍କୁ । ଗଛରୁ ତଳେ ପଡ଼ିଯିବାର ଭୟ ମୋର ପ୍ରତି ମୁହୂର୍ତ୍ତରେ ହେଉଥାଏ, ଯଦିଓ ଆମେ ଏକ ଶକତ ମଞ୍ଚାରେ ବସିଥାଉଁ । ଭାଗ୍ୟ ଭଲ, ଜୀବଜନ୍ତୁ କେହି ଆସିଲେ ନାହିଁ । ପ୍ରାୟ ସୂର୍ଯ୍ୟୋଦୟ ବେଳକୁ ଆମର ଅଲକ୍ଷିତରେ ଚାଷ ବିଲ ଦେଇ ଗୋଟାଏ ବଡ଼ ହେଟା ବିଚିତ୍ର ଗତିରେ ବାହାରି ଚାଲିଗଲା । ସାହେବ ଗୁଳି ତା' ପଛକୁ ଲକ୍ଷ୍ୟକରି ଫୁଟାଇଲେ; ଗୋଟାଏ, ଦୁଇଟା, ତିନିଟା, ସେ ରକ୍ଷାପାଇଲା, ମୁଁ ବି ।

ଛୋଟ ମୋର ଗାଆଁଟି, ଭୂଗୋଳ ପୋଥିପତ୍ରରେ ତା' ନାଆଁ ପାନ୍ଦଡ଼ା, ସେ କାଳର ମୟୂରଭଞ୍ଜ ଷ୍ଟେଟ୍ ଅନ୍ତର୍ଭୁକ୍ତ । ପ୍ରଖ୍ୟାତ ପତ୍ନତାତ୍ତ୍ୱିକ ପରମାନନ୍ଦ ଆଚାର୍ଯ୍ୟ ମୋତେ କହିଥିଲେ, ପାନ୍ଦଡ଼ା ନାଆଁ ପନ୍ଦାଡ଼ରୁ । ପନ୍ଦାଡ଼ ମାନେ ଜଙ୍ଗଲ । ସତରେ ଆମ ଗାଁ ଜଙ୍ଗଲଘେରା ଅଞ୍ଚଳରେ । ଗାଁ ଚାରିପଟେ ପାଞ୍ଚଛଅଟା ପୋଖରୀ, ପୋଖରୀ ତଳକୁ ବୁଦୁବୁଦିଆ ଏବଂ ତା'ପରେ ଘଞ୍ଚ ଶାଳ ଜଙ୍ଗଲ । ଚାରିପଟେ ଯେଉଁ ଗାଁ ସେମାନଙ୍କ ନାଁ ବାଘଝମ୍ପା, କେନ୍ଦୁଆ, ଖଡ଼ିପାହାଡ଼ି ଭାଲୁଡୁଙ୍ଗୁରି, କେନ୍ଦୁମୁଣ୍ଡି, ହାତୀଆପଥର, ବାଦୁଡ଼ିଘେରା । ସବୁ ନାଆଁର ବଣଜଙ୍ଗଲ ପାହାଡ଼ ପର୍ବତ ଜନ୍ତୁ ଜାନୁଆର ସହିତ ସମ୍ପର୍କ ରହିଛି । ଏବେ ଅବଶ୍ୟ ବଣ ନାହିଁ କି ପାହାଡ଼ ନାହିଁ, ଶିକାର ନାହାନ୍ତି କି ଶିକାରୀ ନାହାନ୍ତି ।

ଦିନ ଥିଲା ମୟୂରଭଞ୍ଜ, ରାଜାମହାରାଜାମାନଙ୍କର happy hunting ground ଥିଲା । ନୀଳଗିରି, ପାରଳାଖେମୁଣ୍ଡି ରାଜାମହାରାଜାଙ୍କଠାରୁ ଆରମ୍ଭ କରି ରାଜସ୍ଥାନର ରାଜାମହାରାଜାମାନେ ବାରିପଦା ଆସୁଥିଲେ । ଆଠ ଦଶ ଦିନ ପାହାଡ଼ ପର୍ବତ ଭିତରେ ଶିକାର ହେଉଥିଲା । ବାଘ ଭାଲୁ ସଂଖ୍ୟାତୀତ, ଅନଭିଜ୍ଞ ଶିକାରୀଟିଏ ବନ୍ଧୁକ ଧରିଲେ ଗୋଟାଏ ଅଧେ ମାରିପାରିବ । ରେଳବାଇ କର୍ମଚାରୀ ଦଳ ଶିକାରରେ ଅସଫଳ ହେଲେ ବୋଲି ନିଜେ ପୁଣ୍ୟଶ୍ଳୋକ ମହାରାଜା ଶ୍ରୀରାମଚନ୍ଦ୍ର ଶିକାର ଦାୟିତ୍ୱ ନେଇ ନିଜର ଶ୍ୟାଳକର ଗୁଳି ଚୋଟରେ ଆହତ ହୋଇ ଅବଶେଷରେ ମୃତ୍ୟୁବରଣ କଲେ । ହାତୀଧରା ଓ ଖେଦା ପାଇଁ ମଧ ମୟୂରଭଞ୍ଜର ଭାରତରେ ନାଁ ଥିଲା । ଜୀବଜାନୁଆର କମି ଆସିବାରୁ ଶିକାର କମିଲା ଏବଂ ଅକଥନୀୟ ଯନ୍ତ୍ରଣା ଓ ଅତ୍ୟାଚାର ଯୋଗୁଁ ଜନସାଧାରଣ ମଧ ବିଦ୍ରୋହୀ ହେଲେ । ଚହଲା ଶିକାର ମୟୂରଭଞ୍ଜ ରାଜବଂଶର ଇତିହାସରେ ଏକ କଳଙ୍କ ।

Digitized by srujanika@gmail.com

ଶୁଣାଯାଏ, ଲୋକଙ୍କ ଭାତପତ୍ରରେ ବୁଟ୍‌ଯୋତା ମାଡ଼ି ଶିକାରର ପଦସ୍ଥ କର୍ମଚାରୀ ପରେଡ୍ କରିଥିଲେ ।

ମୟୁରଭଞ୍ଜ ଗାନ୍ଧୀ ପ୍ରଜାମଣ୍ଡଳ ନେତା (ବର୍ତ୍ତମାନ ବାଚସ୍ପତି ଶ୍ରୀଯୁକ୍ତ ପ୍ରସନ୍ନ କୁମାର ଦାସ ତାଙ୍କର ଏକନମ୍ବର ଚେଲା) ସ୍ୱର୍ଗତ ଶରତ ଚନ୍ଦ୍ର ଦାସଙ୍କ ବିରୋଧ ଓ ଆନ୍ଦୋଳନ ଯୋଗୁଁ ମୟୁରଭଞ୍ଜରେ ଶିକାର ବନ୍ଦ ହେଲା । ପନ୍ତା ଶିକାର ଉଠିଗଲା । ବାଘ ପ୍ରବଳ ହେଲେ । କୌଣସି ବାଘ ଗୋରୁଗାଈ ମଣିଷହନ୍ତା ହେଲେ ମହାରାଜା ନିଜେ ବା ତାଙ୍କ ନିଯୁକ୍ତ କର୍ମଚାରୀ ତାକୁ ନିପାତ କରୁଥିଲେ । ଅନେକ ସମୟରେ ବଡ଼ କରୁଣ କାହାଣୀ ଶୁଣା ଯାଉଥିଲା ବାଘ ଉତ୍‌ପାତର । ତଥାପି ପନ୍ତାଶିକାର ନିଷେଧାଜ୍ଞା ମହାରାଜା ଉଠାଇଲେ ନାହିଁ । ଅନ୍ୟାନ୍ୟ ଜୀବଜନ୍ତୁ ଯଥା ହରିଣ, ସମ୍ବର, ଗୟଳ, ହାତୀ ସଂଖ୍ୟା ଯେତେ ବଢ଼ିଲେ ତା' ଅପେକ୍ଷା ଭାଲୁ ସଂଖ୍ୟା ବହୁଗୁଣ ବଢ଼ିଲେ । କାରଣ ଭାଲୁ ସେମିତି କିଛି କ୍ଷତି କରେ ନାହିଁ । କେହି ମାରିବାରେ ମନ ଦିଅନ୍ତିନି । ହାବୁଡ଼ରେ ପଡ଼ିଲେ ଖଣ୍ଡିଆ ଖାବରା କରେ ମାତ୍ର ।

ଓଡ଼ିଶା ସହିତ ମୟୁରଭଞ୍ଜ ମିଶ୍ରଣକୁ ଆଉ ବର୍ଷେ ଅଧେ ଥାଏ । ମାଡ଼ି ଆସୁଥିବା ଦୁର୍ଯୋଗକୁ ଲଘୁକରିବା ପାଇଁ ବା ଅବସର ବିନୋଦନ ପାଇଁ ମହାରାଜା ସସ୍ତ୍ରୀକ କାଶ୍ମୀର ଯାତ୍ରା କଲେ । କାଶ୍ମୀରରେ ମାରଖୋର ବୋଲି ବଡ଼ ବଡ଼ ଏକ ଜାତିର ବଣୁଆ ଛେଳି ମିଳନ୍ତି । ଶିକାରୀମାନେ ତା'ର ବଡ଼ ବଡ଼ ମୋଟା ଶିଙ୍ଗ ଥିବା ମୁଣ୍ଡକୁ ବୈଠକଖାନାରେ ଝୁଲାନ୍ତି ଦର୍ଶନୀୟ ଚିଜ ଆକାରରେ ବା ବୀରତ୍ୱର ଟ୍ରଫି (ନିଦର୍ଶନ) ଆକାରରେ । ଅନେକ ଦିନ ନିଜ ରାଜ୍ୟରେ ନିଜକୁ ଶିକାରରୁ ନିବୃତ୍ତ ରଖି ହୁଏତ କାଶ୍ମୀରରେ ବେପରୁଆ ଶିକାର ମନୋବୃତ୍ତି ଚରିତାର୍ଥ କରିବା ବୋଧହୁଏ ତାଙ୍କର ଏ କାଶ୍ମୀର ଗସ୍ତର ଅଭିପ୍ରାୟ ।

ଶାସନ ଦାୟିତ୍ୱରେ ରହିଲେ ଦେବାନ ମେଜର ବି.ପି. ପାଣ୍ଡେ । ପୂର୍ବକେ ଦେବାନ କେ.ସି. ନିୟୋଗୀ କେନ୍ଦ୍ରର ପୁନର୍ବସତି ମନ୍ତ୍ରୀ ଓ ପରେ ପରେ ରେଲୱେ ମନ୍ତ୍ରୀ ଅବ୍ୟାହତି ନେବାରେ ମେଜର ପାଣ୍ଡେ ଅଧିଷ୍ଠିତ ହେଲେ । ନିୟୋଗୀ ଯଦି ପାଉଥିଲେ ତିନି ହଜାର, ଏ ପାଇଲେ ପନ୍ଦର ଶହ । ମେଜର ପଦବୀଟି ମିଲିଟାରୀ ନୁହେଁ, କେଉଁ ଏକ ଗୋଷ୍ପଦ ପ୍ରମାଣ ରାଜ୍ୟର ରାଜା ୟାଙ୍କ ବୀରତ୍ୱରେ ମୁଗ୍‌ଧ ହୋଇ ଏ ପଦବୀ ଅର୍ପଣ କରିଥିଲେ । ସୁନ୍ଦର ଚେହେରା, ସ୍ଥୂଳ ବପୁ, ପୋଷାକ ପରିଛଦ ଚେହେରା ଅନୁରୂପ । ଚେୟାର ବେଶ୍ ମାନେ ସେ ବସିଲେ । ମହାରାଜାଙ୍କ ସହିତ ସେ ସ୍ପର୍ଦ୍ଧା କରିବାକୁ ଚାହାଁନ୍ତି । ମହାରାଜା ଶିକାର କରିବାକୁ କାଶ୍ମୀର ଯିବେ, ସେ ଅନ୍ତତଃ ମୟୁରଭଞ୍ଜରେ କୌଣସି କ'ଣ ହେଲେ ଶିକାର ମନା । ଲୋକଟି ଖୁବ୍ ଶାନ୍ତ । ଖୁବ୍ ହସ ଖୁସି ମେଜାଜର । ଯେତେବେଳେ ହସନ୍ତି ତାଙ୍କ ପେଟ ବି ହସି ହସି ଡ଼ିଆଁମାରେ । ଅଫିସ୍‌ରେ କାମ ଖୁବ୍ କମ୍ । ତାଙ୍କ ଇଂରାଜୀ ବା ହିନ୍ଦୀ ମୟୁରଭଞ୍ଜର ଲୋକେ ପ୍ରାୟ ବୁଝନ୍ତି ନାହିଁ । ପ୍ରଜାଙ୍କ ଓଡ଼ିଆ ବା ସାନ୍ତାଳୀ ସେ ବୁଝନ୍ତି ନାହିଁ । ଓଡ଼ିଆ ପଦେ ଅଧେ କହିଲେ ଭାଷାର ଲାଳିକା

Digitized by srujanika@gmail.com

ପରି ଲାଗେ । କେବଳ କେତୋଟି ଫାଇଲ ଟେବୁଲ ଉପରେ ଥାଏ । ଉତ୍ତରପ୍ରଦେଶର ପାନ ଖାଆନ୍ତି ମେଜାଜ ଖୁସ୍ ଥିଲେ ।

ମହାରାଜା କାଶ୍ମୀର ଚାଲିଯିବାରୁ ଏସ୍.ପି.ଙ୍କ କାମ ବି ହାଲୁକା ହେଲା । ଦେବାନ ଆଉ ଏସ୍.ପି ଦୁହେଁ ରାଜ୍ୟ ସମ୍ଭାଳୁଛନ୍ତି । କିମିତି କେଜାଣି ଦି'ଜଣ ଶିକାର ଆଡ଼କୁ ମନ ବଳେଇଲେ । ମେଜର ସାହେବଙ୍କର ଯୁଦ୍ଧ ଫ୍ରଣ୍ଟ ବେଳର ନିଆଁ ଲିଭାଳି କମିଶନର ଆଉ ହୋମ୍‌ଗାର୍ଡ଼ର ମାଲିକ ଆକାରରେ ଯେଉଁ ମିଲିଟାରୀ ଧରଣର ଖାକୀ ପୋଷାକ ଥିଲା ତାକୁ ପ୍ରାୟ ପ୍ରତିଦିନ ଯୁଦ୍ଧ ସରିଥିଲେ ବି ସେ ପିନ୍ଧି କରି ଆସିଲେ । ଏମ୍ବାସାଡ଼ର କାର୍ ଛାଡ଼ି ମାଟି ଜିପ୍‌ରେ ଚଢ଼ିଲେ, ଏପରିକି ପୋଲିସ୍ ସାହେବଙ୍କ ଫେଶନ୍ ଅନୁକରଣରେ ଫେଲ୍‌ଟହେଟ୍ ଲଗାଇ ଦିନେ ଦିନେ ଚଢ଼େଇ ପର ଗୁଞ୍ଜି ଅଫିସ୍‌କୁ ଆସିଲେ । ଶିକାର ବନ୍ଦଥିବାରୁ ପୋଲିସ୍ ସାହେବଙ୍କ ପାଲରେ ପଡ଼ି ମେଜର ପାଣ୍ଡେ ମାଛ ଶିକାରରେ ବି ଦିନେ ଦିନେ ବାହାରିଲେ । ନିଷ୍କଳା (ଶିଶୁପାଳ) ହୋଇ ଫେରି ଷ୍ଟେନୋକୁ ଡ଼ାକିବାକୁ ଆରମ୍ଭ କରନ୍ତି- In course of his tours Major. B.P. Panda BA LLB FRCS addressed mammoth gathering...”

ପୂଜା ଛୁଟିରେ ଦି' ଚାରିଦିନ ପାଇଁ ଗାଁକୁ ଯାଇଥାଏ । ଯେଉଁଠି ବସିଲି, ଯେଉଁଆଡ଼େ ବୁଲାବୁଲି ପାଇଁ ବାହାରିଲି ସବୁଠି ସେଇ ଏକ କଥା । ଭାଲୁଙ୍କ ଉତ୍ପାତ । ଏ ଗାଁରେ ଆଉ ରହିହବନି । ବୋହୂ ଝିଅ ବେଳବୁଡ଼କୁ ପୋଖରୀ ତୁଠକୁ ଯିବାକୁ ଡ଼ରିଲେଣି । ଘଡ଼ିଏ ରାତିକୁ ଗାଁମୁଣ୍ଡ, ଗୋବରଗଦା ସବୁଠି କଳା କଳା ଭାଲୁ । ଉଈ ପାଇଁ ବିଲ ହିଡ଼ସବୁ ତାଡି ଦେଲେ, ଗଛରେ ବରକୋଳି ରହିଲା ନାହିଁ ! ଇଏ ଯାହା ହେଉଛି ସହିହେବ; କିନ୍ତୁ ଲୋକଙ୍କୁ ଖଣ୍ଡିଆ ଖାବରା କରି ଦେଉଛନ୍ତି । ଅଙ୍ଗୁଠୁ ମଣ୍ଡଳର ଆଖି ଗୋଟାଏ ଉପାଡ଼ି ଦେଲା, ଗୋବରା ମୁଣ୍ଡାର ଗାଲପାଟି ଫାଳେ ନାହିଁ, ହରି ବଗାଳର ଖପୁରି ଖୋଲି ଦେଇଛି । ମାଲଦାସ ମାଝୀର ପେଟଚିରି ଅନ୍ତବୁଜୁଳା ବାହାର କରିଦେଲା । ସେ ସିନା ଟାଣୁଆ ଲୋକ ବୋଲି ବାଲିଗୋଡ଼ି ସହିତ ବୁଜୁଳା ପେଟରେ ପୂରାଇ ଡ଼ାକ୍ତରଖାନା ଚାଲିଗଲା । ଆମର କାଳା ମୂଳିଆ କିନ୍ତୁ ତାକୁ କେଞ୍ଚେଇ ଦେଇଛି, ଯିମିତି ଭାଲୁ ଆସି ତାକୁ କୁଣ୍ଢେଇବାକୁ ଯାଇଛି କାଳା କୁଣ୍ଢପରା କଣ୍ଟାଳିଆ ଶିମୂଳିମୂଳ ଉଢ଼ାଳକୁ ଚାଲିଗଲା । ଭାଲୁର ଦି'ହାତ ଧରି ଦହି ମୁହାଁ କରି ଦେଲା ଯେ, ତା'ର ଛାତିର ଚୂଳ ସବୁ ଉପୁଡ଼ିଗଲା । ଏମିତି କେତେ ସତ, କେତେ ଗାଲୁ ଭାଲୁ ଉପାଖ୍ୟାନ ।

ବାରିପଦା ଫେରି ପ୍ରଥମେ ଏସ୍.ପି.ଙ୍କୁ ଗାଁର ହାଲ ହରକତ କହିଲି । ଭାଲୁ ଉପଦ୍ରବ ବିଷୟରେ ଦୈବାତ୍ ଗାଁବାଲାଙ୍କଠାରୁ ଯେଉଁ ଲିଖିତ ଦରଖାସ୍ତ ନେଇଥିଲି, ତାକୁ ସାହେବଙ୍କୁ ଦେଲି । ସେ କହିଲେ; “ବୁଦ୍ଧିର କାମ କରିଛ ।” ସାଙ୍ଗେ ସାଙ୍ଗେ ମୋତେ ଧରି ଜିପ୍‌ରେ ମେଜରଙ୍କ ଅଫିସ୍‌କୁ ଚାଲିଲେ । ତାଙ୍କରି ଇଙ୍ଗିତ ପାଇ ଦେବାନଙ୍କ ଆଗରେ

Digitized by srujanika@gmail.com

ଗଳ୍ପ କବିତାମୟ ବର୍ଣ୍ଣନାଟିଏ ପେଶ୍ କଲି । ମୋତେ ବିଦାୟ ଦେଇ ଦୁହେଁ ସମୟ କେତେ କ'ଣ ଆଲୋଚନା କଲେ । ସେଇଦିନ ସନ୍ଧ୍ୟାରେ ମୋ ବସାକୁ ଆସି ସାହେବ କହିଲେ; "ପ୍ରସ୍ତୁତ ଥାଅ, ବନ୍ଦୋବସ୍ତ କରୁଛି, ତୁମ ଗାଁର ଭାଲୁମାନଙ୍କୁ ଦେଖିବା ।"

ପରଦିନ ଦେବାନ ସାହେବଙ୍କୁ କୋଠିରେ ଦେଖିଲି ଖାକି ହାଫ୍‌ପେଣ୍ଟ ପିନ୍ଧି ବଡ଼ ବଡ଼ ଲାଲ ଜଙ୍ଘ ଦେଖାଇ ବନ୍ଧୁକ ନଳୀ ସଫା କରୁଛନ୍ତି ଏବଂ ଥରକୁ ଥର କାଳ୍ପନିକ ଭାଲୁଆଡ଼କୁ ନଳୀ ଦେଖାଇ ଟ୍ରିଗାର୍ ଟାଣିବା ଅଭ୍ୟାସ କରୁଛନ୍ତି । ମୋତେ ଦେଖି ସେ କହିଲେ, "ଶତପଥି, ଭାଲୁଗୁଡ଼ାକ ସହଜରେ ମରନ୍ତି ନାହିଁ, ଛାତିରେ କଲିଜା ଉପରେ ଗୁଳିଚୋଟ ବସିଲେ ଠାଏଁ ବସିଯିବେ । ଦକ୍ଷ କୌଶଳୀ ଶିକାରୀ ନ ହେଲେ ଭାଲୁ ଶିକାରକୁ ଯିବା ଉଚିତ୍ ନୁହେଁ । ମୋର ଗୋଟାଏ ଭାଲୁ ଚମଡ଼ା ଦରକାର । ବୈଠକଖାନାରେ ଝୁଲାଇବି, ବାଘ ହରିଣ ଚମଡ଼ା ତ ଅଛି । ନିଜେ ଜାନୁଆର ମାରିନି, ଚମଡ଼ାସବୁ କାଲକାଟାରୁ କିଣିଥିଲି । ଭାଲୁ ନିଜେ ମାରି, ତାରି ଚମଡ଼ା ଝୁଲାଇବି । ତୁମରି ଗାଁର ଭାଲୁଚମଡ଼ା, ସମଜା !"

ଗେଜେଟ୍, ମାଗାଜିନ୍, ପ୍ରଜାସଭା ଆଦି ବିଚ୍ଛିନ୍ନ ଲୋକ ସମ୍ପର୍କିତ କାର୍ଯ୍ୟମାନଙ୍କର ଦାୟିତ୍ୱରେ ଥିବାରୁ ଏବଂ ମହାରାଜା, ଦେବାନ, ଏସ୍.ପି. ଆଦି ରାଜ୍ୟର ପୁରୋଧାମାନଙ୍କ ସହିତ ବରାବର ବସାଉଠା କରିବାକୁ ପଡୁଥିବାରୁ ମୋର ବି କ୍ରମେ ଉପଲବ୍ଧ ହେଉଛି ଯେ, ମୁଁ ବି ରାଜ୍ୟଶାସନ କରୁଛି । ଅଫିସ୍‌ରେ ବସିଛି ଫୋନ୍ ଆସିଲା, "ବସନ୍ତ, ମୋ ଅଫିସ୍‌କୁ ଆସ, ଏସ୍.ପି. କହୁଛି, ସାଙ୍ଗେ ସାଙ୍ଗେ ଆସ ।"

ସାହେବଙ୍କ ଅଫିସ୍‌ରେ ଦେଖିଲି ଆମ ବାଙ୍ଗିରିପୋଷି ଥାନାବାବୁ ଫର୍ଦ୍ଦେ ଲମ୍ବା କାଗଜରେ ମେପ୍‌ଟିଏ ହାତରେ ଆଙ୍କି ଟେବୁଲରେ ଥୋଇ ସାହେବଙ୍କୁ ବୁଝାଇବାକୁ ଆରମ୍ଭ କରୁଛନ୍ତି, ନଇଁପଡ଼ି । ମୁଁ ବି ଚେୟାରରେ ନ ବସି ଟେବୁଲ ଆଡ଼କୁ ଝୁଙ୍କିପଡ଼ି ଯୋଗଦେଲି ସେମାନଙ୍କ ସହିତ । ଥାନାବାବୁ ବୁଝାଉଛନ୍ତି, "ସାର୍, ଏଇ ଦେଖନ୍ତୁ ସାବ୍, ଏଇଟା ହେଲା ପାଞ୍ଚନମ୍ବର ହାଇୱେ, ବାରିପଦାରୁ ବମ୍ବେ ଛକ ଆଡ଼କୁ ଯାଇଛି, ଏଇଟା ସାର୍ ସତର ମାଇଲ ପଥର, ପାଖ ଗାଁର ନାଆଁ ଝାଡ଼ପୋଖରିଆ । ଖାଣ୍ଟି ମାଇଲିଏ ଧରି ଏଇ ରାସ୍ତାର ଦୁଇ କଡ଼ରେ ଜଙ୍ଗଲ । ପଶ୍ଚିମଆଡ଼କୁ ଏଇ ସାର୍‌ଙ୍କ ଗାଁ ପର୍ଯ୍ୟନ୍ତ ପୋଖରୀଆ ଜଙ୍ଗଲ । ଭାଲୁ ଯାରି ଭିତରେ ଅଛନ୍ତି, ଦୁଇ ଦିନ ହେଲା ଲୋକଙ୍କୁ ଲଗାଇ ଜଗି ଦେଇଛି, ଯିମିତି ସାର୍, ଭାଲୁ ପୂର୍ବ ପାଖକୁ ଯାଇପାରିବେ ନାହିଁ । ପାଞ୍ଚଟା ଗାଁର ଲୋକେ ଏଇପଟୁ ପନ୍ତା ଧରି ପଶ୍ଚିମକୁ ଅର୍ଥାତ୍ ସାର୍‌ଙ୍କ ଗାଁ ଆଡ଼କୁ ଯିବେ । ଦିନ ଦଶଟା ଏଗାରଟାରେ ଲାଇନ୍ ଚାଲିବ, ଛୋଟ ଜଙ୍ଗଲଟା, ତିନିଟା ବେଳକୁ ଭାଡ଼ି ପାଖରେ ଜାନୁଆର ପହୁଞ୍ଚିଯିବେ । ଲୋକମାନେ ପଇସାପତ୍ର କିଛି ନେବେନି । ଘରୁ ଖାଇକରି ଆସିବେ, ସାର୍ । ଲୋକେ ବହୁତ ରାଗିଯାଇଛନ୍ତି, ଯିମିତି ହେଉ ଭାଲୁବଂଶ ନିପାତ କରିବେ, ସାର୍ !"

Digitized by srujanika@gmail.com

ମୋଟା ପେଟା ଥାନାବାବୁ । ନିଃଶ୍ୱାସ ପୁଣି ସଂଗ୍ରହ କରି ପୁଣି ଖିଅ ଧଇଲେ "ଏଇ ପଟେ, ପୋହଳାମୁଣ୍ଡା ପଟେ, ଜଙ୍ଗଲ ସରିଛି । ପତଳା ଜଙ୍ଗଲର ପ୍ରାୟ ଶହେଗଜ ଭିତରକୁ ତିନିଟା ମଞ୍ଚା କରେଇଛି । ଭାଲୁ ନିଶ୍ଚୟ ମରିବେ, ସାର୍! ଶନିବାର ଦିନ ବାରଟାବେଳକୁ ପହଞ୍ଚ ଯିବେ ସାର୍, ଚଉକିଆ ରାସ୍ତା ଦେଖାଇ ଦେବେ, ମୁଁ ଛିଡ଼ା କରେଇଛି, ସାର୍ । ବନ୍ଦୋବସ୍ତ ପକ୍‌କା । ଆମ ସିଆଡ଼େ ପ୍ରଜାମଣ୍ଡଳ କର୍ମୀ କେହି ନାହାନ୍ତି, ସାର୍! ଆମେ କ'ଣ ପନ୍ତା ଶିକାର କରୁଛୁ ?"

ସାହେବ କହିଲେ, "ବସନ୍ତ ! ଶୁଣିଲ ତ । ଶନିବାରକୁ ପ୍ରସ୍ତୁତ ହୁଅ !" ଟିକିଏ ରୋମାଣ୍ଟିକ ହୋଇ କହିଲେ, "ତୁମ ମିସେସ୍‌କୁ କୁହ ସେ ଦୁଇଦିନ ଆଗରୁ ଗାଁକୁ ଯାଆନ୍ତୁ । ଯେତେପ୍ରକାର ତାଳପିଠା ସେ କରି ଆମକୁ ଖୁଆଇବେ ସେତେ ପ୍ରକାର ତାଙ୍କର ପିଲାଝିଲା ହେବେ ।" (ସାହେବଙ୍କ ଆର୍ଶୀବାଦରୁ ମୋର ଆଠୋଟି ହେଲେ, ମିସେସ୍ କ'ଣ ଆଠପ୍ରକାର ତାଳପିଠା ଅତିଥିଙ୍କୁ ପରଶି ଥିଲେ ? ହାୟ ହାୟ ! ସାହେବ ନାହାନ୍ତି କି ମୋ ସାହାବାଣୀ ନାହିଁ ।) ବହୁଦିନ ପୂର୍ବେ ମହାମତି ଟଲଷ୍ଟୟଙ୍କ The Bear Hunt ପଢ଼ିଥିଲି । ଆଗ୍ରହ, ତାକୁ ମନେପକାଇ ଦ୍ୱିଗୁଣିତ ହେଲା ମୋର ।

ଶିକାରୀମାନଙ୍କ ବହୁ ପ୍ରତୀକ୍ଷିତ, ଘଟଣାବହୁଳ, ଭାଗ୍ୟ ପରୀକ୍ଷାର ସେଇ ଶନିବାର ଦିନଟି ଆସିଗଲା ଏବଂ ଯଥା ସମୟରେ ଦୁଇଟି ଗେରୁଆ ରଙ୍ଗର ଜିପ୍ ଏବଂ ଗୋଟିଏ ପୁଟୁରୀ ବେବି ଅଷ୍ଟିନ୍ କାର ପୋହଳାମୁଣ୍ଡା ଗାଁ ମୁଣ୍ଡରେ ତିନିମଞ୍ଚ ଠାରୁ ପ୍ରାୟ ଶହେଗଜ ଦୂରରେ ଛିଡ଼ାହେଲା ।

ମେଜର ପାଣ୍ଡେଙ୍କ ସବୁ grand, pompous bombastic କଥା, କାମ, ଚାଲିଚଳନ ଏପରିକି ଲେଖାଶୈଳୀ । ତାଙ୍କ ଲେଖାପଢ଼ି ମହାରାଜା ମନ୍ତବ୍ୟ କରିଥିଲେ high falutin untranslatable nonsense. ତାଙ୍କ ଗାଡ଼ିରେ ଡ୍ରାଇଭର ଓ ତାଙ୍କ ପଚରାଶି ଓ ସେ ଡ୍ରାଇଭରର ବାଁ ପାଖ ଦୁଇଜଣଙ୍କ ସିଟ୍ ମାଡ଼ି ବସିଥିଲେ । ଗାଡ଼ିରେ ଏତେ ଆସବାବ୍‌ପତ୍ର ସାଜସରଞ୍ଜାମ ଯେ ଯଦି ଭାଲୁ ମରେ ବା ସେ ନିଜେ ମାରିପାରନ୍ତି ତେବେ କେଉଁଠି ରଖାଯିବ ତାହା ଫେରିଲାବେଳେ ଏକ ସମସ୍ୟା ହେବ । ଦୁଇ ନମ୍ବର ଜିପ୍‌ରେ ଏସ୍.ପି. ତାଙ୍କ ତରୁଣପୁଅ ଓ ଡ୍ରାଇଭର-Cum-ଚପରାଶି । ଅଷ୍ଟିନ୍‌ରେ ରାଜବଂଶୀୟ ବଡ଼ବାବୁ ଏବଂ ମୁଁ । ଗାଡ଼ିରୁ ସମସ୍ତ ଓହ୍ଲାଇ ପଡ଼ି ଥର୍ମୋସରୁ ଚା' କଫି ପରେ ଭାଡ଼ି ବା ମଞ୍ଚାଆଡ଼କୁ ଅଗ୍ରସର ହେଲୁଁ ।

ଏସ୍.ପି. ତିନିଟା କାଠି ଧରି ପ୍ରଥମେ ଦେବାନ ସାହେବଙ୍କୁ ଚାହିଁ କହିଲେ "ନିଅନ୍ତୁ ଗୋଟାଏ" । ହସହସ ବଦନରେ ସେ ଧଇଲେ । "Sir, yours is number one" ଯେଉଁଟା ସେ ଧରିଥିଲେ, ବି ନମ୍ବର ଓ୍ୱାନ୍ ତାଙ୍କର ପଡ଼ିଥାନ୍ତା, କାରଣ ତାଙ୍କରି ମଞ୍ଚାଟି ଏମିତି ଟାଣୁଆ ଯେ ସହଜରେ ଓଜନରେ ଭାଜିବ ନାହିଁ । ଦୁଇ ନମ୍ବର ଅର୍ଥାତ୍

Digitized by srujanika@gmail.com

ମଝିଭାଡ଼ିଟି ସାହେବ ଓ ତାଙ୍କ ଦୁଇ କଲେଜ ପଢ଼ନ୍ତା ଯାଆଁଳା ପୁଅ, ତୃତୀୟଟି ବଡ଼ବାବୁଙ୍କର।

ଜିପ୍‌ରୁ ମୋଟା ମୋଟା ଚମଡ଼ାର ଗଦି ମଞ୍ଚା ଉପରେ ପଡ଼ିଲା। ଦି'ଜଣ ଲୋକଙ୍କ ସାହାଯ୍ୟରେ ମେଜର ପାଣ୍ଡେ ମଞ୍ଚ ଉପରକୁ ବିଜେ କଲେ। ମଞ୍ଚଟା ଦି'ଚାରିଥର ଏପଟ ସେପଟ ଦୋହଲିଲା। ଗଦି ଉପରେ ଚକାପକାଇ ବସିଲାବେଳକୁ କର୍ କର୍ କଟ୍, କେଁ, ଆଦି ନାନା ସୁର ବାହାରିଲା। ଡ଼ାଳପତ୍ର ଭିତରେ ଅନୁରୂପ ରଙ୍ଗର ଖାକୀ ପୋଷାକ ପିନ୍ଧି ବନ୍ଧୁକ ଧରି ସେ ବସିପଡ଼ିଲେ। ଯଦି ଖାକୀ ରଙ୍ଗର ଜାନୁଆର ଶିକାର କରିବାର ଥାଆନ୍ତା ତେବେ ମେଜର ସାହେବଙ୍କୁ ଯେ କେହି ଶିକାରୀ ଜାନୁଆର ଭ୍ରମରେ ଗୁଳି ଚଳାନ୍ତା । ଯିମିତି ଏକଦା ମହାରାଜାଙ୍କୁ ଭାଲୁ ଭ୍ରମରେ ଗୁଳି ଲକ୍ଷା ଯାଇଥିଲା। ମୁଁ ଧଳା ପଞ୍ଜାବୀ ଓ ଧୋତି ପିନ୍ଧି ତାଙ୍କ ପାଖରେ ଥିବାରୁ ସେ ଭୟ ସାହେବଙ୍କର ବୋଧହୁଏ ନ ଥିଲା। ମନେ ମନେ ମେଜର ମୋତେ ରାଗୁଥିଲେ କାରଣ ମୋର ଧଳା ପୋଷାକ ଦେଖିଲେ ଜାନୁଅର ଆସିବେ ନାହିଁ ଆମ ଆଡ଼କୁ। ମୋର ବି ଦେବାନ ସାହେବଙ୍କ ପାଖରେ ବସିବାର ଇଛା ନଥିଲା, କାରଣ ମୁଁ ବିଡ଼ି ଟାଣିପାରିବି ନାହିଁ। ଭୟ ଥିଲା, ଭାଲୁ ନୁଆଣିଆ ମଞ୍ଚା ଉପରକୁ ଚଢ଼ି ଆସିବ ଏବଂ ମେଜର ପାଣ୍ଡେ ମତେ ରକ୍ଷା କରିପାରିବେ ନାହିଁ।

ହେମନ୍ତ ଅପରାହ୍ନର ସୂର୍ଯ୍ୟ ଦିହରୁ କିରଣ ଦେଇ ତରଳ ସୁବର୍ଣ୍ଣ ଝରିଆସୁଛି। ତେଣେ ପନ୍ତା କମି କମି ମରି ଆସିଲାଣି। ଦୂରରୁ ବେଶ୍ ଜାଣିହେଉଛି, ଲୋକମାନେ କ୍ରମେ ପାଖେଇ ଆସୁଛନ୍ତି। ଯଦିଓ ବାଜା, ଢ଼ୋଲ, କଂସାଳ ସେମାନେ ବ୍ୟବହାର ନ କରି ବାଡ଼ି ଖଣ୍ଡେ ଖଣ୍ଡେ ଧରି ହାତ୍ ହାତ୍ ଧେତ୍ ଶବ୍ଦ କରି ଚାଲିଛନ୍ତି, ଭାଲୁ ଯେ ଆସୁଛି ସନ୍ଦେହ ନାହିଁ। ଥରେ ଥରେ ଜୋର ସମବେତ୍ ହଇହଲ୍ଲା ହେଉଛି ଯହିଁରୁ ଜାଣୁଛୁ ଭାଲୁ ସେମାନେ ଥରକୁ ଥର ହାବୁଡ଼ାଉଛନ୍ତି।

ଆମରି ସନ୍ମୁଖ ଦେଇ ପ୍ରଥମେ ଆସିଲା ବଡ଼ ବଣୁଆ ନେଉଳଟାଏ, ମାଟିଆ ଜସରା ରଙ୍ଗ, ଓଧ ସାଇଜ୍ ହେଇଛି। ମେଜରଙ୍କ କାନ ପାଖରେ କହିଲି "Sir, that's good sign. ସେ ଓଠରେ ବିଶିଆଙ୍ଗୁଠି ଥୋଇ ମୋତେ ଚୁପ୍ ରହିବାକୁ କହିଲେ। ତା'ପରେ କୋକିଶିଆଳଟାଏ। ଏଇଟା good sign. କିନ୍ତୁ ମୁଁ ଚୁପ୍ ରହିଲି। ଶିଆଳ ବି ପଛରେ ଆସୁଥିବା କୁକୁର ଭୟରେ ବଣ ଛାଡ଼ି ଗାଁର ପୋଖରୀ ଗାଡ଼ିଆଆଡ଼କୁ ଚାଲିଗଲା ହଂସ କୁକୁଡ଼ା ସନ୍ଧାନରେ। ଆମ ଆଡ଼କୁ ଟିକିଏ ହସି ଦେଇ ବୁଦାଳିଆ ଇଲାକାକୁ ପାର ହୋଇ ଗାଁ ପଡ଼ିଆ ପହୁଞ୍ଚୁଛି କି ନାହିଁ ଆମ ସାମନା ଫାଙ୍କା ବାଲିଆ ଜାଗାରେ ଶିଙ୍ଗାଳ ହରିଣୀଟିଏ ଧାଇଁ ପାର ହୋଇଗଲା। ସାଙ୍ଗେ ସାଙ୍ଗେ ସ୍ଥାନଟା କବିତାମୟ ହୋଇଗଲା "ବଣ ହରିଣୀ, ଧାମନ୍ତେ, ସୁନ୍ଦର ଧରଣୀ।" "ମାରନା ମାରନା, ଆଶ୍ରମ ମୃଗ ଏ, ବାଧ ନୁହେଁ ଛାମୁଙ୍କର" ଆପେ ଆପେ ମୋ ମନକୁ ଆସିଗଲା। ଦେବାନ ସାହେବ ବନ୍ଧୁକ

Digitized by srujanika@gmail.com

ଉଠେଇବେ କି ନାହିଁ ଭାବୁଛନ୍ତି ସେ ଠିକ୍ ଆମରି ମଞ୍ଚା ତଳେ ଛିଡ଼ାହୋଇ ଆମ ଆଡ଼କୁ ଚାହିଁଲା। ମୁଁ ଇଚ୍ଛା କରିଥିଲେ ନଇଁପଡ଼ି ତା' ଶିଙ୍ଗ ଧରି ପାରିଥାନ୍ତି। ହରିଣ ଅବଧ ମହାରାଜା କାଶ୍ମୀରରୁ ଫେରି ଯେବେ ଶୁଣିବେ! ଭାଲୁ ବଧ ସଫେଇ ଦେଇହେବ। ଶିଙ୍ଗାଳ ହରିଣୀକୁ ମୁଁ ଏବେ ବି ଦେଖିପାରୁଛି, ଜିପ୍ ପାଖ ଦେଇ ପୁଣି ବୁଲି ବଣ ଭିତରକୁ ପଶିଯାଉଛି।

ସବୁ ଜୀବଗୁଡ଼ାକ ଆମ ପାଖ ଦେଇ ଆସୁଛନ୍ତି ବୋଲି ମୋର ଛାତି ଦୁକ୍ ଦୁକ୍ ହେଉଥାଏ। ବନ୍ଧୁକ ମୋରି କାନ ପାଖରେ ଫୁଟିବ! ହେଇ ତ ପ୍ରାୟ ଶହେ ଗଜ ଦୂରରେ ଲୋକଗୁଡ଼ାକ ଦିଶୁଛନ୍ତି; ଜାନୁଆର ନାହାନ୍ତି "ବୋଧହୁଏ" କହୁଁ କହୁଁ ଧପାସ୍ ଧପାସ୍ ହୋଇ ଏକ ଅତିକାୟ ଭାଲୁ ମୁହଁକୁ ପ୍ରାୟ ବାଲି ସହିତ ମିଶାଇ ଧାଇଁଛି। ଏତିକିବେଳେ ଦେବାନ ସାହେବ ଅପ୍ରସ୍ତୁତ ଥିଲେ। ଧଡ଼ପଡ଼୍ ହୋଇ ବନ୍ଧୁକ ଟେକି ଜାନୁଆର ଆଡ଼କୁ ମୁହାଁଇଲେ। ଭାଡ଼ି ଜୋର୍‌ରେ ଦୋହଲିଲା, ସାହେବଙ୍କ ଅଙ୍ଗ ଭାରରେ। 'ଏଇ ଫୁଟିଲା ଏଇ ଫୁଟିଲା' ଭାବି ମୁଁ କାନ ଦୁଇଟାରେ ଆଙ୍ଗୁଳି ପୂରାଇ ଆଖି ବନ୍ଦ କରି ରହିଛି। ଖଟ୍ ଖାଟ୍ ଶବ୍ଦ ହେଲା। କାହିଁ ଶବ୍ଦ ନାହିଁ, ଧୂଆଁ ବି ନାହିଁ। ମେଜର ଉଁ ଆଁ ହୋଇ "misfire" ଏ ଶବ୍ଦର ଅର୍ଥ ବୁଝିଲି ନାହିଁ। ଆଉ ଗୁଳିଟାଏ ପୂରାଉ ପୂରାଉ ଭାଲୁ ପଳାଇ ଯିବାର ଚେଷ୍ଟା ନ କରି ଚିତ୍‌ପଟାଙ୍ଗ ହୋଇ ଆମ ଆଡ଼କୁ ଚାହିଁଲା। ଛାତିର ଧଳା ଦାଗ ମନ୍ତ୍ରୀ ଜାମେବ ଗଳାରେ ବିରାଟ ଟଗର ଫୁଲର ମୋଟା ହାର ପରି ଦିଶୁଛି। ଯେହେତୁ ସାହେବ ତାକୁ ଅବହେଳା ପ୍ରଦର୍ଶନ କଲେ ଅଣ୍ଡିରା ଭାଲୁଟି ଲଜ୍ଜିତ ହୋଇ ଉଠିବସିଲା ଏବଂ ଝାଡ଼ିଝୁଡ଼ି ହୋଇ ଧାଇଁଲା ସିଧା ଲୋକମାନଙ୍କ ଆଡ଼କୁ। 'ଯଃ ପଳାୟତି ସଃ ଜୀବତି' ଶ୍ଳୋକଟି ଜାଣିଥିଲା ପରି ଏକଜିଦିଆ ଏକମୁହାଁ ହୋଇ ଲୋକଙ୍କ ଧାଡ଼ି ବା ଅର୍ଦ୍ଧଚକ୍ରବ୍ୟୂହ କରିବାର ଯିମିତି ଉପକ୍ରମ କରିଛି ଲୋକେ ପ୍ରାଣ ବିକଳରେ ଜଣକ ଉପରେ ଜଣେ ଛିଡ଼ା ହୋଇ ମୁଣ୍ଡର ତିନିହାତ ଉପରେ ଥିବା କେନ୍ଦୁଡ଼ାଳକୁ ଧରି ଝୁଲି ରହିଲେ। ବେଁରୁ ଉର୍ଦ୍ଧ୍ୱ ରାସ୍ତା ଅକ୍ଳେଶରେ ଅତିକ୍ରମ କରି ସେ ପୁଣି ଯେଉଁଆଡୁ ଆସିଥିଲା ସେ ଆଡ଼କୁ ଚାଲିଗଲା। ଦେବାନ ସାହେବ ମୁରୁମୁରୁ ହୋଇ ଇଂରାଜୀରେ କହିଲେ "ମୁଁ ଜାଣିଥିଲି ଭାଲୁ ସେଇବାଟେ ଖସିଯିବ। ପଛପଟୁ ଗୁଳି ମାଇଲେ ତାକୁ ବାଜିବ ନାହିଁ, ସେଥିପାଇଁ ମୁଁ ନିରସ୍ତ ହେଲି।" ଭଲ ହେଲା, ସେ ଦୁର୍ନାମରୁ ରକ୍ଷା ପାଇଲେ, ମଣିଷ, ଭାଲୁ ସମସ୍ତେ ବଞ୍ଚିଲେ, ମୁଁ ବି ଗୁଳି ଶବ୍ଦରୁ ରକ୍ଷା ପାଇଲି।

ଏ ଅଭିନବ ଭୟାବହ ଶିକାର ଅଭିଜ୍ଞତା ଯଥାର୍ଥରୂପେ ଉପଲବ୍ଧ କରିବାକୁ ଯାଉଛି ମଝି ମଞ୍ଚାରୁ ଠୋ କରି ଥ୍ରି ନଟ୍ ଥ୍ରି ବନ୍ଧୁକରୁ ଗୁଳି ଫୁଟିଲା, ଗୁଳି ଶବ୍ଦରେ ପ୍ରତିଧ୍ୱନି ଆକାଶ ପବନ ଗଛ ପତ୍ରରୁ ପ୍ରତିଧ୍ୱନିତ; ହେବା ସଂଗେ ସଂଗେ 'ଉଃ ଉଃ' ଶବ୍ଦ ସେଇ ପ୍ରତିଧ୍ୱନି ସହିତ ମିଶି ଏମିତି ଜୋର ତଥା କରୁଣ ବୁକୁଫଟା ଆର୍ତ୍ତନାଦ ସୃଷ୍ଟି କଲା ଯାହା ଶୁଣିବା ପାଇଁ ଦେବଦାନବଗଣ ମଧ୍ୟ ଉପରୁ ଆମଆଡ଼କୁ ପ୍ରଶ୍ନବାଚୀ ଭଙ୍ଗୀରେ

Digitized by srujanika@gmail.com

ନିଶ୍ଚୟ ଅନାଇଥିବେ । ଆକାଶ ମେଦିନୀକୁ ସଂଯୁକ୍ତ କରୁଥିବା ନିଦାନ ମୋର କଲିଜା ଥରାଇ ଦେଲା, ମୋର ସର୍ବାଙ୍ଗ ହେମାଳ କରିଦେଲା । ସେ ଚିତ୍କାରର ଅନ୍ତ ନାହିଁ ଯିମିତି । ଉଃ, ଉଃ, ଉଃ, ଉଃ । ବଣ ବୁଦା ଭିତର ଦେଇ ଦେଖିଲି, ମାଆ ପଡ଼ି ଛଟପଟ ହେଉଛି, ଖଣ୍ଡେ ଜାଗାରେ ଗଡୁଛି, ଡ଼ାଳପତ୍ର ଛିନ୍ନ ଭିନ୍ନ କରି ଦେଉଛି, ରକ୍ତରଞ୍ଜିତ ମାଟି ନଖରେ ବିଦାରି ଦେଉଛି । ମୁମୂର୍ଷୁର ଆର୍ତ୍ତନାଦ (କ'ଣ ସେ କହିବାକୁ ଚାହୁଁଛି ମୃତ୍ୟୁକାଳୀନ ବିବୃତ୍ତ ଆକାରରେ ?) ଗଛ ଉପର ତଳ ଦେଇ ଭାସି ଆସୁଛି ।

ତା'ପରେ କରୁଣରୁ କରୁଣତର ଦୃଶ୍ୟ । ବିଚାରୀର ଯୋଡ଼ିଏ ଛୁଆ ଚିତିହୋଇ ପଡ଼ିଥିବା ମାଆର କଅଣ ହୋଇଛି କିଛି ନ ବୁଝି, ଦୁଧ ଚୋଷିବା ସୁବିଧା ପାଇଲେ ଭାବି, ଧାଇଁ ଆସି ଅଧୀର ଆଗ୍ରହରେ ମୁହଁ ଦୁଧ ବେଣ୍ଟିରେ ଲଗାଇବାକୁ ଯାଉଛନ୍ତି, ଭାଲୁକୁଣୀ ଗୋଟାଏ ଗୋଟାଏ କରି ଏମିତି ଦିଟା ବ୍ରହ୍ମ ଚାପୁଡ଼ା ବଜାଇ, ଦେଲା ଯିମିତି କହିଦେଲା, "ପଳାଅ ଧନ, ଏଠି ଅଛି ମୃତ୍ୟୁ, ନିର୍ଦ୍ଦୟ ମୃତ୍ୟୁ, ମୁଁ ଯାଉଛି, ତୁମେ କୁଳକୁ ବିହନ ଥାଅ ।" ପିଲା ଦୁହେଁ ମାଆ କଥା ବୁଝିପାରି ତିନିମାସିଆ ଘୁଷୁରିଛୁଆ ପରି ଲୁଙ୍ଗୁରୁ ଲୁଙ୍ଗୁରୁ ହୋଇ ପଳାଉଥାନ୍ତି ଅନିର୍ଦ୍ଦିଷ୍ଟ ଲକ୍ଷ୍ୟସ୍ଥଳକୁ ସେତିକିବେଳେ ଲାଗେ । କେତେକ ଗୁଳି ମାଆକୁ ବାଜିଲା । ତା'ର କ୍ରନ୍ଦନ ମୁହୂର୍ତ୍ତରେ ବନ୍ଦ ହୋଇଗଲା, ଦଣ୍ଡେ କମ୍ପି କମ୍ପି ଥିର ହୋଇଗଲା । ପଛକୁ ନ ଚାହିଁ ଚାଲିଯାଉଥାନ୍ତି, ସେଇ ମଝି ମଞ୍ଚରୁ ପ୍ରାୟ ଏକା ସମୟରେ ଯୋଡ଼ାଏ ଗୁଳି ବାଜିଲା ଦୁଇଛୁଆଙ୍କ ପଛରେ । ତଥାପି ସେମାନେ ଥଙ୍ଗେଇ ଥଙ୍ଗେଇ ବୁଦା ଅନ୍ତରାଳକୁ ଚାଲିଗଲେ । ପୋଲିସ୍ ସାହେବଙ୍କ ଦୁଇପୁଅ ଲବ କୁଶଙ୍କ ପ୍ରାକ୍‌ଟିଶ୍ ଗୁଳି ସେ ଦୁଇଟା । ଅନେକ ସମୟ ପର୍ଯ୍ୟନ୍ତ ସେମାନେ ବି କୁଁ କୁଁ ହେଉଥିଲେ, ମାଆକୁ ନ ପାଇ, ବା ଗୁଳି ଖାଇ କହି ହେବନି । ବାପା ବଞ୍ଚିଗଲା । ପିଲା ଦିହେଁ ଦେଶାନ୍ତରୀ ହେଲେ । ପଡ଼ିରହିଲା କେବଳ ଗୃହିଣୀ ମାଆ ଆକାଶକୁ ଚାହିଁ ।

ଶିକାର ଶେଷ ହେଲା । ସୂର୍ଯ୍ୟଦେବ ମାନଗଡ଼ ପାହାଡ଼ ପଛରେ ଲୁଚିଗଲେ । ଶିକାରୀମାନେ ମଞ୍ଚାରୁ ଓହ୍ଲାଇଲେ । ଅନ୍ୟ ଯେଉଁ ଶହେ ଦୁଇଶ ଲୋକ ଶିକାରରେ ଭାଗ ନେଇଥିଲେ ସେମାନେ ବି ଆନନ୍ଦରେ ମଞ୍ଚଆଡ଼କୁ ମାଡ଼ିଆସିଲେ ଏବଂ "ଏଇଠି ପଡ଼ିଛି" କହି ଘେରିଗଲେ ଭାଲୁ ଚାରିପଟେ । ସାହାସୀ ଜଣେ ଦି'ଜଣ ପାଖକୁ ଯାଇ ମଲା ଭାଲୁକୁ ବିଧା ଗୋଇଠା ପ୍ରହାର କରୁଥାନ୍ତି, କହୁଥାନ୍ତି, "ରାଣ୍ଡି ! ହେଇଛି ଏଥର, ଆମକୁ କମ୍ ହଇରାଣ କରିଛୁ ?" କେହି କେହି ମେଞ୍ଚା ମେଞ୍ଚା ଚୂଳ ଉପାଡ଼ି ନେଲେ, ଗୁଣିଗାରିଡ଼ିର ଡ଼େଉଁରିଆ କରିବାକୁ । ଲୋକଙ୍କ ଭିତରକୁ ଯାଇ ଜୟଧ୍ୱନି ଆରମ୍ଭ କଲି "ଜୟ ! ମେଜର ପାଣ୍ଡେଙ୍କ ଜୟ ।" ସମବେତ ଜୟଧ୍ୱନି ପୋଖରୀଆ ବଣରୁ ସାହେବଙ୍କ କୋଠି ପର୍ଯ୍ୟନ୍ତ ଶୁଭିଥିବ । ମୁରୁକି ହସି ସାହେବ କହିଲେ, "ମୁଁ ବି ତାକୁ ମାରି ପାରିଥାନ୍ତି, ସେଟା ମୋ ରେଞ୍ଜରୁ ଚାଲିଯାଇ ଏସ୍.ପି.ଙ୍କ ଇଲାକାକୁ ଚାଲିଗଲା, ଅନ୍ୟର ଶିକାର

Digitized by srujanika@gmail.com

ମାରିବା ଶିକାରୀର ଧର୍ମ ନୁହେଁ ବୋଲି ବନ୍ଧୁକ ଫୁଟାଇଲି ନାହିଁ।" ଭାଗ୍ୟ ଭଲ, ତାଙ୍କୁ ଗୁଳି ଫୁଟାଇବାକୁ ପଡ଼ିନି, ନହେଲେ କାଶ୍ମୀରରୁ ଫେରି ମହାରାଜା ଭର୍ତ୍ସନା କରିଥାନ୍ତେ।

ମେଜର ସାହେବଙ୍କ ଜିପ୍ ପଛରେ ଭାଲୁ ଥୁଆହେଲା। ଦେଢ଼ ମାଇଲ ଦୂର ଆମ ଗାଁକୁ ଗଲା। ଖଟିଆରେ ବସି ଦେବାନ ସାହେବ ଆଠ ରକମର (ସାହେବଙ୍କ କଥା ଅନୁସାରେ ଆଠୋଟି ପିଲାଝିଲା ମୋ ସ୍ତ୍ରୀ ମୋତେ ଦେଇଯାଇଛନ୍ତି) ତାଳପିଠା ମୋ ରାଣୀ ଶାଳପତ୍ର ଥାଳିରେ ପରଶିଲେ। ଗାଁରେ ଲୋକେ ଅଜାଡ଼ି ହୋଇପଡ଼ିଲେ ମୋର ପରି ଗାଁ ଲୋକେ ଖୋସାମତିଆ ଥିବାରୁ କୁହାକୁହି ହେଲେ, "ଦେବାନ ସାହେବ, ସାକ୍ଷାତ୍ ଭଗବାନ, ତାଙ୍କ ଛଡ଼ା ଆମକୁ ଏ ଅସୁରୁଣୀ ହାବୁଡ଼ରୁ କିଏ ରକ୍ଷା କରିଥାନ୍ତା !"

ଭାଲୁର ଲାଶ୍ ଦେବାନ ସାହେବଙ୍କ କୋଠିକୁ ଗଲା। ମେଜରଙ୍କ ସ୍ତ୍ରୀ ପଚାରିଲେ "ୟାକୁ ମାଇଲା କିଏ ? ତୁମେ ନା ତୁମ ପୋଲିସ୍ ସାହେବ ?" ଉତ୍ତରରେ ସ୍ୱାମୀ ସ୍ତ୍ରୀଙ୍କ ଆଡ଼କୁ କଟମଟ ଚାହିଁଲେ। କଲିକତାକୁ କାଳକ୍ରମେ stuffed ହୋଇ ଭାଲୁ ଆସିଲା। ଅତିଥିଙ୍କୁ ଆଙ୍ଗୁଳି ଦେଖାଇ ପାଣ୍ଡେ ସାହେବ କେବେ କହିବାକୁ ଭୁଲନ୍ତି ନାହିଁ, "ଏଇଟାକୁ ପ୍ରାୟେ ମାଇଲେ ଦୂରରୁ ମାରି ଏକା ଗୁଳିକେ ଠାଏଁ ଶୁଆଇ ଦେଇଛି; ଉଁ ନାହିଁ ଚୁଁ ନାହିଁ।"

ମହାରାଜା କାଶ୍ମୀରରୁ ଫେରିଲେ। ଯୋଡ଼ାଏ ତିନିଟା ବଡ଼ ବଡ଼ ମାରଖୋର (ବଡ଼ ବଡ଼ ଦାଢ଼ିଆ ବଡ଼ ଶିଙ୍ଗିଆ ହିଂସ୍ର ଛେଳି) ମୁଣ୍ଡ କାନ୍ଥରେ ମରାହୋଇଥାନ୍ତି। ଆମେ ତାରିଫ୍ କରୁଥାଉଁ। ମହାରାଜା ଗୁରୁଗମ୍ଭୀର ସ୍ୱରରେ ସବୁ ଜାଣିଶୁଣି ପଚାରିଲେ, "ଭାଲୁଟା କାହା ଗୁଳିରେ ମଲା ?" ଆମେ ନୀରବ ହେଲୁଁ। ସେ ଶ୍ଳେଷ ରଖି ମନ୍ତବ୍ୟ କଲେ, "ଆମେ ଏସ୍.ପି.ଆଉ ପ୍ରଚାର ଅଫିସର ପରି କର୍ମଚାରୀ ଯେଉଁ ଗଡ଼ଜାତରେ ଥିବେ ସେଠି ରଜା ରହିବେ ନାହିଁ କି ରାଜ୍ୟ ବି ରହିବ ନାହିଁ।"

# ଭାଲୁ ଶୀକାର (୨)

ଭାଲୁକାଣୀ (ମାଆ ଭାଲୁ) ମଲା ପରେ ଗାଁ ପରିସର ତଥା ସାରା ଇଲାକା ଶାନ୍ତ । ଅଲ୍ କ୍ୱାଏଟ୍ ଇନ୍ ଦି ଇଷ୍ଟାର୍ଣ୍ଣ ଫ୍ରଣ୍ଟ୍। ଭାଲୁକାଣୀ ଖୁବ୍ ଭୟଙ୍କରୀ, ମାରାତ୍ମିକା । ଯୋଡ଼ାଏ ଛୁଆ (ଲବକୁଶ)ଙ୍କୁ ପାଳୁଥିଲା ତ । ଦିନ ରାତି ଥାନ ଅଥାନ କିଛି ମାନୁନଥିଲା । କେତେ ଯେ ଲୋକଙ୍କୁ ମାରିଛି, ଘାଉଲା କରିଛି ତାର ପୂରା ରିପୋର୍ଟ ବାଙ୍ଗିରିପୋଷି ଥାନାରେ ନାହିଁ । ଅତି ବେଶୀ ଦୁର୍ଦ୍ଦାନ୍ତ ହେଲାରୁ ଲୋକେ ଥାନାରେ ଖବର ଦେଲେ, ମହାରାଜା ଦେବାନଙ୍କ ପାଖକୁ ପିଟିସନ୍ କଲେ । କିନ୍ତୁ ଶୀକାର ଯେ ବନ୍ଦ ! ମହାରାଜା ଇଚ୍ଛାକଲେ

Digitized by srujanika@gmail.com

ଦେବାନଙ୍କ ପାଖକୁ ପିଟିସନ୍ କଲେ । କିନ୍ତୁ ଶୀକାର ଯେ ବନ୍ଦ ! ମହାରାଜା ଇଚ୍ଛାକଲେ ଶୀକାର ହୁକୁମ ଦେଇପାରିଥାନ୍ତେ । କିନ୍ତୁ ପ୍ରଜାମଣ୍ଡଳ ବିରୋଧ କରିବ । ଭାଗ୍ୟକୁ ସେ ସମୟରେ କାଶ୍ମୀର ଚାଲିଗଲେ ମାରଖୋର (ଶିଙ୍ଗାଳ ବଣୁଆ ଛେଳି) ଶୀକାର ପାଇଁ । ଦେବାନ ସାହେବ ସର୍ବେସର୍ବା । ଯୁଦ୍ଧର ଆଳ ଦେଖାଇ ଜିପ୍ ନୂଆ କରି ଅଣାଯାଇଥାଏ । 'କମାଣ୍ଡର ଅଫ୍ ଦି ମୟୂରଭଞ୍ଜ ଫୋର୍ସେସ୍' ହିସାବରେ ଯୁଦ୍ଧ ପୋଷାକ (ଖାକି ରଙ୍ଗର) ଲଗାଇଥାନ୍ତି ଏବଂ ଛାତିରେ ତାରା, ସୂର୍ଯ୍ୟ, ଚନ୍ଦ୍ର, ଧୂମକେତୁ ଖଞ୍ଜିଥାନ୍ତି । ଥ୍ରିନଟ୍ ରାଇଫଲ ପୋଲିସ୍ ରିଜାର୍ଭରୁ ଅଣାଇ ପାଖରେ ରଖିଥାନ୍ତି । ମହାରାଜା ଫେରିବା ପୂର୍ବରୁ ଯଦି ଥରେ ଅଧେ ସୁବିଧା ଦେଖି ( ସେ ଥିଲେ ମେଜର, କିନ୍ତୁ ଖୁବ୍ ଛୋଟ ଏକ ଷ୍ଟେଟର ରାଜା ସେ ଉପାଧି ତାଙ୍କୁ ଦେଇଥିଲେ, ସେ ଆର୍ମି ମେଜର ନୁହଁନ୍ତି) କାରସାଦି ଦେଖାଇ ପାରନ୍ତେ ତେବେ ମହାରାଜା ବର୍ଷେ ଅଧେ ବୀରତ୍ୱ ପାଇଁ ଏକସ୍‌ଟେନ୍‌ସନ୍ ଦିଅନ୍ତେ । ଏସ୍.ପି. (ଯେ କାଳକ୍ରମେ ଓଡ଼ିଶାର ଆଇ.ଜି. ହେଲେ) ତାଙ୍କ ପାଖରେ ଭାଲୁମାନଙ୍କ ଅତ୍ୟାଚାର କଥା ରିପୋର୍ଟ କଲେ । ମୁଁ ଥିଲି ଜନୈକ ତୋଷାମଦକାରୀ ସାମ୍ବାଦିକ, ମୋର କାମ ହେଲା ପ୍ରତିଦିନ ଖବର ପଠାଇବି ଦେବାନ ସାହେବଙ୍କ ନାଆଁରେ, ଖବର ପଠାଇବି ତାଙ୍କ କୃତିତ୍ୱ ଦେଖାଇ । ସେ ଚାନ୍ସ ଦେବାନ୍ ଦେଲେ ତ ? ଏଇ ଚାନ୍ସ ଆସିଲା ।

ମୋ ଗାଁ ପାଖରେ ଭାଲୁ ଉପଦ୍ରବ । ପାଞ୍ଚ ଛଅଟା ଲୋକ ଏ ଭିତରେ ମଲେଣି । ଏସ୍.ପି. ପ୍ରଥମ ପାଞ୍ଚଜଣ ଶୀକାରି ଭିତରେ ଜଣେ । ସେ କନେଷ୍ଟବଳ ଲଗାଇ ବନ୍ଧୁକ ସଫା କରାଉଥାନ୍ତି । ଜାନୁଆର କାହିଁ ? ଯାହାହେଉ ଭିନ୍ନ ଭିନ୍ନ ଉଦ୍ଦେଶ୍ୟ ନେଇ ତିନିଜଣ ନିଷ୍ପତ୍ତି କଲୁ ଏମିତି ଶିକାରଟାଏ କରିବୁ ଯାହାର ରେକର୍ଡ଼ ରହିବ ନାହିଁ । ଲୋକେ ସ୍ୱତଃ ପ୍ରବୃତ୍ତ ହୋଇ ଶୀକାରରେ ଯୋଗଦେଇ କଉତୁକ ଦେଖିବେ ଏବଂ ବିପଦମୁକ୍ତ ହେବେ, ସାହେବଙ୍କ ବନ୍ଧୁକ ଠିକ୍ ବେଳରେ ଠିକ୍ ଜାଗାରେ ଯଦି ଫୁଟେ ଓ ବାଜେ । ଯାହେଉ ଶୀକାର ହେଲା, ଭାଲୁକୁଣୀ ମଲା । ଇତିହାସ ବା ସିନେମାରେ କେଉଁ ନାୟିକା ବା ଫୁଲନ୍‌ଦେବୀ ଏମିତି କରୁଣ ମୃତ୍ୟୁ ବରଣ କରି ନଥିବେ । ସେ ଥିଲା ମାଆ, ଦୁଇଟି ଏଗାର ବାରବର୍ଷର ପିଲାଙ୍କ ପରି ତାର ଲବକୁଶ । ଗୁଳି ବାଜିବା ପରେ ଦି'ଛୁଆ ଚିତ୍‌ପଟାଙ୍ଗ ହୋଇପଡ଼ିଥିବା ମାଆର ଥନ ବେଣ୍ଟି ପାଟିରେ ପୁରାଇବାକୁ ଯାଉଥିଲା ବେଳେ ଖୁବ୍ କରୁଣ ଚିତ୍କାରରେ ଦୁଇପିଲାଙ୍କୁ ଯେଉଁ ବଜ୍ରମୁଷ୍ଟି ଦେଇଥିଲା, ସେଥିରେ ସେମାନେ କଇଁ କଇଁ ହୋଇ ପଳାଇ ଯାଇଥିଲେ । ଏସ୍.ପି. ଯଦି ମା'କୁ ମାରିଲେ ଲବକୁଶ (ଏସ୍.ପି.ଙ୍କ ନାଆଁ ରାମଚନ୍ଦ୍ର) ପିଲାଟିଲା ଦିହିଁକି ଘାଉଲା କରିଦେଲେ ପଛପଟୁ ଦୌଡ଼ି ପଳାଇ ଯାଉଥିଲା ବେଳେ । ଦେବାନ୍ ସାହେବ ଶିଶୁପାଳ । ତାଙ୍କ ମଞ୍ଚାତଳେ ଜାମ୍ବେବ ଯାଉଥିଲା ବେଳେ ସେ ବନ୍ଧୁକ ଫୁଟାଇଲେ । ଭାଲୁର କଣ, ମୋ ଛାତି ଫାଟିଗଲା । ତାଙ୍କରି ପାଖରେ ମଞ୍ଚରେ ମୁଁ ବସିଥାଏ । 'ମିସ୍‌ଫାୟାର୍', ବୋଲି ସେ

Digitized by srujanika@gmail.com

କହିଲେ । ମୁଁ କିଛି ବୁଝିଲି ନାହିଁ । ଭାବିଲି, ବନ୍ଧୁକଟା ମଞ୍ଚରୁ ତଳକୁ ଖସେଇ ଦେଇଥିଲେ ଭାଲୁର ପେଟ ଚିରି ହୋଇଥାନ୍ତା । ଭାଲୁ ବର୍ତ୍ତିଗଲା । ଦେବାନ୍ ସାହେବ ଟ୍ରଫି ନେଲେ । ମଲା ଭାଲୁଣୀକୁ ବଙ୍ଗଳାକୁ ଜିପ୍ ପଛରେ ନେଇ ସେ ମେମ୍‌ସାହେବଙ୍କୁ ଦେଖାଇ କହିଲେ ହିନ୍ଦୀରେ, "ମୈ ଇସ୍‌କୋ ମାରା ।" ଫେରିଲା ବେଳେ ସମସ୍ତଙ୍କୁ କଳାହାଣ୍ଡିଆ ମିଠା ତାଳର ବଡ଼ା, କାକରା, ରୋଟି ଚକୁଳି ଖୁଆଇଲି । ଗାଁ ଇଲାକାର ଲୋକେ "ବାଃ ! ବାଃ !" କଲେ । ଧନ୍ୟ ଧନ୍ୟ କରିଥାନ୍ତେ ଯଦି ଭାଲୁ ମରିଥାନ୍ତା ।

ମହାରାଜା କାଶ୍ମୀରରୁ ଫେରି ସବୁ ହାଲଚାଲ୍ ଶୁଣିଲେ । ଦିନେ ମୋତେ ଏକୁଟିଆରେ ପଚାରିଲେ କିହୋ ! ତୁମର ଦେବାନ୍ ସାହେବ କେତୁଟା ଭାଲୁ ମାଇଲେ ? ଶୁଣିଲି ଚମଡ଼ା ତାଙ୍କ ବୈଠକଖାନାରେ ଟଙ୍ଗା ହୋଇଛି ।" ଯୋଡ଼ିଲେ "ତୁମ ତିନିଙ୍କ ପରି ଅଫିସର ଥିଲେ ଭାଲୁ ତ ଭାଲୁ ବଣଜଙ୍ଗଲ ବି ରହିବ ନାହିଁ, ସବୁ ସାଫ କରିଦେବ ।"

ଗଡ଼ଜାତ ମିଶ୍ରଣ ପାଖେଇ ଆସିଲା । ଦେବାନ୍ ସାହେବ ଭାଲୁଚମଡ଼ା ନେଇ ଘରକୁ ଫେରିଗଲେ । "Even rats leave a sinking ship" ବୁଡ଼ିଯାଉଥିବା ଜାହାଜକୁ ମୂଷାମାନେ ବି ଛାଡ଼ି ଚାଲିଯାନ୍ତି । ଗୁଳିଚୋଟର ଘାଆ ପଚିଗଲା ଏବଂ ଲବକୁଶ ମରିଗଲେ । ଚିଲ ଶାଗୁଣା ଉଡ଼ିବାର ଦେଖି ଗାଁ ଚଉକିଦାର ଲାଶ ଠାବକରି ଥାନାରେ ଖବର ଦେଲା । ଜାମ୍ବେବ ପୂର୍ବ ପଟ ବିପଜ୍ଜନକ ଜାଣି ପଶ୍ଚିମପଟ ଜଙ୍ଗଲର ଭାଲୁ ତୁଙ୍ଗୁରି ଆଡ଼େ ଚାଲିଗଲା । ଏକେଲା ଏକେଲା, ବିପତ୍ନୀକ ଏବଂ ସନ୍ତାନସନ୍ତତି ସବୁ ହରାଇ ।

ଏ ହେଲା ପୂଜାଛୁଟିର ପୂର୍ବ ଘଟଣା । ସେପ୍ଟେମ୍ବର ମାସ ଭୁରୁଡୁ କୋଳି ପାଚିବା ଦିନ, ପରବ ଛତୁ ଫୁଟିବା ଦିନ, ଉଇହୁଙ୍କା ତାଡ଼ି ବିଦାରି ଉଇପୋକ ଖାଇବା ଦିନ ଆସିଲା ଗଲା । ତା'ପରେ ବରକୋଳିର ଦିନ, ଆଖୁର ଦିନ, ଆହୁରି କେତେଜଣ ଫୁଲ ନିଦ୍ରାବତୀ, ଧାତକୀ, ଭୁରୁଡୁ, ମାଧବୀ, ମାଳତୀ, ଅଟାଣ୍ଡି ମାଇଲ୍ ମାଇଲ ମହକ । ତା'ପରେ ଆସିବ ମହୁଲ, କେନ୍ଦୁ । ଭାଲୁ ଗୀତଗାଏ ବିଭିନ୍ନ ଫଳର ଗୁଣ :

ଚାର, କେଉଁ ଛାର ? ମହୁଲ, ପେଟ ଡ଼ଉଲ । କେନ୍ଦୁ, ପ୍ରାଣବନ୍ଧୁ ।

ଫୁଲ ଫଳ ଗଛ ସବୁ ତାକୁ ଭଲ ଲାଗନ୍ତା । କିନ୍ତୁ ସେ ବାବାଜୀ, ତାର ମାତାଜୀ ନାହିଁ । ଜୀବନ ଏକାବେଳକେ ଦୁର୍ବହ । ତେଣୁ ସିନେମା ହୀରୋ ପରି ସେ ମଦ ଦୋକାନ ଖୋଜେ, ଅଧିକାଂଶ ସମୟ ଶୋଇ ରହି ହୁରୁହୁରୁ ହୋଇ କାନ୍ଦେ, ଜ୍ୱର ଆସିଲା ପରି କମ୍ପେ ।

ଗାଁ ମୁଣ୍ଡ କିଆ ପୋଖରୀ ପାଖ ଇଲାକାରେ ସେ ରହିଥାଏ । ସୁବିଧା ସ୍ଥାନ, କିଆବଣ, ପାଖରେ ପାଣି, ନାରଣ ନନ୍ଦଙ୍କ ବାଡ଼ିବଗିଚା କଣରେ ଯୋଡ଼ାଏ ଗସ୍ଥା କୋଳି ଗଛ । ଦିନେ କେବେ ଦୁହେଁ ସେଠାକୁ ଯାଇଥିଲେ । ପୁରୁଷ ଗଛ ଚଢ଼ି ହଲାଇ ଦେଲେ ଝଡ଼ଝଡ଼

Digitized by srujanika@gmail.com

କରି ଡୁମାଡୁମା କୋଳି ଝଡ଼ଝଡ଼ ହୋଇ ପଡ଼େ । ଦୁହେଁ ଖାଆନ୍ତି । ଭାଲୁ (ଜାମ୍ବେବ) ଛିଡ଼ାହୋଇ ଡ଼ାଳ ନୁଆଇଁଲେ ଭାଲୁଣୀ ତୋଳି ତୋଳି ଖାଏ । ସେ ଅନେକ ଦିନ ତଳର କଥା, ଲବକୁଶ ଜନ୍ମ ହୋଇନଥାନ୍ତି । ସ୍ୱର୍ଣ୍ଣ ଯୁଗ କଥା ।

ସୀତାକୁ ହରାଇ ରାମଚନ୍ଦ୍ର ଯିମିତି 'ବନଘନେ ରଘୁମଣି ବିପଥ ପଥ ନ ଗଣି' ପାଗଳ ପରି ବୁଲୁଥିଲେ ସିମିତି ଆମର ବିପତ୍ନୀକ ନାୟକର ଅବସ୍ଥା । ଆଗରୁ ସେ ମଣିଷକୁ ଦେଖିଥିଲା, ଜାଣିଥିଲା ମଧ । ଏବେ ତା'ର ଅନ୍ୟ ରୂପ ଦେଖିଲା । କାହିଁକି ତାକୁ ସେମାନେ ଦଳବାନ୍ଧି ଧନୁ ତୀର ମାଦଳ ଧନୁଷା ଧରି ଚିତ୍କାର କରି ବଣ ଏପଟ ସେପଟ କରନ୍ତି । ସେ କିନ୍ତୁ ଅହିଂସ୍ର । ମହାତ୍ମା ଗାନ୍ଧୀର ଦେଶ ଜାଣିପାରି ବୋଧହୁଏ ସେ ତା'ର ଦାନ୍ତ ନଖ ଯୁଦ୍ଧ ପାଇଁ ବ୍ୟବହାର ନକରି ଅହିଂସା ଉପାୟରେ ଖାଦ୍ୟ ସଂଗ୍ରହ କରିବା ପାଇଁ ବ୍ୟବହାର କରେ । ଫଳମୂଳ ଖାଏ, ଉଇହୁଙ୍କା ଭାଙ୍ଗି ତାଡ଼ି ସଡ଼୍‌ସଡ଼୍ ହୁତୁରୁହୁତୁରୁ କରି ମହୁମହକ ଥିବା ଉଇପୋକ ଖାଏ । ନହେଲେ ଗାଁ ଗୋବର ଖାତରୁ ବୁଢ଼ା ଆଙ୍ଗୁଳି ମୋଟ ପୋକଖାଏ ।

ବୟସ ବେଶୀ ହେଉ ବା ପ୍ରିୟତମାର ବିରହ ଦୁଃଖରେ ହେଉ ଜାମ୍ବେବ୍ ଦୂର ବଣ ଜଙ୍ଗଲ ପାହାଡ଼ ପର୍ବତକୁ ନଯାଇ ଗାଁ ପାଖ ପତଳା ବୁଦିଆ ଜଙ୍ଗଲରେ ରହେ, ମାଝିସାନ୍ତାଳଙ୍କ ବସତିକୁ ଲାଗି । ସେଠି ତାର ପ୍ରଧାନ ଆକର୍ଷଣୀୟ ଖାଦ୍ୟ ହେଲା ମହୁଲ । 'ମହୁଲ ପେଟ ଡ଼ଉଲ' ତା'ର ଜାତୀୟ ସଂଗୀତ । ଭୋର ସକାଳୁ ଉଠି ଧଳା ହୋଇ ଗଛ ତଳେ ଗୋଲ ଗୋଲ ଅଙ୍ଗୁର ଫଳ ଭଳି ଦିଶୁଥିବା ମହୁଲ ଫୁଲ ଏ ଗଛ ସେ ଗଛ ମୂଳରୁ ସଂଗ୍ରହ କରି ଖାଇଦିଏ । ଏତେ ରସ ଯେ ପାଣି ପିଇବା ଦରକାର ନାହିଁ । ମହୁଲ ଗଛର ବଣ ଆଉ ନାହିଁ । ଏଠି ସେଠି ଆଠ ଦଶ ବାରଟା ଗଛ ଅଛି । କର୍ଯାଁ ମାଝିର କୁଡ଼ିଆ ଚାରିପାଖରେ ଯଦି କେବେ ପାଣି ଦରକାର ହେଲା ତେବେ ଶହେ ମିଟର ଦୂରରେ ଆମ ଗାଁର କିଆ ପୋଖରୀ । ସଞ୍ଜବେଳେ ଜନମାନବ ନଥିଲା ବେଳେ ଅନ୍ଧାରରେ ମିଶିଯାଇ ପାଣି ପିଇଆସେ ଏବଂ ନୂଆ ହୋଇଗଜୁରି ଉଠୁଥିବା ମଣିଷେ ଦେଢ଼ ମଣିଷ ଶାଳ ଗଜାମୂଳରେ ଗାଡ଼ ତାଡ଼ି ଧୂଳି ଧୂସରିଆ ହୋଇ ଦିପହରେ ଶୋଇ ପଡ଼ିଥାଏ, ଗଦାଏ ଚୂଳ ଉଠୁଥାଏ ପଡୁଥାଏ, ନ ହେଲେ ହୁରୁ ହୁରୁ ହୋଇ ଭାଲୁ ଜରରେ କମ୍ପୁଥାଏ ।

କିଆ, ପୋଖରୀ, ବାୟୁକୋଣକୁ ଲାଗି ପୋଖରୀ ହୁଡ଼ା ତଳକୁ ଗୟା କୋଳି ଗଛ ପାଖକୁ ଲାଗି ସେଇଠି ଏକ ତାଳଗଛ, ସ୍ୱର୍ଗରେ ତା ମୁଣ୍ଡ ଲାଗିଛି । ରାତିରେ ଭୂତ ପରି ଦିଶେ । ଜଗନ୍ନାଥ ନନ୍ଦ ତା' ମୂଳରେ ଶ୍ରାଦ୍ଧତର୍ପଣ କରନ୍ତି । ଗୋଟାଏ ଶାଗୁଣା ଗଛ ଅଗରେ ରାତିରେ ବିଶ୍ରାମ ନିଏ ଏବଂ ସପ୍ନ ଦେଖି ଖଡ଼ ଖଡ଼ ହୋଇ ବାହୁଙ୍ଗାରୁ କେବେ କେମିତି ଖସିପଡ଼େ । ଭୂତମୟ ହୁଏ ।

Digitized by srujanika@gmail.com

ଖରାଦିନ ଆସିଲା । ପଥୁରିଆ, ପାହାଡ଼ିଆ ଜାଗା, ନଈନାଳ, ବାମ୍ଫି, ଝରଣା କିଛିନାହିଁ । ଭୂଇଁ ଫାଟିଗଲା । ତପ୍ତ ଧୂଳିରାଶି ତପତ ଅନିଳେ ଉଡ଼ି ଅମ୍ବର ଘୋଟିଗଲା । କୁକୁର ଗୁଡ଼ାକ ଜିଭ ଲହ ଲହ କାଢ଼ି ଧକେଇ ହେଲେ । ଜମ୍ବେବର ଆଶ୍ରୟସ୍ଥଳ ପଚାଶ ଶହେ ନୂଆ ପତର ହୋଇଥିବା ଶାଗୁଆ ଶାଳଗଛର ବୁଦାଳିଆ ଜଙ୍ଗଲ । ଗଲା କେତେ ଦିନ ସେଇଠି କେଉଁଠି ଲୁଚିଛପି ଖଣାଖାତରେ ସେ ଶୋଇଥାଏ । କର୍ଯାମାଝି ବି ତା'ର ଗତିବିଧି ଜାଣିପାରେନି । ମହୁଲ ଦିନରେ ବରାବର ଆସୁଥିଲା ଭୋର ଭୋର । ଏବେ ଗଛରେ ଫୁଲଯାଇ କଟଡ଼ା ଫଳ ଧରିଲାଣି । ଭାଲୁର ସେଥିପ୍ରତି ଆଉ ନଜର ନାହିଁ, ଯେଣୁ ଫଳ ଦରକାର ନାହିଁ ।

ଦିନେ ବେଳ ଦଶଟା ହେବ । କିଆ ପୋଖରୀ କଣର ସେଇ ତାଳଗଛ ମୂଳରେ ଛୋଟା ଧୋବା ଲୁଗା କାଚୁଥାଏ । ପିଲାଦିନରେ ପୋଲିଓରେ ଆଣ୍ଠୁ ଠାରୁ ତଳିପା ପର୍ଯ୍ୟନ୍ତ ବଙ୍କାହୋଇ କେବଳ ଚମଡ଼ା ଓ ହାଡ଼ ରହିଛି । ତଳିପା ମଧ୍ୟ ବଙ୍କାଟଙ୍କା ହୋଇଯାଇଛି । ତା'ର ନାମ ଛୋଟା ଧୋବା, ଅନ୍ୟନାମ ନାହିଁ । ଗୋଇ ପଥର ଉପରେ ଲମ୍ବ ପଥରଟାଏ । ତା'ରି ଉପରେ ତାଳଦେଇ ସେ ଲୁଗା କାଚେ । ତା' ଘରଟା ଆମ ଗାଁରୁ ଦୁଇ ମାଇଲ ଦୂର । ବିଚିତ୍ର ତା'ର ଚାଲି, ଗୋଡ଼ଟା ଫିଙ୍ଗି ଫିଙ୍ଗି ଆଗକୁ ପକାଏ ତା'ପରେ ଠେଙ୍ଗାରେ ଭାର ଦେଇ ପୁଣି ଆଗକୁ ଚାଲେ । ସ୍ୱାମୀ ସ୍ତ୍ରୀ (ବେଶ୍ ସ୍ୱାସ୍ଥ୍ୟବତୀ ଏବଂ ସୁନ୍ଦରୀ ମଧ୍ୟବୟସ୍କା, ପିଲାଝିଲା ନାହିଁ) ଘର ଘର ବୁଲି ମଳିଆ ଲୁଗା ଓ ଫାଳିଏ କାଠ ସଂଗ୍ରହ କରନ୍ତି । କିଆ ବଣରେ ଲୁଚା ହୋଇଥିବା କଳାହାଣ୍ଡିରେ ଭୁରୁଡୁ ଗଛର ପାଉଁଶ ଓ ଲୁଗା କଚା ସୋଡ଼ା ଦେଇ ସେସବୁ ଶିଝାଇ କାଚନ୍ତି ଏବଂ ଧାଡ଼ିଧରି କଚା ଲୁଗାକୁ ଶୁଖାନ୍ତି ଗୁହ ଗୋବର ଥିବା ପୋଖରୀ ହୁଡ଼ାରେ । ଦିନେ ଦୁଇଟା ବେଳକୁ ଲୁଚା କନ୍ଥା ସବୁ ଧରି ଫେରନ୍ତି, ଯା ଘରେ ତା' ଘରେ ଭାତ ପଖାଳ ଖାଇ ଘରକୁ ଫେରନ୍ତି । ସପ୍ତାହରେ ଥରେ । କିଏ ଦୁଇପଇସା ଚାରି ପଇସା ନହେଲେ ଚାଉଳ ମୁଠେ ଦିମୁଠା ଦିଏ ।

ସେଦିନ ତା' ସ୍ତ୍ରୀ ସବୁ ଠିକ୍ ଠାକ୍ କରିଦେଇ ଗାଁକୁ କେଉଁ ଏକ କାମରେ ଚାଲିଗଲା । ଛୋଟା ଧୋବା ଏକ ମନ ଧ୍ୟାନରେ ଲୁଗା ଛପ୍ ଛପ୍ କରି କାଚି ଚାଲିଛି । ଅଗ୍ନି ଓ ନୈଋତ କୋଣର ଦୁଇଘାଟରେ ବ୍ରାହ୍ମଣ ସାହି, ଭୂମିଜ ସାହି ଓ ଡ଼ୋମ ସାହିର ଝିଅ ବୋହୂ ଶାଶୁମାନେ ଗାଧୁଆ ପାଧୁଆ କରୁଥାନ୍ତି, କାଦୁଆ ଗୋଳିଆ ପାଣିରେ । କଳସୀ ଗୋଟାକରେ ପାଣି ଅଣ୍ଟାରେ ଧରି କେହି କେହି ସରସରିଆ ଓଦାଲୁଗାରେ ଘରକୁ ଫେରୁଥାନ୍ତି ।

ଛୋଟା ଧୋବାକୁ ଗୋଟାଏ ବଁ ବଁ ଶବ୍ଦ ଶୁଭିଲା । ତାକୁ ଜଣାଗଲା ଗୋରୁଗାଈଟାଏ ପାଣି ପିଉଛି ତାରି ଛୋଟା ଗୋଡ଼ ପାଖରୁ । ହାଣ୍ଡିଆ, କି ମଦ, କି ମହୁଲ, କି ଗୁଡ଼ କି ଉଇର ବାସନା ମହକ ତା' ନାକରେ ଯିମିତି ପଶିଛି ସେ ଚାରିଆଡ଼େ ଚାହିଁଲା । ଏ

Digitized by srujanika@gmail.com

ବାବା ! ଗୋଡ଼ତଳେ ତ୍ରିପଣ୍ଡ କଳା ଅତିକାୟ ଭାଲୁ, ପାଣି ପିଇ ଚାଲିଛି ତ ଚାଲିଛି । ଟଁ ଟଁ ! ବିରାମହୀନ ଭାବରେ । କାଖତଳେ ଜାକିଥିବା ଠେଙ୍ଗାଟି ପଡ଼ିଗଲା । ସେ ଚାଖଣ୍ଡେ ପାଣିରେ ଛାପ୍ ଛାପ୍ ପଡ଼ିଗଲା । ପାଟିରୁ ଖାଲି 'ଭା-ଭା-ଭା' ଶବ୍ଦ ଉଚ୍ଚାରଣ ହେଉଥାଏ । ଗୋଡ଼ହାତ ଛଟପଟ କରୁଥାଏ ପାଣିରେ । ଭାଲୁ ତାକୁ ଶୁଙ୍ଘିଲା ନାହିଁ, ତରବର ମଧ ହେଲାନାହିଁ । ମନ ମନାଇ ପେଟର ଟାଙ୍କ ପୂରଣ କଲା । ଟାହୁଁ ଟାହୁଁ ପେଟଟା ବଡ଼ ବେଲୁନ୍ ପରି ଫୁଟିଗଲା । ତାପରେ ଧୀରେ ଧୀରେ ଲସର ପସର ହୋଇ ଆଠଦଶଟା ବିଲ ପାରହୋଇ କର୍ଯ୍ୟା ମାଝିର ଘରଆଡ଼କୁ ଚାଲିଗଲା ।

ଯେଉଁ କୋଡ଼ିଏ ତିରିଶ ଜଣ ସ୍ତ୍ରୀ ଲୋକ ଆରପାଖ ଘାଟରେ ଥିଲେ ସେମାନେ ଡ଼ିଆଁ ଧାପଡ଼ା କରି ଲଙ୍ଗଳାବାତଳା ଅବସ୍ଥାରେ ଲୁଗାପଟା ହାଣ୍ଡି କଳସୀ ଛାଡ଼ି ଧାଇଁଲେ ପାଖ ଭୂମିଜ ସାହିକୁ । ଭୟ ବିହ୍ୱଳ ହୋଇ ସେମାନଙ୍କର ମଧ 'ରା' 'କା' ହୋଇଗଲା । ସେମାନଙ୍କ ଆର୍ତ୍ତନାଦ, ଚିତ୍କାରରେ ଭୂମିଜ ସାହିର ବୀରମାନେ ଜାଗି ଉଠିଲେ ।

ଖରାଦିନ; ହଳ ଫାଳ କାମ ବନ୍ଦ ବର୍ଷା ଅଭାବରୁ । ଭୂମିଜ ସାହିର କେହି କାମ ଦାମକୁ ନଯାଇ ପିଣ୍ଡାରେ ବସିଛନ୍ତି ପଶ୍ଚିମ ଆଡ଼ର ଧୂଆଁଳିଆ ଶିମିଳିପାଳର ସାନଗଡ଼ ପାହାଡ଼ ଆଡ଼କୁ ଚାହିଁ । ଯିମିତି ପୋଖରୀ ଘାଟରୁ ଅତର୍କ ହୋଇ ସ୍ତ୍ରୀ ଲୋକ ସାହି ଆଡ଼କୁ ଓଦା ସରସର ଲୁଗାରେ ଧାଇଁବାରେ ଦେଖିଲେ ଏବଂ ଭାଲୁ, ଭାଲୁ ଶବ୍ଦ ଯା ତା' ମୁହଁରୁ ଶୁଣିଲେ ସେମିତି ସମସ୍ତେ ଧାଁ ଧପଡ଼ କରି ଘର ଭିତରୁ ଧନୁତୀର, ଠେଙ୍ଗା, କୁରାଢ଼ୀ, ସାବଳ, ଟାଙ୍ଗିଆ, ଭୁଜାଲି ଧରି ବାହାରିପଡ଼ିଲେ । ଆସିଲା ମାପା ଭୂମିଜ, ଟିପା ମୁଣ୍ଡା କାଠିଆ ମୁଣ୍ଡା, ସୀତା ବଖାଳ, ମାର୍କଣ୍ଡ, ଗାଣ୍ଡୁ ବଖାଳ ଆହୁରି କେତେ କେତେ ରଥୀ । ଅଖାଣି ଶିକାରରେ ଏହାଙ୍କ ପରାକ୍ରମ ବର୍ଷରେ ଥରେ ଦେଖାଯାଇଥାଏ । ଏମାନଙ୍କ ଭିତରେ ଡ଼ମା ଭୂମିଜ ଶ୍ରେଷ୍ଠ ଶୀକାରି । ଥରେ ଭୂଇଁରେ ଶୋଇପଡ଼ି ଗୋଡ଼ ହାତ ପ୍ରୟୋଗ କରି ଗୋଟାଏ ଭାଲୁକୁ ତୀର ମାରି ଛାତିର ଏପାଖେ ସେପାଖ ବିନ୍ଧକରି ଏକା କାଣ୍ଡକେ ମାରିଦେଇଥିଲା । ସେମାନଙ୍କ ପଛେ ପଛେ ହୁରି ପାଟି ଶୁଣି ବ୍ରାହ୍ମଣ ସାହିର କେତେଜଣ ବାହାର ପଡ଼ିଲେ । ସମସ୍ତେ ପହଳ ଭାତ ଖାଇ ଢ଼ାବୁଆ ଘର ଭିତରେ ଶୋଇ ଯାଇଥିଲେ । ସମସ୍ତଙ୍କ ଭିତରେ ବୀର ଦୁଇଜଣ ରାଧାମୋହନ ଷଡ଼ଙ୍ଗୀ ଯେ କି ଜୀବ ଜାନୁଆର ଚୋରଡକାୟତ ନାଆଁ ଶୁଣିଲେ ଥରକୁ ଥର କହନ୍ତି, "ଗୁଳି ମାରି ଏକାଥରକେ ଶୁଆଇ ଦେବି ଶଳାକୁ ।" ସେ ବନ୍ଧୁକ ଦେଖି ନାହାନ୍ତି, ଗୁଳି ଶବ୍ଦ ଶୁଣି ନାହାନ୍ତି । ରାତିରେ ଗଛରେ ଶୋଇଥିବା ହରଡ଼ ବା କପୋତ ଚଢ଼େଇଙ୍କ ଟର୍ଚ୍ଚ ଆଲୁଅ ପକାଇ ଅନ୍ୟଦ୍ୱାରା ମାରନ୍ତି । ଅନ୍ୟଜଣକ ଫକୀର ମୋହନ ପାଣିଗ୍ରାହୀ; ସୁସ୍ଥ ଚର୍ବିଳ ଦେହ, ବିରିପିଠା ଭୋଜନ କରି ତେଲିଆ ଦିଶନ୍ତି । ଏମାନଙ୍କ ଛଡ଼ା ଶହ ଶହ ଲୋକ, ଭାଲୁ, ଭାଲୁ ଚିତ୍କାର କରି ଛୋଟା ଧୋବାକୁ ମାରିଦେଲା, କହି ଧାଇଁଲେ ପୋଖରୀ ହୁଡ଼ା ଆଡ଼କୁ । ଭାଲୁକୁ କେହି ଦେଖିପାରିଲେ ନାହିଁ ।

Digitized by srujanika@gmail.com

ଭୂମିଜ ସାହି ବଖାଳ ସାହିର ବୀରମାନେ କିନ୍ତୁ ନିର୍ଭୟରେ ବଣଜଙ୍ଗଲିଆ ଜାଗା ଆଡ଼କୁ ଧାଇଁଲେ । 'ହ୍ୟାତ୍' 'ହ୍ୟାତ୍' ଶବ୍ଦ କରି । ଛୋଟା ଧୋବାର ସ୍ତ୍ରୀ ବିକଳ ହୋଇ କାନ୍ଦି କାନ୍ଦି ତୁଠକୁ ଧାଇଁଲା ଏବଂ ଲୁଗା ପଟା ଠେଙ୍ଗା ସମ୍ଭାଳି, ଧରାଧରି କରି, ଚିତ୍‌ପଟାଙ୍ଗ ହୋଇ ପଡ଼ିଥିବା ସ୍ୱାମୀଙ୍କୁ ଉଠାଇ ପୋଛାପୋଛି କରି ଛିଡ଼ା କରାଇଲା । ଛୋଟାଧୋବା କହୁଥାଏ, "ଶଳା, ଦିନ ଦିପହରଟାରେ ପାଗଳା ହୋଇ ପାଣି ଭିତରକୁ ପଶିଯାଉଛି । ମଣିଷକୁ ଖାତର ନାହିଁ । ମଦହାଣ୍ଡିଆ ପିଇଛି ଯେମିତି, ଚେତା ନାହିଁ ଶଳାର ।"

ଯେଉଁମାନେ ପ୍ରକୃତ ଶିକାରୀ, ବଣଜଙ୍ଗଲରେ ନିର୍ଭୟରେ ବୁଲନ୍ତି, ମରଣକୁ ଭୟ ନାହିଁ, ଯାହାଙ୍କ ହିମ୍ମତ ଅଛି ସେମାନେ ସିନା ଆଗେଇବେ ! ବାକି ଯେଉଁମାନେ ପଛରେ ଅଛନ୍ତି ସେମାନେ ଢ଼ାଲ, ବାଉଁଶ ଛିଟିକା ଧରି ଧୀରେ ଧୀରେ ଯାଉଛନ୍ତି, କହୁଛନ୍ତି, "ଆସୁ, ପାଖକୁ, ଦେଖିନେବି ଶଳାକୁ ।" ଦେଶୀ ମାଟିଆ ଅଣିରା କୁକୁର ଆଠ ଦଶଟା ମାଲିକମାନଙ୍କ ଆଗରେ ଯାଇ ଏଠି ସେଠି ସଁ ସଁ ହୋଇ ଶୁଙ୍ଘୁଛନ୍ତି । 'ଧଅ ଧଅ' କହିଲା ମାତ୍ରେ ଯେମିତି ମାଡ଼ିବସି ଭାଲୁକୁ ଝୁଣିଦେବେ ।

କୁକୁରଙ୍କ ଗତି ଚାହୁଁ ଚାହୁଁ ଚଞ୍ଚଳ ହେଲା, ସମସ୍ତଙ୍କ ନାକରୁ ସଁ ସଁ ଶବ୍ଦ ଏକାବେଳକେ ବାହାରିଲା । ଗୋଟାଏ କୁଣ୍ଢେମୋଟ କେନ୍ଦୁଗଛ ଛାଇ ଆଡ଼କୁ ସମସ୍ତେ ଧାଇଁଲେ; କିନ୍ତୁ କୁକୁର ସବୁ ହଠାତ୍ ଛିଡ଼ା ହୋଇଗଲେ ।

ଦେଖିଲେ କଳା କେନ୍ଦୁଗଛ ଗଣ୍ଡି ସାଙ୍ଗରେ ରଙ୍ଗ ପ୍ରାୟ ମିଶାଇ ଭାଲୁ ଶୋଇଛି ନିଶ୍ଚଳ ହୋଇ । ଚିତ୍ ହୋଇ ହାତ ଉପରକୁ କରି ଯୋଡ଼ିଦେଇ ଯିମିତି ପ୍ରାର୍ଥନା କରୁଛି କାହାକୁ । ଧଳା ମଲ୍ଲୀ ଗଜରା ବେକରେ ଲମ୍ବାଇ ମନ୍ତ୍ରୀଟିଏ ସାର୍‌କିଟ ହାଉସ୍‌ରେ ଚିତ୍‌ପଟାଙ୍ଗ ହୋଇ ଖାଇ ପିଇ ଶୋଇଲା ପରି ଶୋଇଛି ନିଦକରେ ଜାମ୍ବେବ । ଥୋମଣି ମେଲା, ଧକେଇ ହେଉଛି, ଖରା ଆଉ ଶ୍ରମ ପାଇଁ ବୋଧହୁଏ ।

କୁକୁର ଶଙ୍କି ଗଲେ । ନେଉଳ ମୂଷା ଶିଆଳ ମାଙ୍କଡ଼ ଏ ଜୀବ ନୁହେଁ, ଏ ଜାନୁଆର । 'କାଳୋଽସ୍ମି, ଲୋକକ୍ଷୟକୃତ ପ୍ରବୃଦ୍ଧ' କିନ୍ତୁ ଶିକାରୀମାନେ ଯୋଦ୍ଧା । ଏମାନେ ରସାତଳ ଭାଡ଼ି ହିଡ଼ରୁ ମୂଷାଙ୍କ ସଞ୍ଚିତ ଧନ ନେଇଆସି ପାରନ୍ତି ଡ଼କାଏତ ପରି । ସପ୍ତରଥୀ ଧନୁଶର ଧରି ଅର୍ଦ୍ଧବୃତ୍ତ ବ୍ୟୂହ ସାଜିଦେଲେ ପରସ୍ପରକୁ ଇଙ୍ଗିତ ଦେଇ । ଯିମିତି ଅଭିମନ୍ୟୁ ବଧର ଅଭିନୟ ହେଉଛି । ଏ ଭିତରେ କର୍ଯ୍ୟାଁ ମାଝି ଆସିଯାଇ ସେମାନଙ୍କ ସାଂଗରେ ଯୋଗଦେଇଛି । ସେ ଏକେଲା ଶତ୍ରୁକୁ ଜବତ କରିପାରିନଥିଲା । ଆଜି ସୁବିଧାରେ ପାଇଛି ଶତ୍ରୁକୁ, ରକ୍ତ ଶୋଷି ପିଇବ ।

ଜାମ୍ବେବ ଶୋଇଛି, ତଥାପି ତାର ନିଶା ଛାଡ଼ିନି, ନିଦ ଭାଙ୍ଗିନି, ସମସ୍ତେ ଏଟେନ୍‌ସନ୍ ଅବସ୍ଥାରେ । କୁକୁର ଶିକାରୀ ଏବଂ କର୍ଯ୍ୟାଁ ମାଝି । 'ଓ୍ୱାନ୍ ଟୁ ଫାୟାର୍' ନକହି ମାଠା ମାଝି ଭାଲୁପରି ହୁଁ କଲା ଏବଂ ସବୁ ତୀର ଯାଇ ବାଜିଲା ଅନ୍ୟାୟ ସମରରେ ନିଦ୍ରା

Digitized by srujanika@gmail.com

ଅବସ୍ଥାରେ ଜାମ୍ବେବକୁ । ଠିକ୍ ଛାତିରେ । ଅନ୍ୟ ସବୁ ତୀର ପ୍ରାୟ ଠିକ୍ ସମୟରେ ଦିହରେ ଇତଃସ୍ତତଃ ବାଜିଲା । ହୁଁ କରିବାକୁ ଜାମ୍ବେବର ବଳ ବା ଶକ୍ତି ରହିଲା ନାହିଁ । ଭୀଷ୍ମଙ୍କର ଶରଶଯ୍ୟା ପରି ଅବସ୍ଥା ତାର । ପିଚ୍‌ପିଚ୍ ହୋଇ ରକ୍ତ ତା' ଶେଯ ଭିଜାଇ ମାଟି ଭିଜାଇ ଦେଲା । ହାରାମ ପାଟିରୁ ବାହାରିଛି କି ନାହିଁ ଠାଏ ପଡ଼ି ଶୋଇଗଲା, ଅନନ୍ତ ନିଦ୍ରାରେ ।

କର୍ଯାଁ ମାଝି ଆଗେଇ ଗଲା ଏବଂ ଭାଲୁ ପାଖରେ ଠିଆହୋଇ ତା ସ୍ୱୀ ଧରି ଛିଡ଼ା ହୋଇଥିବା ଗଣ୍ଡିଆ ପୋହାଡ଼ିଆ ବାଉଁଶର ଠେଙ୍ଗାକୁ ଦୁଇ ହାତିଆ ଧରି ଏତେ ଜୋରରେ ବାଡ଼େଇଲା ଯେ, ପୋଖରୀ ହୁଡ଼ାରେ ଛିଡ଼ା ହୋଇଥିବା ଜନତା ମୁହୂର୍ତ୍ତକେ ଆଶ୍ୱସ୍ତ ହେଲେ । ଭାଲୁ ମରିଗଲା ବୋଲି ଦମ୍ଭ ପାଇଲେ । ତାପରେ ଲୋକାରଣ୍ୟ ।

ମନ୍ତ୍ରୀ ଓ ମନ୍ତ୍ରୀଣୀ ଏକତ୍ର ଛିଡ଼ାହୋଇ ଶତ୍ରୁର ଅକସ୍ମାତ ପରାଜୟ ପରେ ଘଟଣା ସ୍ଥଳକୁ ଆସି ଯେପରି ବିଜୟଦୃପ୍ତ କଣ୍ଠରେ ସମ୍ବୋଧନ କରିଥାନ୍ତି କର୍ଯାଁ ମାଝି ସେମିତି ଭାବ ରଖି ମାତୃଭାଷା ଓ ଗାଁ ଭାଷାକୁ ମିଶାଇ କହିଗଲା, "ହେଲା ଯେ, ଏକାଥରକେ ମଲା ଶଳା, ଭାବିଥିଲା ମାତାଲ ଅଳସୁଆ ହୋଇ ମୋରି ଘର ପାଖରେ ଜୀବନଟା ସାରା ପଡ଼ିଥିବ । କୋଳି କେନ୍ଦୁ ମହୁଲ ସବୁ ଖାଉଥିବ । ଆମ୍ଭର ଗରିବ ନୁକ ମରିବ ନା କି ?" ଆଉ ପାହାରେ ମଲା ଭାଲୁ ଉପରେ ପକାଇଲା ଏବଂ ସସ୍ତ୍ରୀକ କୁଡ଼ିଆ ମୁହାଁ ହେଲା । ଫେରି ପୁଣି ଅସମାପ୍ତକୁ ଧରି କହିଲା "ଶୁଣିଲ ଭାଇ, ଇଏ ମରିବ ନାହିଁ ତ ମରିବ କିଏ ? ଦୁଇଟା ବଡ଼ହାଣ୍ଡିରେ ମହୁଲ ଜୁଆଇ ଥିଲି ମଦ ଗାଳିବି ବୋଲି ! ଏ ଶଳା ଶୁଙ୍ଘି ଶୁଙ୍ଘି ପାଇଗଲା, ସବୁ ଚାଟି କରି ଖାଇଦେଲା । ଦୁଇଶଟା ଟଙ୍କା ମୋର ଗଲା ।" ମାଠା ଭୂମିଜ କହିଲା 'ଠିକ୍ କହିଛୁ କର୍ଯାଁ ଭାଇ ଏ ଶଳା କେବେ ମରିଥାନ୍ତା, ତିର୍ଲା ଛୁଆପିଲା ସବୁ ତ ଗଲେ, ଆରାମରେ ବୁଲୁଛି, ଖାଉଛି, ପିଉଛି, ଆମେ ଶଳା ମରୁଛୁ ।"

ସବ୍‌ଜନତା ଫକୀର ଆଉ ରାଧାମୋହନ ପେଟ ଓ ସାସ୍ଥ୍ୟ ନେଇ ଏତିକିବେଳେ ଝାଳନାଳ ହୋଇ ପହୁଞ୍ଚି ପିଲାଦିନ ସାଂଗ ମାଠା ମାର୍କଣ୍ଡ ସଂଗେ ଯୋଗଦେଇ କହିଲେ, "ଏତେ ମହୁଲ ମଦ ପିଇଦେଲେ ଛାତି ଫାଟି ନ ମରିବ ତ ମରିବ କିଏ ?" ରାଧାମୋହନ କହିଲେ, "ଯାହା କୁହ ଫକୀର, ମରି ନଥାନ୍ତା । ମଦ ପେଟେ ପିଇ ଶୋଷ ଲାଗିଲା, ପାଣି ପିଇଦେଲା ପେଟେ, ଛୋଟା ଧୋବା ଘାଟରେ । ସେଇଠି ନମରି ବଣଯାଏଁ ଆସିଲା କୁହ ।"

ଗାଁକୁ ନେବାକୁ ସେ ଦୁହେଁ ଚେଷ୍ଟାକଲେ ଘୋଷାରି ଘୋଷାରି । ଏ ଯୁଗର ଅଷ୍ଟାଷ୍ଟର୍ଯ୍ୟରୁ ଗୋଟିଏ । ଭାଲୁ ଦେଖିବା ପାଇଁ ସ୍ତ୍ରୀ ଲୋକେ ଛୁଆପିଲା ଧରି ସଜବାଜ ହୋଇ ଯାତ୍ରା ହାଟ ଯିବାପରି ଆସିଗଲେ । ରସିକ ଶିରୋମଣି ଦୁହେଁ କହିଲେ "ୟାର ଚିଲ୍ଲାର ଚମଡ଼ା ଦେବାନ୍ ସାହେବ ଉତ୍ତରପ୍ରଦେଶର ତାଙ୍କ ଘରକୁ ନେଇଗଲେ । ଆମେ କାହାକୁ ଦବା ନାହିଁ । ରୁମ (ଲୋମ) ସବୁ ମେଞ୍ଚାଏ ମେଞ୍ଚାଏ ରଖିବା । ଗୁଣିଗାରେଡ଼ି

Digitized by srujanika@gmail.com

ମୋହିନୀମନ୍ତ୍ର ପାଇଁ ଦରକାର । ଭାଲୁଜର ହେଲେ ଢ଼େଉଁରିଆରେ ଭାଲୁରୁମ୍ ବାନ୍ଧି ଦେଲେ ସବୁ ଜର ଭଲ ହୋଇଯିବ ।"

ତାହାହିଁ ହେଲା । ଭାଲୁ ନିର୍ଲୋମ ହୋଇଗଲା । ଚମଡ଼ା ଭୂମିଜ ସାହିବାଲା ନେଲେ, ଗୋରୁବନ୍ଧାଣକୁ କାମରେ ଲାଗିବ । ବାଥୁଡ଼ି ସାହିବାଲା ପାହାଡ଼ ଅଞ୍ଚଳରୁ ଆସି ମାଂସତକ ନେଇଗଲେ । ଭାଲୁ ବଂଶ ନିପାତ ହେଲେ, ନିଶ୍ଚିହ୍ନ ହେଲେ । ବର୍ଣ୍ଣବୋଧର ଷୋଳ ପୃଷ୍ଠାରେ ଭାଲୁର ଛବି ଅଛି ।

# ରକ୍ତ ମନ୍ଦାର

ଚା' ବିସ୍କୁଟ୍ ଖାଇସାରି କୁକୁରଟାକୁ ବୁଲାଇବାକୁ ନେଉଛି ଫାଟକ ପାଖ ମନ୍ଦାର ଗଛ ଉପରେ ଆଖିପଡ଼ିଲା । ଆରେ, ଆହୁରି ଆଠ ଦଶଟା ଫୁଲ ଏଠିସେଠି ଲୁଚିଛପି ରହିଯାଇଛି । ଅଟକି ଗଲି । ରହ ରହ ବୋଲି କୁକୁରଟାକୁ କହି ପୁଣି ଫୁଲ ସଂଗ୍ରହ କରିବାକୁ ଆରମ୍ଭ କଲି ।

ସଦ୍ୟ ପ୍ରସ୍ଫୁଟିତ ଫୁଲରେ ଜନ୍ଦା ପିମ୍ପୁଡ଼ି ମହୁମାଛିଠାରୁ ଆରମ୍ଭ କରି ମଣିଷ ଭଗବାନ ପର୍ଯ୍ୟନ୍ତ ସମସ୍ତଙ୍କ ଶରଧା, ଲୋଭ । ଏଇ ଫୁଲ ପାଇଁ କଳିଗୋଳ, ମାର୍‌ପିଟ, କନ୍ଦାକଟା ।

ମୁଁ ଯେଉଁ ଫ୍ଲାଟରେ ଥାଏଁ ତା'ର ତଳେ ବଗିଚାରେ ଅନ୍ୟାନ୍ୟ ଫୁଲ ମଧ ରେ ମନ୍ଦାର ଫୁଲ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରେ । ବଡ଼ ବଡ଼, ଲାଲ ଲାଲ, ଝରା ମନ୍ଦାର । ଚର୍ଚ୍ଚଘଣ୍ଟା ପାଞ୍ଚଟାରେ ବାଜିବା ସଙ୍ଗେ ସଙ୍ଗେ ବା ପୂର୍ବେ ଫୁଲପ୍ରେମୀ (ଚୋର) ସବୁ ଜଣକ ପରେ ଜଣେ ଆସିଯାଆନ୍ତି । ଯେ ପ୍ରଥମେ ଆସେ ସେ ଚେଷ୍ଟା କରି ନିଃଶେଷ କରି ସବୁ ତୋଳି ନେବ ଯିମିତି ପରେ ଆସିବା ଭକ୍ତ ବା ପ୍ରେମିକ ଆଉ କିଛି କହିବ ନାହିଁ ।

ଫୁଲଗୁଡ଼ାକ ବଳାତ୍କାର ବା ଧର୍ଷଣକୁ ଭାରି ଡ଼ରନ୍ତି ବୋଧହୁଏ । କାରଣ ସେମାନେ ଫୁଟିବାକୁ ସହଜେ ଚାହାନ୍ତି ନାହିଁ । ଟୁପୁଟୁପୁ ବର୍ଷା ହେଉଥିବ, ଅନ୍ଧାର ଥିବ ସେମାନେ ଓଢ଼ଣା ଖୋଲି ଚାହିଁବେ ନାହିଁ ବା ପଦାକୁ ବାହାରିବେ ନାହିଁ, ଦୁର୍ବୃତ୍ତମାନଙ୍କ ଭୟରେ ।

ଏଇ ଦୁର୍ବୃତ୍ତମାନଙ୍କ ମଧ୍ୟରୁ ମୁଁ ବି ଜଣେ । ଏକେ ବୁଢ଼ା, ରାତିରେ ଭଲ ନିଦ ହୁଏନି, ବଡ଼ିଭୋର ନିଦ ଭାଜିଯାଏ, ଦୁଜେ ଲାଲି ଲାଲି ମନ୍ଦାରରେ ଲୋଭ, ଠାକୁର ନାଁରେ ସଂଗ୍ରହ କରେଁ । ଚଷମା ନ ହେଲେ ଫୁଲମାନେ ଭଲ ଦିଶନ୍ତି ନାହିଁ । ରାସ୍ତାର ବାର୍‌ଲାଇଟ୍‌ରେ ପତ୍ରଫୁଲ ଏକାକାର ହୋଇଯାଆନ୍ତି । ଅଣ୍ଡାଳିବାକୁ ପଡ଼େ ।

Digitized by srujanika@gmail.com

ବଗିଚାର ବାଡ଼କଡ଼କୁ ଲାଗି ଜଗନ୍ନାଥ ବଳଭଦ୍ର ସୁଭଦ୍ରା ପରି ତିନୋଟି ବୁଢ଼ାଳିଆ ମନ୍ଦାର ଗଛ। ଛେଳି ଗୋରୁଙ୍କ ଦୌରାତ୍ମ୍ୟରେ ଝଙ୍କାଳିଆ ହୋଇପାରନ୍ତି ନାହିଁ। ତଥାପି ବୁଢ଼ା ଦିହରୁ ରକ୍ତ ବାହାର କରି ଫୁଲ କିଛି କିଛି ଫୁଟାନ୍ତି। ବାସନା ନାହିଁ, ଫଳ ହୁଏନି। ତଥାପି ଫୁଲ ଫୁଟାନ୍ତି କାହିଁକି, ଭଗବାନ ନା ମଣିଷ କାହାର ବରାଦ୍ ବା ଇଙ୍ଗିତ ଏ ପ୍ରକ୍ରିୟା ପଛରେ।

ଫୁଲ ସଂଗ୍ରହ ଅଭିଯାନରେ ମୁଁ ବି ଜଣେ ପ୍ରତିଯୋଗୀ। ଠାକୁର ଭକ୍ତି ସେମିତି ସେମିତି। କେତୋଟି ଫଟୋ। ଶୋଇବା ଘର ଥାକରେ ଥୁଆ ହୋଇଛନ୍ତି। ଜଗନ୍ନାଥ କୁଆଡ଼େ ଲାଲିଫୁଲ ବିଶେଷତଃ ମନ୍ଦାର ଭଲପାଆନ୍ତି ନାହିଁ। ରକ୍ତଜବା ମାଆ କାଳୀଙ୍କର ଫୁଲ। ମୋର ପାଞ୍ଚୋଟି ଫୁଲ ଦରକାର, ଗୋଟିଏ ଜଗନ୍ନାଥ ପାଇଁ, ଗୋଟିଏ ସ୍ୱର୍ଗତ ବାପା ମାଆଙ୍କ ପାଇଁ, ଆଉ ଗୋଟିଏ ଦିବଂଗତା ସ୍ତ୍ରୀଙ୍କ ପାଇଁ, ଗୋଟିଏ ମୋ ନିଜ ଲେଖା ବହିଥାକ ପାଇଁ ଏବଂ ଅନ୍ୟଟି ନିଜ ଫଟୋ (ନ ମରିଥିଲେ ବି) ପାଇଁ।

ଆଶ୍ଚର୍ଯ୍ୟ କଥା, ନିଜ ଘରତଳ ବଗିଚାରେ ଏତେ ଫୁଲ ଫୁଟୁଥିଲେ ବି ଦିନେ ଦିନେ ଗୋଟିଏ ବି ଫୁଲ ମିଳେ ନାହିଁ। ଲୋକଗୁଡ଼ା ଏତେ ପାଜି। ଆମପାଇଁ ଗୋଟିଏ ବି ରଖିବେ ନାହିଁ। ପୂଜା କରନ୍ତି, ନା ପତୁଆ ପୋଡ଼ି ଖାଆନ୍ତି, ନା ବିକ୍ରି କରି ବିଡ଼ି ସିଗାରେଟ୍ ଟାଣନ୍ତି।

ପ୍ରଥମେ ଆସେ ସ୍ତ୍ରୀ ଲୋକଟାଏ। ସ୍ୱାମୀଛଡ଼ା, ଚା' ଦୋକାନ ଗୁମୁଟି ପକାଇ କରିଛି। ସାପ କଣ୍ଟା, ଜନ୍ତା, ପିମ୍ପୁଡ଼ିକି ତା'ର ଭୟ ନାହିଁ। ଲେଶି ହୋଇ ବାଡ଼ ଉପରେ ଭରା ଦେଇ ହାତ ପହଞ୍ଚୁ ନଥିବା ଡ଼ାଳରୁ ତୋଳିନେବ। ମାଛି ଅନ୍ଧାରୁଆ ସକାଳରେ ଦିନେ ଏ ପାଖରୁ ଫୁଲ ତୋଳୁ ତୋଳୁ ତା' ଦିହରେ ହାତ ବାଜି ଯାଇଥିଲା। ସେ ଏ ପଟରୁ ତୋଳିଲା ବେଳେ ଅନ୍ୟପଟୁ ଆସେ ଜଣେ ବଙ୍ଗାଳୀ ଲୋକ। ପେଣ୍ଟଲୁନ୍ ପିନ୍ଧା, ଚଷମାବାଲା ଭଦ୍ରଲୋକ। ମାୟେର ପୂଜା ପାଇଁ ପାଗଳ। ହାତରେ ବଂଶୀଖଡ଼ା ପରି ଛୋଟ ଲାଠିଟିଏ। ସେ ବି ଫୁଲ ତୋଳିବାରେ ଏକ୍‌ସପୋର୍ଟ। ସେମାନଙ୍କ ପରେ ଆସନ୍ତି ଖୁଦୁରୁକୁଣୀ ଓଷା କରୁଥିବା କିଶୋରୀ ଦଳେ, ସେମାନଙ୍କ ପରେ ଗୁଡ଼ାଏ ଅନାବନା ମାଙ୍କଡ଼ିଆ ପିଲା। କିଛି ପାଆନ୍ତି ନାହିଁ। ଅଧାଫୁଟା କଢ଼ସବୁ ଭିଡ଼ିଓଟାରି ନେଇଯାଆନ୍ତି।

ଆଚରଣବିଧି ପାଳିଲା ପରି ମୁଁ ବାଡ଼ ବାହାରପଟୁ ଫଳ ତୋଳେ ନାହିଁ, ସେମାନେ ଫାଟକ ଭିତରକୁ ପଶି ମୋ ପଟୁ ଫୁଲ ନେବାକୁ ସାହସ କରିପାରନ୍ତି ନାହିଁ। କୁକୁରକୁ ସାବଧାନ ପଟାଖଣ୍ଡିକୁ ଡ଼ରନ୍ତି।

ଆଜି ପାଞ୍ଚଟା ବାଜିବା ପୂର୍ବରୁ, ଯେତେବେଳେ ଫୁଲଗୁଡ଼ାକ ସୂର୍ଯ୍ୟୋଦୟକୁ ବ୍ୟାକୁଳ ହୋଇ ଚାହିଁଥାନ୍ତି, ମୁଁ ଗୁଡ଼ାଏ ଫୁଲ ସଂଗ୍ରହ କରିଥାଏଁ। ଆଚରଣବିଧି ଉଲ୍ଲଙ୍ଘନ କରି ବାହାର ବାଡ଼ପାଖର ଫୁଲ ମଧ ଯଥା ସମ୍ଭବ ନିଃଶେଷ କରି। ହିଂସାରେ, ଯିମିତି ଅନ୍ୟ କେହି ଆଜି ନ ପାଆନ୍ତୁ।

Digitized by srujanika@gmail.com

ଦେଖିଲି ପାଞ୍ଚ ଛଅଟା ଫୁଲ ରହିଯାଇଛି, ନିଦବାଉଳା ଆଖି ହାବୁଡ଼ରୁ ବର୍ତ୍ତିଯାଇଛି। ପୁରା ଫୁଟିଛି, ଲାଲ ଟକଟକ ସବୁଜ ଶାଢ଼ୀ ଯୋଗୁଁ ବୈପରୀତ୍ୟରେ ପାଗଳକରା ଚେହେରା। ଗୋଟି ଗୋଟି ତୋଳିଲି।

ଉପରକୁ ଯାଇ ଠାକୁରଘର ଫୁଲଚାଙ୍ଗୁଡ଼ିରେ ଥୋଇଦେଇ ଆସିବି ଭାବୁଥିଲି, କୁକୁରଟାର ପ୍ରେସର ବୋଧହୁଏ ବେଶୀ ହେଲା, କଇଁ କଇଁ ହେଲା ଏପରି କି ମୋ ହାତକୁ ଆମ୍ପୁଡ଼ା ଆମ୍ପୁଡ଼ି କଲା। ଫାଟକକୁ ଲାଗି ପାଚେରୀ ଡ଼େଇଁବା ପାଇଁ ଯେଉଁ ଚାରିଟା ପାହୁଚ ତାରି କଣରେ ଫୁଲ ପାଞ୍ଚଟାକୁ ଥୋଇଦେଲି ଏବଂ come come କହି କୁକୁରକୁ ଡ଼ାକିଲି। ଫୁଲଗୁଡ଼ାକ କେହି ଦେଖି ପାରିବେନି ବା ତଳେ ପଡ଼ିଛି ବୋଲି ପୂଜା ପାଇଁ ନେବେନି ଭାବି ଚାଲିଗଲି। ଲୁଙ୍ଗି ଗେଞ୍ଜି ପିନ୍ଧି ଦୂରକୁ ଯିବି ନାହିଁ। ସାଙ୍ଗେ ସାଙ୍ଗେ ଫେରିଆସିବା। ଫୁଲ ଫେରିଲାବେଳେ ଧରି ଚାଲିଯିବି। ମନେପଡ଼ିଲେ ହେଲା। ମନେ ନ ପଡ଼ିଲେ, ନା ଠାକୁରର, ନା କୁକୁରର।

ଏବେ ଏବେ ବହୁତ ଭ୍ରମ ହେଉଛି, ବାରମ୍ବାର ବହୁତ କଥା ଭୁଲିଯାଉଛି ଏବଂ କାଳେ ଫୁଲ କଥା ଭୁଲିଯିବି ବୋଲି ମନ୍ଦାର ଡ଼ାଳଟିଏ ହାତରେ ଧରି କୁକୁର ସାଙ୍ଗରେ ଗଲି। ଏ ବୁଦ୍ଧି କାମ ଦେଲା। ଫେରି ପାହୁଚ ଡ଼େଉଁଛି ମନ୍ଦାର ଡ଼ାଳ ମନେପକାଇ ଦେଲା ଫୁଲ କଥା। ମାତ୍ର ଫୁଲ କାହିଁ ?

ସୀତା ବା ହେଲେନ୍‌କୁ ଦୁର୍ବୃତ୍ତମାନ ଚୋରାଇ ନେଲା ପରେ ସେମାନଙ୍କ ସ୍ୱାମୀମାନେ ଯିମିତି ପ୍ରତିହିଂସା ନିଆଁରେ କୁହୁଳିଲେ ମୁଁ ସିମିତି ହେଲି। ଆଉ ରକ୍ଷା ନାହିଁ। ଟ୍ରୟ ବା ଲଙ୍କାଗଡ଼ ସବୁ ଭସ୍ମୀଭୂତ କରିଦେବି। କିଏ ଫୁଲ ନେଇଛି ? ସେ 'ଖାନକୀ' ଚା'ବାଲୀଟା, ସେ ଅଧୋଡ଼ା ବଙ୍ଗାଳୀ ପେନ୍ତଲୁନ୍ ପିନ୍ଧା ଭଦ୍ରଲୋକ ନା ସେ ଛଟ୍‌କୀ କିଶୋରୀ ଦି'ଟା, ନା ସେ ମାଙ୍କଡ଼ଟୋକା । "ମେଞ୍ଚେଡ଼ ଟୋକା ଦି'ଖଣ୍ଡ କଲ କେଡ଼େ କାଣ୍ଡରେ, ଏକା ଚାପୁଡ଼ାକେ ତୋର ଛିଣ୍ଡେଇବି ମୁଣ୍ଡରେ।" ସୀତା ଚାଲିଗଲା ପରେ ଆଶ୍ରମ କୁଡ଼ିଆ ଯିମିତି ଅଶୋଭା ଦିଶୁଥିଲା ପାହାଚ ତଳ ସ୍ଥାନଟା ସିମିତି ଟାଙ୍ଗରା ଦିଶୁଥାଏ। କେବଳ ଶେରଲକ୍ ହୋମ୍‌ସ ପରି ଗୋଏନ୍ଦା ହେଲେ ହେଲା। ଏତେ ବିଦ୍ୟାବୁଦ୍ଧି ଚତୁରତା କୌଶଳ ମୋର ଆସିବ କୁଆଡୁ ? ଯେ ଗୋଟାଏ trap ବା ଜାଲ ବା ଯନ୍ତା ପାତିପାରିବ ?

ଦୁଇବର୍ଷ ତଳେ ଯେତେବେଳେ ବାଡ଼ ଘେର ଦେଉଥିଲି ବୁଢ଼ା ମଜୁରିଆ ମୋତେ ବୁଦ୍ଧିବାଟ ଦେଖାଇଲା ଦୁର୍ବୃତ୍ତ ନିବାରଣ ପାଇଁ। ତକ୍ଷକ ହାବୁଡ଼ରୁ ପରୀକ୍ଷିତ ମହାରାଜାଙ୍କ ଜୀବନ ରକ୍ଷା ପାଇଁ ଯେତେବେଳେ ଲୁହା କାନ୍ଥବାଡ଼ ନେଉଳ ପଲ ରଖାଯାଇଥିଲା ତାହା ବି ଅକାମୀ ହେଲା।

ବୁଢ଼ା କହିଲା, "ବାବୁ! ବାଡ଼, ଲୁହାତାର ଯାହା ଦେଲେ ବି ଫୁଲ ରହିବ ନାହିଁ, ଚୋରି ହୋଇଯିବ, ମୁଁ ଗୋଟାଏ ବୁଦ୍ଧି ପାଞ୍ଚିଛି। କହିବେ ତ କରିବି।" ମୁଁ ଖିଆଲରେ ହଁ କରିଦେଲି।

Digitized by srujanika@gmail.com

ଦେଖିଲି ଦିନେ ସେ ଦି' ଶଗଡ଼ ନାଗଫେଣୀକଣ୍ଟା ଆଣି ବାଡ଼ କଡ଼େ କଡ଼େ ପୋତିଚାଲିଛି । ସାତ ଆଠ ବର୍ଷର ଗାଉଁଲୀ ଝିଅଟିଏ ବାଟ ଦେଇଯାଉଥିଲା । କ'ଣ ମନ ହେଲା ମୂଲିଆକୁ କହିଲା, "ଏ ବୁଢ଼ା, ସିଜୁ କଣ୍ଟାରେ ବାଡ଼ ଘେରୁଛୁ ! ସିଜୁ କଣ୍ଟାରେ ବାଡ଼ ଘେରନ୍ତି ନି । କୁଷ୍ଠ ହୁଏ । ସିଜୁ କଣ୍ଟା ବଡ଼ ବିଷକଣ୍ଟା ।"

ବାଟଚଲା ଝିଅ ବକଟେ କଥା ମୋର ବିଶ୍ୱସ୍ତ ମୂଲିଆ କାହିଁକି ଶୁଣିବ ? ସେ ତା' କାମ କଲା । କାଳେ ଗଛ ମରିଯିବ ବୋଲି ଖରା ଦିନରେ ସିଜୁ ବାଡ଼ରେ ପାଇପରେ ପାଣିଦେଇ ମଡ଼ାଇଲା । ଯିମିତି ସେଗୁଡ଼ା ସିଜୁ ନୁହେଁ ମନ୍ଦାର ବା ଗୋଲାପ । ବୁଢ଼ାର ଆଦର ଯତ୍ନରେ ସିଜୁଗଛ ଠିକ୍ ନାଗଫେଣି ପରି ଶୋଭା ପାଇଲା ।

ସେ ବିଶ୍ୱସ୍ତ ମଜୁରିଆଟି ମରିଗଲାଣି । ତାରି ପୋତା ସିଜୁ ଗଛଟା ଆଖିରେ ଯିମିତି ପଡ଼ିଛି ମୋର ବୁଦ୍ଧିର ସିଜୁ ସାଙ୍ଗେ ସାଙ୍ଗେ ଗଜୁରି ଉଠିଲା ।

ଶ୍ରୀକୃଷ୍ଣଙ୍କୁ ମାରିବାର ଫନ୍ଦିଟିଏ ବାହାର କରି କଂସ ବି ଏତେ ଖୁସି ହୋଇନଥିବ । ଯୋଡ଼ାଏ ତିନୋଟି ଫଣା ବାଡ଼ରୁ କାଟିଆଣି ଯେଉଁଠି ଫୁଲ ଚୋରୀ ଯାଇଥିଲା ସେଇଠି ଥୋଇଲି । ଅସ୍ଥିକଙ୍କାଳରେ ମାଂସ ଲଗାଇ ଗାଳ୍ପିକ ଯିମିତି ଜୀବନ୍ତ ରଚନାଟିଏ ସୃଷ୍ଟିକରେ ମୁଁ ବି ସିମିତି ବାଲିମାଟି ଦେଇ ସମସ୍ତ କଳା କୌଶଳ ପ୍ରୟୋଗ କରି ଅନୁଚ୍ଚ ପିଣ୍ଡିଟିଏ କଲି । କେବଳ ଶତସହସ୍ର କଣ୍ଟା ବାଲି ରଙ୍ଗ ସହିତ ମିଶି ଉପରକୁ ଫୁଟିଥାଏ ।

ପରଦିନ ସକାଳ । କୁକୁରକୁ ବୁଲାଇ ନେବା ବେଳ । କୁକୁର ଗଲା ନାହିଁ । ମେଘୁଆ ପାଗ, କାଦୁଆ ରାସ୍ତା । ପାଦରେ କାଦୁଅ ଲାଗିବ ବୋଲି ଗଲା ନାହିଁ ।

ତା' ଜାଗାରେ ସାଙ୍ଗରେ ବାହାରିଲା ନାତି । ଚାରି ପାଞ୍ଚ ବର୍ଷ ବୟସ । ଗ୍ରୀକ୍ କାମଦେବ କ୍ୟୁପିଡ଼ର ପେଣ୍ଟିଂ ଛବି ପରି ତା'ର ରୂପ । ଗାଲ ଲାଲ୍ ଲାଲ୍ । ଭାରି ଗୁଲୁଗୁଲିଆ ପିଲାଟି । ଧରିନିଅନ୍ତୁ, ଏଇ ନାତିପିଲାଟି ମୋର ଯିମିତି ପ୍ରିୟ, କୁକୁର ପିଲାଟି ବି ମୋର ନାତୁଣୀ ପରି ଅତି ପ୍ରିୟ । ଦୁହିଁଙ୍କ ମଧ୍ୟରେ ସେମାନଙ୍କ ଅଭେଦ ପ୍ରୀତି, ସଦ୍‌ଭାବ । ନାତିକୁ ଆ ବୋଲି ଡ଼ାକିଲି । ସେ ମୋ ପଛେ ପଛେ ଚାଲିଲା ।

ଘରେ ଆଉ କେହି ନଥିଲେ । ପୁଅ ରାତିରେ ଘରକୁ ଫେରିନଥିଲା । କୁକୁର କାଳେ ମୋ ଅନୁପସ୍ଥିତିରେ ଘରୁ ବାହାରି ଆସି ଭୋ ଭୋ ହୋଇ ଅତିଥି ଆଗନ୍ତୁକଙ୍କୁ ଘଉଡ଼ାଇବ ବୋଲି ତାକୁ ବିସ୍କୁଟଟାଏ ଦେଇ ବାହାରପଟୁ ଜଞ୍ଜିରଟା ଲଗାଇଦେଇ ତଳକୁ ଗଲି ।

ପୋଷ୍ଟ ଅଫିସ୍ ବାରଣ୍ଡାରେ ଯେଉଁ ବେଞ୍ଚଟା ପଡ଼ିଥିଲା ସେଇଠି ବସିବା ପାଇଁ ନାତିକୁ କହିଲି । ନା ନା, କହି କହି ଶେଷରେ ବସିଲା । ମୁଁ ମନ୍ଦାର ଗଛ ପାଖକୁ ଗଲି । ଦୈବକୁ ତିନି ଚାରିଟା ଫୁଲ ମୋ ହାବୁଡ଼ରୁ ବଞ୍ଚି ଯାଇଥିଲା । ସେଗୁଡ଼ାକୁ ତୋଳିଲି ଏବଂ ଯନ୍ତାରେ ଥୋଇଲି । ବେଞ୍ଚରେ ଆଉଜି ବସି ବୋଧହୁଏ ନାତି ଟୋକା ଦେଖୁଥିଲା ମୋ ଫୁଲତୋଳା । ଚାରିପଟେ କଣ୍ଟାଥିବା ଛୋଟ ବେଦୀରେ ଫୁଲତକ ଥୋଇଦେଇ ଏପଟ ସେପଟ ଚାହିଁଲି । କେହି ନାହିଁ । "ଆଜି ଯିବୁ କୁଆଡ଼େ ?" ମନେ ମନେ କହିଲି । ଉପରକୁ

Digitized by srujanika@gmail.com

ନାତିକି ଧରି ଉଠିଯିବି ଭାବୁଛି ମନେପଡ଼ିଲା କୁକୁର ଚାରିପାଞ୍ଚ ଦିନ ହେଲା ମାଂସ ଖାଇନି । ପ୍ରାୟ ଶହେ ହାତ ଦୂରରେ ମାଂସ ଦୋକାନ । "ସେଇଠି ବସିଥିବୁ, ତଳକୁ ଓହ୍ଲାଇବୁ ନାହିଁ । ମୁଁ ବ୍ଲାକି ପାଇଁ ମାଂସ ଆଣିବାକୁ ଯାଉଛି, ତୁ ମୋତେ ଚାହିଁଥା, ମୁଁ ସାଙ୍ଗେ ସାଙ୍ଗେ ଫେରିଆସୁଛି । ଏଇ ତିନିଟା ପାହାଚ ଡ଼େଇଁବୁ ନାହିଁ ।" କହି ମୁଁ ଚାଲିଗଲି । ତ୍ରେତାଯୁଗରେ ସୀତା ତ ମାନି ନଥିଲେ । କଳିଯୁଗର ନାତି କ'ଣ ବାରଣ ମାନିବ ?

ମାଂସ ଦୋକାନରେ ପହଞ୍ଚ ଦେଖିଲି ବିଚ୍ ରାସ୍ତା ଉପରେ ଛେଳିକୁ ଶୁଆଇ ସୁଲେମାନ ଜଭେ କରୁଛି । ଛଟପଟ ସାଙ୍ଗକୁ ପିଚ୍ ପିଚ୍ ହୋଇ କଞ୍ଚାରକ୍ତ ପିଚୁ ରାସ୍ତାରେ ବହିଯାଉଛି । କ୍ରୁର, ନୃଶଂସ ଦୃଶ୍ୟ ଉପଭୋଗ କରିବାର ପ୍ରବୃତ୍ତି ରୋଧକରି କୁକୁର ବରଂ ଓପାସେ ରହୁ ମନେ ମନେ ଭାବି ଫେରିବାକୁ ଯାଉଛି ଗୋଟାଏ ବୁକୁଫଟା ଶିଶୁକଣ୍ଠର ଆର୍ତ୍ତନାଦ 'ମାଆଲୋ ମରିଗଲି' ସାଙ୍ଗକୁ କରୁଣ ଚିତ୍କାର 'ବାପାଲୋ ମରିଗଲି ଓଃ ଓଃ' ଶୁଭିଲା । ଖୁଣୀ ଧରାପଡ଼ିଲେ ଡ଼ିଟେକ୍ଟିଭ ଯିମିତି ଉଲ୍ଲସିତ ହୋଇ ଅଟ୍ଟହାସ୍ୟ କରିବାକୁ ମୁହଁ ଖୋଲିଦିଏ ମୁଁ ସିମିତି "କାଲିର ଫୁଲ ଚୋର ଧରାପଡ଼ିଛି" ଭାବି ଦ୍ରୁତ ପଦରେ ଫେରୁଛି । ମନକୁ ପାପ ଛୁଇଁଲା । 'ନାତି' ଯନ୍ତାରେ ପଡ଼ିନାହିଁ ତ ।" ଶିଶୁର ଆର୍ତ୍ତନାଦର ପ୍ରତିକ୍ରିୟା ଯୁଗପତ୍ ଶୁଣାଗଲା । ଆକାଶ ମେଦିନୀ ସେ ଆର୍ତ୍ତନାଦର ପ୍ରତିଧ୍ୱନି ଦେଲେ । କମ୍ପିଉଠିଲେ ବସୁନ୍ଧରା ଜନନୀ । ଗାଈ, ଛେଳି, ଘୁଷୁରୀ, ସମସ୍ତେ ସ୍ତମ୍ଭୀତ ହୋଇ ଆକାଶକୁ ଚାହିଁ ସ୍ତମ୍ଭୀଭୂତ ହେଲେ । ବାରମ୍ବାର ସେଇ ଏକ ସ୍ୱର "ମାଆଲୋ ମରିଗଲି, ବାପାଲୋ ମରିଗଲି ।" ବାଟରେ ଯାଉଥିବା ଲୋକେ ସେ ଆଡ଼କୁ ଧାଇଁଲେ । ମୁଁ କଦମ୍ ଜୋରେ ଦୌଡ଼ିଲି, ଛାତି ଢ଼ପ୍‌ଢ଼ପ୍ କରୁଥାଏ । ବ୍ଲାକିର ଅନୁରୂପ ଆର୍ତ୍ତନାଦ ଉପରତାଲାରୁ ଆସୁଥାଏ ।

ଦେଖଣାହାରୀଙ୍କୁ ଠେଲିପେଲି ଦେଇ ଚାହିଁଲି । ଗୋରା ଟକଟକ ପିଲାଟାଏ ! ଫୁଲଚୋର । ମୋରି ନାତି ସିଦ୍ଧାର୍ଥ । ମୋତେ ଦେଖିଦେଲା ମାତ୍ରେ ସେ ଆହୁରି ଜୋର୍ ଚିତ୍କାର କଲା । ଛଟପଟ ହେଲା, ଏଇମାତ୍ର ଜଭେ ହୋଇଥିବା ଛେଳିପରି । ପାଦରେ ହାତରେ ଆଣ୍ଠୁରେ ଖଣ୍ଡେ ଖଣ୍ଡେ ନାଗଫେଣୀ ଲାଖି ରହିଛି ; କୁଶବନ୍ଧ କିଏ ଦୁର୍ମତି କରିଛି ତାକୁ । ନାଗଫେଣୀର ବିଷ ଯନ୍ତ୍ରଣାରେ ଜର୍ଜରିତ ଶିଶୁଟି ଫିକା ଓ ମ୍ରିୟମାଣ ହୋଇଯାଇଛି । କଣ୍ଟାସବୁ କାଢ଼ିଦେଲା ମାତ୍ରେ ପିଚ୍ ପିଚ୍ ରକ୍ତର ଧାର ବହି ଭୂଇଁକୁ ରଞ୍ଜିତ କରୁଛି । ମନ୍ଦାର ଫୁଲ କି ମଣିଷ ରକ୍ତ ବାରି ହେଉନାହିଁ ।

କାର୍‌ରେ ଯାଉଥିବା କେହି ଜଣେ ଉଦ୍ଧାରକର୍ତ୍ତା ସେତିକିବେଳେ ଆସିଗଲେ ଏବଂ ସିଦ୍ଧାର୍ଥକୁ ବସାଇ ଡ଼ାକ୍ତରଖାନା ନେଇଗଲେ । ମୁଁ ଅପ୍ରସ୍ତୁତ ଥିଲି । କହିଗଲେ, "ଆପଣ ଆସନ୍ତୁ ଡ଼ାକ୍ତରଖାନାକୁ ।"

ଉପରକୁ ଗଲି । ଘରେ ଭୌତିକକାଣ୍ଡ । ମଣିଷର ପ୍ରତିକ୍ରିୟା ଅପେକ୍ଷା କୁକୁର ବ୍ଲାକିର ପ୍ରତିଶୋଧ ବର୍ଣ୍ଣନାତୀତ । ଘର ଫିଟାଇ ଦେଖିଲି ଶେଯପଟା, ବହିପତ୍ର, ରେଡ଼ିଓ, ଫିଲଟର୍, କାଗଜ କଲମ, ଏପରିକି କାନ୍ଥର ଫଟୋସବୁ ଭାଙ୍ଗିରୁଜି ଏକାକାର । ଲାଲକାଳି

Digitized by srujanika@gmail.com

ବୋତଲର କାଳିରେ ଚଟାଣ ଲାଲେଲାଲ। ସେତିକିରେ ପ୍ରତିଶୋଧ ସରି ନାହିଁ। ଯେଉଁମାନଙ୍କ ପାଇଁ ପ୍ରତିଦିନ ମୁଁ ମନ୍ଦାରଫୁଲ ସଂଗ୍ରହ କରୁଥିଲି ପ୍ରତିଦ୍ୱନ୍ଦିତାର ସମ୍ମୁଖୀନ ହୋଇ ସେମାନେ ସମସ୍ତେ ଖଟୁଲିରୁ ତଳକୁ ଗଡ଼ିଛନ୍ତି। ଫଟୋର ଭଙ୍ଗାକାଚ ସେମାନଙ୍କ ଆଖି ମୁହଁରେ ପଶି ଦେବଙ୍କୁ ଦାନବର ଚେହେରା ଦେଇଛି।

ଡ଼ାକ୍ତରଖାନାକୁ ଯିବା ଆଗରୁ ବେଲକନିରୁ ଦେଖିଦେଲି ଜାଲଯନ୍ତା ପାତିଥିବା ବେଦୀଟିକୁ। ଅମ୍ବିକା ମନ୍ଦିର ସମ୍ମୁଖରେ ରକ୍ତରଞ୍ଜିତ ମନ୍ଦାରମାଳା ଖଚିତ ଯୁପବେଦୀ ପରି ଦିଶୁଛି।

କାଲିର ଫୁଲଚୋର କିଏ ?

# ଟାକୁ କାହିଁକି ?

କାଲିକା କଥା। ଘଟଣା ସାମାନ୍ୟ। କିନ୍ତୁ ସାମାନ୍ୟ କ୍ରିୟାର ଯେ ଏତେ ଜୋର ପ୍ରତିକ୍ରିୟା ହୋଇପାରେ ତା ବିଶ୍ୱାସ କରିପାରୁନି। ଯିମିତି, ବିଶ୍ୱାସ କରିହୁଏନି ଟିକେ ତାତି ବଢ଼ିଗଲେ କଳା ଲୁହାଟା ଲାଲ ହୋଇଯାଏ କିମିତି।

ଯଦି କଥାଟା କହି ନ ଦିଏଁ, ତେବେ ଅସସ୍ତି ବଢ଼ି ବଢ଼ି ଚାଲିଥିବ। ମୁଣ୍ଡ ଭିତରଟା, ଛାତି କଣଟା ଏମିତି ମନ୍ଟିଚକଟି ଯିମିତି ଦିଟାଯାକ ଏକ ପରେ ଏକ ବା ଏକା ସାଙ୍ଗରେ ଫାଟିଯିବେ। ହାର୍ଟ ଫେଲ୍ୟୁର ହୋଇଯିବ। ପ୍ରେସର୍ ରିଲିଜ୍ କରିବାର ସାହିତ୍ୟିକ ପକ୍ଷରେ ଯେଉଁ ଗୋଟିକ ଉପାୟ କହିଦେବା ବା ଲେଖି ପକାଇବା ସେଇଟି ଅବଲମ୍ବନ କରିବାକୁ ବାଧ ହେଉଛି।

କାଲି ସକାଳର କଥା। ମଳମାସଟାଏ ପଡ଼ି ପୂଜାଛୁଟି ଦୂରେଇ ଯାଉଛି ଯିମିତି, ବର୍ଷାଦିନ ବି ସିମିତି ଲମ୍ବିଲମ୍ବି ଚାଲିଛି। ମହରମ ସରିଗଲାଣି ଅଥଚ ଦୁର୍ଗାପୂଜା ଦଶହରା ପରିବେଶ, ବାୟୁମଣ୍ଡଳ ସୃଷ୍ଟି ହୋଇଚି। କାଶତଣ୍ଡୀ ଫୁଲ ବଳଙ୍ଗ ପଠାରେ ଫୁଟିଛି ଅଥଚ ମଣ୍ଡପରେ ଦୁର୍ଗାମେଢ଼ର ଦେଖା ନାହିଁ। ତୁହାକୁ ତୁହା ମେଘ ବର୍ଷାରେ ଲୁଗାପଟା ବି ଶୁଖିବାକୁ ନାହିଁ ଚବିଶ ଘଣ୍ଟାରେ।

କାଲି ସକାଳୁ କିନ୍ତୁ ଆକସ୍ମିକ ପାଗଟା ଶରତକାଳିଆ ହୋଇଥିଲା। ଅଭ୍ୟାସବଶତଃ, ନିତ୍ୟନୈମିତିକତାରେ ମୁଁ ଦାନ୍ତପତ୍ର ଘଷିସାରି ପୂର୍ବପଟ ବାରଣ୍ଡାରେ ବସି ସୂର୍ଯ୍ୟୋଦୟ ଉପଭୋଗ କରେଁ। କାଲି ସହଳ ନିଦ ଭାଜିଗଲା। ଚେୟାରରେ ବସିଛି ଏବଂ ଦେବାବରଣ ହେବା ଭଳି ପ୍ରାତଃଶୋଭାର ଏକ ଅଙ୍ଗରୂପେ ନିଜକୁ ଭାବି ମଧୁବାବୁଙ୍କୁ

Digitized by srujanika@gmail.com

ପିଲାଦିନିଆ ପାଠ ଆବୃତ୍ତି କରୁଛି, ଗୁଣୁଗୁଣୁ ହୋଇ "ପୂର୍ବଦିଗ ଦେଖ ଏବେ ଟଳଇ, ଉଭାଇଯାଉଛି ତାରାଟି ତହିଁ, ପୂର୍ବେ ଧରା ଯହିଁ ଆକାଶେ ମିଶେ, ସିନ୍ଦୁର ବୋଳିଲା ପରାଏ ଦିଶେ;... ସଜଫୁଲ ପରି ବାଳକେ ହେବ, ସକଳ ମନରେ ଆନନ୍ଦ ଦେବ।"

କବିତା ଉଭେଇ ଯାଇଛି କି ନାହିଁ କୁକୁର ବ୍ଲାକି ମୋତେ ଟଣାଟଣି କଲା, ଲୁଙ୍ଗିର କାନିଟାକୁ ଧରି। ସେ ପ୍ରତିଦିନ ମୋ ସହିତ କିଲୋମିଟରଟିଏ ବୁଲିବାକୁ ଯାଏ ସାମନା ଓଭରବ୍ରିଜ୍ / ଫ୍ଲାଇ ଓଭର ଦେଇ । ତାର ବି ତ ନିତ୍ୟକର୍ମ ଅଛି ! ପ୍ରେସର ଅଛି ମଣିଷ ପରି।

ଗୋଟାକ ପରେ ଗୋଟାଏ ଲୋ-ପ୍ରେସର ପରେ ଆଜିହୁଏ ତ ଖରା ଆସିବ ଭାବି ମନଟା ଉତ୍ଫୁଲ୍ଲ ଥାଏ। ଯଥା ସମୟରେ ପୂର୍ବଦିଗର ଠିକ୍ ମଝାମଝି ସ୍ଥାନରେ ବାହାରି ଚାରିଦିନ ପରେ ସୂର୍ଯ୍ୟଦେବ ଧରଣୀରାଣୀର ମୁହଁକୁ ଚାହିଁଲେ। ସକାଳ ବସ୍ ସବୁ ଭଦ୍ରଖ, କଟକ, ରାଜଧାନୀ, ବାରିପଦା ଛାପ ନେଇ ଦଣ୍ଡେ ଦଣ୍ଡେ ବ୍ୟବଧାନରେ ଗଡ଼ିଚାଲିଲେ ଅଦୂର ବସ୍‌ଷ୍ଟାଣ୍ଡ୍ ଆଡ଼କୁ।

ମାଆ ଘୁଷୁରିଟିଏ ଆଠୁଟା ତିନିଦିନିଆ ଛୁଆ ନେଇ ସଡ଼କ ପାର ହେଲା। ଆଠଦଶଟା ବୁଲା କୁତାକୁତୀ ଅଶିଣିଆ ଖେଳ ଖେଳି ଖେଳି ସାମନା ଓସାରିଆ ପିଚୁରାସ୍ତାରେ ବୁଲିଲେ। ରାସ୍ତା ଆରପାଖରେ କାଠବାଲୀର ଚାରିଟା ଛେଳି ଆଠଟା କଳା କଳା ଡ଼େଇଁଥିବା ଛୁଆଙ୍କୁ ହଠାତ୍ କ୍ଷୀରଦେବା ପାଇଁ ଏକାବେଳକେ ଧୀରସ୍ଥିର ହୋଇ ନଇଁ ଛିଡ଼ାହେଲେ। ଲହୁଆ ଗଞ୍ଜାକୁ ଲୁଗାକାନିରେ ଢ଼ାଙ୍କି ଶାମ ବି ରେମୁଣା ହାଟ ଆଡ଼କୁ ଚୁପ୍‌ଚାପ୍ ଚାଲିଲା। ବାଲେଶ୍ୱର ସହରତଳିର ସକାଳ ଆରମ୍ଭ ହେଲା, ବାଘା ଯତୀନ୍ ଏକ୍ସପ୍ରେସ୍ ଗାଡ଼ିର ଲମ୍ବା କୁଉଉଉଉ ଧ୍ୱନିରେ।

ଚା' କପ୍‌ରୁ ଶେଷ ଚୁମୁକ ଦେଉଁ ଦେଉଁ ଦେଖିଲି ଫ୍ଲାଇଓଭର ଗଡ଼ାଣିଆ ରାସ୍ତାଟା ଯେଉଁଠି ମୋଡ଼ଦେଇ ବଙ୍କେଇ ହୋଇ ନୂଆ ବସ୍‌ଷ୍ଟାଣ୍ଡ ମୁହାଁ ହୋଇଛି, ତାରି ଅପରପାର୍ଶ୍ୱରୁ, ଘୁଷୁରିସାହି ପଟୁ, ସଡ଼କ ଉପରେ ଫିକ୍‌କା ଲାଲିରଙ୍ଗର ଗିବନବନ୍ଧା ଛୋଟ ଜଟଟିଏ। କ୍ରମେ ପୂରାମୁଣ୍ଡଟି ଦିଶିଲା, ପଞ୍ଜାବୀ ଛୋଟପୁଅର ମୁଣ୍ଡ ହୋଇପାରେ। ନା, ନା। ହାତେ ଚାଖଣ୍ଡେ ଉଚ୍ଚ ଝିଅଟିଏ। ଏକା କଦମରେ ଉଠାଣି ଅତିକ୍ରମ କଲା। ପିନ୍ଧିଛି ଛିଣ୍ଡା, ମସିଆ ଛିଟ ଫ୍ରକ୍। ପଛପଟେ ବୋତାମ ନାହିଁ। ନଳିଗୋଡ଼ଯାଏ ଲମ୍ବିଛି। ତା' ବଡ଼ଭଉଣୀର ପରିତ୍ୟକ୍ତ ପୋଷାକଟି ଅଥବା ତା' ମାଆର ପୁରୁଣା ଢ଼ିଲା ବ୍ଲାଉଜର ନୂତନ ରୂପଟି ହୁଏ ତ। ତା' ଦିହକୁ ଖୁବ୍ ଢ଼ିଲା ହୋଇଛି ଏବଂ ତାକୁ ଅଡୁଆ ଲାଗୁଛି। ପେଣ୍ଟ ପିନ୍ଧିଛି କି ନାହିଁ ଜାଣିହେଉନି। ହାତରେ ଦେଢ଼ଚାଖଣ୍ଡ ଲମ୍ବ ଛାଞ୍ଚୁଣି/ଖରିକାର ମୁଣ୍ଡି। ନାରୀଜୀବନର ସର୍ବପ୍ରଥମ ସର୍ବପ୍ରଧାନ କର୍ମ କିଏ ବୋଧହୁଏ ବରାଦ କରି ତାକୁ ଶିକ୍ଷାଦେବା ପ୍ରଚେଷ୍ଟାରେ ଅଛି। ଝିଅଟି ବି ଖୁବ୍ ଦମ୍ଭ ଓ ଆସ୍ଥା ସହିତ ଚେଲେଞ୍ଜ ଗ୍ରହଣ କରିଛି ଯେପରି !

Digitized by srujanika@gmail.com

ଆଦୌ ଫିଟ୍ କରୁନଥିବା ଫ୍ରକ୍‌କୁ ସମ୍ଭାଳି ସେ ପିଚୁରାସ୍ତାର ସାହିପାଖର ଖଣ୍ଡେ ଜାଗାକୁ ଖରକିବାକୁ ଲାଗିଲା । କେତେବେଳେ ଦରଠିଆ ହୋଇ, ଆଉ କେତେବେଳେ ବସିପଡ଼ି । କୁଆଡ଼କୁ ନଜର ନାହିଁ, ଗୋଟାଏ ଅଧେ ଟ୍ରକ୍ ପର୍ବତ ପ୍ରମାଣ ବୋଝ ନେଇଏ ପୁଣି ଗୋଟାଏ ଅଧେ ବଡ଼ ବଡ଼ ନାଲି ବସ୍‌ଗୁଡ଼ିଏ କଟକ-ଭୁବନେଶ୍ୱର ପାସେଞ୍ଜର ଧରି ବଙ୍କେଇ ହୋଇ ପାଖଦେଇ ଯାଉଛନ୍ତି; ତାଙ୍କ ତଳେ ପେଷି ହୋଇଯିବାର ଭୟ ତାର ନାହିଁ । ସେ ଲାଗିଛି ଖରକାଖରକି କରୁଥିବା ସ୍ଥାନକୁ ଏକଦମ୍ ସଫା କରିବା ପାଇଁ । ଯିମିତି ମୁହଁ ଦିଶିବା ବା ଯିମିତି ଦଣ୍ଡେ ପରେ ସେଇଠି ଖଲିପତ୍ର ପଡ଼ି ଭୋଜନର ବ୍ୟବସ୍ଥା ହେବ । ଏ ସମାର୍ଜନୀ କର୍ମର ସମ୍ଭାବ୍ୟ କାରଣ କ'ଣ ହୋଇପାରେ ଭାବି ସ୍ଥିରକଲି ବୋଧହୁଏ ତା ମାଆ ବା ଆଉ କେହି ମୁରବୀ ସ୍ଥାନୀୟ ବ୍ୟକ୍ତି ସେ ସ୍ଥାନରେ ଉଷୁ ଧାନଆଁ ଶୁଖେଇବ, ଯିମିତି ଛତିଆ କଲେଜ ପାଖ ରାସ୍ତାରେ ମାଇଲିଏ ଧରି ସ୍ତ୍ରୀଲୋକଗୁଡ଼ାଏ ଧାନ ମେଲାଇ ଶୁଖାଇଥାନ୍ତି । କେଉଁ ବାହାକୁ ଦି'ଗୋଡ଼ ଅଳତା ପରି କେଉଁ ଛୁଆକୁ କେଡ଼େ କାମ ବରାଦ ଭାବିଲି । ଦେଖାଯାଉ କେଉଁ ପାଣି କୁଆଡ଼କୁ ଯାଉଛି ? ଆଠଫୁଟରେ ଆଠଫୁଟ ହେବ ଜାଗା ସଫା କରିସାରି ମୁଣ୍ଡି ଛାଞ୍ଚୁଣି ଧରି ଝିଅଟା ରାସ୍ତା ତଳକୁ ଓହ୍ଲାଇ ଗଲା । ସନ୍ତୁଷ୍ଟିର ଦୃଷ୍ଟିପାତ କରି ଇଲାକା ଉପରେ ଯିମିତି ସେ ଜାଣେ 'well begun is half done' କଥାଟି । ମୋର କୁତୁହଳ ଜାଗ୍ରତ କରି ପାଞ୍ଚମିନିଟ୍ ପାଇଁ ସେ ଅନ୍ତର୍ଦ୍ଧାନ ହେଲା ।

ସେ ପୁଣି ଆସିଲା । ପ୍ରଥମେ ପୂର୍ବପରି ଲାଲି ଫିତାବନ୍ଧା ଜଟ ଦିଶିଲା । ତା'ପରେ ଛିଣ୍ଡା ଅଖାପଟା ଏବଂ ତା' ଭିତରେ କ'ଣଗୁଡ଼ାଏ । କେତେବେଳେ ଅଣ୍ଟାରେ, କେତେବେଳେ ପେଟରେ, କେତେବେଳେ ଅଧାପିଠି ଅଧା ଛାତିରେ ସୁବିଧା ମୁତାବକ ସ୍ଥାନରେ ରଖି, ଆୟତ୍ତ କରି ହେଉନଥିବା ବୋଝଟିକୁ ଆଣି ପୂର୍ବରୁ ସଫା କରାଯାଇଥିବା ଜାଗାର ମଝାମଝି ଜାଗାରେ ରଖିଲା । ଆପେ ଆପେ ଅଖାପଟର ଗଣ୍ଠି ବା ବନ୍ଧନ ଫିଟିଗଲା, ଯୋଡ଼ାଏ ତିନିଟା ଡ଼ାବର କଟା ଖୋଲପା, ଚୋପା ବୁଣି ହୋଇଗଲା । ଅତିବେଶି ହେଲେ କିଲେ ଓଜନର ସାମଗ୍ରୀ । ଛିଣ୍ଡା ଅଖାକୁ ମୋଡ଼ିମାଡ଼ି ଧରି ପୁଣି ଯୁଆଡୁ ଆସିଥିଲା ସେ ଆଡ଼କୁ ଚାଲିଗଲା । ନିହାତି ଗଦ୍ୟମୟ କାମଟାରେ ଆଉ କୁତୁହଳୀ ନ ହୋଇ ମୁଁ ଘର ଭିତରକୁ ଚାଲିଆସିଲି । କିନ୍ତୁ ସିମିତି କିଛି କାମ ନଥିବାରୁ ବା ଲେଖାଲେଖି ପାଇଁ ମୁଡ୍ ନଥିବାରୁ କଣଟାଏ ଖାଇଦେଇ ବା ପିଇଦେଇ ବା ଟାଣିଦେଇ ମଝିରେ ମଝିରେ ଘର ଭିତର ବାହାର ହେଉଥାଏଁ । ପୁଣିଥରେ ଆଖି ପଡ଼ିଗଲା ସେଇ କୁନିଝିଅ ଆଉ ତାର କାରସାଦି ଉପରେ । ଅତିକମ୍‌ରେ ଦଶଟା ଡ଼ାବର କଞ୍ଚା ଛିନ୍ନାଂଶ କୁଢ଼ ହେଲାଣି । ଯଦି ସେ ବସିପଡ଼ନ୍ତା ତେବେ ଆବର୍ଜନା ଗଦା ଓ ତାର ଉଚ୍ଚତା ସମାନ ହୁଅନ୍ତା । କିନ୍ତୁ ତାର ବ୍ୟସ୍ତତାର ଅନ୍ତ ନାହିଁ, ନାକ ପୋଛିବାର ତର ନାହିଁ, ବସିପାରୁଛି କେଉଁଠି !

Digitized by srujanika@gmail.com

ଏଥର ବୋଧହୁଏ ଶେଷଥର। କାରଣ ଗଣ୍ଡିଲିରେ କେବଳ ଛୋଟ ଛୋଟ, ପତଳା ଟୁକୁରା ସବୁ ଆସିଛି। କୁଢ଼ରେ ତାକୁ ବି ଅଜାଡ଼ି ମିଶାଇଦେଲା। ବୋରାଟା ସଡ଼କର ନୁଆଁଣିଆ କଡ଼କୁ ରଖିଲା, ଛୋଟ ପାପୁଲି ଦି'ଟାକୁ ଝାଡ଼ିଝୁଡ଼ି ଧୂଳିବାଲି ସଫା କରିଦେଲା ଏବଂ ବସିପଡ଼ି ପରବର୍ତ୍ତୀ ପର୍ଯ୍ୟାୟର କାମ ଆରମ୍ଭ କରିଦେଲା। ଗୋଟି ଗୋଟି କରି ଖୋଳପା, ଚୋପା ସବୁକୁ (ସେ ଆଦୌ ତରବର ନୁହେଁ କାମରେ) ବୁଣିଲା, ଖେଳାଇଲା, ମେଲାଇଲା; ଯିମିତି ସେଗୁଡ଼ା କଅଁଳ ଅମୂଲ୍ୟ ଦରବ, କଡ଼ା ବ୍ୟବହାର ତାଙ୍କ ପ୍ରତି ସମୀଚୀନ ନୁହେଁ। ହୁଏତ ସେଗୁଡ଼ା ଖାଇବା ଚିଜ ବା ପରିଶ୍ରମଲବ୍ଧ ନୋଟ ବା ଖୁଚୁରା ପଇସା; ଖୁବ୍ ସତର୍କତା ଦରକାର । ବୃହତ୍ତାକାରରେ ଖଣ୍ଡେ ଜାଗାରେ ମେଲାଇ ଦେଇ ନେପୋଲିଅନ ପରି ଅଣ୍ଟାରେ ହାତଦେଇ ସୈନ୍ୟ ତଦାରଖ କଲା ଏବଂ ଶେଷଥର ପାଇଁ ଦେଖିବ "ଠିକ୍ ଅଛି" ଏଇ ସନ୍ତୁଷ୍ଟି ନେଇ ଛିଣ୍ଡା ବୋରା ଧରି ବୋଧହୁଏ ଭୁଜା, ପଖାଳ ତୋରାଣି ବା ଖାଲି ପାଣି ପାଇଁ ଘରଆଡ଼େ ଚାଲିଗଲା।

ସୂର୍ଯ୍ୟ ଉଠି ଉଠି ଚାଲିଛନ୍ତି। ଥରେ ଅଧେ, ମୁଁ ବାହାରି ଦେଖିଲି ଯେ, **"no man's land"** ବା **"no man's sea"** କୁ ଔପନିବେଶିକମାନେ ଦଖଲ କରିଗଲା ପରି ପ୍ରତିଯୋଗୀମାନେ ସଡ଼କ ସେଇ କାମ ପାଇଁ ଦଖଲ କରିବାରେ ଲାଗିଛନ୍ତି। ପନ୍ଦର-କୋଡ଼ିଏ ମିନିଟ୍‌ରେ ଶଗଡ଼ ପ୍ରମାଣ ଚୋପା ଖଣ୍ଡେ ଖଣ୍ଡେ ଦ୍ୱୀପ ପରି ଭୂମିକମ୍ପରେ ଅକସ୍ମାତ ବାହାରି ପଡୁଛନ୍ତି। ଅନ୍ୟମାନେ ଯଦି ହେଲେ ବିସ୍ତୀର୍ଣ୍ଣ ସାମ୍ରାଜ୍ୟର ଏକଦା ଅଧିକାରୀ ଇଂରାଜଙ୍କ ପରି ଆମ କୁନିଝିଅର ପ୍ରାପ୍ତ ହେଲା ଗୋଆ, ଦାମନ-ଡ଼ିଉ । ପ୍ରଥମ ପ୍ରବେଶକାରୀ ହୋଇ ମଧ ବେଶୀ ଆସ୍ଥାନ ପର୍ତ୍ତୁଗାଲ ପାଇଲା ନାହିଁ। ଛୋଟିଆ ଦେଶଟି ତ!

ମୁଁ ଟିକିଏ ସମାଜବାଦୀ ଦାର୍ଶନିକ ହୋଇ ଉଠିଲି। ଦୂର ପାହାଡ଼ ଆଡ଼କୁ ଚାହିଁଲି। ବର୍ଷାଦିନ ପାଇଁ ସବୁଜ ଦିଶୁଛି ସିନା, ଖରାବେଳକୁ ଖାଲି ପଥର, କଳାଧଳା ପଥର। ଗଛବୁରୁଛର ସତ୍ତା ନାହିଁ। ଆଜି କାଠିକାଠର ଅଭାବ ସାଙ୍ଗକୁ ଦୀର୍ଘଦିନ ଧରି ବର୍ଷା କେତେ ଅଭାବୀ ଲୋକଙ୍କୁ ଭୋକ ଓପାସରେ ରଖିଦେଇ ନଥିବ! ଖରା ହେବ, ପଇଡ଼ ଚୋପା ଖୋଳପା ଶୁଖିବ, ଚୁଲିକୁ ହାଣ୍ଡି ଯିବ! ଛୁଆ ଏତେକଥା ବୁଝେନି। ତାକୁ କାମ ଦିଆ ହୋଇଛି; ସେ କାମ କରୁଛି। କିନ୍ତୁ ସେ କି ଜାଣିଛି ଯେ, ଅନ୍ୟମାନେ ବି ତାଙ୍କ କାମରେ ବ୍ୟସ୍ତ ଅଛନ୍ତି!

ବାସିଯାମ ବା ବ୍ରେକ୍‌ଫାଷ୍ଟ ସାରି ସେ ଫେରିଲା। ଗାଧୋଇଛି ମଧ । ପୋଷାକ ବଦଳ କରିଛି। ଛିଣ୍ଡା ବେସାଇଜ୍ ଫ୍ରକ୍ ବଦଳରେ ପିନ୍ଧିଛି ପେଣ୍ଟି। ମା'ର ଶାଢ଼ୀର କନାଟୁକୁରାକୁ ଗଣ୍ଠିଦେଇ କିଏ ପେଣ୍ଟି ବନେଇ ଦେଇଛି। ପେଟଟି ବୁଜୁଳା ଦିଶୁଛି, ପେଟେ ତୋରାଣି ପିଇଛି ପରି ଲାଗୁଛି।

Digitized by srujanika@gmail.com

ସେ ଆଖି ଦେଖେ ତ ଦୁନିଆଁ କ୍ଷଣକେ ବଦଳ ହୋଇଯାଇଛି, ମହାଆନ ହୋଇଯାଇଛି । ଆଉ କେତେ କେତେ ବଡ଼ ବଡ଼ ସଉଦାଗର ତାଙ୍କ ବିରାଟ ସାମ୍ରାଜ୍ୟ ସ୍ଥାପନ କରିଛନ୍ତି ତାରି କ୍ଷୁଦ୍ରଦ୍ୱୀପ ପରି ଉପନିବେଶଟି ପାଖରେ । ସେମାନଙ୍କ ରାଜ୍ୟରେ ସୁଖ, ପ୍ରଗତି, ସମୃଦ୍ଧିର ଲକ୍ଷଣ ରହିଛି । ସେମାନଙ୍କ ଜାଲେଣି କଳାରଙ୍ଗ ଧଇଲାଣି, ହାଲୁକା, ମୋଡ଼ାମୋଡ଼ା ଦିଶୁଛି, ଦଣ୍ଡେ ଅଧେ ଖରା ପାଇଲେ ହୁଏତ ଚୁଲ୍ଲୀଯୋଗ୍ୟ ହୋଇପାରେ । କିନ୍ତୁ ବୈପରୀତ୍ୟରେ ତାର ଚୋପା ସବୁ ସଦ୍ୟକଟା, ଧଳାଧଳା, ଓଜନଦାର, ପାଣି ଝରିଲା ପରି ଦିଶୁଛି । ସେ ଈର୍ଷାରେ ବଶବର୍ତ୍ତୀ ନ ହୋଇ ପୁଣି ଦମ୍ ସଂଗ୍ରହ କରି ଲାଗିଗଲା ତା କାମରେ ।

ଗୋଟିକ ଗୋଟି ଚୋପା ଓଲଟପାଲଟ କଲା । ଫଳରେ ଶାଗୁଆ ଧଳା ହେଉଥାଏ । ସବୁ ଅଲଗା ଅଲଗା; କାହା ଉପରେ କେହି ନାହିଁ । କିଛି ସମୟ ପରେ କଳା ପିଚୁରାସ୍ତାରେ ଧଳା ଗୋଲେଇର ଆବିର୍ଭାବ ହେଲା । ସେ ଯେତେବେଳେ ରାସ୍ତାଆଡ଼କୁ ପଛକରି କାମ କରୁଥାଏ, ସାଏଁ ସାଏଁ ଘଡ଼ଘଡ଼ ହୋଇ ଗାଡ଼ିଟ୍ରକ ବସ୍ ଗୋଟାକୁ ଗୋଟା ଯା'ଆସ କରୁଥାନ୍ତି । ତାକୁ କିଏ ମଡ଼ାଇବ ? ତାକୁ କିଏ ମଡ଼ାଇବ ? ତାକୁ କେହି ମାରିବେ ନାହିଁ, ମାଡ଼ିଦଳି ଚାଲିଯିବେ ନାହିଁ । ଏଡ଼ିକି ଛୋଟଛୁଆ, ପାଞ୍ଚବର୍ଷ ହୁଏ ନ ହୁଏ । ସିଏ କିମିତି ଅବା ବୁଝିବ, ଏବର ଦୁନିଆରେ ଧର୍ଷଣ ଏପରି କି ଗଣଧର୍ଷଣ ପାଇଁ ଝିଅ କଣ ପଶୁ ମଧ ଉପଯୁକ୍ତ ?

ସାମାନ୍ୟ ଓଲଟପାଲଟ କାମ ମଧ ସେ ଟିକିଝିଅ ପକ୍ଷରେ ଖୁବ୍ ଭାରି । ରାସ୍ତାକଡ଼ରେ ଜମା ହୋଇଥିବା ଡିମାପଥରରୁ ଗୋଟିକ ଉପରେ ସେ ଯାଇ ବସିଲା ଏବଂ ଆକାଶଆଡ଼କୁ ଚାହିଁଲା, ଚଲାବଉଦର ଗତିରୀତି କଳିବା ପାଇଁ । ସେ ଯଦି ମହାଭାରତ ଯୁଗର ବଗ ହୋଇଥାନ୍ତା ବା ଇଜିପ୍ଟର ପ୍ରହେଳିକାମୟୀ ସ୍ଫିଙ୍କ୍ସ ହୋଇଥାନ୍ତା ତେବେ ଆଧୁନିକ ଯୁଗର ଯୁଧିଷ୍ଠିର ଓ ଓଡ଼ିପସ୍‌ମାନଙ୍କୁ ପଚାରିଥାନ୍ତା "ମୁଁ ଝିଅହୋଇ ଜନ୍ମିଲି କାହିଁକି ?" "ଅନ୍ୟମାନେ ଖେଳାଖେଳି କରିବେ, ମୁଁ ଚୋପା ଶୁଖାଇବି କାହିଁକି ?" "ଯଦି ଖରା ନ ହେଲା, ଚୋପା ନ ଶୁଖିଲା, ତେବେ ମୋତେ ଖାଇବାକୁ ଦେବେ ନାହିଁ କାହିଁକି ?"

ସେ ଝିଅର ପ୍ରଥମ ଧର୍ଷଣକାରୀ ଘୁଷୁରି । ଧୃତ ଶୂକର ରୂପ ! ଆଠୋଟି ହପ୍ତାକିଆ ଛୁଆଧରି ମାଆ ଘୁଷୁରି ସଁ ସଁ ସଡ଼୍ ସଡ଼୍ ହୋଇ ସଡ଼କ ପାର ହେଉଥିଲେ । ନଡ଼ିଆ ବା ପଇଡ଼ ଚୋପା ତାଙ୍କ ଖାଦ୍ୟ ନୁହେଁ, ତଥାପି ଅଭ୍ୟାସବଶତଃ ଭୂଇଁ ବିଦାରିକା ପରି ପଇଡ଼ ଚୋପାକୁ ସବୁ ବିପର୍ଯ୍ୟସ୍ତ କରିଦେଲେ ସମସ୍ତେ ମିଳିମିଶି । ଝିଅଟି ତା' ଟିକି ହାତ ହଲାଇ ଯା ଃ ଯାଃ ହାତ୍ ହାତ୍ ଯେତେ କଲେ ସେମାନେ କାହିଁକି ଶୁଣନ୍ତେ ଅବା ! ବରଂ ଆକ୍ରମଣାତ୍ମକ ମନୋଭାବ ଦେଖାଇ ମୁହଁ ବିକୃତ କରି ତା' ଆଡ଼କୁ ମାଡ଼ିଗଲେ । ଆତ୍ମରକ୍ଷା ପାଇଁ ଝିଅଟି ପଳାଇ ଯାଇଁ ଯାଇଁ ଗଡ଼ି ଗଡ଼ି ସଡ଼କ ତଳେ ପଡ଼ିଗଲା ।

Digitized by srujanika@gmail.com

ଜୀବନର ପ୍ରଥମ ସ୍ଖଳନରୁ ବର୍ତ୍ତିଯାଇ ଝିଅଟି ଝାଡ଼ିଝୁଡ଼ି ହୋଇ ପୁଣି ତା' ଦୁନିଆକୁ ସଜାଡ଼ିନେଲା ।

ପ୍ରଚଣ୍ଡ ଖରା ପଇଡ଼ଚୋପା, କତା ଉପରେ ପଡ଼ିଛି, ପିଚୁ ତାତିଯାଇଛି । ଗୋଡ଼ ଫୋଟକା ହୋଇଯିବ । ଝିଅ ଭାରି ଖୁସି, ଶୀଘ୍ର ଶୁଖିଯିବ; ଚଲା ବାଦଲଟାଏ ଆସିଲେ ଝିଅର ମୁହଁରେ ଛାଇ ଆସିଯାଏ, ବିମର୍ଷ ହୁଏ ଯେ ।

ଏଥର କାଠବାଲୀର ଛେଳି । ବର୍ଷେ ଦି'ବର୍ଷ ତଳେ କାଠବେପାର ବନ୍ଦକରି ବଜାଗୁଣୀଟି କେତୁଟା ଛେଳି ପୋଷିଥିଲା । ତାଙ୍କ ସଂଖ୍ୟା ବଢ଼ି ବଢ଼ି ଏବେ ବାଇଶ । ଛୋଟ କୁଡ଼ିଆରେ ସେଇ ଛେଳି ରହନ୍ତି, ମାଲିକାଣୀ ବାହାରେ ଶୁଏ । ଖାଦ୍ୟ ଅଖାଦ୍ୟ ତାଙ୍କର ବାଛବିଚାର ନାହିଁ । ଛେଳି ଘୁଷୁରିଙ୍କୁ, ଖାଇବାରେ, ଛୁଆ ଜନ୍ମେଇବାରେ, ବଳିଯିବ କିଏ ? ବଜାରିଆ ଛେଳି, କଗଜପତ୍ର କାଠିକୁଟା ସବୁ ଚରିଯିବେ । ଫିଟାଇଦେବା ମାତ୍ରେ ପଲଟାଯାକ ବାହାରି ଆସିଲେ ଛୁଆପିଲା ସହିତ । ପ୍ରଥମେ ମୁହଁମାରିଲେ ଶୁଖିଲା କଳା ଦିଶୁଥିବା ଚୋପାରେ । ତା'ପରେ ଆସିଲେ କୁନିଝିଅର ରାଜ୍ୟକୁ । ଶାଗୁଆ ଚୋପାଗୁଡ଼ା ମଲ ମଲ କରି ଚୋବାଇଗଲେ, ଗିଳି ଗଲେ । ମା'କ୍ଷୀର ପେଟେ ପେଟେ ପିଇ ବଲୁଆ ହୋଇଥିବା ଛୁଆଗୁଡ଼ାକୁ ନାଚିକୁଦି ଯଥାପୂର୍ବ ତଥା ପରଂ କରିଦେଲେ ଚୋପାକୁ । ପୁଣି ପୂର୍ବପରି ହାତ୍ ହାତ୍ ଯା ଯା କରି ଝିଅ ସେମାନଙ୍କ ଆଡ଼କୁ ମାଡ଼ିଆସିଲା । ସେମାନେ ଡ଼ରିବେ କାହିଁକି ? ଥରେ ଏମିତି ଡ଼ରୁଆ ଆକ୍ରମଣ ପ୍ରତିହତ କରି ଦାଢ଼ିଆ ବୁଢ଼ୀଛେଳିଟା ଏତେ ଜୋର ଝିଅଟାକୁ ମୁଣ୍ଡେଇଦେଲା ଯେ, ସେ ଚିତ୍ ହୋଇ ତଳେ ପଡ଼ିଗଲା । ଦ୍ରୁତ ଅତିକ୍ରମ କରିଯାଇଥିବା ଲାଲି ବାସଟାଏ ତାକୁ କେଚା କରି ଦେଇଥାନ୍ତା ।

ଛେଳିପଲ ଚାଲିଯାଆନ୍ତେ ଝିଅଟା ଦଣ୍ଡେ ଥକା ମେଣ୍ଟାଇଲା ପୁଣି ପଥରଖଣ୍ଡ ଉପରେ ବସି । ସୂର୍ଯ୍ୟ ସର୍ଣ୍ଣଚୂଡ଼ ପାହାଡ଼ର ଅଗ ଛୁଇଁବାକୁ ଯାଉଥାନ୍ତି । ଝିଅଟା ତା'ର ସମ୍ପତ୍ତିକୁ ଏଥର ଠୁଳ କରିବାକୁ ଆରମ୍ଭ କଲା । କାରଣ ଚୋପାସବୁ ଚୋରି ହୋଇଯାଇପାରେ । ଏଇ ଭୟରେ ସେସବୁକୁ ପୁଣି ଘରକୁ ବୋହିନେବାକୁ ପଡ଼ିବ । କାରଣ ଯେଉଁଠି ସୀମା ସରହଦ ନାହିଁ, ସେଠି ଅନୁପ୍ରବେଶକାରୀ କାହାକୁ କହିବା ?

ଏତିକିବେଳେ ଆଉ ଦଳେ ଦୁର୍ବୃତ୍ତ ମାଡ଼ିଆସିଲେ ତା' ଆଡ଼କୁ । ପାଖ ହୋଟେଲ୍ ବସ୍‌ଷ୍ଟାଣ୍ଡରେ ଯେତେ ଯେତେ ଗୁଗ୍‌ଣି, ଲୋମହୀନ, ଲାଞ୍ଜହୀନ କୁତା ଥିଲେ ସମସ୍ତେ ନାଟକୀର୍ତ୍ତନ ଆରମ୍ଭ କରି ଡ଼ିସ୍‌କୋ ନାଚି ନାଚି, ପହୁଞ୍ଚିଲେ ଝିଅର ଖୋଳପା ଚୋପା ଗାଦି ଉପରେ ଏବଂ ଭିଣାଭିଣି କରି ସବୁ ଏକାକାର କରିଦେଲେ, ପଛଗୋଡ଼ ଦୁଇଟାକୁ ପଛଆଡ଼କୁ ଛଟାଛଟି କରି । ଝିଅଟି ଦଣ୍ଡେ ତଟସ୍ଥ ହୋଇ ଛିଡ଼ା ରହିଲା । କୁକୁର କୁତୀଗୁଡ଼ାକର ଏତିକି ଦୁର୍ଗୁଣ ଯେ, ଯେଉଁଠି କି ଯିବେ ଚିହ୍ନ ରଖିଦେଇ ଯିବେ ପରବର୍ତ୍ତୀ ବଂଶଧରଙ୍କ ପାଇଁ, ସାଙ୍ଗସାଥୀ ପାଇଁ । ଭୂଇଁ ଓଦା, ଖୋଳପା ଓଦା । ସେ ଝିଅର କ'ଣ

Digitized by srujanika@gmail.com

କେହି ନାହିଁ ? ଭାବୁଥାଏଁ । କାହିଁ ଦିନସାରା ତ ସେ ଏକା । ଜଣେ ତ କେତେବେଳେ ଆସି ତାକୁ କିଛି ପଚାରି ନାହିଁ, 'ଖାଇବୁ ଆ' ବୋଲି ଡ଼ାକିନାହିଁ । ସେ ଝିଅ ବିପଦ ଆପଦରେ ବି 'ଏ ମାଆ' 'ଏ ବାପା' 'ଏ ଆଈ' 'ଏ ଅଜା' ବୋଲି ଡ଼ାକି ନାହିଁ କାହାକୁ । ବୋଧହୁଏ ମାଡ଼, ଗାଳି, ଅନାହାର ଓପାସ ଭୟରେ ଏ ସବୁ ଅକାମ କରିବାକୁ ସେ ବାଧ ହୋଇଛି ? କିନ୍ତୁ କାମରେ ତ ଶ୍ରଦ୍ଧା ଅଛି, ଆଗ୍ରହ ଅଛି । ନିଷ୍ପତ୍ତି କଲି, କିଏ ଜାଣେ ତା'ର ଥିବ, ଯେ କି ଉପାର୍ଜନ ପାଇଁ ଚାଷକାମ ଦିନରେ ବିଲ ବାଛିବାକୁ ଯାଇଥିବ ଏବଂ ସଞ୍ଜରେ ଚାଉଳ ଆଣିଲାବେଳକୁ ଯିମିତି ଏ ଝିଅଟି ଜାଳେଣିର ବ୍ୟବସ୍ଥା କରିଥାଏ ।

ସୂର୍ଯ୍ୟ ମେଘ ଆଢୁଆଳରେ ଅସ୍ତ ଗଲେ । ଦେଖିଲି ଅନ୍ୟସବୁ ଅଞ୍ଚଳର ଚୋପା କଟା ଉଠିଗଲା । କେବଳ ପଡ଼ିରହିଲା ୟାରି । ହଠାତ୍ ଅନ୍ଧାର ଆସିଗଲା ବୋଲି ଡ଼ରଭୟରେ ସେସବୁ ଘରକୁ ନେଲା ନାହିଁ । ଛାଡ଼ିଦେଇ ଚାଲିଗଲା ।

ପ୍ରଥମଦିନର ଆଉଟିଂର ଅଭିଜ୍ଞତା ଝିଅଟି ପକ୍ଷରେ ଖୁବ୍ ତିକ୍ତ ହୋଇଥିବ ବୋଧହୁଏ । ତଥାପି ସେ ଆଜି ଆସିଛି । ସେଇ ଫିକ୍କା ଧୂଳିଆ ରିବନ୍; ସେଇ ଜଟ । କିନ୍ତୁ କିଛି ଲୁଗାପଟା  କନାକପଟା ଦିହରେ ନାହିଁ । ସଂପୂର୍ଣ୍ଣ ଲଙ୍ଗଳା । ତା' ମାଆ ଯିମିତି ତାକୁ ଜନ୍ମ କରିଥିଲା । ଆଜି କିନ୍ତୁ ତା'ର ସାହସ ବଢ଼ିଯାଇଛି । ପ୍ରଥମ ଦିନର ଅହେତୁକୀ ଆଶଙ୍କା ଓ ଭୟ ନାହିଁ। ଛେଳି, କୁକୁର, ଘୁଷୁରି ଯେତେ ସଂଖ୍ୟାରେ ଆସନ୍ତୁ, ଆଜି ଜୀବନ ବିନିମୟରେ ସେମାନଙ୍କୁ ଘଉଡ଼ାଇ ଦେବ । ଶହୀଦ୍ ହେବ ବରଂ ତା' ଦୁନିଆକୁ ବିପର୍ଯ୍ୟସ୍ତ ଧ୍ୱସ୍ତବିଧ୍ୱସ୍ତ କରିବାକୁ ଦେବ ନି । ରାତି କିଏ ତାକୁ କ'ଣ କଲା, କହିଲା ?

କାମରେ ସେଇ ଏକା ପ୍ରସେସ୍, ଧାରା, କ୍ରମ । ରାତିର ଶିଶିରରେ ଚୋପା  ସବୁ ବେଶି କଞ୍ଚା ଓଦାଳିଆ ଦିଶୁଛି । ଆଜି ଅଖାଛିଣ୍ଡା ବଦଳରେ ହାଇଦ୍ରାବାଦ ଅଙ୍ଗୁର ଆସୁଥିବା ବଙ୍କାଟଙ୍କା ପୁରୁଣା ବାଉଁଶ ପାତିଆର ଝୁଡ଼ିଟିଏ ଆଣିଛି । ହେଲେ ଅଙ୍ଗୁରବୋଝ ସହିପାରୁଥିବା ଝୁଡ଼ି କ'ଣ କଞ୍ଚାପଇଡ଼ ଖୋଳପା ବୋହିପାରିବ ? ଭ୍ରମରଟା ଭାର ସହିଲା ବୋଲି  ଚଢ଼େଇର ଭାର ଫୁଲଟିଏ ସହିବ କିମିତି ? ହେଲେ କାମ ଚଳିଲେ ହେଲା ।

ଚୋପାସବୁ ପୁଣି ମେଲାଇ ଓଲଟାଇ ନୂଆ ଚୋପାକୁ ଅଲଗା ଯାଗାରେ ରଖିଲା । ବୋଧହୁଏ ଘରୁ ଆସିଲାବେଳେ ଆତ୍ମରକ୍ଷା ପାଇଁ ଛୋଟ ବାଡ଼ିଟାଏ ଆଣିଛି । ଦେଖିଥିଲି, ଗାଈଟାଏ ଚରି ଚରି ତା'ର ଇଲାକାଆଡ଼କୁ ଆସୁଥିଲା । ଯିମିତି ଗାଈ ତା' ସାମ୍ରାଜ୍ୟରେ ପ୍ରବେଶ କରିବାକୁ ଆରମ୍ଭ କରି ଶୁଙ୍ଘାଶୁଙ୍ଘି ଆରମ୍ଭ କରିଛି, ଝିଅଟି ତା' ବାଡ଼ିଟା ବୁଲାଇ ବୁଲାଇ ହାତ୍ ହାତ୍ କଲା । ମଶା-ମାଛି-ଡ଼ାଆଁଶ ଅଡ଼ାଇବା ଭଙ୍ଗୀରେ ଗାଈଟା ମୁଣ୍ଡ ହଲାଇଲା । ଝିଅକୁ ଡ଼ରାଇବା ପାଇଁ ସେତିକି ଯଥେଷ୍ଟ । ଝିଅ ଘରମୁହାଁ ହେଉଥିଲା, ଗାଈ ଆପେ ଆପେ ବେଖାତିରରେ ଚାଲିଯାଆନ୍ତେ ସେ ଅଟକିଗଲା ।

Digitized by srujanika@gmail.com

ଯେତେ ସତର୍କ ସାବଧାନ ହେଲେ ବି ଧର୍ଷଣ ଏକାପରି ଚାଲିଛି । ଗୋରୁଗାଈ, ଘୁଷୁରି, ଛେଳି, କୁକୁଡ଼ା, ଟ୍ରକ୍-ମଟର ସମସ୍ତେ ସେଇ ଓଦା ଡ଼ବା ଖୋଳପା ଉପରେ ଅତ୍ୟାଚାର କରି ଚାଲିଛନ୍ତି, ଝିଅର ବିରାମ ବା ବିଶ୍ରାମ ନାହିଁ ।

ଏଥର ଗଣଧର୍ଷଣ । ପଶୁପକ୍ଷୀ ପରେ ମଣିଷ ଦ୍ୱାରା । କେତେଗୁଡ଼ାଏ ସାତଆଠ ବର୍ଷର ଘୁଷୁରିସାହିର ପିଲା କୋଲ୍ଡ଼ଡ୍ରିଙ୍କ୍ସର ଟିଣଠିପି ନେଇ କ'ଣ ଖେଳଟାଏ ପଥରଗଦା ପାଖରେ ଖେଳୁଥିଲେ । ଯିମିତି ସେମାନେ ଖେଳ ଶେଷ କରିଦେଲେ ଦେଖି ପକାଇଲେ ଏକେଲା ବସିଥିବା ଲଙ୍ଗୁଳୀ ଝିଅଟିକି । ଆନନ୍ଦରେ ଡ଼େଇଁ ଡ଼େଇଁ ଡ଼ିସ୍କୋ ନାଚି ତା ସାମ୍ନାରେ ବସିପଡ଼ିଲେ ଏବଂ ଟିଣଠିପିକୁ ଗୋଟାକୁ ଗୋଟା ଫୋପାଡ଼ିଲେ ଜାନୁସନ୍ଧିକି ଲକ୍ଷ୍ୟରଖି । ଝିଅଟା ସେମାନଙ୍କ ସଂଖ୍ୟା ଦେଖି ଭେଁ ଭେଁ ରଡ଼ିଛାଡ଼ି କାନ୍ଦିଲା । ଖେଳଛାଡ଼ି ଚୋପାଗୁଡ଼ାକ ଉପରେ ବସିଲେ, ଫୋପଡ଼ା ଫୋପଡ଼ି କଲେ । ଏଥର ସେ ଡ଼ାକ ଛାଡ଼ିଲା, "ଏ ଆଈ ଦେଖନା ।" ଆଈ ଫାଇ କାହାରି ଦେଖାନାହିଁ । କୋଟିବସ୍ତ୍ର ଦେବା ପାଇଁ ଶ୍ରୀକୃଷ୍ଣ ମଧ୍ୟ ଆସିଲେ ନାହିଁ ।

ମୁଁ ଡ଼ନ୍ କୁଇକ୍‌ଜୋଟ୍ ସାଜି ବାହାରି ପଡ଼ିଲି । ସକାଳେ କୁକୁରକୁ ବୁଲାଇ ନେଇନଥିଲି । ପିଲାଗୁଡ଼ାକ, ଅଟ୍ଟହାସ୍ୟ କରି ବିଦ୍ରୁପାତ୍ମକ 'ଏ ଆଈ ଦେଖନା, ଏ ଆଈ ଦେଖନା' କହି କହି ଚାଲିଗଲେ । ପାଖ ପହଞ୍ଚି ତା' ଆଡ଼କୁ ଓ ତା'ର ସମ୍ପତ୍ତିଆଡ଼କୁ ଚାହିଁଲି । ତା' ମୁହଁଟି ଫିକ୍କା ଦିଶୁଥାଏ, ଆଖି କୋଟରଗତ, ପେଟବୁଜୁଲା ବାହାରି ପଡ଼ିଛି । ଘୋର ଏନିମିଆ, ରକ୍ତହୀନତା । ପଚାରିଲି "କିରେ ଛୁଆ ! କି କରୁଛୁ ?" ସେ କଥା କହିଲା ନାହିଁ । ଭାବିଲା ମୁଁ ବି ଏକ ଶତ୍ରୁ, ଧର୍ଷକ । ଛେଳି, ଘୁଷୁରି, କୁକୁଡ଼ା ଆଉ ସେଇ ଜଳାକଲା ଚାରି ଛଅଟା ଘୁଷୁରିସାଇର ପିଲାପରି । କୁକୁରଟା ବି ତା'ଆଡ଼କୁ ଚାଲିଯାଇ ଶୁଙ୍ଘାଶୁଙ୍ଘି କଲା ସ୍ଥାନ ଅସ୍ଥାନଗୁଡ଼ାକୁ ।

କୁକୁରକୁ ଫ୍ଲାଇଓଭରରେ ଖଣ୍ଡେଦୂର ନେଇ ଫେରିଆସିଲି । ଅସଭ୍ୟ, ବଜାରୀ ମଣିଷ ସାଙ୍ଗରେ ରହି ରହି ଏ କୁକୁରଗୁଡ଼ାକର ଚରିତ୍ର ବଦଳି ଗଲାଣି ବୋଧହୁଏ । ଯିମିତି ସେ ପଇଡ଼କତାର ଗଦାଠି ପହଞ୍ଚିଛି, ହଠାତ୍ ସେ ଗୋଡ଼ଟେକି ଅପକର୍ମଗୁଡ଼ାକ ତା'ରି ଉପରେ ଶେଷ କରିଦେଲା ମନ ମନାଇ । ଝିଅଟି ଛିଡ଼ାହୋଇ ଦେଖୁଥାଏ, ହାତ୍ ହାତ୍ କରୁଥାଏ । ଏତିକିବେଳେ ଧାଇଁ ଧାଇଁ, ନଇଁ ନଇଁ ଅଥର୍ବ ବୁଢ଼ୀଟିଏ ଆସି ପହଞ୍ଚିଲା । ମୁଁ ସେମାନଙ୍କୁ ଅତିକ୍ରମ କରି ଆସୁଥାଏଁ, ଶୁଣିଲି ବୁଢ଼ୀଟା କହୁଛି, "କି କୁକରରେ ବାବା ! ଏତେ ବାଟ ଗେଲା ଆଇଲା ହଗିମୂତି ପାରିଲା ନି । ଯାହାଟିକେ ଶୁଖିଥିଲା ଓଦା କରିଦେଲା । ବଜାରିଆ କୁକର ପରା !" ଦଣ୍ଡେ ନିଃଶ୍ୱାସ ନେଇ ମୋ ଆଡ଼କୁ ଚାହିଁ କହିଲା "କି ଭଦର ନୁକରେ ବାବା ! ଏତେ ଦୂରିଆ କୁକରଟା କେ ନେଇଗଲା ହଗେଇ ମୁତେଇ ପାରିଲା ନି । ଶୁଖିଲା କାଠ୍ ତା'ର ଘରେ ଅଛି, କି ତା'ର ।" ଝିଅଟା ପିଠିରେ ଦୁଇଚାପଡ଼ା ବସାଇଦେଇ କହିଲା "ରାତ୍‌ରେ ନିଆଁ ପାଉଁଶ ଖାଇବୁ ! କାଠି ନାହିଁ କି

Digitized by srujanika@gmail.com

କୁଟା ନାଇଁ, ପତର ନାଇଁ କି ଚୋପା ବି ନାହିଁ । କୁକୁରଟାକେ ଏମିତି ଗୁଟେ ଗୁଇଁଠା ପକେଇଥିଲେ..." କହୁଁ କହୁଁ ଗୁଇଁଠାଟା ଝିଅଟା ଉପରେ ପକେଇ ଦେଲା । ତିନି ମାଙ୍କଡ଼ଙ୍କ ପରି ଆଚରଣ କରି ମୁଁ ସିଆଡ଼େ ଆଉ ଚାହିଁ ନାହିଁ; କିଛି କହି ନାହିଁ, କିଛି ଶୁଣି ବି ନାହିଁ ।

# ସୀମାରେଖା

ସୀମାରେଖା ! କାହାର ? ଦାରିଦ୍ର୍ୟର ? ସ୍ୱାସ୍ଥ୍ୟର ? ନୈତିକତାର ? ମନୁଷ୍ୟତାର ?

ସୀମାରେଖା ତଳେ ? କେତେ ତଳେ ? କିଏ କହିପାରିବ ?

ଭୋଉ୍ର ସକାଳୁ । କେତେ ସକାଳୁ କେଜାଣି । ନିଦ ଭାଜିଗଲା । ଦୁଃସ୍ୱପ୍ନରେ । ଖୁବ୍ ଖରାପ ଭୀଷଣ ଦୁଃସ୍ୱପ୍ନରେ । ମୁଣ୍ଡଟା ଏବେବି ବୁଲାଉଛି। ନରକ କୁଣ୍ଡରେ ପଡ଼ିଥିଲିନା କ'ଣ! ଦିହରେ ବିଷ୍ଠାର ଏତେ ଦୁର୍ଗନ୍ଧ । ମୋର ଆଉ ବେଶୀଦିନ ନାହିଁ । ଆଉ ରକ୍ଷା ନାହିଁ । ଓଃ ଦିହ ମୁଣ୍ଡ ଉତ୍ତପ୍ତ ।

ଜାଣୁଛି ସକାଳ ସ୍ୱପ୍ନ, ଶେଷ, ଶେଷ ଯାମିନୀ ପ୍ରହରର ସ୍ୱପ୍ନ । ଶାସ୍ତ୍ର କହେ ନିରର୍ଥକ ସ୍ୱପ୍ନ । କିନ୍ତୁ କେଡ଼େ ବାସ୍ତବ! କେଡ଼େ କଦର୍ଯ୍ୟ!

ସ୍ୱପ୍ନର ଖରାପ ପ୍ରଭାବ ଏଡ଼େଇବା ପାଇଁ କେତେବେଳେ ଭଲ ଚିଜ, ଶୁଭ ସଂକେତ ଦେଖିଲିଣି । ଦିନଟା ଯିମିତି ଭଲରେ କଟିବ । ସୁନ୍ଦର ଯୁବକ ଯୁବତୀ, ଯୋଡ଼ାଯୋଡ଼ା ବଣି, ପାରା, କପୋତ; କେତେ କେତେ ସଜ ଫୁଲ; ଏପରିକି ଜବାକୁସୁମସଙ୍କାଶ ସୂର୍ଯ୍ୟଦେବ । ଗାୟତ୍ରୀ ମନ୍ତ୍ର ଓଁ ଭୂର୍ଭୁବସ୍ୱତ୍ସବିତ୍ରୋବରେଣ୍ୟମ୍ ଶହେ ଆଠଥର ଜପିଲିଣି । ତଥାପି କାହିଁ କିଛି ଉପକାର ହେଲାପରି ଲାଗୁନି । ଚାଲିଥିବାବେଳେ ଦିନ ବେଳରେ ମଧ ମୁଣ୍ଡ ଭିତରେ ସେଇ ସେଇ ଚିଜ ଦିଶିଯାଉଛି । ଆଉ ରକ୍ଷା ନାହିଁ ମୋର ।

ହେଇ ଫେର ଦିଶିଲା । ପେଟାଶୁଣୀର ପୁଟୁଳା କେତେବେଳେ ପିଠିରେ କେତେବେଳେ କାନ୍ଧରେ ମୁଣ୍ଡରେ । ସେ ପୁଟୁଳାରେ କ'ଣ ବା ଭାରି ଚିଜ ଅଛି ତଥାପି କେଡ଼େ କଷ୍ଟ । ଚିଜ ସବୁ ଏହିପରି । ବଙ୍କାଟଙ୍କା ଏଲୁମିନିୟମ୍ ବେଲା । ପାଞ୍ଚ ଦଶପଇସି ଗୋଟାଏ ଦୁଇଟା, ଛିଟ ଶାଢ଼ୀର ଟୁକୁରା ଖଣ୍ଡେ, ଛୋଟଝିଅ ଖେଳୁଥିବା ଭଙ୍ଗା ରେଶମୀ କାଚ, ଭଙ୍ଗା ପ୍ଲାଷ୍ଟିକ୍ ପାନିଆ, ଭଙ୍ଗା ଆରସି କାଚ ଟୁକୁରାଏ (ପ୍ରସାଧନ ସାମଗ୍ରୀ!) ଏବଂ ଗୋଟାଏ ମୁମୂର୍ଷୁ ଲୋମହୀନ କଳା ଦେଶୀ କୁକୁର ଆଉ ଚାରି ପାଞ୍ଚ

Digitized by srujanika@gmail.com

ବର୍ଷର ବୁଜୁଳା ପେଟ ଓ କୋଟରଗତ ଆଖିର ଝିଅଛୁଆଟିଏ ଏଇସବୁ ପତଳା ଅଖା ପଟରେ ଗୋଡ଼ାଇ ପେଟାଶୁଣୀ ବୁଢ଼ୀଟା ମୋ ବେକରେ ପିଠିରେ ଝୁଲାଇ ଦେଇଛି । ମୁଁ ଯେତେଥର ଦୂରକୁ ସେ ବୋଝ ଫୋପାଡ଼ି ଗୀତ ଗାଇ ଗାଇ ଉଶ୍ୱାସରେ ଘରକୁ ଯିବିବୋଲି ଚାହୁଁଛି ସେ ବୋଝ ବେତାଳପରି ପୁଣି ଲାଗିଯାଉଛି । ମୁଁ ପାଗଳ ହୋଇଯିବି; ତା'ପରି ଶୁଖିଶୁଖି ମରିଯିବି ।

ହେଇ ଫେର୍ ମନେପଡ଼ିଲା । ଜଳଜଳ ଦିଶିଲା । କି ବୀଭତ୍ସ! କି କରୁଣ! ବାପୁ ଠିକ୍ କହିଥିଲେ । ତିନି ମାଙ୍କଡ଼ ପରି ହୁଅ, ଖରାପ ଦେଖନି, ଶୁଣନି, କୁହନି । ନହେଲେ ବଦ୍ଧ ପାଗଳ ହୋଇଯିବ । ପନ୍ଦରଟି ଦିନ ପୂର୍ବେ ନଦେଖିବା ଛବିଟି ଦେଖିଥିଲି । ଏଇଠି, ମୋ ଘର ପାଖରୁ ଶହେ ଦେଢ଼ଶ ଗଜ ଦୂରରେ । ଏଇ ଓଭରବ୍ରିଜ୍ ତଳେ, ଫ୍ଲାଇଓଭର ବା ଉଡ଼ନ୍ତା ପୋଲ ତଳେ ।

ବଜାର ସଉଦା ଯୋଡ଼ାଏ ଥଳିରେ ଧରି ତଳ ରାସ୍ତାର କଡ଼ଦେଇ ଧୀର ପଦକ୍ଷେପରେ ଫେରୁଥାଏଁ, ସାବଧାନରେ ବିଜୁଳି ଆଲୁଅ ନଥିବା ବେଳେ । କେମିତି କେଜାଣି ପୋଲତଳେ ଗୁମ୍ଫାଭଳି ଗୋଟାଏ ସ୍ଥାନରେ ମୁଁ ମଣିଷର ବାସନା ପାଇଲି, ଅବସ୍ଥିତି ଅନୁଭବ କଲି କାହାର 'ଏ ମାଆ ! ଏ ବାପା !' କ୍ଷୀଣ ଅସ୍ପଷ୍ଟ ଗଳା ସ୍ୱରରୁ ।

ପରଦିନ ସକାଳେ ସେଇ ରାସ୍ତା ଧରି (ସେଇଟି ମୋର ଏକମାତ୍ର ରାସ୍ତା ଅଫିସ୍‌କୁ, ସିନେମାକୁ, ବଜାରକୁ, କୋର୍ଟ କଚେରୀକି, ରେଳ ଷ୍ଟେସନକୁ ଏପରିକି ଆନନ୍ଦ ବଜାରକୁ) ଯାଉଁ ଯାଉଁ ସେଇ ଜାଗାରେ ଡ଼ାହାଣକୁ ଆଖି ପକାଇଲି, ଜାଣିବା ପାଇଁ କାଲି ରାତି ଏଠାରେ କିଏ ଥିଲା ।

ଦେଖିଲି ସେଇ ସେଇ ଆଳିମାଳିକା ଚିଜ ଯାହା ମୋତେ ସ୍ୱପ୍ନରେ ଦିଶିଥିଲା ଏବଂ ଯାହାର ଅଖାଥଳି ଏଯାକେ ମୋ କାନ୍ଧରେ ପିଠିରେ ଝୁଲି ରହିଛି । ଦେଖିଲି ମଣିଷ କୁହାଯାଉଥିବା ଏକ ପ୍ରାଣୀକି । ରାସ୍ତାକଡ଼ରେ ଛିଣ୍ଡା ଟୁକୁରା ଛିଟ ଶାଢ଼ୀ କନାକୁ ପାରି କାନ୍ଥ କଡ଼କୁ ଲାଗି ଶୋଇଛି । ତା'ର ବି କ'ଣ ଧର୍ଷଣକୁ ଚୋରିକୁ ଭୟ ଅଛି । ପାଖରେ ବସିଛି ନଙ୍ଗୁଳୀ ଝିଅଟାଏ ଏବଂ ବାଲିଘର ବନାଉଛି, ଭାଙ୍ଗୁଛି ।

ମୁଁ ସେମାନଙ୍କ ଆଗରେ ଛିଡ଼ାହେବାରୁ ଦୁହେଁଯାକ ମୋ ଆଡ଼କୁ ଅନାଇଲେ । କାଳେ ପାଞ୍ଚ ଦଶପଇସି ଗୋଟାଏ ମୁଁ ସେ ବିଛା ହୋଇଥିବା କନା ଉପରକୁ ଫୋପାଡ଼ିଦେବି । ମୋ ପାଖରେ ଏମିତି ଶସ୍ତା ବଦାନ୍ୟତାର ଲକ୍ଷଣ କିଛି ନପାଇ ସେମାନେ ଆଖି ଫେରାଇନେଲେ । ଲୋମ ନଥିବା କଳା ଦେଶୀ କୁତ୍ତାଟା ବେକକୁ ଥଣ୍ଡା ବାଲି ଉପରେ ଲମ୍ବାଇଦେଇ ମୋ ଆଡ଼କୁ ଚାହିଁଥାଏ ଏମିତି ଭଙ୍ଗୀରେ ଯାହାର ଅର୍ଥ "ଏଇଟା କି ଲୋକ, ଦୟାମାୟା କିଛିନାହିଁ ।" ମୁଁ ଛିଡ଼ାହୋଇ ଘରର ପ୍ରତିଟି ଆସବାବ୍ ପତ୍ର ଓ ସେମାନଙ୍କ ଉପକାରିତା ଓ ବ୍ୟବଧାନ ଅନୁଧାନ କରୁଥାଏଁ ।

Digitized by srujanika@gmail.com

ବାଲିବିଛା ଷ୍ଟେଜ୍‌ରେ ହିରୋଇନ୍‌କୁ ଦେଖିଲି । ବୁଦ୍ଧଦେବ ! ଆପଣ ଯଦି ଏଇଠି ମୋ ପାଖରେ ଛିଡ଼ା ହୁଅନ୍ତେ ଏକାଧାରରେ ରୋଗ ଜରାମୃତ୍ୟୁର ଜୀବନ୍ତ ପ୍ରତିମୂର୍ତ୍ତି ଦେଖି ଏକା ମୁହୂର୍ତ୍ତରେ ରାଜବାଟୀ, ଗୋପା, ରାହୁଲକୁ ଛାଡ଼ି ସଂସାର ବିରାଗୀ ହୋଇଥାଆନ୍ତେ । ତିନିଥର ତିନି ଜାଗାରେ ତିନି ମୂର୍ତ୍ତିକୁ ଦେଖିବାର ଆବଶ୍ୟକତା ପଡ଼ିନଥାନ୍ତା । ମୋ ଆଗରେ ଶୋଇବା ଅବସ୍ଥାରୁ ହାତ ଉପରେ ଭରାଦେଇ ଆକର୍ଷଣୀୟ ଦୃଷ୍ଟି ମୋ ଆଡ଼କୁ ପକାଇଥିବା, ସ୍ତ୍ରୀଲୋକଟି ଏଇପରି ।

ବୟସ କହି ହବନି । ନଅ ହୋଇପାରେ, ନବେ ବି ହୋଇପାରେ । ଛାତିରେ ଲୁଗା ନାହିଁ । ରହିବାର ଆବଶ୍ୟକତା ନାହିଁ । ଯୋଡ଼ିଏ ଗୋଲ ଗୋଲ ନୀଳ ଆଖିରୁ କେବଳ ବାରିହେବ ସେ ପୁରୁଷ କି ସ୍ତ୍ରୀ । ଆଚାର ବ୍ୟବହାର ଓ ମାଆର ଆଖି ସହିତ ସୌସାଦୃଶ୍ୟ ଥିବାରୁ ଜାଣିହେବ ଛୋଟ ଝିଅଟି ତା'ରି ଝିଅ । କୁକୁରଟା ତାଙ୍କର ହୋଇନଥିବ, କାରଣ କୁକୁର ଖାଇବାକୁ ମିଳୁଥିବା ସ୍ଥାନ ଛଡ଼ା ଅନ୍ୟତ୍ର ରହିବେ ନାହିଁ । ୟାର ଏତେ ଦରଦ କାହିଁକି ଏ ସ୍ଥାନ ପ୍ରତି । ସ୍ତ୍ରୀଲୋକଟା କେବେ ମଲେ ଖାଇବ ବୋଲି ଜଗିଛି !

ପାଖ କେବିନ୍ (କିଲୋମିଟର ଲମ୍ବ ଅଜଗର ଡ୍ରେଗନ ପରି ପୋଲତଳରେ ଏମିତି ଶହେ ଖଣ୍ଡେ ରୋଗୀ-ରୋଗିଣୀ ବିନା ପଇସାରେ ଯେତେବେଳେ ଇଚ୍ଛା ସେତେବେଳେ ଯେତେଦିନ ଇଚ୍ଛା ସେତେ ଦିନ ମରିବା ପର୍ଯ୍ୟନ୍ତ ରହିପାରିବେ)ରେ ଯେଉଁ ସ୍ତ୍ରୀଲୋକଟି ଶୁଖୁଆ ହାଟଟିଏ ମେଲି ବସିଥାଏ ତା'ର ହାତପାପୁଲିରେ ୟାକୁ ଉଠାଇ ନେଇ କେଉଁଠି ଟାଙ୍ଗିଦେଲେ ଆଠଦିନରେ ଡ଼ାକ୍ତରଖାନାମାନଙ୍କରେ ଝୁଲୁଥିବା ନରକଙ୍କାଳ ହୋଇଯିବ ବିନା ଦୁର୍ଗନ୍ଧରେ ।

ଶୁଖୁଆବାଲିଟି ଆନନ୍ଦବଜାରର । ପ୍ରତିଷ୍ଠାତା ଓ ଉଦ୍‌ଘାଟକ । ଫ୍ରାନ୍ସରେ ବେଶ୍ୟାମାନଙ୍କୁ ଭଲ ଭାଷାରେ daughter of joy ବା ଆନନ୍ଦର ନନ୍ଦିନୀ ବୋଲନ୍ତି । କିଲେ ଆନ୍ଦାଜ ଶୁଖୁଆ କେତୁଟା, ଖଟା କମଳା, ଦୁଇଚାରିଟା ଓଉ, କିଛି ଆମ୍ବଡ଼ା ଓ ଲଙ୍କାମରିଚରେ ତା'ର ବେଉସା । ହସ୍ତିନୀ ଜାତୀୟ ସ୍ତ୍ରୀ, ତା ନାଁ ମାତଙ୍ଗିନୀ ରଖାଯିବା ଉଚିତ୍ । ଦିନଯାକ ବିନା ବ୍ଲାଉସରେ ବସିଥାଏ । ଶୀତ ଦିନରେ ବି ଦେହରୁ ଝାଳ ବାହାରେ । ବୈପରିତ୍ୟରେ ଅନ୍ୟ ସ୍ତ୍ରୀଲୋକ (ଯାହାକୁ ଦେଖୁଛି) ଚିରଗୁଣୀ ହେବା ଉଚିତ୍ ।

ପନ୍ଦରଦିନ ତଳେ ଚିରଗୁଣୀ ଅନ୍ୟ ଏକ କେବିନରେ ଥିଲା । ଅତି ସିରିୟସ୍ ରୋଗୀଙ୍କ ଶେଷ ଅବସ୍ଥାରେ ଯେମିତି Intensive care unit କି ନିଆଯାଏ ଏ ରୋଗିଣୀଟି ଆପେ ଆପେ ଚଳତ୍‌ଶକ୍ତି ଥିଲାବେଳେ ଏଇ unit କୁ ଆସିଯାଇଛି, ବୁକୁଚାପତ୍ର ଓ ବଂଶ ପ୍ରାଣୀ ସହିତ ମାତଙ୍ଗିନୀର care କୁ; ଏମିତି ଦିନରାତି ଏମାନଙ୍କ care ନେବ କିଏ । ମାତଙ୍ଗିନୀର ଘର ଆନନ୍ଦବଜାର ଛକରେ । ଧାଇଁଯାଇ ତା' ନିଜକାମ ସେଠି ବୁଝିବ, ୟାଙ୍କର ବିଶେଷ ଦଶାରେ ତତ୍ତ୍ୱ ନେବ । ମୁଁ ଥରେ ଥରେ ଅତିକାୟା ତାଡ଼କୀ/

Digitized by srujanika@gmail.com

ପୁତନାକୁ ଦେଖି ଦେଖି ଭାବିଛି ଆନନ୍ଦ ବଜାରର ସମସ୍ତ ଏକୀଭୂତ ଆନନ୍ଦ ଏହାର ଅଙ୍ଗପ୍ରତ୍ୟଙ୍ଗ ଦେଇ ପ୍ରବେଶ କରି ଏ ରୂପ ଗଠନ କରିଛି। ଯେମିତି ବାଜେ ରାଜନୀତି ଚାରିଆଡୁ ପ୍ରବେଶକରି ରାଜନୀତିଜ୍ଞଙ୍କୁ ସ୍ଥୂଳକରେ।

ପଚାରିଲି, "ଏ ସ୍ତ୍ରୀଲୋକଟା ସେଠି ତ ଥିଲା, ମାଗିଯାଚି ଚଳୁଥିଲା। ମୁଁ ତାକୁ ରୋଷେଇକରି ଖାଇବାର, ଛୁଆକୁ, କୁକୁରକୁ ଖୁଆଇବାର ଦେଖିଛି। ଏଠାକୁ କିଏ ଆଣିଲା ? ତାର ଘର କେଉଁଠି ? ଏ ଛୁଆ କାହାର ? ଏ ସ୍ତ୍ରୀର କେହି କ'ଣ ନିଜ ଲୋକ ନାହାନ୍ତି, ମାଉସୀ ?"

ମାଉସୀ ଡ଼ାକ ତାକୁ ଅପ୍ରତିଭ କରିଦେଲା। ତଥାପି ଚିର ଅଭ୍ୟସ୍ତ ଆନନ୍ଦବଜାରୁଣୀଙ୍କ ଠାଣି ଓ ଚାହାଁଣୀରେ ଚାହିଁ କହିଲା 'ଏତେ କଥାର ଉତ୍ତର ବାଟଗଲା ବାବୁକୁ କି ଦେଇହେବ। ଦଣ୍ଡେ ବସିବତ କହନ୍ତି। ବାବୁ, ତୁମେ ଶୁଖୁଆ ଖାଉଥିବ ତ ? କମଳା, ଖଟା କମଳା ?' ମୁଁ ନାହିଁ କହିଲି। 'ଲାଉ' ମୁଁ ମୁଣ୍ଡ ହଲାଇଲି।

ସାମାନ୍ୟ ହତାଶ ଓ ଦୁଃଖରେ ସେ କହିଲା, "ଏ ଝିଅଟା ଆମରି ସାଇରେ ଥିଲା। ପ୍ରକୃତି ଭଲନୁହେଁ। ସାଇପଡ଼ିଶା ଦୂର୍ ଦୂର୍ ଛେ ଛେ କରି ସାଇରୁ ଘଉଡ଼ାଇ ଦେଲେ। ଏଇ ଝିଅଟା ଜନ୍ମ ହେଲାବେଳେ ତା'ର କେଡ଼େ ସୁନ୍ଦର ଚେହେରା ଥିଲା। ଏମିତି କି ରୋଗ ଧଇଲା ଯେ ଡ଼ାକ୍ତରଖାନାରେ ଚିହ୍ନିପାରେଲିନି। କିଏ କହିଲା ଧାତୁ ରୋଗ, କିଏ କହିଲା ଏଡ଼ସ୍ ବୋଲି ନୂଆ ରୋଗ। ଯେତେ ଯାହା ହେଲେ ବି ଜମା ଭଲହେଲାନି। ଡ଼ାକ୍ତରଖାନାକୁ ନବା ଯାହା ଯମ ଘରକୁ ନବା ତାହା। ମୁଁ ତାକୁ କିରସ୍ତାନ ଡ଼ାକ୍ତରଖାନାକୁ ନେଲି। ତା'ର ତ କେହି ନାହିଁ, କିଏ ଦେଖିବ ? ସେଠି ବି ଭଲ ହେଲାନି। ଦିନକୁ ଦିନ ଶୁଖି ଶୁଖି ଏ ଅବସ୍ଥା ହେଇଚି। ସାଇବାଲାଏଁ ତାକୁ ରଖିବେ ନାହିଁ, ତା' ସାଙ୍ଗରେ କାହାରି ପଟୁ ନଥିଲା। ସିଏ ସମସ୍ତଙ୍କଠୁ ଭଲ ଥିଲା। ଗରାଖ ବି ତା'ର ବେଶୀ। ଦିନ ରାତି ଭିଡ଼।"

"ଏଥର କି କରିବୁ ଭାବୁଛୁ ?"

"କି କରିବି ? ଯାହା କରିବାର କରିଛି। ନିଜ ଲୋକ ବି ଏମିତି କରିପାରିବ ନାହିଁ। ମୁଁ ତ ଗରୀବ, ଏଇତ ମୋର ବେପାର। ଏଥର ମୁଁ ଗୁଣିଆ ଦେଖେଇବି। ଖବର ଦେଇଛି, ପାଖରେ ଗୋଟାଏ ବଡ଼ ଗୁଣୀ ଅଛି। ଶୁଖି ଶୁଖି ମରିଯାଉଥିବା ଲୋକକୁ ସେ ବଞ୍ଚେଇ ଦଉଛି। ଶୁଖିଲା ଗଛକୁ କଞ୍ଚା ଶାଗୁଆ କରି ଫୁଲ ଫଳ ଆଣିଦଉଛି। କୁକୁଡ଼ା ମାଙ୍କଡ଼ା, ବୋଦା ଛେଳି ଯାହା କହିବ ଦେବି ବରଷ୍ଟ ଯାକୁ ପୂର୍ବାଙ୍ଗ କରିବି।"

ବ୍ୟଥିତ ହୋଇ ପଚାରିଲି, "ମାଉସୀ, ଏଠି ତୁମର ଉଜ୍ଜ୍ୱଳ ଆଲେଶକ ଜଳେନି ?" କାଲି ସନ୍ଧ୍ୟାରେ ଏଠି ଅନ୍ଧକାର ଥିଲା।"

ସେ ଉତ୍ତର ଦେଲା, "ଗୋଟାଏ ଜଳୁଥିଲା, ଆମେ ଜାଣିନଥିଲୁ ସେ ବତୀ କିମିତି। ତେବେ ବେଶୀ ଆଲୁଅ ହେଲାରୁ ଆନନ୍ଦବଜାରିଆକୁ ଅସୁବିଧା ହେଲା। ପୋଲଉପରବାଲାଙ୍କୁ ବି ବହୁତ ଅସୁବିଧା ହେଲା। ଝିଅ, ପୁଅ ପବନ ପିଇବା ଲାଗି

Digitized by srujanika@gmail.com

ରାତି ଦଶ ପରେ ଚାଟ ଚିନାବାଦାମ ଖାଇ ଖାଇ ଉପରେ ଟହଲ ମାରନ୍ତି। ସେମାନେ ତ ଆନନ୍ଦବଜାରିଆ ନୁହଁନ୍ତି; ଭଦ୍ରଘରର ଝିଅ ପୁଅ ଆଲୁଅ ତାଙ୍କୁ ବି ଅସୁବିଧା। ଢୁଡ଼ା ମାରି ବତୀକୁ ସବୁ ଭାଙ୍ଗିଦେଲେ। କାହାରି ଆଲୁଅ ଦରକାର ନାହିଁ। ଉପରବାଲା କି ତଳବାଲା।

ଉପରକୁ ଚାହିଁଲି ଭୀଷଣ ଘଡ଼ ଘଡ଼ ଶବ୍ଦଶୁଣି। ବଡ଼ ବଡ଼ ଟ୍ରକ୍ ବସ୍ ଗୋଟାକୁ ଗୋଟା ଚାଲିଛି। ପୋଲଟା ଉଠୁଛି ପଡୁଛି ଯିମିତି ବୋମ୍ବେଇ ମାଲଗାଡ଼ି ତଳେ ଲୁହା ତଲ୍ଲା ସବୁ ରେଳଲାଇନରେ ଦପ୍ ଦପ୍ ହେଉଛି ପଚାଶ ଗଜ ଦୂରରେ। ପୋଲର ଆହୁରି ଉପର କୁଆ ଚିଲ ଶାଗୁଣା ଏବଂ ତା' ଉପରେ ଫାଇଟିଂ ପ୍ଲେନ୍ ଓ ସବା ଉପରେ ଦେଖା ଯାଉନଥିବା ଜେଟ୍ ବିମାନ। ଚିତ୍ତବୃତ୍ତି ଥକିଯିବ। କେତେ ଉଚ୍ଚରେ କେତେ ତଳେ ଘଟଣା ଘଟିଯାଉଛି।

କେତେ ଉଚ୍ଚ କେତେ ନୀଚ। କେତେଦୂର କେତେ ପାଖ। ଉପରେ ପତାକା ବୈଜୟନ୍ତୀ ଉଡ଼ାଇ ଚାଲିଛନ୍ତି କେତେକେତେ ଲାଟ ଗଭର୍ଣ୍ଣର, ରାଜ୍ୟପାଳ, ଲୋକପାଳ, ମନ୍ତ୍ରୀ, ମହାମନ୍ତ୍ରୀ, ସଚୀବ, ମହାସଚୀବ, ଜିଲ୍ଲାପାଳ ଏବଂ କେତେ କେତେ ମହୀପାଳ। ସମସ୍ତେ ମହା ନିନାଦରେ ଘୋଷଯନ୍ତ୍ର ସାହାଯ୍ୟରେ କହିଯାଇଛନ୍ତି "କେହି ଅସହାୟ ରହିବେ ନାହିଁ। କେହି ଓପାସ ରହିବେ ନାହିଁ ଏବଂ ସର୍ବୋପରି କାହାରିକୁ ଭୋକଉପାସରେ ମରିବାକୁ ଦିଆଯିବ ନାହିଁ। ବରଂ ଆମେ ମରିବୁଁ।" ଏ କୁହାଟ ପୋଲ ତଳର ମୁଁ ଦେଖୁଥିବା ଜୀବର କାନକୁ ଶୁଭୁଛି ତ' ତା'ର ଗୁମ୍ଫାର ସିମେଣ୍ଟ କାନ୍ଥ ଭେଦକରି ?

ଶୁଖୁଆବାଲୀ ତ ତାକୁ ଜଗିଛି, ଆହୁରି ଜଗିଛି ଦେଶୀ କଳା କୁତ୍ତୀ, ପେଜପାଣି ଯୋଗାଇବା ପାଇଁ ବସିଛି ଛୋଟ ଝିଅଟି। ଏତେ ସମୟ ଧରି ଛିଡ଼ାହେଲି ତଥାପି ଉପରୁ କେହି ଅଟକି ଚାହିଁଲେ ନାହିଁ ତଳକୁ (ଏତେ ଉଚ୍ଚରୁ କ'ଣ ତଳର ଛୋଟ ଛୋଟ ଜୀବ ଦିଶିବେ ?) କିମ୍ବା ଟଙ୍କାଏ ମସାଏ ପକାଇଲେ ନାହିଁ। ଯେତିକି ଦୁଃଖିତ ସେତିକି ବିରକ୍ତ ହେଲି। କିଛିଦେବି ନାହିଁ ନିଷ୍ପତ୍ତି କଲି। ଶୁଖୁଆବାଲା ଗୁଣୀଗାରିଡ଼ି ବଳରେ ତାକୁ ଭଲ କରୁ। ତା'ର ଯେତେ ଚର୍ବି ଅଛି ତାକୁ ଚର୍ବି ମାଗିଲେ ସେ ଶହେ କି ହଜାରେ କଙ୍କାଳକୁ ମାଂସ ଚର୍ବିଦେଇ ସୁନ୍ଦରିଆ କରିଦେଇପାରିବ।

ଦୁଇଘଣ୍ଟା ପରେ ଫେରିଲି। ଆସିଲାବେଳେ ଦେଖିଲି ଆଉ ଗୋଟାଏ ଗୁମ୍ଫା ବା କେବିନ୍‌ରେ ସେଇ ସାନ ଝିଅଟି ଆନନ୍ଦବଜାରର ଅନ୍ୟାନ୍ୟ ଝିଅ ପୁଅଙ୍କ ସହ ଖେଳୁଛି। ତା'ର ମୁହଁଟି ଅନ୍ୟମାନଙ୍କ ତୁଳନାରେ ଏକାବେଳେ ନୀରସ ଓ ପ୍ରାଣହୀନ। ତଥାପି ଖିଆପିଆ ଛାଡ଼ି (ସେ ଜାଣେ ଯେ ଆଜି ମିଳିବ ନାହିଁ କିଛି) ସେ ଖେଳୁଛି, ଖେଳ ହିଁ ପ୍ରାଣ ତା' ପକ୍ଷରେ। "ଆ ମୋ ସାଙ୍ଗରେ ଯିବା ମାଆ ପାଖକୁ।" ସେ ମୋ ସାଙ୍ଗରେ ଆସିଲା।

Digitized by srujanika@gmail.com

କେବିନରେ ପହୁଞ୍ଚି ଦେଖିଲି ତା' ମାଆ ଶୋଇବା ସ୍ଥାନ ବଦଳ କରିଛି । ସେ ବୋଧହୁଏ ଗୁରୁଣ୍ଡି ଗୁରୁଣ୍ଡି ଆସି ଶୋଇଛି ରାସ୍ତାକଡ଼କୁ ମୁଣ୍ଡକରି । ଠିକ୍ ତା' ଭିକ୍ଷାପାତ୍ର ପାଖରେ । କେହି କିଛି ପକାଇ ନାହାନ୍ତି । ମୁଠାଏ ଅନ୍ଦାଜ ମୁଢ଼ି ଓ ଆଉ ମୁଠାଏ ନାଲି ଚାଉଳ ପାତ୍ରରେ ପଡ଼ିଛି । ଏକାଠି ମିଶିଯାଇଛି । କୁକୁର ବି ତା' ମୁହଁକୁ ମୁଢ଼ି ପାଖକୁ ରଖି ବିକଳିଆ ଆଖିରେ ତା' ମାଲିକିଆଣୀକୁ ଚାହିଁଛି । ଶୁଖୁଆବାଲୀ ତା' ଦୋକାନ ବନ୍ଧାବନ୍ଧି କରି ଭାତ ଖାଇବା ପାଇଁ ତା ଘରକୁ ଯାଇଛି । ଭାତକଡ଼ ନିଦ ଭାଜିଲେ ପୁଣି କେପିଟେଲିଷ୍ଟ ଦିହକୁ ପିଚୁଡ୍ରମ ପରି ଗଡ଼ାଇ ଗଡ଼ାଇ ଆଣିବ ତା' ସ୍ଥାନକୁ ।

ଝିଅକୁ ଧରି ତା' ମାଆ ମୁଣ୍ଡ ପାଖରେ ଛିଡ଼ା କରାଇଲି । ମାଆକୁ ଦେଖାଇ ଆଠଅଣିଟିଏ ଝିଅ ହାତରେ ଦେଲି । ଆଉ ନଥିଲା । ନିଜକୁ ଧିକ୍କାର କରୁଁ କରୁଁ ଭାବୁଥାଏଁ ମୁଁ ବି ସେଇ ବଦାନ୍ୟ ଶ୍ରେଣୀର ଲୋକ ଭିତରେ କେଉଁ କୁଷ୍ଠରୋଗୀଙ୍କ ସେବାକରି ପୁଣ୍ୟ ଅର୍ଜନ କରନ୍ତି । ଶହେଙ୍କ ପାଇଁ ଟଙ୍କାଟିଏ ଓ ଅନ୍ୟ ଶହେଙ୍କ ପାଇଁ ଅଧକିଲେ ପୋକରା ଚାଉଳ ଦେଇ ରୋଗ ଆକ୍ରମଣ ଭୟରେ ଚାହୁଁ ଚାହୁଁ ଫାଟକ ବନ୍ଦକରି ତେତାଲା ଉପରକୁ ଉଠିଯାଆନ୍ତି ।

କୃତଜ୍ଞତା ସହିତ ଦୁଇଟୋପା ଲୁହ ଦେଇ କହିଲା 'କଙ୍କାଳ' ଖୁବ୍ ଅଳ୍ପ ଶବ୍ଦରେ । ତା'ର ବେଶୀ କଥା କହିବାର ନଥିଲା ବୋଧହୁଏ ।

"ବାବୁ, ତବତ ଭାତ ମୁଠେ ଦବୁ" । ମୁଁ 'ଦେବି' ବୋଲି କହି ଘରମୁହାଁ ହେଲି । ସାରା ପୃଥିବୀ ବିନିମୟରେ ଏ ସାମାନ୍ୟ ପଦାର୍ଥ ତବତ ଭାତ ମୁଠେ ଦେବା ପାଇଁ ଭଗବାନଙ୍କ ନାଁରେ ମନେ ମନେ ଶପଥ ନେଲି । ଘରକୁ ଯାଇ ରନ୍ଧାବଢ଼ା କରୁଥିବା ଝିଅକୁ କହିଲି "ବାର୍‌ଲାଇଟ୍ ଖୁଣ୍ଟ ତଳ ଖୋପ ଭିତରେ ଯେଉଁ ଦରମଲା ଭିକାରୁଣୀ ଶୋଇଛି ତା' ପାଖକୁ ଭାତ ତରକାରୀ ଖଲିପତରରେ ବାଢ଼ି ନେଇଯିବୁ ଲୋଟାରେ ପାଣି ସହିତ । ତମର ଗୋଟିଏ ଝିଅ ଅଛି, କୁକୁର ବି ଅଛି । ସମସ୍ତଙ୍କ ପାଇଁ । ତୁ ସେମାନଙ୍କୁ ଖାନା ଦେଇଆସିଲେ ଯାଇ ମୁଁ ଖାଇବି ।" ଅତୀବ ଆଗ୍ରହର ସହିତ ଝିଅଟା ନେଇ ମାଛଝୋଳ ସହିତ ସବୁ ଖାଦ୍ୟ ରଖି ଦେଇଆସିଲା । ଫେରିଆସି କହିଲ, "ଦେଇଆସିଛି ସବୁ; କିନ୍ତୁ ଚୋବେଇ ଖାଇପାରିବ ସେ ଆଶା ନାହିଁ, ମତେ କହିଲା, 'ଭଗବାନ ବାବୁର ମଙ୍ଗଳ କରିବେ କହିଦବୁ ବାବୁକୁ କାହାକୁ ତ ଜୀବନରେ ଦିଏ ନାହିଁ; ଏତିକି ସାମାନ୍ୟ ମୁଠାଏ ତବତ ଭାତ ଦେଇ ଯେତେକ କଲ୍ୟାଣ ପାଇଲି ମୁମୂର୍ଷୁ ଠାରୁ ତାହା ମୋତେ ଅସାମାନ୍ୟ ଆନନ୍ଦ ହେଲା ।

ମୋର ବିନା ଅନୁମତିରେ ରାନ୍ଧୁଣୀ ପ୍ରତିଦିନ ସେମାନଙ୍କୁ ନେଇ ଖାଦ୍ୟ ମୁଠାଏ ଦେଇଆସେ । କାର୍ଯ୍ୟବ୍ୟସ୍ତତାରେ ସେ ଠିଆହୋଇ ତଦାରଖ କରିପାରେନି । ସେ ଖାଦ୍ୟ ମାଆ ଖାଏ କି ଛୁଆ ଖାଏ, କି କୁକୁର ଖାଏ, କି କେହି ଖାଇପାରନ୍ତି ନାହିଁ ଶୁଖୁଆବାଲୀ ପୁତନା/ତାଡ଼କୀ ଖାଇଦିଏ ।

Digitized by srujanika@gmail.com

ହପ୍ତାଏ ଗଲା। ସେମାନଙ୍କର ବିଶେଷ କିଛି ସ୍ୱାସ୍ଥ୍ୟର ଉନ୍ନତି ପରିଲକ୍ଷିତ ହେଲା ନାହିଁ। ଝିଅଟାକୁ ମୋ ଘର ଦିନେ ଦେଖାଇଦେଲି, ଆସି ପ୍ରତିଦିନ ଯିମିତି ସେ ଖାନା ନେଇଯାଏ। ସେ ଦିନେ ଅଧେ ନେଇଥିଲା; କିନ୍ତୁ ତାକୁ ବୋଧହୁଏ ଖାଇବାକୁ ମିଳିଲା ନାହିଁ। ତେଣୁ ସେ ଆସିଲା ନାହିଁ। ମୁଁ ବି କ୍ରମେ କ୍ରମେ ତତ୍ତ୍ୱ ନେବାରୁ ବିରତ ହେଲି କାରଣ ବ୍ୟକ୍ତିଗତ ପ୍ରଚେଷ୍ଟାରେ ଏ ଜୀବମାନଙ୍କୁ ବଞ୍ଚାଇ ରଖିବା ଅସମ୍ଭବ ବ୍ୟାପାର।

ବାବା ଆଖଣ୍ଡଳମଣିଙ୍କ ଛୋଟ ବିମାନରେ ଝୁଲାଇ କଷାୟ ବସ୍ତ୍ର ପିନ୍ଧି ଟ୍ରେନ୍ ବସ୍‌ରେ ମାଗୁଥିବା ଭଣ୍ଡକୁ ଲୋକେ ପଇସା ଦେବେ, କିନ୍ତୁ ଅନାଥ ମୁମୂର୍ଷୁଙ୍କୁ ଦେବା କଥା ଚାହିଁବେ ନାହିଁ। ଯାହା ବା ପାଞ୍ଚପଇସି ଦଶପଇସି ଦେବେ ତାହା ଏମାନଙ୍କ ଅସହାୟ ଦୁର୍ବଳ ଅବସ୍ଥାର ସୁଯୋଗ ନେଇ ମାଙ୍କଡ଼ ପିଲାଏ ନହେଲେ ଶୁଖୁଆବାଲୀ ଟାକତରକରେ ଉଠାଇନେବେ। ଆନନ୍ଦବଜାରର ପିଲାଙ୍କ ସହିତ ମିଶି ଚୋରି ବିଦ୍ୟା ଶିଖିଲା ଛୋଟ ଝିଅଟା ଏବଂ ଧାଇଁଯାଇଁ ପାନ ଦୋକାନରୁ ବିଲାତି ମିଠେଇ କିଣିଆଣେ। ନଷ୍ଟସ୍ୟ କାନ୍ୟାଗତି।

ଲାଗି ଲାଗି ତିନି ଦିନ ଦେଖିଲି ହିରୋଇନ୍ ଏକା ସ୍ଥାନରେ ଅଚଳ ଅବସ୍ଥାରେ ପଡ଼ିଛି, ରାସ୍ତାକଡ଼ ବାଟି ପାଖକୁ ପହୁଞ୍ଚ ପାରେନି; 'ବାପା', 'ମାଆ' 'ଦେଇଯା' କହି ପାରେନି।

ଆଜି ନା କାଲି ? ସକାଳେ ନା ସଞ୍ଜରେ ? କେତେବେଳେ ?

ମୁଁ ଯେତେଶୀଘ୍ର ସେ ଯାଉ ବୋଲି ଚାହେଁ ସେ ଯାଏ ନାହିଁ। ମଣିଷ ଜୀବନ କେତେ଼ ଟାଣ ତାହା ମୁଁ ପ୍ରତ୍ୟକ୍ଷ ଦର୍ଶନ କରେଁ। ଯେତେବେଳେ ଯାଏଁ ସେ ସେମିତି ପଡ଼ିଥାଏ। ମରିଛି କି ବଞ୍ଚିଛି ଜାଣିହୁଏନି। କୁକୁର କୁହେନି। ମଣିଷ ଛୁଆ ବି କୁହେନି। ଖୁବ୍ ଚକ୍ଷୁଶୂଳ ଦେଖଣାହାରୀ ପକ୍ଷରେ।

ଗାନ୍ଧୀ ଆଦି ମହାତ୍ମାମାନେ ମଧ ଏତିକି ଜୀବନ୍ମୃତ ଅବସ୍ଥାରେ ଥିବା ପ୍ରାଣୀଙ୍କି ମାରିଦେଇଥିବାର ଶୁଣାଯାଏ। ମୋର ବି ଇଚ୍ଛା ହେଲା କେତେବେଳେ ଗୁମ୍ପାକୁ ପଶିଯାଇ କେହି ନଥିଲାବେଳେ ଗୋଇଁଠାଟେ ପକାନ୍ତି ଯେ ସେ ରକ୍ଷା ପାଇଯା'ନ୍ତା।

କିନ୍ତୁ ମୋର ପରମ ଭାଗ୍ୟ, ଏ କାମ କରିବା ପୂର୍ବରୁ ମୋ ପ୍ରତି ଦୟାପରବଶ ହୋଇ ଭଗବାନ ତାକୁ ନେଇଗଲେ। ଆଖିରୁ ଟୋପାଜ ପାଣି ପଡ଼ିଗଲା। ନାକ ପାଟିର ଗରଳରେ ଲାଲି ପିମ୍ପୁଡ଼ି ଜମିଗଲେ। ମୃତ୍ୟୁର ସମସ୍ତ ଲକ୍ଷଣ ପ୍ରମାଣ ଦେଖିଲି। 'ସଂସାରର ଖେଳାଲୀଳା ସରିଲା ଆମ୍ଭର' କହି ସେ ଚାଲିଗଲା। କଲ୍‌ରିଜଙ୍କ ବୁଢ଼ା ନାଉରୀ ବେକରେ ଯେଉଁ ଏଲବେଟ୍ରସ ଚଢ଼େଇ ଝୁଲୁଥିଲା, ବାନିୟାନଙ୍କ ପିଲଗ୍ରୀମ ପିଠିରେ ଯେଉଁ ଯେଉଁ ବୋଝ ଥିଲା ସେ ସବୁ ଖସିଗଲା ପରି ମୋ ସପ୍ନରେ ଯେଉଁ ଯେଉଁ ଅଶୁଭ ଥିଲା ତାହା ଉଭେଇଗଲା ୟାରି କରୁଣ ମୃତ୍ୟୁରେ। ବଞ୍ଚିଥିଲା ବେଳେ ବରଂ ଅସୁନ୍ଦରୀ ଦିଶୁଥିଲା, ମରିଗଲାରୁ ଏକଦିବ୍ୟ ଆଭା ତା ମୁହଁରେ ଦେଖିଲି। ଏଥର ପ୍ରକୃତରେ ସେ ବଞ୍ଚିଲା।

Digitized by srujanika@gmail.com

ଦୁଇ ତିନି ଦିନ ତଳ ରାସ୍ତାରେ ନଯାଇ ଉପର ଉଡ଼ନ୍ତା ରାସ୍ତାରେ ଗଲି। କାରଣ ଏତେ ଶୀଘ୍ର ମୁର୍ଦ୍ଦାର ପରି ସର୍ବ ଶୁଭ ପଦାର୍ଥକୁ ରାସ୍ତାକଡ଼ରୁ ଦୂର କରିବା ଠିକ୍ ହେବନି। ଏ ମଣିଷ ମୁର୍ଦ୍ଦାରଟା ପଚିବାକୁ କୁକୁର ମୁର୍ଦ୍ଦାରଠୁ ବେଶୀଦିନ ଲାଗିବ କାରଣ ଚର୍ବି ମାଂସ ରକ୍ତ କିଛି ତା'ର ନଥିଲା ହାଡ଼ ଛଡ଼ା। ମେହେନ୍ତର ମିଳିବେ ନ ମିଳିବେ, ଉଠେଇବେ ନ ଉଠେଇବେ, ପୋଲିସ୍ ମୃତ୍ୟୁ ବା ଅପମୃତ୍ୟୁର ତଦାରଖ କରିବ ନ କରିବ ଏସବୁ ଉପରେ ମୁର୍ଦ୍ଦାର ଉଠିବା ନିର୍ଭର କରିବ। ବିଶେଷକରି ଖାଦ୍ୟ ଅଭାବରୁ କାହାକୁ ମରିବାକୁ ଦିଆଯିବ ନାହିଁ ବୋଲି ସରକାରର ଘୋଷିତ ନୀତି ଥିବାରୁ।

ତିନିଦିନ ପରେ ସେ ରାସ୍ତା ଦେଇ ଗଲି। ଗୁମ୍ଫାରେ କୁକୁର ନାହିଁ, ସାନଝିଅଟି ବି ନାହିଁ। ଶୁଖୁଆବାଲୀ ବି ଆଉ ହାଟ ମେଲାଏ ନାହିଁ। ପାନଦୋକାନୀଟା କହିଲା ତାଡ଼କୀ କୁଆଡ଼େ ତାକୁ ନେଇଯାଇଛି ଏବଂ ଆନନ୍ଦବଜାର ପାଇଁ 'ଷ୍ଟାର' ତିଆରି କରିବ ଯିମିତି ତା ମାଆକୁ ତିଆରିକରି ବିଦାୟ ଦେଲା।

ଗୁମ୍ଫାରେ ଦେଖିଲି ସେଇ ସେଇ ଚିଜ ପଡ଼ିଛି ଛିଣ୍ଡା ଛିଟା କନା ଟୁକୁରା, ଛୋଟ ଖାଲି ହାତହାଣ୍ଡି, ଅଖାଛିଣ୍ଡା। ମଝିରେ ସେଇ ସାନ ଝିଅଟା ଗଢ଼ିଦେଇଯାଇଛି ବାଲିରେ ମନ୍ଦିରଟା। ଭଙ୍ଗା କାଚ, ଆରସି, ହଳଦିଆ କନିଅର ଫୁଲ କାନ୍ଥରେ ଖଞ୍ଜିଛି ଏବଂ ଅତା ଡ଼ାଳଟାଏ ଦେଉଳର ପତାକା କରି ରଖିଦେଇ ଯାଇଛି। ଶୁଖୁଆର ଗନ୍ଧ, ଧୂପପରି ଚାରିଆଡ଼େ ଘୂରି ବୁଲୁଛି।

# ଅପମୃତ୍ୟୁ – ଗୋଟିଏ ଛୋଟ କୃଷ୍ଣଚୂଡ଼ାର

ଏବେ ଏବେ ସେ ଦେଶରେ ଯେତେ ଯେତେ ବିହାର ଯଥା: ଶୀତଳା ବିହାର, ଶାରଦା ବିହାର, ଲକ୍ଷ୍ମୀ ବିହାର, ସରସ୍ୱତୀ ବିହାର, ଲାବଣ୍ୟ ବିହାର, ଜ୍ୟୋତ୍ସ୍ନା ବିହାର ଗଢ଼ିଉଠିଛି ସେଥିରେ ଜନୈକ (କା) ଅନ୍ତେବାସୀ (ସିନୀ)ଙ୍କୁ ଯଦି ଆପଣ ପଚାରି ଦେବେ, ଆପଣ ଅନ୍ୟାନ୍ୟ ସୁପ୍ରତିଷ୍ଠିତ ଏଇ ଶ୍ରେଣୀର ପ୍ରାଚୀନ ଅନୁଷ୍ଠାନ ଛାଡ଼ି ଏଠାକୁ ଆସିବାକୁ କାହିଁକି ପସନ୍ଦ କଲେ ତେବେ ସେ ମଦୋଦ୍ଧତ ତୃପ୍ତ କଣ୍ଠରେ କହିବେ, ଆମେ ଆସିଛୁ ପାଞ୍ଚୋଟି 'ପ' ପାଇଁ।

Digitized by srujanika@gmail.com

ଆପଣ କିଛି ବୁଝିନପାରି ଭାଁ ହୋଇ ତାଙ୍କଆଡ଼କୁ ଚାହିଁ ରହିଥିବେ ସେ ଆପେ ଆପେ ନିଗୂଢ଼ ରହସ୍ୟ-ପ୍ରହେଳିକାମୟ କଥାଟିକୁ ଆଗ୍ରହରେ ବ୍ୟାଖ୍ୟା ଓ ଉନ୍ମୋଚନ କରିଯିବେ।

କହିବେ, "ଶୁଣନ୍ତ ଏଇ ପାଞ୍ଚୋଟି 'ପ' ହେଲା ପାଣି, ପବନ, ପୁଷ୍ପ, ପାସ ଆଉ ପ୍ରେମ। ପାଣି କଥାଟି ବୁଝାଇବା ଦରକାର ନାହିଁ। ଆପଣଙ୍କ ସାମନାରେ ଯେଉଁ ଅତିକାୟ ନଭସ୍ପୃମ୍ପୀ ପାଣିଟାଙ୍କି ଦେଖୁଛନ୍ତି ସେଥିରୁ ପାଣି ଅହୋରାତ୍ର ନିର୍ଗତ ହେଲେ ବି ଟାଙ୍କି ସର୍ବଦା ଫୁଲ୍, ତେଣୁ ପାଣିର ଅଭାବ ନାହିଁ, ଶେଷ ନାହିଁ।"

ନିଃଶ୍ୱାସ ନେଇ ପୁଣି ଖିଅ ଧରିବ "ଶୁଣନ୍ତୁ (ଯଦି ଧୈର୍ଯ୍ୟ ଥାଏ) ପାହାଡ଼ ପର୍ବତ ଅଟ୍ଟାଳିକା ଚତୁର୍ଦ୍ଦିଗରେ ନ ଥିବାରୁ ବାରମାସ ତ୍ରିକାଳ ସନ୍ଧ୍ୟା ଏଠି ଏମିତି ପବନ ବହେ ଯେ କାଚ ଝରକା ସବୁ ଭାଙ୍ଗିଯାଏ, ଦି'ଦିଟା ପାନିଆ ପକେଟ୍‌ରେ ଥିଲେ ବି ପୁରୁଷଙ୍କ ଚୂଳ ଅବିନ୍ୟସ୍ତ ସବୁବେଳେ ରହେ, ତରୁଣୀମାନଙ୍କ କେଶଦାମ ତ ସର୍ବଦା ଆଲୁଲାୟିତ ରହେ ତା' ସାଙ୍ଗକୁ ଶାଢ଼ୀ ଏଣେତେଣେ ଉଡ଼ିଯାଇ ଅସ୍ତବ୍ୟସ୍ତ କରେ, ଅଡୁଆ ଅବସ୍ଥାରେ ପକାଏ ମଧ୍ୟ ।

ଆପଣ କହିବେ "ପୁଷ୍ପ କଥା ବୁଝାଇବା ଦରକାର ନାହିଁ, ବଉଳ, ଚମ୍ପା, କଞ୍ଚନ, ହରଗଉରା, ବେଗୁନଭିଲା, କ୍ରୋଟନ୍ ଆଦି ରଙ୍ଗବେରଙ୍ଗ, ଦେଶୀବିଦେଶୀ, ସୁଗନ୍ଧ ଦୁର୍ଗନ୍ଧ ବୃକ୍ଷଲତା ଦେଖିପାରୁଛି।"

"କିଛି ଦେଖିପାରୁନାହାନ୍ତି। ଆପଣ ଆଖି ଟ୍ରେନ୍‌ଡ୍ ହୋଇନି। ଇଉନିଭର୍ସଲ କେଣ୍ଟିନ୍ ଆଗରେ ସେଇ ଛୋଟ କୃଷ୍ଣଚୂଡ଼ାକୁ ଦେଖନ୍ତୁ। ଗଛ ପାକଳ ହୋଇନି, ପତର କଅଁଳି ନାହିଁ, ଦେଖନ୍ତୁ କିମିତି ଅସମୟରେ ଝଙ୍କାଝଙ୍କି କଢ଼ ପତରକୁ ଠେଲି ଆଗକୁ ବାହାରି ଫୁଟିବାକୁ ଚେଷ୍ଟା କରୁଛନ୍ତି। ଆପଣ ବିଶ୍ୱାସ କରିବେନି ମୁନିଆଶ୍ରମ ପରି ଏଠାରେ ମଧ୍ୟ ବିନା ପୁଷ୍ପୋଦ୍‌ଗମରେ ବୃକ୍ଷଲତାରେ ଫଳ ଧରେ।"

"ବାଃ ! ଆଶ୍ଚର୍ଯ୍ୟ କଥା ! ତେବେ ପାସ୍‌ଟା କ'ଣ ?"

"ଚଉବନ ପାରସେଣ୍ଟ ମାର୍କ ନ ହେଲେ ଆପଣ ସରକାରୀ ଆଖିରେ ଅପଦାର୍ଥ। ଏତେ ହାଇ ପାରସେଣ୍ଟ ମାର୍କ ପାଇବେ କେବଳ ଏଇଠି ଏଇ ବିହାରମାନଙ୍କରେ। ଏଠି ନବମ ପତ୍ରଟିଏ ଅଛି ଯହିଁରେ ପିଲାଙ୍କୁ ପଚରା ଯାଏ, ତୁମ ତୈଳଭାଣ୍ଡର ସାଇଜ୍ କେତେ ? କେତେ ଓଜନର ତୈଳଧାରଣକ୍ଷମ ସେ ପାତ୍ର ? ଅହୋରାତ୍ର ରହଣିକାଳଯାକ ମର୍ଦ୍ଦନକ୍ଷମ କ'ଣ ତୁମ ହସ୍ତଯୋଡ଼ାକ ? ପ୍ରତିଯୋଗିତାରେ ଯେ ଜିଣେ ସେ ଚଉବନ ଚଉଷଠୀ କ'ଣ ଚଉରାନବେ ବି ପାଇପାରେ। ସେ ବର୍ଷ ଶହେଆଠରୁ ଶହେଆଠ ଫାଷ୍ଟକ୍ଲାସ୍ ପାଇଥିଲେ।"

"ଏଥର ଦ୍ୱିଗୁଣ ଉତ୍ସାହରେ ସେ କହିବେ "ଶେଷ ପ'ଟି ପ୍ରେମ। ଏଠି ପ୍ରେମର ପ୍ରାବଲ୍ୟ ଓ ପ୍ରାଚୁର୍ଯ୍ୟ ବିବିଧ କିମସର; ବଣବୁଦାରୁ ହଷ୍ଟେଲ, ହୋଟେଲ ପର୍ଯ୍ୟନ୍ତ।

Digitized by srujanika@gmail.com

ଆମ୍ଭଙ୍କୁ ପ୍ରେମ କର ଆମ୍ଭେ ତୁମ୍ଭଙ୍କୁ ପରିତ୍ରାଣ କରିବୁଁ।" ଅର୍ଥାତ୍ ତୁମ ବାପମାଆ ଗାଁ ଗାଁ ସହର ସହର ଘର ଘର ବୁଲି ବରପାତ୍ର ବା କନ୍ୟାପାତ୍ରୀ ଅନୁସନ୍ଧାନ ଜନିତ ଶ୍ରମ ଓ ଅର୍ଥବ୍ୟୟ ତଥା ଦୁଶ୍ଚିନ୍ତାରୁ ରକ୍ଷା ପାଇଯିବେ। ଯେହେତୁ ପ୍ରେମର ଅଭିବୃଦ୍ଧି ଓ ପରିଣତି ଖୁବ୍ ଶୀଘ୍ର ଏଠାରେ ସଂଘଟିତ ହୁଏ, ସୁବିସ୍ତୀର୍ଣ୍ଣ ଜଳାଶ୍ରୟରେ ଜାଆଁଳର ଦ୍ରୁତ ଅଭିବୃଦ୍ଧି ହେଲାପରି।"

ବିହାର ସମ୍ପର୍କରେ ଯେଉଁ ଛାତ୍ରଟି ଆପଣଙ୍କୁ ଦିବ୍ୟଜ୍ଞାନ ଦେଲେ ସେ ଶତ୍ରୁଘ୍ନ ମହାନ୍ତି। 'ଯା'ର ଆଜ୍ଞାରେ ପରବତ ଜଳେ ଭାସଇ ସୋଲମତ।' ଅସାଧ ସାଧନ, କରିତ୍କର୍ମା ଛାତ୍ରଟି। ମଫସଲ କଲେଜରେ ଭାଇସ୍ ପ୍ରେସିଡ଼େଣ୍ଟ, ସେକ୍ରେଟାରୀ ଏପରି କି ପ୍ରେସିଡ଼େଣ୍ଟ ହୋଇଥିଲେ। ପଲଟିକ୍ସରେ ଧୂରନ୍ଧର ପଲିଟିକାଲ ସାଇନ୍ସରେ ପାସ୍ କରିବା ତାଙ୍କ ପକ୍ଷରେ ସମ୍ଭବ ହେଉନଥିଲେ ବି। ଏଠାକୁ ଆସି ସେ ହଷ୍ଟେଲର ଜେନେରେଲ ସେକ୍ରେଟାରୀ, ଷ୍ଟୁଡ଼େଣ୍ଟସ୍ ଇଉନିୟନର ପ୍ରେସିଡ଼େଣ୍ଟ ଏପରିକି ସିନେଟ୍ ଆଡ଼କୁ ମୁହେଁଇଲେ।

ଶତ୍ରୁଘ୍ନଙ୍କ (ବାବୁତ ବାବୁ ଶତ୍ରୁଘ୍ନ ବାବୁ!) ପଞ୍ଚଶୀଳରେ ଭୁଲ ନାହିଁ, କେହି ବିରୋଧ ବି କରିପାରିବେ ନାହିଁ। ତେବେ ପାଞ୍ଚ 'ପ'ର ପ୍ରାଚୁର୍ଯ୍ୟ ମଧ୍ୟରେ ପେଟ ପାଇଁ ପଭାର୍ଟି ଥିବା କଥାଟା ସେ ଉଲ୍ଲେଖ କରିନାହାନ୍ତି। ସତକହିଲେ ଏଠି ଖାଇବାକୁ କମ୍ ମିଳେ, ଖାଦ୍ୟର ସର୍ବଦା ଅଭାବ। ବେଳେ ବେଳେ ସରିଯାଏ କିଛି ମିଳେ ନାହିଁ। ଇଉନିଭର୍ସିଲ କେଣ୍ଟିନ୍ ଲୋକଲ ଚାହିଦା ଯୋଗାଇପାରେ ନାହିଁ। ତେଣୁ ଅନ୍ତେବାସୀମାନେ ପାଣିପବନ ପିଇ ଫୁଲର ମହକ ଶୁଙ୍ଘି ପାଠ ନ ପଢ଼ି କେବଳ ନବମ ପତ୍ର ଜରିଆରେ ଆଗକୁ ମାଡ଼ିଚାଲନ୍ତି। ପ୍ରେମର ଅପରିହାର୍ଯ୍ୟ ଆବଶ୍ୟକତା ଏଠି ସର୍ବଦା ଉପଲବ୍ଧ ହୁଏ ଯିମିତି ଅଭାବରେ, ଦୁଃଖରେ, ବିରହରେ ଲୋକେ ବାଧହୋଇ ନିଶାଦ୍ରବ୍ୟର ଆଶ୍ରୟ ଲୋଡ଼ିଥାନ୍ତି। ପ୍ରେମଟି ଦୁର୍ଜୟ ରିପୁ ନିଜେ ମୃତ୍ୟୁଞ୍ଜୟ ଜିଣିବାକୁ ଯାଇ ନିଜେ ହାରିଲେ ଯା' ପାଖେ। ଏଠି ସେଇ ସତ୍ୟ ଉପଲବ୍ଧ ହୁଏ, ହୃଦୟଙ୍ଗମ ହୁଏ।

ଖାଦ୍ୟ ଓ ପ୍ରେମର ଚାହିଦା ପୂରଣ କରିବା ପାଇଁ ଅନ୍ତେବାସୀଗଣ କେଣ୍ଟିନ୍ ଆଡ଼କୁ ଧାଆନ୍ତି। ଦି' ଥର ନହେଲେ ବି ଥରେ, ସୂର୍ଯ୍ୟଦେବ ବାରୁଣୀ ଅଭିମୁଖ ହେଲାବେଳେ। 'ଦୋସ୍ତା ଏ ପ୍ୟାରକା' ଛୋଟ କୃଷ୍ଣଚୂଡ଼ା ଗଛର ସିମେଣ୍ଟ ଚାନ୍ଦନୀ ଦେଇ। ମହିଳା ହଷ୍ଟେଲ ପାଖ ଦେଇ। ରୋମାଣ୍ଟିକ ଚେତନାଗ୍ରସ୍ତ ଓମର ଖାୟାମୀ ଆତ୍ମାଟିଏ ଅତିକ୍ରମ କରି ସବୁବେଳେ ଗୁଣୁଗୁଣୁ ହୋଇ ଗାଇବ **'beneath the bough, a book a vese, a jug of wine and thou'**, କୃଷ୍ଣଚୂଡ଼ା ଗଛର ଛାଇରେ, ଚାନ୍ଦିନୀରେ ବସିଗଲେ ମନେପଡ଼ିବ ଲାଇବ୍ରେରୀ ବହି କଥା, ପାଖ ଗୁମୁଟୀରେ ଚୋରାରେ ବିକ୍ରି ହେଉଥିବା ଦେଶୀ ବୋତଲ କଥା, ଖାଲି ଅଭାବ **'Thou'**ଟି।

Digitized by srujanika@gmail.com

'Thou'ଟିଏ ଖୋଜୁଛନ୍ତି ? ଶତ୍ରୁଘ୍ନ ବାବୁ ତ ସେଇ ସନ୍ଧାନରେ କେଣ୍ଟିନ ଆଡ଼କୁ ଚାଲିଛନ୍ତି । ତାଙ୍କରି ପିଛା ଧରନ୍ତୁ । ହୁଏତ ପାଇଯିବେ ।

ଆମ ଦେଶର ଶିକ୍ଷାବିଦ୍‌ମାନେ ଶିକ୍ଷାକ୍ଷେତ୍ରରେ ପାଶ୍ଚାତ୍ୟ ସଂସ୍କାରକ, ମନୀଷୀଙ୍କଠାରୁ ପଛରେ ପଡ଼ିଯିବେ ଭାବିଛନ୍ତି । ହୋଇପାରେ, ଆମ ଦେଶର ରକ୍ଷଣଶୀଳ ଶିକ୍ଷା ବ୍ୟବସ୍ଥାରେ ତରୁଣତରୁଣୀ ପାଖେ ପାଖେ ଲଗାଲଗି ହୋଇ, କାନ୍ଧରେ ହାତଦେଇ, ଚକୋଲେଟ୍ ଖୁଆହୋଇ ହେଉନାହାନ୍ତି ଲେକ୍‌ଚାର କ୍ଲାସ୍‌ରେ । କିନ୍ତୁ ଶିକ୍ଷାବିଦ୍‌ମାନେ କଣ ଯୁବକ ଯୁବତୀଙ୍କର ଦୈହିକ ଆବଶ୍ୟକତା ପ୍ରତି ଆଖିବୁଜି ଦେଇଛନ୍ତି ? ବିହାରମାନଙ୍କରେ ଛାତ୍ରଛାତ୍ରୀଙ୍କ ଏକ ହଷ୍ଟେଲ୍, ଏକ ପ୍ରକୋଷ୍ଠ, ଏକ ଶଯ୍ୟାର ବ୍ୟବସ୍ଥା କରି ପାରିନଥିବାରୁ ସହାବସ୍ଥାନ ସହପାଠର ନାନା ବ୍ୟବସ୍ଥା ଖଞ୍ଜା ଅଛି କେମ୍ପାସମାନଙ୍କରେ ଲାଇବ୍ରେରୀରେ, ପ୍ରାକ୍ଟିକାଲ କ୍ଲାସ୍‌ରେ, କମ୍ୟୁନିଟି ସେଣ୍ଟରରେ ।

ଏବଂ ମହିଳା ହଷ୍ଟେଲର ଅନତି ଦୂରର ଗୋଟିଏ ନାତିବୃହତ୍ ଏକ କେଣ୍ଟିନ୍‌ରେ । ସେଠାରେ ଗୋଟାଏ ବେଳୁ ଚା' ଜଳଖିଆର ଖୁବ୍ ଭିଡ଼ ଆରମ୍ଭ ହୋଇଯାଏ, ଭାତମିଲ୍ ପରଷା ସରୁ ନ ସରୁଣୁ । ଶତ୍ରୁଘ୍ନ ବାବୁ ଇଲାକାର ଜଣେ ଭି.ଆଇ.ପି. ହୋଇଥିବାରୁ ତାଙ୍କ ପାଇଁ ସଦାସର୍ବଦା କିଛି ନା କିଛି ଥାଏ । ସେ ସବା ପଛରେ ଯାଆନ୍ତି । ବହୁତ କାମ ତାଙ୍କର ଚାରିଆଡ଼େ । କାହାକୁ ଛାଡ଼ି ସେ ଯେ ଯିବେ କାହା ପାଖ । ତାଙ୍କର ଚାମଚା ସାଙ୍ଗ ତିନିଜଣ ବଡ଼ିଗାର୍ଡ଼ ପରି ପାଖେ ପାଖେ ଥାଆନ୍ତି । ସେମାନଙ୍କର ବା ଅନ୍ୟ କାହାରି ସାହାସ ନାହିଁ ଶତ୍ରୁଘ୍ନଙ୍କୁ 'ଶତ୍ରୁଘ୍ନ ବାବୁ' ବୋଲି ଡ଼ାକିବେ । ସମସ୍ତେ ତାଙ୍କୁ 'ଗୁରୁ' ବୋଲି ଡ଼ାକନ୍ତି । ଯଦି ପେଟଟା ଟିକିଏ ବାହାରିଥାନ୍ତା ଓ କିଛି ଚୂଳ ଗାଲରେ ଗଜେଇଥାନ୍ତା ତେବେ ସେ ଫିଲିମ୍‌ର ପ୍ରେମନାଥ ପରି ଦିଶୁଥାନ୍ତେ ଓ 'ବାବା' ଆଖ୍ୟା ପାଇଥାନ୍ତେ ।

ଶତ୍ରୁଘ୍ନ ଓ ଚାମଚାଗଣ ପହୁଞ୍ଚିଲାବେଳକୁ କେଣ୍ଟିନ୍‌ରେ ପ୍ରାୟ କେହି ନଥାନ୍ତି । ଯାହା ଜଣେ ଦି'ଜଣ ଥାନ୍ତି ସେମାନେ ବି ପ୍ରାଣଭୟରେ ଉଠିଚାଲିଯାନ୍ତି, ଶତ୍ରୁଘ୍ନଙ୍କୁ ନମସ୍କାର ଜଣାଇ । ଏମାନେ ଆସନ ଗ୍ରହଣ କରିବା ସଙ୍ଗେ ସଙ୍ଗେ ମହିଳା ହଷ୍ଟେଲରୁ ଓହ୍ଲେଇ ଆସନ୍ତି ଚାରିପାଞ୍ଚ ଜଣ ଅନ୍ତେବାସିନୀ, ଠିକ୍ ଯିମିତି ତୃଷାର୍ତ୍ତ ହରିଣୀପଲ ପାହାଡ଼ରୁ ସୂର୍ଯ୍ୟାସ୍ତ ସାଙ୍ଗେ ସାଙ୍ଗେ ଓହ୍ଲାଇଥାନ୍ତି ପାହାଡ଼ରୁ ନାତିଦୂରରେ ପଲ୍ୱଳ ବା ଝରଟାଟିଏ ଆଡ଼କୁ ।

ମୁହଁ ଦେଖି ଶତ୍ରୁଘ୍ନ ବାବୁ (sorry ଗୁରୁ) ଚରିତ୍ର ଜାଣିପାରନ୍ତି । କେଣ୍ଟିନରୁ ସଦ୍ୟ ମଫସଲ ଅଞ୍ଚଳରୁ ଏଡ଼୍‌ଭେଞ୍ଚର୍ ପାଇଁ ସହରକୁ ପଳାଇଆସିଥିବା ଅଜ୍ଞାତକୁଳଶୀଳ (ଇଂରାଜୀରେ ବାଷ୍ଟାର୍ଡ଼୍) ଟୋକାକୁ ଦେଖିଲାମାତ୍ରେ ଗୁରୁ ତା'ର ପାରିଲାପଣିଆଁ ଜାଣିପାରିଲେ । ପ୍ରଥମେ ତାକୁ ଯେଉଁ କାମ ବରାଦ୍ କରିଥିଲେ ତାହା ହେଲା ତାଙ୍କ ପାଇଁ ଓ ଦଳବଳ ପାଇଁ ଜଳଖିଆ ମହଜୁତ ରଖିବା । ଦ୍ୱିତୀୟ କାମ ହେଲା କେଉଁ

Digitized by srujanika@gmail.com

କେଉଁ ଅନ୍ତେବାସିନୀ କେବେ କେବେ କେଣ୍ଟିନକୁ ଆସିବେ ସେମାନଙ୍କୁ ଯଥାସମୟରେ ଖବର ଦେଇ ଡ଼ାକିଆଣିବା, ଗୁରୁଙ୍କ ନାଆଁ ଉଚ୍ଚାରଣ କରି ।

ଗୁରୁ ସଦଳବଳେ ଆସିଗଲା ପରେ ଓହ୍ଲାଇଆସନ୍ତି ଚାମେଲୀ, ଚର୍ଚ୍ଚିତା, ଚାନ୍ଦିନୀ ଏବଂ ବୈପରିତ୍ୟରେ ହସ୍ତିନୀ, ମାତଙ୍ଗିନୀ ଓ ନିତମ୍ବିନୀ, ସମସ୍ତଙ୍କ ଚେହେରା, ଅଙ୍ଗଭଙ୍ଗୀ, ବେଶଭୂଷା ଷୋଡ଼ଶୀ ନାୟିକା ବା ଟୀନ୍‌ଏଜ୍ ଝିଅ ପରି । ଅନ୍ତତଃ ନିଜକୁ ସମାନେ ସେଇ ବୟସର ବୋଲି ଭାବନ୍ତି, ଯଦିଓ ପଚିଶ ତଳକୁ କେହି ନୁହନ୍ତି । ମାୟାଧରୀ ଛନ୍ଦରେ ଗାଇହବ "ବୟସ ତୁମକୁ ସହି ସେତେବେଳେ ଷାଠିଏ, ସଞ୍ଚିରଖିଥିଲେ ବୁକୁରେ ପୀରତି ମାଠିଏ" ସେଇ ଛନ୍ଦରେ ଗୁରୁ ଓ ତାଙ୍କ ଦଳବଳକୁ ଲକ୍ଷ୍ୟ କରି ଗାଇହେବ, "ରସିକନାଗର ପାଡ଼ରା ପୋକ ଧୋବାଚୁଲୀ ପରି ଦିଶୁଛି ନାକ, ବିତଉ ସେମାନେ ଇନ୍ଦ୍ରମୁହୀ, ପାଇଲି ନାହିଁ ?" ଘଷା ପଥର ଓ ହଳଦୀ ପିଠଉ ବ୍ୟବହାର କରି କରି ହାତ ମୁହଁରୁ ଚୂଳ ଯିମିତି ରିମୁଭ୍ କରି ପାରିନାହାନ୍ତି । ନାୟିକାଗଣ, ହିରୋମାନେ ବି ସିମିତି ଫରେନ୍ ସେଣ୍ଟ୍ ବ୍ୟବହାର କରି ଦିହରୁ ଗନ୍ଧ ଦୂରକରି ପାରିନାହାନ୍ତି ବା ପୋମେଣ୍ଟମ ପାଉଡ଼ରରେ ମୁହଁର ଗାତ ପୂରଣ କରି ପାରିନାହାନ୍ତି ।

ସାୟାହ୍ନ ବେଶ୍ ଜମେ । କେଣ୍ଟିନ୍ କ୍ଲବ୍‌ରେ ପରିଣତ ହୁଏ । ହୁରିପାଟି ହସରେ ଟିଣଛାତ ଉଠେ ପଡ଼େ । ପାଞ୍ଚଇଞ୍ଚିଆ ଗାରା ଗାନ୍ଥିଣୀ କାନ୍ଥର କିଛି କିଛି ପଲସ୍ତରା ବି ଝଡ଼ିପଡ଼େ । ବୟଫ୍ରେଣ୍ଡ ଗାର୍ଲଫ୍ରେଣ୍ଡମାନଙ୍କ ମହାମିଳନ ସ୍ଥଳୀରେ କଫି କପ୍ ଉପରେ ଆଲୋଚିତ ହୁଏ ନାରୀ ପୁରୁଷଙ୍କ ରହସ୍ୟମୟ ବିବିଧ ସମ୍ପର୍କ, କ୍ଲାସ୍‌ରେ ଅଧ୍ୟାପକମାନଙ୍କ ରୋମାଣ୍ଟିସିଜମ୍, ବକ୍ତୃତା ଚାତୁରୀ ତଥା **Oddities** ବା ବେଆଡ଼ିଆ ରୀତିନୀତି । କେଉଁ କେଉଁ ଦିନ ବି ଅଦୂରର ନିର୍ଜନ ବିସ୍ତୀର୍ଣ୍ଣ ପ୍ରାନ୍ତରରେ ସଙ୍ଗୀତ, ଅଭିନୟ ଆଦି ମନୋରଞ୍ଜନ କାର୍ଯ୍ୟକ୍ରମ ଥାଏ । ବାପ ମାଆ ଯଦି ପ୍ରସଙ୍ଗକ୍ରମେ ମନେପଡ଼ନ୍ତି ତେବେ ସେମାଙ୍କ ଅମତ, ଅସମ୍ମତି, କୃପଣତା ଓ ମରହଟିଆ ଗୁଣ ଆଲୋଚିତ ହୋଇ ମନ୍ତବ୍ୟମାନ ଦିଆନିଆ ହୋଇଥାଏ ।

ଭିନ୍ନ ଭିନ୍ନ ପ୍ଲେଟରେ ଖାଦ୍ୟ ପରଷା ହୋଇଥିଲେ ମଧ୍ୟ ସେସବୁ ସର୍ବସାଧାରଣଙ୍କର । ଜଣକ ପ୍ଲେଟ୍‌ରୁ ଆଉଜଣେ ଅବାଧରେ ଖାଇ ପାଇ ପାରନ୍ତି । ପକୋଡ଼ି, ବରାରୁ କାମୁଡ଼ି ନେଇ ଲାଳ ଝରିଆସୁଥିବା ଅନ୍ୟ ଜଣକ ପାଟିରେ ଅବଶିଷ୍ଟାଂଶ ପୂରାଇ ଦେଲେ ମୁଖବ୍ୟାଦାନ କରି ଗାର୍ଲଫ୍ରେଣ୍ଡଟି ଗର୍ଭସାତ୍ କରିଦିଏ । ତା'ପରେ ହସ, ହସ, ହସ, କାଶ, ଛିଙ୍କ । ଆଜ୍ଞାବହ ନୂଆ ହୋଟେଲ ବୟ ସାଙ୍ଗେ ସାଙ୍ଗେ ପ୍ଲାଷ୍ଟିକ୍ ଗ୍ଲାସରେ ପାଣି ବଢ଼ାଇଦିଏ । କେଣ୍ଟିନ୍ ପର୍ବ ଶେଷ ହୁଏ; ବାହାରର ଶୀତଳ ପବନ ଦରଜା ଦେଇ ପଶି ଅଲରା ବାଳଗୁଡ଼ିକୁ କପାଳରେ ସଲସଲ କଲେ । ସେତେବେଳକୁ ଦ୍ୱିତୀୟା ଜହ୍ନ ଦୃଶ୍ୟଅଦୃଶ୍ୟମାନ ଅବସ୍ଥାରେ ଚେନାଏ କୋଡ଼ିଏ ପଇସିଆ ବୋଇତି କଖାରୁ ପରି ପାଣିଟାଙ୍କିର ପେଟତଳକୁ ଝୁଲୁଥାଏ । କୃଷ୍ଣଚୂଡ଼ା ଗଛ ଦେଇ କବିଭାବାପନ୍ନ ଓଡ଼ିଆ

Digitized by srujanika@gmail.com

ପିଜି କରୁଥିବା ଛାତ୍ରଟି - ପାଇଥିବା ବେଳେ ରସିକତାର ଗାଇଦିଏ, "ଏଇ କୃଷ୍ଣଚୂଡ଼ା ତଳେ ସେଦିନ ପ୍ରିୟାର କରକଙ୍କଣ ଭିଡ଼ିଥିଲା ମୋର ଗଳେ ।" ବା "ଦ୍ୱିତୀୟା ରଜନୀରେ ମୋ ପ୍ରାଣସହି, ଦିନେ ପଲଙ୍କ ପରେ ଥିଲା କି ଶୋଇ ଯେ ।"

ଦିନେ ଏମିତି ପହିଲି ସଞ୍ଜରେ ମଜ୍‌ଲିସ୍ ଭାଙ୍ଗୁଛି ଦଳ ଭିଡ଼୍‌ଫାଟ୍ ଧରିବାର ଉପକ୍ରମ କରୁଥାନ୍ତି ଏବଂ ପ୍ରଭୁଭକ୍ତ ବୁଲାକୁତ୍ତାଟି ପରି ଲାଞ୍ଜ ହଲାଇ ହଲାଇ ନୂଆ କେଣ୍ଟିନ୍‌ବୟ, 'ଗୁରୁ'ଙ୍କୁ ଅନୁସରଣ କରୁଥାଏ ଗୁରୁଜୀଙ୍କ ଶ୍ରୀମୁଖରୁ ବାଣୀ ନିସୃତ ହେଲା "ବଚା ! ଶୁଣ୍ ! ବଚା ନ ଯଯୌ ନ ତସ୍ଥୌ । ହଠାତ୍ ଖାଡ଼୍‌ଗା ।

"ତୋର ନାଆଁ କ'ଣ ?"

"ରଘୁ ।"

ବିଲକୁଲ ମଫ । ଏଠି ରଘୁ ଫଘୁ ଚଳିବ ନାହିଁ । ଆଜିଠୁଁ ତୋ ନା ବାହାଦୂର । କାଲି ସକାଳୁ କେଣ୍ଟିନ୍ ଛାଡ଼ି ଏକନମ୍ବର, ହଷ୍ଟେଲର ତିନି ନମ୍ବର ଉପରତାଲା କୋଠରୀକି ଆ । ମୁଁ ଓ୍ୱାର୍ଡେନଙ୍କୁ କହି କାଲିଠୁ ତୋତେ ଓ୍ୱାର୍ଡ଼ବୟ କରିଦେବି । ବୁଝିଲୁ, ହୋଟେଲ ବୟ ନୁହେଁ, ହୋଷ୍ଟେଲ ବୟ । ହୋଷ୍ଟେଲ ଚପରାସି ।

ରଘୁର ପଦୋନ୍ନତି ହେଲା, ନାଆଁ ବଦଳ ସଙ୍ଗେ ସଙ୍ଗେ ଭଲକାମର ରିଓ୍ୱାର୍ଡ଼ ତ ଅଛି ! ନାଆଁ ପରିବର୍ତ୍ତନ ପରେ, ପଦୋନ୍ନତି ପରେ, ରଘୁଆର ପ୍ରଗତି ଉନ୍ନତି ଗାଣିତିକ ନ ହୋଇ ଜ୍ୟାମିତିକ ପ୍ରକରଣରେ ସଂଘଟିତ ହେଲା । ରୂପରେଖ ସାଇଜ୍ ସବୁଥିରେ ଭୌତିକ ଅବିଶ୍ୱାସ୍ୟ ପରିବର୍ତ୍ତନ ଲକ୍ଷ୍ୟ କରିହେଲା ।

ଶତ୍ରୁଘ୍ନ ବାବୁ ଓରଫ ଗୁରୁ ଯେଉଁ ପାଞ୍ଚୋଟି 'ପ'ର ବିଶ୍ଳେଷଣ କରିଥିଲେ ତହିଁର ଷଷ୍ଠ 'ପ' ହେଲା ପ୍ରଫେସର । ପ୍ରଫେସର ଅଭିନବ ତ୍ରିପାଠୀ, ଯାହାଙ୍କ ଦେଇ 'ଗୁରୁ' ରଘୁଆକୁ ବାହାଦୂର ପଦକୁ ଆଣିଥିଲେ । ଡ଼କ୍ଟର ତ୍ରିପାଠୀ କୁଆଡ଼େ ଆମେରିକା କି ବିଲାତ ଯାଇଥିଲେ କାଳିଦାସଙ୍କ ପ୍ରତିଭା ବିଷୟରେ ଗବେଷଣା କରିବା ପାଇଁ । ବିଦେଶରେ କିଛି କାଳ ରହିବାରୁ ଆମ ଏ ଦେଶର ରହଣି ଚଳଣି ସେ ଭୁଲି ପାରିଲେନାହିଁ । ସେଠାକାର କିଛି ସ୍ୱଦେଶକୁ ଆଣିଲେ ନାହିଁ । ପିଲାଏ ତାକୁ ଗୁଣୀ ବୋଲି କୁହନ୍ତି; ଶାସ୍ତ୍ରବିଦ୍ୟ, ଲୋକବିଦ୍ୟ ନାହାନ୍ତି । ଆଶ୍ରମରେ କଣ୍ୱ ମହର୍ଷି ପରି ଚେହେରା, ଶ୍ମଶ୍ରୁଳ । ଅହୋରାତ୍ର ଯଜ୍ଞାନୁଷ୍ଠାନ ଶାସ୍ତ୍ରାଧ୍ୟୟନରେ ବ୍ୟାପୃତ ଥିବାରୁ ଗୃହାସ୍ଥାଶ୍ରମକୁ ସେ ଗୌଣ ବୋଲି ମଣନ୍ତି । ସ୍ୱଭାବତଃ ଅନ୍ୟମନସ୍କ । ଆଶ୍ରମରେ କେହି ଦୁଷ୍ମନ୍ତ (ଦୁର୍ବୃତ୍ତ) ନାମକୁ ମୃଗୟାରେ ଆସି ଶକୁନ୍ତଳାକୁ ପ୍ରେମକରି ଗର୍ଭବତୀ କରି ରାଜପ୍ରାସାଦକୁ ସବୁ ଭୁଲି ବାହାରିଗଲେଣି, ଅନ୍ୟ ଏକ ମହର୍ଷି ଦୁର୍ବାସା, "ଘେନ ପୂଜ୍ୟ ପୂଜା ବ୍ୟତିକ୍ରମ ଫଳ" କହି ଅଭିଶାପ ଦେଇ ଦାଢ଼ି ଆଉଁସି ଚାଲିଗଲେଣି ତାହା କଣ୍ୱ ଅବହିତ ହୋଇନଥିବେ । ହରିଣପଲ ପାଳିବାର ଦାୟିତ୍ୱ ଅର୍ଥାତ୍ ହଷ୍ଟେଲ୍ ଦାୟିତ୍ୱ ସେ କାହିଁକି ନେଇଛନ୍ତି କେହି ବୁଝିପାରନ୍ତି ନାହିଁ । ଧର୍ମପତ୍ନୀ ଗୌତମୀ ବି କେବଳ

Digitized by srujanika@gmail.com

ଛୋଟ କୃଷ୍ଣଚୂଡ଼ା ଫୁଲଗଛଟିର ଲାଳନ ପାଳନ କାର୍ଯ୍ୟରେ ଅହୋରାତ୍ର ବ୍ୟସ୍ତ । ଅସ୍ଥି ଚର୍ମସାର ହୋଇ ଗୈରିକ ଓଢ଼ଣା ଟାଣି ଏମିତି ଜୀବନଯାପନ କରନ୍ତି ଯେ ଲାଜରେ ସ୍ୱାମୀଙ୍କ ବଦନ ଦେଖନ୍ତି ନାହିଁ; ଯିମିତି ସ୍ୱାମୀ ତାଙ୍କୁ ମାତୃରୂପା ମୂର୍ତ୍ତି ଭାବି ସମ୍ମାନ ଦିଅନ୍ତି, ଦୂରରେ ରହନ୍ତି ।

ଭୁଲ୍‌ରେ କେମିତି କେଜାଣି ଶାଶ୍ୱତୀ ନାମ୍ନୀ ପରମାସୁନ୍ଦରୀ କନ୍ୟାରତ୍ନଟିଏ ଦୁହେଁ ଅକସ୍ମାତ୍ ପାଇଥିଲେ ଓଏ (ଦୁଇ) ଘଟଣାର ସ୍ମାରକୀ ସ୍ୱରୂପ କୃଷ୍ଣଚୂଡ଼ାଟିଏ ପୋତିଥିଲେ । ଚରିତ୍ର ଚିତ୍ରଣ କାଳରେ ଡ଼କ୍ଟର ତ୍ରିପାଠୀଙ୍କୁ 'ବୁଦ୍ଧୁ' କୁହାଯିବ ନାହିଁ, ବଙ୍ଗଳାରେ 'ଗୋବିଚାରୀ' ଇଂରାଜୀରେ ଇନୋସେଣ୍ଟ ସିମ୍ପଲ୍‌ଟନ କୁହାଯାଇପାରେ । ଶତ୍ରୁଘ୍ନ ହଷ୍ଟେଲର କାର୍ଯ୍ୟତଃ ସର୍ବମୟ କର୍ତ୍ତାଥିବାରୁ ତାଙ୍କରି ପ୍ରସ୍ତାବ ଅନୁରୋଧକ୍ରମେ ସେ ରଘୁକୁ ପୁଲିସ୍ ଭେରିଫିକେସନ ନ କରି ରଖିଦେଲେ ।

ସେ ଆଧୁନିକ ଶିଷ୍ୟମାନଙ୍କ ସମ୍ପର୍କରେ ଯେତିକି ଆସିଛନ୍ତି ସେଥିରୁ ସେ ଅନୁଭବ କରିପାରିଛନ୍ତି ଯେ ଦୁନିଆଁ ତାଙ୍କ ଗୋଡ଼ତଳୁ ଖସିଯାଇଛି । ଷୋଳବର୍ଷ ତଳେ ଶାଶ୍ୱତୀ ଜନ୍ମ ବର୍ଷରେ ଯେଉଁ ଫୁଲଗଛ ରୋପିଥିଲେ ତାହା ଏବେ ପୁଷ୍ପବତୀ। ପୂର୍ବକଥିମତେ ପତ୍ରକୁ ପେଲିଦେଇ କଢ଼ଗୁଡ଼ାକ ଆଗରୁ ବାହାରି ଫୁଲ ହେଲେଣି । ଡ଼କ୍ଟର ତ୍ରିପାଠୀ ଓ ଗୌତମୀ ଲତାଟିର ନିଜେ ନିଜେ ସବୁ ତତ୍ତ୍ୱ ଦାୟିତ୍ୱ ନେଇ ବଢ଼ାଉଥିଲେ । କାଳେ ବୁଲାଷଣ୍ଢ ଖାଇଯିବ ବୋଲି ନିଜ ଖର୍ଚ୍ଚରେ ତାରବାଡ଼ ଦେଇଥିଲେ । ଏବେ ବଡ଼ ଘେର ଉଠାଇ ଦେଇ ଚାନ୍ଦିନୀଟିଏ କରି ଦେଇଛନ୍ତି, ଅଚାନକ ଘୂର୍ଣ୍ଣିବାତ୍ୟା ଆସି ଓପାଡ଼ି ଦେଇପାରେ ଭୟକରି କୃଷ୍ଣଚୂଡ଼ାକୁ ଆଶ୍ରୟ ଦେଇଛନ୍ତି ।

ଶାଶ୍ୱତୀକି ଡ଼କ୍ଟର ତ୍ରିପାଠୀ ନିଜ ଇମେଜରେ ଗଢ଼ିଛନ୍ତି । ତା'ର ବିଚିତ୍ର ଆଚରଣ ନିଜ ତଥା ପତ୍ନୀଙ୍କ ଅନୁରୂପ କରିବା ତାଙ୍କର ଆପ୍ରାଣ ଚେଷ୍ଟା । ଯେତିକି ଫୁରୁସତ୍ ପାଉଛନ୍ତି ସବୁ ସମୟ ତାକୁ ପଢ଼ାଇବାରେ ଲାଗିଛନ୍ତି । ଗୀତା ଭାଗବତ ପୁରାଣ ଅଭିମୁଖୀ ସବୁ ତାଙ୍କର ଶିକ୍ଷା । ଯଥା ସମୟରେ (ଅବଶ୍ୟ ସାମାନ୍ୟ ଡ଼େରିରେ ସେ ପଢ଼ା ଆରମ୍ଭ କରିଥିଲା) ଝିଅ ପ୍ରାଇଭେଟ୍‌ରେ ପରୀକ୍ଷା ଦେଇ ଯୁକ୍ତ ଦୁଇ ଜୁନିଅର କ୍ଲାସ୍‌ରେ ଭର୍ତ୍ତିହେବାର ଯୋଗ୍ୟତା ଅର୍ଜନ କଲା । ଅଗତ୍ୟା ଡ଼କ୍ଟର ତ୍ରିପାଠୀ କୋଡ଼ରୁ/କବଳରୁ ଛଡ଼ାଇ କିଲୋମିଟର ଦୂରରେ ଥିବା ଏକ ନାମୀ ଓ ଦାମୀ ମହିଳା କଲେଜରେ ଏଡ୍‌ମିଶନ୍ କରାଇଲେ । ମିଶ୍ରିତ ସହଶିକ୍ଷା ଥିବା କଲେଜ ପ୍ରତି ଡ଼କ୍ଟର ତ୍ରିପାଠୀ ଆସ୍ଥା ନାହିଁ । ତେଣୁ ଅଦେଖା ହାତଟିଏ ଛୋଟ ବେଙ୍ଗୁଲିଟିକୁ ନିର୍ଭୟ ନିରାପଦ କୂଅରୁ ଉଠାଇ ନେଇ ଉତ୍ତାଳ ତରଙ୍ଗାୟିତ ମହାସମୁଦ୍ରର ଲୁଣି ପାଣିରେ ଛାଡ଼ିଦେଲା ! ଅଗାଧ ଲୁଣିପାଣିରେ ଉବୁଟୁବୁ ହୋଇ ନିଶ୍ୱାସ ରୁନ୍ଧି ହୋଇ ଆକୁପାକୁ ହେବାରେ ବିଚିତ୍ର କ'ଣ ?

କିଛିଦିନ ଧରି ବାପା ନିଜ ଝିଅକୁ ସାଙ୍ଗରେ ନେଇ ପହଞ୍ଚାଇ ଦେଉଥିଲେ ସେଇ ଅମାପ ଅତିକାୟ ମହିଳା ଅନୁଷ୍ଠାନଟିରେ । କ୍ରମେ କ୍ରମେ ଝିଅ ସାଙ୍ଗସାଥୀ ମେଳ ପାଇ

Digitized by srujanika@gmail.com

ଯାଆନ୍ତେ ସେ ଆଶ୍ୱସ୍ତ ଓ ନିଃଶଙ୍କ ହେଲେ । ତାଙ୍କୁ ଆଶ୍ଚର୍ଯ୍ୟ ଲାଗିଲା ସମୁଦ୍ରର ଲୁଣିପାଣିକୁ ଛୋଟ ବେଙ୍ଗୁଲିଟି ପାଇଁ ମିଠା କରିଦେଲା କିଏ ? ମା'କୁ ସଦ୍ୟ ଛାଡ଼ି ଆସିଥିବା ପୁଷିଛୁଆଟି ଯିମିତି ମା'କୁ ଖୋଜି ଖୋଜି ମ୍ୟାଉଁ ମ୍ୟାଉଁ ହୋଇ ନୂଆ ଘରଟିରେ ଯା'କୁ ତାକୁ ମାଆ ଭାବି ଏକଣ ସେକଣ ଅନ୍ଦିସନ୍ଧି ଧାଉଁଥାଏ ଶାଶ୍ୱତୀ ସିମିତି ଲମ୍ବାଚଉଡ଼ା ବାରଣ୍ଡାରେ କୋଠରୀ ନମ୍ବର ପଢ଼ି ପଢ଼ି ଯା'ତା ପଛରେ ଚାଲିଥାଏ । ଚଷମାଧାରୀ ଇଂରାଜୀ ଅଧ୍ୟାପିକାଙ୍କୁ ବିଦ୍ୟାଧରୀ ବୋଲି ଭାବେ । ସାଙ୍ଗସାଥୀମାନଙ୍କ କେଶବିନ୍ୟାସ ଭଙ୍ଗୀ, ପୋଷାକ ପତ୍ର, ଚାଲି ଚଳନ ଦେଖି ସେ ନିଜକୁ ଏକଦମ୍ ମଫୀ ବୋଲି ଭାବେ । କିନ୍ତୁ ଝିଅମାନଙ୍କର ନିଜକୁ ପରିବେଶ ସହିତ ମିଶାଇ ମିଳାଇ ଦେବା ଶକ୍ତି ଏତେ ପ୍ରଖର ଓ ପ୍ରଚଣ୍ଡ ଯେ 'ମଫୀ' ଶାଶ୍ୱତୀ କେତୁଟା ଦିନରେ 'ମଫି' ହୋଇଗଲା । ମଫସଲ ଅଞ୍ଚଳରୁ ପିତୃହୀନ ରଘୁ ଖାଦ୍ୟ ପାନୀୟ ନ ପାଇ ମୁଦ୍ରାମିରେ 'ବିହାର'କୁ ଆସି ଗୁରୁଙ୍କ ଦୟାରୁ ଯିମିତି ବଡ଼ ପୋଖରୀରେ ଜାଆଁଳ ବଢ଼ିଲା ପରି ଅସ୍ୱାଭିକ ରୀତିରେ ବଢ଼ିଲା, କୃଷ୍ଣଚୂଡ଼ା ଗଛଟି ଯିମିତି ଗୁରୁପତ୍ନୀଙ୍କ ଲାଳନ ପାଳନରେ ପତ୍ର ଠେଲିପେଲି କଢ଼ଟି ଫୁଲ ହେଲା ଶାଶ୍ୱତୀ ମଧ ତଦ୍ରୂପ ପରିବର୍ତ୍ତନ ଲାଭକଲା ।

ଯେଉଁଦିନ ପାଣିପାଗ ପ୍ରତିକୂଳ ହୁଏ ବା ସହର ବିହାରମାନଙ୍କରେ ବିକ୍ଷୋଭ ବା ବିଭ୍ରାଟ ହୁଏ ସେ ଦିନ ପିତୃଦେବ 'ରଘୁ'କୁ କହନ୍ତି, "ବାପା, ଝିଅକୁ ଟିକିଏ ଛାଡ଼ି ଦେଇ ଆସିବୁ ?" ଯିଏ ବଳୀକୁ ବାନ୍ଧିଥିଲା, ଯିଏ ସମୁଦ୍ର ମନ୍ଥନ କରିପାରିଥିଲା, ଯିଏ ଦୈତ୍ୟକୁଳକୁ ଜିଣିଥିଲା ସାମାନ୍ୟ ହରଧନୁ ଭାଙ୍ଗିବା ତା' ପକ୍ଷରେ କ'ଣ ବଡ଼ କାମ ? ରଘୁ ବିଶ୍ୱସ୍ତ ଓ ବାଧ୍ୟ ପିଲା ପରି 'ଗୁରୁ'ଙ୍କ ଆଜ୍ଞା ପାଳିଲା ପରି ବୁଢ଼ାବାବୁଙ୍କ ଆଜ୍ଞା ପାଳନ କରେ । ଯିମିତି ଶକୁନ୍ତଳାଙ୍କୁ ରାଜନଅରରେ ଛାଡ଼ିଦେଇ ଆସି କହିଲା ମାତ୍ରେ ଶାରଦ୍ୱତ ଓ ଶାର୍ଙ୍ଗରବ ଶକୁନ୍ତଳାଙ୍କୁ ବିନା ବାକ୍ୟ ବିନିମୟରେ ଛାଡ଼ିଦେଇ ବାହୁଡ଼ି ଆସିଲେ । ଖଣ୍ଡିଏ ଛୋଟ କାଗଜରେ କ'ଣ କ'ଣ ଚିଜ ଦରକାର ଲେଖି ନୋଟ୍ ଧରାଇ ଦେଲେ ବାହାଦୂରକୁ କ'ଣ ଏ କାମ ବଳାଇଯିବ ?

ତା'ଛଡ଼ା ରଘୁ ଓ ଆଉ ସେ ରଘୁ ନାହିଁ । ଏ ବର୍ଷର ମଲ୍ଲୁ ଆର ବର୍ଷକୁ ବଇଦ । ନାଆଁ ପରିବର୍ତ୍ତନ ସଙ୍ଗେ ଗୁଣର ବି ପରିବର୍ତ୍ତନ । ଗୁରୁପ୍ରଦତ୍ତ ନାଆଁର ଯଥାର୍ଥତା ପ୍ରମାଣ କରି ବାହାଦୂର ସବୁଥିରେ ବାହାଦୂର । ବୀର ବାହାଦୂର 'ତେ ସିଂ, ଠେକୁଆ ନାଚେ ଟିଙ୍ଗ୍ ଟିଙ୍ଗ୍ । କହିବା ବାହୁଲ୍ୟ ଗୁରୁଙ୍କଠୁ ଦୀକ୍ଷା ନେଇ ତାଙ୍କର ନର୍ସି ତାଲିକା କେନ୍ଦ୍ରରୁ ଶିକ୍ଷା ପାଇ ବାହାଦୂର କି ପୁରୁଷ କି ମହିଳା ଉଭୟଙ୍କ ହଷ୍ଟେଲ ଅନ୍ତେବାସୀଙ୍କ ପ୍ରିୟଭାଜନ କାହିଁକି ପ୍ରୀତିଭାଜନ ହେଲା । ସବୁବେଳେ ଯୁଆଡୁ ଶୁଣିବ 'ବାହାଦୂର' 'ବାହାଦୂର' ଡ଼ାକ ।

ବିହାରର ସାମଗ୍ରିକ ଦାୟିତ୍ୱ ତାରି ଉପରେ । ଥରକୁ ଥର ଟେଲିଫୋନ୍ କରିବା, ଟେଲିଫୋନ୍ ଶୁଣିବା, ହଷ୍ଟେଲରୁ ହଷ୍ଟେଲକୁ ଚିଠିପତ୍ର ଅଣାନିଆ କରିବା ଏପରି କି ତାଜମହଲ ଆଦି ବଡ଼ ବଡ଼ ପଞ୍ଚତାରକା ହୋଟେଲ ସହିତ ସମ୍ପର୍କ ରଖିବା ଆଦି

Digitized by srujanika@gmail.com

ଯାବତୀୟ ଘରୋଇ ତଥା ବୈଦେଶିକ ବିଭାଗର ଦାୟିତ୍ୱ ତାରି ଉପରେ। ପିଲାମାନଙ୍କଠାରୁ ବକ୍‌ସିସ୍, ପୁରସ୍କାର, ଖାନାପିନା ଟଙ୍କାପଇସା ଛଡ଼ା ବିବିଧ ପୋଷାକପତ୍ର ପାଇ ବାହାଦୁର ଛାତିଫୁଲାଇ ଦାଣ୍ଡରେ ବୁଲେ। ବେକରେ ନକଲି ଜକ୍‌ଜକିଆ ଚେନ୍‌ରେ ଲକେଟ୍ ଝୁଲାଇ ଯେତେବେଳେ କେମ୍ପାସ୍‌ର ଘୁରାଫେରା କରେ ଯେ ହେଲେ କହିବ ସେ ଜଣେ ମାତବର ପି.ଜି. ଛାତ୍ର ଅଥବା ଜୁନିଅର ଲେକ୍‌ଚାରାର। ସେ ବଂଶୀ ବଜାଏ, ସୁସୁରିରେ ସିନେମା ଗୀତ ଗାଇପାରେ, ଚାନ୍ଦିନୀ ରାତିରେ କୃଷ୍ଣଚୂଡ଼ା ମୂଳରେ ବସି ଜୀବନ ଉପଭୋଗ କରେ।

ଗୁରୁ ଶତ୍ରୁଘ୍ନ କିନ୍ତୁ ଏ ଭିତରେ ଚାଲିଗଲେଣି କେମ୍ପାସ୍ ଛାଡ଼ି। ନାନା ଆଳରେ ଚାରିବର୍ଷ ରହିଲେ। ଶିଷ୍ୟଙ୍କୁ ଦୀକ୍ଷାନ୍ତ ଭାଷଣଟିଏ ଦେଇଗଲାବେଳେ ଦୁଇଟି ଚିଜ ଜୀବନର ପାଥେୟ କରି ଶତ୍ରୁଘ୍ନ ମହାନ୍ତି ବିହାର ଛାଡ଼ିଲେ। ଗୋଟିଏ ହେଲା କମ୍ପିଟିଶନ୍ ମାଷ୍ଟର ଯାହା ବାସ୍‌ରେ ଟ୍ରେନ୍‌ରେ ଗଲାବେଳେ ଧରିଥିବେ। କେହି ପଚାରିଲେ କହିବେ ଓ.ଏ.ଏସ୍. ବା ଆଇ.ଏ.ଏସ୍. ଦେଉଛନ୍ତି। ଅନ୍ୟ ଚାକିରି ସେ କରିବେ ନାହିଁ। ଅସଲ କଥା ହେଲା ଥାର୍ଡ଼ କ୍ଲାସ୍ ପାଇବେ, ଚଉବନ ପାରସେଣ୍ଟ ତ ଦୂରର କଥା। ତିନିଟା ଖଣ୍ଡେ ପେପର ରିଜେକ୍ଟ ହବ। ନବମ ପେପର ମେକ୍‌ଅପ୍ କରିପାରିବନି। ଦ୍ୱିତୀୟ ଚିଜଟି ହେଲା ଆଦିବାସୀ ମହିଳା ହଷ୍ଟେଲରେ ସଂଗୃହୀତ ଏକ କୋଣାର୍କ ମୂର୍ତ୍ତିପ୍ରତିମା ନାରୀ, ଜୀବନ ସଙ୍ଗିନୀ । ଜାତିଧର୍ମନିରପେକ୍ଷ ରାଷ୍ଟ୍ରରେ ଆଦିବାସୀଙ୍କ ଅଗ୍ରାଧିକାର ଥିବାରୁ ସ୍ତ୍ରୀଙ୍କ ଜରିଆରେ ଖାଦ୍ୟପାନୀୟ ସହଜରେ ଯୋଗାଡ଼ କରିହବ, ଚାକିରି ନ ପାଇଲେ ବି। ଗୁରୁ ଆଶ୍ରମ ଛାଡ଼ି ଚାଲିଯିବାର ଅନେକ ଦିନ ପର୍ଯ୍ୟନ୍ତ ଅନ୍ତେବାସୀ ଅନ୍ତେବାସିନୀମାନେ ଶୋକାକୁଳ ହେଲେ, କହିବା ବାହୁଲ୍ୟ, ବାହୁନି ବାହୁନି ଝୁରିଲେ।

ମହିଳା କଲେଜ ସାମନାରେ ଯେଉଁ ଶଙ୍ଗାଟକ/ଛକ ତାକୁ ଚତୁର୍ବେଣୀ ସଙ୍ଗମ ଆଖ୍ୟା ଦିଆଯାଇପାରେ। ବିହାରର ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କର ସେଠି ସଦାସର୍ବଦା ସମ୍ପର୍କ, ସଂଘର୍ଷ। ସବୁ ବାସ୍ ଛିଡ଼ା ହୁଏ ସେଠି। ହେଲପର୍ ମଧ୍ୟଯୁଗର ନାଇଟ୍ ପରି। ନାରୀଜାତୀର ହିତସାଧନ କରିବା ଓ ସମ୍ମାନ ଦେଖାଇବା ପାଇଁ ତା' ଜୀବନ ଉତ୍ସର୍ଗୀକୃତ। ପ୍ରତ୍ୟେକ ଝିଅକୁ ସେ ଉଠାଏ ଯେତେ ଭିଡ଼ ଭିତରେ ଥିଲେ ବି। ତାଙ୍କୁ ପଇସା ମାଗେ ନାହିଁ; ମାତ୍ର ଭୟରେ ବିହାରର ଯୁବକଙ୍କୁ ବି ହାତ ପତାଇ ମାଗେ ନାହିଁ।

ଛକରେ କ'ଣ ନ ମିଳେ ? ଚାଟ୍, ଫୁଟୁକା, ଚପ୍, ଲସି, ଟଫି, ଡ଼ବଲସେଭେନ ଅନ୍ୟ ସବୁ ଖାଇବା ପିଇବା ଚିଜ। ଯୁବକ ଯୁବତୀ ସକାଳ ନଅରୁ ସନ୍ଧ୍ୟା ପାଞ୍ଚ ଛଅ ପର୍ଯ୍ୟନ୍ତ ଏଇଠି ଠୁଳହୋଇ ଖାଦ୍ୟ ତଥା ଭାବର ଆଦାନ ପ୍ରଦାନ କରିଥାନ୍ତି। ଏଇଠୁ ଶତ୍ରୁଘ୍ନ ବାବୁ ତାଙ୍କର ଜୀବନସଙ୍ଗିନୀ ସଂଗ୍ରହ କରିଥିଲେ। ବିପିନା ଦୋକାନରେ ପାନ ପାଇଁ ଏ ଛକର ଡ଼ାକନାଆଁ। ବିହାରର ପାନର ସମସ୍ତ ଚାହିଦା ଏ ବିପିନା କେତେବେଳେ ଟାଉନ୍‌ବାସ୍‌ରେ, କେତେବେଳେ ବାବୁମାନଙ୍କ ସାଇକେଲରେ, କେତେବେଳେ ବା

Digitized by srujanika@gmail.com

ପଦବ୍ରଜରେ। କଲେଜଝିଅଗୁଡ଼ା ବି ମେଣ୍ଢାଏ । ସେଥିପାଇଁ ବାହାଦୂରକୁ ଦିନଟାରେ ଦଶଥର ଧାଇଁବାକୁ ପଡ଼େ । ସେଇଠି ବସ୍ ଅପେକ୍ଷା ନାଆଁରେ, ପାନଖାଇବା ଛଳରେ ବିହାରର ପି.ଜି. କରୁଥିବା ପିଲାଙ୍କୁ ଭେଟନ୍ତି। ଏ ଛକର ମହିମା ଶୁଣି ପୌଢ଼ ବୃଦ୍ଧମାନେ ହୁଏତ ନାସିକା କୁଞ୍ଚନ କରିବେ, ଥଟ୍ଟାଳିଆ ହସ ହସିବେ। କିନ୍ତୁ ତାଙ୍କରି ଝିଅମାନଙ୍କର କେତେ କେତେ ଶାଢ଼ୀ, କେତେକେତେ ଗୋଲଡ଼େନ୍ ଟ୍ରାଏଙ୍ଗଲକୁ ଫ୍ରି ଟ୍ରିପ୍ ଏଇଠି ଯୋଗାଡ଼ ନ ହୋଇଛି; ଅଧମ ଅହମ କେତେ କେତେ ପିତାମାତା କନ୍ୟାଖୋଜା ବା ବରଖୋଜାରୁ ଅବ୍ୟାହତି ନ ପାଇଛନ୍ତି !

ଡ଼କ୍ଟର ତ୍ରିପାଠୀ ଓ ଶ୍ରୀମତୀ ତ୍ରିପାଠୀ ଦିନେ ବେଲକନିରେ ଛିଡ଼ାହୋଇ ସୂର୍ଯ୍ୟାସ୍ତ ଉପଭୋଗ କରୁଥାନ୍ତି। ଦୂରରୁ ଶାଶ୍ୱତୀ କଲେଜରୁ ଫେରୁଥିବାର ଦେଖିଲେ। ଝିଅର କେତେ କ'ଣ ପରିବର୍ତ୍ତନ ନ ହୋଇଛି। ଡ଼କ୍ଟର ତ୍ରିପାଠୀ ଶ୍ରୀମତୀଙ୍କୁ କହିଲେ "ଦେଖ, ଆଜିକାଲି କହୁଁ କହୁଁ ଝିଅର ପନ୍ଦର ଷୋହଳ ବର୍ଷ ହୋଇଗଲାଣି, ଦିନେ ନା ଦିନେ ଝିଅ ପରଘରକୁ ଚାଲିଯିବ। ମୋର ମନେପଡୁଛି କଣ୍ୱମୁନୀଙ୍କ ଶ୍ଲୋକଟି, "ଶକୁନ୍ତଳା ଚାଲିଯିବ ବୋଲି ମୋର ମୁହଁରୁ କଥା ବାହାରୁ ନାହିଁ ଦୁଃଖରେ। ଗୃହୀମାନେ ଝିଅର ବିଚ୍ଛେଦ କିମିତି ଭଲା ସହନ୍ତି।" ଶ୍ରୀମତୀ କହିଲେ ଝିଅକଥା କହୁଛ, "ଏଇ କୃଷ୍ଣଚୂଡ଼ା ଗଛଟା କଥାଟା ଭାବୁନ। କି ସୁନ୍ଦର ଫୁଲ ଫୁଟି ସୁନ୍ଦର ଦିଶୁଛି ! ଏଉଟା ଯଦି ପଡ଼ିଯାଏ ବା ମରିଯାଏ ତେବେ କେଡ଼େ ଦୁଃଖ ନ ହେବ ମୋର। ନିଜ କ୍ଷୀର ଦେଇ ଶାଶ୍ୱତୀକି ବଢ଼ାଇଲା ପରି ଯାକୁ ବି ବଢ଼ାଇଛି।"

ଝିଅ ତେଣେ ବଢ଼ି ଚାଲିଚି, ପଢ଼ିଚାଲିଛି, ମାଡ଼ିଚାଲିଛି। ଦିନକର ଘଟଣା ଚତୁର୍ଥ ଅପ୍‌ସନାଲ ଟେଲରିଂ କ୍ଲାସ୍ ଶେଷ ପରିଯଡ଼ରେ ଥାଏ। ଅନେକ ଝିଅ ଚାଲିଗଲେଣି। ମହିଳା କଲେଜ ପ୍ରାୟ ଶୁନ୍‌ଶାନ୍। ପାନ ଦୋକାନ ଆଗରେ ବି କାଁ ଭାଁ ଜଣେ ଦିଜଣ। ବର୍ଷଣମୁଖର ସନ୍ଧ୍ୟା ପାଇଁ ବୋଧହୁଏ ଏ ଅବସ୍ଥା। ବିହାର ଆଡ଼କୁ ଯିବା କେହି ନାହିଁ। ଶାଶ୍ୱତୀ ଏବେ ଏବେ very forward march chick ହେବାକୁ ମନ ବଳାଇଛି। ଫାଟକ ପାଖରୁ ସେ ଦେଖିପାରିଲା ବାହାଦୂରକୁ। ମନରେ ଦମ୍ଭ ଆସିଲା। କେତେମାସ ଆଗରୁ ସେ ପୁଅଙ୍କ ମୁହଁ ଚାହୁଁନଥିଲା। ଦୋକାନ ଆଡ଼କୁ ଯାଇ ରାସ୍ତାକଡ଼ରେ ଛାତିରେ ବହିଖାତା ଜାକି ଛିଡ଼ା ହେଲା ବାହାଦୂର ଯିମିତି ବିହାର ଆଡ଼କୁ ମୁହେଁଇଛି ଶାଶ୍ୱତୀ ତା' ପାଖକୁ ଭିଡ଼ିଯାଇ ପଚାରିଲା

"ଆପଣ ଆମ କ୍ୱାଟର୍ସ ଦେଇ ଯିବେ ?"

"ଆଜ୍ଞା", ବାହାଦୂରର ପାଟିରୁ ବାହାରିପଡ଼ିଲା ହଠାତ୍। ସବୁଦିନ ବେ, ବା, ତୁ, ତା, ଶଳା, ଯାବେ ଆଦି ଶୁଣି ଆଜି 'ଆପଣ' ଶୁଣିଲା ବେଳକୁ ବିଶେଷତଃ ୱାର୍ଡ଼େନଙ୍କ ରୂପସୀ ଟିକି ଝିଅ ମୁହଁରୁ ସେ କୃତକୃତ୍ୟ ହେଲା। ଏ ଝିଅଟିକି ସେ ଯେ ଆଗରୁ ନଜରରେ ନ ରଖିଛି ତା' ନୁହେଁ ତେବେ ତା' ବଗିଚାରେ ଅନ୍ୟମାନଙ୍କ ତୁଳନାରେ କଞ୍ଚା, କଅଁଳ;

Digitized by srujanika@gmail.com

ଦୁଧଖିଆ ଛୁଆ, ପୁରା ପର ଉଠିନଥିବା ବ୍ରୟେଲର ଚିକେନ୍। ବେଳକାଳ ଆସିଲେ ସମୟ ସୁଯୋଗ ଆସିଲେ ଦେଖାଯିବ।

କିନ୍ତୁ ବେଳକାଳ ସୁବିଧାସୁଯୋଗ ଗୁରୁ କୃପାରୁ ଟିକିଏ ସହଳ ଆସିଗଲା ପରି ଜଣାଗଲା, ପତର ଠେଲି କଢ଼ଗୁଡ଼ାକ ଅବେଳରେ ଫୁଟିଗଲା ପରି। ଦୁହେଁ ଆଗପଛ ହୋଇ ଚାଲିଥାନ୍ତି, ଆଗରେ କଢ଼, ପରେ ପତର। ରାସ୍ତା ପ୍ରାୟ ଜନଶୂନ୍ୟ। ପଶ୍ଚିମା ମେଘ ବର୍ଷଣମୁଖର; ଫୁଲସଞ୍ଜଟା ଫଳସଞ୍ଜ ଆଡ଼କୁ ଗଡ଼ିଯାଇଛି।

ଶାଶ୍ୱତୀ ଅନାବଶ୍ୟକ ଆତ୍ମୀୟତା ଜମାଇବା ପାଇଁ ସନ୍ତର୍ପଣରେ ପଚାରିଲା "ବାହାଦୂର ବାବୁ! ଆପଣଙ୍କର ଏଇଟା କେଉଁ ଇଅର ?"

ବାହାଦୂର ଭାବିଲା, ଝିଅଟା ବୋଧହୁଏ ତାକୁ ପି.ଜି. ପିଲା ବୋଲି ଧରିନେଇଛି। ଅଧିକାଂଶ ସେଇୟା ଭାବନ୍ତି, ସାମାନ୍ୟ ଯୁକ୍ତଦୁଇ ଝିଅଟିଏ ଏମିତି ଭାବିବାର କି ବିଚିତ୍ରତା ! ଭାଗ୍ୟରେ ଏମିତି ସମ୍ଭବ ହୁଏ। ଚାନ୍ସ ମିଳିଛି, ୟା ସାଙ୍ଗରେ ଟିକିଏ ଖେଳିଲେ କ୍ଷତି କ'ଣ ? ଉତ୍ତରରେ କହିଲା, 'ଫାଇନେଲ ଇଅର।' କାଳେ ଆହୁରି ଅତୁଆ ତତୁଆ ପ୍ରଶ୍ନ ପଚାରିବ ସେଥିପାଇଁ କଥାକୁ ବାଆଁରେଇ ଦବା ଅଭିପ୍ରାୟରେ ପାଲଟା ପ୍ରଶ୍ନ ପଚାରିଲା, "ଆପଣ ପାନ ଖାଆନ୍ତି ? ମିଠା ପାନ, ଜରିଦିଆ ?" ଗେହ୍ଲାଳିଆ ସ୍ୱରରେ ଶାଶ୍ୱତୀ କହିଲା, "ନା, ମୁଁ ପାନ ଖାଏ ନାହିଁ ? "କେଡ୍‌ବେରୀ ଷ୍ଟିକ୍ ଖାଆନ୍ତି ?" ଆପଣଙ୍କ ମହିଳା କଲେଜର ଅନେକ ଝିଅ ବରାବର ଖାଆନ୍ତି।" ଶାଶ୍ୱତୀ ପ୍ରଶ୍ନ ବୁଝିଲା ନାହିଁ। ଇୟେସ୍ ନୋ ରୁ ଗୋଟିଏ ବାଛି ଅନ୍ଦାଜରେ 'ନା' କହିଲା। 'ସିନେମା ଦେଖନ୍ତି ?' "କେବେ କିମିତି ମାଆ ସାଙ୍ଗରେ ଯାଇ ପୌରାଣିକ ଛବି କୃଷ୍ଣସୁଦାମା, ସମ୍ପୂର୍ଣ୍ଣ ରାମାୟଣ ଦେଖିଛି।" "ଦଣ୍ଡା ବାଲୁଙ୍ଗା ?" "ନା"। "ତେବେ କ'ଣ ଦେଖିଛନ୍ତି !" ଏତିକି ପ୍ରଶ୍ନୋତ୍ତର ପରେ ସୁସୁରି ମାରି ମାରି କଲିଏ ଗୀତ ଗାଇଲା, ଯାହା ମୁହଁକୁ ଆଣି ଫୁଟାଇ କଥାରେ କହି ହବନି।

ପରିବେଶ, ଘଟଣାଚକ୍ର ମଣିଷର ଭବିଷ୍ୟତ ଯେତେ ପରିମାଣରେ ନିୟନ୍ତ୍ରଣ ଓ ନିର୍ଦ୍ଧାରଣ କରିଥାଏ ଚରିତ୍ର ଓ ଭାଗ୍ୟ ଉଭୟ ମିଳି ସେତେ କରିପାରନ୍ତି ନାହିଁ। କୁତୂହଳ ମଣିଷର ସମସ୍ତ ଉନ୍ନତିର ମୂଳବୀଜ ହେଲେ ବି କୌଣସି ବିଷୟରେ ଏପରିକି ଭଗବାନଙ୍କ ବିଷୟରେ ଅତିମାତ୍ରାରେ ଜିଜ୍ଞାସା ପ୍ରଶଂସନୀୟ ନୁହେଁ।

ବେଲ୍‌କନିରେ ଛିଡ଼ାହୋଇ କଲେଜ ବାହାରେ, କେମ୍ପାସରେ, ପାନ ଦୋକାନରେ ଅନେକ ସମୟରେ ଶାଶ୍ୱତୀ ଦେଖିଛି ହଳ ହଳ ହୋଇ ପୁଅଝିଅ ବୁଲିବାର ଏବଂ ଘଣ୍ଟା ଘଣ୍ଟା ଧରି କଥାବାର୍ତ୍ତା କରିବାର। କଲେଜକୁ ଯାଇ ଏବେ ଏବେ ବାରମ୍ବାର ନୂଆ ପୁରୁଣା ସାଙ୍ଗସାଥୀଙ୍କ ମୁହଁରୁ ଥରକୁ ଥର ବୟଫ୍ରେଣ୍ଡ୍ ବୋଲି ପଦକ କଥା ବାରମ୍ବାର ଉଚ୍ଚାରିତ ହେବାର ଶୁଣିଛି। ସାଙ୍ଗସାଥୀଙ୍କି ପଚାରିଥିଲେ ଏ ସାମାନ୍ୟ ପଦଟିକୁ ଯେ କେହି ଉଦାହରଣ ସହ ଆଗ୍ରହରେ ଠିକ୍ ବୁଝାଇ ଦେଇଥାନ୍ତେ। ତା' ନ କରି ଏକାନ୍ତରେ

Digitized by srujanika@gmail.com

ଗୁରୁମନ୍ତ୍ର ଓ ଦୀକ୍ଷା ନେଇଥିବା ଚତୁରଶିରୋମଣୀକ ପଚାରି ଦେଲା, "ବାହାଦୁର ବାବୁ, ବୟଫ୍ରେଣ୍ଡ୍ କ'ଣ ?" କୁଟାରୀ ହରିଣଛୁଆଟା ଅଜଗର ମୁହଁକୁ ଆପେ ଆପେ କିମିତି ଟାଣି ହୋଇଯାଇଛି ଦେଖନ୍ତୁ। ଭାଗ୍ୟ ନା ଘଟଣାଚକ୍ର ?

ବାହାଦୁର ତ ଏଇ ପର୍ଯ୍ୟନ୍ତ ଅପେକ୍ଷା କରିଥିଲା। କହିଲା "ଆପଣ ତ ସିନେମା ଦେଖୁନାହାନ୍ତି। ସିନେମା ଦେଖିଥିଲେ ଜାଣିଥାନ୍ତେ ନାନା ଜାତିର ବୟଫ୍ରେଣ୍ଡ୍‌ଙ୍କ କଥା । ଇଂରାଜୀ ବୟଫ୍ରେଣ୍ଡ୍ କହିଥାନ୍ତା, I Love You, ବାଙ୍ଗାଲୀ କହିଥାନ୍ତା 'ଆମି ତୋମାକେ ଭାଲ ବାସି' । ପଞ୍ଜାବୀ ହେଲେ କହିଥାନ୍ତା, 'ତେରେ ବିନେ ମର୍‌ଯାଉଁ।" ମୋ ପରି ଗରିବ ଓଡ଼ିଆ ତାରି ମାଆର ଭାଷାରେ କହୁଛି "ମୁଁ ଆପଣଙ୍କୁ ଭଲ ପାଏଁ, ଭାରି ଭଲ ପାଏଁ।" ପ୍ରତିକ୍ରିୟା ଲକ୍ଷ୍ୟକରି ବାହାଦୁର ଦେଖିଲା ଶାଶ୍ୱତୀର ମୁହଁରେ ଏମିତି ଚିହ୍ନ ସଙ୍କେତ ଯହିଁରୁ ସେ ବୁଝିଲା ଚଢ଼େଇ କାଣ୍ଡିଆ ପାଖକୁ ଆସିଗଲା। ଶାଶ୍ୱତୀ କିନ୍ତୁ ଉଦାହରଣ ଅଭାବରେ ଉତ୍ତର ଅପୂର୍ଣ୍ଣ ଅବୋଧ ରହିଯାଇଛି।

ଅଳ୍ପଦୂର ଯାଇଛନ୍ତି ସୁଲୁସୁଲିଆ ପବନ ସହିତ ଖଣ୍ଡିଆ ଚଲା ବଉଦଟିଏ ଆସିଗଲା ବଡ଼ ମେଘରୁ କଟିଯାଇ। ଟୁପୁରୁ ଟୁପୁରୁ ଝଡ଼୍ ଝଡ଼୍। ପଚାଶ ଗଜ ଭିତରେ କୌଣସି ଆଶ୍ରୟସ୍ଥଳ ନାହିଁ।

"ପୋଲ ତଳକୁ ଚାଲିଯିବା ?" "ବୟଫ୍ରେଣ୍ଡ୍ ଖୋଜୁଥିବା ସଙ୍ଗିନୀକୁ ବାହାଦୁର ପଚାରିଲା।"

"ନା, ସାପ ଥିବ। ମୁଁ ସାପକୁ ଭାରି ଡ଼ରେଁ।"

"ସିନେମା ନ ଦେଖିବାର ଫଳ। ଦେଖିଥିଲେ ଡ଼ର ନ ଥାନ୍ତା।"

ଉପର ପ୍ରସ୍ତ ଆବରଣ ଦୁହିଁଙ୍କ ଯାକର ଆର୍ଦ୍ର । ସାମାନ୍ୟ କେତୁଟା ବଡ଼ବଡ଼ ଟୋପା।

ଆଗକୁ କ୍ୟାମ୍ପସ ଫାଟକ। ପାଖକୁ ଲାଗି ଦାଢ଼ିଆ, ଝଙ୍କାଳିଆ ବରଗଛ। ତା'ର ମୂଳରେ କେମ୍ପାସର ଅଧିଦେବତା ଶିବ। ଖରାଖିଆ ମହାଦେବ। ଶକ୍ତିକି ଭେଦ କରି ସଦର୍ପେ ଛିଡ଼ା ହୋଇଛନ୍ତି। ଦୁହେଁ ଧାଇଁଯାଇ ସେଇଠି ତାଙ୍କରି ପାଖରେ ଆଶ୍ରା ନେବାକୁ ବାଧ ହେଲେ।

ଗୁରୁ ଯେଉଁ ଦୀକ୍ଷା ଓ ଦର୍ଶନ ଶିଷ୍ୟକୁ ଦେଇଥିଲେ ସେଥିରେ 'ପ୍ରେମ' ବୋଲି ଶବ୍ଦ ନ ଥିଲା, 'ପ୍ରଥମ ଦର୍ଶନ ପ୍ରେମ' ତ କାବ୍ୟ କବିତା ରାଜ୍ୟର ! ବାହାଦୁରର ଭୂତ ନାହିଁ କି ଭବିଷ୍ୟତ ନାହିଁ। ଅଛି କେବଳ ବର୍ତ୍ତମାନ। ବର୍ତ୍ତମାନ ସଦୁପଯୋଗ କରିପାରିବା ହିଁ ବାହାଦୁରର ଧର୍ମ, କର୍ମ।

ବର୍ଷା ସରିଗଲା। ଦୁହେଁ ଯେଝା ଘରକୁ ଏକମୁହାଁ ହୋଇ ନିଷ୍ପାପ ଜୀବ ଦୁଇଟି ପରି ଚାଲିଗଲେ। ରାସ୍ତାରେ ବୟଫ୍ରେଣ୍ଡ୍ କଥା ଶାଶ୍ୱତୀ ଆଉ ତୁଣ୍ଡକୁ ଆଣିନି।

ଏହା ପରବର୍ତ୍ତୀ ଦିନଗୁଡ଼ାକ ବାହାଦୁର ସୁସୁରି ମାରି, ଫୁଟୁକି ଫୁଟାଇ, ଜହ୍ନ ଆଲୁଅ ରାତିରେ ବଂଶୀରେ ସିନେମା ସଙ୍ଗୀତର ରାଗରାଗିଣୀ ଗାଇ କୃଷ୍ଣଚୂଡ଼ା (କଳ୍ପତରୁ!)

Digitized by srujanika@gmail.com

ମୂଳେ ବସି କଟାଇଲା। ପ୍ରେମ ପାଇଁ ପୋଲ ତଳ ହେଉ, ବାଡ଼ିବଗିଚା ହେଉ, ପଡ଼ିଆଧଡ଼ିଆ ହେଉ ଏପରିକି ଶିବମନ୍ଦିର ହେଉ ଉପଯୁକ୍ତ ତା' ଆଖିରେ। ଜାତିକୂଳଗୋତ୍ରର ମଧ ସ୍ଥାନ ବାଛବିଚାର ନାହିଁ। ପ୍ରେମ ଫଳଟି ଏକମାତ୍ର ଗିଏଲିଟି।

ଶାଶ୍ୱତୀର ଯୁକ୍ତ ଦୁଇ ପରୀକ୍ଷାଫଳ ବାହାରିବ ହେଉଛି। କୃଷ୍ଣଚୂଡ଼ା ଗଛ ସେତେବେଳେ ଫଳ ଭାରରେ ଅବନତ। ଯେ ଦେଖିଲା କହିଲା କେଜାଣି, ଏଡ଼େ ଛୋଟ ଗଛଟି ଏତେ ଭାର ସମ୍ଭାଳି ପାରିବନି।

ଶାଶ୍ୱତୀ ଦିନେ ଅଗତ୍ୟା ତା'ର ଦୁର୍ଗତି କଥା ବୟଫ୍ରେଣ୍ଡ୍‌କୁ କହିଲା। ବାହାଦୂର କେତେ ପାନ ପିପଫ୍ଲି। ଅଣ୍ଡବତ୍ ହୋମିଓପାଥି ଡ଼ୋଜ୍ ଔଷଧ ଦେଇଥିଲା। ତା'ପରେ କର୍ତ୍ତବ୍ୟରୁ ଓହରି ଗଲା।

ଶାଶ୍ୱତୀ ତା'ପରେ ଲିଙ୍ଗରାଜ ମନ୍ଦିରରେ ନହେଲେ କେମ୍ପାସ ଫାଟକର ସେଇ ଖରାଖିଆ ଲିଙ୍ଗ ଆଗରେ ବିବାହ ପ୍ରସ୍ତାବ ମଧ ଦେଇଥିଲା। ବାହାଦୂର ଛୋଟ ଉତ୍ତରଟିଏ ଦେଇଥିଲା, 'ବୟଫ୍ରେଣ୍ଡ୍' ଧାଁଧପଡ଼ କରେ, ନାଚେକୁଦେ, ବାହା ହୁଏନି। ସିନେମା ଦେଖିନ ବୋଲି ଏ କଥା ତୁଣ୍ଡକୁ ଆଣୁଛ।" ତା' ମତରେ ଯେଉଁ ଗଛ ଫୁଲ ଫୁଟାଏ ସେ ଭଅଁରର ଭାର ଏପରିକି ଫଳ ଭାର ସହେ। ଦୈବଦୁର୍ବିପାକ ପାଇଁ ଭଅଁର ବା ବୟଫ୍ରେଣ୍ଡ୍ ଦାୟୀ ନୁହେଁ।

ଦିନେ ଡ଼କ୍ଟର ତ୍ରିପାଠୀ ଶାଶ୍ୱତୀକି ପଚାରିଲେ, "ମାଆ ! ଅନେକ ଦିନ ହେଲା ରଘୁକୁ ତ ଆମ ଘରକୁ ଆସିବାର ଦେଖିନି। ତା'ର କ'ଣ ହୋଇଛି ଜାଣୁ' ?,

"ରଘୁ କିଏ, ବାବା ?"

"ରଘୁ, ରଘୁ ମ, ଆମ ହଷ୍ଟେଲ ଚପରାଶି। ରଘୁଆ। ସିଏ ରଘୁଆ ଥିଲା ଏବେ ତାକୁ ସମସ୍ତେ ବାହାଦୂର ବାହାଦୂର ଡ଼ାକୁଛନ୍ତି।

ବିଶ୍ୱାସ ଅବିଶ୍ୱାସ ମଝିରେ ରହି ନିଜେ ନିଜକୁ ପଚାରିଲା, "ରଘୁ ଯିଏ ବାହାଦୂର ସିଏ, ହଷ୍ଟେଲ ଚପରାଶି।"

"ହଁ କହିଲି ପରା !"

ସେଇ ରାତିରେ ଶାଶ୍ୱତୀ କୁଆଡ଼େ କିମିତି ଅନ୍ତର୍ଦ୍ଧାନ ହୋଇଗଲା, ଆଲୁଅ ଲିଭି ବିଶ୍ୱମୟ ଅନ୍ଧକାର ହେଲାବେଳେ। ସକାଳେ କେମ୍ପାସର ବାସିନ୍ଦା ଦେଖିଲେ ଛୋଟ କୃଷ୍ଣଚୂଡ଼ାଟି ରାତିର ତୋଫାନର ତୋଡ଼ ସମ୍ଭାଳି ନପାରି ଚାନ୍ଦିନୀ ଉପରେ ଢ଼ଳି ପଡ଼ିଛି। ଛାତ ଉପରୁ ଡ଼େଇଁପଡ଼ି ତା'ରି ପାଖରେ ଅପମୃତ୍ୟୁ ବରଣ କରିଛି ଶାଶ୍ୱତୀ।

Digitized by srujanika@gmail.com

# କୁକୁର

"କୁକୁରକୁ ସାବଧାନ"

ଘର ଆଗରେ ଫାଟକରେ ପଟା ଖଣ୍ଡିକରେ ଲେଖିଦେଇ ଝୁଲାଇଛି। ଆଇନ୍ ଦୃଷ୍ଟିରୁ ଦରକାର। କାରଣ କେତେବେଳେ କିଏ ଅଚିହ୍ନା ଅଜଣା ଚୋରପରି ଦିଶୁଥିବା ଲୋକ ପଶି ଆସିଲେ କୁକୁର କାମୁଡ଼ି ଦେଇପାରେ। ଖବରକାଗଜରେ ମଝିରେ ମଝିରେ ବାହାରେ, କୁକୁର ମାଲିକକୁ ଗୁଡ଼ାଏ ଟଙ୍କା ଜୋରିମାନା ବା କ୍ଷତିପୂରଣ ବାବଦ ଦେବାକୁ ପଡ଼ିଛି।

ମୋ କୁକୁର କିନ୍ତୁ କେବେହେଲେ କାମୁଡ଼ିବାର ରେକର୍ଡ଼ ନାହିଁ। ସାତ ଆଠ ବର୍ଷ ତା'ର ବୟସ। ଆଉ ଦୁଇ ଚାରି ବର୍ଷରେ ହୁଏତ ସେ ବିଦାୟ ନେବ ଇହଧାମରୁ। କୁକୁର ଜୀବନକାଳ ଅତିବେଶୀ ହେଲେ ବାରବର୍ଷ। ମୁଁ ହୁଏତ ତା' ଆଗରୁ ଯାଇପାରେ। ମୋର ଭଗବାନଙ୍କୁ ଏକମାତ୍ର ପ୍ରାର୍ଥନା "God" ! ମୋର ଏ dog କୁ କଦାପି ମୋ ଆଗରୁ ନେବେ ନାହିଁ। ମୁଁ କାନ୍ଦି କାନ୍ଦି ମରିଯିବି। ଅନେକଦିନ ନାନା କାରଣରୁ କାନ୍ଦି ସାରିଲିଣି, ଲୁହ ଶୁଖିଗଲାଣି। ମୋ ପ୍ରତି ନିର୍ଦ୍ଦୟ ନ ହୁଅନ୍ତୁ। ମୋତେ ବଞ୍ଚାଇବାର ଇଚ୍ଛା ଥିଲେ କୁକୁରକୁ ନ ମାରନ୍ତୁ।"

କେଡ଼େ ସୁନ୍ଦର କୁନି ଜୀବଟି। ଗ୍ରେହାଉଣ୍ଡ ଆଉ କକାର ସ୍ପେନିଏଲ୍ ମିଶା କଳା ଚିକ୍ ଚିକ୍। ଛୋଟ ସାଇଜ୍‌ର, ଦେଖିଲେ କୁହେ ଦୁଇତିନିମାସର ଛୁଆ ବୋଲି। କାନ ଦୁଇଟା ଝୁଲି ରହିଛି। ପଛ ହଲେଇ ହଲେଇ, ଲାଙ୍ଗୁଡ଼ ନାଡ଼ି ନାଡ଼ି, ଏଣେ ତେଣେ ଚାହିଁ ରାସ୍ତାରେ ମୋରି ପାଦ ତଳେ ତଳେ ଚାଲିଥାଏ। ଭାରି ଡ଼ରକୁଳୀ। ଭୂଇଁରୁ ଅତିବେଶୀ ହେଲେ ଦେଢ଼ବାଖଣ୍ଡ ଉଚ୍ଚ ହେବ। କଳା ଆଖିଦି'ଟା କଳା ମୁହଁରେ ମିଶିଯାଇ ଏକାକାର ହୋଇଯିବ ବୋଲି ସ୍ରଷ୍ଟା ତା'ର ଆଖିର ଭ୍ରୂଲତା ମାଟିଆ ରଙ୍ଗ କରିଛନ୍ତି। ନାଆଁ ତା'ରି ବ୍ଲେକି। ବ୍ଲେକିରେ ! ବ୍ଲେକି, ବ୍ଲେକି, ବ୍ଲେକି ! କଳାଡ଼ୋଳା ଚାରିପଟ ଧଳା ଅଂଶଟି କଣେଇ ଚାହିଁଲେ କେଡ଼େ ସୁନ୍ଦର ରୂପରଙ୍ଗ କି ଦିଶେ !

ତାକୁ ଆଣିଥିଲି ମୋ ଝିଅ ଘରୁ। ରାଉରକେଲାରୁ । ଆଠର ଦିନର ଛୁଆ। ସବା ସାନ ଛୁଆଟି, ଛଅଟି ଭିତରୁ। ବିକିଥିଲେ ଝିଅ ବାରଶ ଟଙ୍କା ପଲଟିରୁ ପାଇଥାନ୍ତା। ସେ ବା ମୁଁ କୁକୁର ବେଉଷା କରୁନାହୁଁ ତ ! ମୁଁ କହିଲି "ଆଉ କୁକୁର ରଖିବି ନାହିଁ, ଯା ଭାଇଟାକୁ (ହୀରା ତା' ନାଁ) ମୂଷାବିଷ ଖୁଆଇ ମାରିଦେଇଛି। ଦି'ଦିନ ଘରେ ରୋଷେଇବାସ ନାହିଁ. ଆଉ ଜୀବନରେ ଜୀବ ବିଶେଷକରି କୁକୁର ରଖିବି ନାହିଁ। ଜୀବ ପ୍ରତି ମାୟା ବସିଯାଏ ମୋର। କିଏ ହାତ୍ ହାତ୍ କଲା, କିଏ ବାଡ଼ି ଦେଖାଇଲା, କିଏ ମାଇଚିଆ (ସେଟା ତ ମାଈ, ମାଇଚିଆ ନ ହୋଇ ଅଣ୍ଡିରାଚଣ୍ଡୀ ହବ !) କହିଲା, ଅବା ତାକୁ ଅତ୍ୟାଚାର, ଧର୍ଷଣ

ପ୍ରତିବେଶୀ, ୩ୟ ବର୍ଷ, ୨ୟ ସଂଖ୍ୟା, ଶାରଦୀୟ, ଅକ୍ଟୋବର ୧୯୮୫ ।

Digitized by srujanika@gmail.com

ମାତୃ ହେବାର ଉପକ୍ରମ ହେଲେ ମୋ ଛାତି ଦୁଃଖ କ୍ରୋଧରେ ଭରପୂର ହୋଇଯାଏ। ତୁମର ନୁହେଁ ବୋଲି ତା' ଉପରେ ରାଗୁଛ କାହିଁକି, ମୋ ଉପରେ ରାଗୁନ।"

ବିଧବାଟିଏ ନିଃସନ୍ତାନ ହୋଇଥିଲେ ବିରାଡ଼ିଟିଏ ପୋଷେ। କାହାଣୀରେ ଗୀତଟି ଅଛି, "ବୁଢ଼ୀ ଖାଇଲା ଚିଂଗୁଡ଼ି ମାଛ, ବୁଢ଼ା ଖାଇଲା ପିଚା ମାଉଁସ।" ଏ ବୁଢ଼ୀଟି ବିରାଡ଼ିକି ସେତେ ଭଲପାଇନଥିଲା, ବୁଢ଼ାକୁ ବେଶି ଭଲପାଇଥିଲା ବୋଲି ପିଚା ମାଉଁସ କାଟି ଦେଉଥିଲା। ବୁଢ଼ା ବି ସିମିତି ସେଇ ଗପରେ "ମତେ ଦବୁ ?" କହି ଗାଡ଼ିଆ ଭିତରର ବୁଢ଼ୀ ପାଖକୁ ଧାଇଁ ଯାଇ ମରିନଥିଲା ! ମୁଁ ବି ବେସ୍ହାକ, ଛୁଆପିଲାଏ ଚଢ଼େଇ ପରି ଡ଼େଣା ଲାଗିବାରୁ ବସା ଛାଡ଼ି କୁଆଡ଼େ ଉଡ଼ିଗଲେଣି। ଏଇ ବ୍ଲେକିଟି ମୋର ସବୁ, ଏକାଧାରରେ ପତ୍ନୀ, ଝିଅ, ନାତୁଣୀ କବିତା ବନିତା ଲତା। ସେ ଓ ମୁଁ ପରସ୍ପରକୁ କୁଣ୍ଢେଇ ଜାବୁଡ଼ି ଧରି ରହିଛୁଁ।

ଝିଅକୁ କହିଲି, "ଜୀବନରେ ଆଉ ମାୟାରେ ଜଡ଼ିତ ହେବି ନାହିଁ। ମୁଁ ପାଳିପାରିବି ନାହିଁ, ଅଠର ଦିନର ଦୁର୍ବଳିଆ ଛୁଆକୁ। ଆଜି ଡ଼ିସେମ୍ବର ପଚିଶ, ଥଣ୍ଡାରେ ଏ ଛୁଆ ପାଞ୍ଚଶ କିଲୋମିଟର ଯାଇପାରିବ, ମା' ପେଟତଳ ଛାଡ଼ି ?" ମୁଁ ବାରମ୍ବାର ନା କଲି, କିନ୍ତୁ ଦିନ ଦୁଇଟାବେଳେ (ପାଞ୍ଚୁଟା ଦଶରେ ଟ୍ରେନ୍) ମୋ ନାତି (ଏବେ ଆମେରିକାରେ, ବାହାହୋଇଛି, ଦୁହେଁ ବେଶ୍ ଭଲରେ ଆରାମରେ ଅଛନ୍ତି, ରହନ୍ତୁନି ? ମତେ ଏତେ ମୂଲ୍ୟବାନ୍ ଜୀବଟିଏ ଦେଇଛି ! ମିଲୁରେ ? ନିକି ସହିତ ସୁଖରେ ରହ।) କୁକୁରଛୁଆକୁ ଧରି ମୋ ପାଖରେ ପୁଅ ଘରେ ହାଜର। କହିଲା, "ଅଜା ! ମା' କହିଲା, ଏ କୁକୁରଛୁଆକୁ ତୁମ ଘରେ ପହଞ୍ଚାଇ ଦେବି, ତୁମକୁ କିଛି କରିବାକୁ ପଡ଼ିବନି। ତିନି ଚାରିଦିନ ରହି କୁକୁରଛୁଆ ତୁମକୁ ଚିହ୍ନିଗଲେ, ମାନିଲେ ମୁଁ ଫେରିବି। ମା'ର ଏକ ଜିଦ୍ ତୁମ ପାଖରେ ଏ ରହିବ, ସେ ଆଉ କାହାକୁ ୟାକୁ ଦବ ନାହିଁ, ମରିଦେବେ ସେମାନେ।"

କୁକୁରଛୁଆଟିକୁ (ନାମ ଦେଲି ମାଣିକ, ପରେ ବଦଳ କରି ବ୍ଲେକି ରଖିଲି) ଯିମିତି ସେ ଲୁଗାପଟା ଭିତରୁ ବାହାର କରି ସବୁଜ ଘାସର ଲନ୍‌ରେ ଥୋଇଛି ସେମିତି ପୁଅର କୁକୁର ତପସ୍ୱୀ କୁଆଡ଼ୁ ଆସି ତାକୁ ପାଟି ଭିତରକୁ ଉଠାଇନେଲା। ବିରାଟ କୁକୁର, ଅଠାବନ କିଲୋ ଓଜନ। ଭାଗ୍ୟେ ପୁଅ ପହଞ୍ଚିଗଲା ଏବଂ ଯମଗୁମ୍ଫାରୁ ଛୁଆଟି ପୁଣି ଖରାକୁ ଆସିଲା। ଝିଅର ଆଦେଶକ୍ରମେ ନାତି ମିଲୁ ମୋ ସାଙ୍ଗରେ କୁକୁର ଛୁଆକୁ ଧରି ମୋର ଏଇ ଭଡ଼ାଘରକୁ ଆସିଲା। ଖୁବ୍ ଶୀତ ହେଲାରୁ ନିଜ ପଶମ ସ୍ୱେଟର ଭିତରେ ତାକୁ ଢ଼ଙ୍କାଇ ଆଣିଲି, ଛୁଆଟି ଜାଣିପାରିଲା ନାହିଁ ମା' କୋଳରେ ନା କାହା କୋଳରେ ଅଛି। ଖଡ଼ଗପୁରରେ ଦୁଧ ପିଆଇବା ପାଇଁ ଛୁଆକୁ କୋଳରୁ ବାହାର କରନ୍ତେ ଜଣେ କୁକୁରପ୍ରେମୀ ଟି.ଟି.ଇ. ଦେଖି ପକାଇଲା ଏବଂ ପାଖକୁ ଆସି କହିଲା, "କୁକୁରଛୁଆର ଟିକେଟ ଲାଗିବ।" ନାତି କହିଲା "ଯଦି ଆପଣ ଆଉ ଥରେ ଟିକେଟ କଥା କହନ୍ତି ତେବେ ଏଇ ଦେଖନ୍ତୁ ମୁଁ କୁକୁରଛୁଆକୁ ଝରକାପଟେ ତଳକୁ ଫୋପାଡ଼ିଦେଉଛି।

Digitized by srujanika@gmail.com

କୁକୁରଛୁଆଟି ଇଲେକ୍ଟ୍ରିକତାରର ଆଲୁଅରେ ଜୁଲୁଜୁଲୁ ଚାହୁଁଥାଏ, ଖୁବ୍ ଜୋର ଶୀତରେ ଥରି ଥରି। ଦୁର୍ଘଟଣା ଘଟିଲା ନାହିଁ। ନାତି ଦି'ଚାରିଦିନ ମୋ ଘରେ ରହି, ତା'ର ଖାଇବା, ହଗିବା, ମୁତିବା, ତତ୍ତ୍ୱ ନେଲା ଏବଂ ମୁଁ ଏଥର ଯାଆ କହନ୍ତେ ମା' ପାଖକୁ ଫେରିଗଲା। ମୁଁ କୁକୁରଛୁଆଟିର ମାଆ ହେଲି, ତା'ର ବାପର ଦରକାର ନାହିଁ।

କୁକୁର ଛୁଆଟିକୁ ମୁଁ ଯିମିତି ପାଳିଲି ସେଥିରେ ଆଗନ୍ତୁକମାନେ ମନ୍ତବ୍ୟ କଲେ "କୁକୁରଟା ନଷ୍ଟ ହୋଇଯିବ, କଡ଼ା ଚିକିତ୍ସା ତା'ର ଦରକାର, ନହେଲେ ମାଇଚିଆ ହୋଇଯିବ, ସ୍ନେହ ଶ୍ରଦ୍ଧାରେ ମଣିଷପିଲାକୁ ପାଳିବା କଥା, ଜୀବଜନ୍ତୁ ଏପରିକି ଚାକର ଚାକରାଣୀଙ୍କି ପାଳିବା କଥା ନୁହେଁ, ଅମାନିଆଁ ହୋଇଯିବେ, ବୋଲ ମାନିବେ ନାହିଁ।"

ଏ ପ୍ରକାର ସତର୍କବାଣୀ ସତ୍ତ୍ୱେ ମୁଁ ତାକୁ ମଣିଷପିଲା ପରି ପାଳିଲି, ଯିମିତି କି ସିଏ ପ୍ରାଚୀ, ଗୋପା, ନିକି ପରି ମୋର ନାତୁଣୀ। ମୋ ସାଙ୍ଗରେ କୋଳରେ ବସେ, ରାତିଯାକ ମୋ ସାଙ୍ଗରେ ଶେଜ ଭିତରେ ଶୁଏ, ମୁଁ ଯିମିତି ତା' କଥା ବୁଝିପାରେଁ ସେ ବି ମୋ କଥା, ଇଙ୍ଗିତ ସହଜରେ ବୁଝିପାରେ। କେହି କେହି ପଚାରନ୍ତି "ଏଇଟାକୁ କାହିଁକି ରଖିଛ ? ଅଳସୁଣୀ; ଦିନଯାକ ଶୋଉଛି, ଇଏ ଏଡ଼ିକି ବକଟେ; ଚୋରବଟପାରଙ୍କୁ ଜଗିପାରିବ, ଧରିପାରିବ ? ତା'ର ନିଜ ରକ୍ଷଣ ଅସମ୍ଭବ, ସେ କେମିତି ତୁମକୁ ଜଗିବ ?"

ସେ ଯାହା ଅପବାଦ ଦେଲେ ମଧ୍ୟ ମୋର ଆତ୍ମୀୟଟିକି ମୁଁ ପ୍ରାଣଭରି ଭଲପାଏ। ତା' ଦିହରୁ ପୁଞ୍ଜା ପୁଞ୍ଜା ଲୋମ ଉଠେ, ଭାତରେ ବି ଦିନେ ଦିନେ ଗୋଟାଏ ଅଧେ ସେଥିରୁ ମିଳେ, ବାରଣ୍ଡାରେ ଦିନେ ଦିନେ ଝାଡ଼ା ପରିସ୍ରା କରେ। ତା'ର ଭଲଗୁଣର ଲିଷ୍ଟ କରେ, ସେ ଭୋ ଭୋ ଭୁକେ ଏବଂ କଲିଂବେଲ୍‌ର କାମ କରେ, ଚୋର ପରି ଦିଶୁଥିବା ଲୋକଙ୍କୁ ଖଣ୍ଡେଦୂର ଘଉଡ଼ାଇ ନେଇଯାଏ, କୁକୁର ଅଛି ଏଇ ଡ଼ରରେ ହୁଏତ ଚୋରଚାମୁଣ୍ଡା ଆସିନାହାନ୍ତି ଗତ କେତେ ବର୍ଷ, କେବେ କିମିତି ଗୋଟାଏ ଦିଟା ମୂଷା ମାରିଦିଏ, ଖାଏନି; ଯାହା ମୁଁ ଖାଏ ସେ ତାହା ଖାଏ, ମାଛ-ମାଂସ-ଅଣ୍ଡା ବଦଳରେ ଡ଼ାଲିସିଝା ବି ଖାଇ ତୃପ୍ତହୁଏ; ପିଲାଝିଲା ବହୁଦିନ ପରେ ଘରକୁ ଆସିଲେ ତାଙ୍କୁ ଏତେ ବେଶି ଶ୍ରଦ୍ଧା କରେ ଯେ ମୁତିପକାଏ ତାଙ୍କ ପେଣ୍ଟରେ ମୋ ଶୋଫରେ; ମୁଁ କୁଆଡ଼େ ଚାଲିଗଲେ ବହୁତ କାନ୍ଦେ, ମଣିଷ ପରି। ମୁଁ ଯେତେବେଳେ ଲେଖାଲେଖି କରେ ସେ ବେତ ଚେୟାରରେ ଗୁଡ଼େଇ ହୋଇ ଶୋଇଥାଏ, ପ୍ରେରଣା ଦିଏ, ନିଃସଂଗକୁ ସାଙ୍ଗ ଯୋଗାଏ। ମୋତେ ଯଦି କିଏ ପଚାରନ୍ତା ଦୁନିଆଁରେ ଏ ଜୀବନରେ ଆପଣଙ୍କର ସବୁଠାରୁ ପ୍ରିୟ ଚିଜ ଜୀବ କ'ଣ, ମୁଁ ବିନା ଦ୍ୱିଧାରେ ମୁହୂର୍ତ୍ତକେ ଉତ୍ତର ଦେବି "ମୋର ବ୍ଲେକି।"

କିନ୍ତୁ ମୋର ଏ ଅମୂଲ୍ୟ ସମ୍ପଦକୁ ଦୁନିଆଁ ମୋ ଆଖିରେଁ ଦେଖିବାକୁ ପ୍ରସ୍ତୁତ ନୁହେଁ। ଯା ବିଷୟରେ ନାନା ଅକଥା କୁକଥା ସହିବାକୁ ପଡ଼େ। ପାଖ ଘରର ଶାମ ବୋଲି ଘୁଷୁରି ସାହିର ଲୋକଟା ତାକୁ ବ୍ଲେକି ଡ଼ାକିପାରେନି 'ବୁଲାକୀ' ଡ଼ାକେ, ପୋଲ ତଳ

Digitized by srujanika@gmail.com

ଚମାରୁଣୀ ବୁଢ଼ୀ ତାକୁ 'ଲାକି' ଡ଼ାକେ। କୁକୁରଟି ଯେ ଡ଼ାକ ମଧ ଶୁଣି ଖୁସିହୁଏ। A dog is a dog, it will hear by whatever name you call it । ଅବଶ୍ୟ ଯଦି ତୁମେ ଅନ୍ତରରେ ତାକୁ ଭଲପାଉଥିବ, God ଯିମିତି ତୁମ ଅନ୍ତର ଜାଣନ୍ତି dog ମଧ ସିମିତି ତୁମ ମନକୁ ଜାଣିବ।

ଚାରିବର୍ଷ ପରେ ମୁଁ ଘର ବଦଳାଇବା ନିଷ୍ପତ୍ତି କରି ସହରର ଅନ୍ୟ ଏକ ଅଞ୍ଚଳକୁ ଗଲି, ବେଶି ସୁବିଧାସୁଯୋଗ ଆଶାକରି। କିନ୍ତୁ ଘରେ ନପଶୁଣୁ ମୁଣ୍ଡରେ ଚାଳ ବାଜିଲା। ଜିନିଷପତ୍ର ଟ୍ରକରେ ବୋହି ଘର ପୂରା ଖାଲିକରି ଯେତେବେଳେ ବ୍ଲେକିକୁ ରିକ୍ସାରେ ବସାଇ ନୂଆ ଘର ଫାଟକରେ ପହଞ୍ଚିଲି ଘରବାଲା ଶ୍ରୀଯୁକ୍ତ ରାଧାନାଥ ଷଡ଼ଙ୍ଗୀ କହିଲେ "ଆପଣଙ୍କର କୁକୁର ଅଛି ଜାଣିଥିଲେ ଏ ଘର ଆପଣଙ୍କୁ ଦେଇନଥାନ୍ତି। ଆପଣ ରୁହନ୍ତୁ ଆପତ୍ତି ନାହିଁ, କିନ୍ତୁ ଏଠି କୁକୁରରହିବ ନାହିଁ। ଦେଖନ୍ତୁ, ଆମେ କୁଳୀନ ବ୍ରାହ୍ମଣ, ଆମର ସଂସ୍କୃତି ପରମ୍ପରା ଅଛି; ଆମ ଘରେ ଗୋପାଳ ମୂର୍ତ୍ତି, ରଘୁନାଥ ଶାଳଗ୍ରାମ ଅଛନ୍ତି। କୁକୁର ଛୁଇଁଲେ ଆମେ ଲୁଗା ବଦଳାଉ, ତା'ଛଡ଼ା ମୋର ବିଧବା ମାଆ ଅଛନ୍ତି, ସେ ହାର୍ଟ ପେସେଣ୍ଟ; କୁକୁର ଭୁକିଲେ ତାଙ୍କ ହାର୍ଟ ଫେଲ୍ୟୁଅର ହେବ; ତା'ଛଡ଼ା ମୋର ନାତି ନାତୁଣୀ ତିନିଟା ଅଛନ୍ତି, ଆପଣଙ୍କ ପାଖ ଫ୍ଲାଟର ଭଡ଼ାଟିଆ ମଧ ଆପତ୍ତି କରିପାରନ୍ତି। ଆଠଦିନ ସମୟ ଦେଲି କୁକୁରକୁ ସ୍ଥାନାନ୍ତର କରିବେ ତ ରହିବେ, ନହେଲେ ବାହାରିଯିବେ।" ନୂଆ ଜାଗାରେ କୁକୁର ରାତିଯାକ କଇଁ କଇଁ ହୋଇ କାନ୍ଦିଲା, ମୁଁ ବି ତା' ସହିତ ମୋର ଆସନ୍ନ ବିଚ୍ଛେଦରେ ବାହୁକୁ ତକିଆ କରି ମୁହଁକୁ ମୁହଁ ଦେଇ ସକ୍‌ସକ୍ ହୋଇ କାନ୍ଦିଲି।

ତହିଁ ପରଦିନ ଯେତେ ପଦ୍ମତୋଳା ବୋଲିଲି ସାପର ଫଣା ନରମିଲା ନାହିଁ; କହିଲି, ମୋ କୁକୁର କାମୁଡ଼ିବ ନାହିଁ, ଏପରିକି ଭୁକିବ ନାହିଁ ଜୋରରେ, ଅତଏବ ହାଇଡ୍ରୋଫୋବିଆ, ହାର୍ଟଫେଲ୍ୟୁଅର ପ୍ରଶ୍ନ ନାହିଁ। ଚେନରେ ବାନ୍ଧି ରଖିବି। ସେ ଶ୍ଳୋକସ୍ତୁତି ଗାଇବାକୁ ଆରମ୍ଭ କଲେ, "ନଦୀନଂ ଚ ନଖୀନାଂ ଚ... ବିଶ୍ୱାସ ନୈବ କର୍ତ୍ତବ୍ୟ।" ଓଲଟି ମୁଁ ଗାଇଲି "ଜାତିମାତ୍ରେଣ କିଂ କଶ୍ଚିତ ହନ୍ୟତେ ..." ବ୍ୟବହାର ଦେଖି ସିନା ରଖିବ ବା ହାଣିବ। ମୋରି କଥା ରହିଲା। ତାଙ୍କ ଘରେ କୁଆଡ଼େ ଗୁଡ଼ାଏ ସୁନା ଅଛି, ଦିନେ ଚୋର ପଶିବାକୁ ଉଦ୍ୟମ କରୁଥିଲା ବେଳେ ବ୍ଲେକି ଭୁକିଲା, ଚୋର ପଳାଇଲେ, ସମ୍ପତ୍ତି ରକ୍ଷା ହେଲା। ବ୍ଲେକି ରହିଲା।

ଦୈନନ୍ଦିନ ରୁଟିନ୍‌ରେ ବ୍ଲେକିର ସବୁଠାରୁ ଆନନ୍ଦର ବେଳ ହେଲା ଯେତେବେଳେ ସେ ମୋ ସହିତ ବୁଲିବାକୁ ଯାଏ; ମୋର ବି ସେଇଟି ଗର୍ବର ଚୂଡ଼ାନ୍ତ ମୁହୂର୍ତ୍ତ। ଚାରି ଛଅଥର ଛାଡ଼ି ବ୍ଲେକି କେତେ ବନ୍ଧନରେ ନ ଥାଏ। ଜୀବ ବା ମଣିଷକୁ ଏଇ ବନ୍ଧନ ହିଂସ୍ର, କ୍ରୁଦ୍ଧ କରେ। ଜହରଲାଲଙ୍କୁ ତିନି ହଜାରରୁ ଅଧିକ ଦିନ ବନ୍ଧନରେ ରଖିଥିବାରୁ ବ୍ରିଟିଶ୍ ସରକାର ତାର ଫଳ ପାଇଲେ। ଘର ଭିତରେ ବ୍ଲେକି ଯିମିତି ବନ୍ଧନମୁକ୍ତ, ଘର

Digitized by srujanika@gmail.com

ବାହାରେ ବି ସେଇପରି। ମାଆମାନେ ଝିଅମାନଙ୍କ ଉପରେ କା ନଜର ରଖିଲେ ଓ ପଦାକୁ ଗୋଡ଼ କାଢ଼ିବାକୁ ନ ଦେଲେ ଝିଅମାନେ ଟିଉସନ୍ ମାଷ୍ଟର ସାଙ୍ଗରେ ପଳାଇଯାନ୍ତି। ମୋ କୁକୁର କାହା ସହିତ ପଳାଇବ ନାହିଁ।

ସକାଳେ ସୂର୍ଯ୍ୟଦେବ ଉଦୟ ହୋଇଆସୁଥାନ୍ତି, ବେଲକନିରେ ମୁଁ ଚେୟାରରେ ବସି ଚା' ବିସ୍କୁଟ୍ ଖାଉଥାଏଁ; ବ୍ଲେକି ମୋରି ପାଖ କାଠଗଣ୍ଡିଟା ଉପରେ (ଯାହାକୁ ମୁଁ ଟି'ପୟ ଆକାରରେ ବ୍ୟବହାର କରେ) ବସିଥାଏ, ବିସ୍କୁଟ୍ ଚାକୁଚାକୁ କରି। ବୁଲିବାକୁ ବାହାରିଲେ ବ୍ଲେକି ନାଚିବାକୁ ଆରମ୍ଭ କରେ, ଆଗେ ଆଗେ ଡ଼େଇଁବାକୁ ଲାଗେ, ଏପରିକି ଲୁଙ୍ଗିକୁ ଧରି ଟାଣେ। ତା'ର ଚାଲିକୁ ଦେଖିବ ପଡ଼ିଶାଘର ଚାରିବର୍ଷର ସୁନ୍ଦରୀ ଝିଅଟି 'ଫୁଲେଇ' ବୋଲି କହିଥିଲା।

ପ୍ରକୃତରେ ଏଇ ଝିଅଟି ଫୁଲେଇ। ବଡ଼ଘରର ସିନା ଝିଅ ଭରି ଗେହ୍ଲା। ଦିନେ ଲେଖାଲେଖି କରୁଛି, ହଠାତ୍ ଜୋରରେ ବ୍ଲେକି କେଁ କେଁ ଚିତ୍କାର କଲା। ତା'ର ଶବ୍ଦ ସାଙ୍ଗେ ସାଙ୍ଗେ ଫୁଲେଇ ଝିଅଟି ଖୁବ୍ ଜୋର୍‌ରେ ଭେଁ ଭେଁ କରି କାନ୍ଦିଲା ଏବଂ ନାଚିଲା। ତା'ର ବାପା ମାଆ ଧାଇଁ ଆସିଲେ, ଦୁହେଁ ଏକା ସାଙ୍ଗେ ଚିତ୍କାର କଲେ 'କୁକୁର କାମୁଡ଼ିଦେଲା' 'କେତେ ଜୋର୍‌ରେ କାମୁଡ଼ିଲା, ରକ୍ତ ଝର୍‌ଝର୍ ବହୁଛି!' ସାଙ୍ଗେ ସାଙ୍ଗେ ଫୋନ୍, ଆମ୍ବୁଲେନ୍ସ ଆସିଗଲା। ମୁଁ ଅଗତ୍ୟା କିଛି ନ ଦେଖି ନ ବୁଝି ନ ସୁଝି ବ୍ଲେକିକୁ ବାଡ଼ିରେ ଜୋର୍‌ରେ ବାଡ଼େଇଗଲି। ତା'ର ବିକଳ ଚେହେରା ଓ କ୍ରନ୍ଦନରେ ମୁଁ ବିଚଳିତ ହେଲି ନାହିଁ। ପନ୍ଦର କୋଡ଼ିଏ ମିନିଟ୍ ପରେ ଫୁଲେଇ ହାତ ବେଣ୍ଡେଜ୍ କରି ଏ-ଟି-ଏସ ନେଇ ଫେରିଲା, ପ୍ରାୟ ମୂର୍ଚ୍ଛା ହେବା ପରି ତା'ର ଭଙ୍ଗୀ। କୁକୁର କାମୁଡ଼ା ଔଷଧ ପରେ ଆସିଲେ ଦିଆଯିବ। ଷ୍ଟକ୍ ନାହିଁ।

ମୋର କୁକୁରର ଅବସ୍ଥା ବଳି ଗୁରୁଗମ୍ଭୀର। କ'ଣ ପାଗଳ ହୋଇଗଲା! ଡ଼ାକ୍ତରଖାନା ନେବି ନା ଠେଙ୍ଗାରେ ପାହାରେ ଦେଇ ମାରିଦେବି? କିଛି ଜଣା ନାହିଁ। କୁକୁର କିନ୍ତୁ ପାଗଳ ପରି ଭାବ ଦେଖାଇଲା। ବାନ୍ଧି ରଖିଲି ଚେନ୍‌ଦେଇ। ଆହୁରି ବେଶୀ ପାଗଳ ପରି ବ୍ୟବହାର କଲା। ମୁଁ ତ କେବେ ତା' ଦେହର ହାନ ନିଏ ନାହିଁ, ଚିଡ଼ାଏ ନାହିଁ। ଆଜି ମୋର ଏ ପାଗଳ ପରି ବ୍ୟବହାରରେ ସେ ପାଗଳା ହୋଇନଥିବ ତ! ମୋର ନାତି ନାତୁଣୀମାନେ ତା' ଲାଞ୍ଜ ଧରି ଓଲଟା ଟାଣନ୍ତି, ତା' ମୁହଁରେ (ବର୍ତ୍ତମାନ ପାଖ ବେତ ଚେୟାରରେ କୁଣ୍ଡଳୀ ହୋଇ ପଡ଼ି ସପନରେ ବୋଧହୁଏ ଭୋ ଭୋ ହେଉଛି, ମୋତେ କଁ କଁ ଶୁଭୁଛି ମାତ୍ର) ଆଙ୍ଗୁଠି ପୂରାନ୍ତି। ଆଜି ଏମିତି କାହିଁକି? ଗବେଷଣା ପରେ ଜାଣିଲି 'ଫୁଲେଇ'କୁ ଯେଉଁ ୧୨/୧୩ ବର୍ଷର ଝିଅଟା ଖେଳାଉଥିଲା ସେ ବ୍ଲେକିର ଲାଞ୍ଜକୁ ଜୋରରେ ମାଡ଼ିଦେଇଛି ଏବଂ ନିରୀହ ଝିଅର ହାତକୁ ବ୍ଲେକି ଜୀବନ ବିକଳରେ କାମୁଡ଼ି ଦେଇଛି ଏବଂ ନହୁଣୀ ଭଳି ନରମ ହାତରେ ଦାନ୍ତ ଗଳିଯାଇଛି। ପଡ଼ୋଶୀ ପଡ଼ୋଶୀ ଭିତରେ ବ୍ଲେକି ମାତ୍ର କେତେ ଘଣ୍ଟା ପାଇଁ ବିଭେଦ ଆଣି

Digitized by srujanika@gmail.com

ଦେଇଥିଲା, କିନ୍ତୁ ପରେ ସେଇ ଫୁଲେଇ ଝିଅ ଓ ଫୁଲେଇ କୁକୁର ମିଳାମିଶା ହୋଇ ଆରମ୍ଭ ବନ୍ଧୁତ୍ୱ ଅତୁଟ ରଖିଲେ । ବ୍ଲେକିର ବ୍ଲାକ୍ ରେକର୍ଡ଼ ହ୍ୱାଇଟ୍ ହୋଇଗଲା ।

"ବ୍ଲେକିର ଭଲମନ୍ଦ ବାଣୀ, ବୁଲିବାବେଳେ ତାହା ଜାଣି ।" ଆଜି ସକାଳେ ବାହାରକୁ ନେଇଥିଲି, ଏଇ ମାତ୍ର ଫେରୁଛି । ସଡ଼କ ଧରିଛି କି ନାହିଁ ଦୁଇ ଚାରିଜଣ ବଙ୍ଗାଳୀ ଯୁବକ ତାକୁ ନଜର କଲେ । ଜଣେ କହିଲା "ସୁଧୀର, ଦେଖ୍ ଦେଖ୍, କେତେ ସୁନ୍ଦର କୁକୁରଟା, ଆମାର ଧାର୍‌ନା ଛିଲ୍ ଉଡ଼ିଶାୟ କେଉଁ କୁକୁର ରାଖେନା, ରଙ୍ଗଟା ପାକ୍‌କା କାଲୋ, ଚିକ୍ ଚିକ୍ କରଛେ; ଆମାର ଏକେ ନିଏ ଯେତେ ଇଚ୍ଛେ କରଛେ ।" ଦେଖୁଁ ଦେଖୁଁ କଲକତା ବସ୍ ଧରି ସେମାନେ ଚାଲିଗଲେ ।

ବ୍ଲେକି ମାଟି, ଖୁଣ୍ଟ, ଗଛପତ୍ର ଶୁଙ୍ଘି ଶୁଙ୍ଘି ଏଣେ ତେଣେ ଧାଇଁ ଆଗେ ଆଗେ ଚାଲିଛି । ସାନ୍ତାଳୁଣୀ ମାଇକିନାଟିଏ ସିଆଡୁ ଆସିଲା, ମୁଣ୍ଡରେ ବଡ଼ ଝୁଡ଼ିରେ ଘରକରଣା ଆସବାବପତ୍ର, ହାତରେ ଧରିଛି ପାଞ୍ଚ ଛଅ ବର୍ଷର ପୁଅକୁ । ବ୍ଲେକି ପିଲାଟା ପାଖକୁ ଯାଇ ଶୁଙ୍ଘିବାକୁ ଆରମ୍ଭ କରିଛି, ତା' ମାଆ ମତେ ପଚାରିଲା, "ଏ ବାବୁ ! ଏଟା ତର କୁକୁର ? ମ'ର ଛୁଆଟାକେ କାମୁଡ଼ିବ ସିଏ ଯଦି ଆଉଁସେ ? ବଡ଼ ସୁନ୍ଦର କୁକୁର ଛୁଆଟା । କି ଖାଇତେ ଦଉ ?" ମୁଁ ଠିଆ ହେଲି ବ୍ଲେକି ପାଖରେ, ତା'ର ପୁଅ ଆଉଁସିଲା । ଦୁହେଁ କୃତକୃତ୍ୟ ହୋଇ ବାଟେ ବାଟେ ଚାଲିଗଲେ ।

ଘୁଷୁରିଟିଏ ସାତୁଟା ପିଲା ନେଇ ସେ ରାସ୍ତାରେ ଆସୁଛି; ବ୍ଲେକି ଛୁଆଙ୍କ ସାଙ୍ଗରେ ଖେଳିବ, ଚାରିପଟେ ଧାଁ ଧପଡ଼ କରି ମିଛରେ ମା'ଛୁଆଙ୍କୁ ଭୟଭୀତ କରିବ । ଛେଳିପଲ ମେଁ ମେଁ ହୋଇ ଆସିଗଲେ ତାଙ୍କ ସାଙ୍ଗରେ ଲାଗିବ; ସେମାନଙ୍କଠୁଁ ଥରେ ଅଧେ ମୁଣ୍ଡିଆ ଖାଇବ, ଥରେ ଥରେ ରାସ୍ତା ତଳକୁ ଖସିଯିବ, ତଥାପି ଖେଳ ବନ୍ଦ ନାହିଁ । ଛେଳି ଘୁଷୁରି ସମସ୍ତଙ୍କ ସହିତ ତା'ର ଆତ୍ମୀୟତା ।

ମୁଁ ବୁଝିପାରେନି କାହିଁକି ଗୁଡ଼ାଏ ଲୋକ ତାକୁ ଦେଖନ୍ତି ନାହିଁ । ଦେଖିଲେ ବି ଆଖି ଫେରାଇ ନିଅନ୍ତି । କୁକୁରକୁ ଦେଖିବାର କ'ଣ ଅଛି ? କାମଧନ୍ଦା ଟଙ୍କା ପଇସା, ପିଲାଝିଲା, ଘରଦ୍ୱାର ସିନା ଲୋକ ଦେଖିବ ! ବୁଲା କୁକୁର ମାତ୍ରେ କାମୁଡ଼ା କୁକୁର । ଏଇ ଲୋକଗୁଡ଼ା ସୌନ୍ଦର୍ଯ୍ୟ ସହିପାରନ୍ତି ନାହିଁ; ଇନ୍ଦିରା, ଲାଙ୍ଗୋଓ୍ୱାଲ ହତ୍ୟା କଲେ ତାଙ୍କର ଆନନ୍ଦ ।

ଆଗରେ ଓଭରବ୍ରିଜ ତଳେ କମାରଶାଳ ଏବେ ହୋଇଛି । ଗୁଡ଼ାଏ କଳା କଳା ଲୋକ କମାର, ତା'ର ଦୁଇ ସ୍ତ୍ରୀ, ଚାରିଟା ଛୋଟ ଛୋଟ ଝିଅ, ତା'ର ମାଆ ବସିଛନ୍ତି । ଧାଇଁଲା ବ୍ଲେକି ସେମାନଙ୍କ ଭିତରକୁ । ଝିଅ ଚାରିଟା ଦରୋଟିରେ ଡ଼ାକୁଥାନ୍ତି 'ବ୍ଲେକି ଆ' 'ବ୍ଲେକି ଆ !' ବ୍ଲେକି ତାଙ୍କ ପାଖକୁ ନ ଯାଇ ତାଙ୍କ ଜେଜେମା ଆଡ଼କୁ ଗଲା ଏବଂ କଇଁ କଇଁ ହୋଇ ଲାଞ୍ଜ ହଲାଇ ତା'ଉପରକୁ ଚଢ଼ିଗଲା । ସେ ବୁଢ଼ୀ ଦୁଇବର୍ଷ ପୂର୍ବେ ଆମ ଘରେ ବାସନକୁସନ ମଜାମଜି କରୁଥିଲା । ବୁଢ଼ୀ ଆନନ୍ଦରେ ଉଛୁଳି ଛିଡ଼ା ହୋଇଗଲା, ବ୍ଲେକିକୁ

Digitized by srujanika@gmail.com

ତୋଳିନେଇ କାଖ କଲା, କାନ୍ଦେଇଲା, ବ୍ଲେକି କାନ୍ଦୁଥାଏ ଛଟପଟ ହୋଇ ଯାହାର ଅର୍ଥ "ଏତେଦିନ କୁଆଡ଼େ ଯାଇଥିଲୁରେ ବୁଢ଼ୀ, ମୁଁ ତତେ କେତେ ଖୋଜୁଥିଲି, ଆଜି ଯିବୁ କୁଆଡ଼େ, ଛାଡ଼ିବି ନାହିଁ।" ବୁଢ଼ୀ ବି ତା'ର ଭାଷା ବୁଝି କାନ୍ଦ କାନ୍ଦ ହେଲା। କହିଲା, "ମୁଁଇ ଜାଣେରେ ବ୍ଲେକି ମତେ ତୁଇ କେଡ଼େ ଭଲପାଉ, ହେଲା, ହେଲା ଏଥର ମଝିରେ ମଝିରେ ତର ଘରକେ ଯାଇ ଦେଖାକରି ଆସିବି।"

ନିତ୍ୟକର୍ମ ସାରି ଫେରନ୍ତା ବାଟରେ ଅଗରୱାଲା ଭବନରେ ଫାଟକ ଖୋଲା ଥିବାର ଯିମିତି ବ୍ଲେକି ଦେଖିଛି ସିମିତି ଭିତରକୁ ସିଧା ଚାଲିଗଲା। ମୁଢ଼ିବାଲାଟାଏ ବଡ଼ ଅଖାରୁ ମୁଢ଼ି ବିକୁଥାଏ। ତାରି ପାଖରେ ହାଜର। ସେ ଆମ ଘରେ ବି ମୁଢ଼ି ଦିଏ; ବ୍ଲେକି ତାକୁ ଚିହ୍ନେ। ତା' ମୁଠାଏ ମୁଢ଼ି ସେ ପାଏ; ସେତକ ମୁହୂର୍ତ୍ତକେ ସେ ଆଦାୟ କଲା। ସ୍ୱୟଂ ଅଗରୱାଲା ତଳକୁ ଆସି ଟିଣରେ ମୁଢ଼ି ନେଉଥାନ୍ତି। ମୋତେ ଖୁସିଲାଗିଲା ଯେ, ଏଡ଼େ ବଡ଼ ଲୋକ ହୋଇ ଗରିବଙ୍କ ବିସ୍କୁଟ୍ ଖାଉଛନ୍ତି, ଭଲପାଉଛନ୍ତି। ଯେ ଦେଶେ ଯାଇ, ସେ ଫଳ ଖାଇ। ତାଙ୍କ ସାତ ଆଠ ବର୍ଷର ପିଲାଟି ବ୍ଲେକିକୁ ଦେଖି ବରାବର ଫାଟକ ସେ ପାଖରୁ ଡ଼ାକେ। ଆଜି ପାଖରେ ପାଇ ତାକୁ ଆଉଁସିଲା। ବ୍ଲେକି ତାକୁ କିଛି କଲା ନାହିଁ। ଉଭୟ ବାପ ପୁଅ ବ୍ଲେକିର ଚେହେରା ଓ ଗୁଣର ତାରିଫ୍ କଲେ। ପରଦିନ ବି ବ୍ଲେକି ଫାଟକ ପାର ହୋଇ ତେତଲା ତଳକୁ ଗଲା ଏବଂ ଉଭୟ ବାପ ପୁଅ ତାକୁ ଶରଧା କଲେ, ମୁଁ ଫାଟକ ପାଖରେ ଛିଡ଼ା ହୋଇଥାଏ। ମୋର ଧାରଣା ଥିଲା ଗରିବ ଲୋକମାନେ କୁକୁରକୁ ଭଲପାଆନ୍ତି; ଧନୀମାନେ କେବଳ ଆତ୍ମବଡ଼ିମା ପାଇଁ କୁକୁର ରଖନ୍ତି। ଏ କ୍ଷେତ୍ରରେ ବ୍ୟତିକ୍ରମ ଥିଲା ପରି ଲାଗିଲା।

ଆଶ୍ଚର୍ଯ୍ୟ କଥା, ପରଦିନ ଅଗରୱାଲା ସାହେବ, ତାଙ୍କ ପତ୍ନୀ ଏବଂ ତାଙ୍କର ସାତ ଆଠବର୍ଷର ପୁଅଟି ଆମ ଘରକୁ ନୂଆ ଆମ୍ବାସାଡ଼ର ଗାଡ଼ିରେ ସଞ୍ଜବେଳେ ଆସିଲେ। ସେମାନେ ମୁଢ଼ି କିଣିବା, କୁକୁରକୁ ଶ୍ରଦ୍ଧା କରିବା ମୋତେ ଯିମିତି ବିସ୍ମିତ କରିଥିଲା ସସ୍ତ୍ରୀକ ବୁଲିଆସିବା ବି ମତେ ବିଚିତ୍ର ଲାଗିଲା। ତାଙ୍କ ଶୁଭାଗମନର କାରଣ ପଚାରିବାକୁ ଯାଉଛି, ଅଗରୱାଲା ସାହେବ କହିଲେ, "ଦେଖନ୍ତୁ, ଆପଣଙ୍କ ଏଇ କୁତ୍ତା (ମୁଁ କହିଲି କୁତ୍ତା ନୁହେଁ କୁତ୍ତୀ) ହାମକୁ ବହୁତ ପସନ୍ଦ, ମତେ ହାମର ସ୍ତ୍ରୀ ଅଉର ଏଇ ବଚାକୁ ବହୁତ ବହୁତ ବଢ଼ିଆ ଲାଗିଛି। ଗୋଟେ ପ୍ରସ୍ତାବ ଦବାର ଅଛି। ମତେ ଯଦି ଏ କୁତ୍ତା ଦେବେ ତେବେ ମୁଁ କଲିକତାରୁ ଆପଣଙ୍କ ପାଇଁ ଆଲେଶେସିଆନ୍, ଡ଼ୋବାରମେନ୍, ନେପାଲିନ୍, ଚାଇନିଜ୍, ଜାପାନିଜ୍ ଯେଉଁ କୁତ୍ତା କହିବେ ଯେତେ ପଇସା ପଡୁ ଆଣିଦେବ ହପ୍ତାଏ ଭିତରେ। ଦେବେ ?"

ମୁଁ ଠୋକ୍‌ଠୋକ୍ ଉତ୍ତର ଦେଲି "ମାଫ୍ କରିବେ ଅଗ୍ରୱାଲଜୀ, ମତେ ସର୍ଗର କୁତ୍ତା ଦେଲେ ବି ମୁଁ ରାଜି ନାହିଁ। ବ୍ଲେକି କ'ଣ କୁକୁର ଅଛି ? ସେ ଅନେକ ଦିନରୁ ମଣିଷ ହୋଇଗଲାଣି। ତା' ନ ହୋଇଥିଲେ ଯେତେବେଳେ ରାତିଯାକ ପେଟ ବେମାରୀରେ

Digitized by srujanika@gmail.com

ଛଟପଟ ହେଉଥାଏଁ ପିଲାଝିଲାଏ ଏପରିକି ସ୍ତ୍ରୀ ନିଘୋଡ଼ ନିଦରେ ଘୁଙ୍ଗୁଡ଼ି ମାରୁଥାନ୍ତି, ଏଇ ବ୍ଲେକିଟି ମୋ ପାଖରେ ବସି ଚାହିଁଥାଏ, ସାଙ୍ଗ ଦିଏ, କଥା ବୁଝେ। ତାକୁ ଆପଣ ନେଲେ ମୁଁ ବଞ୍ଚିବି ନାହିଁ, ସେ ବି।" ସେମାନେ ନିରାଶ ହୋଇ ଚାଲିଗଲେ। ବ୍ଲେକି ଖପ୍‌କରି ମୋ କୋଳକୁ ଡେ଼ଇଁ ମୋ ମୁହଁରେ ଚୁମା ଦେଲା।

# ଖୁଚୁରା

ସକାଳୁଆ କଚେରୀ ପାଇଁ ହେଉ ବା ମାତ୍ର ଅଢ଼େଇ ଖଣ୍ଡ ଯାତ୍ରୀଡ଼ବା ପାଇଁ ହେଉ ଆଜି ସକାଳର ଲୋକାଲ ଭାରି ଭିଡ଼ ଥିଲା।

କନାଥଳିଟାରେ ଟିଫିନ୍ କେରିଆର ଏବଂ ଫାଇଲ୍ ବେଗ୍‌କୁ ପୁରାଇ ଭିଡ଼ ଭିତରେ ଡେ଼ଇଁ ଯାଉଥାଏ ଏବଂ ଆଖି ପକାଉଥାଏଁ କେଉଁଠି ବସିବା ପାଇଁ ଚାଖଣ୍ଡେ ଅଧେ ଜାଗା ମିଳିବ; କାରଣ କୋଡ଼ିଏ ପଚିଶ କିଲୋମିଟର ରାସ୍ତା ଛିଡ଼ାହୋଇ ଭିଡ଼ ଭିତରେ ଚାପି ହୋଇଯିବାକୁ ସତୁରି ବର୍ଷର ବୁଢ଼ାକୁ ନିଶ୍ଚୟ କଷ୍ଟ ହେବ।

ଡ଼ବାର ମଝି ପର୍ଯ୍ୟନ୍ତ ଥଡ଼ବଡ଼ ହୋଇ ଚାଲିଯାଇ ଦେଖିଲି ଭିଡ଼ ଅପେକ୍ଷାକୃତ କମ୍। ଯୋଡ଼ାକଯାକ କାଠବେଞ୍ଚର ପ୍ରତ୍ୟେକଟିରେ ପୁରୁଷ-ସ୍ତ୍ରୀ ମିଶି ଚାରିଜଣ ଲେଖାଏଁ ବସିଛନ୍ତି, କିଏ କାହାର ପୁରୁଷ କିଏ କାହାର ସ୍ତ୍ରୀ ବାରିବା ମୁସ୍କିଲ୍। ପିଲାଝିଲା କେତୁଟା ସେମାନଙ୍କ ମଝିରେ ସିଲିବିଲି ହେଉଛନ୍ତି। ନିଜର ସ୍ତ୍ରୀ ବହୁଦିନ ଧରି ନଥିବାରୁ ଏବଂ ସାନ ସାନ ପିଲାଝିଲା ପାଖରେ ନଥିବାରୁ ମୋତେ ଛୁଆଳି ସ୍ତ୍ରୀଲୋକ ବା ଦୁଧ ଚୋଷୁଥିବା ପିଲାଝିଲା ଦେଖିଲେ ଖୁବ୍ ଘୃଣା ଲାଗେ। ବାନ୍ତି, ଶିଙ୍ଘାଣି, ଉକୁଣୀ, ପଚ୍ ପଚ୍ ତରଳ ଝାଡ଼ା, ପାଟିର ଲାଳ ଗରଳ ମୁଁ ସହିପାରେନି। ମାଆଗୁଡ଼ାକ ଛୁଆଙ୍କଠୁଁ ବଳି ଅପରଛନି। ତାଙ୍କ ଦିହ ଲୁଗାପଟାରୁ କିମିତି ଗୋଟାଏ ଦୁଧିଆ ଗଳିଆ ଗନ୍ଧ ଭୁରୁଭୁରୁ ହୋଇ ବାହାରୁଥାଏ।

ଦେଖିଲି ଯୋଡ଼ାକଯାକ ବେଞ୍ଚରେ ମୋ ପାଇଁ ପ୍ରତ୍ୟେକଟିରେ ଚାଖଣ୍ଡେ ଚାଖଣ୍ଡେ ଜାଗା ବାହାରିବ। ଗୋଟାଏ ବେଞ୍ଚରେ ଯେଉଁ ଚାରିଜଣ ଯାତ୍ରୀ ଥିଲେ ସେମାନଙ୍କ ଭିତରୁ ଜଣେ ଜଙ୍ଘ ପର୍ଯ୍ୟନ୍ତ ମଇଳା ଛିଣ୍ଡା ଧୋତି ଟେକି ବେଞ୍ଚ ଉପରେ ପାଦ ରଖି ଇଞ୍ଜିନ ମାର୍କା ବିଡ଼ିରୁ କଡ଼ା ଧୂଆଁ ଛାଡୁଛି। ତା ପାଖକୁ ଗଗଲସ୍ ଲଗାଇ ସଦର୍ପେ ବସିଛି ଏକ ନୂଆ ନିଶ ଗଜୁରିଥିବା ଟୋକା। ରଙ୍ଗୀନ୍ ରୁମାଲ୍ ଦେଇ ସେ ତାର କୁନ୍ତଳ ବାନ୍ଧିଛି; ଛାତି ବୋତାମ ଖୋଲା; ପକେଟରେ ଲେଖାଅଛି I Love You. ପାଖରେ ତାର

Digitized by srujanika@gmail.com

ତନୁପାତଳୀ ସ୍ତ୍ରୀ, କାଳୀ, ଟେରୀ, ସାନକପାଳୀ, ଆଠଦଶ ମାସ ହବ ଛୁଆର ମାଆ ହୋଇଛି। କୁନି ଝିଅଟି ଯାକୁ ତାକୁ ଚାହିଁ ବାପା ଡ଼ାକୁଛି। ବାପା ମାଆ ଉଭୟର ଆନନ୍ଦର ସୀମା ନାହିଁ। ଝିଅ କଥା କହିଲାଣି। ଗୋଡ଼ ତଳେ ପ୍ଲାଷ୍ଟିକ୍ ଝୁଡ଼ି ସ୍ୱୀର ହେପାଜତରେ ନିରାପଦରେ ଅଛି। ସେମାନଙ୍କ ପାଖରେ ଆଉ ଏକ ଝିଅ, (ତାଙ୍କର ହୋଇପାରେନା ବୟସ ଦୃଷ୍ଟିରୁ) ମଫସଲୀ, ମସିହା ଛିଟଫ୍ରକ୍ ପିନ୍ଧିଛି। ତାର ରୂପ ରସ ଗନ୍ଧ କିଛି ନାହିଁ ଯିମିତି। ଝରକା ଦେଇ ବାହାରକୁ ଚାହିଁ ଅଦେଖିଲା ପରି ଗୋରୁଗାଈ ଛେଳିମେଣ୍ଢା କୁଆବଣି ଦେଖିଦେଖି ଭାରି ଖୁସି। ଚାହିଁଥିଲେ ହୁଏତ ସେ ବେଞ୍ଚରେ ମୋତେ ଜାଗା ମିଳିଥାନ୍ତା। କିନ୍ତୁ ପ୍ରଥମ ଦର୍ଶନରେ ଯେଉଁଠି ଘୃଣାଭାବ ସେଠି କାହାରି ସାନ୍ନିଧ କାମନା କଲି ନାହିଁ।

ଅନ୍ୟ ବେଞ୍ଚ ଦଖଲକାରୀମାନେ ବି ଅନୁରୂପ ରୂପରଙ୍ଗର, କିନ୍ତୁ ସେମାନଙ୍କ ମୁହଁରେ, "ସ୍ୱାଗତମ୍" ଲେଖାଥିଲା ପରି ଲାଗିଲା। ସେଠି ଯେଉଁ ସ୍ତ୍ରୀ ଲୋକଟି ଜାକିଜୁକି ହୋଇ ବସିଥିଲା ତା ଚେହେରା ଦେଖିଦେଲାମାତ୍ରେ ଜାଣିଲି ସେ ନିଶ୍ଚୟ ଅନୁସୂଚିତ ଜାତିର ହୋଇଥିବ ଏବଂ ତା' ପାଖରେ ଅଦ୍ୟାପି ସରକାରୀ ସାହାଯ୍ୟ ବା ସହାନୁଭୂତି ପହୁଞ୍ଚିଥିବାର ଲକ୍ଷଣ କିଛି ଦେଖାଯାଇନାହିଁ। ପାଖରେ ତା ସ୍ୱାମୀ ନାହିଁ। ଯୋଡ଼ିଏ ଛୁଆ। ପ୍ରଚୁର ଶର୍ଦ୍ଦି ଦୁହିଁଙ୍କ ନାକରେ। ଝରିବାକୁ ଆରମ୍ଭ କରିଛି।

ସ୍ତ୍ରୀଲୋକଟି ଯେମିତି ଇଞ୍ଚେ ଦି'ଇଞ୍ଚ ଘୁଞ୍ଚିଛି ଏବଂ ଗୋଟାଏ ଛୁଆକୁ କୋଡ଼କୁ ନେଇଛି ମୁଁ ସୁଯୋଗ ନେଇ ତରବରରେ ବସିପଡ଼ିଲି ତା ଦିହରେ ପ୍ରାୟ ଲାଗିଯାଇ। ତାର ବି ଯୋଡ଼ିକ ଯାକ ଝିଅ। ଭାବିଲି ଭଗବାନ ଏବେ ପୁଅ ଜନ୍ମ ହେଉନାହାନ୍ତି; ସେ ବି ବୋଧହୁଏ ଜାଣିଲେଣି ପୁଅଗୁଡ଼ାକ ଉତ୍‌ପାତିଆ; ତାଙ୍କ ସୃଷ୍ଟିକି ଧ୍ୱଂସ କରିବା ତାଙ୍କ ଜନ୍ମଗତ ପ୍ରକୃତି।

ନିଃଶ୍ୱାସର ବେଗ ଧୀରେ ଧୀରେ କମିଲା। ରୁମାଲ ବାହାର କରି ଝାଳ ପୋଛୁଥାଏ ଏବଂ ଥଳିଟାକୁ ଦୁଇ ଗୋଡ଼ ମଝିରେ ଥୋଇ ସାବଧାନରେ ରଖିଥାଏ ଯେମିତି କେରିଅର ଗଡ଼ିଯାଇ ଡ଼ାଲି, ମାଛଝୋଳ, ଦହି, ବିଲାତିବାଇଗଣ ଖଟା, ମିଶି ଏକାକାର ହୋଇନଯାଏ। ଡ଼ାହାଣ ପାଖରେ ମୋରି ବୟସର ଏକ ଧଳାମୁଣ୍ଡିଆ ମଫସଲି ବୁଢ଼ା ବସିଥାଏ ଯାହାକୁ ମୁଁ ବୁଝାଉଥାଏ ଭେକ୍ୟୁମ ଫିଟାଇଲେ କାହିଁକି ତିନିଥର କୁ କୁ କୁ ହୋଇ ହୁଇସ୍ଲି ବାଜେ ଏବଂ କାହିଁକି ଲୋକାଲ ଗାଡ଼ିର ଚେନ୍ ଟାଣିଲେ ଗାଡ଼ି ଛିଡ଼ା ହୁଏନି। ସେ ବଲ ବଲ କରି ମୋ ମୁହଁକୁ ଚାହିଁ ମୋ ଜ୍ଞାନର ତାରିଫ୍ କରୁଥାଏ।

ମୋ ସାମନାର ନୂଆ ବାପମାଆ ବନିଥିବା ଯୋଡ଼ିଟିକୁ ମୋତେ ଭଲ ଲାଗୁଥାଏ, ସେ ଦୁହେଁ ଦେଖେଇ ହେଉଥାନ୍ତେ, ସମସ୍ତଙ୍କୁ ଯିମିତି ଜଣାଇ ଦେବାର ଇଚ୍ଛା "ଦେଖ ଆମେ କେତେ ଅଳ୍ପ ସମୟରେ କେତେ ସହଜରେ କେତେ କାମ କରିପାରିଛୁ।" ବାପ ବାରମ୍ବାର ଝିଅକୁ ନେଇ ନାନା ମୁଖଭଙ୍ଗୀ ଖେଳ କଉତୁକ ଦେଖାଉଥାଏ; ଝିଅ ଖାଲି

Digitized by srujanika@gmail.com

ଖାଲି ହସେ, ବାପ ହସେ, ସେ ଦୁହିଁଙ୍କି ଦେଖି ମାଆ ଫୁଲି ଫୁଲି ହସି ଉଠେ। ତାଙ୍କ ପାଖ ଫ୍ରକ୍ ପିନ୍ଧା ଝିଅର (ଭଉଣୀ ହୋଇଥିବ ଟୋକାଟାର) କିଛି ପ୍ରତିକ୍ରିୟା ନାହିଁ ସେ ଖାଲି ଯହିଁକି ତା ଆଖିଯାଏ କାରଣ ସବୁ ତା ପକ୍ଷରେ ନୂଆ।

ଏଣେ ମୋ ପାଖ ସ୍ତ୍ରୀଲୋକଟି ତା କୁନିଝିଅକୁ ଛାତିରେ ଆଉଜାଇ ଚାହିଁଥାଏ, ଦୁଧ ଗୋଟାକୁ ତକିଆ କରି। ବଡ଼ ଝିଅଟା ରେଲିଂ ଧରି ନାଚୁଥାଏ। ରୁପା ଷ୍ଟେସନ୍ ପରି ହେଲାବେଳକୁ ତା ମାଆ ତାକୁ ତା ଭାଷାରେ ଯାହା କହିଲା ତାର ଅର୍ଥ ମୁଁ ଅନ୍ଦାଜରେ ଯାହା ବୁଝିଲି ତାହାହେଲା, "ହେଇ ଦେଖ ସାନ ରେଳ ଲାଇନ୍‌କୁ ହେଇ ଦେଖ ପୁଟୁରି ରେଳ।" ସାନ୍ତାଳୀ ଭାଷାରେ କହିଲେ ମଧ "ରେଳ ସଡ଼ପ୍" ଶବ୍ଦ ସେ ବ୍ୟବହାର କରିଥିଲା। ମୋର ହୃଦ୍‌ବୋଧ ହେଲା ରାଷ୍ଟ୍ରଭାଷା ଅପେକ୍ଷା ସାନ୍ତାଳୀ ଭାଷା ଉନ୍ନତି ଦ୍ରୁତତର ହେବ। କାରଣ ସାନ୍ତାଳୀ ଭାଷା ରକ୍ଷଣଶୀଳ ନୁହେଁ, 'ରେଳ' ବା 'ସଡ଼ପ' କେହି ସାନ୍ତାଳୀ ଶବ୍ଦ ନୁହଁନ୍ତି। ତାକୁ ପ୍ରୟୋଗରେ ସାନ୍ତାଳୀର କୁଣ୍ଠା ନାହିଁ ଅଥଚ ରାଷ୍ଟ୍ରଭାଷା 'ବଲ'କୁ ଗେଁ କହିବେ; ସର୍ବଜନବୋଧ 'ବଲ' କହିବେ ନାହିଁ। ବେଟ୍‌କୁ ବଲ୍ଲା କିହିବେ।

ମୋର କ୍ରମେ ଭୟ ହେଲା ଯେ ପରବର୍ତ୍ତୀ ରାସ୍ତାତକ ଏମିତି ଘଟଣାବିହୀନ ଓ ଆକର୍ଷଣୀୟ ହେବ ସେତିକିବେଳେ ବିଚିତ୍ର ବେଶଭୂଷା ପରିହିତ ପେଷାଦାର ଭିଖାରୀ ଆରମ୍ଭ କରିଦେଲା ବାବା 'ଆଖଣ୍ଡଳମଣି' ଗୀତ। ହାତରେ ଛୋଟ ବିମାନରେ ମଣିଙ୍କ ଫଟୋ ରଖିଛି, ନାନାରଙ୍ଗର କନାଗୁଡ଼ାଇ ସେଥିରେ ଗୁଡ଼େ ଗନ୍ଧିଆ ଧୂପକାଠି ଜାଳିଛି ଏବଂ ଖଡ଼ିକା ଖଣ୍ଡିକରେ ଯା ତା କପାଳରେ ମଣିଙ୍କ ଚନ୍ଦନ ଲେପୁଛି।

ଏଗୁଡ଼ାକୁ ଦେଖିଲେ ମୋର ରକ୍ତ ଫୁଟିବାକୁ ଆରମ୍ଭ କରେ, ବରଂ ପଇସାଗୁଡ଼ାକୁ ନଦୀନାଳରେ ଫୋପାଡ଼ି ଦେବି ତେବେ ଏ ପେଶାଦାର ଭକ୍ତ ବା ଭିଖାରୀଗୁଡ଼ାକୁ ଦେବି ନାହିଁ। କେଜାଣି କାହିଁକି ହାତଟା ପକେଟରେ। ଆପେ ଆପେ ପଶିଗଲା। ଦେଖିଲି ଯୋଡ଼ିଏ ଦଶପଇସି ଅଛି। ଘରୁ ବାହାରିଲାବେଳେ ଟେବୁଲ ଉପରୁ ଏ ଦୁଇଟାକୁ ଗୋଟାଇ ଆଣି ପକେଟରେ ପୁରାଇ ଦେଇଥିଲି, କାଳେ କେତେବେଳେ ଦରକାର ପଡ଼ିପାରେ। ନାନା ସମସ୍ୟା ଭିତରେ ଏବେ ଦେଶରେ ଖୁଚୁରା ଏକ ସମସ୍ୟା ରୂପ ନେଖା ଦେଇଛି। ଯାର କୌଣସିମତେ ସମାଧାନ ହୋଇପାରୁନି। କିଏ ବାକୀ ରଖୁଛି, କିଏ ଛାଡ଼ି ଦେଇଛି, କିଏ ଦରକାର ଅଦରକାରୀ ଚିଜସବୁ ମିଶାଇ ଗରାଖକୁ ପୂରା ଟଙ୍କାର ସଉଦା ଦେଉଛି। ଖୁଚୁରା ନାହିଁ ତ ବହୁ ଆକାଂକ୍ଷିତ ପଦାର୍ଥ କିଣି ହେଉନି। ପୁରା ଟଙ୍କାଟି ମଧ ଖୁଚୁରା ପାଲଟି ଯାଇଛି, ଟଙ୍କାକିଆ ନୋଟ ଆଙ୍ଗୁଳିରେ ଉଠାଇ ହେଉନି, ଖସି ପଡୁଛି। ଖୁଚୁରା ପାଇଁ ବଜାରରେ ପାଟିତୁଣ୍ଡ, କଳିତକରାଳ ଏପରିକି ମାରପିଟ୍। ଏଇ ଯେ ଭିଖାରୀ ଦି'ଟା ସେମାନେ ଖୁଚୁରାରେ ବ୍ଳେକ୍ କରି ନୂଆ ରୋଜଗାର ପନ୍ଥା ବାହାର କରିଛନ୍ତି।

Digitized by srujanika@gmail.com

ଦେଖିଲି ପାଖ ସ୍ତ୍ରୀ ଲୋକଟା ଲୁଗାକାନି ଫିଟାଇ ଦି'ଟଙ୍କିଆ ନୂଆ ନୋଟ୍‌ଟାଏ ବାହାର କରି ତା ସିଙ୍ଘାଣିଆ ସାନଝିଅ ହାତକୁ ବଢ଼ାଇ ଦେଲା । ଯେତେବେଳେ ସେ ଙ୍କେଁ ଙ୍କେଁ ହୋଇ କାନ୍ଦିବାକୁ ଆରମ୍ଭ କଲା ଗରମ ସମ୍ଭାଳି ନ ପାରି । ଆଶ୍ଚର୍ଯ୍ୟ କଥା ଛଅ ଆଠ ମାସର ଝିଅ ଦି'ଟଙ୍କିଆ ନୋଟ୍‌ରୁ କ'ଣ ପାଇଲା ସାଙ୍ଗେ ସାଙ୍ଗେ ଚୁପ୍ ହୋଇଗଲା । ଟଙ୍କା ପଇସାର ମୂଲ୍ୟ ଜନ୍ମିପଡ଼ିଲା ଛୁଆ ବି ଜାଣୁଛି । ରେଲିଂ ଧରି ଛିଡ଼ା ହୋଇଥିବା ବଡ଼ ଭଉଣୀ ତା ହାତରୁ ନୋଟଟା ଛଡ଼ାଇ ନେଇ ହାତ ବାହାର କରି ପବନରେ ଫରଫର ଉଡ଼ାଇ ଖେଳନା କଲା । ମୋ ଭାଷାରେ ତା ମାଆକୁ କହିଲି "ଦେନା ତାକୁ ନୋଟଟା, ପବନରେ ଉଡ଼ିଯିବ । ଟଙ୍କା ପଇସା ଦେଇ ଛୁଆ ଖେଳାନ୍ତି ନା !" ମୋ କଥା (ଠାର) ଅନ୍ଦାଜରେ ବୁଝିପାରି ମୋ କଥାମାନି ନୋଟ୍‌ଟି ଆଣି ପୁଣି ତା ଲୁଗାକାନିରେ ଗଣ୍ଠିକରି ରଖିଦେଲା ।

ବସ୍ତା ଷ୍ଟେସନ । ଶହେ ଖଣ୍ଡେ ପାନ ଝୁଡ଼ି ଗାଡ଼ିକି ଉଠିବ । ପବନ ବନ୍ଦ । ଗରମର ସୀମା ନାହିଁ, ମଣିଷ ଦିହରୁ ପ୍ରଚଣ୍ଡ ତାତି ଝରୁଛି । ପଙ୍ଖାଗୁଡ଼ାକ ଛାତରେ ଗହଣା ଭଳି ଝୁଲୁଛନ୍ତି । ସଂଖ୍ୟାତୀତ ପଙ୍ଖା କିନ୍ତୁ ସମସ୍ତେ ଚଳତ୍ ଶକ୍ତି ରହିତ । ମୃତ । ଏ ଷ୍ଟେସନରେ ବି ଭିଡ଼ କମିବା ପରିବର୍ତ୍ତେ ବଢ଼ିଲା । ଦେଖିଲି, ଯେଉଁ ସ୍ଥାନରେ ମୁଁ ପ୍ରଥମେ ଛିଡ଼ା ହୋଇ ବସିବା ସ୍ଥାନର ସନ୍ଧାନ କରୁଥିଲି ସେଇଠି ଆଉ ଏକ ସ୍ତ୍ରୀ ଛିଡ଼ାହୋଇଛି କାଖରେ ଛୁଆଟିଏ ଧରି । ତାର ବି ଝିଅ ! ଖୁବ୍ ବ୍ୟାକୁଳ ଆଖିରେ ସେ ଖୋଜୁଛି ଟିକିଏ ବସିବା ସ୍ଥାନ ନ ହେଲେ ଦମ୍‌ମାରିବା ସ୍ଥାନ । କାଖର ଛୁଆଟା ବେଶ୍ ଓଜନଦାର ତ ! କେହି ତା ଆଡ଼କୁ ନଜର ଦେଲେ ନାହିଁ । ବ୍ୟସ୍ତ ବିକଳ ମୁମୂର୍ଷୁ ଯଦି ଯାତ୍ରୀ ନହେଲେ ତେବେ ସେ ପାସେଞ୍ଜର ଟ୍ରେନ୍ ହବ କିମିତି ?

ମୁଁ ପୁଣି ମଧ୍ୟଯୁଗୀୟ ନାଇଟ୍ ପରି ଗେଲେଣ୍ଟ୍ ହୋଇ ଉଠିଲି । ନାରୀ ଜାତି ନିର୍ଯାତିତ ହେବ; ଅସହାୟ ହୋଇ ଦୁଃଖ ଯନ୍ତ୍ରଣା ଭୋଗିବ ଏହା ନାଇଟ୍ ସହିବ ନାହିଁ ବୋଲି ରଜା ଆଗରେ ଯିମିତି ଶପଥ ନେଇଛି ।

ସେତେବେଳକୁ ମୁଁ ବେଶୀ ଜାଣିଲିଣି ଯେ ପାଖରେ ଯୋଡ଼ିଏ ଛୁଆ ନେଇ ବସିଥିବା ଆଦିବାସୀ ସ୍ତ୍ରୀ ଲୋକଟି ଏକାବେଳକେ ନିରୀହା, କାଇଁରେ ଓଜର ଆପତ୍ତି ନାହିଁ, ସବୁ କଥାରେ ବାଧ୍ୟ । ତା ଆଡ଼କୁ ଚାହିଁଛି କି ନାହିଁ ସେ ପୁଣି ଘୁଞ୍ଚାଘୁଞ୍ଚି କରି ଆଉ ଚାଖଣ୍ଡେ ଖଣ୍ଡେ ଜାଗା ଦେଲା । ଛିଡ଼ା ହୋଇଥିବା ସ୍ତ୍ରୀ ଲୋକକୁ ଡ଼ାକିଦେଲି "ଆ ଏଠାକୁ ଆ ।" ସେ ନିଃସଂକୋଚରେ ଆସିଯାଇ ଆଦିବାସୀ ମହିଳା ଓ ମୋ ଭିତରେ ଥିବା ସ୍ଥାନରେ ବସିଗଲା । କୁନିଝିଅକୁ କୋଡ଼ରେ ରଖି ବସିଲା ମାତ୍ରେ ସେ ଝିଅଟି ମୋ ମୁହଁକୁ ଚାହିଁଲା, ଚଷମାକୁ ଚାହିଁଲା, ଦାନ୍ତ ଦି'ଟାକୁ ବି ଚାହିଁଲା । ମୁଁ ତାକୁ ଡ଼ରାଇବା ପାଇଁ ମୁହଁ ଆଁ କଲି । ସେ ନିଶ୍ଚୟ ଅନ୍ଧାର ଗହ୍ୱରରେ ଯୋଡ଼ାଏ ମାଇଲ ପଥର ପରି ଦୁଇଟା ଧଳା ଦାନ୍ତକୁ ଦେଖିଥିବ । ମୁଁ ଟିକିଏ ତାକୁ ହସାଇବା ପାଇଁ ମୁଖ ଆଖି ଭଙ୍ଗୀ କଲି । ଆରେ ! ଯିମିତି ତା

Digitized by srujanika@gmail.com

ସାଙ୍ଗରେ ମୋର କେଉଁଦିନର ରକ୍ତର ସମ୍ପର୍କ ! ସରସ ସୁନ୍ଦର କୁନି ହସଟି ତା' ମୁହଁରେ ପ୍ରତିଦାନ ସ୍ୱରୂପ ଫୁଟିଉଠିଲା । ତା ମାଆ ଏଥର ବେଶ୍ ଚିହ୍ନା ପରି କୃତଜ୍ଞତାର ଚାହାଁଣୀ ଦେଲା । ତାକୁ କହିଲି "ଆଉ ଅଳ୍ପ ସମୟ ପରେ ମୁଁ ଓହ୍ଲାଇ ଗଲେ ତୁ ଆରାମରେ ବସିକରି ଯିବୁ ।"

ମୋରି ପ୍ରତିଟି କଥା, କାମ ଯାତ୍ରୀମାନେ ଲକ୍ଷ୍ୟ ନିରୀକ୍ଷଣ କରୁଥାନ୍ତି । ପୋଷାକ ପରିଚ୍ଛଦରେ ସହଯାତ୍ରୀମାନଙ୍କ ସହିତ ଆକାଶ ପାତାଳ ପାର୍ଥକ୍ୟ ଥିବାରୁ ସେମାନେ ହୁଏତ ଚିଡ଼ିଆଖାନା ବା ଯାଦୁଘରର ଏକ ପ୍ରାଗୈତିହାସିକ ଜୀବ ବୋଲି ଭାବୁଥିବେ । ମୋତେ କ୍ରମେ ଅଶ୍ୱସ୍ତି ଲାଗୁଥାଏ । ଖୁଚୁରା ଭିତରେ ମୁଁ ଯିମିତି ନମ୍ବରୀ ।

ଡ଼ବା ଦୁଆର ମୁହଁଆଡୁ ଡ଼ାକ ଶୁଭିଲା, "ଖଟା ମିଠା ଲେମ୍ବୁ ନାରଙ୍ଗ, ଗୋଟାକ ଦଶ, ତିନିଟା ପଚିଶ ।" ପତଳା ଲୋକଟି, ବେକରେ ଶାନ୍ତି ନିକେତନୀ ଝୁଲି, ପେଟ ଛାତିକୁ ଲଗାଇ ବାଁ ହାତରେ ଜାବୁଡ଼ି ଧରିଛି ଏକ ବିରାଟ ଦି କିଲିଆ କାଚଡ଼ବା ଯାହା ଭିତରେ ମୁହଁ ପର୍ଯ୍ୟନ୍ତ ବିଭିନ୍ନ ରଙ୍ଗର ଲଜେଞ୍ଜସ୍ ରହିଛି । "ଖଟା ମିଠା ଲେମ୍ବୁ ନାରଙ୍ଗ, ଗୋଟାକୁ ଦଶ, ତିନିଟା ପଚିଶ ।"

ଯେତେ ପିଲାଝିଅ ଥିଲେ ସମସ୍ତେ ସତୃଷ୍ଣ ନୟନରେ ଚାହିଁ ରହିଲେ ଫାଦର କ୍ରିଷ୍ଟମାସ ଆଡ଼କୁ । ସେମାନଙ୍କ ବାପାମାଆ ମଧ୍ୟ ସଜାଗ ସତର୍କ ହୋଇ ଉଠିଲେ । ମୋ ସାମନାରେ ବସିଥିବା ଯୁବକ ସ୍ୱାମୀର ହାତ ଖଲବଲ କଲା ଖୁଚୁରା କେଉଁଠି ଅଛି ଅଣ୍ଡାଳିବାକୁ । ବୀରବାହାଦୁର ଦାତା ଶିରୋମଣି ଉପାଧି ପାଇବା ପାଇଁ ସେ ପୂର୍ବରୁ 'ବାବା ଆଖଣ୍ଡଳମଣି' 'କେଣେ ଘେନି ଯାଉଛ ଜଗନ୍ନାଥଙ୍କୁ' ଭଜନ ଗାଇଥିବା ପରମ ଭକ୍ତମାନଙ୍କୁ ପାଞ୍ଚପଇସି ଦାନ କରି ସାରିଛି । ପୁଣି ଡ଼ବା ବାହାରପଟୁ ହାତ ବଢ଼ାଇ ମାଗୁଥିବା କୁଷ୍ଠରୋଗୀକି ଛୁଆଙ୍କ ହାତ ଦେଇ ପାଞ୍ଚ ପଇସିଟିଏ ଦେଇଛି । ଖୁଚୁରାର ବେଙ୍କ୍ ସେଇ ଲୋକଟା ତିନିଟା ସେ କିଣିଲା ଯୋଡ଼ିଏ ଦଶପଇସି ଗୋଟିଏ ପାଞ୍ଚପଇସି ଦେଇ । ସେମାନେ ଏମିତି ଭଙ୍ଗୀରେ ଖାଇବାକୁ ଲାଗିଲେ ଯେ ମୋ ପାଖ ଅନ୍ତତଃ ଦୁଇଟା ଝିଅର ଆଖିରୁ ପାଣି ପାଟିରୁ ଲାଳ ଝରିବାକୁ ଆରମ୍ଭ କଲା ।

ଆଦିବାସୀ ମହିଳାଟି ପୁଣି ଲୁଗା କାନିର ଗଣ୍ଠି ଫିଟାଇ ଦି'ଟଙ୍କିଆ ନୋଟଟି ବାହାର କରି ବିକାଳି ଆଡ଼କୁ ଦେଖାଇଲା । ସାଙ୍ଗେ ସାଙ୍ଗେ କଡ଼ା ଉତ୍ତର "ରେଜା ନାହିଁ, ଖୁଚୁରା ହବନି, ରେଜା ଦିଅ ।" ନୋଟ ଫେରାଇ ନେଲା ସ୍ତ୍ରୀଲୋକଟା । ମୋ ପାଖରେ ବସିଥିବା ସ୍ତ୍ରୀଟି ଖୁବ୍ ଛୋଟ ପ୍ଲାଷ୍ଟିକ୍ ବେଗ୍‌ରୁ ଟଙ୍କାକିଆ ନୋଟ୍ ବାହାର କରି ବଢ଼ାଇଛି କି ନାହିଁ ସେଇ ଏକା ସ୍ୱର "ଖୁଚୁରା ହବନି, ରେଜା ଦବତ ନିଅ, ନହେଲେ ନାହିଁ ।" ତା' ହାତ ବି ଫେରିଗଲା । ସାମନା ଟୋକା ଓ ତା'ର ସ୍ତ୍ରୀ ଭାରି ଖୁସି । ସେମାନେ କିଛି ପାରିଲେ; ଯେଉଁଠି ଦୁଇଜଣ ଫେଲ ମାରିଲେ ।

Digitized by srujanika@gmail.com

ସେମାନଙ୍କ ତରଫ ହୋଇ ବିକାଳିକୁ କହିଲି, "ତୁ ନୋଟ ଭଙ୍ଗେଇ ନ ପାରିବୁ ତ ଭଜନବାଲାଙ୍କ ପାଖରୁ ଭଙ୍ଗାଇ ଆଣ; ଦେଖୁନୁ ଝିଅଦିଟା ଲଜେନ୍ସ ଖାଇବେ ବୋଲି ବ୍ୟସ୍ତ ବିକଳ ହେଉଛନ୍ତି ଯା, ଯା।" ଉତ୍ତର ଆସିଲା, "ଆପଣ ପାଉନାହାନ୍ତି। ସେମାନେ ଟଙ୍କାଏ ନେବେ ସତୁରୀ ପଇସା ଦେବେ, ତିରିଶ ପଇସା ବଟି।" ମୁଁ ଚୁପ୍।

ଖୁବ୍ ସନ୍ତର୍ପଣରେ ପକେଟ୍‌ରେ ପୁଣି ହାତ ପୂରାଇ ପାଇଲି ଦଶପଇସି ଯୋଡ଼ିକୁ। କିନ୍ତୁ ପକେଟ୍‌ରୁ ବାହାର କଲାବେଳେ ଭାବିଲି, ଯଦି ଯୋଡ଼ିଏ କିଣି ଦୁଇ ଝିଅଙ୍କୁ ଦିଏ ତେବେ ହୁଏତ ଓଲଟା ଫଳ ଫଳିବ। ସାମ୍ନାରେ ବସିଥିବା ବାଜେ ଫୁଟାଣିଆ ଟୋକା ଓ ତା'ର ଟେରୀ କାଳୀ ସ୍ତ୍ରୀ ଓ ତାଙ୍କରି ସମଭାବାପନ୍ନ ନେଇ ଯାତ୍ରୀଗୁଡ଼ାକ ମତେ ଭଲଆଖିରେ ନ ଦେଖି, ମୋର ସବୁ କଥା ଓ କାମକୁ ବିଦ୍ରୁପାତ୍ମକ ଦୃଷ୍ଟିଭଙ୍ଗୀ ନିକ୍ଷେପ କରୁଛନ୍ତି ସେମାନେ ଆହୁରି ଖୋରାକ ପାଇଯିବେ, ମୁଁ ଓହ୍ଲେଇ ଗଲା ପରେ ହସି ଥଟ୍ଟା କରିବା ପାଇଁ ମୁଁ ଯାହା କରିବାକୁ ଯାଉଥିଲି, ନିବୃତ୍ତ ହେଲି।

ନମ୍ବରୀ ସ୍ତରରୁ ସର୍ବସାଧାରଣରେ ଖୁଚୁରା ସ୍ତରକୁ ଖସି ଆସିବାର ସତ୍‌ସାହସ ସଂଗ୍ରହ କରି ପାରିଲିନାହିଁ; ଅନ୍ତରାତ୍ମା ବାଧା ହେଲା। ମାତ୍ର ଆଶ୍ଚର୍ଯ୍ୟ କଥା, ଟ୍ରେନ୍‌ରୁ ଓହ୍ଲାଇ ଯିବା ପରେ ସେଇ ଅନ୍ତରାତ୍ମା ମତେ ପ୍ଲାଟଫର୍ମରେ ଅତି ଅଶ୍ଳୀଳ ଭଙ୍ଗୀରେ ଘୂରି ବୁଲୁଥିବା ବାରବନିତା ହାତରେ ସମସ୍ତଙ୍କ ଅଲକ୍ଷିତରେ ଯୋଡ଼ିକଯାକ ଦଶ ପଇସି ସମର୍ପଣ କରି ଦେଇପାରିଲି। ନିଶ୍ଚିତ ରୂପେ ନମ୍ବରୀ ସ୍ତରରୁ ଖୁଚୁରା ସ୍ତରକୁ ଖସି ଆସିଲି ବୋଲି। ଏଥର ମୋର ହୃଦ୍‌ବୋଧ ହେଲା। ଏ ନମ୍ବରୀ ଝିଅଟା ପଇସା ପାଇଁ 'ବାବୁ ନମସ୍କାର' କହିଲା, ସେ ଝିଅଦି'ଟା ଲଜେନ୍ସ ଖାଇଥିଲେ ହୁଏତ 'ଅଜା ନମସ୍କାର, ଜେଜେ ନମସ୍କାର' ବୋଲି ତାଙ୍କ ଭାଷାରେ ଦାରୋଟିରେ ଶୁଣାଇଥାନ୍ତେ ଏବଂ ଯଥାର୍ଥ ନମ୍ବରୀର ଆନନ୍ଦ ଓ ଗର୍ବ ସାମାନ୍ୟ ଖୁଚୁରା ଦଶ ପଇସି ଦିଟାରେ ଦେଇଥାନ୍ତି। ମୁଁ ଖୁଚୁରା ହୋଇଗଲି। କିଏ କହିବ ମୁଁ ବା ମୋରି ପରି ଲୋକ ଥିଲାଯାଏ ଖୁଚୁରାର ଅଭାବ ଅଛି ବୋଲି ଆମର ଏ ମଣିଷଙ୍କ ଦେଶରେ ?

Digitized by srujanika@gmail.com

# ଏଣୁ କପୋତ ଗୁରୁ ମୋର

ଏମିତି କାମଦାମ କିଛି ନଥିବ, ଶୋଇବସି ଦିନ କଟୁ ନଥିବ, ହଠାତ୍ ଦିନେ ଏମତି କାମ ପଡ଼ିଯିବ, ଗୋଟାକ ପରେ ଗୋଟେ ଏତେ ସଂଖ୍ୟାରେ ଆସିଯିବ ଯେ ଖରା ହେଉ, ଶୀତ ହେଉ, ମଣିଷ ଟିକିଏ ନିଃଶ୍ୱାସ ମାରିବାକୁ ଫୁରୁସତ ପାଇବ ନାହିଁ। ଦୀର୍ଘସୂତ୍ରୀ ବିନଶ୍ୟତି । ଆଜିକାଲି କରି କାମ ଜମେଇ ରଖିଛି ସବୁ କାମ ଗୋଟାଏ ଶନିବାରକୁ । ଫେରେ କେଉଁ କାମର କାହା ସହିତ ସମ୍ପର୍କ ନାହିଁ । ଅଟାପେଷା ସହିତ ଦାଢ଼ିକମା ଚୁଳକଟାରେ କି ସମ୍ପର୍କ ? ଜାମାପଟା ଇସ୍ତ୍ରି ସହିତ ବକ୍ତୃତାର ବା କଣ ସମ୍ପର୍କ ? ପୁଣି ସବୁ କାମ ଗୋଟାଏ ଜାଗାରେ ହୋଇଥାନ୍ତା। ଗୋଟାଏ ନୂଆବଜାରରେ ତ ଆଉ ଗୋଟାଏ ମୋତିଗଞ୍ଜରେ, ଗୋଟାଏ କଚେରୀ ବଜାରରେ ତ ଚତୁର୍ଥଟା ସିନେମା ଛକରେ ।

ସବୁ ସୁରୁଖୁରୁରେ ହୋଇପାରନ୍ତା ପିଲାଝିଲାଏ ଯଦି ବାପା ମାଆ ସାଙ୍ଗରେ ସାଙ୍ଗ ଦିଅନ୍ତେ, ଜନସାଧାରଣ ଯଦି ସରକାର ସହିତ ସହଯୋଗ କରନ୍ତେ। ଆଠ ଦଶ ବର୍ଷର ଝିଅଟା ପାଖ ଅଟାକଳକୁ ଯାଇ ଅଟା ପେଷେଇ ଆଣି ପାରନ୍ତାନି ? ଦିହରେ ବଳ ନାହିଁ ନା ହିସାବ କିତାବ ଆସେନି ? କଲେଜ ପଢୁଆ ପୁଅଟା ଧୋବାଘରକୁ ଯାଇ ଲୁଗାପଟା ଦି'ଖଣ୍ଡ କେବେ କିମିତି ଇସ୍ତ୍ରି କରାଇ ଆଣି ପାରନ୍ତାନି ? ବେଶ୍ ପାରନ୍ତେ । କରିବେନି । ମାନସମ୍ମାନରେ ଆଞ୍ଚ ଆସିବ, ସାଙ୍ଗସାଥୀ କ'ଣ କହିବେ ? ଝିଅଟେ ଅଟାଥଳି ବହୁଛି, ପୁଅଟେ ଲୁଗାଥଳି ଧୋବାଘରକୁ ନଉଛି । ଛିଃ ଛିଃ ।

ମୁଁ ସବୁ କାମ କରି ପାରନ୍ତି । ସଞ୍ଜବେଳକୁ ବକ୍ତୃତା ଦେବାର ଅଛି । ଖରାରେ ଧାଁ ଦଉଡ଼ କଲେ ଗଳା ବସିଯିବ । ପୁଣି କିଛି 'ଲିଟ୍‌ରେଚର' ନ ପଢ଼ି ଗୋଟାଏ ନୂଆ ବିଷୟରେ କିଛି କହିହେବ ? ମୋର ପୁଣି ଗୁଡ଼ାଏ ଦୁର୍ବଳତା ଅଛି, ଗୁଡ଼ାଏ ନୋଟ ନିଏ, ହେଲେ ବକ୍ତୃତା ଶେଷରେ ଦେଖେ ଯେ ଯାହା କହିବା କଥା ନକହି ଆଜେବାଜେ କହିଛି । ଡ଼କ୍ଟର ବେଦବ୍ୟାସ ଏ ଦିଗରେ ଆଦର୍ଶ । ଘଣ୍ଟା ଘଣ୍ଟା ଧରି ଅନର୍ଗଳ ନାଚିକୁଦି ଗାଇକାନ୍ଦି ଛାତିଫଟା ବକ୍ତୃତା 'ପଏଣ୍ଟ ବାଇ ପଏଣ୍ଟ' ଦେଇ ଉଚ୍ଛ୍ୱସିତ କରତାଳି ଆଦାୟ କରନ୍ତି । ମୁଁ ପ୍ରକୃତରେ ବକ୍ତୃତାକାରୀ ନୁହେଁ, କଥା କହିଲା ପରି କୁହେ । ତାଙ୍କର ସର୍ତ୍ତ ହେଲା ସେ ବକ୍ତୃତା ଗୋଟିକି ପାଞ୍ଚଶ ନେବେ, ଅଗ୍ରିମ ବଡ଼ ବଡ଼ ମାଛଖଣ୍ଡି ବକ୍ତୃତା ପୂର୍ବରୁ ଓ ପରେ ଖାଇବେ, ସର୍ବୋପରି ସେ ଯେ ନିଶ୍ଚୟ ଆସିବେ ତାର ଗେରେଣ୍ଟି ନାହିଁ, ତେଣୁ ଅଗ୍ରିମ ଟଙ୍କା ଫେରାଇବାର ପ୍ରଶ୍ନ ନାହିଁ। ଗଳାର କଥା, ପାଣିପାଗରେ ବସି ଯାଇପାରେ ଯଦିଓ ସେ ପ୍ରତିଦିନ ଶହେଗ୍ରାମ ବଚ ଚୋବାଇ ତଣ୍ଟିକି ଠିକ୍ ରଖିଥା'ନ୍ତି । ମୁଁ ଟିକିଏ ସାତ୍ତ୍ୱିକ ପ୍ରକୃତିର; ମନ୍ତ୍ରୀ, କଲେକ୍ଟର୍, ଇନ୍‌ସପେକ୍ଟର ଆସିଲେ ମୁଁ ଯିବିନି; ଲୋକେ ତାଙ୍କ କଥା ଶୁଣିବେ, ମୋତେ ଚାହିଁବେନି। ମୁଁ ରାତିରେ ରହିବନି,

Digitized by srujanika@gmail.com

ଖାଇବିନି, ପଇସା ନେବିନି। ମୋତେ ସେଥିପାଇଁ କେହି ଡ଼ାକନ୍ତି ନାହିଁ । ଫ୍ରଣ୍ଟ ଲାଇନ୍ ଯୋଦ୍ଧା ନ ମିଳିଲେ ମୋତେ ଡ଼କରା ମିଳେ ।

ଆଜିର ସଭାରେ ମୁଁ ମୁଖ୍ୟ ବକ୍ତା, କୁଞ୍ଜବାବୁ ମୁଖ୍ୟ ଅତିଥି । ଯଦି ମନ୍ତ୍ରୀ ମହୋଦୟ ଡ଼କ୍ଟର ବେଦବ୍ୟାସଙ୍କୁ ଧରି ଆସିଥାନ୍ତି ତେବେ ଆପେ ଆପେ ଆମେ ଦୁହେଁ ଗୌଣ ବକ୍ତା ଗୌଣ ଅତିଥି ସ୍ତରକୁ ଖସିଆସିବା । ଏସବୁ ଅନିଶ୍ଚିତତା ଓ ଆଶଙ୍କା ଭିତରେ କାମଦାମ କରୁଁ କରୁଁ ଯେ ମୁଁ 'ଲିଟ୍‌ରେଚର' ପଢ଼ି ନିଜକୁ ଯୁଦ୍ଧପାଇଁ ସଜ୍ଜିତ କରିବି, ସନ୍ଦେହ ହେଉଥାଏ। ଯେବେ ସଭାପତି, ମୁଖ୍ୟ ଅତିଥି ହୋଇଥାନ୍ତି ତେବେ କିଛି ନଜାଣି ମଧ୍ୟ ପାର୍କର କଲମରେ ସୁନ୍ଦର ଦସ୍ତଖତରେ ସାର୍ଟିଫିକେଟ୍ ଗୁଡ଼ାକୁ ମଣ୍ଡନ କରିଥା'ନ୍ତି- କାମ ଛୁ ।

ବିରକ୍ତିଭରା ସ୍ୱରରେ ଚିତ୍କାରକରି "ଦିଅ ଦିଅ ଗହମ ଥଳିଟା ଦିଅ, ସହଳ ସହଳ ଖରା ଜୋର ନ ହେଉଣୁ ପେଷାଇ ଆଣେ । ଡ଼େରି ହେଲେ ଲାଇନ ଦେବାକୁ ହେବ । କାଲି ଫେରେ ରବିବାର, ଜଳବନ୍ଦ ।"

ପାଛୁଡ଼ା ଦଶକିଲୋ ଗହମ ଥଳି ଧରି ବୀର ଦର୍ପରେ ବାହାରିପଡ଼ିଲି । ଖଣ୍ଡେ ଦୂରରୁ ମୋତେ ଦେଖିଦେଲା ମାତ୍ରେ ପ୍ରଭୁଦୟାଲ ଡ଼ାକିଲା, ଆଇୟେ, "ଆଇୟେ ବାବୁଜୀ!" ହାତରୁ ଥଳିଟା ନେଇ ଓଜନ ଡ଼ାଲାରେ ବସାଇ ଓଜନ କରିବାକୁ ଆରମ୍ଭ କଲା । କେଇଟା ସେକେଣ୍ଡରେ ଫଳ ଘୋଷଣା କଲା ନଅ କିଲୋ ଆଠଶହ ଏବଂ ତକ୍‌ତପୋଷରେ ଅନ୍ଧାରିଆ ଜାଗାରେ ବସିଥିବା ଝିଅଟା ଆଡ଼କୁ ଚାହିଁ କହିଲା, "ଲିଖଲୋ ।" ମୁଁ ପ୍ରଭୁଦୟାଲ ପାଖରୁ ଆଖି ଫେରାଇ ନେଇ ଚାହିଁଲି ଝିଅଟା ଆଡ଼କୁ । ଆଠ ନଅ ବର୍ଷର ସ୍ୱାସ୍ଥ୍ୟବତୀ ଝିଅଟି, ଫ୍ରକ୍‌ଟିଏ ପିନ୍ଧିଛି, ଆଗରେ ପ୍ରାଇମେରୀ ସ୍କୁଲର ଛୋଟ ଡ଼େସ୍କରେ ଭଙ୍ଗା ସିଲଟଟାଏ ଓ ସୂତାରେ ସହିତ ଝୁଲୁଥିବା ସ୍ଲେଟ୍ ପେନ୍‌ସିଲ । ପ୍ରାୟ ବାର ତେର ବର୍ଷର ଗୋରାତକତକିଆ ଝିଅର ଜଙ୍ଘପରି ତାର ଜଙ୍ଘ ଦୁଇଟା । ସାଙ୍ଗେ ସାଙ୍ଗେ ପିତୃ ଆଜ୍ଞା ପାଇ ହିସାବ କରି ବସିଲା "କିଲୋ ବାର ପଇସା ହେଲେ ନଅ କିଲୋ ଆଠଶହର ଦାମ କେତେ ?" ମୁଁ ଆଶ୍ଚର୍ଯ୍ୟର ହେଲି ଝିଅଟାର ଅଙ୍କକଷା ବ୍ରେନ୍ ଦେଖି। କମ୍ପ୍ୟୁଟର ପରି ଦଣ୍ଡକୁ କହିଦେଲା ବାପାକୁ । ବାପା ଗର୍ବରେ ହୁଁ ମାରିଲା ଏବଂ କହି ଚାଲିଲା ମୋତେ ତଥା ଅନ୍ୟ ନବାଗତ ଦୁଇ ତିନିଜଣ ଗରାଖଙ୍କୁ ଲକ୍ଷ୍ୟକରି "ଆମର ଏଠି ଠକାମି ନାହିଁ, ମିଶାସାନା ନାହିଁ, ମଇଦା ପରି ଅଟା, ଫାଇନ୍ ସଫା ହେଉଛି, ନୂଆ କଲକତୀ ଚକତି ବସିଛି ।" ଦଣ୍ଡେ ରହି କହିଲା "ଏଠି ଆମର ହଳଦି ଗୁଣ୍ଡ ବି ମିଳୁଛି, ମଇଦା ମିଶା କଲକତୀ ପାକିଟ୍ ହଳଦିଗୁଣ୍ଡ ନାହିଁ, ଖାଣ୍ଟି ପିଓର । ପାକିଟ୍ ଟଙ୍କାଏ ବି ଅଛି, ନବେ ବି ଅଛି, ଅଶୀ ବି ଅଛି, ମାଲ ଅନୁସାରେ ଦାମ୍ ।" ମୋତେ ଦୁଇଟା ପାକେଟ୍ ଦିଅ ଯେମିତି କହିଛି, ଝିଅଟା ଉଠିଯାଇ ଦୁଇ ପାକେଟ୍ ଆଣି ଡ଼େକ୍‌ସ ଉପରେ ରଖି କହିଲା ଦୁଇ ଟଙ୍କା, ଅସଲଟା ଦେଇଛି ।

Digitized by srujanika@gmail.com

ମୁଁ ଦଣ୍ଡେ ସେ ଝିଅଆଡ଼କୁ ଚାହିଁଲି, ଆଖି ଚକମକ ଘୁରୁଛି । କେତେବେଳେ ଓଜନ କଣ୍ଟା ଆଡ଼କୁ, କେତେବେଳେ କଳର ଫନେଲ ଆଡ଼କୁ, କେତେବେଳେ ଗରାଖ ଆଡ଼କୁ । ଟିକିଏ ସମୟ ବା ଫୁରୁସତ ପାଇଲେ କିତାବଟାଏ ଆଣି ପଢୁଛି । କେତେବେଳେ ହସ୍ତାକ୍ଷର ଲେଖୁଛି । "ଝିଅ ସ୍କୁଲରେ ପଢୁଛି ? ପ୍ରଶ୍ନଟି ଯେମିତି ପଚାରିଛି, ପ୍ରଭୁଦୟାଲ କହିଗଲା, "ପଞ୍ଚମ ଶ୍ରେଣୀରେ ଆଜ୍ଞା, ସ୍କୁଲ ଯାଏ, ହେଲେ ସକାଳ ଆଠରୁ ସାଢ଼େ ନଅ, ଓପରଓଳି ଚାରିରୁ ଛଅ ଏଇଠି ଲେଖେ ପଢ଼େ, କଳକାମ ତଦାରଖ କରେ । ଝିଅ ଛୁଆ ଆଜ୍ଞା ଟିକେ ପଢ଼ି ପାରିଲା ହିସାବ କିତାବ ଜାଣିଲା ଓ ସେଇ ଢ଼େର, ଡ଼ାକ୍ତର ହବ ନା ପ୍ରଫେସର ହବ ନା ଓକିଲ ହବ ?" କୁଳର ବେଉସା ଛାଡ଼ିଲେ ...."

ବକ୍ତୃତାଟାଏ ମୋତେ ଦେଇ ଥାଆନ୍ତା । ଝିଅଟାକୁ ନୋଟଟାଏ ବଢ଼ାଇ ଦେଲି, ହିସାବ ଯାଞ୍ଚକରି ନାହିଁ । ଦେଖିଲି ଝିଅଟା ମୋତେ ଗୋଟିଏ ପଇସି, ଗୋଟିଏ ଦୁଇ ପଇସି ଓ ଗୋଟିଏ ତିନି ପଇସି ସହିତ କେତେ ଖୁଚୁରା ଫେରାଇଛି । ପ୍ରଭୁଦୟାଲର ବିଜ୍ଞାପନ କାର୍ଯ୍ୟକ୍ରମରେ ଯେତେ ଆଶ୍ଚର୍ଯ୍ୟ ନହେଲେ ଝିଅଟାର ଆତ୍ମନିଯୁକ୍ତିରେ ତା'ଠାରୁ ବେଶୀ ମୁଗ୍ଧଚକିତ ହେଲି ।

ଥଳି ଧରି ଫେରୁଥାଏଁ, ଭାବୁଥାଏ ସେଇ ମୋର ବୟସ୍କା ଝିଅର ଗୁଣଗ୍ରାମ ଓ ଉପଯୋଗିତା ବିଷୟରେ । କୁଟାଖଣ୍ଡ ଦିଖଣ୍ଡ ନାହିଁ । ଟଟୁ ଘୋଡ଼ା ପରି ଡ଼େଉଁଛି, ପିଜୁଳି ଗଛରେ ଚଢୁଛି । ପୋଷାକପତ୍ର, ଚୁଡ଼ି, ନଖପାଲିସ ସାଙ୍ଗକୁ ଏବେ ଏବେ ଦିନରାତି ହଟ ଲାଗିଛି ତିନିଶ ଟଙ୍କାର ଛୋଟ ଲବଙ୍ଗୀ ଫୁଲ କାନରେ ଘିନିବ । "କିଲୋ ପାଞ୍ଚ ପଇସା ହେଲେ ଦଶ କିଲୋକୁ କେତେ ?" ଉତ୍ତର 'ଶହେ ପଚାଶ ।'

ଭାଗ୍ୟ ଭଲ । ଡ଼ାହାଣ ଆଡ଼କୁ ଚାହିଁ ଦେଖିଲି ପଞ୍ଚୁର ସେଲୁନ ଖୋଲା ଏବଂ ଗରାଖ ପ୍ରାୟ ନାହାନ୍ତି । ଘରକୁ ଯାଇ ପୁଣି ଫେରିବି କାହିଁକି ଏଇଠି କେତେ ମିନିଟ୍ ବସିଗଲେ କାମ ଫତେ । ପଛ ଚୁଳ, କାନ ମୂଳ କଲି ବହୁତ ବଢ଼ିଛି । ବରଂ ଜରୁଆ ପରି ଦିଶୁ, ବଣୁଆ ପରି ସଭାସମିତିକୁ ଯିବିନାହିଁ । ପଶିଗଲି, ଯେଉଁଠି ଚୁଳ ନ ପଡ଼ିବ ସେମିତି ସ୍ଥାନ ଦେଖି ଅଟା ଥଳି ରଖିଲି ଏବଂ ଏକ ନମ୍ବର ଭ୍ରାମ୍ୟମାଣ ଚେୟାରଟାରେ ବସିଗଲି; କିନ୍ତୁ ଦୁର୍ଭାଗ୍ୟ, ପଞ୍ଚୁ ନାହିଁ । ସେଇ ମୋର ବାରିକ, ପରିବାରର ବାରିକ ଗତ ପଚିଶ ବର୍ଷ ଧରି । ସେତେବେଳେ ସେ ବେଉସା ଆରମ୍ଭ କରିଥିଲା ଛକ ରାସ୍ତାରେ ଭୂଇଁରେ ବସି ଜର୍ମାନୀର ହଲୋଗ୍ରାଉଣ୍ଡ କ୍ଷୁରରେ । କିନ୍ତୁ 'ଉଦ୍‌ଯୋଗୀନଂ ପୁରୁଷସିଂହ ମୁପୈତି ଲକ୍ଷ୍ମୀମ୍' । ଆଜି ତା'ର ଦୈନିକ ଆୟ ଶହେ ଟଙ୍କା । ଦୋକାନରେ ତିନିଟା ସେକ୍ସନ, ଚୁଳକଟା ଓ ଚୁଳକମା, ଚୁଳ ରଙ୍ଗକରା ଓ ଡ୍ରେସିଂ, ଘର୍ଷଣ ମର୍ଦ୍ଦନ ଓ ପିଟାପିଟି । ସେ କୁଆଡ଼େ ଯାଇଛି ଆଉ ଏକ ବଜାରକୁ ଦ୍ୱିତୀୟ ସେଲୁନର ଭିତ୍ତିପ୍ରସ୍ତର ସ୍ଥାପନ ପାଇଁ । ଏଠି ଯିମିତି ରେଡ଼ିଓ ରହିଛି, ସେଠି ଟେଲିଭିଜନ ରଖିବ ଗରାଖଙ୍କ ପାଇଁ ।

Digitized by srujanika@gmail.com

ମୁଁ ଖୋଦ ପଞ୍ଚୁ ପାଖରେ କାଟେ; ସେ ଟୋକା ବାରିକ ପରି ପତଳା ଦଶ ପଣିଛପଣି ଖାପି ରଖେନି; ବରାବର ମୋଟା ବହଳ କାଟେ । ଅପ୍ରତିଭ ହୋଇ ଅଗତ୍ୟା କଟିଆର ଚେୟାରସ୍ଥ ହେଲି । ସେମାନଙ୍କୁ କେବେ ଦେଖି ନଥିଲି । ନଟିଆ, ହଟିଆ ଏବେ ଏବେ ଯୋଗ ଦେଇଛନ୍ତି ବାପାଙ୍କ ଟ୍ରେନିଂ କ୍ଲାସରେ ବି.ଏ. ଓ ଆଇ.ଏ. ପରୀକ୍ଷା ପରେ । ତିନିଭାଇ ଓ ପଞ୍ଚୁ ।

କଟିଆକୁ ପଚାରିଲି ଏଇଟା ତୁମର କେଉଁ ଇଅର ?

"ସିକ୍ସଥ ଇଅର, ଇଂଲିଶ! ପ୍ରିଲ ବି ପାସ୍ କରିଗଲିଣି ।" ଚେୟାରଟା ଏମିତି ଜୋରରେ ବୁଲାଇ ଦେଲା ମୋ ମୁଣ୍ଡ ବି ବୁଲିଗଲା । ମୁଁ ଭାବିଲି ଦେଶର ସର୍ବଶ୍ରେଷ୍ଠ ପାଠୁଆ ବାରିକ ପିଲାଟି ମୋର ପ୍ରସାଧନ କ୍ରିୟାରେ ବର୍ତ୍ତମାନ ରତ । ଧୀରେ ଧୀରେ ସେ କଚ୍ କଚ୍ କଇଁଚି ଚଲାଉଥାଏ ଏବଂ ଇଂରାଜୀ ଓ ଓଡ଼ିଆ ସାହିତ୍ୟରୁ ନାନା କଥା, ନାନା ପ୍ରଶ୍ନର ଅବତାରଣା କରୁଥାଏ । ଥରେ ପଚାରିଦେଲା, "ସାର୍ ଆମ ଓଡ଼ିଶାର କେଉଁ କବି ଟି ଏସ୍. ଇଲିୟଟଙ୍କ ସମକକ୍ଷ ହେବେ: ରମାକାନ୍ତ ନା ସୀତାକାନ୍ତ ?" ମୁଁ କହିଲି, "ହେବେନିତ କେହି ହେବେନି, ହେବେ ତ ଦୁହେଁ ହେବେ ।" ମୋ କଥାର ମର୍ମ ବୁଝିପାରି ସାମାନ୍ୟ ହସିଲା । ଆହୁରି କେତେ କେତେ ଜଟିଳ ପ୍ରଶ୍ନ ପଚାରିଲା ମୁଁ କ'ଣ ନା କ'ଣ ଉତ୍ତର ଦେଲି ମନେ ନାହିଁ । କାରଣ ବାରିକ ଦୋକାନରେ ସାହିତ୍ୟ ଆଲୋଚନା ସମାଲୋଚନା ହାସ୍ୟାସ୍ପଦ ଘଟଣା ବୋଲି ହୁଏତ ଶ୍ରୋତାମାନେ ଭାବିବେ । ଚୂଳକୁ ବେଶ୍ ବାଗେଇ ସାଗେଇ ଚଂଛାଚଂଛି କରି ଆଉ ଏକ ଭାଇକୁ ଡ଼ାକି ଦେଲା; ସେ ମୁହଁଟିକୁ କେଶ ବିମୁକ୍ତ କରିଦେଲା ଚାହୁଁ ଚାହୁଁ । ଯୋଡ଼ିଏ ଟଙ୍କା ଦେଇ ମୁଁ ଥଳି ଧରି ସେଲୁନ୍‌ରୁ ବାହାରି ଆସୁଛି, ତିନିଭାଇ ମୋତେ ନମସ୍କାର ଜଣାଇଲେ । "ବାପାଙ୍କୁ କହିଦବୁ, ସାର୍, ଆପଣ ଆସିଥିଲେ ବୋଲି ।"

ସକାଳର ମୋର ଏହା ଦ୍ୱିତୀୟ ଆଶ୍ଚର୍ଯ୍ୟ । ଯାହାକୁ ଦିନେ ଜେବେ କେଉଁଠି ପଢ଼ାଇଥିଲି ସେ ଆଜି ଏମ୍.ଏ.ଏଲ୍.ଏଲ୍.ବି. ଛାତ୍ର ଥାଇ ଏତେ ଆଦର ଯତ୍ନରେ ମୋର ସେବା କଲା, ସେଥିରେ ମୁଁ ସ୍ଫୀତବକ୍ଷ ହେଲି ।

ଘରେ ପହଞ୍ଚି ଦାଣ୍ଡଘରେ ଅଟାଥଳି ଥୋଇଦେଇ ଭିତରକୁ ଯାଇ ଦେଖେଁ ତ ସିଗାରେଟ୍ ଧୂଆଁରେ ଘର ଭରପୂର, ଚାରିପଟେ ସିନେମା ଛବି, ମେଗାଜିନ୍, ଜେମ୍ସ ବଣ୍ଡ, ହେରାଲଡ଼୍ ରବିନଶ୍‌ଙ୍କ ବହି ବିଛୁଡ଼ି ହୋଇ ପଡ଼ିଛନ୍ତି । ଗୃହିଣୀ କହିଲେ ଜାମାପଟା ଗୁଡ଼ାକ ଇସ୍ତ୍ରୀ ହୋଇ ପାରିଲାନି, ଯାହାକୁ କହିଲି କେହି ଗଲେନି । ତାପରେ ଯାହା କହିଲେ ତାହା 'ସ୍ୱନ୍ଦ ନ ବାଧତେ' ପଂକ୍ତି ମନେ ପକାଇଦେଲା । ଦୁଇଥର ଯାହା କହିଲେ ତାହା 'ସ୍ୱନ୍ଦିଂ ନ ବାଧତେ' ପଂକ୍ତି ମନେ ପକାଇଦେଲା । ଦୁଇଥର ଆଇ.ଏ.ଏସ୍. ଫେଲ୍ ପୁଅ ଯିବ କ୍ରିକେଟ୍ ଖେଳ ଦେଖିବାକୁ, ଓ.ଏ.ଏସ୍. ଫେଲ୍ ପୁଅ ଯିବ ମହିଳା ଫୁଟବଲ

Digitized by srujanika@gmail.com

ଦେଖିବାକୁ, ବାକୀ ଜଣକ ଯେ କି ଆଇ.ପି.ଏସ୍. ପାଇଁ ଚେଷ୍ଟା କରିବ ଭାବୁଛି, ଯିବି ମହିଳା କୁସ୍ତି ଦେଖିବାକୁ । ଝିଅ ଆଉ ସ୍ତ୍ରୀ ଯିବ ନିଉ ପ୍ରିଣ୍ଟ 'ବବି' ଦେଖିବାକୁ ।

ଗାଧୋଇବା, ଭାତ ଖାଇବା କଥା ମନରୁ ପାସୋରି ନିଜେ ନିଜେ ଜାମାପଟା ପ୍ଲାଷ୍ଟିକ୍ ଥଳି ଗୋଟାକରେ ପୂରାଇ ଖରାରେ ବାହାରି ପଡ଼ିଲି ଧୋବା ଘରକୁ । ମନେ ମନେ ନିଜକୁ ଧିକ୍କାର କରୁଥାଏ କାହିଁକି ଦୁଇଚାରି ପେଜି ଖଣ୍ଡିଏ ସ୍ଥାନୀୟ ଦୈନିକରେ ପେନ୍ଥା ପେନ୍ଥା ଅନାମଧନ୍ୟଙ୍କ ସହିତ ମୋ ନିଜ ନାମ ଟିକକ ଯୋଡ଼ିବାକୁ ଏତେ କୃଚ୍ଛ୍ର ସାଧନ କରୁଛି ।

ଖଣ୍ଡେଦୂର ଯାଇଛି, ଦେଖିଲି ଥାକେ ଲୁଗା ପଟା ଇଂରାଜୀ କାଗଜରେ ସାଇତି କାଖତଳେ ଯାକି ବୀରପରି ମୋ ଆଡ଼କୁ ଆସୁଛି ଲମ୍ବା ଚୌଡ଼ା କଳା ଚୋକାଟା ଖାକୀ ପେଣ୍ଟ ପିନ୍ଧି । ମୋତେ ଦେଖିଦେଲା ମାତ୍ରେ ପୋଲଟା ଉପରେ ଲୁଗା ଥାକକ ରଖିଦେଇ ଗୋଡ଼ରୁ ଧୂଳି ନେଲା ଓ କୃତ୍ୟକୃତ୍ୟ ହୋଇ ଛିଡ଼ା ହେଲା ଯିମିତି ବହୁଦିନର ଆଶା ତାର ଚରିତାର୍ଥ ହୋଇଛି ମୋତେ ଦର୍ଶନ କରି ।

"ଚିହ୍ନି ପାରୁନି ବାପା !" ଶିକ୍ଷକ ସୁଲଭ ଗଳାରେ କହିଲି ।

"ସାର୍ ମୁଁ କଲେଜରେ ଆପଣଙ୍କ ଛାତ୍ର ଥିଲି ।"

"ଏବେ ?"

"ବି.ଏ. ପାସ୍ କରି ଏଠାକୁ ଦୁଇମାଇଲ ଦୂର ଗୋଟାଏ ପ୍ରାଇମେରୀ ସ୍କୁଲରେ ଟିଚର ଅଛି ।"

"ଏ ପେଣ୍ଟ ଶାର୍ଟ ତୁମର ?"

"ନା ସାର୍, ସାର୍ ମାନଙ୍କର; ରାଧାଶ୍ୟାମ ସାର୍, ପଣ୍ଡା ସାର୍, ମହୀରଞ୍ଜନ ସାର୍ । କଲେଜରେ ପଢ଼ୁଥିଲାବେଳେ ତାଙ୍କ ଲୁଗା କାଚୁଥିଲି । ଚାକିରି କରି ବି ସେ କାମ କରୁଛି । ଆପଣ ମୋତେ କହିନଥିଲେ; ଯାହା ହେଲେ ବି ପୈତୃକ ବେଉସା କୌଳିକ ଧର୍ମ ଛାଡ଼ିବ ନାହିଁ ।"

ବେଳ କେତେବେଳେ ପାଉଛ ? ସ୍କୁଲକାମ କେତେବେଳେ କରୁଛ ?"

"ସାର୍, ଏବେ ବାହା ହୋଇଛି, ମାଆ ଆଉ ୱାଇଫ୍ ମୁଁ ସ୍କୁଲରେ ଥିଲାବେଳେ ଲୁଗା କାଚନ୍ତି ତୁଠକୁ ନେଇ । ମୁଁ ସ୍କୁଲରୁ ଫେରି ଇସ୍ତ୍ରି କରେ, ସାର୍‌ମାନଙ୍କ ଘରେ ଦେଇ ଆସେ, ପୁଣି ମଇଳା ନେଇ ଆସେ ।"

"ଆଜି କଣ ସ୍କୁଲ ନାହିଁ ?"

"ଆଜି ଶନିବାର ସକାଳୁଆ ସ୍କୁଲ ।" ମୋ ହାତର ଥଳିକୁ ଅନାଇ ଦେଇ ପୁଣି କହିଲା; "ଏସବୁ ଲୁଗା ଇସ୍ତ୍ରି ହବ ? ମୋତେ ଦିଅନ୍ତୁ ସାର୍, ମୁଁ ଚାରିଟା ବେଳକୁ ଆପଣଙ୍କ ଘରେ ପହଞ୍ଚାଇ ଦେବି । ଆପଣ ଏ ମୁଣ୍ଡଫଟା ଖରାରେ ...."

Digitized by srujanika@gmail.com

କହିବା ବାହୁଲ୍ୟ, ସେ ଥଳି ମୋ ହାତରୁ ନେଲା ଏବଂ ଯଥା ସମୟରେ ଇସ୍ତ୍ରି ଲୁଗାସବୁ ମୋ ଘରେ ପହଞ୍ଚାଇ ଦେଇ ନ୍ୟାଯ୍ୟ ପ୍ରାପ୍ୟ ନେଲା । 'ଆପଣଙ୍କ ଦୟା ଥାଉ' କହି ପୁଣି ନମସ୍କାର ହେଲା ଫେରିଲା ବେଳକୁ ।

ମୁଁ ଗୋଟାଏ ସକାଳରେ ତୃତୀୟ ବାର ପାଇଁ ଆଚମ୍ବିତ ହେଲି ଏବଂ ଭାବିବାକୁ ଲାଗିଲି 'କିମାଶ୍ଚର୍ଯ୍ୟମତଃପରମ୍ ?"

ଦିନଯାକ ଏଣେତେଣେ ଧନ୍ଦିହୋଇ କିଛି ପଢ଼ାପଢ଼ି କରି ପାରିଲିନି । ଶୋଇ ପଡ଼ିଲି । ଆଜିର ବକ୍ତବ୍ୟ "ଫର୍ମାଲ ଏଜୁକେଶନ ଓ ଧନ୍ଦାମୂଳକ ଶିକ୍ଷା ।" ଏ ବିଷୟ ସମ୍ବନ୍ଧରେ କିଏ ବା କ'ଣ ଜାଣେ, ମୁଁ କିଛି ନ ଜାଣିଲେ ବି କିଛି ଯାଏ ଆସେନି । ମନୋରଞ୍ଜନ କାର୍ଯ୍ୟକ୍ରମ ଅଛି । ଏଇପରି ନିଜକୁ ଆଶ୍ୱସ୍ତ କରି ପ୍ରସ୍ତୁତ ହୋଇ ବାହାରିପଡ଼ିଲି ମୁଖ୍ୟ ଅତିଥି କୁଞ୍ଜବାବୁଙ୍କ ବାସଭବନକୁ । ତାଙ୍କୁ ସେଠାରୁ ଉଠାଇ ରିକ୍ସାରେ ବିଲବଣ ପାର ହୋଇ ଅଧଘଣ୍ଟାରେ ସଭାସ୍ଥଳରେ ଯିମିତି ପହଞ୍ଚିବି ସାଢ଼େ ଛଅ ନ ହେଲେ ସାତବେଳକୁ । ଗୋଟିଏ ଚାଳଚାଞ୍ଚଡ଼ା ଘର ଆଗରେ ଠିଆ ହୋଇ ଖବର ନେଲି, ମୁଖ୍ୟଅତିଥିଙ୍କ ବିଷୟରେ । ତାଙ୍କ ସ୍ତ୍ରୀ କହିଲେ, 'ଦୋକାନକୁ ଯାଇଛନ୍ତି ।' "ଦୋକାନ ! କୁଞ୍ଜବାବୁଙ୍କ ଫେର୍ ଦୋକାନ !" ପୁଣି ଆଶ୍ଚର୍ଯ୍ୟ ହେଲି ! "ହଁ, ହଁ ସିନେମା ବଜାରର ବଡ଼ ହୋଟେଲର ତଳ କାନ୍ଥ କଣର ଗୁମୁଟିଟା ।"

କୁଞ୍ଜବାବୁଙ୍କୁ ଜାଣେ ସେ ଜଣେ ସୁପ୍ରତିଷ୍ଠିତ ଆଧୁନିକ କବି, ତାଙ୍କର ପାଞ୍ଚ ଛଅ ଖଣ୍ଡ କବିତା ସଂକଳନ ବାହାରି ସାରିଲାଣି । ଏବେ ଯେଉଁଟା ବାହାରିଛି ତାକୁ ପଢ଼ିଛି, ଆନନ୍ଦ ଓ ଆଗ୍ରହରେ । କାରଣ, କବିତାଗୁଡ଼ିକ ଆଉ କିଛି ନ ହେଲେ ବି ବୋଧ, ରୁଚିପୂର୍ଣ୍ଣ ଓ ନିଷ୍ଠାର ପରିଚୟ ବହନ କରେ । ଅଯଥା ଯନ୍ତ୍ରଣା, କ୍ରନ୍ଦନ, ମୃତ୍ୟୁଚେତନା ନାହିଁ, ବଞ୍ଚିବାର ଆଗ୍ରହ ଓ ଆନନ୍ଦ କବିତାରେ ଅଛି; ଆଶା ଉତ୍ସାହ ଉଦ୍ଦୀପନା ଅଛି, କିନ୍ତୁ କବିଙ୍କ ବ୍ୟକ୍ତିଗତ ଜୀବନ ସହିତ ମୋର ସେତେ ସମ୍ପର୍କ ନାହିଁ କାରଣ ସେ ଏବେ ଏବେ ଏ ସହରକୁ ଆସିଛନ୍ତି ।

ମୋତେ ଦେଖି ସେ ସହଳ ସହଳ ଦୋକାନ ବନ୍ଦକରିବା ଆରମ୍ଭ କରିଦେଲେ । ଏଇ ଅବସରରେ ମୁଁ ଦେଖିନେଲି ଯେ ସେଇଟି ଗୋଟିଏ ପାନ ଦୋକାନ । କେତେଗୁଡ଼ିଏ ଡ୍ରିଙ୍କ୍ସ ବୋତଲ, କିଛି ବହି ଓ ଅନେକ ପତ୍ରପତ୍ରିକା ମଧ୍ୟ ଅଛି । ପାଆଁଶ ହଜାରେ ଟଙ୍କା ଦାମ୍ ଅତି ବେଶି ହେଲେ ହେବ ଦୋକାନଟାର ।

ଦୁହେଁ ଧାନକିଆରି ଭିତର ଗୋଡ଼ି ସଡ଼କ ଦେଇ ଯାଉ ଯାଉ (ଦୁଇ ସାହିତ୍ୟିକଙ୍କ ମଧ୍ୟରେ ଆତ୍ମୀୟତା ଘନିଷ୍ଠତା ଜମିବା ପାଇଁ ଦରମା ବୟସ,ଜାତିର ଅପେକ୍ଷା ନଥାଏ) ସେ ନିଃସଙ୍କୋଚରେ ତାଙ୍କ ବାଇଓଡ଼ାଟା କହିଗଲେ । ବୟସ ତିରିଶି, ପିତୃମାତୃହୀନ, ଜମିଜାଇଗା ନାହିଁ, ସହର ତଳିର କୁଡ଼ିଆ ବ୍ୟତୀତ ତାଙ୍କର ସମ୍ପଦ ନାହିଁ । ସ୍ତ୍ରୀ ଗୃହ କର୍ମ ନିପୁଣା, ତିନୋଟି ସନ୍ତାନର ମାତା । ନିଜେ ସେ କୋଅପରେଟିଭ୍ କ୍ଲର୍କ । ଗୁଜରାଣ

Digitized by srujanika@gmail.com

ମେଣ୍ଟାଇବା ପାଇଁ ଦୋକାନ ଖଣ୍ଡିକ । ସକାଳେ ଦୁଇଘଣ୍ଟା ଓ ସଞ୍ଜରେ ଚାରି ଘଣ୍ଟା ସେଠି ବସନ୍ତି । ତାଛଡ଼ା କବିତା ଲେଖିବାର ତାଙ୍କର ସ୍ପୃହା ଅଛି । ସେ ମୋଟେ ନିଜକୁ ହୀନ ଭାବନ୍ତି ନାହିଁ । ଶେଷରେ କହିଲେ ଆଧୁନିକ କବିତା ପାଇଁ ଦୋକାନ ହିଁ ଉପଯୁକ୍ତ ସ୍ଥାନ; ସିନେମା ଛକ ଦେଇ ଆଧୁନିକ ଦୁନିଆଁ ଯା ଆସ କରେ, ଯେତେବେଳେ ଗରାଖ ନଥିବେ ସେମାନଙ୍କୁ ଦେଖିଦେଲେ ଇନସ୍‌ପେରେସନ ଆସିଯିବ ଏବଂ ସ୍ୱନ୍‌ଟେନିୟସ୍ ପଂକ୍ତି ବାହାରି ପଡ଼ିବ, ବ୍ୟଙ୍ଗ ଶ୍ଳେଷ ଜରିଆରେ ସଫେଦ ତାତି ଉପରେ ଅନୁରୂପ ଉତ୍ତାପ ରହିବ କବିତାର ପଂକ୍ତିମାନଙ୍କରେ ।

ଏଥର ଆଶ୍ଚର୍ଯ୍ୟ ନୁହେଁ ପ୍ରାୟ ଅଭିଭୂତ ହେଲି ତାଙ୍କ କଥା ଶୁଣି । "ଆପଣ ବୟସରେ କମ୍ ହେଲେ ବି ଆପଣ ମୋର ଗୁରୁ, ଗୁରୁଣାଂ ଗୁରୁ" କହି ମୁଁ ତାଙ୍କୁ ନମସ୍କାର କଲି ଭାଗବତକାରଙ୍କ 'ଏଣୁ କପୋତ ଗୁରୁ ମୋର' ମନେ ପକାଇ । ବକ୍ତବ୍ୟରେ ଦିନଯାକର ଯେଉଁ ଚାରୋଟି ଅଭିଜ୍ଞତା ତାକୁଇ ନ ଫେଣାଇ ସିଧାସିଧି ଲଙ୍ଗଳା ଭାଷାରେ କହିଗଲି; ଅନେକ କରତାଳି ପାଇଲି କିନ୍ତୁ ଫର୍ମାଲ ବା ଧନ୍ଦାମୂଳକ ଶିକ୍ଷା ନିର୍ଦ୍ଦେଶକ କିନ୍ତୁ ତାଙ୍କର ସଭାପତିଙ୍କ ଭାଷଣ ପ୍ରସଙ୍ଗରେ କହିଲେ, "ବକ୍ତୃତାଟି ଶ୍ରୁତିପ୍ରିୟ ହେଲା ମାତ୍ର କିଛି ବୁଝାଗଲା ନାହିଁ, ଡ଼କ୍ଟର ବେଦବ୍ୟାସ ଆସିଥିଲେ ବିଷୟଟିକୁ ଅଭିନୟ ଜରିଆରେ ବେଶ୍ ବୋଧଗମ୍ୟ କରାଇ ପାରିଥାନ୍ତେ ।"

# ମକର - ଘୁଷୁରି ସାହିର

"ଶଳା, ତୋର ବାପାକୁ କେବେ ଏମିତି ପଛଆଡୁ ଡ଼ାକି ପଚାରିଥିଲୁ କିବେ ? ରହ ଶଳା ଯଦି ମୋର କୁକୁଡ଼ା ଆଜି ହାରିଛି ନା, ତୋର ବେକଟାକୁ ଏଇଠି ଠାକୁରାଣୀଶାଳରେ ଜଭେ କରିଦେବି", ଏଇତ ଘୁଷୁରି ସାହିର ଭାଷା ।

ଲୋକଟା ଖୁବ୍ ଚିଡ଼ିଗଲା । ମୋଟା ମସିଆ ହାତବୁଣା ଚାଦର ଭିତରେ ଗଞ୍ଜାଟାକୁ ପୂରାଇ ସେ ଭୋର ଭୋର ଯିମିତି କେହି ନ ଦେଖନ୍ତି ଠିକଠିକଣା କରି ଯାଉଥିଲା କୁକୁଡ଼ା ପାଳାକୁ, ପୁତପବିତ୍ର ହୋଇ ଥଣ୍ଡା କାକର ଭେଦକରି ଅନ୍ଧବିଶ୍ୱାସ ଓ ଧର୍ମଭାବ ସବୁ କୁକୁଡ଼ାଟି ଭିତରେ ଜାବୁଡ଼ି ଧରି । ଆଠ ନଅ ବର୍ଷର ପିଲାଟା ମକର ହାଓ୍ୱାରେ ଭୋଳ ହୋଇ ଥଟ୍‌ଟା ତାମସାରେ ପଚାରିଦେଲା "ଏ ! କୁଆଡ଼େ ଯାଉଛୁ ?"

କାଲି ମକର । ଏଇ ପର୍ବଟା ପାଇଁ ଘୁଷୁରିଆ ସାହିର ଲୋକଗୁଡ଼ାକ ସାରା ବର୍ଷଟା ବଞ୍ଚିଥାନ୍ତି । ମକର ଆସୁଛି, ଆସିବ, ଆସିଗଲାରେ ସେମାନଙ୍କ ଚେତା ଚୈତନ୍ୟ

Digitized by srujanika@gmail.com

ହଜିଯାଏ । ଏଇ ମକର ଦିନଟି ପାଇଁ ଘୁଷୁରି, ଏଇ ମକର ଦିନଟି ପାଇଁ ଗଞ୍ଜାଗୁଡ଼ାକ । ଗଞ୍ଜାଗୁଡ଼ାକର ଗୋଡ଼ ଖାଇଲେ ହୁଏ, ତୁହାକୁ ତୁହା କେକରେକେ ଡ଼ାକଛାଡ଼ନ୍ତି । ମକର ଆସିଗଲା, ଆସ ମୃତ୍ୟୁ ଆସ । ଘୁଷୁରିଗୁଡ଼ାକ ବି ଏଣେ ତେଣେ ବାୟାହୋଇ ଗୋଜିଆ ଥଣ୍ଟକୁ ପାଣିକାଦୁଅରେ ଭର୍ତ୍ତି କରନ୍ତି । କୁକୁଡ଼ା ଯିମିତି କୁହେ ମୋ ଗୋଡ଼ରେ କାତି ବାନ୍ଧ, ମୁଁ ଲଢ଼ିବି, ମରିବି, ମକର ଆସିଗଲା । ଘୁଷୁରି ଗୁଡ଼ାକ ସିମିତି ଚାହାନ୍ତି ଆମ ଗୋଡ଼ହାତ ବାନ୍ଧ ଅଗଣାରେ ଫୋପାଡ଼ି ଦିଅ, ସମସ୍ତେ ଆସି ଆମକୁ ଗୋଟା ସଜନା ବା ପାଳଧୂଆ ଡ଼ାଙ୍ଗରେ ଦିନରାତି ବାଡ଼ାଅ; ଆମେ ଫୁଲିବୁ ଆମ ମାଂସ ନରମ ହେବ, ମିଠା ହବ । ମକର ଆସିଗଲା ପରା; ଆମେ ମରିବୁଁ । ଘୁଷୁରି ଜୀବନ ଗଞ୍ଜାଜୀବନ ଧରି କି ଲାଭ ?

ଘୁଷୁରି ସାହିର ମଣିଷ, କି ପୁରୁଷ କି ସ୍ତ୍ରୀ ଉଭୟଙ୍କ ଜୀବନଦର୍ଶନ ଓ ଜୀବନ ପ୍ରଣାଳୀ ଏକା ପ୍ରକାରର । ମକର ଆସିଗଲା । ବାୟା ହୁଅ, ପାଗଳା ହୁଅ, ନାଚ, ଗାଅ, ମଦପିଅ । ମୁକୁଳାଇ ଅଣା କେଉଁଠି ବନ୍ଧାପଡ଼ିଛି ଧୁମୁଷା, ମାଦଳ; ପିଟ ଦିନ ରାତି । ବେଲାବାସନ ବିକନି, କେଲ ଗହଣାଗାଣ୍ଠି ବିକ, ରେଶମୀ କାଚ କିଣ; ସୋନାଲି କାନଫୁଲ କିଣ, ମୁଣ୍ଡର ଝୁମ୍ପା କିଣ, ପାଉଡ଼ର ମାଖି କଳାମୁହଁ ଧଳା କର । ମରଦ ଟିଗିଲା କରମାନାଚରେ ମାତ, ଦିନେ ଦୁଇଦିନ । ଦରକାର ହେଲେ ଦିହ ବିକ । 'ମକର ଗଲେ ଠକର ।' ମକରପରେ ଆଉ ଜୀବନ ନାହିଁ ? ଏ ଜୀବନରେ କି କାର୍ଯ୍ୟ ଯାହାର ଧ୍ୱଂସ ଅନିବାର୍ଯ୍ୟ !

ମକରରେ ସବୁ 'ମ'କାର । ପୁରୁଷଙ୍କ ଲୋଡ଼ା ମଦ ମାଂସ ମାଇକିନିଆ ସ୍ତ୍ରୀଙ୍କ ଲୋଡ଼ା ମଦ ମରଦ ମନୋହାରୀ ଚିଜ, ବଶେଷତଃ ରଙ୍ଗୀନ ଶାଢ଼ୀ । ମାଂସ ସବୁ ଆଡ଼କୁ ପାଏ, ତେଣୁ ମକର ଆଗଦିନ 'ବାଇଣ୍ଡି' ଦିନ ଚାରିଆଡ଼େ ମାଂସ ମାଂସ ମାଂସ ଡ଼ାକ । ଖାସି ମାଂସ, ବୋଦା ମାଂସ, ଛେଳି ମାଂସ, ଘୁଷୁରି ମାଂସ, କୁକୁଡ଼ା ମାଂସ, ହଂସ ମାଂସ, ମୂଷା ମାଂସ, ନହେଲେ ମାଛ, ଗେଣ୍ଡା, କଙ୍କଡ଼ା, ଦାଦୁଡ଼ି, ବଗ, ପେଟା ମାଂସ । ମଣିଷ ମାଂସକୁ କେତେବେଳେ .... !

ଘୁଷୁରି ସାହିର ଅବସ୍ଥିତି ସହର ତଳିରେ ସହର ମଫସଲର ସଙ୍ଗମ ସ୍ଥଳୀରେ । କଚେରିଆ, କଲେଜପିଲା, ହାଟୁଆ, ବାଟୁଆ, ରେଳଯାତ୍ରୀ ସମସ୍ତେ ଏଇ ଛକ ଦେଇ ଯା ଆସ କରନ୍ତି । ମଣିଷ ଅପେକ୍ଷା ଘୁଷୁରିର ପ୍ରାଧାନ୍ୟ ବେଶୀ ବୋଲି ଲୋକେ ମଣିଷ ସାହି ନକହି ଘୁଷୁରିଆ ସାହି କହନ୍ତି । ମଣିଷ ଘୁଷୁରି ଉଭୟେ କଳା, ଉଭୟେ ଏକାପରି ଖାଆନ୍ତି, ଗଡ଼ନ୍ତି, ହଗନ୍ତି । ଘୁଷୁରି ଓ ମଣିଷର ସମ୍ପର୍କ ବଡ଼ ବିଚିତ୍ର । ମଣିଷ ହଗେ, ଘୁଷୁରି ଖାଏ; ମଣିଷ ପୁଣି ସେଇ ଘୁଷୁରିକି ଖାଏ, ନିଜ ଗୁହ ତାକୁ କେତେ ମିଠା ଲାଗେ । ଘୁଷୁରି ଶରଧାରେ ତାର ଛୁଆକୁ ପ୍ରଚୁର ଦୁଧ ପିଆଏ, ଘୁଷୁରି ଛୁଆ ମାଆ ଦୁଧରେ ବଡ଼ହୋଇ ମାଆକୁ ପୁଣି ଦୁଗଧ ଦାନ କ୍ଷମ କରେ । ଏଇ ଦେଖନ୍ତୁ ଗୋଟାଏ ଘୁଷୁରି ଆଠୁଟା ଲାଲି ଲାଲି ଛୁଆଙ୍କୁ ଛାତି ମେଲାଇ ଆଖି ବୁଜି ଖରାରେ ଦୁଧ ପିଆଉଛି ନିଃଶେଷ

Digitized by srujanika@gmail.com

ହେଲା ପର୍ଯ୍ୟନ୍ତ । ତା ମୁହଁରୁ ପରିତୃପ୍ତିର ହସ । କୁକୁଡ଼ାଟା ଅଠରଟା କଳା କଳା ଛୁଆ ଧରି ବୁଲାଉଛି, ଗର୍ବରେ ଫୁଲିଫୁଲି । ସ୍ତ୍ରୀଲୋକ ଗୁଡ଼ାକ ଏକାଠି ଖରାପିଠିଆ ବସି ଗଣ୍ଡା ଗଣ୍ଡା ଛୁଆଙ୍କୁ ଛାତି ଖୋଲି ବଡ଼ ବଡ଼ ଫିଡ଼ିଂ ବୋତଲରୁ ଦୁଧ ପିଆଉଛନ୍ତି । କିଏ ମାଆ, କିଏ କାହାର ଛୁଆ, କିଏ କୁକୁଡ଼ା, କିଏ ଘୁଷୁରି, କିଏ କୁକୁର, ବାଛି ହବନି । ଚାରିପଟେ ମଣିଷଗୁହ ଏବଂ ତାର ଅପଭ୍ରଂଶ ଘୁଷୁରିଗୁହ । ମସ୍ତିଷ୍କ ଜ୍ୱର, ମଶାପଲ, ଛାରପୋକ, ମେଞ୍ଚା ମେଞ୍ଚା ଉକୁଣି । କି ଅଜବ ଦୁନିଆଁ! ଯିଏ ଭାଇ ସିଏ ବାପ, ଯିଏ ମାଆ ସିଏ ଭଉଣୀ ଏଠି !

ଦିନେବେଳେ ଘୁଷୁରିଆ ସାହି ଲଙ୍ଗଳା ଫୁଙ୍ଗୁଳା । ଶୁନ୍‌ଶାନ, ଠକରା, ଯିମିତି ଗୋଟାଏ ବଡ଼ ସହରର ଦିନବେଳର ଲେନ୍ ଯେଉଁଠି ହାତ କଟାଯାଏ । ଯେଉଁମାନେ ପୂର୍ଣ୍ଣ କ୍ରାନ୍ତିର ସ୍ୱପ୍ନ ଦେଖନ୍ତି, ସେମାନଙ୍କୁ ସିନା ସେମିତି ଦିଶେ, କିନ୍ତୁ ଯେଉଁମାନେ ମକର ସଂକ୍ରାନ୍ତିର ଭୋଗ କରିବାକୁ ଚାହାନ୍ତି, ତାଙ୍କୁ ଅନ୍ୟ ରୂପ ଦିଶେ । ବିଶେଷତଃ ରାତିରେ ।

ସଞ୍ଜ ହେଲାମାତ୍ରେ ଦପ୍ କରି ବାର୍‌ଲାଇଟ୍ ଗୁଡ଼ାକ ଜଳି ଉଠିଲେ ଘୁଷୁରି ସାହି ଝଲି ଉଠେ । ଚନ୍ଦ୍ର ଆଲୁଅ ଚରାଚରକୁ ଶୁଭ୍ର ସୁନ୍ଦର କରେ, ମାତ୍ର ବାରଲାଇଟ୍ ଘୁଷୁରିଆ ସାହିତକୁ ସୋନାମାଛି, ଚୌରଙ୍ଗୀ, କନଟପ୍ଲେସ୍ ବା ହଂକରେ ପରିଣତ କରିଦିଏ । ଘୁଷୁରି ଗୁଡ଼ାକ ପରୀ ହୋଇଯାଆନ୍ତି, ପ୍ରଜାପତି ପରି ଉଡ଼ିପାରନ୍ତି । ଆହୁରି ବିଚିତ୍ର ଯେ ସେମାନଙ୍କୁ ଧରିବା ପାଇଁ ସହରର ମଣିଷ ଗୁଡ଼ାକ ଘୁଷୁରି ବେଶ୍ ନେଇ ସାହିଟାରେ ଭୋକିଲା କୋକୀ ପରି ମାଂସ ଖୋଜି ବୁଲନ୍ତି । ଆଲୁଅ ଜଳିଲେ ପୋକ, ପୋକ ଆସିଲେ ବେଙ୍ଗ, ବେଙ୍ଗ ଆସିଲେ ସାପ । କେତେବେଳେ ବା ଭୟଙ୍କର ବିଷାକ୍ତ ସାପ ।

ଭିଖାକୁ ଏ ପ୍ରାକୃତିକ ନିୟମ ଜଣା । ସେ ଆରମ୍ଭ କରିଥିଲା ଜୀବନ ସିନେମା ଟିକେଟ୍‌ର କଳାବଜାରରେ; ଦିଥର ଥରେ ମାଡ଼ ଖାଇ ସେ ରାଜନୀତିରେ ଯୋଗ ଦେଲା । ଟାଉଟଗିରିରେ ବି ଫେଲ ମାରିଲା । ତାପରେ ସ୍ୱଭାବ ସହଜାତ ବୁଦ୍ଧି ବଳରେ ସେ ଛକ ଜାଗାଟି ପାଇ ଉଠା ଦୋକାନଟିଏ ପକାଇଲା, ପୋକ, ବେଙ୍ଗ, ସାପ, ମାଛ ସମସ୍ତଙ୍କୁ ଏକା ଜାଲରେ ଧରିବା ପାଇଁ । ଶୁଣାଯାଏ ସେ ଥରେ ଗୋଟାଏ ଅହିରାଜ ବି ଧରିଥିଲା ଏ ବୁଦ୍ଧିରେ ।

ଯେତେ ପ୍ରକାର ଥୋପ ଦରକାର ସବୁ ଭିଖା ବନଶୀରେ ଗୁନ୍ଥେ । ଦୋକାନରେ ଚାଉଳ, କାଠ, ଆଳୁ, ପିଆଜ, ପନିପରିବା ଠାରୁ ଆରମ୍ଭ କରି ମହମବତୀ ଓ ନିରୋଧ ପର୍ଯ୍ୟନ୍ତ ରଖେ । ସାମନା ଖୁଣ୍ଟରେ ବାରଲାଇଟ୍ ଥିଲେ ବି ପେଟ୍ରୋମେକ୍ସ ଆଲୁଅଟିଏ ଥୁଆ ହୋଇଥାଏ । ପ୍ରଥମେ ପୋକ, ତାପରେ ଅନ୍ୟମାନେ । ଠିକ୍ ଦୋକାନ ଆଗରେ ତାରି ଜଣେ ଏଜେଣ୍ଟ ଅଣ୍ଡା ଓ ଚାଟ୍ ଦୋକାନ କରିଛି । ଭିଖା ପାନ ଖାଉଥାଏ; କିନ୍ତୁ ଆଖି ତାର ଚାରିଆଡ଼େ ଘୁରୁଥାଏ କୁରାଳଚକ୍ର ପରି । ଚା ଗ୍ଲାସ୍ ଖଟ୍ ଖଟ୍ କଲାବେଳେ ଆଖି ତାର ଚକ୍ ମକ୍ ହେଉଥାଏ ଯିମିତି କାହାକୁ ସେ ଅପେକ୍ଷା କରୁଥାଏ ପ୍ରତି ମୁହୂର୍ତ୍ତରେ;

Digitized by srujanika@gmail.com

କାରଣ ବହୁତ ଅପ୍ରତ୍ୟାଶିତ ବ୍ୟକ୍ତି ତା ଦୋକାନକୁ ଆସନ୍ତି, ଅପ୍ରତ୍ୟାଶିତ ମୁହୂର୍ତ୍ତରେ ଏବଂ ଅପ୍ରତ୍ୟାଶିତ ଘଟଣା ବି ଅନେକ ଘଟେ ।

ଦୋକାନର ସାମନା ଜଣରେ ଖଣ୍ଡିଏ ଆସନ ପଡ଼ିଥାଏ । ଦିନାବେଳେ ସେଠି ଭି.ଆଇ.ପି. ଗରାଖ ବସି ଗପସପ କରନ୍ତି; କିନ୍ତୁ ସଞ୍ଜ ହେଲେ ସେ ସ୍ଥାନଟି ରିଜର୍ଭ ହୁଏ ଝିଅଙ୍କ ପାଇଁ । ପୂର୍ବକାଳରେ ଇଂଲଣ୍ଡ ପରି ଦେଶରେ ଚର୍ଚ୍ଚମାନଙ୍କୁ ଫାଷ୍ଟ ଫ୍ରଟ୍ ଇଲାକାର ଭକ୍ତମାନେ ଅର୍ପଣ କଲାପରି ଘୁଷୁରିଆ ସାହିର ସପୁରି, ବେଲ୍, ଲାଉ, ପଣସକସି ଭିଖା ଦୋକାନକୁ ପ୍ରଥମ ଆସେ । ହଂସଟିଏ, କୁକୁଡ଼ାଟିଏ, ଡ଼ିମ୍ବକେତୁଟା, ଶିମ୍ବଜାଲିଏ ସାଇବାଲାଏ କାମକୁ ଯିବା ଆଗରୁ ଏଇଠି ରଖିଦିଅନ୍ତି ବିକ୍ରିପାଇଁ, ଦୋକାନୀ ଗରାଖ ଯୋଗାଡ଼ କରେ, ଭଲ ଦାମରେ ବିକେ, କମିଶନ ନିଏ ସବୁଥିରୁ ।

ଦୋକାନ ପଛରେ ଝାଟିମାଟିର ଗୋଟିଏ ଛୋଟ କୋଠରୀ । ଦୋକାନରେ ପ୍ରବେଶଦ୍ୱାର ଦେଇ ଖାଉ଼ି ଭିତରକୁ ମାଛ ପଶନ୍ତି । ଥରେ ଥରେ ପୋଲିସ୍ ଯା ଭିତରକୁ ପଶିଯାଇ ବାହାରି ଆସେ । ବାହାର ଲୋକ ଖାଲି ଢ଼କ ଢ଼କ ଶବ୍ଦ ଶୁଣନ୍ତି, ବାସନା ପାଆନ୍ତି । ଏଠି କମେଡ଼ି ଟ୍ରେଜେଡ଼ି କ'ଣ ଅଭିନୟ ହୁଏ ତାହା କଳନା କରିହେବନି ।

ଯେତେବେଳେ ଦିନଯାକ କାମଦାମ କରି ଘୁଷୁରି ଗୁଡ଼ାକ ରାତିରେ ସାଇରେ ଶୋଇଯାନ୍ତି, ସେତିକିବେଳେ ଦିଗୋଡ଼ିଆ ଘୁଷୁରିଙ୍କ ପାଳି ପଡ଼େ । ପଦାରେ ମେଞ୍ଚା ମେଞ୍ଚା ପାଉଡ଼ରରେ କଳାମୁହଁକୁ ଧଳା କରି ନାକକାନରେ ମୁଦିଗୁଣା ଲଗାଇ ଅଙ୍କଦାମିଆ ଛିଟରେ ଦିହ ଘୋଡ଼ାଇ କଳରେ ପାନ ଜାକି ବସନ୍ତି ଘୁଷୁରି ଛୁଆ ମାଆ ଭିଖା ଅଦ୍ଦରର ସାଇଡ୍ ସିଟ୍‌ରେ । କେତେବେଳେ ଭିଖା ସାଙ୍ଗରେ କିଏ କଣ କଥାବାର୍ତ୍ତା ହୁଏ ଜାଣିହୁଏ ନାହିଁ । ରାତି କ୍ରମେ ବେଶି ହୁଏ, ସିନେମା ଫେରନ୍ତି ଲୋକ ଦୋକାନ ଦେଇ ଚାଲିଯାଆନ୍ତି । ଝିଅଟି ! ଅଦୃଶ୍ୟ ହୁଏ, ପୁଣି ଆସେ ସସ୍ଥାନ ଦଖଲ କରେ, ନହେଲେ, ଆଉ ଜଣେ ତା ସ୍ଥାନ ଦଖଲ କରେ । ଦୋକାନ କେତେବେଳେ ବନ୍ଦ ହୁଏ କିଏ ଜାଣେ ।

ରାତି ପାହିଲେ ମକର । ଭୋରରୁ ପୁଣି ଉଠିବାକୁ ହବ । ଭିଖାର ଆଜି ସାରା ରାତି ମହୋତ୍ସବ, ଜାଗର ଜାଳି ବସିବାକୁ ପ୍ରସ୍ତୁତ । ମକରର ଗରଜ ଗୁଜୁରାଣ ମେଣ୍ଟାଇବାକୁ ସମସ୍ତେ ଆଗ୍ରହୀ । କାହାର କେତେକଣ ଅଭାବ କିଏ କହିବ ? ମକର ଥରେ ଗଲେ ଫେରେ ଯାଇ ବରଷେ । ଆଜି ଓ କାଲିର ଭିଡ଼କୁ ସମ୍ଭାଳିବା ହେଲାଣି ଭିଖାର ଚିନ୍ତା, କାହାକୁ ହଁ କାହାକୁ ନା କହିବ ? ସବୁ ଗରାଖକୁ ମନ ଲଗାଇ ରଖିଲେ ଯାଇ ସିନା ଦୋକାନ ଚଳିବ । ପୁଣି ଆସନ୍ତା ବର୍ଷକୁ ଏକ ସେବାଶ୍ରମ ଖୋଲି ତାର ବାଲ୍ୟ ସାଙ୍ଗ ସାଂସ୍କୃତିକ ଓ ସ୍ୱାସ୍ଥ୍ୟମନ୍ତ୍ରୀକୁ ଉଦ୍‌ଘାଟନ ପାଇଁ ନିମନ୍ତ୍ରଣର କଳ୍ପନା ସେ ରଖିଛି ।

ଘୁଷୁରିଆ ସାହି ଆନନ୍ଦ ମଉଛବରେ ଉବୁଟୁବୁ । ଆଜି ବାଉଣ୍ଡି, ରାତି ପାହିଲେ ମକର । ମକର 'କୁମା' ଜଳିବ ପୋଖରୀରେ, ସମସ୍ତେ ମକର ବୁଡ଼ ମାରିବେ, ନୂଆ ଲୁଗା ପିନ୍ଧି ମକର ଚାଉଳ, ମକର ମଣ୍ଡା ଖାଇବେ, ଫଟକା ଫୁଟିବ ମାଙ୍କଡ଼ ନାଚ ଆସିବ, କାଠି ନାଚ, ଧାଙ୍ଗଡ଼ା ଧାଙ୍ଗଡ଼ ନାଚ କେତେ କ'ଣ । ସଞ୍ଜବେଳଟା ପ୍ରତି ଘରେ ଡ୍ରେସ୍

Digitized by srujanika@gmail.com

ରିହାରସେଲରେ କଟିଛି । କିଏ ଗେଞ୍ଜି ପିନ୍ଧି ଚିପା ନା ଢ଼ିଲା ଦେଖୁଛି । ଝିଅ ପୁଅ ଛୋଟ ଛୋଟ ହଳଦିଆ ନାଲିଧଡ଼ିର ଧୋତି, ଶାଢ଼ୀ ଅବ୍ବଦାମିଆ କନା ଫ୍ରକ୍ ପିନ୍ଧି ପରୀକ୍ଷା କରି ସାରି ଅଶାନ୍ତ ଆଗ୍ରହରେ ଶୋଇଛନ୍ତି ଭୋର ସକାଳର ଅପେକ୍ଷାରେ । ମଝିରେ ମଝିରେ କିଏ ଗୋଟାଏ ଧୂମୁଷାମାଦଳ ଥରେ ଅଧେ ପିଟିଦେଇ ସାହିଟାକୁ ମୁଖରିତ କରୁଛି ।

କ୍ରମେ କ୍ରମେ ରାତି ବଢ଼ି ଚାଲିଛି । ଭିଖା ଦୋକାନ ଆଗରେ ଭିଡ଼ କମିଯାଉଛି, ଖାଲି କେତେବେଳେ ଚୋରଙ୍କ ପରି ପୁଅଟାଏ ଯାଉଛି, ଆସୁଛି । କେତେବେଳେ ଦୁଇଟା ମାତାଲ ପ୍ରାୟ ଲଙ୍ଗଳା ହୋଇ ନାଚୁଛନ୍ତି ।

ଏତେ ବଡ଼ ସାହିଟାର ତିନ୍ତୁଳି ମୂଳର କେବଳ ଗୋଟିଏ ଛୋଟ କୁଡ଼ିଆରେ ଆନନ୍ଦ ନାହିଁ । ଶାମ ଫେରି ଆସିଛି କୁକୁଡ଼ା ପାଳାରୁ । ମନେ ମନେ ଭାବିଥିଲା 'ପାଟ୍ଟୁ'ଟାଏ ଆଣିବ; ଦୁଇଟାକୁ ବିକିଭାଙ୍ଗି ଦେଲେ ଝିଅକୁ ଯିମିତି ସିମିତି, ଖଣ୍ଡେ ଶାଢ଼ୀ ଦେଇ ତାର ଲଜ୍ଜା ନିବାରଣ କରିବ, ସେ ଝିଅ ମକର ମାନିବ; କିନ୍ତୁ ପଛରୁ ବଦମାସ୍ ପିଲାଟା ଡ଼ାକି ଦେଲା ।

ଝିଅ ବେଙ୍ଗ ସକସକ ହୋଇ କାନ୍ଦୁଛି ମୁହଁ ସଞ୍ଜରୁ ବାପା ଫେରିବା ବେଳୁଁ । ଚେମି, ସୁମି, ରୁପି, ଗୌରୀ ସମସ୍ତଙ୍କୁ ଲୁଗା । ତାର ନାହିଁ । ନୂଆ ଲୁଗା ନାହିଁ ତ କି ମକର !

ବେଙ୍ଗ ମାଆ ନାଚାର । ଏତେ ବଡ଼ ଝିଅଟାକୁ ଦବ ଦବ କହି ଛମାସ ହେଲା ଶାଢ଼ୀ ଖଣ୍ଡେ ଦେଇପାରିନି । ଦୁଇବର୍ଷ ଆଗରୁ ମହାପାତ୍ରବାବୁଙ୍କ ବାବୁଆଣୀ ତାଙ୍କ ନଅବର୍ଷର ଝିଅର ଯେଉଁ ପୁରୁଣା ଫ୍ରକ୍‌ଟା ଦେଇଥିଲା, ଚଉଦ ବର୍ଷର ଝିଅ ସେଇଟା ପିନ୍ଧି ଘୁଷୁରି ସାହିରେ ଲାଜ ସରମ ହଜାଇ ବୁଲିବ କିପରି ? ମାଆର ବା ରୋଜଗାର କେତେ ? ବାପା ତ ପ୍ରାୟ ଅଥର୍ବ, କୁକୁଡ଼ା ଲଢ଼େଇରେ ଜୀବନ କଟିଲା । ଘରେ ବେଲାବାସନ ଯାହା ଥିଲା, ତାକୁ ବିକି ଦୁଇ ସାନପୁଅଙ୍କ ପାଇଁ ପେଣ୍ଟସାର୍ଟ କରିଛି; କିନ୍ତୁ ବେଙ୍ଗର ମକର ନହେଲେ ବି ଶାଢ଼ୀ ନିହାତି ଦରକାର । ଛିଣ୍ଡା ଚାଦର ଛାତିରେ ପକାଇ କେତେଦିନ ସାଇରେ ବୁଲିବ ? ଘୁଷୁରି ସାହିରେ କେତେଶୀଘ୍ର ଝିଅଗୁଡ଼ା ଫୁଲି ଫୁଲି ବଢ଼ିଯାନ୍ତି । ବେଙ୍ଗ ମାଆ ନିଷ୍ପତ୍ତି ନେଇ ସାରିଥିଲା ଝିଅ ପାଇଁ ଶାଢ଼ୀ ଆଣିବାକୁ । ହେଲେ କଣ କରିବାକୁ ହେବ । ସଞ୍ଜବେଳେ ଭିଖା ଦୋକାନ ଆଡ଼କୁ ଯାଇ କଣ କଥାବାର୍ତ୍ତା କରିଥିଲା ତା ସାଙ୍ଗରେ । ଧାରଉଧାର ମଝିରେ ମଝିରେ ଆଣେ ତା ପାଖରୁ । ବେଙ୍ଗ ମାଆ ଆଗରୁ ବରାବର ବର୍ଷ ବର୍ଷ ଧରି ଭିଖା ଦୋକାନରେ ସଞ୍ଜବେଳଟା ବସୁଥିଲା । ସେଇଠି କେତୁଟା ଦିନ ବସିଥିଲେ ହୁଏତ ସାମାନ୍ୟ ଶାଢ଼ୀ ଖଣ୍ଡକ ଅକ୍ଳେଶରେ ମିଳିଯାଇଥାନ୍ତା; କିନ୍ତୁ ସେ ତା କରିପାରିଲା ନାହିଁ । ତାର ଦିହର ଅବସ୍ଥା ଆଦୌ ଭଲନାହିଁ । ଇନ୍‌ଜେକସନ ଚାଲିଛି, ତେଣୁ ସେ ଭିଖା ସାଙ୍ଗରେ ପରାମର୍ଶ କରି ଝିଅକୁ ବୁଝାଇବାରେ ଲାଗିଛି ।

ଦୁଇଘଣ୍ଟା ହେଲା ସେ ଝିଅକୁ କହୁଛି, ତୁ ଯାଆ ଭିଖା ଦୋକାନକୁ । ମୁଁ ତାକୁ କହିଛି, ସେ ତୋ ପାଇଁ ଶାଢ଼ୀ ଖଣ୍ଡେ ରଖିଛି, ଗଲାମାତ୍ରେ ତତେ ଦେଇ ଦବ । ବେଙ୍ଗ କିନ୍ତୁ

Digitized by srujanika@gmail.com

ସାପ ପାଖକୁ ଯିବନି । ଡ଼ାକୁଛି କାନ୍ଦୁଛି । ଶାଢ଼ୀ କଥା ବା ସାଙ୍ଗମାନଙ୍କ ଶାଢ଼ୀ ମନେପଡ଼ିଲେ ବା ଦେଖିଲେ ସେ ଝାସ ଦବ ଭାବୁଛି; କିନ୍ତୁ ସାହସ କୁଳାଉ ନାହିଁ । ତାକୁତ ଅଜଣା ନାହିଁ ଭିଖା ଦୋକାନର ମହିମା । ଘୁଷୁରିଆ ସାହିରେ ଯୌବନ ସହଳ ଆସେ ।

ଆତ୍ମହତ୍ୟା କରିବି । ନିଶ୍ଚୟ ଆତ୍ମହତ୍ୟା କରିବି କହି କହି କେତେ ବର୍ଷ କଟିଯାଏ । ଆତ୍ମହତ୍ୟା ହୋଇପାରେ ନାହିଁ, କିନ୍ତୁ ଗୋଟାଏ ମୁହୂର୍ତ୍ତରେ ଆତ୍ମହତ୍ୟା କରିହୁଏ ବେକରେ ଫାଶଟାକୁ ଲଗାଇଦେଇ ଆଖି କାନ ନିଃଶ୍ୱାସ ବନ୍ଦକରି ଡ଼ାଳରୁ ବା ବରଗାରୁ ଝୁଲି ପଡ଼ିଲେ । ଇନ୍‌ଜେକସନ୍ ନେଲେ ପ୍ରାଣ ଚାଲିଯିବ ବୋଲି ଭୟ ହେଉଥାଏ; ମାତ୍ର ଡ଼ାକ୍ତର ଆଡ଼କୁ ନଚାହିଁ ଗୋଟାଏ ମୁହୂର୍ତ୍ତ ଛାତି କିଳି ଦେଲେ ସବୁ ଆଶଙ୍କାଭୟ ନିରର୍ଥକ ଅହେତୁକ ବୋଲି ଜଣାଯାଏ । ଘଟଣା ପରେ କହିବାକୁ ଇଚ୍ଛା ହୁଏ ମୋତେ ମୋଟେ କଷ୍ଟହେଲାନି । ସିମିତି ହୁତ୍ ହୁତ୍ କରୁଥିବା ଚିତାରେ ସତୀ ହେବାପାଇଁ କେତୁଟା ମୁହୂର୍ତ୍ତର ସଂକଳ୍ପ ଲୋଡ଼ା ।

ବେଙ୍ଗର ସେ ମୁହୂର୍ତ୍ତ ଆସିଲା ଯେତେବେଳେ ତାରି ସାଙ୍ଗ ସେଇ ଚେମି ସୁମି ଆଦି ତାଙ୍କର ଶାଢ଼ୀ ବିଷୟରେ, ପାଟିକରି କଥାବାର୍ତ୍ତା କରି କରି ଚାଲି ଗଲେ, 'ବେଙ୍ଗଲୋ, କଣ କରୁଛୁ ?' କହିଦେଇ ।

ବେଙ୍ଗ ଆଉ ସହିପାରିଲା ନାହିଁ, ଛାତି କିଳି ଦେଲା, ବେକରେ ଫାଶ ଦବ ଇନ୍‌ଜେକସନ୍ ନବ, ସତୀ ହବ ଏବଂ ସାଙ୍ଗସାଥୀଙ୍କ ସହିତ ବଢ଼ିଆ କରି ମକର ମାନିବ ତା ଜୀବନର ପ୍ରଥମ ମକର ସଂକ୍ରାନ୍ତି ନିଷ୍ପତ୍ତି ନେଇ କହିଲା "ମାଆ, ତୁ ମୋତେ ଛାଡ଼ିଦେଇ ଆସିବୁ, ଅଧା ବାଟରେ, ମୋତେ ଡ଼ର ମାଡୁଛି ।" କିନ୍ତୁ ଯିମିତି ମାଆ ତା ନିଜ ଶାଢ଼ୀ ତାକୁ ପିନ୍ଧାଇ ଦେଇଛି ଓ ଚୁଳ କୁଣ୍ଡାଇ ଦେଇ କଳାଟିକାଟିଏ ଲଗାଇ ଦେଇଛି ବେଙ୍ଗ କହିଲା "ନା ମାଆ ତୁ ଯାଆ, ଆଉ ଆସିବା ଦରକାର ନାହିଁ । ମୋତେ ଡ଼ର ଆଦୌ ମାଡୁନି । ଡ଼ର ମାଡ଼ିଲେ ଭିଖାକୁ କହିବି ଅଧା ବାଟରେ ଛାଡ଼ି ଦେଇଯିବ ।"

ବେଙ୍ଗ ମାଆ କହିଲା "ତୋ ଆସିବାକୁ ମୁଁ ଚାହିଁଥିବି ।"

ସେ ଦିନ ରାତି, ମାଆ ଝିଅ ଦିହିଙ୍କୁ ନିଦ ନାହିଁ । ସତରେ ଭିଖାଟା କେଡ଼େ ଉପକାରୀ ମଣିଷ । ବିପଦ ଆପଦରେ, କେଡ଼େ ସାହାଯ୍ୟ ନକରେ । ଖାଲି କଣ ଶାଢ଼ୀ ? ଶାଢ଼ୀ ସାଙ୍ଗକୁ ବ୍ଲାଉସ୍, ସାୟା, ବଡ଼ିଶ୍, କାଚ, ମୁଦି, କାନଫୁଲ ଝିଅର ପୂରା ସାଜ ସରଞ୍ଜାମ ଦେଇଛି । ଏକାଥରକେ ବେଙ୍ଗ ଆଉ ବେଙ୍ଗ ନୁହେଁ ବେଙ୍ଗ ରାଣୀ ବନିଯାଇଛି ।

ଗାଧୋଇ ପାଧୋଇ ମକର ବୁଡ଼ି ମାରି ନୂଆଶାଢ଼ୀ ଗହଣାଗାଣ୍ଠି ଲଗାଇ ପାଉଡ଼ର ମୁହଁରେ ବୋଳି ଯେତେବେଳେ ତେନ୍ତୁଳି ମୂଳର ଠାକୁରାଣୀକି ଜୁହାର କରି ମାଆ ଆଗରେ ଠିଆ ହେଲା, ବେଙ୍ଗ ମାଆ ଦେଖିଲା ତା ଝିଅ କେତେ ଶୀଘ୍ର ଅବିକଳ ତାରି

Digitized by srujanika@gmail.com

ପରି ଦିଶୁଛି । ଆଖି ନଇଁ ଯାଇଛି, ମୁହଁ ଲାଲ ଦିଶୁଛି । ବେଙ୍ଗ ମାଆ ଆଗରେ ଛିଡ଼ାହୋଇ ଠିକ୍ କରି ପାରିଲାନି ତାକୁ କୁଣ୍ଢାଇବ ନା ଠୋ କରି ଚାପୁଡ଼ାଏ ପକାଇବ ।

ଯଥା ସମୟରେ କ୍ରାନ୍ତିକାରୀ ମକର ଆସିଲା, ଚାଲିଗଲା । ଛାଡ଼ି ଦେଇଗଲା ଘୁଷୁରିଆ ସାହିରେ ଗୋଟିଏ ଛୋଟ ତାରକା ଯାହା ପ୍ରତିଦିନ ସଞ୍ଜରେ ଉଦୟ ହୋଇ ପଥହରାଙ୍କୁ ମୁକ୍ତିପଥ ଦେଖାଇବ ଆଗାମୀ ମକର ମାନଙ୍କରେ, ଯିମିତି ଦିନେ ପୂର୍ବର ପଣ୍ଡିତମାନଙ୍କୁ ତରାଟିଏ ବେଥ୍‌ଲେମର କୁଡ଼ିଆକୁ ବାଟ ଦେଖାଇଥିଲା ।

# ଆକାଶୀ ଫୁଲ

"ରହ, ରହ !" କହି ଯିମିତି ମୁଁ ସାଇକେଲରୁ ହଠାତ୍ ଓହ୍ଲାଇ ପଡ଼ିଛି ସିମିତି ଶୁଭେନ୍ଦୁ ଜୋରରେ ବ୍ରେକ୍ ଦେଇ ଛିଡ଼ା ହୋଇଗଲା, ଗୋଟାଏ ଲମ୍ବା ଗୋଡ଼କୁ ପିଚୁ ରାସ୍ତାରେ, ଅନ୍ୟଟାକୁ ପୋଲ ଉପରେ ରଖି । କଟମଟ ମୋ ଆଡ଼କୁ ଚାହିଁ ବିରକ୍ତ ସ୍ୱରରେ ଚିତ୍କାର କଲା "କ'ଣ ମ ! ଏମିତି ପ୍ରତି ଦଶ ହାତରେ ଛିଡ଼ା ହୋଇଯାଉଛୁ, ପ୍ରତି ପନ୍ଦର କୋଡ଼ିଏ ହାତରେ 'ଦେଖ୍ ଦେଖ୍' 'ରହ ରହ' ହେଉଛୁ ! ଏଠି ଫେର୍ ଦେଖିବାର କ'ଣ ଅଛି ?"

"କ'ଣ ଦେଖିବାର ଅଛି ? ତୋତେ ଭଗବାନ ଆଖି ଦିଇଟା ଦେଇନାହାନ୍ତି କିରେ ? ଅନ୍ଧକୁ ଯାହା ଦିଶନ୍ତା, ତତେ କେମିତି ଦିଶୁନି !" କହି ମୋ ଆଖି ଦିଟାକୁ ସୂଚନାତ୍ମକ ଭଙ୍ଗୀରେ କଳା ପିଚୁ ରାସ୍ତାଟା ଉପରେ ଧୀରେ ଧୀରେ ବୁଲାଇ ଆଣିଲି ସିମିତି ମୋ ଆଖିର ଭଙ୍ଗୀ ଓ ଗତି ଅନୁସରଣ କରି ସେ ଦେଖିପାରିବ ମୁଁ ଯାହା ତାକୁ ଦେଖାଇବାକୁ ଚାହୁଁଛି ।

ପାଲିସ୍ କରା କଳା ଯୋତା ପରି ଚକ୍ ଚକ୍ ରାସ୍ତା ଉପରେ ଗୁଡ଼ାଏ ଫୁଲ ବିଛାଇ ହୋଇ ପଡ଼ିଛି; ଶିଶୁକାଠର ପଲଙ୍କ ଉପରେ ଶୁଭ୍ର ଆସ୍ତରଣ ପରି । ଶେଷ ଶରତର ସକାଳୁଆ ସୂର୍ଯ୍ୟ ଏଇ ଦଣ୍ଡେ ହେଲା ଉଠିଛି, କାକର ଟୋପା ଗୁଡ଼ାକ ଘାସ ଆଗରେ ନାକର ଗୁଣା ପରି ଝଟକୁଛି । ହେଲେ ଗଛତଳର ଏଇ ଫୁଲଗୁଡ଼ାକ ଉପରେ ପଡ଼ିନି । ତାଜା, ଅମଳିନ, ବୈପରିତ୍ୟରେ ଶୁଭ୍ରତର । ମହକରେ ଖଣ୍ଡେ ଇଲାକା ଭରପୂର, ନାକ ପ୍ରାୟ ବନ୍ଦ ହୋଇଯାଉଛି । ସାରାରାତି ବିଶେଷତଃ ସକାଳର ଘଣ୍ଟାଟିଏ ସେମାନେ ସ୍ୱର୍ଗରୁ ତଳକୁ ଆସୁଛନ୍ତି, ଭଗବାନଙ୍କ ଆର୍ଶୀବାଦ ପରି ତଳର ଘନ କାଳିମାମୟ ଦୁନିଆକୁ । ପ୍ରକୃତିରାଣୀ ସିମିତି ନିଜକୁ ନିଃଶେଷ କରିଦେଇ ଆଶ୍ୱସ୍ତି ଖୋଜୁଛି । ଲମ୍ବା

Digitized by srujanika@gmail.com

ଲମ୍ବା ଡେ଼ମ୍ଫ ଅଗରେ ସୁଦୂରର ଟିକି ତରା ପରି ପାଞ୍ଚପାଖୁଡ଼ିଆ ଫୁଲଟି ଲାଖି ରହିଛି, ସାନ୍ତାଳ ଯୁବତୀର ଟଭାଫଳ ପରି ଜୁଡ଼ାରେ ରୂପାକାଠିର ଗୁଣ୍ଡୁଝୁଣିଆ ଝୁମ୍ପା ପରି ।

"ଦେଖିଲୁ ? କଣ ଦେଖାଇବାକୁ ଚାହୁଁଥିଲି; ତୁଟା ଗୋଟେ..."

ଉତ୍ୟକ୍ତ ହେଇ ଶୁଭେନ୍ଦୁ କହିଲା, "ଏଠି କଣ ଦେଖିବାର ଅଛି ? ତୋର ଆଜି ପଢ଼ାପଢ଼ି, ବଜାର ସଉଦା, କାମଦାମ କିଛି ନାହିଁ କିରେ ? ତୋର ମଥା ବିଗିଡ଼ି ଗଲାଣି । କବିତା ଫବିତା ଲେଖିଲେ ପଢ଼ିଲେ ଏମିତି ପାଗଳାମି ବାହାରେ । ଯେଉଁଠି ସେଇଠି ଖାଲି 'ରହ ରହ' 'ଦେଖ୍, ଦେଖ୍ 'ଶୁଣ୍ ଶୁଣ୍' । ମୋର 'ମୁଡ୍' ଖରାପକୁ ତୋର 'ଜୋକ୍' ଚାଲିଛି ।"

ପ୍ରକୃତରେ ଶୁଭେନ୍ଦୁର 'ମୁଡ୍' ଭୀଷଣ ଖରାପ ଆଜି ସକାଳେ । ଭୋର୍ ସକାଳେ ଆସି ମୋ ଘରେ ସାଇକେଲରେ ହାଜର ରାତିଯାକ ଅନିଦ୍ରାର ଲକ୍ଷଣ ନେଇ । ଆଖିଗୁଡ଼ାକ ଫୁଲା ଫୁଲା, ଜ୍ୟୋତିହୀନ । ଚୂଳଗୁଡ଼ାକ ଅସଂଯତ । ଯିମିତି କିଏ ସେଗୁଡ଼ାକୁ ଜାବୁଡ଼ି ଧରି ସାନ ପିଲାକୁ ବାଡ଼େଇଲା ପରି ତାକୁ ନିସ୍ତୁକ ଟାଙ୍କେ ଛେଚିଛି ।

ମୁଁ ତାକୁ ଦେଖିଲା ମାତ୍ରେ ଜାଣିପାରିଲି ପୁଣି କ'ଣ ଗଡ଼ବିଗଡ଼ ହୋଇଯାଇଛି ଶୁଭ୍ରା ସାଙ୍ଗରେ; ଦାମ୍ପତ୍ୟ କଳହର ବହ୍ବାଡ଼ମ୍ବର ରୂପ ।

ଦି ଚାରିଦିନ ଆଗେ ତାଙ୍କ ଘରକୁ ଯାଇଥିଲି ସଙ୍ଖୋଳିବା ପାଇଁ ।

ଏବେ ଏବେ ଯାଜପୁରରୁ ବଦଳ ହୋଇ ଫକୀରମୋହନକୁ ଆସିଛନ୍ତି । ଦୁହିଁଙ୍କ ଚେହେରାରେ ଆଦୌ ପରିବର୍ତ୍ତନ ନାହିଁ । ବରଞ୍ଚ ଅଧିକ ସୁନ୍ଦର ଦିଶୁଛନ୍ତି । ଛୁଆ ପିଲା ହେଇନି, ହେବାର ଲକ୍ଷଣ ବି ନାହିଁ । ଦିଟା ପ୍ରାଣୀ, ଇଉ. ଜି. ସି. ସ୍କେଲ୍, ଦୁହିଁଙ୍କ ବାପାଙ୍କ ସମ୍ପତ୍ତି କଥା ଛାଡ଼ । ଏଠି ଭଲ ଘରଟିଏ ପାଇଛନ୍ତି । ସବୁ ତ ଠିକ୍ ଅଛି, ଏମିତି ଖିଟିରି ମିଚିରି ହେଉଛନ୍ତି କାହିଁକି ? ସେଦିନ ବେଶୀ ସମୟ ତାଙ୍କ ଘରେ ନ ରହି ଚାଲିଆସିଲି । ଜିନିଷପତ୍ର ଚାରିଆଡ଼େ ବୁଣି ହୋଇ ପଡ଼ିଥିଲା ।

ଏ ଦି'ଟାକୁ ଏକାଠି କରିବାରେ ମୋର କର୍ତ୍ତୃତ୍ୱ ଥିଲା, କର୍ତ୍ତୃତ୍ୱ କାହିଁକି, ସାର୍ଥତ୍ୟାଗ ମଧ । ମୁଁ ନିଜେ ଶୁଭ୍ରାକୁ ମୋର କରି ପାରିଥାନ୍ତି । ସେ ମୋତେ ନେବାରେ ଆପତ୍ତି ହୁଏତ କରିନଥାନ୍ତା । ଛଅ ବର୍ଷ ଧରି ଏକା ସାଙ୍ଗରେ ପଢ଼ିଛୁଁ ମୋର ତାର ବି.ଏ. ରେ ଏକା ଏକା ସବଜେକ୍ଟ । ଏମ୍.ଏ.ରେ ତାର ସଂସ୍କୃତ, ମୋର ଇଂରାଜୀ । ଆମେ ଦୁହେଁ ବ୍ରାଇଟ୍ ଷ୍ଟାର ସନେଟ୍, ଲାଷ୍ଟ ରାଇଡ଼୍, ଟୁଗେଦର, ଲୁଶି କବିତାଗୁଚ୍ଛ, ଯିମିତି ଉପଭୋଗ କରିଛୁଁ, ସିମିତି ଅଭିଜ୍ଞାନ ଶାକୁନ୍ତଳମ୍‌ର ବଛା ବଛା ଶ୍ଳୋକ, କୁମାର ସମ୍ଭବର 'ଚାଳଦାନା' ମେଘଦୂତର 'ସ୍ୱାତସାଦୁ' ପଂକ୍ତି ଏକତ୍ର ପଢ଼ିଛୁ । ସୁର୍ ଧରି ଗାଇଛୁଁ । କିନ୍ତୁ ଭଲପାଇବାକୁ ଆମେ ପ୍ରେମ ସ୍ତରକୁ ପାରିନାହୁଁ, ବର୍ଷ ବର୍ଷ ଧରି କଲେଜ ପଢ଼ିଆରେ ପାଝୁଟାରୁ ଛଅଟା ଏତକ୍ର ବସୁଥିଲେ ମଧ ଚନ୍ଦ୍ରିକା ବିଧୌତ ରଜନୀରେ । କିନ୍ତୁ ଆମର ଅସମାନତା ଅନେକ । ମୁଁ ଆଇନାରେ ନିଜ ମୁହଁ ଦେଖିଛି । ଚୂଳ ଠିଆ ଠିଆ, ଛୋଟ କପାଳ, ଆଖି

Digitized by srujanika@gmail.com

ଚିଲିରା, ଦାନ୍ତ ବାହାଡ଼ା, ଗାଲ ଠକରା । ଦିହର ରଙ୍ଗ କଳା । ଶୁଭ୍ରା ପରି ସୁନ୍ଦରୀ ସହିତ ଯୋଡ଼ି ହୋଇ ମୁଁ ଅଥେଲୋ ବା ଇଦି ଅମିନ୍ ପାର୍ଟ କରିବାକୁ ବାହାରିଲି ନାହିଁ । ନିଜକୁ ଫେରାଇ ଆଣିଲି ।

ମଝିରେ ମଝିରେ ମୁଁ ଶୁଭେନ୍ଦୁକୁ ନେଇ ଶୁଭ୍ରା ପାଖକୁ ଯାଏଁ । ଶୁଭେନ୍ଦୁ ମୋ କ୍ଲାସ୍‌ମେଟ୍, ରୁମ୍ ମେଟ୍, ମଶାରୀ ଧୋବା ଘରକୁ ଯାଇଥିଲେ ବେଡ୍ ମେଟ୍ ମଧ୍ୟ । ହେଲେ ତାର ସବଜେକ୍ଟ ଆମଠୁ ଏକାବେଳକେ ଅଲଗା । ବି.ଏ. ରେ ହିଷ୍ଟ୍ରି ଇକନମିକ୍ସ ଅନର୍ସ, ଏମ୍.ଏ. ରେ ଇକନମିକ୍ସ । ଖାଲି ଡ଼ିମାଣ୍ଡ ସାପ୍ଲାଇ ଡ଼ିମିନିଶିଂ ରିଟର୍ଣ୍ଣ, ପ୍ରାଇସ୍ ଇନ୍‌ଡ଼େକ୍ସ, ଇନ୍‌ଫ୍ଲେଶନ, ଡ଼ିଭେଲ୍ୟୁଏସନ, ଗୋଲଡ୍ ଷ୍ଟାଣ୍ଡାର୍ଡ଼, ଆଉ ଫିକ୍‌ସଡ୍ ଡ଼ିପୋଜିଟ୍ । ଆମ ବିଷୟଗୁଡ଼ାକର ପୂରାପୁରି ଓଲଟା, ବିରୋଧୀ ମଧ୍ୟ ।

ହେଲେ ଚେହେରାରେ ଶୁଭେନ୍ଦୁ ରାଜପୁତ୍ର, ଶୁଭ୍ରା ରାଜକନ୍ୟା । ମୁଁ ବିଦୂଷକ । ସେମାନଙ୍କ ବିସ୍ତୃତ ରୂପବର୍ଣ୍ଣନା ନକରି ଖାଲି ଏତିକି କହିଲେ ଯଥେଷ୍ଟ ହବ ଯେ ଯେକୌଣସି ସିଗାରେଟ୍ କମ୍ପାନୀ ବା ଲୁଗା ବ୍ୟବସାୟୀ ଦୁହିଁଙ୍କ ଛବି ଛାପି 'ମେଡ୍ ଫର ଇଚ୍ ଆଦର୍' ତଳେ ଲେଖିଦେଇ ପାରନ୍ତି । ଯଦିଓ ବିଜ୍ଞାପନ ଶେଷରେ ଇନ୍‌ଜୁରିଅସ୍ ଶବ୍ଦଟା ଥିବ ।

ଭାଗ୍ୟବାନ୍ ଭାଗ୍ୟବତୀ ଦୁହେଁ । ଦୁହେଁ ଯାକ ଫାଷ୍ଟ କ୍ଲାସ । ଦୁହେଁ ଏକାବେଳକେ ଏଡ଼ହକ୍ ନିଯୁକ୍ତି ପାଇଲେ ଏବଂ ଦୁହେଁଯାକ ପି.ଇସ୍.ସି. ରେ ସଫଳ ହୋଇ ଏକା ସ୍ଥାନରେ ଯାଜପୁରରେ ଅବସ୍ଥାପିତ ହେଲେ । ମୁଁ ଫକୀର ମୋହନରେ ଫୁଲ୍, କ୍ଲାଉନ୍ ପାର୍ଟ କରିବାରେ ଲାଗିଲି ।

ହେଲେ ମୋର ଭୟ ହେଉଥିଲା ଦୁହେଁ ସର୍ବତୋଭାବେ ସମାନ ହେବେ କି ନାହିଁ । ଜ୍ୟାମିତି କ୍ଷେତ୍ରରେ ସିନା ବାହୁ ବାହୁ ସହିତ ସମାନ ହେଲେ, କୋଣ କୋଣ ସହିତ ସମାନ ହେଲେ ତ୍ରିଭୁଜଦ୍ୱୟ ସମାନ ହୁଅନ୍ତି । କିନ୍ତୁ ଦାମ୍ପତ୍ୟ ଜୀବନରେ ସ୍ୱାମୀ ସ୍ତ୍ରୀଙ୍କ ରେଖା କୋଣ କର୍ଣ୍ଣ ପରସ୍ପର ସମାନ ହେଲେ ମଧ୍ୟ ଯଦି ରୁଚି ଅମେଳ ହୁଏ ତେବେ ଦୁହେଁ ସମାନ୍ତରାଳ ରେଖା ପରି ଦିଗ୍‌ବଳୟରେ ଏକ ଦିଶୁଥିଲେ ବି ସେମାନଙ୍କ ପାର୍ଥକ୍ୟ ଓ ବ୍ୟବଧାନ ନିକଟରେ ବରାବର ରହୁଥିବ ।

ଆଜି ଘଣ୍ଟାଏ ଆଗରୁ ମାଛି ଅନ୍ଧାର ଭେଦ କରି ଯିମିତି ବିହ୍ୱଳିତ ଓ ବିଚଳିତ ଅବସ୍ଥାରେ ଶୁଭେନ୍ଦୁ ଆସି ମୋ 'ବେଚେଲର୍ସ ଡ଼େନ୍'ରେ ପହଞ୍ଚିଲା ମୁଁ କ୍ଷଣରେ ବୁଝିଗଲି କ'ଣ କିଛି ସମସ୍ୟାର ସମାଧାନ ସେ ଚାହିଁବ, ତାର ଆବାଲ୍ୟ ବନ୍ଧୁ ପାଖରୁ । ମାଇକାକର ପଡ଼ିଥିଲେ ବି ତା ଦିହର୍ରୁ ଝାଳ ବହୁଥାଏ । ମୁଁ ଦୁଇ କପ୍ ଚା କରିବା ପାଇଁ ଯିମିତି ପ୍ରସ୍ତୁତି ଆରମ୍ଭ କରିଛି ସେ ଆସବାବପତ୍ରବିହୀନ ମୋର ତଥାକଥିତ ବେଡ୍ ରୁମ୍‌ରେ ବସିଯାଇ ଆରମ୍ଭ କଲା ତା କାହାଣୀ । ମୁଁ ଟେବୁଲ ପଙ୍ଖାଟା ତା ଆଡ଼କୁ ମୁହାଁଇ ଛାଡ଼ିଦେଲି ।

Digitized by srujanika@gmail.com

ହଠାତ୍ ଆରମ୍ଭ କଲା ମୋ ନାଆଁ ଧରି; ମୁଁ ଆତ୍ମହତ୍ୟା କରିବାକୁ ଯାଉଛି, ତତେ କହିଦେଲି ଗଲି, ହେଇ ଦେଖ୍ ଦଉଡ଼ି ।" କହି ପକେଟ୍‌ରୁ ପ୍ଲାଷ୍ଟିକ୍ ଦଉଡ଼ି ଦି ଚାରି ହାତ ବାହାର କଲା ।

"ଦଣ୍ଡେ ରହ । ଚା' କପେ ଖାଆ । ଦଉଡ଼ି ଦେଇମରିବୁ ତ ? ବେଶ୍, ସାଇକେଲ୍‌ରେ ଦୁହେଁ ଯିବା । ମୁଁ ଭଲ ଗଛ ଗୋଟାଏ ଦେଖାଇଦେବି, ତୋ ଭାରରେ ଯାହାର ଡ଼ାଳି ଭାଜିବ ନାହିଁ । ପାଗଳ ନା କଣ ।"

ଫଣୀ ଟେକି କହିଲା, "ତୋତେ ଥଟ୍ଟା ଲାଗିଛି । ଜୀବନମରଣ ସମସ୍ୟା । ବନ୍ଧ ପାଗଲୀ ଗୋଟାକ ସାଙ୍ଗରେ ବାନ୍ଧି ଦେଇ .... କହୁଛି କିରାସିନୀ ଦେହରେ ଢ଼ାଳି ହୋଇ ପୋଡ଼ି ମରିବ ।"

"ତୁ ଘରେ କିରାସିନୀ କାହିଁକି ରଖିଛୁ ଯେ ..."

ସେ ଧଡ଼ପଡ଼ ହୋଇ ଉଠି ବସିଲା । କହିଲା, "ମୁଁ ଯାଉଛି ।"

ହାକିମାତି ଗଳାରେ କହିଲି 'ବସ୍ ବସ୍!' "ଏତେଶୀଘ୍ର ମରନା ।" ଢ଼େର ଢ଼େର ରୋଜଗାର ହବ । ଆର୍ଣ୍ଣିଂ ୱାଇଫ୍ । ମଝିରେ ମଝିରେ ଟିକେ ସମ୍ଭାଳି ଯାଆ । ଶୁଭ୍ରାର ଟଙ୍କାକୁ ଆଖି ରଖିବାବେଳେ ତା ମୁହଁକୁ ଚାହିଁ ଦେଉଥିବୁ । ଆତ୍ମହତ୍ୟା କଥା ଭୁଲିଯିବୁ । ସାମାନ୍ୟ ଟିକେ ଏଡ଼ଜାଷ୍ଟ କରିପାରିବୁ ନାହିଁ ?"

"ଢ଼େର କଲିଣି । ଆଜି ବଡ଼ିଭୋର ସକାଳ କଥା ଶୁଣୁ । ସେଦିନ ତ ଯାଇଥିଲୁ, ଆମ ଘରର ଅବସ୍ଥା ଦେଖିଥିବୁ । ଜିନିଷପତ୍ର ଚାରିଆଡ଼େ ବିକ୍ଷିପ୍ତ ବିପର୍ଯ୍ୟସ୍ତ ହୋଇ ପଡ଼ିଛି । ତା ସାଙ୍ଗକୁ ଗୋଟାଏ ଜଙ୍ଗଲ । ମୁଁ ମନା କଲି ଏଗୁଡ଼ାକୁ ଆଣିବାକି । ଗଛ କଣ ନା ସିଜୁ, କ୍ରୋଟନ୍, ଅର୍କିଡ୍, ଫର୍ଣ୍ଣ, ବେଗୁନଭିଲ୍ଲା, ଆହୁରି କେତେ ଜଣ । କେତେ କେତେ ନୂଆ ଗଛପତ୍ରର ପାର୍ଶଲ ମଧ ଆସୁଛି । ଘରେ ଚାକରବାକର କେହି ନାହିଁ । ଗଛ ଟବ୍ ସବୁ ଛାତ ଉପରକୁ ଯିବ । ସେ ନିଜେ ପାଣି ଦେବ । ଶକୁନ୍ତଳା କୁଆଡ଼େ ନିଜେ ଘଟସ୍ତନରେ ପାଣି ଦେଉଥିଲେ । ଟ୍ରକ୍‌ରେ ଚାରିଟା ଟବ୍ ଭାଜିଗଲା । ପ୍ରତିଦିନ ସକାଳେ କହୁଛି କୁଣ୍ଡ ଆଣ । ମୋର ଯେତେ ବହିପତ୍ର ସବୁ କିଏ କେଉଁଠି ଧୂଳିମଳି ଭିତରେ ପଡ଼ିଛନ୍ତି ତାର ଠିକଣା ନାହିଁ । ଫୁଲ ଟବ୍ ତାଙ୍କର, ବହିପତ୍ର ମୋର, ଏମିତି ସମ୍ପତ୍ତି ଭାଗ ଭାଗ ହୋଇଛି ଆମର । ସେକ୍ସ ଲାଇଫ୍ ଆହୁରି ପେଥେଟିକ୍ । ଥଣ୍ଡାଳିଆ ସକାଳରେ ଚାଦର ଘୋଡ଼ିଘାଡ଼ି ହୋଇ ସ୍ୱାମୀ ପାଖରେ ଦଣ୍ଡେ ଶୁଅ । ନା, ସେ ଗଛରେ ପାଣି ଢ଼ାଳିବେ ଛାତକୁ ଯାଇ, ସ୍ନାନ କରିବେ, ପ୍ରଣୟବଲ୍ଲରୀ, ଶେଫାଳି ପ୍ରତି ପଢ଼ିବେ, ନହେଲେ ଗୁଣୁଗୁଣୁ ସିନେମା ଗୀତ । ଜୀବନଟା ମାଟି ହୋଇଗଲା ତୋରି ଯୋଗୁ । ଆତ୍ମହତ୍ୟା ମୋତେ ମୁକ୍ତି ଦବ । ମୁଁ ଯାଉଛି ।"

Digitized by srujanika@gmail.com

ଯିବାକୁ ଉଦ୍ୟତ ହୁଅନ୍ତେ ମୁଁ ତାକୁ ଜାବୁଡ଼ି ଧରି ମୋ ଖଟ ଉପରେ ବସାଇଦେଲି ଏବଂ ଟା'ରେ ସାମାନ୍ୟ କଫିଗୁଣ୍ଡ ପକାଇ ପିଇବାକୁ ଦେଲି । କହିଲି "ଶରତ୍ ସକାଳଟା ଆଜି ଖୁବ୍ ବଢ଼ିଆ ହୋଇଛି, ଚାଲ ସାଇକେଲରେ ଚକେ ବୁଲି ଆସିବା ।"

ବୁଦ୍ଧଦେବ ବ୍ୟାଧି, ଜରା ଓ ମୃତ୍ୟୁର ଦୃଶ୍ୟମାନ ଦେଖି ଗୋପାକୁ ଛାଡ଼ି ସଂସାରବୈରାଗୀ ହୋଇ ନିର୍ବାଣ ସନ୍ଧାନରେ ବାହାରିଥିଲେ । ମୋର ଅଭିପ୍ରାୟ ଆମର ବୁଦ୍ଧୁଦେବକୁ ଯୋଡ଼ାଏ ତିନିଟା ସିମିତି ଦୃଶ୍ୟ ଦେଖାଇ କାମନା ଓ ମୋହଗ୍ରସ୍ତ କରି ପରମାସୁନ୍ଦରୀ ବାନ୍ଧବୀ ଗୋପା (ଶୁଭ୍ରା) ଆଡ଼କୁ ଆକୃଷ୍ଟ କରିବି, ଯିମିତି ସେ ଆଉ ଶରୀର ବିନାସ କରିବ ନାହିଁ ।

ତାଲା ପକାଇ ପଛକୁ ବୁଲିଛି ଦେଖିଲି ସୂର୍ଯ୍ୟଦେବ ଦିଗମୂଳ ଭେଦ କରି ଆମ ଆଡ଼କୁ ଅନାଉଛନ୍ତି । ହଠାତ୍ ମୋ ମୁହଁରୁ ବାହାରି ପଡ଼ିଲା ସରସ୍ୱତୀ ନଦୀ ତୀରର ପ୍ରାଚୀନ ଆର୍ଯ୍ୟଋଷିର ଆବାହନୀ ସଙ୍ଗୀତ 'ଜବାକୁସୁମ ସଂକାଶମ୍ .... ପ୍ରଣତୋଽସ୍ମି ଦିବାକରମ୍ ।'

"ଶୁଭେନ୍ଦୁ! ଦେଖ୍ ଦେଖ୍!" ଯିମିତି କହିଛି ସେ କହିଲା "କ'ଣ ଦେଖିବାର ଅଛି, ନୀତିପ୍ରତି ଉଦୟ ଅସ୍ତ ହେଉଛି, ଏମିତି ମୁରୁମୁରୁ କଣ ଗୁଡ଼ାଏ ହେଉଛୁ ? ପାଗଳ ନା କଣ ? କାହିଁ ଆତ୍ମହତ୍ୟା କରିବାର ଗଛ ? ଶୁଭ୍ରା ଏତେବେଳକୁ ...."

ଦେଖିଲି, ତାରି ଗୋଡ଼ ପାଖରେ ଥିବା ରଜନୀଗନ୍ଧାର କେତୁଟା ଗୋଛା, ହାତ ପାଖରେ ଛୋଟ ବୁଦାର ଗୁଡ଼ାଏ ଶୁଭ୍ର ଟଗର, ମୁଣ୍ଡକୁ ଲାଗିଥିବା ପେନ୍ଥା ପେନ୍ଥା ମଧୁମାଳତୀ ପ୍ରତି ସେ ଭ୍ରୂକ୍ଷେପ ମଧ କଲାନାହିଁ । ଅର୍ଥାତ୍ ପ୍ରକୃତିରାଣୀର ପ୍ରଥମ ଦୃଶ୍ୟଟି ତା' ମନରେ କୌଣସି ଆକର୍ଷଣ ବା ପ୍ରତିକ୍ରିୟା ସୃଷ୍ଟି କଲାନାହିଁ । ମନେ ମନେ ଭାବିଲି ଏଇଟା ଗୋଟାଏ କାଠ ନହେଲେ ପଶୁ । କହିଲି, "ଶୁଭ୍ରା କଥା କାହିଁକି ଭାବୁଛୁ ଆଉ ? ସେ ତ ଗଲାଣି, ତୁ ତ ଯାଇଛୁ ?"

ସାଇକେଲ୍ ଚଢ଼ି ଦୁହେଁ ଆଗେଇଲୁ । ବାଁ ପାଖରେ କାନ୍ଦରା ଦେବଦାରୁ ଧାଡ଼ି, ଡ଼ାହାଣରେ ଦିଗନ୍ତବିସ୍ତାରୀ ଝାଉଁବଣ । "ଚାହାଁ ଚାହାଁ !" କହି କହିଲି "ଶୁଭ୍ରା ରେଭେନ୍ସା କଲେଜ ପଡ଼ିଆରେ ବସି ଗାଉଥିଲା ଶ୍ଳୋକଟାଏ ଯାହାର ଅର୍ଥ ଏଇ ଯେଉଁ ଦେବଦାରୁ ଦେଖୁଛ ତାହା ବୃଷଭଧ୍ୱଜ ପୁଅ ପରି ପାଳିଛନ୍ତି; ମୁଁ ତାକୁ ଯୋଗଦେଇ କହିଥିଲି, କୀଟସ୍ ଏମିତି ଗଛଗୁଡ଼ାକୁ ସବୁଜ ପୋଷାକ ପିନ୍ଧିଥିବା ସିନେଟ୍‌ର ବୋଲି କହିଛନ୍ତି ।"

ଶୁଭେନ୍ଦୁ ତାଚ୍ଛଲ୍ୟଭରା ଅଧା ହସଟିଏ ଦେଇ କହିଲା "ସବୁ ପାଗଳଙ୍କ ଦଳ, ସମସ୍ତ ଚିନ୍ତା ଏକାପରି, ସମାଜରେ ତାଙ୍କ ସ୍ଥାନ ନାହିଁ । କାମଦାମ କିଛି ନଥିଲେ ଲୋକ ଏମିତି ହୁଅନ୍ତି ।"

ଏଥର ଆମ ଦୁଇପାଖରେ ପଡ଼ିଲା ଲଘୁଧାନ କ୍ଷେତ । କ୍ଷୀର ଖାଇ ଧାନକେଣ୍ଡା ସବୁ ଦାଆ ପରି ତଳକୁ ଲମ୍ବିଛନ୍ତି, ଗୋଟିଏ ଗୋଟିଏ ପତ୍ର ଉପରକୁ ବର୍ଛାପରି ଛିଡ଼ା

Digitized by srujanika@gmail.com

ହୋଇଛନ୍ତି । ସେନାବାହିନୀ ବର୍ଗାକାରରେ ସଜ୍ଜିତ ଯିମିତି । ଶିଶିର ବିନ୍ଦୁସବୁ ନୂଆ ସୂର୍ଯ୍ୟାଲୋକରେ କାନଗୁଡ଼ାକରେ ମୁକ୍ତା ପରି ଜଟକୁଛି, ନାକର ଗୁଣାପରି ।

ଆଗରୁ ମୁଁ କଣ କହିବି ଜାଣିପାରି ଶୁଭେନ୍ଦୁ ଚାଞ୍ଚଲ୍ୟଭରା କଣ୍ଠରେ କହିଲା "ଏଠି ବି କଣ ଅଟକିବା ? ଧାନକ୍ଷେତ ବିଷୟରେ କେଉଁ କବି କଣ କହିଛନ୍ତି ଶୁଣା ଏଥର !" "ଭାବିଛୁ ଏ ବର୍ଷ ଏ ରୋଗା ଗଛରୁ ବେଶି ଇଲଡ୍ ହବ ?

ମୁଁ ମନେ ମନେ ଖୁସୀ ହେଲି ଯେ, ଶୁଭେନ୍ଦୁର କିଛି କିଛି ଅଗ୍ରଗତି ହେବାର ଲକ୍ଷଣ ଦେଖାଯାଉଛି । ଅନ୍ତତଃ ସେ ଜାଣି ପାରୁଛି କେଉଁଠି କ'ଣ ଦେଖିବା ଦୃଶ୍ୟ ରହିଛି ଏବଂ ମୋର କେଉଁଠି କବିତାର ସୁର ଫୁଟିବା ଉଚିତ୍ ।

ଆଉ ଖଣ୍ଡେଦୂର ପରେ ସେଇଠି ପହଞ୍ଚିଲୁ ଯେଉଁଠି ପିଚୁ ରାସ୍ତାରେ ଧଳା ଫୁଲଗୁଡ଼ାକ ବୁଣିହୋଇ ପଡ଼ିଥିଲା । ସେ ଯେମିତି ଫୁଲଗୁଡ଼ାକ ଉପରେ ସାଇକେଲ ଚଳାଇଛି ମୁଁ ତାକୁ ଅଟକାଇ ଦେଇ 'ରହ ରହ' କହିଲି । ମୋର ଆଖିର ଇଙ୍ଗିତ ବୁଝିନପାରି ତଳର ରାଶି ରାଶି ସ୍ତୁପ କୃତ ଫୁଲଗୁଡ଼ାକ ଦେଖି ନ ଦେଖିଲା ପରି ହେବାରୁ ମୁଁ ତା ପାଖକୁ ଭିଡ଼ିଯାଇ କାନ୍ଧରେ ହାତ ରଖି କହିଲି 'ଉପରକୁ ଚାହାଁ ।' ଦୁହେଁ ଚାହିଁଲୁ । ଦୁଇ ପାଖରେ ଯୋଡ଼ାଏ ଷାଠିଏ ସତୁରୀ ହାତର ବାଉଁଶ ଝାଡ଼କୁ ଅତିକ୍ରମ କରି ଲମ୍ବା ଗଛଟା ଉପରକୁ ଉଠିଛି ଆଲୋକର ସନ୍ଧାନରେ । ଦୀର୍ଘ ଚାରିମାସ ଧରି ବର୍ଷାର ଆର୍ଦ୍ରତା, ସବୁଜିମା ପତ୍ରରେ ସଂଗ୍ରହ କରି ଅଦୂରର କାଶତଣ୍ଡୀ ଫୁଲର ଶୁଭ୍ରତାକୁ ସ୍ପର୍ଦ୍ଧିତ କରିଛି ଅପର୍ଯ୍ୟାପ୍ତ ଶ୍ୱେତ ପୁଷ୍ପରାଶିରେ । ଖଣ୍ଡେଦୂରରୁ ଧଳାମେଘ ପରି ଦିଶୁଛି । ନୀଳମେଘର ପୃଷ୍ଠପଟରେ ଝୁଡ଼ି ଝୁଡ଼ି ଫୁଲ, କଢ଼ର ପେନ୍ଥାସବୁ ଗଛର ପ୍ରତ୍ୟେକଟି ଡ଼ାଳକୁ ତଳକୁ ଓହଳାଇ ଦେଇଛନ୍ତି ଯିମିତି ଆଉ ଗୋଟାଏ ଫୁଲର ଭାର ସମ୍ଭାଳି ପାରିବେ ନାହିଁ । ଭାବରାଶିରେ ପରିପୂର୍ଣ୍ଣ କବି କଳ୍ପନାର ସଫଳ ପରିପ୍ରକାଶ କରି ଯେପରି ଗର୍ବିତ ହୋଇ ଦଣ୍ଡାୟମାନ ।

ଆପାତତଃ ଆତ୍ମହତ୍ୟାର ଝୁଙ୍କି ଭୁଲିଯାଇ ଅସ୍ପଷ୍ଟ ସ୍ୱରରେ ଶୁଭେନ୍ଦୁ କହିଲା 'ଶେଫାଳି ।'

ମୁଁ ବିରକ୍ତ ହୋଇ କହିଲି, "ଡ଼େଫୋଡ଼ିଲ" ହୋଇଥିବ । "କଲେଜ ଜୀବନରୁ ତ ତୁ ଯୋଡ଼ିଏ ଫୁଲକୁ ଚିହ୍ନିଛୁ ପଢ଼ାବହି ଜରିଆରେ 'ଶେଫାଳି' ନହେଲେ 'ଡ଼େଫୋଡ଼ିଲ ।' ଆଉ ଫୁଲ କାହିଁ ?" ମୋର ଆଖି ନିବଦ୍ଧ ଥାଏ ଧୀରେ ଧୀରେ ସକାଳ ପବନରେ ଉପରେ ଦୋହଲୁଥିବା ଫୁଲଝଙ୍କା ଓ ଡାଙ୍ଗୁଡ଼ା ଉପରେ । ବହଳିଆ ମହକ ଭିତରେ ମୁଁ ବୁଡ଼ିରହିଥାଏ, ବର୍ଣ୍ଣାଢ଼୍ୟ ଶୋଭା ଓ ଚମତ୍କାର ମହକରେ ମନ୍ତ୍ରମୁଗ୍ଧ ପରି ।

"ଶେଫାଳି ନୁହେଁ ? ଏଗୁଡ଼ାକ ତେବେ ବଣୁଆଁ ଫୁଲ ।"

"ବଣୁଆ ସତ, ନହେଲେ ଯାର ନାଆଁ ସୀତାହାର କାହିଁକି ହୁଅନ୍ତା ? ସୀତାହାର ଫୁଲ ତୁ ଚିହ୍ନିନୁ ? ତୁ ପ୍ରକୃତରେ ବଣୁଆଁ ।"

Digitized by srujanika@gmail.com

"ଯାର ନାଆଁ ଇମିତି କାହିଁକି ? ସୀତା କ'ଣ ହାର କରିଥିଲେ ଏ ଫୁଲକୁ।"

"ସୀତା କାହିଁକି କରନ୍ତେ। ରାମ ଲକ୍ଷ୍ମଣ ହାର କରି ସୀତାଙ୍କୁ ପଞ୍ଚବଟୀ ବଣରେ ଦେଉଥିଲେ।"

ନଇଁପଡ଼ି ମୁଁ ଅକ୍ଳେଶରେ ଗୋଛାଏ ଫୁଲ ସଂଗ୍ରହ କରୁଥାଏଁ ଏବଂ କହୁଥାଏ "ଦିହିଙ୍କ କାମ କଣ ଥିଲା ଯେ ପଢ଼ିବା ପଢ଼ାଇବା କାମ ତ ନଥିଲା ଦିଟା ଗୋଟେ ହରିଣ ବା ରାକ୍ଷସ ନିମିଷକେ ମାରି ଦେଇ ଗୁଡ଼ାଏ ଫୁଲ ଆଣି ପ୍ରତିଯୋଗୀତା କରି ଦିଭାଇ ଠାକୁରାଣୀଙ୍କ ଜୁଡ଼ାରେ, ବେକରେ, ବାହୁରେ, ହାତରେ, କଟିରେ ବେଶୀ କରି ହାର ସବୁ ପିନ୍ଧାଇ ଦେଉଥିଲେ। ଜଙ୍ଗଲର ଦୁଃଖକଷଣ ଭୁଲାଇ ଦେଉଥିଲେ ମହାମାୟୀଙ୍କର ଏତିକି ବୁଝି ପାରୁନୁ ?"

"ଏଗୁଡ଼ାକ ଜଙ୍ଗଲୀ ଫୁଲ, ମୁଁ କଣ ଭୁଲ କହିଲି ?"

"ତୁଟା ନିହାତି ପ୍ରୋଜାଇକ୍। ମୁଁ କହିଲି ସୀତାହାର, କେତେ ପଏଟିକ, ରୋମାଣ୍ଟିକ୍ ନାଆଁ, ତୁ କହୁଛୁ ଜଙ୍ଗଲି ଫୁଲ।'

ଅପ୍ରତ୍ୟାଶିତ ଭାବରେ ନିଜକୁ ସଂଶୋଧନ କରି ଶୁଭେନ୍ଦୁ କହିଲା 'ବେଶ୍' ଜଙ୍ଗଲୀ ଫୁଲ ନ ହେଲା ନାହିଁ, ଆକାଶୀ ଫୁଲ ଆକାଶରେ ଥାଏ!"

ମୁଁ ଡେ଼ଇଁପଡ଼ି କହିଲି, "ବାଃ ବାଃ ଶୁଭେନ୍ଦୁ! congratulations! ଆରେ ତୋର ପଏଟ୍ରି ଅଛି। ଶୁଭ୍ରାର ସମ୍ପର୍କ ସୁପ୍ତକୁ ଜାଗ୍ରତ କରିଛି, ଅଭିବୃଦ୍ଧି ବି କରିପାରେ କାଳକ୍ରମେ। ହେଲେ ଆତ୍ମହତ୍ୟା କଥା ଭୁଲିଯା।"

ଏତିକି କହି ଲମ୍ବା ଦୁବଘାସ କେରାଏ ଉପାଡ଼ି ଆଣି ଫୁଲଗୋଛାକ ଗୁଡ଼େଇ ଶୁଭେନ୍ଦୁର ଛାତି ପକେଟରେ ଗୁଞ୍ଜିଦେବାକୁ ଯାଉଛି ସେ ଘୁଞ୍ଚିଯାଇ ଚିତ୍କାର କଲା, "ଏଗୁଡ଼ାକ ମୁଁ କ'ଣ କରିବି ? ଏଇ ଫୁଲ, ଫୁଲ ଗଛ, ଫୁଲକୁଣ୍ଡ ଲାଗି ଏତେ କଥା ହେଲାଣି। ଫେର୍ ଫୁଲ! ମୁଁ କ'ଣ କରିବି ଏ ଫୁଲକୁ ନେଇ ?"

"କ'ଣ କରିବୁ ? ଶୁଭ୍ରାକୁ ଦବୁ। ତୋର ସୀତାକୁ ଦବୁ, କହିବୁ ନିଅ ସୀତାହାର ଫୁଲ, ଆକାଶୀ ଫୁଲ। ସୀତା ଠାକୁରାଣୀଙ୍କ ଫୁଲ।"

ମୁଁ ଯିମିତି ଏ କଥା କହିଛି ମୋ କଥାକୁ ସମର୍ଥନ କରି ଉପରୁ ଏକାବେଳକେ ତିନି ଚାରିଟା ଫୁଲ ପବନରେ ଘୂରି ଘୂରି ତା ମୁଣ୍ଡରେ ଦିହରେ ପଡ଼ିଲା। ମୋତେ ଖୁବ୍ ଚିଡ଼ି ଲାଗିଲା ତାର ଗତିପ୍ରକୃତି ଦେଖି। କହିଲି "ତୁ ପରା ଦଉଡ଼ି ଦେଇ ମରିବୁ ବୋଲି ଆସିଛୁ। ଗଛ ଖୋଜୁଥିଲୁ, ଦେଖ ଯାଠାରୁ ଭଲ ଗଛ ଆଉ ମିଳିବ କେଉଁଠୁ ? ଯା ଚଢ଼ିଯା। ଝୁଲୁଥିବା ଦଉଡ଼ିରେ ଡ଼ାଳଫୁଲ ଭିତରେ, ତୋତେ କେହି ଦେଖିପାରିବେ ନାହିଁ, ଶାଗୁଣା ନ ଉଡ଼ିଲା ପର୍ଯ୍ୟନ୍ତ।" "ଧର ଏ ଫୁଲ ଗୋଛାକ, ଧର୍ କହୁଛି; କହି ତା ଛାତି ପକେଟ୍‌ରେ ଯିମିତି ଗୁଞ୍ଜି ଦେଇଛି ସେମିତି ସେ ତଳକୁ ଫୋପାଡ଼ି ଦେଲା।"

Digitized by srujanika@gmail.com

ମୁଁ ତା ସାଇଡ୍ ପକେଟ୍‌ରେ ହାତ ମାରି ପ୍ଲାଷ୍ଟିକ୍ ଦଉଡ଼ିଟା କାଢ଼ି ଆଣିଲି ଏବଂ ଯୋତା ଫିଟାଇ ଗଛମୂଳକୁ ଚାଲିଗଲି । ଢ଼ିମା ଢ଼ିମା ଆଖି କରି କପଟ କ୍ରୋଧରେ କହିଗଲି "ତୁ ମରିବୁ ? ମରି ଜାଣୁ ? କାଓ୍ୱାର୍ଡ଼, ଅଲାଜୁକ, ଟଙ୍କାଥଳି ଛାଡ଼ିପାରିବୁ ? ମୁଁ ମରୁଛି ଦେଖ, ତୋ ଭଳି ସାଙ୍ଗକୁ ପାଇ ମୋତେ ଜୀବନ ହାରିବାକୁ ପଡ଼ିବ । ତୁ ଜାଣୁ ମୁଁ ଶୁଭ୍ରାକୁ ଦେବୀ ପରି ଭଲପାଏଁ, ଜୀବନଯାକ ଫୁଲଚନ୍ଦନ ଦେଇ ପୂଜା କରିବି ବୋଲି ପ୍ରତିଜ୍ଞା କରିଛି । ତୁଟା ଗୋଟାଏ ଅପଦାର୍ଥ, ନିହାତି ପାର୍ଥିବ, ଆରସିକ, ତୋର ଅଛି ନା ସୌନ୍ଦର୍ଯ୍ୟ ଜ୍ଞାନ, ନା' ଅଛି ସୌନ୍ଦର୍ଯ୍ୟ ପିପାସା । ଅଧଘଣ୍ଟାଏ ହେଲା ତୋତେ ପାଠ ପଢ଼େଇ ପଢ଼େଇ ଥକିଗଲିଣି, ତୁ ଏମିତି ଅଦ୍ରବ୍ୟ ଯେ ମୋର ସବୁ କ୍ରିୟା ବିଫଳ ହେଲାଣି । ମୋର ବଞ୍ଚିବାର ଯଥାର୍ଥ୍ୟ ନାହିଁ । ଶୁଭ୍ରା ତୋରି ନେଇ ମାନସିକ ଯନ୍ତ୍ରଣା ଭୋଗୁଥିବ । ନିର୍ଯ୍ୟାତନା ସହୁଥିବ, ମୁଁ ଶୁଣୁଥିବି, ବଞ୍ଚିଥିବି । ବରଂ ସୀତାହାର ଫୁଲପେଣ୍ଡା ଭିତରେ ଝୁଲିରହି କୋଇଲିର ଶେଷ କୁହୁ ଶୁଣି ଶୁଣି ପଚିସଢ଼ି ଝରିଯିବ ତେବେ ହେଇ ଦେଖ ଦଉଡ଼ି ।"

ହତଭମ୍ବ ହୋଇ ଶୁଭେନ୍ଦୁ କହିଲା, "ହେଲା ବାବା ! ଦେ ଫୁଲଗୋଛା, ତାକୁ ଦେବି, ତୁ ଦେଇଛୁ କହି ।"

"ମୋ ରାଣ ପକା, ତୁ ମୋ ନାଆଁ ଧରିବୁ ନାହିଁ, ଚୁପ୍‌ଚାପ୍ ଭଲପିଲା ପରି ଶୁଭ୍ରା ହାତକୁ ବଢ଼ାଇଦବୁ, ପାରିବୁ ଯଦି ଅଳ୍ପ ହସି । କହିବୁ ନିଅ ଏ ସୀତାହାର ଫୁଲ, ଆକାଶୀଫୁଲ ।" ଏତକ କହି ଦଉଡ଼ିଟା ପୋଲ ତଳକୁ ଫିଙ୍ଗିଦବାର ଅଭିନୟ କରି ନିଜ ପକେଟ୍‌ରେ ପୂରାଇ ଦେଲି ।

ଯନ୍ତ୍ରଚାଳିତ ପରି ସେ ମୋ ହାତରୁ ଫୁଲତୋଡ଼ା ନେଲା । ସାଇକେଲ ଧରି କହିଲେ 'ଆ ଯିବା ଆମ ଘରକୁ ।' ମୁଁ କିନ୍ତୁ ଗଲିନାହିଁ । ଘରକୁ ଫେରିଲି ଉଶ୍ୱାସ ମନରେ ନିଜକୁ କହି କହି 'ମେଡ୍ ଫର୍ ଇଚ୍ ଅଦର' ନା 'ଅନ୍‌ମେଡ୍ ଫର୍ ଇଚ୍ ଅଦର !'

କାର୍ଯ୍ୟାନ୍ତରରେ କେତେଦିନ ବମ୍ବେ ଚାଲିଗଲି । ପନ୍ଦର ଦିନ ପରେ ଫେରି ଆସି ଦିହିଁଙ୍କ ଖବର ବୁଝିବା ପାଇଁ ଭୋର ସକାଳେ ଯାଇଥାଏଁ ସେଇ ଜାଗାରେ ଏକ ଅଦ୍ଭୁତ ଦୃଶ୍ୟ ଦେଖିଲି । କଞ୍ଚା ଭିଡ଼ି ସାର୍ଟକୁ ତଳେ ରଖିଦେଇ ଶୁଭେନ୍ଦୁ ସୀତାହାର ଗଛକୁ ଚଢୁଛି । ମୋର 'ରହ ରହ' ଚିତ୍କାର ଶୁଣି ଦାନ୍ତ ନିଶୁଡ଼ି ଓହ୍ଲାଇ ଆସିଲା ।

'କିରେ' ଫେର୍ ଆତ୍ମହତ୍ୟା ?

"ନାଇଁ ଭାଇ !" କହି ହସି ହସି ସେ ଓହ୍ଲାଇ ଆସିଲା । ପାଖକୁ ଆସି କହିଲା; "ସେ ଦୁର୍ଦ୍ଦିନ ଆଉ ନାହିଁ । ତୋତେ ଏତେ କିମିଆ ଆସେ । ଗୁଣି ଗାରିଡ଼ି ପରି ଏ ଆକାଶୀ ଫୁଲର କାମ । ଆମ ଦିହିଁଙ୍କି ବଞ୍ଚାଇ ଦେଲୁ ।"

Digitized by srujanika@gmail.com

"ଦିହିଁଙ୍କି ନୁହେଁ, ତୋତେ । ଶୁଭ୍ରାକୁ ବଞ୍ଚାଇବାର କାହାରି ଦରକାର ନାହିଁ, ସେ ନିଜେ ବଞ୍ଚି ଜାଣେ । କଣ କଥା କହ । ଏତେ ଶୀଘ୍ର ଜୀବନ ପ୍ରତି ବୈରାଗ୍ୟ ଛାଡ଼ିଲା କିମିତି ? ଏବେ କିମିତି ଅଛି ?"

"ଯାହା ଦେଖୁଛି; ଆଉ କିମିତି ? ନଗି ଧରି କଙ୍କା ଭିଡ଼ି ଗଛ ଉପରକୁ ଚଢୁଛି ଯାହା ପିଲାଦିନେ କରିନଥିଲି । ମୁଁ ଏବେ ପଞ୍ଚବଟୀରେ ରାମ ସାଜିଛି । ପ୍ରତିଦିନ ସକାଳେ ଟାଙ୍ଗୁଡ଼ିଏ ଆକାଶୀଫୁଲ ନେଉଛି, ସୀତାଙ୍କ ବେଣୀବନ୍ଧନ ହେଉଛି । ଏବେ ଫୁଲସବୁ ସରି ଆସିଲାଣି, ଗୋଟାଏ ଦୁଇଟା ଖସୁଛି, ତେଣୁ ଗଛରେ ଚଢ଼ି ମୋତେ ଡ଼ାଳ ସବୁ ହଲାଇ ସଂଗ୍ରହ କରିବାକୁ ପଡୁଛି । ପ୍ରତିଟି ଫୁଲ ମୋ ପକ୍ଷରେ ନୋଟ୍ ପରି ମୂଲ୍ୟବାନ୍ । ଲୋକବାକ ଚଳପ୍ରଚଳ ପୂର୍ବରୁ ଆସି ମୁଁ ଏ କାମ ସାରି ସୂର୍ଯ୍ୟୋଦୟ ବେଳକୁ ଘରକୁ ଫେରୁଛି । ଆକାଶୀ ଫୁଲ ନ ହେଲେ ଶୁଭ୍ରା କିରାସିନୀ ଖୋଜି ବସିବ ଯେ ।"

ଘରେ ପହଞ୍ଚି ମୋତେ ଏକାବେଳକେ ସିଧା ନେଇଗଲା ଛାତ ଉପରକୁ । ବଗିଚାଟା କି ସୁନ୍ଦର ! ଶୁଭେନ୍ଦୁ ମୋତେ ପ୍ରତ୍ୟେକ କୁଣ୍ଡର ଗଛଲତା ସହିତ ଚିହ୍ନା ପରିଚୟ କରାଇଦେଲା ଯିମିତି ସେ ତାର ବନ୍ଧୁ ବାନ୍ଧବୀ ସହିତ ମୋତେ ଆତ୍ମୀୟତା ଜମାଇବାକୁ କହୁଛି । କହିଲା କିମିତି କୁଣ୍ଡଗୁଡ଼ାକ ଦୁହେଁ ଭାଗ ଭାଗ କରି ପ୍ରତିଯୋଗିତାରେ ବଢ଼ାଉଛନ୍ତି ।

ତଳକୁ ଯାଉଁ ଯାଉଁ ଦେଖିଲି, ଘରଗୁଡ଼ାକ ସଫାସୁତୁରା, ଚକ୍ ଚକ୍ କରୁଛି ପ୍ରତ୍ୟେକଟି ଜିନିଷ । ତାର ପଢ଼ା ଘରକୁ ପଶିଯାଇ ଆହୁରି ଅଦ୍ଭୁତ କଥା ଦେଖିଲି । ଶୁଭ୍ରା ପିଢା ମାଡ଼ି ବସି ଛିଣ୍ଡା ପୃଷ୍ଠାସବୁ ଅଠାଦେଇ ଯୋଡୁଛି ଓ ପଣନ୍ତ କାନିରେ ବହି ଗୁଡ଼ାକ ପୋଛିପାଛି ଶୁଭେନ୍ଦୁର ଅଲମାରୀରେ ସାଇତୁଛି ।

ଫୁଲ ଟାଙ୍ଗୁଡ଼ି ରଖିଦେଇ ଶୁଭେନ୍ଦୁ ଆସିଲା । ଦଣ୍ଡେ ପରେ ଲୁଗା ବଦଳାଇ ଚା ଟ୍ରେ ଧରି ଶୁଭ୍ରା ହସି ହସି ପଶି ଆସିଲା । ପଚାରିଲା, "ୟାଙ୍କୁ ଚିହ୍ନିପାରୁଛ ! ଏ ପୂରା ବଦଳି ଗଲେଣି ।" ଫୁଲଟିଏ ହାତମୁଠାରୁ ବାହାର କରି ପଚାରିଲା 'ଏ କି ଫୁଲ କହିପାରିବ ?'

ମୁଁ ମିଠା ହସି କହିଲି "ଶେଫାଳି ନହେଲେ ଡ଼େଫୋଡ଼ିଲ ନ ହେଲେ ବଣୁଆ ଫୁଲ ।"

ଶୁଭେନ୍ଦୁ ମୋ କଥା ଉପରେ ପଡ଼ିକହିଲା "ନାଁ ମ ! ଏଡ଼େ ସୁନ୍ଦର ଫଲର ନାଆଁ ବଣୁଆ ଫୁଲ କିମିତି ହବ ? ପ୍ରୋଜାଇକ୍ ନାଆଁଟା । ସୀତାହାର ।"

ମୁଁ ତା କଥା ଉପରେ ପଡ଼ି କହିଲି "ମତେ ଜଣେ ପନ୍ଦର ଷୋଳ ଦିନ ତଳେ କହୁଥିଲା 'ସୀତାହାର' ନୁହେଁ 'ଆକାଶ ଫୁଲ !"

ଶୁଭ୍ରା ପଚାରିଲା, "ୟାର ଗଛ ଅଛି ନା ଲତା ?"

କହିଲି; "ୟାର ଏତେ ବଡ଼ ଗଛ ଯେ ଦୁଇଗଛ ମଝିଡ଼ାଳରୁ ଲମ୍ବେ ଲମ୍ବେ ଝୁଲିପଡ଼ି ଆତ୍ମହତ୍ୟା କରିପାରିବେ ଗୋଡ଼ ଭୂଇଁ ଛୁଇଁବ ନାହିଁ ।"

Digitized by srujanika@gmail.com

"ତିନି ଚାରିହାତ ପ୍ଲାଷ୍ଟିକ୍ ଦଉଡ଼ି ଲୋଡ଼ା।" ଦଣ୍ଡେ ପରେ କହିଲି ଏବଂ ପକେଟ୍‌ରୁ ଶୁଭେନ୍ଦୁ ପକେଟ୍‌ର ଦଉଡ଼ିକି ବାହାର କଲି। ଶୁଭ୍ରାକୁ କହିଲି "କିରାସିନୀ ଅଛି ? ବୋତଲଟା ଆଣ ତ, ମୋ ଗୋଡ଼ରେ ବାତ ପଡ଼ିଛି।"

ଶୁଭ୍ରା କଥାର ଉଦ୍ଦେଶ୍ୟ ଓ ମର୍ମ କିଛି ନ ବୁଝି କିରାସିନୀ ବୋତଲ ଯିମିତି ଆଣିଛି ମୁଁ ପ୍ଲାଷ୍ଟିକ୍ ଦଉଡ଼ିଟାକୁ ଭଲକରି ତେଲରେ ଭିଜାଇ ଦିଆସିଲି ବାହାର କଲି।

ତାପରେ ଝର୍, ଦପ୍, ହୁତ୍, ହୁତ୍। ଆତ୍ମହତ୍ୟାର ଯୋଡ଼ାଏ ଆୟୁଧ ଯୋଡ଼ାଯୋଡ଼ି ହୋଇ ପ୍ରେତଲୋକକୁ ଏକାବେଳକେ ପ୍ରୟାଣ କଲେ ଆମ ତିନିଙ୍କ ବିରାଟ ଅଟ୍ଟହାସ୍ୟ ଭେଦକରି।

# ଶ୍ୱେତ ପଦ୍ମ

"ଫୁଲ ନା କଣ ନେଉଛୁ ?"

ଲୋକଟା କିଛି ଜବାବ ଦେଲା ନାହିଁ, ପଟାପଟ୍ ଚାଲିଲା ପିଚୁ ରାସ୍ତାରେ ଖାଲି ପାଦରେ, କାହିଁ ନ ଅଟକି। କାଳେ ଶୁଣିପାରିଲା ନାହିଁ ଭାବି ଜୋର ପଦକ୍ଷେପରେ ତା ନିକଟତର ହେଲି ଏବଂ ପୁଣି ପଚାରିଲି, ଅପେକ୍ଷାକୃତ ଜୋରରେ, "ପଦ୍ମଫୁଲ ନା କଣ ?"

'ହୁଁ' ଶବ୍ଦଟାଏ ଏଥର ତା ତଣ୍ଟିରୁ ବାହାରିଲା। ଗଳା ଆସି ଯାଇଥିଲା ବୋଧହୁଏ, ଶୁଖିଯାଇଥିଲା ହୁଏତ। ପରିଶ୍ରମ କରି ଅନିଚ୍ଛାରେ 'ହୁଁ' ଟାକୁ ବାହାର କରିବାକୁ ପଡ଼ିଲା ଯିମିତି ଆଈମା ପାଖରୁ ଗପ ଶୁଣୁଥିବା ପିଲା ଅନ୍ୟମନସ୍କ ହୋଇ "ଶୁଣୁଛୁ ନା ଶୋଇ ପଡ଼ିଲୁ ?" ପ୍ରଶ୍ନର 'ହଁ' ଉତ୍ତର ଦିଏ ଗଳାରେ ଜମିଥିବା ବାଷ୍ପ ଓ ନାଳକୁ ସଫାକରି।

ଆଜି କୁମାର ପୂର୍ଣ୍ଣିମା। ନାଆଁକୁ ମାତ୍ର, କୁମାରଙ୍କ ପୂଜା କାହିଁ ନାହିଁ। ସର୍ବତ୍ର ଲକ୍ଷ୍ମୀପୂଜା। ଯେଉଁଠି ଯେଉଁଠି ଚାରି ପାଞ୍ଚ ଦିନ ତଳେ ଦୁର୍ଗା ମେଢ଼ ଥିଲା, ତାହା ଆଜି ଲକ୍ଷ୍ମୀ ମେଢ଼ରେ ପରିଣତ ହୋଇଛି। ମଣ୍ଡପରେ ଲକ୍ଷ୍ମୀ ଏକୁଟିଆ, ପାଦତଳେ ପେଚା। ମୟୂର ଉପରେ ଦେବରାଜ୍ୟର ସୁନ୍ଦର ତମ ତରୁଣ ମୂର୍ତ୍ତି ଅପେକ୍ଷା କୁତ୍ସିତ ପେଚା ଉପରେ ସର୍ବ ସମ୍ପଦ ଅଧିଶ୍ୱରୀ ଲକ୍ଷ୍ମୀମୂର୍ତ୍ତି ସମଧିକ ଆକର୍ଷଣୀୟ ଉଦ୍‌ଯୋଗୀମାନଙ୍କ ପକ୍ଷରେ।

ଏଇମାତ୍ର ସଞ୍ଜ ହୋଇଛି। ପୁନେଇ ଜହ୍ନର ଫିକା ତରାସ ଦିଶିଲାଣି, କିନ୍ତୁ କାନ୍ଦୁରା ଦେବଦାରୁ ଗଛର ଓ ତତ୍‌ସଂଲଗ୍ନ ବେଙ୍କ କୋଠାର ଛାଇରେ ମାଛି ଅନ୍ଧାରଟା ଲାଗି ଲାଗି ରହୁଛି। ଚନ୍ଦ୍ରଙ୍କ ବି ଇଚ୍ଛା ଆଗ୍ରହ ନାହିଁ ଏ ବଜାତ୍ ଦୁନିଆର ଉଆନୀଟାକୁ ଶୁଭ୍ର

Digitized by srujanika@gmail.com

ସୁନ୍ଦର କରିବାକୁ, କାରଣ ଲୋକଗୁଡ଼ାକ ସମାନତା ଚାହାନ୍ତି ନାହିଁ। ତାଙ୍କ ମୁହାଁ ସେଥିପାଇଁ ବିଷାଦକାଳିମାଗ୍ରସ୍ତ; ଗତି ମଧ ଅତି ମନ୍ଥର।

ଦେଖିଲି, ବେଙ୍କ ସାମନାରେ ମେଢ଼ ଏଯାକେ ଖାଲି। ମୂର୍ତ୍ତି ପହଞ୍ଚି ନାହାନ୍ତି। ମଝିରାତି ନ ହେଲେ ଦିନରେ ଅନ୍ଧ ରାତିରେ ଚକ୍ଷୁସ୍ମାନ ଚଢ଼େଇ ପିଠିରେ ବସି ନିଃଶବ୍ଦରେ ବାଡ଼ି ଦୁଆର ଦେଇ ଚୋରଣୀପରି ଗମ୍ଭିରୀ ଘରେ ପଶିବାକୁ କ'ଣ ସୁବିଧା ହେବ? ଧରା ପଡ଼ିଯିବେ ତ! ଅଧକିଲୋମିଟର ଲମ୍ବ ରାସ୍ତାର ଦୁଇ କଡ଼ରେ ରଙ୍ଗବେରଙ୍ଗ ବିଦ୍ୟୁତାଲୋକ ମାଳା ଖଞ୍ଜାଯାଇ ଦପ୍ ଦାପ୍ ପରୀକ୍ଷା ନିରୀକ୍ଷା ଚାଲିଛି; ମାଇକ୍ ମଧ ଟେଷ୍ଟିଂ (ମାଇକ୍ ଟେଷ୍ଟିଂ, ୱାନ୍ ଟୁ ଥ୍ରି ଟୁ ୱାନ୍) ଏଇମାତ୍ର ଶେଷକରି କଣ୍ଟ୍ରାକ୍ଟର ଉଦ୍‌ବୋଧନ ସଙ୍ଗୀତ ଆରମ୍ଭ କରିଛି "ମେ ଷୋଲା ବରଷକି ତୁମ୍ ସତର ବରଷ କା।"

ମୋ ସାମନା ଲୋକଟା ଓ ମୁଁ ଉଭୟେ ଏ ସ୍ଥାନ ପାର୍ ହୋଇ ଚାଲିଛୁ, ତାର ବା ମୋର ଆଗ୍ରହ ବା ଆନନ୍ଦ ନାହିଁ ଏ ସବୁଥିରେ। ସେ ତା କଥା ଭାବି ଭାବି ଡ଼ାହାଣ ବାଁ ନ ଚାହିଁ ଚାଲିଛି। ମୁଁ ତାକୁ ଅନୁସରଣ କରୁଛି ଏବଂ ପ୍ରଶ୍ନଟି ପଚାରିଦେଇ ଆଖି ରଖିଛି ତା କାନ୍ଧରୁ ବାଉଁଶ ବାଡ଼ିର ଆଗରୁ ଝୁଲୁଥିବା ପେନ୍ଥାଏ ପଦ୍ମକଢ଼ ଓ କେବଳ ଗୋଟାଏ ପ୍ରସ୍ଫୁଟିତ ଶ୍ୱେତ ପଦ୍ମ ଉପରେ ଯାହା ମାଛି ଅନ୍ଧାର ଭେଦକରି ପାରୁଛି ଶୁଭ୍ରତାରେ।

ଆଗରୁ ମୁଁ ବହୁବାର କହିଛି ମୋତେ ପଦ୍ମଫୁଲ ଭଲ ଲାଗେ, ପଦ୍ମଫୁଲ ଜାତୀୟ ଫୁଲ ହେଉ ନ ହେଉ ମୋ ଜୀବନର ଫୁଲ। ଲୋକେ କହନ୍ତି ଯେ ପଦ୍ମଫୁଲ ଭଲପାଏ ସେ କୁଆଡ଼େ ଚରିତ୍ରବନ୍ତ। ମୁଁ ଶ୍ରଦ୍ଧାତ୍ମା, ପବିତ୍ରତ୍ମା ନ ହେଲେ ବି ମାର୍ଡ଼ାରାର ନୁହେଁ। ପଦ୍ମଫୁଲର ମହକରେ ମୁଁ ସ୍ୱର୍ଗର ମହକପାଏଁ; ତାର ପାଖୁଡ଼ା କେଶର ବୀଜ ମୃଣାଳ ବୀଜକୋଷ ସବୁ ଚୋବାଇ ଗିଳିଲେ ଅମୃତ ଓ ସ୍ୱର୍ଗର ଖାଦ୍ୟ ଖାଇଲା ପରି ଲାଗେ। ପଦ୍ମଫୁଲ କଳ୍ପଲୋକର ଫୁଲ, କାବ୍ୟ ଜଗତର ଫୁଲ। ପଇସା ବାକ୍ସ ଉପରେ ଏ ଫୁଲ ରଖି ପୂଜା କରିବା ନୁହେଁ।

"ସତ୍ୟ ଶିବ ସୁନ୍ଦର ପରମେଶ୍ୱର, ବିଭୂ ସଙ୍ଗତେ ଲଗ୍ନ" ପଦ୍ମ ଫୁଲଟି ମୋର ଦୁଇ ତିନି ହାତ ଦୂରରେ ବାଡ଼ିଆଗରେ ଦୋହଲୁଛି ଏବଂ ମାଛି ଅନ୍ଧାର ଓ ସେ ଲୋକଟାର ଘନକୃଷ୍ଣ ପୃଷ୍ଠଦେଶକୁ ପଟ କରିଥିବାରୁ ଆହୁରି ଶୁଭ୍ରତର ଦିଶୁଛି।

ପଚାରିଲି "ବିକିବୁ?"

ପୁଣି ଗଳା ସଫା କରି ପୁଣି ଆଉ ଗୋଟାଏ 'ହୁଁ' ଛାଡ଼ିଲା ମୋ ଆଡ଼କୁ ନ ଚାହିଁ। ନ ଚାହିଁଛି ନ ବୁଲିଛି ଭଲ। କାରଣ ଲୋକଟା ପ୍ରାୟ ବିବସ୍ତ୍ର। ଶାଗ ଖରଡ଼ା ପାଇଁ ଅଭିପ୍ରେତ ଯୋଡ଼ାଏ ଛୋଟ କଳା ଆଟିକା ପରି ତାର ଦୁଇ ପିଚା ଭିତରେ ମଳିନ କନା ଖଣ୍ଡିକ ଅଦୃଶ୍ୟ ହୋଇଯାଇଛି, ସାମନାରେ ହୁଏତ ଚାଖଣ୍ଡରେ ଅବଶିଷ୍ଟାଂଶ କନା ତା ଲଜ୍ଜାଟାକୁ ଢାଙ୍କିଥିବ।

Digitized by srujanika@gmail.com

ସିଏ ଯିମିତି, 'ହୁଁ' କହିଛି ମୁଁ ପଚାରିଲି 'କେତେ ନବୁ ?' ମୋର ଯେ କିଣିବାର ଇଚ୍ଛା ଥିଲା ତାହା ନୁହେଁ, ଅମୂଲ୍ୟ ପଦାର୍ଥର ତା ହିସାବରେ କେତେ ଦର ହୋଇପାରେ ଜାଣିବା ପାଇଁ। ତା' ଛଡ଼ା କାମଧନ୍ଦା ଚିନ୍ତାଦକ କିଛି ନଥିଲେ ଲୋକେ ଯେ କୌଣସି ବିଷୟରେ କଥାବାର୍ତ୍ତା କରି ଅଯାଚିତ ମନ୍ତବ୍ୟ ଦେବାର ଆନନ୍ଦ ପାଆନ୍ତି ବା ଅପରକୁ ବିରକ୍ତ ଉତ୍ୟକ୍ତ କରନ୍ତି ଅଯଥା ବାକ୍‌ବିତଣ୍ଡା କରି, ଟୀକା ଟିପ୍‌ପଣୀ ଦେଇ।

ସେ ବି ଯେତିକି ମୋ ଚେହେରା ଦେଖିଲା, ସେଥିରୁ ଜଣାଗଲା ଯେ ଏ ପଦ୍ମଫୁଲର ଗରାଖ ନୁହେଁ, ଖାଲି ଏମିତି ପଚାରୁଛି। ତଥାପି ମନ ମଧ୍ୟେ ପାପ ଆଶା ବାନ୍ଧି କହିଲା "ପନ୍ଦର ପଇସା ଫୁଲଟା, କଢ଼ ଗୋଟାକେ ଦଶ ପଇସା।"

ତା ମନ ବିନ୍ଧିବା ପାଇଁ ତାରି ଗଳା ହନୁକରଣ କରି କହିଲି "ଫୁଟା ଫୁଲଟା ଦଶ୍ ପଇସାରେ ଦବୁ।"

ଉତ୍ତର ଦେଲା "କେଡ଼େ ପରିଶରମ୍ ଯେ ବାବୁ! ଦଶ୍‌ଟା ପଇସା କେତେ ? ଆଜ୍ କାଲ୍ କି ପଦ୍ମଫୁଲ ଫୁଟେ, କଇଁ ଫୁଲ ଯାହାକୁ ଯେତେ ସିନା।"

"ପରିଶ୍ରମର ଦାମ କିଏ ଦଉଛ ? ତୋର ଏ ଫୁଲଟା ତ ନକଲି। କଢ଼ଟାକୁ ଆଙ୍ଗୁଳିରେ ମେଲାଇ ମେଲାଇ ଫୁଲ କରିଛୁ। ଆଚ୍ଛା, ନୂଆ ବଜାର ଦେଇ ତ ଆସିଲୁ, ବଜାରରେ କେତେ ଦର କରିଥିଲୁ ?"

"ସେଇ ଦଶ ପଇସା କଢ଼, ଫୁଲଟା ପନ୍ଦର୍ ପଇସା।"

"ଏତେ ଦର କିଏ ଦବ ଛାର ଫୁଲକୁ। ସେଥିପାଇଁ ତ କେହି କିଣିଲେ ନାହିଁ। ଫୁଲଟା ମତେ ଦେଇ ଦେ ଦଶପଇସାରେ। ନହେଲେ ଫୁଲ କଢ଼ ସବୁ ଧରି ବୁଲୁଥା ରାତିଯାକ, ସକାଳୁ ସୂର୍ଯ୍ୟ ଉଦୟ ହେଲେ ତୋର ଏ ବାଡ଼ି ଅଗରେ କଢ଼ ସବୁ ଫୁଟି ଫୁଲ ହୋଇଯିବେ ଆପେ ଆପେ। ବିକିବୁ ଚଢ଼ା ଦାମରେ।"

"ହଉ ନେ ତେବେ। ମର୍‌ଠେ କୁଟରା ନାହିଁ ବାକି।"

ସେ ଯେମିତି ଦଶ ପଇସାରେ ଶ୍ୱେତ ପଦ୍ମଟି ମୋତେ ଦେବାକୁ ରାଜିହେଲା ମୁଁ ଭିନ୍ନ ସ୍ୱରରେ ପଦ୍ମ ତୋଳା ଗାଇଲି।

"ଏ ଫୁଲବାଲା! ମୋର କଥା ଶୁଣ। ମୁଁ ଦଶଟା ପଇସାରେ ତର୍ ଏଡ଼େ ସୁନ୍ଦର ପଦ୍ମଫୁଲଟା ନେବି ନା ? ନେଇଥାନ୍ତି ଯଦି ଦଶ ପନ୍ଦର ଶହେ ହଜାରେ ଲକ୍ଷେଟଙ୍କା ତୋତେ ଦେଇ ପାରିଥାନ୍ତି। ମୋ କଥା ମାନିବୁ ତ କହିବି।"

ରାଗରେ ଗର ଗର ହୋଇ କହିଲା, "ତୁମର ଯେତେ ସବୁ ବଜାରିଆ ନୁକ ଏଜା ରକମ୍। ତୁମର କଥା ଗୁଟେ ବାଟେ, କାମ ଆର ଗୁଟେ ବାଟେ। ତର୍ କଥାରୁ ମୁଁ ଜାଣିଛି ତୁ ଫୁଲ ନବୁନି। ହଉ, କି କହୁଛୁ କହ।"

Digitized by srujanika@gmail.com

କହିଲି, "ତୁ ଜବାବ୍ ଦେ ମୋର ଦିହ ଛୁଇଁ ମୋର କଥା ମାନିବୁ। ପଚାଶ ପଇସା କମରେ ଏ ଫୁଲଟା କାହାକୁ ବିକିବୁନି। ଦିଶଟା ପଇସା ତ ଲୋକ ରାଗିମାଗି ଭାଟ ଭିଖାରୀ କୁକୁର ବିରାଡ଼ି ଉପରକୁ ଫୋପାଡୁଛନ୍ତି। ପଦ୍ମଫୁଲ କି ବାଟଘାଟରେ ଫୁଟେ ନା ସତରେ ଫୁଲ କଳରେ ତିଆରି ହୁଏ ?"

ଏତିକିବେଳେ ରାସ୍ତାର ଗୋଟାଏ ବାର୍‌ଲାଇଟ୍ ତଳେ ଆମେ ପହଞ୍ଚିଲୁ। ସେ ମୋତେ ଭଲ କରି ଥରେ ଚାହିଁଲା, ମୋ ଚେହେରାରୁ ଚରିତ୍ର ଜାଣିବା ଉଦ୍ଦେଶ୍ୟରେ। ମୁଁ ବି ତାକୁ ତାଳୁରୁ ତଳିପା ଦେଖିନେଲି। ଛୋଟିଆ ମୁହଁ, କୁଞ୍ଚକୁଞ୍ଚିଆ ବାଳ, ଗୋଲ ଗୋଲ ଆଖି ନିରୀହ ବୋକା ହେବା ପର୍ଯ୍ୟନ୍ତ। ଦାରିଦ୍ର୍ୟର ସୀମାରେଖା ପହଞ୍ଚିବା ବି ତା ଜୀବନରେ ଅସମ୍ଭବ। ଫୁଲ ବିକି ପେଟ ପୋଷିବ ଏ ବୋକା, ଯେଉଁ ଦେଶରେ ଫୁଲ ଫୁଟିବା ଆଗରୁ ଗଛ ଲତା ଝାଉଁଳି ପଡ଼ନ୍ତି।

ମୋ ମୁହଁରୁ ଅପ୍ରତ୍ୟାଶିତ ସହାନୁଭୂତିଶୀଳ ଉପଦେଶ ଶୁଣି ସେ ସାମାନ୍ୟ ଉତ୍ସାହିତ ହୋଇ କହିଲା "ପଚାଶ ପଇସା ତର୍ ଏ ବଜାରରେ କିଏ ଦବ, ବାବୁ ? ପନ୍ଦର ପଇସା କହିଲି ବୋଲି ତ ସେ ବଜାରରେ ଝଗଡ଼ାଝାଟି ହୋଇଗଲା, ମାରପିଟ୍ ଆଉ ଟିକେ ହେଲେ ହେଇଥାନ୍ତା। ରାଗଟା ଥମରେଇ ନେଲି, ନହେଲେ ... ।"

"କିଏ ଦବ ପଚାଶ ପଇସା କହୁଛୁ। ଯିଏ ତତେ କାଳିପୂଜା ମକର ପୁନେଇ ବେଳକୁ ଦୁଇଟଙ୍କାରେ ବିକିବ, ଯିଏ ଦୁଇ ଟଙ୍କା ରିକ୍ସାଭଡ଼ା ଜାଗାରେ ଟଙ୍କାଏ ଦିଏ, ଯିଏ ବୋଝ ଟଙ୍କାଏ ଜାଗାରେ ପଚାଶ ଦିଏ, ଯିଏ ଅଟା ପେଷିଲେ ଅଧକିଲେ କମ୍ ଦିଏ, କାଟିରଖେ ନୂଆ ପଇସାଟିଏ ବି ଛାଡ଼େ ନାହିଁ, ଯିଏ ତୋର ପେଟରୁ ଦାନାକନା କାଟି ତାର ପେଟ ବଢ଼ାଏ, ପାଟପଟନି ପିନ୍ଧେ, ସେଇ ଲୋକ ଦବ। ଲକ୍ଷ୍ମୀପୂଜା କରିବ, ଟଙ୍କା ବଢ଼େଇବ, ରଖିବ, ଅଥଚ ପଚାଶ ପଇସାରେ ଫୁଲଟାଏ କିଣି ନିଜେ ତ ଆଣିବ ନାହିଁ ଶ୍ୱେତ ପଦ୍ମ। ଠାକୁରାଣୀକି ଦବ ନାହିଁ ? କଳାକୁ ଧଳା କରିବା ପାଇଁ ଧଳା ଫୁଲଟାଏ ବି ମା ଲକ୍ଷ୍ମୀଙ୍କି ଦବ ନାହିଁ ? ଅଲବତ୍ ଦବ।"

ସବୁ ଶୁଣି ଧୀର ଗଳାରେ କହିଲା "ବାବୁ! ଆମର ମୁରୁଖ୍ ନୁକ। ତର ବଡ଼ ବଡ଼ କଥା ମୁଁ ବୁଝିବି ନାଇଁ। ତୁମର ବଜାରିଆଗା ଏଡ଼େ ଛୁଟ୍ ନୁକ୍! ପାଞ୍ଚଟା ଦଶଟା ପଇସା ତ ଦବୁନି, ପାଟିକୁ ଯାହା ତାହା ଆସିଲା କହିଯିବୁ, ମାରିବୁ ପିଟିବୁ। କହିବୁ ନ ନେ ଫୁଲ। କିଏ ଜୋର କରୁଛି ? ନମ୍ବା ନମ୍ବା ଫରଦରେ ଚାନ୍ଦା କରୁଛୁ, ଉଠଉଛୁ, ଗଞ୍ଜେଇ ଭାଙ୍ଗ ମଦ ଖାଇପିଇ ପୁଇସା ଉଡ଼ଉଛୁ, କହୁଛୁ କିନା ପୂଜା କରୁଛୁ ?"

ଲୋକଟା ନିଶ୍ଚୟ ଜୋରରେ କେଉଁଠି ଠୋକ୍‌କର ଖାଇଛି। ତାର କ୍ରୋଧ ଟିକିଏ ସମ୍ବରଣ କରାଇବା ପାଇଁ ତାକୁ ଆପଣାର କଲି ଏବଂ ଗୋଟିକୁ ଗୋଟି କଥା ପଚାରି ପୁଛି ତାକୁ ଶାନ୍ତ କଲି।

Digitized by srujanika@gmail.com

ସେ କହିଲା, "ଫୁଲର ଦାମ ପନ୍ଦର ପଇସା ଯିମିତି କହିଛି"; ପୂଜା ମେଢ଼ ପାଖରେ ଥିବା ଦଳେ ଟୋକା ତାକୁ କୁଆଡ଼େ କହିଲେ, "ପନ୍ଦର ପଇସା ! ତୋର ମଥା ଗରମ ନା ପେଟ ଗରମ ?" କଢ଼ ଗୋଟାକୁ ଦଶ ପଇସା କହିଲାରୁ କିଏ କହିଲା "ବେ ! ତୁ ଫୁଲର ଦାମ କି ବୁଝୁ ? ବଜାରରେ ତ କାଠ ଚିରି ଚିରି ଜୀବନ କଟାଇଲୁ। ଫୁଲଟାକୁ ପାଞ୍ଚ ପଇସା, କଢ଼ ଗୋଟାକୁ ଦୁଇ ପଇସା ଦରରେ ଦେଇଯା, ଆଉ କେବେ ଫୁଲ ବେପାର କରିବୁନି ଭଲଗତି ଅଛି ତ।" ସେ ଯିମିତି ଦର କମାଇବନି କି ଫୁଲ ଦବନି ବୋଲି କହିଲା, କିଏ ଜଣେ କହିଲା "ଯାବେ ଶଳା ! କେଉଁଠି ପନ୍ଦର ପଇସାରେ ବିକିବୁ ଦେଖିବା। ଭାଗ ଶଳା ପଦ୍ମଫୁଲ ଆଣିଛି।" ଲୋକଟା କୁଆଡ଼େ ଉତ୍ତେଜିତ ହୋଇ ସେମାନଙ୍କୁ ଗୋଟାଏ ଦୁଇଟା ବଜେଇବ ବୋଲି ବାହାରିଥିଲା ବାଉଁଶ ବାଡ଼ିଟାରେ।

ତାପରେ ସେ ତା ଭାଷାରେ କହିଲା, ସେ ବଜାରକୁ ଆଜି ଆସିନଥାନ୍ତା। ସକାଳୁ ଥରେ ଆସିଥିଲା କାଠ ଚିରିସାରି ଦି' ପହରକୁ ଘରକୁ ଫେରିଥିଲା। ଘରେ ଯାଇ ଦେଖିଲା ତାର ଦୁଇ ପୁଅ ଗାଁର ପୋଖରୀରୁ କେତୁଟା କଢ଼ ଆଣିଛନ୍ତି। ବଡ଼ଟା କୁଆଡ଼େ ପଦ୍ମନାଡ଼ରେ ଛନ୍ଦିହୋଇ ପାଣି ପିଇଯାଇଥିଲା। ସାନଟାର ଦିହହାତ କୁଣ୍ଡେଇ ହଉଛି ଯେ ଘରେ ଗଡୁଛି। ଦୁଇପୁଅ ଘାସ କାଟି ବିକନ୍ତି, କେତେବେଳେ କାହାର ଗୋରୁ ମଧ ଜଗନ୍ତି। ଶୀତ ଦିନ ଆସୁଛି, ଦୁଇଜଣ ଦୁଇଟା ଗେଞ୍ଜି କାଳିପୂଜାକୁ କିଣିବେ ବୋଲି ପଇସା ରଖୁଛନ୍ତି। କେତେଟା ଟଙ୍କା କମ୍ ହେଉଛି। ଫୁରୁସତ୍ ପାଇଲାରୁ ଏଇ ଫୁଲ ତକ ଆଣି ବାପା ହାତରେ ବଜାରକୁ ପଠାଇଛନ୍ତି ଟଙ୍କାଏ ମଣାଏ ଯାହା ମିଳିବ।

ପଚାରିଲି "ତୋର ଘର କେଉଁଠି ?"

କହିଲା, "ଖାନ୍‌ନଗର, ଏଠୁ ସିଧାସଳଖ ଦୁଇକୋଶ।" ମୋତେ 'ଖାନ୍‌ନଗର' 'ମାନସରୋବର' ଶୁଭିଲା। ସେ ପୁଣି କହିଗଲା, ଖରାଦିନେ ସେ ଫୁଲ ସକାଳୁ ଆଣେ, ବିକି ସାରି କାଠଚିରା ଆରମ୍ଭ କରେ। ଏ ବର୍ଷ ଭଲ ବେପାର ହେଲାନି। କଟକରେ କେଉଁ ମନ୍ତ୍ରୀଙ୍କ ଜନ୍ମଦିନ ହେଲା ଯେ ଗାଡ଼ି ଆସି ଫୁଲକଢ଼, ନାଡ଼ ପତ୍ର ସବୁ ନେଇଗଲା। ଯେଉଁ କେତୁଟା ଗଛ ବର୍ତ୍ତିଗଲା ତାରି ଏ ଫୁଲ। ଲାଲ ପଦ୍ମତ ସବୁଠି ମିଳେ। ବାହାନଗା, ମାରିକୋଣା, ଭଣ୍ଡାରୀ ପୋଖରୀ। ଧଳା ପଦ୍ମ ଅସଲ ପଦ୍ମ। ଶହେ ଆଠ ପାଖୁଡ଼ା। ନେଳିଆ ରଙ୍ଗର ବି ପଦ୍ମ ଅଛି। ସେଇ ନେଳିଆ ପଦ୍ମରୁ ଗୋଟାଏ କମ୍ ହେବାରୁ ରାମଚନ୍ଦ୍ର ପରା ଆଖି ତାଡୁଥିଲେ। ପଦ୍ମ ଯିଏ ଆଖି ସିଏ।

ପୁଣି ଭାବପ୍ରବଣ ହୋଇ କହିଲା "ବଜାରିଆଏଁ ପଦ୍ମର ଗୁଣ ଜାଣିବ କେଉଁଠୁ ? ପଦ୍ମବଣର କଣ୍ଟା ଦେଖିଛନ୍ ? ପଚା କାଦରେ ଘାଣ୍ଟି ଚକଟି ହେଇଛନ୍ କେବେ ? ଧଣ୍ଡ, ଜୋକ, କଟୁ ପୋକର କାମୁଡ଼ୀ ଖାଇଛନ୍ କେବେ ? କେବେ ଛନ୍ଦିହେଇ ପଦ୍ମନାଡ଼ରେ ଆକୁପାକୁ ହେଇଛନ୍। କହୁଛି, କଢ଼ ଗୋଟାକୁ ଦୁଇପଇସା, ଫୁଲକୁ ପାଞ୍ଚ ପଇସା ଦବ । କିଛି ନ ଦେ। ତୁମର ଶିରିକୃଷ୍ଣ ପଦ୍ମ ବଣରୁ କାଳୀ ମାରିଥିଲା ନା !

Digitized by srujanika@gmail.com

ଗୁଣିଆ ସାପ ଖେଳେଇଲା ବେଳେ କି ଗୀତ ଗାଏ, ପଦ୍ମବନେ ଅଛି କାଳୀ। ଏକା ପାହାରରେ ମୁଣ୍ଡ ଫଟାଇ ଦେଇଥାନ୍ତି ସମସ୍ତଙ୍କର, ଅଟକେଇ ଦେଲା କିଏ।"

ମୁଁ କହିଲି "ଭାଇ! ଶୁଣ, ତୁ ଜବାବ୍ ଦେ, ନ ବିକିବୁ ପଛେ ଫୁଲଟାକୁ ପଚାଶ ପଇସା ଆଉ କଢ଼ ଗୋଟାକୁ କୋଡ଼ିଏ ପଇସା କମରେ ବିକିବୁ ନାହିଁ, ଛୁଁ ମୋର ଦିହ।" କହି ହାତ ବଢ଼େଇ ଦେଲି। ସେ ମନ୍ତ୍ରମୁଗ୍ଧ ହୋଇ ମୋ ହାତ ଧଇଲା, କହିଲା "ଜବାବ ନେ। ଖାଲି ହାତରେ ଫେରିବି ତେବେ ...।"

ମୁଁ ତାକୁ ବିଦାୟ ଦେଇ ଜନୈକ ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ନୃତ୍ୟ ସଙ୍ଗୀତ କଳା ମନ୍ଦିର ଆଡ଼କୁ ଚାଲିଗଲି। ଫେରିଲାବେଳକୁ ରାତି ପ୍ରାୟ ନଅଟା । ବାଟରେ ଶୁଣିଲୁ ନୂଆବଜାର, ଯାଉଁଳିଆ ପଟ୍ଟୀ ଏବଂ ତିନିଟା ବେଙ୍କର ଯୁଗ୍ମ ପ୍ରଚେଷ୍ଟାରେ ଯେଉଁ ସାର୍ବଜନୀନ ମଣ୍ଡପ ମେଢ଼ ହେଇଛି ତାହା ତ୍ରିଭୁବନ ଜିଣୁଛି ଏବଂ ଏଇ ମୋତିଗଞ୍ଜରେ ମୋର ବନ୍ଧୁ ସେଇ ପଦ୍ମବିକାଳୀଟିଏ ଖଞ୍ଜଣା ପାଇଥିଲା। ମୁଁ ସେଠାକୁ ଗଲି ଏବଂ ଆସନରେ ବସି ଉଦ୍‌ଯୋକ୍ତାଗଣଙ୍କୁ ଜମେଇବାର ବିବିଧ ଉପାୟ ଅନୁଧାନ କଲି। ଖୁବ୍ ଆନନ୍ଦ ଉଲ୍ଲାସ କଳରୋଳ ଭିତରୁ ନିଜକୁ ଉଦ୍ଧାର କରି ହଠାତ୍ ଲକ୍ଷ୍ମୀ ମୂର୍ତ୍ତି ଆଡ଼କୁ ଅନେଇଛି ଦେଖିଲି ମୋର ଘଣ୍ଟାଏ ଆଗରୁ ପରିଚିତ ବନ୍ଧୁଟି ମଣ୍ଡପ ଆଗରେ ଛିଡ଼ା ରହି ଲକ୍ଷ୍ମୀଙ୍କ ଆଡ଼କୁ ଅନେଇଛନ୍ତି। କାନ୍ଧରେ ବାଉଁଶ ବାଡ଼ି, ଅଗରେ ପେନ୍ଥାଏ ପଦ୍ମ କଢ଼, ଏ ସାଙ୍ଗକୁ ପ୍ରସ୍ଫୁଟିତ ଶ୍ୱେତପଦ୍ମଟି।

ମୁହୂର୍ତ୍ତକେ ବୁଝିଗଲି ବନ୍ଧୁଙ୍କ ପୁଷ୍ପସମ୍ପଦର ଗରାଖ କେହି ମିଳିଲେ ନାହିଁ ସାରା ସହରଟାରେ, ପୁଣି ଏଇ ଲକ୍ଷ୍ମୀ ପଦ୍ମାଳୟା ପଦ୍ମାଙ୍କ ଆରାଧନା ରାତ୍ରିରେ। ଫୁଲର ଦର କେହି ଦେଇପାରିଲେ ନାହିଁ ଏବଂ ଫୁଲ ଅବିକ୍ରି ପାଇଁ ମୁଁ ହୁଏତ ଦାୟୀ।

ଲଜ୍ଜିତ ଅନୁତପ୍ତ ହୋଇ ତା ପାଖକୁ ଯିବି କି ନାହିଁ ଭାବୁଛି, ଦେଖିଲି ବନ୍ଧୁ କାନ୍ଧରୁ ବାଡ଼ି ଖସାଇ ପ୍ରସ୍ଫୁଟିତ ଶ୍ୱେତ ପଦ୍ମଟିକୁ ବାହାର କରି ଦେବୀଙ୍କ ଆଡ଼କୁ ଫୋପାଡ଼ିଲା ଏବଂ ଫୁଲଟି ଦେବୀଙ୍କ ଠିକ୍ ପଦତଳେ ଲାଖି ରହିଲା। ତା ପରେ ପରେ କଢ଼ଗୁଡ଼ାକୁ ଗୋଟାଏ ଗୋଟାଏ କରି ବାହାର କରି ମଣ୍ଡପର ଚାରିଦିଗରୁ ଫୋପାଡ଼ି ଦେଇ ଲମ୍ବତମ୍ବ ପଡ଼ିଗଲା। ମନେ ପଡ଼ିଲା, ବିଦାୟ ନେଲା ପୂର୍ବରୁ ସେ ମୋତେ ଗୋଟାଏ ପ୍ରଶ୍ନ ପଚାରିଥିଲା। "କାହିଁକି ବାବୁ ତମର ଲକ୍ଷ୍ମୀ ପୂଜା କର ?" ମୁଁ କହିଥିଲି "ଟଙ୍କା ପଇସା ପାଇଁ।" ପୂଜାସ୍ଥଳୀ ଛାଡ଼ି ଚାଲିଯାଇଥିଲା ବେଳେ ମୁଁ ତାକୁ ଅନୁସରଣ କରି ତା ପାଖେ ପହଞ୍ଚି ଗୋଟିଏ ପାଞ୍ଚଟଙ୍କିଆ ନୋଟ ବାହାର କରି ଯେମିତି ତାକୁ ଯାଚିଛି, ସେ ସମଗ୍ର ସଂଚିତ କ୍ରୋଧ ପ୍ରଜ୍ୱଳିତ କରି କହିଲା, "ବାବୁ! ଆମ୍ଭର ସାନ୍ତାଳ ଜାତିରେ ମାଗିକରି କିଏ ବଞ୍ଚୁଛି ଜାଣୁ ? ଆମ୍ଭର କାମ କରୁଁ ଆର୍ ପଇସା ନଉଁ, ଜିନିଷ ଦଉ ପଇସା ଆଣୁ। ମାଗଣାରେ ଟାଉଟରିରେ ଆମ୍ଭର ଜାତିରେ ଯିଏ ବଞ୍ଚେ ତାକୁ ସହର ବଜାରକୁ ପଠାଇ ଦଉଁ, ଏକଘରିଆ କରୁଁ । ତୁ ପଇସା ଦେଇ ବଡ଼ଲୋକୀ ଦେଖେଇ ହବୁ ? ଦେଖ ତତେ

Digitized by srujanika@gmail.com

ଜବାବ୍ ଦେଇଥିଲି ଜବାବ ରଖିଛି, ସାନ୍ତାଳ କେବେ ଜବାବ୍ ଭାଙ୍ଗେ ନାହିଁ, ଭୁଖ୍ ଉପାସରେ ମରିବ ପଛେ । ଅସଲ ସାନ୍ତାଳ ଗୁଳି ଖାଇ ମରିବ, ନ୍ୟାୟରେ ଲୋକ୍‌କେ ହାଣି କରି କଇଦୀ ଖଟିବ ପଛେ ଚୋରି ଟାଉଟରି କରି ଜେଲଖାନା ଯିବ ନାହିଁ ।"

ପୂର୍ଣ୍ଣିମା ଚନ୍ଦ୍ର ସେତେବେଳକୁ ପ୍ରସ୍ଫୁଟିତ ଶ୍ୱେତ ପଦ୍ମ ପରି ସଫେଦ୍ ଦିଶୁଥିଲା । ସେଇ ଲୋକଟା ଶତ ସହସ୍ର ଶତଦଳରେ ଆଚ୍ଛାଦିତ ହେଲାପରି ଦିଶୁଥିଲା ଦୂରରୁ ମୋ ଆଖିରେ, କିନ୍ତୁ ଲକ୍ଷ୍ମୀଙ୍କ ପଦତଳେ ଲୋଟୁଥିବା ଶ୍ୱେତ ପଦ୍ମଟି ତାଙ୍କ ପଦ ସଂସ୍ପର୍ଶରେ ଆସି ସାନ୍ତାଳ ଦିହର ରଙ୍ଗ ପରି କଳା ଟଙ୍କାର ରୂପ ଧାରଣ କରିଥିଲା ।

# 'କି ଜାତି ପଦାର୍ଥ ?'

## (କେବଳ ବୁଢ଼ାବୁଢ଼ୀଙ୍କ ପାଇଁ)

କ'ଣ ହେଉଛି କେଜାଣି ଆଜିକାଲି ପ୍ରତିଦିନ ସକାଳ ଆଠଟାବେଳକୁ ଅସମୟଟାରେ ବୁଢ଼ୀକି ଦୁର୍ବଳ ଲାଗୁଛି; ଶୀତ ଲାଗୁଛି । ଚା' କପେ, ବିସ୍କୁଟ ଗୋଟାଏ ଖାଇଦେଇ କାଶ୍ମୀରୀ କମ୍ବଳଟାକୁ ଘୋଡ଼ାଘୋଡ଼ି ହୋଇ ଅଧଘଣ୍ଟାଏ ସେ ଶୋଇ ଯାଉଛନ୍ତି । ତା'ପରେ ଦିହକୁ ପୁଣି ଉଷୁମ ଆସିଲେ ଉପର ତଳ ହୋଇ ଘରଧନ୍ଦା ବୁଝାମଣା କରୁଛନ୍ତି; ତା'ପରେ ଯାଇ ଗାଧୁଆପାଧୁଆ, ଖିଆପିଆ କଥା ।

ମୁଁ ସେତିକିବେଳେ ଲେଖାଲେଖି କାମ ବନ୍ଦ ରଖି ବୁଢ଼ୀ ପାଖରେ ଦିହକୁ ଦିହ ଲଗାଇ ଦଣ୍ଡେ ବସେଁ; ମୁଣ୍ଡ, ମୁହଁ, ଜଙ୍ଘ, ତଳିପା, ଆଉଁଷାଆଉଁଷି କରି ଦୁହେଁମୁହାଁ ହୁଏ, ସେ ଆଖିବୁଜି କୃତ୍ୟକୃତ୍ୟ ହୋଇ ମୋ ସାନ୍ନିଧ ଓ ଶ୍ରଦ୍ଧା ଗ୍ରହଣ ଓ ଉପଭୋଗ କରନ୍ତି । ପାଚିଲା ପତର ଦି'ଟା, କିଏ ଆଗ କିଏ ପଛ ପଡ଼ିବ ଜଣାନାହିଁ । ଯୋଡ଼ାଯୋଡ଼ି ହୋଇଥିଲେ ସହଜରେ ପଡ଼ିବୁ ନାହିଁ, ପଡ଼ିଲେ ଏକାସାଙ୍ଗରେ ପବନରେ ଘୂରିଘୂରି ଝଡ଼ିବୁଁ ।

ପଚାରିଲି, "କାଲି ସକାଳେ ତେବେ ଯାଉଛ ?"

"ଯିବି ବୋଲି ତ ଭାବିଛି, କାଶୀ ଆସିଛି ଖାସ୍ ମୋତେ ନେଇଯିବ ବୋଲି । କୋଡ଼ିଏ ବର୍ଷ କି ଅଧିକ ହେବ ବାପଘର ବୋଲି ଦେଖିନି । ଯିବି ଯିବି ବୋଲି କାଳ କାଳ ଯୁଗ ଯୁଗ ବିତିଗଲାଣି । ଦେଖାଯାଉ, ଏଥର କଣ ହେଉଛି ।"

---

ଝଙ୍କାର, ୩୩ଶ ବର୍ଷ, ୨ୟ ସଂଖ୍ୟା, ବୃଷ ୧୩୮୮, ମେ ୧୯୮୧ ।

Digitized by srujanika@gmail.com

"ଏବେ ଏବେ ବସ୍ କୁଆଡ଼େ ତୁମ ଘର ଦାଣ୍ଡ ଦେଇଯାଉଛି । ଛାଡ଼ୁଛି କେଇଟାବେଳେ ?"

"ମୁଁ ଜାଣିବି କିମିତି ? ତୁମେ ଯେଉଁଠି ମୁଁ ସେଇଠି । କାଶୀ ବଜାରକୁ ଯାଇଛି ଆସୁ, ବୁଝିବା ବସ୍ ବେଳ ।"

"ଶୁଣ, ତୁମେ ଯିବ ତ ଯାଅ ମନା ନାହିଁ, କିନ୍ତୁ ଦିନୁଟେ ରହିବ, ତୁମେ ଗଲେ ମୋତେ ଭଲ ଲାଗିବନି, ଖାଲି ଛଟପଟ ହେବି । ଆଚ୍ଛା, ବସ୍ ତୁମ ସେଠୁ ଆସି ଏଠି କେତେବେଳେ ପହଞ୍ଚିବ ?"

"ତୁମର ଏବେ ମତିଭ୍ରମ ହୋଇଯାଇଛି, ମୁଁ ଏବେ କହିଲି ପରା ବସ୍ ଯିବା ଆସିବା ବେଳ ମୋତେ ଜଣାନାହିଁ; କାଶୀ ଆସୁ ପଚାରିବି, କହିଲି ପରା !"

"ଆଚ୍ଛା କାଶୀ ତୁମର ଭଣଜା ନା ଆଉ କ'ଣ ହବ ?"

"ଏମିତି ନାଜ କଥା ଗୁଡ଼ା କ'ଣ କହୁଛ ? କାଶୀ ପରା ମୋ ସାନଭାଇ ଉଦୟର ପୁଅ । ତୁମେ ପରା ତା'ର ପିଉସା, ଭଣଜା କ'ଣ କହୁଛ ?"

ମୁଁ ଚୁପ୍ ହେଲି । କାଶୀ ଆସିଗଲା । ସେ କାଲି ରାତିରୁ ଅକ୍ରୁର ପରି ଆସିଛି ଧରିନବ ବୋଲି ବୁଢ଼ୀକି ଏବଂ ପ୍ରଭାତରୁ ଚଳିବ । କାଶୀକି ଶୁଣାଇ ଶୁଣାଇ ମୋତେ ଲକ୍ଷ୍ୟ କରି ବୁଢ଼ୀ କହିଲେ "ଶୁଣ, କହି ଦଉଛି; ତୁମେ ଏମିତି ଯଦି ସକାଳୁ ଯାଇ ସଞ୍ଜକୁ ଫେରିବାକୁ କହିବ, ମୁଁ ମୋଟେ ଯିବିନି । ମୋ ଇଚ୍ଛା ଅନୁସାରେ ଆସିବି; ଦିନେ ରହେ ଅଧେ ରହେ । ଲୋକେ କ'ଣ କହିବେ ? ଛି !"

ତହିଁ ପରଦିନ ସକାଳେ ପିଉସୀ ପୁତୁରା ବାହାରିଲେ ବିକ୍ରମପୁର । ମୁଁ ବୁଢ଼ୀ ସାଙ୍ଗରେ ରିକ୍ସାରେ ବସି ବସ୍‌ଷ୍ଟାଣ୍ଡକୁ ଗଲି । ବସ୍ ଛାଡ଼ିବା ପର୍ଯ୍ୟନ୍ତ ତାଙ୍କ ପାଖ ସିଟ୍‌ରେ ବସି ରହିଲି । ବସ୍ ଛାଡ଼ିଲବେଳକୁ ଓହ୍ଲାଇ ତାଙ୍କରି ଝରକା ପାଖରେ ଛିଡ଼ା ହୋଇ ଦେଖିଲି ତାଙ୍କ ଆଖି ଯୋଡ଼ିକ ଛଳଛଳ । ଅଥଚ ଦଣ୍ଡେ ଆଗରୁ ମୁଁ ଯେତେବେଳେ ତାଙ୍କ କାନ ପାଖରେ ଚୁପ୍ ଚୁପ୍ କହୁଥିଲି "ମେତେ କାନ୍ଦ ମାଡୁଛି" ସେ କହିଥିଲେ "ଏମିତି କଣ ପିଲାଙ୍କ ପରି ହଉଛ ?" ବସ୍ ଛାଡ଼ିଲାବେଳକୁ କଉତୁକରେ ହସି ହସି କହିଲି 'କାଶୀ ସାଙ୍ଗରେ ତୁମେ ଯାଇଥାଅ, ମୁଁ ତୁମ ପଛେ ପଛେ ଯାଉଛି ।' ଟିକିଏ କାନ୍ଦ ହସମିଶା ବୁଢ଼ୀର ମୁହଁ ଟିକକ ଦଣ୍ଡେ ପରେ ଅଦୃଶ୍ୟ ହୋଇଗଲା । ମାଆକୁ ଛାଡ଼ି ଅବୁଝା ଅଲିଅଳ ପୁଅ ଯିମିତି କାନ୍ଦି କାନ୍ଦି ଘରକୁ ଫେରୁଛି, ମୋତେ ସିମିତି ଲାଗିଲା ।

ଘରକୁ ଫେରିଲି । କୋଠରୀଟା ଖାଲି ଶୁନ୍‌ଶାନ୍, ଖାଁ ଖାଁ ଲାଗିଲା । ବୁଢ଼ୀର ପାନ ଡ଼ବାଟି ସେଇଠି କବାଟ କଣରେ ଶୋଇଛି । ପାଲଟା ଶାଢ଼ୀଟି ଲୋଟାକୋଟା ହୋଇ ମୋରି ଖଟରେ ପଡ଼ିଛି । ତାଙ୍କ ପାଟିର ପାନର ଚୁଆଗୁଣ୍ଡିର ଗନ୍ଧ, ମୁଣ୍ଡର ଜବାକୁସୁମ ତେଲର ମହକ ଘରେ ଜମାଟ ବାନ୍ଧି ରହିଛି । ଟେବୁଲ ଉପରେ ମୋର ଔଷଧ ଶିଶିଗୁଡ଼ାକ ସାଙ୍ଗକୁ ଡ଼ାକ୍ତରଙ୍କ ଲେଖାଟି ଥୁଆ ହୋଇଛି; ଯିମିତି ମୁଁ ବେଳକୁ ବେଳ

Digitized by srujanika@gmail.com

ଠିକ୍ ଔଷଧ ଖାଇବି । ଛୋଟ ସୁରେଇଭରତି ପାଣି ଓ ମୋର ଛୋଟ ଗ୍ଲାସ୍, ଚାମଚ ଓ ଗ୍ଲୁକୋସ୍ ପାକେଟ୍ ପାଖେ ପାଖେ ସଜାଇ ରଖାହୋଇଛି । ଥୁରୁଥୁରିଆ ବୁଢ଼ୀଟିକି ମୋର କିଏ ଯିମିତି ଯାଦୁ ବଳରେ ଛାତ ଭିତର ଦେଇ ଉଡ଼ାଇ ନେଇଯାଇଛି । ମୁଁ ଅନୁଭବ କରି ପାରୁଛି ତା'ର ଉପସ୍ଥିତି ଦେଖି ପାରୁଛି ଚାଖଣ୍ଡେ ଓଢ଼ଣାଟାଣି ସରୁ ଠକରା ମୁହଁଟି, ତାର ଭରିଏ ଓଜନର କାନଫୁଲ ଆଉ ତିନିଭରି ଓଜନର ଚେନ୍; କିନ୍ତୁ ମୁଁ ଏକାନ୍ତ ନିଃସଙ୍ଗ ।

ଉପର ମହଲାରୁ ପୁଅବୋହୂଙ୍କ ସ୍ୱର, ନାତିନାତୁଣୀଙ୍କ ଚିତ୍କାର ଓ ଧାଁ ଦଉଡ଼ ମୁଁ ସ୍ପଷ୍ଟ ଶୁଣି ପାରୁଛି କିନ୍ତୁ ସେମାନଙ୍କୁ ଡ଼ାକି ମୋତେ ସାଙ୍ଗ ଦେବାକୁ ମୁଁ ଇଛା କଲିନି । ବୁଢ଼ୀବିହୀନ ଦୁନିଆଁଟା କିପରି ଲାଗିବ ତା'ର ଗୋଟିଏ ପ୍ରାକ୍ ଅନୁଭୂତିର ଅବକାଶ ମୁଁ ଖୋଜୁଥିଲି, ରିହାର୍ସେଲ କରୁଥିଲି ମୋ ପାର୍ଟଟା । କ୍ରମେ ଅସହ୍ୟ ହେଲା ନିଃସଙ୍ଗତା ଓ ନିର୍ଜନତା । ଖବରକାଗଜ ଉଠାଇଲି, ଦଣ୍ଡେ ପରେ ଫୋପାଡ଼ି ଦେଲି ଫଡ଼ଫାଡ଼୍ କରି; ରେଡ଼ିଓ ଛାଡ଼ିଲି, ଶବ୍ଦ ବାହାରୁ ନ ବାହାରୁଣୁ ଟୁକ୍ କରି ବନ୍ଦ କରିଦେଲି । ବଡ଼ ସିନ୍ଦୁରଟୋପା ଆଉ ଆକର୍ଣ୍ଣଲମ୍ବିତ କଜଳଗାର ସହିତ ଗୋଟିଏ ମାତୃମୂର୍ତ୍ତିର ଛବି ପରି ବୁଢ଼ୀର ମୁହଁଟା ପୁଣି ଦିଶିଲା ।

ଆଉ ସମ୍ଭାଳି ପାରିଲି ନାହିଁ ! ବାପା ! ବୁଢ଼ୀର କି ଆକର୍ଷଣ, କି ମୋହିନୀ ଶକ୍ତି ! ପାଖରେ ଥିଲେ ପାଣିରେ ମାଛଥିଲା ପରି ନିଦକ ନିର୍ଭୟ ଥାଏଁ କିନ୍ତୁ ପାଣିର ବାହାରକୁ ଆସିଲାମାତ୍ରେ ମାଛ ଛଟପଟ୍ ମୁମର୍ଷୁ । ଭାତ ଗଣ୍ଡିଏ ଖାଇ ଶୋଇପଡ଼ିବି ଗୋଟାଏ ଦିନରୁ କେତୁଟା ଘଣ୍ଟା କଟିଯିବ ଭାବି ଭାତ ଖାଇସାରି ବୁଢ଼ୀର କାଶ୍ମୀରୀ କମ୍ବଳଟାରେ ଯିମିତି ଢ଼ାଙ୍କି ହୋଇଛି, ବୁଢ଼ୀର ଦିହର ବାସନା (ପଦ୍ମିନୀଜାତୀୟା !) ସାଙ୍ଗକୁ ତା ଦିହର ଉଷୁମ ମଧ ପାଇଗଲି । ନିଦ ଆସିବ କ'ଣ ଝାଳ ବୋହିଗଲା । ପୁରୁଣା ରୋଗ ବାହାରି ପଡ଼ିଲା, ଛାତିର ଢ଼ପ୍ ଢ଼ପ୍ ଢ଼ପ୍ ଢ଼ପ୍ ଆୱାଜ ଜୋରରେ କାନକୁ ବାଜିଲା । ସ୍ନାୟୁଗୁଡ଼ାକ ଏତେ ଦୁର୍ବଳ ! ମନକୁ ବୁଝାଇଲି 'ରେ ମନ ଧର ଧୈର୍ଯ୍ୟ, ଘେନରେ ସାନ୍ତ୍ୱନା, ଅଛଡି ସେହି ମହାଧନ ସେ ମହା ସ୍ୱର୍ଣରତନ କାଲି ସାକଲୁ ଆସିବ ନକର ଭାବନା ।' କିନ୍ତୁ ମୁଢ଼ମନ ଅବୁଝା । ଜଣାଗଲା, ହାର୍ଟ ଫେଲ୍ୟୁର କେତେବେଳେ ହୋଇଯିବ ।

ବାହାରି ପଡ଼ିଲି ରିକ୍ସାରେ ପୁଣି ବସଷ୍ଟାଣ୍ଡକୁ ଏବଂ ସଙ୍ଗେ ସଙ୍ଗେ ବସ୍ ଧରି ପହଞ୍ଚିଗଲି ଅଧଘଣ୍ଟାରେ ବିକ୍ରମପୁରରେ । ଯିମିତି ଶଶୁର ଘରକୁ ପ୍ରଥମ ଆସୁଛି ଆଗ୍ରହ ଔତ୍ସୁକ୍ୟରେ ଭେଟିବା ପାଇଁ ସଦ୍ୟବିବାହିତା ପତ୍ନୀଙ୍କି ସେମିତି ମୋତେ ଲାଗୁଥାଏ ।

ବୁଢ଼ୀମାନେ ଦେଖି ଆଶ୍ଚର୍ଯ୍ୟ ହେଲେନାହିଁ । ସେ କଣ ଜାଣିପାରିଥିଲେ ମୁଁ ଦୁଇଘଣ୍ଟା ପରେ ତାଙ୍କ ପଛେ ପଛେ ଯାଇ ପହଞ୍ଚିବି । "ପୁରୁଷଗୁଡ଼ାକ କେଡ଼େ ନିର୍ଲ୍ଲଜ । ହେଲା, କାଲି ଆସିଥିଲେ କଣ ହୋଇଯାଆନ୍ତା ଅବା ! ବୁଢ଼ାଟେ ହେଲଣି, ଏବେ ବି ଏମିତି କଣ ହଉଛ, ଦଣ୍ଡେ ଛାଡ଼ି ରହିପାରୁନ ?" ବୁଢ଼ୀ ମୁହଁରୁ ଭର୍ତ୍ସନା ଶୁଣିବା ପାଇଁ ପ୍ରସ୍ତୁତ ଥିଲି ।

Digitized by srujanika@gmail.com

ଛଅଟା ବାଜିଛି କି ନାହିଁ ଘରକୁ ଫେରିବାକୁ ବାହାରିଲି । ମୁଁ ଯେତେ ସମୟ ଘରେ ଥିଲି ବୁଢ଼ୀ ସାଇପଡ଼ିଶାଙ୍କ ଘରକୁ ଯାଇ ବୁଲାଚଲା କରୁଥିଲେ । ମୁଁ ଦାଣ୍ଡପିଣ୍ଡାରେ ଚେୟାର ଗୋଟାକରେ ବସି ନଡ଼ିଆଗଛର ଫଳଗୁଡ଼ାକ ଚଷମା ଦେଇ ଥରକୁ ଥର ଗଣୁଥାଏଁ ।

ବୁଢ଼ୀ ଘରକୁ ଯେମିତି ପଶିଛନ୍ତି ମୁଁ ତାଙ୍କ ପଛେ ପଛେ ଯାଇ 'ହେ ଗୁହ' କହି ଅଟକାଇଲି । ଚଷମାଟାକୁ ଚାଦର କାନିରେ ପୋଛୁଁ ପୋଛୁଁ ତାଙ୍କଆଡ଼କୁ ଅନାଇ ପଚାରିଲି "ଯିବ ନା କ'ଣ କହୁଛ ? ମୁଁ ବାହାରିଲି, ବସ୍ ବେଳ ହୋଇଯାଉଛି ।"

ମୋ ଆଡ଼କୁ କଟମଟ ଚାହିଁ ଶ୍ରୀମତୀ କହିଲେ "ଏମିତି କ'ଣ ତରବର ହଉଛ ମ ? ଓଳିଏ ଦିନୁଟାଏ ବି ପୂରିନି, ବାହାରି ପଡ଼ିଲ ! କଣ ଏମିତି କାମ ପଡୁଛି ଯେ । ଆସିଲ ତ ଭଲକଲ, କାଲି ନହେଲେ ପଅରିଦିନ ସାଙ୍ଗ ହୋଇ ଫେରିବା । ଦଣ୍ଡେ ରହି ଓଠରେ ସାମାନ୍ୟ ହସ ଫୁଟାଇ କହିଲେ, "ଅଷ୍ଟମଙ୍ଗଳା ବେଳେ ସିନା ଅଧିକା ରାତିଟାଏ ମୋତେ ଏଠି ରଖାଇ ଦେଲନି, ରାତାରାତି ଧରି ପଳାଇଲ, ଏବେ କଣ ତମର ଚବିଶ ବରଷ, ଚାରିକୋଡ଼ି ପାର ହୋଇ ଆହୁରି କେତେ ..."

"ତୁମେ କ'ଣ ଆଉ ତେରରେ ଅଛ ? ଅଠସ୍ତରୀ ପଶିଲା ପରା ! ତେବେ ବି ସକାଳେ ଆସିଲାବେଳେ ପାଟପଡନୀ ଗହଣାଗାଣ୍ଠିରେ ନୂଆ ବୋହୂଟି ପରି ନ ଦିଶିଲାଯାଏ କ'ଣ ଘରୁ ବାହାରୁଥିଲ ?"

'କ'ଣ ହେଲା ? ତମେ ଏ ବୟସରେ ଟୋକା ସାଜୁଛ, ଧୋତିଚାଦର ହୋଇ ବନାରସୀ ଅତର କାଠି କାନରେ ଗୁଞ୍ଜି ସଭାସମିତିକି ଯାଉଛ, ସ୍ତିରୀଲୋକଙ୍କ ଛବି ଫଟୋ ଘଣ୍ଟା ଘଣ୍ଟା ଧରି ଦେଖୁଛ ମୋତେ ଲୁଚାଇ ଲୁଚାଇ, ଝରକା ଦେଇ ପାଣିକଳ ଆଡ଼କୁ ଅନାଇ ରହିବ ତ୍ରିକାଳ ସନ୍ଧ୍ୟା । ମୁଁ ମୋ ବାପଘରକୁ ଆସୁଛି, କ'ଣ ଆଉ କାହା ଘରକୁ ବୁଲି ଯାଉଛି ?"

"ମୋ ସାଙ୍ଗରେ ଆସିବନି ତମେ ? ମୁଁ ଯାଉଛି । ତୁମର ଯେବେ ଇଚ୍ଛା ଆସିବ ।"

"ଆଜି ରାତିଟା ରହିଯାଅ, ଏଠି ଖଟ ଶେଯଟା ସବୁ କାଶୀ ବନ୍ଦୋବସ୍ତ କରିଛି ଆମ ଦୁହିଁଙ୍କ ପାଇଁ । ଗପସପ ହୋଇ ରାତି କଟାଇ କାଲି ସକାଳକୁ ଦୁହେଁ ସାଙ୍ଗହୋଇ ଫେରିବା । କାଶୀ ଓ ତାର ବୋହୂ ଭାରି ନେହୁରା ହୋଇ ମୋତେ ପନ୍ଦର ଦିନ ରହିବାକୁ କହୁଛନ୍ତି । "କେତେ ବରଷରେ ଆସିଛି, ଓଳିଟାଏ ରହିଛି କି ନାହିଁ ବାହାରିଲଣି !" ମୁଁ ତାଙ୍କୁ କ'ଣ ଜବାବ ଦେବି ।"

"ହେଲା ! ତମେ ତେବେ ଥାଅ । ମୁଁ ଯାଉଛି । ମୋ ଦେଇ ରହିବା ହବନି । ମୋର ଆସିବା ବୃଥା ହେଲା । ଛିଃ, ତୁମର ଏକ ମୁର୍ଖିଆ ଜିଦି ।"

ମୁଁ ସଙ୍ଗେ ସଙ୍ଗେ ରାଗିମାଗି ମନ ଦୁଃଖରେ ଫେରିଆସିଲି ।

Digitized by srujanika@gmail.com

ଶୋଇବା ଘରର ଅନୁଭୂତ ଶୂନ୍ୟତା ଓ ପୀଡ଼ାଦାୟକ ନିଃସଙ୍ଗତା ଭିତରେ ଯିମିତି ପୁଣି ପଶିଛି ଆମ ନାତୁଣୀର ଆଠନଅ ବର୍ଷର ଝିଅଟି (ଯାହା ଦାୟିତ୍ୱ ଓ ତତ୍ତ୍ୱାବଧାନରେ ମୋତେ ରଖି ସେ ପିତୃଗୃହକୁ ଯାଇଥିଲେ, ମୋତେ କହିଲା ଯେ ମୁଁ ଘରୁ ବାହାରି ଯିବାପରେ କିଏ ଜଣେ ମିସେସ ଷଡ଼ଙ୍ଗୀ ମୋତେ ଫୋନ୍‌ରେ ଡ଼ାକୁଥିଲେ ଏବଂ ସେ ବହୁତ କରି ସଞ୍ଜବେଳକୁ ତମେ ତାଙ୍କ ଘରକୁ ଯିବାପାଇଁ କହିଛନ୍ତି।

ମୁଁ ଆଉ ଜାମାପଟା ବଦଳାଇବି କ'ଣ ମିସେସ ଷଡ଼ଙ୍ଗୀଙ୍କ ନାଆଁ ଶୁଣିବା ମାତ୍ରେ ଅଧୀର ଆଗ୍ରହରେ ସେଇ ରିକ୍ସାରେ ପୁଣି ଚାଲିଲା ପ୍ରେମଚାନ୍ଦ ବଜାରକୁ, ଫୋନ୍‌ରେ ମୋର ଯିବା ଖବରଟା ଆଗୁଆ ପଠେଇ ଦେଇ। ଏକଦା 'ପ୍ରାଗେବ ଯୌବନ ଦଶାୟାଂ' ମିସେସ ଷଡ଼ଙ୍ଗୀଙ୍କ ସହିତ ବିବାହ ବନ୍ଧନରେ ବାନ୍ଧି ହେବାର ମୋର ଯୋଗ ଥିଲା। ତାଙ୍କ ସହିତ ବନ୍ଧୁତା ଓ ଆତ୍ମୀୟତା ସେ କାଳରୁ ଆମର ରହି ଆସିଛି। ତାଙ୍କର ଅଜସ୍ର ସ୍ଥାବରା ସ୍ଥାବର ସମ୍ପତ୍ତି ସମ୍ବଲପୁର ଖେତରାଜ ପୁରରେ। କଟକରେ ବି ତାଙ୍କର ତେତାଲା ଅଛି, ଭଡ଼ା ଲାଗେ, ଗୋଟିଏ କୋଠରୀ ତାଙ୍କ ରହଣି ଓ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଥାଏ। ପ୍ରାୟ ଦୁଇତିନି ବରଷ ହେଲା ସେ ସହରକୁ ଆସିନଥିଲେ। ଏ ଭିତରେ ତାଙ୍କର ନିଦାରୁଣ ଶୋକ ପଡ଼ିଯାଇଛି। ସେ ତାଙ୍କ ସ୍ୱାମୀଙ୍କି ହରାଇଛନ୍ତି।

ପୂର୍ବରୁ ସେ ଓ ତାଙ୍କ ସ୍ୱାମୀ ଯେବେ ଆସୁଥିଲେ, ଆମ ଘରେ ରହୁଥିଲେ। ତାଙ୍କ ଚାଲିଚଳନ, କଥାବାର୍ତ୍ତା, ବେଶବସନ ମୋତେ ଯେତେ ଆକୃଷ୍ଟ କରେ, ଆମ ବୁଢ଼ୀକି ସେତେ ଦୂରକୁ ପେଲି ଦିଏ। ସେ ଯେତେ କାଳ ଆମ ଘରେ ରହନ୍ତି ବୁଢ଼ୀ ଭାରି ଚିଡ଼୍ ଚିଡ଼୍ ହୁଏ। 'ଭାରି ଫଟେଇ ମାଇକିନା' ଏଇ ହେଲା ତାଙ୍କ ପ୍ରତି ତାର ମନ୍ତବ୍ୟ, କମେଣ୍ଟ। ସେ କିନ୍ତୁ ଶିକ୍ଷିତା, ସାହିତ୍ୟିକା; କାବ୍ୟକବିତା ଲେଖି ଆବୃତ୍ତି, ଆଲୋଚନା କରି ମନ ମୋହି ପାରନ୍ତି। ମୁଁ ତାଙ୍କୁ ଭଲପାଏଁ। ତାଙ୍କୁ ସାନ୍ନିଧ କାମନା କରେ। ଆମ ଦିହିଙ୍କ ପ୍ରେମ ସାତ୍ତ୍ୱିକ ସ୍ତରର। ଯିମିତି ଲଳିତା ପ୍ରତି ଶ୍ରୀକୃଷ୍ଣଙ୍କର।

ମୁଁ ପହଞ୍ଚିବାକୁ ଆଗ୍ରହ ପ୍ରତୀକ୍ଷାରେ ସେ ଚାହିଁ ରହିଥିଲେ କବାଟ ମେଲାକରି। ମୋତେ ଯିମିତି ଦେଖିଛନ୍ତି କାନ୍ଦି କାନ୍ଦି ଏତେ ବିହ୍ୱଳିତ ହୋଇ ଏମିତି ଜାବୁଡ଼ି ଧରି ମୋତେ ଘର ଭିତରକୁ ନେଇଗଲେ ଯେ ମୋର ପ୍ରାୟ ରୋମାଞ୍ଚ ହୋଇଗଲା। ନିଦାରୁଣ ବିଚ୍ଛେଦରେ ସେ ଅଦ୍ୟାପି ଏତେ ମୂହ୍ୟମାନ ଯେ ତାଙ୍କୁ ସ୍ୱାଭାବିକ ପ୍ରକୃତିକି ଫେରାଇବା ମୋ ପକ୍ଷରେ କଷ୍ଟ ହେଲା। ତାଙ୍କ ବୈଧବ୍ୟର ଅନୁଭୂତି ଓ ଅଭିଜ୍ଞତା ବର୍ଣ୍ଣନା କରୁଁ କରୁଁ ସେ ଭୋ ଭୋ କାନ୍ଦିଲେ। ପାଖେ ପାଖେ ଲଗାଲଗି ହୋଇ ବସି ପୂର୍ବାନୁଭୂତ ସ୍ନେହଶ୍ରଦ୍ଧା ଫେରିପାଇଲୁଁ ଏବଂ ଗୁଡ଼ାଏ ଗପିଲୁଁ, ଯିମିତି ଯୁଗ ଯୁଗର ସଞ୍ଚିତ ଜମାଟବାନ୍ଧି ବକ୍ତବ୍ୟ ଗୁଡ଼ାକ ଶୀଘ୍ର ନିଃଶେଷ ହୋଇ ବାହାରିପାରୁନାହାନ୍ତି। କିଛି ସମୟ ହୁଏତ ସେ ଭୁଲିଯାଇଥିବେ ତାଙ୍କ ସର୍ଗତ ସ୍ୱାମୀଙ୍କୁ ବହୁ ଦିନରୁ ହରାଇଥିବା ଅନ୍ତରଙ୍ଗ ବନ୍ଧୁଙ୍କୁ ପାଖରେ ପାଇ। ପାଖ ଫାଇଭ୍ ଷ୍ଟାର ହୋଟେଲରୁ ଗୁଡ଼ାଏ ଖାଇବାର ଅଣାଇଲେ; ଏକାଠି

Digitized by srujanika@gmail.com

ଖାଇଲୁ । ମୋର ଘରକୁ ଫେରିଲାବେଳକୁ ରାତି ଏଗାରଟା । ଆସି ଶୋଇପଡ଼ିଲି, ଶୀଘ୍ର ଉଠିବାକୁ ହେବ ।

ପରଦିନ ସକାଳେ ନିତ୍ୟକର୍ମ ସାରି ଶ୍ରୀମତୀ ଷଡ଼ଙ୍ଗୀଙ୍କ ବସ୍‌ରେ ବସାଇବା ପାଇଁ ଗଲି ଏବଂ ଫେରିଆସି ଶୋଇବା ଘରେ ପଶି ଦେଖେଁ ତ ମୋ' ଶ୍ରୀମତୀ ଆସି ପରିଚିତ ଭଙ୍ଗୀରେ କାଶ୍ମୀର କମ୍ବଳ ଘୋଡ଼ିହୋଇ ଲମ୍ବୋଲମ୍ବ ଚିତ୍ ହୋଇ ପଡ଼ିଯାଇଛନ୍ତି । ଜୀବନ୍ତ କି ମୃତ ଜାଣିବାର ଉପାୟ ନାହିଁ । "ହେଇ, ତମେ କେତେବେଳେ ଫେରିଲ ?" ପ୍ରଶ୍ନର ଜବାବ ନାହିଁ ।

ମୁଁ ମୁହୂର୍ତ୍ତକେ ଜାଣିଗଲି ଯେଉଁ ନାତୁଣୀର ଝିଅଟିକି ମୋ' ଦାୟିତ୍ୱ ଦେଇ ଯାଇଥିଲେ (ଗୋଇନ୍ଦାଗିରି !) ସେ ଶ୍ରୀମତୀ ଷଡ଼ଙ୍ଗୀଙ୍କ ବାଟୋଇ ଦେବା ପାଇଁ ମୁଁ ଯିବା ଅବସରରେ ସବୁ କଥା କହି ଦେଇଛି - (ଯେଉଁ ସବୁ ତଥ୍ୟ ସେ ସକାଳୁ ନାନା ପ୍ରଶ୍ନ ମାଧ୍ୟମରେ ମୋଠୁ ଆଦାୟ କରି ନେଇଥିଲା) ବୁଢ଼ୀ ବାପଘରୁ ଫେରିବା ମାତ୍ରେ । ଦୁଷ୍ଟା ସନ୍ଦେହର ବାରୁଦ ଖଣିରେ ଦିଆସିଲି କାଠି ଜଳାଇ ଦେଇଛି; ଅନିର୍ବାଣ ଆଗ୍ନେୟଗିରି ବ୍ୟୁତ୍ପାତ ଅବଶ୍ୟମ୍ଭାବୀ ।

ଯାହାହେଉ, ମୋତେ ଏତିକି ଖୁସି ଲାଗିଲା ଯେ ବୁଢ଼ୀ ଶାଇପଡ଼ିଶାଙ୍କ ଆଗରେ କାନ୍ଦକଟା କରି ଗାଇ ନାହିଁ 'ପରିହରି ଚିରପ୍ରୀତି ଆନ ରମଣୀରେ ମାତି' ଗୀତଟି ବା ପ୍ରତିଜ୍ଞା କରିନାହିଁ । "କୃଷ୍ଣ ନାମ ଆଜିଠାରୁ ମୋ' ଶ୍ରବଣେ ।" ମୁଁ ବି ସିମିତି ଖେଳୁଆଡ଼ ମନୋଭାବ ନେଇ ତାଙ୍କ ମାନଭଞ୍ଜନ ପାଇଁ ଶ୍ରୀକୃଷ୍ଣଙ୍କ ପରି ଘୃଣ୍ୟ ନାପିତୁଣୀ ବା ଚଢ଼େଇ ବିକାଳୀ ବେଶ୍ ଧରି ଘରକୁ ଘର ଯାଇନାହିଁ । ପୁରୁଷୋଚିତ ଭଙ୍ଗୀରେ ନଟକୁଟିଆ ସେଇ ନାତୁଣୀର ଝିଅଟାକୁ ଘରୁ ଧକ୍‌କା ଦେଇ ବାହାର କରିଦେଲି ଏବଂ ଧାଡ଼ଧାଡ଼୍ କରି କବାଟ ବୋଲ୍‌ଟ ଏକାବେଳେ ଲଗାଇଦେଲି । ପ୍ରାୟାନ୍ଧକାର, ଯଦିଓ ଦିନ ଦଶଟା । ମୁଁ ସିଧାସିଧି ଯାଇ ଶ୍ରମୀତୀଙ୍କ ପଦ ତଳେ ବସିଲି ଏବଂ ଦରାଣ୍ଡିଲି କାଶ୍ମୀର କମ୍ବଳ ଭିତରେ କେଉଁଠି ତାଙ୍କ ପଦପଲ୍ଲବ ଅଛି, କାରଣ ଜୟଦେବ ରୀତିରେ ସରେଣ୍ଡର ବା ଆତ୍ମସମର୍ପଣ କରିବାକୁ ଯାଇଥିଲି, 'ପ୍ରିୟେ ! ଗୁରୁଶୀଳେ ! ଦେହି ପଦପଲ୍ଲବ ମୁଦାରମ୍' କରୁଣ କଣ୍ଠରେ ଗାଇ ଗାଇ ।

ବାଃ ! ଅପ୍ରତ୍ୟାଶିତ ଭାବରେ ତୁରନ୍ତ ଶ୍ରୀମତୀଙ୍କ ମାନଭଞ୍ଜନ ହେଲା, ତିନୋଟି ସର୍ତ୍ତରେ, କିନ୍ତୁ ସେ ସର୍ତ୍ତଗୁଡ଼ିକ ଶୁଣିବା ପୂର୍ବରୁ ମୋତେ ସ୍କୁଲ ପିଲାପରି କରପତ୍ର ଯୋଡ଼ି ଗୁଡ଼ାଏ ଶବ୍ଦ ଶୁଣିବାକୁ ପଡ଼ିଲା । ଧୀରେ ଧୀରେ ଉଷ୍ମତା ତାଙ୍କ ଦିହରେ ସଞ୍ଚରୁ ଥାଏ ଓ ସେ ଦନ୍ତହୀନ ଓଷ୍ଠ କାମୁଡ଼ି ଫୁଲାଇ ଫୁଲାଇ କହୁଥାନ୍ତି "ସେ ଷଡ଼ଙ୍ଗୀଆଣୀଟା ଆମର କିଏ ? ଗାତ ନା ଗୁତ ? ବୁଢ଼ୀ ବେଶ୍ୟା ନ ହେଲେ ଅକାଳରେ ବିଧବା ହୁଅନ୍ତା ? ତା'ଘରକୁ ଯିବାକୁ ତମକୁ କିଏ କହିଲା ? ଫୋନ୍‌ରେ ଯିଏ ଡ଼ାକିଦେଲେ ଯା' ତା' ଘରେ ପଶିଯିବ ?

Digitized by srujanika@gmail.com

ତା' ସାଙ୍ଗରେ ହୋଟେଲ ଗୋରୁ ମାଂସ ଖାଇଲ, ଜାତି ହରାଇଲ, ମଦ ପିଇଥିବ ନିଶ୍ଚେ, ତାକୁ ଫେର ସାଙ୍ଗରେ ଧରି ..."

କଥା ହଠାତ୍ ବନ୍ଦକରି ନିଃଶ୍ୱାସ ପୁଣି ନେଇ ମୋ ଆଡ଼କୁ କଟମଟ ଚାହିଁ କହିଲେ "ମୋ ଦିହ ଛୁଅଁ, ମୁଣ୍ଡଛୁଅଁ, ଛୁଉଁଛ ନା ଦେଖିବ ? ବେଶ୍ କୁହ ଏଥର (ଏକ) ତା' ଘରକୁ କେବେ ଆଉ ଯିବନି, ଯଦି ଯିବ ସେ ଡ଼ାହାଣୀ ଘରକୁ ତେବେ କୁନି ଝିଅକୁ ସାଙ୍ଗରେ ନବ; (ଦୁଇ) ଦିଅଁଙ୍କ ନାଆଁ ଧରି କୁହ ଆଜି ସଞ୍ଜରେ ଦିହେଁ ରେକ୍ସାରେ ବସି ବଜାର ବେଢ଼କୁ ବେଢ଼ ବୁଲିବା ଯେ ଯାଏ ମନ ନ ମାନିଛି; (ତିନି) ମୋ' ହାତ ଧରି କୁହ ଆଜି ଫାଇଭ୍ ଷ୍ଟାର ହୋଟେଲରେ ଡ଼ିନର ଖାଇବା।" ମହାଦେବ ଯେପରି ଆଖି ବୁଜି ନିରାଶ୍ରୟ ହୋଇ ଚଣ୍ଡୀଙ୍କ କୋମଳ ପଦତଳେ ପଡ଼ିଥାନ୍ତି, ମୋର ପ୍ରାୟ ସେଇ ଅବସ୍ଥା ସେତେବେଳେ।

ପ୍ରାୟ ଛଅଟା ବେଳକୁ ସଦ୍ୟ ବିବାହିତ ବର-କନ୍ୟା ସଜବାଜ ହୋଇ ସିନେମା ଦେଖିବାକୁ ବାହାରିଲା ପରି ଦୁହେଁ ସିନେମା ଷ୍ଟାରଙ୍କ ଛବି ସମ୍ବଳିତ ନୂଆ ଚିତ୍ରବିଚିତ୍ର ରେକ୍ସା ଗୋଟାରେ ବସିଗଲୁଁ ଆନନ୍ଦାତିଶଯ୍ୟରେ। ବୁଢ଼ୀ ପାକୁଆ ପାଟିରେ ପାନ ଖିଲ ଗୁଞ୍ଜି ସିନ୍ଦୁର କଜଳ ହୋଇ ଚାରି ଆଙ୍ଗୁଳି ଓଢ଼ଣୀ ଟାଣି ବସିଥାନ୍ତି ଗର୍ବରେ ଯିମିତିକି ସେ ମୋତେ ବାହା ହୋଇଛନ୍ତି, ମୁଁ ତାଙ୍କୁ ବାହା ହୋଇନି। ରିକ୍ସାବାଲାଟା ଅଧୋଡ଼ା, ତା' ସହିତ ସର୍ତ୍ତ ରାତି ଦଶକୁ ଆମକୁ ଫେରାଇବ, ଯୁଆଡ଼େ ଆମେ କହିବୁଁ ନବ ଏବଂ ପଚିଶ ଟଙ୍କା ଭଡ଼ା ପାଇବ। ଯୋଡ଼ିଯୋଡ଼ି ହୋଇ ଆମେ ବସିଥାଉଁ, ମୁଁ ତାଙ୍କୁ ମୃଦୁ ଚିମୁଟା ଦେଉଥାଏଁ, ଖୁଣ୍ଟାଖୁଣ୍ଟି ଓ କୁତୁରୁ କୁତୁରୁ ବି କରୁଥାଏଁ, ଥାକୁଲୁ ଥାକୁଲୁ ଆମ ଦିହ ଦି'ଟା ରିକ୍ସାର ଗତି ସହିତ ତାଳଦେଇ ନାଚୁଥାଏ, ଜୋର୍‌ରେ ଘଷି ହେଉଥାଏ ମଧ।

ରିକ୍ସା ଚାଲିଛି। ଜୋବ୍ରାପୁରୀଘାଟ କିଲାପଡ଼ିଆବାଲିଯାତ୍ରା କିଲ୍ଲାପଡ଼ିଆଗଡ଼ଗଡ଼ିଆ କେଣ୍ଟନ୍‌ମେଣ୍ଟ ରୋଡ୍। ଆମର ଦିଟା ଆତ୍ମା ଉଡୁଥାନ୍ତି କାପ୍ତାକାପ୍ତୀ ପରି ନୂଆ ନୂଆ ଦୃଶ୍ୟ, ନୂଆ ନୂଆ ଦୁନିଆଁ ଦେଖି ଦେଖି, ଷାଠିଏ ସତୁରି ବର୍ଷ ଆଗେ ଯାହା ଯିମିତି ଆଖିରେ ଦେଖିଥିଲେ। କିଏ କହେ ଆମେ ବୁଢ଼ାବୁଢ଼ୀ? ମୁଁ ଯିମିତି କୁହେ "ଏଇଠି ବାହାହେବା ପରେ ପ୍ରଥମ ଆସିଥିଲୁ। ସେ ପରବର୍ତ୍ତୀ ସ୍ଥାନରେ କୁହନ୍ତି, ଏଇଠିକି ବି ଆମେ ତା ପରଦିନ ଆସିଥିଲୁ।" ଖୁସିରେ ମୁଁ ଗୁଣୁଗୁଣୁ ହେଉଥାଏଁ ସୁର ଧରି- "କାହୁଁ ଏ ଅଇଲା ? କେଉଁ ଦଇବ ଏହା ଭିଆଇଲା।"

ୟା ପରେ ଜହ୍ନ ଉଠିଲା। ପାଗଳ ମାତାଲ ପରି ଲାଗିଲା ଆମକୁ। ଜହ୍ନ ଆଲୁଅରେ ଚରାଚର ଶୁଭ୍ରରୁ ଶୁଭ୍ରତର ଦିଶିଲା। ମଲ୍ଲୀ, ହେନା, ରଜନୀଗନ୍ଧାର ଭୁରୁଭୁରୁ ମହକ ଦକ୍ଷିଣା ପବନରେ ଭାସି ଆସୁଥାଏ; ରିକ୍ସା ଚାଲିଛି। ଏଇଟା ପୁଣି କେଉଁ ସ୍ଥାନ? କୋଣାର୍କ, ଏଇଟା ପୁରୀ, ଗୋପାଳପୁର, ତାପରେ ? ଜୁହୁବୀଚ୍ 'ମେରାଇନ୍ ଡ୍ରାଇଭ୍।

Digitized by srujanika@gmail.com

ଆହୁରି ଦୂରରେ ? ହାଇଡ୍ ପାର୍କ, ହାଓ୍ୱାଇ, ହଙ୍ଗକଙ୍ଗ୍ । ଏଗୁଡ଼ା କିଏ ? ଓମର, ଲଇଲା, ରୋମିଓ । ଏଗୁଡ଼ାକ କଣ ? କବିତାବହି, ସୁରା ବୋତଲ, ତୁମେ ।

ରିକ୍ସା ବାଲା ଆମ କଥା ଶୁଣୁଥିଲା, ବୁଝିବାକୁ ଚେଷ୍ଟା କରୁଥିଲା । ବୁଢ଼ୀ ଯିମିତି ଆଉଥରେ ପଚାରିଛନ୍ତି, 'ଏଇଟା କେଉଁଥାନ ? ସେ ଚଟାପଟ୍ ଆମ ସାଙ୍ଗ ବନିଯାଇ କହିଲା 'ଚନ୍ଦ୍ର ଲୋକରେ ପହଞ୍ଚିଲୁ, ମାଆ !" ଦଣ୍ଡେ ରହି ପୁଣି ମଦୁଆ ଗଳାରେ ପଚାରିଲା "ମାଆ, ପୃଥିବୀକି ଫେରିବା କିମିତି ?"

'ଫେରିବା, ଶବ୍ଦଟା ଯିମିତି କାନରେ ବାଜିଛି ମୁଁ ଘଡ଼ି ଦେଖିଦେଲି ସାଢ଼େ ନଅ । ଘରମୁହାଁ ହେଲୁଁ । ଫାଇଭ୍ ଷ୍ଟାର ହୋଟେଲ ଡ଼ିନର୍ ଏକାବେଳକେ ଭୁଲିଗଲୁଁ, ପୃଥିବୀର କୌଣସି ଚିଜ ଆଉ ଭଲ ଲାଗୁନଥିଲା ସେତେବେଳେ ଆମ ଦିହିଁଙ୍କି ।

ଦେହରୁ ଦେହାତୀତ ଆନନ୍ଦ ନେଇ ଅନ୍ୟ ଦୁନିଆଁର ବାସିନ୍ଦା ଆମେ ଦୁହେଁ, ଅତିଥିଭାବରେ ନିଜ ପାର୍ଥିବ ଘରକୁ ଆସିଲୁ ଏବଂ ଶୋଇଗଲୁଁ ଏକାଖଟରେ ଯିମିତି ମଧୁଶଯ୍ୟା ରାତ୍ରିର ଶେଷ ଯାମରେ ପ୍ରଚଣ୍ଡ ରତିକ୍ରିୟା ସାରି କ୍ଳାନ୍ତ ହୋଇ ବରକନ୍ୟା, ଯୁବକ ଯୁବତୀ ଶୋଇଯାନ୍ତି ଅଲଗା ଅଲଗା ପରିତୃପ୍ତ ଆନନ୍ଦରେ । ମାତ୍ର ଯିମିତି ଆମ କାନରେ ବାଜିଛି ପିଲାଦିନର ଆମ ମାଆର ସତର୍କବାଣୀ "ଶୋଇପଡ଼, ଶୋଇପଡ଼, 'ଅନ୍ଧାର ବୁଢ଼ୀ' ଆସିଛି, ହେଇ 'କକବାୟା' ଆସୁଛି" ପୃଥିବୀର ଆନନ୍ଦ ଛାଡ଼ି ଶୀଘ୍ର ଶୋଇବାକୁ ଚାହୁଁ ନଥିବା ଉଠିଆ ପିଠିଆ ଭାଇଭଉଣୀ ପରି ପରସ୍ପରକୁ ଚଟାପଟା କୁଣ୍ଢାଇ ଜାବୁଡ଼ି ଧରି ଯୋଡ଼ି ଯୋଡ଼ି ହୋଇ ଆମେ ଶୋଇଗଲୁଁ, ଯିମିତି ଅନ୍ଧାର ବୁଢ଼ୀ କକବାୟା ଆମକୁ ଭିଡ଼ିଓଟାରି ଅଲଗା ଅଲଗା କରି ନ ପାରିବେ ।

# ବାସନ୍ତୀ

ବାସନ୍ତୀ ସହିତ ଏବେ ମୋର ସମ୍ପର୍କ ଖାଲି ସାମାନ୍ୟ ହସ ଟିକକର । କେବେ କେମିତି ସାଇକେଲରେ ଦୋକାନ ବଜାରକୁ ଗଲାବେଳେ ହଠାତ୍ ତା ସହିତ ଦେଖାହେଲେ ସେ ଦଶ ବର୍ଷ ତଳର ହସ ଟିକକ ଫିକ୍ କରି ହସିଦିଏ । ପାନଖିଆ ଦାନ୍ତଗୁଡ଼ାକ ଏକପାଖିଆ ହୋଇ କଳ ପର୍ଯ୍ୟନ୍ତ ଦିଶିଯାଏ, ଡ଼ାହାଣ କଳର ଗୁଆ ପରି ପାନଖିଲ ଗେବାଟା ଚହଲମଚଳ ହୁଏ, ଆଖି ଦୁଇଟା ସାନ ସାନ ହୋଇଯାଏ । ଏବେ ତା ମୁହଁଟି ସିମିତି ଚିକଣଚାକଣ ନୁହେଁ, ବ୍ରଣ ଆଉ କ୍ଷତ ଦାଗରେ ଗାଲରେ ହନୁ

ସଙ୍ଗୀତ ୬ଷ୍ଠ ବର୍ଷ, ୨ୟ ସଂଖ୍ୟା, ଶାରଦୀୟ ବିଶେଷାଙ୍କ, ୧୯୮୧ ।

Digitized by srujanika@gmail.com

ଚମତ୍କାଟା ମହୁ ଫେଣା ପରି ଦିଶୁଛି । ପ୍ରତିଦିନରେ ମୁଁ ବି ପୂର୍ବରେ ଅକୁଣ୍ଠ ହସ ଦେଇପାରେନି, ମୁହଁର ମାଂସପେଶୀ ଢ଼ିଲା ଇତସ୍ତତଃ ହୋଇ ହସର ନକଲଟିଏ ଦିଏ। ମୁଁ ହସିଲାପରି ଦିଶେ ମାତ୍ର। ତାକୁ ଯିମିତି ଅବସ୍ଥାରେ ଦେଖେଁ, ତାହା ଦେଖିବାକୁ ଇଚ୍ଛା ହୁଏନି। ବର୍ଣ୍ଣନା କଲେ କାହାରି ପଢ଼ିବାକୁ ଇଚ୍ଛା ହବନି, କିନ୍ତୁ ବାସନ୍ତୀକି ଦେଖିବାକୁ ଶରଧା କରିବାକୁ ମୋର କାହିଁକି, ସମସ୍ତଙ୍କ ଇଚ୍ଛା ଓ ଆଗ୍ରହ ହେବ।

ଏଇତ ମୋର ଆଜି ଦେଖାହେଲା। ଦୀର୍ଘଦିନ ବିଚ୍ଛେଦର ଶୂନ୍ୟସ୍ଥାନଟା ଯିମିତି ତାର ସେଇ ପେଟେଣ୍ଟ ହସ ଟିକକରେ ପୂରଣ ହୋଇଗଲା। ସେଦିନ ଥାଏ ପ୍ରଥମାଷ୍ଟମୀ। ମୁଁ ପଢୁଆଁ, ମୋ ସ୍ତ୍ରୀ ପଢୁଆଁ, ମୋ ପୁଅ ପଢୁଆଁ, ପୁଅର ବୋହୂ ପଢୁଆଁ, ମୋ ନାତୁଣୀ ପଢୁଆଁ, ତିନି ପୁରୁଷ ପଢୁଆଁ। ସମସ୍ତଙ୍କ ଶାଢ଼ୀ ଧୋତୀ, ଲୁଙ୍ଗୀ, ଗେଞ୍ଜି, ଫ୍ରକ୍‌ର ଗୋଟାଏ ବଡ଼ ପ୍ୟାକେଟ୍ କରି କିଛି ତୁଳସୀ ଓ ଗେଣ୍ଡୁଫୁଲ ନେଇ ସହର ମୁଣ୍ଡ ଜଗନ୍ନାଥ ମନ୍ଦିରକୁ ଯାଇଥିଲି। ଉଦ୍ଦେଶ୍ୟ ବୁଢ଼ା ସାଥିରେ ଦେଖା ସାକ୍ଷାତ କରି ଘରକୁ ଫେରି ଘରର ତିନି ଠାକୁରଙ୍କ ପୂଜା ବଢ଼ାଇବି ଏବଂ ବଂଶ ପ୍ରାଣୀଙ୍କ ସହିତ ନୂଆ ଲୁଗା ପିନ୍ଧି ଲମ୍ବତମ୍ବ ପଡ଼ି କହିବି, "ଜୟ ବାପା ! ଧନ୍ୟବାଦ, ମୋତେ ପ୍ରଥମ କରି ଜନ୍ମ କରିଛ, ଜୟ ମୋରି ପରି ଅନ୍ୟ ବାପମାନଙ୍କୁ, ଯେଉଁମାନଙ୍କ ପ୍ରଥମ ସନ୍ତାନ ସନ୍ତତି ଅକାଳ ମୃତ୍ୟୁ ନ ଲଭି ଆଜି ପର୍ଯ୍ୟନ୍ତ ବଞ୍ଚିଛନ୍ତି। ଜୀବତାଂ ଶରଦତମ୍।"

ଘରେ ସମସ୍ତେ ଓପାସରେ ରହିଛନ୍ତି, ଶୀଘ୍ର ଏକାମୁହାଁ ହୋଇ ଘରକୁ ଫେରୁଥାଏ। କଣିଆ ଚାହିଁ ଦେଖିଲି ବାସନ୍ତୀ। ଫ୍ରକ୍ ପିନ୍ଧି ଚାରି ପାଞ୍ଚ ବର୍ଷର ଝିଅ ଡ଼ାହାଣ ହାତ ଧରି ଚାଲିଛି। ବାଁ ହାତରେ ଫୁଲ ଚାଙ୍ଗୁଡ଼ି ଏବଂ କାଖରେ ଲୁଗା ପୁଟୁଳାଟାଏ। ଯିମିତି ଚାରି ଚକ୍ଷୁ ମିଳିଗଲା, ସେ ସେଇ ପୁରୁଣା କିନ୍ତୁ ଅତି ନୂଆ ମାର୍କାମରା ହସଟି ହସି କହିଲା, "ଅଜା, ଯାଉଛି।" କୁଆଡ଼େ, କାହିଁକି ଆଦି ପ୍ରଶ୍ନ ନ ପଚାରି ତାକୁ ପାରି ହୋଇ ଆସୁ ଆସୁ କହିଦେଲି ପାଟିରୁ ବାହାରି ପଡ଼ିଲା 'ହଉ'। ଖାଲି ଏତିକି ନଜର କଲି ଯେ ତାର ଆଜିର ଚେହେରା ଏକାବେଳକେ ଅଦୃଷ୍ଟପୂର୍ବ।

ତାକୁ ଅତିକ୍ରମ କରି ଆସିବା ପରର ତିନି କିଲୋମିଟର ରାସ୍ତା ଖାଲି ତାହାରି କଥା ମନେ କରି କରି ଆସିଲି। ପ୍ରଥମ ଦିନର ଦେଖା ଏବଂ ପରବର୍ତ୍ତୀ କେତେଗୁଡ଼ାଏ ବର୍ଷର ତାର ମୋର ସମ୍ପର୍କ।

ଉଣେଇଶ ସତୁରୀ ସାଲ୍ ଡ଼ିସେମ୍ବର ନଅ ତାରିଖ। ବଡ଼ପୁଅର ବାହାଘର ଦିନ, ଶକ୍ତିମୁତାବକ ଭଲ କରି ଆଡ଼ମ୍ବର ଓ ଜାକଜମକରେ ଜୀବନ ପ୍ରଥମ ବଡ଼ ଶୁଭକର୍ମଟା କରିବାର ଅଭିଳାଷ କରିଥାଏଁ। ଗୁଡ଼ାଏ କୁଟୁମ୍ବ, ବନ୍ଧୁବାସ; ବାପା ଗରିବ ଥିଲେ ତେଣୁ ଯେତେ ଆବର୍ଜନା ଯୋଗାଡ଼ କରି ଗର୍ବ କରୁଥିଲେ, ସଂଖ୍ୟା ବଢ଼ାଇ ଗୋଟି ଗୋଟି କରି ତାଲିକା କରି ଦେଖିଲି ସାନବଡ଼ ହୋଇ ଅନ୍ତତଃ ଚାଳିଶ ଜଣ ହେବେ। ଯୋଡ଼ାଏ ବଡ଼ ବଡ଼ କୋଠରୀ ଷୋଳଫୁଟରେ ବାରଫୁଟ। ଗୋଟିଏ ଅପେକ୍ଷାକୃତ ଛୋଟ, ବିବାହ

Digitized by srujanika@gmail.com

ସରଞ୍ଜାମ ସବୁ ରହିଯିବ । ଯାହା ଆସିବ ତାକୁ ବୈଠକଖାନା, ଷ୍ଟୋର ଓ କିଚେନ୍‌ରେ ଠେସ ଠେସ କରି ରଖିଦେଲେ ଚାରିପାଞ୍ଚଦିନ ଚଳିଯିବ । ବଡ଼ ଘରଗୁଡ଼ାକରୁ ଖଟ ଟେବୁଲ ଚଉକୀ ବାହାର କରିଦେଇ ଦରି ପକାଇ ଦେଲେ ସମସ୍ତେ ଗଡ଼ି ଯିବେ । ଅନ୍ଧ କୂପ ହତ୍ୟା ହବ ନାହିଁ । ଶୀତ ଦିନ । ପଙ୍ଖା ବୁଲାଇଦେବା । ମୁଣ୍ଡ ଢ଼ଙ୍କାଇ ଅନେକ ଶୋଇଯିବେ । ମଶା ଉତ୍ପାତ ବ୍ୟୁତ୍ପାତ୍ତରୁ ରକ୍ଷା ମିଳିଯିବ ।

କିନ୍ତୁ ବାଥ୍‌ରୁମ୍ ? ଇଂରାଜୀରେ ବାଥରୁମ୍ ଟଏଲେଟ୍ ଯାହା ନାଆଁ ଦେଲେ ବି ମୋର ସେଇ ଗୋଟିଏ ଉଠା ପାଇଖାନା, ଅନ୍ୟ ନାଆଁ ସରଭିସ୍ ଲେଭେଟରୀ । ଇଟା ଚୂନର, ଇଟା ସିମେଣ୍ଟର ନୁହେଁ । କେବଳ ଏଇ ପାଇଖାନା ସମସ୍ୟାରୁ ମୁଁ ବାହାଘର ନାଁ ଧରୁନଥିଲି । ଅନ୍ୟ ଗୋଟାଏ ଭଡ଼ାଘର ହପ୍ତାଏ ଦିହପ୍ତା ପାଇଁ ମିଳିଥିଲେ ମୁଁ ଚଢ଼ାଭଡ଼ା ଦେଇ ବି ନେଇଥାନ୍ତି । ମୋର ବରାବର ଭୟଥିଲା ଏ ବାହାଘରଟା ମାଡ଼ ଖାଇଯିବ ଏଇ ଗୋଟାଏ ଅସୁବିଧା ପାଇଁ । ଗାଁ ଦାଣ୍ଡରୁ ବୁଭୁକ୍ଷୁ ଆସୁଛନ୍ତି ଖାଇବେ ଯେତେ ... ତାଠାରୁ ବେଶୀ । ମଲା ! ଆମେ ଏଇ ଘରେ ବଂଶପ୍ରାଣୀ ସହିତ ଯୁଗେ ହେଲା ରହିଲୁଣି, ଆପଣଙ୍କ କାନକୁ ସାଙ୍ଗେ ସାଙ୍ଗେ ଗନ୍ଧ ପଶିଯାଉଛି !

ଡ଼ିସେମ୍ବର ସାତ ଆଡ଼କୁ ଆସିଲେ ମଧ ଚଳିଯାଆନ୍ତା । କିନ୍ତୁ କୁଳକୁଟୁମ୍ବ ଛଅ ତାରିଖରୁ ଆସିବା ଆରମ୍ଭ କରିଦେଲେ । ଏ ଅବସ୍ଥାରେ ଏକମାତ୍ର ତ୍ରାଣକର୍ତ୍ତା (ର୍ତ୍ତ୍ରୀ) ବେହେରାଣୀ (ତାକୁ 'ମେହେନ୍ତରାଣୀ' ବୋଲି ଦିନେ ଡ଼ାକିଲାରୁ କହିଲା 'ବାବୁ' ଆମେ ବେହେରାଣୀ ବୋଲଉଁ 'ମେହେନ୍ତରାଣୀ' କହିବୁ ନାହିଁ । ଠିକ୍ ଯିମିତି ଦିନେ 'ପୋଷ୍ଟ ପିଅନ କହିଲାରୁ ହରି ସିଂ କହିଥିଲା । ସାର୍ ଆମେ ପୋଷ୍ଟମେନ୍, ପିଅନ ନୋହୁଁ ।) ଆଗରେ ସମସ୍ୟା ଉପସ୍ଥାପିତ କଲି । କହିଲି "ବୁଢ଼ୀ ! ତୁ ଆଉ ଜଣଙ୍କୁ ସାଙ୍ଗ କର । ଦିନଯାକ ଦିହେଁ ରହିବ, ଖାଇବ, ଶୋଇବ, ଚତୁର୍ଥୀ ବାସିଯାକେ, ଅଧିକା ପଇସା ବକସିସ୍ ଦେବି ।" ବୁଢ଼ୀ ତଦଣ୍ଡେ କହିଲା "ହଉ, ଆଣିବି ଆଉ ଜଣକୁ । ହେଲେ କହି ଦଉଛି ରାଣ୍ଡ ହେଲି ବୋଲି ମୁଁ ଧୋତି ନେବିନି, ଶାଢ଼ୀ ନେବି ।" ମୁଁ ହଁ ଭରିଲାରୁ ସେ କହିଗଲା, "ଆଉ ଗୋଟାଏ ଟିଣ ପାଇଁ ପଇସା ଦେ, ଖରକା ମୁଠାକ ପାଇଁ କି ଟଙ୍କାଏ ଦେଇଥା । ମୁଁ ମୁନିସିପାଲିଟିରୁ ବିଲ୍‌ଚିଂ ଆଣିବି । ତୁ ଫିଲାଇନ, ଗନ୍ଧକର୍ପୁର ଅଣ ।" ମୁଁ ବୁଝିଗଲି 'ଦୁର୍ଗନ୍ଧ ନେବ ଦୁର୍ଗନ୍ଧମ୍' ନୀତି ବୟାନ କରୁଛି ବୁଢ଼ୀ । ଦଣ୍ଡେ ରହି କହିଲା "ତୁ ଜମା ଡ଼ରନା, ସଫା ନ ରଖିଲେ ମୋତେ କହିବୁ । ମୋତେ ଗନ୍ଧ ହବନି । ଦରକାର ହେଲେ ଦଶଥର ସଫା କରିବା, ଦିନରାତି ଉଜାଗର ରହି ।"

ବିବାହର ତିନିଦିନ ପୂର୍ବର ଏ କଥାବାର୍ତ୍ତା । ମଙ୍ଗଳକୃତ୍ୟର ସକାଳେ ଘର ଠାକୁରଙ୍କ ପୂଜାପଣା ସାରି ଅଗଣାକୁ ବାହାରିଛି, ଦେଖିଲି ବୁଢ଼ୀକି । ସେ ତା ପୂର୍ବଦିନଠୁ ଆସି ରହିଲାଣି । ତାର ଠିକ୍ ପଛକୁ ଲାଗି (କି ରୂପ ! କି ରଙ୍ଗ ! କି ଠାଣି !) ଛିଡ଼ା ହୋଇଛି ଏକ ଅନିତ୍ୟସୁନ୍ଦରୀ ନବବିବାହିତା ବଧୂ । ଇଃ ଦୁନିଆଁ ଯାକ ଦୁଇ ବରଷ ଖୋଜାଖୋଜି

Digitized by srujanika@gmail.com

କରି ଯାହାକୁ ପୁତ୍ରବଧୂ କରିବାକୁ ଯାଉଛି । 'ସେ ୟାଠୁ ଚେହେରା ରଙ୍ଗରେ କେତେ ଊଣା ! ଇମିତି ମୋ ବୋହୂଟି ହୋଇଥିଲେ, ସତ କହୁଛି, ମୁଁ ଯଉତୁକ କଥା ଉଠାଇ ନଥାନ୍ତି ।' ଭଲ ଭଲ ଝିଅଗୁଡ଼ାକ ଯୁଗେ ଯୁଗେ କାହିଁକି କେଜାଣି ବିଲରେ, ଆଶ୍ରମରେ, କୁଡ଼ିଆରେ ଜନ୍ମ ହୁଅନ୍ତି କେଜାଣି ।

ପିତୁଳାଟି ପରି ଛିଡ଼ା ହୋଇଥିବା ଆଗନ୍ତୁକାର କାନ୍ଧରେ ବୁଢ଼ୀ ହାତ ଦେଇ କହିଲା, "ଦେଖ୍ ! ୟାକୁଇ ଆଣିଛି, ସାଙ୍ଗଦବ ବଡ଼ ପୁଅର ବୋହୂ, କାଲି ଚଉଠି ଯାଇଛି ।" ତାର ଏ ବୋହୂଟି ଦେଖିଲାମାତ୍ରେ ବୁଝିଗଲି ବୁଢ଼ୀ କାହିଁକି ଧୋତି ନକେଇ ଶାଢ଼ୀ ନେବାର ସର୍ତ୍ତ କରିଛି । ମୋର ଚିନ୍ତା ହେଲା ଧୋତି ବଦଳ ଶାଢ଼ୀ ଦେବାରେ ଅତିକମ୍‌ରେ ମୋତେ ଦଶଟଙ୍କା ଅଧିକା ପଡ଼ିଯିବ ।

ଗେଡ଼ୀ, ଗୋଲଗାଲ, ବୋହୂଟିର ମୁଣ୍ଡରୁ ଲାଲି ଧଡ଼ିର ହଳଦିଆ ଶାଢ଼ୀର ଚାରି ଆଙ୍ଗୁଳି ଓଢ଼ଣା କାଢ଼ିଦେଇ ବୁଢ଼ୀକହିଲା, "ଲାଜ କରୁଛୁ କାହାକୁ, ସେ ତୋର ଅଜା, ମୁଣ୍ଡିଆ ମାର ।" ହୁକୁମ ମାତ୍ରେ ବୋହୂଟି ମୁଣ୍ଡ ଲଗାଇଦେଲା ଅଗଣାରେ ଏବଂ ଛିଡ଼ା ହେଲା । ଦେଖିଲି, ଲାଜଗୁଡ଼ାକ ତାର ନୁଆଣିଆଁ ଆଖିରୁ ଝରି ଗାଲ ଓ ଓଠର ଲାଲିସବୁ ସଂଗ୍ରହ କରି ଛାତିର ନାଲି ଧଡ଼ି ଦେଇ ତଳିପାରେ ଅଳତା ହୋଇ ବହିଯାଉଛି । "କାଲି ଚତୁର୍ଥୀ ଗଲା ?" ଜାଣି ନଜାଣିଲା ପରି ପ୍ରଶ୍ନଟାରେ ବୋହୂଟି ବିବ୍ରତ ହେଲା । ସେଇ ମୁହୂର୍ତ୍ତରେ ପଚାରିଦେଲି "ବୋହୂର ନାଆଁ ?"

"ନାଆଁ କହିଦେ, ଫେର୍ ନାଜ, ତାଙ୍କ ଘରେ ପରା କାମ କରିବୁ ।" ବୁଢ଼ୀ କହିଲା ଗର୍ବରେ, ତାର ସୁନ୍ଦରୀ ପୁଅବୋହୂକୁ ଚାହିଁ । ମୁଁ ମାନିଗଲି, ବୋହୂ ପସନ୍ଦ କରିବାରେ ମେହେନ୍ତରାଣୀ ବୁଢ଼ୀ ମୋତେ ଟପିଯାଇଛି ।

ଓଢ଼ଣା ତଳୁ ଆଡ଼ ଆଖିରେ କଣିଆଁ ଚାହିଁ ଖୁବ୍ ସରୁ ଗଳାରେ ସେ କହିଲା 'ବାସନ୍ତୀ' । ବସନ୍ତର ସମସ୍ତ ସୌନ୍ଦର୍ଯ୍ୟ ଏଇ ଝିଅଟା ପାଖରେ । ହେଲେ ମଳୟର ସୁଗନ୍ଧ ପରିବର୍ତ୍ତନରେ ମଳର ଦୁର୍ଗନ୍ଧ ୟା ସହିତ ଲାଗିଲା କିମିତି । 'ମଳ' ଶବ୍ଦରୁ ମଳୟର ଉତ୍ପତି ନୁହେଁ ତ !

ଶାଶୁବୋହୂ ଦାୟିତ୍ୱରେ ପାଇଖାନା ଫ୍ରଣ୍ଟ୍ ଛାଡ଼ିଦେଇ ନିଶ୍ଚିନ୍ତରେ ବାହାଘର କାମରେ ଲାଗିଗଲି । ଠାକୁର ଘର ତଥା ହୋମଘରର ଝୁଣାଗୁଗୁଳ କର୍ପୂର ଘିଅ ରଜନୀଗନ୍ଧାର ଗନ୍ଧ ଖନ୍ଦାର ମାଛ ମାଂସ ପୁରି ମିଷ୍ଟାନ୍ନ ମହକ ସହିତ ବ୍ଲିଚିଂ, ଫିନାଇଲ, ଡ଼େଟଲ ବିଧୌତ ପାଇଖାନାର ଗନ୍ଧର ଏମିତି ସମ୍ମିଶ୍ରଣ ହେଲା ଯେ, ବନ୍ଧୁବାସ କେହି ବାରି ପାରିଲେନାହିଁ; କେଉଁଠୁ କି ଗନ୍ଧ ଆସୁଛି ।

ଉତ୍ସବ ସରିଲା । ବନ୍ଧୁ କୁଟୁମ୍ବ ସବୁ ବିଦାୟ ନେଲେ । ପାଇଖାନା ସ୍ୱରୂପ ଫେରି ପାଇଲା । ବୁଢ଼ୀ ଓ ବାସନ୍ତୀ ବିଦାକୀ ପାଇଁ ଆସି ଭରା ହେଲେ । ଚୂଡ଼ା ଉଖୁଡ଼ା ମୁଢ଼ି ମିଠାଇ ଫେଣୀରୁ ଦୁଇଜଣକୁ ଦୁଇ ଖଲିପତର ମୋ ସ୍ତ୍ରୀ ଥୋଇ ଦେଇ ପାଞ୍ଚୋଟି ଟଙ୍କା

Digitized by srujanika@gmail.com

ସାଙ୍ଗକୁ ଶାଢ଼ୀଟିଏ ଯିମିତି ବୁଢ଼ି ହାତକୁ ଖଣ୍ଡେ ଦୂରରୁ ଫୋପାଡ଼ି ଦେଇଛନ୍ତି, ବୁଢ଼ୀ ସେଇ ମୁହୂର୍ତ୍ତରେ ଶାଢ଼ୀକୁ ବୋହୂ କାନ୍ଧରେ ଥୋଇଦେଇ କହିଲା; "ମୋର କାହିଁ ? ଏତେ ବଡ଼ ବାହାଘରରେ ମୋର ଲୁଗା ନାହିଁ ?" ଦଶମାଣ ଜମି ସାଙ୍ଗକୁ ପଚିଶ ଭରି ସୁବର୍ଣ୍ଣ, ଆଉ ଦୁଇ ଟ୍ରକ୍ ଚିଜ ପାଇବା ପରେ ମୋ ସ୍ତ୍ରୀଙ୍କ ମନ ଏତେ ସରସ ଥାଏ ଯେ ସେ ସାଙ୍ଗେ ସାଙ୍ଗେ ଶ୍ୱଶୁରଙ୍କ ପାଇଁ ବୋହୂର ଆଣିଥିବା ନମସ୍କାରୀ ଧୋତିଟା ବାକ୍ସରୁ କାଢ଼ି ଆଣି ବୁଢ଼ୀକି ଦେଇଦେଲେ ।

ଏତିକିବେଳେ ପୁଅବୋହୂ ଦିହେଁ ଅଗଣାକୁ ଆଦି ଦିହିଙ୍କି ଦେଖିଲେ । ବାସନ୍ତୀ ଥିଲା ପ୍ରାୟ ନିରାଭରଣା । ଟଙ୍କାଏ ଦେଢ଼ଟଙ୍କା ଦାମର 'ଗିଲଟି' କାନଫୁଲ, ନାଲି ରେଶମୀ କାଚ, ବେକରେ ନାଲି ପୋହଳା ଓ କଣ୍ଠିର ହାର । ସେ 'ଡ଼ିଉଟି'ରେ ଥିଲା । ଶାଢ଼ୀଟା ଅଣ୍ଟାରୁ ନେଇ ଛାତିରେ ଗୁଡ଼ାଇ ଆଣି ପଛପଟେ ବୁଲାଇ ନେଇ ଏମିତି ଜୋରରେ ଭିଡ଼ି ବାନ୍ଧି ଥିଲା ଏବଂ ପଶାପାଲିଆ କଟକୀ ଗାମୁଛାଟାକୁ ପିଠାରେ ଏମିତି ଜାକି ଦେଇଥିଲା ଯେ, ଭରା ଯଉବନରେ ସମସ୍ତ ଉଚ୍ଚନୀଚ ମୋଡ଼ଭାଙ୍ଗର ସୁଷମା ଉତ୍କଟ ରୂପେ ପ୍ରକଟ ହେଉଥିଲା । ମୋ ବୋହୂ ବୁଢ଼ୀର ବୋହୂକୁ ଚାହିଁ ଶାଶୁଙ୍କୁ ପଚାରିଲେ, "ମା ଏ କିଏ ? ଶାଶୁ କହିଲେ "ମେହେନ୍ତରାଣୀର ପୁଅ ବୋହୂ, ଆଠ ଦଶ ଦିନ ହେଲା ବାହାଘର ସରିଛି ।" ବୋହୂ ନିସ୍ତବ୍ଧ ହେଲେ, ତାଙ୍କ ହାତ ବୋହୂ ବେକର ପଚିଶ ଭରି ଗହଣାଗାଣ୍ଠି ନକଲି ଗହଣା ପରି ଦିଶିଲା ।

କେତେଦିନ ପରେ ଲକ୍ଷ୍ୟ କଲି ବୁଢ଼ୀ ଆଉ କାମକୁ ଆସୁନି । ବୋହୂ ଏକୁଟିଆ ଆସୁଛି । ବୁଝିଲି, ସେ ଆଉ ଆସିବ ନାହିଁ, ଦି ଦିନ ଧରି ବୋହୂ ସାଙ୍ଗରେ ଘରକୁ ଘର ଚିହ୍ନାଇ ବାସନ୍ତୀକି 'ବଦଲା' ଦେଇଛି, ମ୍ୟୁନିସିପାଲିଟି ଅଫିସ୍‌ରେ କୁହାବୋଲା କରି । ବାସନ୍ତୀ ଖଟିବ, ବୁଢ଼ୀ ଦରମା ଆଣିବ । ହେଲେ ପନ୍ଦର ପଚିଶ ଦିନରେ ବୁଢ଼ୀ କେବେ କିମିତି ବୁଲିଯାଏ ଆଦ୍ୟ ବସନ୍ତର ଚୋରା ମଳୟକୁ ରୋକିଦେଇ ଶୀତଦିନିଆ କାଲୁଆ ପବନ ପଶି ଆସିଲା ପରି ।

କେବେ କେମିତି ଠାକୁର ପୂଜା ସାରି ଦୈବାତ୍ ବାରିଦୁଆରକୁ ଗଲେ ବାସନ୍ତୀକି ଦେଖେଁ ମଇଳା ଟିଣ ଧରି ଆସୁଥିବା ବେଳେ ବା ଫେରୁଥିଲା ବେଳେ । ଯେତେବେଳେ ସେ ଟିଣଟିକୁ ପିଲା କାଖେଇଲା ପରି ଅତି ସତର୍କତାର ସହିତ ଧରି ଅଣ୍ଟା ଭାଙ୍ଗି ଝାଡୁମୁଠା ହାତରେ ହଲାଇ ହଲାଇ ଚାଲିଥାଏ ଏବଂ ଭ୍ରମର ପଂକ୍ତି ପରି ବଡ଼ବଡ଼ ନୀଳମାଛି ଗୁଡ଼ାକ ଭଣ ଭଣ ହୋଇ ଯାଉଥାଆନ୍ତି, ମୋର ମନେ ପଡ଼େ ଉପେନ୍ଦ୍ର ଭଞ୍ଜଙ୍କ ଲାବଣ୍ୟବତୀର ମାଲୁଣୀ ଛବିଟି ଯାହା ତଳେ ଲେଖାଥାଏ "କୁସୁମ ଚାଙ୍ଗଡ଼ କରେ, ଗୋଡ଼ାଇଛନ୍ତି ଭ୍ରମରେ ।" ନାକ ଫାଟିଯାଏ ସୁ (ଦୁର) ଗନ୍ଧରେ ।

ପାଞ୍ଚବର୍ଷ ବିତିଗଲା । ସୃଷ୍ଟି ପ୍ରତିଯୋଗିତାରେ କିନ୍ତୁ ବାସନ୍ତୀ ମୋ ବୋହୂ ପାଖରୁ ହାରିଯାଇଛି । ବୋହୂରାଣୀ ଯୋଡ଼ାଏ ଝିଅ ପରେ, ନିଶ୍ଚିତ ରୂପେ ତୃତୀୟ ଆଡ଼କୁ

Digitized by srujanika@gmail.com

ଚାଲିଛନ୍ତି । ବାସନ୍ତୀର ସ୍ୱାସ୍ଥ୍ୟ ଓ ଶୋଭା ଅତୁଟ । ବରଂ ସାମାନ୍ୟ ମୋଟୀ ଦିଶୁଛି, ତ୍ରିବଳୀ। ଚର୍ବିଳ ହୋଇଛି । ଆଶ୍ଚର୍ଯ୍ୟ ଲାଗିଲା ଯେଉଁ ସାହିରେ ଅହରହଦିନଦ୍ୱିଗୁଣ ଜନ୍ମଲାଭ କରୁଛନ୍ତି କୃମି ପୋକମାଛି ପରି, ସେଠି ବାସନ୍ତୀ ବାଂଝ ?

ଦିନେ ଦେଖିଲି ମୋ ସ୍ତ୍ରୀ ତାଙ୍କ ନାତୁଣୀ ଦିହିଁଙ୍କ ତୈଳହରିଦ୍ରା କରି ସ୍ନାନ କରାଉଛନ୍ତି, ବାସନ୍ତୀ ତନ୍ମୟ ହୋଇ ବାଡ଼ିଦୁଆର କାଠକୁ ଧରି ଛିଡ଼ାହୋଇ ଦେଖୁଛି, ବିଶେଷକରି ଛାତି ପେଟରୁ ହାତ ତଳ ଉପର କରି ଲଙ୍ଗୁଳୀଙ୍କ ଘଷାକଷି କଲାବେଳେ, କ୍ରମେ ବାସନ୍ତୀର ଆଖି ଦୁଇଟା ଆର୍ଦ୍ର ହେବାର ମୁଁ ଲକ୍ଷ୍ୟ କଲି ।

ଆଉ ଦିନେ ମୋ ସ୍ତ୍ରୀ ବା ବୋହୂ କେହି ଦେଖୁନଥିଲା ବେଳେ (ସେମାନେ ଆଦୌ ପସନ୍ଦ କରନ୍ତି ନାହିଁ ଗୋଟିଏ ହାଡ଼ିଆଣୀ ସହିତ ମୋର ଆଳାପ ମେଳାପକୁ) ପଚାରିଲି, "ତୋର ସ୍ୱାମୀ କ'ଣ କରେ ? ଛାତି ଫୁଲାଇ ସେ ଉତ୍ତର ଦେଲା 'ଡ୍ରାଇଭର' । ଯୋଡ଼ିଲା ଏଇ ରାସ୍ତା ଦେଇ ସେ ସବୁଦିନ ଯାଆସ କରେ, ଗାଡ଼ିରେ; ପୁଣି ଦଣ୍ଡେ ରହି ଏଇତ ଗାଡ଼ି ଶବ୍ଦ ଶୁଭୁଛି, ଆସିଯିବ; ସେକେଣ୍ଡକ ପରେ ହେଇତ ଆସିଲା ।" "ନାଁ କଣ ?" ପଚାରିଲି । ଗାଡ଼ି ଆଡ଼କୁ ଚାହିଁ କହିଲା 'ଚେମା' ।

ଦେଖିଲି ଚେମା ବାବୁ ପୂରା ସ୍ଥୈର୍ଯ୍ୟ ଓ ଆତ୍ମବିଶ୍ୱାସ ନେଇ ସିଧାସଳଖ ଟ୍ରାକ୍ଟରରେ ବସିଛନ୍ତି । ମୁଣ୍ଡ ଉପରେ ପୁରା ଶକ୍ତିରେ ଭଗବାନ ସୂର୍ଯ୍ୟଦେବ । ଚେମା ବାବୁଙ୍କ ପୋଷାକପତ୍ର, ଚୂଳକଟା, ଠାଣି, ଗଗ୍‌ଲସ୍ ଦେଖିଲେ ମଫସଲର ଯାତ୍ରାପାଟିର ଶ୍ରୀକୃଷ୍ଣ, ନହେଲେ ବଜାରର ବେଙ୍କ୍‌ରୁ ଲୋନ୍ ନେଇ ନୂଆ ଗାଡ଼ି କିଣିଥିବା ରିକ୍ସାବାଲା, ଅଥବା ପୂରାପୁରି ସରକାରୀ ସାହାଯ୍ୟରେ ପଢୁଥିବା ଏକ ଥାର୍ଡ଼ ଡ଼ିଭିଜନ ଫେଶନୀ କଲେଜ ଟୋକା ହୋଇଥିବ । ଟ୍ରେକ୍ଟର ପଛରେ ଯୋଚା ଲାଲି ରଙ୍ଗର ପୁରୁଣା ପେଟ୍ରୋଲ ଟାଙ୍କି, ଯହିଁରୁ Highly inflammable ଅକ୍ଷର ଲିଭି ନାହିଁ । ଚେମାକୁ ଦେଖିଦେଲା ମାତ୍ରେ ବାସନ୍ତୀ ଦ୍ରୁତପଦରେ ଯାଇ ମଇଳାଟାଙ୍କିର ଢ଼ାଙ୍କୁଣୀ ଖୋଲି ନିଜ ଟିଣାର ମାଲତକ ଖଲାସ କରିଦେଲା ଏବଂ କାନିରୁ ପାନ ଖିଲିଟିଏ ଖୋଲି ଚେମାବାବୁଙ୍କୁ ଖୁଆଇଦେଲା ଏବଂ ଧାଇଁଲା ଗାଡ଼ି ପଛେ ପଛେ ସହର ମଝିର ଏକ ପୋଲ ପାଖକୁ, ଯେଉଁଠି ସହରର ସମସ୍ତ ମଳଭାଣ୍ଡର ମେଳନ ହୁଏ, ଦିନ ବାରଟାରେ ।

ବାସନ୍ତୀର କାମ ହେଲା ଟିଣ ମଇଳା ଢ଼ାଳି ଟାଙ୍କିରେ ପୂରାଇବା । ଯିମିତି ବିବାହବ୍ରତ, ମନ୍ତ୍ରୀଙ୍କ ଭୋଜୀରେ ପରଶୁଣୀମାନେ ପଲାଉ ବା ମାଂସ ବା ପାୟସ ହଣ୍ଡାକୁ ଗର୍ବରେ ଫୁଲି ଧାଁଧପଡ଼ ହୋଇ ସାବଧାନରେ ପରଶନ୍ତି ଏବଂ ଟୋପାଏ ପଡ଼ିବାକୁ ଦିଅନ୍ତି ନାହିଁ ବା ମୋ ସ୍ତ୍ରୀ ବେଲାରୁ, ଅଙ୍ଗୁଳିରେ ପୋଛାପୋଛି କଞ୍ଚା ଇଲିସି ବେସର ଯିମିତି ନିର୍ମଳ ସାଫ୍‌କରି ଦିଅନ୍ତି, ବାସନ୍ତୀ ସେମିତି ସତର୍କତା ଓ ଆଗ୍ରହରେ ଟିଣସବୁ ସଫାକରେ । ବାଟରେ ଯାଉଥିବା ଲୋକେ ଭାବିପାରନ୍ତି ନାହିଁ କିମିତି ଏତେ ମସଲା ମହକର ଶେଷ

Digitized by srujanika@gmail.com

ପରିଣତ ଏମିତି ନାକଫଟା ଦୁର୍ଗନ୍ଧ। ମୋର ବିଶ୍ୱାସ, ବାସନ୍ତୀର ନାକରେ ଘ୍ରାଣଶକ୍ତି ସମ୍ପନ୍ନସ୍ନାୟୁ, ପ୍ରଶିରା ମରିଯାଇଥିବେ ବା ଅକାମୀ ହୋଇଯାଇଥିବେ।

ସମଧିକ କୁତୁହଳୀ ହୋଇ ପୁଣି ଦିନେ ପଚାରିଲି, "ତୋର ଘରଟା କେଉଁଠି ?"

"ଗାନ୍ଧି କଲୋନୀରେ"

"ଠିକ୍ କେଉଁ ଜାଗାରେ ?"

"ଜହରଲାଲ ରୋଡ଼ରେ,"

ଦଣ୍ଡେ ରହି କହିଲା, "ଯେଉଁଠି ବାଘାଯତୀନ ରୋଡ଼, ବିବେକାନନ୍ଦ ମାର୍ଗ ଓ ଗୋପବନ୍ଧୁ ସରଣୀ ମିଶିଛି, ଠିକ୍ ସରାଜ୍ୟ ଆଶ୍ରମ ପାଖରେ।"

ମୁଁ ଆଶ୍ଚର୍ଯ୍ୟ ହେଲି ଏତେ କଷ୍ଟ ନାଆଁ ମନେରଖିଛି କିମିତି। ଟିକିଏ ହସି ପଚାରିଲି, "ସେଇଠି ତ ସବୁ ବଡ଼ ବଡ଼ ଲୋକଙ୍କ ରାସ୍ତା, ଘର କେଉଁଠି ଥିବ ?"

ଦିନେ ସେଇ ରାସ୍ତାଦେଇ ଗଲି ଏବଂ ଜ୍ଞାନ ଶିଖିଲି। ଅତିବେଶୀ କୁତୁହଳୀ ହେଲେ ଅତି ଜଘନ୍ୟ ପଦାର୍ଥ ଦେଖିବାକୁ ବି ମଣିଷ ପ୍ରସ୍ତୁତ ଥିବ। ଉଭୟ ସେଠି ମଣିଷ ଘୁଷୁରି ସମାନ। ଚାରି, ଛଅ, ଆଠ ଛୁଆ, ଉଭୟ ଘୁଷୁରି ଓ ମଣିଷର। ଉଭୟ ଜାତି କଳା କଳା, ନାକ ସଡ଼୍‌ସଡ଼୍। ଅବଶ୍ୟ ଘୁଷୁରିଥିବାରୁ ମଣିଷ ବଞ୍ଚିଛନ୍ତି। ଦୂରରୁ ଦେଖିଲି ଗୋଟାଏ ସବାଇ ଦଉଡ଼ି ଖଟରେ ବାସନ୍ତୀ ବସି ସାମ୍‌ନାରେ ଛୋଟ ଛୋଟ ପିଲାପିଲିଙ୍କି ଖେଳାଉଛି। ଦୂରରୁ ମୋତେ ଦେଖି ଫିକ୍ କରି ହସିଲା। ଇଛା ହେଉଥିଲା ତା' ପାଖକୁ ଯାଇ କ'ଣ କିଛି ପଚାରନ୍ତି । ତା ଘର ଭିତରଟା ଦେଖନ୍ତି ଓ ଆଉ ଟିକିଏ ଆତ୍ମୀୟତା ଜମାନ୍ତି, କିନ୍ତୁ କେହି ଦେଖିଲେ କ'ଣ ଭାବିବ ?

ବାସନ୍ତୀ କାମ କରି ଚାଲିଥାଏ। ଘଡ଼ି ଘଣ୍ଟା କଳକବ୍‌ଜା ପରି। ଦହି ବଢ଼ାରୁ ଲହୁଣୀଟିକକ ସଫାକଲା ପରି ସେ ଆମ ମଳଭାଣ୍ଡ ସଫା କରେ, ଧୋଇଧାଇ ଦିଏ ଏବଂ ଅଗଣା ଖରକେ। 'ମା ଯାଉଛି' କହି ଧୀରେ କବାଟ ଆଉଜାଇ ଦେଇ ଚାଲିଯାଏ। ଆମେ ବୁଝିପାରିଲୁନି କାହିଁକି ସେ ଆମକୁ ଏତେ ଶରଧାଭରା ସେବା ଦେଉଛି, ପର୍ବପର୍ବାଣିରେ ମାଗୁ ନ ମାଗୁ ଟଙ୍କାଏ ମଣାଏ ଦୂରରୁ ଆମେ ଫୋପାଡ଼ି ଦେଉ।

ଦିନେ ସେ ଧରାପଡ଼ିଗଲା। ପୂର୍ବଦିନ ଅଗଣା ତାରରୁ ଶାଢ଼ୀଟିଏ ଓ ବ୍ଲାଉସଟିଏ ଅନ୍ତର୍ଦ୍ଧାନ ହୋଇ ଯାଇଥାଏ। ଆମେ ସମସ୍ତେ ବାସନ୍ତୀକୁ ସନ୍ଦେହ କଲୁ।

ପୁରୀରୁ ମୁଁ ଶହେ ଟଙ୍କା ଦେଇ ତିନିଠାକୁରଙ୍କ ମୂର୍ତ୍ତି ରଖିଛି। ଗାଧୋଇ ପାଧୋଇ 'ନ ଜାନାମି ମନ୍ତ୍ରମ୍' କହି ଫୁଲ କେତୁଟା ଦିଏ ଓ ଧୂପ ଦୀପ ଦିଏଁ; ଲୋକ ଦେଖାଣିଆଁ ମୋର ଦେବଭକ୍ତି ଅତିବେଶୀ ହେଲେ ଦିହପା ଖରାପ ହେଲେ ଡ଼ାକ୍ତର ଆସିବା ପର୍ଯ୍ୟନ୍ତ ଠାକୁରମାନଙ୍କ ଉପରେ ନିର୍ଭର କରେ। ମୋଟ ଉପରେ ସ୍ତ୍ରୀଙ୍କ ତାଗିଦା ଓ ଭୟରେ ଏ ଜଗନ୍ନାଥ ପ୍ରୀତି। ପୁଅ ବୋହୂଙ୍କ ଧର୍ମ କର୍ମ ପ୍ରତି ଆସ୍ଥା ଥାଉ ନ ଥାଉ ଆଗ୍ରହ ନାହିଁ। ସେମାନେ ଏକ କଥାରେ ସ୍ଥିତିବାଦୀ।

Digitized by srujanika@gmail.com

ଧୂପ ଝୁଣା ଗୁଗୁଳ ଅଗରବତୀରେ ଘର ଧୂମମୟ, ସୁଗନ୍ଧମୟ କରି ବାହାରକୁ ଆସି ବାଡ଼ି କବାଟ ଫାଙ୍କରେ କିଏ ଜଣେ ଛିଡ଼ା ହୋଇଥିବାର ଦେଖି ଧାଇଁଯାଇ କବାଟ ଫିଟାଇ ଦେଖେଁ ତ ବାସନ୍ତୀ।

"ଛିଡ଼ା ହେଇ କବାଟ ଫାଙ୍କରେ କ'ଣ ଦେଖୁଥିଲୁ ?" ଆଦୌ ଚମକି ନପଡ଼ି ପୁରୁଣା ହସଟି ହସିଲା, ପ୍ରଶ୍ନର ଉତ୍ତର ନାହିଁ। ଦେଖିଲି ନଡ଼ିଆ ଗଛ ମୂଳରେ ଟିଣଟି ଥୁଆ। ଟିକିଏ ରାଗିବା ଉଚିତ୍ ଭାବି କହିଲି ତୁ' ଠିକ୍ ମୋ ପୂଜାବେଳକୁ ଏ ଟିଣ ଧରି ଆସୁଛୁ। ଟିକିଏ ଡ଼େରିରେ ବା ସହଳ ଆସିଲେ ହ'ନ୍ତାନି ? ଟିଣଟା ଏଠି ରଖିବୁ ନାହିଁ, ରାସ୍ତା କଡ଼ରେ ରଖିବୁ।"

ଏତିକିବେଳେ ରୋଷେଇଘରୁ ସ୍ତ୍ରୀ ଓ ବୋହୂ ଏକାସାଙ୍ଗରେ ବାହାରି ପଡ଼ିଲେ। ସ୍ତ୍ରୀ କହିଲେ, "ମେହେନ୍ତରାଣୀ ! କାଲିଠାରୁ ତୁ ବାହାରେ ବାହାରେ କାମ କରି ଚାଲିଯିବୁ। 'ଚୋରି ହେଉଛି' ଅଗଣା ସଫା କରିବା ଦରକାର ନାହିଁ, ଆମେ କରିବୁଁ।" ପଛରୁ ପଡ଼ି ବୋହୂ 'କହିଲେ, ସେ ଝିଅଟାକୁ ସାଙ୍ଗରେ ଆଣିବୁ ନାହିଁ। ଗେଣ୍ଡୁ ଫୁଲଗୁଡ଼ାକୁ ସେଦିନ ଚାହୁଁଥିଲା; ପାଞ୍ଚମିନିଟ୍ ଭିତରେ ଟର୍ଣ୍ଣାଡ଼ୋଟା ଯିମିତି ଗାଁଟାକୁ ନିଶ୍ଚିହ୍ନ କରିଦେଲା; ଏ ଦୁହେଁ ସିମିତି ମାଡ଼ିଆସି ଝିଅଟାକୁ ପେଟେଇ ଦେଇଗଲେ।

ଭଗବାନଙ୍କ ଏ ଅନ୍ୟାୟ କ୍ରୋଧର କୌଣସି କାରଣ ଧ୍ୱଂସପ୍ରାପ୍ତ ଗାଁ ବାଲାଏ ଯିମିତି ଜାଣିଲେ ନାହିଁ। ବାସନ୍ତୀ ସିମିତି ଥହୋଇ ଜିଜ୍ଞାସୁ ନୟନରେ ମୋ ଆଡ଼କୁ ଚାହିଁ ସିମେଣ୍ଟ ବେଞ୍ଚରେ ବସିଥିବା ଝିଅଟି ଆଡ଼କୁ ଗଲା।

"ଇଏ କିଏ ? ଯାକୁ କେଉଁଠୁ ଆଣିଲୁ ?"

"ଡ଼ାକ୍ତରଖାନାରୁ ଆଣିଥିଲି ଯେ ଭାରି ହଇରାଣ ହେଉଛି। କେବେ ଦିହ ଭଲ ନାହିଁ। ଦୁଧ, ଔଷଧରେ ସବୁ ଦରମା ଶେଷ। ସବୁବେଳେ କାନ୍ଦୁଛି, ସଙ୍ଗରେ ଧରି ବୁଲୁଛି। ଗରିବର ଦୁଃଖ କେବେ ସରେ ନାହିଁ ଅଜା, ପରର ଛୁଆ କି ନିଜର ହବ ? ନିଜର ଥିଲେ ..." ଦଣ୍ଡେରହି କାନ୍ଦ କାନ୍ଦ ହୋଇ କହିଲା ... "ଭୁଲ କରିଛି, ଏ ଝିଅଟାକୁ ଆଣି, ପାଳିବା ସାର ହବ ଯାହା।"

ଆମେ ଯିମିତି ଚିକିତ୍ସା ଆରମ୍ଭ କଲୁଁ, ଭାବିଥିଲି ବାସନ୍ତୀ ଆଉ ଆସିବ ନାହିଁ, ଶାଶୁ ବୁଢ଼ୀକି ପଠେଇବ। ନା, ଚୋରଣୀ ଡ଼ାହାଣୀ ଯାହା କହିଲେ ବି ସେ ଅଲାଜୁକୀ ଆସିଲା।

ସାଲବେଗ ଜାତୀୟ ଭକ୍ତ ଯିମିତି ଗରୁଡ଼ସ୍ତମ୍ଭ ସନ୍ନିଧିରେ ଛିଡ଼ାହୋଇ ପତିତପାବନ ଦେଖନ୍ତି ବା ଜଗନ୍ନାଥ ମନ୍ଦିରର କବାଟ ବନ୍ଦ ଥିଲେ ଭକ୍ତମାନେ ଯିମିତି କବାଟର ଗୋଲ କଣା ଭିତର ଦେଇ ଜଗତୀ ଉପର ତିନି ଠାକୁରଙ୍କୁ ଦେଖନ୍ତି, ଗୋଇନ୍ଦାଗିରି କରି ମୁଁ ଜାଣିଲି, ବାସନ୍ତୀ ସିମିତି ପ୍ରତିଦିନ କବାଟ ଫାଙ୍କ ଦେଇ ମୋ ଘର ଠାକୁରଙ୍କୁ ଦେଖେ। ଆମ କଥା ଅନୁସାରେ ସେ ପୂଜାର ଅନେକ ଆଗରୁ ଆସେ, ପାଇଖାନା କାମ ସାରି ଟିଣ ଖରକା ନେଇ ଖଣ୍ଡେ ଦୂରରେ ରଖିଦେଇ ଆସେ। ଗାଡ଼ିଆରେ ହାତ ଗୋଡ଼

Digitized by srujanika@gmail.com

ମୁହଁ ଧୋଇ ପୋଛି ଘାଟର ସିମେଣ୍ଟ ବେଞ୍ଚରେ ବସିଥାଏ। ଘଣ୍ଟି ଶୁଣିଲେ କବାଟ ଫାଙ୍କଦେଇ ଅନାଏଁ, ନହେଲେ ବେଞ୍ଚଟା ଉପରେ ଛିଡ଼ାହୋଇ ଅନୁଚ୍ଚ ପାଚେରୀ କାନ୍ଥ ଉପର ଦେଇ ସିଧାସଳଖ ଭିତର ଦୁଆର ଦେଇ ତିନିଠାକୁରଙ୍କୁ ଦେଖେ। ଅପେକ୍ଷା କରିଥିଲାବେଳେ ଛୋଟ ଝିଅଟି ସାଙ୍ଗରେ କଣ ଭୁଟୁରୁ ଭୁଟୁରୁ ହେଉଥାଏ।

ରୋଗୀ ସିମିତି ବସନ୍ତ ଓ ମଳୟର ଦାଉରୁ ରକ୍ଷା ପାଇବା ପାଇଁ ଦକ୍ଷିଣ ଦରଜା ଝିଡ଼ିକି ବନ୍ଦ କରିଦିଏ, ଶାଶୁବୋହୂ ସିମିତି ବାସନ୍ତୀ ଓ ତାର ଝିଅର ଦୌରାତ୍ମ୍ୟରୁ ରକ୍ଷା ପାଇବା ପାଇଁ ଘରବାଲା ସାଙ୍ଗରେ ସଲାସୁତରା ହୋଇ ପାଚେରୀ କାନ୍ଥ ଦୁଇଫୁଟ ବଢ଼ାଇ ଦେଲେ ଓ ପାଇଖାନା ସେପ୍‌ଟିକ୍ କରି ଦେଲେ, ନୂଆ କବାଟ ବି ଲଗାଇ ଦେଲେ, ଯିମିତି ବାସନ୍ତୀର ଛାଇ କି ପବନ ପଶିବ ନାହିଁ। ବାସନ୍ତୀ ଆସିଲା ନ ଆସିଲା, ସେ କଥାରେ କେହି ବ୍ୟସ୍ତ ବିବ୍ରତ ହେଲେନାହିଁ।

ପ୍ରାୟ ବର୍ଷେ ପରେ ଆଜି ମନ୍ଦିରରୁ ଫେରିବା ବାଟରେ ଯିମିତି ସେ ହସି ଦେଇ 'ଯାଉଛି' କହିଲା, ମୁଁ ବିହ୍ୱଳିତ ହୋଇ କିଛି ନ ବୁଝି 'ହଉ' କହିଦେଲି। ଘରେ ପହଞ୍ଚି ନୂଆ ଲୁଗାପଟା ଠାକୁର ପାଖରେ ଥୋଇ ଜୁହାର ହେଉଛି, ବାଡ଼ିପଟେ ଖଡ୍‌ ଖଡ୍‌ ଶବ୍ଦ ଶୁଭିଲା। ନିଶ୍ଚୟ ବାସନ୍ତୀ।

ଚିରପୋଷିତ ଆକାଂକ୍ଷା ପୂରଣ ହେବାକୁ ଯାଉଥିବା ମୁହୂର୍ତ୍ତରେ ଯେଉଁ ଆବେଗ ଓ ଉତ୍କଣ୍ଠା ମଣିଷକୁ ଅଧୀର କରିଦିଏ, ସେମିତି ବାଷ୍ପାକୁଳ କଣ୍ଠରେ ମୋ ଆଗରେ ଗୋଟାଏ ଖଲିପତରରେ ଶାଢ଼ୀଟିଏ, ଫକ୍ରଟିଏ ଏବଂ ଛୋଟ ନଗନ୍ୟ ରଙ୍ଗୀନ୍ ଜାମା ପେଣ୍ଟ ଏବଂ ଆଉ ଗୋଟାକରେ ବଡ଼ ବଡ଼ ଏଫ୍ରିକାନ୍ ଗେଣ୍ଡୁଫୁଲ ପୁଞ୍ଜାଏ ଥୋଇଦେଇ ବାସନ୍ତୀ କହିଲା "ଅଜା, ଏତକ ଠାକୁର ପାଖରେ ଛୁଆଁଇ ଦିଅ। ଆମେ ତିନିହେ ପ୍ରଥମାଷ୍ଟମୀ ମାନିବା।"

ସର୍ବନାଶ। ଛୋଟ ଲୋକଙ୍କୁ ପ୍ରଶୟ ଦେଲେ ମୁଣ୍ଡରେ ଚଢ଼ିବସିବେ। ମୁଁ ହୁଏତ ତାକୁ ଅଗଣାକୁ ନେଇ ଖଣ୍ଡେ ଦୂରରୁ ବରଣ୍ଡାକୁ ଦର୍ଶନ ବ୍ୟବସ୍ଥା କରିଥାନ୍ତି, କିନ୍ତୁ ଘର ଭିତରେ ମଠାଶାଢ଼ୀ ପିନ୍ଧି ବୁଢ଼ୀ ବାଘୁଣୀପରି ଘୁରି ବୁଲୁଛି। ଦେଖିଦେଲେ ଝୁଣି ଦେବ, ପ୍ରଥମାଷ୍ଟମୀକୁ ଦ୍ୱିତୀୟାଷ୍ଟମୀ କରିଦବ।

କହିଲି "ବାସନ୍ତୀ, ତୁ ଆଉ ଦିନେ ଆ । ଆଜି ପୂଜାପଣା ଧୂପଦୀପ ସରିଲାଣି । ତା'ଛଡ଼ା ମୋ ଠାକୁର ସିମିତି ପ୍ରତ୍ୟକ୍ଷ ନୁହନ୍ତି । ସଜନା କାଠ ଉପରେ ମାଟି ଗୋବର କନା ଦେଇ ରଙ୍ଗ ହୋଇଛି । ତାଠୁ କିଛି ଫଳ ପାଇବୁନି, ଯେତେ ମନାସିଲେ ବି ।"

ପୂରା ଅବିଚଳିତ ରହି ସେ କହିଗଲା "ଅଜା। ତୁମେ ନ ପାଇଲେବି ତ ମୁଁ ପାଇଛି । ମୋତେ ତୁମେ ମେହେନ୍ତରାଣୀ ବୋଲି ଯେତେ ଗାଳିଗୁଲଜ ଛି ଛା କର, କଲେ ବି କବାଟ ଫାଙ୍କ ଦେଇ, ପାଚେରୀ ଉପର ଦେଇ, ତୁମର ଠାକୁରଙ୍କୁ ଦେଖିଛି, ମୋର ସବୁ ଦୁଃଖ କହିଛି । ନ ହେଲେ ଏତେ ଦିନ ପରେ ପୁଅ ପାଆନ୍ତି କିମିତି । ଆଜି ସିନା ପାଚେରୀ

Digitized by srujanika@gmail.com

ଉଠେଇଲ, ନୂଆ କବାଟ ଲଗାଇଲ, ନହେଲେ ତୁମକୁ ଖୋସାମତ ନ କରି ଚୋରଣୀପରି ଦେଖି ଦେଇ ଚାଲି ଯାଆନ୍ତିଣି ?"

ଏତକ କହି କଣେଇପରି ଲଙ୍ଗଳା ଟିକି ପୁଅକୁ ମୋର ଅଗଣାର ଶରଧା ବାଲିରେ ଗଡ଼ାଇଦେଲା ଏବଂ ଫୁଲ ପୁଞ୍ଜାକ ଠାକୁରଙ୍କ ଆଡ଼କୁ ଫୋପାଡ଼ି ଦେଲା । ଗଲାବେଳେ ମୋ ଆଡ଼କୁ ପୂର୍ବ ହସର ସଂଶୋଧିତ ସଂସ୍କରଣଟିଏ ଦେଇଗଲା ଯାହା ଏବେ ବି ମୋ ଛାତିକୁ ଦହୁଛି ମନୁଛି ।

ଶାଶୂ ବୋହୂ ପୁଅ ନାତି ଲାଗି କେବେ କିମିତି ମନ ଦୁଃଖ ଝଗଡ଼ାଝାଟି କରି କନ୍ଦାକଟା ସକ ସକ ହୁଅନ୍ତି । ମୁଁ ମନେ ମନେ କହୁଥାଏ "ବାଡ଼ି ଦୁଆର ଆମ୍ବ କାଠର କବାଟ ଫାଙ୍କଦେଇ ମେହେନ୍ତରାଣୀଟା ଆମ ଦେଖନ୍ତରେ କନ୍ଦର୍ପ ପରି ପୁଅ ବୁଢ଼ୀ ହାତରୁ ଟାଣିନେଇ ଚାଲିଗଲା ଅଥଚ କେତୁଟା କିଛି ତ୍ୟାଗ ତପସ୍ୟା ନକରି ଫଳ ଖୋଜୁଛୁ ।"

# ରଜା : ଘୁଷୁରି ସାହିର

ସହରତଳିର ତେଛକିରେ ପାଉଁଶିଆ ରଙ୍ଗର ଯେଉଁ ତେତାଲା କୋଠା, ତାରି ତଳ ତାଲାର ପ୍ରଶସ୍ତ ବରଣ୍ଡାରେ ସେ ପ୍ରାୟ ତ୍ରିକାଳ ସନ୍ଧ୍ୟା ବସିଥାଏ । ଗୋଟାଏ ବଡ଼ କାଠ ଖଟଟାରେ, ବଡ଼ ବଡ଼ ଗଦି ଓ ଗେରଦା ଭିତରେ ଏବଂ ଚାହିଁଥାଏ ରୁପା ଫ୍ରେମ୍‌ର ବାଇଶ କି ଚବିଶ ପାଓ୍ୱାରର ଖୁବ୍ ମୋଟା ଚଷମା କାଚ ଭିତରେ ଦେଇ ସାମ୍ନା ପିଚୁ ରାସ୍ତାକୁ ଏବଂ ଅପରପାର୍ଶ୍ୱର ଘୁଷୁରିସାହିକି ।

ଥାକୁଲୁଥୁକୁଲୁ ଥନ୍ତଲପେଟୁଆ ଦିହଟାକୁ ଇଜପ୍‌ଶିଆନ୍ କଲରର ଅଠେଇଣୀ ଛାଣ୍ଟୁଆ ହାତବାଲା ଗେଞ୍ଜିଟା ତାକୁ ବେଶ୍ ମାନେ । ରଙ୍ଗଲାଲ, ନାଆଁକୁ ସାର୍ଥକ କରି ତା ଦିହହାତ ସର୍ବାଙ୍ଗ ଲାଲେଲାଲ୍ । ପିନ୍ କଣ୍ଟାଟାଏ ଫୋଡ଼ିଦେଲେ ପାଉଣ୍ଡେ ଲେଖାଏଁ ଲାଲ ରକ୍ତ ଯେଉଁଠୁ ସେଇଠୁ ବାହାରି ପଡ଼ିବ । ମୁଣ୍ଡର ଚମଡ଼ାଟା ପରି ବି ଏତେ ଲାଲ ଯେ କଦମ୍ବଫୁଲିଆ ଧଳା ଚୁଳଗୁଡ଼ାକ ଈଷତ୍ ଗୋଲାପୀ ଦିଶେ । ବୁଢ଼ାଟା ରସିକ । ପାଖ ଦେଇ ସେ ଘର ଭିତରକୁ ପଶିଯିବ ସେ ତା କାନଗୁଞ୍ଜା ଅତର କାଠିରୁ ଚନ୍ଦନ ଓ ଖସ୍‌ଖସ୍ ଅତରର ଭୁରୁଭୁରୁ ମହକ ପାଇଯିବ ।

ମାଂସଳ ଲକ୍ଷ୍ମୀ ପେଚାଟି ପରି ଜୁଳୁଜୁଳୁ କରି ସେ ଚାହିଁଥାଏ ସାମନାକୁ । ବଗିଚାର ପେନ୍ଥାପେନ୍ଥା ଗୋଛା ଗୋଛା ମଧୁମାଳତୀ, ରଜନୀଗନ୍ଧା, ବେଗୁନିଭିଲ୍ଲା ଏବଂ ରଙ୍ଗବେରଙ୍ଗ କ୍ରୋଟନ ବୁଦା ଦେଇ ଦେଖେ ପିଚୁ ରାସ୍ତାର ଉନ୍ନତ ଦୁନିଆକୁ ଏବଂ

Digitized by srujanika@gmail.com

ଅପରପାର୍ଶ୍ୱର ତଳିଆ ଜାଗାର ଘୁଷୁରିସାହିଟାକୁ । ସ୍ୱପ୍ନ ଓ କବିତାମୟ ରଙ୍ଗୀନ ଯୌବନ ମାଧମରେ ସଦ୍ୟମୟ ରୁଗ୍ଣ ହୀନିମାନିଆ ବାର୍ଦ୍ଧକକୁ ଦେଖିଲା ପରି କେତୁଟା ସଜନା, ପପେୟା, ଅମରୀ ଗଛବୁଦା ଭିତରେ ଘୁଷୁରିସାହିର ଘରଗୁଡ଼ାକ ବଡ଼ସାନ ହୋଇ ଉପୁରା ଉପୁରି ଫୁଟିଥିବା ପାଳଛତୁ ବା ବଡ଼ ତେନ୍ତୁଳି ଗଛଟାରୁ ଝୁଲୁଥିବା ମହୁଫଣା ବା ବିରୁଡ଼ିବସା ପରି ଦିଶେ ।

ରଙ୍ଗଲାଲ ଯଦି ଏଇ ମୁହୂର୍ତ୍ତରେ କୋଠାର ଛାତ ଉପରକୁ ଚାଲିଯାଆନ୍ତା (ହାୟ ! ଘର କଲାବେଳେ କେହି କ'ଣ ଭାବିଥାଏ ଯେ ଦିନ ଆସିବ, ଯେବେ ସେ ଘର ଭିତରକୁ ଚଢ଼ିପାରିବ ନାହିଁ ବା ଘର ଭିତରେ ରହିନପାରି ନିଜ ଘର ବାରଣ୍ଡାରେ ଅତିଥି ବା ଭିକାରୀ ପରି ବସିଥିବ ? ତେବେ ସେ ଦେଖନ୍ତା ଟେଲିଭିଜନ ଖୁଣ୍ଟ ଉପରେ ଯୋଡ଼ାଏ ପାରା ଚୁମାଚୁମି ହେଉଛନ୍ତି ନୀଳ ଆକାଶକୁ ପିଠିକରି । ସେଇ ଏରିଏଲ ଖୁଣ୍ଟ ତଳେ ଛିଡ଼ାହୋଇ ହାତ ପାପୁଲିକି ସାପଫଣା ପରି କରି ଖରାତରାର ଆଢୁଆଳରେ ସେ ଦେଖିପାରନ୍ତା ପୂର୍ବ ଦିଗ୍‌ବଳୟର ସମୁଦ୍ର ଓ ଝାଉଁବଣ ଏବଂ ପଶ୍ଚିମର ପାହାଡ଼ ଓ ଶାଳବଣ; କିନ୍ତୁ ସେତେ ଉଚ୍ଚକୁ ସେ ଏବେ ଉଠି ପାରୁନାହିଁ ।

ତେତାଲାକୁ ସେ ଯଦି ଚଢ଼ିପାରନ୍ତା, ତେବେ ସେ ଅକ୍ଳେଶରେ ଦେଖିପାରନ୍ତା ତାର ଶିଳ୍ପାୟିତ ସାମ୍ରାଜ୍ୟକୁ, ଯହିଁରେ ଅଛି ପ୍ଲାଷ୍ଟିକ୍ ଫେକ୍ଟରୀ, ଧାନକଳ ପାଇପ୍ କାରଖାନା, ଅଟା ମଇଦା ବରଫ କଳ, ଲୁଗା, ଶ'ମିଲ ଆହୁରି କେତେ କ'ଣ, କିନ୍ତୁ ଛାତ, ଶିଡ଼ି, ପାହାଚ ଲିଫ୍‌ଟ ଚଢ଼ିବାକୁ ତାକୁ ମନା ।

ଦୋତାଲାକୁ ଗଲେ ବି ସେ ଦେଖନ୍ତା ସହରରେ ଇତସ୍ତତଃ ବିକ୍ଷିପ୍ତ ତାହାରି ନିଜର ରଡ଼୍, ଏଜେନ୍‌ସେଷ୍ଟସ୍, ଟାୟାର ଗୋଦାମ, ଟାଙ୍କି ଏବଂ ମୁହାଁମୁହିଁ ଥିବା ଯୋଡ଼ାଏ ଏୟାରକଣ୍ଡିସନଡ଼ ସିନେମା ଘରକୁ । ଦୋତାଲକୁ କାହାରି ସାହାଯ୍ୟ ନ ନେଇ ସେ ହୁଏତ ଯାଇପାରନ୍ତା; କିନ୍ତୁ ଡ଼ାକ୍ତରଙ୍କ ହୁକୁମ ସେ ଅମାନ୍ୟ କରେନାହିଁ, ଅବଜ୍ଞା କରିବାର ସାହସ କରେ ନାହିଁ । ତାକୁ ଉପରକୁ ଯିବା ମନା ।

ତେଣୁ ସେ ଗ୍ରାଉଣ୍ଡ ଫ୍ଲୋରରେ ଥାଏ ଏବଂ ଯେଉଁଠି ବସିଲେ ପାଓ୍ୱାର ବାଲା ଚଷମା ଜାଚରେ ରଙ୍ଗୀନ୍ ଫୁଲ ପତ୍ର ଦେଇ ଘୁଷୁରିସାହିକୁ ଦେଖିପାରିବ । ବସି ବସି ବିଟାଲାଗିଲେ ସାମ୍‌ନାର ଦୁଇଦୁଇଟା ଫିଆଟ, ଆମ୍ବାସାଡ଼ାର, ଜିପ୍, ସ୍କୁଟର ଆଦି ନାନା କିସମର ଯାନ ଦେଖି ସେ ଭାବେ ଥରେ ହେଲେ ଏଗୁଡ଼ାକରେ ଯାଇ ତାର ସାମ୍ରାଜ୍ୟର ଦିଲ୍ଲୀ କଲିକତା ପରି ସ୍ଥାନମାନଙ୍କରେ ସମ୍ରାଟ ପଞ୍ଚମ ଜର୍ଜଙ୍କ ପରି ଦରବାର କରି ଆସି ବୁଲିପାରନ୍ତା କି; କିନ୍ତୁ କେହି ତାକୁ ବୁଲାଇ ନିଅନ୍ତିନାହିଁ, ସମସ୍ତେ ଯେଝା କାର୍ଯ୍ୟରେ ବ୍ୟସ୍ତ । ହଳ ହଳ ଦଳ ଦଳ ତାରି ସାମନାରେ ପୁଅ, ବୋହୂ, ନାତି, ନାତୁଣୀ, ବେଉସା ବଣିଜ, ସ୍କୁଲ କଲେଜ, ହୋଇ ସିନେମା, ଥିଏଟରକୁ ନାନା ବେଶ ବସନ ହୋଇ ମହୋଲ୍ଲାସରେ ଥରକୁ ଥର ଯାଉଥାନ୍ତି ଆସୁଥାନ୍ତି; କେହି ବୁଢ଼ାକୁ ଚାହାନ୍ତି ନାହିଁ, ପଚାରନ୍ତି

Digitized by srujanika@gmail.com

ନାହିଁ । ଥରେ ନାତି ଗୋଟାକୁ ବୁଢ଼ା କରୁଣ କାତର ସ୍ୱରରେ କହିଲା ଟିକେ ତାକୁ ଘୁଷୁରିସାହିରେ ବୁଲାଇ ଆଣିବାକୁ । ନାତି ତରାଟି ଚାହିଁ ଇଂରାଜୀରେ କହିଲା "ମୁଭ୍‌ମେଣ୍ଟ ନଟ୍ ଆଲାଉଡ୍, ଏବସଲ୍ୟୁଟ୍ ବେଡ୍‌ରେଷ୍ଟ, ବୁଝିଲ ଜେଜେ ?" ଜେଜେ କିଛି ବୁଝିଲେ ନାହିଁ, କାରଣ ଇଂରାଜୀ ସେ ମୋଟେ ଜାଣନ୍ତି ନାହିଁ, ଖାଲି ସିତିକି ବୁଝିଲେ ସେ ଗାଡ଼ି ଯାନବାହାନ ସବୁ ପିଲାଙ୍କ ଛବି ବହିର ଚିତ୍ର ପରି, ଯାହାର ବ୍ୟବହାରିକ ଉପାଦେୟତା ତାଙ୍କ ପାଇଁ ନାହିଁ, ଯିମିତି ଫିକ୍ସଡ୍ ଡ଼ିପୋଜିଟ୍, ଦଲିଲ ଦସ୍ତାବିଜର ଦାମ ନାହିଁ ଖାଲି କାଗଜଗୁଡ଼ାଏ; ଯଦି ସେ ଅର୍ଥ ତାଙ୍କ କାମକୁ ନ ଆସେ । ସେ ବେଶ୍ ବୁଝିଲେଣି ଘରଘରଣୀ ଘଟ ଛୁଟିଲେ ସବୁ ... ବୋଲିବେ ମଡ଼ା ଯେ ।

ଘରଣୀ ତ ବୁଢ଼ା ହରାଇଛି ବହୁତ ବର୍ଷ ହେଲା । ପ୍ରାୟ ଚାଳିଶ ବର୍ଷ ଆଗରୁ ସେ କଲିକତା ଛାଡ଼ି ଏକ ନିରାପଦ ଦୁନିଆଁ ଖୋଜି ଏଠାକୁ ପଳାଇ ଆସିଥିଲା ଦ୍ୱିତୀୟ ମହାଯୁଦ୍ଧ ସମୟରେ ଯେତେବେଳେ ଡ଼ାଲହାଉସି ସ୍କୋୟାର ଓ ହାଓଡ଼ା ପୋଲ ପାଖରେ ଜାପାନୀ ବୋମା ପଡ଼ିଲା । ରାଜ୍ୟ ଭ୍ରଷ୍ଟ ଓ ପରେ ଯୁବାସ୍ତ୍ରୀ ନଷ୍ଟ ହେଲେ ମଧ ଭାଙ୍ଗି ନପଡ଼ି ସେ ନୂଆ ସାମ୍ରାଜ୍ୟ ଗଢ଼ିବାରେ ଅସାଧାରଣ ଉତ୍ସାହ ଓ ଧୈର୍ଯ୍ୟ ଧରିପାରିଥିଲା ।

ଏଇ ଗ୍ରାଉଣ୍ଡ ଫ୍ଲୋରରେ ଥାଇ ମଧ କଥମପି ବୁଢ଼ା ଜାଙ୍ଗ ପାରନ୍ତା ଯଦି ସେ ଥରକୁ ଥର ଘର ଭିତରକୁ ପଶି ଟେଲିଭିଜନ ଛବି ଦେଖନ୍ତା, କିନ୍ତୁ ସମସ୍ତେ ଭାବନ୍ତି ବୁଢ଼ା ଟେଲିଭିଜନରୁ କ'ଣ ବୁଝିବ, ପାଇବ ? ତାର ବୟସ ଅଛି ନା ରୁଚି ଅଛି ? ତେଣୁ ସେମାନେ ସାମନାରେ ଭିଡ଼ ଜମାଇ ଉଲ୍ଲାସ କୌତୁହଳରେ ବସିଯାନ୍ତି । ଅଟ୍ଟହାସ୍ୟ ସହିତ ଥଣ୍ଡା ଗରମ ପାନୀୟର କପ୍ ଓ ଗ୍ଲାସର ଠଣ୍‌ଠାଣ୍ ଶବ୍ଦରେ ତେତଲା ଉଠୁଥାଏ ପଡୁଥାଏ । ଦୈବାତ୍ ବୁଢ଼ା ଭିତରକୁ ପଶିଗଲେ ପ୍ରାଗୈତିହାସିକ ଜାନୁଆରକୁ ଦେଖିଲାପରି କିଏ କୁଆଡ଼େ ଅନ୍ତର୍ଦ୍ଧାନ ହୁଅନ୍ତି । ତେଣୁ ଘରଆଡ଼େ ବା ବୈଠକଖାନାକୁ ନ ଯାଇ କାଠ ଖଟର ଜଗତୀ ବା ସିଂହାସନରୁ ଡ଼ିମାଡ଼ିମା ଆଖି ମେଲାଇ ଜଗନ୍ନାଥ ଦେଖିଲାପରି ନିଜ ଦୁନିଆଁକୁ ତଥା ଘୁଷୁରିସାହିକି ବୁଢ଼ା ଦେଖୁଥାଏ । ଜଗନ୍ନାଥ ନୁହେଁ କ'ଣ ? ସ୍ମାରଂସ୍ମାରଂ ସଗୃହଚରିତଂ ଦାରୁଭୁତୋ ମୁରାରିଃ । ନିର୍ଜୀବ କାଷ୍ଠପଶାଣ ମୂରତି ହେବାକୁ ତାକୁ ଆଉ କେତେ ଡ଼େରି । ସେ ପ୍ରାୟ ମୂକ, ବଧିର ଏବଂ ଚଳତ୍‌ଶକ୍ତି ରହିତ, ଗୋବର ଗଣେଷ । ମୂଷାଟିଏ ବି ସଙ୍ଗେ ନାହିଁ । ଏକାନ୍ତ ନିଃସଙ୍ଗ । ତେଣୁ ସେ ଚାହିଁଥାଏ ପିଚୁରାସ୍ତା ଓ ଅପରପାର୍ଶ୍ୱରେ ଘୁଷୁରି ସାହିକି ।

"ଅଜା ଘୁଷୁରିସାହିରେ କ'ଣ ଦେଖ ?" "ବାପା, ସେ ଘୁଷୁରିସାହିରେ ଦେଖିବାର କ'ଣ ଅଛି ?" "ଜେଜେ, ଘୁଷୁରିସାହିକି ଚାହିଁ ଚାହିଁ ତୁମ ଆଖି ଫୁଟି ଯାଉନି ?" "ଘୁଷୁରି ଗୁଡ଼ାକୁ ଦେଖିଲେ ତୁମକୁ ବାନ୍ତି ମାଡ଼େନି ?" ଏସବୁ ଛୋଟ ଛୋଟ ପ୍ରଶ୍ନର ଉତ୍ତର ବହୁତ ଲମ୍ବା । ବୁଢ଼ା ସେଥିପାଇଁ ଜବାବ୍ ଦିଏନାହିଁ, ବିରକ୍ତ ବି ହୁଏ ନାହିଁ । ତା ପାଇଁ ଆନନ୍ଦ, ଦୁଃଖ, କ୍ରୋଧ ଶରୀର ପକ୍ଷରେ କ୍ଷତିକାରକ ।

Digitized by srujanika@gmail.com

ଏଇ ଘୁଷୁରିସାହିଟା ବୁଢ଼ାର ଆଦି ସୃଷ୍ଟି । ତେଣୁ ସ୍ରଷ୍ଟା ଯିମିତି ନିଜ ସୃଷ୍ଟିକି (ଯେତେ କଦର୍ଯ୍ୟ ହେଉ ପଛେ) ପ୍ରଶଂସମାନ ଚକ୍ଷୁରେ ଦେଖେ, ବୁଢ଼ା ସିମିତି ଏ ସାହିତ୍ୟରେ ଖୁବ୍ ଆଦର ଦରଦ ଢ଼ାଳିଦିଏ । ବୁଢ଼ା ଯେତେବେଳେ ଲୋଟାକମ୍ବଳ ଧରି ବିଦେଶରୁ ଏଠାକୁ ଆସିଲା, ସେତେବେଳେ ତାକୁ ମନ୍ଦିର ବା ସାମ୍ରାଜ୍ୟ ଗଢ଼ିବାରେ ସାହାଯ୍ୟ କରିଥିଲେ କେଉଁ ଦୂର ପର୍ବତ ବନାନୀର ଆଗନ୍ତୁକମାନେ : ପରଭା, ଅଇବନ, ଅରଛିତ, ମହନା, ଡୁରକୁ ଏବଂ ସେମାନଙ୍କ ସ୍ତ୍ରୀ ସୁବାସ, ଚମ୍ପା, ନୁଡ଼୍କି, ରୁପି, ସୁମି ଓ ଆହୁରି କେତେ । ବୁଢ଼ା ସେମାନଙ୍କ ସାଙ୍ଗରେ ମାଟି ବୋହିଛି, ଇଟା ତିଆରି କରିଛି । ତାକୁ କିଏ ଭାଇ, କିଏ ବାପା, କିଏ ଦାଦା ଡ଼ାକିଛନ୍ତି । (ଏବେ ଅବଶ୍ୟ ସମସ୍ତେ ତାକୁ ରଜା, ରଜା ବାବୁ, ମହାରାଜା, ବୁଢ଼ା ସାହେବ ଡ଼ାକନ୍ତି) ସେତେବେଳେ ଥିଲା ଟିପାଟିପିର ଦୁନିଆଁ, ଟିପା ଆଣିଲା ଚାଉଳ ଗୋଟିଏ, ଟିପି ଆଣିଲା ବିରି ଗୋଟିଏ, ବାଘମାମୁଁ ବୋଲି କେହି ନଥିଲେ ବିନା ପରିଶ୍ରମରେ ପିଠା ଭାଗ ଦାବୀ କରିବା ପାଇଁ । ବୁଢ଼ା ମନଖୁସିରେ ଧୁମୁଷାମାଦଳ ତାଳରେ ବୁଢ଼ୀକୁ ସାଙ୍ଗରେ ଧରି ବି ସେମାନଙ୍କ ସହିତ କେବେ କେମିତି ନାଚୁଥିଲା; କାଣ୍ଡବିନ୍ଧା ବି ଅଭ୍ୟାସ କରୁଥିଲା, କିନ୍ତୁ ତେତାଲା କାମ ଯିମିତି ସରିଛି, ବୁଢ଼ୀ ଜୁଆଣ ବୟସରେ ଚାଲିଗଲା ।

ବୁଢ଼ା କିନ୍ତୁ ଘୁଷୁରି ସାହି ଛାଡ଼ିଲାନି । ବୁଢ଼ୀର ସ୍ମୃତିକୁ ଜାବୁଡ଼ି ସିମେଣ୍ଟ ଚଟାଣ ଚାଳଘରଟାରେ ଅନେକ ବର୍ଷ ଧରି ରହିଲା । କାଳକ୍ରମେ ପିଲାଏ, ବେଉସା ବଣିଜ କରି ନାଆଁ କମେଇଲେ, ବୁଢ଼ାର ସାମ୍ରାଜ୍ୟର କ୍ରମିକ ଅଭିବୃଦ୍ଧି ଚାଲିଲା । ସେମାନେ ଘୋରଘୋର ଆପତ୍ତି କଲେ ବୁଢ଼ାର ସାମ୍ରାଜ୍ୟର କ୍ରମିକ ଅଭିବୃଦ୍ଧି ଚାଲିଲା । ଘୁଷୁରିସାହି ଭିତରେ ରହଣିକୁ । ସେମାନଙ୍କ ମର୍ଯ୍ୟାଦା ହାନି ହେଉଛି, ବୁଢ଼ାର ବି ବଦନାମ ହେଲାଣି ନାନା ଲୋକେ ନାନା କଥା କହୁଛନ୍ତି, ପିଲାଏ ଜୋରଜବରଦସ୍ତି ଦିନେ ବୁଢ଼ାକୁ ଭିଡ଼ିଓଟାରି ଦୋତାଲା କୋଠାକୁ ନେଇ ଆସିଲେ ଆସବାବପତ୍ର ସହିତ । ସେଇ ଦିନ ପ୍ରଥମ ଥର ପାଇଁ ବୁଢ଼ାର ଛାତି ବେମାର ବାହାରିଥିଲା ।

ତେତାଲାକୁ ଆସିଲେ ବି ଘୁଷୁରିସାହିର ମମତା ବୁଢ଼ାକୁ ଛାଡ଼ିଲା ନାହିଁ । ଘୁଷୁରିସାହିବାଲାଙ୍କ ପାଇଁ ଆଉ କାମ ନାହିଁ । ସେମାନେ ଅନ୍ୟତ୍ର ମୂଲିଆମଜାରୀ, କୁଲିଗିରି ଦୋକାନପାତିରେ ସ୍ୱାଧୀନ, ଭାବରେ ଦିନ କାଟନ୍ତି । ତଥାପି ବୁଢ଼ାଭାବେ ସାହିଟା ତା'ରି ଜରଣୀ, ଲୋକଗୁଡ଼ା ତାରି (ବନସ୍ତର ହାତୀ) ଯିମିତି ତେତାଲା କୋଠା ଓ ଶିଳ୍ପ ସାମ୍ରାଜ୍ୟ ସେମାନେ ସେଇଠି ଥିଲେ ବି ସେମାନଙ୍କ ସହଯୋଗ ଉତ୍ସାହଲବ୍ଧ ଫଳ । ପ୍ରତିଦିନ ସକାଳ ସନ୍ଧ୍ୟା ସେ ସାହିକି ଯାଏ; ୟା ତା ପିଣ୍ଡାରେ ବସି ସୁଖଦୁଃଖ ହୁଏ; କାହାକୁ କେତେବେଳେ ନାନା ମତେ ସାହାଯ୍ୟ ବି ଦିଏ । କିଏ ଜଣେ ଥରେ ଖବରକାଗଜରେ ବାହାର କରିଦେଲା ଘୁଷୁରି ପାଖରୁ ମସ୍ତିଷ୍କ ଜ୍ୱର ହେଉଛି, ଯାହାର ଔଷଧ ନାହିଁ । ମୁନିସିପାଲିଟି ଘୁଷୁରିସାହି ଓ ଘୁଷୁରିଗୁଡ଼ାକୁ ନିପାତ କରିଦେବାର ଯେଉଁ ବ୍ୟବସ୍ଥା କଲା, ତାକୁ ବୁଢ଼ା ତୁରନ୍ତ ରଦ୍ଦ କରାଇଦେଲା । ମୂଷା, ବିରାଡ଼ି, କୁକୁର, ଛେଳି, ମଇଁଷି ସମସ୍ତେ

Digitized by srujanika@gmail.com

ରୋଗ ଛାଡ଼ନ୍ତି ଖାଲି, ଘୁଷୁରିଗୁଡ଼ାକୁ ଏତେ ଅଦନ୍ତା କାହିଁକି ? ଘୁଷୁରିଙ୍କି ତ ମସ୍ତିଷ୍କ ଜ୍ୱର ହୁଏ ନାହିଁ । ବୁଢ଼ା ଏଇ ଘୁଷୁରିସାହିର ଜୀବଗୁଡ଼ାକ ବିଷୟରେ ଅନେକ ଭାବେ । ଥରେ ସେ ପୁରୀ ଯାଇଥିଲା । ଫେରିଆସି ସାହିର ମୁରବୀ ପାଖରେ ଦିନେ କହିଲା, "ଶ୍ୟାମରେ, ମୁଁ ପୁରୀ ଯାଇଥିଲି, ଗୋଟାଏ ପୋଖରୀରେ ବଡ଼ ବଡ଼ କଇଁଛ ଦେଖିଲି, ମୁଡ଼ିମୁଆଁ ଧରି ଡ଼ାକିଦେଲି ଯେ ମୋ ହାତରୁ ଖାଇଗଲେ । ଇନ୍ଦ୍ରଦ୍ୟୁମ୍ନ ରାଜାଙ୍କ ମନ୍ଦିର ପାଇଁ ପଥର ବୋହି ବୋହି ସେମାନେ କୁଆଡ଼େ କଚ୍ଛିମ ପାଲଟି ଯାଇଛନ୍ତି । ଶ୍ୟାମରେ, ତୁମେ ବି ମୋ ପାଇଁ ନାଳନର୍ଦ୍ଦମାରେ ପଙ୍କ କାଦୁଅରେ କାମ କରି କରି ଘୁଷୁରି ହୋଇଯାଇଛି ।" "ଶ୍ୟାମ କହେ ନା ଆଜ୍ଞା ! ମଣିଷ କି ଘୁଷୁରି ହେବ ?" ବୁଢ଼ା ଯୁକ୍ତି କରେନି, ଟିକିଏ ଶ୍ଳେଷବ୍ୟଙ୍ଗମିଶା ହସ ହସେ । ଘୁଷୁରି ରହସ୍ୟ ଶ୍ୟାମ ଆଗରେ ଆଉ ଦିନେ ବୟାନ କରୁଁ କରୁଁ ପିଚୁରାସ୍ତା କଡ଼ର ମାଈ ଘୁଷୁରିକୁ ଲକ୍ଷ୍ୟକରି କହିଲା "ଦେଖ ଶ୍ୟାମ, ଆଠୁଟା ଥନକୁ ଆଠୁଟା ଛୁଆ, ଚଁ ଚଁ କରି ପିଇ ଯାଉଛନ୍ତି । ଘୁଷୁରି ବାପୁଡ଼ା କଣ ବା ଖାଉଛି, ନର୍ଦ୍ଦମାରେ ଘାଣ୍ଟିଚକଟି ହୋଇ କାଦୁଅ ପାଣି ପିଇ ଯେତିକି କ୍ଷୀର ସଂଗ୍ରହ କରୁଛି ସବୁ ଛୁଆଁକୁ ଖୁଆଇ ଦେଉଛି । ଅଥଚ ଆମର ବୋହୂଝିଅ ଦୁଧ, ଦହି, ମାଛ, ମାଂସ ଖାଇ ଟୋପାଏ ବି ଏଡ଼େ ବଡ଼ ବଡ଼ ଥନରୁ କ୍ଷୀର ବାହାର କରି ପାରନ୍ତି ନାହିଁ ।"

ଆଠୁଟା ଛୁଆରୁ ସାତୁଟା କଳା, ଗୋଟିକର ରଙ୍ଗ ଠିକ୍ ବୁଢ଼ାର ମୁଣ୍ଡରଙ୍ଗ ପରି, ଲାଲ ଚମରେ ଧଳା ଛୋଟ ଛୋଟ ଚୂଳ । ବୁଢ଼ା କହେ "ଶ୍ୟାମ ! ଦେଖ୍ ଭଗବାନଙ୍କ ଆଉ ଏକ ଲୀଳା, ସାତଟା କଳାକୁ ଗୋଟେ ଧଳା ।" ଶ୍ୟାମ କହିଲା, "ଧଳା ଅଣ୍ଡିରା ଘୁଷୁରି ବି ଆମର ଏ ସାହିରେ ଅଛନ୍ତି ବାପା ।"

ଶ୍ୟାମ ସାଙ୍ଗରେ କଥାବାର୍ତ୍ତା କରୁଁ କରୁଁ ବୁଢ଼ା ଫାଟକ ପର୍ଯ୍ୟନ୍ତ ଚାଲିଯାଇଥିଲା । ବଡ଼ପୁଅ ଏତିକିବେଳେ ପାଖକୁ ଜୋରରେ ଆସି ଆଖି ତରାଟି ଗର୍ଜନକରି କହିଲା, "ଆଜିର କାଗଜ ପଢ଼ିଲାଣି ? ଯୋଉ ଲୋକଗୁଡ଼ାକୁ ଏତେ ନିଜର ଆପଣାର କରିଛ ସେଇମାନେ ପଶ୍ଚିମରେ ତୁମ ସାଙ୍ଗ ଭାଇକୁ ଜ୍ଞାତିକୁଟୁମ୍ବଙ୍କୁ ହାଣି ସାରିଲେଣି, ତାଙ୍କ ଘରବାଡ଼ି ନିଆଁ ଲଗାଇ ଦେଲେଣି ।" ବୁଢ଼ା ସାଙ୍ଗେ ସାଙ୍ଗେ ଛାତିରେ ହାତ ଦେଇ ଟଳିପଡ଼ିଲା ମୂର୍ଚ୍ଛା ହୋଇ । ଏ ହେଲା ବୁଢ଼ାର ଦ୍ୱିତୀୟବାର ଏଟେକ୍ ରୋଗ ଆକ୍ରମଣ ।

ବୁଢ଼ାର ଏଥର ଆଉ ରକ୍ଷା ନାହିଁ । ବୁଢ଼ାଠୁ ପିଲାଯାଏ ଯିଏ ଯାହା ପାରିଲା କହିଗଲେ । "ପ୍ରକୃତି ବଦଳିଲେ ସିନା !" "ଘୁଷୁରି ସାହିରେ ଦିନରାତି ଯିଏ ବସିବ ତେତାଲା କୋଠା ଛାଡ଼ି ତାର ..." "ଚାଲବୁଲ ମନା ଅଥଚ ଡ଼ାକ୍ତର କଥା ନ ମାନି ବୁଢ଼ା ଯଦି ଧାଇପ୍ ପାଖରେ ଦିନରାତି ଜଗି ବସିବେ ଖରାବେଳଟାରେ .... କ'ଣ ଯେ ମିଳେ ?"

ସବୁ ମିଳେ, ଏଇ ଘୁଷୁରି ସାହିର ପାଣି କଳ ପାଖରୁ । ଏଇଠୁ ବୁଢ଼ା ନିରାଟ ନିଃସଙ୍ଗତାରେ ସାଙ୍ଗ ପାଏ, ଔଷଧ ନଥିବା ରୋଗ ପାଇଁ ଔଷଧ ପାଏ । ବୁଢ଼ାଟାକୁ ଦିନରାତି କାଠ ଖଟଟାରେ ବାନ୍ଧିରଖି, ଚାକର କାମଟୁଣୀ ହାତରେ ଖାଦ୍ୟ ପାନୀୟ

Digitized by srujanika@gmail.com

ଔଷଧ ପଠାଇଦେଇ ମନେ ମନେ "ବୁଢ଼ାଟା ଯେ କାହିଁକି ଏତେ ଦିନ ବଞ୍ଚୁଛି" ଭାବିଲେ ବଞ୍ଚିବା ଲୋକ ମରି ଯିବ ଅକାଳେ ସକାଳେ । ତାରି ପାଖଦେଇ ଯେତେବେଳେ ଆତ୍ମୀୟ ଜ୍ଞାତିକୁଟୁମ୍ବ ଯା ଆସ କରନ୍ତି, ବୁଢ଼ା ପଦେ କଅଁଳ କଥା ସେମାନଙ୍କ ପାଖରୁ ଆଶା କରୁଥାଏ, "ବାପା ! କିମିତି ଲାଗୁଛି ଆଜି ?" "ଅଜା, ଭଲ ଅଛ ?" "ଦାଦୁ, କ'ଣ ଖାଇଛ ? ଆମ ପଢ଼ାବହିରୁ ଗପ ଗୋଟେ ଶୁଣିବ ?" ଏମିତି ଦରଦୀ ପ୍ରଶ୍ନ କଥା ଛାଡ଼ ଓଲଟି ବୋହୂମାନଙ୍କ ପାଟିରୁ କର୍କଶ ଗଳାରେ ଶୁଭେ "ଔଷଧ ଖିଆ ହେଲାଣି ନା ନାହିଁ ?" "ନିଜ କପାଳ ନିଜେ ଭୋଗିବ ।"

ଏ ଦୂରବସ୍ଥା, ଏ ଦୁସ୍ଥିତିରେ ଯଦି ଆଶ୍ୱାସନା, ସଂଜୀବନୀ ଶକ୍ତିପାଇଁ ତେତାଲାକୁ ନଚାହିଁ ଜୀବନର ଅଧାଅଧି କାଳ କଟାଇଥିବା ଘୁଷୁରିସାହିକି ଓ ତାରି ଘର ସାମନାର ପିଚୁରାସ୍ତା ପାଖରୁ ପାଣିକଳକୁ ନିର୍ନିମେଷ ନୟନରେ ଚାହିଁଲା, ତେବେ ତୁମର ଆପତ୍ତି କଣ ? ଏ ଘୁଷୁରିସାହି ତାରି (ଅପ) କୀର୍ତ୍ତି ଏ ପାଣିକଳ ତାରି ଯୋଗୁଁ ଏଠି ବସିଛି । ଘୁଷୁରିଙ୍କି ପାଣି ଯୋଗାଇଲେ କାଦୁଅରେ ଗଡ଼ିବେ ସିନା ! ମୁନିସିପାଲିଟିକି କୁହାବୋଲା କରି ପାଣିକଳ ବାଲାକୁ ଘୁଷ୍ ଦେଇ ଏ ଜଳଯୋଗାଣ ବ୍ୟବସ୍ଥା ବୁଢ଼ା କରିଛି । କଳର ସଁ ସଁ ଶବ୍ଦ ଶୁଣିଲା ମାତ୍ରେ ଘୁଷୁରିସାହିଯାକ ଅଜାଡ଼ି ପଡ଼ନ୍ତି । ଦିନବେଳେ (ରାତି ବେଳେ ବି !) ସାଇରେ ପୁରୁଷ ଥିଲାପରି ଜଣାଯାନ୍ତି ନାହିଁ । ପାଣିଟୋପାକ ପାଇଁ ଡ଼ହଳ ବିକଳ ହୋଇ କଳା ନାଲି ରଙ୍ଗର ସିମେଣ୍ଟ ଗେବମରା ହାଣ୍ଡି କଳସୀ ଧରି ଝିଅ ଝିଆଣି ଜମା ହୋଇଯାଆନ୍ତି । କିଏ ଆଗ କିଏ ପଛ ପ୍ରଶ୍ନର ସମାଧାନ ହେଉଥାଏ, ପାଣି ବି ସୂତାଖିଅ ଧାରରେ ପଡୁଥାଏ, ଅସରନ୍ତି କଥାକୁଆ ବି ଚାଲିଥାଏ । ବୁଢ଼ାର ଅଚିହ୍ନା କେହି ନାହିଁ । ସେମାନେ ବି କଳ ପାଖରେ ଛିଡ଼ାହୋଇ ବୁଢ଼ାକୁ ଦେଖୁଥାନ୍ତି ।" ଏଇ ଯେ ଆମର ରଜା ବସିଛି, ସବୁ ଦେଖୁଛି, ଶୁଣୁଛି, ଜାଣୁଛି, କିଛି କହିପାରୁନାହିଁ ସିନା, ତା'ର ଗୋଡ଼ହାତ ନାହିଁ ବିଚରା କ'ଣ କରିବ । ହେଲେ ଆମକୁ କେତେ ଭଲପାଏ ।" ବୁଢ଼ା କିନ୍ତୁ ଭାବେ ଅନ୍ୟ ରକମ । ଯେତେ ଯାହା କଲେ ବି ଯିଏ ଘୁଷୁରି ସିଏ ଘୁଷୁରି, ମଣିଷ କରିବା ସହଜ ନୁହେଁ ।'

ବୁଢ଼ା ସମସ୍ତଙ୍କୁ ଦେଖେ କିନ୍ତୁ ଅପେକ୍ଷା କରିଥାଏ  ଗୋଟିଏ ଝିଅର ଆସିବାକୁ । ଭିଡ଼ ଭାଙ୍ଗିଗଲେ ବିଶେଷତଃ ସ୍ଥାନ ନିଶୂନ ହୋଇଗଲେ ଝିଅଟି ଆସେ ସନ୍ତର୍ପଣରେ; କେତେବେଳେ କଳସୀ ନେଇ, ଆଉ କେତେବେଳେ ପିଲାଟାଏ ଧରି । ଝିଅଟା ଗୋରା ତକ ତକ । ମାଈ ଘୁଷୁରିସାହିରେ ଏହା ନୂଆ କଥା; ଅଦ୍ଭୁତ ସମ୍ବାଦ ନୁହେଁ । ସେ ଗୋରୀ ଝିଅଟି ଆସିବାର ଦେଖିଲେ ବୁଢ଼ାର ସବୁ ଦମ୍ଭ ସଂକଳ୍ପ ଭାଜିଯାଏ ନାନା ବାରଣ ନିଷେଧ ଅବଜ୍ଞା କରି ଏଣେ ତେଣେ ତରକାତରକି ଚାହିଁ ସେ ଧୀରେ ଧୀରେ ଚାଲିବାକୁ ଆରମ୍ଭ କରେ ଫାଟକ ପାଖକୁ । କଳସୀରେ କୁଳୁକୁଳୁ ପାଣି ପଡୁଥାଏ, ସେ ଦୁହେଁ ଭୁଟୁରୁଭାଟୁରୁ କଥା ହେଉଥାନ୍ତି ଯେତେବେଳ ଯାଏ ସୁବିଧା ସୁଯୋଗ ମିଳୁଥାଏ ।

Digitized by srujanika@gmail.com

କେତେବେଳେ ଉପରତାଲାରୁ ଗୋୟେନ୍ଦାଗିରି କରି ବଡ଼ ବୋହୂ ଚିତ୍କାର କରନ୍ତି "ନାକମାଡ଼ନି" କ'ଣ ସେ ରାହୁଆଣୀଟା ସାଙ୍ଗରେ ଗପୁଛ । ରାଣ୍ଡୀ ତୁମକୁ ଖାଇଲା ।"

ଯେଉଁଦିନ ବୁଢ଼ା ପାଣି କଳ ପାଖକୁ ଆଣିପାରି ନଥାଏ ସେଦିନ ଝିଅଟା ଚରକିମରକି ବୁଢ଼ାର ଖଟ ପାଖକୁ ଚାଲିଯାଏ । ପିଲାଟାକୁ କାଖରେ ଧରି ବୁଢ଼ା ପାଖକୁ ଲାଗି ଛିଡ଼ାହୁଏ । ବୁଢ଼ାର ପାକୁଆ ପାଟିରେ ହସ ଫୁଟେ; କାଖ ପିଲାଟା ଖିଲିଖିଲି ହସିଲେ ଝିଅଟା ହାତ ପାପୁଲି ଦେଇ ତାର ହସର ପୁଅ ବନ୍ଦକରି ଦିଏ । କି ଆନନ୍ଦ ତିନିଙ୍କର । କ୍ରମେ ମୁହଁ ସଞ୍ଜ ଗଡ଼େ । ଗୋଲାପ ପାଖୁଡ଼ା ଝଡ଼ିବାକୁ ଆରମ୍ଭ କରେ । ତକିଆତଳୁ ବାହାରକରି ବୁଢ଼ା ଦେଇଥିବା ଫୁଲ ବା ଫଳ ଧରି ଝିଅ ଆଉ ପିଲାଟା ଚାଲିଗଲେ ବୁଢ଼ାର ମୁହଁଟା ଫୁଲ ପରି ମଉଳିଯାଏ । ଯେଉଁ ମହୋଷଧି ଟିକକ ବା ରକ୍ତ ଟୋପାକ ସଞ୍ଚାରଣ ହୋଇଥାଏ, ତାର ପ୍ରକ୍ରିୟା ଦଣ୍ଡକେ ସରିଯିବାରୁ ବୁଢ଼ା ଫିକ୍‌କା ଦିଶେ । ସାରା ଇଲାକା ତା' ପରେ ଅନ୍ଧକାର ଘୁଷୁରିଙ୍କି ଆଲୁଅ କଣ ଲୋଡ଼ା ?

ଦିନେ ଏମିତି ଖେଳୁ ଖେଳୁ ଅକସ୍ମାତ୍ ଅନନ୍ଦାତିଶଯ୍ୟରେ ପିଲାଟା ବୁଢ଼ାର ଛାତିକୁ ଡ଼େଇଁପଡ଼ିଲା ଏବଂ ବୁଢ଼ାର ହୃଦ୍‌ରୋଗର ତୃତୀୟ ଅର୍ଥାତ୍ ଶେଷ ପର୍ଯ୍ୟାୟ ଆରମ୍ଭ ହେଲା । ସେଇଦିନ, ସେଇ ମୁହୂର୍ତ୍ତରୁ ବୁଢ଼ାର ଆସ୍ଥାନ ବରଣ୍ଡାରୁ ଘର ଭିତରକୁ ଉଠିଲା । ଏଥର ଯାହାକୁ କହନ୍ତି ପ୍ରକୃତ ବେଡ଼୍ ରେଷ୍ଟ ତାହା ଆରମ୍ଭ ହେଲା । ରଙ୍ଗୀନ ଫୁଲପତ୍ର ଦେଇ ମୋଟା ପାଓ୍ୱାରବାଲା ଚଷମାରେ ଘୁଷୁରିସାହିକି ଏକଧ୍ୟାନରେ ଚାହିଁବା ଆଉ ଝିଅଟା ପିଲାକୁ ଧରି ପାଣିକଳ ପାଖକୁ ଆସିବାର ଅସରନ୍ତି ଅପେକ୍ଷା ସବୁ ବନ୍ଦ । ବାରମ୍ବାର ପ୍ରତ୍ୟେକ ତାଲାର ବାସିନ୍ଦାମାନଙ୍କ କଟୁ ମନ୍ତବ୍ୟ; ଭର୍ତ୍ସନା ଏପରିକି ଅଶ୍ଳୀଳ ବ୍ୟଙ୍ଗବିଦ୍ରୁପ ସହିତ ସୀମାହୀନ ନିଃସଙ୍ଗତା ନିଷ୍ଫଳ ପ୍ରତୀକ୍ଷାଜନିତ ଅସହି ବୁଢ଼ାର ବଢ଼ିଚାଲିଲା ।

ଏମିତି ଆଠ ଦଶ ଦିନ କାରୁଣ୍ୟର ପ୍ରତିମୂର୍ତ୍ତିଟିଏ ପରି ତଳତାଲାର ବୈଠକଖାନାକୁ ଲାଗିଥିବା କଣ କୋଠରୀରେ ବୁଢ଼ା ପଡ଼ିଥାଏ । ଦୂର ଦୂରାନ୍ତରୁ ବଡ଼ ବଡ଼ ଡ଼ାକ୍ତର ସହିତ ଦେଶ ବିଦେଶରୁ ଆକାଶମାର୍ଗ ଦେଇ ଔଷଧ ଆସୁଥାଏ । ତେତାଲା କୋଠାଟାଯାକ ଡ଼ାକ୍ତରମୟ, ଔଷଧମୟ ଏବଂ ରୋଗମୟ; ମାତ୍ର ରୋଗ ଉପଶମ ପରିବର୍ତ୍ତେ ବରଞ୍ଚ ସାଧାରଣ ଅବସ୍ଥାର ଦ୍ରୁତ ଅବନତି ହେଲା । ସମସ୍ତେ ଜାଣିଲେ ଏଥର ବୁଢ଼ା ବର୍ତ୍ତିବ ନାହିଁ ଏବଂ ତାର ମହାପ୍ରୟାଣ ଆଶଙ୍କା କରି ଚାରିଆଡ଼େ ଟେଲିଗ୍ରାମ, ଟେଲିଫୋନ୍, ଟେଲେକ୍ସ ଡ଼କରା ପଠାଗଲା । ଦିନେ ସକାଳେ ଆଲୋଚନା ଯୁକ୍ତିତର୍କ ପଡ଼େ ଏବଂ ବଡ଼ବଡ଼ିଆଙ୍କ ଆଗମନକୁ ଲକ୍ଷ୍ୟ ରଖି ଖାଦ୍ୟ ପାନୀୟର ଧୂମଧାମ ଯାକଜମକ ଚାଲିଲା ।

ଘୁଷୁରିସାହିବାଲାଙ୍କର ବୁଢ଼ାକୁ ଦେଖିବାର ଆଗ୍ରହ କିନ୍ତୁ ଚରିତାର୍ଥ ହେଲାନାହିଁ । ସେମାନଙ୍କୁ ଘର ଭିତରକୁ ଆସିବାକୁ ମନା । ତାଙ୍କୁ ଦେଖିଲେ ବୁଢ଼ା କୁଆଡ଼େ ବିହ୍ୱଳିତ ହୋଇ ଯାଉଛନ୍ତି । ଘୁଷୁରିସାହିବାଲାଏ କିନ୍ତୁ ବୁଢ଼ାଙ୍କୁ ସସ୍ଥାନରେ ସିଂହାସନରେ ନ ଦେଖି,

Digitized by srujanika@gmail.com

ଦରଶନ ନ ପାଇ ଆଶଙ୍କିତ। ସାହିର ମଣିଷ ଘୁଷୁରି ସମସ୍ତଙ୍କ ହୃଦୟ ସ୍ପନ୍ଦନ ବ୍ୟାହତ ଓ ସ୍ତବ୍ଧ ହେବାକୁ ଯାଉଛି ଯେମିତି।

ସେଦିନ ସୂର୍ଯ୍ୟଦେବ ବଗିଚାର ଲାଲ ଗୋଲାପ ତଥା ରଙ୍ଗଲାଲ ବୁଢ଼ାର ଗାଲର ରଙ୍ଗ ସବୁ ଅପହରଣ କରି ତେତାଲାର ପଛପଟେ ଲୁଚିଲୁଚି ପାହାଡ଼ ଆରପାଖକୁ ଯାଇଥାନ୍ତି। ତେତାଲାର ସମସ୍ତେ ଡ଼ାକ୍ତର କବିରାଜ ଡ଼କାହକାରେ ଓ ଆଗନ୍ତୁକମାନଙ୍କ ଭୋଜିଭାତ ବ୍ୟବସ୍ଥା ଏବଂ ଟେଲିଭିଜନ ପ୍ରୋଗ୍ରାମରେ ବ୍ୟତିବ୍ୟସ୍ତ ଥା'ନ୍ତି। ବୁଢ଼ା ପାଖରେ ନର୍ସଟିଏ ଜଗିଥାଏ। ଡ଼କରା ପାଇ ସେ ହଠାତ୍ ଉପରକୁ ଚାଲିଗଲା। ବୁଢ଼ାର ଶୋଇବା କୋଠରୀଟା ନୀରବ ନସ୍ତବ୍ଧ। କେବଳ ଭୂତ ଓ ଯମଦୂତଙ୍କ ଛାଇରେ ଯିମିତି ଭରପୂର। କେବଳ ବୁଢ଼ାଙ୍କ ବୟସର କାନ୍ଥ ଘଡ଼ିଟା ହୃଦୟର ସ୍ପନ୍ଦନ ସହିତ ତାଳ ଦେଇ ଗମ୍ଭୀର ସ୍ୱରରେ ଟୁକ୍‌ଟାକ ହେଉଥାଏ ନୀରବତାକୁ ମୁଖର କରି। ଏମିତି ଗୋଟାଏ ଶୁଭ ମୁହୂର୍ତ୍ତକୁ ଘୁଷୁରି ସାହିର ସେହି ଝିଅଟା ଖୋଜୁଥିଲା। ଓର ଉଣ୍ଡି ତାକତରକ ଖୋଜି ପିଲାଟାକୁ କାଖରେ ଧରି ସେ ଢ଼ୋଲା ଫାଟକର ସାମନା ପାଣିକଳ ପାଖରେ ଅନେକ ସମୟ ଧରି ଛିଡ଼ା ହୋଇଥିଲା। ଗଲା କେତେ ଦିନ ବହୁକଷ୍ଟରେ ନିଜକୁ ସେ ସମ୍ଭାଳି ନେଇଥିଲା। ଆଜି ମନେ ମନେ ଜିଦ୍ ଧଇଲା ବୁଢ଼ାକୁ ଦର୍ଶନ କରିବ। ଯିମିତି ପରିଚାରୀ ନର୍ସଟା ତେତାଲାକୁ ଉଠିବାର ଝରକା ଦେଇ ଦେଖି ଦେଇଛି, ସେମିତି ଯାହାହବ ହଉ ଭାବ ନେଇ ଫାଟକ ତରବରରେ ଫିଟାଇ ଦ୍ରୁତ ପଦକ୍ଷେପରେ ପଶିଗଲା ବୁଢ଼ାର ଶୋଇବା କକ୍ଷକୁ ଏକା ନିଃଶ୍ୱାସକେ ଅଶରୀରୀ ଛାୟାମୂର୍ତ୍ତି ପରି ଏବଂ ଛିଡ଼ା ହୋଇଗଲା ବୁଢ଼ାର ଖଟକୁ ଲାଗି ମାତୃମୂର୍ତ୍ତି ବା ମେଡ଼ୋନାଙ୍କ ଭଙ୍ଗୀ ଓ ଚାହାଣୀରେ। ବୁଢ଼ା ଆଖି ଦିଟା ଧୀରେ ଧୀରେ ଫିଟିଗଲା, ତାକୁ ଜଣାଗଲା ଯିମିତି ସେ ସ୍ୱର୍ଗର ଏକ ବିଦ୍ୟାଧରୀକୁ ଦେଖୁଛି। ସାମାନ୍ୟ ଟିକେ ହସ ବୁଢ଼ାର ମୁହଁ କଣରେ ଯିମିତି ଫିଟିବାର ପିଲାଟା ଦେଖିଛି, ସେ ସ୍ୱାଭାବିକ ଆଗ୍ରହ ଓ ଆନନ୍ଦରେ ତଳକୁ ଡ଼େଇଁବା ଭଙ୍ଗୀରେ ହାତ ବଢ଼ାଇ ଝିଅର କାଖରୁ ତଳକୁ ଓହଳି ପଡ଼ିଲା, ଏବଂ କାଳେ ପଡ଼ିଯିବ ତାକୁ ଧରିନେବା ପାଇଁ ସବୁ ବାଧା ନିଷେଧ ନ ମାନି ବୁଢ଼ା ହଠାତ୍ ହାତଯୋଡ଼ିକ ପିଲାଟା ଆଡ଼କୁ ଲମ୍ଭାଇ ଦେଲା। ବାସ୍ ସେତିକି, ସବୁ ଶେଷ। ହସ ଟିକକ ବୁଢ଼ାର ମୁହଁ କଣରେ ଲାଖି ରହିଲା ଏବଂ ଟୋପାଏ ପାଣି ଆଖିରୁ କପାଳ ଦେଇ ଝରିଗଲା।

ଯିମିତି ବିରାଟ ପ୍ରମାଦ, ମହାପାପ କରିଚି, ସେମିତି ଝିଅଟା ପଳାଇ ଯାଉଥାଏ, ଦୁଇ ତିନିଜଣ ମାଇକିନା ତା ଚୁଳ ଗୋଛାକ ଧରିନେଇ ନିସ୍ତୁକ ଛେଚିଦେଇ ଗଲେ ଉଭୟ ଝିଅ ଓ ପିଲାକୁ। ସେମାନଙ୍କ ବଦ୍ଧମୂଳ ଧାରଣା ଘୁଷୁରିସାହିର ସେଇ

Digitized by srujanika@gmail.com

ଡ଼ାହାଣୀଟା ମୁରବୀଙ୍କ ରକ୍ତ ଚୋଷିନେଲା, ନହେଲେ ତାଙ୍କ ଗୋଲାପୀ ଗାଲ ଫିକ୍‌କା ଦିଶନ୍ତା କାହିଁକି ?

ବଡ଼ ବଡ଼ ନେତାମାନଙ୍କର ଶବସତ୍କାର ଓ ଶ୍ରାଦ୍ଧୋତ୍ସବ ଯିମିତି ମହା କୋଳାହଳ ଓ ଆଡ଼ମ୍ବରମୟ ଅଥଚ ଆତ୍ମୀୟତା ଅନ୍ତରଙ୍ଗତା ବିହୀନ ଓ ଅନ୍ତଃସାରଶୂନ୍ୟ ହୁଏ, ଏ କ୍ଷେତ୍ରରେ ତାହାହିଁ ହେଲା । ସଦ୍ୟ-ସ୍ୱର୍ଗତ ଆତ୍ମାଗତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଶେଠ ରଙ୍ଗଲାଲଜୀଙ୍କ ଅଗଣିତ ଉତ୍ତରାଧିକାରୀ ଓ ଦାୟାଦଗଣ କହିଲେ, "ବୁଢ଼ାଟା ଏତେ ଶୀଘ୍ର ମରିନଥାନ୍ତା, ନିଜର ନୁଙ୍ଗୁରାପଣ ଯୋଗୁଁ ମଲା, ଆମେ ହୀନିମାନି ହେଲୁଁ ।" "ସାଙ୍ଗସାଥୀ ଯଦି ଖୋଜୁଥିଲେ ଆମେ ସାତ ଭାଇ ଭଉଣୀ ଥାଉ ଥାଉ ବାପାଙ୍କ ଘୁଷୁରିସାହିକି ଯିବା କି ଦରକାର ଥିଲା !" ବଧୂ କନ୍ୟାଗଣ କହିଲେ "ଘୁଷୁରିସାହିର ସେଇ ରାଣ୍ଡୀ ଖାନ୍‌କୀ ଝିଅଟା ବୁଢ଼ାଙ୍କ କଲିଜା କଞ୍ଚା ଖାଇଦେଲା ।"

ଘୁଷୁରିଗୁଡ଼ାକୁ ଶବ ଶୋଭାଯାତ୍ରାରେ ନେଲେ ଅଶୋଭା ହେବ, ସ୍ୱର୍ଗତ ପୁଣ୍ୟ ଆତ୍ମାପ୍ରତି ଅସମ୍ମାନ ହେବ ବୋଲି ନିଆଗଲା ନାହିଁ, କେବଳ ତାଙ୍କ ସାହିର ମାଲିକ ରଜା ମରିଗଲେ ବୋଲି ଘୁଷୁରି ପରି ଗାଁ ଗାଁ ହୋଇ ଆଠ ଦଶ ଦିନ କାଳ କନ୍ଦାକଟା କରିବା ଏବଂ ଶ୍ରାଦ୍ଧବାସରର ଭୁରି ଭୋଜନର ଉଚ୍ଛିଷ୍ଟ ଓ ପରିତ୍ୟକ୍ତ ପଚା ଖାଦ୍ୟ ଓ ପୁରୀଷକୁ ମହାପ୍ରସାଦ ଭାବି ସେବନ କରି କୃତାର୍ଥ ମଣିବାକୁ ଓ ସାଲବେଗଙ୍କ ପରି ଆର୍ତ୍ତନାଦ କରି "ଆମ୍ଭେ ଦର୍ଶନ କରିବୁ କାହାକୁ" ଭଜନଟି ଗାଇବା ପାଇଁ ସାହିରେ ଛାଡ଼ି ଦିଆଗଲା ।

ଆଶ୍ଚର୍ଯ୍ୟ କଥା ଶ୍ରାଦ୍ଧୋତ୍ସବ ପରେ ବି ତେତାଲାର ବାସିନ୍ଦା ତଥା ବନ୍ଧୁ ବାନ୍ଧବ କେହି ସ୍ୱ କର୍ତ୍ତବ୍ୟ ବା ଧନ୍ଦାରେ ଯିବାପାଇଁ ବା ବିଦାୟ ନେବା ପାଇଁ ବାହାରିଲେ ନାହିଁ, ଘରକୁ ପୋଲିସ୍ ପରି ଜଗି ରହିଲେ । କାରଣ ବୁଢ଼ାଙ୍କ ସମ୍ପଦ (ଶବ ?) ର ବ୍ୟବଚ୍ଛେଦ ବା ବିଭାଜନ ହୋଇନାହିଁ । ତାରି ଉପରେ ଚାଲିଲା ତର୍କ ବିତର୍କ, ବାଦ ବିବାଦ, ହଟ୍ଟଗୋଳ, ଏପରିକି ଦଙ୍ଗା ହେଙ୍ଗାମ, ଯାହା ଘୁଷୁରିସାହିର ମୁରବୀମାନଙ୍କୁ ବି ଅବାକ୍ କରିଦେଲା । ଭାଗ୍ୟକୁ ନାଟକୀୟ ରୀତିରେ ଦ୍ୱନ୍ଦ୍ୱର ଚରମ ମୁହୂର୍ତ୍ତରେ ନିୟତି ଅବତୀର୍ଣ୍ଣ ହେଲାପରି ବୁଢ଼ାଙ୍କର ଓକିଲ ରଙ୍ଗମଞ୍ଚରେ ପହଞ୍ଚିଗଲେ ଏବଂ ବଜ୍ର ନିର୍ଘୋଷରେ ଜଣେଇ ଦେଲେ ଯେ ବୁଢ଼ା ଏ ପ୍ରକାର ବିଭ୍ରାଟ ଆଶଙ୍କା କରି ସମସ୍ତ ସମ୍ପତ୍ତିର ବିଧିମତ ଉଇଲ କରିଦେଇ ଯାଇଛନ୍ତି, ଯଦ୍ୱାରା ସମ୍ପତ୍ତିର ଅର୍ଦ୍ଧେକ ଘୁଷୁରିସାହିବାଲା ପାଇବେ ଏକ ଟ୍ରଷ୍ଟ ମାଧ୍ୟମରେ, କାରଣ ସେଇମାନେହିଁ ତାଙ୍କ ସହିତ କାନ୍ଧକୁ କାନ୍ଧ ଲଗାଇ ସାମ୍ରାଜ୍ୟ ଗଠନରେ ସାହାଯ୍ୟ କରିଛନ୍ତି । ଏକଚତୁର୍ଥାଂଶ ଦେଇଛନ୍ତି ତେତାଲାର ଅକର୍ମା କୁକର୍ମଶୀଳ ବାସିନ୍ଦାଙ୍କୁ, କାରଣ ସେମାନଙ୍କୁ ସେ ଭୁଲରେ ଜନ୍ମ ଦେଇଛନ୍ତି । ଶେଷ ଚତୁର୍ଥାଂଶ ପାଇବ ସେଇ ଝିଅଟି ଓ ପିଲାଟି ଯେଉଁମାନେ କି ତାଙ୍କର ନିଃସଙ୍ଗ ବିପତ୍ନୀକ ଜୀବନରେ ଶୁଷ୍କ ବୃକ୍ଷକୁ ସଞ୍ଜୀବନୀ

Digitized by srujanika@gmail.com

ଦେଇ ପଲ୍ଲବିତ ଏବଂ ରଙ୍ଗୀନ କରିଛନ୍ତି । ଏ ଘୋଷଣା ଶୁଣିବା ପରେ ପରେ ସମସ୍ତେ ସମବେତ ସ୍ୱରରେ ଚିତ୍କାର କରି ଉଠିଲେ "ଶଳା ବୁଢ଼ା ! ଘୁଷୁରି ଜାନୁଆର !"

ଦେଖଣାହାରୀମାନେ ମନ୍ତବ୍ୟ କଲେ, "ଘୁଷୁରିସାହିଟାର ଇତିହାସ ଅଛି, ରହସ୍ୟ, ରୋମାଞ୍ଚ, କବିତା, ନାଟକ ଅଛି, ସମସ୍ୟା ବି ଅଛି ଯାହା ଜଟିଳତର ହୋଇଛି ପ୍ରେମର ଅନୁପ୍ରବେଶରେ ।"

ସାହିମଝିରେ ଯେଉଁ ସାମାନ୍ୟ ସମାଧିଟିଏ ଅଛି ସେ ଯଦି ଉଠିଆସନ୍ତା ତେବେ କହି ଦିଅନ୍ତା, ସେଇ ଝିଅଟା କିଏ, ତା କାଖର ପିଲାଟାର ବା ପରିଚୟ କ'ଣ, ବୁଢ଼ା ସହିତ ଅବା ସେମାନଙ୍କର କ'ଣ ସମ୍ପର୍କ ଏବଂ ସେମାନେ ପରସ୍ପରକୁ ଏତେ ଭଲ ପାଉଥିଲେ କାହିଁକି ।

ବୁଢ଼ାଟା ଯେବେ ମଶାଣିରୁ ଉଠିଆସନ୍ତା, ତେବେ ସେ କହି ଦିଅନ୍ତା ଯେଉଁ ଘୁଷୁରିଗୁଡ଼ାକୁ ମସ୍ତିଷ୍କଜ୍ୱର ଭୟରେ ସ୍ଥାନାନ୍ତର କରିବାକୁ ସରକାର ତଥା ଜନସାଧାରଣ ଚାହୁଁଥିଲେ, ସେହି ଜୀବଗୁଡ଼ାକ ପିଚୁ ରାସ୍ତା (ଜାତୀୟ ରାଜପଥ)ର ଡ଼ାହାଣ କି ବାମ ପାଖରେ ରହୁଛନ୍ତି ।

ଆଉ ସେଇ ଝିଅଟା ପ୍ରତିଦିନ ସଞ୍ଜରେ ଶୁଖିଲା ସଳିତାଟାଏ ବୁଢ଼ାର ପୁରୁଣା ଚାଳଘର ପିଣ୍ଡାରେ ଥୋଇଦିଏ, ସେ ଯଦି ମୁହଁ ଖୋଲନ୍ତା ତେବେ କୁହନ୍ତା ତା ପ୍ରେମ ପ୍ରାକୃତ ନା ଅପ୍ରାକୃତ ।

# ଧରିତ୍ରୀ

ଭଲ ମାଂସ ଖାଇବାକୁ ଯାର ଇଚ୍ଛା ସେ ନିଜେ ଛେଳି ହଣାହେଉଥିବା ସ୍ଥାନକୁ ଯିବା ଦରକାର । ଭଲ ମାଂସ ତ ଖାଇବ, ତା ସାଙ୍ଗକୁ ଗାଳିମନ୍ଦ ବି ଖାଇବ, ହୁଏତ ମାନସମ୍ମାନ ବି ହରାଇବ ।

ଶୁଣିଲି, ପୋଲିସ୍ ଲାଇନ୍ ପାଖରେ ଭଲ ମାଂସ ମିଳୁଛି । ଖାଣ୍ଟି ମାଲ, ଓଜନରେ ଗଲ୍‌ତି ନାହିଁ । ଆଖି ଆଗରେ ସବୁ ଦେଖିବେ । ଯେଉଁ ମାଂସ ଖାଇବେ ଓରମାନ ମେଣ୍ଟିଯିବ । ମକର : ପଞ୍ଚ 'ମ' କାରର ପର୍ବ । ଥଳିଟିଏ ପକେଟରେ ଲୁଚାଇ ସଂକ୍ରାନ୍ତିର ପୂର୍ବଦିନ ସକାଳେ କଣକଣିଆ ଶୀତରେ ଥୁରୁଥୁରୁ ହୋଇ ଗଲି ।

Digitized by srujanika@gmail.com

ପ୍ରଥମରୁ କହିଦିଏ ମାଂସ ତ ମିଳିଲା ନାହିଁ, କେବଳ ଶିଶୁପାଳ ହୋଇ ଫେରିଲେ କିମିତି ଲାଗେ ତାହା ଉପଲବ୍ଧ କରି କିଛି ତିର୍ଯ୍ୟକ୍ ମନ୍ତବ୍ୟ ଓ ବାକ୍ୟଗଣ ଥଳିରେ ଭର୍ତ୍ତିକରି ଗୃହାଭିମୁଖୀ ହେଲି । ଘଟଣାସ୍ଥଳ ପ୍ରାୟ ଶହେ ଗଜ ଅଛି ଶୁଣିଲି "ସୁଲେମାନ ! ଭଲ ଗତି ଅଛି ତ ଦେଖି ଶୁଣି ଆଗପଛ ବିଚାରି ବେପାର କରିବୁ । ପୋଲିସ୍ ଲାଇନ୍‌ବାଲା ଆଗ, ତା'ପରେ ବାହାରିଆ ଲୋକ ।" ସେଇ ଚିତ୍କାର ଶୁଣିବା ବେଳୁ "ତଦା ନାଶଂସେ ବିଜୟାୟ, ସଞ୍ଜୟ !" ପହଞ୍ଚି ଜାଣିଲି ଗୋଟାଏ ମାତ୍ର ମାଲ, ପୁଣି ଛୋଟ, ଅଥଚ ସମଗ୍ର ପୋଲିସ ଲାଇନ୍ ତାର ଗରାଖ । ତା'ଛଡ଼ା ଆମଭଳି ନିରାହ ଅପଦାର୍ଥ ଅଥର୍ବକୁ କିଏ ଅବା ଅନୁଗୃହୀତ କରିବ ? ବାଘ ସିଂହକୁ ସିନା ଛେଳି ମିଳିବ ! ଆମ ପରି ଛେଳିର ପୁଣି ଛେଳିକଣ ଦରକାର ?

ଦାରୋଗା ସାହେବ କନେଷ୍ଟବଳ ପହରା ଦେଲାପରି ଏପଟ ସେପଟ ପେରେଡ୍ କରୁଥାନ୍ତି । ଯିମିତି ଖୁବ୍ ବଡ଼ ପ୍ରେସର କୁକୁର ପରି ମାଈକୁକୁଡ଼ା ତା ଛୁଆପଲକୁ ଚିଲ ହାବୁଡ଼ରୁ ରକ୍ଷା କରୁଛି । ବହୁଦିନ ପୂର୍ବେ ତାଙ୍କୁ ଅନ୍ୟ ଏକ ସ୍ଥାନରେ ଦେଖିଥିଲି, ପତଳା, ଲମ୍ବା, ନାକତଳେ ଗାରେ ନିଶ । ଆଜି ତାଙ୍କୁ ଚିହ୍ନିବାକୁ ଦଣ୍ଡେ ଡେ଼ରି ହେଲା । ଦୁନିଆର ଯେତେ ଯେତେ ଛେଳି କୁକୁଡ଼ା ତାଙ୍କରି ପେଟ ଭିତରେ ପଶି ବାହାରିବାର ଚେଷ୍ଟା କରୁଥିବାରୁ ଅଶ୍ଳୀଳ ଭାବରେ ଦିହଟା ସ୍ଥାନ ଅସ୍ଥାନରେ ଭୀଷଣ ଭାବରେ ଫୁଲି ଯାଉଛି ।

ଶ୍ଳେଷ ରଖି ମୋତେ ଲକ୍ଷ୍ୟ କରି ସେ କହୁଛନ୍ତି, 'ମାଂସ ଖାଇବା ଲୋକର ଚେହେରା ଦେଖିଲେ ମୁଁ ଜାଣିଦେବି ।' ମୁଁ ଏ ମନ୍ତବ୍ୟରେ ଆହୁରି ଆହୁରି ପତଳା ହୋଇଗଲି ଏବଂ ଯାହା କହିବି ବୋଲି ଭାବୁଥିଲି, "ମୋତେ ପାଏ ଅଧେ ହେଲେ ମିଳୁ" କହିଲି ନାହିଁ । ନୀଳବର୍ଣ୍ଣ ଖୋର୍ଦ୍ଧା ଲୁଙ୍ଗି ଏବଂ ପତଳା ଖଣ୍ଡି ହାତ ଗେଞ୍ଜି ପିନ୍ଧି ଚକ୍ରଧରପୁରିଆ ଇଞ୍ଜିନମାର୍କା ବିଡ଼ିଟାଏ ଟାଣି ସେ କେଉଁ କେଉଁ ଅଂଶ ନେବେ ଗର୍ଦ୍ଦନ, ଗୁରୁଦା, କଲିଜା ଚର୍ବି ଫଡ଼ିଆ ଦେଖାଉଥାନ୍ତି । କନେଷ୍ଟବଳଟିଏ ଆପଣଙ୍କ ବିଶ୍ୱସ୍ତ ଭୃତ୍ୟ ଭୂମିକାରେ ତାଙ୍କ ହୁକୁମ ତାଲିମ୍ କରିବାରେ ସୁଲେମାନଙ୍କୁ ସାହାଯ୍ୟ କରୁଥାଏ । ରାମଚନ୍ଦ୍ର ମଙ୍ଗରାଜ ଶାମ ପଧାନର କଳିନ୍ଦ କିଆରୀରୁ ବଛା ବଛା ଶୁଆପଖିଆ ତଳି ଉପାଡ଼ି ଭାରଟିଏ ଧରି ହଳିଆ ସହିତ ନିଜ ଅରୁଆ ବିଲ ଆଡ଼କୁ ଚାଲିଗଲା ପରି ଦାରୋଗା ସାହେବ ସୁଲେମାନର ଖାସିରୁ ଅସଲ ଅସଲ ଅଂଶସବୁ ନେଇ କ୍ୱାର୍ଟର ଆଡ଼କୁ କନେଷ୍ଟବଳ ସହିତ ଚାଲିଗଲେ । ମୋ ପାଇଁ ଶେଷକୁ ରହିଲା ଚାରୋଟି ଠେଙ୍ଗଖୁରା ଲାଞ୍ଜ, ଆଖି ତରାଟି ଚାହିଁଥିବା କଟାମୁଣ୍ଡ ଆଉ ଆବର୍ଜନା ଓ ଲଣ୍ଡିପୂର୍ଣ୍ଣ ଅନ୍ତବୁଜୁଳା । ଏ ବର୍ଷ ମକର ପର୍ବରେ ହବିଷ ଭୋଜନ ମୋତେ କରିବାକୁ ପଡ଼ିଲା ।

ପରଦିନ ସକାଳେ ନୂଆ ଏକ ମେଟାଡ଼ର ବସ୍‌ରେ କଟକ ଭୁବନେଶ୍ୱର ଯାତ୍ରା କଲି । ବସ୍ ଭିତରକୁ ପଶି ଦେଖିଲି ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ସ୍ଥାନରେ ଦୁଇଜଣ

Digitized by srujanika@gmail.com

ସିପାହୀ ବସଛନ୍ତି ଶାଳଗଜା ପରି। ମୋ ସାମନାରେ ସେ ବେଞ୍ଚଟା ମୋ ଡ଼ାହାଣ ପାଖରେ ଜଣକ ପାଇଁ ଯେଉଁ ସିଟ୍‌ଟି ସେଇଟି ମଧ ରିଜର୍ଭ ବୋଲି ଜଣେ ସିପାହୀ କହିଲା; ଆଉ କାହାକୁ ବସିବାକୁ ଦେଲା ନାହିଁ।

ପୋଲିସ୍ ଲାଇନ୍ ପାଖରେ, ଯେଉଁଠି ମୁଁ ମାଂସ ପାଇନଥିଲି, ସେଇଠି ବସ୍ ଛିଡ଼ାହେଲା। ଦେଖିଲି ଛିଡ଼ା ହୋଇଛନ୍ତି ଦାରୋଗା ସାହେବ, ତାଙ୍କ ପାଖକୁ ଲାଗି ନିଶ୍ଚୟ ତାଙ୍କ ସ୍ତ୍ରୀ ଓ ତିନୋଟି ପିଲାପିଲି (ତିନୋଟି ତାଙ୍କ ପକ୍ଷରେ ଯଥେଷ୍ଟ ନୁହେଁ)। ସିପାହୀ ଦୁହେଁ ଓହ୍ଲାଇଗଲେ। ତାଙ୍କ ସ୍ଥାନ ଅଧିକାର କଲେ ଠିକ୍ ମୋର ମୁହାଁମୁହିଁ (କାରଣ ସେମାନେ ଗନ୍ତବ୍ୟ ସ୍ଥାନର ପଛଆଡ଼େ ମୁହଁକରି ବସିଥାନ୍ତି) ହେଇ ଦାରୋଗିଆଣୀ ଓ ତାଙ୍କ ଶାବକବର୍ଗ ପ୍ରାୟ ସମଗ୍ର ବେଞ୍ଚ ମାଡ଼ିବସିଲେ। ଯୋଡ଼ାଏ ଟିନିଟା ଝୁଡ଼ି; ସୁଟକେଶ୍ ଓ କେତେ ଝାଲ ଚପଲରେ ଗୋଡ଼ ରଖିବା ସ୍ଥାନଟା 'ଜାମ୍' ହୋଇଗଲା। ମୋର ଡ଼ାହାଣ ପାଖରେ ମୋତେ ଲାଗି ଯେଉଁ ସିଟ୍ ଖାଲିଥିଲା ଖୋଦ୍ ଦାରୋଗା ସାହେବ ସେଠି ବସିବାରୁ ବେଞ୍ଚଟା ଦବିଗଲା ଓ ମୁଁ ବି ଚିପି ହୋଇଗଲି।

ଭାବିଲି, ଦୂରତା ଅନୁପାତରେ ବସ୍ ଭଡ଼ା ଧାର୍ଯ୍ୟ ନକରି ଯାତ୍ରୀଙ୍କ ଦୈର୍ଘ୍ୟ, ପ୍ରସ୍ଥ, ଉଚ୍ଚତା ଏକ କଥାରେ ଡ଼ାଇମେନ୍‌ସନ ଅନୁଯାୟୀ ଭଡ଼ା 'ବାନ୍ଧିଲେ' ଲୋକଗୁଡ଼ାକ ଯା ଇଚ୍ଛା ତାହା ଗୁଡ଼ାଏ ପୁଳାଏ ଖାଇ ମୋଟା ହୁଅନ୍ତେ ନାହିଁ, ଖାଦ୍ୟ ରକ୍ଷା ହୁଅନ୍ତା ଜାତି ପାଇଁ, ହୃଦ୍‌ରୋଗରୁ ଦେଶ ରକ୍ଷା ପାଆନ୍ତା।

ସାମନାରେ ଦାରୋଗା ପରିବାର ଏବଂ ପାଖକୁ ଲାଗି ସ୍ୱୟଂ ଦାରୋଗାଜୀ ବସିଥିବାରୁ ମୋର ଅସ୍ୱସ୍ତିର ସୀମା ନଥିଲା। କାରଣ ଗତକାଲି ମାଂସର ଶରୀର ଉପରେ ପ୍ରଭାବ ମୁଁ ବେଶ୍ ଶୁଙ୍ଘି ପାରୁଥାଏ। ମାଂସ ଭୋଜିଟାଏ ପରେ ଘର ଧୂଆଧୋଇ ହୋଇଥିଲେ ପରଦିନ ସକାଳେ କବାଟ ଖୋଲିଲେ ଯେଉଁ ଗନ୍ଧ ବାହାରେ, ସିମିତି ଗନ୍ଧ ମୁଁ କାହିଁକି, ବସ୍‌ଯାତ୍ରୀ ସମସ୍ତେ ପାଇଥିଲେ। ଦାରୋଗା, ତଦୀୟ ପତ୍ନୀ ଓ ପିଲାପିଲିଙ୍କ ଦିହ ମୁହଁର ଚମଡ଼ାରୁ ଚର୍ବିର ତେଲିଆ ରୂପ, ରସ, ଗନ୍ଧ ଝରି ପଡୁଥିଲା।

ଗାଡ଼ି ଖଣ୍ଡେ ଦୂରଯାଇଛି ପୁଣି ଛିଡ଼ାହେଲା। ସଡ଼କଧାରା ଏକ ଗଛବଣିଆଁ ଏକ କୁଡ଼ିଆ ଘରୁ ଆସି ଛିଡ଼ା ହୋଇଥିବା ସ୍ତ୍ରୀଲୋକଟାଏ ଉଠିଲା। କାଳେ ମହିଳାଙ୍କ ପାଇଁ ଯେଉଁ ଗୋଟିକ ସ୍ଥାନ ଖାଲି ଅଛି ସେଠି ବସିଲେ ତାଙ୍କ ସ୍ତ୍ରୀଙ୍କ ଲୁଗାପଟା ମଇଳା ହୋଇଯିବ ବା ତାର ଦିହ ଗନ୍ଧରେ ତାଙ୍କର ବାନ୍ତି ବାହାରିପଡ଼ିବ, ସେଥିପାଇଁ ହେଉ ଅଥବା ମୋ ପାଖରେ ଯେଉଁ ସିଟ୍‌ରେ ସେ ବସିଥିଲେ ତାର ଆଉଜିବା କୁସନଟା ତାଙ୍କ ସ୍ତ୍ରୀଙ୍କ କୋମଳ ଦିହ ପରି ନରମ ହୋଇନଥାଉ, ସେ ସଙ୍ଗେ ସଙ୍ଗେ ମୋ ପାଖରୁ ଉଠିଗଲେ ଏବଂ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ସିଟ୍‌ରେ ସ୍ତ୍ରୀଙ୍କ ଦିହ ଉପରେ ଆଉଜି, ଭାର ଥୋଇ ବେଡ଼୍‌ରୁମ୍‌ରେ ବସିଲା ପରି ଚିପାଚିପି ହୋଇ ବସିଗଲେ। ଯେଉଁ ପାଜି ପିଲାଟା "ଭଦ୍ରଖ, ପାଣିକୋଇ, କୁଆଖିଆ, କଟକ" ତୁହାକୁ ତୁହା ଡ଼ାକୁଥିଲା, ସେ ଆଗନ୍ତୁକାର

Digitized by srujanika@gmail.com

ହାତ ଧରି ଟାଣି ଆଣି ମୋ ଡ଼ାହାଣ ପାଖରେ ବସାଇ ଦେଲା । ସେ ମୋ ବୟସ ବେଶବସନ ଚେହେରା ଦେଖିଲା ମାତ୍ରେ ଠଉରାଇ ନେଲା ଯେ, ଭଦ୍ରଲୋକ ଆପତ୍ତି କରିବେ ନାହିଁ ବା ଯେଉଁଠି ହେଲେ ଦଣ୍ଡେ ବସ୍‌ରେ ବସି ଘରେ ପହଞ୍ଚିଲେ ହେଲା ଏଇ ଧାରଣା ନେଇ ନିର୍ବିକଳ୍ପରେ ମୋ ପାଖରେ ଲାଗି ହୋଇ ବସିଗଲା ।

ପାଖ ଯାତ୍ରୀ (ଯାତ୍ରିଣୀ) ଟିକି ମୁହୂର୍ତ୍ତେ ଆଖି ବୁଲାଇ ଦେଖିନେଲି । ଗୋଲ୍‌ଗାଲ୍ ଢ଼ଉଲଢ଼ାଉଲ ଦିହ ଉପରେ ପରସ୍ତେ ଲାଲି ଧଡ଼ିର ମସିଆ ଅଜ୍ଞଦାମିଆ ସାଦା ଶାଢ଼ୀ । ସାୟା ନାହିଁ, ବ୍ଲାଉସ୍ ନାହିଁ, ଗହଣା ଗାଣ୍ଠି ନାହିଁ କି ସୁନ୍ଦୁର କଜଳ ନାହିଁ । ଦିହରୁ ମାଟିର ମହକ, ଯିମିତି ଏଇମାତ୍ର ଲଙ୍ଗଳ ଗାରରୁ ସୀତାଙ୍କୁ ଖୋଳି ବାହାର କଲା ପରି କିଏ ଖୋଳି ଆଣିଛି, ପିଆଜ, ବାଦାମ, କନ୍ଦମୂଳ, ଗୋଲଆଳୁ ବାହାର କଲା ପରି । ପ୍ରଥମ ବର୍ଷ ପରେ ପୋଡ଼ାଭୂଇଁରୁ ଯେଉଁ ବାସନା ବାହାରେ, ସେଇ ମହକ ତା ଦିହରୁ ଆସୁଥାଏ ଏବଂ ମାଂସର ଦୁର୍ଗନ୍ଧକୁ ପେଲି ଦେଉଥାଏ ଦୂରକୁ । ଦହି ଗଣ୍ଠିଶିରା ବିବର୍ଜିତ, କଳା ମାର୍ବଲ ବା ମୁଗୁନି ପଥରରେ ବିଶ୍ୱକର୍ମା ଯିମିତି ବରାଦ ନେଇ ଝିଅଟାକୁ ଗଢ଼ି ଦେଇଛି । ଜାକିଜୁକି ହୋଇ ସେ ଏମିତି ବସିଛି, ଜଣାପଡୁଛି ତା ଛାତିରେ ଟିଉମର ହୋଇଛି ନ ହେଲେ ତାର ଦୁଇ ସ୍ଥାନରେ ତିନି ସ୍ତନ । ବସିଯିବା ମାତ୍ରେ ସେ ତଦବସ୍ଥ ହୋଇ ଜୁଲୁଜୁଲୁ ଗୋଲ ଗୋଲ ଛୋଟ ଆଖିରେ ସାମନାରେ ବସିଥିବା ନାନାଳଙ୍କାରଭୂଷିତା ମହାର୍ଘ ବସ୍ତ୍ର ପରିହିତା ଦାରୋଗାପତ୍ନୀ ଓ ପରିବାରଙ୍କୁ ବିସ୍ମୟାନ୍ୱିତ ଆଖିରେ ଚାହିଁଲା, ହୁଏତ ବୋକାଙ୍କ ପରି, ଉଦ୍ଦେଶ୍ୟହୀନ ଆଖିରେ । ମୋ ଦିହରେ ତା ଦିହର ଉଷୁମ ବାଜୁଥାଏ, କିନ୍ତୁ ଯେଉଁ ପରିମାଣରେ ଦାରୋଗାବାବୁଙ୍କ ବଂଶ ପ୍ରାଣୀ ଦିହରୁ ତାତି ବିକିରଣ ହେଉଥାଏ, ତାହା ତୁଳନାରେ ଏହାର ତାତି ନଗଣ୍ୟ । ସେ ଯିମିତି ଧୀରସ୍ଥିର ଚୁପ୍‌ଚାପ ବସିଥାଏ ମୁଁ ବି ସିମିତି ନିର୍ବାକ୍ ସ୍ପନ୍ଦନହୀନ ।

ସାମନାର ଯାତ୍ରୀମାନେ କିନ୍ତୁ ଅହରହ ଛଟପଟ, ଜିଚିଜିମିଚିଚି ହେଉଥାନ୍ତି, ମାଂସଲବ୍ଧ ମାଂସଦତ୍ତ ଶକ୍ତି ଓ ଉତ୍ତାପରେ । ମୁଁ କିଛି ସମୟ ପରେ ଠଉରାଇ ନେଲି ସ୍ୱାମୀ ସ୍ତ୍ରୀ ମଧ୍ୟରେ ପୋର୍ଟଫୋଲିଓ ବା ବିଭାଗ ବଣ୍ଟନ ହୋଇଯାଇଛି । ସ୍ୱାମୀ ଅଛନ୍ତି କ୍ରାଇମ୍ ଓ ଅର୍ଥବିଭାଗ ଦାୟିତ୍ୱରେ, ସ୍ତ୍ରୀ ଅଛନ୍ତି ସୃଷ୍ଟି ଓ ସ୍ଥିତି ଅର୍ଥାତ୍ ପାଳନ ବିଭାଗ ଦାୟିତ୍ୱରେ । ଉଭୟଙ୍କର ସହଯୋଗ ଓ ବୁଝାମଣା ପୂର୍ଣ୍ଣମାତ୍ରାରେ ଥିବାରୁ ସରକାର ଠିକ୍ ଚାଲିଛି ଆମ ଛୋଟିଆ ମେଟାଡ଼ୋର ପରି ।

ଦଣ୍ଡେ ଯାଇଛି କି ନାହିଁ ଝୁଡ଼ି ଭିତରୁ ବାହାରିଲା ବିସ୍କୁଟ, 'ଲ, ଥାର୍ମୋସ, ଅମୁଲ୍‌ସ୍ପ୍ରେ, କଦଳୀ, ଆରିଷାପିଠା ଆହୁରି କେତେ କଣ । ଗୋଟାଏ ବ୍ରେକ୍‌ଫାଷ୍ଟ ଟେବୁଲ ଆଲ୍ଲାଦିନ୍‌ର ଯାଦୁପ୍ରଦୀପ ଜରିଆରେ ତାଙ୍କ ଆଗରେ ଥୁଆ ହୋଇଗଲା । ମୋ ପାଖ ଝିଅ ( ? ) ଟା ଚାହିଁଥାଏ ପ୍ରତିଟି ଚିଜକୁ । ତାକୁ ବୋଧହୁଏ ଲାଗୁଥାଏ ଖାଇବା ପିଇବା ଚିଜସବୁ, ପ୍ରାଣୀଗୁଡ଼ାକ ଗୋଟାଏ ଅଦ୍ଭୁତ, ସମ୍ପୂର୍ଣ୍ଣ ଅପରିଚିତ ବିଦେଶୀ ଦୁନିଆଁର ।

Digitized by srujanika@gmail.com

"ବେଲ ପାଚିଲେ କୁଆର କି ଯାଏ" ଭାବ ଦେଖାଇ ସେ ଆତ୍ମସ୍ଥ ହୋଇ ବସିଥାଏ, ନିଜକୁ ନିଜ ଦୁନିଆଁ ଭିତରେ ରଖି, ଗେଣ୍ଡା କଚିମ ପରି ଶୁଣପାଦ ଏପରିକି ଆଖି ଯୋଡ଼ାକୁ ଭିତରକୁ ଟାଣିନେଇ, ଅନ୍ତର୍ମୁଖୀ କରି ।

ଯେ ଯାହା ଖାଇବା କଥା ତାହା ପିଲାପିଲିଙ୍କ ମ୍ଭରେ ବଣ୍ଟାବଣ୍ଟି କରି ନିଜ ଭାଗକୁ ମ୍ଭ ପାଟିରେ ପକାଇ ପାନ ଡ଼ବାଟିଏ ଝୁଡ଼ିରୁ କାଢ଼ିଲେ । ଡ଼ବା ଫିଟାଇ କଞ୍ଚା ଶାଳପତ୍ରର ପୁଟୁଳି ଭିତରୁ ବାହାର କଲେ ବାଛି ବାଛି ଭଲ ବଡ଼ଖିଲଟିଏ ଏବଂ ମୁଖଗହ୍ବରର ଗୋଟାଏ କଣରେ ରଖିଲେ । ଗାଲଟା ବଡ଼ କଲକତୀ ଜାହାଜୀ ଗୁଆପ୍ରମାଣ ଫୁଲିଗଲା ଛୋଟ ବଥ ଆକାରରେ । ଚୂଆ ଚନ୍ଦନ କେତକୀ ଗୁଣ୍ଡ ଓ ଜରଦାର ମହକରେ ମୁଗ୍ଧ ହୋଇ ଦାରୋଗା ସାହେବ 'ଦେହି ପଦପଲ୍ଲବ ମୁଦାରମ୍' ରୀତିରେ କଣେଇ ଚାହିଁ ସରସରେ କହିଲେ, "ମୋତେ ଖଣ୍ଡିଏ ମିଳୁ ।" ମକର ପର୍ବର ମାଂସର ପ୍ରଭାକର ଶେଷାଂଶ ସକାଳେ ମଦୁଆର ଆଖିରେ ମଦର ପ୍ରଭାବ "ହେଙ୍ଗଓଭର" ଟିକକ ଲାଖି ରହିଛି ।

ଅଗସ୍ତିରେ ପୁଣି ଗୁରୁବାର ଦକ୍ଷିଣକୁ ଯାତ୍ରା ନିଷେଧ, କାରଣ ତାହା ଅଶୁଭ । କିଛି ନହେଲେ ବିରକ୍ତିକର ହେବ ଏଇ କଥା ତକଣା କରୁଥାଏଁ ଦାରୋଗାଙ୍କ ଗୋଟାଏ ପିଲା ହକ୍ ହକ୍ କରି ଗୁଡ଼ାଏ ଆଂଶିକ ତରଳ ପଦାର୍ଥ ଉଦ୍‌ଗିରଣ କଲା । ମୋ ପେଣ୍ଟ୍‌ର କିଛି ଅଂଶ ଧଳା ବାଦାମୀ ହଳଦିଆ ତ୍ରିରଙ୍ଗରେ ରଞ୍ଜିତ ହୋଇଗଲା । ଦାରୋଗା ବାବୁଙ୍କ ସସ୍ତିର ତନ୍ଦ୍ରା ଭାଜିଗଲା । "ରୋକ, ରୋକ" ଚିତ୍କାରରେ କାନ ଅତଡ଼ା ହୋଇଗଲା । ମୋଫସଲ ଥାନାମାନଙ୍କରେ ଆଠ ଦଶ ଜଣ କନେଷ୍ଟବଲ ଓ ଚୌକୀଦାର ପେରେଡ୍ କରୁଥିଲା ବେଳେ ଦାରେଗାବାବୁ 'ହଲ୍‌ଟ' କହିଦେଲେ ଯିମିତି ଧଡ଼୍‌ଧାଡ଼୍ କରି ଫୌଜ ଛିଡ଼ାହୋଇ ଯାଆନ୍ତି ମିନିବସ୍‌ଟା ସିମିତି ଗୋଟାଏ ବଡ଼ 'ଜାର୍କ' ସହିତ ଛିଡ଼ା ହୋଇଗଲା । ବାଲଟିଏ ପାଣି ଶହେ ଗଜ ଦୂରର ଏକ ଗାଡ଼ିଆରୁ ସେଇ ପାଜି ଟୋକାଟା ଆଣିଲା । ଧୂଆଧୋଇ ସଫାସୁତୁରା ପରେ ପୁଣି ବସ୍ ଗନ୍ତବ୍ୟ ମାର୍ଗରେ ଗତିକଲା ।

ମୋ ମୁଣ୍ଡ ଭିତରେ ବିରକ୍ତିଗୁଡ଼ାକ କୃମି, ତେଲୁଣୀ ପୋକ, ବିଛା, ସଁବାଳୁଆ ପରି ସାଲୁବାଲୁ ହେଉଥିଲାବେଳେ ମୁଁ ପାଖ ଝିଅଟାର ମୁହଁରୁ ସ୍ପଷ୍ଟ ଜାଣିପାରୁଥାଏଁ ଯେ, ତାର ମନ ଯୋଗାଧିରୁଢ଼ ଋଷିର ମନ ପରି ସ୍ଥିର, ଶାନ୍ତ, ନିର୍ମଳ ।

ଦଣ୍ଡେ ପରେ ଦାରୋଗାବାବୁଙ୍କ ଦୁଇ ନମ୍ବର ସନ୍ତାନର ପାଳି ପଡ଼ିଲା । ପୁଣି ସେଇ ଡ଼ାକ 'ରୋକ, ରୋକ' । ପୁଣି ପାଣିବାଲ୍‌ଟି ଧୂଆଧୋଇ । କଦଳୀ, ଆରିଷାପିଠା, ପଟା ମାଂସ, କଲିଜା, ଗୁରୁଦା, ଗର୍ଦ୍ଧନ ଚର୍ବିର ଅବଶିଷ୍ଟାଂଶ । 'ନର୍ଦ୍ଦମା ଫିଟିଗଲା ନା କଣ ?' କିଏ ଗୋଟାଏ ପଛରୁ ସାହସ କରି ମନ୍ତବ୍ୟ ଦେଲା ।

Digitized by srujanika@gmail.com

ଯାହାହେଉ ଦାରୋଗା ସାହେବ କୌଣସି ମତେ ତାଙ୍କ ଡ଼ିପାର୍ଟମେଣ୍ଟ ସମ୍ଭାଳି ନେଉଛନ୍ତି, ମାତ୍ର ତାଙ୍କ ସ୍ତ୍ରୀ ? 'ସୃଷ୍ଟି' ବିଭାଗର ଦାୟିତ୍ୱ ବେଶ୍ ପାଳନ କରୁଛନ୍ତି, ତିନି ପରେ ଚାରିର ଲକ୍ଷଣ ଚିହ୍ନରା ଗରାଖ ପାଇଲାଣି, କିନ୍ତୁ ପାଳନ ବିଭାଗଟାର ଦାୟିତ୍ୱ ତାଙ୍କ ପକ୍ଷରେ ଗୁରୁରୁ ଗୁରୁତର ହେଉଛି । ବର୍ଷକିଆଟିର କ୍ଷୀର ଲୋଡ଼ା । ସେ ବିସ୍କୁଟ୍ ଅଙ୍ଗୁରରେ ଭୁଲିବ ନାହିଁ । ଦାରୋଗା ପତ୍ନୀ ବାହାର କଲେ ଫିଡ଼ିଂ ବଟ୍ଲ ଏବଂ ଗୁଣ୍ଡଦୁଧ ଡ଼ବା ଓ ଗରମ ପାଣି । ପିଲାଟା ଯିମିତି ଏସବୁ ଉପକରଣ ଦେଖିଦେଇଛି, ସିମିତି ରଡ଼ି ଚିତ୍କାର ଛାଡ଼ି ବସ୍‌ର ଶବ୍ଦକୁ ବି ବୁଡ଼ାଇ ଦେଲା । "ଯେତେ କହିଲେ ଭାଗବତ, ତୋଷ ନୋହିଲା ତାର ଚିତ୍ତ ।" ସେ ଚାହେଁ ଜୀଅନ୍ତା ଫିଡ଼ିଂ ବଟ୍ଲ । ବଡ଼ବଡ଼ିଆଏଁ କ୍ଷୀରପିଠା, ମାଂସ, ଖେଚୁଡ଼ି ଖାଇବେ, ସେ ମା'ଠୁ କ୍ଷୀର ଟୋପାଏ ଅଭାବେ ରକ୍ତ ଟୋପାଏ ପାଇବ ନାହିଁ ? କି ଆଶ୍ଚର୍ଯ୍ୟ ! ଏଇ ବସ୍‌ରେ, ବିଚ୍ ଦାଣ୍ଡରେ, ପିଲାଟା ମା'ର ଇଜତ ମହତ ଖୋଲିଦବ ନା କ'ଣ ! କେତେ ପ୍ରସ୍ତ କ'ଣ ଖୋଲାଖୋଲି କଲେ ଯାଇ ସିନା ! ଦାରୋଗାଙ୍କ କାନରେ ପତ୍ନୀ କଣ ଫୁସ୍‌ଫୁସ୍ କରି କହିଲେ କେଜାଣି ପୁଣି 'ରୋକ' 'ରୋକ' ଚିତ୍କାର । ପ୍ରଭୁ କହିଲେ, ବସ୍ ଛିଡ଼ା ହେଉ, ବସ୍ ଛିଡ଼ାହେଲା । ସ୍ୱାମୀ ସ୍ତ୍ରୀ ଦୁହେଁ ଓହ୍ଲାଇଲେ । ଏକ ବିଶାଳ ବଟବୃକ୍ଷର ଅପରପାର୍ଶ୍ୱକୁ ଗଲେ ସ୍ତ୍ରୀ, ଏ ପାଖରେ ଛିଡ଼ାହେଲେ ସ୍ୱାମୀ ପ୍ରକୃତିର ଡ଼ାକ ସମ୍ଭାଳିବା ଭଙ୍ଗୀରେ ।

ଦଣ୍ଡେ ଗଲା । କିନ୍ତୁ କାହିଁ ? ପିଲାର କାନ୍ଦ ବନ୍ଦ ହେବାକୁ ନାହିଁ । ଟାଟକା ହୋଇଯାଇଛି ବରଂ । ଆଖି ଫୁଲିଗଲାଣି କାନ୍ଦି କାନ୍ଦି; ନାକରୁ ଆଖିରୁ ପାଣି ଝରୁଛି । ଦାରୋଗା ଦଣ୍ଡେ ପାଇଁ ପାଳନ ବିଭାଗର ଦାୟିତ୍ୱ ନେବାର ଚେଷ୍ଟା କଲେ, ମାତ୍ର ସେ ସିମିତି ଅବୋଲକରା ତାଙ୍କର ବଚ୍ଚା ବି ସିମିତି ଜିଦ୍‌ଖୋର । କିଂକର୍ତ୍ତବ୍ୟ ବିମୂଢ଼ ହୋଇ ସରକାରଙ୍କ ଅପାରଗତାକୁ ଛାତ୍ରନେତାଙ୍କ ନଛୋଡ଼ବନ୍ଧା ପ୍ରକୃତି ସେମାନେ ତିନିହେ ଫେରି ଶୁଣି ସ୍ୱସ୍ଥାନ ଦଖଲ କଲେ । ପିଲାଟା ବାପାଙ୍କ ଓସାରିଆ ଛାତିରେ ଗୋଡ଼ ଠେସି ଗୋଇଠା ମାରି ଛଟପଟ ହୋଇ ମାଆଙ୍କ ଓଉଫଡ଼ା ପରି ଗାଲର ପାନଗେଦରେ ମୁଣ୍ଡ ମାରି ଚେପା କରି ଦେଲାଣି । "କ'ଣ ମ, ମାଆ ହେଇଛ, ପିଲାଟାକୁ ଚୁପ୍ କରିପାରୁନ, ଦୁଧ କଲେ ଖୁଆଇ ଦିଅ ।" ପୁଣି ଆଉ କିଏ ଜଣେ ପଛ ସିଟ୍‌ରୁ ଶୁଣା ନଶୁଣା ଗଳାରେ କହିଲା, ଡ଼ରିମରି, ମୁହଁ ଲୁଚାଇ ।

ଦାରୋଗା ସାହେବ ଏଥିରେ ବିରକ୍ତ ହୋଇ ବିଭାଗୀୟ ନାରୀ ମନ୍ତ୍ରୀଙ୍କ ଚେତାବନୀ ଦେଇ କହିଲେ "ହଁ ସତରେ ତୁମର କ'ଣ ହୋଇଛି ପିଲାଟାକୁ କଳେ କ୍ଷୀର ଦେଇ ଚୁପ୍ କରିପାରୁନ ? କି ଲଜ୍ଜାର କଥା ! ବାଟ ଘାଟରେ ତୁମେ ମୋତେ ଅପଦସ୍ତ କରିଦେବ ଦେଖୁଛି । ତୁମକୁ ସାଙ୍ଗରେ ଧରି ..."

ଖୁବ୍ ଚିଡ଼ିଯାଇ ସୃଷ୍ଟିକର୍ତ୍ତୀ ଅସ୍ପଷ୍ଟ ଚାପା ଗଳାରେ କହିଲେ, "ତୁମେ ଯେ କଣ କୁହ, କ୍ଷୀର ବାହାରିଲେ ସିନା ମୁଁ ଦେବି ? ଏ ଭୋଖା ପିଲା ଟୋପାଏ ଅଧରେ

Digitized by srujanika@gmail.com

ମାନିବ ? ମଣିଷ କ'ଣ ଗାଈ ମଇଁଷୀ ହୋଇଛି ଯେ ଲିଟର ଲିଟର କ୍ଷୀର ଦେଉଥିବ ? କ୍ଷୀର ନ ବାହାରିବାରୁ ବେଣ୍ଟିଟା ଦାନ୍ତରେ କାମୁଡ଼ି ରକ୍ତ ବାହାର କରିଦେଇଛି । ତୁମେ ଯିମିତି ... କ'ଣ ଯେ କହନ୍ତି ..."

ଅମାନିଆଁ ଜନତାକୁ ଲାଠି ଚାର୍ଯ୍ୟକଲା ପରି ଦୁହେଁ ମିଶି ପିଲାଟାକୁ ବିଧା ଚାପୁଡ଼ା ଖେଣ୍ଟିଆ ଦେଇ ଜବତ କରିଦେଲେ । କାନ୍ଦି କାନ୍ଦି ଧକେଇ ସକେଇ ସେ ଶୋଇପଡ଼ିଲା ।

ଆଉ କିଛି ସମୟ ପରେ ମୋତେ ଚିତ୍କାର କରିବା ପାଇଁ ପଡ଼ିଲା "ରୋକ, ରୋକ" । ଦଣ୍ଡେ ହେଲା ମୁଁ ନଜର କଲିଣି ଦାରୋଗା ପତ୍ନୀଙ୍କ ଅସସ୍ତି । ତରଳ ଧାତୁସ୍ରୋତ ଉଦ୍‌ଗତ ହେବା ପୂର୍ବରୁ ଧରିତ୍ରୀ ଯେମିତି ଟଳମଟଳୁ ହୁଏ ଏବଂ ଘୁଡୁଘୁଡୁ ଶବ୍ଦ ଭୁଗର୍ଭରୁ ବାହାରେ, ସିମିତି ସେ ଅସମ୍ଭାଳ ହେଲେଣି । ମକରର ମାଂସ ଭୋଜନରୁ ହେଉ ବା କଡ଼ା ଜରଦା ଗୁଣ୍ଡି ପ୍ରକୋପରେ ହେଉ ତାଙ୍କ ଦିହ ମୁହଁ ଝାଳରେ ଭିଜିଗଲାଣି ଓ ସେ ଓଠକୁ ଚାପି କଣ ଗୁଡ଼ାଏ ପାଟି ଭିତରେ ଅଟକାଇ ରଖିବା ଚେଷ୍ଟାରେ ଅଛନ୍ତି । ବସ୍ ପୂରା ଛିଡ଼ାହୋଇଛି କି ନାହିଁ ସେ ଦରଜା ପାଖକୁ ଉଠିଯାଇ ଘଳଘଳ କରି ଅନ୍ତବୁଜୁଳାରେ ମକରର ଅଜୀର୍ଣ୍ଣାଂଶ ଯାହା ଥିଲା ସବୁ ଖଲାସ କରି ପ୍ରାୟ ଅଚେତ ଅବସ୍ଥାରେ ସ୍ୱାମୀଙ୍କ କାନ୍ଧରେ ମୁଣ୍ଡ ଥୋଇ ଆଉଜିଗଲେ । ତାଙ୍କ ପାଟିରୁ ଅସ୍ପଷ୍ଟ ଗଳାରେ ବାହାରୁଥାଏ ଲେ...ମ୍ବୁ, ଲେ...ମ୍ବୁ ।

ବସ୍‌ରେ ଚଢ଼ିଲେ ମୋତେ ବି ବାନ୍ତି ମାଡ଼େ । ତେଣୁ ମୁଁ ବରାବର ଲେମ୍ବୁଟାଏ ହାତରେ ଧରି ମଝିରେ ମଝିରେ ଶୁଙ୍ଘୁଥାଏ । ମାଂସ ଯିଏ ଖାଇବ ତାର ସିନା ଲେମ୍ବୁ ଦରକାର ହୋଇପାରେ, ମୁଁ ତ ମକରରେ ମାଂସ ପାଇ ନାହିଁ କି ଖାଇ ନାହିଁ । ମୁଁ ଦାରୋଗା ସାହେବଙ୍କ ଆଗରେ ଲେମ୍ବୁଟା ଝଲକାଇଲି । ସେ ମୋ ଆଡ଼କୁ ଚାହିଁଲେ, ଆଖି ସାମାନ୍ୟ ନଇଁଗଲା, ଲେମ୍ବୁଟା ମୋ ହାତରୁ ନେଲେ । ଧନ୍ୟବାଦ କହିପାରିଲେ ନାହିଁ । ସ୍ଥିର କଲି ଯଦି ଆଉଥରେ କେବେ ପୋଲିସ୍ ଲାଇନକୁ ମାଂସ ପାଇଁ ଯିବି ତେବେ ସାଙ୍ଗରେ ଲେମ୍ବୁଟାଏ ନେଇଥିବି । ତା'ହେଲେ ଟହଲ ମାରୁଥିଲାବେଳେ ମୋତେ ଚିହ୍ନିପାରି ଲେମ୍ବୁ କଥା ମନେପକାଇ ମାଂସ ଦେବେ ।

ହଠାତ୍ ଅନୁଭବ କଲି ମୋ ପାଖ ଯାତ୍ରୀଟି ଦୀର୍ଘ ସମୟ ପରେ ସାମାନ୍ୟ ଚଳପ୍ରଚଳ ହେଲା; ହୁଏତ ଦିହର ଭାର ଏକା ପାଖରୁ ଅନ୍ୟ ପାଖକୁ ଆଣିବାପାଇଁ । ଠିକ୍ ଏକା ସମୟରେ ମୋତେ ଜଣାଗଲା ତା ଛାତିରେ ମଧ୍ୟ କଣ ଜୀବଟିଏ ତାର ଅସ୍ତିତ୍ୱ ପ୍ରକାଶ କରିବାକୁ ଯାଉଛି । ସେଇ ଏକା ମୁହୂର୍ତ୍ତରେ ମୋତେ ଶୁଭିଲା କୁକୁର ବା ବିରାଡ଼ି ଛୁଆର କଇଁ କଇଁ ବା ମ୍ୟାଉଁ ମ୍ୟାଉଁ ଶବ୍ଦ । କଣେଇ ଅନାଇଲି; ସାମାନ୍ୟ ଘୁଞ୍ଚିଗଲି, ଯିମିତି ତାର କୌଣସି ଅସୁବିଧା ବା ସ୍ଥାନାଭାବ ନ ହୁଏ ।

ଦେଖିଲି ସେ ତା ମସିଆ ଲୁଗାକାନିର ଗଣ୍ଠି "ଫିଟାଇ ଶାଳ ପତରରେ ମୋଡ଼ା ହୋଇଥିବା ଛୋଟ ମଣ୍ଡା ପିଠା ପରି ଟେଳାଟିଏ ପାଟିରେ ପକାଇଲା । ବାସନାରୁ ମୁଁ

Digitized by srujanika@gmail.com

ଜାଣିପାରିଲି ସେ 'ମହୁଲ ନେଠା' ଖାଉଛି। ସକାଳୁ ବୋଧହୁଏ ଏଇଟା ତାର ବ୍ରେକ୍‌ଫାଷ୍ଟ। ଯେବେ ଆମେ ଖୁବ୍ ଗରିବ ଥିଲୁଁ ଏବଂ ଖୁବ୍ ଭୋକା ଓ ରଙ୍କା ଥିଲୁଁ କଙ୍ଗାଳଙ୍କ ଭୋକ ମାରିବା ପାଇଁ ମହୁଲ ଓଟାଉଳଭଜାକୁ ଏକତ୍ର ଢେଙ୍କିରେ କୁଟି ଚେଲାକରି ମାଆଁ ଆମକୁ ଖାଇବାକୁ ଦେଉଥିଲା। ବହୁତ ସମୟ ଦମ୍ ରହୁଥିଲା; ଧାଁ ଦଉଡ଼ ଖେଳାଖେଳି କରିପାରୁଥିଲୁଁ।

ମୁହଁ ହାତ ପୋଛା ପୋଛି କରି ସେ ଛାତିର ଲୁଗାପ୍ରସ୍ତକୁ ଖୋଲିବାକୁ ଉପକ୍ରମ କଲା ବିନା ଦ୍ୱିଧା ଓ ସନ୍ତର୍ପଣରେ, ଯିମିତି ବଣଜଙ୍ଗଲର ଜୀବଜନ୍ତୁଙ୍କ ଭିତରେ ଆଦିମାତା ପରି ରହିଛି ଏବଂ ବିଷଫଳ ଖାଇନଥିବାରୁ ଲଜ୍ଜା ଆସିନି, ଜରାବ୍ୟାଧିମୃତ୍ୟୁ ବା ପାପ କିଛି ଅଦ୍ୟାପି ସ୍ପର୍ଶ କରିନି। ମୁହୂର୍ତ୍ତକେ ମୋ ଆଖିର ଆଠ ଦଶ ଇଞ୍ଚ ତଳେ ଏବଂ ବାହୁର ଦୁଇ ଇଞ୍ଚ ଦୂରରେ ଉଦ୍‌ଗତ ହେଲା ଶମ୍ଭୁସଦୃଶ ଏକ ଯୁବତୀ ମାତାର ସ୍ତନ; ଶିବ ସୁନ୍ଦର (ଏଣୁ ସତ୍ୟ)ର ଏକ ପ୍ରତୀକ। ବିଶ୍ୱଜନନୀର ସ୍ତନ ପରି ଏକ ଅମୃତ ଫଳ। ସେଇ ମୁହୂର୍ତ୍ତରେ ଦିଶିଗଲା ଡ଼ାହାଣକୁ ସ୍ତନକୁ ଲାଗି ସ୍ତନ ସାଇଜର ଶିଶୁ ମୁଣ୍ଡଟିଏ। ମଦନ ଯିମିତି ଭସ୍ମୀଭୂତ ହେବାର ଅବ୍ୟବହିତ ପୂର୍ବେ ଜାଣିଲା ଯେ ଯାହାକୁ ସେ ହରିଙ୍କ କପାଳର ଚିତା ବୋଲି ଭାବିଥିଲା, ତାହା ଚିତା ନୁହେଁ ତାଙ୍କର ତୃତୀୟ ନେତ୍ର, ଯହିଁରୁ ବିଲୟର କାଳାଗ୍ନି ନିର୍ଗତ ହୋଇ ତାକୁ ପାଉଁଶ କରିଦେବ, ମୁଁ ସିମିତି ସମ୍ପୂର୍ଣ୍ଣ ବିହ୍ୱଳ ଓ ଅଭିଭୂତ ହେବା ପୂର୍ବରୁ ଜାଣିଲି ଯେ ଯାହାକୁ ମୁଁ ତୃତୀୟ ସ୍ତନ ବା ଟିଉମର ବୋଲି ଭାବିଥିଲି ତାହା ଗୋଟିଏ ସୁନ୍ଦର ନିଘଞ୍ଚ ଚୂଳଥିବା କେଉଁ ଏକ ଆଦିବାସୀ ଯୁବ ଦମ୍ପତିର ସ୍ୱାସ୍ଥ୍ୟବାନ୍ ଦୁଇମାସିଆ ଶିଶୁସନ୍ତାନର ପୂରାପୁରି ଗୋଲ ମୁଣ୍ଡ। ଖାଦ୍ୟ ଖାଦକର ସୁମଧୁର ସହାବସ୍ଥାନ।

ବାତ୍ସଲ୍ୟରସରେ ପରିପୂର୍ଣ୍ଣ ଟିମ୍‌ଟିମ୍ ଟାଣ ଥନ ବେଣ୍ଟିକି ଶିଶୁମୁଁକରେ ଦେଇଛି କି ନାହିଁ ତିନି ଧାରରେ (ଗଙ୍ଗା ଯମୁନା ସରସ୍ୱତୀ) ଗ୍ଲୁକୋଜ୍ ପାଣି ରଙ୍ଗର କ୍ଷୀର ଜେଟ୍ ପରି ନିର୍ଗତ ହୋଇ ଆଖି ନାକ କାନ ଏଠି ସେଠି ପଶି ଶିଶୁକୁ ଅସମ୍ଭାଳ ଆକୁପାକୁ ଅଣନିଃଶ୍ୱାସୀ କରିଦେଲା, ତେଣେ ଅନ୍ୟ ସ୍ତନରୁ କ୍ଷୀର ଆପେ ଆପେ ସ୍ରବି ଲୁଗାକୁ ଓଦାକରି ଦେଉଥାଏ ଓ ଯୁବତୀ ମାଆ ହାତ ପାପୁଲିରେ ଛାତିକି ଜାକି ଚାପି ରଖିଥାଏ। ସେ ବି ଶିଶୁ ପରି ଅସମ୍ଭାଳ। କି ଅଯାଚିତ ଅବାରିତ ସ୍ନେହମମତାର ସୁଅ। ଚାରିଟା ସମୁଦ୍ର, ଏ ଦୁଇଟା ଥାନ ଭିତରେ ରହିଯାଇଛି ଯିମିତି। କ୍ଷୀର ସଙ୍ଗେ ପ୍ରାଣ ଶୋଷିଲେ ବି ମାଆର ଆନନ୍ଦ। ଶିଶୁ ଆଉ ଶୋଷିପାରିଲା ନାହିଁ। 'ଚୁକ୍' କରି ମାଆ ସଦ୍ୟସୁପ୍ତ ଶିଶୁ ମୁହଁରୁ ଟାଣି ଆଣିଲା। ଯିମିତି ନୀରବ ନିଶ୍ଚଳ ଥିଲେ ସିମିତି ମାଆ ଛୁଆ ଧୀର ସ୍ଥିର ହୋଇଗଲେ। କେହି ଯାତ୍ରୀ ମୋ ଛଡ଼ା ଜାଣିଲେ ନାହିଁ ଏଠି ଶିଶୁଟିଏ ଅଛି। ମାଂସ ମହୁଲନେଠାର କେତେ ତଫାତ୍।

Digitized by srujanika@gmail.com

ମାଆ ଛୁଆର ଯୋଗସୂତ୍ର ଯେତେବେଳେ ଖୁବ୍ ନିବିଡ଼, ସେତିକିବେଳେ ସମସ୍ତ କାବ୍ୟ କବିତା (ଜୀବନ ?)ର ତଥା ସୃଷ୍ଟି, ସ୍ଥିତି, ପ୍ରଳୟର ଉତ୍ସସ୍ତନ ଉପରେ ମହିଷାସୁର ଦୃଷ୍ଟିରେ ଚାହିଁଥାଏ ଏବଂ ମନେ ପକାଉଥାଏ suck suck, my baby !' 'Pillowed upon the ripening breast', 'ଚଟାଳାବାଳା ସ୍ତନଭିନ୍ନବଲ୍କଳ', "ବସନ ଉତାରି ରଷି ଦେଖୁଁ ପୟୋଧର ବୋଇଲେ ହେ ହରହର" ଆଦି ଉଦ୍ଦାମ କବି ପ୍ରତିଭାର ପ୍ରସ୍ଫୁରଣ।

କଣ ହେଲା କେଜାଣୀ ଆହୁରି ମନେ ପଡ଼ିଲା ସୃଷ୍ଟିର ପ୍ରାକ୍‌କାଳରେ ସ୍ୱର୍ଗତା ମାଆ ମୋର ଏମିତି ସ୍ନେହରସ ପିଆଇ ଶୁଆଇ ଦେଉଥିଲା, ମନେପଡ଼ିଲା ମୋ ସ୍ୱର୍ଗତା ସ୍ତ୍ରୀ ମୋ ଝିଅକୁ ଏମିତି ଭଙ୍ଗୀରେ କ୍ଷୀର ପିଏଇବା ଦୃଶ୍ୟ, ମନେପଡ଼ିଲା ମୋର ସେଇ କୁନି ଝିଅ ମାଆ ହୋଇ ଏମିତି ... ସେମାନଙ୍କୁ ସାଙ୍ଗକୁ ଦିଶିଲା କେତେ କେତେ ମୂର୍ତ୍ତି ଛବି ମେରୀ ଶିଶୁପୁତ୍ର ଯୀଶୁଙ୍କୁ, ଯଶୋଦା ଶିଶୁ ଶ୍ରୀକୃଷ୍ଣଙ୍କୁ, କୋଣାର୍କ ଆଦି ମନ୍ଦିର କାନ୍ଥର ମାତାର ଶିଶୁକୁ ସ୍ତନ୍ୟ ଦାନର ଛବି, ଏପରିକି ଆଧୁନିକ କାଳର ମୃଣ୍ମୟ ପାର୍ବତୀ ହାତୀଖୁଣ୍ଟିଆ ଗଣେଷକୁ କ୍ଷୀର ପିଆଇବା ଦୃଶ୍ୟ। ଭାବାନ୍ତର ମୋର ଦେହାନ୍ତର ଆଣିଦେଲା। ମୁଁ କ୍ରମେ ଉଜାଣି ଯାଇ ବାର୍ଦ୍ଧକ୍ୟ, ପୌଢ଼ତ୍ୱ, ଯୌବନ କୈଶୋର ଅତିକ୍ରମ କରି ଶିଶୁ ଅବସ୍ଥାରେ ପହଞ୍ଚିଲି। ମାଂସର ପ୍ରଲୋଭନ ଭୁଲିଗଲି। ଦାନ୍ତଗୁଡ଼ାକ ଉଭାଇ ଯାଇ ଶିଶୁସୁଲଭ ମାଢ଼ିରେ ପରିଣତ ହେଲା।

ମାତା ପିତା ସ୍ତ୍ରୀ ପୁତ୍ରବିହୀନ ଜଞ୍ଜାଳମୟ ଅବସ୍ଥାରୁ ଖସିଯାଇ ଯିମିତି ଶିଶୁ ଅବସ୍ଥାରୁ ପହଞ୍ଚିଛି ସିମିତି ଈର୍ଷା ହେଲା ଦୁଧ ପିଇସାରି ଶୋଇଥିବା ଟିକି ଭାଇ ପ୍ରତି ଇଚ୍ଛା ହେଉଥିଲ । ଧରିତ୍ରୀ ମାଆକୁ କହିବା ପାଇଁ "ମାଆ, ତୋର ଡ଼ାହାଣ ସ୍ତନର କେହି ଗରାଖ ନାହିଁ, ମୋତେ ନେଇ ଆଶ୍ରା ଦେ ଭାଇ ସାଙ୍ଗରେ ଦୁଇ ଥନର ନିରାପଦ ଉଷୁମ ଥାନରେ। ମୁଁ ଗୋଟାଏ ବେଣ୍ଟି ପାଟିରେ ପୂରାଇ ମୋ ଟିକି ହାତର ଟିକି ଟିକି ଆଙ୍ଗୁଳିରେ ତୋର ଅନ୍ୟ ବେଣ୍ଟିକି ମୋଡୁଥିବି, ଚଁ ଚଁ କରି ଦୁଧ ପିଇ ଯାଉଥିବି। ଯୁଗଯୁଗରେ କ୍ଷୁତ୍‌ପିପାସା କ୍ଷଣକ ପାଇଁ ନୁହେଁ ଚିରଦିନ ପାଇଁ ମେଣ୍ଟାଇ ଶୋଇଯିବି ତୋର କ୍ରୋଡ଼ରେ। ତୁ ଆଉ ଉପରେ ଆକାଶ ମୋତେ ଅନାଇଥିବ। ମୋ ଆଖି ଧୀରେ ବୁଜିଯିବ।

ତନ୍ଦ୍ରାନ୍ୱିତ ଆଖି ଫିଟାଇ ଦେଖିଲି ମାଆ କେତେବେଳେ ମୋତେ ସ୍ୱପ୍ନ ଭିତରେ ଛାଡ଼ିଦେଇ ଚାଲିଯାଇଛି। ଆଉ ସାମନାରେ ସେଇ ମାଂସାଶୀ ମାଂସଳ ଜୀବଯୁଗଳ ଦୟନୀୟ ଅବସ୍ଥାନରେ ବସିଛନ୍ତି।

Digitized by srujanika@gmail.com

# ଅଥ ମର୍କଟ ଉପାଖ୍ୟାନ

ତା' ସହିତ ପ୍ରଥମ ଦେଖା ରେଭେନ୍ସା କଲେଜରେ, ଇଷ୍ଟ ହଷ୍ଟେଲ୍। ଉଣେଇଶ ଶହ ବତିଶ ସାଲରେ, ମୋର ଫାଷ୍ଟ ଇଅର ଆର୍ଟସରେ, ଯେବେ ଓଡ଼ିଶା ସତନ୍ତ୍ର ହୋଇନଥାଏ କି ଭାରତ ସାଧୀନତା ପାଇନଥାଏ ଯେତେବେଳେ ଅନ୍ଧକାରାଚ୍ଛନ୍ନ ଦେଶଟାରେ ଆଲୋକ ବିତରଣ କରୁଥାଏ କେବଳ ସେହି ଗୋଟିଏ କଲେଜ ରେଭେନ୍ସା କଲେଜ ଏବଂ ଦୂରଦୂରାନ୍ତରୁ ଗଡ଼ଜାତର ବଣଜଙ୍ଗଲମାନଙ୍କରୁ ଆସୁଥାନ୍ତି ମର୍କଟପଲ, ପଶୁତ୍ୱର ଅସଭ୍ୟତାରୁ ମୁକ୍ତ ହେବା ପାଇଁ କଟକରୁ। ରେଭେନ୍ସାରେ ଡ଼ିଉକ୍ ସାହେବ, ମେଡ଼ିକାଲ ସ୍କୁଲରେ ଅନିଲ ସାହେବ, କିଏ ସ୍କଟଲାଣ୍ଡର ତ କିଏ ଆୟାରଲାଣ୍ଡର; ହୁଏତ ଯୁଦ୍ଧ ଫେରନ୍ତା ମିଲିଟାରୀ ଅଫିସର।

ମୁଁ ଅଠତିରିଶ ନମ୍ବର କୋଠରୀରେ ଥିଲାବେଳେ ଦିନେ ତାକୁ ଦେଖିଲି, ପ୍ରଶସ୍ତ ସ୍କାଇଲାଇଟ୍‌ରେ ବସିଥିବାର। କାଚ ଦେଇ ଦେଖିଲେ ତା ମୁହଁଟା ଆମ ପରି ଆମ ବାପଅଜାଙ୍କ ମୁହଁପରି ଦିଶୁଥିଲା, ଖାଲି ଆଖିରେ ମୁହାଁମୁହିଁ ଚାହିଁଲେ ସେ ମାଙ୍କଡ଼ ପରି ଦିଶୁଥିଲା। କପାଳ ଉପରେ ଚୂଳ କେତୁଟା କାର୍ଟୁନ୍ ଛବି ପରି ସିଧାସଳଖ ଆଗକୁ ବାହାରିଥିବାରୁ ମୁହଁକୁ ଛାଇ ହେଉଥିଲା ଏବଂ ମୁହଁଟାକୁ ଗାଢ଼ ଚିକ୍ ଚିକ୍ କଳା କରୁଥିଲା। ଆଖି ମିଟି ମିଟି କରି କଣ ସେ ଦେଖୁଥାଏ, ଭାବୁଥାଏ, ଜାଣିବା ମୁସ୍କିଲ। କେତେ ଦିନ ତା ଗତିବିଧି ଲକ୍ଷ୍ୟକରି ଜାଣିଲି ଯେ ଖରାବର୍ଷା ହେଲେ ଆମେ ଯିମିତି ଆଶ୍ରୟସ୍ଥଳୀ ଖୋଜୁଁ, ସେ ବି ଏ ସ୍ଥାନଟିକୁ ସେ ଉଦ୍ଦେଶ୍ୟରେ ବାଛି ନେଇଛି। ଶ୍ରଦ୍ଧାରେ ଆମେ ସମସ୍ତେ ତା ନାଆଁ ଦେଇଥିଲୁଁ ଡ଼ାରଉଇନ୍।

ତାର କାର୍ଯ୍ୟକଳାପ, ବ୍ୟବହାର, ଆଚରଣ ଅବିକଳ ଆମରି ପରି। ବାପା, ମାଆଙ୍କଠାରୁ ଦୂରରେ ରହି ଆମେ ତାକୁ ପ୍ରାୟ ସୋଦର ଭାଇ ବୋଲି ଧରି ନେଇଥିଲୁ। ହଷ୍ଟେଲ ଇଲାକାରେ ଥିଲେ ସେ ପୂରାପୁରି ପ୍ରିଫେକ୍ଟ ପରି ଓ୍ୱାର୍ଡ଼ ମାନଙ୍କରେ ଘୂରାଫେରା କରେ; ଦେଖେ କିଏ ଷଡ଼ି ଆଓ୍ୱାରରେ ପଢ଼ାପଢ଼ି କରୁଛି ନା କମନ୍ ରୁମ୍‌ରେ କେରମ ବା ତାସ୍ ପିଟୁଛି। କେତେବେଳେ ମେସ୍ ସେକ୍ରେଟାରୀ ପରି କିଚେନ୍ କେଣ୍ଟିନ୍ ଆଡ଼େ ଯାଇ ଧ୍ରୁବ, ଉଚ୍ଛବ, ଧନୀ, ବେଙ୍ଗ, କେଶବ ଆଦି ପୂଝାରୀ ଓ ବୁଧିଆ, କାଶୀ, ପଞ୍ଚୁ, ନାରଣ ଆଦି ଚାକରବାକରଙ୍କ କାମ ତଦାରଖ କରେ। ତାକୁ ଦେଖିଲେ ସେମାନେ କହନ୍ତି, 'ହେଇ, ରାଣ୍ଡୀପୁଅ ଅନନ୍ତା ଆସିଗଲା।' ସେମାନେ ଆମକୁ ଯିମିତି ଖାଇବାକୁ ଦେଇ ସେବାକରି ଆନନ୍ଦ ପାଆନ୍ତି, ଚାକିରୀ ଦରମା କଥା ନ ଭାବି; ତାକୁ ବି ସିମିତି ଆତ୍ମୀୟ ବୋଲି ଭାବନ୍ତି।

କଲେଜ ଚାଲିଥିଲା ବେଳେ ମନ ହେଲେ ସେ ପରିଜା ସାହେବଙ୍କ ବଟାନି କ୍ଲାସ; ନାରଣ ମିଶ୍ରଙ୍କ ଫିଜିକ୍‌ସ ଲେକ୍‌ଚାର ଥିଏଟର, ବାଓ୍ୱା କର୍ତ୍ତାର ସିଂଙ୍କ ଦାଢ଼ି ଦେଖି

Digitized by srujanika@gmail.com

ମନ ଭୁଲାଏ, ଚେୟାରଟି ଭିତରେ ବୁଡ଼ି ରହିଥିବା ସାଧୁବାବୁ ଲାଇବ୍ରେରିଆନ୍‌ଙ୍କ ଜୁଳୁଜୁଳୁ ଆଖି ଓ ପାନପାଟି ଦେଖିବାପାଇଁ କେବେ କେବେ କନିକା ଲାଇବ୍ରେରୀ କି ଯାଏ । ଆର୍ଟସ ବ୍ଲକ୍‌ରେ କାଶୀବାବୁଙ୍କ ଶ୍ଲୋକ ପାଠ, ଆର୍ତ୍ତବାବୁଙ୍କ ମୁଖବିକୃତି, ସାନ୍ୟାଲଙ୍କ ଚିତା, କେ.ପି.ସିହ୍ନାଙ୍କ ସାହେବୀ ପୋଷାକ, ମୋହିନୀ, ବିପିନଙ୍କ ଦର୍ଶନ, ଜନାର୍ଥନ ଓ ହରେକୃଷ୍ଣଙ୍କ ଚାଲି ଦେଖି ଦେଖି ମଉଜରେ ଦିନ କଟାଏ । ସେମାନଙ୍କୁ ସେ ସାକ୍ଷାତ ରାମଚନ୍ଦ୍ର ବୋଲି ଭାବେ । ସେମାନେ ସମସ୍ତେ ତାକୁ ଭିତରେ ବାହାରେ ଯେଉଁଠି ଥିଲେ ବି ଉତ୍‌ପାତିଆ ବୋଲି ଜାଣନ୍ତି, ମାତ୍ର ପୁଅପୁତୁରା ପାଳିଲା ପରି ସ୍ନେହ ଆଦରରେ ତାର ସବୁ ଦୋଷ କ୍ଷମା କରିଦିଅନ୍ତି । ମାଙ୍କଡ଼ ମାଙ୍କଡ଼, ମଣିଷ ହବାକୁ ଢେରି ଲାଗିବ ।' ବାଡ଼ିଆପିଟା ଗାଳିଗୁଲଜ କଲେ ମାଙ୍କଡ଼ ପ୍ରତିଶୋଧଭାବାପନ୍ନ ହୋଇ ଘରେ ନିଆଁ ଲଗାଇ ଦେଇପାରେ ।

ତାର ଖାଲି ଏତିକି ଦୁଃଖ ଯେ ସେ ଏକୁଟିଆ । ଦୁଇଚାରି ଜଣ ମର୍କଟୀ ଛଡ଼ା ଆଉ ଏତେ ବଡ଼ କଲେଜ ପରିସରରେ ସୁନ୍ଦରୀ ଯୁବତୀ ନାହାନ୍ତି ଯାହାଙ୍କୁ ଦେଖି ହେଲେ ମନ ମନାଇବ । ତେଣୁ ମନ ଭୁଲାଇବା ପାଇଁ ନିଜେ ପଡ଼ିଆରେ ଭଲି ଖେଳୁ ନଥିଲେ ତାଳଚେରୀଙ୍କ ଟଣା ରିକ୍ସାରେ ବା ଘୋଡ଼ା ଗାଡ଼ିରେ ଦୁଇ ତିନିଜଣ ସାଙ୍ଗ ନେଇ କିଲ୍ଲା ପଡ଼ିଆକୁ ଯାଏ, ରେଭେନ୍ସା ବନାମ ମେଡ଼ିକାଲ ଖେଳ ଦେଖିବାକୁ । ଜର୍ଜ ପଟ୍ଟନାୟକ, ବ୍ରହ୍ମାନନ୍ଦ, ହେଲୁବାବୁଙ୍କ ଖେଳ ଦେଖିବ । ଯେଉଁଦିନ ଖେଳ ନଥାଏ ସେଦିନ କାଠଯୋଡ଼ି କୂଳ, ଜୋବ୍ରା ଆନିକଟ୍ ଆଡ଼େ ଯାଏ; ନହେଲେ ରେଳ ଲାଇନରେ ଯାଇ ପୋଲପାଖ କାଳିଆବୋଦାରୁ କାନକୋଳି ବା ବରକୋଳି ଖାଏ, ଫେରିଲା ବାଟରେ ମୟୂରଭଞ୍ଜ କୋଠି ପାଖ ମରହଟ୍ଟା ପଡ଼ିଆରେ ହାଓ୍ୱା ଖାଏ । ବେଶି ଭଲ ଲାଗେ ତାକୁ ଚାଉଳିଆଗଞ୍ଜ ପୋଷ୍ଟ ଅଫିସ୍ ଅଞ୍ଚଳ । ଗଛବଣ ଭିତରେ ଗୁଜୁରାଟୀ ଦୋକାନ ନୂଆ ହୋଇ ଖୋଲିଥାଏ, ସେଉ, ଗାଣ୍ଠିଆ ପୋଦନା ଚଟଣୀ ଏବଂ ମହୀଶୂରପାଗ କଟକରେ ନୂଆ ଚିଜ । ସେ ସବୁର ନୂଆ ମହକ ଶୁଙ୍ଘାଶୁଙ୍ଘି କରେ । ପାଖକୁ ଲାଗି ଅନୁର ପାନ ଦୋକାନ । ସେଠି ମିଳେ ମିଠା ମସଲା ଦିଆ ପାନ, ଭୀମା ବରଫ କଳର ବରଫ, ଇଞ୍ଜିନ ଗୋଲାପସୁନ୍ଦରୀ ମାର୍କା ବିଡ଼ି ଏବଂ ସର୍ବୋପରି ତାର ଅତି ପ୍ରିୟ କଦଳୀ କାନ୍ଧି । ଦୋଦାନ ପାଖକୁ କୁଞ୍ଜିଆର ମିଠାଦୋକାନ, କଡ଼ାରେ ଟବ୍‌ଟବ୍ ହୋଇ ହୋଇ ବଡ଼ ବଡ଼ ଲେଡ଼ିକେନିଂ ଓ ଧଳା ରସଗୋଲା ଭାସୁଥାଏ ।

କଟକ ସହର ଷ୍ଟେସନରୁ କମିସନର କୋଠି ତା ଦଖଲରେ ଯିମିତି । ପୁରୀ ଓ ତାଳଚେର ପାସେଞ୍ଜର ଗାଡ଼ି ଦୁଇଟାକୁ ଲାଲିଗୋଡ଼ି ବିଛା ପ୍ଲେଟଫର୍ମରେ ସେ ନେପୋଲିଅନ ପରି ଛିଡ଼ା ହୋଇ ଦେଖେ । ଯିମିତି ସେ ସିଗ୍‌ନାଲ ଦେଲେ ଗାଡ଼ି ଚାଲିବ ।

Digitized by srujanika@gmail.com

ଗୁଡ଼ାଏ ପିଲା ଅଛନ୍ତି ସେମାନେ ଭଲ ପଢ଼ନ୍ତି ସିମିତି, ବିଭ୍ରାଟ ଭିଆନ୍ତି ସିମିତି । ଡ଼ାରଉଇନ ସିମିତି କିଷମର ଜୀବଟି । ଦିନେ କଣ ଖିଆଲ ପଶିଲା, ଚାକର, ପୂଝାରୀ ମିଶି ମେସ୍ ପଛ ବଡ଼ ବଗିଚାଟାରେ ଯେଉଁ ଖରାଦିନିଆ ଫସଲ କରିଥାଆନ୍ତି ସେଥିରେ ମକା ବାଡ଼ିଟା ଭାରି ଲୋଭନୀୟ ହୋଇଥାଏ। ବଡ଼ ବଡ଼ ଚଅଁର ଶୁଖି ନଥିବା ଯୋଡ଼ା ମକ୍କା କାଖରେ ଧରି ଗଛଗୁଡ଼ାକ ଛିଡ଼ାହୋଇ ଥାଆନ୍ତି । ମକାରେ ମଞ୍ଜି ହେଲାଣି କି ନାହିଁ ପରୀକ୍ଷା କରିବା ପାଇଁ ଦୁଇଚାରିଟା ମକା କଡ଼୍ କଡ଼୍ ଭାଙ୍ଗି ସେ ଚୋପା ଫିଟାଇ ଦେଖିଲା । ଯିମିତି ଚାକର ପୂଝାରୀ ଢେଲା ପଥର ପ୍ରୟୋଗ କରିଛନ୍ତି, ସିମିତି ସେ ଗୋଟାଏ ହୁଙ୍କାର ଛାଡ଼ିଲା । ତାର ସାଙ୍ଗସାଥୀ ପୋଷ୍ଟଅଫିସ୍, ହଷ୍ଟେଲରୁ ଧାଇଁ ଆସିଲେ । ମକାବାଡ଼ି କ୍ଷଣକେ ଉଜୁଡ଼ିଗଲା । ଯୁଦ୍ଧ ଶେଷରେ ବିଜୟୀ ବୀରମାନେ ଚିହ୍ନ ସ୍ୱରୂପ କାକୁଡ଼ି, ଜହ୍ନି, କଲରାଲତା ଧରି ମକାଗଛକୁ ଠେଙ୍ଗା ପରି ଶୋଭାଯାତ୍ରାରେ ମହାତ୍ମା ଗାନ୍ଧୀଙ୍କ ଜୟ କରି ଅନ୍ତର୍ଦ୍ଧାନ ହୋଇଗଲେ ।

ନାନା ଉତ୍‌ପାତିଆ ବିତ୍‌ପାତିଆ ଗୁଣ ସତ୍ତ୍ୱେ ସମସ୍ତଙ୍କ ଶ୍ରଦ୍ଧା ଆଦର ଯତ୍ନରେ ବଢ଼ି ଡ଼ାରଉଇନ୍ ଦିନେ ଗୋଟାଏ ବଡ଼ ସକ୍ ପାଇଲା। କଲେଜ ଫାଟକ ପାଖର ସୀତାହାର ଗଛ ଅଗରେ ବସି ଦିନ ଦୁଇଟାବେଳେ କଅଁଳ ପତ୍ର ଚୋବାଉଥାଏ ଦେଖିଲା, ସଡ଼କରେ ବଳଦଗାଡ଼ିରେ ଗୋଟାଏ ବଡ଼ ଗାଣ୍ଠିଲି ଲଦା ହୋଇଛି। ଉପରେ ଠିକଣା ଥିଲା ଜଲିଲ ମିଆଁର । ମାନ୍‌ଚେଷ୍ଟର ଲୁଗା ତା ଭିତରେ ଅଛି। ଛଅଟା ଏଗାର ବାର ବର୍ଷର ପିଲା ନାନା ବୁଦ୍ଧି ଦୁର୍ବୁଦ୍ଧି ଠିକ୍ ତାରି ଚକ ପ୍ରୟୋଗ କରି ପ୍ରତି ଇଞ୍ଚରେ ଗାଡ଼ିକୁ ଅଟାକଉଛନ୍ତି; ଶୋଇ ବସି ଗାଡ଼ି ଚକ ତଳେ। ତାର ବି ଇଛା ହେଉଥିଲା ସେମାନଙ୍କ ସାଙ୍ଗରେ ଯୋଗଦିଅନ୍ତା। ଗାଡ଼ିଟାକୁ ଷ୍ଟେସନକୁ କଲେଜ ଆସିବାକୁ ସକାଳ ଆଠୁଟାରୁ ଦିନ ଦୁଇଟା ହେଲାଣି। ପନ୍ଦର ଟଙ୍କା ଭଡ଼ା। କଲେଜରୁ ଗୁଡ଼ାଏ ମାଙ୍କଡ଼ ଆସି ଦେଖୁଥାନ୍ତି ସଂଘର୍ଷ, ଛଅଟା ଲାଲମୁଣ୍ଡିଆ କନେଷ୍ଟବଳ ଆଉ ଏକ ଛଅଟା କଅଁଳ ମେଞ୍ଚଡ଼ ଟୋକାଙ୍କର। ଦେଖଣାହାରୀଙ୍କ ଆଗରେ ଅପମାନିତ ହୋଇ ପୋଲିସ୍ ପିଲାଗୁଡ଼ାକୁ ଠେଙ୍ଗାରେ ବାଡ଼େଇ ଜଖମ ଅଚେତ କରିଦେଲା ଓ ଘୋଡ଼ାଗାଡ଼ି ଭିତରକୁ ମୁର୍ଦ୍ଧାର ପରି ଫୋପାଡ଼ି ଦେଇ ବିଲାତି ଲୁଗା ଗାଡ଼ି ନେଇ ଚୌଧୁରୀ ବଜାରକୁ ଚାଲିଗଲା। ଏଇ ଦୃଶ୍ୟ ଦେଖିବା ପରଠୁ ଡ଼ାରଉଇନ୍‌ର ରକ୍ତରେ ପୋଲିସ୍ ବାହିନୀ ପ୍ରତି ଦୁର୍ଦ୍ଦମନୀୟ ପ୍ରତିହିଂସା ଘୃଣା ପଶିଗଲା ଯାହା ପରବର୍ତ୍ତୀ ଯୁଗରେ ତାର ପୁତ୍ରକଳତ୍ରଙ୍କ ପର୍ଯ୍ୟନ୍ତ ଜାଗ୍ରତ ରହିପାରେ।

ଏ ଘଟଣାର ପ୍ରତିକ୍ରିୟା ହେଉ ବା "ସ୍ୱଭାବ ଛାଡ଼ିବି କେମନ୍ତେ ?" ର ନିଦର୍ଶନ ହେଉ ସେ ମୋ ଉପରେ ପ୍ରଥମ (ମାଙ୍କଡ଼ାମିର) ପରୀକ୍ଷା କଲା। ଖରାଦିନ ଦିପହର। ଝରକା କବାଟ ବନ୍ଦକରି ଶୋଇଥାଏ । ମୋର ପାର୍ଟନାର ମଧୁ ବଟାନି ପ୍ରାକ୍ଟିକାଲ କ୍ଲାସ୍‌କୁ ଯାଇଥାଏ। ପ୍ରାୟ ଚାରିଟା ବେଳେ ନିଦ ଭାଜିଲା ବେଳକୁ ଆଖି ଫିଟାଇ

Digitized by srujanika@gmail.com

ଚାହିଁଲି । ମୋ ଗୋଡ଼ ତଳ ମଶାରି ବାଡ଼ ଉପରେ ଡ଼ାରଉଇନ୍ ଗୋଡ଼ ମେଲାଇ; ଲାଞ୍ଜ ଝୁଲାଇ ମୋ ଆଡ଼କୁ ଚାହିଁଛି । ଚାରିଚକ୍ଷୁର ମିଳନ । ଯୁଗ ଯୁଗ ଧରି ଏକତ୍ର ହୋଇନଥିବା ଦୁଇ ଆତ୍ମୀୟଙ୍କ ଆଶ୍ଚର୍ଯ୍ୟାନ୍ୱିତ ଚାହାଣି । ମୁଁ ନିଦ ପ୍ରତାରଣା କରି ଆଖି ବୁଜିଦେଲି । ହୃଦୟର ସ୍ପନ୍ଦନ କମିବାରୁ ଆଖି ଫିଟାଇ ଦେଖିଲି ଏକ ଭୌତିକ କାଣ୍ଡ । ଭଙ୍ଗାରୁଜା କ୍ଷୟକ୍ଷତିର ପରିମାଣର କଳନା ନାହିଁ । ସିରାପ୍ ବୋତଲରେ ଟୋପାଏ ବି ନାହିଁ । ବିସ୍କୁଟର ଟୁକୁରା ଏଠି ସେଠି ପଡ଼ିଛି । ଟା ମୁଠାକୁ ମୁଠା ସେ ଫିଙ୍ଗିଛି, କାରଣ ସେଗୁଡ଼ା ତାର ଅଦରକାରୀ । କିରାସିନୀ ସ୍ପିରିଟ୍ ଶିଶି ବୋତଲ ଭାଙ୍ଗି କାଚ କୋଠରୀଯାକ ବୁଣି ହୋଇଛି, କଡ଼ା ଗନ୍ଧରେ ନାକ ଫାଟିଯାଉଛି । ଜଣେ ମେକାନିକ୍ ପରି ବା ଜଣେ ମେଡ଼ିକାଲ୍ ଛାତ୍ର ଶବ ବ୍ୟବଚ୍ଛେଦ କଲା ପରି ପ୍ରାଇମାସ ଷ୍ଟୋଭର ଅଙ୍ଗପ୍ରତ୍ୟଙ୍ଗ ପରୀକ୍ଷା ନିରୀକ୍ଷାରେ କାଠଖଟଟାରେ ବିଞ୍ଚୁଡ଼ି ହୋଇପଡ଼ିଛି । ଉପରକୁ ଚାହିଁଲି ଧ୍ୱଂସକର୍ତ୍ତା ପଶି ଆସୁଛି । ଆମେ ତାକୁ ରଖି ପାରୁନା । ତାକୁ ଭଲ ପାଇଛୁଁ, ଉତ୍ସାହ ଦେଇଛୁଁ । ଭସ୍ମାସୁରକୁ ନିଜେ ଗଢ଼ି ସ୍ୱୟଂ ଭଗବାନ ମାରିପାରିଲେ ? କୁମାରଙ୍କ ଜରିଆରେ ମାଇଲେ ସିନା ।

ଛଅ ବର୍ଷ ବିତିଗଲା । କେବଳ ଥରେ ମାତ୍ର ଭୁଲ୍ ବୁଝାମଣାରେ ତାକୁଇ କେନ୍ଦ୍ରକରି ତାରି ଯୋଗୁଁ ପୂର୍ବ ପଶ୍ଚିମ ଛାତ୍ରାବାସ ବା ପୂର୍ବ ପଶ୍ଚିମ ଓଡ଼ିଶାକୁ କେନ୍ଦ୍ରକରି ଗୋଳମାଳ ହୋଇଥିଲା, ମାତ୍ର ତାର ସମାଧାନ ୱାର୍ଡେନ୍ କଲେ ଏକ ଭୁରି ଭୋଜନର ବ୍ୟବସ୍ଥା କରି, ଯାହା ଶେଷରେ ତାଙ୍କ ସ୍ତ୍ରୀ ଗୀତ ଗାଇଲେ । ସେ ନିଜେ ତୁବି ତବଲା ବଜାଇଲେ ଓ ତାଙ୍କ ଅପରୂପା ସୁନ୍ଦରୀ ଝିଅ ନାଚିଲା ମନୋରଞ୍ଜନର ଚୂଡ଼ାନ୍ତ ବ୍ୟବସ୍ଥା ଭିତରେ ପୂର୍ବ ପଶ୍ଚିମ ପୁନଶ୍ଚ ଏକ ଏବଂ ଅଭିନ୍ନ ହେଲେ ।

ବହୁ ବର୍ଷ ପରେ । ବହୁ ଆକାଂକ୍ଷିତ ସ୍ୱତନ୍ତ୍ର ଉତ୍କଳ ଏବଂ ତା'ପରେ ସ୍ୱାଧୀନ ଭାରତ ଏବଂ ପରେ ପରେ ତଥାକଥିତ ବୃହତ୍ତର ଉତ୍କଳ ଆସିଲା । ସୁଫଳ କୁଫଳ ସହିତ, ଆସିଲା ବିଶ୍ୱ ବିଦ୍ୟାଳୟ । ମର୍କଟ ରାଜ୍ୟ ପକ୍ଷରେ ଏହା ଅଶୁଭ ଫଳର ସୂଚନା ଦେଲା । ରେଭେନ୍ସା କଲେଜ ଏକାଧିପତ୍ୟ ହରାଇଲା ଏବଂ ବାଣୀବିହାର, ସାମନ୍ତ, ବକ୍ସି, ଫକୀର, ଗଙ୍ଗାଧର, ଗଜପତି ଆଦି ନାନା ଅନୁଷ୍ଠାନ ଜ୍ଞାନ ବିତରଣ କେନ୍ଦ୍ରରେ ପରିଣତ ହେଲେ । କଲେଜ ସହିତ ପ୍ରଥମରୁ ମର୍କଟମାନଙ୍କର ଏକତ୍ରାବସ୍ଥାନ ପରମ୍ପରାରେ ଡ଼ାରଉଇନ୍ ବଂଶର କ୍ଷମତା ବିକେନ୍ଦ୍ରୀକୃତ ହେଲା । ଏ ଯୁଗରେ ସେମାନଙ୍କ ବଂଶ କିଛି କମିଲା । ବିନଷ୍ଟକାରୀ ଜୀବ ବୋଲି ଘୋଷଣା କରି ମୁଣ୍ଡ ଲାଞ୍ଜ ଦେଖାଇଲେ ପୁରସ୍କାର ମିଳିବ, ସରକାର କହନ୍ତେ କିଛି ମଲେ, ଅନ୍ୟ କେତେକଙ୍କୁ ଜାହାଜରେ ଚଢ଼ାଇ ପଇସା ଲୋଭରେ ଆମେରିକାର ବିଜ୍ଞାନାଗାରକୁ ପଠାଇ ଦିଆଗଲା । ଆଉ ଗୁଡ଼ାଏ ନିଜ ମୁଣ୍ଡକୁ ଆପେ ଆପେ ବିକି ଗୌରବ ପାଇବେ ବୋଲି ଏରୋପ୍ଲେନ୍ ଓ ଜାହାଜ ଯାହା ପାଇଲେ ଚଢ଼ି ଇଂଲଣ୍ଡ ଜର୍ମାନୀ, ଆମେରିକା, କାନାଡ଼ାରେ ବସତି

Digitized by srujanika@gmail.com

ସ୍ଥାପନ କରି ବଂଶବୃଦ୍ଧି କରିବାରେ ଲାଗିଲେ । ଡ଼ାରଉଇନ୍ ଯୁଗ ଚାଲିଗଲା । ମହାନଦୀ କାଠଯୋଡ଼ିର ପାଣି ସମୟ ସାଙ୍ଗରେ ଲସ୍ ପଏଣ୍ଟ ଆଡ଼କୁ ବହିଗଲା ।

ଦିନେ ଚା ଖାଇବା ପାଇଁ ଭଦ୍ରକ/ବାରିପଦା/କାମାକ୍ଷାନଗରର ପ୍ରଖ୍ୟାତ ବସ୍‌ଷ୍ଟାଣ୍ଡରେ ଓହ୍ଲାଇ ଦେଖିଲି ଗୋଟାଏ ସ୍ଥାନରେ ଗୁଡ଼ାଏ ଲୋକ ଏକାଠି ଜମି ଉପଭୋଗ କରୁଛନ୍ତି ଗୋଟାଏ ମାଙ୍କଡ଼ର ଖେଳ କଉତୁକ । ବନ୍ଧନରେ ନାହିଁ, ତାର କେହି ମାଲିକ ନାହିଁ, ସମ୍ପୂର୍ଣ୍ଣ ସ୍ୱାଧୀନ । ସେଇଥିପାଇଁ ବୋଧହୁଏ ତାର ସବୁ ଗୁଣ ପୂରାପୂରି ଫୁଟିଛି । ନାଚୁଛି, ବାଜି ମାରୁଛି, ଅଭିନୟ କରୁଛି, ସରକସ୍ କରୁଛି, ଖିଟେଇ ହେଉଛି । ବିନା ବାଧା ବିନା ଶାସନରେ, ଦେଖଣାହାରୀଙ୍କ ଶ୍ରଦ୍ଧା ପ୍ରଶଂସାରେ ସେ ବଢ଼ି ଟିକିଏ ସ୍ଫୀତ । ଦେଖିଲି, ଜଣେ ଦୋକାନରୁ କଦଳୀଟାଏ ଚୋପା ଛଡ଼ାଇ ପାଟିରେ ଦବାକୁ ଯାଉଛି । ତା ହାତ ଧରି ନେଇ ସେ ନିଜେ ଖାଇ ଦେଲା । ଆଉ ଜଣେ ରସଗୋଲାଟାଏ ପାଟିରେ ଛାଡ଼ିବାକୁ ଯାଇଛି ତାକୁ ବି ଧରି ନେଇ ନିଜ ପାଟିରେ ପକାଇଲା । ଶରଧାର ମାଙ୍କଡ଼, ରାମଭକ୍ତ ହନୁମାନ, ପବନ ପୁତ୍ର ହନୁମାନ । କେହି କିଛି କହିବେ ନାହିଁ, ବାଡ଼େଇବା କଥା ଛାଡ଼ ।

ଜଣେ ସ୍ଥାନୀୟ ଲୋକ ମନ୍ତବ୍ୟ ଦେଲା "ମାଙ୍କଡ଼ଟାର ସବୁ ଗୁଣ ଭଲ ଯେ ଝିଅବୋହୂଙ୍କୁ ହଇରାଣ ହରକତ ନ କରନ୍ତା କି !" ଆଉ ଜଣେ ତା କଥା ସହିତ ଯୋଡ଼ିଲା 'ଏବେ ଏବେ ତାର ଦୁର୍ଗୁଣ ବାହାରିଛି କଲେଜ ଆଡ଼େ ଯିବା ଆସିବା କରି, ଆମ ବଗିଚା ଭିତରେ ରହି କଲେଜ ଝିଅଙ୍କୁ ଆଖି ମାରିବା ଶିଖିଛି ।" ସେ ଦୁହିଁଙ୍କ କଥୋପକଥନରୁ ବୁଝିଲି ମାଙ୍କଡ଼ଟିକୁ ଆଣିଥିଲେ ଜଣ ମଠ ମହନ୍ତ, ସ୍ଥାନୀୟ ଲୋକ, ଚାନ୍ଦନୀଚୌକ ଅଞ୍ଚଳରୁ । ଏକଦା ରେଭେନ୍ସା କଲେଜ ଅଞ୍ଚଳରେ ଯେଉଁ ଡ଼ାରଉଇନ୍ ଥିଲା ଏ କୁଆଡ଼େ ତାରି ବଂଶଧର । ତା ନାଆଁ ମହନ୍ତ ଦେଇଥିଲେ ଆଡ଼ାମ୍ । ତାଙ୍କରି ଆର୍ଶୀବାଦରେ ଆଡ଼ାମ ଯିମିତି ନିର୍ଭୀକ ସିମିତି ଲୋକପ୍ରିୟ । ଭୋଟ ଚାହିଁଲେ ସେ ଏମ୍.ଏଲ୍.ଏ. କାହିଁକି ମନ୍ତ୍ରୀ ବି ହୋଇପାରନ୍ତା । ସେତ ପର କଥା; ବର୍ତ୍ତମାନ ଉପୁଜିଥିବା ସମସ୍ୟାର ଏକମାତ୍ର ସମାଧାନ ତାକୁ ବାହାକରାଇ ଦେବା, ଏକୁଟିଆ ରଖିବା ପାପ ହେଉ ନହେଉ ବିପଦଜନକ । ନହେଲେ କେତେ ରାଜନୈତିକ ନେତାଙ୍କ ପରି ସେ ଯାବଜ୍ଜୀବନ ଅବିବାହିତ ରହି ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହିପାରେ; ନହେଲେ ଏତେ ସୁନ୍ଦର ପୋଡ଼ାମୁହଁଟି ବ୍ରହ୍ମଚର୍ଯ୍ୟାତିଶଯ୍ୟରେ ଅକାଳ ମୃତ୍ୟୁବରଣ କରିପାରେ ।

ଆଡ଼ାମ ପାଇଁ କନ୍ୟା ଖୋଜା ଚାଲିଲା । ଉତ୍ତର ଓଡ଼ିଶା ଅପେକ୍ଷା ଦକ୍ଷିଣ ଓଡ଼ିଶାରେ ହୁଏତ ବେଶୀ ସୁନ୍ଦରୀ ଝିଅ ମିଳିପାରିବେ । କାରଣ ଏ ଅଞ୍ଚଳରେ ସଂଖ୍ୟା ଦୃଷ୍ଟିରୁ ବ୍ୟାପକ ପସନ୍ଦର କ୍ଷେତ୍ର ନାହିଁ । କର୍ମୀମାନେ ପୁରୀ, ଭୁବନେଶ୍ୱର, କଟକ ଘୁରି ଘୁରି ଫେରିଲେ ଚଣ୍ଡୀଖୋଲକୁ । ସେଇଠି ବାବାଜିଙ୍କ ଖୋଦ ହେପାଜତରେ

Digitized by srujanika@gmail.com

ଝିଅଟିଏ ଥିଲା । ଜନୈକ କର୍ମୀ ଦେଖିଲା ଝିଅଟି ପାହାଡ଼ର ବାମ୍ଫରେ ସ୍ନାନକରି ଜଳ ଦର୍ପଣରେ ପ୍ରସାଧନରତା । ପଣ୍ଡାମାନେ ସୁଭଦ୍ରାଙ୍କ ଦାରୁ ପାଇ ଯିମିତି ବିବୃତିମାନ ଦିଅନ୍ତି କର୍ମୀଟି ସିମିତି ମୁଖ୍ୟ ଚେତା ଆଗରେ ସୁସମ୍ବାଦ ଦେଲା । କୋଷ୍ଠିପତ୍ର ମେଳ କରାଇଲା, ରାଜଯୋଟକ, ଜଣକର ଚେଙ୍ଗକୁ ଅନ୍ୟର ବେଙ୍ଗ ରାଶି । କେବଳ ହାସିନା ମାନୁ ନଥିଲା । ପାଖ କଲେଜର ଝିଅମାନେ ଯେତେ ବୁଝାଇଲେ ବି ସେଇ 'ନା' । ଅଗତ୍ୟା କର୍ମୀଗଣ ଜୋର ଜବରଦସ୍ତ ଇଭ୍‌କୁ ଧରି ନେଇ ପିଞ୍ଜରା ଭିତରେ ରଖିଲେ ।

ଅପୂର୍ବ ଉତ୍ସାହରେ ଉତ୍ସବର ଆୟୋଜୋନ ହେଲା । ସାତ ଦିନରେ ସତୁରି ହଜାର ଟଙ୍କା ଆଦାୟ ହେଲା ! ଖୋଦ୍ ଦୁଇ ଜଣ ମନ୍ତ୍ରୀ ଡ଼େରାପକାଇ ରହିଲେ ବଙ୍ଗଳାରେ କେତେଦିନ । ଶିକ୍ଷାମନ୍ତ୍ରୀ ବରକର୍ତ୍ତା ଓ ଆଦିବାସୀ ଗ୍ରାମ ମଙ୍ଗଳ ନାରୀ ମନ୍ତ୍ରୀ କନ୍ୟାଦାତ୍ରୀ ହେବାକୁ ରାଜି ହେଲେ । ଗୋଟାଏ ସୁସଜ୍ଜିତ ବିଦ୍ୟୁତଲୋକ ଶୋଭିତ ରିକ୍ସାରେ ପ୍ରସେସନରେ ଯାଉଥିଲା ବେଳେ 'ହଜାର ହଜାର ଜନତା, 'ପ୍ରଶ୍ନବାଚୀ' ଦୃଷ୍ଟିରେ ଚାହିଁ ରହିଥିଲେ କାରଣ ସେମାନେ ଫରକ୍ ଜାଣିପାରୁନଥିଲେ ପୁରୁଷ ସ୍ତ୍ରୀ ମନ୍ତ୍ରୀ ମାଙ୍କଡ଼ ଭିତରେ । ମାଇଲେ ଲମ୍ବା ଶୋଭାଯାତ୍ରା, ତୋରଣ, ପତାକା, ଆଲୋକ, ବାଣ, ବେଣ୍ଡପାର୍ଟି, ଲାଉଡ଼ସ୍ପିକରରେ ଗଗନ ପବନ ମୁଖରିତ, ଉଲ୍ଲସିତ- ଯାହାର ତୁଳନା ମିଳିଥାନ୍ତା ଏବେ ଏବେ ସରିଥିବା ଇଂଲଣ୍ଡର ଯୁବରାଜଙ୍କ ବିବାହରେ । ଡ଼ାକ ବଙ୍ଗଳାରେ ମନ୍ତ୍ରୀ ମନ୍ତ୍ରାଣୀ, ମର୍କଟ ମର୍କଟୀ, ଆଡ଼ାମ ଇଭ୍ ମଧୁଶଯ୍ୟା ରାତ୍ରୀ ଯାପନ କଲେ ।

ପୁଣି ଗୋଟାଏ ଦଶକ କଟିଗଲା । ଶିକ୍ଷାସ୍ଫୀତି ତଥା ମୁଦ୍ରାସ୍ଫୀତି ସହିତ ତାଳ ଦେଇ ଘରେ ଘରେ କଲେଜ, ମହିଳା କଲେଜ, ସ୍ନାତକୋତ୍ତର ଶ୍ରେଣୀ, ବି.ଇଡ଼୍, ସି.ଟି. ଆଦି ଶିକ୍ଷାପ୍ରଗତି ନାଁରେ ବଢ଼ନ୍ତେ ମର୍କଟ ରାଜ୍ୟରେ ମଧ ପରିବାର ନିୟନ୍ତ୍ରଣ ଯୋଜନାର ଅଭାବରେ କଲେଜ ସାଙ୍ଗକୁ ମର୍କଟଙ୍କ ଅନୁରୂପ ଅଭିବୃଦ୍ଧି ହେଲା ଏବଂ ମନ୍ତ୍ରୀ ମନ୍ତ୍ରାଣୀ ଆସ୍ଥାନ ଜମାଇ ବସିଗଲେ, ପଶୁସୁଲଭ ସଂଖ୍ୟାଧିକ୍ୟରେ ।

ମର୍କଟଙ୍କ ପୀଠସ୍ଥଳୀ ସହର ଭିତର ବସ୍‌ଷ୍ଟାଣ୍ଡରେ ପୁଣି ଦିନେ ଓହ୍ଲାଇଛି ମନେପଡ଼ିଲା ଆଡ଼ାମ ଇଭ୍‌ଙ୍କ ବିବାହ ଉତ୍ସବ କଥା ଏବଂ ଚାହିଁଲି କାଳେ କେଉଁଠି ସେମାନେ ଥିବେ । ଶୀତ ଦିନିଆଁ ସକାଳ । ଧୂଆଁ ବାହାରୁ ଥିବା ଚା କପ୍ ସମସ୍ତଙ୍କ ପାଟିରେ ଲାଗିଛି । ବହି ଦୋକାନଟା ଖାଲି ଭୁଇଁଟାରେ ଖବରକାଗଜ ପତ୍ରପତ୍ରିକା ମେଲାଇ ଚାଲିଛି । ମିଠା ଦୋକାନ, ଚା ଦୋକାନ, ଫଳ ଦୋକାନ, ଉପର ଯେଉଁ ଏଜବେଷ୍ଟସ୍ ଛାତ ସିଆଡ଼କୁ ଆଖି ପକାନ୍ତେ, ଦେଖିଲି ସରଗ, କୌରବ ଓ ଶ୍ରୀକୃଷ୍ଣଙ୍କ ପରର ଯଦୁବଂଶକୁ । ପୁତ୍ର, ପୌତ୍ର, ପ୍ରପୌତ୍ର, ପୌତ୍ରୀ, ପ୍ରପୌତ୍ରୀ ଓ କୂଳକୁଟୁମ୍ବ ନେଇ ସଗୌରବେ ବସିଛନ୍ତି ଆଡ଼ାମ ଆଉ ଇଭ୍, ବୃଦ୍ଧ ରାଜନୈତିକ ନେତା ବା ବୃଦ୍ଧା ରାଜନୀତିଜ୍ଞ ନେତ୍ରୀ ପରି । ଜଣେ କଟକ ଆଡ଼କୁ ଆଉଜଣେ ଚଣ୍ଡୀଖୋଲ ଦେଇ

Digitized by srujanika@gmail.com

ଦିଲ୍ଲୀ ଆଡ଼କୁ। ବସିଛନ୍ତି, ଏକ ଅହେତୁକୀ ଭବିଷ୍ୟତ ଆଶଙ୍କାରେ। ସେମାନେ ଲକ୍ଷ୍ୟ କଲେଣି ମଣିଷମାନେ ତାଙ୍କୁ ଆଗରୁ ଯେଉଁ ଦୃଷ୍ଟିରେ ଦେଖୁଥିଲେ ହୁଏତ ନିଜ ସ୍ୱାର୍ଥ ସୁବିଧା ଲାଗି ତା ଆଉ କରିବେ ନାହିଁ; କାରଣ ସେମାନେ ତାଙ୍କ ଦେଇ ଯାହା କାମ ହାସଲ କରିବାର କରି ସାରି ନିଜେ ସୁଦୃଢ଼ ଆସ୍ଥାନରେ ବସିଛନ୍ତି। ପାଖ ଆଖ ଯେତେ ଛାତ ସବୁ ଦଖଲ କରି ଆଡ଼ାମ ଓ ଇଭର ବଂଶଧରମାନେ ବସି ଯାଇଛନ୍ତି ଯିମିତି ଗୋଟାଏ ସଭା ହେବ ଏବଂ ଗୁରୁତର ସମସ୍ୟା ସମାଧାନର ଉପାୟ ନିର୍ଣ୍ଣୟ କରିବାକୁ ପଡ଼ିବ।

ଦେଖିଲି, ମାଙ୍କଡ଼ ପିଲାଟିଏ ଖେଳୁଛି। ଯିମିତି ଆମେଦୁହେଁ ବସିଥିଲାବେଳେ ସାନ ପୁଅ ଖେଳ ଦେଖାଉଥିଲା ଏ ମାଙ୍କଡ଼ ପିଲାଟି ସିମିତି ନୂଆ ନୂଆ ବାପ ମା ପାଖରୁ ଖସି ଆସି ସ୍ୱାଧୀନ ହେବାକୁ ଶିଖୁଛି। ବୋଧହୁଏ ବୁଢ଼ୀ ମାଆର ଅଠାଳିଆ କ୍ଷୀର କଲେ ପିଇ ଦେଇ ଉଦ୍‌ବୃତ୍ତ ଶକ୍ତି ସଂଗ୍ରହ କରିଛି। ସତରେ ବୁଢ଼ାକାଳିଆ ପୁଅଗୁଡ଼ାକ ଭାରି ସୁନ୍ଦର ହୁଅନ୍ତି, ଗେଲବସର ବି ହୁଅନ୍ତି। କୋଡ଼ପୋଛା ପିଲା, ସବୁ ଖୁନ୍ ମାଫ୍ ତାଙ୍କର। ବୁଢ଼ା ଆଡ଼ାମ୍ ତା ଆଡ଼କୁ ଚାହୁଁନି, ସେଇଟା ତା ପକ୍ଷରେ ଗୋଟାଏ ଲଜ୍ଜା ବୋଲି ଭାବୁଛି। ମାଆ କିନ୍ତୁ ନଜର ରଖିଛି ତା ଉପରେ ଏବଂ ଦେଖୁଛି ସ୍ୱାଧୀନତାର ସୋପାନରେ କେତେ ପାହୁଚଯାକେ ପୁଅ ଚଢ଼ିପାରୁଛି।

ପୁଅ ପ୍ରଥମେ (ସତରେ କେଡ଼େ ସୁନ୍ଦର! ଅବିକଳ ତା ବାପର ମୋଟା ମୋଟା ହାଡ଼, ଲମ୍ବା ଦିହର 'ମାରେ ଗଢ଼ା। କେବଳ ଯଥେଷ୍ଟ କ୍ଷୀର ଅଭାବରେ ପଞ୍ଜରା ହାଡ଼ରେ ମାଂସ ଲାଗିନି) ଇଲେକ୍‌ଟ୍ରି ଖୁଣ୍ଟକୁ ଟାଣ କରୁଥିବା ତାରରେ ଦୁଇ ହାତରେ, ଗୋଟିଏ ହାତରେ, ଏକ ଗୋଡ଼ରେ, ଦୁଇ ଗୋଡ଼ରେ, ତିନି ଗୋଡ଼ ହାତରେ ଏବଂ ଚାରିଗୋଡ଼ରେ ନାନା ଭଙ୍ଗୀରେ ଟ୍ରାପିଜ ଖେଳ ଦେଖାଇ ଆଳସ ଭାଙ୍ଗିଲା। ଉଭୟ ମାଆ ବାପ ସେ ସବୁ ଲକ୍ଷ୍ୟ କଲେନାହିଁ ତା'ପରେ ସେ ଧଇଲା ପାଖରେ ପଡ଼ିଥିବା ପଚା ଶୁଖିଲା କଦଳୀ ଭଣ୍ଡାଟାଏ ଏବଂ ଦେଖାଇଲା ତା ମାଆକୁ। ସେ ଦାନ୍ତନିକୁଟି ନାପସନ୍ଦ କଲା। ତାକୁ ଫୋପାଡ଼ି ଧଇଲା କଦଳୀ କାନ୍ଧର ନାଡ଼ଟାଏ ଏବଂ ବାପା ଆଗରେ ଧଇଲା। ବାପ ତାକୁ ଚାପୁଡ଼ାଟାଏ ବଜାଇଲା। କଣ ଖାଦ୍ୟ, କଣ ଅଖାଦ୍ୟ, କ'ଣ କର୍ତ୍ତବ୍ୟ କ'ଣ ଅକର୍ତ୍ତବ୍ୟ ସେ ସବୁ ଚେଷ୍ଟା ଓ ବିଫଳତା ମାଧମରେ ଜାଣିବାର ଚେଷ୍ଟାକୁ ବାପ ମାଆ ପସନ୍ଦ କରୁନାହାନ୍ତି ଦେଖି ସେ ରାଗିଗଲା। ଗୋଟାଏ ପୁରୁଣା ପ୍ଲାଷ୍ଟିକ୍ ଚପଲ ଧରି ସେ ତା ବାପ ଆଡ଼କୁ ଫୋପାଡ଼ି ଦେଲା।

ଆଡ଼ାମ ପୁଅର ବେଆଡ଼ିଆ ଗୁଣ ନାପସନ୍ଦ କରି ଦୁଇଥର ହୁଂ ହୁଂ କଲା, ମାଆ ବି ଦାନ୍ତ ନିକୁଟିଲା, କିନ୍ତୁ ଦର୍ଶକ ତଥା ଖବରକାଗଜ ବାଲାଏ ପୁଅ ବାପକୁ ମାରିବା ବୀରର ଲକ୍ଷଣ ବୋଲି ତାଳି ଦେଲେ। ପିଲାଟା ଭାବିଲା କଣ କଲେ ଦେଶ ଓ ଦଶ ତାକୁ ଭଲ କହିବେ, ନାଆଁ ଯଶ ଅର୍ଜିବ, ଯିମିତି ବେକାର ଯୁବକ ଭାବେ କାମଧନ୍ଦା ତ

Digitized by srujanika@gmail.com

ନାହିଁ, ପଢ଼ାର ତ ଦାମ ନାହିଁ, ସବୁଥିରେ ଅସନ୍ତୋଷ, ବିଭ୍ରାଟ, ବୈଫଲ୍ୟ, ସେ ଗଞ୍ଜା, ଭାଙ୍ଗ ମଦମାଂସ ଅର୍ଥାତ୍ ଆତ୍ମହତ୍ୟା ଆଡ଼କୁ ଟାଣି ହୋଇଯାଉଛି । କେଉଁ ଉପାୟରେ ମରିବା ପୂର୍ବରୁ ନାଆଁ କରିବ ।

ସେ ଆଉ ଟିକେ ତଳକୁ ଓହ୍ଲାଇଲା । ଛାତ ଉପରେ ଯାହା ପାଇଥିଲା ତାହା ତ ବାପମାଆର ପସନ୍ଦ ହେଲା ନାହିଁ । ତଳେ ଭୂଇଁରେ କଣ ଅଛି ଦେଖିବା ପାଇଁ ଲୁହା ଡଣ୍ଡାଟାକୁ ଗୋଟାଏ ହାତରେ ଧରି ତଳକୁ ଝୁଲି ପଡ଼ିଲା ଏବଂ ଦେଖିଲା ଠିକ୍ ତା ଡ଼ାହାଣ ହାତ ପାଖରେ ଗୋଟାଏ ପଗଡ଼ି । ପୁଲିସ୍‌ଟାଏ ସେତିକି ବେଳେ ଓଳିତଳେ ଛିଡ଼ା ହୋଇ ଚା' ପିଇଯାଉଥାଏ । କଣ ଦୁର୍ବୁଦ୍ଧି ମୁଣ୍ଡକୁ ପଶିଲା କେଜାଣି, ମାଙ୍କଡ଼ ପିଲାଟା ହଠାତ୍ ପଗଡ଼ିଟାକୁ ଜୋରରେ ଟାଣିଦେଲା, ଏତେ ଜୋରରେ ଯେ ପଗଡ଼ି ତ ଖସିଗଲ, ଚା କପ୍ ଓ ପ୍ଲେଟ୍ ତଳେ ପଡ଼ି ଚୁରମାର ହୋଇଗଲା । ଦେଖଣାହାରୀ ଓ ଖବରକାଗଜବାଲାଙ୍କ କରତାଳି ଓ କୋଳାହଳରେ ସ୍ଥାନ ମୁଖରିତ ହେଲା । ପୋଲିସ୍ ଯେଉଁ ବାଡ଼ିଟା ଧରିଥିଲଣ, ଅପମାନର ପ୍ରତିଶୋଧ ସ୍ୱରୂପ ସେଥିରେ ବାଡ଼ିଏ ପିଲାଟାକୁ ବଜାଇ ଦେଲା ଏବଂ ଲାଞ୍ଜ ଚାଖଣ୍ଡେ କାଟି ତଳେ ପଡ଼ି ଛଟପଟ ହେଲା ।

ପୁତ୍ର ପତି ଅତ୍ୟାଚାର ଆଡ଼ାମ ଆଉ ଇଭ୍ ସହିପାରିଲେ ନାହିଁ । ଆଡ଼ାମ ହୁଂକାରଟାଏ ହେଲା । ଶତ୍ରୁ ରକ୍ତବାହୁ ବିରୁଦ୍ଧରେ ଲଢ଼ିବା ପାଇଁ ଯିମିତି ପର୍ବତକୁ ଡ଼କା ଛାଡ଼ିଲେ ପର୍ବତେ, ସିମିତି ଭଦ୍ରକ ଡ଼ାକିଲା ରେଭେନ୍ସାକୁ ଏବଂ ରେଭେନ୍ସା ଡ଼ାକିଲା ସମ୍ବଲପୁରକୁ । ପବନ ପୁତ୍ର ହନୁମାନ ଡ଼ାକରେ ଯିଏ ଯେଉଁଠି ଥିଲେ କୁଆ ଡ଼ାକରେ କୁଆ ପଲ ଆସିଲା ପରି ଦେଶର ସବୁଆଡୁ ବାନରସେନା ଅଚିରେ ଆସି ପହଞ୍ଚିଲେ । ତେଣେ ପାରମ୍ପରିକ ଶତ୍ରୁ ସୈନ୍ୟକୁ ଜବଦ କରିବା ପାଇଁ ପୋଲିସ୍ ବାହିନୀ ଧାଇଁଲେ । ଲାଠି, ଟିଅର ଗେସ, ସେଲ୍, ବନ୍ଧୁକ ବିରୁଦ୍ଧରେ ଢ଼େଲା, ପଥର, ଇଟା, ବୋତଲର ଯୁଦ୍ଧ ଚାଲିଲା । ଶେଷରେ ପ୍ରଳୟ ନିଆଁ ଜଳିଲା, ଭଙ୍ଗାରୁଜାର ସୀମା ରହିଲାନାହିଁ, କେହି ବର୍ତ୍ତିବା ମୁସ୍‌କିଲ । ଝିମିଟି ଖେଳରୁ ଖଣ୍ଡ ପ୍ରଳୟର ମହାଭାରତ ସୃଷ୍ଟି ହେଲା । କେତେ ମରିହଜି ଗଲେ, କେତେ ଅବା ଖଣ୍ଡିଆ ଖାବରା ହେଲେ ।

ଶ୍ମଶାନର ଶାନ୍ତି ପରି ଶାନ୍ତି ଦେଶକୁ ଫେରିଲା, କିନ୍ତୁ ଶିଶୁପୁତ୍ର କୁଆଡ଼େ ଗଲା ? ଆଡ଼ାମ ଇଭ୍ ଥାନା ଜେଲଖାନା ଚାରିଆଡ଼େ ଲୋକ ଲଗାଇ ଖୋଜା ଖୋଜି କଲେ, ପାଇଲେ ନାହିଁ, କିନ୍ତୁ ଦିନେ ଏତିକି ଜାଣିଲେ ଯେ ଯେଉଁ ଲୋକମାନେ ତାଙ୍କ ପୁଅର ଖେଳ କଉତୁକର ତାରିଫ୍ କରି ତାଳି ଦେଉଥିଲେ, ସେଇମାନେ ଜାତୀୟ ପତାକା ତଳେ ଛିଡ଼ାହୋଇ କନେଷ୍ଟବଳର ସାହସିକ କାର୍ଯ୍ୟ ପାଇଁ ପୁରସ୍କାର ପାଇବାରେ ତାଳି ଦେଉଛନ୍ତି ଓ ଖବରକାଗଜ ବାଲାଏ ସେହି ଫଟୋ ବିକ୍ରି କରି ନାଆଁ କମାଉଛନ୍ତି ।

Digitized by srujanika@gmail.com

# ଭି.ଆଇ.ପି.

ନୂଆ ଭି.ଆଇ.ପି. ବେଗ୍ ଧରି ଯିମିତି ଫାଟକ ପାଖରେ ପହଞ୍ଚିଛି ସିମିତି ବଡ଼ଝିଅ ମୋତେ ଦେଖିପକାଇ ଚିତ୍କାର କଲା, "ବାପା ଆସିଲେ, ବାପା ଆସିଲେ, ଶଙ୍ଖ ଫୁଙ୍କ।" ଆଠୁଟା କି ଦଶୁଟା ଶଙ୍ଖ ଏକାବେଳକେ ବାଜିଉଠି ସମଗ୍ର ୟୁନିଟ୍‌କୁ କମ୍ପାଇଦେଲା । ଜଣାଗଲା, ଦଣ୍ଡେ ପରେ ଯିମିତି ଭୂମିକମ୍ପ ହେବ । ହୁଳହୁଳି ବି ସଙ୍ଗେ ସଙ୍ଗେ ଆଠକୋଠରିଆ କୋଠିର ଏ ମୁଣ୍ଡ ସେ ମୁଣ୍ଡ ଭରପୂର ହୋଇଗଲା । ଝିଅଝିଆଣି ପିଲାଝିଲା ସମସ୍ତେ ଏକା ସୁରରେ ଆନନ୍ଦ ଜଣାଇଦେଲେ । "ଦାଦି ଆସିଲେ", "ଜେଜେ ଆସିଲେ", "ଅଜା ଆସିଲେ" ଆଦି ନାନା ଭାବରେ ନାନା ଧ୍ୱନିରେ ନାନା ଭଙ୍ଗୀରେ ପ୍ରକାଶ କରି ।

ବଡ଼ ନାତିର ଉପନୟନ । ବଡ଼ପୁଅର ବଡ଼ ପୁଅର । ମୋ ବଂଶର ପ୍ରଥମ କାମ ସହରରେ ହେଉଛି । ମୋ ନିଜର ଯେତେ ଯେତେ କାମ  ଚଉଦଟି ପୁଅ ଝିଅଙ୍କ ବିବାହ ବ୍ରତ ସବୁ ଗାଁରେ କରିଛି । ମଫସଲରେ ଯେତେ ଯେତେ ଆଡ଼ମ୍ବରରେ କରାଯାଇପାରେ । ନିଜ ପୋଖରୀର ବଡ଼ ବଡ଼ ମାଛ, ଘରୁଆ ଛେଳି, କ୍ଷୀରୀପିଠା, ସରୁଚୂଡ଼ା, ଉଖୁଡ଼ା, ଦହି ଦୁଧ ଯିଏ ଯେତେ ମନଇଚ୍ଛା ଖାଇପାରେ । ହେଲେ ପିଲାଝିଲାଏ ବଡ଼ହୋଇ ଚାକିରିବାକିରି କରି ବଣଜଙ୍ଗଲ ଭିତର ପୈତୃକ ଚାଳଘରେ କାମକାର୍ଯ୍ୟ କରିବାକୁ ନାରାଜ । ବାଟଘାଟରେ ଗାଡ଼ି ମଟର ଅଟକିଯିବ । ସାଙ୍ଗସାଥୀ ଏତେଦୂରକୁ ମଫସଲକୁ ଯାଇପାରିବେ ନାହିଁ । ତାଙ୍କର ଯାହା ଦରକାର ମିଳିବ ନାହିଁ କିଏ ଆଇ.ଏ.ଏସ୍., କିଏ ସୁପରିଟେଣ୍ଡିଂ ଇଞ୍ଜିନିୟର, କିଏ ପ୍ରଫେସର, କିଏ ଓ ଏ.ଏସ୍. କିଏ ଏସ୍.ପି. କିଏ ବା ଡ଼ାକ୍ତର । ମଫସଲକୁ ଥରେ ପଶିଲେ ଠିକ୍ ସମୟରେ ଫେରି କାମରେ ଯୋଗ ଦେଇହବ ନା ହବ ସେମାନଙ୍କ ଭୟ । ତା'ଛଡ଼ା କାମଟା ଯେତେ ଆଡ଼ମ୍ବ୍ରା ଜାକଜମକରେ କଲେ ବି ଦେଖଣାହାରୀ କିଏ ? ସେଇ ମଫସଲର ଅସଭ୍ୟ ଜାନୁଅରଙ୍କ ପରି ତୁମ ଭୂମିଜ ସନ୍ତାନଙ୍କ ଦଳ, ସାଇର ବ୍ରାହ୍ମଣଗୁଡ଼ାକ ଅବା କେଉଁ ସଭ୍ୟ ଶିକ୍ଷିତ ଯେ । ଭି.ଆଇ.ପି. କେହି ନାହିଁ ।

ମୁଁ ତ ନିଜେ ବଡ଼ଲୋକ ନୁହେଁ, ଆଉ ଏ ବୟସରେ ହୋଇ ବି ପାରିବି ନାହିଁ । ଜମିଜାଇଗା ଅଛି । ଜୀବନଯାକ ଖଟିନୁଟି, ଦିନ ନାହିଁ ରାତି ନାହିଁ ଝାଳନାଳ ତୁଣ୍ଡରେ ମାରି କୁଲିମଜୁରିଆଙ୍କ ପରି ଦିନ କଟେଇଛି । ମଫସଲରେ ରହିଲେ ଲାଞ୍ଚମିଛ, ଟାଉଟରି, ଛୋଟଲୋକୀ କରି ସମ୍ପତ୍ତି ଅର୍ଜନ କରିବାକୁ ପଡ଼ିବ । ତା' ନ ହେଲେ ତୁମ ପାଖଲୋକ ତୁମକୁ ଟପିଯିବ ଗିଳିଦେବ ।

Digitized by srujanika@gmail.com

ଯା'ହେଉ ଗାଁରେ ସେ କାଳରେ ଅପର ପ୍ରାଇମେରୀ ସ୍କୁଲଟାଏ ଥିଲା । ପଞ୍ଚମ ଶ୍ରେଣୀରୁ ମୋର ପଢ଼ା ଶେଷ । ମୋର ତ ପାଠ ହେଲାନି, ପିଲାଗୁଡ଼ାଙ୍କୁ ଯା' ହେଲେ ବି ମୂର୍ଖ କରିବି ନାହିଁ, ଏହି ଜିଦ୍ ଧରିଥିଲି । ସବୁ ଯାଉ ବରଂ, ପିଲାଏ ପଢ଼ନ୍ତୁ । ଭାଗ୍ୟଭଲ, ଜଗନ୍ନାଥଙ୍କ ଦୟା । ପିଲାଏ ସୁନ୍ଦର ଅସୁନ୍ଦର ଯାହା ହେଉନ୍ତୁ, ଭଲ ପଢ଼ାପଢ଼ି କରି ନାଁ ଯଶ ତ ଅର୍ଜିଲେ । ବଡ଼ ବଡ଼ ଚାକିରି କରି କିଏ ଦିଲ୍ଲୀ, କିଏ କଲିକତା, କିଏ ଆସାମ, କିଏ କଟକ କିଏ ଭୁବନେଶ୍ୱରରେ ରହିଗଲେ । ସେମାନେ କମ୍ ଆସନ୍ତି ଘରକୁ, ମୁଁ ବି ଘରଧନ୍ଦା ଚାଷବାସ ଛାଡ଼ି ଏକୁଟିଆ ଲୋକ ସେମାନଙ୍କ ପାଖକୁ ଯାଇପାରେନି ଗଲେ ବି ଦିନେ ଦି' ଦିନ ରହି ଫେରିଆସେ ।

ଉପନୟନରେ କୁଆଡ଼େ କୋଡ଼ିଏ ହଜାରେ ଖର୍ଚ୍ଚ ହେବ । ଖାଲି ଏତିକି ଶୁଣିଛି ଝିଅବୋହୂ, ପୁଅପୁତୁରା, ଜୋଇଁ ସମୁଧିଙ୍କ ପାଇଁ ସବୁ ଲୁଗାପଟା ପୋଷାକପତ୍ର ବିଦେଶରୁ ଆସିଛି । ସହରର କେଉଁ ଭି.ଆଇ.ପି. ନିମନ୍ତ୍ରଣରୁ ବାଦ୍ ଯିବେ ନାହିଁ । ଲାଟସାହେବ, ମୁଖ୍ୟମନ୍ତ୍ରୀ, ଅନ୍ୟମନ୍ତ୍ରୀ ଏମ୍.ଏଲ୍.ଏ. ସମସ୍ତେ ଆସିବେ । କଲିକତାରୁ କୋବି ପନିପରିବା (ଅଦିନିଆଁ), ରସଗୋଲା, ସନ୍ଦେଶ, ଡ଼ବା ଡ଼ବା ଟିଣ ଟିଣ ଟ୍ରକରେ ଆସିଛି । ଏସବୁ କଥା ଭାବି ଭାବି ମୋତେ ଆନନ୍ଦ ଯେତେ ଲାଗୁଥାଏ ସେତେ ଦୁଃଖ ବି ଆସୁଥାଏ । ମୁଁ ଗରିବ ମଳିମୁଣ୍ଡିଆ ଲୋକ, ଏତେ ଦୁଃଖକଷ୍ଟ ସହି ସମ୍ପତ୍ତି ଅର୍ଜିଲି । ଆଜି ପୁଅମାନେ ସମ୍ପତ୍ତି ରୋଜଗାର କଲେ ବୋଲି ଏମିତି ବେପରୁଆ ଖର୍ଚ୍ଚକରି ଫୁଟାଣି ଦେଖାଇବାରେ ସବୁ ଉଡ଼ାଇଦେବେ, ତାଛଡ଼ା ମୁଁ ନିଜ କଥା ଭାବୁଥାଏଁ, କିମିତି ଏତେ ବଡ଼ କାମରେ ମୁଁ ଚଳପ୍ରଚଳ କରିବି, ମୋ ଚାଲିଚଳନ କିମିତି ହବ ।

ପୁଅମାନଙ୍କ ମାନସମ୍ମାନ ଅଛି । ସମସ୍ତଙ୍କ ଆଗରେ ମୋରି ପାଇଁ କାଳେ ସେମାନେ ହୀନିମାନିଆ ହେବେ, ସେଇ କଥାକୁ ମୋର ଚିନ୍ତା । ଆଗରୁ କେତେଥର ଏ ପୁଅ ସେ ପୁଅ ପାଖକୁ ଆସିଛି, କିନ୍ତୁ ମୋତେ ସିମିତି ବିଶେଷ ହଇରାଣ ହେବାକୁ ପଡ଼ିନି । ଘର ଭିତରେ ଥାଏଁ, ନାତିନାତୁଣୀ ଚାକର ପୂଜାରୀଙ୍କ ସାଙ୍ଗରେ । କେତେବେଳେ ରୋଷେଇଘର, କେତେବେଳେ ଭିତର ବାରଣ୍ଡାରେ ଚେୟାରଟାଏ ପକାଇ ଏକୁଟିଆ ବସି ଘରକଥା ଭାବି ସମୟ କଟାଏ । ବୈଠକଖାନାକୁ କମ୍ ଆସେ । ପୁଅ ଅଫିସ ଚାଲିଗଲେ ଦାଣ୍ଡକବାଟ ବନ୍ଦକରି ଓଡ଼ିଆ କାଗଜଟା ଚପରାସି ପାଖରୁ ମାଗିଆଣି ଏପଟ ସେପଟ ଲେଉଟାଇ ବଡ଼ ବଡ଼ ଅକ୍ଷର ସବୁ ପଢ଼େ, ଆଉ ଛବି ଦେଖେ । କେହି ଟ୍ରିଂ କଲେ ଘର ଭିତରକୁ ଯାଇ ଚାକରକୁ ଡ଼ାକିଦିଏ । ଖଣ୍ଡେ ଖୁରୁଧା ଲୁଙ୍ଗି, ହାତବାଲା ଗଞ୍ଜିଟାଏ ଘୋଡ଼ି ହୋଇଥାଏ । ଗାଁରେ ଏସବୁ ବି ଦରକାର ନାହିଁ । ଅଣଚାଳିଶା ଧୋତି ପିନ୍ଧା ଖାଲି ଦିହରେ ଜୀବନ କଟାଇଲି । କାଦୁଅ ଧୂଳିରେ ଘାଣ୍ଟିଚକଟି ହେଲେ ଏ ସବୁର କି ଦରକାର ? ସାବୁନ ମାଗେ ନାହିଁ କି ବାସନ ତେଲ

Digitized by srujanika@gmail.com

ଲଗାଏ ନାହିଁ । ଘଣାପେଡ଼ା ନିଜ ଚାଷର ସୋରିଷ ତେଲ ଦିହମୁଣ୍ଡରେ ଲଗାଏ । ବୁଢ଼ା କାକୁଡ଼ିର ଦିହପରି ଚିଡ୍‌ଚିଡ଼ା ମୋ ଦିହଯାକ ।

ଅନେକ ଥର ମୋ ପୁଅ, ବୋହୂ, ଝିଅ, ଜୋଇଁ, ମୋର (ବଦ୍) ଅଭ୍ୟାସ ଓ ଚାଲିଚଳନ ସଂଶୋଧନ କରି ଏବକାର କରିବା ଚେଷ୍ଟା କରିଛନ୍ତି । "ବାପା, ତୁମେ ଏଥର ପେଣ୍ଟ ସାର୍ଟ ପିନ୍ଧ", "ଅଜା ତୁମେ ପେନ୍ତଲୁନ ପିନ୍ଧୁନ", "ଦାଦି, ସୁନା ଫ୍ରେମ୍‌ର ଚଶମା ଲଗାଅ", 'ମଉସା ଦାନ୍ତ କେତୁଟା ଉପାଡ଼ି ପୁରା ସେଟ୍ ଲଗାଅ", "ଚାଲ, ସେଲୁନରେ ଚୁନ ରଙ୍ଗ କରି ଆଣିବା", "ଟିକେ ସଳଖ ହୋଇ ଚାଲ, ବଙ୍କେଇ ଚାଲୁଛ କାହିଁକି ?" ଏମିତି କେତେ କଥା ।

ମୁଁ ବିରକ୍ତ ହୁଏନି । ମୁଁ ବେଶ୍ ଜାଣିପାରେ ସେମାନେ ମୋତେ ସଫା ସୁତୁରା ଆଜିକାଲିକା ମଣିଷ କରି ଆଦର ଶରଧାରେ ତାଙ୍କର ପଙ୍ଗତରେ ମୋତେ ମିଶାଇବାକୁ ଚାହୁଁଛନ୍ତି । ସେମାନଙ୍କୁ ଅଡୁଆ ଲାଗୁଛି, ଅପମାନ ଲାଗୁଛି । ମୋତେ କଷ୍ଟ ଦେବେନି, ମୁଁ ବହୁ କଷ୍ଟରେ ଏକୁଟିଆ ଛୁଆପିଲାଙ୍କୁ ପାଳିଛି, ମଣିଷ କରିଛି । ହେଲେ ମୁଁ ନାଚାର । ସ୍ୱଭାବ ଛାଡ଼ିବି କେମନ୍ତ । ଦୁଇଦିନ ସିନା ତାଙ୍କ ପାଖରେ ଧୋବା ବଗ ସାଜିବ । ଗାଁକୁ ଫେରିଲେ, ପୁନର୍ମୂଷିକୋ ଭବ ।

ସେମାନଙ୍କୁ ବେଶି ଖରାପ ଲାଗେ ମୋର ଧୂଳିଧୂଷରିଆ କେନ୍‌ଭାସ୍ ବେଗ୍‌ଟା । ମୋତେ ସେଇଟା ଭାରି ସୁବିଧା, ଅନେକ ଜିନିଷ ଧରେ । ଜିନିଷ କହିଲେ ତା ଭିତରେ ଥାଏ ଛୁଆପିଲା, ନାତିନାତୁଣୀ ଭଲ ପାଉଥିବା ଚିଜ । ମୁଁ ଜାଣେ କିଏ କଣ ଭଲପାଏ । ଘରୁ ବାହାରିଲାବେଳେ ଗୋଟିକି ଗୋଟି ମନେ ପକାଇ ଧରିଥାଏ । ସେମାନଙ୍କ ବକ୍ତବ୍ୟର ସାର କଥା ହେଲା ମୁଁ ଏମିତି କନାର ଶାର୍ଟପେଣ୍ଟ କରିବି, ଯାହା ଧୂଳିମଳି ହବନି, ଭାଙ୍ଗ ପଡ଼ିବନି, ଆଉ ଯିବା ଆସିବା ପାଇଁ ଭଲ ବେଗ୍‌ଟାଏ କିଣେ ।

ଗତଥର ଯେବେ କୋଷ୍ଠୀପତ୍ର ଦେଖି ବ୍ରତୋପନୟନର ଦିନବାର ଧାର୍ଯ୍ୟ କରିବା ପାଇଁ ଆସିଥିଲି, ଫେରିଯିବାବେଳେ ପୁଅ ମୋ ହାତରେ ପାଞ୍ଚ'ଶ ଟଙ୍କା ଦେଇ ବହୁତ ନେହୁରା ହୋଇ କହିଲା, "ବାପା, ମୋର ସମୟ ହେଲାନି, ନହେଲେ ତୁମର ଶାର୍ଟ ପେଣ୍ଟ କରି ଦେଇଥାନ୍ତି, ଭଲ ବେଗ୍‌ଟାଏ କିଣିଦେଇ ଥା'ନ୍ତି । ତୁମେ ପଇତା ଘରକୁ ଆସିବାବେଳେ ଭଲ ଲୁଗା, ପଞ୍ଜାବି ପିନ୍ଧି ଆଉ ଭିଆଇପି ବେଗ୍‌ଟାଏ ଧରି ଆସିବ ।" ମୁଁ ପିଲାଛିଲାଙ୍କଠାରୁ ପଇସା ପତ୍ର କେବେ ନିଏନି, ଟଙ୍କା ଖଟେଇଲି ବୋଲି ପୁଅଙ୍କ ପାଖରୁ ସୁଧ ନେବି ? ହାତରେ ଗୁଞ୍ଜି ଦେଉଥିଲା ନୋଟ ବିଡ଼ା, ମୁଁ ହାତ ଛିଞ୍ଚାଡ଼ି ନୋଟ ଫୋପାଡ଼ି ଦେଲି । ତଥାପି କେତେ ଦିନ ପରେ ବୋହୂ ମନିଅର୍ଡର କରି ଟଙ୍କା ପଠାଇଲାରୁ ମୁଁ ବାଧହୋଇ ସେସବୁ କିଣିଲି । କୁପନରେ ଭିଆଇପି ନହେଲେ ଏରେଷ୍ଟକ୍ରେଟ୍ ବେଗ୍ ଲେଖାଥିଲା ।

Digitized by srujanika@gmail.com

ବୈଶାଖର ରୁଦ୍ର ଖରାରେ ସହରକୁ ଗଲି । ଲୁଣା କିଣିଲି ଏତେ ପତଳା ଯେ ଭିତର ପାଇଁ ଗେଞ୍ଜି କିଣିବାକୁ ପଡ଼ିଲା । ପଞ୍ଜାବି କଲି, ସେ ବି ଏତେ ପତଳା ଯେ ଦେହ ଢ଼ାଙ୍କିବା ପାଇଁ ଫେର୍ ଗେଞ୍ଜି କିଣିବାକୁ ପଡ଼ିଲା । ବେଗ୍ ପାଇଁ ଦିନଟାଏ ରହିବାକୁ ପଡ଼ିଲା । କାହିଁ ମିଳିଲା ନାହିଁ । ଜଣେ ଚିହ୍ନାଲୋକ ଦେଇ ପୁଅ କହିବା ମୁତାବକ ମିଲିଟାରୀ କେଣ୍ଟିନ୍‌ରୁ କିଣିଲି । ଦେଢ଼'ଶ କମ୍ ପଡ଼ିଲା । ସେ ବେଗ୍ ଫିଟାଇବା, ବନ୍ଦ କରିବା କିନ୍ତୁ କାଠିକର ପାଠ । ଦି' ତିନିଥର ଅଭ୍ୟାସ କରି ଖୋଲା ବନ୍ଦ କରିବା ଶିଖିଲି । ପିଲାଏ ଆମ କଥା ବୁଝିବେ ? ବୁଢ଼ା କାଳରେ କେତେ ନାଚ ନ ନଚାଇବେ । ଧୋତି ପଞ୍ଜାବି ସାଙ୍ଗକୁ ପୂରା ଜୋତା ନା ଚପଲ କଣ ମାନିବ ତା ଠିକ୍ କରିବାକୁ ଦଣ୍ଡେ ଗଲା ।

ଆଜି ବର୍ତ୍ତମାନ ଯେ ଏତେ ଶଙ୍ଖହୁଳହୁଳିରେ ଘର ଦୁଲୁକୁଛି ଏବଂ 'ବାପା ଆସିଲେ 'ଅଜା ଆସିଲେ', 'ଜେଜେ ଆସିଲେ' ଡ଼ାକରେ ଘର ଉଠୁଛି ପଡୁଛି, ତାହା ନିଶ୍ଚୟ ମୋତେ ଦେଖି, ମୋରି ପାଇଁ । ବିବାହ ବ୍ରତରେ ଅବଶ୍ୟ ଏ ଏକ ପ୍ରଥା । କେହି ଘନିଷ୍ଠ ଆତ୍ମୀୟସଜନ ବନ୍ଧୁବାସ, ଉତ୍ସବକୁ ଆସିଲେ ତାଙ୍କୁ ଏହି ରୀତିରେ ଘରକୁ ଆଦରରେ ଅଣାଯାଏ, କିନ୍ତୁ ମୁଁ କାହିଁକି ଭାବିଲି ଲମ୍ବା ଚଉଡ଼ା ଧୋତି, ଆଣ୍ଠୁ ତଳକୁ ଅଢି ପଞ୍ଜାବିରେ ହାବୁଡ଼ି ପଡ଼ିବା ଚାଲି, ଆଉ ହାତରେ ଭିଆଇପି ଦେଖି ସେମାନେ ଉଲ୍ଲସିତ ହେଉଛନ୍ତି । ସେମାନେ କେବେ କେହି ମୋତେ ଏ ରୂପରେ ଦେଖିନଥିଲେ ତ !

ଯେଉଁ ନାତିର ଉପନୟନ ହେବ (ବା ନାଆଁ ମନେପଡୁନି, ଏତେ ଗୁଡ଼ାଏ ନାତିନାତୁଣୀ, ନାଆଁ ତ ମନେ ରହେନି, ଚିହ୍ନିବା ବି ମୁସ୍କିଲ, କିଏ କାହା ପୁଅ କାହା ଝିଅ । ତା'ଛଡ଼ା ନାଆଁ ଗୁଡ଼ାକ ଲେଲିନ୍, ଶେଲିନ୍, ଷ୍ଟାଲିନ୍, ପରି ବିଦେଶୀ, ରାମ ଗୋବିନ୍ଦ ଗୋପାଳ ପରି ଓଡ଼ିଆ ନାଆଁ ନୁହେଁ । ସେ ମୋ ହାତରୁ ଭି.ଆଇ.ପି. ଛଡ଼ାଇ ନେଇ (ଭାବିଛି ତା ପାଇଁ ଅବଶ୍ୟ କିଛି ତା ଭିତରେ ଥିବ) ଲମ୍ବା ପାହୁଣ୍ଡ ପକାଇ ଆଗେ ଆଗେ ଚାଲିଛି । ତା ଦେଖାଦେଖି ଆଉ ଦୁଇ ତିନିଟା ନାତି ନାତୁଣୀ ତା ସାଙ୍ଗରେ ଯୋଗଦେଇ ଭି.ଆଇ.ପି. ଧରିବେ ବୋଲି ଦ୍ୱନ୍ଦ୍ୱ ଆରମ୍ଭ କଲେଣି । ମୋତେ ଜଣାଗଲା, ଯିମିତି ମୋ ଉପନୟନ ହେବ, ନାତିର ନୁହେଁ ।

ପାଛୋଟି ନେଉଁ ନେଉଁ ନାତି ପଚାରିଲା 'ଜେଜେ ଭି.ଆଇ.ପି. ଟା ନୂଆ କିଣିଲ ?"

ନାତୁଣୀ ପଚାରିଲା "ଅଜା, ଏ ଧୋତି ପଞ୍ଜାବି ଚପଲ ସବୁ ନୂଆ ?"

ଆଉ ଜଣେ ପଚାରିଲା 'ତୁମକୁ ଚାଲିବାକୁ ଅତୁଆ ଲାଗୁଛି ?"

ମୁଁ କିଛି ଉତ୍ତର ଦେଲିନି କେଉଁ ପ୍ରଶ୍ନର । ଭାବିଲି 'ଯେଉଁଠି ବଥା ସେଇଠି ଠୋକର ଦେବା ବିଦ୍ୟା ନାତିନାତୁଣୀ ବି ଶିଖିଲେଣି ଏ ବେଳୁଁ ?"

Digitized by srujanika@gmail.com

ବୈଠକଖାନା ଭିତର ଦେଇ ଯାଉଛି ଇଂରାଜୀ ସ୍କୁଲରେ ପଢୁଥିବା ନାତି ପଚାରିଲା, "ତୁମେ ତ ନିଜେ ଜଣେ ଭି.ଆଇ.ପି, ଭି.ଆଇ.ପି. ଗୋଟାଏ କିଣିବାର କି ଦରକାର ଥିଲା ?"

ମୁଁ କିଛି ବୁଝିପାରିଲି ନାହିଁ ପ୍ରଶ୍ନର ମର୍ମ । ପାଖରେ ଥିବା ନାତୁଣୀ ପଚାରିଲା, "ଜେଜେ ଭିଆଇପି କଣ ?"

"ଭି.ଆଇ.ପି. ମାନେ ଭିଆଇପି ,ଯିମିତି ବାକ୍ସ ମାନେ ବାକ୍ସ ଭିଆଇପି ଗୋଟାଏ ବେଗ୍‌ର ନାମ ।"

ସମସ୍ତେ ହସିଲେ । ନାତି କହିଲା 'ଜେଜେ ! ଭି.ଆଇ.ପି. ମାନେ ଜାଣନି ? ଭି.ଆଇ.ପି. ଭେରି ଇମ୍ପର୍ଟେଣ୍ଟ୍ ପରସେନ୍ ।"

"ତା'ର ମାନେ ? କାଲ ଆଗରେ ମୂଳା ଚୋବାଉଛୁ ?"

"ତାର ମାନେ ବଡ଼ଲୋକ, ତୁମେ ପରା ଜଣେ ଭାରି ବଡ଼ଲୋକ, ନ ହେଲେ ଆମେ ସବୁ ତୁମକୁ ଇମିତି ଓଏଲ୍ କମ କରିଥାନ୍ତୁ ?"

"ମୁଁ ଯଦି ଭିଆଇପି ଯେଉଁଟା ଧରିଛୁ ସେଇଟା କ'ଣ ?"

"ଯେଉଁମାନେ ଭାରି ବଡ଼ଲୋକ ସେମାନେ ଧରିବା ପାଇଁ ଏ ବେଗ୍, ବୁଝିଲ ?"

ମୋତେ ସେମାନେ ନେଇଗଲେ ଗୋଟାଏ ବଡ଼ କୋଠରୀକୁ ଯେଉଁଟା ବ୍ରହ୍ମଚାରୀ ପାଇଁ ସଜାସଜି ହୋଇଛି । ସମସ୍ତେ ଭି.ଆଇ.ପି. କୁ ଘେରିଗଲେ । ଝିଅଝିଆଣୀ, ବୋହୂ ଭୁଆସୁଣୀ ସମସ୍ତେ ମୋତେ ଘେରିଲେ ଯିମିତି ମୁଁ ଗୋଟିଏ ଦର୍ଶନୀୟ ଜୀବ ।

"ବାକ୍ସ ଫିଟାଅ ଜେଜେ ।" "ମୋ ପାଇଁ କଣ ଅଛି ?" "ମୋ ପାଇଁ କଣ ଆଣିଛ ?" "ମୋ ପାଇଁ କଣ ?" ମୋ ପାଇଁ- ?" ଶବ୍ଦରେ ମୋ କାନ ଅତଡ଼ା । ତରବରରେ ବାକ୍ସଟା ଫିଟୁନି ନମ୍ବର ମେଳ ଖାଉନି, ଭୁଲ ନମ୍ବର ଯୋଡୁଛି । ପକେଟରୁ କାଗଜ ଫିଟାଇ ନମ୍ବର ପଢ଼ିଲି । ବାକ୍ସ ଫିଟିଲା । ସମସ୍ତେ ଆଗ୍ରହ ଔତ୍ସୁକ୍ୟରେ ବାକ୍ସ ଭିତରକୁ ଚାହିଁଲେ ଯେମିତି ଯାଯାବରମାନେ ଗାଁ ଗଣ୍ଡାରେ ବୁଲି ବାୟସ୍କୋପ ଦେଖାଇ 'ଦିଲ୍ଲୀକା ସହର ଦେଖୋ' "ଆଗ୍ରାକା ତାଜମହଲ ଦେଖୋ" "ଲଙ୍ଗଳା ମାଇକିନା ଦେଖୋ"କହିଲା ବେଳେ ଉପୁରାଉପୁରି ହୋଇ ପୁଅଝିଅ ବାକ୍ସ ଭାଙ୍ଗିବା ଅବସ୍ଥାକୁ ଆସନ୍ତି ।

ବାକ୍ସ ଫିଟିଲା । ଭିଆଇପି ବେଗ୍ ।

ପ୍ରଥମେ ବାହାରିଲା ଗୋଟାଏ ବଡ଼ କଣ୍ଟା ଶାଳପତ୍ର ଠୁଙ୍ଗାରେ ଘରୁଆ ଗୁଆଘିଅର ଆରିଷାପିଠା, ତଳକୁ କାକରା ଆଉ କେତୁଟା ଭଜାମଣ୍ଡା । ପିଲାଗୁଡ଼ାକ ଓଃ ଅଃ ହେଲେ, ଟକ୍‌ଟାକ୍ ହେଲା ତାଙ୍କ ଜିଭ ।

Digitized by srujanika@gmail.com

ଗୋଟାଏ ଫାଳେ ଯାହାକୁ ଯିମିତି ବାଣ୍ଟିଦେଲି । କହିଲେ, "ବଢ଼ିଆ । ପେଡ଼ା, ସନ୍ଦେଶ, ରସଗୋଲାଠୁଁ ଭଲ ।"

ତାପରେ ବାହାରିଲା ପୋଖରୀ ତୋଟାର ମହୁଭଣ୍ଡାର ଆମ୍ବ ଥଳି । ଛୋଟ ଛୋଟ, ମହୁପରି ମହକ, ମହୁପରି ମିଠା, ଟାକୁଆରେ ଚେର ନାହିଁ । ଚୋଷି ଚୋଷି ଗୋଟିଏ ଲେଖାଏଁ ଖାଇଲେ ସମସ୍ତେ । କହିଲେ "ଅମୃତପରି ଲାଗୁଛି ।"

ତାପରେ ଅଗଣାର ବନାରସୀ ପିଜୁଳି । ହାତରେ ଗୋଟାଏ ଗୋଟାଏ ଧରିଲେ । କହିଲେ "ପଛେ ଖାଇବା ।"

ଏଥର ଝିଅଝିଆଣୀଙ୍କ ପାଇଁ ଚିଜସବୁ ବାହାରିଲା । ପ୍ରଥମେ ବାହାର କଲି ଧଳା ବିରିର ଖୁବ୍ ମୁଲାଏମ୍ ଖସାବଡ଼ି । ବଡ଼ ବଡ଼ ମଣ୍ଡା ପରି । ତଳେ ପଡ଼ିଗଲେ ଗୁଣ୍ଡ, ଚୂନା ହୋଇଯିବ । ବଡ଼ଝିଅ ଭାରି ଭଲପାଏ ।

ତାପରେ ଆମ୍ବ ଆଚର । ପୁରୁଣା, ଗଲାବର୍ଷର । ପାଟିରୁ ଲାଳ ଝରିଲା । ସମସ୍ତଙ୍କର । ମଝିଆ ଝିଅ, ବଡ଼ ବୋହୂଙ୍କ ଭାରି ପ୍ରିୟ ।

ପରେ ପରେ ବିରୁଡ଼ି ପୋକ ସାଇଜ୍‌ର ବଡ଼ ବଡ଼ ସଫେଦ୍ ଧଳା ମସ୍‌ମସିଆ ମୁଢ଼ି, ପାୟସ ବା କ୍ଷୀରୀ ପାଇଁ ବାସମତୀ, ପିମ୍ପୁଡ଼ିବାସ ଅରୁଆ ଚାଉଳ । ସାନଝିଅ, ସାନବୋହୂଙ୍କ ପାଇଁ ଅବଶେଷରେ କିଛି ଖସାଲଡୁ ଓ ବାଡ଼ିନଡ଼ିଆରେ କୋରା ଏବଂ ତାସଖେଳର ଟୀକ୍‌କା ପରି ବାହାରିଲା । ଗାର୍ଡ଼ିଆର ବାଉଁଶତରୀ ମାଛର ସୋରିଷବଟା କଞ୍ଚାଲଙ୍କା ଓ ଗୋଟା ରସୁଣ ଦିଆ ପତୁଆ ।

ଗୋଟିକି ଗୋଟି ଚିଜ ବାହାର କରୁଥାଏଁ ଭିଆଇପି ସରୂପ ବଦଳି ବଦଳି ଯାଉଥାଏ ଏବଂ ସବୁ ଚିଜ ପଦାକୁ ଆସିବା ପରେ ମୋ ନିଜ ସରୂପଟି ଅର୍ଥାତ୍ ମସିଆ ତେଲଚିକିଟା ପଶାପାଲିଆ ଗାମୁଛାଟି ଦିଶିଲା ।

"କି ଗନ୍ଧ !" କହି ଅନେକ ଆଡ଼ ହୋଇଗଲେ, ଭିଡ଼ ଭାଙ୍ଗିଗଲା, ମାତ୍ର କେତେଜଣ ଥାନ୍ତି, କାଳେ ଗାମୁଛା ତଳେ କିଛି ଅଲଭ୍ୟ ପଦାର୍ଥ ଅବା ଥିବ । ଗାମୁଛା ଉଠାଇ ଆଣିଲି । ବାହାରିଲା ମୋର ଖୁରୁଧା ଲୁଙ୍ଗି, ମସିଆ ହାତଥିବା ଗେଞ୍ଜି, ହାଫ୍ ଶାର୍ଟ ଏବଂ ନିତ୍ୟ ବ୍ୟବହାର୍ଯ୍ୟ କେତୋଟି ଚିଜ, ଯଥା ... ବିଡ଼ାଏ ଶାଳ ଦାନ୍ତକାଠି, ଠିପିଦିଆ ସୋରିଷ ତେଲ ଶିଶି ତ୍ରିଫଳାଗୁଣ୍ଡ ବୋତଲ, ଚନ୍ଦନ ପେଡ଼ି, ଚନ୍ଦନକାଠ, ରୁଦ୍ରାକ୍ଷମାଳା, କାଗଜରେ ମାହାର୍ଘ କେତେ ମୂର୍ତ୍ତି, ପ୍ଲାଷ୍ଟିକ୍ ପାନିଆଁ ଏବଂ ସର୍ବରୋଗହର ଅମୃତାଞ୍ଜନ ଡ଼ବା ।

"ଶୂନ୍ୟ ଭିଆଇପି ବନ୍ଦ କରିବାକୁ ଯାଉଛି ନାତିଟିଏ ପଚାରିଲା, ଅଜା ! ତୁମେ ଟିକେ ମଫ ଅଛ ?"

"ମାନେ ?" ମୁଁ ବୁଝି ନପାରି ଓଲଟି ପଚାରିଲି ।

Digitized by srujanika@gmail.com

ମଫ ଜାଣନି ? ଚୂଡ଼ା, ଚୂଡ଼ା, 'ମଫ' ମାନେ ମଫସଲି ।"

"ଆରେ ବୋକା ! ଟିକେ କାହିଁକି, ପୂରା 'ମଫ', ତୋ କଥା ଅନୁସାରେ ତୋର ଅଜା, ଜେଜେ ଯିମିତି ଚୂଡ଼ା, ମଫ, ତୋର ବାପ କକା ବି ସିମିତି ମଫ, ଚୂଡ଼ା । ସେମାନେ ଆଉ କେଉଁଠୁ ଉଡ଼ି ଆସିଛନ୍ତି କି ? ସେଇ ଏକା ଗାଁରୁ, ଗୋବିନ୍ଦପୁରରୁ । ଦାଢ଼ି ରଖିଲେ ସମସ୍ତେ ଯେମିତି ଗୋପବନ୍ଧୁ ହେବେନି, ଭି.ଆଇ.ପି. ଧଇଲେ ସିମିତି ଭି.ଆଇ.ପି. ବନି ଯିବେନି । ଆମ ପୂର୍ବପୁରୁଷ ଯେଉଁମାନେ ବଟୁଆ ଧରୁଥିଲେ ସେମାନେ କଣ ଭିଆଇପି ନଥିଲେ ? ବଟୁଆ ଯାହା ଭି.ଆଇ.ପି. ସେଇଆ ।"

ପୁଅ କାନରେ କିଏ କଣ କହିଲା ସେ ଧାଇଁ ଆସିଲା । ଭି.ଆଇ.ପି. ଫିଟାଇ ଦେଖିଲା । କହିଲା, "ବାପା ! ତୁମେ ଭିଆଇପି କୁ ଏମିତି ବ୍ୟବହାର କରୁଛ ? ଆରିଷା ପିଠା, କୋରାର ଘିଅ ତେଲ ସବୁ, ମାଛ ପତୁଆର ଦାଗ ଲାଗି ଭି.ଆଇ.ପି. ର ଲାଇନିଂ କଣ ହୋଇଛି ? ତୁମ ଦେଇ ଆଉ ହବନି । ଏସବୁ ଚିଜ ଏତେ ଦାମିକା ଭିଆଇପି ରେ କାହିଁକି ରଖୁଥିଲ ? ଭି.ଆଇ.ପି. ଭିତରେ କଣ ଏମିତି ରବିଶ୍ ଥାଏ ? ଏଗୁଡ଼ା କାହିଁକି ଆଣୁଥିଲ ?

ଏଥର ମୋତେ ଭାରି ଚିଡ଼ି ମାଡ଼ିଲା । କହିଲି, ଆଉ କଣ ଚୋରାରେ ବିଦେଶରୁ ସୁନା ଇଟା, ସୁନା ବିସ୍କୁଟ୍, ଘଡ଼ି, କେମେରା ଆଣି ଜେଲ ଯାଇଥାନ୍ତି ? ନା ଘର ଖୋଳିତାଡ଼ି ସିନ୍ଦୁକ ଭାଙ୍ଗି ସବୁ ଆଣି ଏଇଠି ଗଦା କରିଥାନ୍ତି ? ତୁମେ ସବୁ କ'ଣ ଭି.ଆଇ.ପି. ଦେଇଛ ସେମିତି ଭି.ଆଇ.ପି. ହେବା ପାଇଁ ଆରେ ତୁ କ'ଣ କହୁଛୁ ? ମୁଁ ଭି.ଆଇ.ପି. ର ଅଧୀନ ନା ଭି.ଆଇ.ପି. ମୋର ଅଧୀନ ?"

ଉପନୟନ ଶେଷରେ ମୁଁ ଫେରିଲାବେଳେ ପୁଅ ଗୋଟାଏ ବଡ଼ ଅଖା ଥଳି ଦେଇ କହିଲା "ବାପା, ତୁମେ ଭି.ଆଇ.ପି. ବ୍ୟବହାର କରି ଜାଣିବି ଏଇଟା ନିଅ, ଅନ୍ୟଥରକୁ ବେଶୀକରି ଚିଜସବୁ ଆଣିପାରିବ ।"

Digitized by srujanika@gmail.com

# ସଦ୍‌ଗତି

ସାମନା ରାସ୍ତା ବନ୍ଦ । ଏକ ବିରାଟ ଶୋଭାଯାତ୍ରା । ଶବ ଶୋଭାଯାତ୍ରା । ଏତେ ଛୋଟ ସହରରେ ଏତେ ବଡ଼ ଶୋଭାଯାତ୍ରା କେହି କେବେ ଦେଖିନଥିବେ; ଶୁଣି ନଥିବେ, କଳ୍ପନା ବି କରି ନଥିବେ ।

ଶବ ଶିବା କୁମ୍ଭଃ । ଦେଖିଲେ କୁଆଡ଼େ ଅଶେଷ ଶୁଭ, ଲାଭ । ଜଣେ ବଡ଼ଲୋକ (ଆଇଜି ପାହ୍ୟାର, ସେ ମରିଗଲେଣି) ଥିଲେ ଯେ ସେ ଜୀପ୍‌ରେ ଯେବେ ଯାଉଛନ୍ତି ଶବଟିଏ ଦେଖିଲାମାତ୍ରେ ଯେତେ ନୀଚ ହୀନ ଅନାମଧେୟ ଦରିଦ୍ର ବ୍ୟକ୍ତିର ଶବ ହେଉ ପଛକେ ଗାଡ଼ିରୁ ଓହ୍ଲାଇପଡ଼ି ଯୋତା ଖୋଲି ମୁଣ୍ଡ ତଳକୁ ପୋତି ଛିଡ଼ାହୋଇ ଯାଉଥିଲେ । କହୁଥିଲେ; "ସ୍ୱର୍ଗତ ଆତ୍ମା ପ୍ରତି ସମ୍ମାନ ଦେଖାଇବାରେ ଆଉ ଯୋଗ ମିଳିବ ନାହିଁ । ଏଇ ଶେଷ ଚାନ୍ସ ବଡ଼ଲୋକେ ଯାହା କହନ୍ତି କରନ୍ତି ସାନ ଲୋକେ ତାହା ଅନୁକରଣ କରିଥାନ୍ତି ।

ଶୋଭାଯାତ୍ରାଟିର ସର୍ବାଗ୍ରେ ଛାମୁଆ ସୈନ୍ୟ ତିନୋଟି, ଛିଣ୍ଡା କନାକୁ ଗୁମାଲ କରି ମୁଣ୍ଡରେ ଗୁଡ଼ାଇଛନ୍ତି । ଜଣେ ଧରିଛି କୋଦାଳ, ଅନ୍ୟଜଣେ କାନ୍ଧେଇଛି କୁରାଢ଼ୀ ତୃତୀୟ ଜଣକ ଝୁଲାଇଛି ଗବ ଡ଼ାଙ୍ଗର ତେପାୟାର ସାମାନ୍ୟ ଧୂଆଁ ବାହାରୁଥିବା ଉହ୍ଲେଇଟିକି, ସମସ୍ତଙ୍କ କଳରେ ମୋତିହାରୀ କଞ୍ଚା ଦୋକତା । ମେଞ୍ଚା ମେଞ୍ଚା ଛେପ ଫିଙ୍ଗି ଚାଲିଛନ୍ତି ନିର୍ବିକାରରେ; ଗୋବରପାଣି ପଡୁଥିବା ରାସ୍ତାରେ । ଉହ୍ଲେଇ ଧରିଥିବା ଲୋକଟି ତୁଳସୀ ଗଛଟିଏ କାନ୍ଧରେ ଜାବୁଡ଼ି ଧରି ବିଡ଼ିଟିଏ ଟାଣୁଚି । କହିବା ବାହୁଲ୍ୟ, ଏମାନେ ସମସ୍ତେ ଭଡ଼ାଟିଆ ସୈନ୍ୟ । ପଇସା ଆଗ, ଆବେଗ ବା ଇମୋଶନ ପଛକଥା । ପଇସା ପକାଅ ଜୁଇ ଖୋଳିଦେବୁ, ପଇସା ପକାଅ, କାଠ ବୋହିବୁ କାଟିବୁ, ପଇସା ପକାଅ କୃଷ୍ଣ ତୁଳସୀ ବି ପୋତିଦେବୁ । କିଏ ମଲା, କାହିଁକି ମଲା, କେତେ ବୟସ, କେତେ ଧନୀ, ସେ ସବୁ ଜାଣି ତାଙ୍କର ଲାଭ କଣ ? ଘଟ ଛୁଟିଲେ ମଡ଼ା । ଏଇ ମଡ଼ାହିଁ ଏକମାତ୍ର ସତ୍ୟ ।

ସେମାନଙ୍କ ପଛକୁ ଶୁକ୍ଳ କେଶ ସହିତ ମେଳରଖି ଧଳା ଓଢ଼ଣିଟି ଦିହରେ ଘୋଡ଼ାଇ ହୋଇ ଚାଲିଛନ୍ତି ଜଣେ ଷାଠିଏ ବା ତଦୂର୍ଦ୍ଧ୍ୱ ବୟସର ମୁରବୀ ଚେହେରାର ଲୋକଟି । ଫୁଲ ସହିତ ନୂଆ ଚକଚକିଆ ପାଞ୍ଚଦଶ ପଇସି ବିଞ୍ଚି ବୁଣି ପିଚୁରାସ୍ତା ଧଳା କରି କରି ଚାଲିଛନ୍ତି ସେ ଧୀରେ, ଅତି ଧୀରେ, ଯନ୍ତ୍ରଚାଳିତ ପରି । ଏକାନ୍ତ ଶୋକାର୍ତ୍ତ, ନିର୍ବାକ୍ । ଘୁଷୁରି ସାହିର କଳା କଳା ଘୁଷୁରି ଛୁଆ ଓ ମଣିଷ ପିଲା ପଇସା ଲୋଭରେ ହସଖୁସିରେ ଆମ୍ଭୁଡ଼ା ଆମ୍ଭୁଡ଼ି ଛଡ଼ାଛଡ଼ି ହୋଇ ଯେଉଁ ସାମଞ୍ଜସ୍ୟ ଓ ବୈପରିତ୍ୟ ଯୁଗପତ୍ ସୃଷ୍ଟି କରିଛନ୍ତି ତାହା ସେ ଲକ୍ଷ୍ୟ କରୁନାହାନ୍ତି । ତାଙ୍କ ଦୃଷ୍ଟି ପୂରାପୁରି ଅନ୍ତର୍ମୁଖୀ । ଆଶ୍ୱାସନା ଛଳରେ ତାଙ୍କୁ ଯଦି କେହି କେହି "ଆପଣ ଇମିତି

Digitized by srujanika@gmail.com

ଭାଙ୍ଗି ପଡୁଛନ୍ତି କାହିଁକି ? ବୁଢ଼ା ଆଉ କେତେଦିନ ବଞ୍ଚିଥାନ୍ତେ ? ପାଚିଲା ପତର ଝଡ଼ି ପଡ଼ିଲା । ବେଶୀଦିନ ବଞ୍ଚିଥିଲେ ନିଜେ ଭୋଗିଥାନ୍ତେ, ପୁଅ ବୋହୂଙ୍କୁ ହଇରାଣ କରିଥାନ୍ତେ, ଆପଣ ଦୁଃଖ କଲେ ବୁଢ଼ାଙ୍କ ଆତ୍ମାର ସଦ୍‌ଗତି ହେବନି" ପ୍ରକୃତ ଦୁଃଖୀ ମୁହଁରୁ ଭାଷା ଫୁଟେ ନାହିଁ, ବଲବଲ ବୋକାଙ୍କ ପରି ଚାହିଁ ରହିଥାଏ । ଛାତ ଭିତରେ ଉହ୍ନେଇ ନିଆଁ କୁହୁଳୁଥାଏ । କିନ୍ତୁ ସହାନୁଭୂତିର କାଉଁରୀ କାଠରେ ହୃଦୟ ଚନ୍ଦଟିକି ଛୁଇଁଦେଲେ କୋହର ନିଆଁ ଦପ୍ କରି ଜଳି ଉଠେ; ସେଇ ନିଆଁ ପୁଣି ପାଣି ହୋଇ ଆଖିରୁ ଝରଝର ଝରେ । ତାପରେ ଯାଇ ମୁହଁରୁ ଭାଷା ଫୁଟେ । ଶୋକ ବିଧୁର ବୃଦ୍ଧଟି ହୁଏତ ଉତ୍ତର ଛଳରେ କହିଥାନ୍ତେ; "ମୁଁ ସବୁ ବୁଝିଛି, ଦେବତା ହୋଇଲେ ବି ମର୍ତ୍ତମଣ୍ଡଳେ ମରିବ। ତାଙ୍କର ବୟସ ହୋଇଯାଇଥିଲା । ସେ ଥିଲେ ଅଥର୍ବ, ଅକର୍ମା, ମୋଟ କଥାରେ ଆପାତଦୃଷ୍ଟିରେ ଇତରଜନ ପକ୍ଷରେ ହୁଏତ ତାଙ୍କ ମୂଲ୍ୟହୀନ, କିନ୍ତୁ ମୋ ପକ୍ଷରେ ତାଙ୍କ ଜୀବନ ମହା ମୂଲ୍ୟବାନ । ମୋ ଆଖିରେ ସେ ଦେବତା । ଖଟୁଲିର କାଠପଥର ପରି ବସିଥାନ୍ତି । ଉତ୍ତିଷ୍ଠ କହିଲେ ଉଠନ୍ତି, ତିଷ୍ଠ କହିଲେ ବସନ୍ତି, ଶୟନଂ କୁରୁ କହିଲେ ଶୁଅନ୍ତି । ଠିକ୍ ଗୋବିନ୍ଦଙ୍କ ପରି କିଛି ଦେଖନ୍ତିନି, ଶୁଣନ୍ତିନି, କହନ୍ତିନିନି କିନ୍ତୁ ବଡ଼ପୁଅର କେତେ ଦମ୍ଭ । ମାଆ ବାପା କୋଳରେ, ଚଢ଼େଇ ପେଟତଳେ କେତେ ନିଦକ ନିର୍ଭୟ ମଣିଷ ପିଲାଟି, ପକ୍ଷୀ ଶାବକଟି । ପରିବାରର ମଝିଖୁଣ୍ଟ ଗଡ଼ିପଡ଼ିଲା" ତାଙ୍କ କଣ୍ଠ ବାଷ୍ପରୁଦ୍ଧ ହୁଅନ୍ତା । ବୃଦ୍ଧଟି ମୁହଁରୁ ଖୁବ୍ ଅସ୍ପଷ୍ଟ ଗଳାରେ କେତେବେଳେ କେମିତି ଆପେ ଆପେ 'ହରି' 'ଭଗବାନ' 'ବାପା' ବାପା ପରି ଗୋଟିକିଆ ଶବ୍ଦ ଆସୁଛି ।

ତାଙ୍କ ପଛକୁ ମହାପଥର ଯାତ୍ରୀଟି । ଛଖଣ୍ଡି ବାଉଁଶର ଡୋକେଇରେ ଉପରକୁ ମୁହଁକରି ସୂର୍ଯ୍ୟ ଆଡ଼କୁ ଚାହିଁ ଚିର ନିଦ୍ରାରେ ଶୋଇ ଯାଇଛନ୍ତି । ଶତାବ୍ଦୀର ଚନ୍ଦନ ଚର୍ଚ୍ଚିତ କପାଳ, ଶାନ୍ତଶିଷ୍ଟ ଘୁମନ୍ତ ଶିଶୁଟିର ବଦନମଣ୍ଡଳ । ଶୋଭାଯାତ୍ରାର ଦୁଃଖସୁଖ ଆନନ୍ଦ କୋଳାହଳର ଊର୍ଦ୍ଧ୍ୱରେ ସେ ରହିଛନ୍ତି ଚାରିଜଣଙ୍କ ସ୍କନ୍ଧ ପ୍ରଦେଶରେ । ସୂର୍ଯ୍ୟ କିରଣରେ ତାର ଲାଲ ପ୍ରଦେଶ ଉଦ୍ଦୀପ୍ତ, ଏପରିକି ଜୀବନ୍ତ । ମୁଣ୍ଡଟି ତକିଆରେ ଏପଟ ସେପଟ ହେଉଥିଲା ବେଳେ କେତେବେଳେ ଦିଶୁଛନ୍ତି ମାହାତ୍ମା ପରି, ଆଉ କେତେବେଳେ ପୂର୍ଣ୍ଣାତ୍ମା ପରି, ପୁଣି କେତେବେଳେ କୁଳବୃଦ୍ଧ ପରି ।

ଭାଗ୍ୟବାନ ବୁଢ଼ାଟି । ଯଥେଷ୍ଟ ସଂଖ୍ୟାରେ ପୁତ୍ର ସନ୍ତାନର ଜନକ ଥିବାରୁ ସିନା ସେମାନଙ୍କ କାନ୍ଧରେ ଚଢ଼ି, ଦୁର୍ଯ୍ୟୋଧନ ଲକ୍ଷ୍ମଣକୁମାର ଶବ ଉପରେ ରକ୍ତ ନଦୀ ପାରି ହେଲାପରି ସେ ଯାଉଛନ୍ତି । ନହେଲେ ସେ ତପ୍ତ ବୈତରଣୀ ପରି ହୁଅନ୍ତେ କ'ଣ, ଘୋଷଡ଼ା ହୋଇ ଫୋପଡ଼ା ହୋଇଥାନ୍ତେ, ଅସଂସ୍କୃତ, ଅସତ୍‌କୃତ ଅବସ୍ଥାରେ ତାଙ୍କ ଆତ୍ମା ଗଛଲତାରେ ପ୍ରେତ ହୋଇ ଓଲଟା ଝୁଲୁଥାନ୍ତା । ଶବ ବାହକ ଚାରିଜଣ ନିଶ୍ଚିତ ରୂପେ ବୁଢ଼ାଙ୍କ ପୁତ୍ର ସନ୍ତାନ । ପୂର୍ବ ଅଗ୍ରଗାମୀ ବୃଦ୍ଧଙ୍କ ଚେହେରା ସହିତ

Digitized by srujanika@gmail.com

ଗୋଟି ଫର୍ମାଜ ଇଟା ଗୁଡ଼ିକର ମେଳ ଥିଲାପରି, ସେମାନେ ପାଦକୁ ପାଦ ମେଳ ରଖି ହିନ୍ଦୀ ଋଷି ଭାଇ ଭାଇ ପରି ଚାଲିଛନ୍ତି, ଅଗ୍ରଜ ଯୁଧିଷ୍ଠିର ଉପରେ ସବୁ ଦାୟିତ୍ୱ (ବଡ଼ଭାଇ ଜ୍ୟେଷ୍ଠାଂଶ ନେବ କାହିଁକି ଯଦି ବାପାଙ୍କୁ ମୁଖାଗ୍ନି ନ ଦେବ, ଶୌଚାଶୌଚ ନ ପାଳିବ, ଶୁଦ୍ଧକ୍ରିୟା ନ କରିବ ?) ଲଦିଦେଇ ସେମାନେ ଟିକିଏ ଲଘୁମନା ଥିଲାପରି ଜଣାଯାଉଛନ୍ତି । ସେମାନେ ତାଳଦେଇ ଧୀରେ ଧୀରେ ଲମ୍ବାଇ ଲମ୍ବାଇ ଏକ ତାନରେ କହୁଛନ୍ତି । "ରାମ ନାମ ସତ୍ୟ ହେ ।" ପ୍ରଥମ ଥର ପାଇଁ ଜୀବନରେ ଏ ପଦକ ଉଚ୍ଚାରଣ କରୁଥିବାରୁ ସେମାନଙ୍କୁ କେମିତି ଅଡୁଆ ଲାଗୁଛି । ବିରାଟ ବିରାଟ ଅଥଚ କେତେ ସରଳ ସତ୍ୟଟାକୁ ଉପଲବ୍ଧ କରିବାକୁ ମଣିଷକୁ ଏତେ ଡ଼େରି ଲାଗେ କାହିଁକି ?

କୋକେଇର ଠିକ୍ ପଛକୁ ଶୋକ ସନ୍ତପ୍ତ ସମ୍ପର୍କିତ ଭ୍ରାତା, ଭାତୁଷ୍ପୁତ୍ର ଆତ୍ମୀୟ, ଜାମାତାବର୍ଗ ଚାଲିଛନ୍ତି । କିଏ ସଦ୍ୟ ପରିହିତ, କିଏ ବା ଅନାବୃତ, କିଏ କିଏ ମୁଣ୍ଡ ଉପରେ ଗାମୁଛା ବା ତଉଲିଆ ପକାଇଛନ୍ତି, ମୁହଁଟିଯାକ ଦିଶୁନାହିଁ, କୁଳବୃଦ୍ଧଙ୍କ ମହାପ୍ରୟାଣରେ ସେମାନେ ବି ଉଣା ଅଧିକେ ମୂହ୍ୟମାନ । ପୂର୍ବସୂରୀ ସହିତ ଯଥା ସମ୍ଭବ ତାଳ ଦେଇ ଚାଲିଛନ୍ତି, ଗାଉଛନ୍ତି କେତେବେଳେ ଗୀତାରୁ କେତେବେଳେ ଭାଗବତରୁ "ନ ହନ୍ୟତେହନ୍ୟ ମାନେ ଶରୀରେ," ଅଚ୍ଛେଦ୍ୟୋୟଂ ଅଦା ହ୍ୟୋୟଂ, ବ ସାଂସି ଜୀର୍ଣ୍ଣାନି, କରି କରାଉଥାଏ ମୁହଁ, ଜୀବର ଭଲମନ୍ଦ ବାଣୀ । କେତେବେଳେ ମନେ ପଡୁନି, କେତେବେଳେ ଉଚ୍ଚାରଣ ହେଉନି, କେତେବେଳେ ବ୍ୟାକରଣ ଶୁଦ୍ଧ ହେଉନି, ଆତ୍ମାର ସଦ୍‌ଗତି କାମନା କରି ମଝିରେ ମଝିରେ ହରିବୋଲ, ହରି ଇ ଇ ବୋଲ ଧ୍ୱନି ଦେଉଛନ୍ତି ।

ଅବିମିଶ୍ରିତ କ୍ଷେତରୁ ଧାନଗଛ ମରିଗଲେ ଯିମିତି ଖାଲି ବାଲୁଙ୍ଗା ଜନ୍ମେ, ଶାଳଗଛର ଜଙ୍ଗଲ ନଷ୍ଟ ହୋଇଗଲେ ଯିମିତି ଧଅ, ଅସନ, କେନ୍ଦୁ, ରାଇ, କସି ଆଦିର ମିଶାମିଶି ଜଙ୍ଗଲର ଉଦ୍ଭବ ହୁଏ, ପରବର୍ତ୍ତୀ ଦଳଟି ସେଇ କିସମର । ମୋଟା ମୋଟା ପେଟା, ପେଟା ବଙ୍କାଟଙ୍କା, ଅନାବନା ଲୋକଗୁଡ଼ାକ । ଅଧିକାଂଶ ବ୍ୟବସାୟ ବାଣିଜ୍ୟରେ ଦୋକାନ ବଜାରରେ ଦିନରାତି କଟାନ୍ତି । ବୁଢ଼ା ଥିଲେ ସେମାନଙ୍କ ପକ୍ଷରେ ଏକ ଜାତୀୟକୃତ ବେଙ୍କ । ସେମାନଙ୍କ ବେଦମନ୍ତ୍ର ଶୁଭଲାଭ । ତାଙ୍କ ମତରେ ଲାଭଟାହିଁ ଶୁଭ ରୂପେ ଯୁଗେ ଯୁଗେ ଭାରତୀୟ ସଂସ୍କୃତିର ପରମ୍ପରା । ବୁଢ଼ା ମରିବାରେ ଯେତେ ଦୁଃଖ ନାହିଁ 'ଶୁଭ ଲାଭ'ର ବ୍ୟତିକ୍ରମରେ ତା'ଠୁଁ ବଳି ଦୁଃଖ । ଲାଭ ଗୁଡ଼ ପିମ୍ପୁଡ଼ିରେ ଯାଉଛି । "ସ୍ମରଣିକା ଚାନ୍ଦା ଦିଅ" "ପାର୍ଟିକୁ ଚାନ୍ଦା ଦିଅ" "ଜୟନ୍ତୀକି ଚାନ୍ଦା ଦିଅ" ପୂଜା ଚାନ୍ଦା, ସ୍କୁଲ କଲେଜ ଚାନ୍ଦା, ଯାତ୍ରା ଥିଏଟର ଚାନ୍ଦା, ସେଲ ସଟେକ୍‌ସ, ଇନ୍‌କମ ଟେକ୍ସ ଏଇସବୁ ବିଷୟରେ ସେମାନଙ୍କ କଥାବାର୍ତ୍ତା ସମସ୍ତଙ୍କ ପୋଷାକ ଏକରକମର । ଦିନେ ନା ଦିନେ ମହାତ୍ମାଙ୍କ ଶବ ଶୋଭାଯାତ୍ରାରେ

Digitized by srujanika@gmail.com

ଲୋକ ଦେଖାଣିଆ ଯିବାକୁ ହେବ । ତେଣୁ ଖରାରେ ଦିହର ଚମଡ଼ା ବେରଙ୍ଗ ହୋଇପାରେ ବୋଲି ସତର୍କ ରହି ଉପଯୁକ୍ତ ପୋଷାକ ପିନ୍ଧି ଚାଲିଛନ୍ତି । ମୃତ୍ୟୁରେ ସେମାନଙ୍କର ବିଶ୍ୱାସ ନାହିଁ, ଟଙ୍କା ପଇସାର ଅଭାବ ହେଲେ, ବ୍ୟବସାୟ ମାନ୍ଦା ହେଲେ, ମୃତ୍ୟୁ ଆସିଲା ବୋଲି ଏବଂ ପୋଲିସ୍ ପଗଡ଼େଇଲେ ଯମ ଆସିଲା ବୋଲି ସେମାନେ ଭାବନ୍ତି । ମେଣ୍ଟବାନ୍ଧି ଚାଲିବାରେ, ଶବ ପଛରେ ହେଲେ ବି ଆନନ୍ଦ ଗର୍ବରେ ପାନଖାଇ, ଛାତି ଫୁଲାଇ ଚାଲିଛନ୍ତି, ଫେରିଲା ବେଳକୁ ନିଶ୍ଚୟ ଯୋର ଭୋଜ ହେବ, ଏଇ ଆଶାରେ ।

ଏମାନଙ୍କ ପଛକୁ ଅନେକ ନାଆଁ ନାହିଁ ଗୋତ୍ର ନାହିଁ, ବୃଦ୍ଧ ସହିତ ତାଙ୍କର କଣ ସମ୍ପର୍କ, ସେମାନେ କହିପାରିବେ ନାହିଁ । ପୌତ୍ର କ'ଣ, ନାତି କଣ ଜାଣନ୍ତି ନାହିଁ । ସେମାନେ ସ୍ୱୟଂଭୁ ବୋଲି ନିଜକୁ ଭାବନ୍ତି । ନ ତାତୋ ନ ମାତା। ବିଚିତ୍ର ରୂପ ବିଚିତ୍ର ବେଶଭୂଷା, ବିଚିତ୍ର ଜୀବନ ଦର୍ଶନ ସେମାନଙ୍କର । ଅଗଷ୍ଟ ୧୯୪୭ ପରେ ଏମାନଙ୍କ ଜନ୍ମ । ସ୍ୱାଧୀନତା କେବଳ ଚାଖିନାହାନ୍ତି, ପିଇ ପିଇ ବଢ଼ିଛନ୍ତି । ଏମାନେ ପ୍ରଥମ ପୁରୁଷ ବା ଦ୍ୱିତୀୟ ପୁରୁଷ ନୁହଁନ୍ତି, ତୃତୀୟ ପୁରୁଷ । ୟାଙ୍କ ବ୍ୟାକରଣରେ ଅତୀତ ନାହିଁ, ଭବିଷ୍ୟତ ନାହିଁ ଅଛି କେବଳ ନିତ୍ୟପ୍ରବୃତ୍ତ ବର୍ତ୍ତମାନ କାଳ । ଏମାନେ କେବଳ ମୁଡ୍ ଉପରେ ବିଶ୍ୱାସ କରନ୍ତି ଓ ସବୁବେଳେ ମୁଡ୍ ଉପରେ ଥାନ୍ତି । ସେମାନଙ୍କ ମତରେ ଏଇ ମୁଡ଼ ହିଁ ପ୍ରଗତିର ଲକ୍ଷଣ । ମାନବ ଜୀବନର ସାଫଲ୍ୟ ଏଇ ମୁଡ଼ର ସଂଖ୍ୟା ଓ ପରିମାଣର ସମଷ୍ଟି ଦ୍ୱାରା ହିଁ ମପା ଯାଇପାରେ। ତାଙ୍କ ମତରେ ଆତ୍ମାର ସଦ୍‌ଗତି ମଧ ନିର୍ଭର କରେ ଏଇ 'ମୁଡ୍' ମାନଙ୍କ ଉପରେ । ମୃତ୍ୟୁରୁ ଏପରିକି ମୁର୍ଦ୍ଦାରରୁ ମଧ ଏମାନେ ସେଥିପାଇଁ ମଜା ପାଆନ୍ତି । ଏହି ଶୋଭାଯାତ୍ରାରେ ସେମାନଙ୍କୁ କେହି ଲୋଡ଼ିନାହିଁ, ଆପେ ଆପେ ଆସିଛନ୍ତି ଏକ ମହତ ଅଭିପ୍ରାୟ ନେଇ । ପୂର୍ବପୁରୁଷଙ୍କୁ ବତି ଦେଖଇ ନାତିର ପବିତ୍ର ଦାୟିତ୍ୱ ଓ କର୍ତ୍ତବ୍ୟ ତୁଲାଇବା ପାଇଁ । ସେମାନେ ନାତୁଣୀମାନଙ୍କୁ ମଧ ଶୋଭାଯାତ୍ରାରେ ଆଣିବାର ବ୍ୟବସ୍ଥା କରୁଥିଲେ ମାତ୍ର, ବୃଦ୍ଧମାନଙ୍କ ଘୋର ବିରୋଧ ଫଳରେ ତାହା ସମ୍ଭବ ହେଲାନାହିଁ । ନାତି ନାତୁଣୀ (ଭାଇ, ଭଉଣୀ) ଯୋଡ଼ାଯୋଡ଼ି ହୋଇ ବତି ଦୀପ ଦେଖାଇଥିଲେ ପ୍ରଥମ ପୁରୁଷଙ୍କ ସଦ୍‌ଗତି ସାବଲୀଳ ହୋଇଥାନ୍ତା । ଏମାନଙ୍କର (କି ପୁରୁଷ କି ସ୍ତ୍ରୀ) ସବୁ କଡ଼ା ଚିଜ ଲୋଡ଼ା । କଡ଼ା ଜରଦାଦିଆ ପାନ, କଡ଼ ଇସ୍ତ୍ରୀ କରା ପୋଷାକ, କଡ଼ା ପପ୍ ମିଉଜିକ୍, କଡ଼ା ଗଞ୍ଜାଦିଆ ସିଗାରେଟ୍, ଧୁତୁରାମଞ୍ଜି ଏପରିକି ଗୋଖରସାପର ବିଷଦିଆ ମୋଦକ; ଏମିତିକି ମୁଣ୍ଡରେ ପିଠିରେ ବେକରେ ମେସାଜିଂ ସେଲୁନର କାରିକଦିଆ ମାଡ୍ । ମୁଣ୍ଡ ଭିତରଟାକୁ ଛେଚାକୁଟା ପିଟାପିଟି ନକଲେ ବ୍ରେନ୍ ଠିକ୍ ଫଙ୍କସନ୍ କରୁନି ଏ ବୁଢ଼ାଙ୍କ ଅମଳରେ, ରାଜୁତିରେ ।

Digitized by srujanika@gmail.com

କଡ଼ା ଗଳାରେ ଦଳର 'ଦାଦା' ଜଣକ କହିଲେ, ଏମିତି ଶୋଭାଯାତ୍ରାରେ ଗଲେ ଆତ୍ମାର ସଦ୍‌ଗତି ବିଲକୁଲ ହେବନି, ଧୁମୁଷା, ମାଦଳ, ବେଣ୍ଡପାର୍ଟି ଯାହା ହେଉ ବ୍ୟବସ୍ଥା କର । ଚୁପ୍‌ଚାପ୍ ହୋଇ ତିନି କିଲୋମିଟର ବାଟ ଆମେ ଯାଇପାରିବାନି । ବୁଢ଼ାଙ୍କୁ ସ୍ୱର୍ଗକୁ ପଠାଇବା ପରା ।"

ଅନେକ ସମସ୍ୱରରେ ଚିତ୍କାର କଲେ, ଯୋର ତାଳି ଦେଇ ଠିକ୍ କହିଛୁ ଭାଇ ।

ଶୋଭାଯାତ୍ରା ଆଉ ଆଗକୁ ଯାଇପାରିଲା ନାହିଁ। ପ୍ରଗତି ବନ୍ଦ ହେଲା, ଜଣେ କିଏ ପାଖ ହରିଜନସାହି ଭିତରେ ଅନ୍ତର୍ଦ୍ଧାନ ହୋଇଗଲା ଏବଂ ପାଞ୍ଚମିନିଟ୍ ଭିତରେ ଫେରି କହିଲା; ଏଠି ଧୁମୁଷା ମାଦଳ କିଛିନାହିଁ, ଅଛି ଝାଞ୍ଜ, ମୃଦଙ୍ଗ, କଂସାଳ । ସେଗୁଡ଼ିକ ବି ବିନ୍ଧା ପଡ଼ିଛି । ଖରାଦିନରେ ସିନା କାମଦାମ ସାରି ଦଣ୍ଡେ ସଞ୍ଜବେଳେ ସଂକୀର୍ତ୍ତନ ନାଟକୀର୍ତ୍ତନ କରୁଥିଲେ; ଏବେ ଅଭାବରେ ଆଉ ହରିନାମ କରୁନାହାନ୍ତି । ପଇସା ଦେଲେ ଯାଇ ବାଦ୍ୟଯନ୍ତ୍ର ସବୁ ମୁକୁଳାଇ ଆଣିବେ ମହାଜନପାଖରୁ । ସେଇଆ ହେଲା, କର୍ମକର୍ତ୍ତାଙ୍କ ଠାରୁ ଟଙ୍କା ଆସିଲା ଏବଂ ଅଳ୍ପ କେତେ ମିନିଟ୍ ପରେ ତାଳମାନ ବିହୀନ ବେସୁରା କର୍ଣ୍ଣକଟୁ ହେଲେ ବି ବାଜି ଉଠିଲା ଝାଞ୍ଜ ମୃଦଙ୍ଗ । ଏତେ ଜୋର ଯେ ଖୋଳର ଚମଡ଼ା ସମ୍ଭାଳିଲେ ହେଲା ।

ଜଣେ ଯେମିତି କରିଛି ହରେକୃଷ୍ଣ ହରେନାମ ନିତାଇ ଗଉରା ଆଉଜଣେ ତା ମୁହଁ ବନ୍ଦକରି ଦେଇ କହିଲା । ଯାବେ ଶଳା! ବଙ୍ଗାଳୀ କୀର୍ତ୍ତନ ହେବନି ।" ଆଉଜଣେ ସଙ୍ଗେ ସଙ୍ଗେ ଗାଇଲା "ଈଶ୍ୱର ଆଲ୍ଲା ତେରେ ନାମ..." ତାକୁ ପୁଣି ଆଉଜଣେ ବନ୍ଦ କରିଦେଲେ କହିଲା 'ଯାବେ ଶଳା ହିନ୍ଦୁ, ମୁସଲମାନ ଦଣ୍ଡକେ କଳି ହଣାକଟା ଲାଗି ଯାଉଛନ୍ତି, ଈଶ୍ୱର ଆଲ୍ଲା କେମିତି ଏକାଠି ରହିବେ ? ମାନୁଛି; ବୁଢ଼ାଏ କୀର୍ତ୍ତନଟି ଭଲ ପାଉଥିଲା, ହେଲେ ଜାତିଆଣ, ସାମ୍ପ୍ରଦାୟିକତା ସଦ୍‌ଗତିର ବିରୋଧ କରିବ "ଆଚ୍ଛା ଓଡ଼ିଶୀ କୀର୍ତ୍ତନ କିଏ ଜାଣ ? ଯା ଶଳା । ଓଡ଼ଶୀ କୀର୍ତ୍ତନ, ବଙ୍ଗାଳୀ କୀର୍ତ୍ତନ, ଗୁଜୁରାଟି କୀର୍ତ୍ତନ, କେରଳୀ କୀର୍ତ୍ତନ କେତେ କୀର୍ତ୍ତନ ଅଛି ବେ ?"

ଯୁବ ଦଳରେ ଗୋଟିଏ ପିଲା ଥିଲା ଯେ ଗୁଲୁଗୁଲି, ଚେପାମୁହାଁ, ଯାତ୍ରା ପାର୍ଟିର ଝିଅ ପାର୍ଟ କରୁଥିବା ପିଲାଟି ପରି ଛିଟଶାର୍ଟ ଓ ପେଣ୍ଟ, ନିଶ ନାହିଁ, ନାରୀର ଚୂଳ ପରି ଚୂଳ, ବେଣୀ କରିହେବ । ଦାଦାଗିରି କରୁଥିବା ଦଳପତି ତା ଆଡ଼କୁ ଚାହିଁ ଯେମିତି ଠାରିଦେଉଛି, ସେମିତି ସେ ଗୋଡ଼ ଫରକଟା କରି ପିଙ୍ଗଳ ଚକ୍ଷୁ ଭଙ୍ଗୀ ସହିତ ଜିନତ୍ ଅମନ ଠାଣିରେ ନାଚି ଆରମ୍ଭ କରିଦେଲା 'ହରେକୃଷ୍ଣ ହରେରାମ' ଫିଲ୍ମ ସଂଗୀତ ଅନୁକରଣରେ କୀର୍ତ୍ତନଟି । ଦଳଟିଯାକ ଏତେ ସମୟ ଯାକେ ଏଇଟିକି ଯିମିତି ଖୋଜୁଥିଲେ । ଫିଲ୍ମ ଦୃଶ୍ୟଟି ଦୋଦୂଲ୍ୟମାନ ଭଙ୍ଗୀରେ ମହାକୋଳାହଳରେ ପିଚୁ ରାସ୍ତାରେ ଦିନ ଦିପହରରେ ଅଭିନୀତ ହେଲା । ଅହୋରୂପମ୍ ମହୋ ଧ୍ୱନି ।

Digitized by srujanika@gmail.com

ଶୋଭାଯାତ୍ରାର ପୃଷ୍ଠଦେଶରେ ଲାଞ୍ଜ ହଲାଇ ହଲାଇ ମୂର୍ଦ୍ଧାର ଗନ୍ଧ ବାରି ଚାଲିଥିଲା ଗୁଗ୍‌ଣୀ କୁକୁରଟିଏ ଅବିକଳ ଯେମିତି ବିଷୁବ ସାରଳା ଏକାଡ଼େମୀ ଅବା ଜ୍ଞାନପୀଠ ପୁରସ୍କାର ଆଶାରେ ମନ୍ଦ ଦୁଃସ୍ଥ କଳାକାରଟିଏ; ପୃଷ୍ଠପୋଷକ ଏବଂ ବିବେଚକ ମାନଙ୍କ ପଛରେ ଚାଲିଥାଏ ଯଶୋଗାଥା ଗାଇ ଗାଇ ।

ଚାହୁଁ ଚାହୁଁ ପ୍ରଗତିପନ୍ଥୀ ଦଳଟି ଧାଁ ଦଉଡ଼ କରି ବୁଢ଼ା ଦଳକୁ ଠେଲି ପେଲି ଶୋଭାଯାତ୍ରାର ପ୍ରଥମ ସ୍ଥାନ ଦଖଲ କରିଗଲେ । ହରି, ଭଗବାନ, ବାପା, ମା, ଗୀତା ଭାଗବତ ଯାହା କାହା କାହା ମୁହଁରୁ ବାହାରୁଥିଲା ସବୁ ବନ୍ଦ । କେବଳ ବିକଟ ନୃତ୍ୟ, ବିକଟ ସ୍ୱର, ବିଶୃଙ୍ଖଳତାର, ରାଜତ୍ୱ ମଝିରେ ମଝିରେ ତୃଷ୍ଣା ନିବାରଣ ନାଆଁରେ ବୋତଲ ବୋତଲ ଶୁକ୍ର ସଂଜୀବନୀ ବା ମୃତସଂଜୀବନୀ ସୁରା ପଡ଼ୁଥିବାରୁ ଶୋଭାଯାତ୍ରାର ପ୍ରଗତି ସହିତ ଆତ୍ମାର ସଦ୍‌ଗତି ମଧ ପାଖେଇ ଆସୁଥିଲା । ମଶାଣିରେ ପହଞ୍ଚିବା ପୂର୍ବରୁ କିଛି ଏଲ୍ ଏସ୍ ଡ଼ି ସେବନ ପରେ ପରେ ପିଲାଟାର ପୂରାପୁରି ରାଧା ଭାବ ଆସିଗଲା ଏବଂ ଜଣକୁ ଜଣ ନୃତ୍ୟକାରକୁ ନାରୀଭ୍ରମରେ କୁଣ୍ଢାଇବାକୁ ଲାଗିଲେ । ସେମାନଙ୍କର ମାମୁଲିମୁଡ୍ ରହିଲା । ଯୁଗଯନ୍ତ୍ରଣା ଜୀବନ ଯନ୍ତ୍ରଣା ବୈଫଲ ନୈରଣ୍ୟ ଆଦି ଅନ୍ତର୍ଦ୍ଧାନ ହୋଇ ସେଇ ଗୋଟିଏ ମୁଡ୍‌ର ପରିପ୍ରକାଶ ହେବାକୁ ଲାଗିଲା । ହରେକୃଷ୍ଣ ହରେରାମରୁ ସେମାନେ ଚାଲିଲେ "ଯିସ୍‌କା ବିବି ମୋଟୀ ହେ" ଆଡ଼କୁ । ଶ୍ମଶାନରେ ପହଞ୍ଚିଲାବେଳକୁ ପ୍ରତ୍ୟେକେ ସେଇ ଗୋଟିଏ ମୁଡ୍‌ରେ ଅବତାର ବନି ଯାଇଛନ୍ତି । ମଣିଷ ପିଲା ବୋଲି ଚିହ୍ନି ହେଉନଥାଏ ।

ଜୁଇ ପ୍ରସ୍ତୁତ ହେଲା, ମହାତ୍ମା, ପୁଣ୍ୟତ୍ମା କୁଳବୃଦ୍ଧଙ୍କ ଶେଷଦର୍ଶନ ପାଇଁ ତିନିପୁରୁଷଯାକ ସକୁଟୁମେ ସବାନ୍ଧବେ ଯସ୍ତଷ୍ଟତି) ଘେରିଗଲେ । ବଞ୍ଚିଥିବା ବେଳର କୁଳବୃଦ୍ଧଙ୍କ ହସ ହସ ମୁହଁଟି ଅଧିକ ସରସ ଦିଶୁଥାଏ । ସଦ୍‌ଗତି ପାଇଁ ମିନିଟ୍‌ଏ ନୀରବ ପ୍ରାର୍ଥନା ଚାଲି ଥିଲାବେଳେ ସଂକୀର୍ତ୍ତନ ଦଳ ସେଇ ଗୋଟିଏ ଧାଡ଼ି ହିଁ ଉନ୍ମତ୍ତ ପ୍ରେତ ନୃତ୍ୟ ସହିତ ଗାଇ ଚାଲିଥାନ୍ତି । ଦାଦା ଜଣକ ହଠାତ୍ ବୁଢ଼ାଙ୍କ ଆଡ଼କୁ ଆଙ୍ଗୁଳି ଦେଖାଇ ମାକବେଥ୍ ନାଟକରୁ ଇଂରାଜୀରେ କହିଲେ **After lifes fretful fever** ବୁଢ଼ା **sleeps well** । ରାଧା ଭାବାଶ୍ରିତ ପିଲାଟି ହସି ହସି କହିଲା ବୁଢ଼ା ହସୁଛନ୍ତି, ତାଙ୍କର ସଦ୍‌ଗତି ହେଲା ଏଇ ଦେଖ । ତା' କଥାରେ ତାଳଦେଇ ଆଉ ଜଣେ କହିଲା "ଶଳା ବୁଢ଼ାକୁ ଅଲବତ୍ ଆରପାରିକୁ ଭଲକରି ପଠାଇବାକୁ ହେବ, ନ ହେଲେ ତାର ଭୂତ ଆମକୁ ଖାଇବ ।"

ଲେଲିହାନ ଅଗ୍ନିଶିଖା ବୁଢ଼ାକୁ ଦଗ୍ଧ କାଷ୍ଠପରି କଲାବେଳକୁ 'ଯତବରଷେକା' ଦଳଟା ପୂରା ମୁଡ୍‌ରେ ଚୈତନ୍ୟ ହରାଇ "ଚେତନ ଅଚେତନ" ସମାନ ପରି ହୋଇଥାନ୍ତି ।

Digitized by srujanika@gmail.com

ହଠାତ୍ କଣ ହେଲା କେଜାଣି ହୁଏତ ଜୁଇର ବଡ଼କାଠ ଗଣ୍ଡିଟା ଜଳି ଜଳି ସ୍ଥାନଚ୍ୟୁତ ହେଲା, ହୁଏତ ମୁର୍ଦ୍ଦାରର ଗୋଡ଼ ଦୁଇଟାର ହାଡ଼ ହଠାତ୍ ନିଆଁ ତାତିରେ ସଳଖ ହୋଇଗଲା । ହୁଏତ ମୁଡ଼୍‌ରେ ଥିଲେ ଯୁବକମାନଙ୍କୁ ଏମିତି ଦିଶେ କୁଳବୃଦ୍ଧଙ୍କ ଶବ ନଭସ୍ପର୍ଶୀ ଅଗ୍ନିଶିଖାରେ ଛିଡ଼ା ହୋଇଗଲା । ଦାଦା, ଅଟ୍ଟହାସ୍ୟ କରି ସମସ୍ତଙ୍କୁ ଚମକାଇ କହିଲା, ଦେଖ ବୁଢ଼ା ହସୁଛି, ତା'ର ଆତ୍ମାର ସଦ୍‌ଗତି ହେଉଛି ଦେଖ, ଜୟ ମାହାତ୍ମା ଗାନ୍ଧୀଜି ଜୟ ।"

ଶବସଂସ୍କାର ପରେ ନଈରେ ସ୍ନାନ କରି ଅଶ୍ୱତଥ୍ ଗଛ କୁଣ୍ଢାଇ ଅନ୍ୟମାନେ ହରିନାମ ଜପି ଜପି ଘରକୁ ଫେରିଲେ । ସଂସ୍କାରକ ଓ ପ୍ରଗତିବାଦୀମାନେ କିନ୍ତୁ ମଶାଣିରେ ପଡ଼ି କେବଳ ହଡ଼୍ ହଡ଼୍ କରି ମୁଢ଼ ଗୁଡ଼ାକ ବାନ୍ତି କରୁଥାନ୍ତି ଏବଂ ମୁର୍ଦ୍ଦାର ପରି ଚେତାନଶୁନ୍ୟ ଅବସ୍ଥାରେ ନିଜ ନିଜର ସଦ୍‌ଗତି କା ନା କରୁଥାଆନ୍ତି ।

ଆଉ ସେହି କୁକୁରଟି ! ହାୟ ହାୟ ! ଧର୍ମରାଜ ଯୁଧିଷ୍ଠିରଙ୍କ ସହିତ ନାଗଧିରାଜ ହିମାଳୟ ଦେଇ ଏକଦା ସ୍ୱର୍ଗପୁରକୁ ଯାଇଥିବା କଥା ଭୁଲି ଅଗ୍ନିଙ୍କ ଉଦ୍ଦେଶ୍ୟରେ ବହୁ ପୂର୍ବରୁ ଉତ୍ସର୍ଗୀକୃତ ଶବରୁ ପୁଳାଏ ପାଇବାରୁ ବଞ୍ଚିତ ହୋଇ ଘାସ ପତର ଉପରର ମୁଡ଼ଗୁଡ଼ାକ ଚଟାଚଟି କରୁଥିଲା ।

# ଏକ ଲାଲ୍ ସ୍ମୃତି : ଗୋଟିଏ କାଠ ଚମ୍ପାର

କ'ଣ ଗୁଡ଼ାଏ ବସି ବସି ଲେଖାଲେଖି କରୁଥାଏ । କୁଆଡୁ ଖଣ୍ଡିଆଭୂତ ପରି ଘର ଭିତରକୁ ପଶିଆସି ମୁନୁ ଚେୟାରର ବାହୁ ଆଉ ମୋ ବାହାକୁ ଲେସି ହୋଇ ଗେହ୍ଲେଇ ହୋଇ କହିଲା, "ବାପା ଆସ, ଦେଖିବ ।" ମୁଁ ତା ଆଡ଼କୁ ନ ଚାହିଁ ଲେଖି ଚାଲିଲି । ସେ ପ୍ରତି ବ୍ୟସ୍ତ ହୋଇ ପୁଣି ଟଣାଭିଡ଼ା କରି ଡ଼ାକିଲା । "ଆସନା, ଆସନା, ବାପା !" ପିଲାଟା କୁଆଡ଼େ ଘୂରାଫେରା କରୁଥାଏ, ହଠାତ୍ ଘରକୁ ପଶି ଆସେ, କଣ ଟିକିଏ ପିଇଦେଇ ବା ପାଟିରେ ପକାଇ ପୁଣି ବାହାରିଯାଏ ଯିମିତି ତାର କେତେ କାମ ଚାରିଆଡ଼େ ପଡ଼ିଛି । ଖରାଦିନ, ମୁହଁଟି ଲାଲ କାଠ ଚମ୍ପାର ରଙ୍ଗ, ନାକରେ ବିନ୍ଦୁ ବିନ୍ଦୁ ଝାଳ, କଙ୍କଡ଼ା ଗୋଡ଼ପରି କେରାଏ ଦୁଇକେରା ଚୂଳ କପାଳରେ ଝୁଲୁଥାଏ ।

Digitized by srujanika@gmail.com

ମୁନୁର ଅଳିଦଳି ମୋତେ ଗଲା ଛଅବର୍ଷ ହେଲା ସମ୍ଭାଳିବାକୁ ପଡ଼ିଛି, ତା ମାଆ ଚାଲିଗଲା ଦିନରୁ । ଦେଢ଼ବର୍ଷର ହୋଇଥାଏ ମାଆ ଛେଉଣ୍ଡ ହେଲା । କାଳେ ତା' ମାଆ କେଉଁଠି ଲୁଚି ଛପି ଦେଖୁଥିବ, ମୁଁ ତା' ପୁଅର ତତ୍ତ୍ୱ ନେଉଛି କି ନାହିଁ, ସେଇଥିପାଇଁ ମୁଁ ପିଲାଟିର ଲାଳନ ପାଳନ, ସୁଖସୁବିଧା ପାଇଁ ଜୀବନ ଉତ୍ସର୍ଗ କରିଦେଇଛି । ତା ଛଡ଼ା ପିଲାଟା ଜିଦ୍‌ଖୋର, ଯେଉଁ କଥା ଧରିଥିବ ତାକୁ ଛାଡ଼ିବ ନାହିଁ । ତା ମୁହଁଟି ବିଶେଷତଃ ଆଖି ଯୋଡ଼ାକ ଅବିକଳ ତା ମାଆ ପରି । ଦଣ୍ଡେ ସେ କୁଆଡ଼େ ଚାଲିଗଲେ ମୋତେ ବାୟା ପରି ଲାଗେ ।

ପୁଣି ଯେମିତି ହାତ ଧରି 'ଆସନା' କହିଲା ମୁଁ ବାହାରକୁ ଆସିଲି । ସେ ଧାଇଁଯାଇ ମୋ ଦୃଷ୍ଟିକୁ ଆକର୍ଷଣ କଲା ଅଗଣା ପାଚେରୀରେ ଦୁଇ କାନ୍ଥ କଣର ସେଇ ସ୍ଥାନକୁ ଯେଉଁଠି ଗୋଟିଏ କଳା ତୁଳସୀ ଗଛ କେଉଁ ଦିନରୁ ବାହାରି ଜଟା ମେଲିଛି । ନଇଁ ପଡ଼ି ଆଙ୍ଗୁଳିରେ ତୁଳସୀ ମୂଳରେ ଗୋଟିଏ ଛୋଟ ପଥରକୁ ଦେଖାଇ ସେ କହିଲା, 'ହେଇ ଦେଖ ଠାକୁର । ତୁମେ ମହାଦେବ ପୂଜା କରୁଛ, "ମୁଁ ବି କରିବି ।" ମୁଁ କହିବାକୁ ଯାଉଥିଲି, ମହାଦେବ ତୁଳସୀ ମୂଳରେ ରହନ୍ତିନି, ଚୁପ୍ ରହିଗଲି । ପାଖକୁ ଯାଇ ଦେଖିଲି ଯେଉଁ ଅଣ୍ଡାକାର ମସୃଣ ପଥରଟାକୁ କାଗଜ ଚାପା ଦେବାପାଇଁ ଟେବୁଲରେ ଆଣି ରଖିଥିଲି, ତାକୁ ସେ ପୋତିଛି ଏବଂ ଚାରିପଟ ସଫାସୁତୁରା ଚିକ୍କଣ କରି ସୁନ୍ଦର ଆଣି ପଥରଟି ଉପରେ ଲଗାଇଛି । ଏ ପଥରଟି ବଳଙ୍ଗ ନଈର ଶଯ୍ୟାରୁ ସେ ପାଇଥିଲା, ଯେତେବେଳେ ଆମେ ବଣଭୋଜି କରିବାପାଇଁ ବଣକାଟି ବୋଲି ଜାଗାକୁ ଯାଇଥିଲୁ । ସେଇଠି ପାଣି ପ୍ରତି ତାର ଭୀଷଣ ଭୟର ପ୍ରଥମ ଜନ୍ମ । କାଳେ ମୋ ବାଡ଼ିପଟ ଗାଡ଼ିଆରେ ଅକସ୍ମାତ୍ ସେ ଖସି ବୁଡ଼ିଯିବ, ସେଥିପାଇଁ ତାକୁ ବଳଙ୍ଗ ନଈରେ ପହଁରା ଶିଖାଉଥିଲି । ସେଇ ଟ୍ରେନିଂ ଓ ଏକ୍‌ସପେରିମେଣ୍ଟରେ ସେ ଉବୁଟୁବୁ ହୋଇ ଦୈବାତ୍ ରକ୍ଷାପାଇଲା ସିନା, ପାଣିକି ଭୟ ରହିଗଲା । କ୍ରମେ ସେ ଭୟ ବଢ଼ିଲା ବରଂ କମିଲାନି । ଏମିତି ଭୟ ଯେ ଛୋଟ ନାଳଟିଏ ଜୀପ୍‌ରେ ଚଢ଼ିପାରି ହେବାକୁ ନାରାଜ, ତାକୁ କାନ୍ଧରେ ବସାଇ ନବାକୁ ପଡ଼େ । ମୋର ବି ଭୟ କାଳେ କେଉଁ ଦିନ ପାଣିରେ ବୁଡ଼ିଯିବ । ସହର ଯାକ କୂଅ, ପୋଖରୀ, ଗାଡ଼ିଆ, ନଈନାଳ । ହେଲେ କେତେ ନଜର ବା ରଖିବ ତା ଉପରେ ? ସେ କଣ ଛୋଟ ଶିଶୁ ହୋଇଛି ? ଦିନଯାକ ୟା ଘର ତା ଘର ହେଉଛି । ମା ଛେଉଣ୍ଡ ବୋଲି ସାଇପଡ଼ିଶା ତାକୁ ଭାରୀ ଆଦର ଯତ୍ନ କରନ୍ତି । ଖାଇବାକୁ ପିଇବାକୁ ଦିଅନ୍ତି । ଏଡ଼ିକି ଚାଖଣ୍ଡେ ପିଲା ହିନ୍ଦୀ କହୁଛି, ବଙ୍ଗଳା କହୁଛି, କନ୍‌ଭେଣ୍ଟରେ ଇଂରାଜୀ ତ ପଢୁଛି । ସେ ଆଉ ମୋର ପିଲା ନୁହେଁ, ସାଇ ପଡ଼ିଶାଙ୍କ ପଲା, ସାର୍ବଜନୀନ ଶିଶୁ ।

ମହାଦେବ ତୁଳସୀ ପିନ୍ଧନ୍ତି ନାହିଁ, ସିନ୍ଦୁର ନ ଘେନି ଚନ୍ଦନ ଘିନନ୍ତି, ଏସବୁ ପୂଜାବିଧି ଅଝଟ ଅବୁଝା ପିଲାକୁ କଣ ଶିଖାଇବି ? ଚୁମ୍ବକରେ କହିଲି, "ବେଶ୍ ବେଶ୍ ପୂଜା

Digitized by srujanika@gmail.com

କର, ମହାଦେବ ତୋତେ ଭଲ ପାଇବେ, ଯାହା ମାଗିବୁ ଦେବେ ।" ସେ ଖୁବ୍ ଖୁସି ହେଲା, ମୁଁ ତା କାମର ତାରିଫ୍ କଲି ବୋଲି ।

ପାଞ୍ଚ ମିନିଟ୍ ପରେ ଧାଡ଼ିଏ ଲେଖିଛି କି ନାହିଁ ପୁଣି ସେ କୋଠରୀକି ପଶିଆସି ଡ଼ାକିଲି, "ବାପା, ଆସ ଫୁଲ ଆଣିଦେବ, ମହାଦେବ ପୂଜା କରିବି ।"

ପୁଣି ଉଠିଲି, ପୁଣି ହାତଧରି ଟାଣି ଟାଣି ନେଲା । ଏଥର ବାଡ଼ି ପଛପଟ ଗାଡ଼ିଆ ଡ଼ିହକୁ । ମୁଁ ଫୁଲ ପାଇଁ ଚାରିଆଡ଼େ ଚାହିଁଲି । କାହିଁ କୌଣସି ପ୍ରକାର ଫୁଲ ଦିଶୁନାହିଁ, ଯାହା ଅନାବନା ବାଜେ ଫୁଲ ବା ମିଳିଥାନ୍ତା, ଦିନ ନଅଟାରେ କେଉଁଠି ବା ମିଳିବ ? ଖରାଦିନ, ଗଛପତ୍ର ପୋଡ଼ି ଜଳିଗଲାଣି । ଫୁଲ ଫୁଟିବ କୁଆଡୁ ? କହିଲି, "ଫୁଲ ଆଜି ମିଳିବ ନାହିଁ, ଆଜି ତ ଠାକୁର ବସାଇଲୁ, କାଲିକି ପୂଜା କରିବୁ । ମୁଁ କେଉଁଠୁ ହେଉ ଖୋଜି ଭଲ ଫୁଲ ଚାଙ୍ଗୁଡ଼ିଏ କାଲିକି ଆଣିଦେବି । ବର୍ତ୍ତମାନ ଫୁଲ କେଉଁଠି ମିଳିବ ନାହିଁ ।"

ସେ ମୋର ନାସ୍ତିସୂଚକ ଉତ୍ତର ପାଇଁ ପ୍ରସ୍ତୁତ ଥିଲା ଯିମିତି । ମୋତେ ହାତଧରି ଟାଣି ଟାଣି ନେଇ ଗଡ଼ିଆର ଅପର ପାଖର ହିଡ଼ରେ ଥିବା ପଣସ, ଆମ୍ବ ଓ ନଡ଼ିଆ ଗଛର ଗୋଟାଏ ଫାଙ୍କ ଦେଇ ଆଙ୍ଗୁଳିରେ ଦେଖାଇ କହିଲା, "ଦେଖିପାରୁଛ, କାଳୀମନ୍ଦିର କଣର ସେଇ ଗଛର ଅଗକୁ ?" ମୁଁ ନଇଁପଡ଼ି ତାରି ସାମନାରେ ମୋ ଆଖି ରଖି ଚାହିଁଲି । ସତେ ତ ପେନ୍ଥାଏ ଫୁଲ ଦିଶୁଛି । କାଠଚମ୍ପା, ନାଲି କାଠଚମ୍ପା, ଠିକ୍ ମୋ ମୁନୁର ଲାଲ ଲାଲ ଫୁଲୁକା ଫୁଲୁକା ଗାଲର ରଙ୍ଗ ଚୋରିକରି ନେଇଯାଇଛି ଯେମିତି ।

ସାଙ୍ଗେ ସାଙ୍ଗେ ଅଳି । "ଚାଲ ବାପା, ଆଣିବା ଫୁଲ, ପୂଜା କରିବି ।" ଚାଲିଲି । ଗଛ ମୂଳରେ ପହଞ୍ଚ ଦେଖିଲି ସବା ଅଗରେ ଥୁଣ୍ଟା ଗଛର କେବଳ ସେଇ ଗୋଟିଏ ପେନ୍ଥା, ଆମ୍ବପଣସ ଶାଗୁଆ ପତ୍ର ପୃଷ୍ଠଭୂମିରେ ଲାଲେଲାଲ ଦିଶୁଛି । ଏତେ ଉଚ୍ଚକୁ କେହି ଗଡ଼ି ପାରିନାହାନ୍ତି ବୋଧହୁଏ । ଚାରିପଟେ ଚାହିଁ ଲୁଙ୍ଗିରେ କଚ୍ଛା ଭିଡ଼ି କିଛି ଦୂର ଚଢ଼ିଲି, କିନ୍ତୁ ଫୁଲପେନ୍ଥା ଅନେକ ଦୂରରେ । କାଠଚମ୍ପାର ଠସରା ଡ଼ାଳ । ଭାଙ୍ଗିଲେ ଗୋଡ଼ ହାତ ଭାଙ୍ଗିଯିବ । ଆଉ ଚଢ଼ିଲି ନାହିଁ । ମୋର ଉତ୍ସାହ ଭାଙ୍ଗିଯିବାର ଦେଖି ମୁନୁ କିନ୍ତୁ ନିରାଶ ହେଲାନାହିଁ । ସେ ସଙ୍ଗେ ସଙ୍ଗେ କହିଲା, "ବାପା, ନଗିଟାଏ ହେଲେ ଫୁଲକୁ ପାଇଯିବ । ଚାଲ ନଗି ଆଣିବା ।"

ତାରି କଥା ହେଲା । ଘରକୁ ଗଲି । ଯୋଡ଼ାଏ ମଶାରି ବାଡ଼ ଯୋଡ଼ି ସୁତୁଲି ବାନ୍ଧି ନଗିଟିଏ କଲି ଏବଂ ପୁଣି ଫୁଲତୋଳା ବ୍ୟାପାରରେ ହାତ ଦେଲି । ଦେଖିଲି, ଗୋଟାଏ ଯୋଡ଼ାଏ ଫୁଲପେନ୍ଥାରୁ ଆଣି ହବନି, ଟିକିଏ ପିଟାପିଟି କଲେ ଡ଼ାଳ ଭାଜିଯିବ । ଏତେ ସୁନ୍ଦର ପେନ୍ଥାଟାକୁ, ଗଛର ସର୍ବସ୍ୱକୁ, ଲୁଣ୍ଠନ ନ କରିବାର ଇଚ୍ଛା ମୋର

Digitized by srujanika@gmail.com

ଫଳବତୀ ହେଲାନି । ଟୁକ୍‌କରି ପେନ୍ଥା ସହିତ ହାତେ ଲମ୍ବା ଡ଼ାଳଟାଏ ଭାଜି ତଳେ ପଡ଼ିଗଲା ।

ମୁଁ ଗଛରୁ ଓହ୍ଲାଇ ଦେଖେ ମୁନୁ ଡ଼ାଳ ଫୁଲ ଧରି ଘର ପାଖରେ ପହଞ୍ଚିଲାଣି । ମୁଁ ଅଗଣାରେ ପହଞ୍ଚି ମହାଦେବଙ୍କ ପୀଠକୁ ଚାହିଁଲାବେଳକୁ ଶିବ ନାଲି କାଠଚମ୍ପାର ଆବରଣ ଭିତରେ । ଫୁଲପେନ୍ଥା ନଥିବା ନଣ୍ଡା ଡ଼ାଳକୁ ଧରି ମୁନୁ କହିଲା, "ବାପା ! ଏ ଡ଼ାଳଟା କାନ୍ଦୁଛି, ଧଳା ଲୁହ ବାହାରୁଛି" ଦଣ୍ଡେ ରହି ପଚାରିଲା, "ବାପା, ଏ ଡ଼ାଳଟାକୁ ଲଗାଇଲେ ବଞ୍ଚିବ ?" ମୁଁ ଯେମିତି 'ହଁ' କହିଛି ସେ ଚୁଲି ପାଖରେ ପଡ଼ିଥିବା ହାତେ ଲମ୍ବା ଲୁହା ରଡ଼ଟାକୁ ଧରି ଗାତ ଖୋଳିବାରେ ଲାଗିପଡ଼ିଲା, ଇମିତି ସ୍ଥାନରେ ଯେଉଁଠି ଗଛ ବଞ୍ଚି ଫୁଲ ଫୁଟିଲେ ଠିକ୍ ମହାଦେବଙ୍କ ମୁଣ୍ଡ ଉପରେ ରହିଥିବ । ଦଣ୍ଡେ ଖେଳିଲା, ଖରାଦିନର ଟାଙ୍ଗରା ଭୂଇଁରେ ଥୁଣ୍ଟା ଲୁହା ରଡ଼ରେ ଏମିତି ବକଟେ ପିଲା କଣ ଗାତ ଖୋଳିପାରିବ ? ମୋ ଆଡ଼ିକୁ ଚାହିଁ କହିଲା, "ବାପା, ଦିଅ ଗାତ ତାଡ଼ିଦିଅ । ମୁଁ ଗଛ ଲଗେଇବି ।" ଅଗତ୍ୟା ମୁଁ ରଡ଼୍ ଧରି ଗାତ କଲି । ସେ ଡ଼ାଳଟାକୁ ଗାତରେ ପୂରାଇ ଧଇଲା, ମୁଁ ମାଟି ପୋତି ସଳଖି, ଠିକ୍‌ଠାକ କରିଦେଲି । ସେ ଲୋଟାରେ ପାଣି ଆଣି ଢ଼ାଳିଲା ।

ମହାଦେବଙ୍କ ଇଛାରେ, ନାଲି କାଠଚମ୍ପା ଡ଼ାଳଟି ମୂଳ ଗଛରୁ ଅଲଗା ହୋଇ ଯିମିତି ବଞ୍ଚିଲା, ବଢ଼ିଲା ମୁନୁ ବି ସିମିତି ଶିଶୁ ଅବସ୍ଥାରୁ ମାଆକୁ ହରାଇ ବଞ୍ଚିଲା ଏବଂ ବଢ଼ିବାକୁ ଲାଗିଲା । ମୋର ସ୍ନେହ ଶ୍ରଦ୍ଧାରେ ମୁନୁ ବଢ଼ିଲା ପରି ମୁନୁର ଆଦର ଯତ୍ନରେ କାଠଚମ୍ପା ଶିଶୁ ବଢ଼ିଲା ଏବଂ ମହାଦେବଙ୍କ ଆର୍ଶୀବାଦ ଓ ସଦିଚ୍ଛାରେ ଆମେ ସମସ୍ତେ ବଢ଼ି ଚାଲିଲୁ ।

ମୁନୁ ପାଇଁ ଭଲ ଟିଉସନ୍ ମାଷ୍ଟରଟିଏ ପାଇଲି । ଷ୍ଟାଣ୍ଡାର୍ଡ଼ ଓ୍ୟାନ୍‌ରୁ ଷ୍ଟାଣ୍ଡାର୍ଡ଼ ଟୁ କୁ କ୍ଲାସ୍‌ରେ ପ୍ରଥମ ହୋଇଗଲା, କାଠଚମ୍ପା ଡ଼ାଳଟି ବଞ୍ଚି ପତ୍ର, ଶାଖାପ୍ରଶାଖା ମେଲି ତିନି ଚାରି ପେନ୍ଥା ଫୁଲ ମଧ ବାହାରକଲା । ମୁନୁର ଉଚ୍ଚତା ଓ ଗଛର ଉଚ୍ଚତା ପ୍ରାୟ ସମାନ । ମୁନୁ ଗଛ ପାଖରେ ଛିଡ଼ା ହୋଇଥିଲେ ଫୁଲ ପେନ୍ଥା ଓ ତା ମୁହଁ ସମାନ ରୂପ ରଙ୍ଗ ଓ ସ୍ତରରେ ରହନ୍ତି । ଦେଖିଲେ ଆମ ଛାତି କୁଣ୍ଢେ ମୋଟ ହୋଇଯାଏ । ଆଶ୍ଚର୍ଯ୍ୟ କଥା, ମୁନୁ ଫୁଲରେ ହାତ ଦିଏ ନାହିଁ । ମହାଦେବ ଅପୂଜା ରହନ୍ତି ବରଂ ସେ କାଠଚମ୍ପା ଗଛକୁ ଛୁଇଁବ ନାହିଁ । ନିଜେ ନିଜେ ପୋତିଛି, ପାଳିଛି, ବଢ଼ାଇଛି, ଠିକ୍ ମୁଁ ତାକୁ ବଢ଼ାଇଲା ପରି ।

ଏବଂ ସୁଖର ଦିନଗୁଡ଼ାକ ଆହୁରି ମଧୁରତାର କରିବା ପାଇଁ ବଡ଼ପୁଅର ବିବାହ ପ୍ରସ୍ତାବ ଠିକ୍ ଯେଉଁଠି ଆମେ ଚାହୁଁଥିଲୁ ସେଇଠି ଚୂଡ଼ାନ୍ତ ହେଲା ଏବଂ ବିବାହର ଛ' ମାସ ପୂର୍ବରୁ ନିର୍ବନ୍ଧ ଉତ୍ସବର ଦିନ ଠିକ୍ ହେଲା ଭୁବନେଶ୍ୱର ଶୈବପୀଠରେ ।

Digitized by srujanika@gmail.com

ନିର୍ବନ୍ଧକୁ ଗାଡ଼ିଭଡ଼ା ନେଇ ଗଲୁ । ମୁନୁ ଜିଦ୍ ଧରିବସିଲା ନିର୍ବନ୍ଧକୁ ଯିବ । ଭାଉଜ ଦେଖିବ । ବାଟରେ ଯିମିତି ପୋଲଟାଏ ପଡ଼ିଛି ମୁନୁ ଚିତ୍କାର କଲା, ଓହ୍ଲାଅ, ଓହ୍ଲାଅ, ନଈ ଆଗରେ । ଗାଡ଼ିରେ ଯିବା ନାହିଁ, ବୁଡ଼ିଯିବା ।" ଆମେ ସମସ୍ତେ ଆଶ୍ଚର୍ଯ୍ୟ ହେଲୁ, ବୁଝିଲୁ ନାହିଁ କାହିଁକି ସେ ଏମିତି କହୁଛି । ଏଇ ପାଣିରେ ବୁଡ଼ିଯିବା କଥାଟା ତା ମୁଣ୍ଡ ଭିତରକୁ ମୁଁ ପୁରେଇଛି । ବାଡ଼ି ପଛପଟେ ଗାଡ଼ିଆ । ପହଁରା ତ ଶିଖାଇ ପାରିଲିନାହିଁ । କାଳେ ବୁଡ଼ିଯିବ ବୋଲି ତାକୁ ନାନା ଭୟ ଦେଖାଇଛି, ବାଡ଼େଇଛି ମଧ । ତାରି ଏହା କୁଫଳ । ଅକାଳରେ ମୃତ୍ୟୁଚେତନା ତଥା ମୃତ୍ୟୁଭୟ ଜନ୍ମି ଯାଇଛି । ଦିନେ ଦିନେ ସ୍କୁଲରୁ ଫେରି କହେ, ଆଜି ସ୍କୁଳ ପାଖ କୂଅରେ ଗୋଟାଏ ଝିଅ ଖସିପଡ଼ି ବୁଡ଼ିଗଲା ।" "ବାପା, କଲେଜ ପାଖ ଗାଡ଼ିଆରେ ଦୁଇ ଭଉଣୀ ପହଁରୁ ଥିଲେ, ଧରାଧରି ହୋଇ ବୁଡ଼ିଗଲେ ।" ନିଜେ ପିଲାଦିନରୁ ମାଆ ମରିବା କଥା ଶୁଣି ଶୁଣି ବା କାଠଚମ୍ପା ଡ଼ାଳଟି ମାଆ ଦେହରୁ ଭାଙ୍ଗି ପଡ଼ିବାର ଦେଖି ବା ଖବରକାଗଜରୁ ବାରମ୍ବାର ମଲା ପିଲାଙ୍କ ଛବି ଦେଖି ଦେଖି ସେ ଖୁବ୍ ଜୋର ଡ଼ରିଯାଇଛି ମୃତ୍ୟୁକୁ । ଦିନେ ମୁଁ ତା ପଛେ ପଛେ ଅଲକ୍ଷିତରେ ଯାଇ ଦେଖିଲି, ସ୍କୁଲକୁ ଗଲାବେଳେ ରାସ୍ତାର ଖୁବ୍ ଦୂରରେ ଏକୁଟିଆ ବେଗ୍‌ଟି ଧରି ଚାଲିଛି କାଳେ ରିକ୍ସା ମଟର ମାଡ଼ିଯିବ ତା ଉପରେ । ମନେ ମନେ ଖୁସିହେଲି ପିଲାଟା ଖୁବ୍ ସାବଧାନ, ସତର୍କ, ବିପଦରେ ଆଶଙ୍କା ନାହିଁ । ରିକ୍ସାରେ ପ୍ରତିଦିନ ପଠାଇବା ପାଇଁ ପଇସା କାହିଁ ?

ନିର୍ବନ୍ଧ ହେଲା । ଭାଉଜ ଓ ଟିକି ଦିଅରଙ୍କ ସାକ୍ଷାତ୍ ହେଲା । ଏକାଠି ବସିଲେ, ଏକାଠି ଖାଇଲେ, ଭାଉଜ କୋଳରେ ଦଣ୍ଡେ ଶୋଇଗଲା ମଧ । ଯେତେ ସମୟ ଥିଲୁ କେହି ମୁହୂର୍ତ୍ତେ ପାଇଁ ପରସ୍ପର ଠାରୁ ଛାଡ଼ବାଡ଼ ହୋଇନାହାନ୍ତି । ମାଆ ଛେଉଣ୍ଡ ମା'ଟିଏ ପାଇଲା ପରି ମୁନୁକୁ ଯେମିତି ଲାଗିଲା । ଗୁଲୁଗୁଲିଆ ନାଲି କାଠଚମ୍ପା ଫୁଲ ପରି ଦିଅରଟିଏ ପାଇ ଆଗାମୀ ବାତ୍ସଲ୍ୟର ଉଦ୍ରେକ ହେଲା ନୂଆ ଭାଉଜ ଛାତିରେ; ମାତ୍ର ଛଅଘଣ୍ଟା ଏକତ୍ର ସହାବସ୍ଥାନ ଫଳରେ ଦିଅର ଭାଉଜଙ୍କ ଏତେ ମମତା, ଦରଦ, ସଂପ୍ରୀତି ଜନ୍ମିଲା ଯେ ପରସ୍ପର ଠାରୁ ଦୁହେଁ ଯେତେବେଳେ ଅଲଗା ହେଲେ, ସେତେବେଳେ ଜଣକର ଆଖିରେ ଲୁହ, ଆଉ ଜଣକର ଲୁହମିଶା 'ଭୋ' 'ଭୋ' କାନ୍ଦ ।

ନିର୍ବନ୍ଧ ପରେ ଘରକୁ ଫେରିଲୁ । ବାଟଯାକ ମୁନୁର କଥା କଥାକେ ଭାଉଜ ଭାଉଜ ! ବାହାଘର ଆଉ ଛଅମାସ, କେବେ କାଠଚମ୍ପା ଫୁଲ ନେଇ ଫଗୁଣ ଆସିବ, ଭାଉଜ ଆସିବେ । ମୁନୁ ହିସାବ କରିପାରେନି କେତେଦିନ ରହୁଛି, କାଳ ମାପି ପାରେନି । କାଳେ ଏଡ଼େ ସୁନ୍ଦରୀ ଝିଅଟା ହାବୁଡ଼ରୁ ଖସିଯାଇ କେଉଁ ଆଇ.ଏ.ଏସ୍., ଆଇ.ପି.ଏସ୍. ବା ପି.ଓ.ଙ୍କ ହାବୁଡ଼କୁ ଚାଲିଯିବ, ସେଇ ଭୟରେ ଆମେ କୋଷ୍ଠି ମେଳ ହେଲାମାତ୍ରେ ନିର୍ବନ୍ଧ କରିନେଲୁ ଏତେ ଆଗରୁ ନିର୍ବନ୍ଧ କରିବା ପାଇଁ କନ୍ୟାପକ୍ଷ

Digitized by srujanika@gmail.com

ଅମଙ୍ଗ ଥିଲେ ବି । ମୁନୁ ସ୍କୁଲକୁ ଯାଏ ଭଲ ପଢ଼େ, ପ୍ରଶଂସା ପାଏ ଏବଂ କ୍ଲାସରେ ବି ଫାଷ୍ଟ ହୁଏ । ଘରକୁ ଫେରିଲେ ଯଥା ତା' ଘରେ ହାଜିରା ପକାଇବା ପୂର୍ବରୁ କାଠଚମ୍ପା ଗଛରେ ପାଣି ଦିଏ ଏବଂ ଦିନେ ଦୁଇଦିନରେ ଭାଉଜ ପାଖକୁ ଚିଠି ଲେଖେ । "ଭାଉଜ ! ମୁଁ ଭଲ ଅଛି, ଭଲ ରୂପେ ପଢ଼ାଶୁଣା କରୁଛି, ତୁମେ କେମିତି ଅଛ ? କେବେ ଆସିବ, କାଠଚମ୍ପାରେ ଆଉଥରେ କଢ଼ହୋଇଛି, ଆଜି ଏତିକି ।" କେଉଁ ଚିଠି ଡ଼ାକରେ ପଡ଼େ, କେଉଁ ଚିଠି ପଡ଼େ ନି । ତା'ର ଚିଠି ଲେଖିବା କଥା ମୁଁ ଦିନେ ଜାଣିଲି ଯେବେ ଧାଇଁଆସି ପଚାରିଲା, "ବାପା, 'ଚମ୍ପା' କେମିତି ଲେଖାଯିବ ? ମୁଁ ଭାଉଜଙ୍କୁ ଚିଠି ଲେଖୁଛି ।"

ବାହାଘରକୁ ଆଉ ଚାରିମାସ ଅଛି ଦିନେ ରବିବାରିଆ ପ୍ରାୟ ଦଶଟାବେଳେ ଦେଖିଲି ଖରକାଟିଏ ଧରି ମୁନୁ ଅଗଣା ସଫା କରୁଛି । ଦିହଯାକ ଝାଳ, ମୁହଁ ଲାଲ, ନାକ ଅଗରେ ଗୁଣାପରି ବିନ୍ଦୁ ବିନ୍ଦୁ ଝାଳ ତାର ବ୍ୟସ୍ତ ଜୀବନର ଏ ସ୍ୱାଭାବିକ ଛବି । ପଚାରିଲି, "ଏ କଣ କରୁଛୁ, ଖରାଟାରେ ? ଘରେ କଣ କେହି ନାହାନ୍ତି, ଅଗଣା ସଫା କରିବାକୁ ?" ସେ କହିଲା, "ତମେ କିଛି ଜାଣନି ବାପା । ବାହାଘରକୁ କେତେ ଲୋକ ଆସିବେ, ମୋତେ ସେମାନେ କଣ କହିବେ ? କହିବେ ନି ମୁନୁ କାଠଚମ୍ପା ମୂଳକୁ କେତେ ଅସନା ରଖିଛି, ମହାଦେବଙ୍କ ଉପରେ କେତେ କାଠି ପତର ଜମା କରିଛ ?"

ମାତ୍ର ଆଉ କେତେଟା ଦିନ ପରର ଘଟଣା । ସେଦିନ ମୁନୁ ମାଆର ଶ୍ରାଦ୍ଧଦିନ । ମୁଁ କେତେଜଣଙ୍କୁ ଖୁଆଇବାର ବ୍ୟବସ୍ଥାରେ ବଜାରକୁ ଯାଇଥାଏ । ମହାଦେବଙ୍କ ମୁଣ୍ଡରେ ବା କାଠଚମ୍ପା ମୂଳରେ ପାଣି ଢ଼ାଳିବ ବୋଲି ତରବର ହୋଇ ମୁନୁ ଲୋଟାଟାଏ ଧରି ଗାଡ଼ିଆକୁ ଧାଇଁ ଯାଇଛି, ଶିଉଳି ପଡ଼ିଥିବା ପାହାଚରୁ ଖସି ପଡ଼ିଲା । ତାର ଟ୍ୟୁସନ୍ ମାଷ୍ଟର ପଣ୍ଡାରେ ବସିଛନ୍ତି, ତାକୁ ଅପେକ୍ଷା କରି । ବିଳମ୍ବ ହେବାରୁ ସେ ତାକୁ ଡ଼କାଡ଼କି କଲେ ଏବଂ ନିଦାରୁଣ ଦୁର୍ଘଟଣା ଜଣାପଡ଼ିଲା । ଏଲୁମୁନିୟମ୍ ଲୋଟାଟା ଉବୁଡ଼ି ପଡ଼ି ଭାସି ବୁଲୁଥାଏ ପାଣି ଉପରେ । ସାହିରେ, ସହରରେ ରାଷ୍ଟ୍ର ହୋଇଗଲା ଏ ଦୁଃସମ୍ବାଦ ।

ତିନିଦିନ ଭିତରେ କେତେଥର ମୂର୍ଚ୍ଛାଗଲି, ହାଉଳି ବାଉଳି ହୋଇ ପାଗଳ ପରି କେତେଜଣ କହିଲି, ଖାଇଲି କି କଣ କଲି କିନ୍ତୁ ମନେ ନାହିଁ, ମାତ୍ର ପ୍ରକୃତିସ୍ଥ ହେବାରେ ଜାଣିଲି କିଏ କିଏ ଆସିଥିଲେ, ଶୁଣିଲି ମଧ କେତେ ଲୋକ ମୁହଁରୁ କେତେ ଆଶ୍ୱାସନା ବାଣୀ । "ତା ମା' ତାକୁ ନେଇଗଲା" "ଭଲ ଛୁଆ ବଞ୍ଚନ୍ତି ନାହିଁ" ମହାଦେବ ତାକୁ ପାଖକୁ ନେଇଗଲେ ।" କେହି କେହି ବି କହିଲେ ଜାଣିଶୁଣି ପିଲାଟାକୁ ମାରି ଦିଆଗଲା, ବାଡ଼ି ଦରଜାଟାରେ ତାଲା ଦେଇଥିଲେ ଏ ଦୁର୍ଘଟଣା ଘଟିନଥାନ୍ତା ।" "ମାଆ ନାହିଁ ଜାଣୁଛ, ଚାକର ଚାକରାଣୀ ଗୋଟେ ସବୁବେଳେ ତା ପିଛା ରଖିବ ନାହିଁ ?" ଶେଷକୁ ଦି'ଜଣ ଯାହା କହିଲେ, ସେଥିରୁ ଆଶ୍ୱସନା ପାଇଲି ପର୍ବ ଜୀଇଁବାର

Digitized by srujanika@gmail.com

ଖିଅ ପାଇଲି । ଜଣେ କହିଲେ, "ମୁଁ ଗୋଟାକ ପରେ ଗୋଟାଏ ପୁଅ ଏମିତି ଜଳ ବୁଡ଼ିରେ ହରାଇଛି ।" ଆଉଜଣେ କହିଲା, 'ଆଗରେ ପୁଅ ବାହାଘର, ସିଆଡ଼କୁ ମନ ଦିଅ, ଆହୁରି ବି ଯୋଡ଼ାଏ ତିନିଟା ପିଲା ଅଛନ୍ତି ତାଙ୍କ କଥା ଭାବ ନହେଲେ ସେମାନେ ବି ..... ।"

"ଆରେ ବାବୁ ଜୀବଧନ, ତୁ ଗଲେ ମଥୁରା ଜୀବନ ତ ମଥୁରା ବନକୁ ଚାଲିଗଲା । "ଜୀବନ ବିହୁନେ ଯେହ୍ନେ ଝସ ।" ମୁନୁର ମାଆ ଗଲାପରେ ତ ଜୀବନ ବିହୁନେ ଆକୁ ପାକୁ ଝସ ବଞ୍ଚିଥିଲା । ଏବେ ପାଣି, କାଦୁଅ ଟିକକରେ ଯାହା ଛଟପଟ ହେଉଥିଲା ସେ ଟିକକ ବି ଶୁଖିଗଲା । "କାହା ମୁଖ ଅନାଇ ବଞ୍ଚିବି ?" ସ୍ମୃତିରେ ମଣିଷ ବଞ୍ଚେ । କିଏ ? ମଲା ମଣିଷ ସିନା ଲୋକ ସ୍ମୃତିରେ ବଞ୍ଚେ ? କିନ୍ତୁ ଜୀଅନ୍ତା ମଣିଷ ମଲା ମଣିଷର ଅର୍ଥାତ୍ "ପିଲାପୁଅ"ର ସ୍ମୃତିରେ ଦିହଗଞ୍ଜ ହୋଇ ଜଳିପୋଡ଼ି ମରେ ସିନା !

ଚେତା ଥିବା ଯାକେ ଅର୍ଥାତ୍ ନିଦ ଔଷଧ ଖାଇ ଶୋଇବା ସମୟ ବାଦ୍ ଦୁଇଭାଗରେ ଜୀବନ କଟାଇବାକୁ ପଡ଼ିଲା । କେତେବେଳେ ବାହାଘର କଥା କେତେବେଳେ ଛାତିରେ କଞ୍ଚା ଘାଆ କଥା ।

ନାଲିରଙ୍ଗର ଲମ୍ବାଳିଆ ଖାତାଟିଏ ବଜାରରୁ କିଣିଆଣି ବିବାହର ଅୟମାରମ୍ଭ ସ୍ୱରୂପ "ଓଁ ଶ୍ରୀ ଶ୍ରୀ ଶ୍ରୀ ପ୍ରଜାପତୟେ ନମଃ' ଲେଖୁଛି ଟେବୁଲ୍ କଣରେ ଟେନିସ୍ ବଲ୍‌ଟା ଉପରେ ନଜର ପଶିଗଲା । ଏଇ ବଲ୍‌ଟି କାଳେ କିଏ ନେଇଯିବ ବା ହଜିଯିବ ବୋଲି ପ୍ରତିଦିନ ଖେଳିସାରି ମୋ ଟେବୁଲ୍ ଉପରେ ମୁନୁ ରଖି ଦେଉଥିଲା, ନିରାପଦ ସ୍ଥାନ ଭାବି । କୋହ ସମ୍ଭାଳି ନେଲି ଏବଂ ନିମନ୍ତ୍ରଣ ପତ୍ରର ଚିଠା ପ୍ରସ୍ତୁତ କରିବା କାମ ଛାଡ଼ି ବାହାରିଲା ମୁନୁର ଯେଉଁଠି ଯାହା ଥିବ ତାକୁ ଏକାଠି କରି ଆଖିର ଅନ୍ତରାଳକୁ ନେଇଯିବା ପାଇଁ ନହେଲେ ପ୍ରତି ମୁହୂର୍ତ୍ତରେ ଛାତି କରତି ହେଉଥିବ, ପୋଡୁଥିବ, ବାହାଘର କାମ କଣ କରିବି ?

"ବାପାରେ, ଚାଲିଗଲୁ' ଏତିକି କହି ତାର ଲଙ୍ଗଳା ଫୁଙ୍ଗୁଳା ଥଣ୍ଡା ଦିହଟାକୁ ଥରେ ଗୋଡ଼ରୁ ମୁଣ୍ଡଯାକେ ଆଉଁସି ଡ଼ାକ୍ତରଖାନା ଟେବୁଲରୁ ସିଧାଘରକୁ ଏକମୁଦ୍ରା ହୋଇ ଚାଲିଆସିଥିଲି । ତେଣୁ ତାର ବ୍ୟବହାର୍ଯ୍ୟ ଚିଜସବୁ ଘରେ ରହି ଯାଇଥିଲା । କେଉଁଠି ଛୋଟ ଛୋଟ ସାର୍ଟପେଣ୍ଟ, କେଉଁଠି ବହି କଲମ, ଖାତାପତ୍ର, ପେନ୍‌ସିଲ୍, ବ୍ୟାଗ୍, କେଉଁଠି ଜଳଖିଆ ଡ଼ବା, କେଉଁଠି ଜୋତାଚପଲ, ମୋଜା, ପୁଣି କେଉଁଠି ଖେଳନା ....... ରବର ବଲ, କାର୍ଡଶର, ଟ୍ରେନ୍, ମଟରଗାଡ଼ି, ଜଳଛବି ଏମିତି କି ଟଫି, ଚିଉଇଂଗମ୍ ଯାକେ କେତେ କଣ । ଘର ଅନ୍ଦିସନ୍ଧି, ଡ୍ରୟାର, ଆଲ୍‌ନା ଖୋଜାଖୋଜି କରି ଏକତ୍ର କଲି । ସବୁ ଜିନିଷ ଏମିତିକି ଦଶ ପଇସି, ପାଞ୍ଚ ପଇସି, ସ୍ଲେଟ୍ ଖଡ଼ି ଭଙ୍ଗାଚକ୍ ଆଦି ଗୋଟାଏ ପ୍ଲାଷ୍ଟିକ୍ ବ୍ୟାଗ୍‌ରେ ପୂରାଇ ବାକ୍ସ ଭିତରେ ରଖି ଦେଲି

Digitized by srujanika@gmail.com

ତାର ଫଟୋ ସହିତ, ଯେଉଁଠି ତାର ମାଆର ଫଟୋ ଓ କେତୁଟା ବ୍ୟବହାର୍ଯ୍ୟ ଚିଜର ପୁଟୁଳିରେ ଥିଲା ।

କିଛିଟା ରକ୍ଷା ପାଇଲି । ଆଖିରେ ଅନ୍ତତଃ ମୁନୁର ଜିନିଷପତ୍ର ଦିଶିଲା ନାହିଁ, କିନ୍ତୁ ସେଇ କାଠଚମ୍ପା ଗଛ ଓ ତା ମୂଳରେ ସେହି ଅପୂଜିତ ମହାଦେବଟି ବାରମ୍ବାର ଆଖିରେ ପଡ଼ିଲେ । ସବୁ ନାଟର ଗୋବର୍ଦ୍ଧନ ସେଇ ବଳଙ୍ଗନଈର ପଥରଟିକୁ ଉଠାଇଆଣି ଚନ୍ଦନ ସିନ୍ଦୂର ଧୂଆପୋଛା କରି ମୋତେ ନ ଦିଶିବା ସ୍ଥାନରେ ରଖିଦେଲି । କେବଳ ଯୋଡ଼ାଏ ଜିନିଷ ବାକି ରହିଗଲେ । ଚମ୍ପାଗଛଟାକୁ କାଟିବାକୁ ମନ ଗଲାନି, ଘରୁ ବାହାରି ପଡ଼ିଲେ ସାମ୍ନା ପାଚେରୀ କାନ୍ଥରେ କର୍ଦ୍ଦମାକ୍ତ ଟେନିସ୍ ବଲର ତରାପରି ଦାଗଗୁଡ଼ାକ ପୋଛି ସଫାକରି ପାରିଲିନି । ଘର ଭିତରେ ଗୋଟାଏ ଜାଗାରେ ସିମେଣ୍ଟ ପଲସ୍ତରା ଉପରେ ତା'ର ଟିକି ପାଦଟିର ଯେଉଁ ଚିହ୍ନ ସେ ମିସ୍ତ୍ରୀକୁ ଫୁସୁଲାଇ ରଖିଥିଲା ତାକୁ ବି ଲୁହାରଡ଼ ଖଣ୍ଡିକରେ (ଯହିଁରେ ମୁନୁ ମାଟି ଖୋଳି କାଠଚମ୍ପା ଲଗାଇଥିଲା) ଖୋଞ୍ଚାଖୋଞ୍ଚି କରି ନିଶ୍ଚିହ୍ନ କରିଦେଲି ।

ଏଥର ସୁସ୍ଥ ମନରେ ବିବାହ କର୍ମରେ ଆଗେଇଲି । ପୁତ୍ର କନ୍ୟା ବନ୍ଧୁବାନ୍ଧବ, ଆତ୍ମୀୟ ସ୍ୱଜନ ମୋର ଡ଼କରାରେ ଆସିବାକୁ ଆରମ୍ଭ କଲେ । କେହି ବାଦ୍ ଗଲେ ନାହିଁ, ଏତେ ବଡ଼ ଶୋକାବହ ଘଟଣା ପରେ ସମସ୍ତେ ସହାନୁଭୂତି ଓ ଦରଦ ନେଇଆସିଲେ ଯିମିତି ବିବାହ ଉତ୍ସବ ଖୁବ୍ ଜମକରେ ହୁଏ ଏବଂ ମୁରବୀ ସବୁ ଦୁଃଖ ପାଓୋରି ପରିବାରର ପ୍ରଥମ ପୁତ୍ରବଧୂଙ୍କୁ ସ୍ୱାଗତ କରନ୍ତି; କିନ୍ତୁ ତା ହେଲା ନାହିଁ । ଏତେ କର୍ମବ୍ୟସ୍ତ ଉତ୍ସବମୟ ଦିନ ଗୁଡ଼ାକରେ କଣ ଗୋଟାଏ ବିରାଟ ଅଭାବ, କାହାର ଅସହ୍ୟ ଅନୁପସ୍ଥିତି ମୋତେ କାହିଁକି ପରିବାର ତଥା ବନ୍ଧୁକୁଟୁମ୍ବଙ୍କୁ ସଦା ସର୍ବଦା ବିହ୍ୱଳିତ କଲା । ସମସ୍ତେ କାହିଁକି କୁହାକୁହି ହେଲେ, "ସେ ପିଲାଟା ତ ନାହିଁ, ସେ ପିଲାଟା ଥିଲେ କେଡ଼େ ବଢ଼ିଆ ପିଲାଟା.... ।"

ଚତୁର୍ଥୀ ଦିନ ସକାଳେ । ବରକର୍ତ୍ତାଙ୍କ ପକ୍ଷରେ ବନ୍ଦାପନା ଦିନଟି ମୁଖ୍ୟ ଉତ୍ସବର ଦିନ । ସନ୍ଧ୍ୟାରେ ଭୋଜି, ନିମନ୍ତ୍ରୀତ ଅତିଥିବର୍ଗଙ୍କ ସମାବେଶ, ଭୂରି ଭୋଜନ ବ୍ୟବସ୍ଥା । ଯେଉଁମାନେ ଏହାର ଦାୟିତ୍ୱରେ ଥିଲେ ସେମାନେ ସମସ୍ତେ ଏକମତ ହେଲେ ଅଗଣାରେ ଖନ୍ଦା ହେବ । ଘର ରୋଷେଇଶାଳ ଏଥିପାଇଁ ପ୍ରଶସ୍ତ ନୁହେଁ । ବାହାରେ ଖନ୍ଦା କଲେ ପାଣିପାଗର ଅସୁବିଧା, କୁଆ, କୁକୁର, ତା ଛଡ଼ା ଅନେକ ଜିନିଷ ଅନ୍ତର୍ଦ୍ଧାନ ହୋଇଯିବାର ଭୟ ।

"କିନ୍ତୁ ଏଠି ଖନ୍ଦା କଲେ ଏ କାଠଚମ୍ପା ଗଛକୁ କାଟିବାକୁ ପଡ଼ିବ" ଜଣେ କହିଲା ।

"ତା' କାଟିବାକୁ ପଡ଼ିବ ନିଶ୍ଚୟ । ଏତେ କମ୍ ଜାଗାରେ ଚୁଲୀ କେଉଁଠି ପଡ଼ିବ; କାଠ କେଉଁଠି ରହିବ, ଜିନିଷ ପତ୍ର କେଉଁଠି ରଖିବ, ମଣିଷ ଘୁରାଫେରା ଚାଲବୁଲ କରି ପାରିବେନି ଯେ ।"

Digitized by srujanika@gmail.com

"କାଟିଦେବାକୁ ଗଛଟାକୁ । କେଉଁ ଅପୂର୍ବ ଗଛ ଯେ । ଏମିତି ଗଣ୍ଡା ଗଣ୍ଡା ଗଛର ବଣ ଚାରିଆଡ଼େ । ତା' ଛଡ଼ା ଡ଼ାଳ ଖଣ୍ଡେ ପୋତିଦେଲେ କେତେଟା ମାସରେ ଗଛ ଠିଆ ହୋଇଯିବନି ?"

ନିର୍ମମ କାଳ ମୁନୁକୁ ଅକାଳରେ କାଟିଦେଲା ପରି ଗୋଟାଏ ଯମଦୂତ ପରି ଲୋକଟା କୁରାଢ଼ୀ ନେଇ କାଠଚମ୍ପାକୁ ଏକା ଚୋଟରେ ହାଣିଲା ବେଳେ ବି ଦୟାର୍ଦ୍ର କଣ୍ଠରେ କହିଲା, "ଖାଲି କଢ଼ଗୁଡ଼ାକରେ ଡ଼ାଳ ଭରପୂରି ହୋଇଥିଲା । ଛୋଟ ଗଛଟାରେ ଫୁଲ ଫୁଟିଥିଲେ ବଢ଼ିଆ ଦିଶିଥାନ୍ତା ।"

ବାହାଘର ସରିଲା । ସମସ୍ତେ ଯେଝା ସ୍ଥାନକୁ ଚାଲିଗଲେ । କେବଳ ପୁଅ ବୋହୂ ରହିଲେ, କେତୁଟା ଦିନ ପରେ ସେମାନେ ବି ଚାଲିଯିବେ । ଘରେ ପୁଅ ନଥିବା ବେଳେ ଦିନେ ଦେଖିଲି ବୋହୂ କାନ୍ଦୁଛନ୍ତି । କ'ଣଟାଏ ଲୁଚାଇବାକୁ ଯାଉଥାନ୍ତି, ଜାଣିପାରିଲି ସେ ମୁନୁର ଚିଠି ଟିକକ ଧରି ପଢୁଥିଲେ ! "ଭାଉଜ ! ତୁମେ କେବେ ଆସୁଛ ?" ମୋତେ ଚାହିଁ କୋହ ସମ୍ଭାଳିନପାରି କହିଲେ, "ମୁଁ ଆସିଲି ବାପା, ମୁନୁ କାହାନ୍ତି ?" ଦି'ମାସ ଖଣ୍ଡେ ପରେ ଏକୁଟିଆ ବାହାର ପିଣ୍ଡାଟାରେ ଆକାଶର ଚଲା ମେଘ ଖଣ୍ଡକ ଚାହିଁ ବସିଥାଏ । ଦେଖିଲି, ଚୂନରେ ଡ଼ବଲ ମାରିଲେ ବି କାନ୍ଥରେ ଟେନିସ୍ ବଲ୍‌ର ଅଜସ୍ର ଦାଗ ଲିଭି ନାହିଁ ବରଂ ଅଧିକ ପରିସ୍ଫୁଟ ହୋଇଛି ।

ଘର ଭିତରକୁ ପଶିଯାଇ ଅଗଣାକୁ ଗଲି । ଚାହିଁଲି ଚାରିଆଡ଼କୁ । କେତେ ଫାଙ୍କା ଦୁନିଆଟା ନା ଶିବଲିଙ୍ଗ, ନା କାଠଚମ୍ପା, ନା ମୁନୁ । ବିବାହ ଭୋଜି ପାଇଁ ଜୁଇଗାତ ପରି ଯେଉଁ ଚୁଲିଗାତଟା ହୋଇଥିଲା ତାର ଟିକିଏ ଦୂରରେ ଦରପୋଡ଼ା ମୁଣ୍ଡା କାଠଟା ପଡ଼ିଥିଲା ଗୋଟାଏ ପୁରୁଣା ଆଲକତରା ଡ୍ରମକୁ ଲାଗି । ଅନ୍ୟମନସ୍କ ହୋଇ ବିଭ୍ରମରେ ଯେମିତି କାଠଖଣ୍ଡଟା ଗୋଡ଼ରେ ପେଲିଦେଇଛି, ଦେଖିଲି ମୁନୁର କାଠଚମ୍ପା ଗଛର କଟା ମୂଳଟାରୁ ଚାଖଣ୍ଡେ ଲମ୍ବ ଛୋଟ ଡ଼ାଳଟିଏ ଗଜୁରି ଛୋଟ ନାଲି କାଠଚମ୍ପା ଫୁଟିଛି ।

ବିହ୍ୱଳିତ ହୋଇ "ମୁନୁ, ମୁନୁ" ଚିତ୍କାର କରି ସାଇକେଲ ଧରି ଧାଇଁଲି ଶ୍ମଶାନ ଆଡ଼କୁ କିଏ କଣ ଭାବୁଛି ସେଥିପ୍ରତି ଭ୍ରୂକ୍ଷେପ ନକରି । ମୋର ବଦ୍ଧମୂଳ ଧାରଣା, ଯେ ମୁନୁକୁ ଯେଉଁଠି ପୋତା ହୋଇଥିଲା ସେଇଠି ସେ ପୁଣି ତା'ର କାଠଚମ୍ପା ପରି ଗଜୁରି ଫୁଲଟିଏ ହୋଇ ଫୁଟିଥିବ ।

Digitized by srujanika@gmail.com

# କୁଆ

ଏବେ ବି ସ୍ପଷ୍ଟ ମନେ ପଡ଼ିଯାଉଛି କିମିତି ଯେବେ ଆମେ ଖୁବ୍ ଗରିବ ଥିଲୁ ଏବଂ ଖରାଦିନିଆ ଦି'ପହରେ ସଜନା ଶାଗ, ଭାତ ଅଥବା ଶୁଖୁଆ ପୋଡ଼ା ପଖାଳ ପେଟେ ପେଟେ ଖାଇଦେଇ ଡ଼ାବୁଆ ଘର ଛୁଆଦିଆ ମାଟି ଚଟାଣରେ ଛିଣ୍ଡା ସଅପ ବା ଖଟିଆଟାଏ ପାରି ଭାଇଭଉଣୀ ଚାରିଜଣ ମାଆ ଦିହକୁ ଲାଗି ଶୋଇଥାଉଁ, ହଠାତ୍ ଆମ ନିଦ ଭାଜିଯାଏ, ବାଡ଼ିପଟ ମକା କିଆରୀରେ କେତୁଟା କୁଆଙ୍କ କର୍କଶ ଅନର୍ଗଳ କାଆ କାଆ ରାବରେ ।

ଅଶ୍ୱସ୍ତିର ନିଃଶ୍ୱାସ ମାରି ନିଦବାଉଳା ଗଳାରେ ମାଆ କୁହେ, "ଏ ଦଶାଦିଆ କୁଆଙ୍କ ଜାଲାରେ ମଣିଷ ଦଣ୍ଡେ ଆଖି ବୁଜିପାରିବନି । ଆଖିପତା ଦୁଇଟା ଲାଗିଛିକି ନାହିଁ ଆରମ୍ଭ କରିଦେବେ କାଆ କାଆ ।" ଦଣ୍ଡେ ପରେ ସେଇ ଏକ ରାହାରେ ବିଳିବିଳେଇଲା ପରି କୁହେ, "ଧନ୍ୟ କହିବା ଏ କୁଆଛୁଆଙ୍କ ଭୋକକୁ । ସକାଳ ହୋଇଛି କି ନାହିଁ ଆରମ୍ଭ କରିଦେବେ ଯେ ବେଳ ବୁଡ଼ ମାଛି ଅନ୍ଧାରଯାକେ । ଯେତେ ଖାଇଲେ ବି ଭୋକ ମେଣ୍ଟିବାକୁ ନାହିଁ । ହା ଅନ୍ନ ହା ଅନ୍ନ ! ବାପମାଆଙ୍କ ଥଣ୍ଟ ପାଟି ମେଲାହୋଇ ଝରଝର ରକ୍ତ ବହୁ ପଛକେ ଯ୍ୟାଙ୍କର ସେଇ କାଆ କାଆ, ମାଆ ମାଆ, ଦେଏ ଦେଏ । ବୁଢ଼ା ହେଲାଯାଏ ମାଆ ବାପ ଯ୍ୟାଙ୍କୁ ଖୁଆଇଥିବେ ନା କ'ଣ ! ଏବେ ଭାବୁଛି, ଏ କଥାଗୁଡ଼ାକ ଆମକୁ ଲକ୍ଷ୍ୟକରି ସେ କହୁନଥିଲା ତ !"

ସେବେ ପିଲାଦିନର ମୁଁ ବି ମାଆଙ୍କ ପରି କୁଆଙ୍କୁ ଭୀଷଣ ବିରୁଥିଲି, ଅବଶ୍ୟ ଭିନ୍ନ କାରଣରୁ । ବାପାଙ୍କ ଅଜାଣତରେ ଚୋରଙ୍କ ପରି ମକାବାଡ଼ିରେ ପଶି ଚଅଁର ଶୁଖିଥିବା ବଡ଼ ବଡ଼ ମକାଗୁଡ଼ାକୁ ଇଞ୍ଚାରି ପାଚିଲାଣି କି ନାହିଁ (ନଖରେ ଟିପିଲେ ମାଆ କ୍ଷୀରପରି ବହୁଳ ରସ ବାହାରେ) ଦେଖୁଥାଏଁ, ଆଖିରେ ପଡ଼ିଯାଏ କୁଆମାନେ ମୋରି ଅନୁକରଣରେ ବିଦାରିଥିବା ଖଣ୍ଡିଆଖାବରା ମକାଗୁଡ଼ାକ । ଆମ ପାଇଁ ଆଉ କଣ ଥିବ ? କାହାର ପାଏ; କାହାର ବା ଅଧେ ଦାନା ଥିବ ସିନା ଆମେ ପୋଡ଼ିଲାବେଳକୁ ।

ମାଆଙ୍କୁ କହିଲି; "ମାଆ, ଏ କୁଆଗୁଡ଼ାକୁ ସବଂଶରେ ମାରିଦବା । ନହେଲେ ଏମାନେ ତ ସବୁ ଖାଇଯିବେ, ଆମେ ଖାଇବା କଣ ?" ବସ୍ତୁବା କିମିତି ? ଅଳ୍ପ ଅଳ୍ପ ହସି ମାଆ କୁହେ, "ବାପାରେ ! କୁଆଙ୍କୁ ମାରିବ କିଏ ? ସେମାନେ ପରା ଅମର ଲଡୁ ଖାଇଛନ୍ତି । କୁଆ ଜନ୍ମିଲେ ଶହେ ବରଷ ।" ଦଣ୍ଡେ ପରେ ଗଳାକୁ ଆହୁରି ନରମ କରି କୁହେ, "ସେମାନେ ରାମ ସୀତାଯ୍ୟା ଅମଳର ଚଢ଼େଇ । ବିଚାରାଏଁ ଛୁଆ ପାଳୁଛନ୍ତି ପରା । ସେମାନେ ଆମପରି ଚାଷ କରନ୍ତିନି । ମକା ତୁମେ ବି ଖାଇବ ତାଙ୍କ ଛୁଆ ବି ଖାଇବେ । ମକା କ'ଣ ଅଭାବ ହେଇଛି, ଯାହାକୁ ଯେତେ । ପଇସାକୁ ଦି'ଗଣ୍ଡା ଦଶଟା, ମାଗିଦେଲେ ପେଣ୍ଡାଏ ମିଳିବ । କୁଆ ସାଙ୍ଗରେ ବାଦ ମଣିଷ କରିବ ନା ?"

---

୩୪ଶ ବର୍ଷ, ପ୍ରଥମ ସଂଖ୍ୟା ।

Digitized by srujanika@gmail.com

ମାଆର ଏଇ ସ୍ନେହ, ବାତ୍ସଲ୍ୟ, ମମତାମିଶା କ୍ରୋଧ ଭିତର ଦେଇ କୁଆଛୁଆ ତାର ଶହେବର୍ଷର ଜୀବନଯାତ୍ରା ଆରମ୍ଭ କଲାପରି ଆମେ ବି ତାଙ୍କରି ସାଙ୍ଗରେ ଜୀବନ ଯୁଦ୍ଧରେ ଆଗଉ । ଜେଜେ, ଜିଜି, ବାପା, ମାଆ, ଏପରି କି ଧାଈମାଆ, ଆମେ ଭେଁ କରି କାନ୍ଦି ଉଠିଲେ ଯିମିତି କହନ୍ତି, "ହେଇ ଦେଖ୍, ହେଇ ଦେଖ୍ ବାପା, ଚଢ଼େଇ, ଆମେ ଲୁହଧାର ଭିତର ଦେଇ ଦେଖୁ ଏଇ କଳା ଚଢ଼େଇଟିକି । ଚାଳ ଉପରେ ବା ଅଗଣାର ସଜନାଗଛ ଡ଼ାଳରେ ବସି କାଆ କାଆ ହେଉଛି, ନାଲି ପାଟି ମେଲାକରି । କେଡ଼େ ସୁନ୍ଦର ବଙ୍କା ଚାହାଣୀ ତାର । ଦୁଧ ଦାନ୍ତଭରା ଆମ ପାଟିର ଏଡ଼େ ବଡ଼ ଆଁଟା କ୍ଷଣକେ ବନ୍ଦ ହୋଇଯାଏ, ଲୁହଧାର ଶୁଖିଯାଏ । ସାବାସ୍ କାଳିଆ ଭାଇ ।

ଦିନେ ଦିନେ ମାଆ ବଡ଼ କଳସୀ ଗୋଟାକରେ ପୂରା ମାଠିଏ ପାଣି ନଈର ବାଲିଚୁଆରୁ ଆଣି ରଖିଦେଇ ଅଣ୍ଟା ସଳଖାଇ ଶୁଣାଇ ଶୁଣାଇ କହେ, ଆଜି କୁଆ ଆଖି ପରି ନିର୍ମଳ ପାଣି ।" (ଏବେ କବିମାନେ କାଚକେନ୍ଦୁ ପାଣି କହୁଛନ୍ତି, ଯାହା ଆମେ କେବେ ଦେଖିନୁ) ଏମିତି କୁଆଟି ଆମର ପିଲାବେଳର ସାଙ୍ଗ ହୁଏ, ଏକାନ୍ତ ଆପଣାର ହୁଏ; ଏପରିକି ଆମର ଉପମା ସୃଷ୍ଟିର ଆଧାର ହୁଏ । କ୍ରମେ ସୁଖ ଦୁଃଖର ସାଥୀ ବି ହୁଏ କିଏ କୁଣିଆ ଆସିବ କାଆ କାଆ, କିଏ ରୋଗରେ ପଡ଼ିବ ଅବା କାଆ କାଆ, କିଏ ଦୁନିଆ ଛାଡ଼ିବ, ଭଙ୍ଗା କାନ୍ଥରେ ବସି କାଆ କାଆ ।

ପିଲାଦିନର ଘରୁଆ ସ୍ମୃତି ଓ ପରିବେଶ ଛାଡ଼ି ଚାଟଶାଳୀ, ପାଠଶାଳା ବା ଇସ୍କୁଲକୁ ଗଲେ ବି କୁଆ କ'ଣ ଆମକୁ ଛାଡ଼େ ? ପୃଷ୍ଠା ଖୋଲିଲାମାତ୍ରେ ଭାଇର ଛବି । ବନାନ ଆରମ୍ଭ 'କ'ରେ ଆକାର କା, କା, କାକ । କରେ ହ୍ରସ୍ୱ ଉ 'କୁ', ସ୍ୱର ଆ, କୁଆ । କେଡ଼େ ବିଶିଷ୍ଟ ଜୀବ । ତା ନାଆଁ ଆମ ଛବି ବହିରେ ବାହାରିଛି । "ମାଆ ! କୁଆର ଛବି ଦେଖିଛୁ ? ମୋ ବହିରେ ଅଛି ।"

ପୃଷ୍ଠାକୁ ପୃଷ୍ଠା, ବହିକୁ ବହି, କ୍ଲାସ୍‌କୁ କ୍ଲାସ୍ ବରଷକୁ ବରଷ ଆମେ ବଢ଼ିଚାଲୁ । "ଅ ଗଲେ ପଡ଼େ ଆ, କୁଆ କରେ କାଆ କାଆ । ରାତି ପାହିଲାଣି ରାବଇ କାଉ ।" କାକ ରାବ ଦେଲେ ପାହିଲା ରାତି ।" "ମାଧବ ରାଘବ ମଧୁସୂଦନ, ନିଦ୍ରା ଭାଙ୍ଗିଦିଅ.... ।" "ଉଠ ମୋହନ ....କାକ ଦେଲା ଡ଼ାକ, ଉଦୟ ହେଲେ ଦିନମଣି । ମୋର ଏବେ ବି ଧାରଣା, କୁଆ ନ ରାବିଲେ ସୂର୍ଯ୍ୟ ଉଇଁବେନି, ମୋହନ ଶେଯ ଛାଡ଼ିବେନି । ସତରେ କେଡ଼େ ବଡ଼ କଥା ! କୁଆ ରାବିଲେ ରାତି ଚାଲିଯାଏ, ଅନ୍ଧାର ଚାଲିଯାଏ, ଦିନ ଆସେ, ଆଲୁଅ ଆଉ ସୁଖ ଆସେ । କୁଆ କଣ ପେଚା ପରି ଅଶୁଭ ରାତି ଚଢ଼େଇ ହୋଇଛି କି ?

କୁଆ ଭାଇ ଧନ୍ୟ ମହିମା ତୋହର । ତୁ କେଡ଼େ ବୁଦ୍ଧିଟାଏ ନ ପାଞ୍ଚି ମାଠିଆରୁ ପାଣି ପିଇ ପାରିଲୁ ! ତୁ ଇଞ୍ଜିନିୟରିଂ କରିଛୁ । ହରିଣ, ମୂଷା, କଚିମ ସାଙ୍ଗରେ ମେଣ୍ଟ ବାନ୍ଧି କିମିତି ତୁ ହରିଣକୁ ବ୍ୟାଧ ମୁହଁରୁ ରକ୍ଷା ନ କଲୁ । ତୁ ଚାଣକ୍ୟ ପଢ଼ିଛୁ । ସଂସ୍କୃତ

Digitized by srujanika@gmail.com

ବହିରେ ତୁ ଅଛୁ, ସେକ୍‌ସପିଅରଙ୍କ ମାକ୍‌ବେଥରେ ବି ତୁ ଅଛୁ । "Light thickens, the crow makes wing to the rooky wood" କାହିଁ, ଆଉ କୌଣସି ଚଢ଼େଇ କଥା ତ ଏମିତି ଭାଷାରେ ସେ ଲେଖିଲେ ନାହିଁ । ଶହେ କଣ ପାଞ୍ଚଶ ବର୍ଷ ବଞ୍ଚି ସାରିଲୁ ବହିରେ, ତୁ ଅମର । ଖୁବ୍ ବ୍ୟତିବ୍ୟସ୍ତ ବାଧିକଲେ ମାଆ ଅତିବେଶୀ ହେଲେ ହଳିଆକୁ ଡ଼ାକି କୁହେ; "ଚଙ୍ଗାରେ ! ପାଳର ହୁରୁଡ଼ାଟାଏ କରି କାଣ୍ଡ କାଣ୍ଡ ବାଉଁଶ ତା ହାତରେ ଦେଇ ମକାବାଡ଼ିରେ ବସାଇ ଦେ ତ; ନହେଲେ ଗୋଟାଏ କଳା ହାଣ୍ଡିରେ ଚୂନରେ ଆଖି ନାକ କରି ବାଡ଼ି ଗୋଟାକରେ ରଖି ପୋତି ଦେ ତ; ଗଙ୍ଗା ମା କଥା ମାନି ଯୋଡ଼ାଏ ବିଚିତ୍ର ଜୀବ ବାଡ଼ିରେ ରଖିଦିଏ । କୁଆ କାହିଁକି ବା ଡ଼ରନ୍ତେ ?" ଆମେ ବରଂ ବାଡ଼ିକି ପଶୁନାହିଁ ଡ଼ରରେ ।

କୁଆ ଭାଇର ସବୁ ଭଲ, କିନ୍ତୁ ଆମେ ପେଟର ଆହାର ମକା ଛଡ଼ାଇ ନେବାଟା ପସନ୍ଦ କରି ହୁଏନି । ଗାଁ ସ୍କୁଲ ଛାଡ଼ି ମାଇନର ସ୍କୁଲକୁ ଗଲି, ବୋଡ଼ିଂରେ ରହିଲି । ମକା ପାଚିବା ଦିନ ଫେର ଆସିଲା । ଶନିବାରିଆ ପେଟେ ପେଟେ ପୋଡ଼ା ମକା, ମକା ପିଠା ଖାଇବା ପାଇଁ ଘରକୁ ଗଲି ।

ଗଣ୍ଡିଲି ଭିତରେ ଥାଏ ଗୋଟାଏ ଗୋଲେଲ । ଆମ ସାଙ୍ଗରେ ଜଣେ ଧନୀ ସର୍ଦ୍ଦାର ପୁଅ ପଢୁଥିଲା । ପୁରୁଣା ପାଞ୍ଜି ପୃଷ୍ଠାରୁ ଗୋଲେଲର ବିଜ୍ଞାପନ ପଢ଼ି ପଞ୍ଜାବର ଜଳନ୍ଧର ସିଟିକୁ ଡ଼ଜନେ ଅର୍ଡ଼ର ଦେଇଥିଲା ଗ୍ରୀଷ୍ମ ଛୁଟି ପୂର୍ବରୁ । ମାସେ ପରେ ପାର୍ଶଲ ଆସିଲା, ପାର୍ଶଲ ଖର୍ଚ୍ଚ ସହିତ ଗୋଟାକୁ ଚାରଣା ପଡ଼ିଲା ।  କାଳେ ହେଡ଼ମାଷ୍ଟର ଆଉ ହେଡ୍‌ପଣ୍ଡିତ ଆମର ଏ ଅସ୍ତ୍ର ଶିକ୍ଷା ବିରୁଦ୍ଧରେ ମାରଣାସ୍ତ୍ର ପ୍ରୟୋଗ କରିବେ; ଡ଼ରି ଆମେ କେହି କିଣିଲୁ ନାହିଁ । ସର୍ଦ୍ଦାର ପୁଅ ଏତେ ଅସ୍ତ୍ର ରଖି କଣ କରିବ ? ପୋଲାରେ ଆମକୁ ବାଣ୍ଟିଲା । ପୋଲାରେ ହାତ ହତିଆର ମିଳିଲେ ପ୍ରତିରକ୍ଷା ନାଆଁରେ କିଏ ବା ନ ଆଣିବ ? ପୁଣି ହାତ ହତିଆର ହାତକୁ ଆସିଲେ କାହା ହାତ ପ୍ରୟୋଗ ପାଇଁ ଖିଲବିଲ ନ କରିବ ?

ଚିକିଟା ମାଟିରେ ଗୁଳି ତିଆରି କରି ଖରାରେ ଶୁଖାଇ ଦିନେ ଗୋଲେଲି ଆକର୍ଣ୍ଣ ଟାଣି ମାଆକୁ ନୂଆ ମିଳିଥିବା ଅସ୍ତ୍ରର କରାମତି ଦେଖାଇଲି । ସାଏଁ କରି ଗୁଳି ଚାଳ ଉପର ଦେଇ ଚାଲିଗଲା ମକାବାଡ଼ିକି । ମାଆ ଭଲ କରି ଜାଣେ ମୁଁ କେବେ କୁଆ ମାରିପାରିବ ନାହିଁ । ତଥାପି ପାଖରେ ହତିଆର ଥିଲେ ଅନ୍ୟ କାହାକୁ ମାରି ନ ପାରିଲେ ବି ନିଜ ଆତ୍ମୀୟସ୍ୱଜନଙ୍କୁ, ନ ହେଲେ ନିଜକୁ ତ ଜଣେ ଶିକାର କରି ପାରିବ । ପିଲା ହାତରେ ନିଆଁ ହୁଳା ଦେଲେ ହନୁମାନ ପରି ସେ ସ୍ୱର୍ଣ୍ଣଲଙ୍କା ପୋଡ଼ିଦବ ଯେ, ମୁଁ ଆଉ ଗୋଲେଲର ପତ୍ତା ପାଇଲି ନାହିଁ, ପେଡ଼ି ବା ଓଳିଆ ଭିତରେ ଲୁଚାଇ ଦେଲା ।

ଅହନ୍ତା ମଣିଷକୁ କେତେ ପ୍ରତିହିଂସା ପରାୟଣ କରିପାରେ ଦେଖନ୍ତୁ । କଳା ବିଷୟକ ପାଠ୍ୟକୁ (ଯାହା ମୋ ରୋମାଣ୍ଟିକ ଚେତନାକୁ ପରିପୁଷ୍ଟ କରିଥାନ୍ତା)

Digitized by srujanika@gmail.com

ପ୍ରତ୍ୟାଖ୍ୟାନ କରି ବିଜ୍ଞାନ ନେଲି । ମାରଣାସ୍ତ୍ର ପ୍ରୟୋଗ କରି କୁଆ ବଂଶକୁ ନିପାତ କରିବା ପାଇଁ ପଦାର୍ଥ ବିଦ୍ୟାରୁ ଗତି, ବେଗ, ମାଧ୍ୟାକର୍ଷଣର ଜ୍ଞାନ ସଂଗ୍ରହ କଲାପରି କେମିଷ୍ଟ୍ରୀରୁ ବାତାବରଣ ଦୂଷିତକରଣ ଏପରିକି ପ୍ରାଣିବିଜ୍ଞାନରୁ ଜୀବାଣୁଯୁଦ୍ଧ ଶିଖିବାର ଚେଷ୍ଟା କଲି । ପରୀକ୍ଷା ପାଇଁ ଦିନେ କେମିଷ୍ଟ୍ରୀ ଲାବୋରେଟରୀରୁ ନାଇଟ୍ରିକ୍ ଏସିଡ୍ ଚୋରାରେ ଆଣି ରସଗୋଲାରେ ଦେଇ କୁଆଙ୍କୁ ଦେଲି । କାହିଁ କିଛି ହେଲାନି ତ । ତଥାପି ହତାଶ ନ ହୋଇ ବିଜ୍ଞାନ ଲବ୍ଧ ସମସ୍ତ ଜ୍ଞାନ କୁଆ ଜାତିକି ନିର୍ମୂଳ କରିବାରେ ପ୍ରୟୋଗ କରିବ ବୋଲି ଠିକ୍ କଲି । ଅବଶୋଷ ରହିଗଲା, ଦୂରଗାମୀ କ୍ଷେପଣାସ୍ତ୍ର ଅଣୁପରମାଣୁ ଯୁଦ୍ଧବିଦ୍ୟା ବିଷୟରେ ଜ୍ଞାନ ଅର୍ଜନ କରିପାରିଲି ନାହିଁ ।

କିନ୍ତୁ ବିଧିର ବିଧାନ ଅନ୍ୟ ପ୍ରକାର । ବାପାଙ୍କ ପରେ ପରେ ମାଆ ବି ଚାଲିଗଲେ । ମୋର ପାଠପଢ଼ାର ପରିସମାପ୍ତି ହେଲା । ପ୍ରଥମ ମହାସମର ଶେଷ, ପ୍ରଥମ ପୁରୁଷର ବି ଅନ୍ତ । ମୋର ପରିଣୟ ବି ହେଲା । ଚାକିରୀ ସହରରେ ମିଳିଲା । ସସ୍ତ୍ରୀକ ମୁଁ ଗାଁ ଛାଡ଼ିଲି । ଭିଟାମାଟି ପଡ଼ିରହିଲା । କାନ୍ଥ ଭାଙ୍ଗିପଡ଼ିଲା । ବଡ଼ ବଡ଼ ଗଛ ଯାହା କୁଆଙ୍କୁ ବସା ବାନ୍ଧି ଛୁଆ କରିବାରେ ସାହାଯ୍ୟ କରୁଥିଲା ତାହା ମଧ୍ୟ କାଠ ଅଭାବରେ ବିକ୍ରି ହେଲା । ଡ଼ିହବାଡ଼ ଭାଙ୍ଗି ଲୋକେ ନେଇଗଲେ । ନୂଆ ନୀତି ହେଲା, ହଳ ଯା'ର ଜମି ତା'ର । ମାଆ ତ ମଲା, ମକା ଚାଷ କରିବ କିଏ ? ଶିର ନାହିଁ, ମୁଣ୍ଡବ୍ୟଥା ଆସିବ କୁଆଡୁ ? ହେଲେ ସେଇ କୁଆଛୁଆ ଯୋଡ଼ିକି, ଯେଉଁମାନେ କି ଆମର କେତେବର୍ଷ ପରେ ଜନ୍ମି ବାଡ଼ିରୁ ମକା ଖାଉଥିଲେ ତାଙ୍କ ମାଆ ଥଣ୍ଟରୁ ? ତାଙ୍କର ତ ବୟସ ପ୍ରାୟ ପାଖାପାଖି କୋଡ଼ିଏ ହୋଇଥିବ ଏବଂ ଆମ ପରି ପିଲାଝିଲା ଜନ୍ମ କରିବା ଅବସ୍ଥାକୁ ଆସିଥିବେ । ଆମେ ଯିମିତି ବଜାରମୁହାଁ ଧଇଲୁ ସେମାନେ ଆମ ପିଛାପିଛା ଆସିବେ ନାହିଁ ତ ।

ସହରକୁ ଆସି କୁଆଙ୍କ ବିଶେଷତଃ ବଜାରିଆ କୁଆଙ୍କ ଗତିମତି, ପ୍ରକୃତି ଅନୁଧ୍ୟାନ କରିବାର ସୁବିଧା ସୁଯୋଗ ପାଇଲି । ଭଡ଼ାଘର ବାରଣ୍ଡାରେ କେନ୍‌ଭାସ ଚେୟାରଟାଏ ପକାଇ ଇତିହାସରୁ ସିପାହୀ ବିଦ୍ରୋହ (ଯାହାକୁ ଏବେ ପ୍ରଥମ ସ୍ୱାଧୀନତା ସଂଗ୍ରାମ କୁହାଯାଉଛି) କଥା ପଢ଼ିଥାଏଁ । ଏକାବେଳକେ ପତ୍ରହୀନ କୃଷ୍ଣଚୂଡ଼ା ଗଛର କଳାକଳା ଫଳଗୁଡ଼ାକ ଭିତର ଦେଇ ଦେଖି ପକାଇଲି ଗୋଟିଏ କୁଆ । ମନେପଡ଼ିଲା ମାଆର କଥା ପଦକ "କୁଆ ଜନ୍ମିଲେ ଶହେ ବରଷ ।" ତେବେ ତ' ଏଇ କୁଆଟା ଝାନ୍‌ସିର ରାଣୀ ତାନ୍ତିଆ ଟୋପି ଆଦିଙ୍କୁ ଦେଖିଥିବ । ବିସ୍ମୟାଭିଭୂତ ହୋଇ ଭାବୁଛି, ଆଉ ଗୋଟାଏ କୁଆ ହଠାତ୍ ଉଡ଼ି ଆସିଲା ମୋରି ଆଡ଼କୁ ଏବଂ ସାମନା ଘାସ ପଡ଼ିଆରେ ଚରୁଥିବା ରଙ୍ଗୀ ବାଛୁରୀ ପାଖକୁ ଚାଲିଗଲା । କ'ଣ କହିଲା ତା କାନରେ କେଜାଣି ବାଛୁରୀଟା ମଲାପରି ଭୂଇଁକି ଲାଗି ଶୋଇଗଲା, ଯିମିତି ରୋଗୀ ଡ଼ାକ୍ତର ଆଗରେ ପରୀକ୍ଷା ପାଇଁ ଶୋଇଯାଏ । କୁଆଟା ପ୍ରଥମରେ ତା ଆଖି ଦୁଇଟାରୁ

Digitized by srujanika@gmail.com

ଅତି ସାବଧାନରେ ଲଙ୍ଗରା କାଢ଼ି ଆଣିଲା, ତାପରେ ଚଣା ଖୁଣ୍ଟି ଖାଇଲା ପରି ଗୋଟିକି ଗୋଟି ଟିଙ୍କ ତା ଦିହରୁ ଟାଣିନେଲା । କୃଷ୍ଣଚୂଡ଼ା ଗଛର କୁଆଟା ସେତିକିବେଳେ ଗୋଟାଏ ଉଡ଼ିଯାଉଥିବା ଚିଲ ପଛରେ ଲାଗିଗଲା ଏବଂ ଚିଲ ନେଉଥିବା କୁକୁଡ଼ା ଚିଆଁକୁ ଉଦ୍ଧାର କରିଦେଲା ତା ନଖମୂନରୁ ପରଦିନ ଭୋର ସକାଳୁ କୁଆଡ଼େ ଯିବାର ଥାଏ, ଚର୍ଚ୍ଚ ଘଣ୍ଟା, ମସ୍‌ଜିଦର ଲାଉଡ୍‌ସ୍ପିକରରୁ ଆସୁଥିବା ଆଲ୍ଲା ହୋ, ମନ୍ଦିର ଘଣ୍ଟାଧ୍ୱନି କେହି ଉଠାଇପାରିଲେନି, ଝରକା ପାଖର କାଆ କାଆ ରାବରେ ନିଦ ଭାଙ୍ଗିଗଲା । ଭୋର ଟ୍ରେନ୍ ଧରିପାରିଲି ।

ଏ ଦୁଇଟି ଚଢ଼େଇ ଯୋଡ଼ ନା ବିଯୋଡ଼ ତର୍କଣ କରୁଥାଏ । ଦିନେ ଦେଖିଲି ଦି'ଜଣ ଏକାଠି ନୂଆଣିଆଁ ନଡ଼ିଆ ବାହୁଙ୍ଗାରେ ବସିଲେ, କ୍ରମେ ଡ଼େଇଁ ଡ଼େଇଁ ପାଖକୁ ପାଖକୁ ଆସି ଲଗାଲଗି ହେଲେ, ତାପରେ ଖୁମ୍ପାଖୁମ୍ପି, ଅଧାର ବଣ୍ଟାବଣ୍ଟି କଲେ । ଜଣେ ଆଉ ଜଣକର ଚୂଳ ଖାଙ୍କିଲା, ଆଉ ଜଣକ ସୁନ୍ଦା କରିଦେଲା, ତା'ପରେ ସିନେମାଷ୍ଟାର ପରି ଦୁହେଁ ଦୋଳିରେ ଝୁଲିଲେ । ପରଦିନ ଗାଡ଼ିଆରେ ଗାଧୋଇ ସିମେଣ୍ଟ ବେଞ୍ଚରେ ବସି ଖରାରେ ଡ଼େଣା ଶୁଖାଇଲେ, ଆମେ ଲୁଗା ଶୁଖାଇଲା ପରି । ସେମାନେ ଆମକୁ ଯିମିତି ଆଖିରେ ଚାହିଁଲେ ସେଥିରୁ ଜାଣିଗଲୁ ଏଇ ସେଇ ଶହେ ବର୍ଷିଆରୁ ହଳେ ଆମ ଗାଁରୁ ଆସିଛନ୍ତି ଏବଂ ପଚାରିଲେ ବାପା ଜେଜି ବାପାଙ୍କ ସନ୍ଦେଶ ଦେଇପାରିବେ ।

ଆଉ କେତେଦିନ ପରେ ଦେଖିଲି ସେମାନେ ଖିଆପିଆ ଭୁଲି ଜୋରସୋରରେ ବସା ବାନ୍ଧୁଛନ୍ତି, ସବୁଠୁ ସାନ ନଡ଼ିଆ ଗଛଟାରେ । ପାଖରେ ବଡ଼ଆମ୍ବ ବଉଳ ଗଛକୁ ଛାଡ଼ି, ଉଚ୍ଚତର ନିରାପଦ ସ୍ଥାନ ଛାଡ଼ି ନଡ଼ିଆ ଗଛଟାରେ ବସି ବାନ୍ଧିବାର କାରଣ ଅନୁମାନ କରି ଜାଣିଲି; ଆଗାମୀ ତିନି ମାସରେ କେହି ଦୁର୍ବୃତ୍ତ ନଡ଼ିଆ ଗଛରେ ଚଢ଼ିବେ ନାହିଁ, କାରଣ ସେ ଗଛଟାରେ ଫୁଲ ଫଳ କିଛି ନାହିଁ । ବସା ବାନ୍ଧିବାରେ ବି ସେମାନେ କୁଶଳୀ ଯନ୍ତ୍ରୀ ନୁହନ୍ତି । ତାଙ୍କ ପିଲାଙ୍କର ତୂଳା ଦରକାର ନାହିଁ । କାଠ, ଖଡ଼ିକା ଯାହା ଟାଣୁଆ ଚିଜ ମିଳିଲା ସେଥିରେ ଘର ବାନ୍ଧିଲେ ଚଳିଯିବ । କେବଳ ଖରା ବର୍ଷାରୁ ରକ୍ଷା ମିଳିଲେ ହେଲା । ତାଙ୍କ ଛୁଆମାନେ ଧନିଘର ପିଲା ପରି ତୂଳା ପରି ଡ଼ନଲପ୍‌ପିଲୋର ନରମ ଶେଯ ଚାହାନ୍ତି ନାହିଁ । ଗରିବ ଭିଖାରୀ ସହରର ରାସ୍ତା ଚଟାଣରେ ଅଚେତା ହୋଇ ଶୋଇ ପାରୁଛନ୍ତି ତ!

ଇତିହାସ ପଢ଼ି, ସେମାନଙ୍କ ଜୀବନଯାପନ ପ୍ରଣାଳୀ ଅନୁଧାନ କରି ଏବଂ ସେମାନଙ୍କ ପ୍ରତି ମାଆଙ୍କ ରକ୍ତମଜ୍ଜାଗତ ସ୍ନେହ, ବାତ୍ସଲ୍ୟ ମମତା ମନେପକାଇ ମୋର କୁଆ ଜାତି ପ୍ରତି କଠୋର ଦୃଷ୍ଟିଭଙ୍ଗୀରେ ବୈପ୍ଳବିକ ପରିବର୍ତ୍ତନ ଆସିଲା ।

କିଛିଦିନ ଯିବାପରେ ପୁରୁଷାନୁକ୍ରମେ ରୀତି ଓ ପରମ୍ପରାରେ ଖରାଦିନିଆ (ମେକାଦିନିଆ) ଦି' ପହରେ ଝରକା କବାଟ ବନ୍ଦକରି ଧୂଆ ସିମେଣ୍ଟ ଚଟାଣରେ

Digitized by srujanika@gmail.com

ଖୁବ୍ ନରମ କାରୁକର୍ମ ହୋଇଥିବା କଲିକତୀ ଶୀତଳପଟି ପାରି ଶୋଇଥାଉ (ମୋଆର ଛୁଆଁଦିଆ ମାଟି ଚଟାଣ କଥା ମନେପଡୁଛି ?) କାଆ କାଆ ରାବରେ ନିଦ ଭାଜିଗଲା । ମୋ ସ୍ତ୍ରୀ (ଠିକ୍ ମାଆଙ୍କ ପରି) ଅସନ୍ତୋଷର ନିଃଶ୍ୱାସ ମାରି କହିଲେ, "ଦଶାଦିଆ କୁଆ ଦି'ଟା ରବିବାରିଆ ଦି'ପହରେ ବି ମଣିଷକୁ ଶାନ୍ତିରେ ଶୋଇବାକୁ ଦେବେନି, ଅନର୍ଗଳ କାଆ କାଆ । ଆଉ କେହି ଯିମିତି ଛୁଆ ଜନ୍ମ କରୁନାହାନ୍ତି (ତାଙ୍କର ଅଷ୍ଟମ ପରେ ନବମଆଡ଼କୁ ଆଖି) କି ପାଳୁ ନାହାନ୍ତି । ମାଆ କହୁଥିଲେ "କୁଆ ଜନ୍ମିଲେ କୁଆଡ଼େ ଶହେ ବରଷ ।" ମଣିଷ ଦୁନିଆରେ ରହିବେ କିମିତି ଏମାନଙ୍କ ଜାଲାରେ ?

କୁଆ ଛୁଆ ବା ବଞ୍ଚିବେ କିମିତି ? ସହରରେ ତ ମକାବାଡ଼ି ନାହିଁ । କିମିତି କେଉଁଠି ପିଜୁଳିଟାଏ, ପପେୟାଟାଏ, ନହେଲେ କଦଳୀଟାଏ ପାଚିବା ପୂର୍ବରୁ ତ ଲୋକେ ତାଳି ନେଉଛନ୍ତି । ସେଇ ମଣିଷଙ୍କୁ ନିର୍ଭର କରି ସିନା ଆମେ ବଞ୍ଚିବୁ । ଘରପାଚେରୀ କାନ୍ଥ, ଛାତ; ନଡ଼ିଆ ଡ଼ାଳରେ ବସି କେତେବେଳେ ରୋଷେଇ ବସେଇ, ଖିଆପିଆ, ବଢ଼ାବଢ଼ି ଧୁଆଧୋଇ ଚାଲିଛି ତାକୁଇ ଚାହିଁ ବସିବା କଥା । ଆମ ପିଲାଙ୍କ ଭୋକ ପିଣି କମ୍ ନୁହେଁ, ମାସେ ଦୁଇମାସ ପୂରା ଖାଇଲେ ସିନା ଶୀଘ୍ର ବସା ଛାଡ଼ିବେ, କ'ଣ ମଣିଷ ପିଲା ହୋଇଛନ୍ତି ଯେ ମାପି ଯୋଖି ନ ଦେଲେ ପେଟ ବିଗିଡ଼ି ଯିବ, ଝାଡ଼ାବାନ୍ତି ହବ । ଏଣେ ମୋ ଘରେ ଆତଙ୍କ ପିଲାଝିଲାଏ କେଁ କାଁ ଭେଁ ଭାଁ ହେଉଛନ୍ତି । କାହା ହାତରୁ କିଏ ଚକୋଲେଟ ନେଇଗଲା, କାହାର ପାଉଁରୋଟି କିଏ ନେଇଗଲା, କାହାର ବା ଅଣ୍ଡା କିଏ ନେଇଗଲା, ପିଲାଝିଲାଙ୍କ ମାଆ ବି ଅତିଷ୍ଠ । କିଏ ଦୁଧ ଭାଣ୍ଡରେ ମୁହଁ ମାରିଦେଲା, ତାଓ୍ୱାରୁ ଇଲିସ ଖଣ୍ଡି ନେଇଗଲା । ପଚାରିଲି, "ହଇ ହେ, କ'ଣ କରିବା ? କିମିତି ୟାଙ୍କ ଦୌରାତ୍ମ୍ୟରୁ ରକ୍ଷା ପାଇବା ? ସ୍ତ୍ରୀ ଦର୍ଶନ ଶାସ୍ତ୍ର ପଢ଼ାଇଲା ପରି କହିଲେ, "ଧନୀ ଦରିଦ୍ର ଏକାଠି ରହିଲେ ଏମିତି ହବ । କେତେ ବାଡ଼ବତା ଦବ । ବୁଭୁକ୍ଷିତ ସବୁ ପାପ କରିପାରେ । ଚୋର ଡ଼କାୟତ ତ ଧନୀ ଦେଶରେ ଭରପୂର, ଆମର ଏ ଦରିଦ୍ର ଦେଶରେ କୁଆ ପରି ଛୋଟ ଛୋଟ ଚୋର ରହିବେ । ତୁମେ ଆମେ କେଉଁ ସାଧୁ କି ? ଆଚ୍ଛା ମୁଁ ବ୍ୟବସ୍ଥା କରୁଛି, ତୁମେ ରାଷ୍ଟ୍ରପତି, ଛୋଟ କଥାରେ ମୁଣ୍ଡ ବିଗଡ଼ାଅ ନି ।" ସ୍ତ୍ରୀ ଅଗଣାରେ ତାରଜାଲି ଦେଲେ ଯିମିତି କୁଆମାନେ ଡ଼ାଇଭ ମାରି ପାରିବେନି । ପିଲାଙ୍କ ଖେଳନା ବନ୍ଧୁକ ଦି ଚାରିଥର ଫୁଟାଇ ସୀମାନ୍ତରେ ବସାଇଦେଲେ । କୁଆ କାହିଁକି ନିବୃତ୍ତ ହେବେ ? ନିଜେ ବଞ୍ଚିବେ, ଛୁଆ ପିଲା ପାଳିବେ । ମାଆ ଯାହା ଶିଖାଇ ଥିଲା ସ୍ତ୍ରୀ ବି ସେଇଆ କହିଲେ । ମାତୃ ଜାତି ପରା ଦୁନିଆ ପାଳୁଛନ୍ତି; ଚଳାଉଛନ୍ତି ବି ।

କୁଆ ଜାତିର ତୃତୀୟ ପୁରୁଷ ଆସିଗଲେ ମଣିଷ ଜାତିର ତୃତୀୟ ପୁରୁଷ ବା ଥାର୍ଡ଼ ଜେନେରେଶନ ସଂଗେ ସଂଗେ, ପୁଣି ଆଗାମୀ ଶହେବର୍ଷର ଇତିହାସ ଲେଖିବା ପାଇଁ; କିନ୍ତୁ ଦୁଃଖର କଥା, ଅତୀତର ସମସ୍ତ ତିକ୍ତ ଅଭିଜ୍ଞତାକୁ ଭୁଲି ବର୍ଣ୍ଣବୈଷମ୍ୟ

Digitized by srujanika@gmail.com

ଦୂର କରନ୍ତେ କ'ଣ ଯୁଦ୍ଧଖୋରମାନେ ରାଜନୀତି, ଅର୍ଥନୀତି (ଟାଉଟରୀ) ନାଆଁରେ ନବ୍ୟ ସାମ୍ରାଜ୍ୟବାଦ, ନବ୍ୟ ସାମ୍ୟବାଦ ପ୍ରଚାର କଲେ ଏବଂ ବୈଷମ୍ୟର ପ୍ରାଚୁର୍ଯ୍ୟର ସତ୍ତ୍ୱେ କୁଆମାନଙ୍କ ଭିତରେ ବିଭେଦ ସୃଷ୍ଟି ପାଇଁ ନୂଆ ଗୀତ ଗାଇଲେ କୁଆ ସହିତ କୋଇଲି କି ଯୋଡ଼ି "କୁଆ କଳା ପୁଣି କୋଇଲି ତ କଳା ।" "So what? କ'ଣ ହେଲା ? ରାଜନୀତିରେ ପଲ୍ଟିକିସ୍ ପୂରାଉଛ କାହିଁକି ? 'କାକତୀର୍ଥ ଥିଲା 'କୋଇଲି' ବୈକୁଣ୍ଠ ଗଢ଼ିଲ କାହିଁକି ? କାକଃ କାକଃ ପିକଃ ପିକଃ ।

କିଛି ହେଉ ନ ହେଉ କୁଆ ବସା ଭିତରୁ କୋଇଲି ସ୍ୱର ଆସିଲା । ଏତେ ଶ୍ରମସାଧନ କରି ବସା ବାନ୍ଧି, ଡ଼ିମ୍ବ ଦେବାର ଓ ଛୁଆ ଫୁଟାଇବାର କଷ୍ଟ ସହି ସାଇପଡ଼ିଶାଙ୍କ ଠାରୁ ମାଗିଯାଚି ଛୁଆଙ୍କୁ ବଡ଼କରି ଡ଼େଣା ଲଗାଇଲା ବେଳକୁ କୁଆ କାଆ କାଆ ବଦଳରେ କୁଉ କୁଉ ସ୍ୱର କ'ଣ ? ଚୋରଣୀ କୋଇଲି ବେଳକାଳ ଉଣ୍ଡି ଆମ ବସାରେ ଡ଼ିମ୍ବ ଦେଇ ଆମ୍ବ ବଉଳ ମହକରେ ବଉଳ କୋଳି ଖାଇ ମନଫୁଲାଣିଆ ଗୀତ ଗାଉଛି । କବିମାନେ ଗୀତର ମୂର୍ଚ୍ଛନାରେ ମୁଗ୍ଧହୋଇ ପ୍ରେମ ଗୀତର ଫୁଆରା ଛୁଟାଉଛନ୍ତି । ଗଣି ନ ଶିଖୁଛୁ ବୋଲି ଦୁଇ ଜାଗାରେ ଚାରି ଛୁଆ ! ପର ଲାଗିବାରୁ ବହୁ କଷ୍ଟରେ ବଛାବଛି କରି ଚିହ୍ନିଲେ କିଏ କୁଆ କିଏ କୋଇଲି ଏବଂ କୋଇଲିର ଛୁଆଙ୍କୁ ବସାରୁ ଖୁମ୍ପି ତଡ଼ିଲେ ଏପରିକି ତାଙ୍କ ମାଆ ବାପାଙ୍କ ପିଛା ଲାଗି ଗଛରୁ ଗଛକୁ ଘଉଡ଼ାଇଲେ । ହେଉଛି ନା ! ଟ୍ରେସ୍‌ପାସ୍ କରିବ !!

ଏତିକିବେଳେ ବିପ୍ଳବର ଉପାସକ ରୋମାଣ୍ଟିକଧର୍ମୀ ଯୁବକଗଣ "କୋଇଲିର ଧର୍ଷଣ ଆମର ଧର୍ଷଣ" ଚିତ୍କାର କରି ପୂର୍ବ ପଶ୍ଚିମ ଉତ୍ତର ଦକ୍ଷିଣ ଚାରୋଟିଯାକ ଫ୍ଲାଟରୁ ଆକ୍ରମଣାତ୍ମକ ଭଙ୍ଗୀରେ ବାହାରି ଆସି ଚଢ଼ାଉ ଆରମ୍ଭ କଲେ ତାଙ୍କ ଉପରେ । ସୁପ୍ରୀମ୍ କମାଣ୍ଡର ଅଫ୍ ଏଲାଏଡ଼୍ ଫୋର୍ସେସ୍ ହେଲା ମୋର ପ୍ରଥମପୁତ୍ର ଯେ କି ଆମେରିକାରେ ଦଶବର୍ଷ ଯାବତ୍ ଏଟମିକ୍ ଏନାର୍ଜି ଉପରେ ଗବେଷଣା କରି ନୋବେଲ ପୁରସ୍କାର ପାଇବ ପାଇବ ହେଉଛି । ସେମାନଙ୍କ ସହିତ ଆହୁରି ଅନେକ ଅନେକ ଚିହ୍ନା ଅଚିହ୍ନା ଯୋଦ୍ଧା । ସେମାନଙ୍କ ଚିତ୍କାରରେ ଗଗନ ପବନ । ମୁଖରିତ ତଥା ସ୍ତବ୍ଧ ହେଲା । ଏକ ସ୍ୱରରେ ସେମାନେ କହୁଛନ୍ତି ଯୁଦ୍ଧଚାନ୍ଦା ଦିଅ, ଅଧିକ ଟେକ୍ସ ଦିଅ, ଅଧିକ ଖଜଣା ଦିଅ, ଶତ୍ରୁ ଦ୍ୱାରସ୍ଥ, ତାକୁ ନିପାତ କରିବୁ । ଏଫ୍-୧୬ ନହେଲେ ମିରେଜ କିଣିବୁ । କୁଆବଂଶର ତଥା କୁଆ ଛୁଆଙ୍କ ଅଭିବୃଦ୍ଧି ହେଉଛି । କୋଇଲିର ସର୍ବନାଶ ଅବଶ୍ୟମ୍ଭାବୀ । ଯୁଦ୍ଧପାଗଳାମି ରେଡ଼ିଓ ଟେଲିଭିଜନ ମାଧ୍ୟମରେ ସଂପ୍ରସାରିତ ହେଲା । ମେଷ୍ଟ, ଚକ୍ରାନ୍ତ, ସନ୍ଦେହ, ଅବିଶ୍ୱାସର ବାତାବରଣ ଆମ ଇଲାକାକୁ ଢାଙ୍କି ପକାଇଲା ।

ସାହାସ କରି ସେମାନଙ୍କୁ ବୁଝାଇଲି, "ଦେଖ, କୁଆ ରାଜ୍ୟରେ ତୁମ କୋଇଲିର ଅନୁପ୍ରବେଶ ସର୍ବାଦୌ ଗର୍ହିତ । ସେ ସମୃଦ୍ଧଶାଳୀ ଜାତିର, ଯାର ଅଭାବ ଅନାଟନ

Digitized by srujanika@gmail.com

ନାହିଁ, ପୁଞ୍ଜିବାଦ ଶ୍ରେଣୀର, ରୋମାଣ୍ଟିକ ଦୁନିଆକୁ ସଙ୍ଗୀତ ଜଗିଆରେ ଲତାମଙ୍ଗେସକର ପରି ଆୟତ୍ତ ବା କାବୁ କରି ରଖିଛି । କୁଆଟି ବିଚାରା ଖଟିଖିଆ ମେହେନତି ଦୁନିଆର । ଗରିବ ମାଇପ । ନା ଘର, ନା ଦ୍ୱାର ! ଷ୍ଟେସନ୍ ବଜାରର ନିମ ଅଶ୍ୱତ୍‌ଥ ଗଛରେ ପେଚା, ବଗ, ବଣି ଆଦି ତଳ ଶ୍ରେଣୀ ଚଢ଼େଇଙ୍କ ସାଙ୍ଗରେ ରାତି ଅନିଦ୍ରାରେ କଟାଏ । ଫେର୍ କୋଇଲିର ଛୁଆକୁ ପାଳି ଦେଉଛି । ମାନୁଛି, କୁଆ ସୁନ୍ଦର ନୁହେଁ ତାର ଦୃଷ୍ଟି ବକ୍ର, ଶ୍ଳେଷାତ୍ମକ କିନ୍ତୁ ଯଥାର୍ଥ ବିଚାର କଲେ ସେ ଏକ ସୁସ୍ଥ କ୍ଲାସିସିଜମ୍‌ର ପ୍ରତୀକ । ଆମ କଳା ବଡ଼ଠାକୁରଙ୍କୁ ବଳି କିଏ ବେଶି କ୍ଲାସିକ୍ ହୋଇପାରିବ ।"

ଏକାବେଳକେ ସମସ୍ତେ ଚିତ୍କାର କଲେ "we shall kill him for his bad verse" ଏବଂ ଧାଇଁଲେ ଅସ୍ତ୍ର ସଂଗ୍ରହ ଅଭିଯାନରେ ସେଇ ସେଇ ଦେଶକୁ ଯେଉଁଠି ସମଗ୍ର ମାନବ ଜାତିକୁ ପରଶୁରାମ ଏକୋଇଶ ଶହବାର ନିକ୍ଷେତ୍ରୀୟ କରିପାରିବା ପରି ଅସ୍ତ୍ରାଗାର ଅଛି ।

ଚାରିଆଡୁ ଚିତ୍କାର "ସମାଜବାଦ ରଖ" "ପୁଞ୍ଜିବାଦୀ ବଞ୍ଚାଅ" "ଗଣତନ୍ତ୍ର ରକ୍ଷାକର" ଏପରିକି "ରାଜତନ୍ତ୍ରର ଟେକ ରଖ" ଯାହାର ତାତ୍ପର୍ଯ୍ୟ ହେଲା ମଣିଷ ବିନିମୟରେ ବାଦ ବଞ୍ଚୁ । ମଣିଷ ଜାତିଟି ନର୍କେ ପଡ଼ିଥାଉ ବାଦଟି ଉଦ୍ଧାର ହେଉ ହେ ।

ମୁଁ କହିବାକୁ ଯାଉଛି "ହେ କୁଆ, ମାରିବାକୁ ଗୋଳାବାରୁଦ, ବନ୍ଧୁକ କମାଣ, ଉଡ଼ାଜାହାଜ, କ୍ଷେପଣାସ୍ତ୍ର କଣ ଲୋଡ଼ା ? ତୁମ ମାଆ ଜେଜେମା କିଏ ହୁରୁଡ଼ା ଗୋଟାକରେ ଆଉ କିଏ ବାଟୁଳି ବା ଖେଳନା ବନ୍ଧୁକର ଭୟ ଦେଖାଇ କୁଆଙ୍କୁ ଅଟକାଇ ପାରୁଥିଲେ, ତାଙ୍କ ପୂର୍ବପୁରୁଷ ବା ଆଦିମ ମାନବ ଠେଙ୍ଗାବାଡ଼ି, ଢେଲାପଥର, ହଲ୍ଲା ଚିତ୍କାରରେ ଅତିକାୟ ଡ଼ାଇନେସର୍ କବଳରୁ ବର୍ତ୍ତି ମଣିଷ ଜାତିକି ଲକ୍ଷ ଲକ୍ଷ ବର୍ଷଧରି ଜୀଆଇଁ ରଖିଛନ୍ତି, ଅଥଚ ସଭ୍ୟତାର ଚରମ ସୋପାନରେ ପହଞ୍ଚି ଇଏ କଣ କରିବାକୁ ଯାଉଛ ?"

ମୋ କଥା ତାଙ୍କ କାନର କୁହା ପହଞ୍ଚିଛି କି ନାହିଁ ଜନୈକ ନେତା ବୀରପୁଙ୍ଗବ ଜାତୀୟତା ବହ୍ନିରେ ଝାସଦେଇ ପେଣ୍ଟ ସାର୍ଟ ପିନ୍ଧିଥିବା ଅବସ୍ଥାରେ ବି ନଡ଼ିଆ ଗଛକୁ ଚଢ଼ିବାକୁ ଚେଷ୍ଟାକଲା କୁଆବଂଶର ସମଳୋତ୍ପାଟନ ତଥା ଧ୍ୱଂସ ସାଧନ ପାଇଁ । ଦି ହାତ ଚଢ଼ିଛି କି ନାହିଁ କାକଦମ୍ପତି ଆଗକୁ ମାଡ଼ି ଆସି କ୍ଷଣେ ଆସି ଆକ୍ରମଣ କରି ତା ମୁଣ୍ଡରେ ମୁହଁରେ ଡ଼େଣା ବାଡ଼େଇ, ଥଣ୍ଟ ନଖରେ (ଦିନ ଥିଲା ଏଇ ନଖ ଦାନ୍ତ ମଣିଷର ବି ଏକମାତ୍ର ଅସ୍ତ୍ରଶସ୍ତ୍ରରେ ଗଣାଯାଉଥିଲା) ଆଖି ନାକ କାନକୁ ଆମ୍ପୁଡ଼ି ରାମ୍ପୁଡ଼ି ଲହୁ ଝରଝର କରିଦେଲା । ପ୍ରାଣବିକଳରେ ପରାସ୍ତ ଓ ଅପମାନିତ ହୋଇ ସୂର୍ପଣଖା ଭାଇ ପାଖକୁ ଫେରିଲା । ପରି ଏଲାଏଡ଼୍ କ୍ୟାମ୍ପକୁ ଫେରିଗଲା ।

Digitized by srujanika@gmail.com

ତା'ପରେ ? ଅଦୃଷ୍ଟପୂର୍ବ ଅଶ୍ରୁତପୂର୍ବ ଦୃଶ୍ୟ ! କିଏ ଜାଣିଛି କୁଆମାନଙ୍କର ଏକତା, ଇଉନିୟନ, ବିଶ୍ୱମଜଦୁର ୟୁନିୟନ ପରି । କାକଦମ୍ପତି ଉପରେ ଏ ଅହେତୁକୀ ଅଚାନକ ଆକ୍ରମଣ ସମ୍ବାଦ ବିଜୁଳି ବେଗରେ ପାଇଲା ପରି ଚାହୁଁ ଚାହୁଁ କାମ୍ବୁଚିଆ, କୋରିଆ, ଭିଏଟାନାମ, ଇରାକ୍, ଇରାନ୍, ଇଜିପ୍ଟ, ଆଫ୍ରିକା, ଦକ୍ଷିଣ ଆଫ୍ରିକା, ପୋଲାଣ୍ଡ, ଆଫଗାନିସ୍ଥାନ, କ୍ୟୁବା ଓ ଆହୁରି ଦେଖା ଅଦେଖା ବଡ଼ ସାନ ରାଜ୍ୟରୁ କୁଆପଲ ଆର୍ତ୍ତ ଆତଙ୍କିତ ସ୍ୱରରେ କାଆ କାଆ ଡ଼ାକହାକ ହୋଇ ମୁହୂର୍ତ୍ତକେ ମିଳିତ ହୋଇଗଲେ, ତୃତୀୟ ମହାସମରର ଧର୍ମକ୍ଷେତ୍ର କୁରୁକ୍ଷେତ୍ରରେ । ଉଭୟ ସେନାଙ୍କ ସଂକ୍ଷିପ୍ତ ବର୍ଣ୍ଣନା ଆଧୁନିକ ସଞ୍ଜୟ ଅନ୍ଧ ଧୃତରାଷ୍ଟ୍ରଙ୍କୁ ଦେଇଥାନ୍ତେ "ମହାଭାରତ ! ମୁଁ ଦେଖୁଛି ଏକପକ୍ଷରେ ନବ୍ୟ କୌରବ ଅନ୍ୟ ପକ୍ଷରେ ନବ୍ୟ ପାଣ୍ଡବଙ୍କୁ । ଏକପକ୍ଷ ପୁଞ୍ଜିବାଦ ତ ଅନ୍ୟପକ୍ଷ ସାମ୍ୟବାଦ, କିଏ ପୂର୍ବ କିଏ ପଶ୍ଚିମ, କିଏ ନର୍ଥ ଅନ୍ୟପକ୍ଷ ସାଉଥ୍, ଦଳେ ଗୋରାକୁ ଅନ୍ୟ ଦଳ କଳା, କିଏ କ୍ଲାସିସିଷ୍ଟ ତ ଅନ୍ୟପଟ ରୋମାଣ୍ଟିସିଷ୍ଟ, ଚୁମ୍ବକରେ କହିଲେ ଏକ ପକ୍ଷରେ କୁଆ, ଅନ୍ୟ ପକ୍ଷରେ କୋଇଲି ।" ପୁଣି କହିଲେ "ହେ ମହାତ୍ମନ୍ ! ଏ ସମରକୁ ଆପଣଙ୍କ ପୁତ୍ରମାନେ ଯିମିତି ପ୍ରସ୍ତୁତ ହୋଇଛନ୍ତି ପୂର୍ବ କଳ୍ପିତମତେ ମୋର ବିଶ୍ୱାସ ଏ ଯୁଦ୍ଧ ପାଞ୍ଚ ପାଞ୍ଚ ବର୍ଷ କଣ, ଅଠର ମିନିଟ୍ ପୂର୍ବରୁ ଶେଷ ହୋଇଯାଇପାରେ, କିନ୍ତୁ ଆପଣ ଶୁଣି ଆଶ୍ଚର୍ଯ୍ୟ ହେବେ, କାହିଁକି ଏ ଯୁଦ୍ଧ କେହି ଯୋଦ୍ଧା ଜାଣନ୍ତିନାହିଁ । କିଏ କହେ ମାନସମ୍ମାନ ପାଇଁ; କିଏ କହେ ଖାଦ୍ୟ ପାଇଁ, କିଏ କହେ ବଞ୍ଚିବା ପାଇଁ, କିଏ କହେ ଜନସଂଖ୍ୟା ରୋକିବା ପାଇଁ, କିଏ ବା କହେ ଦରଦାମ୍ ବୃଦ୍ଧି ପାଇଁ ଯୁଦ୍ଧ, ଅନେକ କହନ୍ତି ବେପାରବଣିଜ ପାଇଁ ବା ଯୁଦ୍ଧ ପାଇଁ ଯୁଦ୍ଧ କ୍ଷମତା ପାଇଁ ଯୁଦ୍ଧ, କିନ୍ତୁ କେବଳ ଗୋଟିଏ ପକ୍ଷକୁ ବର୍ତ୍ତମାନ ଦେଖୁଛି କୁଆ କୁଆ କୁଆ, ଆକାଶ ପୃଥିବୀ ଅନ୍ଧକାରମୟ କୁଆପଲରେ ।"

ସୁପ୍ରୀମ କମାଣ୍ଡର ଅଫ୍ ଦି ଆଲାଏଡ଼୍ ଫୋର୍ସେସ ସେତେବେଳକୁ Some where in the western front ରେ ଥାଇ ଟେଲିଭିଜନ ସାହାଯ୍ୟରେ ଏଲାଏଡ଼ଙ୍କ ପ୍ରାଥମିକ ପରାଭବ ଦେଖିସାରିଲେଣି । ପରାଭବ ଯେତେ ନ ବାଧେ ସର୍ବସାଧାରଣରେ ବିଶ୍ୱ ଦରବାରରେ ପରାଭବଜନିତ ଅପମାନ ବେଶୀ ବାଧେ । ସୁପ୍ରୀମ କମାଣ୍ଡରଙ୍କୁ କିଏ ବା ଜାଣେ ? ସେ ମୋର ପୁତ୍ର ଆଦାମଙ୍କ ପୁତ୍ର ମନୁଙ୍କ ପୁତ୍ର, ଆପଣଙ୍କ ପୁତ୍ର, ଏପରିକି ଯୀଶୁ, ମହମ୍ମଦ, ବୁଦ୍ଧ, ଜୀନଙ୍କ ପୁତ୍ର । ଭଗବାନ ନିଜ ଚେହେରା ସହିତ ମେଳ ରଖି ସୃଷ୍ଟି କରିଛନ୍ତି । ସୁପରହ୍ୟୁମାନ ତାଙ୍କୁ ନ କହି ସୁପର ପାୱାର କହିବା ସମୀଚୀନ । କୁଆଗୁଡ଼ାକ ତାଙ୍କ ସୃଷ୍ଟି ଧ୍ୱଂସ କରିବେ ଏ କଥା ସେ ସହିବେ କିପରି ? ମୋର ଅଜ୍ଞାତରେ ସମଗ୍ର ପୃଥିବୀର ଅଜ୍ଞାତରେ କେଉଁଠି କି ପ୍ରକାର ଅସ୍ତ୍ର ପୃଥିବୀର ଶେଷସମର ପାଇଁ ଲୁଚାଇ ରଖିଥିଲେ ତାରି ପାଖରେ ବସି ସେ କାଉଣ୍ଟ ଡ଼ାଉନ୍ କରି ଚାଲିଥାନ୍ତି, ଖାଲି ସୁଇଚ୍ ଟିପିଲେ ହେଲା । ଯିମିତି ସଇତାନ ଅଶୁଭ

Digitized by srujanika@gmail.com

ମୁହୂର୍ତ୍ତରେ ସୂଚନା ଦେଇଛି ସେମିତି ସେ ଆଇନ୍‌ଷ୍ଟାଇନ୍ ଓପେନହାଓ୍ୱାର, ଆଇଜେନହାଓ୍ୱାର ଏପରି କି ଫ୍ରେଙ୍କିନ୍‌ଷ୍ଟାଇନ ଓ ଭସ୍ମାସୁରର ନାଆଁ ଉଚ୍ଚାରଣ କରି କମ୍ପ୍ୟୁଟର ସାହାଯ୍ୟରେ ଠିକ୍ ଲକ୍ଷ୍ୟସ୍ଥଳରେ ଆଖି ବନ୍ଦକରି ପକାଇଦେଲେ ।

ସେ ଦୁର୍ନିରୀକ୍ଷ ଦୀପ୍ତାନଳାର୍କଦ୍ୟୁତି ଅର୍ଜୁନ ଦେଖିଥିଲେ ଏବଂ ଶୁଣିଥିଲେ, ଭବିଷ୍ୟବାଣୀ "କାଳୋଽସ୍ମି ଲୋକକ୍ଷୟକୃତ ପ୍ରବୃଦ୍ଧ, ଲୋକାନ ସମାହର୍ତ୍ତୁ ଇହ ପ୍ରବୃତ୍ତଃ" । ସେ ଭୟାବହ ଦୃଶ୍ୟ ବର୍ଣ୍ଣନା ପାଇଁ କେହି ବର୍ତ୍ତିନଥିଲେ, ଏପରି କି ସୁପ୍ରୀମ କମାଣ୍ଡର ମଧ । କେବଳ ହିରୋସୀମା ନାଗାସାକିର ପ୍ରଳୟରୁ ଦୈବାତ୍ ବର୍ତ୍ତିଥିବା ଅନ୍ଧବଧିର ଆଂଶିକ ବିବରଣୀ ଦେଇପାରିବ ।

ବଡ଼ ବଡ଼ ପାହାଡ଼ର ଗୁମ୍ଫାରେ ବା ମହା ସମୁଦ୍ର ମଝିରେ ଯେଉଁମାନେ ଥିଲେ ସେମାନେ ଫେରିଆସି ମୁମୂର୍ଷୁ ଅବସ୍ଥାରେ ଘଟଣା କିଛି ବୁଝି ପାରିଲେ ନି କିମ୍ବା କିଏ କୁଆ କିଏ କୋଇଲି ଚିହ୍ନିପାରିଲେ ନି । କାରଣ ଦୁହେଁ ସମାନ ଦିଶୁଥିଲେ ମୃତ୍ୟୁ ଶଯ୍ୟାରେ ।

ସହାନୁଭୂତି ଓ କୌତୁହଳ ନେଇ ପୃଥିବୀର ଏ ମହାପ୍ରଳୟ ପରେ ହୁଏତ ଗ୍ରହାନ୍ତରୁ ଅପାର୍ଥିବମାନେ ଆସିଥିବେ ଏବଂ ଧୂମକୁଣ୍ଡଳୀ ଓ ଧୂଳିପଟଳ ଭେଦ କରି ଟୁକୁରା ଟୁକୁରା ତଥ୍ୟ ଯୋଡ଼ାଯୋଡ଼ି କରି ମାନବ ଜାତିର ଇତିହାସ ପାଇଁ ପୁଣି ରଚନା ପ୍ରୟାସ କରିଥିବେ, କିନ୍ତୁ ଆଦୌ ବୁଝିପାରିନଥିବେ ଏଇ ଅମୃତସ୍ୟ ପୁତ୍ରାଃ କାହିଁକି ଛେପ ଖଙ୍କାର ଖାଇ ଶତାବ୍ଦୀ ପରେ ଶତାବ୍ଦୀର ଇତିହାସ ଲେଖି ଯାଇଥିବା ଜୀବଗୁଡ଼ାକୁ ମକା ମୁଠାକ ପାଇଁ ନିଶ୍ଚିହ୍ନ କରିଦେଲେ । କେବଳ ସେତିକି ନୁହେଁ, ଇଥର ଏବଂ ବାୟୁ ମଣ୍ଡଳରେ ଖେଳି ବୁଲୁଥିବା ପୂର୍ବପୁରୁଷଙ୍କ ଛବି ଓ କଥାଗୁଡ଼ାକ ଯାହା ସେଇ ଅପାର୍ଥିବ ମାନେ ଯନ୍ତ୍ର ସାହାଯ୍ୟରେ ପୁନରୁଦ୍ଧାର କରିପାରିଥାନ୍ତେ ମଧ ବିକୃତ ଓ ବିକ୍ଷୁବ୍ଧ କରିଦେଇ ଉଭେଇଗଲେ ସେଇ ଅପରିଣାମଦର୍ଶୀ ଦୁର୍ବୃତ୍ତ ଗୁଡ଼ାକ । ଯୋଡ଼ାଏ ତିନିଟା ମହାଭାରତ ପରେ ମଧ ପୁଣି ଝିମିଟି ଖେଳରେ ମାତିଥିଲେ କାହିଁକି ? କି ନାମ କି ପୌରଷ; କି ଅବା ବିଦଗ୍‌ଧତା ସେଇଥିରେ ଥିଲା ।

ତା'ର ଉତ୍ତର ଦେଉଥିଲା ସଇତାନର ବିକଟ ଉଲ୍ଲାସମୟ ଅଟ୍ଟହାସ୍ୟ ଓ ଅଶରୀରୀ ପ୍ରେତାତ୍ମାଙ୍କ ବୀଭତ୍ସ ଚିତ୍କାର ଓ ଆର୍ତ୍ତନାଦ । ମେଦିନୀର ଆଉ କୁଆର ଥଣ୍ଟ କି କୋଇଲିର ବେଣ୍ଟ ନଥିଲା ।

Digitized by srujanika@gmail.com

# ଆଈବୁଢ଼ୀ

ପଟ୍ଟନାୟକ ବାବୁ ଦୁଃଖ-ବିରକ୍ତି ମିଶା ଗଳାରେ ଘରୋଇ କଥା ଗପି ଚାଲିଥାନ୍ତି । "ଦେଖନ୍ତୁ, ଆମ ଘରେ ଚାରି ପାଞ୍ଚଟା ପିଅନ, ଚପରାସି ସକାଳୁ ସଞ୍ଜ ଦିନରାତି ଖଟୁଛନ୍ତି । କିଏ ପାଣି କାଢୁଛି, କିଏ କାଠ କାଟୁଛି, କିଏ ରୋଷେଇ କରୁଛି, କିଏ ବଜାର କରୁଛି, କିଏ ଘର ପୋଛୁଛି, କିଏ ପିଲାଝିଲାଙ୍କୁ ସାଇକେଲରେ ବସାଇ କନଭେଣ୍ଟସ୍କୁଲକୁ ନିଆଅଣା କରୁଛି, ତଥାପି ଆମ ମିସେସ୍‌ଙ୍କ ମନ ମାନୁନାହିଁ, କହୁଛନ୍ତି, 'ଏଗୁଡାକୁ ନେଇ ତମେ ଅଫିସ କିମିତି ଚଳାଉଛ, ଗୁଡାଏ ଅପଦାର୍ଥ ବୁଢ଼ା ଅଳସୁଆ, ମୁଁ ଆଉ ପାରିବିନାହିଁ, ପାଞ୍ଚପାଞ୍ଚଟା ପିଲାପିଲିଙ୍କି ନେଇଯିବା ଆସିବା ତ ସଦାବେଳେ ପୁଣି ଲାଗିଛି, ପ୍ରତିଦିନ ଚାଳିଶ ପଚାଶ କପ୍ ଚା' ତୁମେ ଏଗୁଡାକୁ କୁଆଡ଼େ ବଦଳି କରିଦେଇ ନୂଆ ଲୋକ ଆଣ, ନହେଲେ ଘର ଚଳାଅ, ତୁମପରି ନରମ ଲୋକ ନେଇ ସରକାର ଯେ କିମିତି ଚାଲିଛି ..."

ପାଖପଡ଼ୋଶୀ ବାଲ୍ୟବନ୍ଧୁ ଆମର ଏଇ ଅମାୟିକ ଅଫିସରଟିକୁ ସାନ୍ତ୍ୱନା ଆଶ୍ୱସନା ଦେବାପାଇଁ କହିଲି, "ଆଉ ସେସବୁ କୁହନ୍ତୁ ନାହିଁ, ଆଜିକାଲି ଚାକରବାକର ସମସ୍ୟା ଏମିତି ଉତ୍କଟ ହେଲାଣି ଯେ ଚାକରଚାକରାଣୀଙ୍କ ସହିତ ମିଳିମିଶି ନିଜେ ମୂଲିଆ କାମୁଡୁଣୀ ନ ହେଲେ ଘର ଚଳିବନାହିଁ । ଆସୁଥିବେ, ଯାଉଥିବେ, ଦିନେ ଦୁଇଦିନ ପରେ ଚଖାଚଖି କରି ଅନ୍ତର୍ଦ୍ଧାନ ହୋଇଯାଇଥିବେ ।"

ପଚାରିବି ଭାବୁଥିଲି, "ପଟ୍ଟନାୟକ ବାବୁ! ଚତୁର୍ଥ ପାହିଆ କର୍ମଚାରୀସଂଘ ଏମାନଙ୍କୁ ସମସ୍ତଙ୍କୁ ଆପଣଙ୍କ ଘର କାମ କରିବାକୁ ଦେଉଛି କିପରି ? ଆପଣ ନିଜେ କ୍ଲାସ୍ ଉଆନ୍ ଅଫିସର ହୋଇ ଏଗୁଡ଼ାକୁ ଘର କାମରେ ଲଗାଇଛନ୍ତି କିପରି" ? ପଚାରିଲି ନାହିଁ ଅପ୍ରିୟ ସତ୍ୟ କଥା । ବରଂ ଯୋଡ଼ିଲି, "ଆମର ଯେ ବୁଢ଼ୀଟା ଗଲା ଦିନରୁ ସାତଆଠଟା ଆସିଲେଣି, କିଏ ଦିନେ ତ କିଏ ଓଳିଏ । ହଇରାଣ ହରକତର ସୀମା ନାହିଁ । ନିଜେ ସବୁ କାମ କରୁଛୁ, ବାସନକୁସନ ମାଜୁଛୁ, ମସଲା ବାଟୁଛୁ ..."

କଥା ସେତିକିରେ ରହିଗଲା, ବାହାର ଦରଜା ଜଞ୍ଜିରର ଖଟ୍‌ଖଟ୍ ଶବ୍ଦରେ । ବ୍ଲାକି ମୋ କୋଳରେ ଶୋଇଥିଲା । ଡ଼େଇଁପଡ଼ି କାନକୁ କାନ୍ଧ ଉପରେ ଲମ୍ବାଇ ଶଶା ପରି ଡ଼େଇଁ ଡ଼େଇଁ ଦଉଡ଼ିଲା ଦାଣ୍ଡଦରଜା ପାଖକୁ । ଭୁକିଲା ନାହିଁ । ଚିହ୍ନା ଅଚିହ୍ନା କୁକୁରଗୁଡ଼ାକ ଅକ୍ଳେଶରେ ଜାଣିପାରନ୍ତି ଅଥଚ ଆମେ ନିଜେ ଆତ୍ମୀୟସ୍ୱଜନଙ୍କୁ ନ ଦେଖିଲାଯାକେ ଚିହ୍ନି ଜାଣିପାରୁନାହିଁ । ବ୍ଲାକିର ପ୍ରତିକ୍ରିୟାରୁ ମୁଁ ଜାଣିଲି କିଏ ଚିହ୍ନା ଅତିଥି । ସିଧା ତା' ପଛେ ପଛେ ଚାଲିଲି । କଇଁ କଇଁ ହୋଇ ମୋତେ ଶୀଘ୍ର କବାଟ ଫିଟାଇବାକୁ କହୁଥାଏ । ନଖରେ କବାଟକୁ ରାମ୍ପି କିଳିଣି ଫିଟାଇଲି । କବାଟ ଖୋଲିଗଲା । ଆଈବୁଢ଼ୀ ।

Digitized by srujanika@gmail.com

ପାଟିରୁ ବାହାରିପଡ଼ିଲା "ଆସିଗଲୁ ?" ସାମାନ୍ୟ ଟିକେ ହସ ଆଖି ଓ ଓଠରେ ଖେଳାଇ ବୁଢ଼ୀ କହିଲା, କହିଥିନି ଆସିମି ବୋଲି, ଆସିମିନି ?"

ବୁଢ଼ୀ ମୋତେ 'ତୁ' 'ତା' କରେ, ପିଲାଙ୍କୁ 'ବେ' 'ବା' କରେ। ଆମ ପରିବାରର ଯୁଗ ଯୁଗ ଧରି ଅଭିଭାବିକା ଯିମିତି।

ଘର ଭିତରକୁ ପଶି ଆସି ଆଙ୍ଗୁଳି ଆଗରେ ଛିଡ଼ାହୋଇ ବହୁ କଷ୍ଟରେ ହାତ ପହୁଞ୍ଚାଇ ବୋଲ୍‌ଟଟାକୁ ଲଗାଇଦେଲା।

ଛାଙ୍ଗିରୀ ବୁଢ଼ୀଟି, ମୋର ଛାତିଏରୁ ଊଣା ହେବ। ଝୁର୍‌ଝୁରି ମୁଣ୍ଡି। ଧଳା ଚୂଳଗୁଡ଼ାକୁ ରଖି କଳାକୁ ସବୁ ନିର୍ମୂଳ କରିଦେଇଛି ଯିମିତି। ନାହୀନାଡ଼ କାଟି ତା ମାଆ ଓଠରେ ଘଷି ଯେଉଁ ନାଲି ରଙ୍ଗ ଦେଇଥିଲ, ସେଇ ରଙ୍ଗ ଆଜିଯାକେ ଲାଖି ରହିଛି। ପାନ ଖାଇଲେ ନ ଖାଇଲେ ବି ସେଇ ଏକ ମିଠା ନାଲି ରଙ୍ଗ। ତିନିମାସର ଟିକି ଝିଅଟି ଯେଉଁ ପ୍ରଥମ ହସ ହସିଥିଲା, ତାହା ବୁଢ଼ୀ ହେବାଯାକେ ତାର ଓଠରେ ଲାଖି ରହିଛି। ଜୀବନର ଦୁର୍ଦ୍ଦିନରେ ସାମୟିକ ଲିଭିଲେ ବି ପୁଣି ଫୁଟି ଉଠେ।

ଦିହ ହଳଦି ଗରଗର। ସାଇୟା ବ୍ଲାଉସ୍ କିଛି ନାହିଁ। ଗାରେ ନାଲି ଧଡ଼ିଥିବା ଆଠଗଜୀ ଧୋତିକି ଶୁଆରଙ୍ଗ ସାବୁନ ଦେଇ ରଙ୍ଗ କରିନେଇଛି। ଆଠ ଆଠୁଟା ଛୁଆଙ୍କୁ ସେ ବେଇଛି, ପେଇଛି, ପାଳିଛି, ବଡ଼ କରିଛି, ବିଭା ଦେଇଛି। ଏବେ ବି ଦିହର ସୁଆଙ୍ଗ ଖଟାଇ ଠୁକୁରୁମୁରୁର୍ କାମ କରି ପାରୁଛି। ଆଗରୁ ତିନି ଚାରି ଘରେ ଖଟୁଥିଲା। ଏବେ 'ଗତର ପଡ଼ିଆସିଲାରୁ' ସେ କେବଳ ମୋ ଘରେ ବାସନକୁସନ ଦିଖଣ୍ଡ ମାଜୁଥିଲା, ଘର ପୋଛୁଥିଲା, ଲୁଗାପଟା ଧୋଉଥିଲା, କୂଅରୁ କେତେ ବାଲ୍‌ଟି ପାଣି କାଢୁଥିଲା। ଏ ସମସ୍ତ କାମପାଇଁ ମୁଁ ତାକୁ ଦେଉଥିଲି ମାସକୁ ଆଠଟଙ୍କା ମକର ଆଉ ଦୁର୍ଗାପୂଜାରେ ଦିଖଣ୍ଡ ହାତବୁଣା ଧୋତି। ଖାଇବାକୁ ଦିଏ ନାହିଁ। ଆଜିକାଲି ବଜାରରେ ଦି'ବେଳା ଖାଇବାକୁ ଦେଲେ ମାସକୁ ଶହେ ପଡ଼ିଯିବ; ଲୁଗାପଟା କାଚିଲେ କପେ ଚା' ନ ହେଲେ ମୁଠେ ମୁଢ଼ି।

ବୁଢ଼ୀ ଭିତରକୁ ଆସୁଛି। ବ୍ଲାକି ତା ଆଗକୁ ଛାଡ଼ିବାକୁ ନାରାଜ। ଖୁସିରେ ଡ଼ିଆଁ ମାରୁଛି ତା କାନ୍ଧ ପର୍ଯ୍ୟନ୍ତ। ଅସମ୍ଭାଳରେ କେତେ ଟୋପା ମୂତି ପକେଇଲାଣି ବୁଢ଼ୀର ଲୁଗାରେ। ବୁଢ଼ୀ କହୁଥାଏ, "ହେଲା, ହେଲା ଆଉ କେତେ ଶରଧା କରିବୁ, ଚାଲ ଚାଲ ଘର ଭିତରକୁ ଚାଲ।" କାନମୁଣ୍ଡ ଆଉଁଷି ଦେଉ ଦେଉ କହୁଥାଏ "ଆରେ ଆରେ ମୋ ଲୁଗା ଚିରି ଯିବରେ ବ୍ଲାକି! ପଚା ପୁରୁଣା ଲୁଗାଟା ପରା!" ଏମିତି ସମ୍ବର୍ଦ୍ଧନା ପାଇସାରିବା ପରେ ସେ ଘର ଭିତରକୁ ଆସିଲା। ମୋ ପଛକୁ ଦୁଇପୁଅ, ତାଙ୍କ ପଛକୁ ବ୍ଲାକି, ତା ପଛେ ପଛେ ବୁଢ଼ୀ।

ଆମେ ଶୋଭାଯାତ୍ରା ଦେଖି ପଟ୍ଟନାୟକ ବାବୁଙ୍କୁ ଜଣାପଡ଼ିଥିବ କୁଇନ୍ ଭିକ୍ଟୋରିଆଙ୍କ ଭାଗ୍ୟରେ ଏମିତି ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ବର୍ଦ୍ଧନା ଘଟିନଥିବ। ବୁଢ଼ୀ ତା

Digitized by srujanika@gmail.com

ନିଜ ଘରେ ବହୁଦିନ ପରେ ପାଦ ଦେଲା ପରି ଭୂଇଁରେ ପାଦ ଜୋରେ ମାଡ଼ି ମାଡ଼ି ସିଧାସଳଖ ଚାଲିଥାଏ । ମୁହଁରେ ବିମଳ ଆନନ୍ଦ ଓ ଗର୍ବ ଖେଳାଇ ।

ପୁଅ ଦୁହେଁ, ବ୍ଲାକି ଓ ମୁଖ୍ୟଅତିଥି ଅଗଣାଆଡ଼କୁ ଚାଲିଲେ । ପଟ୍ଟନାୟକବାବୁ ଆଖି ଢିମା ଠାରି ମୋତେ ଇଙ୍ଗିତ ଦେଲେ "ଆପଣ ତ ରକ୍ଷା ପାଇଲେ, ବୁଢ଼ୀ ଆସିଗଲା ।" ଦଣ୍ଡେ ପରେ ସ୍ଫୀତ ବପୁକୁ ସୋଫାରୁ ଉତ୍ତୋଳିତ କରି ମୋଡ଼ିଭାଙ୍ଗି ହେଇ, କହିଲେ, "ଯାଏ, ଘରେ ଚିନ୍ତୁଥିବେ । ବହୁତ ସମୟ ବସିଗଲି" । ମୁଁ ତାଙ୍କୁ ବାଟଦେଖାଇ ଦେଇ ଚାଲିଗଲି ଅଗଣାଆଡ଼କୁ ।

ଦେଖିଲି ବୁଢ଼ୀ ରୋଷେଇଘରୁ ଅଇଁଠା ବାସନକୁସନସବୁ ନେଇ କୂଅପାଖରେ ମେଲିଦେଇଛି । ବାଲ୍‌ଟି ପାଣି କୂଅରୁ କାଢୁଛି । ସାନପୁଅ ତା ପାଖରେ ଛିଡ଼ାହୋଇ ପଚାରୁଛି ତାର ସେଇ ଗୋଟିଏ ପୁରୁଣା ପ୍ରଶ୍ନ 'ଆଇ ! ଆଜି ବର୍ଷା ହବ ନା ? ଆଇବୁଢ଼ୀ ରାଗିବାର ଛଳକରି କହୁଛି "ତୋ ବାପାକୁ ପଚାର । ସେ ସିନା କହିପାରିବ । ପାଠଶାଠ ପଢ଼ିଛି । ମୁଁ ତ ମହାମୂରୁଖ । ଗୁଣିଆ ନା ଦିଆସି ନା ଜତିଷ ହୋଇଛି ଯେ ମେଘ କଥା କହିମି । ଜହ୍ନରେ ମଣ୍ଡଳ କାଟିଛି, ବର୍ଷାହବ ବୋଲି ସାଇ ଲୋକ କୁହାକୁହି ହେଉଥିଲେ ।"

ସାନପୁଅ ହାତଟା ତା'ଆଡ଼କୁ ବଢ଼ାଇ ଦେଇ ପଚାରିଲା "ଆଇ ! ମୋ ହାତ ଦେଖି କହତ ମୁଁ କେତୁଟା ବାହା ହେବି" ? ବୁଢ଼ୀ ଟିକିଏ ହସିଲା । ମୋତେ ଦେଖି ଟିକିଏ ଲାଜକରି ଜିଭ କାମୁଡ଼ିଲା ଏବଂ ଓଢ଼ଣାଟାକୁ ଟିକିଏ ଟାଣି ଧୀର ଗଳାରେ କହିଲା "ବାପା ! ପରଜାପତି ଘଟସୂତ୍ର କଥା ମୁଁ କେମିତି କହିମି ? ଯିଏ ଯାହା ହାଣ୍ଡିରେ ଚାଉଳ ପକାଇଛି ସେ ତାକୁ ବାହା ହବ" । ଟିକିଏ ହସି ଆଖିମିଟିକା ମାରି ପୁଣି କହିଲା "ତୁ ଯାହାକୁ ଚାହିଁବୁ, ତାକୁ ବାହା ହବୁ, ଯେତେଟା ଚାହିଁବୁ ସେତେଟା ବାହାହବୁ । ମନ ମାନିଲା ?"

ବଡ଼ପୁଅ ଫେଚେକା ନୁହେଁ, ବୁଢ଼ୀ ଜାଣେ । ତା ଆଡ଼କୁ ଚାହିଁ ବୁଢ଼ୀ କହିଲା, "ବାପା ! ସେ କାଗଜଫୁଲ ଗଛରେ, ହେନା ଗଛରେ ପାଣି ଢ଼ାଳେ ଅଧେ ଦେଲନି ? ମରିଗଲା ଗଛସବୁ ।" ବଗିଚାର ଏ କଣ ସେ କଣକୁ ଚାହିଁ କହିଲା "ଗୋଲାପ ଟବ୍ ଗଲା କୁଆଡ଼େ ?" ମାସ ଗୋଟାକରେ ବଗିଚାଟାକୁ ସାରିଦେଲେ ବାପା !"

ବାସନକୁସନ କପ୍‌ପ୍ଲେଟ୍‌ଗୁଡ଼ାକୁ ଖେଳାଉ ଖେଳାଉ ମୁରୁମୁରୁ ହେଲା ଏବଂ ମୋ ଆଡ଼କୁ ଚାହିଁ କହିଲା ବାପା ଯେ ! ଯେଉଁ ବଡ଼ ବେଲାଟାରେ ତୁ ମୁଢ଼ି ବାଇଗଣ ପୋଡ଼ା ଖାଉଥିଲୁ ସେଇଟା କାହିଁ ? ଲଖନଉରୁ ଯେଉଁ ଚା'ବାସନ ଆଣିଥିଲୁ ତାର ପିଲେଟ୍ ଅଛି କପ୍ କାହିଁ ? ଯେଉଁ ସାନ ଷ୍ଟିଲ୍ ଡାଟିଆରେ ଲେମ୍ବୁ ଆଚାର ଚକଟି ଖାଉଥିଲୁ, ସେଟା ବି ତ ଦେଖୁନି ।"

Digitized by srujanika@gmail.com

ମୋର ପ୍ରଥମ ଜ୍ଞାନ ଉଦୟ ହେଲା ଯେ ଯୋର ପ୍ରିୟ ଚିଜଗୁଡ଼ିକ ବୁଢ଼ୀର ମାସଗୋଟାକର ଅନୁପସ୍ଥିତିରେ ଅନ୍ତର୍ଦ୍ଧାନ ହୋଇଯାଇଛନ୍ତି। ଏ ଭିତରେ ସାତ ଆଠଜଣ ବୁଢ଼ୀ, ଟୋକୀ ଆସିଲେଣି, ଗଲେଣି। ଖୋଜିବସିଲେ ଆହୁରି କେତେ କେତେ ଚିଜ ହୁଏତ ଉଭେଇ ଯାଇଥିବେ। ସରଳବିଶ୍ୱାସଠୁଁ ମଣିଷର ବଳି ଶତ୍ରୁ କିଏ ଅଛି ?

ଯେଉଁ ଆଠୋଟି ବର୍ଷ (ମାସକୁ ଆଠୋଟି ଟଙ୍କାରେ) ସେ ରହିଥିଲା, ସେ ଭିତରେ ଆମ ସହିତ କାହିଁକି କୁକୁର, ବିରାଡ଼ି, ଗଛ, ବୁରୁଛ, ବାସନକୁସନ ସମସ୍ତଙ୍କ ସହିତ ତାର ଆତ୍ମୀୟତା ଜମି ଯାଇଥିଲା। ସେଥିପାଇଁ ମୁଁ ବେଳେ ବେଳେ ବୁଢ଼ୀକୁ କହୁଥିଲି, "ବୁଢ଼ୀ, ତୁ ଆମକୁ ଛାଡ଼ିଗଲେ ଆମେ କ'ଣ କରିବୁ ? ଛେଉଣ୍ଡ ହୋଇଯିବୁ ସିନା।" ସେ କହୁଥିଲା, ମୁଁ ବାପା ଆଉ କେତେଦିନ ବଞ୍ଚିମି ଯେ ତୋ ଘରେ ଖଟିମି ? ମୋ ପୁଅଝିଅ ସମସ୍ତେ ମୋତେ ଚିଡୁଛନି, କହୁଛନି; "ଆମେ ଥାଉଁ ଥାଉଁ ତୁ ପର ଘରେ କାମତୁଣୀ ହବୁ, ଆମକୁ ଅପମାନ ହଉଛି । ମୋର ତତେ ଛାଡ଼ି ଯିବାର ଇଛାନାହିଁ। ମୋର କେଡ଼େ କେଡ଼େ ବିପଦ ପଡ଼ିଯାଇଛି ବାପା ! ତେବେ ତୁ ଲୋକ ଦେଖୁଥା, ଦଶରାବେଳକୁ ମୁଁ ଚାଲିଯିବି।"

ଦଶରା ଆସିଲା । ବୁଢ଼ୀ ପାଇଁ ଏଥର ଟିକିଏ ଭଲ ଧୋତି ଆଣିଥିଲି । ବୁଢ଼ୀ ପରସ୍ତ ପରସ୍ତ କରି ଆଙ୍ଗୁଳିରେ ପରଖିଲା । ବେକରୁ ଗୋଡ଼ଯାକେ, ଛାତି ଉପରେ ରଖି ଚଉଡ଼ା ମାପିଲା । ଖୁସିରେ ମୁହଁଟାକୁ କୁଞ୍ଚା କୁଞ୍ଚା କରି କହିଲା, "ଏତେ ଦାମର ନୁଗା ଆଣିଲୁ ବାପା ! ଆଉ ବଳବଅସ ଅଛି; ନା ସଉକ ଅଛି ?" ଲୁହ ଛଳଛଳ ଆଖିରେ କହିଲା, "ମୋତେ ତ ସିଏ ମାରିଦେଇ ଯାଇଛି । ଖାଲି ମୋ ଛୁଆପିଲାଙ୍କୁ ଆଉ ତମମାନଙ୍କୁ ଦେଖି ସିନା ବଞ୍ଚିଛି ।"

ଦଶରା ଗଲା, ବୁଢ଼ୀ, ଗଲାନାହିଁ । କୁଆଁର ପୁନେଇଁ ଆସିଲା । ବୁଢ଼ୀ କାମଦାମ ସାରି ଯିମିତି ପଣସକାଠର ପିଢ଼ାଖଣ୍ଡିକ ପ୍ରତିଦିନ ଆଗରେ ଥୋଇ ପାନ ଭାଙ୍ଗେ, ସେମିତି କଲା । ଏଇ ପିଢ଼ାଖଣ୍ଡି ବାପାମାଆଙ୍କ ଶ୍ରାଦ୍ଧ ଦିନରେ ମୁଁ ବାହାର କରେ । କାମକୁ ଆସିଲାବେଳେ ପୁଟୁଳାରେ ବୁଢ଼ୀ ପାନ ସରଞ୍ଜାମ ସବୁ ଆଣିଥାଏ, ପାନ, ଚୂନ, ଖଇର, ଗୁଆ, ଗୁଣ୍ଡି । ସବୁ କାମ ସାରି ମୁହଁ ହାତ ଭଲକରି ଧୋଇ ନିଶ୍ଚିନ୍ତ ମନରେ ପିଢ଼ାକୁ ଆଗରେ ଥୋଇ ବସିଥାଏ ଯିମିତି ପୂଜାପଣା କରିବ । ଯେତେବେଳେ ସେ ଘରର ବଡ଼ବୋହୂ ଥିଲା; ସେତେବେଳେ ଯିମିତି ମୁଣ୍ଡରେ ଓଢ଼ଣା ଦେଇ ସାମୀ, ଶାଶୁଶ୍ୱଶୁର ପାଇଁ ପାନ ଭାଙ୍ଗୁଥିଲା, ଠିକ୍ ସେଇ ଭଙ୍ଗୀରେ, ପିଟା ମାଡ଼ି ଜଙ୍ଘ ପାତି ।

ଖବରକାଗଜରୁ ସମ୍ବାଦଟାଏ ପଢୁଥାଏ, ଯହିଁରେ ଲେଖାଥିଲା କିମିତି ଚାକରାଣୀ ଗୃହକର୍ତ୍ତୀଙ୍କ ହତ୍ୟାକରିବା ଷଡ଼ଯନ୍ତ୍ରରେ ଲିପ୍ତ ଥିଲା । ବୁଢ଼ୀ ପାନଖିଲିକୁ କଳରେ ଜାକି ମୋ ଆଡ଼କୁ କଣେଇ ଛିଡ଼ାହେଲା ଏବଂ ଓଢ଼ଣା ତଳୁ ଧୀର ଗଳାରେ କହିଲା; "ବାପା !

Digitized by srujanika@gmail.com

ମୁଁ ଆଉ କାଲି ପାଖରୁ ଆସିମି ନାହିଁ । ସାନବୋହୂ ଅସଜ ଅଛି । ମାସ ହେଇ ଆସିଲାନି ।"

ମୁଁ କହିବି ଭାବୁଥିଲି, "ବୁଢ଼ୀ ! ତୁ ଯିବା ଆଗରୁ ଆମକୁ ମାରିଦେଇ ଯା ।" କହିଲି, "ବୁଢ଼ୀ, ତୁ ଯାଇପାରିବୁ ନାହିଁ । ମଗୁଶିରରେ ପୁଅ ବାହାଘର । ବାହାଘର କାମ ତୁଲେଇବ କିଏ ? ବାହାଘର ହୋଇପାରିବ ନାହିଁ ତୁ ଗଲେ ।" ପୁଅ ମୋ ସାଙ୍ଗରେ ଯୋଗଦେଇ କହିଲା, "ଆଈବୁଢ଼ୀ, ତୁ ନ ଥିଲେ ଭାଇନା ବାହା ହେବେ ନାହିଁ କହୁଛନ୍ତି ।' ସେ ବୁଢ଼ୀ ହାତ ମେଲାକରି ଛିଡ଼ାହୋଇ କହିଲା, "ଯା ନା, କିମିତି ଯିବୁ ଯାଆ, ଛାଡ଼ିବି ନାହିଁ ତୋତେ ।"

ବୁଢ଼ୀ ଖୁବ୍ ଶରଧାରେ ହସି କହିଲା, "ତୁମ ଦୁଇଟା କଥା ମାନିଲି, ବାହାଘରଯାଏ ରହିମି, ଖିରିପିଠା ଖାଇମି । ହେଲେ ତୁମେ କିମିତି ଭାବୁଛ ମୁଁ ଏତେ ବଡ଼ ବାହାଘର କାମଟା ସମ୍ଭାଳିମି ? କୂଅରେ ଦିଇଟା ଦଉଡ଼ି ଖାଇବ ସେତେବେଳକୁ, ବୁଢ଼ୀ ପୁଅ ବାହାଘରରେ ବସି କରି ଖାଇବ । ମୋତେ ବି ଖଟେଇବ ଭାବିଛ ? ମୁଁ କିଛି କାମ କରିମି ନାହିଁ, ବସିଥିମି, ଖାଉଥିମି, ଦେଖୁଥିମି । ବାହାଘର ଯିବ, ଚଉଠି ଯିବ, ଆଠମଙ୍ଗଳାକୁ ପୁଅବୋହୂ କଟକ ଯିବେ । ମୁଁ ମୋ ପୁଅଘରକୁ ଯିମି । ହେଲା ?"

ବୁଢ଼ୀ କାମ କରି ଚାଲିଲା ।

ଡ଼ିସେମ୍ବର ନଅ (ମଗୁଶିର, ପୂଜାପାଳି, ଗୁରୁବାର । ମହାଲକ୍ଷ୍ମୀ ଆସିଛନ୍ତି ପୁରପଲ୍ଲୀକି । ଧାରା ଶ୍ରାବଣରେ କାଇଁଚ ଆଗରେ ପାଣି, ମଗୁଶିରରେ କାଙ୍ଗାଳ, ଚାଣ୍ଡାଳ, ସମସ୍ତଙ୍କ ଘରେ ଧାନଚାଉଳ । ବସି ଖାଇବା ଦିନ । କଣକଣି ଶୀତରେ କାମକୁ ବାହାରିବ କିଏ ? ପଇସାର ପ୍ରଲୋଭନ ବଡ଼ ନୁହେଁ । ଖିରିପିଠା, ଲୁଗାପଟା, ଆମୋଦପ୍ରମୋଦ ମିଳିବ ବୋଲି ପାଣିଟାଣିବ କିଏ, ବାସନକୁସନ ମାଜିବ କିଏ ?

ଦିନ ପାଖେଇ ଆସିବା ବେଳକୁ ବୁଢ଼ୀ ବାରମ୍ବାର ମୋତେ ତାଗିଦା କରୁଥାଏ । 'ନୁକ ଦେଖ୍ ବାପା ! ମୁଁ ବାହାଘର ହେଉ ସମ୍ଭାଳି ପାରିବିନି; ତିନିଚାରି ଜଣିଆ ଘରର କାମ ସିନା ପାରୁଥିନି । ତୁ ଆଗରୁ ଦେଖ । ଧାନକଟା ନାଗିଥିବ, ନୁକ ଜମା ମିଳିବେନି ।"

ମୁଁ ବହୁତ ଖୋଜାଖୋଜି କଲି, ପାଇଲି ନାହିଁ । ଠାପେଇ ରହିଗଲି, ଓଲଟି ମନେ ମନେ ଭାବିଲି ଏତେ ଝିଅବୋହୂ ବନ୍ଧୁବାସ ଥାଉଁ ଥାଉଁ କେଉଁ କାମ ବା ରହିଯିବ ? ବନ୍ଧୁବାସ ଆସିଗଲେ । ଦଳ ପରେ ଦଳ । ତିନିଝିଅ, ତିନି ଜୋଇଁ, ଦଶ ନାତିନାତୁଣୀ, ତିନି ଭାଇବୋହୂ, ପୁତରାଝିଆରୀ ତାଙ୍କ ଜୋଇଁ ନାତିନାତୁଣୀ ।

ବିଶୃଙ୍ଖଳାର ଚୂଡ଼ାନ୍ତ । କେହି କୁଟାଖଣ୍ଡିକ ଦିଖଣ୍ଡ କରିବାକୁ ନାହିଁ । ମୋ ଘରକୁ ଆସିଛନ୍ତ କ'ଣ କାମତୁଣୀ କାମ କରିବାକୁ ? ଗହଣାଗାଣ୍ଠି, ଲୁଗାପଟା, ଖାଦ୍ୟପାନୀୟ,

Digitized by srujanika@gmail.com

ଆଲୋକସଜା, ଗୀତବାଦ୍ୟ ସମସ୍ତଙ୍କୁ ମଜାଇ ରଖିଛି । ଆଈବୁଢ଼ୀକି ଦେଖୁଛି, ପଚାରୁଛି କିଏ ?

ଗୁଣ୍ଡୁଣି ହାତୀଟି ପରି ବୁଢ଼ୀ ଦିନରାତି ଏପଟ ସେପଟ ହେଉଛି । ପାଣି ଟାଣୁଛି, କାଠ ବୋହୁଛି, ଲୁଗା କାଚୁଛି, ଶୁଖାଉଛି, ଟେକୁଛି, ସାଉଣ୍ଟୁଛି । ନିଜ ପାଇଁ ପାନ ଦିଖଣ୍ଡ ଭାଙ୍ଗିବାକୁ ଯାହା ତାର ଜୀବନର ସବୁଠାରୁ ଆଦରର କାମ ବେଳ ନାହିଁ । ରାତିରେ ଘରକୁ ଯାଏନାହିଁ । ବାରଣ୍ଡାରେ ମଶାପଲଙ୍କ ଭିତରେ ଶୋଇଯାଏ । ଦିହଯାକ ଝାଳ, ମାଛି ପରି ମଶାକାମୁଡ଼ା ଦାଗ ।

ମଙ୍ଗଳକୃତ୍ୟରୁ ବାହାଘର ଦିନଗୁଡ଼ାକ ସରିବାଯାକେ ଏଇ ବାଜେକାମଗୁଡ଼ାକ କିମିତି ଚାଲିଛି ଦେଖିବାର ମୁଁ ସାହସ କରିନି । କାଳେ ବୁଢ଼ୀକି ଦେଖିଲେ କାନ୍ଦି ପକାଇବି ବା ତାର ଅଭିଶାପ ପାଇବି । ବୁଢ଼ୀ ମନେ ମନେ ମୋତେ ଖୁବ୍ ଚିଡ଼ୁଥିବ ବୋଲି ଭାବେ, ପୁଣିଥରେ ଭାବେ ସେ ଭାବୁଥିବ ତା ପୁଅ ବହୁତ କାମରେ ବ୍ୟସ୍ତ ହୋଇଥାଇ ତା କଥା ବୁଝିବାକୁ ବେଳ ପାଇନାହିଁ ।

ଯାହାହେଉ ଲୋକ ଯୋଗାଡ଼ କରୁ କରୁ ଚତୁର୍ଥୀ ରାତି ଅଧାଅଧି ହେଲା । ଲୋକ ମିଳିଲେନାହିଁ । ଅତିଥି ଅଭ୍ୟାଗତ ଭୂରିଭୋଜନରେ ଆପ୍ୟାୟିତ ହୋଇ ଖାଦ୍ୟ ପାନୀୟ ତଥା ଶୃଙ୍ଖଳା ସତ୍‌କାରର ତାରିଫ୍ କରି ବିଦାୟ ନେଲେ ।

ଅଇଁଠାପତ୍ର ଉଠିଗଲେ ଶେଷ ଦଳ ଝିଅଝିଆଣୀ ବସିଯିବେ । ରାତି ଗୋଟାଏ ବାଜିଲାଣି । କିଏ ଜଣେ ବଡ଼ପାଟିରେ ମନ୍ତବ୍ୟ କଲା, "ବରକନ୍ୟା ବାରଘରକୁ କଣ ସଜାଳେ ଯିବେ ?"

କିନ୍ତୁ ଅଇଁଠାପତ୍ର ଉଠେଇବା ଲୋକ କାହିଁ ? ବାପା ସବୁ ବନ୍ଦୋବସ୍ତ କରିପାରିଲେ, ଛାର କାମଟୁଣୀ ଗୋଟାଏ ପାଇଁ କାମ ବେଳକୁ ବେଳ ଅଟକି ଯାଉଛି । ଆମକୁ କହିଥିଲେ ଦି'ଗଣ୍ଡା ଲୋକ ଆଣିଥାନ୍ତେ ସାଙ୍ଗରେ ।"

କାହିଁଗଲା ସେ ବୁଢ଼ୀଟା ? ଚାରିଆଡ଼େ ଏକ ସଙ୍ଗରେ ବିକଟ ଚିତ୍କାର "ବୁଢ଼ୀ, ବୁଢ଼ୀ' ଆଈ, ଆଈବୁଢ଼ୀ ।" ଡ଼ାହାଣୀ ବୁଢ଼ୀ, କିନ୍ତୁ ଆଈବୁଢ଼ୀ କାହିଁ ? କୂଅରେ ପଡ଼ି ବୁଡ଼ିମଲା, ନା ଘରକୁ ପଳାଇଗଲା କାମ ଡ଼ରରେ ?

ନିଜକୁ ଦୋଷୀ ମନେକରି ଆଈବୁଢ଼ୀକି ଖୋଜିବାରେ ଲାଗିଲି । ଘରର ପ୍ରତ୍ୟେକଟି କୋଠରୀର ଅନ୍ଦିକନ୍ଦି ଖୋଜି ଚାଲିଲି ଯିମିତି ଆଈବୁଢ଼ୀ ମଣିଷ ନୁହେଁ ମୂଷାଟିଏ । କବାଟ ଝରକା କଣ, ପରଦା ଭିତରେ, ଆଲମାରି ପଛ ତନ୍ନ ତନ୍ନ କରି ଖୋଜିଲି ।

ଘରଭିତର ବାରଣ୍ଡାରେ ଗୋଟାଏ ଛିଣ୍ଡା ସତରଞ୍ଜି ଧୂଳିମଳି ହୋଇପଡ଼ିଥାଏ । ତା'ରି ଉପରେ ଗୁଡ଼ାଏ ପିଲାଝିଲା ଅରକ୍ଷିତଙ୍କ ପରି କୁକୁଡ଼ୁଫୁକୁଡ଼ୁ ହୋଇ ଉପରାଉପରି ଲଦାଲଦି ହୋଇ ପଡ଼ିଥାନ୍ତି, ଯିଏ ଯାହା ପାଇଛି ଘୋଡ଼ିଘାଡ଼ି ହୋଇ । ଦେଖିଲି

Digitized by srujanika@gmail.com

ଗୋଟାଏ ସ୍ଥାନରେ ସତରଞ୍ଜିଟା ସାମାନ୍ୟ ଉଠି ରହିଛି ଯିମିତିକି ତା'ତଳେ ଛୋଟ ତକିଆଟିଏ କିଏ ଥୋଇ ଦେଇ ଯାଇଛି, ପରେ ଆସି ଶୋଇବ । ଟିକିଏ ଉଠାଇ ଦେଖିଲି ତକିଆଟି ମଣିଷ । ଆଈବୁଢ଼ୀ । ଶୀତର ପ୍ରକୋପରୁ ରକ୍ଷା ପାଇବା ପାଇଁ ଶୋଇଯାଇଛି ସତରଞ୍ଜି ତଳେ । ତା ଲୁଗାପୁଟୁଳିକୁ ତକିଆ କରି । ତା' ଦିହକୁ ଲାଗି ଜାକିଜୁକି ହୋଇ ଶୋଇଛି ଆମ ବ୍ଲାକି ।

ନିଦ ବାଉଳାରେ ବୁଢ଼ୀ ଧଡ଼ପଡ଼ ହୋଇ ଉଠି ବିସ୍ଫାରିତ ଆଖିରେ ମୋ ଆଡ଼କୁ ଚାହିଁଲା ଏବଂ ଅପ୍ରତିଭ ହୋଇ ଛିଡ଼ାହେଲା । ଶୀତରେ ତା' ଓଠ ଥରୁଥାଏ । ବ୍ଲାକି ବଡ଼ ହାଇଟାଏ ମାରି ମୋ ପାଖକୁ କରୁଣ ଦୃଷ୍ଟି ଦେଇଥାଏ, "ଆମକୁ କାହିଁକି ଉଠାଇଲୁ" ଅଭିଯୋଗ କରି ।

କହିଲି, "ବୁଢ଼ୀ ପତ୍ରଗୁଡ଼ାକ ଉଠେଇବାକୁ କେହି ନାହିଁ । ଯେଉଁ ମେହେନ୍ତରଗୁଡ଼ାକ ଆସିଥିଲେ ସେମାନେ ହାଣ୍ଡି ପୁଟୁଳା ବନ୍ଧାବନ୍ଧି କରି କୁଆଡ଼େ ଚାଲିଗଲେଣି । ଖାଲିପତର ସବୁ ଉଠିଲେ ଯାଇ ଆମ ଘର ଲୋକେ ଖାଇବେ । ଢ଼େର ରାତି ହେଲାଣି । ତୁ ବହୁତ କଲୁଣି, ଆଉ ଟିକିଏ । ଯାଆ, ଯାଆ, ସହଳ ।"

ବୁଢ଼ୀର ବିଶାଳ ନୟନରୁ ଛଳଛଳ ବଡ଼ ବଡ଼ ଲୁହଟୋପା ଗାଲଦେଇ ଗଡ଼ିବାକୁ ଆରମ୍ଭ କଲା । ବାହୁ ଦୁଇଟାରୁ ପିନ୍ଧି ଲୁଗାଟା ଉଠାଇ କହିଲା, "ଦେଖ୍ ବାପା ପାଣି ଟାଣି ଟାଣି ହାତ ଦୁଇଟା କିମିତି ଫୁଲି ଯାଇଛି । ପାପୁଲିର ଫୋଟକା ବି ଫାଟି ଗଲାଣି । ଏଇ ଦେଖ୍ ଆଙ୍ଗୁଳି ସନ୍ଧିରେ ସରିଫ୍ ଆଉ ପାଉଁଶ ଲାଗି ବଡ଼ ରୋଗୀର ହାତ ପରି ଦିଶିଲାଣି । ମୋତେ ଅଇଁଠା ପତର ଉଠାଇବାକୁ ସବା ଶେଷରେ କହିଲୁନା । ଜାତିଅଜାତିର ଲୋକଙ୍କୁ ଡ଼ାକିଛୁ ଓ ମୋ ପୁଅବୋହୂ ଏ କଥା ଜାଣିଲେ ମତେ ପରାଶ୍ଚିତ ନ କରି ଛାଡ଼ିବେ । ମୋର ଡ଼ାକିବା ଶୁଣିଲୁ ନାହିଁ, ମୋତେ ହୀନିମାନିଆ କଲୁ, ତୁ ବି ହଇରାଣ ହେଲୁ ।"

ଏତେଗୁଡ଼ା କଥା କହିଲା କିନ୍ତୁ ଚାଲିଲା ବାଧ ଛୁଆଟି ପରି । ଥୁରୁଥୁରୁ ଥଡ଼ବଡ଼ ହୋଇ । ନୂଆ ପତର ପଡ଼ିଲା, ପାଣି ଛିଞ୍ଚାହେଲା । ସମସ୍ତେ ହସଖୁସିରେ ମନ ମନାଇ ଖାଇଲେ । ଘୋଡ଼ିଘାଡ଼ି ହୋଇ ଉଷୁମରେ ଶୋଇଲେ, ଧଣ୍ଡାରେ ବି ପଙ୍ଖା ଜୋରରେ ଛାଡ଼ି । ବୁଢ଼ୀକି କେହି ବସିବା ପାଇଁ କି ଖାଇବା ପାଇଁ କହିଲେ ନାହିଁ । ମୋତେ ବି ମରଣ ହେଲାନାହିଁ ।

ପରଦିନ ସକାଳୁ ଜାଣିଲି ବୁଢ଼ୀ ରାତିରେ ଖାଇନାହିଁ । ତାକୁ କମ୍ପ, ଦିହବଥା, ଘୋଳାବିନ୍ଧା ଓ ଜ୍ୱର ।

ବନ୍ଧୁବାସ ଝିଅଝିଆଣୀ ବିଦା ହୋଇଗଲେ । କାନ୍ଦ ଖୋଲିଗଲା । ଅଷ୍ଟମଙ୍ଗଳାକୁ ପୁଅବୋହୂ କଟକ ଚାଲିଗଲେ । ଘରେ ମୁଁ ଆଉ ସାନ ପୁଅ ।

Digitized by srujanika@gmail.com

ବୁଢ଼ୀ ବାହାରିବସିଲା । ପାନ ଭାଙ୍ଗିବାର ଦେଖି ମୁଁ ଜାଣିନେଲି । ମୋ ଆଗରେ ଆସି ଠିଆହେଲା କିଛି ନ କହି ସବୁ କହିଗଲା ଭଙ୍ଗୀରେ । ସେଇ ସରସ ମୁହଁ । ସେଇ ତରଳ ଦୟାର୍ଦ୍ର ବଡ଼ ବଡ଼ ଆଖି, ପାନଖିଆ ନାଲି ଓଠ, ଇଷ୍ଟେ ଓଢ଼ଣା ଯିମିତି ଆଠ ବର୍ଷ ପୂର୍ବେ ଦିନେ ଆସିଥିଲା, "ଲାଜ ଲାଜ ହୋଇ ଧୀର ଗଳାରେ କହିଥିଲା କାମ କରିମି ।"

ଦୁଃଖରେ ମୋ ପାଟିରୁ ଭାଷା ବାହାରିଲା ନାହିଁ । ବାହାଘର ଦିନ ବୁଢ଼ୀ ତା ପ୍ରାପ୍ୟ ଲୁଗାଖଣ୍ଡିକ ପିନ୍ଧିଥିଲା ।

ଗୋଟାଏ ଠୁଙ୍ଗାରେ କେତୁଟା ମିଠେଇ ଆଉ ବାରିକାଣୀ ପାଇଁ ସମୁଧି ଘରୁ ଆସିଥିବା ଛିଟ ଶାଢ଼ୀଖଣ୍ଡିକ ବୁଢ଼ୀକି ଦେଇ କହିଲି "ବୁଢ଼ୀ ଏ ଶାଢ଼ୀ ତୋ ସାନ ବୋହୂକୁ ଦେବୁ, ମୋ ସାନବୋହୂ ଆଣିଥିଲେ ।"

ଦରମା ବାଦ୍ ଆଉ ପାଞ୍ଚଟଙ୍କା ଦେଲି । ବୁଢ଼ୀ ସାନପୁଅର ଓଠ ଧରି ଚୁମା ଖାଇଲା, ବ୍ଲୁକିକୁ ଆଉଁସି ଦେଇ କହିଲା, "ମୁଁ ଯାଉଛିରେ ବ୍ଲୁକି, ଭଲକରି ଘର ଜଗୁଥିବୁ ।" ମୋ ଆଡ଼କୁ ଚାହିଁ କହିଲା, "ବାପା ! ମୁଁ ଜାଣେ ତୁ ମତେ କେବେ ଖୁସିରେ ଛାଡ଼ିବୁନାହିଁ ।" ହେଲେ ମୁଁ କ'ଣ କରିମି ବାପା ! ମୋ ବୋହୂ ଆଜି କି କାଲି ପୁଆତି ହବ । ଘରେ ମୋର କେହି ନାହିଁ । ପୁଅ ନୂଆ ରେକସା କରିଛି ଯେ, ଦିନରାତି ଘରେ ରହୁନାହିଁ । ତେବେ ପୁଆତି ଉଦ୍ଧାର ହେଲେ, ଏକୋଶିଆ ଗଲେ ଆସିମି ।"

ବହୁତ ଆଶାନ୍ୱିତ ଆଗ୍ରହରେ କହିଲି, "ବୁଢ଼ୀ, ମୁଁ ମାସେ ଯାଏ ଆଉ କାହାକୁ ରଖିବି ନାହିଁ, ତୁ ଆସିବାକୁ ଚାହିଁଥିବି ।"

ବୁଢ଼ୀ କହିଥିଲା, "ଏକୋଶିଆ ଗଲେ ଆସିମି" ବୋଲି ପ୍ରତିଶୃତି ପାଳି ଆସିଛି । ତା'ର ନାତି ହୋଇଛି ।

ସଞ୍ଜ ହୋଇ ଆସିଲା । ବୁଢ଼ୀ ତା ଘରକୁ ଯିବ । ମୋର ତାକୁ ଗୋଟିଏ ପ୍ରଶ୍ନ ପଚାରିବା କଥା, ତା'ର ଉତ୍ତର ଉପରେ ମୋର ଭବିଷ୍ୟତ ନୈଶ୍ଚିନ୍ତ୍ୟ ଓ ପୁଅବୋହୂଙ୍କ ସୁଖ ସୁବିଧା ନିର୍ଭର କରୁଛି । ଆଜି ବୁଢ଼ୀ ଯିମିତି ମୋ ଘରର କାମଦାମ ତନଖି ତଦାରଖ କରିଛି ସେଥିରୁ ଆମେ ଆଶା ବାନ୍ଧିଛୁ ବୁଢ଼ୀ କାମକରି ଚାଲିବ । ମୃତ୍ୟୁକୁ ଖୁବ୍ ଡ଼େରି ଅପେକ୍ଷା କରିବାକୁ ନ ଦେଇ ପଚାରିଦେଲି ଖୁବ୍ ସନ୍ତର୍ପଣରେ । "ତେବେ ବୁଢ଼ୀ କଣ ନିଷ୍ପତ୍ତି କଲୁ ? ମୋ ଘରକଥା ବୁଝିବୁ ନା ନୂଆ ନାତିକୁ ପାଳିବୁ ?"

ହସକାନ୍ଦର ଥଣ୍ଡାଉଷୁମ ଲୁହ ଯୁଗପତ୍ ଗଡ଼ାଇ ବୁଢ଼ୀ ଥରଥର କଣ୍ଠରେ କହିଲା, "ବାପା, ମୋତେ ବଳାନା, ପୁଅବୋହୂ ମତେ ଆଉ ଛାଡ଼ିବେ ନାହିଁ । ପାଳି କରି ମୋତେ ପାଖରେ ରଖିବେ । ମୁଁ ଯାଉଛି ବାପା ।" ସ୍ପଷ୍ଟ ଦେଖିପାରିଲି ସେ କୋହ ସମ୍ଭାଳିବା ଚେଷ୍ଟା କରୁଛି ।

Digitized by srujanika@gmail.com

ବୁଢ଼ୀ ଧୀରେ ଧୀରେ ଚାଲିବାକୁ ଆରମ୍ଭ କଲା । ପଛକୁ ଚାହିଁଲାନାହିଁ । ଆମେ ବାରଣ୍ଡାରେ କାଠହୋଇ ଛିଡ଼ା ହୋଇଥାଉଁ । ବୁଢ଼ୀ ଫାଟକ ପାଖେ ପହୁଞ୍ଚୁଛି କି ନାହିଁ ବ୍ଲାକି ଧାଇଁଯାଇ ଲୁଗାକୁ ଟାଣିଲା । କିଛି ନ କହି ବୁଲିପଡ଼ି ବୁଢ଼ୀ ତାକୁ ଟିକିଏ ଆଉଁଷି ଦେଲା । ମୁହୂର୍ତ୍ତେ ପରେ ତା'ର ଛୋଟ ଚେହେରାଟି ଲୁଚିଗଲା ପାଚେରୀ ଉହାଳରେ ।

ବୁଢ଼ୀ ଗଲାବେଳେ ଯେଉଁ ପାନଖିଲିଟି ଦେଇଥିଲା, ତାକୁ ଯନ୍ତ୍ରଚାଳିତ ପରି ପାଟିରେ ପୂରାଇଲି ।

ମିସେସ୍ ପଟ୍ଟନାୟକ ଏତିକିବେଳେ ବାହାରିପଡ଼ି ପୁଅକୁ ପଚାରିଲେ "ବୁଢ଼ୀ କ'ଣ କାମ ଛାଡ଼ିଦେଲା ?" ପୁଅ ଯେମିତି ହଁ କରିଛି, ସେ କହି ଚାଲିଲେ; "ରକ୍ଷା ପାଇଲି । ଏ ଅଥର୍ବ ଡ଼ାହାଣୀ ବୁଢ଼ୀଟାକୁ ରଖି କ'ଣ ଲାଭ ପାଇଥିଲାରେ ଟୁନୁ ? କୁକୁରଟାକୁ ବି ଖରାପ କରିଦେଲା । ବିଧବାର ମୁହଁ ଚାହିଁଲେ ଶୁଭ ନାହିଁ । ମାର୍ ତ' ଗୋଟାଏ ହୁଡ଼ା ! ଯିମିତି ସେ କୁକୁର ମୁଣ୍ଡରେ ବାଜି କପାଳ ଫାଟିଯାଉ ।"

ମାଆ ମାଆ ଡ଼ାକି ଭେଁ ଭେଁ ରଡ଼ି ଛାଡ଼ି ବୁଢ଼ୀ ପଛରେ ଖଣ୍ଡେଦୂର ଯାଇଥିଲେ ହୁଏତ ମୋ ମନ ମାନିଥାନ୍ତା ।

# ମୁଖାଗ୍ନି

ଗଲା କେତେ ଦିନ ହେଲା ବାପାଙ୍କ ମୁଣ୍ଡରେ କ'ଣ ଗୋଟାଏ ଖିଆଲ ପଶିଛି, ଝୁଙ୍କ ଉଠିଛି, ସଞ୍ଜହେଲା ମାତ୍ରେ ଖୁବ୍ ଆଦର ଶରଧାରେ ଜୁନ୍ଥେଇ ଜୁନ୍ଥେଇ ଡ଼ାକିବେ "ବାପା ବ୍ରଜ ! ଟିକିଏ ପାଖକୁ ଆସିବୁ ?"

ମୁଁ ଜାଣେ ତାଙ୍କର କିଛି ସିମିତି କହିବାର ନାହିଁ, ତଥାପି ବୁଢ଼ାଟା କାହିଁକି ଶେଷବେଳକୁ ମନଦୁଃଖ କରି ବସିବ, ସେଥିପାଇଁ ଯାଏଁ । ଛଅମାସ ହେଲାଣି ପଡ଼ିଛନ୍ତି । ସବୁବେଳେ ଓଃ ଆଃ, କୁନ୍ଥ, ଖଣ୍ଡିକାଶ । ନିଦ ପ୍ରାୟ ହୁଏନାହିଁ ବୋଧହୁଏ । ମୋର ସବୁବେଳେ ଭୟ, ପାଚିଲା ପତ୍ର, କେତେବେଳେ ଖସିପଡ଼ିବ । ମୁଁ ହୁଏତ ପ୍ରସ୍ତୁତ ନ ଥିବି ।

ଯାଇ ପାଖ ପହଞ୍ଚିଲେ ଛଣ ଦଉଡ଼ି ଖଟଟାରୁ ଗୋଟାଏ କଡ଼କୁ ଟିକିଏ ଘୁଞ୍ଚି ଯିବାର ଅଭିନୟ କରନ୍ତି, କହନ୍ତି "ବସ୍ ବାପା ବସ୍ ।" ବସିଲାମାତ୍ରେ ବିକୃତ ମସ୍ତିଷ୍କର ସେଇ ଗୋଟିଏ ଅଦ୍ଭୁତ ଉଦ୍ଭଟ ପ୍ରଶ୍ନ ତୁ ମୁଖାଗ୍ନି ଦେବୁ ନା ?"

---

ସମାଜ ଶାରଦୀୟ ବିଶେଷାଙ୍କ, ୧୯୭୯ ।

Digitized by srujanika@gmail.com

ମୋତେ ସେଇ ପ୍ରଶ୍ନଟି ଶୁଣି ଶୁଣି ଏତେ ବିରକ୍ତ ଲାଗିଲାଣି ଯେ, କହିଦେବା ପାଇଁ ଇଚ୍ଛା ହୁଏ, "ତୁମେ କାହିଁକି ଏମିତି ବ୍ୟସ୍ତ ହେଉଛ, ମୁଁ ମୁଖାଗ୍ନି ଦେବି କି ତୁମେ ଦବ, ସେକଥା କିଏ କହି ପାରିବ, ବାପ ଆଗ ଯିବ କି ପୁଅ ଆଗ ଯିବ ।"

ଦଣ୍ଡେ ପରେ ମୋଠାରୁ କିଛି ଉତ୍ତର ନ ପାଇ ପୁଣି କହନ୍ତି "ତୁ ଥଟ୍ଟା ଭାବନି ବାପା ! ମୁଁ ଜାଣିସାରିଲିଣି ମୋର ଆଉ ବେଶି ଦିନ ନାହିଁ । ଏଇ ଭୋଦୁଅରେ ମୋର ମରଣ, ଜ୍ୟୋତିଷ କହିଛି । ତୁ ମତେ ଆଗ କହ ତ ସବୁ ସଜଡ଼ାସଜୁଡ଼ି ସାଇତାସାଇତି କରି ରଖିଲୁଣି ନା ନାହିଁ ମୁଖାଗ୍ନି ପାଇଁ, ଦାହ ପାଇଁ ?"

ମୁଁ ଚିଡ଼ିଯାଇ ଏଥର କହିଲି, "ମଣିଷ ଆଗ ମଲେ ଯାଇ ସିନା ସତ୍କାର ବିଧି ବ୍ୟବସ୍ଥା କରାଯାଏ !" ବଞ୍ଚିଥିଲାବେଳେ, ନାଡ଼ି ଛାତି ଧକ୍‌ପକ୍ ହେଉଥିବାଯାଏଁ; କେଉଁ ପୁଅ ବାପାର ମୁଖାଗ୍ନି ବା ଦାହକ୍ରିୟାର ବ୍ୟବସ୍ଥା କରେ ଭଲା ? ତୁମେ ଏବେ ଖାଲି ଅକଥା କୁକଥା କହୁଛ । ତୁମ ମଥା ଖରାପ ହେଲା । ତୁମେ ଚୁପ୍ ରହ । ମୁଁ ପରା ତୁମ କଥାକୁ ମାନି କୁଆଡ଼େ ଯାଉନି, ତୁମ ପାଖେ ପାଖେ ଜଗି ରହିଛି । ଘରେ ଲୁଣ ଅଛି ତ ତେଲ ନାହିଁ, ମୁଢ଼ି ଅଛି ତ' ପାଣି ନାହିଁ ।"

"ମୁଁ ତ ସେଇ କଥା କହୁଛି, ବେଳ ଥାଉ ଥାଉ ସବୁ ବ୍ୟବସ୍ଥା କରି ରଖିଥିଲେ ତୁ ହଇରାଣ ହରକତ ହେବୁ ନାହିଁ । ତେଲ, ଲୁଣ, ମୁଢ଼ି, ଭାତ ନହେଲେ ଚଳିବ, କିନ୍ତୁ କାଠ ନଥିଲେ ? ଅସଲ କଥା ରହିଲା କାଠ ପାଖରେ । ବର୍ଷାଦିନ । କାଠର କି ବ୍ୟବସ୍ଥା କରିଛୁ ମୋତେ ଆଗ କହ ।"

ରାଗ ମୋର ମେଣ୍ଟିନଥାଏ । କହିଲି, "ମୁଁ ବାପା ତୁମ ପାଇଁ ଚନ୍ଦନ କାଠ ଯୋଗାଡ଼ କରିପାରିବି ନାହିଁ । ସେ କାଳରେ ଲୋକ ଶସ୍ତାରେ ଅଗୁରୁଚନ୍ଦନ ଘରପାଖ ଜଙ୍ଗଲରୁ ପାଉଥିଲେ ବୋଲି ପିତୃ ପୁରୁଷଙ୍କ ଶବ ସେଥିରେ ଦାହ କରୁଥିଲେ । ଏବେ ପ୍ରକୃତ ଚନ୍ଦନ କାଠ କିଏ ଦେଖିଛି ନା ବଡ଼ ଠାକୁରେ ଗୁଆଘିଅ ଶୁଙ୍ଘିଛନ୍ତି ? ତୁମେ ବାପା ସେ ଘିଅଚନ୍ଦନ ଆଶା ଛାଡ଼ । ଦେଖିବା, ସେତେବେଳେ ଯାହା ମିଳିବ, ଲୋକେ ତ ଫେର୍.............

"ମୁଁ ତ ସେଇ କଥାକୁ ଡ଼ରୁଛି ବାପା ! ଶ୍ରାବଣ ଭୋଦୁଅରେ ପାପୀମାନେ ମରନ୍ତି । ତାଙ୍କ ଶବ ଝଡ଼ିବର୍ଷାରେ ଭଲ ଦାହ ହୋଇପାରେ ନାହିଁ । ଭଲ ଭସ୍ମ ହୋଇନପାରି ପ୍ରେତଗୁଡ଼ାକ କାଶୀବଣରେ ଓଲଟା ଝୁଲୁଥାନ୍ତି, ତାଙ୍କର ଆତ୍ମାଗୁଡ଼ାକର ମୋକ୍ଷ ପ୍ରାପ୍ତି ନାହିଁ । ସେଇଥିପାଇଁ ଦିହଟାକୁ କାଠରେ ଭଲକରି ପୋଡ଼ି ଭସ୍ମକୁ ଗଙ୍ଗାରେ ବିସର୍ଜନ କରିବାର ବ୍ୟବସ୍ଥା ପୂର୍ବପୁରୁଷ କରି ଯାଇଛନ୍ତି । ମୁଁ ବର୍ଷାଝଡ଼ି ଦିନରେ ମରିବି, ଭଲ କାଠ ନ ମିଳିଲେ ଦରପୋଡ଼ା ରହିଯିବି । ତୁ ଆଗ କାଠ କଥା କୁଆଡ଼େ ବୁଝାବୁଝି କରି, ଯାହା ଦାମ ହେଉ ଅଣି, ଏଇଠି ଘରପିଣ୍ଡାରେ ରଖିଥା ।"

Digitized by srujanika@gmail.com

ମୁଁ କହିଲି "କାଠ ଚିନ୍ତା ମୋତେ ଲାଗିଲା ବାପା, ତୁମେ ଧୀର ସ୍ଥିରହୋଇ ଭଗବାନଙ୍କୁ ଚିନ୍ତାକର । କିଛି ନ ମିଳିଲେ ଢ଼ିଙ୍କି ଢ଼ିଙ୍କିଗଡ଼ ଆଉ ମୂଷଳ ତ ଅଛି । ଧାନ କୁଟାକୁଟି ତ କେତେବର୍ଷ ହେଲା ନାହିଁ ।"

'ବଂଶନାଶ ବେଳକୁ ଘୋଡ଼ାମୁହାଁ ପୁଅ ଜାତ କଥାଟା ତୁ ପ୍ରଥମେ କରିବୁରେ ବ୍ରଜ । ତିନିପୁରୁଷ ହେଲା ସେ ଢ଼ିଙ୍କି ଆମକୁ ଦାନା ଦେଇଛି । ଅସଲ ଶାଳ ମଞ୍ଜର ଢ଼େଙ୍କି, ଗଡ଼ଟା ମହୁଲ ଗଛର ଗଣ୍ଡି, ଏବେ ବି କାଟିଲେ ତେଲ ଚିକିଚିକି ବାହାରିବ । ପୂର୍ବପୁରୁଷଙ୍କ ଚିହ୍ନବର୍ଣ୍ଣ ରଖିବୁନାହିଁ ଜାଳିପୋଡ଼ି ଦେବୁ ?"

ମୁଁ ଲଜ୍ଜିତ ହେଇ କହିଲି, "ଦି ଶଗଡ଼ କାଠ ନ ହେଲେ କ'ଣ ଚଳିବ ? ଦଶଟା ଟଙ୍କା ନହେଲେ ...."

ମୋ କଥାକୁ କାଟିଦେଇ ବାପା କହିଲେ, ଏଗୁଡ଼ାକ କି କାଠ ଆଣିବୁରେ ବ୍ରଜ, ଦଶଟଙ୍କାରେ ଦି ଶଗଡ଼ । ଚାକୁଣ୍ଡା ନା ଅମରୀ ନା ଗବ ? ବାପାକୁ ଶେଷରେ ଏମିତି ଠକେଇବୁ ? ତୋ ପାଇଁ କିଛି ରଖିପାରିଲି ନାହିଁ । ଗରିବ ଭିଖାରୀ ବ୍ରାହ୍ମଣ, ଜମି ଗୋଷଦେ ବି ନାହିଁ, ଯଜନ ଯାଜନ କରି ମା'ଛେଉଣ୍ଡ ଗୋଟାଏ ବୋଲି ପୁଅକୁ ବଡ଼ କରିଛି । ତୁ ବି ତ ମୋ ରାହା ଧଇଲୁ । ହେଲେ କୁଡ଼ିଆ ଖଣ୍ଡେ କରିଛୁ, ଠ-ଠ କରି ତିନିତିନିଟା ଛୁଆପିଲାଙ୍କୁ ପାଳୁଛୁ । "ବାଉଁଶ ଚାଳ ହେଲେ ବି ପାଞ୍ଚପରାଣି ମୁଣ୍ଡ ଗୁଞ୍ଜିଛୁ ।"

ଦେଖିଲି ବୁଢ଼ା କାନ୍ଦ କାନ୍ଦ ହେଉଛନ୍ତି । କହିଲି ମୁଁ ଚାଲିଲି ବାପା ଏଇ ରାତାରାତି । ତୁମ କଥା ହେଲା, ଯେଉଁଠୁ ହେଉ, ଯାହା ଗଛ ହେଉ, ଆଣି ଏଇଠି ତୁମ ଆଖି ଆଗରେ ରଖିଥିବି । "ତୁମ କ୍ରିୟାରେ କିଛି ବିଘ୍ନ ହବନି । ତୁମ ଆତ୍ମାକୁ ଶାନ୍ତି ଦେବି ।"

ମୁଁ ନିଜକୁ ଖୁବ୍ ଅପମାନିତ ଭାବୁଥାଏ । ମରିବା କଥା ଓ ମରଣ ପର କଥା ବାପା ଯିମିତି ଗମ୍ଭୀର ଭାବରେ ମାସ ମାସ ଧରି ଭାବି ଚାଲିଛନ୍ତି; ମୁଁ ମୋ ଜୀବଦଶାର ଚିନ୍ତା ସେତିକି କରିଥିଲେ, ଏତେ ଦୁର୍ଗତି ଆମ ଘରର ହୋଇଥାନ୍ତା ।

ବାପା ଜାଣନ୍ତି; ଆମ ଘରର ସମ୍ପଦ କଥା । ଘରେ ଯାହା ଥିଲା ଅର୍ଥାତ୍ ମାଆର ସୀର ବାଜୁ, ବଟଫଳ, ଖାଡୁଆ, ଚମ୍ପାକଢ଼ି ସେସବୁ ବାପାଙ୍କ ଚିକିତ୍ସା ଓ ପିଲାଛୁଆଙ୍କ ମୁଢ଼ି ଭାତ ଖର୍ଚ୍ଚରେ ଚାଲିଯାଇଛି ।

ମୁଣ୍ଡତଳୁ ମସିଆ ଅଠାଳିଆ ମୁଣିଟିଏ ବାହାର କରି ବାପା ମୋ ହାତକୁ ବଢ଼ାଇଦେଇ କହିଲେ, "ଏଇଠି କେବେ ଟଙ୍କାଏ ମଷାଏ ରଖିଥାଏ । ଦେଖ କେମିତି କେତୁଟା ଟଙ୍କା ଅଧୁଲି ଥିବ । ସେତିକିରେ ଦି'ଶଗଡ଼ କାଠ ହୋଇଯିବ ।"

ବାପା ଏ କଥାଗୁଡ଼ାକୁ କହୁଥିଲାବେଳେ ମୁଁ ଭାବୁଥାଏ "ମୋଠୁ ଅଧମ ପୁଅ ଏ ଦୁନିଆଁରେ କିଏ ଅଛି ? ବାପାଙ୍କ ଟଙ୍କାରେ ବାପାଙ୍କୁ ପୋଡ଼ିବି ?"

Digitized by srujanika@gmail.com

ବୁଢ଼ାର ମୋ ପ୍ରତି ଜୀବନରେ ଅଶେଷ ସ୍ନେହ । ମାଇଲି ମାଇଲି ଧରି ଖରାବର୍ଷାରେ ଯାଇ କେଉଁଠୁ ଚୋପାଏ ଦୁଧ ପିଲା ପାଇଁ ଆଣିବାଠୁ ଯାହା ଯେଉଁଠି ମିଳିଛି ତାକୁ ନିଜେ ନ ଖାଇ ମୋ ପାଇଁ ପେଟରୁ କାଟି ସେ ରଖିଥାନ୍ତି । ମୋ ଦିହ ଥଣ୍ଡା ହେଲେ ତାଙ୍କ ଦିହରୁ ଉଷୁମ ଦେଇ ଏବଂ ମୋ ଦେହ ଗରମ ହେଲେ ତାଙ୍କ ଦିହରୁ ଥଣ୍ଡା ଦେଇ ମୋତେ ସୁସ୍ଥ ରଖିଛନ୍ତି । କାଳେ ତାଙ୍କ ପାଇଁ ମୁଁ ହଇରାଣ ହେବି, ତଣ୍ଟି ପଡ଼ିଗଲେ କାଳେ ତାଙ୍କ ବୁଢ଼ାପୁଅକୁ କିଛି ଉପଦେଶ ଦେଇପାରିବେ ନାହିଁ, ସେଇଥିପାଇଁ ସେ ଆଗରୁ ମୋତେ ସତର୍କ ଓ ପ୍ରସ୍ତୁତ କରିବାରେ ଲାଗିଛନ୍ତି । ପଚାଶ ବର୍ଷ ଧରି ଯାହା ବୁଦ୍ଧି ଦେଲେ, ତାହା ଯଥେଷ୍ଟ ନ ହେବାରୁ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ହିତଅହିତ ଶୁଣାଉଛନ୍ତି ।

ଯିମିତି ବାପା ଜାଣିପାରିଲେ ଯେ ତାଙ୍କ ପୁଅ ମେଘ ଅନ୍ଧାର ରାତିରେ କାଠ ପାଇଁ କୁଆଡ଼େ ବାହାରି ବସୁଛି, ସେ ସାଙ୍ଗେ ସାଙ୍ଗେ କହିଲେ, "ବାପା ! ଥାଉ । କାଲି ସକାଳୁ ଯିବୁ । ଦେଖିବୁ, ଯେମିତି ମୁଣ୍ଡା ମୁଣ୍ଡା ଗଣ୍ଡିକାଠ ଆସେ । ଭଲ ଜଳିବ, ବେଶି ସମୟ ନିଆଁ ରହିବ ।"

"କେଉଁ କାଠରେ ତୁମର ମନ, କେଉଁ କାଠକୁ ତୁମର ଲୋଭ ମୋତେ ଆଗରୁ କହିଦିଅ । କଥା ପକେଇଛ ତ ମୁଁ ଅଲାଜୁକ ପରି ତୁମକୁ ପଚାରୁଛି ।"

"ଭଲକଥା ପଚାରୁଛୁ ବ୍ରଜ ! ମୋତେ ବରଂ ପୋତି ଦବୁ, ନଈ ନାଳରେ ଫୋପାଡ଼ି ଦବୁ, ତେବେ (ଇଉ)କାଲିପଟାସ ବା (ଆ) କାଶିଆ କାଠରେ ପୋଡ଼ିବୁ ନାହିଁ । କୁହୁଳି କୁହୁଳି ଜଳିବ, ଦୁର୍ଗନ୍ଧ ହବ । ଜୀବନଯାକ ଶାଳ, ଅସନ, ମହୁଲ କାଠରେ ରନ୍ଧା ଭାତ ତିଅଣ ଏ ପେଟ ଖାଇଛି । ଆଜି ସେଇ କାଠ ଛଡ଼ା ଆଉ କେଉଁ କାଠରେ ଯଦି ପୋଡ଼ିବୁ, ମୋର ଅନ୍ତବୁଜୁଳା ପୋଡ଼ିବ ନାହିଁଟି, ସାବଧାନ ! ଲୋକଗୁଡ଼ାକ ପାଗଳ ହେଲେ ନା କ'ଣ ? ଶାଳ ପିଆଶାଳ ଜଙ୍ଗଲକୁ କଲିକତା ପଠେଇ ଗେଣ୍ଡୁ ସୁଦ୍ଧା ତାଡ଼ିଦେଲେ । ସେ ଜାଗାରେ ଲଗାଉଛନ୍ତି ବିଦେଶୀ ଗଛ, ଯାହାର ଛାଇ ନାହିଁ କି ଫଳ ନାହିଁ । ଜୀବଜନ୍ତୁ ଚଢ଼େଇଟା କେହି ବସା ବାନ୍ଧନ୍ତି ନାହିଁ । କାହିଁ ଘାସ ବି ନଥିବରେ ବ୍ରଜ, ତୋ ପୁଅଝିଅ ଅମଳକୁ ।"

ପରଦିନ ସକାଳେ ବାହାରି ପଡ଼ିଲି ବାପାଙ୍କ ଟଙ୍କାମୁଣି ଧରି । ସର୍ବମୋଟ୍ ତିନି ଚାରୋଟି କୁଡ଼ିଆ ଘରର ସମାବେଶରେ ଆମର ଏ ଗାଁଟି । ନୂଆଗାଁ । ବାପାଙ୍କ କଥା ନ ମାନି ବଣଜଙ୍ଗଲର ବାଘ ଭାଲୁଙ୍କୁ ଭୟକରି ଏଇ ଟାଙ୍ଗର ଡୁଙ୍ଗୁରି କଡ଼ରେ ଛୋଟ ନାଳଟିକୁ ଆଶ୍ରାକରି ଆମେ ରହିଲୁଣି ଦଶ କୋଡ଼ିଏ ବର୍ଷ ଧରି ।

କୁଡ଼ିଆଟିର ଦକ୍ଷିଣକୁ ଚାହିଁଲେ ପ୍ରାୟ କୋଡ଼ିଏ ପଚିଶ ମାଇଲ ଦୂରରେ ସହର, ଯେଉଁଠି କାଠଗୋଦାମ ଥାଏ; କୋଇଲା ଥାଏ ଏମିତିକି ଇଲେକ୍‌ଟ୍ରି ଚୁଲୀ ଥାଏ ମୁର୍ଦ୍ଦାର ପୋଡ଼ିବା ପାଇଁ । ପଶ୍ଚିମକୁ ଚାହିଁଲେ ସିମିତି ପ୍ରାୟ ପଚିଶତିରିଶ ମାଇଲ ଦୂରରେ

Digitized by srujanika@gmail.com

ନୀଳରଙ୍ଗର ପାହାଡ଼ ଯାହା ଭିତରେ କୁଆଡ଼େ ବଡ଼ ବଡ଼ ଶାଳ ପିଆଶାଳ ଥାଏ ଏବଂ ସାହାସୀ ଶଗଡ଼ିଆ କାଠୁରିଆ ଗାର୍ଡ଼ମାନଙ୍କୁ ଅଣ୍ଟାଗୁଞ୍ଜା ଦେଇ ଚୋରାରେ କାଠ ସମତଳକୁ ଆଣି ରାତାରାତି ବେପାର ଶେଷକରନ୍ତି ।

ପୂର୍ବ ଦିଗକୁ ପ୍ରାୟ ମାଇଲିଏ ଦୂରରେ ନାଳଟିଏ, ଯାହା ଖରାଦିନରେ ବାଲିଚୂଆ ଜରିଆରେ ଆମକୁ ପାଣି ଢ଼ୋକେ ଢ଼ୋକେ ଦିଏ ଏବଂ ଯାହା କୂଳରେ ବାପା ଶୋଇବେ ଏବଂ ମୁଁ ଗଣ୍ଡିକାଠ ତାଙ୍କ ଉପରେ ଥୋଇ ମୁଖାଗ୍ନି ଦେବି ।

ବାପାଙ୍କର କପାଳ ଓ ମୋ ଭାଗ୍ୟ, ଦିନେ ରାତିଅଧରେ ଯୋଡ଼ାଏ ଶଗଡ଼ କାଠ ଆସି ଆମ ଘରେ ପହୁଞ୍ଚିଗଲା । ଭାରି ବଢ଼ିଆ କାଠ । ଖାଲି ଶାଳ ଓ ମହୁଲ । ଦରପୋଡ଼ା ନୁହେଁ, ଫମ୍ପା ନୁହେଁ ଏବଂ ଉଇଖିଆ ନୁହେଁ । ଜଙ୍ଗଲ ଗାର୍ଡ଼ କୁଆଡ଼େ ତା ବାପାଙ୍କ ଦାହକ୍ରିୟା ପାଇଁ ଏ କାଠ ରଖିଥିଲେ । ପଇସା ପ୍ରଲୋଭନରେ ଦେଇଦେଲେ ।

ବାପା ବୋଧହୁଏ ଅପେକ୍ଷା କରିଥିଲେ ଏତେଦିନ ଏଇ କାଠ ପାଇଁ । ଡ଼ିବିରି ଲଣ୍ଠନଟା ଧରି ଉଠି ଆସିଲେ ବାହାରକୁ । ମୁଁ ଆଶ୍ଚର୍ଯ୍ୟ ହେଲି ବାପାଙ୍କ ଏତେ ଶକ୍ତି କେଉଁଠୁ କିମିତି ଆସିଲା । ନିଜେ ଭଲଭାବରେ ଦଗ୍ଧୀଭୂତ ହେବାର ଆଶାରେ ବି ମଣିଷ ଏତେ ଖୁସି ହୁଏ । ଖୁସି ବୋଲି ଖୁସି, ଜୀବନ ବି ହରାଇ ଦିଏ ଖୁସିରେ ।

ତାଙ୍କର ଛାତିର ଦୁକ୍ ଦୁକ୍ ହଠାତ୍ ବନ୍ଦ ହୋଇଗଲା ନା ସେ ଶଗଡ଼ଟାରେ ଝୁଣ୍ଟିପଡ଼ିଲେ ଠାଏଁ, ପଡ଼ିଗଲେ ଏବଂ ଡ଼ିବିରି ଲଣ୍ଠନଟି ସେ ଜାଳି ରଖିଥିଲେ ତାହା ନିଭିଗଲା । ଘରବାହାର ଅନ୍ଧକାର ହୋଇଗଲା । ଅନ୍ଧାରରେ ଗଙ୍ଗାଜଳ ଖୋଜି ବାହାର କରି ଆଣୁ ଆଣୁ ତଣ୍ଟି ପାଟି ବନ୍ଦ ହୋଇଯାଇଥିଲା । ଏତେଦିନ ଜଗିବସି ପାଖରେ ଥାଇ ବି ପୁଅର ପ୍ରଥମ ବଡ଼ କର୍ତ୍ତବ୍ୟ ପାଟିରେ ପାଣିଦେବା କରି ପାରିଲିନାହିଁ ।

ବାସିମଡ଼ା ଯିମିତି ତାଙ୍କୁ ନ କରେ, ସେଥିପ୍ରତି ବାପା ମୋତେ କଥା ପ୍ରସଙ୍ଗ (ତାଙ୍କର ପ୍ରସଙ୍ଗ ସେଇ ଗୋଟିଏ କିମିତି ତାଙ୍କର ମୁଖାଗ୍ନି ଓ ଶବସଂସ୍କାର ହେବ)ରେ ତାକିଦା କରିଥିଲେ । ନିଜେ ମଧ ସେ କାମରେ ଆଗେଇ ଯାଇଥିଲେ । କାଠ ବ୍ୟବସ୍ଥା କରିବାକୁ ବାରମ୍ବାର କହି ସେ ନିଶ୍ଚିନ୍ତ ହୋଇନଥିଲେ । ମୋ ଅଗୋଚରରେ କେତେବେଳେ ମୋ ସ୍ତ୍ରୀକୁ ଡ଼ାକି ଯାହା ଚିଜ ଦରକାର ଗୋଟିକି ଗୋଟି ସଜାଇ ଖଟତଳେ ଅନ୍ଧାରିଆ ଜାଗାରେ ସାଇତି ରଖେଇଥିଲେ । ନୂଆଲୁଗାଠୁଁ ଘିଅ ସଳିତା, ଖଇକଉଡ଼ି ଯାକେ । କେତୋଟି ତମ୍ବାପଇସା ମଧ ଗୋଟାଏ ପତ୍ରଠୁଙ୍ଗାରେ ଥିଲା ଯାହା ତାଙ୍କ ଶବ ଆଗରେ ଫୋପାଡ଼ାଯିବ, କେହି ଗୋଟାଇ ନେବାକୁ ଥାଆନ୍ତୁ ନ ଥାଆନ୍ତୁ । ପାଖରେ କେହି ବ୍ରାହ୍ମଣ ଏସବୁ ଅଶୌଚ କର୍ମର ବିଧିବିଧାନ ଜାଣି ନଥିଲେ । ତେଣୁ ତାଳପତ୍ର ପୋଥିଖେଦାର ଠିକ୍ ଜାଗା ମୋ ପାଇଁ ଚିହ୍ନିତ କରି ମନ୍ତ୍ରଯନ୍ତ୍ର ଓ କର୍ମକାଣ୍ଡର ଅନୁଷ୍ଠାନ ବିଷୟରେ ନିଶ୍ଚିନ୍ତ ହୋଇଯାଇଥିଲେ ।

Digitized by srujanika@gmail.com

ମୋ ସ୍ତ୍ରୀ ଯେତେବେଳେ ଏସବୁ କଥା କହିଲେ, ମୁଁ ବାପାଙ୍କ ମାହାତ୍ମ୍ୟ ଆହୁରି ଭଲକରି ବୁଝିଲି । ପୁଅ କ'ଣ ତାଙ୍କର ଏଡ଼େ ଅଯୋଗ୍ୟ । ମଲା ବାପାକୁ ଠିକ୍ ଭାବରେ ପୋତି ପୋଡ଼ି ଜାଣିବ ନାହିଁ ।

ଆମେ କାନ୍ଦି ସାରିଥିଲୁ ବାପା ଯିବା ଆଗରୁ । ପିଲାଝିଲାଏ ଭାଗ୍ୟକୁ ଶୋଇ ଯାଇଥିଲେ । ଝିଅଝିଆଣୀ ବନ୍ଧୁବାସ କାହାକୁ ଖବର ଦେବାର ନଥିଲା ।

ଶଗଡ଼ରୁ କାଠ ଓହ୍ଲାଇବାର ଦରକାର ପଡ଼ିଲାନାହିଁ । ଶଗଡ଼ିଆଏ କହିଲେ ବାପା କାଠର ସାଇଜ୍ ଓ ଚେହେରା ଆଲୁଅ ଟେକି ଭଲକରି ଦେଖୁଛନ୍ତି । ଯାହା ବାପାଙ୍କୁ ଦେବାର ଥିଲା (ଯାହା ଯାହା ବାପା ନେବେ ବୋଲି ଆଗରୁ ସଜାସଜି କରି ରଖିଥିଲେ) ସେସବୁ ସହିତ ବାପାଙ୍କୁ ଓଲଟ ଖଟରେ ଶଗଡ଼ ଉପରେ ଥୋଇ କହିଲି, ଆସ ବାପା ! ଏଥର ଯିବା ।

ପାହାଡ଼ିଆ ନାଳ । ବର୍ଷା ହେଲେ ହଠାତ୍ ପାଣି ମାଡ଼ିଆସି ଜୁଇରେ ପଶିଯିବ । ସେଇ ଭୟରେ ନଈବାଲିରେ ଗାତ ନ ଖୋଳି କୂଳର ଢ଼ିପଜାଗାରେ ଦାହ ବ୍ୟବସ୍ଥା କଲି । ଯେଉଁଠି ଯାହା ବୁଦ୍ଧି ଆସୁନଥାଏ ବାପାଙ୍କୁ ପଚାରିଦେବି ବୋଲି ଭାବେ । କିନ୍ତୁ ବାପା ଯେ ... ।

ଯାହା ଯିମିତି ମନକୁ ଆସିଲା, ଶଗଡ଼ିଆ ଦୁଇଟା ତାଙ୍କ ଅଭିଜ୍ଞତାରୁ ଯାହା କହିଲେ ସେଇ ଅନୁସାରେ ବାପାଙ୍କୁ ଗାଧୋଇ ପାଧୋଇ ନୂଆଲୁଗା ପିନ୍ଧାଇ ତ୍ରିପୁଣ୍ଡକ କପାଳରେ ଲଗାଇଦେଲି । ତାଙ୍କ ମୁହଁ ଦାଉ ଦାଉ ଦିଶିଲା । ପିଣ୍ଡଟିଏ ଧରାଇଦେଲି ଏବଂ ଆଖିବୁଜି ତାଙ୍କୁ ଧ୍ୟାନକରି ଘିଅ ସଳିତାରେ ମୁଖାଗ୍ନି ଦେଲି ।

ଚାହୁଁ ଚାହୁଁ ଆକାଶ ଧୂମମୟ ହେଲା ଏବଂ ଧୂ ଧୂ ହୋଇ ଅଗ୍ନିଶିଖା ପ୍ରଜ୍ୱଳିତ ହେଲା । କି କାଠ । ବାରୁଦ ପରି ଜଳୁଛି । ଲେଲିହାନ ଅଗ୍ନିଶିଖା ଭିତରେ ବାପାଙ୍କ ହସ ହସ ମୁହଁଟି ଡ଼େଉଁଥାଏ, ତାଙ୍କ ଦେହବିମୁକ୍ତ ଆତ୍ମାଟି ବି ସେମିତି ଅନନ୍ତ ଆକାଶର ଊର୍ଦ୍ଧ୍ୱକୁ ଉଠି ଉଠି ଯାଉଥାଏ ।

କିନ୍ତୁ ଏ କି ଘଟଣା ! ବାପା ଚାଲି ଯାଉନଯାଉଣୁ କୁଆଡ଼େ ଥିଲେ ପାହାଡ଼ ପରି ମେଘ । ବଜ୍ରବିଦ୍ୟୁତ ଝଡ଼ଝଞ୍ଜା ସହିତ ପ୍ରଳୟଙ୍କରୀ ବର୍ଷା ତୋଫାନ । ଆମେ ଆତଙ୍କିତ ହେଲୁ । ଶଗଡ଼ିଆମାନେ ଗାଡ଼ି ଯୋଚି ଘରମୁହାଁ ଧଇଲେ । ମୁଁ ବି ତରବରରେ ଆଉ ଯେଉଁ ଦୁଇଟା ଗଣ୍ଡିକାଠ ଥିଲା ତାକୁ ଚିତାରେ ଶୁଆଇ ଦେଇ (ବାପାଙ୍କ ଅନ୍ତଗୁଡ଼ାକ ନିଃଶେଷ ହୋଇପୋଡ଼ିବ ଯିମିତି) ଗାଧୋଇପଡ଼ି ଅଶ୍ୱତଥ୍ ବୃକ୍ଷକୁ କୁଣ୍ଢେଇ ଥରି ଥରି ଘରକୁ ଦଉଡ଼ିଲି ।

ମୁଣ୍ଡରୁ ନାକରୁ ସରସର ପାଣି ଝରିଯାଉଥାଏ । ଘର ଭିତରକୁ ପଶିଛି କି ନାହିଁ ତିନିତିନିଟା ପୁଅଝିଅ ମୋ ଆଡ଼କୁ ଧାଇଁ ଆସିଲେ । ମୁଁ ଭାବିଥିଲି ସେମାନେ ସମସ୍ୱରରେ କହିବେ, "ଜେଜେ କାହିଁ, ଜେଜେ କୁଆଡ଼େ ଗଲେ, ଜେଜେଙ୍କୁ କେଉଁଠି

Digitized by srujanika@gmail.com

ଛାଡ଼ିଦେଇ ଆସିଲ ?" କିନ୍ତୁ ପରିବର୍ତ୍ତରେ ସେମାନେ କହିଲେ "ବାପା ! ଆମେ କଣ ଖାଇବୁ ?" "ଭାରି ଭୋଖ" କାଲି ରାତିରେ ବି କିଛି ଖାଇନାହୁଁ।" କିଛି ଉତ୍ତର ନ ଦେଇ ପୋଛିପାଛି ହେଉଥାଏ ସ୍ତ୍ରୀ ଆସିଗଲେ। ମୁଁ ଭାବିଥିଲି ସେ ପଚାରିବେ "ମୁଖାଗ୍ନି ଦେଲ ?" ତା ପରିବର୍ତ୍ତେ କହିଲେ "ମୁଁ କଣ କରିବି କହିଲ ? ଏ ଛୁଆଗୁଡ଼ାକ ଭୋର ସକାଳଠାରୁ ମୋତେ କଲବଲ କରୁଛନ୍ତି, ଘରେ ନା ଅଛି ମୁଢ଼ି ନା ଅଛି ଚୂଡ଼ା। ଏ ଛୁଆଙ୍କ ଭୋଖକୁ ମୋର ଅଲାଜୁକ ପେଟ ବି କେଆଁ ହେଉଛି।" ସେ ବି କାନ୍ଦିବା ପରି ହେଲେ। ଶଶୁରଙ୍କ ମୃତ୍ୟୁରେ ଯେତେ ଶୋକାକୁଳା ନୁହନ୍ତି ପରିସ୍ଥିତିର ତାଡ଼ନାରେ।

ମୁଁ ଜାଣେ ତାକୁ ଖୁବ୍ ଭୋକ କରୁଥିବ, ତାଙ୍କ ପେଟରେ ପିଲା ଅଛି, ଗୋଟାଏ ପେଟ ନୁହେଁ ଦୁଇଟା ପେଟକୁ ପୋଷୁଛନ୍ତି ସେ। ମୋତେ ଖୁବ୍ ବିରକ୍ତ ଲାଗିଲା। କଣ କରିବି ଭଲା ଯେ ମଲା ସେ କହୁଛି ମୋତେ ମୁଖାଗ୍ନି ଦିଅ, ଯେଉଁଗୁଡ଼ାକ ବଞ୍ଚିଛନ୍ତି ସେ ବି କହୁଛନ୍ତି । ଆମ ପେଟରେ ନିଆଁ ଜଳୁଛି ମୁହଁରେ କାଠ ଦିଅ, ଯେ ଦୁନିଆକୁ ଆସିବ ଆସିବ ହେଉଛି ସେ ବି କହୁଛି ମୋ ମୁଖରେ ନିଆଁ ହେଉ ପାଣି ହେଉ କିଛି ଦିଅ। ପେଟ ପୋଡୁଛି।"

ସ୍ତ୍ରୀକୁ ପଚାରିଲି "କ'ଣ ଅଛି କୁହ। କଣ କରିବା ?" ସେ କହିଲେ "କିଛି ନାହିଁ, ଅରୁଆ ଚାଉଳ ଦିଗଣ୍ଡା କଳସିରେ ପଡ଼ିଛି, ବାପା କାହା ଶ୍ରାଦ୍ଧରୁ ଆଣିଥିଲେ। ଏ ଯେଉଁ ଝଡ଼ିବର୍ଷା ଚାଲିଛି କାହା ଘରକୁ ଯାଇହେବ ନା କିଏ ଆମକୁ ଅଶୌଚରେ କିଛି ଦବ। ତୁମେ ଦି'ଖଣ୍ଡ କାଠ ଯୋଗାଡ଼ କରନ୍ତ କି ମୁଠେ ଫୁଟେଇ ଦିଅନ୍ତି ଓପରଓଳିକୁ ପିତାଭାତ ଖାଆନ୍ତ। ଦିଆସିଲି ବି ନଥିବ।"

ପୁଣି କାଠ। ବାପାଙ୍କ କାଠରୁ ଖଣ୍ଡେ ଦି'ଖଣ୍ଡ ରଖି ଦେଇଥିଲେ ହୋଇଥାନ୍ତା। ମୋର ନିଜ ପେଟ କଥା ଚିନ୍ତା କରିପାରୁନାହିଁ। କିଏ ମୋତେ ହତାଧରି ଟାଣି ନେଇଗଲା ବାହାରକୁ କୁରାଢ଼ିଟାଏ କାନ୍ଧରେ ଦେଇ।

ଦୁଃଖ, ଦୁର୍ଦ୍ଦିନ ଓ ଦୁଶ୍ଚିନ୍ତାରେ ମୋର ଚେତାଚୈତନ୍ୟ ପ୍ରାୟ ବୁଡ଼ି ଯାଇଥାଏ। ମୁଁଇ ଏକମାତ୍ର ଜୀବ ଯେ ଏ ପ୍ରକୃତିର ତାଣ୍ଡବର ଦ୍ରଷ୍ଟା। ମୃତ୍ୟୁର ଏ ନୃତ୍ୟ ଶେଷରେ ଯିମିତି ମୁଁ ଆଉ ପ୍ରକୃତିର ଶେଷ ହେବ।

କାଠ ପାଇଁ ମୁଁ ଏବେ ପାଗଳ। ବାପା ଯେମିତି ଶେଷବେଳକୁ ବାୟା ହୋଇ ଯାଇଥିଲେ। ଘର ଛପର ବାଉଁଶ ଓ ପାଳ ଏମିତି ଓଦା ଓ ପଚା ଯେ ସେଥିରେ ନିଆଁ ଧରିବ ନାହିଁ। ବାହାର ଦୁନିଆରେ କେଉଁଠି କେମିତି ବେଗୁନିଆ ଓ ଅମରୀ ବୁଦାଏ ଦି'ବୁଦା ଅଛି। କେଉଁ ଗଛରେ ଶୁଖିଲା ଡ଼ାଳ ନାହିଁ। ତୋଫାନରେ ଚଢ଼ିବ କିଏ ? ଭୂଇଁରେ ବି କେଉଁ ଗଛର ଚେର ଦିଶୁନାହିଁ। ଅବିରାମ ବର୍ଷାରେ ଭିଜିବା ଯାହା ସାର। ହାଫ ହତାଶ ହୋଇ ଘରକୁ ଫେରିବି ଭାବୁଛି, ଦେଖିଲି ଦୂରରେ ଯେଉଁଠି ବାପାଙ୍କୁ

Digitized by srujanika@gmail.com

ମୁଖାଗ୍ନି ଦେଇଥିଲି ସେଇଠି ନିଆଁ ଦପ୍ ଦପ୍ ହୋଇ ଜଳୁଛି। ସନ୍ଧ୍ୟା ହେବାକୁ ବହୁତ ଡେ଼ରିଥିଲେ ବି ପ୍ରାୟାନ୍ଧକାର।

ଶ୍ମଶାନରେ ପହଞ୍ଚି ଦେଖିଲି ବାପା ଯେତିକି ନିଆଁ ଖାଇବାର ଖାଇ ସାରିଛନ୍ତି ଏବଂ ନିଆଁ ଯେତିକି ମନ ମନେଇ ବାପାଙ୍କୁ ଖାଇବ ଭାବିଥିଲା ଖାଇ ସାରିଛି। ଉଭୟେ ସନ୍ତୁଷ୍ଟ ଓ ପରିପୂର୍ଣ୍ଣ। ଆସିଲାବେଳେ ଯେଉଁ ଦି'ଖଣ୍ଡ କାଠଗଡ଼ ଜୁଇରେ ଲଦି ଦେଇଥିଲି ତାହା ଅଦ୍ୟାପି ଜଳୁଛି। ବର୍ଷା ଚିତାଗ୍ନିକୁ ଲିଭାଇ ପାରି ନାହିଁ।

ସେ ଦି'ଖଣ୍ଡ ଅର୍ଦ୍ଧଦଗ୍ଧ ଗଡ଼କୁ ଟାଣିଆଣିଲି ଏବଂ କେତେ କଳସ ପାଣି ଆଣି ଲିଭାଇ ଦେଲି ନିଆଁ। ମୁଁ ଜୀବନରେ କେବେ କାଠ ଚିରି ନାହିଁ କିନ୍ତୁ ବାପା ମୁଠାଏ ମୁଢ଼ି ପାଟିରେ ପକାଇ ଶଗଡ଼େ କାଠ ଚିରିଦେଇ ପାରୁଥିଲେ ଭାତ ଖାଇବା ଆଗରୁ। ତାଙ୍କର ସେଇ ଅଦ୍ଭୁତ ଶକ୍ତି ମନେପକାଇ କାଠ ଚିରି ସଂଗ୍ରହ କରିବାରେ ଲାଗିଲି ଏବଂ କିଛି ଦରପୋଡ଼ା କାଠ ଓ ଉହ୍ମେଇରୁ କିଛି ଜ୍ୱଳନ୍ତ ଅଙ୍ଗାର ନେଇ ଘରକୁ ଫେରିଲି। ଝଡ଼ିବର୍ଷା କମି ଯାଇଥିଲା।

ମୋତେ ଏ ରୂପରେ ଦେଖି ସ୍ତ୍ରୀ ହୁଏତ ବାପା ଫେରିଆସିଲେ ଭାବି ଚମକି ପଡ଼ିବେ, ଭୟ ହେଉଥିଲା, ମାତ୍ର ପିଲାଝିଲାଙ୍କ ପେଟ ଓ ତାଙ୍କ ନିଜ ପେଟ ଚିନ୍ତା ତାଙ୍କୁ ଭୂତ ଭୟର ଉର୍ଦ୍ଧ୍ୱରେ ରଖିଥିଲା।

ରୋଷେଇ ଆରମ୍ଭ ହେଲା ଏବଂ ନିଆଁ ଜଳିଲା ପରେ ସ୍ତ୍ରୀଙ୍କୁ ପଚାରିଲି, "କିମିତି ମଡ଼ା ଗନ୍ଧ ଆସୁଛି ନା ?" ସେ କହିଲେ "ଅନେକ ସମୟ ଧରି ମଶାଣୀ ନିଆଁ ପାଖରେ ଥିଲ ଓ ସେଇ ଗନ୍ଧ ନାକରେ ରହି ଯାଇଥିବ।"

ଖୁସି ଲାଗିଲା ଯେ ସଞ୍ଜ ପୂର୍ବରୁ ଆମେ ସମସ୍ତେ ଏକାଠି ବସି ପିତାଭାତ ଖାଇଲୁ, ବାପାଙ୍କ ସଂଗୃହୀତ ଅରୁଆ ଚାଉଳ ମୁଠାରୁ।

ଚାଉଳିଆ ତତଲା ଭାତ ଚୋବାଇ ଖାଇଲା ବେଳେ ଜୀଅନ୍ତା ଅଙ୍ଗାର କୁଡ଼ୁରୁ କୁଡ଼ୁରୁ ଖାଇଲା ପରି ଲାଗୁଥାଏ।

ବାପାଙ୍କ ମୁଖାଗ୍ନି ପାଇଁ ଯେଉଁ କ୍ଳେଶ ଓ କ୍ଲାନ୍ତି ସହ୍ୟ ଓ ଅନୁଭବ କଲି ତାର ଶେଷରେ ବାପାଙ୍କ ଖାଲି ଖଟିଆରେ ପଡ଼ି କେବଳ ଗୋଟିଏ କଥା ଭାବୁଥାଏ; ମୁଁ ବାପାଙ୍କୁ ମୁଖାଗ୍ନି ଦେଲି ନା ବାପା ମୋତେ ମୁଖାଗ୍ନି ଦେଲେ।

Digitized by srujanika@gmail.com

# ଉନ୍ନୟନ

ନାଲା ତେଲେଙ୍ଗା ଓରଫ ଲାଲମୋହନ ତେଲେଙ୍ଗା ସେଦିନ ରଥ ପୋଖରୀର ଡ଼ୋମସାହି ଘାଟରେ ଆଣ୍ଠୁଏ ପାଣିରେ ଛିଡ଼ାହୋଇ ଜବାକୁସୁମ ସଙ୍କାଶ ଉଦୀୟମାନ ସୂର୍ଯ୍ୟଦେବଙ୍କୁ ଯେତେବେଳେ ସାତ ଆଞ୍ଜୁଳା ପାଣି ଟେକୁଥିଲା ସେତେବେଳେ ଯେବେ କେହି ଅଭିଜ୍ଞ ଗୁଣିଜ୍ଞାନୀ ବ୍ୟକ୍ତି ତାକୁ ଦେଖିଥାନ୍ତା ତେବେ ସେ ଅବଶ୍ୟ ମନେପକାଇଥାନ୍ତା ଶତଦ୍ରୁ ନଦୀରେ ସେଇ କାମ କରୁଥିବା ଜନୈକ ଆର୍ଯ୍ୟ ଋଷିଙ୍କି।

ନହେଲେ ମନେ ପକାଇଥାନ୍ତା କର୍ଣ୍ଣାର୍ଜୁନ ନାଟକର ପ୍ରଥମ ଦୃଶ୍ୟରେ ସ୍ୱୀୟ ପିତୃଦେବଙ୍କୁ ଅର୍ଘ୍ୟ ଦେଉଥିବା କର୍ଣ୍ଣରୂପୀ ଅଭିନେତା ଅହୀନ୍ଦ୍ର ଚଉଧୁରୀ ବା ଆମ ବଲାଇ ବେନାର୍ଜୀଙ୍କୁ। ଅଥବା ମନେକରନ୍ତା ଅଧୁନାତମ ଯୁଗରେ ପ୍ରାୟ ବିବସ୍ତ୍ର ହୋଇ ଗଙ୍ଗାରେ ସ୍ନାନ କରୁଥିବା ଜନୈକ ପ୍ରାକ୍ତନ ପ୍ରଧାନମନ୍ତ୍ରୀଙ୍କ ପତ୍ର ପତ୍ରିକାରେ ମୁଦ୍ରିତ ଫଟୋକୁ।

ମାତ୍ର ସେମାନେ ସମସ୍ତେ ହେଲେ ପୁରାଣ ଇତିହାସ ସ୍ରଷ୍ଟା ଆର୍ଯ୍ୟ, ଆମର ନାଲା ହେଲା ଏକ ଅଜ୍ଞାତ ଈଶ୍ୱର ପରିତ୍ୟକ୍ତ ପଲ୍ଲୀର ଅନସୂଚିତ ଜାତିର ଏକ ଅନାମଧେୟ ବୃଦ୍ଧ।

ହୁଡ଼ାର ତାଳଗଛର ଛାଇ ସହିତ ତା'ର ନିଜ ଛାଇ ସମାନ୍ତରାଳ ହୋଇ ଲମ୍ବେ ଲମ୍ବେ ପଡ଼ିଥାଏ। ଜାଣିହବ ନାହିଁ କେଉଁଟା କାହାର। ନାଲା ଦୀର୍ଘଦେହୀ ତଥା ନିରୋଗ। ଓଠରେ ନାତିଦୀର୍ଘ ବିରଳ ଶ୍ୱେତ ଶ୍ମଶ୍ରୁ। ସେ ଗୋଛାଏ ପଇତା କାନ୍ଧରେ ପକାଏ। କିଏ ଲୋଭୀ ବ୍ରାହ୍ମଣ କିଛି ପ୍ରାପ୍ତି ଆଶାରେ ଗହ୍ମା ପୂର୍ଣ୍ଣିମାରେ ତାକୁ ପ୍ରତିବର୍ଷ ଦିଅନ୍ତି ଏଇ ପଇତା।

ନାଲାର ବ୍ରାହ୍ମଣ ହେବାର ଅଭିଳାଷ ନଥିଲା। ସେ ବ୍ରାହ୍ମଣମାନଙ୍କ ମୁହଁରୁ ଶୁଣିଥିଲା ଭଗବାନ ଚାରିଜାତି ସର୍ଜନା କରିଥିଲେ ପ୍ରାଣୀମାନଙ୍କ ହିତ ପାଇଁ। ସେ ନିର୍ମଳ ଜୀବନ ଯାପନ କରୁଥିଲା। ଗୋ ମାଂସ ଭକ୍ଷଣ କରୁନଥିଲା, ମଦ ହାଣ୍ଡିଆ ଆଦି ନିଶାଦ୍ରବ୍ୟ ସେ ଘୃଣା କରୁଥିଲା। ଗୋଟିକି ଗୋଟି ଅକ୍ଷର ଚିହ୍ନି ଚିହ୍ନି ଭାଗବତ ବି ପଢୁଥିଲା। ସ୍ୱାଧୀନତା ପର୍ଯ୍ୟନ୍ତ ସେ ଥିଲା ସାହିର ମୁରବୀ। ଦେଶ ସ୍ୱାଧୀନ ହେଲା ପରେ ତା'ର ପ୍ରତିପତ୍ତି ଚାଲିଗଲା। ସାହିର ଟୋକାଏ ଯିମିତି ତାକୁ ମାନିଲେ ନାହିଁ, ବ୍ରାହ୍ମଣ ସାହିର ବ୍ରାହ୍ମଣମାନେ ବି ନ୍ୟାୟ ନିଶାପ ଚାନ୍ଦା ଭେଦା ପୂଜାପାର୍ବଣରେ ତାକୁ ଡ଼ାକିଲେ ନାହିଁ।

ବ୍ରାହ୍ମଣ ସାହିକୁ ଘେରି ଭୂମିଜ ସାହି, ଶୁଣ୍ଡିସାହି, ଭୂୟାଁ ସାହି, ବାଥୁଡ଼ି ସାହି ଏବଂ ମାଝି ସାହି ଥିଲା। ଗୋଟାଏ ବଡ଼ ଦେଶରେ ବିଭିନ୍ନ ରାଜ୍ୟ ସହାବସ୍ଥାନ କଲା ପରି।

---

ଝଙ୍କାର, ୩୧ଶ ବର୍ଷ, ୮ମ ସଂଖ୍ୟା, ବିଛା ୧୩୮୬, ନଭେମ୍ବର ୧୯୭୮।

Digitized by srujanika@gmail.com

କେନ୍ଦ୍ରରୁ ବନ୍ୟା ମରୁଡ଼ିରେ ରାଜ୍ୟମାନେ ଅର୍ଥ ଓ ଖାଦ୍ୟ ଶସ୍ୟ ଆଣିଲା ପରି ଛୋଟ ଛୋଟ ସାହିର ଲୋକେ ଅଭାବ ନିଅଣ୍ଟରେ ଟଙ୍କାଏ ମସାଏ ବ୍ରାହ୍ମଣ ସାହିରୁ ଧାର କରଜ ଆଣୁଥିଲେ, କେତେବେଳେ ପଧାନ କେତେବେଳେ ପାଣିଗ୍ରାହୀ ଘରେ ବନ୍ଧାଛନ୍ଦା ଦେଇ । ଶାସନର ବ୍ରାହ୍ମଣଙ୍କ ଯିମିତି ରାଜାଙ୍କୁ ଆର୍ଶୀବାଦ କରିବା ପାଇଁ ନିଷ୍କର ଜମି ଥିଲା ଡ଼ୋମମାନେ ବି ସିମିତି, ବ୍ରାହ୍ମଣଙ୍କ ଠାରୁ ପାଞ୍ଚମାଣ ଜମି ଭୋଗ କରୁଥିଲେ ପର୍ବପର୍ବାଣି,ଜନ୍ତାଳ, ଛଉନାଚ, ଚଢ଼େୟା ନାଚରେ ବାଜା ବଜାଇବା ପାଇଁ । ବିବାହ ବ୍ରତରେ ବ୍ରାହ୍ମଣମାନେ ଡ଼ୋମମାନଙ୍କୁ ଗୁଆ ମଧ ଦେଉଥିଲେ । ମକରସଂକ୍ରାନ୍ତ ବା ଗହ୍ମା ପୂର୍ଣ୍ଣିମାରେ ଏଇ ଲାଲମୋହନ ତେଲେଙ୍ଗା ଗାଁର ମୁଖିଆ ମୁଖିଆ ବ୍ରାହ୍ମଣ ଗୋସେଇଁ ଯଥା କ୍ଷେତ୍ର ଓତା, ଯଦୁ ପାଣିଗ୍ରାହୀ, ରାଧୁ ଷଡ଼ଙ୍ଗୀ, ଶଙ୍କର ନନ୍ଦ, ଭୋଳା ଶତପଥୀ ପ୍ରମୁଖଙ୍କୁ ବାଜା ମଜୁରି ବଜାଇ ସ୍ନାନ ପାଇଁ ଏଇ ରଥ ପୋଖରୀକି ଆଣୁଥିଲା ତା'ସାହିର ମୁରବୀ ସାଙ୍ଗରେ । ହେଲେ ସେମାନେ ସମସ୍ତେ ଚାଲିଗଲେଣି । ଅଯୋଧ୍ୟା ନାହିଁ କି ରାମ ନାହାନ୍ତି । ବିରାଟ ଆମ୍ବତୋଟାକୁ ଛେଳିଶିଙ୍ଗୀ, ନାକୋଇ, ବେଲୁଇ, ମାଙ୍କଡ଼ଗାଣ୍ଡିଆ, କଦଳିଆ, ପାଣିମୁଡ଼ି ଆଦି ସବୁ ବଡ଼ ବଡ଼ ପ୍ରଖ୍ୟାତ ଆମ୍ବଗଛ ବର୍ଷା ଝଡ଼ତୋଫାନରେ ଥିବା ବୁଢ଼ାହୋଇ ମରିଗଲେଣି । କେବଳ ରହିଯାଇଛି ଲାଲମୋହନ ।

ଆଜିକାଲି ଯିମିତି ଦୁର୍ଭିକ୍ଷ ମରୁଡ଼ି ଅଭାବ ଅନାଟନ ପଡୁଛି ଏବଂ ସାଇଲୋକେ ଭୋକ ଉପାସରେ କାଳ କାଟୁଛନ୍ତି ନାଲା ତେଲେଙ୍ଗା ତାହା ଦେଖି ଶୁଣି ବ୍ୟଥିତ ହୁଏ । ତା' ଅମଳରେ ଭୋକ ଭାତ ସଜନାଶାଗ ଖାଇ ବଞ୍ଚୁଥିଲେ, ହେଲେ ଏତେ ଠକାମୀ ଅନୀତି ନଥିଲା । ଡ଼ୋମମାନଙ୍କର ପ୍ରଧାନ ବେଉସା ଥିଲା ଗୋରୁ କିଣାବିକା । ୟା'ଠୁ ତା'ଠୁ ଧାରକରଜ ନେଇ ଏ ହାଟରୁ କିଣି ସେ ହାଟରେ ବିକିବା । ମଲା ଗୋରୁ ଛେଳି ତା' ଚମଡ଼ା ଓ ଛେଳି ଚମଡ଼ା ପଟାଦାରଙ୍କୁ ବିକିବା । ସ୍ତ୍ରୀ ଲୋକମାନେ ଓ ପିଲାଝିଲାଏ ଘରେ ବସି ବାଉଁଶିଆ, ବୁରୁଣି, କୁଲା, ଚଲା, ଡ଼ାଲା, କୁଞ୍ଚ ବିଞ୍ଚଣା ଆଦି ଅଳ୍ପଦାମର ଅତି ଦରକାରୀ ଘରକରଣା ଜିନିଷ ତିଆରି କରୁଥିଲେ । ପୁରୁଷମାନେ ଦଳବାନ୍ଧି ଟାଟାନଗର ଖଡ଼ଗପୁର ପର୍ଯ୍ୟନ୍ତ ଚାଲିଚାଲି ଯାଇ ସେସବୁ ବିକୁଥିଲେ । ହାଡ଼ଭଙ୍ଗା ପରିଶ୍ରମ ଲଘୁ କରିବା ପାଇଁ ହୁଏତ କିଏ କିମିତି ହାଣ୍ଡିଆ ବା ହାଟବାଟରୁ ମଦ ଟୋପିଏ ପିଉଥିଲେ ।

ଲାଲମୋହନ ବୁଝିପାରେନି ରଜାରାଜୁଡ଼ା ଯିବା ପରେ ପରେ କାହିଁକି ସାଇଲୋକେ ଏଇ କର୍ମକୁଣ୍ଠା ହୋଇ ଯାଇଛନ୍ତି । ଠକାମୀ ଭଣ୍ଡାମୀରେ ଯିଏ ବଞ୍ଚିପାରିଲା ଭଲ, ନହେଲେ ଛୁଆପିଲା ମଲେ । ତାଙ୍କ ସାଙ୍ଗରେ ଆଉ ସଞ୍ଜବେଳେ ବାଜା ମହୁରୀ ବାଜେ ନାହିଁ, କିମ୍ବା ବାଉଁଶ କାମ ବି ହୁଏନାହିଁ । ଯିଏ ଟିକିଏ ପାରିବାର ହେଲା ସେ ଚାଲିଲା ସହରମୁହାଁ ।

Digitized by srujanika@gmail.com

ସବୁ ଅଭାବ ସାଙ୍ଗକୁ ଗାଁର ପ୍ରଧାନ ଅଭାବ ହେଲା ପାଣି। ଶୁଣାଯାଏ ଏ ଗାଁର ପିତୃପୁରୁଷ ଅର୍ଥାତ୍ ବ୍ରାହ୍ମଣମାନେ ବନ୍ୟାକୁ ଡ଼ରି ଯାଜପୁର ଅଞ୍ଚଳରୁ ଉଠିଆସି (ଉନ୍ନୟନ ?) ରାଜା ମହାରାଜାଙ୍କଠାରୁ ନିଷ୍କର ଯମୁନାଦେଇପୁର ଗାଁଟି ଦାନ ସୂତ୍ରରେ ପାଇଥିଲେ। ଗାଁଟି ପାହାଡ଼ର ଗଡ଼ାଣିଆ ଜାଗାରେ। ପଥୁରିଆ। ବର୍ଷାଦିନରେ ବି ଶୁଖିଲା ଠୋ ଠୋ । ଖରାଦିନରେ ଗାଁର କିଆ ପୋଖରୀ, ବଣପୋଖରୀ, ବିଲ ପୋଖରୀ, ତାଳପୋଖରୀ ଶୁଣି ଫାଟିଯାନ୍ତି। ଗୋରୁ ଛେଳି ପିଇବା ପାଇଁ ବି ଟୋପେ ପାଣି ନଥାଏ।

ସାତମାଣ ଜମି ମାଡ଼ିବସିଥିବା ଏଇ ରଥପୋଖରୀ ଯାହାର ପ୍ରତିଷ୍ଠା ଉତ୍ସବରେ ନାଲା ଯୋଗଦେଇ ବାଜା ପିଟିଛି ଓ ରଥବୁଢ଼ା ପାଖରୁ ଶିରିପା ପାଇଛି ବି ଖରାଦିନେ ଗୋଟାଏ ପଙ୍କୁଆ ଗାଡ଼ିଆ ହୋଇଯାଏ। ଅଠରହାତ ଦୀପଦଣ୍ଡି ଚାରିହାତକୁ ଆସିଲାଣି ପଙ୍କ ପୋତି ହୋଇ। ଗାଁର ପ୍ରାୟ ଦେଢ଼ହଜାର ଲୋକ ସହିତ ଇଲାକାର ପଶୁପକ୍ଷୀ କୀଟପତଙ୍ଗ ଏଇ ରଥପୋଖରୀକି ଆଶ୍ରା କରିଥାନ୍ତି। ପାଖ ଭୂମିଜ ସାହି ଓ ମାଝୀ ସାହିର ଲୋକେ ଏ ପାଣି ପିଅନ୍ତି ମଧ ପୋଖରୀଟା ସବୁବେଳେ ଲୋକାରଣ୍ୟ, ବହୁତ ରାତି ପର୍ଯ୍ୟନ୍ତ ଖରାଦିନ ସାରା।

ସକାଳେ ଅପେକ୍ଷାକୃତ କମ୍ ଭିଡ଼। ପାଣି ଅପେକ୍ଷାକୃତ ନିର୍ମଳ ଓ ଥଣ୍ଡା ଥାଏ। ଲାଲାମୋହନ ଭୋର ସକାଳେ ଖରା ବର୍ଷା ଶୀତରେ ଠିକ୍ ଏକା ସମୟରେ ଏଇ ରଥ ପୋଖରୀରେ ଗାଧୁଆ ପାଧୁଆ ସାରିଦିଏ। ପୋଖରୀରେ ପ୍ରତିସାହି ପାଇଁ ଗୋଟିଏ ଘାଟ। ବ୍ରାହ୍ମଣ ସାହିର ଦୁଇଟା, ଗୋଟାଏ ପୁରୁଷଙ୍କ ପାଇଁ ଅନ୍ୟଟି ସ୍ତ୍ରୀଙ୍କ ପାଇଁ। ଡ଼ୋମସାହି ଘାଟର ଠିକ୍ ବିପରୀତ ପାର୍ଶ୍ୱରେ। ପୋଖରୀରେ ପାଣି ଭରପୂର ଥିଲେ କିଛି ଅସୁବିଧା ଥିଲେ କିଛି ଅସୁବିଧା ନଥାଏ, କିନ୍ତୁ ଖରାଦିନେ ପାଣିର ଆୟତନ ଖୁବ୍ ସଂକୁଚିତ ହୋଇଗଲେ ପୁରୁଷ ସ୍ତ୍ରୀ ଡ଼ୋମ ବ୍ରାହ୍ମଣ ମଣିଷ ପଶୁ ଏକତ୍ର ବ୍ୟବହାର କରିବାକୁ ବାଧ ହୁଅନ୍ତି। ମନୁଷ୍ୟତ୍ୱ ପଶୁତ୍ୱର ବ୍ୟବଧାନ ଏତେକମ୍ ଯେ ଜାତିଭେଦ କଥା ଉଠେ ନାହିଁ। ତଥାପି ଯା ଦିହ ପାଣି ତା' ଦିହକୁ ଛିଟିକି ଡ଼ୋମଣି ବ୍ରାହ୍ମଣୀ ମଧରେ କେତେ ଗଣ୍ଡଗୋଳ କଳିତକରାଳ ସୃଷ୍ଟି ନ ହୋଇଛି ଏଇ ରଥ ପୋଖରୀରେ।

ଡ଼ୋମ ସାହିକୁ ଏ ପୋଖରୀଟା ଖୁବ୍ ଦୂର। ପ୍ରାୟ ଗୋଟାଏ କିଲୋମିଟର ହେବ। ସେଥିପାଇଁ ଡ଼ୋମମାନେ ମିଳିମିଶି ଅଧ କିଲୋମିଟର ଦୂର ଗୋଟାଏ ଗହୀର ଜମିରେ କୂଅ (ଗାତ ?) ଗୋଟାଏ ଖୋଳି ପିଇବା ପାଣି ସଂଗ୍ରହ କରନ୍ତି। ଦୁର୍ବୃତ୍ତଙ୍କ ଭୟରେ ଦିନ ଦ୍ୱିପ୍ରହରେ ବି ସେଠାକୁ କେହି ଯୁବତୀ ଏକାକୀ ଯିବାକୁ ସାହସ କରନ୍ତି ନାହିଁ। କାରଣ ଏଇ ନାମମାତ୍ର କୂଅକୁ ଲାଗି ଆକାଶିଆ ଓ ଉଇକାଲିପଟାସ୍ ଜଙ୍ଗଲ।

ଲାଲମୋହନ ପ୍ରତି କଥାରେ ରାମଚନ୍ଦ୍ର ଭଞ୍ଜ, କୃଷ୍ଣଚନ୍ଦ୍ର ଭଞ୍ଜ ବା ଯଦୁନାଥ ଭଞ୍ଜ ନାମ ଉଚ୍ଚାରଣ କରେ। କୁହେ ସେଇମାନେ ଥିଲେ ପ୍ରକୃତ ରଜା ମହାରାଜା। ପ୍ରଜାଙ୍କ

Digitized by srujanika@gmail.com

ମା'ବାପ । ସେମାନେ ଚାଲିଗଲେ, ଲକ୍ଷ୍ମୀ ଚାଲିଗଲେ । ସେ ଗର୍ବ କରେ ଯେ କୃଷ୍ଣଚନ୍ଦ୍ର ଭଞ୍ଜଙ୍କୁ ସେ ଦେଖିଛି, ପ୍ରଥମ କିରାସିନିଆଲ, ପ୍ରଥମ ଘୋଡ଼ା ବଗି ସେ ରାଜବାଟୀରେ ଦେଖିଛି ତାର ଜୁଆଣ ବେଳେ ।

ତା'ର ଦୁଃଖ ଜୀବନଯାକ ଅପେକ୍ଷା କରି ନିଜ ବଂଶର ବା ସାଇର କିଛି ଉନ୍ନତି କରିପାରିଲାନି । ପିଇବା ପାଣି ଟୋପାଏ ଯେଉଁଠି ଅମିଳ ସେଠି ମଣିଷ କଣ ବଣ ଜଙ୍ଗଲ ଜନ୍ତୁ ବି ରହିବେ ନାହିଁ । ସେ ନିଜେ ଅନେକଥର ଭାବିଛି ଅଣନାତି ଦୁଇଟାକୁ ଧରି ଆଉ ଯୁଆଡ଼େ ହେଉ ଚାଲିଯିବ, ଯେଉଁଠି ପାଣି ମିଳିବ, ଛୁଆ ପିଲାଏ ଗରମ ଦିନରେ ମନ ମନାଇ ଗାଧୋଇବ, ନିର୍ମଳ ଥଣ୍ଡା ପାଣି ଆଞ୍ଜୁଳାଏ ପିଇବେ । ହେଲେ ଭିଟାମାଟି, ଜନ୍ମଭୂଇଁ ଛାଡ଼ି ଅଜଣା ଜାଗାରେ ଆଶ୍ରୟ ଲୋଡ଼ିବ କିଏ ?

ତା'ର ନିଜର ଅବଶ୍ୟ କେହି ନାହାନ୍ତି ଅଣନାତି ଦୁଇଟା ଛଡ଼ା ଯେଉଁମାନଙ୍କୁ ସାନ ଛେଉଣ୍ଡ ଅବସ୍ଥାରୁ ପାଳିଛି, ବଡ଼ କରିଛି, ବଂଶର ବିହନ ରଖିଯିବା ପାଇଁ । ତା'ର ବଡ଼ପୁଅ ମଲା ଟାଟାନଗରରେ ତତଲା ଲୁହା ତଳେ । ସାନପୁଅ ଗଲା ବାଦାମ ପାହାଡ଼ରେ ରେଳ ଇଞ୍ଜିନରୁ ପାହାଡ଼ ତଳେ ପଡ଼ି । ଆଉ ଯିଏ ବଂଶପ୍ରାଣୀ ଥିଲେ ସେମାନେ ମଲେ କଲେରାରେ ଭଲ ପାଣି ନ ପିଇ ନ ପାଇ ।

ସେ ମହାତ୍ମା ଗାନ୍ଧୀଙ୍କ ନାଆଁ ଶୁଣିଛି । ରାମ ରାଜ୍ୟ ନାଆଁ ଶୁଣିଛି, ହରିଜନ ଆନ୍ଦୋଳନ କଥା ବି ଜାଣେ । ତା'ର ବିଶ୍ୱାସ ଜନ୍ମିଥିଲା ସାହେବ ଯିବା ପରେ ରାମରାଜ୍ୟ ଆସିବ । ଛୁଆଁ ଅଛୁଆଁ ରହିବ ନାହିଁ । ସେଇଦିନର ଅପେକ୍ଷାରେ ସେ ବଞ୍ଚିଛି ଏବଂ ଅଣନାତି ଦୁଇଟାକୁ ସେଇ ଅଭୟାଶ୍ରମରେ ରଖି ଆଖି ମୁଦିବ ଭାବିଛି ।

ବ୍ରାହ୍ମଣ ସାହି ତିରିଲା ଘାଟରେ ଦୁଇଟା ସାନଝିଅ ପାଣିରେ ବେକଯାକେ ବୁଡ଼ି କଥାବାର୍ତ୍ତା ହେଉଥାନ୍ତି ହିଡ଼ରେ ଚାଲିଥିବା ନାଲାକୁ ଚାହିଁ ।

କଣେଇ କହୁଥାଏ ଫୁଲ୍‌ଲିକୁ "ଫୁଲ୍‌ଲି ଲୋ ! ଏଇ ଯେଉଁ ବୁଢ଼ାଟା ହିଡ଼ ଉପରେ ଯାଉଛି ସେଟା ଜାତିରେ ଡ଼ୋମ, ପଚା ଗୋରୁ ମାଂସ ଖାଏ, ମଦ ହାଣ୍ଡିଆ ଖାଏ, ଝାଡ଼ାଫେରି ପାଣି ଛୁଏଁ ନାହିଁ, ପାଣିରେ ମୁତେ । ବାପା କହୁଥିଲେ । ପଇତା ପକେଇଛି । ତ଼ମ ବି ବ୍ରାହ୍ମଣ ହବ କେଉଁ ଜନ୍ମରେ ।"

ଫୁଲ୍‌ଲି କହିଲା, "ଏମାନଙ୍କୁ ବ୍ରାହ୍ମଣମାନେ ଗାଁରୁ ଉଠାଇ ଦଉନାହାନ୍ତି ! ଆଜି ମାଆ ଅଲୁଗୁଣିଏ ଲୁଗା ଧୋଇଛି । ସ୍କୁଲରୁ ଆସି ବିଠଳ ଭାଇ ଛୁଇଁଦେଲା ଅଲୁଗୁଣିଟା । ସିଏ ତ଼ମ ଛୁଆ ଗୋଟାକ ସାଙ୍ଗରେ ଏକା ବେଞ୍ଚରେ ବସିଥିଲା । ଅଲଗା ହୋଇ ବସିଲେ ବି ଏକା କାଠ । ଛୁଆଁ ଦୋଷ କଟିଯିବ ?"

କଣେଇ ଯୋଡ଼ିଲା "ମାଆ କହୁଥିଲା ଛୁଆଁ ଅଛୁଆଁ ନ ମାନିଲେ ବଡ଼ରୋଗ ହୁଏ, ହାତଗୋଡ଼ ଛିଡ଼ିଯାଏ ।"

Digitized by srujanika@gmail.com

ଲାଲମୋହନ ଏ କଥୋପକଥନ ଶୁଣିଲା । ଭାବିଲା, ନିନ୍ଦା ଅପବାଦ ଯୁଗ ଯୁଗ ଗଲା କଟିଲା ନାହିଁ । ଆମେ ବଣରେ ଜାନୁଆରଠୁଁ ହୀନ । ଖଇରୀ ବାଘୁଣୀ ପଛରେ ଲକ୍ଷ ଲକ୍ଷ ଖର୍ଚ୍ଚ ହୁଏ । ଶୋଇବା ଘରେ ହଗେମୁତେ, ମଣିଷ ତିରିଲା ସାଙ୍ଗରେ ଶୁଏ, ଖାତା ପେନ୍‌ସିଲ ଧରି ଛଅଟା ଲୋକ ତା' ହଗିବା ମୁତିବା ବେଳ ଟିପି ନିଅନ୍ତି । ତା'ର ମଣିଷ ମରିବା ଅପବାଦ ଗଲା, ଅଥଚ ... ।

ଆଗକୁ ଚାହିଁଲା, କାଲୁ ମିଶ୍ରେ । ବ୍ରାହ୍ମଣ ସାହିର କେହି ହୋଇଥିଲେ ମିଶ୍ରଙ୍କୁ ଦେଖିଲାମାତ୍ରେ ଅଶୁଭ ଦର୍ଶନ ହେଲା ବୋଲି ଫେରିଯାଇ ପୋଖରୀରେ ପୁଣି ବୁଡ଼ିଟିଏ ଦେଇଥାନ୍ତା । ଲାଲମୋହନ ମଣିଷକୁ ଘୃଣା କରେ ନାହିଁ । ସେ ମିଶ୍ରଙ୍କୁ ଦେଖି କୃତକୃତ୍ୟ ହୋଇ ଦୁଇହାତ ଯୋଡ଼ି ପ୍ରଣାମ କଲା, କହିଲା "ଜୁହାର ମିଶ୍ରେ ସାଆନ୍ତେ, ପାଆଁଶ ଜୁହାର । ଗାଧୋଇ ସାରି ମିଶ୍ର ଗୋସେଇଁଙ୍କି ଦେଖିଛି, ଆଜି ମୋର ଖୁବ୍ ଭଲ ହେବ ।"

କାଲୁ ମିଶ୍ରେ ଇଲାକାର ଜଣେ ମାତବର ଲୋକ, ତାଙ୍କୁ ନଜାଣିବା ଲୋକ ନାହାନ୍ତି । ଗାଁ ଲୋକେ ତାଙ୍କୁ ସରକାର ବୋଲି ଡ଼ାକନ୍ତି, କାରଣ ସେ ପ୍ରତି କଥାରେ ଆମ ସରକାର ଏଇୟା କରୁଛି, କରିଛି, କରିବ ବୋଲି କହନ୍ତି । ତାଙ୍କ ବାପଙ୍କ ପ୍ରଥମ ସ୍ତ୍ରୀ ତରଫରୁ ସେମାନେ ତିନିଭାଇ, ଡ଼ାକ ନାଆଁ କାଲୁ, କେଲୁ, କେଉଟା । ଦ୍ୱିତୀୟା ତରଫରୁ ଆଉ ଦୁଇଭାଇ, ସେମାନେ କୁଆଡ଼େ ବିଜାତୀୟ, ମିଶା । ଅପ୍ରାପ୍ତ ବୟସ୍କ ଷଣ୍ଢପରି ୟା ପଛେ ତା ପଛେ ଶୁଙ୍ଘି ଶୁଙ୍ଘି ଜୀବନ ଆରମ୍ଭ କରୁଛନ୍ତି, ଲାଇନ୍ ଧରି ନାହାନ୍ତି ଏଯାକେ ।

ପାଞ୍ଚଭାଇଙ୍କ ଘର ତଥା ଦୋକାନ ସଡ଼କ କଡ଼ରେ । ସବୁ ଟ୍ରକ୍, ବାସ୍, ସାଇକେଲ ବା ଆଉସବୁ ଯାନବାହନ ସେଇଠି ଅଟକେ । ଖବର ସଂଗ୍ରହ ଓ ବିତରଣର ସେଇଟା କେନ୍ଦ୍ର । ଗୋଟାଏ ଉନବିଂଶ ଶତାବ୍ଦୀର ରେଡ଼ିଓ ଅଛି, ସବୁବେଳେ ଘରଘର, କାନ ପାଖରେ ରଖି ଶୁଣିବାକୁ ପଡ଼େ, ବଡ଼ ତିନିଭାଇ ତା'ର ଭାଷା ବୁଝନ୍ତି ।

ଏମାନଙ୍କର ମିଠା ଦୋକାନ ଥିଲା । ନିଜେ ଖାଇ ସବୁ ବୁଡ଼ାଇଦେଲେ । ଏବେ ଚା' ଦୋକାନ ଅଛି । ପଚା ଶାଳ ପତରର ଚା, ଗୁଣ୍ଡ ଦୁଧରେ କମ୍ ଚେନି ଦେଇ ତିରିଶ ପଇସାରେ ଅଧଗ୍ଲାସେ ମିଳେ ଖୁବ୍ ଡେରିରେ । ଭଙ୍ଗା ଚେୟାର ଟେବୁଲ କେତୁଟା ପଡ଼ିଛି । ଗଲାଆସିଲା ଲୋକେ ବିଶ୍ରାମ କରନ୍ତି, ଖବର ଜାଣନ୍ତି ନିଅନ୍ତି, ଗାଁମାନଙ୍କର ବଣ୍ଟାବଣ୍ଟି କରନ୍ତି । ଏମାନେ ଖବରକାଗଜର ଏଜେଣ୍ଟ, ସମ୍ବାଦଦାତା । ପାଞ୍ଚଭାଇଙ୍କ ପାଞ୍ଚ କାଗଜ । ସମାଜ, ପ୍ରଜାତନ୍ତ୍ର, ଧରିତ୍ରୀ, ପ୍ରଗତିବାଦୀ, ମାତୃଭୂମି । ଜଣକର ଗୋଟିଏ ଗୋଟିଏ । କେବଳ 'ଉତ୍କଳ ପ୍ରସଙ୍ଗ'ଟି ବଡ଼ଭାଇର, କାଲୁ ମିଶ୍ରଙ୍କର ।

ଏ ପାଞ୍ଚ ଭାଇଙ୍କ ଘର କିମିତି ଚାଲେ, ପଇସା କେଉଁଠୁ ପାଆନ୍ତି, ବଡ଼ଲୋକି, ଢ଼ାମ, ଫୁଟାଣି କାହିଁକି ଏତେ କେହି ଜାଣନ୍ତି ନାହିଁ । ଏମାନଙ୍କ ଦେଇ ପାଠ ହେଲାନି,

Digitized by srujanika@gmail.com

କିନ୍ତୁ ଖବରକାଗଜ ପଢ଼ିବା ପାଇଁ ଯଥେଷ୍ଟ ପାଠ ରହିଛି ପ୍ରତ୍ୟେକର । ବ୍ୟବସାୟ ବାଣିଜ୍ୟ ଏପରିକି ଜେଲ ଯିବା ଏମାନଙ୍କ ଦେଇ ହେଲାନି । ହେଲା ସେଇଆ ଯାହା କେବଳ ପାଜିମାନଙ୍କ ଦେଇ ହୁଏ ।

ଏମାନେ ଗାନ୍ଧିଜୀଙ୍କ କଳ୍ପିତ ରାମରାଜ୍ୟରେ ବିଶ୍ୱାସୀ ଏବଂ ବାରୁଣୀ ଘାଟରେ ଯେଉଁଠି ଗାନ୍ଧିଜୀଙ୍କ ଚିତାଭସ୍ମ ଅଛି ସେଇଠି ଶପଥ ନେଇଛନ୍ତି ରାମରାଜ୍ୟ ଆଣିବାକୁ । ହେଲେ କେହି ଏକୁଟିଆ ଗାନ୍ଧିଜୀଙ୍କ ତିନୋଟି ମାଙ୍କଡ଼କୁ ନଚାଇ ପାରିଲେନାହିଁ । ତେଣୁ ଭଲ ତିନିହେଁ ତିନୋଟିକୁ ବାଣ୍ଟି ନେଇଛନ୍ତି । କାଲୁଙ୍କ ଭାଗରେ ପଡ଼ିଥିବା ମାଙ୍କଡ଼ଟି କାନରେ ଆଙ୍ଗୁଳି ଦେଇ ବସିଛି । ତେଣୁ ଘରେ ଯେତେ ହୁରିପାଟି ଗଣ୍ଡଗୋଳ ହେଲେ ବି ତାକୁ ଶୁଭେନାହିଁ । କେଲୁଙ୍କ ମାଙ୍କଡ଼ଟି ଆଖିରେ ଦୁଇ ହାତ ଦେଇ ବସିଛି । ଆଖି ଆଗରେ ଘର ଭିତରେ ହଣାକଟା ମାରପିଟ୍ ଦଙ୍ଗାହଙ୍ଗାମ ରେପ୍, ମର୍ଡ଼ର ଯାହା ହେଲେ ବି ଦିଶେ ନାହିଁ । କେଉଟାଙ୍କ ମାଙ୍କଡ଼ ପାଟିରେ ହାତ ଦେଇ ବସିଛି । ଅତଏବ ଯିଏ ଯାହା କରୁ ବା କହୁ ୟାଙ୍କର ପାଟି ଫିଟେ ନାହିଁ। ଆଶ୍ଚର୍ଯ୍ୟ କଥା ତିନିଜଣ ଅନ୍ଧ ହାତୀ ଦେଖି ଭୁଲ୍ ଛବି ଆଙ୍କିଲା ପରି ଏ ତିନିଭାଇଙ୍କ ଭୁଲ୍ ହୁଏନାହିଁ । ସମସ୍ତଙ୍କ ନାକଟା ଖୋଲା, ତେଣୁ କେଉଁଠି ମଦ୍ଦ ପଡ଼ିଛି ଶୁଙ୍ଘି ଶୁଙ୍ଘି ଠିକ୍ ଜାଣିପାରନ୍ତି । ଦୈବାତ୍ ତିନିହେଁ ଏକାଠି ହେଲେ ଖୁବ୍ ବଡ଼ ପାଟିରେ "ଜୟ ମହାତ୍ମାଗାନ୍ଧୀ କି ଜୟ" ଚିତ୍କାର କରନ୍ତି ଯିମିତି ସାରା ଦୁନିଆଁ ଶୁଣିବ । ସାନ ଦୁଇଭାଇ କୁଆଡୁ ଧାଇଁଆସି ଗାନ୍ଧୀ କିଏ ଜାଣିନଥିଲେ ବି ବଡ଼ ଭାଇମାନଙ୍କ ସହିତ ତାଳ ଦେଇ ନାଚନ୍ତି । ସମସ୍ତଙ୍କ ଚେହେରା ବଢ଼ିଆ, ପୃଥୁଳ ଶରୀର ।

ମଇଁଷି ସିଙ୍ଘ ଫଟା ଯୁଝିଲା ବେଳକୁ ଗୋଟା । ଘର ଭିତରେ କାହାରି କାହା ସହିତ ପଟେ ନାହିଁ, ଘରେ କେତେଜଣ ଲୋକ ସଠିକ୍ କେହି କହିପାରିବ ନାହିଁ । ଦଶଜଣ ଘରେ ଥିଲେ ପାଞ୍ଚଜଣ ବାହାରେ । ସମସ୍ତେ ସମସ୍ତେ ବିରୋଧୀ । ପ୍ରତ୍ୟେକ ପ୍ରତ୍ୟେକକୁ ସନ୍ଦେହ କରନ୍ତି । ପ୍ରତ୍ୟେକଙ୍କର ହାତପାଣ୍ଠି ଅଲଗା । ଗାଁ ଲୋକେ ଭାବନ୍ତି ଦିନେନା ଦିନେ ଏଗୁଡ଼ା ଅଲଗା ହୋଇଯିବେ, ମାରପିଟ୍ ବି ଲାଗିଯିବେ ।

ଏ ମହାତ୍ମାମାନଙ୍କ ଚରିତ୍ର ଓ ଗୁଣାବଳୀ ଲାଲମୋହନ ଜାଣେ । ହେଲେ ପାଠଶାଠ ନ ଥିବାରୁ ତାକୁ ବାଧହୋଇ ଏମାନଙ୍କ ଆଶ୍ରା ନେବାକୁ ପଡ଼େ । ଏଇମାନେ ତ 'ସରକାର' ରାଜାମହାରାଜାଙ୍କ ଜାଗାରେ ମା'ବାପ । ସ୍ୱଭାବ ସୁଲଭ ନମ୍ରତାରେ ଲାଲମୋହନ ହାତଯୋଡ଼ି କହିଲା "ମିଶ୍ରେ ମାହାପ୍ରୁ! ବସି ବସି କି ଦେଖୁଛ ଆଜ୍ଞା! ଗାଁ ଶେଷ ହବାକୁ ବସିଲା ଯେ, ପାଣି ଫାଣି ଠୁପାଏ ଆମ ଡ଼ୋମମାନଙ୍କୁ ମିଳିବାର ବ୍ୟବସ୍ଥା କର । ଆପଣ ବଡ଼ଲୋକ । ଛତିଶ ବର୍ଣ୍ଣର ରଜା! ସବୁ ଦେଖୁଛ ଶୁଣୁଛ ସରକାର ଚଳଉଛ । ଗରିବ ଅଧମଙ୍କୁ ବଞ୍ଚାଅ । ଜ୍ୟେଷ୍ଠ ଖରାରେ ତୁଳସୀ ଗଛ ମରିଯିବ ବୋଲି ପାଣି ଠେକି ଟାଙ୍ଗୁଛ । ବାଟ ଗଲା ଲୋକଙ୍କର କାଳେ ଶୋଷରେ

Digitized by srujanika@gmail.com

ହଂସା ଉଡ଼ିଯିବ ବୋଲି ପାଣି ବାଣ୍ଟି ଧର୍ମ ଅର୍ଜୁଛ । ନିଜର ଗାଁ ସାହୀର ମଣିଷ କଥା ଟିକେ ବୁଝ । ଆମେ ପୁରୁଷ ପୁରୁଷ ଧରି ହଜୁରଙ୍କୁ ଚାହିଁ ପଡ଼ିଛୁ, ଆଜ୍ଞା !"

ମିଶ୍ରେ ରାଗିଗଲା ପରି ଚେହେରା କରି କହିଲେ, "ଲାଲମୋହନ ବାବୁ, ତୁମର ସାମନ୍ତ ମନୋବୃତ୍ତି ଏ ଯାକେ ଗଲାନି । ମୋତେ ସାଆନ୍ତେ ମହାପ୍ରଭୁ କହୁଛ । ଧର୍ମ ନିରପେକ୍ଷ ରାଷ୍ଟ୍ରରେ କେହି ବ୍ରାହ୍ମଣ ନାହିଁ କେହି ଡ଼ୋମ ନାହିଁ । ସାଂପ୍ରଦାୟିକତାର ଏ ଦେଶରେ ସ୍ଥାନ ନାହିଁ । ତୁମର ଏଥର ଘର, ଜମି, ଗୋରୁ ଗାଈ, କୁକୁଡ଼ା, ଶିକ୍ଷାଦୀକ୍ଷା ସବୁର ବ୍ୟବସ୍ଥା ହୋଇଯାଉଛି । ହରିଜନ ଉନ୍ନୟନ ସଂସ୍ଥା ଜଳ ସରବରାହକୁ ଅଗ୍ରାଧିକାର ଦିଆଯାଉଛି ।"

"କାଲୁ ମିଶ୍ରେ ଆଜ୍ଞା ! ଆପଣ କି କହୁଛ କିଛି ବୁଝିପାରିଲି ନାହିଁ । କି ଉନ୍ନୟନ କି ଜଳ ସରବରାହ କିଛି ବୁଝୁନି । ଉନ୍ନୟନ ଆଜ୍ଞା ପଛେଉ କରିବେ । ଆଗ ପାଣିର ବ୍ୟବସ୍ଥା କରନ୍ତୁ । ଜଳ ବିହୁନେ ହଂସ ହାନୀ, ଆପଣଙ୍କ ଭାଗବତରେ ଅଛି । ପାଣି ନଥିଲେ ହଂସ ମରିଯିବେ, ମଣିଷ ତ ଆଗ ମରିବ । ଯାହା କୁହନ୍ତୁ ଆଜ୍ଞା ଏ ବୁଢ଼ାଟା ଆମକୁ ହରିଜନ ହରିଜନ କହି ମାରିଦେଇ ଯାଇଛି । ସମସ୍ତେ ତ ହରିଜନ, ଭଗବାନ ଖାଲି ଆମକୁ ଗଢ଼ିଛନ୍ତି ? ଆପଣ ହରିଜନ ନୁହଁନ୍ତି ? ସେ ଯାହା କରିଥିଲେ ଏଥର ଆପଣମାନେ ସମସ୍ତ ଆମକୁ ଉଠେଇବାକୁ ଲାଗିଛନ୍ତି । ଆମେ ଅଥର୍ବ ଅକାମୀ ହୋଇଯିବୁ ଯେ । ଆପଣମାନଙ୍କ ଉତ୍ସାହ ଦେଖି ଆମକୁ ଡ଼ର ମାଡୁଛି ।

ମିଶ୍ରେ ମୁହଁ ଧୋଇଆସି ଲାଲମୋହନକୁ ପୁଣି କହିବାକୁ ଲାଗିଲେ "ବ୍ୟସ୍ତ ହୁଅନି, ଗୋଟାଏ ଦିନ ଭିତରେ ସବୁ ଠିକ୍‌ଠାକ୍ କରିଦେବା ଖବର ଚାଲିଗଲାଣି ଖବରକାଗଜକୁ, ରେଡ଼ିଓକୁ, ମନ୍ତ୍ରୀପାଖକୁ, ଧଡ଼ାଧଡ଼ ଆସି ପହଞ୍ଚିଯିବେ ମନ୍ତ୍ରୀ, ଡ଼ି.ଏମ୍., ଏ.ଡ଼ି.ଏମ୍., ଏସ୍.ଡ଼ି.ଓ., ବି.ଡ଼ି.ଓ., ଥାନା ଅଫିସର । ତୁମେ ଖାଲି ସାଇଲୋକଙ୍କୁ ରେଡ଼ି କରି ରଖିଥାଅ । ଖବର ପାଇଲେ ଧାଁ କରି ପହୁଞ୍ଚିଯିବ । ଆମର ପାର୍ଟିର ସମ୍ମାନ କଥା, ବୁଝୁନ ।"

"କାଲୁ ମିଶ୍ରେ ଆପଣେ! ମୋତେ ତ ଥରକୁ ଥର ହାକିମହୁକୁମା, ମନ୍ତ୍ରୀ, ଏମ୍.ଏଲ୍.ଏ. ପାଖକୁ ମୁହେଁଇ ଦଉଛ । ମୁଁ କହିବା ଅନୁସାରେ ଟଙ୍କା ବି ସବୁକାମ ପାଇଁ ମଞ୍ଜୁରି ହେଉଛି । ହେଲେ ଆମେ କିଛି ପାଇଲୁନି ଆଜ୍ଞା । ପୋଖରୀରୁ ପଙ୍କ ଉଠିବ, ଟଙ୍କା ଆସିଲା, ଦେଖିବ ଯାଅ ପୋଖରୀ ମଝିରେ ଗୋରୁ ଚରୁଛନ୍ତି । ମୋତେ ଠିଆ କରାଇ ଆପଣଙ୍କ ଭାଇ ଇଲେକ୍ଟ୍ରି ଆଣିଲେ ଗାଁକୁ, ଆପଣଙ୍କ ସାଇ ଆଲୁଅ, ଡ଼ୋମସାହି ଅନ୍ଧାର । ନଳକୂଅ ଆମ ସାଇ ମଝିରେ ବସିବା କଥା ଆପଣଙ୍କ ଦୁଆର ମୁହଁରେ ବସିଲା, ଆମେ ପାଣି ଆଣିଲେ ପମ୍ପ ଖରାପ ହୋଇଯିବ କହିଲ । ଆମପାଇଁ ଗହମଗୁଣ୍ଡ ଆସିଲା ବ୍ରାହ୍ମଣମାନଙ୍କ ଗାଈଗୋରୁର ଚର୍ବି ହେଲା ।

Digitized by srujanika@gmail.com

କାଲୁ ମିଶ୍ରେ ଦେଖିଲେ ବୁଢ଼ାଟା କୁହାଳିଆ ହୋଇଯାଉଛି । ଏମିତି ଗୋଟାଏ ଲୋକ ସାରା ଡ଼ୋମସାହିକୁ ସରକାର ବିରୋଧୀ କରିଦେଇ । ସର୍ବୋଦୟ, ଅନ୍ତ୍ୟୋଦୟ, ସମନ୍ୱିତ ଯୋଜନା, ହରିଜନ ଉନ୍ନୟନ ଖାଦ୍ୟ ପାଇଁ କାମ ସବୁ ପଣ୍ଡ କରିଦବ । କହିଲେ 'ଲାଲୁ ବାବୁ! ରାଜନୀତି ଯାଦୁ ନୁହେଁ, ମେଜିକ୍ ନୁହେଁ । ଏକା ଦିନରେ ଟାକୁଆ ପୋତି ପାଚିଲା ଆମ୍ବ ଖାଇହବନି । ସବୁରରେ ମେଓ୍ୱାଫଳେ । ସରକାରର ନୀତି ହେଲା କାହାକୁ ଭୋକରେ ମରିବାକୁ ଦିଆଯିବନି ।

"ବରଂ ଶୋଷରେ ମରନ୍ତୁ । ତିରିଶ ଏକତିରିଶ ବର୍ଷରେ ପାଣି ଟୋପାଏ ପିଇବାକୁ ଦେଇପାରିଲ ନାହିଁ । ପାଞ୍ଚପାଞ୍ଚୁଟା ପୋଖରୀ ଶୁଖିଲା ପଡ଼ିଛି । ତିନିଟା ସାଇର କୂଅ, ଇସ୍କୁଲ୍ କୂଅସବୁ ଶୁଖିଲା, ଖାଲି ଆପଣଙ୍କ ସାଇର ..... ଏ ପୋଖରୀ କୂଅସବୁ ପଇସା ଦେଇ ଖୋଳା ହୋଇଥିଲା ନା ଖାଲି ମାଟି ରାମ୍ପିଦେଇ ।

"ଆମେ ବି ହଇରାଣ ହେଉଛୁ । ଆମଘର ଆଗ ପମ୍ପ ଅକାମୀ । ଗାଁର କୂଅ ବି ଉଙ୍ଘାଳିବା ଦରକାର । ସବୁ ଠିକ୍‌ଠାକ୍ ହୋଇଯିବ; ତୁମେ ରଜା ଅମଳର ମନୋବୃତ୍ତି ଛାଡ଼, ନହେଲେ ସାମ୍ପ୍ରଦାୟିକତା, ଏକଛତ୍ରବାଦ ଆମକୁ ଖାଇଦବ । ଦେଖ ଦେଶ କିମିତି ଆଗେଇ ଚାଲିଛି ।"

"ଆଉ କାହିଁକି କହୁଛନ୍ତ ? ଢେର ଢେର ଦେଖିଲି । ରଜା ଗଲେ ତାଙ୍କର ଲକ୍ଷ ଲକ୍ଷ ଟଙ୍କା ଗାଧୁଆଘରେ ଲୋକେ ମୁତିଲେ, ଛେପ ପକେଇଲେ । ସାହେବ ଗଲେ, ନେହେରୁ ଗାନ୍ଧୀ ଆସିଲେ, ରଜା ଗଲେ ମନ୍ତ୍ରୀ ଆସିଲେ । ଦେବାନ ଗଲେ ଡ଼ି.ଏମ୍. ଆସିଲେ । ରାମରାଜ୍ୟକୁ ମୁଁ ଷାଠିଏ ବର୍ଷ ହେଲା ଅପେକ୍ଷା କରିଛି । ଛୁଆଁ ଅଛୁଆଁ ଗଲାନି । ଆପଣଙ୍କ ଝିଅ ଦୁହେଁ ଘାଟରେ କଣ କଥା ହେଉଥିଲେ ଶୁଣିଲେ ତ । ବାପ ମାଆ ଇମିତି ଛୁଆପିଲାଙ୍କୁ ଶିକ୍ଷାଦେଲେ ଯାହା ହେବାର ହବ । ହେଲେ ଏ ରାମରାଜ୍ୟରେ ଆମ ସାଇ ଫାଙ୍କା । ସମସ୍ତେ ସହରକୁ ଚାଲିଗଲେଣି, ବରଂ ଭିଖମାଗି ଖାଇବେ ତେବେ ଶୋଷରେ ମରିବେ ନାହିଁ । ଝିଅଝିଆଣି ପୁଅନାତି ଯିଏ ଥିଲେ ସେମାନଙ୍କୁ ଖାସୁ ନଥିଲେ ବାଞ୍ଝା କରି ଦିଆଗଲା । ଆମର ବଂଶ ଶେଷ । ଆମର ବାଜାମହୁରୀ, କଂସାବାସନ, ଦାଆହାତୁଡ଼ି କତୁରୀ ସବୁ ଆପଣଙ୍କ ଘରେ । ଦେଶର ନହେଲେ ଆମର ଉନ୍ନତି ହେଉଛି ମାହାପ୍ରୁ !

ମିଶ୍ରେ ଅପ୍ରତିଭ ହେଲେ । ଭାବୁଥିଲେ ଏମିତି ଅଯୌକ୍ତିକ କଥା ପାଇଁ ବୁଢ଼ାଟା ଗୁଳିରେ ମଲା । କହିଲେ, "ଲାଲମୋହନ, ତୁମେ ବଡ଼ ବଡ଼ କଥା ମୁଣ୍ଡରେ ପୁରାଅ ନାହିଁ, ଆମକୁ ଭାବିବାକୁ ଦିଅ । ତୁମର ପାଣି ଦରକାର ଏଇତ ?"

"ଦରକାର ଥିଲାନି ଆଜ୍ଞା ! ଆମେ ଆମ ନିଜର ବ୍ୟବସ୍ଥା କରି କରିଥିଲୁ । ଆପଣଙ୍କ ଉପରେ ନିର୍ଭର ନରଖି । ଆମେ ବେଢ଼ା ଚୁଆ ନିଜେ ନିଜେ ଖୋଳି ଅଧମାଇଲ ଦୂରରୁ ହେଲେ ବି କୁଆ ଆଖିପରି ନିର୍ମଳ ପାଣି ଆଣୁଥିଲୁ । କାଲି ରାତି କିଏ ପଚା ମଲା

Digitized by srujanika@gmail.com

ଧଣଟାଏ କୂଅରେ ପକାଇ ଦେଇଛି, ପାଣି ଏମିତି ଗନ୍ଧଉଛି ଯେ ମୁହଁରେ ଦେଇହେଉନି । ଦିନେ ଦୁଇଦିନ ପାଇଁ କିଛି ବ୍ୟବସ୍ଥା କର, ହଜୁର ।"

ମିଶ୍ରେ କହିଲେ, "ହେଲା, ମୁଁ ଆଜି ଏଇକ୍ଷଣି କରିଦେଉଛି । କହିଲି ତ ଆମ ଘର ଆଗ ପମ୍ପ ଖରାପ ହୋଇଯାଇଛି । ତୁମେ ସବୁ ଆମ ବ୍ରାହ୍ମଣ ସାହିର ଦାଣ୍ଡକୂଅରୁ ପାଣି ନିଅ ଆଜି ଉପରଓଳିଠାରୁ ।

ନାଲା ପ୍ରାୟ ଚମକି ପଡ଼ି କହିଲା, "ଏ କି କଥା କହିଲ ସାଆନ୍ତେ! ଆପଣଙ୍କ କୂଅରୁ ଠାକୁର ପାଇଁ ପାଣି ଯାଉଛି, ଆପଣମାନେ ପିଉଛନ୍ତି, ଗୋଡ଼ହାତ ଧୋଉଛନ୍ତି । ଆମେ ଅଛବ ଲୋକ । ଆମର ବାଲଟି ଗରା କିଛି ନାହିଁ । ମାଟି କଳସୀ କୂଅରେ ପକାଇବୁ? କଳସୀ ଭାଜିଯିବ, ଖପରା ବାଟରେ ଘାଟରେ ପଡ଼ିବ। ଆପଣମାନେ ଆପଣମାନଙ୍କ ବୋହୂଝିଅ ସେସବୁ ମାଡ଼ି ଠାକୁର ଦେବତା ପାଇଁ ପାଣି ନେବେ ?"

"ତୁମେ ମର ତେବେ ସାଇଯାକ ଲୋକ । ହିତକଥା ଗର୍ହିତ ହେଉଛି । ମୋତେ ଜବାବ୍ ଦିଅ ତୁମେ ସାଇର ବୋହୂଝିଅଙ୍କୁ ଧରି ବେଳବୁଡ଼କୁ ଆମ ଗାଁ ଦାଣ୍ଡ କୂଅକୁ ଆସିବ" ନା ନାହିଁ ।

ଲାଲମୋହନ ମିଶ୍ରଙ୍କୁ ପରୀକ୍ଷା କରୁଥିଲା ସେ ଛୁଆଁ ଅଛୁଆଁ ନ ମାନି ଡ଼ୋମମାନଙ୍କୁ ତାଙ୍କ କୂଅ ପାଖକୁ ଯିବାକୁ ଦେବେ କି ନାହିଁ । କାଲୁଙ୍କ କଥାରେ ସେ ପ୍ରତ୍ୟୟ ରଖି ରାଜି ହେଲା ସମସ୍ତଙ୍କୁ ନେଇଆସିବ। ମାତ୍ର ତା'ର ସନ୍ଦେହ ଓ ଭୟ ହେଲା କେଲୁ ବାବୁ, କେଉଟା ବାବୁ ଏବଂ ତାଙ୍କ ସାନ ଦି'ଭାଇ ବଡ଼ଭାଇଙ୍କ କଥାକୁ କାମରେ ପରିଣତ କରାଇଦେବେ କି ନାହିଁ । ଶେଷରେ କାଲୁଙ୍କ ଅଭୟବାଣୀ ପାଇ ସେ ରାଜି ହେଲା ।

ଦୁହେଁ ସାଙ୍ଗସାଥୀ ହୋଇ କିଛିଦୂର ଯିବା ପରେ ମିଶ୍ରେ ବାଟଭାଙ୍ଗି ଘରମୁହାଁ ଧଇଲେ । ଟିକିଏ ଲଘୁମନା ହୋଇ ଲାଲାମୋହନ ମିଶ୍ରଙ୍କୁ କହିଲା, "କାଲୁ ବାବୁ! ଅନେକ ଦିନ ହେଲା ଗୋଟାଏ କଥା ପଚାରିବ ବୋଲି ଭାବିଛି, ପଚାରିବି ?" "ପଚାର, ପଚାର ସଙ୍ଗେ ସଙ୍ଗେ ଖୁବ୍ ଶରଧାରେ କେଲୁ କହିଲେ ।"

"ଆଜ୍ଞା ସାଆନ୍ତେ! ଆଗରୁ ସମସ୍ତେ ଗାନ୍ଧିଜୀ ଜିନ୍ଦାବାଦ, ନେହେରୁଜୀ ଜିନ୍ଦାବାଦ, ଇନ୍ଦିରାଗାନ୍ଧୀ ଜିନ୍ଦାବାଦ କହୁଥିଲେ । ଏବେ ନୂଆକଥା ଶୁଣୁଛି ଚାରିଆଡ଼େ ଇନକିଲାବ ଜିନ୍ଦାବାଦ । ଇନ୍‌କିଲାବ କିଏ ? ପୁରୁଷ ନା ସ୍ତ୍ରୀ ?"

କେଲୁ ମିଶ୍ରଙ୍କୁ ବି ଇନ୍‌କିଲାବର ଅର୍ଥ ଜଣା ନାହିଁ । ସେ ତ ସବୁବେଳେ 'ଉନ୍ନୟନ' କଥା ଭାବୁଛନ୍ତି । ସେ କହିଲେ ଇନ୍‌କିଲାବ ଅର୍ଥ ଉନ୍ନୟନ । ଗୋଟାଏ ସ୍ଥାନରୁ ଆଉ ଗୋଟାଏ ସ୍ଥାନକୁ ଯିବା ।"

"ଆଜ୍ଞା ଗଣେଷ ପୂଜା, ସରସତୀ ପୂଜାରେ ବି ସମସ୍ତେ ଇନ୍‌କିଲାବ କହୁଛନ୍ତି ଯେ ।"

Digitized by srujanika@gmail.com

"ତା'ର ମାନେ ବି ସେଇ ଉନ୍ନୟନ । ଉଠାଅ । ଇନ୍‌କିଲାବ ଗଣେଷଜୀ, ମାନେ ଗଣେଷଙ୍କୁ ଉଠାଅ, ସରସ୍ୱତୀଜୀ ଇନ୍‌କିଲାବ ମାନେ ସରସ୍ୱତୀଙ୍କି ଉଠାଅ । ସମିତି ହରିଜନ ଇନ୍‌କିଲାବ ମାନେ ହରିଜନଙ୍କୁ ଉଠାଅ । ଲାଲମୋହନ, ତୁମେ ପ୍ରୌଢ଼ଶିକ୍ଷା କ୍ଲାସ୍‌ରେ କିଛିଦିନ ବସ୍, ଏ କଷ୍ଟ କଷ୍ଟ ନୂଆ ନୂଆ ଶବ୍ଦର ମାନେ ଅକ୍ଳେଶରେ ବୁଝିଯିବ । ହଁ, ତୁମେ ସବୁ ପ୍ରସ୍ତୁତ ଥିବ, ମୁଁ ଠିକ୍ ସମୟରେ ତୁମ ସାହିରେ ପହୁଞ୍ଚିଯିବ ।"

ତା'ପରେ ମିଶ୍ରଙ୍କ ଭବନରେ ବସିଲା କେବିନେଟ୍ ବୈଠକ । ପ୍ରଧାନମନ୍ତ୍ରୀ, ଉପପ୍ରଧାନମନ୍ତ୍ରୀ, ପ୍ରତିରକ୍ଷା ମନ୍ତ୍ରୀ ତଥା ଦୁଇ ଜୁନିୟର ରାଜ୍ୟମନ୍ତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ । ପଲିସି ନିୟନ୍ତ୍ରଣ ପାଇଁ ।

ପ୍ରଥମ କାଲୁ ପଚାରିଲେ, "କେଲୁ, କେଉଟା ! ଅଭିଯୋଗ ହୋଇଛି ହରିଜନ ସାହିର କୂଅରେ କିଏ ଗୋଟିଏ ମଲା ପଟା ଧଣ୍ଡ ପକାଇ ଦେଇଛି । ତୁମ ଦୁହିଁଙ୍କ ଭିତରୁ ଏ କାହାର କାଣ୍ଡ ? ମଣିଷ ଜୀବନ ନେଇ ଖେଳ ଭଲକଥା ନୁହେଁ । କିଏ ଏ କୁକର୍ମ କଲା ?"

କେଲୁ କହିଲେ ଭାଇ ! ଏ ସନ୍ଦେହ ଭିତ୍ତିହୀନ । ସେମାନଙ୍କର ଅନିଷ୍ଟ କରିବାକୁ ଗଲେ ମୁଁ ଏମିତି ଛୋଟ ଲୁଚା କାମ କରିବି ନାହିଁ । ମୋର ବିଶ୍ୱାସ କେଉଟା ବି ତାହା କରିନଥିବ । ତାର ନୀତିନିୟମ କର୍ମପନ୍ଥା ମୋଠୁଁ ବା ତୁମଠୁ ଅଲଗା । ସାନ ଦିହିଙ୍କି ପଚାର । ସେମାନେ ବି ଏମିତି ଚୋରାଲୁଚା ଭଙ୍ଗାରୁଜା କାମ ଶିଖିବା ଆରମ୍ଭ କରିଛନ୍ତି ।"

କାଲୁ ମିଶ୍ରେ ଯିମିତି ସେ ଦୁହିଁଙ୍କ ଆଡ଼କୁ ପ୍ରଶ୍ନସୂଚକ ଆଖିରେ ଚାହିଁଛନ୍ତି, "ସେ ଦୁହେଁ ଏକାବେଳେ ଉଠିପଡ଼ି କହିଲେ ଇସ୍ତଫା ନିଅ ।" ସରକାର ଭାଙ୍ଗି ଯାଇପାରେ ଏବଂ ଭତ୍ତା, ପେନ୍‌ସନ ନ ମିଳିପାରେ ଏ ଭୟରେ ଏ ବିଷୟରେ ଆଲୋଚନା ଆଉ ଆଗେଇଲା ନାହିଁ । ମୁଲତବୀ ରହିଲା ।

ମିଶ୍ରେ କହିଲେ, "ଦେଖ ଲାଲମୋହନ ତେଲଙ୍ଗାକୁ ମୁଁ ଆଜି ଜବାବ୍ ଦେଇଛି, ସେ ତା ସାହିର ଟିର୍ଲାଛିର୍ଲ୍ଲା ଧରି ଆମ ଦାଣ୍ଡ କୂଅକୁ ପାଣି ନେବା ପାଇଁ ଆସିବ । ବିଚିରାଏ ବଡ଼ କଷ୍ଟ ପାଉଛନ୍ତି ଜଳାଭାବରେ ସକାଳଠାରୁ । କିଛି ଅପ୍ରୀତିକର ଘଟଣା ଯିମିତି ନ ଘଟେ । ତମେ ଦୁହେଁ ସଜାଗ ଥିବ ।"

କେଲୁ କହିଲେ, ଦେଖ ଭାଇନା ମୁଁ ତୁମକୁ କିଛି ଗେରେଣ୍ଟି ଦେଇପାରିବି ନାହିଁ । ଯୁବ ମୋ ପଛରେ ଅଛନ୍ତି ସିନା କିନ୍ତୁ ତାଙ୍କର କେତେବେଳେ କି ମତଲବ କହି ହବନି । ସେ ଯାହାହେଉ ଦେଖାଯିବ ସେତେବେଳକୁ, ସମ୍ଭାଳିବାର ଚେଷ୍ଟା କରିବି ।"

Digitized by srujanika@gmail.com

ଦଣ୍ଡେ ରହି ପୁଣି କେଲୁ କହିଲେ; ନନା ମୁଁ ଖୋଲାଖୋଲି କହୁଛି ତୁମର ଏ ହରିଜନ ପ୍ରୀତି ଟିକିଏ ଅତିବେଶୀ ହୋଇଯାଉଛି । ତୁମେ ଜାଣ ସାହିଯାକ କିମିତି ରକ୍ଷଣଶୀଳ । ଏକାଦିନକେ ସେମାନେ ଯୁଗଯୁଗର ଘୃଣା ହିଂସା ଭୁଲିଯିବେ ? ତା ଛଡ଼ା ଅସାମାଜିକ ଲୋକ ଅଛନ୍ତି ?"

"ମୁଁ ଜାଣେ ସବୁ କେଲୁ ! କିନ୍ତୁ ସେମାନଙ୍କ ପାଇଁ କିଛି କିଛି ନକଲେ ତାଙ୍କୁ ହାତରେ ନ ରଖିଲେ ଆମେ ଭବିଷ୍ୟତକୁ ବଞ୍ଚିବା କିମିତି ?"

"ତୁମେ ଜମା ବଞ୍ଚିପାରିବା ନାହିଁ । ସେମାନଙ୍କ ଆଡ଼କୁ ଯେତେ ଯେତେ ଢ଼ଳୁଥିବ, ସେତେ ସେତେ ଲୋଭ ଅସନ୍ତୋଷ ବର୍ଦ୍ଧିବ । ତା ଛଡ଼ା ସେମାନେ ତ ସବୁ ନେଇଯିବେ, ଜମି, ଘର, ଟଙ୍କା, ଚାକିରି । ଆମେ ଆଉ ଆମ ଛୁଆପିଲା ? ସରକାର ଭାବିଛି ବ୍ରାହ୍ମଣମାନେ ଧନୀ ଶକ୍ତିଶାଳୀ ତୁମେ ଏତେଶୀଘ୍ର ଭୁଲିଗଲ କିମିତି । ସେମାନେ ଦଳବାନ୍ଧି ଆମ ବିରୁଦ୍ଧରେ କେତେଜଣ କହିଲେ, ଛାପିଲେ । ଆମେ ଗହମ ଗୁଣ୍ଡ ଖାଇଲୁ, ଘର ଟଙ୍କା ଖାଇଲୁ, କିରାସିନି, ଚିନି ଚୋରାରେ ବିକିଲୁ । ଆମକୁ ଦୋକାନ ଛାଡ଼ିବାକୁ ପଡ଼ିଲା । ମୋର ଇଚ୍ଛା ହୁଏ ଏଗୁଡ଼ାକୁ କିଏ ଜୋର ବାଡ଼ାନ୍ତା କି ନହେଲେ କିଏ ଘରଦ୍ୱାରା ପୋଡ଼ି ଦିଅନ୍ତା ଯେ ପୁଣି ନୂଆ ଘରପାଇଁ ସାହାଯ୍ୟ ଆସନ୍ତା । ଆମକୁ ଆଉକିଛି ମିଳିବ ନାହିଁ, ଯାଙ୍କ ନାଁରେ, ଯାଙ୍କ ଉପରୁ ଯାହା ଉଠାଇପାରିବା ।"

କେଉଟା ଦୁଇବଡ଼ଙ୍କ କଥା ଶୁଣୁଥିଲେ । କହିଲେ, "ଜବାବ ଦେଇ ସାରିଛ । ଦେଖିବା ଯେତେବେଳେ ଯାହା । ହେଲେ ଏ ହରିଜନ ଟୋକାଗୁଡ଼ାକ ଯିମିତି ପାଜି ତାଙ୍କ ଟୋକୀଗୁଡ଼ାକ ବି ସିମିତି ଅସଚ୍ଚରିତ୍ରା, ମାଷ୍ଟରମାନେ ପ୍ରତ୍ୟେକ ପାଞ୍ଚ ପାଞ୍ଚଜଣଙ୍କୁ ବାଛି ବା ଖାସୁ କରିବାର ଯେଉଁ ନିୟମ ଥିଲା । ସେଇଟା ପୁଣି ଜାରି କରିବାକୁ ହବ ।"

ଜୁନିୟର ମନ୍ତ୍ରୀ ଦୁହେଁ ଚୁପ୍‌ଚାପ୍ ରହି ଅନ୍ୟମନସ୍କ ହେଉଥାନ୍ତି । ଧଣ୍ଡସାପ କଥା ଆଉ ଉଠିଲା ନାହିଁ ବୋଲି ସେମାନେ ଖୁସି ।

ସନ୍ଧ୍ୟା ପ୍ରାୟ ଛଅଟା । ବ୍ରାହ୍ମଣ ଶାସନ ମଝିଦାଣ୍ଡର ଶହେବର୍ଷର ଏଇ ପଥର ବନ୍ଧା କୂଅରେ ଯେଉଁ ଘଟଣା ଘଟିବାକୁ ଯାଉଛି ତାହା ମହାତ୍ମାଗାନ୍ଧୀ ସ୍ୱର୍ଗରେ ଥାଇ ତାଙ୍କର ସ୍ୱପ୍ନର ପରିଣତ ବୋଲି ନିଶ୍ଚୟ ଦେଖୁଥିବେ । ଏ କୂଅରୁ ବ୍ରାହ୍ମଣେତର କେହି ବ୍ୟକ୍ତି ପାଣି ଟାଣିବାର କେବେ କେହି ଦେଖିନଥିବେ । ହରିଜନ ସାହିର ପ୍ରାୟ ପନ୍ଦର ଜଣ ଯୁବତୀ ପେଡ଼ି ସାଇତା ଛିଟଶାଢ଼ୀ ପିନ୍ଧି ପାଉଡ଼ର ମାଖି ମୁଣ୍ଡ କୁଣ୍ଡାଇ ଆଗପଛ ଚାହିଁ ଲାଜ ଲାଜ ହୋଇ ବ୍ରାହ୍ମଣ ସାହି ଦାଣ୍ଡରେ ଚାଲିଛନ୍ତି କାଖରେ କଳସି ଧରି । ସବା ପଛରେ କାଳୁ ମିଶ୍ରେ । ଆଗରେ ଲାଲମୋହନ ତେଲେଙ୍ଗା । ଗାଁର ପିଣ୍ଡାରେ ଅବଗୁଣ୍ଠନବତୀ ଅସ୍ଥି ଚର୍ମସାରଗୁଡ଼ାଏ ବ୍ରାହ୍ମଣୀ ମାତା ଓ ମୁମୂର୍ଷୁ ପୁତ୍ର ପୁତ୍ରୀଗଣ । ମହାତ୍ମାଗାନ୍ଧୀଙ୍କ ଜୟ କହି ଲାଲାମୋହନ ପ୍ରଥମେ ବାଲ୍‌ଟି କୂଅ ଭିତରକୁ ଛାଡ଼ିଲା ।

Digitized by srujanika@gmail.com

କାଳୁ ମିଶ୍ର କାଠଚମ୍ପା ଫୁଲର ହାରଟିଏ ନାଲା ବେକରେ ଦେଇଥାନ୍ତି । କାଳୁ ଏବଂ ନାଲା ଦୁହେଁ ମିଶି ବାଲ୍‌ଟିଏ ପାଣି ଉଠାଇଲେ । ତା'ପରେ ଯେତେବେଳେ ଯୁବତୀମାନେ ପାଣି ଟାଣୁଥାନ୍ତି ସେତେବେଳେ କାନ୍ଥ ଉହାଳରୁ ବା ବାଡ଼ତଳୁ ଗାଁ ର 'ଯୁବ'ମାନେ କଟମଟ ଚାହିଁଥାନ୍ତି । କିଏ କହିଲା ମିଶ୍ରଙ୍କୁ ଗ୍ଲାସେ ପାଣି ଦିଅ ସେ ପିଅନ୍ତୁ । କିନ୍ତୁ ମିଶ୍ରେ ନାହାନ୍ତି । ପାଣି ଟଣାସାରି ସମସ୍ତେ ଫେରିବା ବେଳକୁ ମାଛି ଅନ୍ଧାର ହୋଇ ଆସୁଥାଏ । ଲାଲମୋହନ ଖୁସି ଯେ ମନ୍ଦାଏ ଭଲ ପାଣି ଅତି ଅଡୁଆ ବେଳରେ ସାଇର ପିଲାଝିଲାଙ୍କୁ ଦେଇ ପାରିଲା । ବଡ଼ପାଟିରେ କଥା ହୋଇ ହସି ହସି ଦଳଟି ଫେରୁଥାନ୍ତି ।

ଠୋ ଠୋ, ଠୋ ଠୋ, ଶବ୍ଦ ପଛକୁ ଆର୍ତ୍ତ ଚିତ୍କାର "ଏ ମା ! ମୋ କଳସି କିଏ ଭାଙ୍ଗିଦେଲା । କ'ଣ ହେଲା କ'ଣ ହେଲା" କହି, ଯୁବଶକ୍ତି ତାଙ୍କ ସାମନାରେ ପଛରେ ଉଭା ହୋଇଗଲା । "କିଏ ଭାଙ୍ଗିଲା, କିଏ ଭାଙ୍ଗିଲା" କହୁ କହୁ ପ୍ରାୟ ସମସ୍ତ କଳସି ଭାଙ୍ଗି ଚୂରମାର ହୋଇଗଲା । ଖାଲି ମଙ୍ଗଟି କାହା କାହା ହାତରେ ରହିଲା ମାତ୍ର । ବ୍ରାହ୍ମଣ ସାହି କୂଅର ସବୁ ପାଣି ଦାଣ୍ଡରେ ଗଲା ।

ଏ ଯୁବ ଦଳଟି କେଳୁ ମିଶ୍ରଙ୍କ ତାଲିମପ୍ରାପ୍ତ ଦଳ । ବାଗୁଡ଼ି, ଡୁଡୁ, ଫୁଟବଲ ଇତ୍ୟାଦି ଖେଳରେ ଯୁବକମାନେ ରଥୀ । ଗାଁ ଗାଁ ଯାଇ ଟୁର୍ଣ୍ଣାମେଣ୍ଟ ଖେଳନ୍ତି । ଯୁବତୀ ନାଆଁ ଶୁଣିଲେ ଦେଖିଲେ ଯାଙ୍କୁ ତାଙ୍କ ଗୁରୁଦେବ କେଳୁ ବି ଅଟକାଇ ପାରିବେ ନାହିଁ । ଏଠି ନାଟ ଲଗେଇ ଦେଇ କେଳୁ ଡ଼ୋମ ସାହିକି ଯାଇ ଖବର ଦେଇ ଦେଲେ ଡ଼ୋମଣୀମାନଙ୍କ ଇଜ୍ଜତ ମହତ ବ୍ରାହ୍ମଣ ସାହିରେ ଗଲା । ବାଉଁଶ ଠେଙ୍ଗା ଓ କଟୁରୀ ଧରି ଧାଇଁଲେ ଡ଼ୋମ ଯୁବଗଣ । ଯାହା ହେବାର ହେଲା । ଝିମିଟିରୁ ମହାଭାରତ । ଲାଲାମୋହନ ମଧ ଠେଙ୍ଗାଏ ଅଧେ ପାଇଲା ଏବଂ ଲଙ୍ଗଳା ବାତୁଳା ହୋଇ ସାହିର ଗୋପୀମାନେ ପ୍ରାଣ ଘେନି ଘରକୁ ଫେରିବାକୁ ଲାଗିଲେ ।

କାଳୁ କେଳୁଙ୍କ ବାଟରେ ଭେଟଘାଟ ହେଲା । କାଳୁ କହିଲେ 'ଏସବୁ ତୋରି କାଣ୍ଡ' । କେଳୁ କହିଲେ "ଭାଇ ତୁମେ ନାଟର ଗୋବର୍ଦ୍ଧନ, ଏ ବୁଦ୍ଧି କରୁଥିଲ କାହିଁକି ? କାଳୁ କହିଲେ, "ତୁ ଦେଖୁଥା ଉନ୍ନୟନ ସଂସ୍ଥାରୁ କିମିତି, କଣ ଆସୁଛି, ଥାନାକୁ ଖବରଟା ଦେଇଦବା ?"

କେଳୁଙ୍କ ଡ଼ୋମକୁ ରାଗିବାର କାରଣ ସେ ଜୋର ଜବରଦସ୍ତ ଡ଼ୋମଙ୍କ ଅମଲନାମା ଜମି ଦଖଲ କରିବା ପାଇଁ ଚେଷ୍ଟାକରି ବିଫଳତାକୁ ସାଙ୍ଗକୁ ଠେଙ୍ଗାଏ ଅଧେ ପାଇଥିଲେ । କାଳୁ ବି ଖୁସି, ଲାଲର ସାମନ୍ତ ମନୋବୃତ୍ତି ଓ ରାଜା ରାଜୁଡ଼ା ପ୍ରୀତିର ଦଣ୍ଡ ବ୍ୟବସ୍ଥା କରିପାରିଲେ ।

Digitized by srujanika@gmail.com

ବାକୀ ରହିଲେ କେଉଟା । ପାଣି ଆଣିବାକୁ ଯେଉଁ ଯୁବତୀମାନେ ଆସିଥିଲେ ସେମାନେ ଆଠ ଦିନ ତଳେ ତାଙ୍କୁ ପୁରୁଷମାନଙ୍କ ସାହାଯ୍ୟରେ ଧରି ନିସ୍ତୁକ ମାଡ଼ ମାରିଛନ୍ତି କାରଣ ସେ ଡ଼ୋମ ସାହିର ବାଉଁଶ ବୁଦା ମୂଳରେ କଣ ଅପକର୍ମ କରୁଥିଲେ ତାଙ୍କରି ସାହିର କାହା ସଙ୍ଗରେ ।

ମହାତ୍ମା ଗାନ୍ଧୀ ଦୁଇମାଙ୍କଡ଼ ଏତେ କାଣ୍ଡ କରିପାରିଲେ କେଉଟା ପଛକୁ ପଡ଼ିଯିବେ ? ହରିଜନ ଉନ୍ନୟନ କର୍ମ ଅସପୂର୍ଣ୍ଣ ରହିଯିବ ଯେ ! ଯେତେବେଳେ ବ୍ରାହ୍ମଣ ସାହି ଓ ଡ଼ୋମ ସାହି କୋଳାହଳମୟ, ଆର୍ତ୍ତନାଦ ଚିତ୍କାରରେ ପରିପୂର୍ଣ୍ଣ ସେତିକିବେଳେ କେଉଟା ଖସିଗଲେ । ଡ଼ୋମ ସାହିର ସେତେବେଳେ କେତୁଟା ଅସହାୟ ପିଲାଝିଲା ଛଡ଼ା ଆଉ କେହି ନଥାନ୍ତି । କେଉଟା ସିଗାରେଟ ଖାଆନ୍ତି । ଗୋଟାଏ ବାଉଁଶ ମୂଳେ ଛିଡ଼ା ହୋଇ ଧରାଇଲେ ଏବଂ ଶୁଣିସାହି ଆଡ଼େ ଚାଲିଗଲେ ଅନ୍ଧାରର ଆଢୁଆଳରେ ଭୂତ ପରି ।

ଦଣ୍ଡେ ପରେ ଡ଼ୋମ ସାହିର ଗଗନ ପବନରେ ଲେଲିହାନ ଅଗ୍ନିଶିଖା, ସାଙ୍ଗକୁ ଜ୍ୟେଷ୍ଠର ଝାଞ୍ଜି, ବାଉଁଶରେ ଠୋ ଠୋ ଶବ୍ଦ, ଗୁଡ଼ାଏ ଆର୍ତ୍ତନାଦ କ୍ରନ୍ଦନ ଏବଂ ପାଣି ପାଣି ଚିତ୍କାର । ବ୍ରାହ୍ମଣ ସାହିର କୂଅ ଛଡ଼ା ଆଉ ପାଖରେ କାହିଁ ଟୋପାଏ ପାଣି ନାହିଁ ।

ପରିଦିନ ସକାଳେ ସୂର୍ଯ୍ୟ ଉଦୟ ବେଳକୁ ସହରକୁ ନିଆଁ ଲିଭାଳି ଦଳ ଆସିଲେ । କୁଢ଼ କୁଢ଼ ପାଉଁଶ ଓ ମାଟି । କାନ୍ଥ ଭିତରେ ଝାଟି ବାଉଁଶ ବି ଜଳି ଯାଇଛି ।

ପରେ ପରେ ଆସିଲେ କେତେ କିଏ; ହେଲିକପ୍‌ଟର, ଇମ୍ପାଲା, ଜିପ୍, ସ୍କୁଟରରେ, ଏପରିକି ହାତୀରେ । ସମସ୍ତଙ୍କ ମୁହଁରେ "ଲାଲମୋହନ, ଲାଲମୋହନ କାହିଁ ?"

ସହାନୁଭୂତିରେ ଭରପୂର ଏ ସମସ୍ତ ମହିମାନ୍ୱିତ ବ୍ୟକ୍ତି ତଥା ବ୍ରାହ୍ମଣ ଗୋସେଇଁମାନେ ଡ଼ୋମସାହି ମୁଣ୍ଡରେ ଛିଡ଼ାହୋଇ ଦେଖିଲେ ଦୂର ଦିଗ୍‌ବଳୟରେ ଗୋଟାଏ ବୁଢ଼ାର ସିଲବୁଟ୍ ଛବି, କାନ୍ଧରେ ତା'ର ଝୁଲାଟାଏ, ଦୁଇପାଖରେ ଦୁଇଟା ପିଲା । ଚାଲିଛି ଅନ୍ୟ ଏକ ରାମରାଜ୍ୟର ସନ୍ଧାନରେ ପଛକୁ ଭୃକ୍ଷେପ ନ କରି ।

Digitized by srujanika@gmail.com

# ଶାନ୍ତି ପୁରସ୍କାର

ସରସ୍ୱତୀ ପୂଜା ଆହୁରି ଦୁଇମାସ ଅଛି ନିରଞ୍ଜନ ମାଇତି ଆସିଗଲା । ମୋର ଭଡ଼ାଘରର ଶୋଇବା କୋଠରୀକି ପ୍ରାୟ ଲାଗି ଯେଉଁ ପରିତ୍ୟକ୍ତ ମୋଟର ଗେରେଜ୍‌ଟା ଭୂତପରି ଆଁ କରି ପଡ଼ିଥିଲା ତା'ରି ଭିତରେ ପଶି ପାଖ କାରଖାନାରୁ ତାରଟାଏ ଟାଣିଆଣି ସେ ଅନ୍ଧାରକୁ ଆଲୁଅ କଲା ଏବଂ ଖରକାଖରକି କରି ମଇଳାଆସନକୁ ସଫାସୁତୁରା କଲା । ଧୂଳି, ବୁଢ଼ିଆଣୀ ଜାଲ ଲାଗିଥିବା ସଅପ ଖଣ୍ଡି କଣରୁ ଟାଣିଆଣି ଝଡ଼ାଝଡ଼ି କରି ଶୋଇଗଲା ଚିତ୍‌ହୋଇ ଚଟାଣରେ । ମୁଣ୍ଡ ପାଖରେ ଆଲୁଅ ତଳେ ଛୋଟ ଟ୍ରାନ୍‌ଜିଷ୍ଟରଟି ରଖି କଲିକତା ଷ୍ଟେସନ ଧରି ବିବିଧଭାରତୀ କାର୍ଯ୍ୟକ୍ରମ ଶୁଣିବାକୁ ଲାଗିଲା ।

ଝରକା ଦେଇ ପାଟିକରି ଡ଼ାକି ମୁଁ କହିଲି, "ନିରଞ୍ଜନ, ଅସମୟରେ ଆସିଗଲ କିମିତି ?"

ସେ ପ୍ରାୟ ଚମକି ଧଡ଼ପଡ଼ ହୋଇ ଉଠିବସି କହିଲା, "ସମୟ ହୋଇଗଲାଣି ସାର୍ ! ମାତ୍ର ଦୁଇଟା ମାସ । ଏ ବର୍ଷ ମୁଁ ବହୁତ ମୂର୍ତ୍ତିର ଅର୍ଡ଼ର ଆଶା କରୁଛି । ଆପଣଙ୍କ ଦୟାରୁ ଗଲାବର୍ଷ ଆମର ଟିକିଏ ନାଆଁ ହୋଇଯାଇଛି । ଫେର୍ ଏ ବର୍ଷ ମୁଁ କଲିକତାରୁ ମିସ୍ତ୍ରୀ ଆଣୁଛି । ନାଁକରା ଆଟିଷ୍ଟ ସେ । ଏ ବର୍ଷ ନୂଆ ନୂଆ ଷ୍ଟାଇଲ୍‌ରେ ମୂର୍ତ୍ତି ହବ । କମ୍ପିଟିସନ ମାର୍କେଟ୍ ତ ! ପ୍ରାୟ ଚାରିଶହ ଅନ୍ଦାଜ ମୂର୍ତ୍ତି ହବ ବୋଲି ଆମର ଏଷ୍ଟିମେଟ୍ ।"

ପରିଦିନ ଭୋର ସକାଳୁ ଉଠି ମୋ ଘରୁ ଟେବୁଲଟାଏ ନେଇ ଫାଟକରେ ଲାଲିକନାରେ ଧଳା ଅକ୍ଷରରେ ଲେଖା ବିଜ୍ଞାପନଟା ଝୁଲାଇ ଦେଲା । ଲେଖାଥିଲା "କାନ୍ତି ମୃତ୍‌ଶିଳ୍ପାଗାର" । ତଳକୁ ଛୋଟ ଅକ୍ଷରରେ "ଏଠାରେ ନାନା ଡ଼ିଜାଇନ୍‌ର ସରସ୍ୱତୀ ମୂର୍ତ୍ତି ମିଳେ ।"

ଆଠଟା ବେଳକୁ ଦୁଇଶଗଡ଼ ବାଉଁଶ, ଶଗଡ଼େ ପାଳବିଡ଼ା ଏବଂ ଦି'ଶଗଡ଼ ଚଳଙ୍ଗମାଟି ଘର ଆଗ ସାମନା ଫାଙ୍କା ପଡ଼ିଆରେ ଜମା ହୋଇଗଲା । ଗଣେଷ, ଖୁଦୁରୁକୁଣୀ, ଦୁର୍ଗା, ଲକ୍ଷ୍ମୀ, କାଳୀ, ବିଶ୍ୱକର୍ମା, ଜଗଦ୍ଧାତ୍ରୀ ମୂର୍ତ୍ତିଙ୍କ ଆଗମନ ପ୍ରତ୍ୟାଗମନର ଚିହ୍ନ ପୂରାପୂରି ଲିଭି ନ ଥାଏ ପଡ଼ିଆରୁ ।

ପରଦିନରୁ ଆସିଗଲେ ନିରଞ୍ଜନର ବେଟାଲିଅନ, ଦଳବଳ । ଅତିକମ୍‌ରେ ସାତ ଆଠ ଜଣ ଯୁବକ । ସମସ୍ତଙ୍କ ବୟସ ଚଉଦରୁ କୋଡ଼ିଏ ଭିତରେ । କଳା କଳା ଲୋକଗୁଡ଼ାକ । ଲମ୍ବା ଚୂଳ । ଓଡ଼ିଆ ବଙ୍ଗଳା ମିଶାମିଶି ଭାଷା ଓ ବେଷଭୂଷା ସମସ୍ତଙ୍କର । ନିରଞ୍ଜନ ବୟସ ଛବିଶ ଉପରକୁ । ମୁରବୀ ପରି ଦିଶେ, ଆଚରଣ କରେ ।

Digitized by srujanika@gmail.com

କଲିକତୀ ମିସ୍ତ୍ରୀ ତାରି ବୟସର। ରଙ୍ଗବେରଙ୍ଗ ପୋଷାକ, ଆର୍ଟିଷ୍ଟ ପରି ଦିଶିବାକୁ ସେ ଚେଷ୍ଟାକରେ। ସେ କୁହେ ଏ ବର୍ଷ ଖାଲି ଓରିଏଣ୍ଟେଲ ମୂର୍ତ୍ତି କରିବ। ସିନେମା ଷ୍ଟାଇଲରେ ମଡ଼ର୍ଣ୍ଣ ମୂର୍ତ୍ତି। ମୁଁ ବୁଝିଗଲି ଏ ବର୍ଷର ନୂଆ ସରସ୍ୱତୀ 'ସ୍ତନଯୁଗ ମୁକୁତାହାରେ' ସଜ୍ଜିତା ହୋଇ ଆସିବେ।

କାହିଁକି କେଜାଣି ନିରଞ୍ଜନ ଓ ତାର ଦଳବଳର ଅଭିଯାନରେ ମୁଁ ଆତଙ୍କିତ ହେଲି। ପୂର୍ବବର୍ଷ ମୁଁ ତାକୁ ଆଦରଣୀୟ ଶିଳ୍ପୀ ଓ କଳାକାରରୂପେ ଗ୍ରହଣ କରିଥିଲି ଓ ନିଜକୁ ଲେଖକ ଓ କଳାପ୍ରେମୀରୂପେ ତା ପାଖରେ ପରିଚୟ ଦେଇଥିଲି। ମୂର୍ତ୍ତିଶାଳାକୁ ବାରମ୍ବାର ଯାଇ ତାର ଶିଳ୍ପ ଓ କାମର ଅଗ୍ରଗତିର ତାରିଫ୍ କରୁଥିଲି। ସେ ମୋର ମନ୍ତବ୍ୟ ଓ ପରାମର୍ଶ ସାଦରେ, ସମ୍ମାନରେ ଗ୍ରହଣ କରୁଥିଲା ମଧ୍ୟ। ଅବଶ୍ୟ ମୁଁ ଉପରୁ ତଳକୁ ଚାହୁଁଥିଲି ସମ୍ବେଦନଶୀଳ ଚକ୍ଷୁରେ। ଏଥର ମୋର ଭୟ ହେଲା ସେ ମୋତେ ଉଚ୍ଚ ଆସନ ଦେବନାହିଁ। ସେ ନିଜେ ଉପରେ ଥାଇ ମୋତେ ତଳେ ରଖିବ। ଗତବର୍ଷ ଯେଉଁ ଖ୍ୟାତି ଓ ଅର୍ଥ ପାଇଛି ସେଥିରେ ସେ ଫୁଲି ଉଠିଛି। ବଜାରକୁ ଆସି କଳାକୁ ଏକ ଲାଭକ୍ଷମ ପେଶା ଆକାରରେ ଦେଖି ଶିଳ୍ପାଗାରକୁ ଏକ ଫେକ୍ଟରୀ କରିବ ଏବଂ ଏକଚାଟିଆ ମାଲିକ ହେବ।

ପ୍ରଥମଦିନ ସନ୍ଧ୍ୟାରେ ତାକୁ ସ୍ୱାଗତ ସମ୍ଭାଷଣ ଜଣାଇଲାବେଳେ ମୁଁ କହିଥିଲି, "ନିରଞ୍ଜନ! ମୋତେ ଏକୁଟିଆ ନିଛାଟିଆ ଲାଗୁଥିଲା, ତୁମେ ଆସିଲ ଭଲ ହେଲା। ମୋ ଦିହ କିନ୍ତୁ ସେତେ ଭଲ ରହୁନି। ରାତିରେ ନିଦ ହେଉନି। ପତଳା ନିଦ, ଥରେ ଭାଜିଗଲେ ରାତିଯାକ ଉଜାଗର, ଛଟପଟ। ତା' ଛଡ଼ା ମୁଁ ଲେଖାଲେଖି କରେ। ରେଡ଼ିଓ ଜୋରରେ ବଜାଇବ ନାହିଁ। ଖୁବ୍ ପାଟିରେ କଥାବାର୍ତ୍ତା କରିବ ନାହିଁ।" ସେ କହିଥିଲା, "ଆପଣଙ୍କୁ କିଛି ଅସୁବିଧା ହେବନି, ଆମେ ଏଠି ରହିଲେ।"

କାହିଁକି କେଜାଣି ଏ ଲୋକଗୁଡ଼ାକୁ ଦେଖିଲାମାତ୍ରେ ମୋର ପ୍ରଥମ ଦର୍ଶନରେ ଘୃଣା ଜାତ ହେଲା। ମନେ ମନେ ମୁଁ ଘରବାଲା ଉପରେ ରାଗୁଥାଏ। ସେମାନେ ବଙ୍ଗାଳୀ, ତେଣୁ ଯିମିତି ସ୍ୱଜାତିର ଭଡ଼ାଟିଆ ପାଇଗଲେ ବର୍ଷକୁ ହଜାରେ ଟଙ୍କାରେ ବହୁଦିନ ଧରି ଖାଲିପଡ଼ି ଉଇହୁଙ୍କା, ସାପ, ଜଙ୍କଡ଼ାବିଛାରେ ଭରପୂର ପୁରୁଣା ପରିତ୍ୟକ୍ତ ଗେରେଜଟାକୁ ଦେଇଦେଲେ। ପୁଣି ଘରବାଲା ଭାରି ଧାର୍ମିକ, ତେଣୁ ଯେହେତୁ ଠାକୁର ମୂର୍ତ୍ତି ତିଆରି ହେବ ସେଇଥିପାଇଁ ପୁଣ୍ୟ ଧର୍ମ ଅର୍ଜନ ଉଦ୍ଦେଶ୍ୟରେ ମଧ୍ୟ ଦେଇଥାଇପାରନ୍ତି ଭାବିଲି।

ସଂଘର୍ଷ ଯେତେ ଡେ଼ରିରେ ହୋଇପାରେ ଭାବିଥିଲି ତାଠୁ ବହୁତ ଆଗରୁ ଘଟିଥିଲା। ହୁଏତ ଉଭୟ ପକ୍ଷର ମାନସିକ ଜଟିଳତା, ଆବିଳତା ପାଇଁ ଓ ବୁଝାମଣାର ଅଭାବ ଯୋଗୁଁ।

Digitized by srujanika@gmail.com

କଲିକତା ମିସ୍ତ୍ରୀ ଯେଉଁଦିନ ଗୃହ ପ୍ରବେଶ କଲା ସେ ଦିନ କାନ୍ଥରେ ସିନ୍ଦୂରରେ ଦାଆ ହାତୁଡ଼ି ଚିହ୍ନଟାଏ ଆଙ୍କିଲା ଯିମିତି ଧର୍ମପ୍ରାଣ ଦୋକାନୀମାନେ ନୂଆ ଦୋକାନ ଖୋଲିଲା ବେଳେ ସିନ୍ଦୂରରେ ସ୍ୱସ୍ତିକ ଚିହ୍ନ ଓ "ଶୁଭଲାଭ" ଲେଖନ୍ତି । ଯୁଦ୍ଧର ଏହା ପ୍ରଥମ ଲକ୍ଷଣ ବୋଲି ଧରିନେଲି ଏବଂ ନିଜକୁ ବୁର୍ଜୁଆ ବୋଲି ଭାବିଲି । ନିରଞ୍ଜନର ଶିଳ୍ପାଗାରକୁ ମୁଁ ଗଲିନି ତାର ଭଲ ମନ୍ଦ ବୁଝିବା ପାଇଁ । ସେମାନଙ୍କ ଚାଲିଚଳନ, ଆଚରଣ, ଭାଷା, ରୂପ କିଛି ମୋତେ ଭଲ ଲାଗିଲାନି । ସେମାନେ ପୂରା କଲିକତୀ ମୁଁ ପରା କଟକୀ । ସେମାନେ କଲିକତା ଷ୍ଟେସନ ଅହୋରାତ୍ର ଶୁଣନ୍ତି; ମୁଁ ଆମ କଟକ ଷ୍ଟେସନ ଶୁଣେ । ମୋର ଡ଼ିଗ୍ରୀ ବହୁତ ବହୁତ, ସେଗୁଡ଼ାକ ନିରକ୍ଷର । ସଂଘର୍ଷ ଅନିବାର୍ଯ୍ୟ । ସାମାନ୍ୟ ଦିଆସିଲିକାଠିରେ ବିସ୍ଫୋରଣ ଘଟିପାରେ ।

ପ୍ରଥମ କେତେଦିନ ଖୁବ୍ ଅଡୁଆ ଲାଗିଲା । ଆତ୍ମୀୟତା ଓ ସମ୍ମାନ ଦେଖାଇବା ତ ଦୂରର କଥା ସାଧାରଣ ଭଦ୍ରାମିରେ ମଧ ନିରଞ୍ଜନ ଓ ତାର ଦଳବଳ ତ୍ରୁଟି ପ୍ରଦର୍ଶନ କଲେ । ଶୋଇବାଘରର ଝରକା ପାଖରେ ଗୁଡ଼ାଏ ଲୋକଙ୍କ ଅଧା ଓଡ଼ିଆ ଅଧା ବଙ୍ଗଳା ଭାଷାରେ ମଫସଲୀଙ୍କ ଜରି ଜୋରେ କଥାବାର୍ତ୍ତା, ମଝିରେ ମଝିରେ ଅଶ୍ଳୀଳ କଥା ସାଙ୍ଗକୁ ଅଟ୍ଟହାସ୍ୟ କେଉଁ ଭଦ୍ରଲୋକ ବରଦାସ୍ତ କରିବ ? ଏ ସବୁ ଉପରେ କର୍ଣ୍ଣକଟୁ ଏବଂ କାନଫଟା ଶବ୍ଦ । ମେଢ଼ ପାଇଁ କାଠ ଚିରାହେଉଛି ଚର୍ ଚର୍ । କଟା ହେଉଛି ଠକ୍ ଠକ୍, ଯୋଡ଼ା ହେଉଛି ଠୁକ୍ ଠୁକ୍ । ବାଉଁଶ ଫାଳ ହେଉଛି ଠୋ ଠା, ପଟାସ୍, ପଟାସ୍ । ପାଳବିଡ଼ା କଟା ହେଉଛି ଚର୍‌ଚାର୍ । ମାଟିକାଦୁଅ ହେଉଛି ପଚ୍‌ପାଚ୍ ଥପ୍ ଥାପ୍ । ଶିଳ୍ପାଗାରର ଅପରପାର୍ଶ୍ୱରେ ମଟର ଗେରେଜ । ଢ଼ଣ୍ ଢ଼ାଣ୍ ଇଞ୍ଜିନର ଘରଘର୍, ହର୍ଣ୍ଣର ପେଁ ପାଁ । ଏକାବେଳକେ ଅବିକଳ ନାରକୀୟ ଶବ୍ଦ ।

ଆଶ୍ଚର୍ଯ୍ୟର କଥା ଏଇ କୋଳାହଳ କର୍କଶ ଶବ୍ଦ ଭିତରେ ମୋର ଅଲକ୍ଷିତରେ ଧୀରେ ଧୀରେ ଗୁଡ଼ାଏ ସରସ୍ୱତୀ ବା କାଳୀ ମୂର୍ତ୍ତିର କଙ୍କାଳ ବାହାରି ଆସୁଥାନ୍ତି । ମୁଁ କଏଦୀ ପରି ଝରକା ଦେଇ ସେମାନଙ୍କ ଅଲକ୍ଷିତରେ ଶିଳ୍ପାଗାରକୁ ଚାହୁଁଥାଏ ।

ରବିବାର ବା ଛୁଟିଦିନ ଛଡ଼ା ଅନ୍ୟ ଦିନରେ ଦଶଟାରୁ ଚାରିଟା ମୁଁ ଘରେ ନଥାଏ । ତେଣୁ ସେତେବେଳେ ବଜ୍ର ବୋମା ଭୂମିକମ୍ପକୁ ମୋର ଡ଼ର ନଥାଏ । କିନ୍ତୁ ଲେଖାଲେଖି କରୁଥିଲାବେଳେ ବିଶେଷତଃ ଯେତେବେଳେ କୁନ୍ଥେଇ କୁନ୍ଥେଇ ଚିନ୍ତା ଭାବନାକୁ ଅକ୍ଷରରେ ପରିଣତ କରୁଥାଏ ସେତେବେଳେ ସାମାନ୍ୟତମ ଶବ୍ଦରେ ଅଚେତ ହୋଇଯାଏ ଏବଂ ଇଲେକ୍ଟ୍ରି କରେଣ୍ଟ ବନ୍ଦ ହେବା ଫଳରେ ଅଟାକଳର ଫିତା ଚାଲେ ନାହିଁ; ଅଟାପେଷା ବନ୍ଦହୁଏ । ବାଳଛିଣ୍ଡାଇ ମରିବାକୁ ଇଚ୍ଛାହୁଏ ବା ଏଟମ୍ ବୋମାରେ କଳକାରଖାନାକୁ ଉଡ଼ାଇଦେବାକୁ ମନ ହୁଏ ।

ସେ ଦିନ ଥାଏ ଛୁଟି । ଦି' ପହର ଯାକ ନିଦ ନାହିଁ । ଗୁଡ଼ାଏ ଅସୁର ସେନା କିଳିକିଳା ନାଦ କରି ମୋର ଶାନ୍ତି ଓ ସୁସ୍ତିର ଦୁର୍ଗକୁ ଅବରୁଦ୍ଧ କରି ସେଥିରେ ପ୍ରବେଶ କରିବା

Digitized by srujanika@gmail.com

ପାଇଁ ପ୍ରାଣମୂର୍ଚ୍ଛା ପଣ କରିଛନ୍ତି ବୋଲି ମୋତେ ଲାଗୁଥାଏ । କଲିକତୀ ମିସ୍ତ୍ରୀ ଶୁଣାଇ ଶୁଣାଇ ମୋତେ ଯୁଦ୍ଧଡ଼କରା ଦ୍ୱାରା ବାହାରକୁ ଆଣିବା ପାଇଁ କହୁଥାଏ, କଲିକତା ସହରରେ ଏତେ ଗୋଳମାଳ ଗଣ୍ଡଗୋଳ ଭିତରେ ଲୋକେ ତ ଫେର୍ ବଞ୍ଚୁଛନ୍ତି, କେହି କେବେ ଆପତ୍ତି କରି କହିଛି, "ଏ ବହୁତ ଶବ୍ଦ ହେଉଛି, ଗୀତଗାନା, କଳକାରଖାନା, ଟ୍ରାମବସ୍ ବନ୍ଦ କର ।" ତୁମେ ଲେଖାଲେଖି ପଢ଼ାପଢ଼ି କରିବ ବୋଲି ମେହେନତି ଦୁନିଆଁ ଗୀତ ଶୁଣିବ ନାହିଁ, ହାଡ଼ଭଙ୍ଗା ପରିଶ୍ରମକୁ ଲଘୁ କରିବା ପାଇଁ କଥାବାର୍ତ୍ତା, ହସଖୁସି ହବ ନାହିଁ, ଏକରାହାର ଜୀବନରେ ପରିବର୍ତ୍ତନ ଟିକିଏ ଆଣିପାରିବ ନାହିଁ ମନୋରଂଜନ କରି ଏ କିମିତି ବିଚାର ? ଫେକ୍ଟରୀ ଭିତରେ ତ ଲୋକେ ନିଘୋଡ଼ ନିଦରେ ଶୋଉଛନ୍ତି ।

ସେଦିନ ଦିନବେଳେ ଶୋଇନଥିବାରୁ ନଅଟା ସମ୍ବାଦ ଶୁଣିସାରି ଶୀଘ୍ର ଶୋଇବା ବ୍ୟବସ୍ଥା କଲି । କାଳେ ରାତି ଏଗାରଟାରେ ହୋଟେଲରୁ ଖାଇ ଫେରିଲା ବେଳେ ଚିତ୍କାର କରିବେ ଏବଂ ତା'ପରେ ଠକ୍‌ଠାକ୍ କାମ ଧରିବେ ଯାହା ଫଳରେ ମୋ ନିଦ ଭାଜିଯିବ ସେଥିପାଇଁ ଝରକା ସବୁ ବନ୍ଦକରି, କାନରେ ତୁଳା ଜାକି, ଶେଯ ଘୋଡ଼ି ହୋଇ ଶୋଇଗଲି ।

ହଠାତ୍ ନିଦ ଭାଙ୍ଗିଗଲା । କାନ ପାଖରେ କିଏ ଲାଉଡ଼୍‌ସ୍ପିକରରେ ଗୀତ ବଜାଉଛି ପରି ଲାଗିଲା । ପୂରା ଚେତା ଆସିଲାରୁ ଜାଣିଲି ରାକ୍ଷସଦଳ ପୂରା ଦମ୍‌ରେ ରେଡ଼ିଓ ଛାଡ଼ି ରାତି ବାରଟାରେ ପାଶ୍ଚତ୍ୟ ସଂଗୀତ ଶୁଣୁଛନ୍ତି । ଆଉ ସମ୍ଭାଳି ପାରିଲି ନାହିଁ । ଭୀମର ତୃତୀୟ ଡ଼ାକ ଶୁଣି ମାନୀ ଦୁର୍ଯ୍ୟୋଧନ ଯିମିତି ଲକ୍ଷ୍ମୀଙ୍କ କୋଳ ଛାଡ଼ି ପଦ୍ମମୟ ସୁରଭିତ ବ୍ୟାସ ସରୋବରରୁ ବାହାରିଆସିଲା ମୁଁ ସିମିତି ବାହାରି ଆସିଲି ଆଶ୍ରୟ ଛାଡ଼ି । ଗୋଟାଏ ହାତରେ ଟର୍ଚ୍ଚ ଅନ୍ୟ ହାତରେ ଏଲାର୍ମ ଘଡ଼ିକୁ ଧରି ସିଧା ପଶିଗଲି ଶିଳ୍ପାଗାରକୁ ବାଉଁଶ ତାଟି ଉଠାଇ । ଶିଳ୍ପାଗାର ଯିମିତି ସଙ୍ଗୀତମୟ ସିମିତି ଧୂମ୍ରମୟ ବିଡ଼ି ଧୂଆଁରେ । ମେହେନତି ଦୁନିଆ ଶୋଇବା ବ୍ୟବସ୍ଥା କରୁଛି ।

ଇଲେକ୍ଟ୍ରି ଆଲୁଅ ତଳେ ଛିଡ଼ାହୋଇ ଘଡ଼ିଟଶକୁ ନିରଞ୍ଜନ ଆଡ଼କୁ ଦେଖାଇ ବଡ଼ପାଟିରେ କହିଗଲି, "ନିରଞ୍ଜନ ! ତୁମକୁ କେତେଥର କହିଲିଣି ରାତି ଦଶ ପରେ ରେଡ଼ିଓ ଜୋର ବଜାଇବ ନାହିଁ ବୋଲି । ତୁମେ ଭଦ୍ରାମି ବି ଜାଣିଲ ନାହିଁ ଏଇଠି ଆମ ପଡ଼ିଶା ହୋଇ । ମୁଁ ବାରମ୍ବାର କହିଛି ମୁଁ ବୁଢ଼ାଲୋକ, ରୋଗା, ନିଦ ଅଭାବ ହେଲେ ରୋଗ ବଢ଼ିଯିବ ବୋଲି ଡ଼ାକ୍ତର କହିଛି । ଦେଖୁଛି ତୁମର ଦୟାମାୟା ବି ନାହିଁ । ମୁଁ ତ ମନା କରୁନି ରେଡ଼ିସ ଶୁଣିବାକୁ । ଧୀରେ ବଜାଅ, ମୋର ଆପତ୍ତି ନାହିଁ ।"

ମୋର ପ୍ରତ୍ୟେକଟି କଥା ଶୁଣୁଥିବା ଶିଳ୍ପାଗାରର ଅପରପାର୍ଶ୍ୱରେ ଗେରେଜ୍ ମିସ୍ତ୍ରୀଦଳ ପ୍ରାୟ ସମସ୍ୱରରେ ମୋର କହିବା ସ୍ୱର ଭଙ୍ଗୀ ଓ ଯତିପାତକୁ ବ୍ୟଙ୍ଗକରି ପ୍ରତି ଚିତ୍କାର କଲେ, "ଖବରଦାର ! ରେଡ଼ିଓ ବନ୍ଦ କରିବ ନାହିଁ । କିଏ ଅବ୍‌ଜେକ୍‌ସନ

Digitized by srujanika@gmail.com

କରୁଛି ? ସେମାନେ ଆରାମରେ ଶୋଇବେ ବୋଲି ଆମେ ଗୀତ ଶୁଣିବୁ ନାହିଁ। ଛାୟାଛବିର ଗାନ୍‌ହଚ୍ଛେ, ଦାଓ ଆର୍ ଏକ୍‌ଟୁ ଜୋରେ। ଆମରା ଶୁନ୍‌ବ। ଆମାଦେର୍ ଗାନ୍ ଦରକାର। କାଜେର ଜନ୍ୟ। ବାଞ୍ଚବାର ଜନ୍ୟ।"

ମୁଁ ଘଡ଼ି ଟର୍ଚ୍ଚଧରି ରାଇଟ୍ ଏବାଉଟ୍ ଟାର୍ଣ୍ଣ କଲି ହର୍ଯ୍ୟକ୍ଷଗୁହାରୁ ଶ୍ୱାନ ଯେପରି ଲାଙ୍ଗୁଳ ଜାକି ପଳାଏ। ଯେଉଁ ନିଦ ପାଇଁ ଏତେକଥା ସେ ନିଦ ଟିକକ ରାତିରେ ମିଳିଲା ନାହିଁ।

ପରଦିନ ଯାହା ଘଟିଲା ସେଥିରୁ ମୁଁ ଜାଣିଲି କ୍ରିୟା ଓ ପ୍ରତିକ୍ରିୟାର ଅନୁପାତହୀନତା। ମୁଁ ସେକ୍‌ସପିଅର ନାଟକର ଏକ ଟ୍ରେଜିକ୍ ନାୟକ। ମୁଁ ଯେତେ ଅନ୍ୟକୁ ଦଣ୍ଡିଛି ତାଠାରୁ ବହୁ ଗୁଣରେ ମୁଁ ଦଣ୍ଡିତ ହେବାକୁ ଯାଉଛି। ପ୍ରତିପକ୍ଷ ସମସ୍ତ ଶକ୍ତି ସାମର୍ଥ୍ୟ ଠୁଳକରି ମୋତେ ପେଟେଇବାକୁ ପ୍ରସ୍ତୁତ। କଥା ଓ କାମରେ ସେମାନେ ସଂଯମହୀନ ହୋଇ ସୀମା ଲଙ୍ଘନ କଲେ। ନାନା କୁକଥା ଅକଥା କହି ନାନା କୁକର୍ମ ଅକର୍ମ କରି ସେମାନେ ମୋତେ ଅତିଷ୍ଠ କରିବାରେ ଲାଗିଲେ। କବାଟ ଝରକା ବନ୍ଦକରି ଶବ୍ଦ ଯୁଦ୍ଧରୁ ଯେତେ ଦୂରରେ ରହିବାକୁ ଚେଷ୍ଟାକଲେ ବି ସବୁ ମନଧ୍ୟାନ ଶିଳ୍ପାଗାର ଗେରେଜ ଉପରେ ରହିବାକୁ ଶବ୍ଦ ଯେତେ ଧୀରେ ପଶିଲେ ବି ଶହେଗୁଣ ଜୋର ଶୁଭୁଥାଏ, କଳ୍ପନା ପ୍ରବଣ ମନ ସବୁ ଶବ୍ଦକୁ ବହୁଗୁଣ ବଢ଼ାଇ ନିଦାରୁଣ କ୍ରୁର କରି ଦେଉଥାଏ। ମୁଣ୍ଡ ଭିତରର ଶିରସ୍ନାୟୁ ସବୁ ଛିନ୍ନଭିନ୍ନ ହୋଇ ମୋତେ ଯନ୍ତ୍ରଣା ପାଗଳ କରି ଦେଉଥାଏ। ମାରିଦେବାକୁ ଇଚ୍ଛା, କିନ୍ତୁ ନିଷ୍କ୍ରିୟତା ଓ ଅକ୍ଷମତା। ମାରିବାକୁ ଇଚ୍ଛା, କିନ୍ତୁ ପୌରୁଷର ତଥା ଉପାୟର ଅଭାବ।

ଘରବାଲୀକୁ ଭେଟିଲି। ସେ ଏ ଲୋକଗୁଡ଼ାକୁ ବୋଲରେ ରଖିବାର ଦେଖିଛି। ଭଦ୍ରମହିଳା ଚକ୍ଷୁରେ ପଲକ ନ ପକାଇ ମୋ ଅଭିଯୋଗ ଶୁଣି କହିଲେ, "ଘର ତାଙ୍କୁ ଦେଇସାରିଛି, ଭୁଲ ହେଉ ବା ଠିକ୍ ହେଉ, ତାଙ୍କୁ ବର୍ତ୍ତମାନ କିଛି କହି ହବନି। ଅନ୍ୟଥରକୁ ଆପଣଙ୍କ କଥା ମନେ ରଖିବି।" ଜଣେ ବନ୍ଧୁ ଓକିଲଙ୍କୁ ଭେଟିଲି। ସେ ରୋକ୍‌ଠୋକ୍ କହିଲେ, "କିଛି ଲାଭନାହିଁ କୋର୍ଟ କଚେରୀକି ଯାଇ। ପାଖ ପଡ଼ିଶା ତ କେହି ଆପତ୍ତି କରୁନାହାନ୍ତି। ସହି ଯାଆନ୍ତୁ କେତୁଟା ଦିନ।" ମ୍ୟୁନିସିପାଲିଟି ଚେୟାରମେନ୍, ଏକ୍‌ଜିକ୍ୟୁଟିଭ ଅଫିସର, ଥାନା ଅଫିସର ସମସ୍ତଙ୍କୁ ଜଣକ ପରେ ଜଣକୁ ଭେଟିଲି। ସମସ୍ତେ ନିରୁପାୟ। ଜୀବନ ସବୁଠାରୁ ଅସ୍ୱସ୍ତିକର ଯନ୍ତ୍ରଣାଦାୟକ ଦିନଗୁଡ଼ିକ କଟିବାରେ ଲାଗିଲା ଅନିଦ୍ରା ଓ ପ୍ରାୟ ଅନାହାରରେ।

ସେମାନଙ୍କ ଆଗକୁ ବାହାରିଲେ ମୋତେ ଅପରାଧୀ ପରି ଜଣାଗଲା। ଏଣେ ଶତ୍ରୁପକ୍ଷର ମେଣ୍ଟ ଆହୁରି ଜୋରଦାର ଜବରଦସ୍ତ ଆକ୍ରମଣାତ୍ମକ ଜଣାଗଲା। ଝରକା କବାଟ ବନ୍ଦକରି ରହୁଥିବାରୁ ନିଃଶ୍ୱାସରୁଦ୍ଧ ହେଲି। ସେମାନେ ଝରକା ଅନ୍ୟପଟେ ତଣ୍ଟିଖାରି ଦାନ୍ତ ଘଷିଲେ। ପରିଶ୍ରା କଲେ। ଯେଉଁମାନେ ତାଙ୍କ ଶିଳ୍ପାଗାର ବା

Digitized by srujanika@gmail.com

କାରଖାନାକୁ ଆସିଲେ ସେମାନେ ମଧ ଦେଖାଶିଖା ସେଇ କାମ କଲେ। ରାତିରେ ଗେରେଜରେ ଟାୟାର ଜାଳି ଇଲାକାକୁ ଧୂମ୍ରମୟ, ଦୁର୍ଗନ୍ଧମୟ କଲେ। ପାଳ ବାଉଁଶର କଙ୍କାଳସାର ସରସତୀ ମୂର୍ତ୍ତିରୁ କୋଡ଼ିଏ ପଚିଶଟା ପଡ଼ିଆରେ ଛିଡ଼ା କରାଇଦେଲେ। ରାତିରେ ଝରକା ଖୋଲିଲେ ସେଗୁଡ଼ାକ ମକାବାଡ଼ିର ହୁରୁଡ଼ା ବା ମକ୍‌ବେଥର ଡ଼ାହାଣୀ ପରି ଦିଶିଲେ। ବିଭିନ୍ନ ଓରିଏଣ୍ଟଲ ଭଙ୍ଗୀରେ ଛିଡ଼ା ହୋଇଥିବାରୁ ମୋତେ ଡ଼ର ମାଡ଼ିଲା। କୁକୁରଟିକୁ ସାଙ୍ଗକରି ରାତିଯାକ ଛଟପଟ ହେଉଥାଏ। ମୁଣ୍ଡହୀନ ମୂର୍ତ୍ତି ଗୁଡ଼ାକ ଦେଖି ସେ କବାଟ ଝରକା ଫାଙ୍କରେ ଭୁକୁଥାଏ ଥରକୁ ଥର।

ନିଷ୍ପତ୍ତି ନେଲି ଅନ୍ୟତ୍ର ଘର ସନ୍ଧାନ କରି ଉଠିଯିବି। ଦୈବକୁ ଘରଟାଏ ମିଳିଗଲା। ଯାହା ଦିନେ ଦି'ଦିନ ଧୈର୍ଯ୍ୟଧରି ରହିଥାନ୍ତି ବଜାରକୁ ଫେରି ଯାହା ଦେଖିଲି ତାହା ଓଟ ପିଠିରେ ଶେଷକୁଟା ପରି କାମଦେଲା। କେଉଁଠୁ ଅସ୍ଥିଚର୍ମସାର ରୋଗା ବୁଲା କୁତୀର ଛୁଆଟାଏ ଆଣି ଚାରି ପାଖହାତ ରସିରେ ବାନ୍ଧିଛନ୍ତି । କେଁ କେଁ ଶବ୍ଦରେ କାନଅତଡ଼ା ପଡୁଛି। ତାକୁ ନିଆଁ ଦେଇଛନ୍ତି ବ୍ଲାକି। ବ୍ଲାକି ମୋ କୁକୁରର ନାଆଁ। ମୋତେ ଜଣାଗଲା ସେମାନେ ମୋ ବେକରେ ଫାଶ ଲଗେଇଲେଣି। ଚିପି ମାରିଦେବେ ଯେତେବେଳେ ତାଙ୍କର ଇଛା ହବ।

ଝରକା ଫାଙ୍କରେ ଦେଖିଲି ନିରଞ୍ଜନ ପେନ୍ତଲୁନ୍ ଉପରେ ନୁହେଁ ସାର୍ଟ, ନୁହେଁ ପଞ୍ଜାବୀ, ନୁହେଁ ଆଲଖାଲ୍ଲା ପିନ୍ଧି ହାତ ଦୁଇଟାକୁ ପଛପଟେ ଛନ୍ଦି ଘୂରାଫେରା କରୁଛି ଯିମିତି ନିର୍ବାଚନରେ ବିଜୟ ହାସଲ କରିବା ପରେ, ଏମ୍.ଏଲ୍.ଏ. ମାନେ ନିଜ ଇଲାକାରେ ଛାତି ଫୁଲାଇ ବୁଲନ୍ତି।

ହାହତୋସ୍ମି ମନୋଭାବ ନେଇ ଆଗରେ ପଡ଼ିଥିବା ଖବରକାଗଜର ପ୍ରଥମ ପୃଷ୍ଠାକୁ ଚାହିଁଦେଲି। ବଡ଼ ବଡ଼ ଅକ୍ଷରରେ ଲେଖାହୋଇଛି ମାତୃମୂର୍ତ୍ତି ତେରେସାଙ୍କୁ ବିଶ୍ୱଶାନ୍ତି ପୁରସ୍କାର ମିଳିଛି। ବିସ୍ମୟ ଓ ଆଶ୍ଚର୍ଯ୍ୟ ହେଲି ଯୁଗ୍‌ପତ। ୟାଙ୍କୁ କିଏ କେମିତି ଖୋଜି ପାଇଲା। ବୁଢ଼ୀଟିଏ। ଅଥର୍ବ। କୁଷ୍ଠରୋଗୀ, ଅନାଥ, ବିଧବାମାନଙ୍କ ସେବା ଥଇଥାନରେ ଜୀବନ କଟାଏ। ସାରା ପୃଥିବୀରେ ଦେଶ ଦେଶ ମଧରେ ଯେଉଁ ସଂଘର୍ଷ, ଯେଉଁ ବିରାଟ ଶକ୍ତି, ସୈନ୍ୟସାମନ୍ତ, ଏଟମ୍ ବୋମା ରହିଛି ସେସବୁ ସହିତ ଟକ୍କର ଦେଇ ଧ୍ୱଂସମୁଖରୁ ଟାଣି ଆଣିବାକୁ ଏ କିଏ ? କିଏ ଜଣେ ପଚାରିଲା ତାଙ୍କୁ, "ଏ ପୁରସ୍କାର ପ୍ରାପ୍ତିରେ ଆପଣଙ୍କ ମନୋଭାବ, ପ୍ରତିକ୍ରିୟା କଣ ?" ସେ କହିଲେ, "ମୁଁ ଖୁସି ଯେ ଦୁନିଆ ଦୁଃସ୍ଥ ନିପତିତଙ୍କୁ ସମ୍ମାନ ଦେଉଛି।" ପୁଣି କିଏ ଅନୁରୋଧ କଲା, "ଦୁନିଆକୁ ଆପଣଙ୍କ ବାର୍ତ୍ତା କଣ ?" ସେ କହିଲେ, "ଲଭ୍ ଏଣ୍ଡ ବି ଲଭ୍‌ଡ଼୍" ଅର୍ଥାତ୍ ପ୍ରେମକର, ପ୍ରେମିକ ହୁଅ, ପ୍ରେମ ଦିଅ, ପ୍ରେମ ନିଅ।" ସେଇ ଏକା କଥା ଉପନିଷଦ୍, ବାଇବଲ ସବୁ ଧର୍ମଶାସ୍ତ୍ର ତ ସେଇକଥା କହୁଛି।

Digitized by srujanika@gmail.com

ପରଦିନ ବଡ଼ଦିନ । ଯୀଶୁଙ୍କ ଜନ୍ମଦିନ । କୋହଲା ପାଗ, ଉତ୍ତରା ହାଓ୍ୱା, କଣକଣି ଶୀତ, ପାଟି ଚିମ୍ନୀ ପରି ଧୂଆଁ ଛାଡୁଛି । ଝରକାର ଠିକ୍ ପାଖକୁ ଧାଡ଼ି ଧରି ଶିଳ୍ପୀଦଳ ଥରି ଥରି ଦାନ୍ତ ଘଷୁଥାନ୍ତି । ଦାନ୍ତକୁ ଦାନ୍ତ ବାଜି ଠକ୍‌ଠକ୍ ଶବ୍ଦ ହେଉଥାଏ । କଲିକତୀ ମସ୍ତ୍ରୀ କହିବାର ଶୁଣିଲି, "ନିରଞ୍ଜନ ଦା, ଆଜ୍ ଯିମିତି ପାଗ ଦେଇଛି ଜଲଖାବାର ଭାତ୍‌ତାଟ୍ ମୋର କିଛି ଦରକାର ଥାନ୍ତି ନାହିଁ ଯଦି କଲକତୀ ଫୁଟୁପାଥ୍‌ର ଚା ଦୁଡ ତିନିକପ୍ ମିଳିଯାନ୍ତା । ଘଟ୍‌ଘଟ୍ ପିଇଯାଆନ୍ତି, ଥଣ୍ଡା ଦିନସାରା ଛାଡ଼ି ଯାଆନ୍ତା ।" ଅନ୍ୟ ମିସ୍ତ୍ରୀମାନେ କହିଲେ, "ସେ ଭାଗ୍ୟ ଆମାଦେର କାଇଁ ?"

ତେରେସାଙ୍କ ସାମାନ୍ୟ କଥା 'ପ୍ରେମ ଦିଅ, ପ୍ରେମ ନିଅ'ର ଖିଅ ଧରି, କଲିକତୀ ମିସ୍ତ୍ରୀର ସାମାନ୍ୟ ଅଭିଳାଷ ଜାଣି କଅଣ ଭାବିଲି କେଜାଣି ସବୁ ମାନସମ୍ମାନ ଜଳାଞ୍ଜଳି ଦେଇ ଘର ବାହାରକୁ ଚାଲିଗଲି ଏବଂ ସମସ୍ତ ଅପମାନ, ତିକ୍ତତା ଏବଂ ଅହଂକୁ ମାରି ପଛକୁ ଫୋପାଡ଼ି ଦେଇ ଖୁବ୍ ନମ୍ର ବିନୀତ ଗଳାରେ କହିଲି, "ନିରଞ୍ଜନ କପେ କପେ ଚା' ହବ ? ଆଜି ଭାରି ଥଣ୍ଡା । ଆସ ସମସ୍ତେ ।" ଯିମିତି ଅପ୍ରତ୍ୟାଶିତ ସିମିତି ଉଦ୍ଦେଶ୍ୟବିହୀନ ଏ ନିମନ୍ତ୍ରଣରେ ସେମାନେ ପ୍ରଥମେ ପରସ୍ପରକୁ ଜିଜ୍ଞାସୁ ନୟନରେ ମୁହୂର୍ତ୍ତେ ଚାହିଁଲେ ଏବଂ ସମସ୍ୱରରେ ଆନ୍ତରିକତା ସହିତ କହିଲେ "ଚଲ, ଯାଇ ।" ପାଖ ଗାଡ଼ିଆରେ ମୁହଁଧୋଇ ଲୁଙ୍ଗି କାନିରେ ପୋଛି ସିଧା ଆସିଗଲେ ମୋର ସୁସଜ୍ଜିତ ବୈଠକଖାନାକୁ ।

କଳାକଳା ଅଧା ଲଙ୍ଗଳା ଲୋକଗୁଡ଼ାକ ସୋଫାରେ ବସିବେ କି ନାହିଁ ତର୍କ କରୁଥାନ୍ତି । ଖୋଲା କଣ୍ଠରେ କହିଲି, "ନିରଞ୍ଜନ ବସିଯାଅ ସମସ୍ତେ, ଚା' ବିସ୍କୁଟ ଆଣୁଛି ।" ଯିମିତି ସେମାନେ ବହୁ ପ୍ରତୀକ୍ଷିତ ଅତିଥି ଆତ୍ମୀୟସ୍ୱଜନ । ମୋ କୁକୁରଟା ଥରେ ଭୁକିଥିଲା । ମୁଁ କହିଲି "ବ୍ଲାକି ! ନା, ନା, ସେମାନେ ଆମ ନିଜ ଲୋକ ପରା, ତୁ ଜ'ଣ ତାଙ୍କୁ ନୂଆକରି ଦେଖୁଛୁ ।" ସେ ଚୁପ୍‌ହୋଇ ଜଣଜଣଙ୍କ ପାଖକୁ ଗଲା, ସେମାନେ ବି ତାକୁ ଶ୍ରଦ୍ଧାରେ ଆଉଁଷିଲେ । ଅଧଘଣ୍ଟାଏ ଧରି ଟି ପାର୍ଟି ଚାଲିଲା । ଘରଦ୍ୱାର, ଚାଷବାସ, ଖିଆପିଆ, ଛୁଆପିଲା, ନାଚତାମସା କଥା ଆଦାନ ପ୍ରଦାନ ଚାଲିଲା ।

ସେମାନେ ମୋତେ ନମସ୍କାର କରି ଯେତେବେଳେ ଶିଳ୍ପାଗାରକୁ ହସ ହସ ବଦନରେ ଚାଲିଗଲେ ମୋତେ ଜଣାଗଲା ସେମାନେ ବି ମୋରି ପରି ମଣିଷ । ଉଭୟଙ୍କ ଏକା ଆଶା ଅଭିଳାଷ । ପ୍ରେମ ଦେଲେ ପ୍ରେମ ମିଳେ ।

ଦେଖିଲି, ମୋର ସ୍ନେହ ଶ୍ରଦ୍ଧାର ପ୍ରତିଦାନ ସ୍ୱରୂପ ଶିଳ୍ପାଗାରରେ ପଶିଲାମାତ୍ରେ ପ୍ରଥମେ ନିରଞ୍ଜନ କୁକୁର ଛୁଆଟାକୁ ଫାଶରୁ ଫିଟାଇଦେଲା । କହିଲା, "ଯାଆ, ତୋ ମାଆ ପାଖକୁ ଯାଆ, ଦୁଧ ଖାଇବୁ, ସେ ତୋତେ ଖୋଜୁଥିବ । ମାଆ କୋଡ଼ରେ ଯାଇ ଶୋଇପଡ଼ିବୁ । ଉଷୁମ ହବ । ଆଜି ଭାରି ଥଣ୍ଡା ।" କୁକୁର ଛୁଆଟା ଯିମିତି ମୁକ୍ତି

Digitized by srujanika@gmail.com

ପାଇଛି, ସିମିତି ଫାଟକ ଦେଇ କୁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲା । ମୁଁ ମୋ ବେକଟା ଆଉଁଷି ନେଲି, ବନ୍ଧନରୁ ଖଲାସ ପାଇଲା ପରି ।

ମୁଣ୍ଡର ସ୍ନାୟୁ ଶିରଗୁଡ଼ାକ, ଯେଉଁଗୁଡ଼ା ଗତ କେତେଦିନ ଧରି ଠିଆ ଠିଆ ହୋଇ ରହିଗଲେ, ଶୋଇଗଲେ ଯେମିତି କ୍ରୁଦ୍ଧ ସିଂହର ସଟା ବା ହିଂସ୍ର ଝିଙ୍କପକ୍ଷୀର ପରଗୁଡ଼ାକ ଧୀରେ ଧୀରେ ପୂର୍ବାବସ୍ଥାକୁ ଆସନ୍ତି, କ୍ରୋଧ ଓ ହିଂସାର କାରଣ ସେମିତି ଅପସରି ଗଲେ ।

ଉତ୍ସାହ ଓ ଆନନ୍ଦରେ ଓପରଓଳି ଗେରେଜର ମିସ୍ତ୍ରୀମାନଙ୍କୁ ବି ଡ଼ାକିଲି । ସେମାନେ ବି ଅକୁଣ୍ଠିତ ଚିତ୍ତରେ ଆମନ୍ତ୍ରଣ ରକ୍ଷାକଲେ । ରଙ୍ଗ, ଭାଷା, ଶିକ୍ଷା, ଜାତି ପେଷାର ତାରତମ୍ୟ ଆମେ ଭୁଲିଗଲୁ ପ୍ରେମ ଆଦାନ ପ୍ରଦାନରେ । ୟା'ପରେ ଅବସ୍ଥାର ସମ୍ପୂର୍ଣ୍ଣ ପରିବର୍ତ୍ତନ ହେଲା । ସର୍ବତ୍ର ଶାନ୍ତି, ଉଭୟ ଭିତର ଓ ବାହାର । ନୀରବ ନିସ୍ତବ୍ଧ ଇଲାକାଟା । ଏତେଗୁଡ଼ାଏ ଲୋକ ଏକତ୍ର ଅବସ୍ଥାନ କରୁଛନ୍ତି । ବିଶ୍ୱାସକରି ହେବନି । କୁକୁରର କେଁ କାଁ ନାହିଁ । ରେଡ଼ିଓର ଶବ୍ଦ ପ୍ରାୟ ଶୁଭେନାହିଁ । ଜୋର କଥାବାର୍ତ୍ତା ନାହିଁ, ଅଟ୍ଟହାସ୍ୟ ନାହିଁ । ମୁଁ ଯେତେବେଳେ ଘରେ ନଥାଏ ସେତେବେଳେ ସେମାନେ କର୍କଶ ବା କର୍ଣ୍ଣକଟୁ ଶବ୍ଦର କାମଗୁଡ଼ାକ ସାରି ଦିଅନ୍ତି । ରାତି ଦଶ ବାଜିଲେ ସହରସ୍ଥଳୀଟା ମଧ ମଫସଲର ଶୀତରାତି ପରି ଲାଗିଲା ।

ଆଶ୍ଚର୍ଯ୍ୟ କଥା, କୋଳାହଳ ଜୀବନର ଲକ୍ଷଣ ବୋଲି ଉପଲବ୍ଧ କଲି । ଭଲ ଗୀତଟିଏ ରେଡ଼ିଓରୁ ପାଇଲେ ମୁଁ ଜୋରକରି ବଜାଏ ଯିମିତି କାରିଗର ଓ ମିସ୍ତ୍ରୀମାନେ ଶୁଣିବେ । ବିଚାରାଏ ଦିନରାତି ଖଟୁଛନ୍ତି, ଘରଦ୍ୱାର ଛୁଆପିଲାଙ୍କଠୁ ଦୂରରେ ରହି । ସେମାନେ ବି ମୋତେ ଆରାମ ଓ ଆଶ୍ୱସ୍ତିରେ ରଖିବା ପାଇଁ କେହି କେବେ ଗଣ୍ଡଗୋଳ କଲେ ତାକୁ ଚୁପ୍‌କରି ଦିଅନ୍ତି । ଅବାଞ୍ଛିତ ବ୍ୟକ୍ତି ବା ଜୀବଙ୍କୁ ପ୍ରଶ୍ରୟ ଦିଅନ୍ତି ନାହିଁ । କହନ୍ତି, "ସାର୍‌ଙ୍କର ଡ଼ିସ୍‌ଟର୍ବ ହବ ।"

ମୁଁ ଥରକୁ ଥର ଶିଳ୍ପାଗାରକୁ ଯାଏ । ତଦାରଖ କରେ କାମର ଅଗ୍ରଗତି । କେତେବେଳେ ଶିଳ୍ପକଳାର ତାରିଫ୍ କଲେ ସେମାନେ ଆଖିରେ କୃତଜ୍ଞତା ଦେଖାନ୍ତି । ଯାହା ଯେତେବେଳେ ସୂଚନା ଦିଏ ତାହା ମୁଣ୍ଡପାତି ଗ୍ରହଣ କରନ୍ତି, ଆନନ୍ଦାଶ୍ରୁ ବିସର୍ଜନ କରନ୍ତି । ଡ଼ାହାଣୀ ବା ହୁରୁଡ଼ା ପରି ମୂର୍ତ୍ତିଗୁଡ଼ାକ କ୍ରମେ ମୋ ଆଖିରେ ଆରାଧ ସରସ୍ୱତୀ ମୂର୍ତ୍ତିପରି ଦିଶିଲେ, ଦାଆ ହାତୁଡ଼ି ବୀଣାପରି ଜଣାଗଲା, କଳା କଳା ମୃତଶିଳ୍ପୀମାନେ ବିଶ୍ୱକର୍ମା ପରି ଦିଶିଲେ ।

କଞ୍ଚନ ଫୁଲର ରଙ୍ଗ, କୋଇଲିର କୁହୁ ନେଇ, ବସନ୍ତ ପଞ୍ଚମୀ ଆସିଲା । ମଳୟର ହିଲ୍ଲୋଳରେ ବୀଣା ବଜାଇ ବଜାଇ ସରସ୍ୱତୀ ମୂର୍ତ୍ତିମାନେ ପୂଜାମଣ୍ଡପମାନଙ୍କୁ ଚାଲିଗଲେ । ସଞ୍ଜବେଳକୁ ଶିଳ୍ପାଗାର ଶୁନ୍‌ଶାନ୍, ଫାଙ୍କା, ନିଛାଟିଆ । ଗେରେଜ ବି ବନ୍ଦ । ନିରଞ୍ଜନ ଓ ଦଳଲୋକେ ରାତି ଗାଡ଼ିରେ ଘରକୁ ଯିବାକୁ ପ୍ରସ୍ତୁତ ହେଲେ ।

Digitized by srujanika@gmail.com

ନିରଞ୍ଜନ ବିଦାୟ ନେବାକୁ ଆସୁଛି ଭାବି ଦାଣ୍ଡ ଦରଜାରେ ଛିଡ଼ା ହୋଇଥାଏ। ସେ ଆସି କହିଲା, "ସାର୍ ଦୟାକରି ଆସିବେ ଦଣ୍ଡେ ଆମ ଶିକ୍ଷାଗାରକୁ।" ମୁଁ ଯାଇ ଦେଖେ, ଶିକ୍ଷାଗାର ଏବଂ ଗେରେଜର ସବୁ ମିସ୍ତ୍ରୀ ଓ କାରିଗର ଉପସ୍ଥିତ, ଘରବାଲା ଘରବାଲୀ ମଧ୍ୟ ।

ପାଖ ଚା' ଦୋକାନରୁ ଗୋଟାଏ ବଡ଼ କଳାକେଟିଲି ଆସିଥିବା ଚା' ଛୋଟ ଛୋଟ ଅଧା ଗିଲାସରେ ଢ଼ଳାହେଲା। ଖୁବ୍ ସନ୍ତର୍ପଣରେ ନିରଞ୍ଜନ ପ୍ରଥମ ଗ୍ଲାସଟା ମୋ ହାତକୁ ବଢ଼ାଇଦେଇ ଅନ୍ୟ ଗ୍ଲାସଗୁଡ଼ାକୁ ସାଙ୍ଗସାଥୀମାନଙ୍କୁ ଧରାଇଦେଲା। ଟି ପାର୍ଟି ଶେଷରେ ଜଣ ଜଣକରି ମୋତେ ଜୁହାର ହେଲେ। ମୁଁ ଜଣ ଜଣ କରି କୁଣ୍ଢାଇଲି।

ଉତ୍ସବ ଶେଷରେ କଲିକତୀ ମିସ୍ତ୍ରୀ ଜଣକ କଣର ଛୋଟ ଅନ୍ଧାରିଆ କୋଠରୀ ଭିତରକୁ ଯାଇ ଅତୀବ ଆକର୍ଷଣୀୟ ଛୋଟ ସରସ୍ୱତୀ ମୂର୍ତ୍ତିଟିଏ ଆଣି ମୋ ହାତକୁ ବଢ଼ାଇଦେଇ କହିଲା, "ସାର୍, ଆମାଦେର ମେହେନତୀ ଦୁନିଆଁର ଏକଟି ଛୋଟ ଉପହାର ଆପନାର ଜନ୍ୟ।" ମୂର୍ତ୍ତିଟିକୁ ହାତକୁ ନେଲାବେଳେ ମୋତେ ଜଣାଗଲା ଯିମିତି ମୁଁ ଅସ୍‌ଲୋର ଏକ ଉତ୍ସବରେ ତେରେସାଙ୍କ ତରଫରୁ ଶାନ୍ତି ପୁରସ୍କାର ନେଉଛି।

ସରସ୍ୱତୀ ଆସିଲେ, ଗଲେ। ମୁଁ ଉପର ଘରବାଲୀକୁ ଦିନେ ଦି'ଦିନରେ ପଚାରେ, "ବଉଦି! ନିରଞ୍ଜନ ଆବାର କବେ ଆସବେ ?"

# ଜଗବନ୍ଧୁ ତୁମେ ବଡ଼

ଭାବିଲି, ପୁଣି ଆଉଥରେ ବୁଢ଼ାକୁ ଦେଖି ଆସେଁ। ସେ କୁଆଡ଼େ ଭାରି ବଡ଼। ଜଗବନ୍ଧୁ ତୁମେ ବଡ଼! ବଡ଼ଦାଣ୍ଡେ ଶୋଭା ତା'ର। ବଡ଼ଭୂଇଁରେ ତା'ର ଅବସ୍ଥାନ। ଯେଉଁଠି ସବୁ ନାମ ବଡ଼। ତା'ର ବଡ଼ ଦେଉଳ, ବଡ଼ ନେତା, ବଡ଼ ଯାତ, ବଡ଼ଦାଣ୍ଡ, ବଡ଼ ସମୁଦ୍ର। ତା'ର ଆଖି ବଡ଼, ବାହୁ ବଡ଼। ସେ ନିଜେ ବଡ଼ ଠାକୁର। ତା'ର ରାଜା ବି ବଡ଼। ସାବାସ୍; ବହୁତ ବହୁତ ସାବାସ୍।

ଏମିତି ବଡ଼ଲୋକକୁ ଯେତେଥର ଦେଖାକଲେ ବି କ୍ଷତି କ'ଣ ? ଯଦି ମୋର ମାଗିବାର କିଛି ନଥାଏ ବା ତା'ର ଦେବାର କିଛି ନଥାଏ। ଧନ ମାଗୁନାହିଁ, ଜନ ମାଗୁନାହିଁ, ମାଗୁଛି ଶରଧାବାଲିରୁ ହାତେ। ତେବେ 'ଜଗନ୍ନାଥ ହୋ' ବୋଲି

ଝଙ୍କାର ୩୨ଶ ବର୍ଷ, ବିଷୁବ ସଂଖ୍ୟା, ମେଷ ୧୩୮୭, ଅପ୍ରେଲ ୧୯୮୦ ।

Digitized by srujanika@gmail.com

ଭେରେଣ୍ଡା ପରି ଏଡ଼େ ବଡ଼ ପାଟିଟାଏ କରି ମାଗିବାର କ'ଣ ଦରକାର ଥିଲା ? ଲୋକଟା କି ବୋକା ! ମାଗିଲୁ କ'ଣ ନା ଶରଧାବାଲିରୁ ହାତେ ! ନ ମାଗିଥିଲେ ବି ତୋ ମୁର୍ଦ୍ଦରଟାକୁ ହାଡ଼ି ଘୋଷାଡ଼ି ଯେଉଁଠି ଫୋପାଡ଼ି ଦେଇଥିଲେ ବି ଚଉଦ ଚାଖଣ୍ଡ ତଳ୍ପ ଏମିତି ଏମିତି ମିଳିଯାଇ ନଥାନ୍ତା ? ତୋ ହାତଗୋଡ଼ ଖଣ୍ଡିଆଖାବରା ହୋଇଥିଲେ ହୁଏତ ଚାଖଣ୍ଡେ ଅଧେ କମରେ ବି ଚଳିଯାଇଥାନ୍ତା । ମାଗୁଥିଲୁ କାହିଁକି, ମୁହଁ ଖରାପ କଲୁ କାହିଁକି ? ଓହୋ କାଳିଦାସୀ ନ୍ୟାୟରେ ପରା ! ବଡ଼ ଲୋକକୁ ମାଗି ନିଷ୍ଫଳ ହେବା ବରଂ ଭଲ ତେବେ ଅଧମକୁ ଯାଚଣ୍ଡା କରି ସଫଳ କାମ ହେବା ଭଲ ନୁହେଁ ।

ସେ ବଡ଼ ! ସବୁଦିନ ସେ ବଡ଼ ଥିଲା । ଏବେ ଏବେ ଆହୁରି ବଡ଼ହୋଇ ଯାଇଛି । ତା'ର ମହିମା ବିଶ୍ୱବ୍ରହ୍ମାଣ୍ଡ ତା ରୂପ ପରି ଖେଳି ମାଡ଼ି ପୂରିଯାଇଛି । ନୀଳକନ୍ଦରରୁ ଛତିଆ, ଛତିଆରୁ ଦିଲ୍ଲୀ, ଦିଲ୍ଲୀରୁ ଲଣ୍ଡନ, ଲଣ୍ଡନରୁ ସାନଫ୍ରାନ୍‌ସିକୋ, ସେଠୁ ଜାପାନ ବି ଚାଲିଯାଇଥିବ । ତା'ର ଟଙ୍କା ଦରକାର ନାହିଁ, ପ୍ରଚାର ପାଇଁ ବହି ଦରକାର ନାହିଁ । ଧନୀମାନଙ୍କ ସୋସାଇଟି ବି ଲୋଡ଼ା ନାହିଁ । ଗୁଡ଼ାଏ ପାଗଳା, ରୋଗିଣା ଲୋକ, ଯାଯାବର ଭିଖାରୀ ଭୋକଉପାସରେ ପଡ଼ି ନିର୍ଯାତନା ସହି ଦିନରାତି 'ଜଗା' 'ଜଗା' ହେଉଛନ୍ତି । କ'ଣ ତା'ଠି ଅଛି କେଜାଣି ବଣ ସମୁଦ୍ର ନଦୀଜଙ୍ଗଲ ପାର ହୋଇ ସବୁଠି ସେ ବିରାଜମାନ କରୁଛି । ଫିଆଟ୍ ଗାଡ଼ିର ପଛପଟ କାଚରୁ ମୋ ସାମନା କେଲେଣ୍ଡର ପର୍ଯ୍ୟନ୍ତ ତା'ର ଛବି । ଟ୍ରେନ୍‌ରୁ ଆରମ୍ଭ କରି ଏବେ ଏବେ ଜୀବନବୀମା କମ୍ପାନୀରେ ବି ତା'ରି ନାଆଁ ଯୋଡ଼ା ହେଲାଣି । ଯେଉଁ ରୂପ, ଚେହେରା ଖଣ୍ଡିକ ରଖିଛି ନା ! ସମସ୍ତେ ତାରି ପଛରେ ! ନାଇଁ ନାଇଁ, ସେ କୁଆଡ଼େ ଭକ୍ତ ପଛରେ ଦୌଡ଼ିଛି । ଭକତ ମୋ ପ୍ରାଣ, ଶଙ୍ଖ, ଚକ୍ର ଧରିଛି ଭକତ ନିମନ୍ତେ ସେ କୁହେ । ନହେଲେ ଶବରରୁ ସାହେବ ଯାକେ ସମସ୍ତେ ଏମିତି ଉନ୍ମତ୍ତ ହୁଅନ୍ତେ, କାହିଁକି ଶରଧାବାଲିରେ ଗଡ଼ିବା ପାଇଁ ତାଙ୍କୁ ଟେକାଟେକି କଲେ ବି ଯାହା ଯାଇଛା ତା କହି ଗାଳିଗୁଲଜ କଲେ ବି ଚନ୍ଦନ ପରି ।

ଆରେ ଆରେ ! ଏଡ଼େ ଭାଗ୍ୟ ନା ମୋର ! ଏଠି ରାଉରକେଲାକୁ ବି କେବେ ଆସିଗଲାଣି । ନ ଆସନ୍ତା କିମିତି ? ଯାନ୍ତ୍ରିକ ସଭ୍ୟତାର ନିଗଡ଼ ଭିତରେ, ଦୂଷିତ ବାୟୁ ଓ ଦୁର୍ଘଟଣାରେ ତାରି ଭକ୍ତଗୁଡ଼ାକ ହନ୍ତସନ୍ତ ହେଉଥିବେ ଅଥଚ ତାଙ୍କୁ ଟିକିଏ ଖୋଲାପବନ, ଆଶ୍ୱସ୍ତି, ସାନ୍ତ୍ୱନା ମିଳିବ ନାହିଁ, ଏ କିମିତି ସମ୍ଭବ ହେବ ? ଶୁଣିଲି, ଗୋଟାଏ ଶିକ୍ଷାୟତନର ଅଳ୍ପଦୂରରେ ବଣଜଙ୍ଗଲିଆ ଅପନ୍ତରିଆ ନିଛାଟିଆ ଜାଗାଟାରେ ଭାଇଭଉଣୀଙ୍କ ଧରି ଛୋଟିଆ ଘରଟାରେ ବସିଯାଇଛି । ଏଠି ବି କୁଆଡ଼େ ପତିତଙ୍କୁ ଉଦ୍ଧାର କରିବା ପାଇଁ ଗୁଣ୍ଡିଚା ଯାତ୍ରାରେ ରଥରେ ବର୍ଦ୍ଧି

Digitized by srujanika@gmail.com

ଆମବାଗାନର ମାଉସୀ ବାଡ଼ିକି ଯାଏ ବେଶ୍ ଯାକଯମକରେ, ଶିକ୍ଷାୟତନକୁ ଆଉ ଏକ ଶ୍ରୀକ୍ଷେତ୍ରରେ ପରିଣତ କରି ।

ବାହାରି ପଡ଼ିଲି । ସେଦିନ ଥାଏ ମହାଷ୍ଟମୀ । ପୁରୁଣା, ନୂଆ ରାଉରକେଲା, ପ୍ଲାଣ୍ଟ, ଟାଉନ୍‌ସିପ୍, ଉନ୍ମାଦନାରେ ଭରପୂର, ଉଣୀଶଟା ମେଢ଼, କୋଡ଼ିଏ ନମ୍ବର ମେଢ଼ ବି ହୋଇଛି । ହର୍ଷୋତ୍‌ଫୁଲ୍ଲ ହୋଇ ନରନାରୀ ବାଳକ ବାଳିକା ବେଲବୁଡ଼କୁ ବାହାରି ପଡ଼ିଛନ୍ତି ଦେବୀଙ୍କ ଆରତି ଦର୍ଶନକୁ ନୂତନ ପୋଷାକ ପରିଚ୍ଛଦ ପିନ୍ଧି । ବୋନସ ମିଳିଛି, ବେପରୁଆ ଖର୍ଚ୍ଚ, ଦରଦାମକୁ କିଏ ପଚାରେ ? ଦେବୀଙ୍କ ଅପରୂପ ଛବିଛଟକ । କଟକରୁ କଲିକତାଯାକେ ଯେତେ ମୃତଶିଳ୍ପୀ ସମସ୍ତେ କଳାଭାସ୍କର୍ଯ୍ୟ ପ୍ରଦର୍ଶନ କରିଛନ୍ତି । କି ବିଚିତ୍ର ଆଲୋକସଜ୍ଜା କି ନୃତ୍ୟଗୀତ । କଲିକତୀ ଢ଼କ୍‌କା ସାନାଇରୁ ବିଲାତୀ ଗୀତବାଦ୍ୟର ରେକର୍ଡ଼ ପର୍ଯନ୍ତ ଆଡ଼ମ୍ବର ଚାକଚକ୍ୟ ଜାକଜମକର ଏକ ବର୍ଣ୍ଣାଢ୍ୟ ଉତ୍ସବ । ସହର ଉଠୁଛି, ପଡୁଛି । କାଲି ପଅରଦିନ ପୁଣି ବାଣ, ରୋଷେଣୀ, କଟକ, ସୋରୋ, ବ୍ରହ୍ମପୁରର ବାରୁଦ ମିସ୍ତ୍ରୀମାନେ ଦିନରାତି ଲାଗିଛନ୍ତି ରାବଣପୋଡ଼ା ପାଇଁ ।

ଏଣେ ମୁଁ ଏକେଲା ଚାଲିଛି, ବୁଢ଼ୀର ମନ୍ଦିର ମୁହଁ । ମୋ ଆଗରେ କି ପଛରେ କେହିନାହିଁ । ସମସ୍ତେ ଓଲଟା ପଟେ ଚାଲିଛନ୍ତି । ଦେବୀ ମୂର୍ତ୍ତି ସମସ୍ତଙ୍କୁ ଟାଣନ୍ତି । ଲକ୍ଷ୍ମୀ, କାଳୀ, ଜଗଦ୍ଧାତ୍ରୀ ଓ ସରସ୍ୱତୀ ପୂଜାରେ ବି ଭିଡ଼ ହୁଏ କିନ୍ତୁ ଦୁର୍ଗାପୂଜାର ଭିଡ଼ର ତୁଳନା ନାହିଁ । ଗଣେଷ, କାର୍ତ୍ତିକ, ବିଶ୍ୱକର୍ମା ଆଦି ପୁରୁଷ ଦେବତାଙ୍କ ପୀଠରେ ଭିଡ଼ କାହିଁ ? ମହିଷାସୁରମର୍ଦ୍ଦିନୀ ଦେବୀଙ୍କର କି ଆକର୍ଷଣ ଶକ୍ତି କି ମୋହିନୀ ବେଶ ! ପୁରୁଷମାନେ ଯା'ନ୍ତି ଦେବୀଙ୍କର ଶକ୍ତି ସହିତ ନିଜ ନିଜ ଘରର ଦେବୀଙ୍କ ପରାକ୍ରମ ମାପିବା ପାଇଁ, ସ୍ତ୍ରୀମାନେ ଯା'ନ୍ତି ମହିଷାସୁରର ଶକ୍ତି ଦେବୀ କେଡ଼େ ସହଜରେ ଅପହରଣ କରି ତାକୁ ନିଷ୍କ୍ରିୟ ଓ ନିର୍ବିର୍ଯ୍ୟ କରିପାରୁଛନ୍ତି ତାହା ଦେଖି ଆତ୍ମତୃପ୍ତି ପାଇବା ପାଇଁ । ଧନୀମାନେ ଯାଆନ୍ତି ତାଙ୍କ ପେଟ ସହିତ ଗଣେଷଙ୍କ ପେଟର ତୁଳନା କରିବା ପାଇଁ । ପୁଅ ଝିଅ ଟୋକାଟୋକୀ ଯାଆନ୍ତି କାର୍ତ୍ତିକ ଓ ଦେବୀଙ୍କ ସଖୀମାନଙ୍କ ସହିତ ନିଜ ନିଜର ରୂପ ଲାବଣ୍ୟର ମେଳ ଅମେଳ ତନଖିବା ପାଇଁ । ସାନ ସାନ ପିଲାପିଲି ଯାଆନ୍ତି ବାଦାମ, ରବର ବେଲୁନ କିଣିବା ପାଇଁ ଆଉ ମୂଷା, ମୟୂର, ଡ଼ାହାଣୀ ବୁଢ଼ୀ, ଶିଆଳ, ସିଂହ, ପାପ ଦେଖିବା ପାଇଁ । ଗଇଷ ଚାକୁଣ୍ଡାବଣର ପଥର (ସେ ବି ବଡ଼ଦେବତା, ଦେବଙ୍କ ଦେବ)କୁ ବା ନିର୍ଜୀବ କାଷ୍ଠ ପାଷାଣ ମୂରତି' ପାଖକୁ କେଉଁ ଭକ୍ତ ଯିବ ? ସେମାନଙ୍କର କ'ଣ ଅଛି ଯେ ଦେବେ ? ଦୁହେଁ ଲଙ୍ଗଳା, ଅଦ୍ଭୁତ ଚେହେରା ଦୁହିଁଙ୍କର ।

ତେବେ ଏଠି ଏ ଗୁଡ଼ା ଏତେ ସବୁ କିଏ ? କେତେବେଳେ କେଉଁବାଟ ଦେଇ ଏତେ ଭକ୍ତ ଆସିଲେ ? ଦେବୀ ମେଢ଼ ପାଖରୁ ପୋଲିସ ତଡ଼ାଖାଇ ଏ ଅସନା

Digitized by srujanika@gmail.com

ଅପନ୍ତରା ଥାନାକୁ ପଳାଇ ଆସିଛନ୍ତି ? ଇଃ ! ଏଗୁଡ଼ା କ'ଣ ହେଇଛନ୍ତି ? ଚାହିଁ ହଉନି ସେ ଆଡ଼କୁ। ଧାଡ଼ି ଧରି ରାସ୍ତାର ଦୁଇପଟେ ବସି ଲମ୍ବି ଯାଇଛନ୍ତି ମନ୍ଦିର ଦ୍ୱାରଯାକେ। କି ଚେହେରା କି ବେଶଭୂଷା, କି ଅଙ୍ଗପ୍ରତ୍ୟଙ୍ଗ ଦେଖିଲେ ବାନ୍ତି ମାଡୁଛି, ତାଙ୍କ ରୂପବର୍ଣ୍ଣନା ଯିଏ ପଢ଼ିବ, ଶୁଣିବ ତା'ର ବି ବାନ୍ତି ହବ। କାହାର ନାକ ନାହିଁ, କାହାର ଆଖି ନାହିଁ, କାହାର ପାଦ ନାହିଁ, କାହାର ହାତ ପାପୁଲି ନାହିଁ। କାହାର ଅଣ୍ଟାରୁ ହାତେ ଚାଖଣ୍ଡେ କଳାକନା ଝୁଲୁଛି। ଦିହ ତ୍ରିପଣ୍ଡ କଳା। ପାଖ ପହଞ୍ଚିଲା ବେଳକୁ ଗଳି ପଚୁଥିବା ପଚା ମାଂସ ଗନ୍ଧ ସାଙ୍ଗକୁ ଚାଉଳ ମୁଗୁରା ତେଲର କଟୁ ଗନ୍ଧ ନାକ ଫଟାଇ ଦେଉଛି ଯିମିତି ନାକ ଫଟାଇ ଦିଏ ଦେବୀ ମେଢ଼ ପାଖ ଝୁଣାଧୂପ ଅଗରବତୀ ଗନ୍ଧ ସହିତ ସହିତ ବିଭିନ୍ନ ନାରୀଜାତିର ଦିହରୁ ଉଦ୍‌ଗତ ପଦ୍ମ ମଦ ଗନ୍ଧ ସହିତ ଇଣ୍ଟିମେଣ୍ଟ ଅତର ଗନ୍ଧ। 'ସୁନ୍ଦର ଦେବତୁଲ୍ୟ ନରଆନନ'କୁ ଏମିତି ବିରୂପ କଲା କିଏ ? କିଏ କହିଥିଲା, ଭଗବାନ ମଣିଷକୁ ନିଜ ରୂପ ଚେହେରା ଅନୁଯାୟୀ ଗଢ଼ିଛନ୍ତି। ଯଦି ଗଢ଼ିଥିଲେ ତେବେ ତାଙ୍କ ରୂପ କ'ଣ ଏମାନଙ୍କ ପରି ?

ଭାବିଲି, ଗରୁଡ଼ସ୍ତମ୍ଭରୁ ସର୍ଗଦ୍ୱାର, ଚକ୍ରତୀର୍ଥ ବା ଦିଗବାରଣ ଖୁଣ୍ଟିଯାକେ ରାସ୍ତର ଦୁଇପାଖେ ଯେଉଁ ଭକ୍ତବୃନ୍ଦ ଆର୍ତ୍ତନାଦ କରି କରି ଦିନଯାକ ଶୂନ୍ୟପାତ୍ର ଧରି ବସିଥାନ୍ତି ଏବଂ ରାତି ହେଲେ ଠାଏଁ ଉପୁରାଉପୁରି କତରା ଲଦିହୋଇ ମୁର୍ଦାର ପରି ଶୋଇଯାନ୍ତି ସେଇମାନଙ୍କ ଭିତରୁ ଥୋକାଏ ମୋଷ୍ଟାଏ ଧରି ବୁଢ଼ା ଯେଉଁଠାକୁ ଯାଇଛି ସେଠାକୁ ସାଙ୍ଗରେ ନେଇଯାଉଛି। କମ୍ ଭକ୍ତପ୍ରୀତି ! ଭକତ ନିମନ୍ତେ ... ।

ମନ୍ଦିର ପହଞ୍ଚିବାକୁ ତଥାପି ଖଣ୍ଡେ ଦୂର ଅଛି। ସେତେବେଳେ ଅସ୍ତାଭିମୁଖୀ ସୂର୍ଯ୍ୟଦେବଙ୍କ ତୀର୍ଯ୍ୟକ୍ ଆଭାରେ ବୃକ୍ଷଗୁଡ଼ାକର ପାଦଦେଶ ଉଦ୍ଭାସିତ। ସେଇ ବୃକ୍ଷମୂଳରୁ କୁତ୍ସିତ ବିକଳାଙ୍ଗ ଜୀବନଗୁଡ଼ାକ ମୁହଁରୁ ଗୋଳମାଳିଆ ମିଶାମିଶି ହୋଇ ଚିତ୍କାର ଶୁଭିଲା। "ବାବୁ, ଏ ଛୋଟ କୁ"... 'ବାପା, ଏ ନେଙ୍ଗଡ଼ାକୁ' 'ବାବୁ! ପାଞ୍ଚ ପଇସା' 'ଧରମ ହବ ବାପା', ମୋର ହାତ ନାହିଁ, ମୋର କାନ ନାହିଁ, ମୋର ଆଖି ନାହିଁ, ମୋର ଗୋଡ଼ ନାହିଁ, ବାବୁ, ବାପା, ପାଞ୍ଚପଇସା, ନାହିଁ, ନାହିଁ, ନାହିଁ। କାହାରି କିଛି ନାହିଁ। ଗୁଡ଼ାଏ ଅଧମ ଅଥର୍ବକୁ ଏକଜୋଟ କରି ବୁଢ଼ା ଏଠି କି ସୁଖ ପାଉଛି ?

ବୁଢ଼ାକୁ ଦେଖିବାକୁ ଗଲେ ମୁଁ ନିଃସ୍ୱ ହୋଇଯାଏ। ପଇସା ପତ୍ର କିଛି ନିଏ ନାହିଁ। କାହାକୁ କଣ ବା ଦେବି, କେତେ ବା ଦେବି। ସେଠି ଯେତେ ସେବକ ସମସ୍ତେ ତ ତୀର୍ଥକାକ। ଛେପ ଖଙ୍କାର ଯାହା ପାଇବେ ଖାଇଯିବେ। ଦେଖିଲି ସମସ୍ତେ ମୋ ଛାତି ପକେଟ ଓ ମୋ ହାତର ଗତିବିଧିକୁ ସେମାନେ ଚାହିଁଛନ୍ତି। ମୁଁ ବି ଚାହିଁଲି ଛାତି ପକେଟ୍‌କୁ। ସେମାନେ ପତଳା ଧଳାକନାର ପକେଟ ଭିତରେ ନୂଆ ନାଲି ଦୁଇଟଙ୍କିଆ ନୋଟ୍‌ରେ ଅବସ୍ଥିତି ଲକ୍ଷ୍ୟକରି ସାରିଛନ୍ତି ବୋଧହୁଏ। ଭୁଲରେ ରହିଯାଇଛି, ହୁଏତ ଫେରିବା ବେଳର ରିକ୍ସା ଭଡ଼ା ହୋଇଯାଇଥାନ୍ତା। ପଣ୍ଡାଗୁଡ଼ାକୁ

Digitized by srujanika@gmail.com

ଦେବା ଅର୍ଥ ପାଚକ ପାଣି, ବାଟୁଳାଏ ଭାଙ୍ଗ ତାକୁ ଯୋଗାଇବା । ନୋଟ୍‌ଟାକୁ ବାହାର କରି ହାତରେ ଧରିଛି ଖଣ୍ଡେ ଦିଖଣ୍ଡ । ଚାଉଳ, ଗୋଟେ ଦୁଇଟା ଦୁଇ ତିନି ପଇସି ପଡ଼ିଥିବା ଟିଣ ଡ଼ବା ବା ଏଲୁମିନିୟମ ଟାଟିଆ ଧରି ସେମାନେ ମୋ ଆଡ଼କୁ ଧାଇଁଲେ ବୁଭୁକ୍ଷୁ ପଙ୍ଗପାଳ ପରି ।

ଶୁକ୍ରବାର ଦିନ କୁଷ୍ଠାଶ୍ରମର ଧଡ଼ା ଖୋଲିଦେଲେ ପ୍ରଶେସନ କରି ରୋଗୀମାନେ ସହର ପରିକ୍ରମା କରି ଧନୀଲୋକଙ୍କ ଘରମାନଙ୍କୁ ଯାଆନ୍ତି । ସେଠି ଫାଟକ ଭିତରକୁ କାହାରି ପ୍ରବେଶ ନାହିଁ, ଫେରିଆସିଲେ ଗୋବର ପାଣି ବା ଫିନାଇଲ ପାଣି ତାଙ୍କ ପଦଚିହ୍ନ ପଡ଼ିଥିବା ଜାଗାରେ ଛିଞ୍ଚା ହୁଏ । ଅବଶେଷରେ (କେଡ଼େ ହସଖୁସି ଆନନ୍ଦରେ କଥାବାର୍ତ୍ତା କରି ସେମାନେ ଯାଉନଥାନ୍ତି ! ଯିମିତି ଇଲେକ୍‌ସନ ଜିଣିଛନ୍ତି) ଯେତେବେଳେ ପ୍ରସିଦ୍ଧ ଲୁଗାଦୋକାନୀ ଆଗରେ ଉଭା ହୁଅନ୍ତି ପେଟୁଆ ଦୋକାନୀଟି ଦୟା ଅନୁକମ୍ପାର ପ୍ରତିମୂର୍ତ୍ତି ହୋଇ ପଚାରେ 'କେତେଜଣ ଅଛ ?' ସେମାନଙ୍କ ପ୍ରତିନିଧି କୁହେ 'ଦଶଜଣ ।' ତଦ୍ଦଣ୍ଡେ ଧଡ଼ କରି ବାକ୍‌ସ ଖୋଲି ଉପସ୍ଥିତ ଗରାଖମାନଙ୍କର ଦୃଷ୍ଟି ଆକର୍ଷଣ କରି ସେ ଦଶ ପଇସିଟିଏ ଫୋପାଡ଼ିଦିଏ ରାସ୍ତା ଉପରକୁ ।'

ମୁଁ ସେ ପ୍ରଶ୍ନ ପଚାରିଲି ନାହିଁ । କେତେ ଜଣ ଅଛ ? ସେମାନେ ସେ ଅଗଣିତ, ସଂଖ୍ୟା ଯେ ଅକଳନ । ଯେତିକି ଆଗରେ ଦେଖୁଛି ତା'ଠୁଁ ଅନେକ ବେଶୀ ଦୂରରେ ଅନ୍ଧାରୁଆ ଆମ୍ବଗଛମୂଳେ, କଚେରୀ ବାରଣ୍ଡାରେ । ତାଙ୍କ ଧାଡ଼ି ଲମ୍ବି ଯାଇଛି ଶ୍ରୀକ୍ଷେତ୍ରରୁ ଆଫ୍ରିକା ଦେଇ କେତେ ସୁଦୂର ଦେଶ ମହାଦେଶକୁ । ନୋଟ୍‌ଟି ବାହାର କରି ତାଙ୍କ ଆଡ଼କୁ ଫୋପାଡ଼ି ଦେଲି । ଲାଜ ମାଡ଼ିଲା "ବାଣ୍ଟିକୁଣ୍ଟି ଖାଇବ" (କୁନ୍ତୀ କାହିଁକି କହିଲେ ସେଇକଥା ପାଞ୍ଚ ପୁଅଙ୍କୁ) କହିବାକୁ ମୃଦୁ ପବନରେ ନୋଟଟି କଞ୍ଚନଫୁଲଟି ପରି ଉଡ଼ି ଉଡ଼ି ଯାଉଥିଲା ବେଳେ ତିନି ଚାରିଜଣ ମିଳିମିଶି ବହୁ କଷ୍ଟରେ ତାକୁ ଧରିଲେ, କାରଣ ଧରିବା ପାଇଁ କାହାର ଆଙ୍ଗୁଳି ନଥିଲା । ନିଜ ନିଜ ଭିତରେ ନୋଟ୍‌ଟି ଭଙ୍ଗାଇ ବାଣ୍ଟିକୁଣ୍ଟି ନେବେ ବୋଲି ଇୟେ ତାକୁ ସିଏ ୟାକୁ ଚାହିଁଲା, ମାତ୍ର ଏତେ ପଇସା କାହା ପାଖରେ ଥିବ । ଶରଧା ବାଲିର ଗରାଖ ସମସ୍ତେ ପରା ! ସେମାନଙ୍କର ନୋଟ ଭଙ୍ଗାଇବାର ବ୍ୟସ୍ତତା ଓ ଆଗ୍ରହକୁ ରୋକିଦେଇ କହିଲି "ଥାଉ ଥାଉ, ପରେ ଭଙ୍ଗାଇ ବାଣ୍ଟିକୁଣ୍ଟି ନବ, ମୋତେ ଫେରାଇବାକୁ ପଡ଼ିବ ନାହିଁ ।" କାଳେ ବୁଝିବେ ନାହିଁ ଭାବି ଖୋଲାଖୋଲି କହିଲି "ତୁମକୁ ଦୁଇଟଙ୍କା ଦେଲି ।" ସଂଗେ ସଂଗେ ସେମାନଙ୍କ କୁତ୍ସିତ ମୁହଁଗୁଡ଼ାକ କୃତଜ୍ଞତାର ଆନନ୍ଦରେ ଦୀପ୍ତ ହୋଇଗଲା । ମୁଁ ଅନୁଶୋଚନା କଲି କାହିଁକି ଆଉ ଅଧିକ କିଛି ନ ଆଣିଲି । ଘର ସର୍ବସ୍ୱ ଆଣି ଏମାନଙ୍କୁ ଦେଇଥିଲେ ବା ମୋର କ'ଣ କ୍ଷତି ହୋଇଥାନ୍ତା । ଡ଼କ୍ଟର ସୁଇଜରଙ୍କ ଜୀବନର ସବୁ ସୁଖସାଚ୍ଛନ୍ଦ୍ୟ ଏପରି

Digitized by srujanika@gmail.com

ସଙ୍ଗୀତର ମୋହ, ଆକର୍ଷଣ ଛାଡ଼ି ଆଫ୍ରିକାର କଳା କଳା କୁଷ୍ଠରୋଗୀଙ୍କ ସହିତ ରହିନଥିଲେ ? ଫାଦର ଡ଼ାମିଆନ୍ ସେଇମାନଙ୍କ ସେବା କରି କରି ନିଜେ ସେଇ ରୋଗ ଭୋଗ ତିଳ ତିଳ ହୋଇ ମରିନଥିଲେ ? ଯୀଶୁଖ୍ରୀଷ୍ଟ ଓ ଲାଝାରାସ୍ ଉପାଖ୍ୟାନ ଧର୍ମଶାସ୍ତ୍ରରେ ଲିପିବଦ୍ଧ ରହିଛି । ଆମରି ଗାନ୍ଧୀ ବୁଢ଼ାଟା ସେମାନଙ୍କ ଘାଆ ଧୋଇ ମଲମ ଲଗାଇ ପଟି ବାନ୍ଧୁଥିବାର ଫଟୋ ଦେଖିନ ? ମଣିଷର ସେବା ଅର୍ଥ ବୁଢ଼ାର ସେବା ବୋଲି ସେମାନେ ସମସ୍ତେ କହୁଥିଲେ ।

ସେମାନଙ୍କ ଆନନ୍ଦାତିଶଯ୍ୟ ଦେଖି ମୁଁ ଆଶ୍ଚର୍ଯ୍ୟ ହେଲି ଏମାନେ ସାମାନ୍ୟ ଦୁଇଟଙ୍କିଆ ନୋଟ୍ ପାଇ ଏମିତି ଅନୁପାତ ହୀନ କୃତଜ୍ଞତା ପ୍ରକାଶ କରୁଛନ୍ତି କିମିତି । ଏହାର କାରଣ ନିଶ୍ଚୟ ଗହୀରରେ ଅଛି । ଏମାନେ ବୋଧହୁଏ ମୋର ଦାନ ଅପେକ୍ଷା ଦାନ ପଛରେ ଥିବା ସହାନୁଭୂତିହୀନ ମନର ସନ୍ଧାନ ପାଇଛନ୍ତି ଯିମିତି ଜାତୀୟା କୁକୁରଗୁଡ଼ାକ ଖାଦ୍ୟର ମୂଲ୍ୟ, ଉତ୍କର୍ଷ ଅପେକ୍ଷା ଦାତାର ମନର ଭାବ ବେଶୀ ପସନ୍ଦ କରନ୍ତି । ସେହି ସହାନୁଭୂତିକୁ ବେଶୀ ପ୍ରକଟ କରିବା ପାଇଁ କାହିଁକି କେଜାଣି ମୋର ସେମାନଙ୍କ ଦଳ ସହିତ ବସିବାକୁ ଇଛା ହେଲା । ସେମାନେ ଯିମିତି ଧଡ଼ି ଧରି ବସିଗଲେ ମୁଁ ସେମାନଙ୍କ ସହିତ ଲଖେଇ ହୋଇ ବସିଲି । ସେମାନେ ଘୁଞ୍ଚି ଘୁଞ୍ଚି ଯାଉଥିଲେ ପ୍ରଥମେ; କିନ୍ତୁ ପ୍ରାଥମିକ ଆଶ୍ଚର୍ଯ୍ୟଭାବ ଚାଲିଯିବାରୁ କୃତ୍ୟ କୃତ୍ୟ ହୋଇ ସେମାନେ ଆନନ୍ଦାଶ୍ରୁ ବିସର୍ଜନ କଲେ । ମୁଁ ବି ସେମାନଙ୍କର ମୋ ପ୍ରତି ଭାବ ଦେଖି ଠିକ୍ କଲି ଏମାନଙ୍କ ସାଙ୍ଗରେ ରହିବି ଏବଂ ଏତେ ଦୁଃଖ କଷ୍ଟରେ ବି ସେମାନେ କାହିଁକି ବୁଢ଼ାକୁ ଗାଳିଗୁଲଜ ନ କରି ଭାଗ୍ୟକୁ ଆଦରି ତାରି ପାଖରେ ଅଧିଆ ପଡ଼ିଛନ୍ତି ଜାଣିବି । ମୋର ଭୟ ସଂକୋଚ ଚାଲିଗଲା, ସେମାନଙ୍କ ବିକଳ ରାବ ଆଉ ମୋତେ ଶୁଭିଲା ନାହିଁ କି ସେମାନଙ୍କ ବିକଳ ଅଙ୍ଗ ଦିଶିଲା ନାହିଁ ।

ଜଣେ ଉତ୍ସାହିତ ହୋଇ ଆରମ୍ଭ କଲା "ଜଗବନ୍ଧୁ ତୁମେ ବଡ଼ .... ସମସ୍ତେ ପାଳିଦେଲେ । ଜଣେ ବେତାଳରେ ଖଞ୍ଜଣି ବଜାଇଲା ବି ।"

ପୁଣି ଆଉ ଏକ ଭଜନ । "ଆହେ ନୀଳ ଶଇଳ ।" ଏଥର ମୋର ବିଭ୍ରମ ସୃଷ୍ଟିହେଲା ଯିମିତି ଦ୍ୱାପରରେ ଗୋପୀମାନଙ୍କର କୃଷ୍ଣବଂଶୀ ଶୁଣି ବା ତ୍ରେତାରେ ବାବାଜୀମାନଙ୍କର ରାମଙ୍କୁ ଦେଖି । ଯେଉଁ ଲୋକଟା ଗାଉଛି ତାକୁ ତ ମୁଁ ଜାଣେ । ସେଇ ବ୍ରାହ୍ମଣୀ ମାଆ ତା ମୁସଲମାନ ତା ବାପା ଥିଲା ଯୋଦ୍ଧା, ତା ମାଆ ବ୍ରାହ୍ମଣୀ । ସେଇ ବ୍ରାହ୍ମଣୀ ମାଆ ତା ମୁସଲମାନ ପୁଅକୁ ବୁଢ଼ାପାଖକୁ ପଠାଇଥିଲା ପରା "ଜାତିରେ ମୁଁ ଜବନ" ଖୋଲାଖୋଲି ସେ ସବୁ ଗୀତର ଭଣିତାରେ କହିଛି । କେତେ ଜଣାଣ, କେତେ ଭଜନ ସେ ନ ଗାଇଛି । କେତେ ଭକ୍ତଙ୍କୁ ସେ ଜଗାବଳିଆ

Digitized by srujanika@gmail.com

ପାଖକୁ ନ ଘୋଷାରିଛି । ଦୁଃଖ ନ ହେଲେ ଏମିତି ସରଳ ଆକୁଳ ପ୍ରାଣଖୋଲା ପ୍ରାର୍ଥନା କିଏ ଗାଇ ପାରିବ ?"

ତା ଗୀତ ସରିଛି କି ନାହିଁ ଆଉଜଣେ ତା କାରସାଦି ଦେଖାଇବାକୁ ଯାଇ ଛାନ୍ଦଟିଏ ଆରମ୍ଭ କଲା "କୃପାସିନ୍ଧୁ ବଦନ (କି ବଦନ !)" କାମୋଦୀ ରାଗରେ । ଗରୁଡ଼ସ୍ତମ୍ଭ ସନ୍ନିଧାନ ! ଏଠି କେମିତି ପହୁଞ୍ଚିଲା ? ଜଳେଶ୍ୱରରୁ ରୋଗାକ୍ରାନ୍ତ ହୋଇ ଘଉଡ଼ା ଖାଇ ଶ୍ରୀକ୍ଷେତ୍ରରେ ପହୁଞ୍ଚିଲାଣି । "ଖଣ୍ଡିଲ ନାହିଁ ଯେଣୁ ମୋର" "ଖଣ୍ଡି ନାହିଁ କାହାର" ଗାଉଛି । କ'ଣ ଆଉ ଖଣ୍ଡନ୍ତେ ? ତୋର ଗୋଡ଼ହାତ ତ ଖଣ୍ଡି ସାରିଛନ୍ତି । ନିଜକୁ ପୁଣି (ଦୀନ) କୃଷ୍ଣ କହୁଛୁ ଅଲାଜୁକ ! ମୁଁ ତା ପରି ଦୀନ ହୋଇଥାନ୍ତି କି !

ହେଇ ! ଏଇଟା ଫେର କିଏ ? ଆରମ୍ଭ କଲାଣି ତା'ର ଜୀବନ ସଙ୍ଗୀତ "ସବୁଥିରୁ ବଞ୍ଚିତ କରି କେଉଁ ଯଶବାନା ଉଡ଼ାଇବ ହେ !" "ଦେଲେ ଯାହା ନେଲ ତାହା ।" ତା ନିଅନ୍ତେ ନାହିଁ କି ! ଗୋଡ଼ହାତ ଦେଇଥିଲେ, ନେଇଗଲେ । ତଥାପି ତୁ କି ଆନନ୍ଦରେ ଗାଉଛୁ 'ନାଚିବି ମୁଁ ଲଙ୍ଗଳା ହୋଇ ତାଳି ମାରି ଦେଖିବୁ ମଜା ।" କି ନାଚ ତୁ ନାଚିବୁ ? ଗୋଡ଼ହାତ ନ ଥାଇ ନାଚିବୁ ? "ତାଳମାନ ନ ମାନି କିଛି" ଠିକ୍ କହିଛୁ । ଲୋକଟା କେଡ଼େ କଉତିକିଆ ସତେ ! ଲକ୍ଷ ଲକ୍ଷ ଲୋକଙ୍କୁ ହସାଇଛି ଯେମିତି କନ୍ଦାଇଛି ସେମିତି ।

ପୁଣି ଆଉ ଜଣେ ! ଇଏ ତ ସେଇ 'ସବୁଥିରୁ ବଞ୍ଚିତ'ର ଚେଲା, ଶିଷ୍ୟ, ପୁତ୍ରପ୍ରତିମ । ଦାଢ଼ିରଖି, କଷାୟ ବସ୍ତ୍ର ପିନ୍ଧି ସନ୍ନ୍ୟାସୀ ପରି ଦିଶୁଛି । ପିଠାପୁରର ଅନ୍ଧାରିଆ ଛୋଟ ଛାପାଖାନାଟାରେ ଦିନରାତି ବସି ବର୍ଷ ବର୍ଷ ଧରି କେତେ ରଗଡ଼ିଆ କଥା ନ ଲେଖୁଛି ! ତା'ର ବି ସୃଷ୍ଟି ଆନନ୍ଦମୟ ! ନୂଆ ରକମ ଆନନ୍ଦ ଦିଏ । ସେଇଥିପାଇଁ ତା ନାଆଁ ଫତୁରାନନ୍ଦ ।

ଏ ଲୋକଗୁଡ଼ାକ ସାଙ୍ଗରେ ବହୁତ ସମୟ ବସିଗଲି । ଯାଙ୍କ ରୋଗଟା ଗୋଟାଏ ବଡ଼ ରୋଗ ଦେଖୁଛି । ମୋ ଦିହରେ ପୁଲକ ଖେଳିଲା ତାଙ୍କ ଜଣାଣ, ଭଜନ, ସଂଗୀତ, ଚମ୍ପୂ ଶୁଣି ଶୁଣି । ସେମାନଙ୍କୁ ସମାନଧର୍ମୀ ଭାବି କୁଣ୍ଢେଇଲି ଯିମିତି ସେମାନେ ମୋର ପୂର୍ବଜନ୍ମର ଆତ୍ମୀୟସୋଦର । ମୁଁ ନିଜକୁ ଏତେ ସେମାନଙ୍କ ସହିତ ମିଶାଇନେଲି ଯେ ତାଙ୍କ ରୋଗ ମୋତେ ପୂରାପୁରି ଜାବୁଡ଼ି ଧରିଲା । ମୋର ସର୍ବାଙ୍ଗରେ ଏକ କମ୍ପନ ହେଲା, ଭୂମିକମ୍ପର କମ୍ପନ ପରି । କ୍ରମେ ଦିହଯାକ ବଧିରା ହୋଇଗଲା, ଶିରାପ୍ରଶିରା ଭିଡ଼ିମୋଡ଼ି ହୋଇ ଗୋଡ଼ହାତର ଆଙ୍ଗୁଳି ନାକ ପାଟି ବଙ୍କା ହୋଇଗଲା । କ୍ରମେ ଅଙ୍ଗପ୍ରତ୍ୟଙ୍ଗ ଛିଡ଼ି ପଡ଼ିଲା, ଯେମିତି ସେଗୁଡ଼ାକ ରକ୍ତମାଂସହାଡ଼ରେ ତିଆରି ନ ହୋଇ କାଦୁଅରେ ତିଆରି ହୋଇଥିଲା । ଆତ୍ମୀୟସ୍ୱଜନ ସବୁ ଦୂରେଇ ଗଲେ, କହିଲେ ଯାଙ୍କୁ ବଡ଼ରୋଗ ଧରିଛି । ପିନ୍ଧା

Digitized by srujanika@gmail.com

ଲୁଗା ଟୁକୁରା ଟୁକୁରା କରି ଛିଣ୍ଡାଇ ଗୋଡ଼ ହାତରେ ଗୁଡ଼ାଇ ଦେଲି । ଶାରୀରିକ ଯନ୍ତ୍ରଣା ନଥିଲା, କିନ୍ତୁ ମାନସିକ ଯନ୍ତ୍ରଣା ପ୍ରବଳ ଅସହ୍ୟ । ଚେତା ବୁଡ଼ିଗଲା ।

କେତେ କାଳ ପରେ ଚେତା ଫେରିଲା ବେଳକୁ ଦେଖେଁ ତ ମୁଁ ବୁଢ଼ା ଆଗରେ ସମନାସାମନି ମୁହାଁମୁହିଁ ଛିଡ଼ାହୋଇଛି । 'ଗରୁଡ଼ସ୍ତମ୍ଭ ସନ୍ନିଧାନ' । ମୋର ଏକମାତ୍ର କ୍ରୋଧଜାତ ପ୍ରବୃତ୍ତି ହେଲା ବୁଢ଼ାକୁ ବଟେଇ ଯିବି । ଏକା ରାହାରେ ଯେମିତି ଆଉଜଣେ ତାକୁ କହିଥିଲା "ତୁ ଗୋଟାଏ ସାପ । ତୋର ଗୋଡ଼ ନାହିଁ, କାନ ନାହିଁ, ତୁ ଏକ ଘରବୁଡ଼ା, ନିଜ ଘରକୁ ସିନ୍ଧୁରେ ବୁଡ଼ାଇଛୁ ।" ଭୟହେଲା ବୁଢ଼ା ଅଭିଶାପ ଦବ । କିନ୍ତୁ ମନେପଡ଼ିଲା ଗୋଟେ ଦାଢ଼ିଆ ପଣ୍ଡିତ କଥା ଯେଉଁ ପଣ୍ଡିତ ତାରି ଗୀତାର ଟୀକା କରିଛି ଗୋଟାଏ ଲମ୍ବା ଚୌଡ଼ା ଉପୋଦ୍‌ଘାତରେ । ସେ ଥରେ କହିଥିଲା, ହିନ୍ଦୁଧର୍ମ ପରି ସର୍ବଧର୍ମ ସମନ୍ୱୟର ଉଦାର ଧର୍ମ ପୃଥିବୀରେ ଆଉ କେଉଁଠି ଅଛି, ପଇତା ଛିଣ୍ଡାଇ ଦେଲେ ବି ବ୍ରାହ୍ମଣ, ବ୍ରାହ୍ମଣ ଜଗନ୍ନାଥଙ୍କ ଛାତିରେ ଗୋଇଠା ମାଇଲେ ବି ହିନ୍ଦୁ, ହିନ୍ଦୁ ।"

ସାହାସରେ କହିଗଲି "ବୁଢ଼ା !! ତୁ ନିହାତି ସ୍ୱାର୍ଥପର, ତୋର ଗୁଣ ଗାଇବେ, ପ୍ରଶଂସା କରିବେ ବୋଲି ମୋର ଲକ୍ଷ ଲକ୍ଷ ଆତ୍ମୀୟକୁ ତୁ ଖଣ୍ଡିଆଖାବରା କରିବାର ମତଲବ କ'ଣ ? ବଡ଼ ହେବାକୁ ହେଲେ ରୋଗରେ କ'ଣ ଭୋଗିବା ନିହାତି ଦରକାର ?" ଦଣ୍ଡେ ରହି ଦମ୍ ପୁଣି ସଂଗ୍ରହ କରି ପୁଣି ଗମ୍ଭୀର ସ୍ୱରରେ ଦୁଃସ୍ଥ ଦୁନିଆଁର ନିର୍ଭୀକ ପ୍ରତିନିଧି ରୂପେ ଅଭିଶାପ ଦେବା ଗଳାରେ କହିଗଲି, "ତୁ ବି ସେମାନଙ୍କ ପରି ସାରା କଳିଯୁଗ ହାତଗୋଡ଼ ଖଣ୍ଡିଆ ହୋଇ ରହିବୁ ଯେ ପର୍ଯ୍ୟନ୍ତ ଏ ରୋଗ ଦୁନିଆରୁ ନିର୍ମୂଳ ନ କରିଛୁ । ତୋତେ ବି ଲୋକେ ଖଣ୍ଡିଆ ବୋଲି ଡ଼ାକିବେ । ଭକ୍ତଙ୍କୁ ତାରିବା ପାଇଁ ଯେଉଁ ଶଙ୍ଖ ଚକ୍ର ଗଦା ଧରିଛୁ ବୋଲି ଗର୍ବ କରୁଛୁ ସେଗୁଡ଼ା ତୁ ଧଣିପାରିବୁ ନାହିଁ ଯେ ପର୍ଯ୍ୟନ୍ତ ମଣିଷ ତିଆରି ହାତ ଗୋଡ଼ର ସାହାଯ୍ୟ ନ ନେଇଛୁ । ରଥ ଉପରକୁ ବି ଚଢ଼ି ପାରିବୁ ନାହିଁ, ଲୋକେ ତୋତେ ଦଉଡ଼ିରେ ବାନ୍ଧି ଘୋଷାଡ଼ି ଘୋଷାଡ଼ି ଅଶ୍ଳୀଳ କଥା କହି କହି ନ ନେଲାଯାକେ । ତୋର ଭାଇ ବଳରାମର ନାକଟା ଚେପା ହୋଇଯିବ । ତୋର ସ୍ତ୍ରୀ ଲକ୍ଷ୍ମୀ ତୋ ପାଖରୁ ଅଲଗା ରହି କଣରେ ଗୋଟାଏ ଛୋଟିଆ ଘରେ ରହିବ ତୋ ସାଙ୍ଗରେ ନ ରହି । ତୋ' ଭଉଣୀର ଗୋଡ଼ହାତ ମୋଟେ ରହିବ ନାହିଁ । ତାରି ଅଭିଶାପରେ ।"

କାନ ଯଦି ତୋର ଅଛି, ତେବେ ପୁଣି ଶୁଣ, "ତୁ ଏମିତି ବଧିରା କାଠ ହୋଇଯିବୁ ଯେ ତୋତେ ଲୋକେ ଦାରୁ ଦେବତା, ଦାରୁଭୂତ ବୋଲି କହିବେ ଏବଂ ଶସ୍ତ୍ର ବି ତୋତେ ଛେଦି ପାରିବ ନାହିଁ, ଯେମିତି କଣ୍ଟା ଫୋଡ଼ିଲେ କୁଷ୍ଠରୋଗୀ ଜାଣିପାରେନି । ତୋତେ (କଳାପାହାଡ଼) ପୋଡ଼ିଲେ ବି ତୁ ପୋଡ଼ିବୁ ନି, ଯିମିତି କୁଷ୍ଠରୋଗୀ ନିଆଁରେ ପୋଡ଼ିଗଲେ ଜାଣିପାରେ ନି । କୁଷ୍ଠରୋଗୀ ଯିମିତି ନାନା

Digitized by srujanika@gmail.com

ମିଛକଥା କହି ରୋଗ ଲୁଚାଇବାର ଚେଷ୍ଟାକରେ ତୁ ବି ସେମିତି ତୋର ଖଣ୍ଡିଆ ଅବସ୍ଥାର ଅସଲ କାରଣ ଲୁଚାଇ କହିବୁ, ବୁଢ଼ା ବିଶ୍ୱକର୍ମା ଆଉ ଇନ୍ଦ୍ରଦ୍ୟୁମ୍ନଙ୍କ ନିରୀହା ରାଣୀ ମେଣ୍ଟ ବାନ୍ଧି ତୋତେ ଇମିତି ଖଣ୍ଡିଆ କଲେ, ଗଢ଼ା ଶେଷ ହେବା ପୂର୍ବରୁ ଦରଜା ଖୋଲି ଦେଇ ।

ସବା ଶେଷରେ ଶୁଣ ଜଗବନ୍ଧୁ, ତୁମେ ବଡ଼, ତୁମ ଦେଉଳ ବଡ଼, ତୁମ ନେତ ବଡ଼, ତୁମ ଦାଣ୍ଡ ବଡ଼, ତୁମ ଯାତ ବଡ଼, ତୁମ ଦରିଆ ବଡ଼, ତୁମ ରାଜା ବଡ଼, ତୁମ ଆଖି ବଡ଼, ତୁମ ବାହୁ ବଡ଼, ତୁମର ସବୁ ବଡ଼, ତୁମେ ବଡ଼ ଠାକୁର, ତୁମର କ୍ଷେତ୍ର ବଡ଼ । ଆଉ ଗୋଟାଏ କାହିଁକି ବଡ଼ ତାଲିକାରୁ ବାଦ୍ ପଡ଼ିଯିବ ?

ଜଗବନ୍ଧୁ, ତୁମେ ବଡ଼ ... ତୁମର ରୋଗ ବଡ଼ରୋଗ, ତୁମେ ବଡ଼ ରୋଗୀ । ତୁମର ଖଣ୍ଡିଆ ରୋଗ ବଡ଼ ରୋଗ, ଦୁନିଆଁର ସବୁ ଖଣ୍ଡିଆ ରୋଗୀ ବଡ଼ ରୋଗୀ । ଯେତେବେଳେ ତୁମେ ଦେଖିଲ ଏଗୁଡ଼ାକୁ କେହି ଭଲପାଇଲେ ନାହିଁ, ପାଖ ପୁରେଇଲେ ନାହିଁ, ପୂର୍ବଜନ୍ମର ଅଭିଶାପ ଭୋଗୁଛନ୍ତି କହିଲେ, ତୁ ତାଙ୍କୁ ଆଶ୍ୱାସ ଦେବା ପାଇଁ ତାଙ୍କରି ରୂପ ଧଇଲୁ ? ସମସ୍ତଙ୍କୁ ନିଜ ପାଖକୁ ଟାଣିନେଲୁ । କିନ୍ତୁ ଏତେ ଲୋକଙ୍କୁ ନିର୍ଯ୍ୟାତନା ଦେଇ ନିଜ ପ୍ରଶସ୍ତି ଶୁଣିବାର ଯେଉଁ ବ୍ୟବସ୍ଥାଟି କଲୁ ତା'ର ଫଳ କ'ଣ ହେଲା ଦେଖିଲୁ ? ତୋ' ନିଜ ପୁଅ (ଶାମ୍ବ)କୁ ସେଇ ରୋଗ ଧଇଲା ନା ?

ରାଗିଗଲୁ ବୁଢ଼ା ?

ବୁଢ଼ା ମୁରୁକି ଏମିତି ହସିଲା ଯେ ତା' ପାଟିଟା ଦ୍ୱିତୀୟା ଚାନ୍ଦ ଅଥବା ଦଶପଇସିଆ ଫାଳିଏ ବୋଇତାଳୁ ଆକାରରେ ଅଳତା ପରି ଲାଲି ହୋଇଗଲା ।

ଘରମୁହାଁ ହୋଇଛି କୁରୁକ୍ଷେତ୍ର ଆଡୁ ତା' ମନ୍ଦିର ଉପର ଦେଇ ଲାଉଡ଼ସ୍ପିକରରୁ ବ୍ରଜ ନିନାଦରେ ଭାସି ଆସିଲା

"ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂ ସ୍ତଥୈବ ଭଜାମ୍ୟହମ୍ ।"

Digitized by srujanika@gmail.com

# ଦିବ୍ୟ ଅଦିବ୍ୟ

"ଏଇଠି ରହିଗଲ ଯେ ଗାଣ୍ଡୁ ମଉସା !"

ଗାଉଁଲି ଶବ୍ଦଟା ସମସ୍ତ ସତର୍କତା ସତ୍ତ୍ୱେ ଆପେ ଆପେ ପାଟିରୁ ବାହାରି ପଡ଼ିଲା । ମୁଁ ଜିଭଟା ପ୍ରାୟ କାମୁଡ଼ି ଦେଲି ।

ଗ୍ରୀଷ୍ମ ଛୁଟିରେ ଗାଁକୁ ଯାଇଥିଲି, ଦୁଇମାସ କାଳ ଗାଁ ଟୋକା (ଟୋକୀ !)ଙ୍କ ମେଳରେ କଟେଇବାକୁ, ଏମିତି କେତେଗୁଡ଼ାଏ ଅଶାସ୍ୱୀୟ( ?) ଶବ୍ଦ ପାଟି ଭିତରକୁ ପଶି ଯାଇଛି ।

ମୁଁ ମଉସାକୁ ଦିନେ ପଚାରିଲି, "ମଉସା ! ତୁମର ଭଲ ନାଆଁ କିଛି ନାହିଁ ? କାଗଜପତ୍ରରେ ବି ତୁମର ନାମଟା ଏଇଆ ? ତୁମର ବାପା, ମାଆ ଏମିତି ଗୋଟାଏ ନାଆଁ ଦେଲେ କେମିତି ?

ମଉସା କହିଲେ, "ତୁମର ବାପା ତ ମୋତେ ଏଇ ନାଆଁ ଦେଇଛନ," ବଙ୍ଗ-ବିହାର-ଓଡ଼ିଶାର ତ୍ରିସୀମାଳିର ବିଚିତ୍ର ସମନ୍ୱୟୀ ଭାଷାରେ ମଉସା କଥା କୁହନ୍ତି । ଆମେ କଟକୀ ପୁରୀଆ ଯେତେ ବୁଝି ନପାରିଲେ, ହସିଲେ ବି ସେ ଇଲାକାର ଲୋକେ ନିର୍ବିକାର । ଗଡ଼ ଗଡ଼ ସ୍ୱାଭାବିକ୍ ସୁଅରେ କଥାରେ କହିଯାଆନ୍ତି, ତୁମେ ବୁଝ ବା ନବୁଝ, ହସ ବା ନ ହସ ।

ଦଣ୍ଡେ ରହି ମଉସା ପୁଣି କହିଲେ, "ତୁମର ମାଆ ବି ତ ମତେ ଏଇ ନାଆଁଧରି ତୁମର ଜନମବେଲୁ ଠାକି ଆସୁଛନ୍ । 'ଗାଣ୍ଡୁ' ନାଆଁରେ କି ଅସୁବିଧା କି ଅଡୁଆ ହେଉଛି କି ? ଆମର ବାବୁ ! ମଫସଲର ନୁକ, ଯାହା ଗୋଟେ ନାଆଁରେ ତ ଡ଼ାକିଲେ ହେଲା । ଆମର ଗାଁରେ ହାଣ୍ଡି, ପେଟା, ଡୁରକୁ, ଠୁଲୁକୁ, ମାହାଣା, ଅଇବନ, କାଣା, ଛେର ଏମିତି ଆଉରି କେତେ ନାଆଁ । ତୁମେ ଡ଼ାକିଲ ମୁଁ ଶୁଣିଲେ ତ ହେଲା, ଆଉ କି ? ତୁମର ରେଡ଼ିଓଟାରେ ତ ଟୁନା, ସୁନା, ଗୀତା, ପିଟା, ଜକ୍ଷା ଇମିତି କେତେ କି ନାଆଁ ତ ଫେର୍ କହୁଛି ?

ମୁଁ ଚୁପ୍ ହେଲି । ମନେପଡ଼ିଲା ଆମର ଜଣେ ବିଧାୟକ କହିଥିଲେ, "ତୁମର ଫାଟିଯାଉଛି କାହିଁକି ?" ସେଇ ଶବ୍ଦଟା ସଂସଦୀୟ ନା ଅଶ୍ଳୀଳ ପ୍ରଶ୍ନର ଉତ୍ତର ଦେଇ ବିଜ୍ଞ ପଣ୍ଡିତ ବାଚସ୍ପତି କୃଷ୍ଣ ସିଂ ମହାଭାରତରୁ ତା'ର ସ୍ୱରରେ ସଭାଗୃହରେ ଗାଇନଥିଲେ "ତାହା ଦେଖି ଯୋଦ୍ଧାଙ୍କର ଗଲା ଫାଟି" "ତାଙ୍କର ଟାମାନ ଯେସନେ ଓଳିଆ" ? ତା'ଛଡ଼ା ଆଜି ରିକ୍ସାରେ ଆସୁଥିଲାବେଳେ ବିଚ୍ ବଡ଼ଦାଣ୍ଡଟାରେ କେଉଁ ଭାଷାରେ ଦି'ଟା ମାଇକିନିଆ ପରସ୍ପରକୁ ଗାଳିଗୁଲଜ କରୁନଥିଲେ ? କଟକ ପୁରୀ ଜିଲ୍ଲାର ଭାଷା ଜୀବନ୍ତ, ଗତିଶୀଳ, ସମୃଦ୍ଧ ଯିମିତି ଦି'ଟାଯାକ ଜିଲ୍ଲାର ମଠ

---

ଝଙ୍କାର, ୩୨ଶ ବର୍ଷ, ୭ମ ସଂଖ୍ୟା, ଶାରଦୀୟ ବିଶେଷାଙ୍କ, ତୁଳ ୧୩୮୮, ଅକ୍ଟୋବର ୧୯୮୦ ।

Digitized by srujanika@gmail.com

ମନ୍ଦିରଗୁଡ଼ାକର କଳା, ସ୍ଥାପତ୍ୟ, ଏପରିକି ଚଳଣି ମୁଁ ସିମିତି । ଧରି ବସିଲେ ଆଙ୍ଗୁଳି, ମାଛ, ବେଙ୍ଗ, ଝାଉଁବଣ, ଗାତ, ଗୁମ୍ଫା, ସମୁଦ୍ର, ବଲ୍, ବତୀ, ବାଇଗଣ, ଅଙ୍ଗୁର, ପାଣିକଖାରୁ, ମୂଳା ଆଦି ଆହୁରି କେତେ କେତେ ଶବ୍ଦ ଆଧୁନିକ କବିତାରେ ମନୋଜ୍ଞ ଚିତ୍ରକଳ୍ପ ହୋଇଛି । ଆମର ଲିଙ୍ଗ-ଯୋନି ତ ମହାଦେବ ରୂପରେ ଶକ୍ତି ରୂପରେ ମନ୍ଦିରମାନଙ୍କରେ ପୂଜା ପାଉଛନ୍ତି । ତା'ଠୁ ବଳି ଅଶ୍ଳୀଳ କ'ଣ ହୋଇପାରେ ? କେବଳ ଢ଼ାଙ୍କି ପାରିଲେ ହେଲା । କଳା ଆଉ କଅଣ କି ? ଯେ ଯେତେ ବେଶି କଳାସ୍ଥାପତ୍ୟକୁ ଢ଼ାଙ୍କିପାରିଲା ସେ ସେତେ ପ୍ରତିଷ୍ଠା ପାଇଲା ।

"ଏ ଗୋ ବାବୁ ! ଜନମରୁ ଏ ନାଆଁରେ ତୁମର ବାପା ମାଆ, ଗାଁ ସାଇର ସମସ୍ତେ ଡ଼ାକି ଆସୁଛନ୍, ସେଟା ଧରି ଯେଦି ତୁମେ ନାଇଁ ଡ଼ାକିବ, ଡ଼ାକିଲେ ନାଜେଇବ, ତେବେ ମର୍ ଆଉ ଗୁଟେ ନାଆଁ ଅଛି ଟିକଟରେ, ସଦାଶିବ ବଗାଳ ।"

"ସଦାଶିବ ମଉସା ! ବଗାଳ କେଉଁ ଜାତି କି ?" ତାଙ୍କ ନାଆଁଟା ପାଟିକୁ କେମିତି ଆସୁଛି କେବଳ ପରୀକ୍ଷା କରିବା ପାଇଁ ଅବାନ୍ତର ପ୍ରଶ୍ନଟା ପଚାରିଲି । ମାଉସୀ ଗଳିପଶି ଏଇଠି କହିଲେ, "ତୁମର ବାପାକେ ପଚାରିବ ! ଆମର ରାଧାକୃଷ୍ଣର ଜାତି ସେମାନଙ୍କୁ ଚିଡ଼ାଇବା ପାଇଁ ଗାଁର ଲୋକେ ଯେଉଁ ଗୀତଟା ଗାଆନ୍ତି ମନେପଡ଼ିଲା; ଗଉଡ଼ ବାଉଡ଼ କେଳା ... ।"

ହଁ, ମଉସା ମାଉସୀଙ୍କ ନିବେଦନ, ସେମାନେ ମୋ ସହିତ ପୁରୀ ଆସିବେ ଜଗନ୍ନାଥ ଦର୍ଶନକୁ ! ମଉସାଙ୍କ ପାଖରୁ ଖଣ୍ଡେ ଦୂରରେ (ସେମାନେ ଯୋଡ଼ିହୋଇ କାହା ଆଗରେ ଛିଡ଼ା ହୁଅନ୍ତି ନାହିଁ) ମାଉସୀ, କମଳି ମାଉସୀ ଦିହିଁକି ଦିହେଁ ପଟିଛନ୍ତି । ବୟସ ନକହି ଏତିକି କହିଲେ ଯଥେଷ୍ଟ ହେବ ଯେ ତାଙ୍କୁ ଯିଏ ଦେଖିବ ସିଏ କହିବ "ୟାଙ୍କ ପିଲାଝିଲା ହେବା କଥା ଆଉ ନାହିଁ ।"

ସେମାନେ ସେଇଥିପାଇଁ ଇଏ ପଦେ ସିଏ ପଦେ କହି ନିବେଦନ କଲେ, 'ଏ ବାପା ! ଏ ବସନ୍ତ ବାବୁ ! ଆମର ଦୁହିଁକେ ନେଇଯାଅ ଥରେ । ଆମେ ଜମା ଅଡୁଆ ହବା ନାହିଁ ତୁମ୍‌କେ ପଇସା କେତେ ବରଷ ହେଲା ଆମର ଠଣା ଗୁଟାକରେ ରଖିଛି । ଦରଶନକୁ ଯିବା ବୁଲି । କେତେଦିନ ଆଉ ଦୁଃଖ କଷ୍ଟ ସହିବା, ମୁଁ ତ ଆଣ୍ଠୁକୁଡ଼ା, ତୁମର ମାଉସୀ ତ ବାଞ୍ଝା, ଗାଁ ସାଇର ନୁକ ତ ସଖାଳୁ ଆମର ମୁହଁ ଦେଖୁଛନ୍‌ନି, ନଚେଇ ନଚେଇ କେତେ କଥା କହୁଛନ୍, କମଳି ମାଉସୀ ଯୋଡ଼ିଲେ ବିକଳହୋଇ, "ବସନ୍ତ ବାବୁ ! ଆମର ଦୁଖ୍ ଶୁଣ୍, ନେଇଯାଅ ଥରେ ଆମକେ ଦିନ ଗୁଟାକର ନାଗି ।"

ମୋର ନା କରିବାର ଉପାୟ ନଥିଲା । ମଫସଲ ଗାଁରେ କୃଷି ପ୍ରଧାନ । ଅର୍ଥନୀତିରେ ମାଲିକ ମଜୁରିଆର, ବ୍ରାହ୍ମଣ ବଗାଳର ଫରକ ନଥାଏ । ସମସ୍ତେ ଇନ୍ଦ୍ର ଚନ୍ଦ୍ର ଉପରେ ନିର୍ଭର କରି ବିନ୍ଧା ବନ୍ଧି ଯୋଡ଼ିଯାକି ହୋଇ ପଡ଼ିଥାନ୍ତି, ସେଇଥି ପାଇଁ ଉପର ଶ୍ରେଣୀର ତଳ ଶ୍ରେଣୀର ଲୋକଙ୍କ ଭିତରେ ଗୋରା କଳା ଭେଦ ନରଖି କାକା,

Digitized by srujanika@gmail.com

ଖୁଡ଼ୀ, ମଉସା, ମାଉସୀ, ନନା, ନାନୀ, ଅଜା, ଆଈ, ଡ଼ାକହାକ ହୁଅନ୍ତି । ସେଠି ଭାଇନା, ଭାଉଜ ଡ଼ାକ କେହି କେବେ ଶୁଣିନାହାନ୍ତି । ତା' ଛଡ଼ା ଗାଣ୍ଡୁ ମାଉସା ଓ କମଳି ମାଉସୀଙ୍କୁ ମୁଁ ହେତୁ ହେଲା ଦିନରୁ ଆମ ଘରେ ପରିବାରର ଅନ୍ୟତମ ସଭ୍ୟ ଆକାରରେ ଦେଖି ଆସିଛି । ସେମାନେ ବି ମୋତେ ନିଜ ରକ୍ତର ଭାବି ଖେଳାଇ ନଚାଇ, କାଖେଇ କାନ୍ଧେଇ ବଡ଼ କରିଛନ୍ତି । ଯଦି ଆମ ଘର ବୈକୁଣ୍ଠ ସମାନ ହୋଇଥାଏ ତେବେ ତାହା ସମ୍ଭବ ହୋଇଛି ଏଇ ଦୁଇଟି ଜୀବଙ୍କ ପାଇଁ । ଜୀବ ନ କହି ଆଉ ତାଙ୍କୁ କଅଣ ବା କହିବି ? ଏମିତି ସାଧାସିଧା, ହୁଣ୍ଡାହୁଣ୍ଡି, ଗଣ୍ଡରୁମୁଖ ଦୁନିଆରେ ନଥିବେ । ଆଉ କେତେ ବରଷକୁ ତାଙ୍କ ପରି ଜୀବ (ଯେମିତି ବଞ୍ଚିବା ପାଇଁ ସଂଗ୍ରାମ ନିୟମରେ ଡ଼ାଇନୋସାର ନିଶ୍ଚିହ୍ନ ହୋଇଗଲା) ସିମିତି ଅଦୃଶ୍ୟ ହୋଇଯିବେ, ଯେଉଁ ମାତ୍ରାରେ ଅବିଶ୍ୱାସ ଠକାମୀ ଭଣ୍ଡାମୀ ବଢ଼ିଚାଲିଛି, ଆମ ସଭ୍ୟ ଦୁନିଆରେ ।

କହିଲି, "ସଜବାଜ ହୁଅ । ସଜ ହୋଇଥାଅ କାଲି ଚଳିବା ପ୍ରଭାତେ ।" କମଳି ମାଉସୀ କହିଲେ, 'ଆମର କି ଅଛି ଗୋ ବାପା ! ଛୁଆ ନା ପୁଅ ।' ମାମୁଁ ମାଇଁ ଦୁଇ ପରାଣୀ, ଲୁଗା ଖଣ୍ଡେ ଖଣ୍ଡେ ଧରିଲେ ତ ହେଲା । ତୁମେ କିଛି ଆମର ପାଇଁ ଭାବ ନାଇଁ ବାପା, ଜମା ହଇରାଣ ହରକତ କରିବାନି ତୁମ୍ଭକେ, ଭୁଖ ଉପାସରେ ମରିବା ପଛେ । ଆମକୁ ଥରେ ଦରଶନ କରେଇ ଦିଅନା ।"

କି ପ୍ରକାର ହଇରାଣ ହରକତ ହେବି ତା'ର ସୂଚନା ମିଳିଲା ବାଲେଶ୍ୱର ଷ୍ଟେସନରେ ଯେତେବେଳେ ସେମାନେ ପ୍ରଥମ କରି 'ବଡ଼ ରେଳ' ଦେଖିବାକୁ ପ୍ଲାଟ ଫର୍ମରେ ଅପେକ୍ଷା କରିଥାନ୍ତି । ଯିମିତି ସୁଦୂର ଉତ୍ତର ଦିଗ୍‌ବଳୟରେ 'ଶ୍ରୀ ଜଗନ୍ନାଥ' ଏକ୍ସପ୍ରେସ୍‌ର ସାମନା ଆଲୁଅର ଆଭା ବା ଜ୍ୟୋତିର୍ବଳୟ ଦେଖିଛନ୍ତି, ମଉସା ବଡ଼ପାଟିରେ ଚିତ୍କାର କଲେ, 'ଇଆଡ଼େ ଦେଖ୍ ! ସୂରଯ ଉଦୟ ହଉଛି !' ମାଉସୀ ଦେଖିବା ମାତ୍ରେ ମନ୍ତବ୍ୟ କଲେ, "କି ଜାଗାରେ ବାବା ! ଅଧା ରାତିରେ ବି ଏଠେ ସୂରଯ ବାହାରେ ?"

ଟ୍ରେନ୍ ଆସୁଛି ଶୁଣି ସେମାନେ ପ୍ରତି ଦୁଇ ମିନିଟ୍‌ରେ ଇଏ ଦୋଇଲେ ସିଏ ସ୍ଥାନ ଅସ୍ଥାନ ଖୋଜି ପ୍ରକୃତିର ବୋଲ ମାନିବାକୁ ଲାଗିଲେ । ତାଙ୍କୁ ଗୋଟିଏ ପ୍ରଶ୍ନର ଉତ୍ତରରେ ମୁଁ ଯେତେବେଳେ କହିଲି, ଟ୍ରେନ୍ ଭିତରେ ସେ ସବୁର ବ୍ୟବସ୍ଥା ଅଛି ସେମାନଙ୍କ ଚକ୍ଷୁ ବିସ୍ମୟ ବିସ୍ଫାରିତ ହେଲା । କାରଣ ଟ୍ରେନ୍ ଭିତରେ ପଡ଼ିଆ ତ ନଥିବ । ନଈ, ରେଳପୋଲ, ନଡ଼ିଆ ବଣ, ପାନବରଜ ଯାହା ଦେଖିଲେ, ଦେଖାଇଲି ସବୁଥିରେ ସେ ଦିହେଁ ଚକିତ ଆଚମ୍ଭିତ ହେଲେ । 'ବ୍ରହ୍ମାଣ୍ଡ-କି-ପ୍ରକାଣ୍ଡ !' ରୀତିରେ ସେ ଦୁହେଁ ସବୁ ଦେଖୁଥାନ୍ତି । ମୁଁ ନିଜକୁ ଦୂରରେ ରଖିଥାଏ ସେମାନଙ୍କଠାରୁ, କାଳେ ତାଙ୍କୁ ଲୋକେ ଯାହା ଭାବନ୍ତୁ ନ ଭାବନ୍ତୁ ତାଙ୍କ 'ଗାଇଡ୍' ବିଷୟରେ କଦର୍ଯ୍ୟ ଧାରଣା କରି ବସିବେ ବୋଲି ମୋର ଭୟ ।

Digitized by srujanika@gmail.com

ମାଳତୀପାଟପୁର ଷ୍ଟେସନ୍ ପାଖରେ ଭୁଲକ୍ରମେ ଯେତେବେଳେ ତମାଳତାଳୀ ବନରାଜିନୀଳ ବେଳାଭୂମିରୁ ସମୁଦ୍ରଗତ ଅତିକାୟ ଶିବଲିଙ୍ଗ ପରି ଜଗନ୍ନାଥ ମନ୍ଦିରକୁ ଆଙ୍ଗୁଳି ବଢ଼ାଇ ଦେଖାଇଲି ସେ ଦୁହିଁଙ୍କି ଅତର୍କିତରେ କହିଲି, "ଗାଣ୍ଡୁ ମଉସା ! କମଳି ମାଉସୀ ! ଏଇ ଦେଖ, ଦେଖ ଜଗନ୍ନାଥ ମନ୍ଦିର ।"

ମହିମାଧର୍ମୀମାନେ ସୂର୍ଯ୍ୟଦେବଙ୍କ ପ୍ରତି ଗଦ୍ ଗଦ୍ ହୋଇ ଯେମିତି ଦଣ୍ଡପକାଇ ଭକ୍ତି ପ୍ରଦର୍ଶନ କରନ୍ତି, ସେମିତି ସେ ଦୁହେଁ ଯୋଡ଼ାଯୋଡ଼ି ହୋଇ ଲମ୍ବେ ଲମ୍ବ ଡ଼ବାର ଅସନା ଚଟାଣରେ ପଡ଼ିଗଲେ, ସତେ ଯେମିତି ସେଟା ଶରଧାବାଲି । ଅନ୍ୟ ଯାତ୍ରୀଙ୍କ 'ହରିବୋଲ' ଶବ୍ଦ ମଧ ଭାବବିହ୍ୱଳତାରେ ତାଙ୍କ ପାଟିରୁ ଉଚ୍ଚାରିତ ହେଲା ନାହିଁ ।

ଟ୍ରେନ୍‌ରୁ ଓହ୍ଲାଇ ରିକ୍‌ସାରେ ଯେତେବେଳେ ମୋ ବସାକୁ ଆସୁଥାଉଁ ସେତେବେଳେ ପୁରୀଆ ଲୋକଙ୍କର କଥାବାର୍ତ୍ତା, ରିକ୍ସାବାଲାର ତେଲୁଗୁମିଶା ଓଡ଼ିଆ କଥା ଶୁଣି ଶୁଣି ମଉସା ପଚାରିଲେ, "ଏଇ ନୁକମାନେ କି କହୁଛନ୍ ତୁମେ ବୁଝିପାର ବାପା ? ଆମେ ତ ତାଙ୍କର କଥା ପଦେ ବି ନାଇଁ ବୁଝି ପାରୁଛୁ । ତୁମେ ଏ ବିଦେଶ ଯାଗାରେ କିମିତି ଚଳୁଛ ? ହଁ, ଏତେ ପାଠ ପଢ଼ିଛ, ତୁମେ ନ ବୁଝିଲେ ଆମର ରକମ ମୂରୁଖ ବୁଝିବେ ?"

ରାତିଯାକ ମଉସା ମାଉସୀଙ୍କୁ ନିଦ ନାହିଁ । ଦାଣଘରୁ ସବୁବେଳେ ଭୁଟୁରୁ ଭାଟୁରୁ କଥା ଶୁଭୁଛି, ବୋଧହୁଏ ଦୁହେଁ ଯେଝା ନୋଟ୍ ଖାତା ବାହାର କରି କିଏ କ'ଣ ବେଶି ଆଶ୍ଚର୍ଯ୍ୟତର ଦୃଶ୍ୟ, ପଦାର୍ଥ, ଜୀବ ଦେଖିଛି ତାରି ପ୍ରତାଳ ଚାଲିଛି । ଅନ୍ଧାର ଥାଏ ଶୁଣିଲି, "ଉଠ ଗୋ ବାବୁ ! ସୁରୁଯ ଉଦୟ ଦେଖିବ ଯେ !" ଅଗତ୍ୟା ଉଠିଲି ଏବଂ ସେମାନଙ୍କୁ ନେଇଗଲି ସମୁଦ୍ର କୂଳକୁ । ଦୁହିଁଙ୍କର କଥାବାର୍ତ୍ତା ଏହି ରୂପ । କମଳୀ କହୁଛି, "ଦେଖ୍ ଦେଖ ସମୁଦରଟା ମେଘରୁ ଝୁଲିରହିଛି ।" ମଉସା କହୁଛନ୍ତି, "ନାଇଁ ନାଇଁ ସମୁଦର ନଢ଼ି ବଢ଼ି ମେଘ ସାଙ୍ଗରେ ମିଶିଯାଇଛି ।" ଦୁଇଜଣ ସମସ୍ୱରରେ କହୁଛନ୍ତି, "ସବୁ ସେଇ ଭଗବାନର ଲୀଳାଖେଳା ।"

ମଉସା ପଚାରିଲେ' "ହେ ଗୋ ବାବୁ ! ତୁମ୍ଭର ବାପା କହୁଥିଲେ ଭଗବାନ୍ ପରା କାଠ ହୋଇ ସମୁଦ୍ରର କୂଳରେ ଲାଗିଛନ୍ ! ସେଇ ଜାଗାଟା ଆମକୁ ଦେଖାଅ ନା ।" ମୁଁ ବିରକ୍ତ ହୋଇ କହିଲି "ତୁମେ ଯେଉଁଠି ଠିଆ ହୋଇଛ ସେଇଠି ।" ସେମାନେ ଶ୍ଲେଷ ବ୍ୟଙ୍ଗ କିଛି ନ ବୁଝି ସଂଗେ ସଂଗେ ଲଥ୍ କରି ବସିପଡ଼ି ମୁଠା ମୁଠା ବାଲି କପାଳରେ ମୁଣ୍ଡରେ ବୋଳିଲେ । ସମୁଦ୍ରର ଏତେ ପାଣି କିଏ କିମିତି ଲୁଣିଆ କଲା, ନୀଳିଆ ପାଣିଟା କୂଳରେ ଧଳା ହେଉଛି କିମିତି ଆଦି ପ୍ରଶ୍ନର ଖୁବ୍ ସହଜ ଉତ୍ତରଟି ଯାହା ତାଙ୍କ ପାଖରୁ ଦଣ୍ଡେ ଆଗରୁ ଶିଖିଥିଲି ଦେଇଦେଲି "ସବୁ ଭଗବାନର ନୀଳା ଗୋ ମାଉସୀ ।"

Digitized by srujanika@gmail.com

ପୂର୍ବାକାଶରେ ସିନ୍ଦୁରା ଫାଟିଲା । କ୍ରମେ କ୍ରମେ 'ରଚା ହୋଇ ଦିଗ ଆଲୋକିତ ହେଲା ଏବଂ ସୂର୍ଯ୍ୟୋଦୟ ପୂର୍ବରୁ ରୂପ ପରିପାଟି ସୁସ୍ପଷ୍ଟ ହେଲା ଏବଂ କ୍ରମେ କ୍ରମେ, ଧୀରେ ଧୀରେ ଏବଂ ହଠାତ୍ ସୂର୍ଯ୍ୟଦେବ ସମୁଦ୍ରରୁ ଦିଗମୂଳ ଛୁଇଁଲେ । ସେମାନଙ୍କ ପ୍ରତିକ୍ରିୟା ଏବଂ ମନ୍ତବ୍ୟ ଶୁଣନ୍ତୁ । ମାଉସୀ କହିଲେ, "ଦେଖ୍, ଦେଖ୍ କିମିତି ସାନଛୁଆ ପରି ସୁରୁଯ ତାର ମା କୋଡ଼ରୁ ମାଉସୀ କୋଡ଼କୁ ଡ଼େଇଁଲା ।" ମଉସା କହିଲେ 'ମତେ ନାଗିଲା ଯିମିତି ବାଛୁରୀ ଛୁଆ ତାର ମା ଚାରିଧାର ଡ଼ିଆଁ ମାରି ମାରି ପଡ଼ିଆରେ ଖେଳୁଛି ।"

ସୂର୍ଯ୍ୟୋଦୟ ଦର୍ଶନ ପରେ ସମୁଦ୍ର ସ୍ନାନ, ତାପରେ ଦିଅଁ ଦର୍ଶନ । ମଉସା ମାଉସୀଙ୍କ କାର୍ଯ୍ୟକ୍ରମ, ସଭା ଆରମ୍ଭରେ ଯିମିତି ସମିତିର ସମ୍ପାଦକ ସଭାପତିଙ୍କୁ ଦେଇଥାନ୍ତି ଏବଂ ଅକୁଶଳୀ ଅନଭିଜ୍ଞ ସଭାପତି ଗୋଟିଏ ପରେ ଗୋଟିଏ ଧାରାବାହିକ ଭାବରେ ଅନୁସରଣ କରି ନ ପାରି ବିଭ୍ରାଟ ପରେ ବିଭ୍ରାଟ ସୃଷ୍ଟି କରନ୍ତି, ସିମିତି ଆମର ଘଟି ଚାଲିଛି । ମଉସା ମାଉସୀଙ୍କର ସମୁଦ୍ରସ୍ନାନ ପ୍ରୋଗ୍ରାମରେ ସେଇଆ ହେଲା । ଭିତରକୁ ଯିବାକୁ ଡ଼ରି ଦୁହେଁ ଧରାଧରି ହୋଇ ଟେକି ହୋଇ ବାହା ବେଦୀରେ ବସିଲା ପରି ଢ଼େଉକୁ ଅପେକ୍ଷା କରି ବସିଥାନ୍ତି । ବଡ଼ ଢ଼େଉଟାଏ ଅପ୍ରତ୍ୟାଶିତ ଭାବେ ଆସି ଦୁହିଁଙ୍କି ଏକାବେଳେ ଚିତ୍‌ପଟାଙ୍ଗ କରିଦେଲା । ଧରାଧରି ହୋଇ ଉଠିବାର ଚେଷ୍ଟା କରୁଛନ୍ତି ପୁଣି ଆଉ ଗୋଟାଏ ଢ଼େଉ । ମଉସାଙ୍କ କଛା କୁଞ୍ଚ ିଟିଗଲା । ମାଉସୀଙ୍କ ବହଳିଆ ଖୋର୍ଦ୍ଧା ଲୁଙ୍ଗି ଶାଢ଼ୀ ଛାତି, ଅଣ୍ଟାରୁ ପାଣିଭାର ସମ୍ଭାଳି ନ ପାରି ଫିଟିଗଲା । ଦୁହେଁ ସମ୍ଭାଳିହୋଇ ବାଲିପାଣି ସରସର-ଜରଜର ଅବସ୍ଥାରେ ବସାକୁ ଫେରିଲେ । ସେମାନେ ଭାବିଥିବେ ସମୁଦ୍ର ଦିହିଁଙ୍କ ଶରଧାରେ ଶଙ୍ଖୋଳିଲା । ସଡ଼କ କଡ଼ରେ କୁଷ୍ଠରୋଗୀଙ୍କ କେତୁଟା ଛୁଆ ଖେଳୁଥିବାର ଦେଖି ମାଉସୀ କାନିରୁ ପାଞ୍ଚ ପଇସିଟିଏ କାଢ଼ି ଜଣକୁ ଦେଲେ ଓ ଆଉଗୋଟିଏ ପାଞ୍ଚ ପଇସି ମଉସାଙ୍କ ହାତକୁ ବଢ଼ାଇ ଦେଇ, ଅନ୍ୟ ଏକ ସିଙ୍ଘାଣିନାକିଆ ପେଟୁଆ ପିଲାକୁ ଦେବାକୁ କହିଲେ ।

ମୁଁ ଭାବିଲି ଏ ଦିଟା 'ପିଲା' 'ପିଲା' ହୋଇ ମରିବେ । ଦୁନିଆରେ ସବୁଠି ୟାଙ୍କୁ ଖାଲି ପିଲା ଦିଶୁଛି । କାଠ, ପଥର, ସାପ, ବେଙ୍ଗ, ଯାହା ଯେଉଁଠି ଦେଖିବେ ତାଙ୍କୁ ଛୁଆ ଆକାରରେ ଦିଶିବ । ଜଗନ୍ନାଥ ବି ବାଦ୍ ଯିବେନି ।

ମନ୍ଦିରରେ ବି ସେଇ ଏକ କଥା । 'ଗରୁଡ଼ଖୁମ୍ବ' 'ପତିତପାବନ' 'ଗେ କର୍ଣ୍ଣବଟ' ଆଦି ନାନା କଥା ବାପାଙ୍କ ପାଖରୁ ଶୁଣିଥିଲେ । ଗୋଟାଏ ଦେଖିସାରିଲେ କହନ୍ତି, ଏଟା କାହିଁ ? 'ସେଟା କାହିଁ ?' ମୁଁ ଅନାଗ୍ରହ ଅନାସକ୍ତିରେ ସେମାନଙ୍କୁ ଏଟା ସେଟା ଦେଖାଇ ମନ୍ଦିର କାନ୍ଥରେ ମୂର୍ତ୍ତିଗୁଡ଼ାକୁ ଦେଖିବାକୁ କହିଲି । ଦୂରରେ ଥାଇ ଦେଖିଲି, ବିଶ୍ୱବିଖ୍ୟାତ ପ୍ରସାଧାନରତା ସମୁନ୍ନତ ବକ୍ଷା ନାରୀ ମୂର୍ତ୍ତି ଦେଖି ଦୁହେଁଯାକ ମୁହଁ ଆଡ଼େଇ ନେଲେ, କିନ୍ତୁ ଯେମିତି ଦେଖିଛନ୍ତି ଅଦୂରର ମାତୃମୂର୍ତ୍ତିଟିକି ସେମାନେ

Digitized by srujanika@gmail.com

ଅଟକିଗଲେ । ସେମାନଙ୍କ ସାଙ୍ଗରେ ରହି ଯୌନ ଆବେଦନ ଥିବା ମୂର୍ତ୍ତିଗୁଡ଼ାକ ଦେଖିବା ସମୀଚୀନ ହେବନାହିଁ ଭାବି କହିଲି, "ମଉସା, ତୁମେ ଦେଖି ଆସ, ମୁଁ ଆଗରେ ତୁମକୁ ଅପେକ୍ଷା କରିଥିବି । ଦେଖିବ ଆଗରେ ମୁକ୍ତି ମଣ୍ଡପରେ ଗୁଡ଼ାଏ ହନୁ ମାଙ୍କଡ଼ ଅଛନ୍ତି । ଯାହା ହାତରେ ଥିବ ସବୁ ଛଡ଼ାଇ ନେବେଟି, ସାବଧାନ, ରାମ୍ପୁଡ଼ି କାମୁଡ଼ି ଦେବେ ।"

ମନ୍ଦିର ପଛପଟକୁ ଚାଲିଗଲି ଯେଉଁଠି ପ୍ରତ୍ନତତ୍ତ୍ୱ ବିଭାଗ ତରଫରୁ ବିବାଦୀୟ ମନ୍ଦିର ସଂସ୍କାର ନାଆଁରେ ପଲସ୍ତରା ଛଡ଼ାଯାଉଛି ଏବଂ ଅଦୃଷ୍ଟପୂର୍ବ ଲୁକ୍କାୟିତ ଅଭିଲେଖ ଓ ମୂର୍ତ୍ତି ସବୁ ବାହାର କରାଯାଉଛି । ଉପରକୁ ଯେମିତି ଚାହିଁଛି, ଦେଖିଲି ଏକ ନାରୀ ମୂର୍ତ୍ତି, ସଂପୂର୍ଣ୍ଣ ଉଲ୍ଲଙ୍ଗ, ଯୋଗିନୀ, ଦକ୍ଷିଣୀ, ଡ଼ାକିନୀ ବା ଦେବୀ ବା ଭୈରବୀ ବା ମାନବୀ ମୂର୍ତ୍ତି । ଅତି ସୁଗଠିତ ସୁନ୍ଦରୀ, ଅତ୍ୟନ୍ତ ପ୍ରଲୋଭନୀୟ, ଆକର୍ଷଣୀୟ ଏପରିକି ଆକ୍ରମଣାତ୍ମକ ଭଙ୍ଗୀରେ ଛିଡ଼ାହୋଇଛି । ଉନ୍ମାଦିନୀ, କାମତୁରା ଅବସ୍ଥାରେ ନିଜର ଜନନେନ୍ଦ୍ରିୟକୁ ଅଙ୍ଗୁଳିରେ ବିଦୀର୍ଣ୍ଣ କରି ଗୋଡ଼ ଦୁଇଟାକୁ ମେଲା କରି ଛିଡ଼ା ହୋଇଛି ମୂର୍ତ୍ତିଟା । ଜଣା ହେଉଛି, ଯେମିତି ତାର ଯୋନୀ ଓ ଜରାୟୁ ଉଭୟେ ମୁଖବ୍ୟାଦାନ କରି ପଥିକମାନଙ୍କୁ ସମ ସ୍ୱରରେ ଆହ୍ୱାନ କରି କହୁଛନ୍ତି, ଆସ, ଯିଏ ଯିଏ ଆସୁଛ ଆସ । ମୁଁ ପିଲାଝିଲା ଚାହେଁ ଯିଏ ଯାହା ଦେଇପାରିବ ଆଣ, ଶୀଘ୍ର, ଆଉ ବେଳ ନାହିଁ ।"

ମନ୍ଦିର ଗାତ୍ରରେ ଯୌନ ଛବିର ଆବଶ୍ୟକତା ସମ୍ପର୍କରେ ମୋର ନିଜର ଧାରଣା ଓ ମତ ହେଲା, ଶିଳ୍ପୀମାନଙ୍କ ଅବଚେତନ ମନର ଅତୃପ୍ତ ଲୁକ୍କାୟିତ ଯୌନ ଅଭିଳାଷର ସ୍ୱତଃସ୍ଫୁର୍ତ୍ତ ପରିପ୍ରକାଶ ଏଇ ଗୁଡ଼ାକରେ । ବର୍ଷ ବର୍ଷ ଧରି ରାଜା ଦେଶରେ ଘରଦ୍ୱାର ଛାଡ଼ି ମନ୍ଦିର ନିର୍ମାଣରେ ବ୍ୟସ୍ତ ଥିଲା ବେଳରେ ଅବସର ବିନୋଦନ ପାଇଁ ଏସବୁ ମୂର୍ତ୍ତି ଗଢୁଥିଲେ ନିଜ ଜୀବନର ଅଭ୍ୟସ୍ତ ନାନା ଯୌନ ପ୍ରକ୍ରିୟା, ଭଙ୍ଗୀ, କାମକଳାର ଅଭିଜ୍ଞତା ଓ ସ୍ମୃତି ମନେପକାଇ, ମନ୍ଦିର ପାଦଦେଶରେ ଟିକିଏ ଛାଇ ସେଇଠି ବସିପଡ଼ିଲି ମଉସା ମାଉସୀଙ୍କୁ ଦର୍ଶକମାନଙ୍କ ମନରେ କିପରି ପ୍ରତିକ୍ରିୟା ସୃଷ୍ଟି କରୁଛି ଦେଖିବାକୁ ।

ପ୍ରଥମେ ଆସିଲେ ବଙ୍ଗୀୟ ତରୁଣ ତରୁଣୀ । ସେମାନେ ଯେ ହନିମୁନ୍ ପାଇଁ ଆସିଛନ୍ତି ତାଙ୍କ ଚେହେରା ଦେଖିଲେ ଜଣାଯିବ । "ଅଧରରେ ତାମ୍ବୁଲ ବୟାନେ ଲେଗେଛେ ଘୁମେ ଢୁଲୁ ଢୁଲୁ ଆଁଖି ।' ବିବାହବେଦୀ ଓ ବାସଗୃହର ଧୂପଦୀପ ଗନ୍ଧ ସହିତ ରଜନୀଗନ୍ଧା ଓ ବିଦେଶୀ ଅତରର ମହକ ତାଙ୍କ ଦିହର ଅନ୍ୟାନ୍ୟ ଗନ୍ଧ ସହିତ ମିଶି ପବନରେ ଘୁରି ବୁଲୁଛି । ଆଖି ଠାରିଦେଇ ତରୁଣଟି ଅଶ୍ଳୀଳ ମୂର୍ତ୍ତି ପ୍ରତି ତରୁଣୀର ଦୃଷ୍ଟି ଆକର୍ଷଣ କରିଦେଇ, ନିଜେ ବି ଦଣ୍ଡେ ସେ ଆଡ଼କୁ ଚାହିଁଲା ଏବଂ ତରୁଣୀକୁ ଲକ୍ଷ୍ୟକରି କହିଲା, "ଚଲ, ଯାଇ, ଆର ଥାକତେ ପାରିନା ।" ସମ୍ମତି ସୂଚକ ଚାହାଣୀ

Digitized by srujanika@gmail.com

ତରୁଣୀଠାରୁ ପାଇ ତରୁଣଟି ତାର ଅଣ୍ଟାରେ ହାତ ବେଢ଼ାଇ ନେଲା ଏବଂ ତରୁଣୀ ମଧ୍ଯ କାମାତୁରା ହୋଇ ତରୁଣର ଅଣ୍ଟାରେ ହାତ ଗୁଡ଼ାଇ ନେଲା। ଦଣ୍ଡକେ ଦୁହେଁ ଅଦୃଶ୍ୟ ହୋଇଗଲେ ହୋଟେଲ ବା ଧର୍ମଶାଳା ଲକ୍ଷ୍ୟରେ।

ୟାପରେ ଆସିଲେ ଡ଼କ୍ଟର ଗୌରୀରଥ ବ୍ରହ୍ମା। ପ୍ରଚଣ୍ଡ ଗବେଷକ ଓ ଜଗନ୍ନାଥୈକପ୍ରାଣ। ରସାତଳରେ ଯେଉଁଠି ଯେତେ ବେଦ, ପୋଥି, ଖେଦା ଥିବ ତାକୁ ଆଣି ଶହ ଶହ ବ୍ୟାଖ୍ୟା କରିବାରେ ସେ ରଥୀ। ଏକାଧାରରେ ସେ ପଣ୍ଡାଜୀ, ସ୍ୱାମୀଜୀ, ସଙ୍ଗୀତ ବିଶାରଦ ଓ ବହୁଭାଷାବିତ୍। ନାନା ଉଦ୍ଭଟ ଉପାଖ୍ୟାନ ଓ ବ୍ୟାଖ୍ୟା ଜରିଆରେ, ସର୍ପକୁ ଗୁଣିଆ ମୁଗ୍ଧ କଲାପରି, ସେ ବିଦେଶୀ ଯାତ୍ରୀଙ୍କି ମୁଗ୍ଧକରି ପାରନ୍ତି। ଏଇ ଦେଖୁନାହାନ୍ତି, ପ୍ରାୟ କୋଡ଼ିଏ ଜଣ ଯାତ୍ରୀଙ୍କି ସାଙ୍ଗରେ ଧରି ନେଇ ମଗ୍ନ ଛବିଟିକୁ ଦେଖାଉଛନ୍ତି ମହାତ୍ମା ଓ କହୁଛନ୍ତି; ଏଇ ମୂର୍ତ୍ତି ବଜନିବାରକ, ପାପତାପନାଶକ ଓ ବିଶ୍ୱ ଉଦ୍ଧାରକ। ସ୍ୱୟଂ ବିଶ୍ୱକର୍ମା ୟାକୁ ଗଢ଼ିଛନ୍ତି, କହି ଶ୍ଳୋକଟିଏ ପଢ଼ି ହିନ୍ଦୀରେ ତା'ର ତର୍ଜମା କଲେ ଏବଂ ଶେଷରେ କହିଲେ କଳାପାହାଡ଼ର ଅନୁଚରମାନେ ୟାକୁ ଦେଖି ପଳାଇଗଲେ; ନହେଲେ ମନ୍ଦିର ଭାଙ୍ଗି ଦେଇଥାନ୍ତେ। ଆସାନଶୋଲ ଟ୍ରେନ୍‌ରେ ଆସିଥିବା ଏଇ ଧର୍ମପ୍ରାଣ ନିରୀହ ଯାତ୍ରୀମାନେ ଏଠାରୁ ଫେରି ପଣ୍ଡାଜୀଙ୍କୁ ଖଟୁଲିରେ ବସାଇ ପାଦପୂଜା କରିବେ। ନୋଟବିଡ଼ା ସବୁ ତାଙ୍କ ପାଦତଳେ କଞ୍ଚନ ଫୁଲ ପରି ଗଦା କରିବେ ଓ ଏହି ମତେ ଗବେଷକ ମହୋଦୟ ଜଗନ୍ନାଥ ତତ୍ତ୍ୱ ବ୍ୟାଖ୍ୟା କରି ବିଦେଶ ଭ୍ରମଣରେ ଯାଇ ଜଗନ୍ନାଥ ମହିମା ପ୍ରସାର କରିବେ ଓ ଜଗନ୍ନାଥ ମନ୍ଦିରରେ ଉଚ୍ଚତାବିଶିଷ୍ଟ ତ୍ରିତଳ ପ୍ରାସାଦ ନିର୍ମାଣ କରି ଉତ୍କଳର କୀର୍ତ୍ତିଧ୍ୱଜା ଉଡ଼ାଇବାରେ ସହାୟକ ହେବେ।

ଏ ଦଳଟି ଚାଲିଯିବା ପରେ ଆସିଲେ ଦୁଇଜଣ ବିଦେଶୀ ଟୁରିଷ୍ଟ ସାହେବ। ଲାଲ ତ୍ରିଭୁଜ ପରିପୂର୍ଣ୍ଣ ବିଚିତ୍ର ବେଶଭୂଷା ଦୁହିଁଙ୍କର। ସେମାନେ ବୋଧହୁଏ ଲିଙ୍ଗରାଜ, ରାଜରାଣୀ କୋଣାର୍କ ଦେଖିସାରି ଏଠାକୁ ଆସିଛନ୍ତି। ଅତି ଆଗ୍ରହାନ୍ୱିତ ଚକ୍ଷୁରେ ଚାହିଁବା ପରେ ପ୍ରଥମ ଜଣକ ମନ୍ତବ୍ୟ କଲେ, "This is typical of Orissan art and culture, the climax the acme and the summit". ଅନ୍ୟ ଜଣକ ଚୁମ୍ବକରେ ତାଙ୍କ ପ୍ରତିକ୍ରିୟା ପ୍ରକାଶ କଲେ "This beats our Lady Chatterly" ଫଟୋଟିଏ ଉଠାଇ ସେମାନେ ଚାଲିଗଲେ, ଯୌନବ୍ୟାଧିଗ୍ରସ୍ତ ଶିଥିଳ ଯୁବକ ଯୁବତୀଙ୍କି ଉତ୍ତେଜିତ କରିବା ପାଇଁ।

ଏଥର ଆସିଲେ ଆମ ମଉସା ମାଉସୀ। ମୁଁ ଭାବିଥିଲି ସେମାନେ ଉପର ମୂର୍ତ୍ତିଆଡ଼କୁ ଚାହିଁବେ ନାହିଁ। ଚାହିଁଲେ ବି ସେଠାରେ ରହିବେ ନାହିଁ। ମାତ୍ର ଏ କ'ଣ! ସେମାନେ ନିର୍ନିମେଷ ଚକ୍ଷୁରେ ସେଇ ଜଘନ୍ୟ ମୂର୍ତ୍ତିଟା ଆଡ଼କୁ ଚାହିଁ ରହିଲେ ଯେ! ଏବଂ କେତେ ମିନିଟ୍ ପରେ ସମତାଳରେ ଦୁହେଁ ଦୁଇ ହାତ ଯୋଡ଼ି, ଉଠାଇ କପାଳରେ ରଖିଲେ

Digitized by srujanika@gmail.com

ଓ ଧ୍ୟାନସ୍ଥ ହେଲାପରି ଦିଶିଲେ। ସେମାନେ ଜାଣିପାରିଲେ ନାହିଁ କେତେବେଳେ ମୁଁ ଧୀରେ ଧୀରେ ଯାଇ ତାଙ୍କ ପଛରେ ଛିଡ଼ାହୋଇ ମୃଦୁ ଗଳାରେ କହିଲି, "ଏଇଠି ରହିଗଲ ଯେ ଗାଣ୍ଡୁ ମଉସା !" ଧରା ପଡ଼ିଗଲେ ବୋଲି ସେମାନେ ଚମକି ଚାହିଁଲେ ନାହିଁ, ସ୍ୱପ୍ନୋତ୍‌ଥିତ ପରି ଚାହିଁଲେ। ମୋର ଧାରଣା ହେଲା ମଉସା, ମାଉସୀ କେଉଁ ଏକ ରାଜ୍ୟରେ ଘୂରି ବୁଲୁଥିଲେ, ଯେଉଁଠି ବାପମାନେ ସବୁବେଳେ ଛୁଆପିଲା ଜନ୍ମ କରୁଛନ୍ତି, ଦୁଧ ପିଆଉଛନ୍ତି, ନଚାଉଛନ୍ତି, ଚୁମା ଖାଉଛନ୍ତି, ସେଠି ବାଞ୍ଝ କେହି ନାହିଁ, ଆଣ୍ଟୁକୁଡ଼ା କେହି ନାହିଁ।

କହିଲି, "ଚାଲ ଯିବା, ଦର୍ଶନ କାମଟା ସାରି ବସାକୁ ଯିବା।" ସେମାନେ ମୋ ପଛେ ପଛେ ଚାଲିଲେ। ମଉସା ପଚାରିଲେ, "ହେଁ ଗୋ ବାବୁ! କିଏ ଏସବୁ କରିଛି, କହିପାରିବ ? ମୋର ଉତ୍ତରକୁ ଅପେକ୍ଷା ନ କରି ସେ କହିଗଲେ, "ବାପା ! ତୁମେ ଯାହା କୁହ ମଣିଷ ଏହା କରିନି, ଯିଏ ଆମକୁ କରିଛି, ସିଏ ଏସବୁ କରିଛି, ଅବିକଳ ଆମର ରକମ, ତେତିଶି କୋଟି ଦେବତା ଏସବୁ କରିଦେଇ ସରଗକୁ ଚାଲି ଯାଇଛନ୍ତି। ସବୁ ସେଇ ଠାକୁରଙ୍କ ନୀଳ !" ମଉସା ମାଉସୀଙ୍କ ଆଖି ଲୁହ ଝରଝର । ଭକ୍ତିରେ ମୁହଁ ଉଜ୍ଜ୍ୱଳ, କଜ୍ଜ୍ୱଳ।

ପାର୍ଶ୍ୱ ଦର୍ଶନ ପାଇଁ ତିନୋଟି ଟିକେଟ୍ କାଟିଲି। ଭିତରକୁ ଯାଇ ସିଂହାସନ ପଛ ରାସ୍ତା ଦେଇ ଗଲୁ। ଦେଖିଲି, ମଉସା, ମାଉସୀ ଝାଳରେ ଜଡ଼ସଡ଼, ଦିହ ସର୍ବାଙ୍ଗ ଥରଥର। ଗୋଡ଼ଗୁଡ଼ାକ ସେମାନଙ୍କର ଥଡ଼ବଡ଼।

ତିନି ଠାକୁରଙ୍କ ସାମନାରେ ଛିଡ଼ାହୋଇ କୁରାଢ଼ୀ ଚୋଟ ମାରିବା ଭଙ୍ଗୀରେ ସୁଭଦ୍ରାଙ୍କ ଆଡ଼କୁ ଚାହିଁ ଚୁମକରେ ମୁଁ ଜୁହାର କାମଟା ସାରିଦେଲି।

ମାତ୍ର ହଠାତ୍ ଏ କଅଣ ହେଲା ? ଆଖି ଦୁଇଟାକୁ ଝାପ୍‌ସା ଝାପ୍‌ସା ଦେଖାଗଲା କାହିଁକି ? ଜଗନ୍ନାଥ, ବଳଦେବ କୁଆଡ଼େ ଅନ୍ତର୍ହିତ ହୋଇଗଲେ ! ପରେ ପରେ ସୁଭଦ୍ରା ବି କୁଆଡ଼େ ଚାଲିଗଲେ, ତାଙ୍କ ସ୍ଥାନରେ ଛିଡ଼ାହୋଇଛି ମନ୍ଦିର ପଛ କାନ୍ଥର ସେଇ ଅଶ୍ଳୀଳ, ବିଭତ୍ସ ଯୌନ ମୂର୍ତ୍ତିଟା। ରୁଦ୍ରାଣୀ! ଚଣ୍ଡୀ! ସେଇ ଭଙ୍ଗୀରେ ଛିଡ଼ା ହୋଇ ମୋ ସମ୍ମୁଖରେ ଯେଉଁ ଭଙ୍ଗୀରେ ଛିଡ଼ାହୋଇ ମହିଷାସୁରକୁ ନିର୍ବୀର୍ଯ୍ୟ କରି ଦେଇଥିଲେ। ମୋର ଆଖି ଫୁଟିଗଲା, ଦେବୀଙ୍କ ଯୌନ ମୂର୍ତ୍ତି ମୋତେ ଦୃଷ୍ଟିହୀନ କରିଦେଲା ?

ଦଣ୍ଡେ ପରେ ପୂର୍ବାବସ୍ଥା ଫେରିଯାଇ ମଉସା ମାଉସୀଙ୍କି ଖୋଜିଲି। ସେମାନେ ଅଧିଆ ପଡ଼ିଲା ପରି, ଧାରଣା ଦେଲା ପରି, ପାଖେ ପାଖେ ଶୋଇଥାଆନ୍ତି ପାଣି ସରସର ଚଟାଣରେ। ପାଞ୍ଚମିନିଟ୍ ଗଲା, ଦଶ ମିନିଟ୍ ଗଲା, ଏ ଦି'ଟା ଉଠୁ ନାହାନ୍ତି କାହିଁକି ? ହାତ ଦେଇ ହଲାଇଲି। ହଲଚଲ ନାହିଁ। ଦିହ ସେଦାକ୍ତ, ଥଣ୍ଡା, ନାଡ଼ୀ ଖୁବ୍ ଦୁର୍ବଳ ପ୍ରାୟ ସ୍ପନ୍ଦନହୀନ। ମରିଗଲେ ନା କ'ଣ ? ଦର୍ଶନ ନ କରି ଅନ୍ନଜଳ ସ୍ପର୍ଶ ନ

Digitized by srujanika@gmail.com

କରିବାର ସଂକଳ୍ପ ଓ ମୂର୍ଖ ବୁଝାମଣାର ଫଳ । ଡ଼ର ମାଡ଼ିଲା, ଦିହେଁ ମାରାଯିବେ, ପ୍ରସାଦ ମାରାଯିବ, ଦେଉଳ ମାରାଯିବ ଏବଂ ମୁଁ ବି ମାରାଯିବି, ମନ୍ଦିର କର୍ତ୍ତୃପକ୍ଷଙ୍କ ହାତରେ ।

ସ୍ୱେଚ୍ଛାସେବକ ଲଗାଇ ଦିହିଁଙ୍କି ବାହାରକୁ ତୁରନ୍ତ ନେଇଗଲି । ପାଣି ଛିଞ୍ଚାଛିଞ୍ଚି କଲାରୁ ମୂର୍ଚ୍ଛାର ଦୁହିଁଙ୍କ ଜୀବନ ସ୍ପନ୍ଦନ ହେଲା । ଦୁହେଁ ଆଖି ଫିଟାଇ ଚାହିଁଲେ । କି ବିରାଟ ବିରାଟ ଆଖି । ମୋ ଆଖି ଫୁଟିଗଲା ପରି ଲାଗିଲା, ଅଥଚ ଯାଙ୍କ ଆଖି ଜଗାବଳିଆଙ୍କ ଆଖିପରି ବଡ଼ ବଡ଼ ଡିମା ଡିମା ହୋଇଗଲା କିମିତି ? ଜଗନ୍ନାଥଙ୍କ ଲୀଳା, ମଉସା, ମାଉସୀ କହନ୍ତେ ।

ବସାକୁ ଯାଇ ମହାପ୍ରସାଦ ସେବାପରେ ପଚାରିଲି, "ମଉସା ! ତୁମେ ଏଡ଼େ ଟାଣୁଆ ଲୋକ, ତୁମର ଏମିତି କ'ଣ ହେଲା ? ମାଉସୀ ତୁମେ ବି କିମିତି ଏମିତି ଭାଙ୍ଗି ପଡ଼ିଲ ?"

ମଉସା ପ୍ରଥମେ କହିଲେ, "କେଜାଣି ଗୋ ବାବୁ କି ହେଲା ? ମୁଁ ଯିମିତି ସାଷ୍ଟାଙ୍ଗ ହୋଇ ପଡ଼ିଯାଇଛି ମୋର ଦିହଟା ଗୁଟାଯାକ ଖାଲି ଥରିଲା, ଚେତା ବୁଡ଼ିଗଲା, ଅଳପ ଅଳପ ମନେ ପଡୁଛି ମୋତେ ଯିମିତି ଜଗନ୍ନାଥ ମୋ ଆଖି ଆଗରେ ଶ୍ରୀକୃଷ୍ଣ ପରି, ନେଳିଆ ରଙ୍ଗର ପାହାଡ଼ ରକମ, ହୋଇଗଲେ । ଆଉ ସେଇ ପାହାଡ଼ଟା ଇମିତି ବଢ଼ିଲା ଯେ ବଢ଼ିଲା ଯେ ଏକାବେଳେ ତା'ର ଅଗଟା ମେଘରେ ନାଗିଗଲା, ଯିମିତି ନୀଳିଆ ସମୁଦରଟା ମେଘରେ ନାଗିଥିଲା ସକାଳେ, ମତେ ବଡ଼ ବଡ଼ ଆଖିରେ ଚାହିଁ ପାହାଡ଼ଟା କହିଲା, 'ଗାଣ୍ଡୁ, ତର ଛୁଆ ଦରକାର, ମତେ ଛୁଆ କରି ନେ । ମର ବଡ଼ଭାଇ ସେ ପାଖରେ ଅଛି, ତାକୁ ବି ନେ, ଆମର ଭଉଣୀ କି ନଇେ ଝିଅ କର, ଦୁଇଭାଇ, ଏକ ଭଉଣୀ, ହବନି ଏତିକିରେ ?' ମତେ ମରିଗଲା ରକମ ଖୁସୀ ନାଗିଲା ।"

ମାଉସୀ ଖିଅଧରି କହିଲେ, "ଏ ବାପା ! ଏକା ରକମ ସପନ୍ ଗୋ ବାବୁ ! ମୋର ବି । ମୋର ବି ସେମିତି ଦିହ ଥରିଲା, ଚେତା ବୁଡ଼ିଗଲା, ସୁଭଦ୍ରା ଠାକୁରାଣୀ କେଡ଼େ ସୁନ୍ଦର ହଳଦିଆ ରଙ୍ଗର ଟିରିଲା ସାଜି ଗୋଟେ ଛୁଆକୁ ଦୁଧ ଖୁଆଇ ମତେ ପଚାରିଲେ, 'ତୁ ଛୁଆ ନବୁ ! ମତେ ଝିଅ କରିନେ ! ତୁ ଗଉଡୁଣୀ ଯେ, ତୁମର ଜାତିର ଯଶୋଦା ତ ସିମିତି ଛୁଆ କରିଥିଲା ମୋର ଏଇ ଭାଇକେ । ଆମର ଦୁଇଭାଇ, ଏକ ଭଉଣୀ । ଆମକେ ତିନିକେ ନେ ।' ବାପା ! କେତେ ଦୁଧ ମା ଠାକୁରାଣୀର । ସାରା ଦୁନିଆର ମା'ମାନଙ୍କର ଏତେ ଦୁଧ ଥିବନି, ସବୁ ମଣିଷ, ଜୀବଜନ୍ତୁ, ଗଛପତ୍ର ସେଇ ଦୁଧ ଖାଇ ବଞ୍ଚିଯିବେ । ଖୁସିରେ ମୋର ଦିହ ଥରିଲା, ଏଇ ଦେଖ୍‌ନା ଛାତି କିମିତି ଧଡ଼୍‌ପଡ଼୍ ଇକ୍ଷିଣି ବି ହେଉଛି ।"

ମୁଁ ଭକ୍ ଭକ୍ ଚାହିଁ ରହିଥାଏ ପାଗଳା ପାଗଳୀଙ୍କି । ସଞ୍ଜରେ ଆରତି ଦେଖିବାକୁ ଯିବା ପାଇଁ ଡ଼ାକିବାରୁ ସେମାନେ ମନାଇଲେ । କହିଲେ, "ଥରେ ଦେଖିଲେ ଯାହା, ଦଶଥର ଦେଖିଲେ ତାହା ଆମର ତ ଦରଶନ୍ ହେଇଗଲା, ଫଳ ବି ମିଳିଲା । ଆମ୍‌କେ

Digitized by srujanika@gmail.com

ରେଲରେ ବସେଇ ଦେଇ ଆସ। ଆମକୁ ଖାଲି ଟିଣ ପାତିଆର ବନ୍ଧା ତିନି ମୂର୍ତ୍ତିର ଫଟୋ ଗୁଟେ କିଣି ଦିଅ। ଆମର ବି ଆଉକିଛି ନବାର ନାହିଁ। ବାଟ ଧାରରେ ବିକ୍ରି ହଉଛି ଆସିଲାବେଳେ ଦେଖିଥିଲି।"

ମୁଁ ଟଙ୍କାଏ ମସାଏ କଣ ଦେଇ ଫଟୋଟିଏ କିଣିଦେଲି। ସେମାନେ ସେଇଟିକି ପୁଟୁଳିରେ ସମ୍ଭାଳ କରି ତ୍ରିମୀମାଳିର ତାଙ୍କ ସାନ କୁଡ଼ିଆକୁ ଫେରିଗଲେ। ସେଇ ତିନି ପୁଅ ଝିଅ (ତିନୋଟି ଯଥେଷ୍ଟ କୁଆଡ଼େ!)ଙ୍କୁ ଟିଣ ପାତିଆରେ ଆବଦ୍ଧ ରଖି ଜୀବନ କଟାଇଲେ ନା ତାଙ୍କ 'ଫେଲୋ ପିଆନ ଟ୍ୟୁବ'ର ଗଣ୍ଠି କେବେ ଫିଟିଲା ତାହା ଜଣାଯିବ ଏ ବର୍ଷ ନହେଲେ ଆରବର୍ଷ ପୂଜା ଛୁଟିକି ଗାଁକୁ ଗଲେ। କିନ୍ତୁ ମୋର ଯେଉଁ ଦୃଷ୍ଟିର ଗଣ୍ଡଗୋଳ ବିଭ୍ରାଟ ଦେଖାଦେଲାଣି ତାହା କେବେ ...... ?

# ଲାଙ୍ଗୁଳାଙ୍କ ସ୍ୱପ୍ନ

ଲାଙ୍ଗୁଳା! ତୁମେ କେତେକ'ଣ ନ କରିଛ? ଗିରିଶୃଙ୍ଗ କାଟି ସମତଳ କରିଛ, ସାଗର ଶୁଖାଇ ରସାତଳ ଦେଖିଛ, ଧରାଚ୍ଛେଦୀ ଅଭ୍ରଭେଦୀ ଶୃଙ୍ଗ ତୋଳିଛ ଯାହା କାରୁକଳାର ମହାକୀର୍ତ୍ତି ମହାମନ୍ଦିର ରୂପେ ବିଶ୍ୱବିଦିତ ବିଶ୍ୱବନ୍ଦିତ ହୋଇଛି। ସେତିକି ନୁହେଁ, ତୁମେ ବୈଦେଶିକ ଶତ୍ରୁକୁ ପରାଭବ ଦେଇଛ ତାର ସୁଦୃଢ଼ ପୋତମାନଙ୍କୁ ଚୁମ୍ବକ ବଳରେ ଟାଣି ଆଣି କୂଳରେ ବାଡ଼େଇ ଧ୍ୱସ୍ତବିଧ୍ୱସ୍ତ କରି ଏବଂ ସର୍ବୋପରି ସମୁଦ୍ରବକ୍ଷରୁ ସଦ୍ୟ ଉଦ୍‌ଭୂତ ବାଳସୂର୍ଯ୍ୟଙ୍କୁ ଆସନ ତଥା ଆଶ୍ରୟ ମଧ ଦେଇଛ। ଓଡ଼ିଆ ଜାତିର ଗର୍ବର ଧନ ତୁମର ଏ ବ୍ଲାକ୍ ପେଗୋଡ଼ା। ସାଧୁ ସାଧୁ ନରପତି! ଧନ୍ୟ ତୁମେ!

କିନ୍ତୁ ସୂର୍ଯ୍ୟବଂଶୀ ନରସିଂହ ଦେବ। ତୁମେ ଏ କଣ କଲ? ଗରିବ ପ୍ରଜାଙ୍କ ମାଢ଼ ମାଢ଼ ସୁବର୍ଣ୍ଣ ରାଜକୋଷରୁ ନେଇ ଅକାତରେ ଦରିଆରେ ଢ଼ାଳି ଦେଲ! ବାରଶ' ବଢ଼େଇଙ୍କ ବାରବର୍ଷ ଖରାତରାରେ ଖଟେଇ ତାଙ୍କରି ଲୁହଲହୁରେ ପଥର ସବୁ ଖଞ୍ଜିଲ! ସେତିକିରେ ବି ମନ ମାନିଲା ନାହିଁ। 'ବାରଶ' ବଢ଼େଇରେ ଦାୟ କି ପୁଅର ଦାୟ' ପରି ଗୁରୁ ଜଟିଳ ପ୍ରଶ୍ନର କାରୁଣ୍ୟମୟ ସମାଧାନ କରି ବାରବର୍ଷର ବୁଦ୍ଧିମନ୍ତ ସୁକୁମାର ବାଳୁତ ପୁଅକୁ ବଳି ଦେଇ ଜଳସମାଧି ଦେଲ। ଧିକ୍ ତୁମକୁ! ଶତ ଧିକ୍!

---

ସମାବେଶ, ଶାରଦୀୟ ସଂଖ୍ୟା, ସେପ୍ଟେମ୍ବର- ଅକ୍ଟୋବର ୧୯୮୦ ।

Digitized by srujanika@gmail.com

ଏତେ କଥା କଲ ଏତେ କଥା ହେଲା, କୁହ ଦେଖି ମହାରାଜ ! ଏଡ଼େବଡ଼ ରଜା ହୋଇ ବୀରଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟୋକଳ ବର୍ଗେଶ୍ୱର, ଆହୁରି କେତେ କଣ- ତୁମେ କିମିତି ଭୁଲିଗଲ ଦୂରଦୂରାନ୍ତରୁ, ଦେଶବିଦେଶରୁ ତୁମର ଏ ଅମର କୀର୍ତ୍ତି ଉପଭୋଗ କରିବାକୁ ଆସୁଥିବା ପର୍ଯ୍ୟଟକ ତୀର୍ଥଯାତ୍ରୀଙ୍କ ସୁଖ ସୁବିଧା କଥା ? ଏଡ଼େ ବଡ଼ ମନ୍ଦିରର ପାଦଦେଶରେ, ଚତୁପାର୍ଶ୍ୱରେ କାହିଁ ଟିକିଏ ଛାଇର ବି ବ୍ୟବସ୍ଥା ନାହିଁ ।

ସୂର୍ଯ୍ୟଦେବ ! ଦେବତା ହୋଇ ତୁମର ବି ମଣିଷ ଜାତି ପ୍ରତି ଟିକିଏ ଦୟାମାୟା ନାହିଁ ! ଆସନ୍ନ ଯୌବନର ମାଦକତା ସହିତ ପ୍ରଭୁତ୍ୱ, କ୍ଷମତାର ମୋହ ତୁମକୁ ଅତ୍ୟାଚାରୀ କରିଛି । ତୁମେ ମୋତେ କେତେ ସନ୍ତପ୍ତ ହନ୍ତସନ୍ତ ନ କରିଛ ! ଦୁଇଘଣ୍ଟା କାଳ ତୁମର ଏ ମନ୍ଦିର ପରିକ୍ରମା କରି ଗୁଡ଼ାଏ ନଗ୍ନ ଅଶ୍ଳୀଳ ଯୌନ ମୂର୍ତ୍ତି, ଭଙ୍ଗୀ ଦେଖି ଦେଖି ମଣିଷ ଥକିଗଲାଣି, ଦିପହରଟାରେ ଭୋଦୁଅର ମୁଣ୍ଡଫଟା ଖରାରେ । ଦେଖୁଛି, ତୁମେ ରଜା ଯିମିତି ଅପରିଣାମଦର୍ଶୀ । ତୁମେ ବି ସିମିତି ବିଚାରବିବେକହୀନ । ବେଶ୍ ତୁମେ ଥାଅ, ତୁମ ମନ୍ଦିର ବି ଥାଉ । ମୁଁ ଟିକିଏ ଛାଇ ସନ୍ଧାନରେ ଯାଉଛି ।

ପ୍ରଧାନ ପ୍ରବେଶଦ୍ୱାର ଅତିକ୍ରମ କରି ଶେଷ ପାହୁଚକୁ ଉଠି ଚାରିଆଡ଼େ ଚାହିଁଲି କେଉଁଠି ଛାଇଥିବ । ଦେଖିଲି, ଦୂରରେ ଯେଉଁଠି ବିରାଟ ପାଚେରୀ ବେଢ଼ର ଦକ୍ଷିଣ ଓ ପଶ୍ଚିମ କାନ୍ଥ ମିଶିଛି ସେହି କୋଣରେ ଗଛଟାଏ । ପୋଲାଙ୍ଗ ବା ବରଗଛ ହୋଇଥିବ, ଯାହାର ଗୋଟାଏ ଡ଼ାଳ ମନ୍ଦିରମୁହାଁ ଲମ୍ବିଯାଇ ବେଢ଼ା କାନ୍ଥର ସଂଗମ ସ୍ଥଳକୁ ଛାୟା ଶୀତଳ କରିଛି । ଲକ୍ଷ୍ୟକଲି, ସେଇ ଛାଇରେ ଧଳା ଶାଗୁଣା (Culture Vulture?) ପରି କିଏ ଜଣେ ବସିଛି । ତା' ଆଗରେ ମଶାଣି ଖଟ ପରି କଣଟାଏ ଥୁଆହୋଇଛି, ପାଖରେ ପୁରୁଣା ପଚା ମଢ଼ ପରି କଣ ଗୁଡ଼ାଏ । ପାଖକୁ ଯାଇ ଦେଖିଲି ଜଣେକ ଅଜ୍ଞାତ ପୁରୁଷ ନିର୍ନିମେଷ ନୟନରେ ଚାହିଁ ରହିଛନ୍ତି ତାଙ୍କ ସନ୍ମୁଖରେ କେନ୍‌ଭାସ୍‌କୁ, ଚିତ୍ରପଟକୁ ।

ଦିବ୍ୟ ପୁରୁଷ, ଦିବ୍ୟ ବପୁ । ପରିଧାନ ଖୁବ୍ ଧଳା ପତଳା ଧୋତି । ଅଙ୍ଗବରଣରେ ଅଧିକତର ଶୁଭ୍ର ପତଳା ଉତ୍ତରୀୟ । ଓଠରେ ନିର୍ମଳ ନିଖୁଣ ଜଟା ଫ୍ରେଞ୍ଚ୍ ଶ୍ମଶ୍ରୁ । ତାଙ୍କ ପାଖରେ ଆସନ ଉପରେ ଗୁଡ଼ାଏ ରଙ୍ଗ ପାତ୍ର ଓ ଗୁଡ଼ାଏ ତୂଳୀ । ବଡ଼ ଥାର୍ମୋସ ଗୋଟାକରେ ବୋଧହୁଏ ଚା' । ପାଖକୁ ଲାଗି ସିଗାରେଟ୍ ଟିଣ, ଟିଣ ଉପରେ ଲାଇଟର ।

ଛାଇ ପର୍ଯ୍ୟନ୍ତ ବେପୁରଆ ଚାଲିଯାଇ ଅଠା ଅଠା ଲାଗୁଥିବା ଆଖି ଦୁଇଟାକୁ ରୁମାଲରେ ପୋଛି ପୋଛି ସମ୍ମୁଖ ଛବିକୁ ଅନାଇଲି । ମୋ ଆଗରେ ବର୍ତ୍ତମାନ ଯୋଡ଼ାଏ କୋଣାର୍କ । ଗୋଟାଏ ପ୍ରାୟ ଦୁଇଶହ ଗଜ ଦୂରରେ, ଅନ୍ୟଟି ଦୁଇଗଜ ସାମନାରେ ।

Digitized by srujanika@gmail.com

ଗୋଟିଏ ଅନ୍ୟଟିର ଅବିକଳ ପ୍ରତିଛବି। ଅର୍ଥାତ୍ ଛବି ଦେଖି ପାଷାଣଶିଳ୍ପୀ ମନ୍ଦିର ଗଢ଼ିଛି ବା ମନ୍ଦିର ଦେଖି ରଙ୍ଗଶିଳ୍ପୀ ଛବି ଆଙ୍କିଛି କହି ହେବ ନାହିଁ।

ମୁଁ ଚୁପ୍‌ଚାପ୍ ଛିଡ଼ାହୋଇ ଛାଇ ଉପଭୋଗ କରୁଥାଏ ଓ ସାମନା ଛବିକି ଚାହିଁଥାଏ। ଦଣ୍ଡେ ପରେ ନୀରବତା ଭାଙ୍ଗି ମୋ ଆଡ଼କୁ ନ ଚାହିଁ ମୃଦୁ ଗଳାରେ ଶିଳ୍ପୀ ପଚାରିଲେ, "ଏଠାକୁ କାହିଁକି ଆସିଲେ ?"

"ଛାଇ ଖୋଜି ଖୋଜି, ମନ୍ଦିରର ଚାରିପଟେ କାହିଁ ଛାଇ ନାହିଁ କି ସେ ବିଶ୍ୱବିଖ୍ୟାତ ଘୋଡ଼ାଟାର ପେଟତଳେ ବି ଛାଇ ନାହିଁ।" ଏକା ଗାହାରେ କହିଗଲି।

ଶିଳ୍ପୀ ସାମାନ୍ୟ ତାଚ୍ଛଲ୍ୟଭରା କଣ୍ଠରେ ମଧୁର ସ୍ମିତ ଓଠରେ ଫୁଟାଇ ମୋରି କଥା ପୁନଃ ଉଚ୍ଚାରଣ କଲେ ମୋରି ସ୍ୱର ଅନୁକରଣ କରି "ଛାଇ ଖୋଜି ଖୋଜି।" କିନ୍ତୁ ତଦଣ୍ଡେ କହିଲେ, "ବସନ୍ତୁ", ମୁଁ କିନ୍ତୁ ଛିଡ଼ାହୋଇ ରହିଲି।

ପଚାରିଲେ "ଆପଣ ମନ୍ଦିର ଦେଖୁଥିଲେ ନା ଖାଲି ଛାଇ ଖୋଜୁଥିଲେ ?"

ଉତ୍ତରରେ ମୁଁ କହିଲି, "ମନ୍ଦିରରେ ଅବା ଦେଖିବାର କଣ ଅଛି ? ଖାଲି ସେଇ ଏକା। ରାଶି ରାଶି ଅଶ୍ଳୀଳ ଛବି, ଘୋର ଅଶ୍ଳୀଳ ଯୌନ ସଂକେତ, ଭଙ୍ଗୀ, ସବୁ ଏକା ପରି, ଦେଖିବାର କଣ ଅଛି ? ବଡ଼ ବିରକ୍ତିକର।"

"ମୋ ଛବିଟା କେମିତି ଲାଗୁଛି ?"

"ମନ୍ଦ ନୁହେଁ।" ଦଣ୍ଡେ ରହି ପୁଣି କହିଲି 'ଭଲ।'

"ମୋ ଛବିରେ ବି ଅଶ୍ଳୀଳ ଛବି ସବୁ ଆପଣ ଦେଖି ପାରୁଛନ୍ତି ? ମନ୍ଦିରଟା କଣ କେବଳ ଅଶ୍ଳୀଳତାର ପୀରାମିଡ୍ ଭାବିଛନ୍ତି ? ତାର ଅନ୍ୟ ରୂପ ଅନ୍ୟ ପରିଚୟ ନାହିଁ ? ଯୌନଜଗତ୍ ବାହାରେ ଆପଣଙ୍କ ନିଜର ପରିଚୟ ଅସ୍ତିତ୍ୱ ଅଛି ତ ?"

ତାଙ୍କ କଥାର ବାଗ ଇଙ୍ଗିତ ବୁଝିବାରେ ମୋତେ କଷ୍ଟ ହେଲା। ତଥାପି ତାଙ୍କଠାରୁ ସାହାସ ଉତ୍ସାହ ପାଇ କୌତୂହଳ ଚରିତାର୍ଥ କରିବା ପାଇଁ ତାଙ୍କ ବ୍ୟକ୍ତିଗତ ଜୀବନ ସଂକ୍ରାନ୍ତରେ ନାନା ପ୍ରଶ୍ନ କଲି। ଜାଣିଲି, ସେ ଜଣେ ଶିଳ୍ପୀ କଳା ପାଇଁ ତାଙ୍କ ଜୀବନ ଉତ୍ସର୍ଗୀକୃତ । ସେ ତାଜମହଲ, ଖଜୁରାହୋ, ଲିଙ୍ଗରାଜ, ଜଗନ୍ନାଥ, ଏପରିକି ଚିଲିକାର ଛବି ମଧ୍ୟ ଆଙ୍କିଛନ୍ତି। ଛବି ବିକନ୍ତି ମଧ୍ୟ । ତାଙ୍କ ମତରେ ଛବିର ମୂଲ୍ୟ କୁଆଡ଼େ ଗରାଖ ଉପରେ ନିର୍ଭର କରେ। ସେ ଅନେକ ଦିନ ହେଲା ଘରଦ୍ୱାର। ସ୍ତ୍ରୀ ପିଲାପିଲିଙ୍କି ଛାଡ଼ିଲେଣି। ପ୍ରସଙ୍ଗ କ୍ରମେ ଜାଣିଲି ତାଙ୍କ ସ୍ତ୍ରୀ ତାଙ୍କୁ ଛାଡ଼ପତ୍ର ଦେଇଛନ୍ତି।

ପଚାରିଲି, ଘରଦ୍ୱାର ସଂସାର ଛାଡ଼ିଲେ କାହିଁକି ? କଳାର ଦ୍ୱାହି ଦେଇ ବାରବୁଲା ଜୀବନ କଟାଇବାକୁ କଣ ଭଲ ଲାଗୁଛି ?

ସେ କହିଲେ, 'ବୁଦ୍ଧ, ଚୈତନ୍ୟ, ଗାନ୍ଧୀଙ୍କୁ ପଚାରିବେ, ଆପଣଙ୍କ ବିଶୁ ମହାରଣାଙ୍କୁ ପଚାରିବେ, ଲାଙ୍ଗୁଳାଙ୍କୁ ବି ପଚାରି ପାରନ୍ତି।"

ପଚାରିଲି, "ଛବିଅଙ୍କା ତ ସରିଗଲାଣିଏ ଏଠି ଆଉ କାହିଁକି ବସିଛନ୍ତି ?"

Digitized by srujanika@gmail.com

ସେ କହିଲେ, "ଛବି ଅଙ୍କା ମୋଟେ ସରିନାହିଁ। ଆପଣ ଶିଳ୍ପୀ ନୁହଁନ୍ତି, କଳାର ଧାର ଧାରନ୍ତି ନାହିଁ, ଶିଳ୍ପୀର ମନ ଓ ଭାଷା ବୁଝିପାରିବେ ନାହିଁ। ମୁଁ ଆଉ ଗୋଟିଏ ମାତ୍ର ପରମ ମୁହୂର୍ତ୍ତକୁ ଅପେକ୍ଷା କରିଛି, ଏକ ସ୍ୱର୍ଗୀୟ ମୁହୂର୍ତ୍ତକୁ, ତାହା କେତେବେଳେ ଆସିବ କିଏ କହିବ ?

ଆମର କଥାବାର୍ତ୍ତା ଏତିକିରେ ଅକସ୍ମାତ ବନ୍ଦ ହୋଇଗଲା। ଖଣ୍ଡିଏ ଚଲାମେଘ ପାଚେରୀ କାନ୍ଥକୁ ଲାଗି ବାଢ଼ିଥିବା ଦୀର୍ଘାକୃତି ଝାଉଁଗଛର ବହୁତ ଉପର ଦେଇ ଏତିକିବେଳେ ନୀଳ ଆକାଶରେ ଭାସି ଯାଉଥାଏ ତରବର ହୋଇ। ଶରତର ଯିମିତି ସେଇଟା ଶେଷ ମେଘ, ସାଙ୍ଗସାଥୀଙ୍କି ଧରିବା ପାଇଁ ଧାଇଁଛି।

ଶିଳ୍ପୀ ତାକୁ ଯିମିତି ଦେଖି ଦେଇଛନ୍ତି ସିମିତି ତାଙ୍କ ଚେହେରା ଓ କାମରେ ଅଭାବନୀୟ ପରିବର୍ତ୍ତନ ଘଟିଗଲା। ତାଙ୍କ ଚକ୍ଷୁ ଓ ଅଙ୍ଗୁଳି ଚଞ୍ଚଳ ହୋଇଉଠିଲେ। ବାଘ ଯିମିତି ସଟା ଫୁଲାଇ ଆଖିରୁ ନିଆଁ ବାହାର କରି ସାମନା ଶିକାର ଉପରେ କୁଦି ପଡ଼େ ଶିଳ୍ପୀ ସେମିତି ରୂପ କରି ତୂଳୀ ଧଇଲେ। ତାଙ୍କ ଆଖି ବିସ୍ଫାରିତ, ବିଜୁଳି ଗତିରେ ଥରେ ଉପରକୁ ଥରେ ତଳକୁ। ଚୂଳଗୁଡ଼ାକ ଠିଆ ଠିଆ। ଏକ ଦିବ୍ୟ ଆନନ୍ଦ ଓ ଉନ୍ମାଦନା ତାଙ୍କୁ ଗ୍ରାସିଛି ଯିମିତି। ମୁଁ ତାଙ୍କୁ ଚାହିଁ ପାରିଲି ନାହିଁ। ଡ଼ର ମାଡ଼ିଲା। ଚାହିଁଲି ମନ୍ଦିର ଆଡ଼କୁ।

ଚଲା ମେଘଟା ସେତେବେଳେ ମନ୍ଦିରଚୂଡ଼ାକୁ ଖୁବ୍ ଉଚ୍ଚରେ ଥାଇ ସ୍ପର୍ଶ କରିବାକୁ ଯାଉଥାଏ। ମୋତେ ତତ୍‌କ୍ଷଣେ ଜଣାଗଲା ଯିମିତି ସୂର୍ଯ୍ୟଦେବ କ୍ଷଣଟିଏ ମନ୍ଦିର ଉପରେ ରହିଗଲେ ଏବଂ ଏପାଖ ସେପାଖ ଅନାଇ ଦେଖିଲେ ଅଦୂରର ଲିଙ୍ଗରାଜ ଓ ଜଗନ୍ନାଥ ମନ୍ଦିରଆଡ଼କୁ। ତାପରେ ହଠାତ୍ ଝୁଙ୍କିପଡ଼ି ଛୋଟ ପିଲାଟିଏ ବାଟରେ ପଡ଼ିଥିବା ଅତି ଆଦରର ଖେଳନାକୁ ଏଣେତେଣେ ଚାହିଁ ଚୋରଙ୍କ ପରି ଗୋଟାଇ ନିଏ ଯେମିତି, ସିମିତି ଭଙ୍ଗୀରେ ଆଖି ପିଛୁଳାକେ ବିରାଟ ମନ୍ଦିରଟାକୁ ଅନ୍ତରୀକ୍ଷକୁ ଟେକି ନେଇଗଲେ; ପାଖରେ ଯେଉଁ ବିରାଟ ଘୋଡ଼ାଟା ଥିଲା ତାହା ଆପେ ଆପେ ରଥରେ ଯୋଚି ହୋଇଗଲା। ପରେ ପରେ ଆଉ ଛଅଟା ଘୋଡ଼ା ବି କୁଆଡ଼ୁ ଆସି ମିଶିଲେ। ସାତରଙ୍ଗର ସାତଘୋଡ଼ା । ରଙ୍ଗଭେଦରେ ତାଙ୍କ ଅକ୍ଷରଗୁଡ଼ାକ ନାଲାହଶାନୀଘବା।

ରଥଟା ଉପରକୁ ଉଠିବାର ଯିମିତି ଦେଖି ଦେଇଛି ମୋର ଗୋଡ଼ ଦୁଇଟା ଭୂଇଁରୁ ଉଠିଗଲା। ମୁଁ ଶୂନ୍ୟରେ ଥାଏ, ମୋର ଆଖି ନିବଦ୍ଧ ଥାଏ ମେଘ ଆଢୁଆଳର ସୂର୍ଯ୍ୟ ଓ ମନ୍ଦିରରେ। ମେଘ ଧୀରେ ଧୀରେ ଯେତିକି ପୂର୍ବକୁ ଅପସରି ଯାଉଥାଏ ରଥଟା ମଧ ଧୀରେ ଧୀରେ ସେତିକି ପଶ୍ଚିମକୁ ଚାଲିଥାଏ। ମେଘର ଗତି କ୍ରମେ ଦ୍ରୁତ ହେଲା, ଦ୍ରୁତରୁ ଦ୍ରୁତତର, ଦ୍ରୁତତମ ହେଲା। ଯେଉଁ ବିରାଟ କୋଣାର୍କ ଚକ୍ର କେହି କେବେ ଘୂରିବାର ଦେଖିନାହିଁ ତାହା ପ୍ରଚଣ୍ଡ ଅଭାବନୀୟ ଗତିରେ ଘୂରିବାର ଦେଖିଲି।

Digitized by srujanika@gmail.com

ସେଗୁଡ଼ାକର କର୍ଣ୍ଣବିଦାରକ ଘୂର୍ଣ୍ଣନ ଶବ୍ଦରେ ଆକାଶ ମୁଖରିତ ହେବାର ସ୍ପଷ୍ଟ ଶୁଣିଲି। ଦୂରରୁ ମେଘର ଶବ୍ଦ ପରି ବା ଜେଟ୍‌ପ୍ଲେନ୍‌ର ନଭୋମଣ୍ଡଳରୁ ଆସୁଥିବା ଘୁଁ ଘୁଁ ଶବ୍ଦ ପରି ମୋତେ ଶୁଭୁଥାଏ। ସାତଘୋଡ଼ାର ସାତରଙ୍ଗ ଏକାଠି ମିଶି ମରକତ ପଦ୍ମରାଗ ଇନ୍ଦ୍ରନୀଳ ବୈଦୁର୍ଯ୍ୟ ଆଦି ମଣି ରଙ୍ଗର ଅପୂର୍ବ ସମ୍ମିଶ୍ରଣରେ କେବଳ ସୂର୍ଯ୍ୟକିରଣ ପରି ଗୋଟାଏ ସଫେଦ୍ ରଙ୍ଗ ଦିଶୁଥାଏ।

ମେଘର ଗତି ସହିତ ତାଳଦେଇ ମନ୍ଦିରଟା ଗୋଟାଏ ବିରାଟ ଉଲ୍‌କା ପରି ପଶ୍ଚିମକୁ ଛୁଟୁଥାଏ। ଗୋଟାଏ ବିରାଟ ଅଗ୍ନିପିଣ୍ଡୁଳା ପରି ରଥ ମନ୍ଦିରର ଅପ୍ରମେୟ ଦ୍ୟୁତି। ହଜାର ହଜାର ମାଇଲବ୍ୟାପୀ ଲେଲିହାନ ଗ୍ରାସମାନ ପ୍ରଜ୍ୱଳିତ ଦୀପ୍ତାନଳ ଦ୍ୟାବାପୃଥିବୀକୁ ଯୁଗପତ୍ ଆଲୋକିତ କରିଥାଏ। ଚମତ୍କୃତ ଓ ହତବାକ୍ ହୋଇ କେହି କେବେ ଦେଖି ନଥିବା ଦୃଶ୍ୟ ମୁଁ ଦେଖୁଥାଏ ଏବଂ ମନେ ମନେ କହୁଥାଏ, ଭୂୟୋଽପି ନମୋନମସ୍ତେ। ପୂର୍ବ ସନ୍ଧ୍ୟାରେ ବିଦ୍ୟୁଦାଲୋକରେ ଉଦ୍ଭାସିତ ମନ୍ଦିର ଠାରୁ ଲକ୍ଷ କୋଟି ଗୁଣ ରୁଦ୍ରସୁନ୍ଦର ଏ ଆଗ୍ନେୟ ସୂର୍ଯ୍ୟ ମନ୍ଦିର।

ମେଘ ଧୀରେ ଧୀରେ ପୂର୍ବ ଦିଗ୍‌ବଳୟ ସ୍ପର୍ଶ କଲା। ସୂର୍ଯ୍ୟ ରଥ ମଧ୍ୟ ଆକାଶ ଯାନ ପରି ଧୀରେ ଧୀରେ ଅସ୍ତାଚଳ ସ୍ପର୍ଶ କଲେ। ରଥଚକ୍ରଗୁଡ଼ାକ ଘୂର୍ଣ୍ଣନ ସ୍ଥଗିତ ହେଲା, ସପ୍ତାଶ୍ୱ ପୃଥକ୍ ପୃଥକ୍ ହୋଇ ବାରୁଣୀ ଦିଗକୁ ଇନ୍ଦ୍ରଧନୁ ରଙ୍ଗରେ ରଂଜିତ କଲେ। ମେଘ ଚାଲିଗଲା ସୂର୍ଯ୍ୟଦେବ ଚାଲିଗଲେ। ମୋର ପାଦ ଯୋଡ଼ିକ ପୁଣି ଭୂଇଁକି ଛୁଇଁଲେ। ଦେଖିଲି: ସାମନାରେ ସେଇ କୋଣାର୍କ ମନ୍ଦିର ଯେଉଁଠି ଅଳ୍ପକାଳ ପୂର୍ବେ ମୁଁ ଛାଇ ଖୋଜୁଥିଲି, ଆଉ ଅଦୂରରେ ସେଇ ବିଶ୍ୱବିଖ୍ୟାତ କୋଣାର୍କ ଅଶ୍ୱ। ଗୋଟିଏ ରଙ୍ଗୀନ୍ ସ୍ୱପ୍ନ ବା ଦିବ୍ୟଛବି କେତେବେଳେ ଆସି କୁଆଡ଼େ ଉଭେଇଗଲା। ମାତ୍ର କେତୁଟା ମୁହୂର୍ତ୍ତର ଏ ଅନୁଭୂତି।

ଏଥର ଚାହିଁଲି ଶିଳ୍ପୀଙ୍କୁ। ତାଙ୍କ ମୁହଁରେ ସନ୍ତୁଷ୍ଟି, ପରିତୃପ୍ତି ଓ ଆନନ୍ଦର ଏକ ଦିବ୍ୟ ଆଭା ଉକୁଟି ଉଠୁଥାଏ। ଯିମିତି ସଦ୍ୟ ସେ ସ୍ୱର୍ଗଲୋକରୁ ଓହ୍ଲେଇଛନ୍ତି ମସ୍ତକରେ ଏକ ଜ୍ୟୋତିର୍ବଳୟ ଧରି। ବିସ୍ମିତ ହୋଇ ତାଙ୍କ ଛବିକି ଚାହିଁଲି। ଦେଖିଲି, ଯେଉଁ ଚଲା ମେଘଖଣ୍ଡି ପୂର୍ବ ଦିଗ୍‌ବଳୟରେ ଲୁଚି ଯାଇଥିଲା ତାହା ଆସି ଛବିରେ କେତେବେଳେ ଲାଖିଯାଇଛି। ଆହୁରି ଆଶ୍ଚର୍ଯ୍ୟ କଥା; ଛବିରେ ମେଘ ଚାଲିଛି, ଚକ ଘୁରୁଛି, ଘୋଡ଼ା ଛୁଟିଛନ୍ତି, ସୂର୍ଯ୍ୟଙ୍କ ବାରୁଣୀ ଅଭିଯାନ ଅବ୍ୟାହତ ରହିଛି। ଯେଉଁ ଛବି ଦଣ୍ଡେ ଆଗରୁ ସ୍ଥିର ଓ ମୃତ ଥିଲା ତାହା ଚଞ୍ଚଳ, ଜୀବନ୍ତ ଏପରି କି ବାଙ୍ମୟ ହୋଇଯାଇଛି। ମୁହୂର୍ତ୍ତ ହୋଇଛି ଶାଶ୍ୱତ ଚିରନ୍ତନ ଏବଂ ସୌନ୍ଦର୍ଯ୍ୟ ସତ୍ୟ ସନାତନରେ ପରିଣତ ହୋଇଛି। ଏଇ ତ ମୋ ଆଗରେ ସେଇ କୋଣାର୍କ ମନ୍ଦିର ଯାହା ସୂର୍ଯ୍ୟଦେବଙ୍କୁ ନେଇ ଆକାଶରେ ଉଡୁଛି ଅସ୍ତାଚଳ ଅଭିମୁଖରେ।

Digitized by srujanika@gmail.com

ବୁଝିଗଲି ଶିଳ୍ପୀ ଏଇ ଦିବ୍ୟମୁହୂର୍ତ୍ତର ଅପେକ୍ଷା କରୁଥିଲେ ଏତେ ଦିନ ଧରି। ଆହୁରି ବୁଝିଲି, ଅପାର୍ଥିବ ଉନ୍ମାଦନାରେ ଲାଙ୍ଗୁଳା ଭୌତିକ ବିଚାରକୁ ତୁଚ୍ଛ କରି ଯେଉଁ ସ୍ୱପ୍ନ ଦେଖିଥିଲେ କଳିଙ୍ଗ ଶିଳ୍ପୀଗଣ ତାକୁ ଯିମିତି ପାଷାଣରେ ରୂପ ଦେଲେ ମୋ ସମ୍ମୁଖରେ ଶିଳ୍ପୀ ତୁଳି ସାହାଯ୍ୟରେ ଆଙ୍କିଦେଲେ ସେଇ ସ୍ୱପ୍ନକୁ କେନଭାସ୍‌ରେ ଜୀବନ ଅପେକ୍ଷା ଅଧିକ ଜୀବନ୍ତ ଓ ସମଧିକ ବୃହତ୍ତର କରି। ଆଉ ମୋ ପରି କଳାନଭିଜ୍ଞ ଅଧମ, ଶିଳ୍ପୀଙ୍କ ସମ୍ବେଦନଶୀଳ ସଂସ୍ପର୍ଶ ଓ ସାହଚର୍ଯ୍ୟରେ ଅନୁଭବ କରିପାରିଲା ଏକ ଇନ୍ଦ୍ରିୟାତୀତ ଅବର୍ଣ୍ଣନୀୟ ବର୍ଣ୍ଣାଢ୍ୟ ଦୃଶ୍ୟ।

ଶିଳ୍ପୀ ଓ ମୁଁ ପରସ୍ପରଙ୍କୁ ଚାହିଁଲୁ। ନୂଆ ଦୁନିଆର ନୂଆ ନୂଆ ରୂପରେ ଯିମିତି ଆମର ଭେଟଘାଟ।

ପଚାରିଲି "ଛବିଟା ମୋତେ ଦେବେ ? କିଣି ନିଅନ୍ତି।"

ସେ ଟିକିଏ ତାଚ୍ଛଲ୍ୟ ମିଶା କଠୋର ଗଳାରେ କହିଲେ, "ଛବି ରଖିବାର ଯୋଗ୍ୟତା ପ୍ରଥମେ ଅର୍ଜନ କରନ୍ତୁ। ତାପରେ ଛବି କିଣିବେ। ଛବିଗୁଡ଼ାକ କ'ଣ ଫିକ୍ସଡ୍ ଡ଼ିପୋଜିଟ୍, ବେଙ୍କ ବେଲାନ୍ସ ବା ବ୍ଲାକ୍‌ମନି ବିନିଯୋଗ ପାଇଁ ନା ଅର୍ଦ୍ଧମୃତ ଶିଥିଳ ଇନ୍ଦ୍ରିୟଙ୍କୁ ଜାଗ୍ରତ ଓ କର୍ମତତ୍ପର କରିବା ପାଇଁ ?"

ଦଣ୍ଡେ ରହିଯାଇ ପୁଣି ଅନର୍ଗଳ କହିଗଲେ, "ଦେଖନ୍ତୁ, ଛବି ଆପଣଙ୍କୁ ଦେବାରେ ବା ବିକିବାରେ ମୋର ଆପତ୍ତି ନାହିଁ, କାରଣ ଛବି ଆଙ୍କିବା ଓ ବିକିବା ମୋର ପେଶା ! ମାତ୍ର ମୋର ଭୟ ହେଉଛି ଆପଣ ମୋର ଛବିର ମନ୍ଦିରରେ ବି ସେଇ ଛାଇ ଖୋଜି ବସିବେ, ଯେମିତି ଦଣ୍ଡେ ଆଗରୁ ଲାଙ୍ଗୁଳାଙ୍କ ସ୍ୱପ୍ନରୁ ଛାଇ ଖୋଜୁଥିଲେ। ବଡ଼ ବିଚିତ୍ର ଲୋକ ଆପଣଙ୍କ ପରି କଳାପ୍ରେମୀମାନେ, କାହିଁରୁ କଣ ଖୋଜିବାକୁ ହୁଏ ଜାଣନ୍ତି ନାହିଁ ଅଥଚ ମନ୍ଦିର ଦେଖିବାକୁ ଆସନ୍ତି। ଦେବତାର କଣ ଛାଇ ପଡ଼େ ? ମନ୍ଦିରର ଛାଇ ଆସିବ କୁଆଡୁ ? କେମିତି ଆପଣଙ୍କୁ ବୁଝାଇବି ଯେ ଏ ମନ୍ଦିରଟା ମନ୍ଦିର ନୁହେଁ, ଏହା ଏକ ବିଦେହୀ ଅସ୍ତିତ୍ୱ ... ଫୁଲର ସୌରଭ ପରି, ସଂଗୀତର ସଙ୍କାର ପରି, ମହାକାବ୍ୟର ଆତ୍ମା ପରି।"

ମୁଁ ଅତିମାତ୍ରାରେ ଲଜ୍ଜିତ ହେଲି ଏବଂ ଏ ନିଗୂଢ଼ କଳାତତ୍ତ୍ୱରେ ମୁଣ୍ଡ ନ ଖେଳାଇ ପୁଣି ମନ୍ଦିର ଦେଖିବାକୁ ଚାଲିଗଲି। କାଳେ ଦେବତାମନ୍ଦିରର ଅନ୍ୟ ଏକ ବିଭାବ ଅବତାର ଦିଶିଯିବ।

ଆଉ ଛାଇ ଖୋଜୁନଥିଲି।

Digitized by srujanika@gmail.com

# ଏକ ବୃତ୍ତାନ୍ତ : ସରସ୍ୱତୀ କୁଣ୍ଡୁର

ମଙ୍ଗଳବାର ଗଲା, ବୁଧବାର ଗଲା, ଗୁରୁବାର ଶୁକ୍ରବାର ଯାଇ ଆଜି ଆସି ଶନିବାର ହେଲା । ତଥାପି ସରସତୀ କୁଣ୍ଡୁ ପାଖରୁ ଚିଠି ଆସିଲା ନାହିଁ, ସେ କ'ଣ ମୋ ଠିକଣା ଭୁଲିଗଲା ? ନା ମୋ ଦେଇଥିବା ଠିକଣା ଯଥେଷ୍ଟ ହେଲାନି ପୋଷ୍ଟ ଅଫିସ୍ ପକ୍ଷରେ ?

ଠିକଣାଟା ତ ତାକୁ ଶୁଆ ଚଢ଼େଇକି ପଢ଼ାଇଲା ଘୋଷାଇଲା ପରି ବାରମ୍ବାର କହିଥିଲି । ହନୁମନ୍ତ ଶତପଥୀ, ବାଲେଶ୍ୱର । ସେ ବାରମ୍ବାର ଧୀରେ ଧୀରେ ଗୋଟିକି ଗୋଟିଏ ଅକ୍ଷର କେଡ଼େ ନରମ ଗଳାରେ କହିଥିଲା ହ-ନୁ-ମ-ନ୍ତ-ଶ ... ତାପରେ ଭୁଲିଗଲା । ମୁଁ ପୁଣି ଆରମ୍ଭ କଲି ମୂଳରୁ "ହନୁମନ୍ତ ମନେ ରହିବ ତ ?" ସେ କହିଲା "ହଁ । ପୁଣି କହିଲି- କିମିତି ମନେ ରଖିବୁ ? ସେ କହିଲା "ଏଇ ଯେ ଗଛରେ ରହନ୍ତି ହନୁମାନ ପୋଡ଼ାମୁହାଁ ବାନ୍ଦର !" ମୁଁ କହିଲି "ହନୁମାନ ନୁହେଁ ହନୁମନ୍ତ, ବସନ୍ତ ପରି ।" "ମନେ ଥାକ୍‌ବେ ମନେ ଥାକ୍‌ବୋ" ସେ କହିଲା ଏବଂ ସ୍ପଷ୍ଟରୂପେ 'ହନୁମନ୍ତ' ଉଚ୍ଚାରଣ କଲା । ପାଗଳୀ ପରି ସେ କେତେବେଳେ ଖାଣ୍ଟି ବଙ୍ଗଳା, କେତେବେଳେ ପୂରା ଓଡ଼ିଆ, କେତେବେଳେ ପୁଣି ବଙ୍ଗଳା ଓଡ଼ିଆ ମିଶା କଥା କହୁଥାଏ ।

"ଶତପଥୀ ମନେ ରହିବ ?" ପୁଣି ଶିଖାଇବାକୁ ଆରମ୍ଭ କଲି । "ଶତପଥୀ, ଶତପଥୀ!" ସେ କହିଲା- "ହଁ । ନିଶ୍ଚୟ, "ପତି" ମାନେ ସ୍ୱାମୀ, ସତ୍ ମାନେ ?" ମୁଁ ଚିଡ଼ିଯାଇ କହିଲି ସତ୍ ମାନେ ଶଠ, ଶତପଥୀମାନେ ଶଠ ବା ଠକଙ୍କର ଓସ୍ତାଦ୍ ଯେଉଁ ସ୍ୱାମୀ ।" ସେ କହିଲା "ବାବା ! ଏକି ଗାଁ ଗୋ ? ଜରୁର ମନେ ରହିବ । ହନୁମନ୍ତ ଶଠପତି, ଏଇତ ?" "ବାଲେଶ୍ୱର ମନେ ରହିବ ?" "ଏକଟା ଷ୍ଟେସନ୍ ତ ! ମନେ ଥାକ୍ ବେ ।" ମନେ ମନେ ଦୁଇ ପାଞ୍ଚଥର କହିଲା, "ହନୁମନ୍ତ ଶଠପତି, ବାଲେଶ୍ୱର ।" ସାଙ୍ଗେ ସାଙ୍ଗେ ଟିକିଏ ବଡ଼ ପାଟିରେ କହିଲା, "ବାସ୍ ! ଏତିକି ? ବାଡ଼ିର ଠିକାନା ? କୋନ୍ ଷ୍ଟ୍ରୀଟ୍ ? ଏତେ ଚିଠି ପୌଞ୍ଚବେ ?"

ମୁଁ ତାକୁ ପୂରା ଠିକଣା ଦେବା ପାଇଁ ଦ୍ୱିଧା କଲି । କାଳେ ତା ଚିଠି କିଏ ଖୋଲିଦେବ ଯଦି ଅବଶ୍ୟ ସେ ପ୍ରକୃତରେ କଥାକୁ ଗୁରୁତ୍ୱ ଦିଏ ମୁଁ ଧରାପଡ଼ିଯିବି । ଖଣ୍ଡିଆ ଠିକଣା ହେଲେ ଚିଠି ମୋଟେ ପହଞ୍ଚିବ ନାହିଁ । ତେଣୁ ତାକୁ ବୁଝାଇଦେଲି, 'ଏଇ ଠିକଣା ଯଥେଷ୍ଟ, ମୁଁ ଜଣେ ନାମଜାଦା ଲୋକ ସହରରେ, ପୋଷ୍ଟମେନ, ରିକ୍ସାବାଲା ସମସ୍ତେ ମୋ ଘର ଜାଣନ୍ତି । କଲିକତା ପରି ବଡ଼ ସହରରେ ସିନା ଷ୍ଟ୍ରୀଟ୍, ଘର ନମ୍ବର ଥାଏ ! ଆମ ଛୋଟ ସହରରେ ସେସବୁ ନାହିଁ ।"

Digitized by srujanika@gmail.com

ମୁଁ ଭାବିଲି ସିଏ ହୁଏତ ନିଜ ଠିକଣା ଯୋଗାଡ଼ କରିପାରି ନଥିବ ଏଯାକେ । ସେ ଠିକଣା ନ ଧଇଲେ ମୁଁ ବା ତା ସହିତ ସମ୍ପର୍କ ପ୍ରତିଷ୍ଠା କରିବି କିମିତି ? ମୋ ଠିକଣା ବି ଭୁଲିଯିବା ତା ପକ୍ଷରେ ଅସମ୍ଭବ ନୁହେଁ । କାରଣ ତାକୁ ଯେଉଁ ଅବସ୍ଥାରେ ଦେଖିଥିଲି ଓ ଛାଡ଼ିଥିଲି ସାମାନ୍ୟତମ ଠୋକ୍‌କରେ ଠିକଣା କ'ଣ ନିଜକୁ ବି ମନେ ରଖିବା ତା ପକ୍ଷରେ କଷ୍ଟକର । ମୋର ଗୋଟାଏ ବିରାଟ ଭୁଲ ହୋଇଗଲା ସାମାନ୍ୟତମ ସତ୍‌ସାହସ ଅଭାବରୁ ଓ ଦ୍ୱିଧାଗ୍ରସ୍ତ ମନ ଯୋଗୁ । ମୁଁ ହୁଏତ ହରାଇ ବସିଲି ଯାହା ଏତେଦିନ ଚାହୁଁଥିଲି, ଖୋଜୁଥିଲି, କାଙ୍‌କ୍ଷିତକୁ, ବାଞ୍ଛିତକୁ । ଦରିଦ୍ର ରତନ ପାଇ ହରାଇଲା ପରି । ଏକାଧାରରେ ଏମିତି ସେବିକା, ପରିଚାରିକା, ସହଚରୀ, ଆୟା (ରକ୍ଷିତା ?) କେଉଁଠୁ ମିଳିବ ? ଯାହାର ପୁଣି କେହି ନାହିଁ, ଘରଦ୍ୱାର ନାହିଁ, ଯେ କି ଯାବଜ୍ଜୀବନ ମୋ ପାଖରେ ରହିପାରେ ଏବଂ ସର୍ବୋପରି ଯେ ତରୁଣୀ, ଯୁବତୀ ! ମୁଁ ତା ପ୍ରତି ଯାହା ଯେମିତି ବ୍ୟବହାର କଲେ ବି ତା' ପିଠିରେ କେହି ପଡ଼ିବେ ନାହିଁ ।

ତାକୁ ମୁଁ ପାଇଥିଲି ଖଡ଼୍‌ଗପୁରରେ । ରାଉରକେଲାରୁ ଆସୁଥାଏ । ଇସ୍ପାତ୍ ଏକ୍ସପ୍ରେସ ପାଇଁ ଟିକଟ କାଟିବା ପାଇଁ ଜୋଇଁକି ପଠାଇଦେଲି । ଜିନିଷପତ୍ର ଜଗି ମୁଁ ଓଜନ ଯନ୍ତ୍ରଟା ପାଖରେ ଛିଡ଼ା ହୋଇଥାଏ । ସେ ତାର ନାଲି ନୀଳ ଆଖି ମିଟିମିଟି ଦପ୍ ଦପ୍ କରୁଥାଏ । ଯିମିତି କହୁଥାଏ, ଆସ ମୋ ଉପରେ ଚଢ଼, ଓଜନ ହୁଅ । ଚଢ଼ିଯାଇ ଦଶ ପଇସାଟିଏ ଫାଟରେ ପୂରାଇ ଦେଲି । ଖଟ୍ ଖଟ୍ ଖଟ୍ । ଟିକେଟ ବାହାରି ଆସିଲା । ଚଉଷଠି କିଲୋ । ଖୁସି ଲାଗିଲା । ବୟସ ଯାହା ଓଜନ ତାହା । ଗତବର୍ଷ ତେଷଠି କିଲୋ ଥିଲା, ଓଜନ ବି ସେଇଆ ଥିଲା । ବର୍ଷକୁ କିଲେ ଲେଖାଏଁ । ବାଃ !

ଜୋଇଁ ଟ୍ରେନ୍ ଟିକେଟ୍ ଧରି ଆସି ସେତିକିବେଳେ ପହଞ୍ଚିଗଲେ ଏବଂ କହିଲେ, "ଦେଖି ବାପା ! ଆପଣଙ୍କ କେତେ ଓଜନ ।" ଆପଣଙ୍କ କେତେ ଓଜନ ।" ମୁଁ ବଢ଼ାଇଦେଲି ଓଜନ ଟିକେଟଟା । ସେ ଓଜନ ଦେଖିସାରି ଅନ୍ୟପାଖ ଓଲଟାଇଲେ ଏବଂ ଭବିଷ୍ୟତ ବାଣୀ ପଢ଼ି ହସିଲେ ମୁହଁ ଲାଲ ହେବା ପର୍ଯ୍ୟନ୍ତ । ମୁଁ ତାଙ୍କ ହାତରୁ ଟିକେଟଟା ଛଡ଼ାଇ ଆଣି ପଢ଼ିଲି । ଲେଖାଥିଲା, "କୌଣସି ଏକ ବୈବାହିକ ସମ୍ପର୍କ ଆପଣଙ୍କୁ ଉଚ୍ଚସ୍ଥାନ ଦେବ ଯାହା ଏକାବେଳକେ ଅପ୍ରତ୍ୟାଶିତ ।" କିଏ ଜାଣେ କେତେବେଳେ କାହା ଭାଗ୍ୟରେ କଣ ଅଛି ଲଟାରୀ ଟିକେଟ୍ ବିକୁଥିବା ଏଜେଣ୍ଟଙ୍କ ଲାଉଡ୍‌ସ୍ପିକର ଘୋଷଣାର ପ୍ରଥମ ବାକ୍ୟ ବାରମ୍ବାର ମନକୁ ଆସୁଥାଏ ।

ଖଡ଼୍‌ଗପୁର ପ୍ଲାଟଫର୍ମରେ ଗୋଟାଏ ବେଞ୍ଚରେ ବସି ନଅଟା ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍‌କୁ ଅପେକ୍ଷା କରୁଥାଏ, ଡ଼ାହାଣ ବାହୁ ଡ଼େଇଁଲା, ଯେମିତି ଶକୁନ୍ତଳାକୁ ଦେଖିବା ପୂର୍ବରୁ ଦୁଷ୍ମନ୍ତଙ୍କ ଡ଼ାହାଣ ବାହୁ ସ୍ପନ୍ଦିତ ହୋଇଥିଲା । ବି.ଏ.

Digitized by srujanika@gmail.com

କ୍ଲାସରେ ପଢ଼ିଥିବା 'ଅଭିଜ୍ଞାନ'ର ଟୀକାରେ ଥିଲା, "ବାମେତର ଭୂଜସ୍ପନ୍ଦଃ ବରସ୍ତ୍ରୀଲାଭ ସୂଚକ ।" ଅର୍ଥାତ୍ ଡ଼ାହାଣ ବାହୁ ଡ଼େଇଁଲା ଅର୍ଥ ବଢ଼ିଆ ସ୍ତ୍ରୀ ମିଳିଲା ।

ଟ୍ରେନ୍ ଆସିଗଲା । ଖୁବ୍ ଭିଡ଼ ପାଇଁ ପ୍ରସ୍ତୁତ ଥିଲି । କାରଣ କଲିକତାରୁ ଆସୁଥିବା କେଉଁ ଗାଡ଼ି ଓଡ଼ିଶାର ବା ଓଡ଼ିଆଙ୍କ ପାଇଁ ଅଭିପ୍ରେତ ନୁହେଁ, ନାଆଁ କେବଳ ଶ୍ରୀଜଗନ୍ନାଥ । ପରେ ଯାହା ଘଟିଲା ସେଥିପାଇଁ ମୁଁ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରୁଛି ଗାଡ଼ି ଆହୁରି ଭିଡ଼ ହେଉ । କୁଲି ନକରି ସାମାନ୍ୟ ବୁଜୁଳା ଧରି ଚଢ଼ିଗଲି ରିଜର୍ଭ ସିଟ୍ ଲେଖାଥିବା ଡ଼ବାରେ, ବାଲେଶ୍ୱର ଆସୁଥିବା ଆଉ କେତେଜଣ ଯାତ୍ରୀଙ୍କ ଅନୁସରଣ କରି । ସେମାନେ ବୋଧହୁଏ ଏଇ ଚାଲାକ କରି ବାରମ୍ବାର "ବା", ରୁ "କ" ଆଉ 'କ' ରୁ 'ବା' ଯାତାୟତ କରନ୍ତି । ବଙ୍ଗ ଦେଶରେ ବଙ୍ଗଳା ଆଉ ଓଡ଼ିଶାରେ ଓଡ଼ିଆ ନୀତିରେ ଭାଷା ବ୍ୟବହାର କରି ବଙ୍ଗାଳି ବା ଓଡ଼ିଆ ଟି.ଟି.ଆଇ କୁ ହାତକରି ନିଅନ୍ତି । ଆମ ଦେଖାଶିଖା ଆଉ ଗୋଟାଏ ଦିନ ବଡ଼ ଦଳ ପଶିବାରୁ ଡ଼ବାର ଯାତ୍ରୀମାନେ ଚିତ୍କାର କଲେ ଏବଂ କଳା ପୋଷାକଧାରୀକୁ ଡ଼ାକି ଆଣିଲେ । ଆମ ପାଞ୍ଚଜଣଙ୍କୁ ଛାଡ଼ି ବାକି ବିନାଟିକେଟ୍ ଯାତ୍ରୀଙ୍କୁ ଓହ୍ଲାଇବାକୁ ପଡ଼ିଲା । ଦଣ୍ଡେ ପରେ ଦେଖିଲି ଯେ, ତଥାକଥିତ ସହଯାତ୍ରୀମାନେ ଭାଷା ମାଧମରେ ରିଜର୍ଭ ସିଟ୍‌ରେ ବସିଗଲେ ବିନା ଟିକେଟ୍‌ରେ ଏବଂ ଟ୍ରେନ୍ ଛାଡ଼ିବାକୁ ଆରମ୍ଭ କଲାବେଳକୁ ମୁଁ ଛିଡ଼ା ହୋଇ ରହିଥାଏ ଦୁଇ ପାଇଖାନାକୁ ଯିବା ବାଟର ଫାଙ୍କା ସ୍ଥାନରେ ଯାହା ଡ଼ବା ଭିତରକୁ ପଶିବାର ରାସ୍ତା ମଧ !

ପ୍ଲାଟଫର୍ମ ପଟର ଦରଜାକୁ ତଳେ ବସିଥିବା ଯାତ୍ରୀମାନେ ଏଥର ବନ୍ଦ କରିଦେଲେ ଏବଂ ଏକାକୀ ଜାକିଜୁକି ଛିଡ଼ାହେଲେ । ମୁଁ ଘୁଞ୍ଚିଆସି ଛିଡ଼ାହୋଇ ସ୍ଥାନଟିଏ ଦଖଲ କଲି ଅନ୍ୟ ଦରଜାରେ ପାଇଖାନା କଣରେ । କାରଣ ସେ ଦରଜାଟା ଫିଟିବ ଦୁଇଘଣ୍ଟା ପରେ ବାଲେଶ୍ୱରରେ, ତା ଆଗରୁ ନୁହେଁ । ମୋ ପାଖକୁ ଲାଗି ଲାଗି ଚାରି ପାଞ୍ଚଜଣ ଗାଉଁଲି ଯାତ୍ରୀ ବସିଗଲେ ଦରଜା ପାଖରୁ ଉଠିଆସି ଏବଂ ଇଞ୍ଜିନ୍ ମାର୍କା ବିଡ଼ି ଟାଣିବାକୁ ଲାଗିଗଲେ । ଖୁବ୍ ଆଶ୍ୱସ୍ତିରେ ବସି ଦୁଇଘଣ୍ଟା କାଳ କେମିତି କଟାଇବି ଭାବୁଥାଏ । ବାହାରେ ଅନ୍ଧାର ରାତି, ତେଣୁ ଟ୍ରେନ୍ ଭିତରୁ କିଛି ଦୃଶ୍ୟ ଦେଖିବା ପ୍ରଶ୍ନ ଉଠୁନଥାଏ । ମୁଁ ଏକାକୀ, ନିଃସଙ୍ଗ ।

ପ୍ରାୟ ଗୋଟାଏ ଷ୍ଟେସନ୍ ଟ୍ରେନ୍ ଅତିକ୍ରମ କରିବା ପରେ ମୁଁ ବି ବସିବାର ଉପକ୍ରମ କଲି । ତକିଆ ଉପରେ ଚାଦର ଢ଼ଙ୍କାଇ ତାକୁଇ କୁସନ କରି ବସିଲି ସେଇ ମୋଫସଲି ଲୋକମାନଙ୍କ ସାଙ୍ଗକୁ ଲାଗି, ଥଳି ଆଉ ସୁଟ୍‌କେଶ ଦରଜା କୋଣରେ ଡ଼ାହାଣ ପାଖକୁ ରଖିଥାଏ । ଅର୍ଥାତ୍ ମୋ ମୁହଁ ଗାଡ଼ି ପଛଆଡ଼କୁ ଅର୍ଥାତ୍ ଖଗଡ଼ପୁର ଆଡ଼କୁ ଥାଏ । ମୋ ସାମ୍ନାରେ ଜଣେ ଛୋଟ ସାଇଜ୍‌ର ଲୋକ ବସିବା

Digitized by srujanika@gmail.com

ଭଳି ସ୍ଥାନ ଥାଏ, ପାଖ ଝରକା କାଚ ବନ୍ଦ ଥିବାରୁ କେହି କେତେବେଳେ ହାତ ବଢ଼ାଇ ମୋ ସମାନ ମାରିନେବାର ଭୟ ଓ ଉପାୟ ନଥାଏ ।

ଆସ୍ଥାନ ଜମାଇ ସାମନାକୁ ଚାହିଁ ଦେଖିଲି ଦୁଇଧାଡ଼ି ଧରି ମୋଟାମୋଟି ପୁରୁଷ ସ୍ତ୍ରୀ ବାଥ୍‌ରୁମ୍‌କୁ ଜଣକ ପରେ ଜଣେ ଚାଲିଛନ୍ତି, ସେମାନଙ୍କ ମଧ୍ୟଦେଇ ଦିଶିଲା ଏକ ନାରୀ ମୂର୍ତ୍ତି ଘୋଡ଼ାଘୋଡ଼ି ହୋଇ ଛିଡ଼ା ହୋଇଛି ସେମୁଣ୍ଡ କାନ୍ଥକୁ ଲାଗି । ପିନ୍ଧିଛି ନୀଳଧଡ଼ିର ମଇଳା ଶାଢ଼ୀଟାଏ, ଯାହାକୁ ମୋଟା ନୀଳଧାଡ଼ିର ହେଣ୍ଡଲୁମ୍ ବିଛଣା ଚଦର ଆଖ୍ୟା ଦିଆଯାଇପାରେ ।

ମୁଁ ତାକୁ ପ୍ରଥମ କରି ଡ଼ବା ଭିତରେ ଦେଖିଲି । କେତେବେଳେ ସମସ୍ତଙ୍କ ଅଗୋଚରରେ ସେ ପଶିଆସିଛି ବୋଧହୁଏ ଟି.ଟି.ସି. ଦୁଇଟା ବାହାରିଯିବା ପରେ ଓ ଦରଜା ବନ୍ଦହେବା ଅବସରରେ ଆସିଯାଇଛି ପ୍ରାୟ ଦୁଇ ତିନିମିନିଟ୍ ହେବ । ନିଃଶ୍ୱାସ ଜୋରରେ ମାରୁଛି କାରଣ ତା ବକ୍ଷଭାଗ ଉଠୁଛି ପଡୁଛି । କଣେଇ କଣେଇ ଏମିତି ଚାହୁଁଛି ଯହିଁରୁ ଜଣାପଡୁଛି ସେ ସଂକ୍ରାନ୍ତରେ ଲକ୍ଷ୍ୟ କରୁଛି ତାର ଅନୁଧାବନ କରୁଥିବା ସଇତାନଗୁଡ଼ାଙ୍କୁ, ଯିମିତି ବଣର ଛୋଟ ମାଈ ହରିଣୀଟିଏ ତା' ପଛରେ ଦୌଡୁଥିବା କୁକୁର ପଲକୁ ବାରମ୍ବାର ଚାହେଁ, କାଳେ ଆସିଗଲେ କି ! ଜଣକ ପରେ ଜଣେ ସ୍ତ୍ରୀଲୋକ ବାଥରୁମ୍‌କୁ ଗଲା ଆସିଲାବେଳେ ସେ ସଂକୋଚଭାବ ପ୍ରାୟ ଦେଖାଇ ନଥାଏ, କିନ୍ତୁ ପୁରୁଷ କେହି ତା ପାଖ ମାଡ଼ିଲା ବେଳକୁ ଘୃଣା ସନ୍ଦେହ ଚକ୍ଷୁରେ ତାକୁ ଦେଖୁଥାଏ, ଭୟ ବି କରୁଥାଏ ଏବଂ ସଂକୁଚିତ ହେଉଥାଏ । ପୁରୁଷମାନଙ୍କ ପ୍ରତି ତାର ଏଲାର୍ଜି ଯିମିତି !

ପାଖ ଲୋକଗୁଡ଼ାକ ବସିଲା ମାତ୍ରେ ତେଲୁ ଲୁଣ କଥା, ଗତବର୍ଷର ମରୁଡ଼ି ଓ ଆଗାମୀ ବର୍ଷର ଫସଲ ସମ୍ଭାବନା ଆଲୋଚନା କରିବାକୁ ଲାଗିଗଲେ ଭୁଟୁରୁ ଭାଟୁରୁ । ସେମାନେ ବି ଚାହୁଁଥାଆନ୍ତି ତା ଆଡ଼କୁ, ମୁଁ ବି ଚାହୁଁଥାଏ । ତାଙ୍କ ନିକଟରେ ସ୍ତ୍ରୀଲୋକଗୁଡ଼ାକ ପୁରୁଷଠାରୁ ମୋଟେ ଫରକ ନୁହନ୍ତି । କିନ୍ତୁ ମୁଁ ଯିମିତି ସମ୍ମୁଖରେ ଏ ନାରୀମୂର୍ତ୍ତିକୁ ଦେଖିଛି ମୋର ଅସୀମ କୌତୁହଳ ଜାଗ୍ରତ ହେଲା । ମୁଁ ରୋମାଣ୍ଟିକ୍ ହୋଇ ଉଠିଲି ।

ଏଇଟା ପାଗଳୀ ନୁହେଁ ତ ? ତାର ବୁକୁଚାପତ୍ର କିଛି ନାହିଁ । ତାର କେହି ଉତ୍ତରସାଧକ ଥିବାର ବି ତ ଜଣାଯାଉନି, ଏ ଡ଼ବାରେ ଅଲକ୍ଷିତରେ କାହିଁକି ସେ ଉଠିଲା ? ଏ ବେଶଭୂଷା କାହିଁକି ?

Digitized by srujanika@gmail.com

ଦଶ ପନ୍ଦର ମିନିଟ୍ ପରେ ପାଇଖାନା ଭିଡ଼ ଜମିବାରୁ ତାକୁ ଆମେ ସମସ୍ତେ ତାଲୁରୁ ତଳପାଯାଏ ଦେଖିଲୁ ଆବୃତ୍ତା ଅବସ୍ଥାରେ । ଥରେମାତ୍ର ସେ ପରିବେଶ ଓ ପରିସ୍ଥିତି ଜାଣିବା ପାଇଁ ଯିମିତି ଚାହିଁଛି ମୁଁ ତା ମୁହଁର କିଛି ଅଂଶ ଦେଖି କଳନା କରିନେଲି ତାର ଅଭାବନୀୟ ସୌନ୍ଦର୍ଯ୍ୟ । ସପ୍ତମ ଶ୍ରେଣୀରେ ରାଜା କଙ୍ଫେଚୁଆଙ୍କ ନଅରକୁ ଏମିତି ଭିଖାରୁଣୀଟିଏ ଆସିବାର କବିତା ମାଧ୍ୟମରେ ପଢ଼ିଥିଲି । ମେଘାବୃତ ଚନ୍ଦ୍ରର ରୂପ ଓ ଶୋଭାପରି ଅପରୂପା ଭିକ୍ଷୁକାଟି ଶୋଭା ପାଉଥିଲା ଏବଂ ତାକୁ ଦେଖିବା ମାତ୍ରେ ରାଜା କହିଥିଲେ- "ସେ ହିଁ ମୋର ରାଣୀ ହବ ।" (ଏ କବିତାଗୁଡ଼ାକ କାହିଁକି ଏତେ ଅଳ୍ପ ବୟସରେ ପିଲାଙ୍କୁ ପଢ଼ିବାକୁ ଦିଆଯାଏ ?) କବିତାର ଗାଢ଼ ଛାପ ଏଯାକେ ମନରୁ ଲିଭିନି ।

ପାଖଲୋକଗୁଡ଼ାକ ଭିତରୁ ଜଣେ (ସେମାନେ ସମସ୍ତେ ଦୀର୍ଘଜୀବୀ ହୁଅନ୍ତୁ !) ସେ ସ୍ତ୍ରୀଲୋକଟାର ଦୁର୍ଗତି ଓ ଆଶ୍ୱସ୍ତି ଉପଲବ୍ଧ କରି ସମ୍ବେଦନଶୀଳ (ମଫସଲର ସମସ୍ତେ ଏମିତି ହୁଅନ୍ତେ କି !) ହୋଇ ତାକୁ ଲକ୍ଷ୍ୟକରି କହିଲା, "ଆସ, ଏଇଠ ବସିଯାଅ, କେତେ ସମୟ ଛିଡ଼ାହୋଇ ରହିବ ? ଆସ, ଏଇଠି ଜାଗା ଅଛି ।" ଏବଂ ମୋ ସାମନାରେ ଯେଉଁ ଏକ ବର୍ଗହାତ ସ୍ଥାନ ଥିଲା ତାକୁ ଦେଖାଇଦେଲା । ତାର ଆହ୍ୱାନରେ ସ୍ତ୍ରୀଲୋକଟି ଧୀରେ ଧୀରେ ଆସି ସନ୍ତର୍ପଣରେ ମୋ ଆଗରେ ବସି ଗୋଡ଼ ଦୁଇଟାକୁ ଅଳ୍ପ ଲମ୍ବାଇଦେଲା ଏବଂ ଦୁଇ ଆଣ୍ଠୁକୁ ଦୁଇ ହାତରେ ଛନ୍ଦି ମୁଣ୍ଡଟିକୁ ଖୋପ ଭିତରେ ରଖି ତଳମୁହାଁ ହୋଇ ବସି ରହିଲା । ମୁଁ କେବଳ ତା' ମୁଣ୍ଡର ଘନକୃଷ୍ଣ ଢେଉଢେଉକା ଚୂଳ, ଛୋଟ ଜୁଡ଼ା ଓ ନିରାଭରଣ ଛୋଟ କାନଟିଏ ଦେଖୁଥାଏ ।

ମୁଁ ବି ଆଣ୍ଠୁକୁ ଟେକି ବସିଥାଏ ଏବଂ ମୋର ଅଜାଣତରେ ବା ଜ୍ଞାତସାରରେ ମୋ ଗୋଡ଼ର ଆଙ୍ଗୁଳି ଯିମିତି ତା ଦିହର ବା ଗୋଡ଼ର କେଉଁଠି ବାଜିଛି ସେ ମୁଣ୍ଡ ଟେକି ବିଷ୍ଟୁ କହି ପୁଣି ମୁଣ୍ଡ ଯଥାସ୍ଥାନରେ ରଖିଲା । ଏମିତି କେତେ ମିନିଟ୍ ଗଲା, ମୁଁ କ୍ଷଣିକ ପାଇଁ ଯେଉଁ ମୁହଁଟି ଦେଖିଲି ତାହା ମୋତେ ଶହ ଶହ ରାତ୍ରି ବିନିଦ୍ର କରିପାରେ ଭାବିଲି । ରେଳଷ୍ଟେସନରେ ଟିକେଟ୍ ପଛର ଭବିଷ୍ୟତ୍‌ବାଣୀ ଓ ଡ଼ାହାଣ ବାହୁର ସ୍ପନ୍ଦନ ଏତିକିବେଳେ ମନେ ପଡ଼ିଲା । ଭାଗ୍ୟେନୈତତ୍ ସମ୍ଭବତି କିନ୍ତୁସ୍ମିନ୍ ଆତ୍ମ ସନ୍ଦେହେ ପ୍ରବୃତ୍ତି ନ ବିଧେୟା । ମନେପକାଇ ସ୍ଥିର ହେଲି । ଆଖିରୁ ଠିକ୍ ଚାଖଣ୍ଡେ ତଳେ ମୁଁ ଦେଖୁଥାଏ ତାର ଗୋରା ହାତଟି, କହୁଣୀ ପାଖରୁ ପାପୁଲି ଯାଏ, ନିଟୋଳ ଗଠନ, ବିରଳ ସୂକ୍ଷ୍ମ କୋମଳ (?) ଲୋମରାଶି, ଛୋଟ ଛୋଟ ଆଙ୍ଗୁଳି, ନଖର ନେଲ୍‌ପଲିସ୍ ଛାଡ଼ି ଛାଡ଼ି ବେରଙ୍ଗ ହୋଇଛି । ଏଇ ହାତଟି ଆଉ ମୁହଁର ଯେତିକି ଅଂଶ କ୍ଷଣକ ପାଇଁ ଦେଖିଥିଲି ତହିଁରୁ ମୋର ବଦ୍ଧମୂଳ ଧାରଣା ହେଲା ସେ ଅନନ୍ୟା ।

Digitized by srujanika@gmail.com

ଏବଂ ମୋର ଅନୁମାନ ସତ୍ୟ କରି କ୍ଷଣିକ ପରେ ସେ ମୁଣ୍ଡ ନ ଟେକି ଭ୍ରୁ ବଙ୍କାଇ ଗାଢ଼ନୀଳ ଅଶ୍ଳୀଳ ଚକ୍ଷୁ କଣେଇ ଦେଇ ମୋ ଆଡ଼କୁ ଚାହିଁଲା ଏବଂ ମୁହୂର୍ତ୍ତକେ ଯିମିତି ମୋ ମୁହଁକୁ ପଢ଼ି ପକାଇଲା । ଏଇ ଅବସରରେ ଏକ ବିରାଟ ପ୍ରଶ୍ନର ମୁଁ ସମାଧାନ ପାଇଗଲି । ସେ ବଧୂ, ବିବାହିତା, ସ୍ୱୁନ୍ଥାରେ ସିନ୍ଦୂର ନଥିଲେ ବି କପାଳରେ ଅଛି । ହାତକୁ ଚାହିଁ ଦେଖିଲି ମୁଦି ନାହିଁ ସତ କିନ୍ତୁ ଶଙ୍ଖ କଙ୍କଣ । ସର୍ବନାଶ ! ତଥାପି ... । ସେ ବୋଧହୁଏ ଅସହାୟା ଆଶ୍ରୟହୀନା । ହୃଦୟକୁ କହିଲି "ଆସ୍ତେ ଆସ୍ତେ । ଏଡ଼େ ଜୋର ବାଡ଼େଇ ହ'ନା ।"

ମୁଣ୍ଡକୁ ପୁଣି ସେମିତି ଅଧା ଟେକି କଣେଇ ଚାହିଁ (ଏଥର ତା ଛୋଟ ନାକଟି ସ୍ପଷ୍ଟ ଦେଖିଲି, ଅଗ ସାମାନ୍ୟ ଉପରକୁ ଉଠିଛି, ଗୁଣାଟିଏ ବାଁ ନାକପୁଡ଼ାରେ) ସେ ଖୁବ୍ କରୁଣ ମିଠା ଗଳାରେ ପଚାରିଲା, "ଆପ୍‌ନି ଯାବେନ କୋଥାୟ ?" ମୁଁ ଉତ୍ତର ଦେଇଥାନ୍ତି 'ସ୍ୱର୍ଗକୁ' । କିନ୍ତୁ ପରମୁହୂର୍ତ୍ତରେ ସେ ଯୋଡ଼ିଲା "ଆପ୍‌ନି ବାଙ୍ଗଲା ବୁଝେନ୍ ?" ମୁଁ ସାଙ୍ଗେ ସାଙ୍ଗେ 'ହାଁ' କହି ଭାବିଲି କହିଦେବି ମୁଁ ବାଙ୍ଗଲା କାହିଁକି ଲାଟିନ୍ ଗ୍ରୀକ୍ ଆଫ୍ରିକାନ୍ ସବୁ ଭାଷା ବୁଝିପାରିବି ଯଦି ତୁମେ ସେସବୁ ଭାଷାରେ କୁହ ।"

ମୋ ମୁହଁକୁ ଦେଖି ସେ ଜାଣିପାରିଲା ଲୋକଟା ପାଜି ସଇତାନ ନୁହେଁ, ଜଣେ ନିରାଶ୍ରୟ ହୁଏତ ଯା ଉପରେ ଆସ୍ଥା ବିଶ୍ୱାସ ଏପିରିକି ପ୍ରତ୍ୟୟ ରଖିପାରେ ।

ପଚାରିଲା, "ଆପନ୍ ଯିବେ କଉଁଠିକି ?" ମୋ ଭାଷା ବିକୃତ କରି ବ୍ୟବହାର କରି ।

ରୋକଠୋକ୍ ଉତ୍ତର ଦେଲି, "ବାଲେଶ୍ୱର, ତୁମେ ଓଡ଼ିଆ ବି କହି ପାରୁଛ ?"

"ଏକଟୁ ଏକଟୁ ବୁଝି, କିନ୍ତୁ ଭାଲ କହି ପାରେନି ।"

"ଆମିଓ ବାଂଲା ବୁଝି କିନ୍ତୁ ଭାଲ ବଲିତେ ପାରିନା" ମୁଁ କହିଲି ଦୁହିଁଙ୍କ ଭାଷାଗତ ସମାନତା ଓ ପ୍ରତିଷ୍ଠା ପାଇଁ ।

"ଆପଣଙ୍କ ଘରେ ଆଉ କିଏ ଅଛି ?"

କହିଥାନ୍ତି "ମୁଁ ଏକେଲା, ମୋର ସମସ୍ତେ ମରିଲେଣି ।" କିନ୍ତୁ କହିଲି "ମୋ ସ୍ତ୍ରୀ ଅଛନ୍ତି ।"

"ଛେଲେପିଲେ ?"

"ଗୁଡ଼ାଏ ଅଛନ୍ତି, କିନ୍ତୁ ସେମାନେ କେହି ମୋ ପାଖରେ ନାହାନ୍ତି । ବଡ଼ ବଡ଼ ହୋଇଗଲେଣି, ଚାକିରୀ କରୁଛନ୍ତି ।"

"ଆପ୍‌ନାର ଲୋକ୍ ଦରକାର ?"

Digitized by srujanika@gmail.com

ଟିକିଏ ଥମିଯାଇ କହିଲି, "ଲୋକ କାହାର ଦରକାର ନାହିଁ ଆଜିକାଲି । ସମସ୍ତେ ତ ଲୋକ ଖୋଜୁଛନ୍ତି, ଚାକର ଚାକରାଣୀ ଖୋଜୁଛନ୍ତି । ପାଉଛନ୍ତି କାହିଁ ? ତେବେ ସେମିତି ଭଲ ଲୋକ ମିଳିଲେ ମୁଁ ରଖିବି ।"

ମୁହୂର୍ତ୍ତେ ଅପେକ୍ଷା ନ କରି ସେ କହିଲା, "ଆମି ଆପନାର ସଙ୍ଗେ ଯାବ, ଆପନାର ବାଡ଼ିତେ ଥାକ୍‌ବ । ଆମି କିଛୁ ଚାଇନା, ଖେତେ ଦିବେନ୍ କାପୁଡ଼ଚୁପଡ଼ ଦିବେନ, ଆର ଆମାର କିଛୁ ଦରକାର ନାହିଁ । ମାଇନେ ନେବ ନା, ଯାବଜ୍ଜୀବନ ଥାକ୍‌ବ, ଆପନାର କୋନ କିଛୁ ଅସୁବିଧେ ହବେ ନା, ଆପନାକେ ଦେବତାର ମତ ପୂଜୋ କରେ ରାଖବ ।"

ପାଖ ମଫସଲ ଯାତ୍ରୀଗୁଡ଼ାକ କେଡ଼େ ଭଲ । ଢୁଳୋଉ ଢୁଳୋଉ ଶୋଇ ଯାଉଛନ୍ତି, ଭାଗ୍ୟ, ଆମ କଥା ଶୁଣୁ ନଥିବେ ।

ମୋତେ ଦଣ୍ଡେ ନିରୁତ୍ତର ଦେଖି ଝିଅଟା କହିଲା, "ଏଇ ଦାନ୍ତବ୍ ଷ୍ଟେସନ୍ ଗଲା ।" ୟାକୁ ସବୁ କଣ ଜଣା ?

"ଟିଉସନ୍ ମାଷ୍ଟର ପିଲାକୁ ପ୍ରବ୍ଲେମ୍‌ଟିଏ ଦେଇ ଯିମିତି ଦଣ୍ଡେ ବାହାରକୁ ଯାଏ କହିଦେଇ ମୁଁ ଆସିଲାବେଳକୁ କଷି କରି ରଖିଥିବୁ । ମୁଁ ବି ସିମିତି ସେ ଦେଇଥିବା ଅଙ୍କ କଷା ଆରମ୍ଭ କଲି । "ଏ କିଏ ? ହାତକଟା ସୋନାଗାଛିର ଯଦି ହୋଇଥାଏ ? ବା ଏମିତି ଛଦ୍ମବେଶ ଧରି ନାନା ପ୍ରତାରଣା କରି ପକେଟ୍‌ମାର ସିଆଇଡ଼ି ବା ହତ୍ୟାକାରିଣୀ ବି ହୋଇପାରେ ?" ଯଦିବା ସେ ଯାହା କହୁଛି ତାହା ବିଶ୍ୱାସ୍ୟ ଏବଂ ମୋ ଘରେ ଯାବଜ୍ଜୀବନ ରହିବ ତେବେ ମୋ ସ୍ତ୍ରୀ ? ମୁଁ ବେଶ୍ ଦେଖିପାରିଲି ଦାନ୍ତହୀନା, ପକ୍ୱକେଶ, ଡ଼ାକିନୀସଦୃଶା ସ୍ତ୍ରୀଙ୍କ । ୟାକୁ ଦେଖିଲେ ସେ ନିଶ୍ଚୟ ଜୀବନରେ ମାରିଦେବେ । ମୋ ମୁହଁରେ ନିଆଁଖୁଣ୍ଟା ବି ଜାଳିଦେବେ । ବୁଢ଼ୀଟା ମରୁନାହିଁ ଯେ କାହିଁକି ? ଡ଼ାହାଣୀ ବୁଢ଼ୀ ମୋ ଲହୁଲୁହ ଚୋଷି ଚୋଷି ଖାଇଗଲା !"

ପଚାରିଲି, "ତୁମେ ବାହା ହୋଇଛ ?"

"ହଁ ।"

"କେତେବେଳେ ହେଲା ?"

"କୁଡ଼ିଦିନ ।"

"ସ୍ୱାମୀ ?"

"କାଲି ମୋତେ ଛାଡ଼ି ଚାଲିଗଲା ।"

"କାହିଁକି ?"

"ନା"

Digitized by srujanika@gmail.com

"ଶୁଣି ଆଛେ କିନ୍ତୁ । ନାହେଲେ ଆମାକେ ଯେ ଏତ ଭାଲ ବାସ୍‌ତ ସେ କି କରେ ଆର ଏକଟା ମେୟେର ସଙ୍ଗେ ପାଲାବେ ? ଶୁନି ଆଛେ, ବିଶ୍ୱାସ କରୁନ୍, ଆର୍ ନା କରୁନ୍ । ଉନି ଏତ ଭାଲ ଲୋକ, ଜୀବନ ଦିୟେ ଆମାୟ ଭାଲ ବସ୍ତୁତେନ୍ ।

"ସେ ଯଦି ଫେରି ଆସିବ ?"

"ଆସିଲେ ବି ମୁଁ ଯିବିନି ଆଉ ତାର ସଙ୍ଗେ ।"

"ଏଇ ଦେଖୁନ୍ ମତେ କିମିତି ମାରିଛି ।" କହି ଗାଲଟା ଦେଖାଇଲା, ବାହୁଟା ଦେଖାଇଲା, ଅନ୍ୟ ଅଙ୍ଗ ପ୍ରତ୍ୟଙ୍ଗ ହୁଏ ଦେଖାଇଥାନ୍ତା, ମୁଁ ମନାକଲି ।

ପଚାରିଲି "ତୁମେ ଯାଉଛ କୁଆଡ଼େ ?"

"ପୁରୀ"

"ସେଠି କିଏ ଅଛି ?"

"ଜଗନ୍ନାଥ"

"ଆଉ କିଏ ?"

"ଆଉ କି ଦରକାର ? ଏଇ ଦେଖୁନ୍ ଶଙ୍ଖା, ଏଇ ଦେଖୁନ୍ ସିନ୍ଦୁର, ଏଇ ଦେଖୁନ୍ କଡ଼ା । ଏ ଯତକ୍ଷନ ଆଛେ ଆମାର କେଉଁ କିଛୁ କରତେ ପାରବେ ନା । ଏଇତ ଖଡ଼ଗପୁରେ ତିନିଟା କଲେଜ ଛେତ୍ରା ଆମକେ ଡ଼ାକଛିଲ ।"

ସେମାନେ କୁଆଡ଼େ ତାକୁ କହୁଥିଲେ ପ୍ରତୀକ୍ଷାଗାରକୁ ଯିବାକୁ, କାରଣ ଶ୍ରୀ ଜଗନ୍ନାଥରେ ଭାରି ଭିଡ଼, ଘଣ୍ଟାଏ ପରେ ପୁରୀ ଏକ୍ସପ୍ରେସ୍ ଆସିବ । ଦରକାର ପଡ଼ିଲେ ସେମାନେ ହୁଏତ ତାକୁ ନେଇ ଛାଡ଼ିଦେଇ ଆସିବେ ପୁରୀରେ । କିମିତି ସେମାନଙ୍କୁ ଭୁଲାଇ ସେ ଖସିଆସି ଆମ ଡ଼ବାରେ ଚଢ଼ିଗଲା ମୋରି ମୁହଁକୁ ବିଶ୍ୱାସ କରି, ମୋରି ଉପରେ ଆସ୍ଥା ରଖି ସେ ତା'ପରେ କହିଗଲା ।

ମୁଁ ଗବେଷଣା କରି ଚାହିଁଥାଏ ଏ ଝିଅର ବୟସ କେତେ, କେଉଁ ଉଦ୍ଦେଶ୍ୟ ରଖି ମୋ ସାଙ୍ଗରେ ଆସିବ କହୁଛି, ଏହାର ଭୂତ କ'ଣ, ଭବିଷ୍ୟତ କ'ଣ, ଏପରିକି ବର୍ତ୍ତମାନ ମଧ କ'ଣ ମୁଁ ଜାଣିପାରିବି ଏଯାକେ ।

ତା ଆଖି ମୁହଁକୁ ଭଲକରି ନିକିଟି କଟମଟିଆ ଚାହିଁଲି, କାହିଁ କୌଣସି ଠାରେ ତ ପାପ ଲୁଚିଥିବାର ଦେଖିଲି ନାହିଁ । ନିଷ୍ପାପା, ସରଳା ।

ତାକୁ ଟେକାଟେକି କରିବା ପାଇଁ କହିଲି "ତୁମେ ଏତେ ଦୁଃଖରେ ବି ତ ଭାଙ୍ଗି ପଡ଼ିନ, ଏତେ ସୁନ୍ଦର ଦିଶୁଛ, ମୁହଁ ତେଜା ସରସ ଦିଶୁଛି । ଆଉ କିଏ ହେଲେ ତୁମ ଅବସ୍ଥାରେ ଶୁଖି କଳାକାଠ ହୋଇଯାନ୍ତା ।"

ସେ କହିଲା "ବିଶ୍ୱାସ କରୁନ୍, ଆମାର ସ୍ୱାସ୍ଥ୍ୟ ଖୁବ୍ ଭାଲ ଛିଲ, ଗାଲ ଦୁଟୋ ପାଉଁରୋଟିର ମତନ ଫୁଲାଫୁଲା, ଆର ହାତ ଦୁଟୋ ଗୋଲ ଗୋଲ ଛିଲ । ଆମାର ଶରୀରେ ଏଖନ କିଛୁ ନେଇଁ ।"

Digitized by srujanika@gmail.com

ଦେଖିଲି ପାଖ ଲୋକଗୁଡ଼ା ଶୋଇଯାଇ ବସିବା ଅବସ୍ଥାରେ ବି ଘୁଙ୍ଗୁଡ଼ି ମାରୁଛନ୍ତି । ପଚାରିଲି "ତୁମର ସାୟା ବ୍ଲାଉଜ୍ ବଡ଼ିଶ୍ କିଛି ଅଛି ନା ଖାଲି ଏଇ ଶାଢ଼ୀଟା ଢାଙ୍କି ହୋଇଛ ?"

ଟିକିଏ ଦୁଃଖ ଓ ବିରକ୍ତି ଦେଖାଇ ସେ ଚାଦର ଶାଢ଼ୀକି ସଜାଡ଼ିବା ବାହାନାରେ ସାମାନ୍ୟ ଆଡ଼େଇ ଦେଲା ଏବଂ ମୁଁ ସ୍ପଷ୍ଟ ଦେଖିଲି ସେ ଭିତରେ ସମ୍ପୂର୍ଣ୍ଣ ଆବୃତା ଏବଂ ଆବରଣ ସତ୍ତ୍ୱେ ଅତୁଟ ଯୌବନ ଖୁବ୍ ପରିସ୍ଫୁଟ । ଅନାବିଦ୍ଧ ରତ୍ନ । ବୟସ କୋଡ଼ିଏରୁ ଅଧିକ କଦାପି ହୋଇନପାରେ । ହୁଏତ ପନ୍ଦର ଷୋଳ ହବ ।

"କ'ଣ ଖାଇଛ ?- ମୋର ପରବର୍ତ୍ତୀ ପ୍ରଶ୍ନ ।

"କିଛୁ ଖାଇନି ଚବିଶ ଘଣ୍ଟା ହଲ ।"

"ପଇସା ତୁମ ପାଖରେ ଅଛି ?"

"ମୋଟେ ନାହିଁ, ଏକ ଛଦାମଓ ନେଇଁ ।"

ଭାବିଲି, ପଇସା ଆଦାୟ କରିବା ପାଇଁ ଏସବୁ ତାର ଫିକର ନୁହେଁ ତ ।

ସେ ଖୁବ୍ କରୁଣ ଚକ୍ଷୁରେ ମୋତେ ଚାହିଁ ଲୁହ କେତେ ଟୋପା ଗାଲ ଦେଇ ଗଡ଼ାଇଲା ।

ନିଦ ବାଉଳାରେ ମୋର ଆଙ୍ଗୁଳି କେତୁଟା ନରମିଯାଇ ତାର ଗୋଲ ଗୋଲ ହାତକୁ ଛୁଉଁଥାଏ, ସେ ସେମିତି କାଠପରି ବସିଥାଏ ଉଁ ଚୁଁ ନହୋଇ । କିଏ ହାତ ଛୁଇଁଲା ଧରିଲା ବା ଟିପିଲା ସେଥିରେ ସେ ଆଦୌ ମର୍ମାହତ ନୁହେଁ । ଜୀବନ ମରଣ ସମସ୍ୟା ଆଗରେ ଥିଲାବେଳେ ଏ ପ୍ରକାର ମାଙ୍କଡ଼ାମି ପିଲା ଖେଳ ପରି ହୁଏତ ତାକୁ ଶୋଭିତ । ମୋ ନଳୀଗୋଡ଼ ତା ନଳୀଗୋଡ଼ ସହିତ ଯୋଡ଼ାଯୋଡ଼ି ହୋଇ ଅନେକ ସମୟ ବହିଲେଣି । ସେ ନିର୍ବିକାର ଅଥଚ ମୁଁ ଝାଳ ଗଦ୍‌ଗଦ୍ ।

ଏ ସ୍ତ୍ରୀଲୋକଟି ଯେ ମୋର ଏକେବାରେ କାମ୍ୟ ଏବଂ ଏହାକୁ ନିଜସ୍ୱ କରିବା ଏକ ସମାଜ ସେବା ବୋଲି ନିଜକୁ ବୁଝାଇଲି । ବିଚାରୀର ଦୁନିଆରେ କେହି ନାହାନ୍ତି, ନିରାଶ୍ରୟା, ଦୁଃସ୍ଥ, ହୁଏତ ପତିତା, ସର୍ବସାନ୍ତ, ତ୍ରନ୍ କୁନ୍ତିପରି ଏହାକୁ ମୁଁ ଉଧାର କରିବି । ଟ୍ରେନ୍ କେତେ ଦୂର ଆସିଲାଣି ମୁଁ ଜାଣି ପାରିଲିନି, ଧୀରେ ଧୀରେ ସଗତରେ କହିଲି, ଆମେ କେଉଁଠି ପହଞ୍ଚିଲୁ ? ମୋ ପ୍ରଶ୍ନ ଶୁଣିଲା ପରି ସେ କହିଲା 'ଜଲେଶ୍ୱର ପାରହୟେ, ଅମରଦା ରୋଡ଼ ପାର ହଛେ ।"

ମୋର ଚେତା ପଶିଲା । ଆଉ ବେଳ ନାହିଁ । ବାଲେଶ୍ୱର ଆଉ ଦୂର ନାହିଁ । ଯାହା ହେଉ ଅସ୍ତି ନାସ୍ତି ନିଷ୍ପତ୍ତି କରିବାକୁ ହବ । ବାଲେଶ୍ୱରରେ ଓହ୍ଲାଇ ୟାକୁ ଯଦି ନିଏ ତେବେ କେଉଁଠି ରଖିବି ? ଘରକୁ ନେବା ପ୍ରଶ୍ନ ନାହିଁ, ବୁଢ଼ୀ ମାରି ଦବ । ଅନ୍ୟଠି କାହା ଦାୟିତ୍ୱରେ ୟାକୁ ରାତିଟାଏ ଛାଡ଼ିବି । ଆଶ୍ରମରେ ରଖିବା ଯାହା ଥାନାରେ ରଖିବା ତାହା । ଯାଉ ସିଏ, ପୁରୀ ଯାଉଛି, ଯାଉ । ହେଲେ ଟିକେଟ୍ ତା ପାଖରେ

Digitized by srujanika@gmail.com

ନଥିବ। ଟିକେଟ୍ ଚେକୋର ତାକୁ କ'ଣ ଛାଡ଼ି ଦବ ? ମୋର ପଇସାତକ ବିଶେଷ ଉପରେ । ପକେଟ୍‌ରେ କେତେ ବା ଖୁଚୁରା ଥିବ ଦେଖିଲି ପୁଣି ତା ମୁହଁକୁ । କି ସୁନ୍ଦର। ଖିଆ ନାହିଁ ପିଆ ନାହିଁ ରାତି ଅନିଦ୍ରା । ତଥାପି କି ସୁନ୍ଦର ଆଖିରେ ମୋ ଆଡ଼କୁ ଚାହୁଁଛି । ଦୟା କରୁଣା ସେ କେତେ ସଞ୍ଚାର ନ କରୁଛି ମୋ ହୃଦୟରେ । କିନ୍ତୁ ମୁଁ ଅସହାୟ ।

କହିଲି "ତୁମେ ପୁରୀ ଯାଇ କେଉଁଠି ରହିଲ ମୋତେ ଜଣାଇବ । କାଲି ସକାଳୁ ପହୁଞ୍ଚ କେଉଁଠି ରହିବି ସେଇ ଠିକଣା ମୋତେ ଦେବ । ଆଚ୍ଛା, ତୁମେ କେଉଁଠି ରହିବ ବୋଲି ଭାବିଛ ?"

"ଏକଟା ପ୍ଲାଷ୍ଟିକ୍ ଫେକ୍ଟରୀ ଆଛେ ଚକ୍ରତୀର୍ଥର କାଛେ । ଆମି ସେଖାନେ ଥାକ୍‌ବ ହୟତ । କିନ୍ତୁ ଆପନି ଜବାବ ଦିନ ଆମାୟ ଆପନାର କାଛେ ରାଖବେନ୍, ନିୟେ ଆସ୍‌ବେନ୍ ପୁରୀ ଥେକେ । ଆମି ଆର ଏକେଲା ଟ୍ରେନେ ବାସେ ଆସବନା ।"

କାନ୍ଦିଲା କାନ୍ଦିଲା ହୋଇ ଅବୁଝା ଝିଅପରି କହିଲା "ଆମାକେ ଆପନାର କାଛେ ରାଖବେନ୍, ଜବାବ୍ ଦିନ ।"

ଜବାବ୍ ଦେଇଛି। ଆଉ କି ଜବାବ ? ଚିଠି ଦବତ ?

"କିମିତି ଦେବି ? ଆପନାର ନାଁ ଠିକନାତ ଜାନିନା ।"

ଏଇଠି "ହନୁମନ୍ତ ଶଠପତି, ବାଲେଶ୍ୱର" ଠିକଣାଟା ତାକୁ ବାରମ୍ବାର ପଢ଼ାଇଲି ।

ମୁଁ ତାପରେ ପଚାରିଲି, ମୋର ତ ନାଁ ଠିକଣା ସବୁ ତୁମକୁ ଦେଲି । ତୁମର ନାଁ କ'ଣ ଏ ଯାକେ କହିଲନି ?"

ସେ କହିଲା "ସରସତି କୁଣ୍ଡୁ" ଆମାର ନାମ । ମନେ ଥାକ୍‌ବେ ? ମୁଁ 'ହଁ' କହିଛି ସେ ଓଲଟି ପଢ଼ାଇଲା ମୋତେ "ସରସତୀ" ମନେ ଥାକ୍‌ବେ ? ଏଇଯେ ଆପନାର ପୂଜା କରେନ୍ ? ଏଖନ୍ ଆମାର୍ ନାମ ଆଛେ, କିନ୍ତୁ ଠିକନା ନେଇଁ ।"

"ହଁ ମନେ ରହିବ, ସରସତୀ, ସରସତୀ, ସରସତୀ ।"

"ଆର୍ କୁଣ୍ଡୁ ?

"ହୁଁ, କଣ୍ଡୁ, କଣ୍ଡୁ, କଣ୍ଡୁ, ଏଇ କଣ୍ଡୁ, ଯାହା କୁଣ୍ଡେଇ ହୁଏ ।"

ଠିକଣା ଅଦଳ ବଦଳ ହେଲା । ଏବଂ ବୁଢ଼ାବଳଙ୍ଗ ପୋଲର ଘଡ଼ ଘଡ଼ ଶବ୍ଦ ସାଙ୍ଗକୁ ଡ଼ିଜେଲ ଇଞ୍ଜିନର ଜୋର ହୁଇସ୍ଲ ଜଣାଇଦେଲା ଯେ ସେ ବାଲେଶ୍ୱର ଖୁବ୍ ନିକଟରେ ।

ଆମର ବିଦାୟ (ବିଚ୍ଛେଦ ?) ଦୃଶ୍ୟଟି ଅତୀବ ନାଟକୀୟ ଓ କରୁଣ । ଯେଉଁ ଦରଜାଟି ଏଯାକେ ଖୋଲି ନଥିଲା ତାହା ସରସତୀ ଖୋଲିଲା ଏବଂ ମେଲା କରି ଗୋଟିଏ କଣକୁ ଯାଇ ଅନ୍ୟ ଯାତ୍ରୀମାନଙ୍କୁ ଓହ୍ଲାଇବାକୁ ଦେଲା ଏବଂ ସମସ୍ତଙ୍କ ପରେ ମୋତେ ଓହ୍ଲାଇବାକୁ କହିଲା । ଗୋଟିଏ ପୋଲିସ୍ କର୍ମଚାରୀ ଓହ୍ଲାଇବାର ଯିମିତି

Digitized by srujanika@gmail.com

ସେ ଦେଖିଛି ସିମିତି ମୋ ପିଠିପଟେ ଛିଡ଼ା ହୋଇ ତା ପୂରା ଦିହଟାକୁ ମୋ ଦିହରେ ଏମିତି ଚାପିଦେଲା ଯେ ମୁଁ ତା ଦିହର ଉଚାନୀଚା ବେଶ୍ ଅନୁଭବ କଲି ଏବଂ ମୋତେ ପଛକୁ ଚାହିଁ ଦେଖିବାକୁ ପଡ଼ିଲା । ସରସ୍ୱତୀ ନ'। ଆଉ କେହି ଅନୂଢ଼ା ତରୁଣୀ । କେଡ଼େ ଡ଼ର ତାର ଏ ରକ୍ଷକ (ଭକ୍ଷକ ?) ମାନଙ୍କୁ ।

ମୁଁ ତଳକୁ ଓହ୍ଲାଇଲି । ସେ ପ୍ରଥମେ ମୋର ତକିଆ ଓ ଶେଯ ମୋତେ ଧରାଇଦେଲା । ତାକୁ ତଳେ ରଖି ହାତ ବଢ଼ାଇଲା ବେଳକୁ କହିଲା "ଧରୁନ୍ ସୁଟ୍‌କେଶ୍" ଯିମିତି ମୋ ସ୍ତ୍ରୀ ଯୌବନରେ ଟ୍ରେନ୍‌ରୁ ଓହ୍ଲାଇଲାବେଳେ ହୁକୁମ ସହିତ ଜିନିଷପତ୍ର ମୋତେ ବଢ଼ାଉଥିଲେ, ଧରାଉଥିଲେ । ତାପରେ ମୁଁ ତଳେ ଛିଡ଼ା ହୋଇ ପ୍ଲାଟଫର୍ମର ବାଲ୍‌ଲାଇଟ୍ ଆଲୋକରେ ତା ମୁହଁଆଡ଼କୁ ଚାହିଁରହିଲି । ଆଉ କେତେ ସେକେଣ୍ଡ ପରେ ଶ୍ରୀଜଗନ୍ନାଗ ଚାଲିଯିବ ଜଗନ୍ନାଥ ଧାମକୁ । ସରସ୍ୱତୀକୁ ନେଇଯିବ ମୁଁ ଏ ଝାଉଁବଣରେ ବାଲି ଗଣୁଥିବି ।

ଟ୍ରେନ୍‌ର ଲମ୍ବା ହୁଇସ୍ଲ। "କିଛୁ ପୟସା ଦିବେନ୍ ବଲଛିଲେନ୍" ମୁଁ ପୂରା ଭୁଲି ଯାଇଥିଲି ତାକୁ ଅର୍ଥ ସାହାଯ୍ୟ କରିବା କଥା। ଆତ୍ମହରା ହୋଇ ତାରି ସାନ୍ନିଧରେ। ତରବରରେ ଯାହା ପକେଟ୍‌ରେ ଖୁଚୁରା ଥିଲା (ତିନିଚାରି ଟଙ୍କା ଅତି ବେଶୀ ହେଲେ) ତାକୁ ବାହାର କରି ତାର ଝରକା ଦେଇ ପ୍ରସାରିତ ଟିକି ହାତ ପାପୁଲିରେ ରଖି ମୋ ପାପୁଲିଟି ତାରି ଉପରେ ଥୋଇ ଦେଲି। ହାତଗଣ୍ଠି କାଳର ଅନୁଭବ କରି ମୋତେ ଲାଗିଲା। ବୋହୂଟିର ଆଖିରୁ ଲୋତକ ଝରୁଥାଏ। ପ୍ଲାଟଫର୍ମର ଯାତ୍ରୀ ଏ ଅଭିନୟ ଦେଖୁଥାନ୍ତି। ଦଣ୍ଡେ ପରେ ଯବନିକା।

ଘରେ ପହୁଞ୍ଚି ସେ ଦିନ ରାତି ଶୋଇ ନାହିଁ। ପର ଚାରିଦିନ ମଧ ଉଭୟ ଦିନରାତି କେତେବେଳେ ତନ୍ଦ୍ରାନ୍ୱିତ କେତେବେଳେ ବିନିଦ୍ର ହୋଇ କଟିଲା।

ତା'ପରେ ଭୟହେଲା କାଳେ କେଉଁଦିନ ସରସ୍ୱତୀ ପାଖରୁ ଚିଠି ଆସିବ, କିଏ ଦେଖିଦବ, ଧରା ପଡ଼ିଯିବ। ମୋର ପ୍ରତିଶୃତି ?

ଚାକରାଣୀ ପ୍ରସଙ୍ଗ ସ୍ତ୍ରୀଙ୍କ ଆଗରେ ଉଠାଇବି କି ନାହିଁ ନିଷ୍ପତ୍ତି କରି ପାରିଲି ନାହିଁ। ପୁଅ ବୋହୂ ଝିଅ ଜୋଇଁ ବରାବର ଚାକର ଚାକରାଣୀ ଖୋଜନ୍ତି ହୁଏତ ଜଣେ କେହି ସରସ୍ୱତୀକି ରଖିବେ ଏବଂ ମୁଁ ମଧେ ମଧେ ଯାଇ ତତ୍ତ୍ୱ ନେଇଆସୁଥିବି ନିରାଶ୍ରୟା ଜୀବଟିର। ଏ କଥା ମଧ ସମ୍ଭବ ହେଲାନି। ପୁଅ ଜୋଇଁ ସମସ୍ତେ ମୋ ପ୍ରସ୍ତାବରେ ତାରିଫ୍ କଲେ ମାତ୍ର ଯେଝା ସ୍ତ୍ରୀମାନଙ୍କ ପାଖରେ ସେମାନଙ୍କ ପାଟି ଫିଟିଲା ନାହିଁ। ଝିଅ ବୋହୂଙ୍କ ମଧ ଚାକରାଣୀ ଖୁବ୍ ଦରକାର ମାତ୍ର ସେମାନେ କହିଲେ "ତୁମେ ତ ତୁମ ପୁଅ ଜୋଇଁଙ୍କ ପ୍ରକୃତି ଜାଣ। ଏତେ ଜୁଆଣ ଚାକରାଣୀ...

ସରସ୍ୱତୀ କୁଣ୍ଡୁଙ୍କୁ କେଉଁଠି କାହା ପାଖରେ ରଖି ସାମାଜିକ ଦାୟିତ୍ୱ ତୁଲାଇବି ସମାଜ ସେବା କରିବି ?

Digitized by srujanika@gmail.com

ଏକଥା ଭାବୁଛି ଯେଉଁ ଚିଠିକି ମୁଁ ଡ଼ରୁଥିଲି ସେଇ ଚିଠି ଆସି ପହୁଞ୍ଚିଲା । ସରସ୍ୱତୀ କୁଣ୍ଡୁର ଚିଠି । ତା ପ୍ରତିଜ୍ଞା ସେ ରକ୍ଷା କରିଛି, ସେ ବଙ୍ଗଳାରେ ଡ଼ାକିଛି କିଏ ଓଡ଼ିଆ ଅକ୍ଷରରେ ଲେଖୁଛି ତାର କଥା ତାରି ପାଇଁ । ସେ ଲେଖୁଛି ଠିକଣା । ସହିତ "ମୁଁ ଆପଣଙ୍କୁ ଚାହିଁ ରହିଛି ଗତ ସପ୍ତାହ ଯାକ, ଆପଣ ଆସି ମୋତେ ନେଇଯାଆନ୍ତୁ । ମୁଁ ଆପଣଙ୍କ ପାଖରେ ସାରା ଜୀବନ ରହିବି ।"

ଚିଠିଟା ଚିରିଦେବି ନା ସାଇତି ରଖିବି ଠିକଣା କରିବା ପାଇଁ ପଙ୍ଖାଟା ଜୋରରେ ଛାଡ଼ିଦେଇ ଘଣ ଭିତରଟାରେ ପିଞ୍ଜରାର ସିଂହ ପରି ଏପାଖ ସେ ପାଖ ହେଲି କେତେ ସମୟ କେଜାଣି । ଭିତରପଟୁ ସ୍ତ୍ରୀଙ୍କର ଗଳାସ୍ୱର ଶୁଣି ପ୍ରକୃତିସ୍ଥ ହେଲି ଏବଂ ଭୋଜନ ପାଇଁ ରୋଷେଇଶାଳକୁ ପଶିଲି ।

ମୁଁ ଭାବିଥିଲି ସରସ୍ୱତୀ କୁଣ୍ଡୁ ନିରୁଦିଷ୍ଟା, ଅସହାୟା ଏବଂ ରହସ୍ୟମୟୀ ବୋଲି କିନ୍ତୁ ମୁଁ ଯେ ତା ଠାରୁ ବେଶୀ ନିରୁଦିଷ୍ଟ ଓ ଅସହାୟ ଓ ରହସ୍ୟମୟ ଏକଥା ତାକୁ ମୁଁ କିମିତି ବୁଝାଇବି ? ସେ ମୋତେ ଯଥାର୍ଥ ଶଠପତି (ଭଣ୍ଡସ୍ୱାମୀ) ବୋଲି ଭାବିଲେ ମୋର ଆପତ୍ତି ଅନୁଶୋଚନା ନାହିଁ, କିନ୍ତୁ ଯଦି ସେ ମୋତେ ନପୁଂସକ, କାପୁରୁଷ, ଏପରିକି ପଳାତକ କୁହେ ?

# ମାଂସାଶୀମାନଙ୍କ ଉଦ୍ଦେଶ୍ୟରେ

"ଖସ୍‌ସି, ବାବୁ ଖସ୍‌ସି ! ଆଓ ଆଓ !"

"ଦେଖକର ଲୋ ! ଦେଖକର ଲୋ !"

"ଗୋସ୍ ଲୋ ! ଆଛା ଗୋସ୍ ! ବଢ଼ିଆ ଖାସିକା ଗୋସ୍ ।" ହାତେ ଲମ୍ବ ଅନ୍ତ ଝୁଲୁଥିବା ଫଡ଼ିଆଟାକୁ ଉପରକୁ ଟେକି ଟେକି ଏବଂ ବାଃ ରେ ଖାସି ବାଃ ଖାସି' ! ଚିତ୍କାର କରୁଁ କରୁଁ ଫଡ଼ିଆକୁ ଫଟ୍ ଫଟ୍ ଥାପୁଡ଼ାଇ ତୃତୀୟ ଜଣକ ଡ଼ାକୁଥାଏ ।

ବିବିଧ ଚିତ୍କାର ଓ କୋଳାହଳରେ ସହରତଳି ଅର୍ଜୁନ ଖୁଣ୍ଟା ଗାଁ ଉଠୁଛି ପଡୁଛି । ଧାଡ଼ି ଧରି ଠିଆ ଦଶହାତ ବ୍ୟବଧାନରେ ବସି ଯାଇଛନ୍ତି ଯେଝା ଆସ୍ଥାନରେ ମାଂସ ବିକାଳି । ରବିବାର ଦିନ ସେମାନଙ୍କ ସଂଖ୍ୟା ଯେମିତି ବେଶୀ କର୍ତତପ୍ରତା, ଚିତ୍କାର ବି ସିମିତି ପ୍ରତିଯୋଗିତାମୂଳକ । ଗରାଖ ବୁଝିବ ସେମାନେ ପ୍ରତିଦ୍ୱନ୍ଦୀ ପରସ୍ପର ବିରୋଧୀ ଯିମିତି କୁସ୍ତି, କବାଲି ପାଲାଗାଉଣ ପ୍ରତିଯୋଗିତାରେ । କିନ୍ତୁ ଏକା ଜାତି

*ଆସନ୍ତାକାଲି*, ୩୧୩ ବର୍ଷ, ୧୭ମ ସଂଖ୍ୟା, ପୂଜାବିଶେଷାଙ୍କ, ଅକ୍ଟୋବର ୧୯୮୦ ।

Digitized by srujanika@gmail.com

ଧର୍ମର ଏକା ପେଷାର ସେମାନେ ଏମିତି କି ଏକା ପରିବାରର। ବ୍ୟବସାୟ ପାଇଁ ଏ ଚଲାକି, କୌଶଳ, ଚକ୍ରାନ୍ତ।

ଶୁକ୍ରବାର ଭଣ୍ଡାରୀପୁରରୁ ଟ୍ରକ୍ ବସ୍, ରିକ୍ସାରେ ପଲ ପଲ ଛେଳି ? ବୋଝେଇ କରି ଆଣି ସେମାନେ ରଖିଥାନ୍ତି ରବିବାରିଆ ଯଜ୍ଞ ପାଇଁ। ସତରେ ଏ ଛେଳିଗୁଡ଼ାକ ନିର୍ମୂଳ କରିବା ଉଚିତ୍। ଶାଗ ପଟାଳି, ମକାବାଡ଼ି, ପନିପରିବା ଏମିତି କି କଣ୍ଟାଶିଝୁ ଅମରୀ, ଲୁଗା ବି ଖାଇଯାଆନ୍ତି। ଛେଳି ପାଟି ବାଜିଲେ ଗଛଲତା ଗଜାନ୍ତି ନାହିଁ କୁଆଡ଼େ। ତାଛଡ଼ା ପାଖରେ ବନ୍ଧା ହୋଇ ଦେଖୁଛନ୍ତି ତାଙ୍କ ସଙ୍ଗୀକୁ ଜବେ କରି ଝୁଲାଇ ଦିଆଗଲାଣି ଅଥଚ ପାଖରେ ଗୋଟାଏ ଅଧେ ଦୁବକେରା ଖାଇ ଆଖିବନ୍ଦ କରି ସେମାନେ ପାକୁଳି ମଧ କରୁଛନ୍ତି। କିମାଶ୍ଚର୍ଯ୍ୟମତଃପରମ୍ ?

କଂସେଇମାନେ ଛେଳି ( ? ?) କୁ ତ ହାଣନ୍ତି, ଆଶ୍ଚର୍ଯ୍ୟ କିଛି ନାହିଁ, କିନ୍ତୁ ତାଠାରୁ ବଳି ଆଶ୍ଚର୍ଯ୍ୟ ଯିମିତି ଛେଳି ଅପେକ୍ଷା ଆହୁରି ନିର୍ମମ ଭାବରେ ଗରାଖକୁ ହତ୍ୟା କରି ଯୁଗପତ୍ ଆନନ୍ଦ ଓ ଲାଭ, ପ୍ଲେଜର ଏଣ୍ଡ ପ୍ରଫିଟ୍ ପାଆନ୍ତି।

ମୁଁ ଏ ବିପଦରେ ପଡ଼ିନଥାନ୍ତି। ଭୋର ସକାଳେ ଘରର ସମସ୍ତେ ସମସ୍ୱରରେ ଅବୁଝା କଲେଜ ପିଲାଙ୍କ ପରି ଡ଼ିମାଣ୍ଡ କରି ବସିଲେ ନ ମିଳିବା ଚିଜ ଉପରେ। ଆଜି ରବିବାର ସମସ୍ତେ ଖାସି ମାଂସ ଖାଇବେ। କାଲି ବି ଖାଇଥାନ୍ତେ, ସେକେଣ୍ଡ ସଟ ଡ଼େ ଥିଲା ଦରମା ବି ମିଳିଥିଲା ମାତ୍ର ଏ ହାତୀଶୁଣ୍ଢିଆ ଗଣେଷ ସେଦିନ ଆସି ପହୁଞ୍ଚିଗଲା, ସେ ଖାଲି ଶାକସବ୍‌ଜି ଫଳମୂଳ ଭେଜିଟେବଲ ଖାଇବ। ଅତଏବ ମାଂସ ହବନି। ତହିଁ ପୂର୍ବଦିନ ଥିଲା ଶୁକ୍ରବାର, ଜୟ ସନ୍ତୋଷୀ ମା'ଙ୍କ ଦିନ, ଝିଅ ପାଳେ। ତହିଁ ପୂର୍ବଦିନ ମହିଣୀଙ୍କ ପୂଜା ଗୁରୁବାର, ସବୁ ନିଷେଧ। ବୁଧବାର କୁଆଡ଼େ ଅମାବାସ୍ୟା ନା ପ୍ରତିପଦା କ'ଣ ଗୋଟାଏ ଥିଲା। ମଙ୍ଗଳବାର ବହୁ କରନ୍ତି ଜୟ ମା ମଙ୍ଗଳା ପୂଜା। ସୋମବାର ତ ଖାସି ବା କାହାରି ବେକ କଟାଯିବ ନାହିଁ। ଆଜି ରବିବାର, ଗଣେଷ ପୂଜା ବାସି। ଅତଏବ ଉଭୟ ଶନିବାର ରବିବାରର କୋଟା ମିଶି ଅତିକମ୍‌ରେ ଜଣକା ସାଢ଼େ ତିନିଶ ଗ୍ରାମ୍ ଆସିବା ଦରକାର।

ଦ୍ୱିତୀୟ ଡ଼ିମାଣ୍ଡ ହେଲା ସ୍ୱୟଂ ବାପା ଯିବେ। ଭାଇମାନେ ଯାହା ପାଇଲେ ମାଂସ ବୋଲି ନେଇ ଆସିବେ। ଖାଇବାରେ ବି ତାଙ୍କର ବିକାର ନାହିଁ। ବାଛ ବିଚାର ନାହିଁ। ବାପା ଯେତେଥର ଆଣିଛନ୍ତି ସେତେଥର ମାଂସ ଭଲ ପଡ଼ିଛି, ମିଠା ଲାଗିଛି। ତା ଲାଗନ୍ତା ନାହିଁ? ସେ ଚିହ୍ନିଛନ୍ତି, ରାନ୍ଧିଛନ୍ତି, ଖାଇଛନ୍ତି। ଆମେ ଛେଳି ଦେଖିଛୁଁ ନା ମେଣ୍ଢା ! ବାପା ମାଂସ ଆଣିଲେ ଯଦିବା ଖରାପ ପଡ଼େ ତେବେ ବି ମନରେ କିଛି ଗଲିଜ ନରଖି ଆମେ ଖାଇଯାଉଁ।

ଅଗତ୍ୟା, ଦଶଟଙ୍କିଆ ନୋଟ୍‌ଟିଏ ପକେଟ୍‌ରେ ପୂରାଇ ବାହାରିପଡ଼ିଲି ଥଳି ହାତରେ ଧରି। ପ୍ରଥମେ ଅଶୁଭ ଲକ୍ଷଣ ହେଲା ସାଇକେଲରେ ପମ୍ପ ନାହିଁ, ପଛଚକର

Digitized by srujanika@gmail.com

ରିମ୍ ଭୂଇଁରେ  ଲାଗୁଛି। ରବିବାର ସାଇକେଲ ଦୋକାନ ବନ୍ଦ, ଏଣୁ ଦୋକାନକୁ ନେଇ ରିପେୟାର କରିବା ପ୍ରଶ୍ନ ନାହିଁ। ଖୁବ୍‌ଶୀଘ୍ର ବାହାରିବା ଉଚିତ୍ ଥିଲା, ଛଅଟା ବେଳକୁ, କାରଣ ପହିଲୁ ଭଲ ମିଳେ। ମାତ୍ର ତା' ପିଉ ପିଉ ସାତୁଟା ହେଲା। ବାକ୍ସ ଖୋଲାହବ, ଟଙ୍କା ବାହାରିବ, ଥଳି ଖୋଜ, ସାଇକେଲ ଚାବିକାଠି ମିଳୁନି ଏମିତି ନାନା ଅଡୁଆ ଅସୁବିଧା ଏଡ଼ାଉ ଏଡ଼ାଉ ଆଠ ହେଲା। ପମ୍ପ ଅଛି କି ନାହିଁ ନଦେଖି ତରବରରେ ସାଇକେଲରେ ଚଢ଼ି ତାର ଦୂରବସ୍ଥା ଦେଖି ତାକୁ ଫେରାଇ ଆଣି ସ୍ବସ୍ଥାନରେ ରଖୁ ରଖୁ ଆଉ ଦଶମିନିଟ୍ ଅନୁକୂଳ ବିଗିଡ଼ିଗଲା। ମିଜାସ ଖୁବ୍ ଖରାପ।

ମୁଁ ଆଜି ନିଜେ ବି ହିଂସ୍ର ହୋଇଉଠୁଛି ବୁଭୁକ୍ଷୁ ବଣ୍ୟଜନ୍ତୁ ପରି। କାରଣ ଗୋଟାଏ ସପ୍ତାହ ପୂରାପୁରି ଫାଙ୍କା। ନା ମାଂସ, ନା ମାଛ, ନା ଅଣ୍ଡା, କିଛି ନାହିଁ। ପ୍ରୋଟିନ୍ ଅଭାବରେ ମଣିଷ ମରିଯିବ ଯେ!

ପ୍ରଥମ କଂସେଇଟି ଦୈବଯୋଗକୁ ମୋର ଚିହ୍ନା। ତାର ଜୁଆଳିଆ ନିଶ ହଳକ, ପାନଖିଆ ପାଟି, ହସ ହସ ଆଖି ଓ ମଦୁଆ ମୁହଁ ମନରୁ ଲିଭିବାର ନୁହେଁ। ମୁଁ ଜାଣେ ସେ କେବେ ମୋତେ ଠକେଇ ନାହିଁ। କାରଣ ଗତଥର ସେ ମାଂସ ନଦେଇ ଘଣ୍ଟାଏ କାଳ ଛିଡ଼ାକରି ରଖିଲା ଏବଂ ସମସ୍ତେ ଚାଲିଯିବା ପରେ ମୋତେ ଏକାନ୍ତରେ କହିଲା ଆପଣ ନେବା ପାଇଁ ଆଜି ମାଂସ ନଥିଲା। ରବିବାର ଆସନ୍ତୁ। ମୁଁ ଆସିଛି, ତା ସାମନାରେ ଦଣ୍ଡେ ଛିଡ଼ାହେଲା ପରେ ସେ ମୋତେ ଚାହିଁ ନ ଚାହିଁ ତା' କାମରେ ଲାଗିଥାଏ, ଭାରି ଭିଡ଼। ଯିଏ ପାଉଥାଏ ସେ ଗର୍ବରେ ଛାତି ଫୁଲେଇ (କଲିକତାରେ ଜନୈକ ବଙ୍ଗାଳୀ ଇଲିଶି ମାଛଟାଏ ଝୁଲାଇ ଯିମିତି ଚାଲନ୍ତି) ଚାଲି ଯାଉଥାଏ। କିଏ ବା ସାଇକେଲରେ, କିଏ ଲେମ୍ବିରେ, କିଏ ଲୁନାରେ, କିଏ ବୁଲେଟରେ, ଜୀପ୍‌ରେ ମଧ କିରାଣୀ ଚପରାସି ଆସି ହାକିମଙ୍କ ସ୍ତ୍ରୀଙ୍କ ବରାଦ ମୁତାବକ ଲିଭର ବା ଚର୍ବି ବା ଅଣ୍ଡକୋଷ ନେଉଥାଏ। କି ଚଟାପଟା କାମ! ଯିମିତି ମୋତେ ଶୀଘ୍ର ଦେବା ପାଇଁ ବ୍ୟସ୍ତ ହେଉଛି; ଗତଥର ଫେରାଇ ଦେଇଛି ତ। ମୁଁ ସତୃଷ୍ଣ ନୟନରେ ଅପେକ୍ଷା କରିଥାଏ ମୋର ପାଳି କେତେବେଳେ ପଡ଼ିବ। ସେ ମୋ ଆଡ଼କୁ ଚାହିଁ ପଚାରିବ, "ଆପକା କେତନା ?" ଅନ୍ୟଦିନ ପରି ମ୍ରିୟମାଣ ସ୍ବରରେ 'ଅଢ଼େଇଶ' ନକହି ସଗର୍ବେ 'ସାଢ଼େ ସାତଶ' କହିବି ବୋଲି ସବୁ ନିଃଶ୍ୱାସ ଓ ଦମ୍ଭ ସାଇତି ଧୈର୍ଯ୍ୟର ଅବତାର ପରି ଛିଡ଼ା ହୋଇଥାଏ ଥଳି ଧରି।

ଦେଖୁଛି, ପ୍ରାୟ ଶହେଗଜ ଦୂରର କୋଡ଼ିଏ ତିରିଶ ଫୁଟ ଉଚ୍ଚ କିଆବଣକୁ। ପର୍ବତଶ୍ରେଣୀ ପରି ଦିଶୁଥିବା ସ୍ଥାନର ଠିକ୍ ମଝିରେ ମେଲା ଗୁମ୍ଫା ବା ଦରଦାହୀନ ତମ୍ବୁପରି ଗୋଟାଏ ଛାୟାଶୀତଳ, ଅନ୍ଧାରୁଆ, ଓଦାଳିଆ, ଗଡ଼ାଣିଆ ହିଡ଼। ସେଇଠି ଚାରିପାଞ୍ଚଟା ଛେଳି(!) ଝୁଲୁଛନ୍ତି ଦଉଡ଼ିରେ ବିଭିନ୍ନ ଅବସ୍ଥାରେ। କାହାର ଚମ ଛେଲା ଯାଉଛି, କାହାର ଅନ୍ତବୁଜୁଳା ବାହାରି ପଡ଼ିଛି, କାହାର ଆଗଗୋଡ଼ ସହିତ ମୁଣ୍ଡ ନଥିବା

Digitized by srujanika@gmail.com

ବେକ ଆଉ କାହାର ବା ଖାଲି ପଛ ଫଡ଼ିଆ, ଯିମି ଇଉନିଭର୍ସିଟିର କଂଟ୍ରୋଲର ଅଫ୍ ଏକ୍‌ଜାମିନେସନ୍‌ସ କେନ୍ଦ୍ରୀୟ ମୂଲ୍ୟାୟନ ବେଳେ "ଅପରେସନ୍ ଏକ୍‌ଜାମିନେଶନ" ସିମିତି ଏଠାରେ ମଧ ସର୍ବସାଧାରଣଙ୍କ ଅବଗତି ଓ କର୍ମତତ୍ପରତାର ବିଜ୍ଞାପନ ପାଇଁ କଂସେଇମାନେ "ଅପରେଶନ ଛେଳି" ବୋଲି ଲେଖାଟାଏ ଝୁଲାଇ ଦେବା ଉଚିତ୍।

ମୁଁ ଛିଡ଼ା ହୋଇଥିବା ସ୍ଥାନରୁ ପ୍ରାୟ ସାତଫୁଟ ଦୂରରେ ଦେଖିଲି ବିରାଟ ଶାଳଗଣ୍ଡିଟା ନାନା କିସମର ମାଂସଖଣ୍ଡ ପଡ଼ିଛି, କିଏ ଖଣ୍ଡ ଖଣ୍ଡ ତ କିଏ ଟୁକୁରା ଟୁକୁରା। ସେଇ ଦାରୁ ପଛରେ ଓଜନ ଡ଼ାଂଗି ଓ ବଟକରା ପଥର ଆଶ୍ରା ନେଇଥାନ୍ତି। ସେ ଶାଳଗଣ୍ଡିଟା ଗତଥର ଦେଖିଥିଲି ଅଣ୍ଟାଏ ଥିଲା, ଆଜି ଆଣ୍ଠୁଏ। ତାର ଅର୍ଥ ଅଧ କୁଇଣ୍ଟାଲ କାଠ ମାଂସାଶୀମାନେ ହପ୍ତାକରେ ଖାଇଗଲେଣି ଖାସି ( ?) ସହିତ। ଅର୍ଥାତ୍ ପନ୍ଦର ଟଙ୍କା ମୂଲ୍ୟର ଜାଳକାଠ ବିନିମୟରେ ମାଂସ ବେପାରୀ ଅତି କମ୍‌ରେ ଛଅଶ ଟଙ୍କା ପାଇଲାଣି।

ପେକିଂ ବାକ୍ସଟା ଉପରେ ବସି ଲୁଙ୍ଗିଟାକୁ ଜଙ୍ଘ ପର୍ଯ୍ୟନ୍ତ ଟାଣିନେଇ ଟୋକାଟା କେମିତି କାଟୁଛି ! ଏତେବଡ଼ ଛୁରୀ ଅଥଚ ଯେତେ ସୂକ୍ଷ୍ମ ଅପରେଶନ କରିବାକୁ କହିବେ ସେ ଅକ୍ଳେଶରେ କରିଦେବ, ଯେମିତି ବ୍ଲେଡ୍‌ରେ ଆଖିରୁ ପରଳ କାଢୁଛି। ଶିରାପ୍ରଶିରା, ଗଣ୍ଠି, ହାଡ଼, ମାଂସପେଶୀ କେଉଁଠି କେତେ ଭିତରେ ଅଛି ତାକୁ ପୁରା ଜଣା। ଡ଼କ୍ଟର ଗିରିଜେଶ, ଡ଼କ୍ଟର ମଧୁସୂଦନ, ଡ଼କ୍ଟର ଜେନା, ପରିଡ଼ା ଯଦି କିଛିଦିନ ୟାଠୁ ଅପରେଶନ ଶିଖିଥାନ୍ତେ ତେବେ ପେଟ ଭିତରୁ ରୁମାଲ ତଉଲିଆ ମଦବୋତଲ ବାହାରିବା ଗପ ରୋଗୀର ଅଭିଭାବକ କୁହନ୍ତେ ନାହିଁ। ଗରାଖଟିଏ ନିହାତି ଅଲାଜୁକ ବିକଳ ହୋଇ "କଲିଜାରୁ ଟିକେ ଦେ" କହିଲା ମାତ୍ରେ (ସେ କିମିତି ଗରାଖର ମନ ଜାଣିପାରେ !) ସେ କିଲେ ଓଜନ କରିଜାରୁ ଆଖି ପିଛୁଳାକେ କେତେ ସହଜରେ ତୋଳାଏ ଆଣି ପତରରେ ମୋଡ଼ିମାଡ଼ି ଧରାଇ ନ ଦେଉଛି।

ତା'ର ଓଜନ କରିବା ଭଙ୍ଗୀ ଦେଖିଲେ ଯେ, କେହି ମୁଗ୍ଧ ହେବ। ସୁନାରୀମାନେ ପଙ୍ଖା ତଳେ କାଚ ବାକ୍ସ ଭିତରେ ନିକିତି ତଉଲ ରଖିଥାନ୍ତି। ଯିମିତି କେଶାଗ୍ର ଏପାଖ ସେପାଖ ହେଉନି ବୋଲି ଗରାଖ ଭାବିବ। ତା' ଗହଣା ଓଜନ କଲାବେଳେ ତାକୁ ଅନ୍ୟ ଏକ ମନୋହରୀ ଗହଣା ଦିଆଯାଇଥାଏ ଏବଂ ସେ ଅନ୍ୟମନସ୍କ ଥିଲାବେଳେ କାଚ ଭିତରେ ଦିନ ଦୁଇପ୍ରହରେ ପଙ୍ଖା ପବନରେ ଡ଼କାଏତି ଚାଲେ। ଏଇ ନିକିତି ତଉଲ ଯୋଗୁଁ ଲକ୍ଷ ଲକ୍ଷ ଟଙ୍କାର କୋଠା ସେମାନେ ତିଆରି କରନ୍ତି, ସୁବର୍ଣ୍ଣ ତଉଲ କରି ନୁହେଁ। ମୁଁ ମୋର କଂସେଇଟିର ଓଜନ କରିବାର କୌଶଳରେ ତଟସ୍ଥ, ସମ୍ମୀତ ହେଲି। କିମିତି କେଉଁ ଆଙ୍ଗୁଳିରେ କେତେ ଚାପ ଦେବାକୁ ହେବ, କେଉଁ ମାଂସପେଶୀ କେତେ ଫୁଲାଇବାକୁ ହେବ, କେତେବେଳେ କେଉଁ ପଥରଟା କେଉଁଆଡ଼େ ରଖାଯିବ ଏବଂ କିମିତି 'ଝୁଂକତି' ଦେଲେ ଗରାଖ ଉଲ୍ଲସିତ ହେବ ଅଥଚ ଓଜନରୁ ଅନ୍ତତଃ

Digitized by srujanika@gmail.com

ଶବ୍ଦେ ଗ୍ରାମ୍ କମ୍ ପାଇବ, ଏସବୁ ତା' ବାପା ତାକୁ ଛେଚାଛେଚି କରି ଅନ୍ତତଃ ଦୁଇ ବରଷ ପଢ଼ାଇଲା ପରେ B.W.M. ଅର୍ଥାତ୍ ବେଚେଲର ଅଫ୍ ୱେଟସ୍ ଏଣ୍ଡ ମେଜାରସ୍ ଉପାଧି ଦେଇ ମାଂସ ବଜାରକୁ ଛାଡ଼ିଛି । କୁହନ୍ତି ଦେଖି କେଉଁ ମାପ ଓଜନ କର୍ମଚାରୀ ଜୀବନରେ ଗୋଟାଏ କଂସେଇକି ଚାଲାଣ କରିପାରିଛି ? କେଉଁ ମ୍ୟୁନିସିପାଲଟି କର୍ମଚାରୀ ଗୋଟାଏ ହେଲେ ମାଈ ଛେଳିକି ମାଈ ବୋଲି ମୋହର ମାରିପାରିଛି ? ଅତିବେଶୀ ହେଲେ ସେ F3 କୁ F1 ମାରିବ । ତା'ଛଡ଼ା କେଉଁ ପାଣିପାଗରେ ପ୍ରତି ମିନିଟ୍‌ରେ କେତେ ମିଲିଗ୍ରାମ ମାଉଁସ ଶୁଖିଯାଏ ଏବଂ କେତେ ପାଣି ଖାଇଲେ ମାଂସର ଓଜନ ଜ୍ୟାମିତିକ ପ୍ରକରଣରେ ବର୍ଦ୍ଧିତ ହେବ ପୂରାପୁରି କେମିଷ୍ଟ୍ରୀ ସେ ଜାଣିଛି । ଉଭୟ ପଦାର୍ଥ ଓ ଅପଦାର୍ଥ, ରସାୟନ ଓ କଷାୟନ ବିଦ୍ୟାରେ ସେ ରଥୀ ।

ମୁଁ ଯେବେ ମାଂସ କିଣିବାକୁ ଯାଏ ଜଣେ ଦୁଇଜଣ ଚିହ୍ନରା ବନ୍ଧୁ ଗରାଖକୁ ନିଏ ଏବଂ ସେମାନେ ଯେଉଁ ଅଂଶଟା ସୁପାରିଶ କରନ୍ତି ତାକୁ ଆଖିବୁଜି ଜାବୁଡ଼ି ବସେ । ଏଇ ଆଖି ଆଗରେ ଦେଖିଲି ତଥାକଥିତ ଚିହ୍ନରା ଗରାଖ (ଫୁଟାଣିଆ) ଏଫ୍.ଥ୍ରୀ ଧରି ବାହାରିଗଲେ । ମୁଁ ତଥାପି ପ୍ରତ୍ୟୟ ରଖିଛି ମୋ ପ୍ରତି ଆପଣାର ମାଂସବାଲା (ଯିମିତି ଦୁଧବାଲା) ଉପରେ କାରଣ ଗତ ଥର ସେ ନିଜ ମନକୁ "ନାହିଁ ନାହିଁ" କହି ମୋତେ ଫେରାଇ ଦେଇଥିଲା ।"

ଯେଉଁ ଅଧ୍ୟାପକଗଣ ଡ଼କ୍ଟରେଟ୍ କରି ମଧ୍ୟ ପିଲାଙ୍କୁ ପାଠ ପଢ଼ାଇବାରେ, ବୁଝାଇବାରେ ଅସମର୍ଥ ମୁଁ ସେମାନଙ୍କୁ ବିନୟତାର ସହିତ ଅନୁରୋଧ କରିବି ସେମାନେ ଅନ୍ତତଃ ପ୍ରତି ରବିବାର ମାଂସ ଖାଆନ୍ତୁ, ମୋ ପରି ନିଜେ ଆଣିବାକୁ ଯାଆନ୍ତୁ ଏବଂ ଘଣ୍ଟା ଘଣ୍ଟା ନହେଲେ କେଇ ମିନିଟ୍ ଛିଡ଼ାହୋଇ ଗବେଷଣା କରନ୍ତୁ କେଉଁ ମେଥଡ୍ ଅବଲମ୍ବନ କରି ମାଂସବିକାଳୀ ସ୍ତ୍ରୀଲିଙ୍ଗକୁ ପୁଲିଙ୍ଗ କରିପାରୁଛି, ମୂତ୍ରାଶୟକୁ ଅଣ୍ଡକୋଷ କରିପାରୁଛି, ହାର୍ଟକୁ କଲିଜା କରିପାରୁଛି । ଯଦି ଉଚ୍ଚତର ଜ୍ଞାନ ଆହରଣ ଇଚ୍ଛାଥାଏ ତେବେ ତା'ର ମୁଖଭଙ୍ଗୀ, ଶବ୍ଦୋଚ୍ଚାରଣ ରୀତି ଏବଂ ଭ୍ରୂଭେଦ ନଜର କରନ୍ତୁ ଏବଂ ଦେଖିବ ପରଦିନ କ୍ଲାସ୍‌ରେ ଆପଣ ତୋଷି ରାଗକୁ ଶଙ୍କରାଭରଣ ଗବିତାକୁ କବିତା ଏବଂ ଭଞ୍ଜଙ୍କୁ ସେକ୍ସପିଅର କରି ପାରୁଛନ୍ତି । ଆପଣ ନାଚିଲେ କୁଦିଲେ ବି ଲୋକେ ଆପଣଙ୍କୁ ପାଗଳ ନ କହି ତିନିଶ ଟଙ୍କାଦେଇ (ଅସଲି ଖାସି ମାଂସ, ବାଃରେ ଖାସି !) ଶୁଣୁଥିବେ ରାତିଯାକ । ତା'ର ଦାମ୍ଭିକତା ଓ ଅଲାଜୁକତା ଅନୁଦାନ କରି ଯଦି ଠିକ୍ ମତେ ଅନୁକରଣ କରନ୍ତି ତେବେ ଛାତ୍ରମାନଙ୍କୁ ଅକ୍ଳେଶରେ ମନ୍ତ୍ରମୁଗ୍ଧ କରିପାରିବେ । "ଏ ଖାସି ମୟୁରଭଞ୍ଜରୁ ଆସିଛି, ଖାଲି ମହୁଲ ଶାଳପତ୍ର ଖାଇ ବଢ଼ିଛି, ଏ ଘରୁଆ ଛେଳି ମୁଠି ଭାତ ଦୁଧଲହୁଣୀ ଖାଇଥିଲା, ଏମିତି ଛେଳିର ଚର୍ବି ହଳଦିଆ ରଙ୍ଗର ହେବ, ଖାସି ଚର୍ବି ଚିହ୍ନା ପରି ଦିଶିବ" ଇତ୍ୟାଦି ନବନବୋନ୍ମେଷଶାଳିନୀ ପ୍ରଜ୍ଞାର ବିଚକ୍ଷଣ ସୂଚନା ଆପଣ ପନ୍ଦର ମିନିଟ୍‌ରେ

Digitized by srujanika@gmail.com

ପାଇଯିବେ। ତା'ପରେ ଦେଖିବେ ପିଲାମାନଙ୍କୁ ପାଠ ପଢ଼ାଇବା କାଠିକର ପାଠ ନହୋଇ କୁଟାକର ପାଠ ହେବ।

ଡ଼ାକ୍ତରୀ, ମାଷ୍ଟରୀ, ଓଜନଦାରୀ ଆଦି ନାନା ଧନ୍ଦାମୂଳକ ଶିକ୍ଷା, ପେଷା ମୋତେ ଶିଖାଇ ସାରିବା ପରେ ନିଜ ସରୂପ ବଦଳାଇ ସେ କହିଲା "ସାର୍, ଆଜି ବି ଆପଣଙ୍କ ମାଂସ ନାହିଁ।" ମୁଁ କୋମଳ ବିନୀତ ଗଳାରେ କହିଲି, ଦେଖ, ସେଦିନ ନାହିଁକଲ, ରବିବାରକୁ ଆସିବାକୁ କହିଲ, ଆଜି ଆସି ମୁଁ ଘଣ୍ଟାଏ ଦେଢ଼ଘଣ୍ଟା ଛିଡ଼ା ହେଲିଣି, ଆଜି ବି ନାହିଁ କରୁଛି ?" ସେ କହିଲା, "ଆମେ କ'ଣ କରିବା ସାର୍ ଖାସି ମିଳିଲେ ତ ଆମେ ଆପଣଙ୍କୁ ଦବୁ। ଆପଣଙ୍କର ଖାସି ନହେଲେ ତ ଚଳିବ ନାହିଁ। ପୁରୁଣା ବୁଢ଼ା ଲୋକ, ଅସଲ ଖାଣ୍ଟି ଚିଜ ଦେଖିଛନ୍ତି, ଖାଇଛନ୍ତି, ପିନ୍ଧିଛନ୍ତି, ଆମେ ଯାହା ଦେଲେ ଗନ୍ଧେଇବ ଆପଣଙ୍କୁ। ଆଖି ଆଗରେ ଦେଖିଲ ତ ତିନିଟିନିଟା ବୁଢ଼ୀ ଉଠିଗଲେଣି। ଦେଖନ୍ତୁ ଶେଷ ଦୋକାନୀ ପାଖରେ ଯଦି ଥିବ ତ।"

ଶେଷ ଦୋକାନୀ, ମଝିଦୋକାନୀ, ପ୍ରଥମ ଦୋକାନୀ ସମସ୍ତେ ଏକ। କାହାରି ପାଖରେ ଖାସି ନାହିଁ। ହେମ ମୃଗ ଅସମ୍ଭବ ଜୀବ, "ତଥାପି ରାମଃ ଲୁଲୁଭେ ମୃଗାୟ"। ଶେଷ ଦୋକାନୀ ସେତେବେଳକୁ ଆଓ ଆଓ, ବୁଢ଼ାବାବୁ"। ଡ଼ାକି ଗଗନ ପବନ ଫଟାଇ ଦେଲେଣି। ସେଠି ଯାଇ ପୁଣି ଛିଡ଼ାହେଲି, ଅପେକ୍ଷା କଲି, ସେଠି ବି ଅନେକ ଗରାଖ। ମୋତେ ଦେଖିଲା ମାତ୍ରେ କିଆବଣ ଭିତରେ ପ୍ରେତାତ୍ମା ପରି ଦିଶୁଥିବା ହନ୍ତାଗୁଡ଼ାକୁ ଲକ୍ଷ୍ୟକରି ସେ ଚିତ୍କାର କଲା, "ପିଛା ଫଡ଼ିଆ ଲାଓ।" ମୁଁ ଖୁବ୍ ଖୁସୀ ହେଲି ଦୋକାନୀ ମୋ ଉପରେ ଗୁରୁତ୍ୱ ଦେଉଛି ଏବଂ ମୋ ବିଚାରରେ "ଖାସି"ର ଶ୍ରେଷ୍ଠ ଅଂଶ ମୋ ପାଇଁ ମଗାଉଛି। ଫଡ଼ିଆରୁ ଅନ୍ତ ପରି ଚାଖଣ୍ଡେ ଯଦି ଝୁଲୁଥାଏ ତେବେ ମୁଁ ଚାହିଦା ଚିଜ ପାଇଗଲି ଭାବିଲି।

ଏଣେ ମୁଣ୍ଡଫଟା ଖରା ଭୋଦୁଅର କି ଆଦ୍ୟ ଆଶ୍ୱିନର। ଗଣେଷ ପୂଜାର ରାତି ଅନିଦ୍ରାର ରାତି। "ଚାଲ ଦେଖିବା ରାମଲୀଳା", "ଛନଛନ ଛାତି", "କିଏ ଦେଲା ଏ ତାତି", "କାଲି ରାତିରେ କାହିଁ ଗଲ", "ପାଣି କଖାରୁ"ର ରାତି। ଅନିଦ୍ରାକୁ ଖରା ଭାରି ବାଧେ। ଆଶ୍ରୟସ୍ଥଳ କାହିଁ ନାହିଁ, ମୋ ପାଇଁ ନାହିଁ, କି କଟାମୁଣ୍ଡ ପାଇଁ ନାହିଁ। ମାଂସ ଖଣ୍ଡରେ ଥରକୁ ଥର ପାଣି ଛିଞ୍ଚାଯାଇ ଶୀତଳ କରାଯାଇଛି, କିନ୍ତୁ ମୋ ମୁଣ୍ଡରେ ଛତା, ଟୋପି, ପଗଡ଼ି କିଛି ନାହିଁ କି ପାଣି ଛିଞ୍ଚିବା ବ୍ୟବସ୍ଥା ନାହିଁ।

ପିଛ ଫଡ଼ିଆ ଆସିଗଲା। "ହାୟରେ ଖାସି!" "କପା ଫୁଲ ପରି ଚର୍ବି" ପରି କହୁଁ କହୁଁ ମୋ ଆଡ଼କୁ ଚାହିଁ (ସୁଲେମାନ ?) ପଚାରିଲା "ଆପଣଙ୍କର କେତେ ?" ମୁଁ ଏଥର ସଦର୍ପେ କହି ପାରିଲି "ସାଢ଼େ ସାତଶ"। ସେ କହିଲା "ସାଢ଼େ ସାତଶ ଦେଇପାରିବ ନାହିଁ, ମୋ ପାଖରେ ଅଢ଼େଇଶ ନାହିଁ, ନେବେ ତ କିଲେ ନିଅନ୍ତୁ, ନହେଲେ ନାହିଁ।"

Digitized by srujanika@gmail.com

ମୋଠି ଦଶ ଟଙ୍କିଆ ନୋଟ୍‌ଟି ଯାହା ଥିଲା । ଭୁଲରେ କାଳେ ଅନ୍ୟ ପକେଟ୍‌ରେ ବା ପେଣ୍ଟ ପକେଟ୍‌ରେ ଥିବା ଭାବି ଅଣ୍ଡାଳିଲି । ଯେଉଁ ଦଶ ସେଇ ଦଶ । ଆହୁରି ତିନୋଟି ଲୋଡ଼ା ।

ଏମିତି ପିଛା ଫଡ଼ିଆର ଖାଣ୍ଟି ଖାସି ମାଂସ ଭାଗ୍ୟରେ ଥିଲେ ମିଳେ ଭାଗ୍ୟେନୈତତ୍ ସମ୍ଭବତି । ଯାକୁ ଛାଡ଼ି ଯାଇ ହବନି । ଦେଖିଲି ଖଣ୍ଡେ ଦୂରରେ ଦୋ ଦୋ ଚିହ୍ନା ଜଣେ ଲୋକକୁ, ପକେଟରୁ ବାହାର କରି ଗୁଡ଼ାଏ ନୋଟ୍ ଗଣୁଛି । କୋଇଲା ଗୋଦାମର ଲୋକଟା ହୋଇଥିବ, ନୂଆ ବଜାର ରାସ୍ତା କଡ଼ର । ପାଖକୁ ଯାଇ ପଚାରିଲି, "ତିନିଟା ଟଙ୍କା ଦେବେ, ସର୍ଟ ହେଉଛି ।" "ନେବେ ତ ଚାରି ନିଅନ୍ତୁ, ତିନି ହବନି ।" ଚାରିଟଙ୍କା ସହ ଥଳି ମୁହଁ ମେଲାଇ ମାଂସବାଲା ଆଗରେ ଛିଡ଼ା ହେଲି । ଚାହିଁଲି ଫଡ଼ିଆର ସ୍ୱରୂପ ଜାଣିବା ପାଇଁ । ପିଛା ଫଡ଼ାଇ କିନ୍ତୁ ମୁହଁ ମାଡ଼ି ଶୋଇଛି, ମୁହଁ ନ ଦିଶିଲେ ଚିହ୍ନିବି କେମିତି ? ମୁହଁ ଉପରକୁ କର, କହିଲାରୁ ପିଛା ଫଡ଼ିଆ ଯେମିତି ମୋ ଆଡ଼କୁ କଡ଼ ଲେଉଟାଇ ସନ୍ଦେହରେ ଚାହିଁଛି । ମୁଁ ପଚାରିଦେଲି "ତୁମର ଚିହ୍ନଟରେ ଚୁରକୁଟି ଦେଖାଅ, ପାର୍ଟି ଦେଇଥିବ ।" ଫଡ଼ିଆ ଉତ୍ତର ଦେଲା ଜାଲ ଭୋଟର ପରି ପ୍ରିସାଇଡ଼ିଂ ଅଫିସର ଆଗରେ, "କିଆ ବଣରେ କେଉଁଠି ରହିଗଲା, ଆଜ୍ଞା ।"

ଖାଲି ଥଳି ଆଉ ଦଶ ସ୍ଥାନରେ ଚଉଦ ଟଙ୍କା ଧରି ମୁହଁ ବୁଲାଇଲି । ଖରା ପ୍ରଚଣ୍ଡତର । ଝାଉଁଳି ପଡ଼ିଲି । ଚୁପ୍ କରି ଚୋର ପରି ନିଜ ଘର ସାମ୍‌ନା ରାସ୍ତାରେ ଚାଲିଗଲି କାହାରି ଦୃଷ୍ଟି ଆକର୍ଷଣ ନକରି । ପଶିଲି ନୂଆ ବଜାର ମାର୍କେଟରେ । କୁକୁଡ଼ା ମାଂସ ଖାସି ମାଂସ ଅପେକ୍ଷା ଉତ୍କୃଷ୍ଟତର । ତେରଟଙ୍କା କିଲୋ, ଜୀଅନ୍ତା ପର ସହିତ ଏବଂ ଗୋଡ଼ିମାଟି ମିଶା ଚାଉଳ ଗହମ ପୂର୍ଣ୍ଣ ଅଦ୍ୱୈଇଶ ଗ୍ରାମର କଣ୍ଠସ୍ଥଳୀ ସହିତ ଓଜନ ହେଲା, ଦାମ୍ ଷୋଳ ଟଙ୍କା । କାଟିବା ବାଲା ନବ ଟଙ୍କାଏ । ପୁଣି ତିନିଟଙ୍କା ଅଭାବ । କି ନିଦାରୁଣ ସୂର୍ଯ୍ୟ ! ସାନ୍ ଷ୍ଟ୍ରୋକ୍ ନିଶ୍ଚିତ ।

ଥାଉ, ଆଜି ମାଂସ ନ ହେଉ । ମାଛ ବି ନେବି ନାହିଁ । ସବୁବେଳେ ମାଛ ମିଳୁଛି, ଦର ଯାହା ହେଲେ ବି । ମାଂସ ପାଇଁ ସିନା ଏତେ କଥା । ବର୍ତ୍ତମାନ ପ୍ରଶ୍ନ ହେଲା କଣ ଘରକୁ ନେବି ? ବିପଦ ପଡ଼ିଲେ ବୁଦ୍ଧିଆସେ । ସାଙ୍ଗେ ସାଙ୍ଗେ ମୁଣ୍ଡ ଭିତରେ ଗୋଟାଏ ଚମତ୍କାର ଆଇଡ଼ିଆର ଉଦ୍ଭବ ହେଲା । ଭାବିଲି, ଯାହା ଯାହା ଚିଜ ଖାଇ ଛେଳି 'ପଛ ଫଡ଼ିଆ' 'କଲିଜା' 'ସିନ୍ନା' 'ଗୁରୁଦା' ଜରେ ଏକ କଥାରେ 'ମଟନ୍' ବନାଏ, ଯାହା ଯାହା ଖାଇ କୁକୁଡ଼ା ନିଜକୁ 'ଚିକେନ୍'ରେ ପରିଣତ କରେ ସେସବୁ ଜିନିଷପତ୍ର ବଜାରକୁ କିଣିନେବି, ଶସ୍ତା ବି ହବ ପ୍ରୋଟିନ୍ ବି ଅପ୍ରତ୍ୟକ୍ଷରେ ମିଳିଯିବ । ଦଶମିନିଟ୍ ଭିତରେ କିଛି ଘାସ (ଲେଉଟିଆ ଶାଗ), ବିଡ଼ାଏ ସଜନା ଶାଗ, ଗୁଆଁର ଛୁଇଁ ବିଡ଼ାକୁ ପନ୍ଦର ପଇସା ଲେଖାଏଁ ଦୁଇବିଡ଼ା ବର୍ଷାତି ମୂଳାରେ ଥଳି ଭର୍ତ୍ତି କରିଦେଲି, ଗୋଟାଏ

Digitized by srujanika@gmail.com

ପୁଟୁଳାରେ ଅଧିକିଲେ ଚାଉଳ ମିଶା ଗୋଡ଼ି ଓ ଧାନମିଶା ଚାଉଳ କିଣି ରାଇଟ୍ ଆବାଉଟ୍ ଟର୍ଣ୍ଣ କଲି ।

ଖୁବ୍ ଖରା ହେବାରୁ ଏବଂ ପ୍ରାଣବାୟୁ ଉଡ଼ିଯିବା ପରି ଲାଗିବାରୁ ଜଣକ ହାତରେ ଥଳିଟା ଘରକୁ ପଠାଇଦେଇ ଗୋଟିଏ ରାସ୍ତାକଡ଼ ଲୁଗା ଦୋକାନରେ ବସି ପଙ୍ଖା ଖାଇଲି ଏବଂ ଟିକିଏ ପ୍ରକୃତିସ୍ଥ ହେଲାପରେ ଟଙ୍କା ଫେରାଇବା ପାଇଁ କୋଇଲା ଗୋଦାମ ଆଡ଼କୁ ମୁହାଁଇଲି ।

ପିଣ୍ଡାରେ ଚେୟାରରେ ବସିଥିବା ଦୋକାନୀକି ଦେଖି ପାଟି କରି ଡ଼ାକିଲି "ହେଇ ନିଅନ୍ତୁ ଆପଣଙ୍କ ଟଙ୍କା ।" ଦୋକାନୀ ଉଠି ପଡ଼ିଲା ଏବଂ ଆଶ୍ଚର୍ଯ୍ୟ ହୋଇ (ମୁଁ କାଲି ସନ୍ଧ୍ୟାରେ ତାଠୁ କୋଇଲା ଆଣିଥିଲି) କହିଲା, "କି ଟଙ୍କା ? କାଲି ତ ଆପଣ କୋଇଲା ଦାମ୍ ଦେଇ ଯାଇଥିଲେ ।" ମୁଁ ସଜୋରରେ କହିଲି "କୋଇଲା ଟଙ୍କା ନୁହେଁ, ମାଂସ ଟଙ୍କା ।" ସେ ଆହୁରି ଆଶ୍ଚର୍ଯ୍ୟ ହୋଇ କହିଲା, "ମାଂସ ପାଇଁ ତ' ମୁଁ ଟଙ୍କା ଆପଣଙ୍କୁ ଦେଇନି, ଆଉ କିଏ ଦେଇଥିବ ।"

ଏ ତେବେ ଭୁଲ୍ ଲୋକ ! ଆଛା ମୁସକିଲ ହେଲା । ମାଂସ ତ ମିଳିଲା ନାହିଁ । ଏ ଟଙ୍କା କାହାଠୁଁ ଆଣିଲି ? ଫେରାଇବି କିମିତି ? ତାକୁ କେଉଁଠୁ ପାଇବି ? ମୋତେ କୋଇଲାବାଲା ପାଗଳ ଭାବିଲା ? ଯେତେ ମନେ କରିବାର ଚେଷ୍ଟା କରୁଛି ଟଙ୍କା ଦେଇଥିବା ଲୋକକୁ, ଠିକଣା ପାଉନି, ଠଉରାଇ ପାରୁନି, ଠାବ ପାଉନି । ମଲା ପରି ଲାଗୁଛି । ଏ ଚାରିଟଙ୍କା ଖାଇବି କିମିତି ? ଜୀବନଯାକ ମାଂସ ଛାଡ଼ିବାକୁ ପଡ଼ିବ ଦେଖୁଛି ଏଇ ଭ୍ରମ ପାଇଁ ।

ଘରେ ପିଲାଝିଲାଏ କ'ଣ ମତେ ସହଜରେ ଛାଡ଼ିଦେବେ ? ଅନାସ୍ଥାସୂଚକ ପ୍ରସ୍ତାବରେ ମୁଁ ସମ୍ମୁଖୀନ ହେବି କିମିତି ? ସରକାରର ପତନ ଅନିବାର୍ଯ୍ୟ । ଗୋଟାଏ ସରକାର ପିଆଜ ଯୋଗୁଁ ଗଲା, ଆଉ ଗୋଟାଏ ଚିନି ପାଇଁ ଯିବ ଯିବ ହେଉଛି, ମୋର ଯିବ କ'ଣ ମାଂସ ପାଇଁ ? ପୁଣି ବିବେକ ରତନ ମୁଁ ତ ହରାଇଲିଣି, ଯଦି ଏ ଚାରୋଟି ଟଙ୍କା ଫେରସ୍ତ ଦେଇ ନ ପାରୁଛି !

Digitized by srujanika@gmail.com

# ନେଉଳ ଓ ସାନ୍ତାଳ

ଦାଣ୍ଡଘରେ ବୋବେଇ ଖଟିଆ ଖଣ୍ଡିକରେ ବସିଥାଏ। ବାଁ ପାଖରେ ଶତ୍ରୁଘ୍ନ, ଲେଖାଯୋଖା ପୁତୁରା, ଆମରି ଗାଁର ଡ଼ାହାଣ ପାଖରେ ତାଙ୍କ ନଅବର୍ଷର ଝିଅ ବେବୀ। ତାକୁ ଲାଗି ତା' ସାନଭାଇ ଟୁନା।

ଏଇମାତ୍ର ଛଅ କିଲୋମିଟର ରାସ୍ତା ସାଇକେଲରେ ଅତିକ୍ରମ କରି ଆସି ଝାଳ ପୋଛୁଥାଏ। ଥକ୍କା ମେଣ୍ଟାଇଥାଏ। ଏ ଭିତରେ ପୁତୁରା ବୋହୂଟି ଚାରି ଆଙ୍ଗୁଳି ଓଢ଼ଣା ତଳୁ ମୁଣ୍ଡିଆ ମାରି ଘର ଭିତରକୁ ଅତିଥି ସେବା ଉଦ୍ଦେଶ୍ୟରେ ତରବର ହୋଇ ଚାଲିଯାଇଥାନ୍ତି।

ସାମନାରେ ଭିତରପଟ ଦରଜା ଦେଇ ମୋତେ ଖଞ୍ଜା ବା ବାରଣ୍ଡା ପାଖକୁ ଭଣ୍ଡାର ଘଣ ଦରଜା ଓ ବାଡ଼ି ଦରଜା ଉଭୟ ଦିଶୁଥାଏ। ଛାଇ ଆଲୁଅରେ ମାଟିକାନ୍ଥ ଓ ନୁଆଣିଆଁ ପୁରୁଣା ଚାଳର ଘର ଭିତରଟାରେ ସସ୍ତିରେ ନିଃଶ୍ୱାସ ମାରିବା କଷ୍ଟକର ହେଉଥାଏ, ବାଜେ ପାଗ ଯୋଗୁଁ। ଯେଉଁ ଟିକକ ଆଲୁଅ ଘର ଭିତରକୁ ଆସୁଥାଏ ତାହା ବାଡ଼ି ଦରଜା ଦେଇ।

ଦାଣ୍ଡପଟର ଛୋଟ ବଗିଚାଟିରୁ ଗେଣ୍ଡୁଫୁଲରୁ ଏତେ ବେଶୀ ମହକ ଆସୁଥାଏ ଯେ, ନାକ ଗୁନ୍ଧିହୋଇ ଯାଉଥାଏ। ପାଖ ଝରକା ଦେଇ ଦେଖୁଥାଏ ଗୁଡ଼ାଏ ନାନା ରଙ୍ଗର ପ୍ରଜାପତି ମତୁଆଲ ହୋଇ ନାନା ପ୍ରକାର ଭଙ୍ଗୀରେ ଚକ୍କର କାଟି ଫୁଲରୁ ଫୁଲକୁ ଯାଇଥାନ୍ତି। ଆମେ ଆସି ପହୁଞ୍ଚିଲା ବେଳକୁ ବେବୀ ଓ ଟୁନା ସେମାନଙ୍କୁ ଧରିବାରେ ପାଗଳ ହୋଇ ଧାଁ ଧପଡ଼ କରି ଡ଼ାଳପତ୍ର ଭାଙ୍ଗି ଦେଉଥାନ୍ତି। ମୋତେ ଦେଖିଦେଲା ମାତ୍ରେ "ଅଜା ଆସିଲେ, ମାଆ, ଅଜା ଆସିଲେ କହି ଖେଳ ଛାଡ଼ି ସେ ଭିତରକୁ ପଶିଗଲେ। କାହିଁକି କେଜାଣି ଦୂର ସମ୍ପର୍କୀୟ ହେଲେ ବି ଦୁହେଁ ଅଜାଗତ ପ୍ରାଣ। କିନ୍ତୁ ଦେଖାଦର୍ଶନ କମ୍।

ଘର ଭିତରୁ ପିଠାପଣାର ମହକ, ଧୂପଦୀପରେ ବାସନା ସହିତ ମିଶି ମଫସଲ ଅଞ୍ଚଳର ଧାର୍ମିକା ସୁଗୃହିଣୀର ପରିଚୟ ଦେବା ସଂଗେ ସଂଗେ ପର୍ବପର୍ବାଣି, ପୂଜା ଗୁରୁବାର ଦିନଗୁଡ଼ିକର ପିଲାଦିନିଆ ସ୍ମୃତି ଓ ଅନୁଭୂତି ଜାଗ୍ରତ କରୁଥିଲା।

ଆଜି ପ୍ରଥମାଷ୍ଟମୀ। ବାପାଙ୍କର ପ୍ରଥମ ସନ୍ତାନ ବୋଲି ଗର୍ବ ମୋର ନଥିଲେ ବି ବାପା ଯିମିତି ସ୍ୱର୍ଗରୁ ଉଙ୍କିମାରି ଦେଖିପାରିବେ ତାଙ୍କ ଷାଠିଏ ବର୍ଷର ବଡ଼ପୁଅ ଏବେ ବି ତାଙ୍କୁ ସ୍ମରଣ କରୁଛି ସେଥିପାଇଁ ଜଗନ୍ନାଥ ମନ୍ଦିରକୁ ଯାଇଥାଏ ଭୋଗରାଗ ନବବସ୍ତ୍ର ଆଦି ନେଇ।

ଫେରୁଥାଏ, ଶତ୍ରୁଘ୍ନ ସାଙ୍ଗରେ ଦୈବାତ୍ ଦେଖାହେଲା ଫଳ ଦୋକାନରେ। ସେ ବି ବଜାରକୁ ଆସିଥାନ୍ତି ତାଙ୍କ ଦୁଇ ପିଲାପିଲିଙ୍କ ପାଇଁ ଜାମାପଟା ଫଳ ମିଠା କିଣିବାକୁ।

Digitized by srujanika@gmail.com

ମଉସା ପୁତୁରା ଦୁହେଁ ଚାକିରିଆ। ଗ୍ରହଚକ୍ରର ଆବର୍ତ୍ତନରେ ସୂର୍ଯ୍ୟ ପୃଥିବୀ ଓ ଚନ୍ଦ୍ର ବର୍ଷକୁ ଥରେ ଦି ଥର ସହାବସ୍ଥାନ କଲାପରି ଆତ୍ମୀୟସ୍ୱଜନଙ୍କ ସହିତ ଚାକିରୀ ଜୀବନରେ ଭେଟଘାଟ ଯୋଗ ବିରଳ। ଛଅମାସ ହେଲା ସେ ଆସିଲେଣି, କେହି କାହାକୁ ଭେଟି ନାହାନ୍ତି। ସହରଠାରୁ ଅଳ୍ପଦୂର ତାଙ୍କ ଅଫିସ୍, ସେଠାରୁ ଏକ କିଲୋମିଟର ଦୂରରେ ଗୋଟିଏ ପ୍ରସିଦ୍ଧ ମନ୍ଦିର।

ସେ ମୋତେ ଦେଖିଲାମାତ୍ରେ ଅତି ଆଗ୍ରହରେ କହିଲେ, "ମଉସା ! ଆଜି ଆସନ୍ତୁ, ଆମ ଘରକୁ। ବେବୀ, ଟୁନା ତାଙ୍କ ମାଆ ଅନେକଥର ଆପଣଙ୍କୁ ଖୋଜିଲାଣି।" ମୁଁ ନା କରି ପାରିଲିନାହିଁ, ସ୍ନେହ ମମତାର ଉଦ୍‌ବେଳ ହୋଇ ସାଙ୍ଗେ ସାଙ୍ଗେ ହଁ କହିଲି, ଭାବିଲି ଅଳ୍ପବାଟ, ବାଧିବ ନାହିଁ, ମନ ଟିକିଏ ଜଞ୍ଜାଳମୁକ୍ତ ହବ, ଦିଅଁ ଦର୍ଶନ ହେବ, କ୍ଷିରୀ ଭୋଗ ମିଳିବ ମନ୍ଦିରରୁ। ଫେରିବାରେ ବି ଅସୁବିଧା ହବନି। ଡେ଼ରିହେଲେ ବି ଅଷ୍ଟମୀ ଜହ୍ନ ଅଛି।

କହିଲି "ହେଉ, ତୁମେ କାମସାରି ଆସ ଆମ ଘରଦେଇ ମୁଁ ତୁମକୁ ଅପେକ୍ଷା କରୁଥିବି। ଦଶ ବାଜିଲା। ତୁମେ ଠିକ୍ ଏଗାରେଟା ବେଳକୁ ଆସ।"

ଆସିଲାବେଳେ ଚକୋଲେଟ୍ ବାକ୍ସଟାଏ କିଣିଥିଲି। ତାକୁ ବେବୀ ହାତକୁ ବଢ଼ାଇଦେଇ କହିଲି "ନେ, ଭାଇ ସାଙ୍ଗରେ ବାଣ୍ଟିକରି ଖାଇବୁ।" ସେମାନେ ଦିହେଁ ଏକା ସାଙ୍ଗରେ ଖଟରୁ ଉଠି କଣର ମଶିଣା ଗୋଟାକୁ ଟାଣିଆଣି ପାରିଦେଲେ ଏବଂ ଡ଼ବା ଫିଟାଇ ମୁହାଁମୁହିଁ ବସି ସଂଗେ ସଂଗେ ବଣ୍ଟାବଣ୍ଟି ଆରମ୍ଭ କରିଦେଲେ। ତୋର ଗୋଟେ, ମୋର ଗୋଟେ, ତୋର ଦୁଇଟା, ମୋର ଦୁଇଟା, ତୋରି ଚାରି ମୋର ଚାରି। ଟୁନା ଥରକୁ ଥର ଚିତ୍କାର କରୁଥାଏ, "ନାନୀ ତୁ ବେଶୀ ଚାଲାକ, ତୁ ବେଶୀ ଗୋଟାଏ ନେଲୁ" ତୁ ସବୁ ନାଲି ଚକ଼୍ଲେଟ୍ ନେଲୁ, ମୋତେ ଖାଲି ନୀଳିଆ ଦେଲୁ।" ମୁଁ ଭାବୁଥାଏ ଏତେ ଏତେ ଖାଇବାର ଭଲ ଭଲ ଚିଜ ଥିଲେ ବି ପିଲାଝିଲାଏ କାହିଁକି ଚକ୍ଲେଟ୍‌କୁ ଏତେ ଲୋଭ କରନ୍ତି। ଭିତରର ମିଠେଇ ପାଇଁ ନା ଉପରେ ରଙ୍ଗୀନ୍ କାଗଜ ପାଇଁ ?

ଭାଗ ସରିବାରୁ ଦୁହେଁ ମୋ ଆଡ଼କୁ ବଲବଲ ଚାହିଁ ଖୋଜୁଥାନ୍ତି ମୋ ଦିହରେ କେଉଁଠି ଦାନୀ ପଣିଆର ଉତ୍ସବ ରହିଛି। ମନେପଡ଼ିଲେ ଥରେ ଥରେ କାଗଜ ଠୁଙ୍ଗା ଭିତରେ ବନ୍ଦୀ ମୁମୂର୍ଷୁ ପ୍ରଜାପତିଙ୍କି ଦେଖୁଥାନ୍ତି। ତାଙ୍କ ବାପା କହି ଚାଲିଥାନ୍ତି ପୁଅ ଝିଅଙ୍କ ଗୁଣଗ୍ରାମ। "ଏଇ ଆମର ଟୁନାଟା ଇମିତି ଦୁଷ୍ଟ ହୋଇଛି ଯେ କାହାକୁ ବସେଇ ଉଠେଇ ଦଉନି, ପାଠ ତ ଜମା ପଢୁନି, ଢୁରିପାଟି କଳି ତକରାଳ ସବୁବେଳେ ତା ନାନୀକି ଆମ୍ପୁଡ଼ା ଆମ୍ପୁଡ଼ି କରି ଲହୁଲୁହାଣ କରୁଛି। ଚାରୋଟି ଚକୋଲେଟ୍ ପାଇଁ ପଇସା ନ ନେଲେ ସ୍କୁଲ ଆଡ଼କୁ ଦୁହେଁ ମୁହାଁଉ ନାହାନ୍ତି। ମାଷ୍ଟର ଗୋଟାଏ ରଖିଲି ତାର ଚୁଟି ଟଣାଟଣି କଲେ ସେ ପଳାଇଲା ପ୍ରାଣଘେନି। ମୋଟ ଉପରେ ସେ

Digitized by srujanika@gmail.com

କହିବାକୁ ଚାହୁଁଥିଲେ ସେମାନେ ଦିହେଁ ଏ ଦିଟାକୁ ସମ୍ଭାଳିପାରୁନାହାଁନ୍ତି, ଏତେ ଅଝଟ ହୋଇଛନ୍ତି ସେମାନେ। ତାଙ୍କ ଭବିଷ୍ୟତ କଣ ହେବ, କିମିତି ତାଙ୍କୁ ମଣିଷ କରିବେ ସେଇ ଚିନ୍ତା ତାଙ୍କର। ସବୁ ବାପା ମାଆଙ୍କ ପରି ତାଙ୍କର ଭିତରେ ଗର୍ବ ଯେ ଆମ ଛୁଆ ଭରି ଦୁଷ୍ଟ।

ଚଷମାଟା କାଢ଼ି ଆଖି ଦିଟା ରୁମାଲରେ ପୋଛୁଛି ସାମନା ଦରଜା ଦେଇ ଦେଖିଲି ବରଣ୍ଡା କାନ୍ଥ କଡ଼େ କଡ଼େ ବଡ଼ ମୂଷା ବା ଚୁଚୁନ୍ଦ୍ରାଟାଏ ଚାଉଳ ବୋରା ଥାକ ପାଖେ ପାଖେ ଭଣ୍ଡାର ଘର ଭିତରକୁ ବିଜୁଳି ବେଗରେ ଯାଉଛି। ଆପେ ଆପେ ମୋ ପାଟିରୁ ବାହାରି ପଡ଼ିଲା ମୂଷା, ମୂଷା କେତେବଡ଼ ମୂଷାଟା, ଦିନ ଦିପହରେ।" ମୋ ଚିତ୍କାର ସାଙ୍ଗରେ ତାଳଦେଇ ବେବୀ ଆଉ ଟୁନା ଏକାସ୍ୱରରେ "ନେଉଳ, ନେଉଳ" କହି ଡ଼େଇଁଉଠିଲେ ଏବଂ ଚକୋଲେଟ ପ୍ରଜାପତି ସବୁ ଛାଡ଼ି ବହୁ ପ୍ରତୀକ୍ଷିତ ମୁଖ୍ୟ ଅତିଥିଙ୍କୁ ସାଦର ସମ୍ଭାଷଣ ଜଣାଇବା ଭଙ୍ଗୀରେ ବାହାରି ଯାଇ ଭଣ୍ଡାର ଘର ସୁଇଚ୍ ଟିପି ଦେଲେ ଏବଂ "ଲିଲି । ଲିଲି। ଆ । ଆ।" ଡ଼ାକରେ ଘର କମ୍ପାଇ ଦେଲେ।

ପୁଅଝିଅଙ୍କ ଏତାଦୃଶ ଆଚରଣରେ ସଫେଇ ଦେଇ ଶତ୍ରୁଘ୍ନ କହିଲେ, ମଉସା। ସେଇଟା ମୂଷା ନୁହେଁ, ନେଉଳ।

"ପୋଷା ନା ବଣୁଆ ?"

"ବଣୁଆ ଥିଲା। ଏବେ ପୋଷା ମାନି ଆସିଲାଣି। ହେଲେ ବେବୀ ଆଉ ଟୁନା ଯିମିତି ତା ପଛରେ ଦିନରାତି ଲାଗିଛନ୍ତି ସେ ଦିନେ ଦି'ଦିନରେ ପୂରା ପୋଷା ହୋଇଯିବ, ବୋଲ ମାନିବ। ବେଳେ ବେଳେ ଆଉଁଷିବାକୁ ଦେଲାଣି ସେମାନଙ୍କୁ, ମଣିଷ ଭୟ ପୂରା ଭାଙ୍ଗିନାହିଁ। ସାନ୍ତାଳଟାକୁ ତାର ଭୟ।"

"ଘର ଭିତରକୁ ଆସୁଛି କିମିତି ?" ମୁଁ ସାନ୍ତାଳ ଉପରେ ଗୁରୁତ୍ୱ ନଦେଇ ପଚାରିଲି।

ଶତ୍ରୁଘ୍ନ କହିଲେ, "ମଉସା, ତାର ବହୁତ ଇତିହାସ। ଆମେ ଜୁଲାଇରେ ଏ ଘରକୁ ଆସିଲୁ। ବ୍ଲକ୍‌ରେ କ୍ୱାଟର୍ସ ସେତେବେଳେ ଖାଲିନଥିଲା। ସେଥିପାଇଁ ଏ ଗାଁ ଭିତରେ ଘରଟା ଭଡ଼ାନେଇ ପିଲାପିଲିଙ୍କି ନେଇ ଆସିଲି। ସ୍କୁଲ ସବୁ ଖୋଲି ଯାଇଥାଏ। ପିଲା ଦିହିଁଙ୍କ ପଢ଼ାପଢ଼ିରେ ବିଘ୍ନହେବ ବୋଲି ସୁବିଧା ଅସୁବିଧା କିଛି ନ ଭାବି ଚାଲିଆସିଲି। ବଣ ଜଙ୍ଗଲିଆ ଜାଗାଟା। ପୋଖରୀ ଗାଡ଼ିଆ ଗୋଟାକୁ ଗୋଟା । ସହର ବୋଲି ନାଁକୁ। ଅଧା ବଜାର ଅଧା ଗାଁ। ଗାଁ ଚାରିକଡ଼ ବିଲ। ଦେଖୁନାହାନ୍ତି ଆମଘର ଚାରିପାଖ କିମିତି ବେତ ବାଉଁଶ ବୁଦା, ଡ଼ାଆଣୀ ଲତା ପରିପୂର୍ଣ୍ଣ। ଗେଣ୍ଡା, କଙ୍କଡ଼ା, ଶାମୁକା କେରାଣ୍ଡି ମାଛ ବର୍ଷାଦିନରେ ଏଠି ପ୍ରଚୁର। ଦୁନିଆଯାକ ସାପ ନେଉଳ ଏଇଠି। ତଥାପି ସବିତା (ତାଙ୍କ ସ୍ତ୍ରୀ) ବେବୀ, ଟୁନା ସମସ୍ତେ ସାଙ୍ଗସାଥୀ ପାଇଗଲେ, ବିପଦ ଆପଦକୁ ଗୁଡ଼ାଏ ଲୋକ ମଧ । ବ୍ଲକ୍ କ୍ୱାଟରକୁ ଆଉ ଗଲି ନାହିଁ।

Digitized by srujanika@gmail.com

ଝରକା ଦେଇ ଆଙ୍ଗୁଳି ଦେଖାଇ ପୁଣି କହିଲେ, "ସେଇ କୁଡ଼ିଆଟା ଯେଉଁ ଲୋକର ତା ସହିତ ଆମର କଣ ଗାଁର କାହାରି ଆଦୌ ପଟେ ନାହିଁ।" ତାକୁ ପିଲାଏ 'ସାନ୍ତାଳ' ବୋଲି ଡ଼ାକନ୍ତି ତାର ସଭାବ ପ୍ରକୃତି ଏପରିକି ଭାଷା ସୁଦ୍ଧା ସାନ୍ତାଳିଆ, ବଣୁଆ କେଉଁ ଗାଁରେ ଥିଲା ମାଡ଼ଗାଳି ଖାଇ ବୋଧହୁଏ ଏଇଠାକୁ ଆସିଛି ବର୍ଷେ ଦିବର୍ଷ ହେଲା। ଖାଲି ନିଷ୍ଠୁରତାରେ ଭରପୂର ତାର ଛାତି। ସାପର ଶତ୍ରୁ ଯିମିତି ନେଉଳ, ନେଉଳର ଶତ୍ରୁ ଯିମିତି ନେଉଳ, ନେଉଳର ଶତ୍ରୁ ସେମିତି ସେଇ ସାନ୍ତାଳଟା।" ଦଣ୍ଡେ ରହି ପୁଣି ସେ କହିଲେ, 'ତା'ର ଫେର ଗୋଟାଏ ବଣୁଆ କୁକୁର ଅଛି, ଖୁବ୍ ଶିକାରୀ। ମାଛ ଚଢ଼େଇଟା ଶିକାରରେ ଦୁହେଁ ରଥୀ, ଧୁରନ୍ଧର। କେତୁଟା କୁକୁଡ଼ା ଚିଆଁ କେଉଁଠି ଆଣି ପୋଷିଥିଲା ସାନ୍ତାଳ। ଚିଲ ଖାଇଲା କି ତା ନିଜ କୁକୁର ଖାଇଲା ସେ କୁହେ ନେଉଳ କୁଆଡ଼େ ଗୋଟାକୁ ଗୋଟା ନେଇଗଲା। ତେଣୁ ସେ ନେଉଳ ବଂଶ ରଖିବ ନାହିଁ। ନେଉଳ ଦେଖିଲେ କୁକୁର ଘଉଡ଼ାଇ ଦିଏ। ସାନବଡ଼ ମାଛ ଧରିବା ପାଇଁ ଯେତେ ଯେତେ ପ୍ରକାର ଉପାୟ ମଣିଷ କରିଛି ବନଶୀ, ଜାଲ, ଖଇଞ୍ଚି, ପୋହଳ ସବୁ ତା' ପାଖରେ ସଦାସର୍ବଦା ମହଜୁତ। ସାନବଡ଼ ଚଢ଼େଇ ଜୀବ ଜାନୁଆର ପାଇଁ ସିମିତି ନାନା ପ୍ରକାର ଅସ୍ତ୍ରଶସ୍ତ୍ର, ଧନୁଶର, ଗୋଲେଇ, ବାଟୁଳି, କୁରାଢ଼ି, ଟାଙ୍ଗିଆ ଆଦି ହାତ ତିଆରି ସାଇତା ରହିଛି। ଗୋଟାଏ ବଡ଼ ସାମରିକ ଡ଼ିଟେକ୍‌ଟର ଆର୍ସେନେଲ ଯିମିତି ତାର ଘରଟା। ଆମେ ବି ତାକୁ ଡ଼ରୁ। ଛୁଆପିଲା ଧରି ରହିଛି, ତାକୁ ଚାଲିଲେ ରାତି ଅଧରେ କଣ ନା କଣ କରି ଦେଇପାରେ।

"ଦିନେ ଆମେ ସମସ୍ତେ ବାଡ଼ିପଟ ପିଣ୍ଡାରେ ଛିଡ଼ା ହୋଇଥାଉ ଦେଖୁଥାଉ ବାଡ଼ଜଡ଼ ଦେଇ ଗୋଟାଏ ବଡ଼ ନେଉଳ ତା ତିନି ଛୁଆଙ୍କୁ ସାଙ୍ଗରେ ଧରି ଯାଉଥାଏ। ହଠାତ୍ 'ଧଅ' 'ଧଅ' କହି କୁକୁରକୁ ସାନ୍ତାଳ ଦେଖାଇ ଦେଲା ସେମାନଙ୍କୁ। ଦିହଲାଞ୍ଜ ଫୁଲାଇ ବଣବୁଦା ଭିତରେ ନେଉଳ ବଂଶକୁ କୁକୁରଟା ଖେଦି ନେଇଗଲା କୁଆଡ଼େ। ଆମେ ଦେଖିଲୁ ଅତର୍କ୍କ ହୋଇ ଗୋଟାଏ ନେଉଳ ଛୁଆ ଭୁଲ ଦିଗକୁ ଚାଲିଗଲା ଏବଂ ତା ମାଆ ପାଖରୁ ଅଲଗା ହୋଇଗଲା। ପିଲାବେଳେ ବାଘରାଣୀ ଖଇରୀ ପରି। ମାଆ ବୋଧହୁଏ ତାକୁ ଆଉ ଖୋଜି ପାଇଲା ନାହିଁ।"

ମୁଁ ପଚାରିଲି "ଏଇଟା କଣ ସେଇ ଛୁଆ ?"

ସେ ପୁଣି ଖିଅ ଧଇଲେ "ହଁ ସେଇଟା। ଶୁଣନ୍ତୁ ନା। ପରଦିନ ସେଇ ନେଉଳ ଛୁଆ ଓଳିତଳ ଦେଇ ଯିବାର ଦୁହେଁ ଦେଖିଲେ। ଦଣ୍ଡେ ପରେ ପିଣ୍ଡାରେ ଯେଉଁଠି ମାଛ କାଟି, ଅନ୍ତ ପଡ଼ିଥିଲା ସେଇଠି ଆସି ପହୁଞ୍ଚି କଣ ଖାଉଥିବାର ଦେଖି ଦୁହେଁ ଚିତ୍କାର କଲେ "ବାପା, ନେଉଳ ଛୁଆ ନେଉଳ ଛୁଆ, ଚମକି ନେଉଳ ଛୁଆ କୁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲା। ଆମେ ଗଲାବେଳକୁ ସେ ସେଠି ନଥିଲା। ସେମାନେ ତା'ପରେ ଗୋଟାଏ ପ୍ଲେଟ୍‌ରେ ସେଇଠି ସାମାନ୍ୟ ଦୁଧ ରଖିଲେ ଦଣ୍ଡେ ପରେ ସେ

Digitized by srujanika@gmail.com

ଦୁଧତକ ପ୍ଲେଟ୍‌ରେ ନଥିଲା । ସେମାନେ ଦୃଢ଼ ସ୍ୱରରେ କହିଲେ, "ବାପା, ନିଶ୍ଚୟ ଦୁଧତକ ନେଉଳ ଛୁଆ ଖାଇଛି ।

ଶତ୍ରୁଘ୍ନ ତାପରେ ଯାହା କହିଲେ ତାର ସାରାଂଶ ହେଲା, ନେଉଳ ପ୍ରତି ବେବୀ ଟୁନାଙ୍କ ଆଗ୍ରହ, ମମତା କ୍ରମେ କ୍ରମେ ବଢ଼ିଲା । ପ୍ରାୟ ଗୋଟାଏ ନିର୍ଦ୍ଦିଷ୍ଟ ସମୟରେ ସେ ଦେଖାଦିଏ ଏ ଦୁହେଁ ଭୋକଶୋଷ ଭୁଲି ନେଉଳକୁ ଜଗିଲେ । ଦିନେ ଅଧେ ସ୍କୁଲ କମେଇ କଲେ ମଧ୍ୟ ସେଇ ନେଉଳ ପାଇଁ । କେଉଁଦିନ ଦୁଧ, କେଉଁଦିନ ମାଛ, ମାଛ ଅଭାବରେ ବିଲ କଙ୍କଡ଼ା, କଙ୍କଡ଼ା ଅଭାବରେ ଗେଣ୍ଡା ଛେଚି ପ୍ଲେଟ୍‌ରେ ଥୋଇ ଦିଅନ୍ତି । ନେଉଳ କୃତଜ୍ଞତାର ସହିତ ସେସବୁ ଗ୍ରହଣ କରେ ନେଉଳ ଯେତେ କମ ବଣୁଆ ହେଲା ପିଲାଦିହେ ସେତେ ଅରଣା ହେଲେ । ଏମିତି ଦିନ ନାହିଁ ଯେଉଁ ଦିନ ସେ ଆମ ଘରକୁ ନ ଆସେ । ନିଜେ ଶୀକାର ଖୋଜି ଖାଇବା କ୍ରମେ କ୍ରମେ ନେଉଳ ଭୁଲିଯିବାକୁ ଲାଗିଲା ଏବଂ ସ୍ୱାଧୀନତା ହରାଇ ଖାଦ୍ୟ ପାଇଁ ଗୋଲାମୀ ମନୋବୃତ୍ତି ଆଦରିଲା । କ୍ରମେ ସେ ଆମଘରକୁ ବି ଆସିଲା । କେତେ ଦିନ ପରେ ସେ ବେବୀ ହାତରୁ ଖାଦ୍ୟ ଖାଇଲା ଏବଂ ଯେଉଁଦିନ ବେବୀ ତାକୁ ଆଉଁଷିଲା ସେ ଦିନ ତା ପକ୍ଷରେ ଖୁବ୍ ଆନନ୍ଦ ଓ ଗର୍ବର ଦିନ । ଟୁନା ମନ ଦୁଃଖ କଲା ନେଉଳ ତାକୁ ଛୁଆଁ ଦଉନି ଛୁଆ ଜନ୍ମ ହେଉ ନ ହେଉ ଆସନ୍ନ ପ୍ରସବା ନାରୀ ଯିମିତି ଆଗାମୀ ଶିଶୁ ପାଇଁ ଶେଯ, ତକିଆ, କନ୍ଥା, ସ୍ୱେଟର, ମୋଜା ବୁଣାବୁଣି ଆରମ୍ଭ କରିଦିଅନ୍ତି ବେବୀ ସିମିତି "ଲିଲି" ଯିମିତି ନେଉଳ ପାଇଁ କାଠ ବାକ୍ସ, କନା ଯୋଗାଡ଼ କରିଛି, ଟିକି ଛୁଆଙ୍କୁ ସରୁ ଚେନ୍ ପଦକ ଦେଲା ପରି ସେ "ଲିଲି" ପାଇଁ ଖୁବ୍ ଛୋଟ ଘୁଙ୍ଗୁରୁ ବଜାରରୁ ବାପାଙ୍କୁ ଦେଇ ଅଣାଇଛି ।

ନେଉଳ ଓ ସାନ୍ତାଳର ଇତିହାସ ଶୁଣୁଥାଏ । ବାରଣ୍ଡା ଦେଇ ଆଖି ରଖିଥାଏ ଭଣ୍ଡାର ଘର ଭିତର ଭାଇ ଭଉଣୀଙ୍କ ନେଉଳ ସହିତ ଖେଳ କଉତୁକ ଉପରେ । ଭିତରୁ ରୋଷେଇ ଶାଳ ଆଡୁ ଆସୁଥାଏ ଧୂପ ଦୀପ ଅଗରବତୀର ସୁଗନ୍ଧ ସାଙ୍ଗକୁ ବିରିଚକୁଳି, ଆରିଷା, ଭଜାମଣ୍ଡା ଆଦି ବିଚିତ୍ର ପିଠାର ମହକ । ସର୍ବୋପରି ପୁତୁରା ବୋହୂଙ୍କ ଏକକ କଣ୍ଠର ଶଙ୍ଖ ହୁଳହୁଳି ।

ନେଉଳ ଯିମିତି ବେବୀକି ତାର ନୂଆ ଭଉଣୀ କରି ପାଇଲା ମୁଁ ବି ସିମିତି ଶତ୍ରୁଘ୍ନର ବୋହୂକୁ ନୂଆ ମାରି କରିପାଇଲି । ବିଶେଷତଃ ଯେତେବେଳେ ସେ ମୋତେ ପିଢ଼ାରେ ବସାଇ ଚନ୍ଦନପାଟି ଦେଲେ ଓ ଦୂବ ଅରୁଆ ଚାଉଳ ମୁଣ୍ଡରେ ରୋଇ ବନ୍ଦାଇଲେ । ତାଙ୍କ ଘର ଠାକୁରକୁ ମୁଣ୍ଡିଆ ମାରି ଠାଆରେ ବସିଲି । ପିଠାପଣା ସହିତ ନୂଆ କୋଶଳା ଶାଗ, ନୂଆ ବାଇଗଣ ଭଜା ପୋଡ଼ା ଆଦି ଯେତେ ଯେତେ ପ୍ରଥମାଷ୍ଟମୀର ଖାଦ୍ୟ ଯାହା ମାଆ (ମାଆ ଅନ୍ତେ ପିଲାଙ୍କ ମାଆ) ଦେଉଥିଲା ।

Digitized by srujanika@gmail.com

ଯାହାର ମା ସ୍ତ୍ରୀ ନ ଥିବେ ସେ ଯେବେ ଭଲ ସ୍ନେହୀ ବୋହୂଟିଏ ପାଇବା ତେବେ ତାର ସ୍ନେହମମତା ରୁଦ୍ଧଉତ୍ସ ପୁଣି ଫିଟି ଶୁଷ୍କ ହୃଦୟକୁ ଶିକ୍ତ କରିଦେବ।

ଶତ୍ରୁଘ୍ନ ପିଲାଏ ମୋ ସହିତ ଠାରେ ବସିଲେ। ଶତ୍ରୁଘ୍ନର ଝିଅ ପଢୁଆ। ତାଙ୍କ ସ୍ତ୍ରୀ ବି ପଢୁଆ। ନେଉଳ ଛୁଆଟା ବି ପଢୁଆ ହୋଇଥିବ ତା ମାଆର ? କାରଣ ତାର ନାନୀ (ବେବୀ) ଦେଇଥିବା ଆଜିର ସରସ ଖାଦ୍ୟ ପାନୀୟରୁ ସେ ଜାଣିଥିବ ନେଉଳ ଜାତିର ପର୍ବପର୍ବାଣି କଥା। ପିଲା ଦିହିଁଙ୍କ ଖାଇବାରେ ମନ ଯେତେ ନଥିଲା, ସେତେ ଥିଲା ନେଉଳର କ୍ରିୟାକାଣ୍ଡରେ। ଯେତେବେଳେ ସେ ଆଗ ଗୋଡ଼ ଦି'ଟା ଟେକି ଭାଙ୍ଗି ଦେଇ ପଛଗୋଡ଼ରେ ଛିଡ଼ା ହୁଏ ଏବଂ ତା'ଖଣ୍ଡେ ଉଚ୍ଚରେ ଠିଆହୋଇ (ମିନି କଙ୍ଗାରୁ ପରି) ଗୋଲ ଗୋଲ ଚିଲା ରଙ୍ଗର ଆଖି ଦୁଇଟାରେ ଦୂରକୁ ଚାହିଁ ମୁଣ୍ଡକୁ ବାଁ ଡ଼ାହାଣ କରି ଏବଂ ଭାବେ ଯିମିତି "ଦେଖେଇ ନେତ୍ର ଯାହା ଚଉଦିଗର ସେ ସର୍ବର ଅଟଇ ମୁଁ ଅଧିଶ୍ୱର।"

ପୁତୁରା ମଉସା ବସି ଆମେ ଦୁଃଖସୁଖ ହେଉଥାଉଁ ହଠାତ୍ ବେବୀ ଖୁସିରେ ଚିତ୍କାର କଲା, "ଅଜା! ଲିଲି ଚକ୍‌ଲେଟ ଖାଉଛି। ମୋ ପାଟିରୁ ବାହାର କରି ଅଧା ତାକୁ ଦେଲି।" ମୁହୂର୍ତ୍ତ ପରେ ପଚାରିଲା, ଚକଲେଟ୍ ଖାଇଲେ ନେଉଳ କଣ ମରିଯାନ୍ତି ? ମୁଁ ଉତ୍ତର ଦେଲି 'ଚକ୍‌ଲେଟ୍ ଖାଇଲେ ମରିବ ନାହିଁ ଯେ ନିଶା ଅଭ୍ୟାସ ହୋଇଗଲେ ନ ଖାଇଲେ ମରିବ। ଯିମିତି ଲୋକଗୁଡ଼ା ମଦନିଶା ଖାଇବାର ଅଭ୍ୟାସ କରି ସେ ଚିଜ ନ ପାଇଲେ ମରଣ ମୁହଁକୁ ଟାଣି ହୋଇଯାନ୍ତି। ଥରେ ଖାଇଲେ ପୁଣି ଖାଇବ ଏବଂ ଖାଇବା ବେଳ ହେଲେ ଘରକୁ ଫେରିବ, ତୁମକୁ ଖୋଜିବ, ଯିମିତି ଦଣିଟିଆ ଗୋବରା ଚଢ଼େଇଙ୍କି ଲୋକେ ଅଫିମ ଦେଇ ଏମିତି ବେଶ୍ କରନ୍ତି ଯେ, ସେ ଠିକ୍ ଅଫିମ ବେଳକୁ ସେମାନେ ପିଞ୍ଜରାକୁ ପୁଣି ଫେରି ଆସନ୍ତି। ଚକ୍‌ଲେଟ୍ ଅଭ୍ୟାସ ଯଦି କରିବୁ ତେବେ ତାର ସ୍ୱାଭାବିକ୍ ସାଧାରଣ ଖାଦ୍ୟ ମାଛ କଙ୍କଡ଼ା ଗେଣ୍ଡା ଛାଡ଼ି ବିପଦରେ ପଡ଼ିବ।

ବେବୀ ଟୁନା ଏକାବେଳେ କହିଲେ, 'ତାହେଲେ ତ ଭଲ ସହଜରେ ପୋଷା ମାନିବ। ଆଉ କାହା ଘରକୁ ଗଲେ ରହି ଯିବନି। ସାନ୍ତାଳର ଡ଼ିହ ସୀମା ମାଡ଼ିବନି। ଆମେ ଆଉ ଚକ୍‌ଲେଟ ଖାଇବାନି ଆମର ଭାଗ ଲିଲି ଖାଇବ। ଯିଏ ଯେତେ ଖାଇବ ଆମେ ସେତେ ଦେଉଥିବା। ଅଜା! ତୁମେ ଆଉ ଥରେ ଆସିଲେ ଦେଖିବ କେଡ଼େ ବଡ଼ ହୋଇଯାଇଥିବ, ଆମ କାନ୍ଧରେ ଚଢୁଥିବ, ରାତିରେ ଶେଯ ଭିତରେ ଆମ ଦୁହିଁଙ୍କ ମଝିରେ ନିଦକ ହୋଇ ଶୋଇଥିବ। ତା ମାଆ କଥା ଏକାବାରେ ଭୁଲିଯିବ।

ମନେ ମନେ ଭାବିଲି 'ସ୍ନେହ ଶରଧା ଠିକ୍ ଚାକୋଲେଟ୍ ପରି, ନ ହେଲେ ଝିଅମାନେ ସ୍ୱାମୀଙ୍କ, ଶାଶୁଶ୍ୱଶୁରଙ୍କ ସ୍ନେହ ଶ୍ରଦ୍ଧା ପାଇ ବାପ ଘର ମୁଢ଼ି ଭାତ ଶାଗ ତୁଣରେ ଦୁନିଆଁକୁ ଏତେ ଶୀଘ୍ର ଭୁଲି ଯାଇଥାନ୍ତେ।"

Digitized by srujanika@gmail.com

ଟୁନା କହିଲା, ଅଜା ! ଆଉ ଥରକୁ ଆସିଲେ ଚକୋଲେଟ୍ ବେଶୀ କରି ଆଣିଥିବ । ଆମ ପାଇଁ ଆଉ ଲିଲି ପାଇଁ ଅଲଗା ଅଲଗା ।

ଖୁବ୍ ପ୍ରତ୍ୟୟ ଜନ୍ମାଇବା ପାଇଁ ଜୋର ଦେଇ ଦୁଇଥର । 'ନିଶ୍ଚୟ, ନିଶ୍ଚୟ' କହିଲି ଏବଂ ସତର୍କ କରାଇ ଦେଲି ନେଉଳକୁ ସାବଧାନରେ ରଖିବା ପାଇଁ । ତାର ଅନେକ ବିପଦଆପଦ, ଶତ୍ରୁ ଅଇରୀ । ବଣର ନେଉଳ ନିଜକୁ ରକ୍ଷା କରିପାରିବ କିନ୍ତୁ ପୋଷା ନେଉଳ ରକ୍ଷାର ନିଜସ୍ୱ ଦୈବୀ ଉପାୟ ସବୁ ଅବଲମ୍ବନ କରିବାକୁ ଭୁଲିଯାଏ ।

ମକର ସଂକ୍ରାନ୍ତି । (ଭୁରି ଭୋଜନ ଆଶାରେ) ପୁଣି ବାହାରିଲି ପୁତୁରା ଶତ୍ରୁଘ୍ନ ଘରକୁ । ମ'ସଲରେ ସେଦିନ ଏମିତି କାହାରି ଘରେ ଖାସି ହେଉ ମେଣ୍ଢା ହେଉ, ଘୁଷୁରି ହେଉ ନ ହେଲେ ହଂସ, କୁକୁଡ଼ା ହେଉନଥିବ । କିଛି ନ ପାଇଲେ ବିଲ ହିଡ଼ ତାଡ଼ି ମୂଷାଙ୍କୁ ମାରି ବି ମକର ମାନି ହେବ । ବାହାରିବା ପୂର୍ବରୁ ଗୋଟାଏ ବଡ଼ ଚକୋଲେଟ୍ ବାକ୍ସ କିଣିଲି ବେବୀ ଟୁନାଙ୍କ ପରି । ତାଙ୍କର ବରାଦ ମୁତାବକ । କିଣିଲାବେଳେ ମନେ ପଡ଼ିଲା ନେଉଳ କଥା ।

କାହିଁକି କେଜାଣି ମନରେ ପାପ ଛୁଇଁଲା 'ଲିଲି' ନଥିବ । ମୋର ବରାବର ଭୟ ଆଶଙ୍କା ଥାଏ ଏଇ ପୋଷା ଜୀବଗୁଡ଼ାକ ଜୀବନ ଉପରେ । ଯେଉଁ ସ୍ନେହ ମମତାରେ ସେମାନେ ମଣିଷ ସହିତ ବାନ୍ଧି ହୋଇଥାନ୍ତି । ସେହି ସ୍ନେହ ମମତା ହିଁ ତାଙ୍କ ଜୀବନନାଶର କାରଣ ହୁଏ । ଅପର ପ୍ରାଇମେରୀ କ୍ଲାସ୍‌ରେ ପଢୁଥିଲା ବେଳେ ମୁଁ ଗୋଟାଏ ନେଉଳ ପୋଷିଥିଲି । ଗୋରୁ ଜଗା ପିଲାଏ ତାକୁ ତା' ମାଆ ପାଖରୁ ଛଡ଼ାଇ ଆଣି ଖେଳୁଥିଲେ ତା ବେକରେ ଲମ୍ବା ଘାସ ଗୁଡ଼ାଇ ପାଣିରେ ବୁଡ଼ାଇ ବୁଡ଼ାଇ ।

ବାପା ତାକୁ ଆଣିଥିଲେ । ତା ଦିହରେ ଲୋମ ବି ଉଠିନଥାଏ । ଖାଲି ଖାଦ୍ୟ ଜନ୍ମିଥିବା ଘୁଷୁରି ମୂଷାଛୁଆ ରଙ୍ଗ । ତୁଳାରେ ଦୁଧଖୁଆଇ, ନିଆଁରେ ସେକି ବାପା ତାକୁ ବଞ୍ଚାଇଥିଲେ । ଖୁବ୍ ବୋଲମାନି ଏତେ ଗେଲବସର ହୋଇଥିଲା ଯେ ମୋ କାଳରେ ସେ ରାତିଯାକ ଶୋଇଥିଲା । ଦିନେ କେତେବେଳେ ନିଘୋଡ଼ ନିଦରେ ମୁଁ କଡ଼ ଲେଉଟାଇଛି ତ ନେଉଳ ଛୁଆଟି ଚିପିହୋଇ ଛଟପଟ ନହୋଇ ନ କାମୁଡ଼ି ମରିଯାଇଛି । ବାପା, ମାଆ, ମୁଁ ଆଉ ମୋ ଭାଇଭଉଣୀ ସମସ୍ତେ ବହୁତ କାନ୍ଦିଛୁ । ସେଦିନ ଚୁଲି ହାଣ୍ଡିକି ଯାଇଛନ୍ତି ।

ମୁଁ ଶତ୍ରୁଘ୍ନ ଘରେ ପହୁଞ୍ଚି ସେଇ ଅବସ୍ଥା ଦେଖିଲି । ଘର ଚୁପ୍‌ଚାପ୍, ଶୁନ୍‌ଶାନ୍ । ଗୁଡ଼ାଏ ଫୁଲ ଫୁଟିଛି, ଗୁଡ଼ାଏ ପ୍ରଜାପତି ଉଡୁଛନ୍ତି, କେହି ଖେଳୁନାହାନ୍ତି ତାଙ୍କ ସାଙ୍ଗରେ, କେହି ଧରୁନାହାନ୍ତି ତାଙ୍କୁ । 'ଅଜା ଆସିଲେ' ବୋଲି ଘୋଷଣା କରିବାକୁ ବି କେହି ନାହାନ୍ତି ।

Digitized by srujanika@gmail.com

ଅପ୍ରତ୍ୟାଶିତ ଭାବରେ ବଡ଼ ଅଡୁଆ ପରିସ୍ଥିତିରେ ପଡ଼ିଲି । ଦଣ୍ଡେ ଦରଜାରେ ଛିଡ଼ାହେଲି, ତା'ପରେ ବୈଠକଖାନା ଭିତରକୁ ଧୀରେ ଧୀରେ ଯାଇ ଟେବୁଲ ଉପରେ ଚକୋଲେଟ୍ ବାକ୍ସଟା ଥୋଇଦେଇ ଦେଖିଲି ଆରପଟ ଦରଜାରେ ଟୁନା ଛିଡ଼ା ହୋଇଛି ।

ଦୁଃଖ କ'ଣ ବିରହ କଣ ଟୁନା ଏ ଯାକେ ଜାଣିନଥିଲା । ସେ ଚକୋଲେଟ୍ ବାକ୍ସ ଉପରେ ମୋଟେ ଆଖି ନ ପକାଇ ଭୋ ଭୋ କାନ୍ଦି କହିଲା; 'ଅଜା ! ଲିଲି ଆଉ ନାହିଁ, ତାକୁ ସାନ୍ତାଳ ନେଇଗଲା ଆଜି ସକାଳେ । ଏଇ ଦେଖ, ଶଳା ଠିଆ ହୋଇଛି ମୁଣ୍ଡରେ ପଗଡ଼ି ବାନ୍ଧି । ଶଳା ମକର ମାନିବ । ମରିବ ଶଳା, ଯିଏ ଆମର ନେଉଳ ଖାଇବ ।

ମୁଁ କ୍ଷଣକେ ଜାଣିଗଲି, ଆଜି ପିଠାପଣା ଉତ୍ସବର ଦିନ ଦୁହେଁ ଅଶୌଚ ଅଶୁଦ୍ଧ ଶୋକ ଦିବସ । "ଟୁନାରେ, ମା'ବାପାଙ୍କୁ କହିଦେବୁ ମୁଁ ଯାଉଛି, ମୋର ଅନେକ ଅଫିସ୍ କାମ ଅଛି, ଆଉ ଦିନେ ଆସିବି । ସେଇଠି ଚକୋଲେଟ୍ ବାକ୍ସଟା ରହିଲା ।' କହି ମୁଁ ଘରମୁହାଁ ଧଇଲି ।

ବଜାରର ଗୋଟାଏ ଦୋକାନରେ ଚା' ଖାଇ ପାନ ସିଗାରେଟ କିଣୁଥାଏ ଏବଂ ଦେଖୁଥାଏ ସଡ଼କରେ ହାଣ୍ଡିଆରେ ମାତି ନାଚୁଥିବା ସାନ୍ତାଳଦଳଙ୍କୁ ଦେଖିଲି ପାଖ ଦୋକାନ ଗୋଟାକରୁ ସେଇ ପଗଡ଼ିବନ୍ଧା ସାନ୍ତାଳଟା ଦୋକାନୀକୁ ମାଗୁଛି କୋଡ଼ିଏ ପଇସାର ପିଆଜ ରସୁଣ । ନେଉଳ ରନ୍ଧାଯିବ ନିଶ୍ଚୟ । ମକର ପର୍ବ ମାନିବ ।

କୁତୁହଳି ହୋଇ ତାକୁ ପଚାରିବାକୁ ଯାଉଛି ସେ ମୋ ଆଡ଼କୁ ଆପେ ଆପେ ଚାହିଁ ବିଜୟ ଦର୍ପରେ ପଚାରିଲା "କି ବାବୁ । ଆମର ପାଶର ଘରଟାକେ ଯାଇଥିଲୁ ନା ? ଯେବେ ତେବେ ତୁ ଆସୁ ଯେ ତାର ଘରକେ ।"

"ହଁ ଯାଇଥିଲି, କି ହେଲା ?" ତଦଣ୍ଡେ କହିଲି "ତାଙ୍କର ନେଉଳଟାକୁ ମାରିଦେଲୁ ନା ? ନେଉଳଟା ତୋର କଣ କରୁଥିଲା ?"

ଖତେଇ ହୋଇ ସେ ଉତ୍ତର ଦେଲା "କଅଣ କରୁଥିଲା । ପଚାରୁଛୁ । ତର ନାଜ ବି ନାଇଁ ? ମୋର ସତିଆନାଶ କରିଦେଲା । ଗରିବ ନୁକ୍ ଆମ୍ଭର । ଖଟିନୁଟି ବଞ୍ଚୁଛି । ତୁଇ ବୁଝନା ବାବୁ ! କାଠ୍ କାଟିତେ ବଜାର ଯାଇଥିଲି । ଫେରିଲା ବେଳେ ଫାରାମରୁ ଆଠଟା ଡ଼ିମ୍ ଆଣି ଛୁଆ ଫୁଟାଇଲି । ଗୋଟା ଗୋଟା କରି ସବ୍ ଖାଇଗଲା ଶଳା ନେଉଳଟା । ମାରତି ନାଇଁ ତାକେ ଶରଧା କରତି । ଆମର ଝିଅଝିଆଣିକି ତୁମର ବାବୁଭାୟା, ହାଟୁଆସବ୍ ନେଲା, ବିକିଲା, ଖାଇଲା । ନେଉଳଟାକେ ମାରିଲି ବୁଲି ପଚାରୁଛି ତର କଅଣ କରୁଥିଲା ତର କୁକୁଡ଼ା ହେଇଥିଲେ ଛାଡ଼ି ଦେଇଥାନ୍ତୁ । ବେଶୀ ଭଦର ଦେଖେଇ ହଉଛି ?

Digitized by srujanika@gmail.com

ମୁଁ କହିଲି, "ତାଙ୍କର ଘରେ ତ ମାଛ କଙ୍କଡ଼ା ଦୁଧଭାତ ସବୁ ଖାଉଥିଲା ତୋର କୁକୁଡ଼ା ଚିଆଁ ଖାଇଲା କେତେବେଳେ ?

ସେ ରାଗିବା ଗଳାରେ ପୁଣି କହିଲା "ସେଇ ନାଗିତ ମତେ ଏତେଦିନ ନାଗିଲା ତାକେ ମାରିତେ। ସିଏ କି ଚିଆଁ ଖାଇଥିଲା ? ଚିଆଁ ସବ୍ ଖାଇଥିଲା ତାର ମାଆଟା। ତାକୁ ତ କାଳୀପୂଜା ବେଳେ ଠାଏଁ ମାରିଦେଲି ବିଟା କାଣ୍ଡରେ ଏକା ଥରକେ। ତାର ଛୁଆ ଦୁଇଟାକେ ବି ଆଠଦିନ ଆଠଦିନ ଛାଡ଼ି ମାରିଦେଲି। ଏଇ ଗୁଟିଏ କୁକର୍ ହାବୁଡ଼ରୁ ଖସି ଯାଇଥିଲା। ତାକୁ ଖୋଜୁଥିଲି ଏତେଦିନ। ଆଜି ପାଇଗଲି, ନେଉଳର ବଂଶ ରଖୁ ଦେବି ନାହିଁ। ମର ହାବୁଡ଼ାରୁ ନେଉଳ ବଞ୍ଚୁବ ? ହାତୀ ତ ବଞ୍ଚୁବ ନାହିଁ।'

ଖିଆଲରେ ପଚାରିଲି "ନେଉଳ ମାଉଁସ କିମିତି ଲାଗେରେ ?

ରାଗ ପାସୋରି ସେ କହିଲା, "ଖୁବ୍ ଭଲ ନାଗେ। ଆମର ବଣୁଆଁ ନେଉଳ ମାଛ କଙ୍କଡ଼ା ଖାଏ ଆଇଁଷା ନାଗେ। ହେଲେ ତୁମର ମିଠେଇ ଖିଆ ନେଉଳ ମିଠେଇମିତି ନାଗିବ।"

"ଆମର ନେଉଳ ମିଠେଇ ଖାଏ ବୋଲି ଜାଣିଲୁ କିମିତି ?"

"ଟୁନା କହିଲା। ନେଲଳଟାକେ ଯେତେ ଭୁଲେଇଲେ ବି ମର୍ ପାଶ୍‌କେ ଆସିଲିନି ବେଳେ ଟୁନାକେ ପଚାରିଲି, ଏ ଟୁନାବାବୁ ତୁମର ନେଉଳକେ କି ଖାଇତେ ଦଉଛ ? ସିଏ ନାଲିଆ କାଗଜରେ ଗୁଡ଼ା ମିଠେଇ ରକମ୍ କି ଗୁଟେ ମତେ ଦେଖେଇଲା। ମର ଦିହ ଗନ୍ଧେଇଲା ନାକି ନେଉଳଟା ଯେତେବେଳେ ଜମା ପାଶ୍ ମାଡ଼ିଲାନି ମୁଁ ଦିନେ ଟୁନା ବାବୁକେ କହିଲି, ତାର ନାଗି ଗୁଟେ ଧନୁଶର କରିଦେବି, ଚଢ଼େଇ ମାରିବୁ, ମତେ ଗୁଟେ କାଗଜରେ ଗୁଡ଼ା ମିଠେଇ ଦଦୁ ?" ସେ ପକେଟ୍‌ରୁ ଗୁଟେ ମତେ ଦେଇଦେଲା। ବାଡ଼ ତଳେ ସେଇଟା ରଖିଦେଇ ପେଣ୍ଡାରେ ଜୁହି ଛକି ଥିଲି। ଯିମିତି ଆସି ଖାଇଛି ଦୁଇ ହାତରେ ଧରି, ଆଉ ଯାଏ କାହିଁ, ପାଟଣ କାଣ୍ଡ୍‌ଟା ଚଲେଇ ଦେଲି ଠିକ୍ ଛାତି ପାରେଇଗଲା।"

ରିଲିର ଟ୍ରେଜେଡ଼ି ଶୁଣିସାରିଛି ଶତ୍ରୁଘ୍ନ ପଛରୁ ଆସି ଡ଼ାକିଲେ "ମଉସା ! ଘରକୁ ଆସ, ବେବୀ ଆଉ ତା'ର ମାଆ ବହୁତ କାନ୍ଦୁଛନ୍ତି। ମୁଁ ଜମା ବୁଝେଇ ପାରୁନି। ଏଇ ଦେଖ ଟୁନାର ଆଖି ମୁହାଁ।"

ଏତିକିବେଳେ ଟୁନୁ ସାଇକେଲ ରଡ଼୍‌ରୁ ଖପ୍‌କରି ଓହ୍ଲାଇପଡ଼ି ମୋ ଆଡ଼କୁ ଆସିଲା ଏବଂ ମୁଁ ଦେଇଥିବା ଚକୋଲେଟ୍ ବାକ୍ସକୁ ମୋ ହାତକୁ ବଢ଼ାଇଦେଇ ବିକଳ ହୋଇ କହିଲା ଅଜା ! ନିଅ ତୁମର ଚକୋଲେଟ୍ ବାକ୍ସ। ତୁମେ ଆଉ ଯାହା ଆଣିବ ଆଉ କେବେ ଚକୋଲେଟ୍ ଆଣିବ ନାହିଁ ଆମ ପାଇଁ। ବେବୀ ନାନୀ ପ୍ରତିଜ୍ଞା କରିଛି ସେ ଜୀବନରେ କେବେ ଚକୋଲେଟ୍ ଖାଇବ ନାହିଁ। କାଲେ ସାନ୍ତାଳ ତାକୁ

Digitized by srujanika@gmail.com

ଚକୋଲେଟ୍ ଦେଖାଇ ଧରିନବ ମାରିଦବ ।" ଦଣ୍ଡେ ଥମିଯାଇ କହିଲା 'ମୁଁ ବି ଖାଇବି ନାହିଁ ।'

ମୁଁ କଣ କହିବି ଠିକ୍ କରି ନପାରି କାଲି ମୁରୁମୁରୁ ହୋଇ କହିଲି "ହଁରେ ଟୁନା ! ସାନ୍ତାଳ ଆଖିରେ ନେଉଳ ଯିଏ ମଣିଷ ସିଏ ବେବୀ ଆଉ ଲିଲିର ଫରକ୍ କାହିଁ ? ଟଫି ଖାଇଛ ତ ମରିଛ ।"

# ମାଛ ଧର୍ ଧର୍ ବେଙ୍ଗ୍‌ଟା ଧର

ପିଲାଦିନ କଥା ମୋର ସ୍ପଷ୍ଟ ମନେ ଅଛି, (ବାପା ବି ମଲା ପର୍ଯ୍ୟନ୍ତ ସେଇ କଥାକୁ ଯେବେ ତେବେ ମାଆ ଆଗରେ କହି ହେତୁ କରାଇ ଦେଉଥିଲେ ।) ବାପା ବୋବେଇ ଦଉଡ଼ି ଖଟଟାରେ ଚିତ୍‌ପଟାଙ୍ଗ ହୋଇ ଶୋଇଥାନ୍ତି, ମୁଁ ତାଙ୍କ ପାଖରେ ବସିଥାଏ, ହଠାତ୍ ସେ ମୋତେ ଟେକି ନେଇ ତାଙ୍କ ପେଟ ଉପରେ ଘୋଡ଼ା ଚଢ଼ିଲା ଭଙ୍ଗୀରେ ବସାଇ ଦିଅନ୍ତି, ମୁଁ ଲଗାମ୍ ନ ପାଇ ଯିମିତି ତାଙ୍କ ଛାତିର ଅଧା କଳା ଅଧା ପାଚିଲା ଚୂଳଗୁଡ଼ାକୁ ଆମ୍ପୁଡ଼ା ଆମ୍ପୁଡ଼ି ଟଣାଟଣି ଆରମ୍ଭ କରିଦିଏ ସେ ମୋ ମନ ଅନ୍ୟ ଆଡ଼କୁ ଚହଲାଇବାକୁ ପାଇଁ ଆରମ୍ଭ କରି ଦିଅନ୍ତି 'ମାଛ ଧର୍ ଧର୍' ଖେଳଟି ।

ଲମ୍ବା, ଗୋଜିଆ, ଶିରାଳ ବିଶି ଆଙ୍ଗୁଠିଟାକୁ ଖାଡ଼ା କରି ହାତଟାକୁ ମୋରି ଆଖି ଆଗରେ ପ୍ରଚଣ୍ଡ ହଲାଉଥାନ୍ତି ଏବଂ ତାଳ ଦେଇ କହୁଥାନ୍ତି (ମାଛ ଧର୍ ଧର୍, ମାଛ ଧର୍ ଧର୍, ମାଛ ଧର୍ ଧର୍) ।" ମୋରି ଆଖି ଯୋଡ଼ାକ ଚକ୍‌ମକ୍ ହୋଇ ଆଙ୍ଗୁଳି ମାଛର ଗତିବିଧି ଅନୁସରଣ କରୁଥାନ୍ତି, ଅନୁରୂପ ବେଗ ଓ ଗତିରେ । ଛାତିର ଚୂଳ ଟଣାଟଣି ଛାଡ଼ି ଖୁବ୍ ଉତ୍ସୁକ ଆଗ୍ରହରେ ମୁଁ ମାଛ ଧରିବା ବତକ ଖୋଜୁଥାଏଁ ଏବଂ ମନେ ମନେ ନିଶ୍ଚିତ ଥାଇ ଖପ୍‌କରି ଆଙ୍ଗୁଳିଟାକୁ ଜାବୁଡ଼ି ଧରିବା ମାତ୍ରେ ବାପା ହସିଉଠି ଚିହ୍ନାର କରନ୍ତି, "ଏହେ ! ତୁ ବେଙ୍ଗଟା ଧଇଲୁ । ସତକୁ ସତ ମୁଁ ମୁଠା ଫିଟାଇ ଦେଖେ ଲମ୍ବା ଗୋଜିଆ ଶିରାଳ ବିଶି ଆଙ୍ଗୁଳି ବଦଳରେ ଧରିଛି ମୋଟା, ଚେପେଟା, ଥୁଣ୍ଟା, ଚୂନ ଦୋକତା ଗୁଣ୍ଡିପାନରେ କାବରା ରଙ୍ଗର ଗଣ୍ଠିଆ ବୁଢ଼ା ଆଙ୍ଗୁଳିଟାକୁ । ଯାଦୁକର ପରି କୌଶଳରେ କେତେବେଳେ ସେ ବିଶି ଆଙ୍ଗୁଳି ସ୍ଥାନରେ ବୁଢ଼ା ଆଙ୍ଗୁଠିକି ମୋତେ ଧରାଇଛନ୍ତି । "ତୁ ଗୁହ ଛୁଆ ହେଲୁ, ସୁନା ପିଲା ହୋଇପାରିଲୁ ନାହିଁ ।" କହି ବାପା ହସିଲେ ମୁଁ ଏଁ ଏଁ ହୋଇ କାନ୍ଦ କାନ୍ଦ ଗଳାରେ

Digitized by srujanika@gmail.com

ଲାଜରେ ଜଡ଼ବଡ଼ ହୋଇ କୁହେଁ "ବାପା, ଆଉଥରେ, ଆଉଥରେ।" ବାପା ପୁଣି ଆରମ୍ଭ କରନ୍ତି। ମୁଁ ପୁଣି ଫେଲ୍ ମାରେ। କୁହେ "ଏଟା ଭଲ ଖେଳ ନୁହେଁ, ଆଉ ଗୋଟାଏ ନୂଆଖେଳ ଖେଳିବା।" ଭଲଖେଳ ହେଉ ବା ଖରାପ ଖେଳ ହେଉ ଏଇ "ମାଛ ଧର୍ ଧର୍ ବେଙ୍ଗ୍‌ଟା ଧର" ଖେଳଟା ଅତି ଆଦିମ। ଜୀବନର ସବୁ ଖେଳର ଏହା ଓଁ କାର। ବାପା ମାଆ ଖେଳୁଥିଲେ, ତାଙ୍କ ବାପା ମାଆ ଖେଳୁଥିଲେ, ଆମେ ଦୁଇପ୍ରାଣୀ ଖେଳିଲୁ, ଏବେ ଆମ ପୁଅବୋହୂ ଖେଳୁଛନ୍ତି ବା ଖେଳିବା ଚେଷ୍ଟାରେ ଅଛନ୍ତି। ତାସ୍ ଖେଳର ଗୋବର ଗାଦି ବା ମାଗଣା ପରି ଖୁବ୍ ପ୍ରାଥମିକ ଏଇ ମାଛ ବେଙ୍ଗ ଖେଳ। ଜୀବନଯାକ ଏ ଖେଳ ଚାଲେ। ଖୁବ୍ କମ୍ ଲୋକ ମାଛ ଧରନ୍ତି। ପ୍ରାୟ ବେଶୀଭାଗ ଲୋକ ମାଛ ଧରୁ ଧରୁ ବେଙ୍ଗ ଧରିଥାନ୍ତି।

ପିଲାଦିନର ଆଉ ଏକ ସ୍ମୃତି ମଧ 'ମାଛ ଧର୍ ଧର୍' ଖେଳ ପରି ବାପାଙ୍କ ସହିତ ସଂପୃକ୍ତ (ବାପା ବାରମ୍ବାର ଏ କଥା ମ୍ନ ସ୍ମୃତିଚାରଣ ଛଳରେ ମୋରି ଆଗରେ ମା'ଙ୍କୁ କହୁଥିଲେ) ଲଙ୍ଗଳା ତେଲ ଜରଜର ହୋଇ ପ୍ରତିଦିନ ମୁଁ ବାପାଙ୍କ ସାଙ୍ଗରେ ଗାଧୋଇ ଯାଏଁ ପଦ୍ମ ପୋଖରୀକି। ଆମ ବ୍ରାହ୍ମଣ ସାହି ଘଟଣାରେ ବାପା ଗୁଣୁ ଗୁଣୁ କରି ମନ୍ତ୍ର ଗାଇ ଗାଇ ଯିମିତି ହୁଡ଼୍‌ହାଡ଼୍ ଶବ୍ଦ କରି ପାଣି ଭିତରକୁ ପଶିଯାନ୍ତି ମହୁରାଳି ମାଛ ପଲଟା ଛିନ୍ନଛିନ୍ନ ହୋଇ ଖଇ ପରି ଡ଼ିଅଁନ୍ତି ଏବଂ ତାଙ୍କ ଭିତରୁ ଦୁଇ ଚାରିଗଣ୍ଡା ପଦ୍ମପତ୍ରରେ ପଡ଼ି ଛଟପଟ ହୁଅନ୍ତି। ଦେଖିବାକୁ ଭାରି ଭଲ ଲାଗେ। ଶାଗୁଆ ପତ୍ରରେ ଟିକି ଟିକି ଧଳା ମାଛ, ତାଙ୍କ ସାଙ୍ଗକୁ ପଦ୍ମପତ୍ର ଉପରେ ପଡ଼ିଥିବା ଢ଼ଳ ଢ଼ଳ ପାଣି ଟୋପା, ବାରି ହୁଏନାହିଁ କିଏ ମାଛ କିଏ ପାଣି ଟୋପା।

ଏ ପୋଖରୀର ଅନ୍ୟଏକ ଆକର୍ଷଣ ପଦ୍ମଫୁଲ। ବୋଧହୁଏ ଏଇ ବାଲ୍ୟଜୀବନ ସହିତ ବିଜଡ଼ିତ ହୋଇଥିବାରୁ ମୁଁ ପଦ୍ମକୁ ଭାରି ଭଲପାଏ। ପଦ୍ମଠୁଁ ବଳି ଆହୁରି ସୁନ୍ଦର ଅନେକ ଫୁଲ ଅଛି। ତା ବାସନାକୁ ବଳି ହେନା, ରଜନୀଗନ୍ଧା, ଚମ୍ପା ଅଛନ୍ତି। କିନ୍ତୁ ପଦ୍ମ ମୋର ଖୁବ୍ ଆଦରର ଫୁଲ। ତାର ମୃଦୁ ମହକ ମୋତେ ପାଗଳ କରେ, କେଶର ପାଖୁଡ଼ା ଚୋବାଇ ଖାଇବାକୁ ଇଚ୍ଛା ହୁଏ। ତା ଅର୍ଥ ନୁହେଁ ମୁଁ ପବିତ୍ରାତ୍ମା, ପଦ୍ମଫୁଲ ପରି। ସତ୍ୟ ଶିବ ସୁନ୍ଦର ସହିତ ପଦ୍ମ ଜଡ଼ିତ ବୋଲି। ଫୁଟିଲା ପଦ୍ମକୁ କିନ୍ତୁ ମୁଁ ଭଲ ପାଏ ନାହିଁ। ଖୁବ୍ ମେଲା ସୌନ୍ଦର୍ଯ୍ୟ ସେମାନଙ୍କର, ହୁଏତ ପଳିତ ଲଳିତ। ତାଙ୍କର ଗୌରବମୟ ଅତୀତ ଅଛି, ଭବିଷ୍ୟତ ଦୁଃଖାନ୍ଧକାରମୟ। ସଦ୍ୟ ପ୍ରସ୍ଫୁଟିତ ଫୁଲର ଆସନ୍ନ ଟ୍ରେଜେଡ଼ିର ଆଶଙ୍କା ସୌନ୍ଦର୍ଯୋପଲବ୍‌ଧିରେ ବ୍ୟାଘାତ ଆଣେ। କିନ୍ତୁ କଢ଼ର ଅନାଗତ ଭବିଷ୍ୟତ ଓ ବିପୁଳ ସମ୍ଭାବ୍ୟତା ମୋତେ ଯେତିକି ଆଶାବାଦୀ ସେତିକି କୌତୁହଳୀ କରିଥାଏ।

ମୋର ବାରମ୍ବାର ଅନୁରୋଧ ପାଳନ ଓ ଅହେତୁକୀ ଆଗ୍ରହ ଚରିତାର୍ଥ କରିବା ପାଇଁ ବାପା ବାରମ୍ବାର ଯିମିତି ପଦ୍ମନାଡ଼ ଓ ସଂଲଗ୍ନ [illegible]

Digitized by srujanika@gmail.com

ଉବୁଟୁବୁ ହୋଇଛନ୍ତି ମୁଁ ବି ସିମିତି ପଦ୍ମ ପାଇଁ ଅତି ବେଶୀ ପ୍ରଲୁବ୍ଧ ହୋଇ ଉତ୍କଣ୍ଠା ସମ୍ଭାଳି ନପାରି ଧୈର୍ଯ୍ୟହୀନତା ଯୋଗୁଁ ପାଣି ଭିତରକୁ ବାପାଙ୍କ ଅଲକ୍ଷିତରେ ପଶିଯାଇଛି ଓ ଆସନ୍ନ ମୃତ୍ୟୁ ମୁଖରୁ ରକ୍ଷାପାଇଛି କେବଳ ତାଙ୍କ ସମୟୋଚିତ ଉପସ୍ଥିତି ଯୋଗୁଁ। ତାଙ୍କର ଆର୍ତ୍ତ ଚିତ୍କାରର ନିନାଦ "ଏ ବାପା ! ବୁଡ଼ିଗଲାରେ ବୁଡ଼ିଗଲା ଛୁଆଟା" ଏବ ବି ମୋ କାନକୁ ଶୁଭୁଛି ଏବଂ ମୋତେ ଉଦ୍ଧାର କରିବା ପରେ ଯେଉଁ ଦୁଇ ଚାରିଟା ଚଟକଣି ମୋ ଗାଲରେ ବସାନ୍ତି ତାର ଠୋ ଠୋ ଶବ୍ଦ ମଧ ପାସୋରି ନାହିଁ। ତଥାପି ଜୀବନରେ ପଦ୍ମକନ୍ଦ ମୋତେ ମାତାଲ କରେ।

କେଜାଣି କିମିତି କାହିଁକି ଜଳାଶୟ, ପଦ୍ମପତ୍ର, କନ୍ଦ, ଆଉ ମାଛ ଏଇ କେତୁଟା ଚିଜ 'ମାଛ ଧର ଧର ବେଙ୍ଗଟା ଧର' ଖେଳ ସହିତ ଓତଃପ୍ରୋତ ଭାବରେ ସଂଶ୍ଳିଷ୍ଟ ହୋଇଯାଇଛି ଏବଂ ଯେଉଁଠି ଜଳାଶୟ ଦେଖେଁ ସେଇଠି ଏଇ ସମସ୍ତ ଜିନିଷ ମୋ ଆଗରେ ନାଚି ଉଠନ୍ତି, ପିଲାଦିନିଆ ମଧୁର ଛବିଟା ବି ପୁଣି ଜୀବନ୍ତ ହୁଏ ଓ ମାଛ ବେଙ୍ଗ ଖେଳ ପାଇଁ ମୁଁ ଅଧୀର ଆଗ୍ରହୀ ହୋଇଉଠେଁ।

ପଦ୍ମପୁର ଗାଁ ଟା ଆହୁରି ଖଣ୍ଡେଦୂର ଅଛି, ଏକ୍ସପ୍ରେସ୍ ବସ୍‌ଟା ଜୋରେ ବ୍ରେକ୍ ଦେଇ ବନ୍ଦ ହୋଇଗଲା। "କଣ ହେଲା ? କଣ ହେଲା ? କାହିଁକି ବନ୍ଦ ହେଲା ?" ଆଦି ଅସହିଷ୍ଣୁ ଯାତ୍ରୀଗଣଙ୍କ ସମବେତ ଓ ବିବିଧ ପ୍ରଶ୍ନର ଉତ୍ତରରେ ହେଲ୍‌ପର, ଡ୍ରାଇଭର, କଣ୍ଡକ୍ଟର ହାକିମାତି ସ୍ୱରରେ କହିଲେ 'ଡ଼ାଇଭର୍ସନ"। ପାଞ୍ଚନମ୍ବର ଜାତୀୟ ରାଜପଥ ଛାଡ଼ି କଡ଼ ଦେଇ ଯେଉଁ ଅପ୍ରଶସ୍ତ ରାସ୍ତାଟି ଏବେ ତିଆରି ହୋଇଛି ସେଥିରେ କେବଳ ଗୋଟିଏ ଗାଡ଼ି ଯାଇପାରିବ। ଅନ୍ୟପଟୁ ଗାଡ଼ି ଆସୁଥିଲେ ଦୁହେଁ ଅଟକିବେ।

ଦଣ୍ଡେ ପରେ ହେଲପର୍ ଅସହାୟ ଅବସ୍ଥାରେ ଫେରିଆସି ଯାତ୍ରୀମାନଙ୍କୁ ଜଣାଇଲ "ବାସ୍ ଆଉ ଯିବନାହିଁ, ରାସ୍ତା ପୂରା ବନ୍ଦ। 'ଡ଼ାଇଭର୍ସନ'ର ଠିକ୍ ମଝାମଝିରେ ସରକାରୀ ଗାଡ଼ିଟାଏ ପୂରାପୁରି ରାସ୍ତା ବନ୍ଦକରି ଅକାମୀ ହୋଇ ଛିଡ଼ା ହୋଇଛି।" ସରକାରୀ ବସ୍‌ର ନିଜରତ ହେଲ୍‌ପର ନାହିଁ, ତାକୁ ବା କିଏ ହେଲ୍‌ପ କରିବ ? ଗାଡ଼ିର 'ଚକା' 'ବାର୍ଷ୍ଟ, 'ଷ୍ଟେପିନ୍' ଲାଗିବ ଗାଡ଼ି ଯିବ। ଆମେ ଯିବୁ ତ' ପରେ। କିଏ କହିବ କେତେବେଳେ ଆମେ ପୁଣି ଚାଲିବୁ ?

ଗାଡ଼ିର ଇଞ୍ଜିନ ବନ୍ଦ, ଆମର ବି। କଣ୍ଡକ୍ଟର, ଡ଼ାଇଭର, ହେଲ୍‌ପର ଗାଡ଼ିକୁ ଛାଡ଼ି, ଆମକୁ ଛାଡ଼ି ଚାଲିଲେ ଦୁର୍ଘଟଣାସ୍ଥଳକୁ। ଚାରିଆଡ଼ ଶୂନ୍‌ଶାନ୍। ଝିଙ୍କାରୀ ଶବ୍ଦ ପରି ଝିଂ ଝିଂ ଶୁଭୁଛି କିନ୍ତୁ ଝିଙ୍କାରୀଙ୍କ ଆଶ୍ରୟସ୍ଥଳୀ କାହିଁ ? ନା ଗଛ ନା ବୁଦୁଛ। ନିଦାଘର ମଧ୍ୟାହ୍ନ। ମୁଣ୍ଡଫଟା ଖରା। ପବନ ସ୍ତବ୍ଧ। ଚନ୍ଦନ ଗୁଳୁଗୁଳି। ସମସ୍ତେ ଆଉଟୁ ପାଉଟୁ। ନା କୁଡ଼ିଆ ନା ଗୁମୁଟି। ନା ସର୍ବତ୍, ନା ଚା, ନା ପାନବିଡ଼ି। ଗୋଟାଏ ଈଶ୍ୱର ପରିତ୍ୟକ୍ତ ଅଞ୍ଚଳ, ଜନମାନବଶୂନ୍ୟ।

Digitized by srujanika@gmail.com

ଚାହୁଁ ଚାହୁଁ ଆମ ପଛରେ ଚୁଚୁନ୍ଦ୍ରା ପଲ ଲାଞ୍ଜକୁ କାମୁଡ଼ି ଧାଡ଼ି ଧରି ଚାଲିଲା ପରି ଟ୍ରକ୍, ବସ୍, ଜୀପ୍, ବଳଦ ଗାଡ଼ି ଲାଗିଯାଇଛନ୍ତି । ଅଗତ୍ୟା ଯାତ୍ରୀମାନେ ଓହ୍ଲାଇଲେ । ଡେରିହେଲେ କାହାର କଣ ଅସୁବିଧା, କ୍ଷତି ହବ ସେଇ କଥା ସେଇ ଚିନ୍ତା ସମସ୍ତଙ୍କର । କିଏ ପକେଟ୍‌ରୁ ବିଡ଼ି, ସିଗାରେଟ ବାହାର କରି ଟାଣିଲା ଆଉ କିଏ ବଟୁଆରୁ ଶେଷ ପାନ ବାହାର କରି ଚୋବାଇଲା । ବାସ୍ ସେତିକି, ସେସବୁ ସରିଲେ ?

ଆମ ବସ୍ ପୂରାପୂରି ଖାଲି । କେବଳ ଏକା ମୁଁ ପଶ୍ଚିମପାଖ ସାଇଡ୍ ସିଟ୍‌ରେ ବସିଥାଏ । ଆଗକୁ ଚାହିଁଲି, ବୋର୍ଡ଼ରେ ତିନୋଟି ଲେଖାକୁ । "ଧୀରେ ଚଳାନ୍ତୁ, ଆଗରେ କାମ ଚାଲିଛି, ରାସ୍ତା ବନ୍ଦ ।" ଆଉ ଟିକିଏ ଆଗରେ ଆଉ ଗୋଟିଏ "ସାମ୍‌ନାରେ ଅନ୍ୟ ରାସ୍ତା ।" ଯଦି ଗୋଟାଏ ରାସ୍ତା ବନ୍ଦ ହେଲେ ଅନ୍ୟ ରାସ୍ତା ଦେଇ ଯାଇ ହବ, ଯଦି ଗୋଟାଏ ପ୍ରକାର କାମ କରି ଥକ୍କା ବିରକ୍ତ ଲାଗିଲେ ବହିପଢ଼ି ସିନେମା ଦେଖି, ଏପରିକି ମଦ୍ୟ ମୈଥୁନରେ ମନକୁ ଅନ୍ୟପଟେ ଟାଣି ହେଉଛି ତେବେ ମୁଁ କାହିଁକି ବସି ବସି ବୋର୍ ହେବି ? 'ଡ଼ାଇଭର୍ସନ' ଅର୍ଥ ମନକୁ ରଞ୍ଜନ କରିବାର ବ୍ୟବସ୍ଥା ଠିକ୍ କଲି, ଯେତେ କଷ୍ଟ, ବିରକ୍ତିକର ହେଲେ ବି ବାସ୍‌ରୁ ତଳକୁ ଓହ୍ଲାଇବି ନାହିଁ ।

ଚାହିଁଲି ଦୂରକୁ । ବିଲ ପରେ ବିଲ, ପୁଣି ବିଲ, ଆହୁରି ବିଲ, ବିଲ, ବିଲ, ବିଲ । ପାହାଡ଼ ପର୍ଯ୍ୟନ୍ତ । ଧୂସର, ତୃଣହୀନ, ମୃତ ଧାନକିଆରୀ । ଫାଳ ଫାଳ ହୋଇ ପଡ଼ିଛନ୍ତି । ଅପେକ୍ଷା କରିଛନ୍ତି ମେଘକୁ, ବର୍ଷାକୁ, ବୀଜକୁ, ମୃତସଞ୍ଜୀବନୀକୁ । ଖୁବ୍ ପୀଡ଼ାଦାୟକ ।

ରାମଚନ୍ଦ୍ର ସୀତା ଦେବିଙ୍କି ନେଇ ଲଙ୍କାରୁ ପୁଷ୍ପକରେ ଆସୁ ଆସୁ ଖୁବ୍ ତଳକୁ ଯେତେବେଳେ ଚାହିଁ ପୃଥିବୀର ବିବିଧ ସ୍ଥାନ ଦେଖୁଥିଲେ ସେତେବେଳେ ତାଙ୍କ ଦୃଷ୍ଟି ଖେଦରେ ତୃଷାରେ ପମ୍ପା ସଲିଳକୁ କୁଆଡ଼େ ପିଇଲା ବୋଲି କାଳିଦାସେ ଲେଖିଛନ୍ତି ରଘୁବଂଶରେ । ରୁକ୍ଷ ରୁଦ୍ର ଦୃଶ୍ୟ ଦେଖି ଦେଖି ମୋର ବି ଆଖି ଯିମିତି ଶ୍ରାନ୍ତ କ୍ଲାନ୍ତ ହେଲା ସିମିତି ମୁଁ ଆଖିର ଯୋଡ଼ି କପୋତକୁ ପଠାଇ ଦେଲି ଦୂର ସର୍ଣ୍ଣଚୂଡ଼ ପାହାଡ଼କୁ । କିନ୍ତୁ ସେ ଦୁହେଁ ଧୂଷର ଇସ୍‌ପାତୀ ଦିହରେ ବାଜି ମୁମୂର୍ଷୁ ହୋଇ ଫେରିଆସିଲେ 'ପାଣି, ପାଣି' ଚିତ୍କାର କରି । ଏବଂ ପାଇଗଲେ ପାଖରେ ପଲ୍ଵଳଟିଏ ସଡ଼କ ଓ ହିଡ଼ର ଅନ୍ତବର୍ତ୍ତୀ ସ୍ଥାନରେ । ବର୍ଷାଦିନରେ ତାହା ଭରପୂର ଥିଲା ଏବେ ଆଜି ତାହା ଅଗଭୀର ଓ ସଂକୁଚିତ । ପାଣିତଳର ବାଲି ମାଟି ସ୍ୱଚ୍ଛ ଦିଶୁଛି । ପଚାଶ ଷାଠିଏ ହାତ ଭିତରେ ଆବଦ୍ଧ ଜଳରାଶି । ଏଠି ସେଠି ଘୁଷୁରି ମୁହଁରୁ ରକ୍ଷା ପାଇଥିବା ଛୋଟ ଛୋଟ ଶାଳୁକ ଓ କଇଁଲତା । ଏଠି ସେଠି ଆଖି ମିଟିକା ମାରିଲା ପରି ସଫରୀ, ଦଣ୍ଡକାରୀ, କେରାଣ୍ଡି ଓ ମହୁରାଳୀ ଡେଉଁଛନ୍ତି । ସେପଟ କୂଳରେ ଯେଉଁଠି ଅମରୀ

Digitized by srujanika@gmail.com

ଗଛଟାଏ ହିଡ଼ ଉପରେ ଦ୍ରୁମ ପରି ସ୍ୱର୍ଦ୍ଧିତ ଠାଣିରେ ଛିଡ଼ାହୋଇଛି ତାର ତଳକୁ ବୋଧହୁଏ ପଦ୍ମ ପତ୍ର କେତୁଟା ଦିଶୁଛି । ଦରଫୁଟିଲା କଢ଼ଟାଏ ନା କଣ ସେମାନଙ୍କ ଭିତରେ ? ଯିମିତି ପାଣି, ମାଛ, ପଦ୍ମ କଢ଼ ଦେଖିଦେଲି ମୋର ମନେପଡ଼ିଲା ସେଇ ପିଲାଦିନର ଖେଳ, ବାପାଙ୍କ ମାଛ ଧର୍ ଧର୍ ଖେଳ, ଯାହା ସେ ଉଦ୍ଭାବନ କରିଥିଲେ ତାଙ୍କ ଛାତିର ଚୂଳଗୁଡ଼ିକୁ ମୋର ହାତମୁଠାରୁ ରକ୍ଷା ପାଇବା ପାଇଁ, ଡ଼ାଇଭର୍ସନ ଜରିଆରେ ।

ଆରେ ! ଏଇ ତ ମାଛଧରାଳି ଆସିଗଲେ । ଭୋଦୁଅ ଅଶିଣ ମାସରେ ପ୍ରଥମ କରି ଯେତେବେଳେ ଆଶୁଧାନ କିଆରୀ କଟାହୁଏ ସେତେବେଳେ ଯିମିତି ପାଖ ଟେଲିଗ୍ରାଫ୍ ଖୁଣ୍ଟ ତାରରେ ଅପେକ୍ଷା କରି ଧାଡ଼ି ଧରି ବସିଥିବା ଶହଶହ ବଣି, ଚଟିଆ ଚେଁ ଚେଁ ଚେରଚାର୍ ଶବ୍ଦ କରି ପୋକଜୋକ ଝିଣ୍ଟିକା ଖୁଣ୍ଟିବା ପାଇଁ ଅସୀମ ଆଗ୍ରହରେ ଉଡ଼ି ଆସନ୍ତି ସିମିତି ପଚାଶ କି ଷାଠିଏ ଛୋଟ ଛୋଟ ଶିଶୁ ବାଳକ ବାଳିକା ଶୂନ୍ୟରୁ କୁଆଡୁ ଆସି ମୁଁ ଦେଖୁଥିବା ପାଣି ଗାଡ଼ିଆ କୂଳରେ ଆନନ୍ଦ ଉଲ୍ଲାସର କୋଳାହଳରେ ଜମା ହୋଇଗଲେ । ପ୍ରତ୍ୟେକର ହାତରେ ମାଛ ଧରିବାର ଯନ୍ତ୍ର ଉପକରଣ, ଖାଣ୍ଟି, ଖାଳୋଇ, ଗିରା ଜାଲ, କାଇଞ୍ଚ ପାଛିଆ, ଟୁକୁଲି । ମନ୍ତ୍ରୀଙ୍କ ସଭାରେ କେତେ ଲୋକ ତାହା କଳନା କରିବା ପାଇଁ କ୍ଷେତ୍ର ପ୍ରଚାର ସଂସ୍ଥାର ଅଫିସର ଯେଉଁ ବୁଦ୍ଧି ପ୍ରୟୋଗ କରନ୍ତି ତାହା ନକରି ମୁଁ ଗୋଟି ଗୋଟି କରି ଗଣି ଦେଖିଲି ଯେ ବାଷଠି କି ତେଷଠି ଜଣ ଅଛନ୍ତି । ତିରିଶ ପୁଅକୁ ଏକତିରିଶ ବତିଶ ଝିଅ । ପ୍ରାୟ ସମସ୍ତେ ଛଅରୁ ନଅ ବୟସ ଭିତରେ । ଆଗରୁ ଗାଁ ଗଣ୍ଡାରେ ଦାଣ୍ଡିଆ ବାଗୁଡ଼ି ଖେଳ ଆରମ୍ଭରେ ଦୁଇଟି ଦଳ ଗଢ଼ିବା ପାଇଁ ଯିମିତି ଯୋଡ଼ ବାନ୍ଧୁଥିଲେ ସିମିତି ଏମାନେ ବି ଯୋଡ଼ ବାନ୍ଧିଛନ୍ତି । ଜଣେ ଜାଲୁଆକୁ ଜଣେ ଖାଳୋଇ ବାଲା । ଯଦି ଭାଇ ହାତରେ ଜାଲ ତେବେ ଭଉଣୀ ହାତରେ ଖାଳୋଇ, ଯଦି ଭଉଣୀ ଜାଲ ଧରିଛି ତେବେ ଟିକି ଭାଇ ତାକୁ ସାଙ୍ଗ ଦେଉଛି ଖାଳୋଇ ଧରି ।

ମୁଁ ବେଶ୍ ଜାଣିପାରିଲି, ପାଖ କେଉଁ ପ୍ରାଇମେରୀ ସ୍କୁଲର ଶିକ୍ଷକ ମହାଶୟଗଣ ଶନିବାରିଆ ସକାଳୁଆ କ୍ଲାସ୍‌ରେ ଧନ୍ଦାମୂଳକ ଶିକ୍ଷାର ଥିଓରି ପଢ଼ାଇ ସାରି ପ୍ରାକ୍ଟିକାଲ ପାଇଁ ଛାତ୍ରବୃନ୍ଦକୁ ଛାଡ଼ିଦେଇ ନିଜ ଚାଷ ଧନ୍ଦା ତଦାରଖ ପାଇଁ ବାହାରି ଯାଇଛନ୍ତି । ପିଲାଝିଲାଙ୍କ ବାପା ମା' ବି ବୋଧହୁଏ ସେଇ ଧନ୍ଦାମୂଳକ ଜୀବନ ସଂଗ୍ରାମରେ ମାତି "ଟିପା ଆଣିଲା ଚାଉଳଟିଏ, ଟିପି ଆଣିଲା ବିରିଟିଏ" ନ୍ୟାୟରେ ନିଜେ ଭାତ ଯୋଗାଡ଼କୁ ଯାଇ ପିଲାପିଲିଙ୍କି ମାଛ ପାଇଁ ପଠାଇଛନ୍ତି । ଏଥର ଦେଶରେ ବେକାର ଆଉ କେହି ରହିବେ ନାହିଁ । ଦେଶର ବିଶେଷତଃ ମଫସଲରେ, ଧନ୍ଦାମୂଳକ ଶିକ୍ଷାର ପ୍ରସାର ଯୋଗୁ ।

Digitized by srujanika@gmail.com

ଚାହୁଁ ଚାହୁଁ ସମସ୍ତେ ତରବରରେ ଲଙ୍ଗଳା ହୋଇପଡ଼ିଲେ । ମାଛ ଧରିବେ ଅଥଚ ପାଣି କାଦୁଅ ଲାଗିବ ନାହିଁ, କେଡ଼େ ଚଲାକ ! ସାମାନ୍ୟ ଟିକେ ଟିକେ ପେଣ୍ଟ, ଫ୍ରକ୍‌ଗୁ ଭୂଇଁରେ ଥୋଇଦେଇ ପ୍ରାୟ ଏକାବେଳକେ ସମସ୍ତେ ଚବର ଚବର ହୋଇ ପାଣିକୁ ପଶିଲେ ଜାଲ, ଧରି 'ମାଛ ଧର୍ ଧର୍' ଖେଳ ଆରମ୍ଭ ପାଇଁ ।

ଏକ ଅପୂର୍ବ ଦୃଶ୍ୟ ! ସାନ ସାନ ପିଲାଝିଲାଙ୍କୁ ବାପା ମାଆ କାହିଁକି ଲୁଗା ପିନ୍ଧାନ୍ତି ? ଏମାନଙ୍କର ସଂକୋଚ ନାହିଁ କାରଣ ଏମାନେ ବିଷଫଳ ଖାଇନାହାନ୍ତି । ଗୋପିମାନେ ବିଷ ଫଳ ଚାଖିଥିଲେ ବୋଲି ବିବସ୍ତ୍ର ହେବାରୁ ଲାଜରେ ଏଠି ସେଠି ହାତ ଢାଙ୍କୁଥିଲେ । ଉଲଗ୍ନ ହେଲେ ପୁରୁଷ ବା ସ୍ତ୍ରୀ ସେତେ ସୁନ୍ଦର ଦିଶନ୍ତି ନାହିଁ, ନିରୀହ ନିଷ୍ପାପ ପିଲାଝିଲା ଯିମିତି ଦେବତା ପରି ଦିଶନ୍ତି । ମୋର ଯେବେ ପିଲାଝିଲା ହୁଅନ୍ତି ସେଗୁଡ଼ାକୁ ମୁଁ ଯେତେବେଳେ ସମ୍ଭବ ଲଙ୍ଗଳା ରଖିବି ।

ସମସ୍ତେ ପାଣି ଭିତରକୁ ପଶିଗଲେ ସାହାସୀମାନେ ସିଧାସଳଖ ତରବରରେ, ଡ଼ରୁଆମାନେ ମହା ସନ୍ତର୍ପଣରେ, ଜୀବନକୁ ଜାବୁଡ଼ି ଧରି, ଧୀରେ ଧୀରେ ଗୋଡ଼ ମାଡ଼ି । ଶେଷକୁ କୂଳରେ ରହିଲା ଝିଅଟିଏ । ତାର ଯୋଡ଼ ନଥିଲେ ବୋଧହୁଏ । କେବଳ ତାହାରି ଦେହରେ ଲୁଗା ଥିଲା । ଛୋଟ ଶାଢ଼ୀଟା । ବ୍ଲାଉସ ନାହିଁ କି ଅନ୍ତର୍ବାସ ନାହିଁ । ଅନ୍ୟମାନଙ୍କ ତୁଳନାରେ ଯାର ବୟସ ବେଶୀ, ଏଗାର ବାର ବର୍ଷ ହୋଇପାରେ । ପ୍ରାଇମେରୀ ସ୍କୁଲ ଅତିକ୍ରମ କରି ସାତ ଆଠ ଶ୍ରେଣୀରେ ପଢ଼ିବା କଥା, ହୁଏତ ବହୁତ ଡ଼େରିରେ ପଢ଼ା ଆରମ୍ଭ କରିଥିବ । ଦଣ୍ଡେ ସେ ପଛକୁ ରହିଯାଇ ଯିବ ନ ଯିବ ଭାବ ଦେଖାଇଲା, ପରେ ଲାଜ ଲାଜ ହୋଇ 'ମାଛ ଧର୍ ଧର୍' ଖେଳ ଆକର୍ଷଣ ଏଡ଼ି ନ ପାରି ଝାସ ଦେଲା ପାଣିକି । ଲୁଗା ଭିଜୁ ବା ଦିହ କର୍ଦ୍ଦମାକ୍ତ ହେଉ । ମିଶିଗଲା ଦଳ ଭିତରେ ଏବଂ ଚାଲିଗଲା ସିଧା ସେ ମୁଣ୍ଡର ଅମରୀ ଗଛ ବୁଦା ପାଖକୁ, ଏକ କୋଣିଆ ହୋଇରହିବା ପାଇଁ । ତାର ଆଗ୍ରହ ଟିକିଏ କମ୍, ସେ ଡ଼ରୁଥାଏ ଜାଲେ ସେ ପାଣିର ତୋଡ଼ ବୋଝ ସମ୍ଭାଳି ପାରିବ ନାହିଁ ।

ମାଛଧରା ଆରମ୍ଭ ହୋଇଗଲା । ଦୁଇ ଦୁଇ ଜଣ ଏକାସାଙ୍ଗରେ ଅଛନ୍ତି । ଜଣେ ଗିରା ଜାଲ ପାଣି ଭିତରେ କାଦୁଅକୁ ଲଗାଇ ଆଗକୁ ଆଗକୁ ମାଡ଼ି ଚାଲିଛି ଯିମିତି ସେ ସବୁ ମାଛ ପଙ୍କକାଦୁଅର ଜାଲ ଭିତରକୁ ଟାଣି ଆଣିବ, ଆଉ ଜଣେ ତା ପାଖେ ପାଖେ ରହି ଆଶା ବାନ୍ଧି ଚାଲିଚି ଯାହା ପଡ଼ିବ ଖାଳେଇରେ ପୂରାଇ ଖୁବ୍ ଶୀଘ୍ର ଭରତି କରିଦବ । ଛୋଟ ଜଳାଶୟଟିକୁ ଛୋଟ ଛୋଟ ମାଛଧରାଳି, ଭାରି ମାନୁଥାଏ । ଜୋରେ ମାଛଧରା ଯିମିତି ଚାଲିଲା ମୋତେ ଦିଶିଲା ବାପାଙ୍କ ବାଁ ହାତର ବିଶୀ ଆଙ୍ଗୁଳି ଖୁବ୍ ଜୋରରେ ପବନ କାଟି ଏପାଖେ ସେପାଖେ ହଉଛି । ତାଙ୍କ ଗୀତ ସହିତ ତାଳ ଦେଇ ମୁଁ ବି ଗାଇଲି 'ମାଛ ଧର୍ ଧର୍'' । ମନେ ମନେ ମୁଁ ବି ଧରିବା ଚେଷ୍ଟାରେ ଥାଏ ।

Digitized by srujanika@gmail.com

ମୁଁ ଭାବିଥିଲି ସେମାନେ ସମସ୍ତେ ବେଙ୍ଗ ଧରିବେ, ବାରମ୍ବାର ଏବଂ ଶତଚେଷ୍ଟା ସତ୍ତ୍ୱେ ଧରିଥିବେ। "ଏ ହେ! ବେଙ୍ଗ ଧଇଲୁ" ବୋଲି ବଡ଼ ପାଟିରେ କହିଦେବି ଭାବୁଥାଏଁ, କିନ୍ତୁ ନା! ସେମାନେ କେରାଣ୍ଡି ହେଉ, ପଦ୍ମପତ୍ରର ମହୁରାଳି ହେଉ, ନହେଲେ ଦଳୁଆ ଚିଙ୍ଗୁଡ଼ି ହେଉ ଧରିଥାନ୍ତି ଏବଂ ଖାଳୋଇରେ ପୂରାଉଥାନ୍ତି। କେତେ କମ୍ ବୟସରୁ ଏମାନେ ଧନ୍ଦାମୂଳକ ଶିକ୍ଷାରେ ତାଲିମ ପାଇଗଲେଣି! ଆଜିକାଲିକା ଟୋକାଟୋକି କେତେ ଉତ୍‌ଫୁଲ୍ଲ, ଉଦ୍‌ଯୋଗୀ ଆଶାବାଦୀ! ଖରାଦିନ ସଞ୍ଜରେ ପଖାଳ ଲେଉଟିଆ ଶାଗ ସାଙ୍ଗକୁ ଚୂନା ମାଛ ପତୁଆଠୁ ବଳି ତୃପ୍ତିକର ଖାଦ୍ୟ ସହରର କେଉଁ ପଞ୍ଚତାରକା ହୋଟେଲ ଦେଇପାରିବ ?

ମୁଁ ଭାବୁଥାଏଁ, ଏମାନେ ଏଠି ମାଛ ଅଛନ୍ତି ବୋଲି ଜାଣିଲେ କିମିତି ? ସହଜାତ ବୁଦ୍ଧି ବଳରେ ? ତାଙ୍କ ବାପ ଭାଇ ଯେ ଆଗରୁ ଧରିନେଇ ନ ଥିବେ ସେ କଥା ଭାବିଲେ କିମିତି ?

ଆରେ ଆରେ। ଏଠି ଭାକୁର ପିଲାଟାଏ ବି ଥିଲା! ଦେଖିଲି ସବୁଠୁ ବଳୁଆ ପିଲାଟା ଏମୁଣ୍ଡ ସେ ମୁଣ୍ଡ ଜାଲ ଚଳେଇ ଟେକିଦେଲା ବେଳକୁ ଜାଲ ଭିତରେ ଦଳ କଇଁପତ୍ର ଭିତରେ ପ୍ରାୟ ଦୁଇଶ ଗ୍ରାମର ଭାକୁର ପିଲା! ଜାଲରେ ପଡ଼ି ଛଟପଟ ଅବସ୍ଥାରେ ତାକୁ ଆଣି ପଦାରେ ପକାଇଲା ଏବଂ ଭଉଣୀଟା ତାକୁ ଖାଳୋଇରେ ପୂରାଇ ମୁହଁରୁ ଝାଳପାଣି ପୋଛିଲା।

ଦୂରରେ ଯେଉଁ ବୟସ୍କା ଝିଅଟି ଛିଡ଼ା ହୋଇଥିଲା ସେ ପୁଅ ପିଲାଟାର ସଫଳତା ନଜର କରି ଚିତ୍କାର କଲା "ବେ! ସାବଧାନ! ଆଉ ଗୋଟାଏ ବି କେଉଁଠି ତା ଯୋଡ଼ଟା ପଙ୍କାଦୁଅରେ ଲୁଚିଥିବ। ମାଛ ଯେଉଁଠି ଥାଆନ୍ତି ଯୋଡ଼ ଯୋଡ଼ ହୋଇ। ସେ ପିଲାଟା ସେତେବେଳେ ନେପୋଲିଅନ ପରି ଛିଡ଼ା ହୋଇଥାଏ ଅଣ୍ଟାରେ ହାତ ଦେଇ। ଗର୍ବର ସୀମା ନାହିଁ ଯିମିତି ସେ ସତୁରି ହଜାର ପ୍ରତିଯୋଗୀ ଭିତରେ ଏକମାତ୍ର ଆଇ.ଏ.ଏସ୍. ପାଇଛି, ଯିମିତି ଟଙ୍କାଟିରେ କୋଡ଼ିଏ ଲକ୍ଷର ଲଟାରି ଜିଣିଛି!

ଓୁଁ ନିଜେ ମାଛ ଧରି ନ ଜାଣିଲେ, ନ ପାରିଲେ ବି ଦୂରରୁ ସେମାନଙ୍କର ଉତ୍ସାହ, କର୍ମତତ୍ପରତା ଦେଖି ସେମାନଙ୍କ କ୍ରିୟାକଳାପରେ ମନକୁ ଏମିତି ମିଶାଇ ଓ ମଜାଇ ଦେଲି ଯେ ସେମାନେ ମାଛ ଧଇଲେ ମୁଁ ଧଇଲି ବୋଲି ଭାବୁଥିଲି ଓ ସେମାନେ ଫେଲ୍ ମାରିଲେ ମୁଁ ଫେଲ୍ ହେଲି ବୋଲି ଭାବୁଥିଲି।

ମାଛ ତ ପାଇଲି, ଏଥର ନଜର ଦେଲି ପଦ୍ମଲତା ଆଡ଼କୁ। ଅନ୍ୟ ସମସ୍ତଙ୍କଠାରୁ ଟିକିଏ ଦୂରରେ ଅଲଗା ରହି ରହି ମାଛ ଧରୁଥାଏ ସେଇ ଝିଅଟା। ଖୁବ୍ ସତର୍କ ଓ ସାବଧାନରେ ଗିରା ଜାଲ ଚଳାଉଥାଏ ଆଡ଼ ଆଡ଼ ହୋଇ। ମୋଟା ଶାଢ଼ୀଟା ପିନ୍ଧିଥିବାରୁ ସହଜରେ ପାଣି ଗଳୁ ନଥିଲା। କେତେବେଳେ ଅଣ୍ଟା ପାଖରେ ଲୁଗାଟା ପାଣିରେ ଫୁଲି ଫୁଲି ବେଲୁନ ପରି ଦିଶୁଥାଏ ଆଉ କେତେବେଳେ କାନ୍ଧରୁ ଖସି

Digitized by srujanika@gmail.com

ଖସି ଛାତିରୁ ଖସିଯିବା ପରି ଲାଗୁଥାଏ । ଲୁଗା ସଜାଡ଼ିବ ନା ଗିରା ଜାଲ ଚଲାଇବ ଏଇ ଦୁଇକାମ ଭିତରେ ସେ ବଡ଼ ବ୍ୟତିବ୍ୟସ୍ତ ହେଉଥାଏ । ସେ ଯେ ଅନ୍ୟମାନଙ୍କ ଠାରୁ କମ୍ ମାଛ ଧରିଛି ସେଥିଯୋଗୁଁ ତାକୁ ଲଜ୍ଜା ଅପମାନ ଘାରି ଯାଇଥାଏ, ଯିମିତି ପିଲା ଦିନରେ ମୋତେ ଘାରି ଯାଇଥିଲା "ମାଛ ଧର୍ ଧର୍" ଖେଳରେ । ପିଲାଟା ବଡ଼ ମାଛଟାଏ ଧରିଦେବା ଦେଖି ସେ ହଠାତ୍ ଚଞ୍ଚଳ ହୋଇ ଚାଲିଲା ହିଡ଼କଡ଼ର ଅମରୀ ଗଛ ଆଡ଼କୁ ଯାର ଛାଇପାଖକୁ ଲାଗି ଶାଲୁକ ବା ପଦ୍ମଲତାଟି ଥିଲା ।

ପିଲାଦିନର ସାପୁଆ କେଳାଙ୍କ ଗୀତ ମନେପଡ଼ିଲା "ପଦ୍ମବନେ ଅଛି କାଳୀ" ଏବଂ କାଳେ ଝିଅଟାକୁ ଦଂଶିବ ବୋଲି ଭୟ ହେଲା ଓ ମୁଁ ଏକାଦିକ୍ରମେ ନିର୍ନିମେଷ ନୟନରେ ଚାହିଁ ରହିଥାଏ ଶଙ୍କାକୁଳ ଚିତ୍ତରେ ।

ଅମରୀ ବୁଦାର ତିନି ଚାରିଟା ଡ଼ାଳ । କେତୁଟା ଚେର ବି ହିଡ଼ରୁ ପାଣି ଭିତରକୁ ଝୁଲିଥାଏ । ତାରି ପାଖକୁ ଚେକାଏ କଳା ଚିଙ୍ଗୁଡ଼ି ଦଳ । ପ୍ରାୟ ହାତେ ଦୂରରେ ପଦ୍ମପତ୍ରଗୁଡ଼ାକ, ଯାର ରଙ୍ଗ ଶାଢ଼ୀର ରଙ୍ଗ ସହିତ ସମାନ । ପାଣି ହଲୁଛି ତାର ସାଙ୍ଗରେ ପଦ୍ମପତ୍ରର ଶାଢ଼ୀ ଭିତରେ କଢ଼ ଗୋଟାଏ (କେତେବେଳେ ଦୁଇଟା ପରି ଲାଗୁଛି) ଦୋହଲୁଛି । କେତେବେଳେ ଟିକିଏ ଦିଶୁଛି, କେତେବେଳେ ମୋଟେ ଦିଶୁନି । ମୁଁ ସେଇ ପରମ ମୁହୂର୍ତ୍ତକୁ ଅପେକ୍ଷା କରିଥାଏଁ କେତେବେଳେ କଢ଼ ପୁରା ଦିଶିବ ଓ ସ୍ପଷ୍ଟ ଦିଶିବ । ଏଇ କଢ଼ ପାଇଁ ବାପାଙ୍କ ହାତରୁ ଦିନେ ଦିନେ ମାଡ଼ ଖାଇଛି, ତାଙ୍କୁ ବି ପାଣି ପିଆଇଛି ।

ଝିଅଟା ହଠାତ୍ ମାଛର ସନ୍ଧାନ, ବାସନା ପାଇଗଲା ନା କଅଣ ? ସହଜାତ ବୁଦ୍ଧି ଓ ପ୍ରକୃତି ବଳରେ । ଆଉ ସେ ଡ଼ରିଲା ନାହିଁ । ଲୁଗାଟାକୁ ତରବରରେ ଅଣ୍ଟା ଛାତିରେ ଭିଡ଼ନେଇ ଆଣ୍ଠେଇ ପଡ଼ିଲା ଏବଂ ଜାଲକୁ ଦୁଇଗୋଡ଼ ଭିତରେ ରଖି ଠିକ୍ ସେଇ ଅମରୀ ବୁଦାକୁ ଲକ୍ଷ୍ୟ କରି ଚଳାଇଲା । ଯିମିତି ଲକ୍ଷ୍ୟସ୍ଥଳ ପହଞ୍ଚିଛି ଏକା ନିଃଶ୍ୱାସକେ ଚେରମୂଳ ଦଳପତ୍ର ଭିତରେ ଦେଇ ଜାଲକୁ ଭିଡ଼ି ନେଲା ଏବଂ ହଠାତ୍ ସନ୍ଧାନ ପାଇ ଟେକିଦେଲା । ମୋ ପାଟିରୁ ସାଙ୍ଗେ ସାଙ୍ଗେ ବାହାରି ପଡ଼ିଲା, "ମାଛ ଧର୍ ଧର୍", ଛଟଛଟ୍ ହୋଇ ଚାଖଣ୍ଡେ ହେବ ମାଛଟା ଜାଲରେ ଡ଼େଇଁବାକୁ ଲାଗିଲା । ଠିକ୍ ସେତିକିବେଳେ ଶାଢ଼ୀ ରଙ୍ଗର ପଦ୍ମପତ୍ରଗୁଡ଼ାକ ଇତସ୍ତତଃ ହୋଇଯିବା ସଙ୍ଗେ ସଙ୍ଗେ ପଦ୍ମପତ୍ର ରଙ୍ଗର ଶାଢ଼ୀଟା ପାଣିଭାର ସମ୍ଭାଳି ନ ପାରି ବିପର୍ଯ୍ୟସ୍ତ ଓ ବକ୍ଷଚ୍ୟୁତ ହେଲା ଏବଂ ଯୁଗପତ୍ ସ୍ପଷ୍ଟରୁ ସ୍ପଷ୍ଟତର ହୋଇ ଦିଶିଗଲା ଟେନିସ୍ ବଲ ସାଇଜର ଯୋଡ଼ାଏ ପଦ୍ମ କଢ଼ ।

ଏତିକିବେଳେ ଆମ ବସ୍‌ର ଇଞ୍ଜିନ ଘର୍ଘର ଶବ୍ଦ କଲା । ମୁଁ ତନ୍ଦ୍ରାନ୍ୱିତ ଅବସ୍ଥାରୁ ପୁଣି ଫେରି ଆସିଲି ବାସ୍ତବତାକୁ, ପିଲାଦିନର 'ମାଛ ଧର୍ ଧର୍' ଖେଳର ଦୁନିଆର ଯୌବନର ପ୍ରକୃତ 'ମାଛ ଧର୍' ଖେଳକୁ । ଏ ଭିତରେ ବସ୍ ଯାତ୍ରୀ ସବୁ ଫେରିଆସି

Digitized by srujanika@gmail.com

ଯେଝା ସ୍ଥାନ ଦଖଲ କଲେ । ଗାଡ଼ିର ଚକ ଗଡ଼ିବାକୁ ଆରମ୍ଭ କରନ୍ତେ ଦେଖିଲି ଝିଅଟି ଛଟପଟ କରୁଥିବା ମାଛଟିକୁ (ମନ-ମୀନ) ସଯତ୍ନରେ ଖାଳୋଇରେ ପୂରାଇ ଲୁଗାକାନିରେ ପଦ୍ମକଢ଼ ଦୁଇଟି ସାଇତି ଗିରା ଜାଲ ସହିତ ପଦ୍ମପୁର ଆଡ଼କୁ ଚାଲିଯାଉଛି, 'ଡ଼ାଇଭର୍ସନ' ପାର ହୋଇ ।

ବାପା ଯଦି ଏବେ 'ମାଛ ଧର୍ ଧର୍' ଖେଳ ମୋତେ ଖେଳାନ୍ତେ ତେବେ ରାଣ ପକାଇ କହୁଛି ପ୍ରତିଥର ମୁଁ ମାଛ ଧରନ୍ତି ଆଉ ଏଇ ଶୃଙ୍ଖଳା ମୁହାଁ ଯାତ୍ରୀଗୁଡ଼ା କାନ୍ଦ କାନ୍ଦ ହୋଇ କହୁଥାନ୍ତେ "ଏଁ ଆମେ ସବୁ ବେଙ୍ଗ ଧରିଲୁଁ ।"

# ଡ଼ବ୍ଲିଂ/ଦୋହରି

ଆଖି ଆଗରେ ସୁମି ଦେଖିଲା ତା'ର ସେଙ୍ଗେଲ ଢ଼ଳିପଡ଼ିଲା । ସେଙ୍ଗେଲଇ ତ ଥିଲା ତା'ର ସର୍ବସ୍ୱ ।

ମଫସଲର ଛୋଟ ରେଳଷ୍ଟେସନଟିଏ । ସେଇଠି ବିକ୍ଷୋଭ ପ୍ରଦର୍ଶନର ନିଷ୍ପତ୍ତି ନିଆଯାଇଥାଏ । ରେଳବାଇ ଶ୍ରମିକ, କୁଲି, ମଜୁରିଆମାନଙ୍କର ରେଳଲାଇନରେ ଡ଼ବ୍ଲିଂ ବା ଦୋହରି କାମ ବନ୍ଦ କରିବାର ବିରୋଧ କରି । କାମ ବନ୍ଦ ଫଳରେ ଅନେକ ଲୋକ ଛଟେଇ ହୋଇଯିବେ, ବେକାର ହୋଇଯିବେ । ରେଳବାଇ ତେଣେ ନାଚାର, ରେଳଲାଇନର ସମଗ୍ର ଅଞ୍ଚଳରେ ଦୋହରି କାମ ତ ଶେଷ ହୋଇଗଲା । ଆଉ କଣ କାମ ଅଛି ଯେ ଦିନ ମଜୁରିଆ ବା ପୂରାପୁରି ଅସ୍ଥାୟୀ ଲୋକଗୁଡ଼ାକ ରଖିବ ? କିନ୍ତୁ କାମ ବନ୍ଦ ହେଲେ ପଲିଟିକାଲ୍ ପାର୍ଟି ଚାନ୍ଦା ଉଠାଇବେ କାହା ପାଖରୁ ? ପାର୍ଟି ବଞ୍ଚିବ କିମିତି ? ସେମାନେ ତେଣୁ ଉସୁକାଉଛନ୍ତି ଶ୍ରମିକମାନଙ୍କୁ, ଲେବର ଇଉନିୟନ ମଧ୍ୟ ସେମାନଙ୍କ ପ୍ରତି ସହାନୁଭୂତି ଦେଖାଇ ସହଯୋଗ କରୁଛନ୍ତି ଏ ବିକ୍ଷୋଭରେ । ପନ୍ଦର ଦିନ ଧରି ନାନାପ୍ରକାର ବିକ୍ଷୋଭ ମିଟିଂ, ଧର୍ମଘଟ, ଧାରଣା, ଅନଶନ ନିଷ୍ଫଳ ହେବା ପରେ ଶେଷ ପନ୍ଥା ରୂପେ ରେଳଇଞ୍ଜିନ ଅଟକାଇବା ଆହ୍ୱାନ ଦିଆଯାଇଛି ।

ଅଗଷ୍ଟ ପନ୍ଦର । ସ୍ୱାଧୀନତା ଦିବସରେ ନାନା ଭାବରେ ଉତ୍ସବୋଚିତ ଭଙ୍ଗୀରେ ସଜିତ ମେଲ୍ ଗାଡ଼ି ଯିମିତି ଷ୍ଟେସନ୍ ପହୁଞ୍ଚିବାକୁ ଯାଇଛି ଗୁଡ଼ାଏ ଲୋକ ରେଳ ଲାଇନ୍‌ରେ ବସି, ଛିଡ଼ାହୋଇ, ନାଚିକୁଦି, ମହାତ୍ମାଗାନ୍ଧୀଙ୍କ ଜୟଧ୍ୱନି ସହିତ ରେଳବାଇ ମନ୍ତ୍ରୀଙ୍କ 'ମୁର୍ଦ୍ଦାବାଦ' କରି ଉନ୍ମତ୍ତ ହୋଇ ଆକ୍ରମଣାତ୍ମକ ମନୋବୃତ୍ତିରେ ଇଞ୍ଜିନ ଆଗରେ ଛିଡ଼ା ହେଲେ । ଅଗତ୍ୟା ଟ୍ରେନ୍ ଛିଡ଼ାହେଲା ଏବଂ ସଂଗେ ସଂଗେ ଗୁଡ଼ାଏ

Digitized by srujanika@gmail.com

ଲୋକ ଇଞ୍ଜିନ୍ ତିନିପଟେ ଘେରିଗଲେ । ଏଇ ଅବସରରେ ସେଙ୍ଗେଲ ଇଞ୍ଜିନ୍ ଭିତରକୁ ଯାଇ ଡ୍ରାଇଭର ଓ ତାର ସହକର୍ମୀଙ୍କୁ ଭିଡ଼ି ଓଟାରି ତଳକୁ ଖସାଇ ପକାଇଲା । ପୋଲିସ୍ ଆଗରୁ ସତର୍କ ଥିଲା ଏବଂ ସଂଗେ ସଂଗେ ବିଶୃଙ୍ଖଳ ଜନତା ଉପରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଦେଲା । ଲାଠିଚାର୍ଜ ଓ ତାପରେ ଟିଅର ଗେସ୍ ସେଲ୍‌ର ଆବାଜ । ଗୋଟାଏ ସେଲ୍ ସିଧା ଯାଇ ବାଜିଲା ସେଙ୍ଗେଲ ଦେହରେ ଏବଂ ସେ ଠାଏଁ ଟଳି ପଡ଼ିଲା ।

ସେଙ୍ଗେଲ ଅର୍ଥ ନିଆଁ ଏବଂ ଯଥାର୍ଥରେ ସେ ଥିଲା ନିଆଁହୁଳା । ଯେଉଁ କାମରେ ଲଗାଇ ଦବ ସେଥିରେ ସେ ପାଦେ ଜାଗାରେ ଦୁଇପାଦ ଯିବ । ଗୋଟାଏ ଘର ପୋଡ଼ିବାକୁ କହିଲେ ସାରା ରାଜ୍ୟର ଘର ଜାଳିଦେବ । ନେତାମାନେ ନିଜ କାର୍ଯ୍ୟ ହାସଲ ପାଇଁ ଠିକ୍ ଯିମିତି ଲୋକ ଖୋଜୁଥାନ୍ତି ଏବଂ ନିଜେ କିଛି ନକରି ସେମାନଙ୍କୁ ଲଗାଇ ଦୁରୁହ କାର୍ଯ୍ୟ ସାଧନ କରି ବାହାଦୁରୀ ନିଅନ୍ତି, ସେଙ୍ଗେଲ ସେଇ କିସମର ଲୋକ । ଏ ଧରଣର କାମରେ ନେତୃତ୍ୱ ନେବାପାଇଁ ସଦା ଆଗ୍ରହୀ, ତେଣୁ ବର୍ତ୍ତମାନର ଯୁକ୍ତିଯୁକ୍ତ ପରିଣତି ।

ସୁମି ସେଙ୍ଗେଲାର ବଣୁଆଁ ଚରିତ୍ର ଓ ପ୍ରକୃତି ଠିକ୍ ଭାବରେ ଜାଣିଛି । ତେଣୁ ଟ୍ରେନ୍ ପହୁଞ୍ଚିଲାବେଳକୁ ସେ ଅଦୂରର ଟାର୍‌ପଲିନ୍ ଢଙ୍କା କୁଡ଼ିଆଘରୁ ବାହାରି ଆସି ଦେଖୁଥାଏ ନାହିଁ ନ ଦେଖା ଘଟଣା । ସେମାନେ ବା କେତେଦିନ ହେଲା ଏ ପୂରାପୁରି ନୂଆ ଜାଗାକୁ ଆସିଛନ୍ତି ? ଏଠିକାର ଚରିତ୍ର, ବ୍ୟବହାର, ଚାଲିଚଳନ, ପ୍ରକୃତି ବିକୃତି ତାଙ୍କୁ ବା କେତେ ଜଣା ?

କାରଣ ଏଇ ମୁହୂର୍ତ୍ତ ପର୍ଯ୍ୟନ୍ତ, ତାର କାମ ଥିଲା ଅତି ଘରୁଆ, ଶାନ୍ତିମୟ । କୋଇଲା ଚୂଲିରେ ଭାତ ରାନ୍ଧିବା, ପଖାଳ କରିବା, ପାଖ ସଜନାଗଛର ହାତ ପହୁଞ୍ଚା ଡ଼ାଳ ଭାଙ୍ଗିଆଣି ଶାଗ ଖରଡ଼ିବା, ଲୁଣଲଙ୍କା ଦେଇ ଗେଣ୍ଡା, କଙ୍କଡ଼ା ବା ଶୁଖୁଆ ପୋଡ଼ା ଦେଇ ମେଲାମୁହାଁ ବେଲାରେ ପଖାଳ ଭାତ ପିତାଳାଥାଳିର ଢ଼ଙ୍କାଣେ ବାଢ଼ିଦେବା ଏବଂ ଉଦୁଉଦିଆ ଦିପହରେ ବିଶ୍ରାମ ବେଳେ ସେଙ୍ଗେଲର କେନ୍ଦେରାନେନ ବା ବାଇଁଶିରେ ସେଇ ଗୋଟିଏ ଗୀତ ସେଇ ଗୋଟିଏ ସୁରରେ ଶୁଣିବା ।

"ବୁରୁ ନାଲାରେ ତିରଂ ଅରଂ ହୋ, ଇଞ୍ଜନ ଆଞ୍ଜମ୍ ଦାଃଲୁ ଘାଟରେ ହୋ ।" "ତୋର ମୋର ସେଇ ଯେଉଁ ପାହାଡ଼ିଆ ଝରଣାକୂଳର ପାଣି ଘାଟରେ ପ୍ରଥମ ଭେଟ ଘାଟ ହୋଇଥିଲା ..."

ସୁମିର ଏଇ ରୋମାଣ୍ଟିକ୍ ଜୀବନ ଓ ସପ୍ନର ପ୍ରାରମ୍ଭ ଓ କରୁଣ ପରିଣତି ଭିତରେ ଏତେ କମ୍ ବ୍ୟବଧାନ ରହିବ ବୋଲି ସେ ଭାବିନଥିଲା । ଏମିତି ଅପ୍ରତ୍ୟାଶିତ ଭାବରେ ହଠାତ୍ ସେଙ୍ଗେଲ ତା ପାଖରୁ ଅନ୍ତର ହୋଇଯିବ, ଏହା ସେ ଦଣ୍ଡେ ଚକିତ ହୋଇ ସମ୍ଭାଳି ନେଲା । ଏସବୁ ପରିସ୍ଥିତିରେ ତା ଜାତିର ପୁରୁଷ ସ୍ତ୍ରୀ ଅସମ୍ଭାଳ ହୁଅନ୍ତି ନାହିଁ । ତଥାପି ସେଙ୍ଗେଲହୀନ ଜୀବନ ତା' ପକ୍ଷରେ ଏକ ଅବାସ୍ତବ ଜୀବନ ପରି ଜଣାଗଲା ।

Digitized by srujanika@gmail.com

କିନ୍ତୁ ବାସ୍ତବତା ଉପଲବ୍ଧ କରୁ ନ କରୁଣୁ ସେ ଅନୁଭବ କଲା ଅତି ବାସ୍ତବ ବାୟୁମଣ୍ଡଳ ଟିଅର ଗେସ୍ ସେଲ୍‌ରେ ଧୂଆଁ ମେଘ। ସେ ଆଉ ଚାହିଁ ପାରିଲାନାହିଁ। ଆଖିଗୁଡ଼ାକ ଭୀଷଣ ପୋଡ଼ିଲା। ପାଣି ପାଇଁ ସେ ଅନ୍ଦାଜ କରି ଗଲା ରେଳବାଇ ଯୋଗାଇଥିବା କେମ୍ପ କୁଡ଼ିଆକୁ। ବହୁ କଷ୍ଟରେ ଲୁହମୟ ଆଖି ମେଲାକରି ପଲକରେ ଦେଖିପାରିଲା ସେଠି କୁହୁଳୁଥିବା କୁଡ଼ିଆର ଭସ୍ମାବଶେଷ ତା'ର ସମସ୍ତ ସମ୍ପତ୍ତି ବାଉଁଶିଆ, ଝଙ୍କା, ଛାଞ୍ଚୁଣି, ଲାଉତୁମ୍ବୀ, ସେଙ୍ଗେଲର କେନ୍ଦେରା, ଧନୁଶର, ବାଇଁଶୀ। ତା'ର ନିଜସ୍ୱ ସମ୍ପତ୍ତି ବୋଇଲେ ବାହାଘର ବେଳର ନାଲି ବ୍ଲାଉସ୍, ରଙ୍ଗଶାଢ଼ୀ, ଯାହା ତା ବାପା ଗେହ୍ଲା ଝିଅ ପାଇଁ ଟାଟାନଗରରୁ ଆଣି ଦେଇଥିଲା ଏବଂ ଯାହାକୁ ସେ ତା' ମାଆର ଭିକ୍ଟୋରିଆ ଟଙ୍କାମାଳ, ବାଜୁବଟଫଳ ଓ ଝୁମ୍ପା ସହିତ ପେଡ଼ିଟିରେ ରଖିଥିଲା, ସେସବୁ ପୋଡ଼ି ପାଉଁଶ ହୋଇଯାଇଛି, ନହେଲେ କୁଆଡ଼େ ଅନ୍ତର୍ଦ୍ଧାନ ହୋଇଯାଇଛି। ଧୂମମୟ ମଶାଣିରୁ କିଏ କୁଆଡ଼େ ଛିନ୍ନଛତ୍ର ହୋଇ ପଳାଇ ଯାଇଛନ୍ତି ପ୍ରାଣ ବିକଳରେ। ସେ ସଂପୂର୍ଣ୍ଣ ଏକାକୀନୀ, ନିରାଶ୍ରୟା। କ୍ଷଣକେ ସେ ବୁଝିଗଲା ତାର ସମସ୍ତ ଭୁଲ ହୋଇଯାଇଛି। ଟ୍ରେନ୍ ନିର୍ବିରୋଧରେ ଗନ୍ତବ୍ୟ ସ୍ଥାନକୁ ଚାଲିଗଲା ଲମ୍ବା ହୁଇସିଲ ମାରି।

କାଳେ କିଏ ସାଙ୍ଗସାଥୀ ଚିହ୍ନା ପରିଚୟ ଲୋକ ଥିବେ ଖୋଜୁ ଖୋଜୁ ସେ ଦେଖିଲା ବଡ଼ ବଡ଼ ପୋଲିସ୍ ଭେନ୍‌ରେ ସଶସ୍ତ୍ର ମିଲିଟାରୀ ଗୁଡ଼ାଏ ଲୋକଙ୍କୁ ବନ୍ଧାବନ୍ଧି କରି ବୋଝେଇ କରି କୁଆଡ଼େ ନେଇଗଲେ। ସେଙ୍ଗେଲ ପ୍ରାଣରେ ଅଛି କି ନାହିଁ ଜାଣିପାରିଲା ନାହିଁ। ସେ ନିଜ ଆଡ଼କୁ ଚାହିଁ ଦେଖିଲା ପିନ୍ଧା ଲୁଗାଟି ଛଡ଼ା ତା'ର ଆଉ କିଛି ନାହିଁ, ଏପରିକି ଅନ୍ତର୍ବାସ ମଧ ନାହିଁ।

ଏଥର ସୁମି କଣ କରିବ ? ଯିବ କୁଆଡ଼େ ? ସେଙ୍ଗେଲ ଛଡ଼ା ତାର ଦୁନିଆଁ କାହିଁ ? ଏଣେ ଦୂର ସିମିଳିପାଳ ପାହାଡ଼ ପଛରେ ସୂର୍ଯ୍ୟ ଅସ୍ତମିତ। ଅନ୍ଧାର ରାତି ଆସିଯିବ ଆଉ କେତେ ସମୟ ପରେ। ଏ ଇଲାକା ତଥା ମଣିଷଗୁଡ଼ା ତାର ଅପରିଚିତ। ମୋଟ ଉପରେ ତା ପକ୍ଷରେ ଏହା ବିଦେଶ। ଲୋକଗୁଡ଼ା ବିଦେଶୀ। ଏଠାକୁ ଆସିଛନ୍ତି ଦୁହେଁ ପନ୍ଦର କୋଡ଼ିଏ ଦିନ ହେବ। ସେଙ୍ଗେଲକୁ ନଦେଖି, ନପାଇ ସେ ନିରାଶ ଓ ଉଦ୍ଦେଶ୍ୟହୀନ ହୋଇ ଏଣେ ତେଣେ ବାୟାଣୀ ପରି ବୁଲି ବୁଲି ଶେଷରେ ପହୁଞ୍ଚିଲା ପାଞ୍ଚ ନମ୍ବର ଜାତୀୟ ରାଜଦାଣ୍ଡରେ ପୂରାପୁରି ଦିଶାହରା ହୋଇ।

ଏଣେ ତେଣେ ଚାହିଁ ଯାହା ଦେଖିଲା ତାକୁ ବିଷପିତା ଲାଗିଲା। ଅଥଚ ମାତ୍ର କେଇଘଣ୍ଟା ଆଗରୁ ସେଇ ଚିଜ ପାଇବା ପାଇଁ ତା' ମନ ବ୍ୟାକୁଳ ଆଗ୍ରହରେ ଚାହିଁ ରହୁଥିଲା। ହେଇ ତ ଡ଼ାହାଣ ପାଖକୁ ଖଣ୍ଡେଦୂରରେ ରେଶମୀ ଚୁଡ଼ି ଦୋକାନ। ସେଇଠୁ ସେ ସେଙ୍ଗେଲ ସାଙ୍ଗରେ ଯାଇ ଯେଉଁ ଧଳା ଚୁଡ଼ି ତା କଳା ହାତ ପାଇଁ ଆଣିଥିଲା, ତା ଝଟକୁଛି। ତା ଟିକିଏ ଆଗକୁ ଖଲିଫା ଦୋକାନ, ଯେଉଁ ଦାଢ଼ିଆ

Digitized by srujanika@gmail.com

ଲୋକଟା ପାଖରେ ଦେହ ଛାତିରେ ଚିପା ମାପ ଦେଇଥିଲା ବଡ଼ ବେକ ଓ ପଛ ବୋତାମର ବ୍ଲାଉସ ପାଇଁ ସେଇ ସେଙ୍ଗେଲ ସାଙ୍ଗରେ ଯାଇ। ଆଉଗୁଡ଼ାଏ ଜିନିଷ ଦେଖିଲା ଯାହା ସେଙ୍ଗେଲକୁ ଭଲ ଲାଗୁଥିଲା। ସେ ଆଡ଼କୁ ଚାହିଁଲେ ତାର କୋହ ଉଠି ତଣ୍ଟିକୁ ରୁନ୍ଧି ରୁନ୍ଧି ଦେଉଥିଲା। ସବୁ ତ ଯାଇଛି, ସବୁ ସେ ହରାଇଛି ସେଙ୍ଗେଲ ସହିତ। ସିମିଳିପାଳର ମେଘାସନରୁ ଖସି ଆସି ଗହିରିଆ ସମୁଦ୍ର ଭିତରେ ବୁଡ଼ିଲା ପରି ତାକୁ ଲାଗିଛି।

ସାମାନ୍ୟ ପ୍ରକୃତିସ୍ଥ ହେଲେ ସେ ଦେଖେ ସଡ଼କରେ ଯାଉଥିବା ଲୋକଗୁଡ଼ାକ ତା ପାଖରେ ଦଣ୍ଡେ ରହିଯାଇ ତାର ଅର୍ଦ୍ଧ ଅନାବୃତ ଦିହର ଅଙ୍ଗ ପ୍ରତ୍ୟଙ୍ଗକୁ ଚାହୁଁଛନ୍ତି ଯିମିତି କ୍ଷୁଧିତ ଜାନୁଆର ମାଂସପିଣ୍ଡୁଳାକୁ ଲୁବ୍ଧ ଆଖିରେ ଚାହେଁ। ଯିମିତି ସେମାନେ ତାକୁ ଗିଳିଦେବେ। ମନେ ମନେ ଭାବେ, ଏଗୁଡ଼ା କି ପ୍ରକାର ମଣିଷ ? ବଣ ଜଙ୍ଗଲରେ ଏମିତି ମଣିଷ ନଥିଲେ! କିଏ କେତେ ପ୍ରଶ୍ନ ପଚାରୁଛନ୍ତି, ତୋର ଘର କେଉଁଠି ? କେଉଁଠାକୁ ଯାଉଛୁ ? ତୋର ଆଉ କିଏ ଅଛି ? କାହିଁକି କାନ୍ଦ କାନ୍ଦ ହେଉଛୁ ? କିଏ ଖୁବ୍ ସାହାସରେ କୁହେ, ଆ ମୋର ସାଙ୍ଗରେ, ଚା' ଜଳଖିଆ ଖାଇବୁ। ପାନ ଖାଇବୁ। ସୁମି କିଛି ଉତ୍ତର ଦିଏ ନାହିଁ ବରଞ୍ଚ ଆଣ୍ଠୁ ଭିତରେ ମୁଣ୍ଡ ଲୁଚାଇ ଦିଏ। ଭାବେ, ସେଙ୍ଗେଲ ତା' ପାଖରେ ଥିଲାବେଳେ କେହି ତ କେବେ ତା' ଆଡ଼କୁ ଚାହାନ୍ତି ନାହିଁ କି କଥା କହିବାର ସାହାସ କରନ୍ତି ନାହିଁ। କେତେ ଡ଼ରୁଆ ଲୋକଗୁଡ଼ାକ ଏ ରାଜ୍ୟର। ପୁଣି ଭାବେ, କାହିଁକି ବା ଆମେ ଆସିଲୁ ନିଜକୁ ଧିକ୍କାର କରେ କାହିଁକି ସେ ସେଙ୍ଗେଲକୁ ବାଧକଲା, ସେ ତ ବଣ ପାହାଡ଼ ଛାଡ଼ି ଆସିବନି କହୁଥିଲା।

ବେଳେ ବେଳେ ମୁଣ୍ଡ ଉଠାଇ ସେ ଚାହେଁ ମାଇଲ ମାଇଲ ଧରି ବ୍ୟାପିଥିବା ଶ୍ୟାମଳ ଧାନକ୍ଷେତକୁ ଏବଂ ସେଇ କ୍ଷେତ ପରେ ବିରାଟ ପାଚେରୀ ପରି ଉତ୍ତର ଦକ୍ଷିଣ ମାଡ଼ି ବସିଥିବା ସିମିଳିପାଳ ପାହାଡ଼କୁ। ମାତ୍ର କାଲି ସଞ୍ଜବେଳେ ଓଭରବ୍ରିଜ୍‌ଟା ଉପରେ ଦୁହେଁ ଲଗାଲଗି ହେଇ ଛିଡ଼ା ହୋଇଥିଲା ବେଳେ ସେଙ୍ଗେଲ ହାତ ବଢ଼ାଇ ତାକୁ କହିନଥିଲା, "ଏଇ ଦେଖ ଆମର ମୟୁରଭଞ୍ଜ ସିମିଳିପାଳ ପାହାଡ଼, ଏଇ ଯେ ବାଆଁ ଆଡ଼େ ହାତୀ ପିଠି ରକମ ଯେଉଁଟା ଦିଶୁଛି ସେଇଟା ମେଘାସନ। ଏଇ ସେ ନୀଳଗିରି ପାହାଡ଼ର ଡ଼ାହାଣ ପାଖର ଉଚ୍ଚା ପର୍ବତ ସେଇଟା ଗଡ଼ ସିମିତିଳିପାଳ ଆମେ ଯେଉଁଠୁ ଆସିଲୁ। ଆଉ ଏଇ ଯେ ସବା ଶେଷରେ ପାହାଡ଼ଟା ଯେଉଁଠି ଭୂଇଁରେ ମିଶିଛି ସେଇଟା ତ ମୟୁରଭଞ୍ଜର ଶେଷ। ତିରିଙ୍ଗରେ ତାର ବାପଘର। ତାର ଟିକିଏ ଆଗକୁ ଗଲେ ଟାଟାନଗର।" ସୁମି ଏ ସବୁ ଭାବୁଥିଲା ବେଳେ ତାକୁ ଜଣାଯାଉଥାଏ ଯେମିତି ସେଙ୍ଗେଲ ତାକୁ କୁଣ୍ଢେଇ ଧରିଛି।

ମୟୁରଭଞ୍ଜର ସେଇ ତିରିଙ୍ଗ୍‌ରେ ଦୁହିଁଙ୍କର ଭେଟଘାଟ, ମିଳାମିଶା। ସେଇଠି ବ୍ଲକ୍ ପାଖରୁ ଅଳ୍ପଦୂରରେ ଯେଉଁ ବାର୍ମି ତାଗି ପାଖରେ ଦୁହେଁ ବସିଥିଲା ବେଳେ ସେଙ୍ଗେଲ

Digitized by srujanika@gmail.com

ସର ଦେଇ ବଇଁଶୀରେ ଗାଇଥିଲା ବୁରୁନାଲାରେ ଗୀତଟା, ସୁମି ତା ଦିହର ଭରା ସେଙ୍ଗେଲ ଉପରେ ଦେଇ ଗୀତ ଶୁଣୁଥାଏ। ଦିନ ଦିପହରରେ। ସେଠି ଥିଲା ବା କିଏ ? ନିଛାଟିଆ ଜାଗାଟା। ପାଖରେ ତାରି ନିଜ ଘର ଲିପିପୋଛି ଧଳାମାଟି ଉପରେ ଅଙ୍କରା ରଙ୍ଗ ଦେଇ ଚକ୍‌ଚକ୍ ପକ୍କା ଘର ପରି କୁଡ଼ିଆଟାକୁ କରିଥାଏ। ବାଡ଼ିପଟେ ଢ଼ିମା ଢ଼ିମା ପଥର ଉପରେ ପଥର ଥୋଇ ପାଚେରୀ କରି ତାରି ଭିତରେ ଲଙ୍କାମରିଚ, ବାଇଗଣ, ମୋତିହାରୀ ଦୋକଟା ଲଗେଇଥିଲା। କେତେ ଗଛ ବନ୍ଧାକୋବି ବି ଗୋଲ ଗୋଲ ମଣିଷ ମୁଣ୍ଡପରି ଗଡୁଥାନ୍ତି ପଡ଼ିଆଟାରେ। ଘର ଆଗରେ ଗୋଟାଏ ବଡ଼ ମାଇଲଖୁଣ୍ଟ ପରି ଯେଉଁ ପଥରଟା ପୋତା ହୋଇଛି ସେଇଠି ଅଲ୍‌ଚିକ୍‌ରେ ଲେଖାଅଛି, 'ରାମ ମିର୍ଦ୍ଧା' ସୁମିର ବାପା ବାପାର ନାଁ। ସେ ଥିଲା ଟାଟାରେ, କୁଲି ସର୍ଦ୍ଦାର ଜଣେ ଜାତୀୟ ନେତା। ଝାଡ଼ଖଣ୍ଡ କରିବ ବୋଲି ସେ ଭାବିଥିଲା।

ସୁମି ପିଲାବେଳେ ତା ବାପାମାଆ ସାଙ୍ଗରେ ଟାଟାରେ ଥିଲା। ତା ମାଆ ଟାଟାର ଝିଅ। ସେଥିପାଇଁ ସୁମି ଟାଟାର ସହର ବଜାର ଛାଡ଼ି ଯେତେବେଳେ ତିରିଙ୍ଗର ବାର୍ଣ୍ଣ ପାଖର ପୈତୃକ ଘରକୁ ଆସି କୁଡ଼ିଆରେ ରହିଲା, ତା ମନଟା ଅନେକ ଦିନ ଧରି ଛଟପଟ ହେଲା। ଟାଟାର ପୋଷାକପତ୍ର, ଚାଲିଚଳନ ସବୁ ସେ ଦେଖିଛି। ତା ବାପା ହପ୍ତାଏ, ମାସକରେ ଦିନେ ଅଧେ ପାଇଁ ଗାଁକୁ ଆସିଲେ ଅଲିଅଳ ଝିଅ ପାଇଁ ବାସନାତେଲ, ଅତର, କ୍ଲିପ୍, ହାର ଝୁମୁକା, ରିବନ୍, ନେଟ ଆଦି ଆଣିଦିଏ। ଯୋଡ଼ାଏ ଗାଉଁଲୀ କୁକୁର ସୁମିକୁ ଜଗନ୍ତି। ଯେଉଁଠି ବିନା ଘେରବାଡ଼ରେ 'ସଲ ହୁଏ, ଚୋରୁଛେଳି ପାଖ ପଶନ୍ତି ନାହିଁ, ସେଠି ବଢ଼ିଲା ଝିଅର ବା କି ବିପଦ, ବିଶେଷତଃ ରାମ ମିର୍ଦ୍ଧାର ନାତୁଣୀ ସୁମିର ? ରାମ ମିର୍ଦ୍ଧା ଏକା ଶରକେ ବାଘ ମାରିଥିଲା, ଏକା ମୁଥରେ ଭାଲୁ ମାରିଥିଲା।

ମାତ୍ର କେଇଟା ମାସ ତଳର କଥା। ମକର ସଂକ୍ରାନ୍ତି ବେଳେ ପଣ୍ଡୁପାଣିରେ ଯେଉଁ ମେଳ ହୁଏ। ତାହା ଆଉ କେଉଁଠି ନାହିଁ। ମେଳାକୁ ମାଙ୍ଗ ମାଙ୍ଗ ନେତା ମନ୍ତ୍ରୀ ଆସନ୍ତି। ଖାସି ଟୁର୍ଣ୍ଣାମେଣ୍ଟ, ମେଣ୍ଢା ଟୁର୍ଣ୍ଣାମେଣ୍ଟ ଆହୁରି କେତେ କଣ ଖେଳ କଉତୁକ ମଉଜମଜଲିସ। ମୟୁରଭଞ୍ଜରେ ମକର କହିଲେ ସଭ୍ୟ ଦୁନିଆଁ ଆଖିରେ ଗୋଟାଏ ରକମ ପାଗଳାମି ବଢ଼ାଏ। ହାଣ୍ଡିଆ, ହଳଦିଆ, ଲୁଗା, ଖାସି ମେଣ୍ଢା ଛେଳି ଘୁଷୁରି କୁକୁଡ଼ା ମାଙ୍କଡ଼ କେତେ କଣ। ସଭ୍ୟ ଦୁନିଆଁର ଟୋକାଟୋକୀ ପ୍ରାଚୁର୍ଯ୍ୟ ଓ ପରିତୃପ୍ତିରେ ବୁଡ଼ି ରହି ଖାଲି ଜୀବନ ଯନ୍ତ୍ରଣା, ମୃତ୍ୟୁ ଚେତନାର ସଂଗୀତ ଗାଆନ୍ତି କିନ୍ତୁ ଉନ୍ନତ ଦୁନିଆଁର ଦୂରରେ ମକରର ମୟୁରଭଞ୍ଜର ଖାଲି ଆନନ୍ଦର ଦୁନିଆଁ, ଉତ୍ସବର ଦୁନିଆଁ ଦାରିଦ୍ର୍ୟ ଅନାଟନ ସତ୍ତ୍ୱେ। ଯେଉଁଆଡ଼େ ଶୁଣିବା ଧୁମ୍‌ସା ମାଦଳ ବଂଶୀ କେନ୍ଦରା ବାଦ୍ୟ ସୁରରେ "ବୁରୁ ନାଲାରେ ତିରଂ ଅରଂ ହୋ।" ପାଖ ବ୍ଲକ୍ ଅଫିସରେ ମନ୍ତ୍ରୀ ଆସିବା ଯିବା ସମ୍ବାଦ, ରାଜନୀତି ଦୁର୍ନୀତ ସମ୍ବାଦ, ଚୋରିବଟପାରି,

Digitized by srujanika@gmail.com

ଡ଼କାୟତି, ଗଣଧର୍ଷଣ ସମ୍ବାଦ । ଏ ଇଲାକାରେ ମରୁଡ଼ି ଆସୁ, ବନ୍ୟା ଆସୁ ମକର ମେଳାର ଧୁମ୍‌ଧାମ୍ ସର୍ବବ୍ୟାପୀ । ଦୁଃଖ ଓ ମୃତ୍ୟୁର ସ୍ଥାନ କାହିଁ ନାହିଁ । ସେଇଥିପାଇଁ ତ ଭଗବାନ ସଇତାନଙ୍କ ଅମେଳ, ଶତ୍ରୁତା ପରି ସହର ମଫସଲ, ମାଳ ଉପକୂଳ ଦ୍ୱନ୍ଦ ସଂଘର୍ଷ । କେହି କାହା ସୁଖ ଦେଖନ୍ତି ନାହିଁ ।

ସୁମି ବାହାରି ପଡ଼ିଲା ପଣ୍ଣୁପାଣି ମେଳାକୁ । 'ବାଉଣ୍ଡି' ଅର୍ଥାତ୍ ମକର ପୂର୍ବଦିନ ରାତି, ତା ବାପା ଟାଟାନଗରରୁ ଆସିଥାଏ ଝିଅ ପାଇଁ ପତଳା ନୂଆ ଧଳା ଶାଢ଼ୀ, ନାଲି ବ୍ଲାଉସ୍ ଆଉ ସୁନେଲି ରୁପେଲି ରଙ୍ଗର ନାନା କିସମର ଗହଣା ନେଇ । ସୁମି ସେସବୁ ପିନ୍ଧିଲା, ଅଗଣାରୁ ପେନ୍ଥାଏ ଗେଣ୍ଡୁ ଫୁଲ ସାଙ୍ଗକୁ 'ସୁବାସ' ଡ଼ାଳଟିଏ ମିଶାଇ ଜୁଡ଼ାରେ ଖଞ୍ଜିଲା । ଦଳ ଦଳ ଧାଡ଼ି ଧାଡ଼ି ଲୋକ ରଜା ଅମଳର ମେଳାକୁ ଚାଲିଛନ୍ତି । ସିଧା ରାସ୍ତା, ବାଟବଣା ହେବାର ଭୟ ନାହିଁ ।

ମେଳାରେ ପହଞ୍ଚି ସୁମି କେତୁଟା କୁକୁଡ଼ା ଲଢ଼େଇ ଦେଖିଲା, ଭଲ ଲାଗିଲାନି । ଫୁଟବଲ ଖେଳ ଦେଖିଲା, ବୁଝିପାରିଲାନି କାହିଁକି କୋଡ଼ିଏ ପଚିଶଟା ଲୋକ ଗୋଟାଏ ବଲ୍ ପଛରେ ଦୌଡ଼ିଛନ୍ତି । ଯଦି ଖେଳିବାର ଇଛା ତେବେ ଆଉ ଦୁଇଚାରିଟା ବଲ ଆଣିଲେ ହୁଅନ୍ତାନି ? ତା'ପରେ ଚାଲିଲା ନାଚ ଦେଖିବାକୁ । ସେଇ ନାଚ ପାଖରେ ବହୁତ ଲୋକ । ମାଙ୍ଗ ମାଙ୍ଗ ମାନେ ବି ସେଇଠି ଅଛନ୍ତି । ପ୍ରଥମେ ଦଣ୍ଡା, ନାଚ ତାପରେ ଧାଙ୍ଗ୍‌ଡ଼ା ଧାଙ୍ଗଡ଼ୀ ନାଚ । ଦୁଇଟାଯାକ ନାଚରେ ତାର ଆଖି ପଡ଼ିଲା ଗୋଟାଏ ଟୋକା ଉପରେ ଯାହାର ଚେହେରା ଯିମିତି, ନାଚ ଯିମିତି, ଭଙ୍ଗୀ ବି ସିମିତି । ତାର ନାଚକୁ ମାଙ୍ଗ ମାଙ୍ଗ ମାନେ ତାଳିଦେଇ ତାରିଫ୍ କରୁଥାନ୍ତି । ଜଣେ ମନ୍ତ୍ରୀ ତା ସାଙ୍ଗରେ ଡିର୍ଲ୍ଲୁ ବେଶରେ ନାଚିଲେ ବି । ସୁମି ଯିମିତି ଏକାଦିକ୍ରମେ ସେ ଟୋକାଟା ବି ସିମିତି ସବୁବେଳେ ସୁମିକି ଆଖି ଆଗରେ ରଖିଥାଏ । ସନ୍ଧ୍ୟାବେଳେ ମେଳା ଭାଙ୍ଗିଲା ବେଳକୁ ସୁମି ଏକେଲା ଫେରିନଥିଲା । ନାଚ ଦଳଙ୍କ ସାଙ୍ଗରେ ସୁମି ସେଙ୍ଗେଲ ଦୁହେଁ ଆସିଲେ ଏବଂ ସେଇ ବାର୍ମି ପାଖର କୁଡ଼ିଆକୁ ଦୁହେଁଯାକ ସାମୀ ସ୍ତ୍ରୀ ପରି ପଶିଲେ । ବାପା ସୋନାରାମର ବୁଝିବାକୁ ବାକି ରହିଲା ନାହିଁ । ତାପରେ ଦିନରାତି ଅହରହ ଧୁମ୍‌ସା, ମାଦଳ ହାଣ୍ଡିଆରେ କଟିଲା । ସାତଦିନ ପରେ ସୋନାରାମ ଟାଟା ନଗରକୁ ଯିବା ପୂର୍ବରୁ ଝିଅ ଜୋଇଁକି ଟାଟା କରଞ୍ଜିଆ ବସ୍‌ରେ ବସାଇଦେଲା ଏବଂ ଘରେ ତାଲାଦେଇ ନିଜେ ଟାଟା ଚାଲିଗଲା । କୁକୁର ଦୁଇଟା ବ୍ଲକ୍‌କୁ ଚାଲିଗଲେ ଏବଂ ବୀରତ୍ୱ ଭୁଲି ଅଇଁଠା ପତ୍ର ଚାଟିବା ପାଇଁ ସାଧୀନତା ହରାଇବା ସଂଗେ ସଂଗେ ତତଲା ପେଜ ବି ଦିହରେ ପଡ଼ିବାର ସହିଲେ ।

ଟିରିଙ୍ଗରୁ ବହଳଦା, ବହଳଦାରୁ ରାଇରଙ୍ଗପୁର, ରାଇରଙ୍ଗପୁରରୁ ଯଶିପୁର ଏବଂ ଟ୍ରକ୍‌ରେ ଯଶିପୁରରୁ  ଗଡ଼ ଶିମିଳିପାଳ । ସେଙ୍ଗେଲର ଘରକୁ । ଅଧା ଗୁମ୍ଫା ଅଧା ଚାଳ । ଶାଳ ଗଛ ଘେରା ସ୍ଥାନ, ଏତେ ଥଣ୍ଡା ଯେ ଶାଳଗଛଗୁଡ଼ାକର ଅଗଗୁଡ଼ାକ

Digitized by srujanika@gmail.com

ତୁଷାରପାତରେ ଶୁଷ୍କ ଓ ବୀବର୍ଣ୍ଣ ହୋଇଯାଇଛି । ସେଇଠି ରହିଲେ ସାଙ୍ଗେଲ ଓ ସୁମି, ପାଗଳ ଅସନ୍ତୁଷ୍ଟ ଦୁନିଆଁର ବହୁ ଦୂରରେ, ଏକ ଇଡ଼େନ ଗାର୍ଡେନରେ ଯେଉଁଠି ଥିଲା ସରଳତା, ସତ୍ୟ ଓ ବିଶ୍ୱାସ । ଆଡ଼ାମ ଆଉ ଇଭ୍ । ଗଳ୍ପର ଟିପାଟିପି ପରି । ଏକ ଯେ ଥିଲେ ଟିପାଟିପି । ଟିପା ଆଣିଲା ଚାଉଳଟିଏ ଟିପି ଆଣିଲା ବିରିଟିଏ । ପିଠା କଲେ, କିନ୍ତୁ ବାଘମାମୁଁ ?

ଏ ଦେଶ ବାଘମାମୁଁ, ଭାଲୁ, ସମ୍ବର, ହରିଣ, କୁଟାର, ବାର୍‌ହା ହେଟାବାଘ ଏବଂ ହାତୀପଲର ଦେଶ, ଏ ଦେଶ ମୟୁର, ଶୁଆଶାରୀ, କପୋତ କପୋତୀର ଦେଶ, ଏଠି ମିଳେ ଝରଣା, ଆମ୍ବ, କାଙ୍କଡ଼, ବଣକୁନ୍ଦୁରୀ, ପଣସ, ଭୁରୁଡୁ, ଟାର, କେନ୍ଦୁ, ଆଦି ଫଳ, ପାଳୁଅ ଓ କେତେ କେତେ ଚେରମୂଳ, ଏଠି ମିଳେ କେତେ କେତେ ଫୁଲ, ପତର, ଛାଲିର, ମହକ ଓ ରଙ୍ଗ ଅତାଣ୍ଡି ଶାଳେଇ ସୁନାରୀ, ପଳାଶ, ଚମ୍ପା, ଆହୁରି କେତେ କ'ଣ । ଗଛରୁ ପଥରରୁ ତ ମହୁ ଝରୁଛି । ଭୂଇଁ ଫୁଟାଇ ଛତୁ ଉଠୁଛି । ସୁମି ସେଙ୍ଗେଲର ଦୁନିଆଁ ହିଁ ପୁରୁଷ ପ୍ରକୃତିର ଦୁନିଆଁ । ଖାଅ ଖୁଆଅ, ପିଅ ପିଆଓ । ଅସରନ୍ତି ଦୁନିଆଁ । କିନ୍ତୁ ସଇତାନ ଅଛି, ଇଭ୍ ବି ଅଛି, ବିଷଫଳ ବି ଅଛି । ଏ ଇଡ଼େନ୍‌ର ଆଡ଼ାମ୍ ଇଭ୍ କେତେ ଦିନ ରହିପାରିବେ ?

ସେଙ୍ଗେଲ ଯାଏ ଜଙ୍ଗଲକୁ । ରାକ୍ଷସ ପରି ଆଦିମ ବଡ଼ ବଡ଼ ଶାଳ, ପିଅଶାଳ, ଚମ୍ପା, ଶିଶୁ ଓ କଇମ ଗଛଗୁଡ଼ାକୁ ହାଣିବା ପାଇଁ । ସଭ୍ୟତା ନୁହେଁ, ବସିବା ପାଇଁ ସୋଫା, ଡ଼ାଇନିଂ ଚେୟାର, ଶୋଇବା ପାଇଁ ଖଟ, ରଖିବା ପାଇଁ ଅଲମାରି, ରେଳ ପାଇଁ କାଠପଟା । କାଟ ଏଗୁଡ଼ାକ । ସେଙ୍ଗେଲ କାଟେ । ସୁମି ଦୁଇଥର ଖାଇବାର ନେଇଯାଏ ଏବଂ ଦୁହେଁ ଏକାଠି ବସି ଗଛ ଛାଇରେ ପଥର ଉପରେ ଖାଆନ୍ତି । ତାପରେ "ବୁରୁ ନାଲାରେ ତିରଂ ଅରଂ ହୋ" କେନ୍ଦରା ବା ବଂଶୀରେ ବାଜି ଉଠେ । ସଭ୍ୟ ଦୁନିଆଁର ଦୈତ୍ୟ ବିରାଟ ଟ୍ରକ୍ ଗୋଟାଏ ଘର୍ ଘର୍ ଶବ୍ଦରେ ପଶୁ ପକ୍ଷୀ କୀଟ ପତଙ୍ଗଙ୍କ ହୃଦୟରେ ମୃତ୍ୟୁ ଆଶଙ୍କା ଆଣିଦିଏ ।

ଏଇ ଟ୍ରକ୍ ଗୋଟାକରେ ଆସେ ସଇତାନର ଏଜେଣ୍ଟ ମକୁ । ଏଇ ମକୁ କେତେଥର ଆସି ଦେଖିଯାଇଛି ଇଡ଼େନ୍ ଓ ଆଡ଼ାମ ଏବଂ ଇଭ୍‌କୁ । ଏମାନଙ୍କ ସହିତ ନାନା ଆଳରେ ମିଶାମିଶି ସେ ବୁଝି ସାରିଛି ତାଙ୍କ ଚରିତ୍ର । ତାଙ୍କ ଜୀବନ ପ୍ରଣାଳୀ, କବିତାମୟ ଭୂସ୍ୱର୍ଗ ଆଦି ନାନା କଥା ମାଲିକଙ୍କ ଆଗରେ ବର୍ଣ୍ଣନା କରିଛି ଏବଂ ମାଲିକ ଓ ତାଙ୍କ ସହଧର୍ମୀମାନେ ଏମାନଙ୍କୁ ଉନ୍ନତତର ଅବସ୍ଥାକୁ ଆଣିବାକୁ ଉତ୍କଣ୍ଠିତ ହେଉଛନ୍ତି । ଗଛ କାଟିବା, ମାଟି କୋଡ଼ିବା, ପଥର ଟେକିବା, ରୋଲର ଚଳାଇବା ଆଦି ଯେତେ ଯେତେ ଦୁଃସାଧ ଶ୍ରମସାପେକ୍ଷ କାର୍ଯ୍ୟ ଏମାନେ କୁଆଡ଼େ ଆନନ୍ଦରେ ଗୀତ ଗାଇ ଗାଇ ଅଳ୍ପ ପଇସାରେ କରନ୍ତି । ଦୁନିଆଁକୁ ଏମାନେ ଆହୁରି ସଭ୍ୟତାର ଅଙ୍କୁଶରେ କରି ଦେବେ । ଏଣୁ ଏଜେଣ୍ଟ ପଠାଇଲେ ଆଡ଼ାମ ଇଭ୍‌କୁ ପ୍ରଲୋଭିତ

Digitized by srujanika@gmail.com

କରିବା ପାଇଁ। ବିଷଫଳ ହାତରେ ଧରି (ଶିମିଳିପାଳ ଇଡ଼େନ୍‌ରେ ସେ ଫଳଗଛ ଜନ୍ମେ ନାହିଁ) ମକୁ ଜଣେ ଶ୍ମଶ୍ରୁଳ ଦୀର୍ଘାକୃତି ଚାଳକ ଚାଳିତ ଟ୍ରକ୍ ନାମକ ଅପୁଷ୍ପକ ଯାନରେ ଅକସ୍ମାତ୍ ଆବିର୍ଭୂତ ହେଲା ସୁମି ସେଙ୍ଗେଲଙ୍କ ଉଦ୍ୟାନ ଖଣ୍ଡରେ ଏବଂ ପ୍ରଲୁବ୍ଧ କରିବା କାମ ତୁରନ୍ତ ଆରମ୍ଭ କରିଦେଲା।

ମାତ୍ର ଖୁବ୍ ଶୀଘ୍ର ଜାଣିଲା ଯେ ଆଦାମ୍ ସହଜେ ତା ପାଲରେ ପଡ଼ିବ ନାହିଁ। ଇଡ଼େନ୍ ତାକୁ ଭଲ ଲାଗେ, ଏଠି ରୋଗ ବୈରାଗ୍ୟ, ଶୋକ ମୃତ୍ୟୁ ନାହିଁ, ଲଜ୍ଜା ବି ନାହିଁ । (ହରିଣୀ, ହାତୀଙ୍କ ପରି) । ମକୁ ତା ପାଇଁ ନେଇଥିଲା ଅନେକ ଲୋଭନୀୟ ପଦାର୍ଥ। ଚା' ଗୁଣ୍ଡରେ ଗୁଣ୍ଡଦୁଧ ପକାଇ ଚା' ପିଇବାକୁ ଦେଲା, ସେଙ୍ଗେଲ ଛୁଇଁଲା ନାହିଁ, ଚିନି ଚାଖିଲା ନାହିଁ, ସିଗାରେଟ୍ ମୁହଁକୁ ନେଲା ନାହିଁ। ଏକ୍‌ଜିଦିଆ ଲୋକଟା। ବାଙ୍ଗା ତ ବାଙ୍ଗା ନାହିଁ ତ ନାହିଁ। କାଠ ଲୋଡ଼ିଂ ଯେତେବେଳେ ସେଙ୍ଗେଲ କରୁଥାଏ ତାକୁ ଫୁସୁଲାଇ ନାନା ପ୍ରଲୋଭନ, ପ୍ରତିଶ୍ରୁତି ଦେଇ ସଭ୍ୟତା ପାଖରେ ନେଇ ହାଜର କରିବାର ସମସ୍ତ ଚେଷ୍ଟା ମକୁ କଲା, କିନ୍ତୁ ପାରିଲାନି। ଟ୍ରକ୍ କାମ ଧରିଛି ମକୁ, ଏକ ନୂଆ ଲାଭଜନକ ବେଉସା। ବଣ ଜଙ୍ଗଲର ସୁମି, ସେଙ୍ଗେଲ ପରି ଜାନୁଆରଙ୍କୁ ସଭ୍ୟ କରିବା ପାଇଁ ସେ ସହରକୁ ନେଇ ଯାଉଛି, "ହାତୀ ଦେବି ଘୋଡ଼ା ଦେବି, ମୋ ପେଁକାଳି ବାଜ।" ଅନେକ ପେଁକାଳି ବାଜିଲେଣି ଏବଂ ଦିଲ୍ଲୀ ପଞ୍ଜାବର ସହରମାନଙ୍କରେ ସଭ୍ୟତା ପାଖରୁ ଟ୍ରେନିଂ ନେଉଛନ୍ତି। କିନ୍ତୁ ସୁମି, ସେଙ୍ଗେଲ ତା ପାଲରେ ପଡ଼ିବ ନାହିଁ ଏହା ମକୁ ପକ୍ଷରେ ଏକ ଚେଲେଞ୍ଜ୍।

ସାପ ରୂପ ଧରି ମକୁ ସୁମିକୁ ଏକାନ୍ତରେ ଭେଟି କହିଲା, "ଦେଖ୍ ଇଭ୍, ଏ ଫଳଠୁଁ ଭଲ ଫଳ କିଛି ନାହିଁ, ଏହା ଜ୍ଞାନ ଫଳ, କେବଳ ସଭ୍ୟ ଦେଶରେ ହୁଏ। ତୁ ଖା କହି ବୋତଲରୁ ଅଧାଅଧି ସୁମିକୁ ଯିମିତି ପିଆଇଛି ସେ ମକୁର ହିନ୍ଦୀ ସିନେମା ଗୀତ "ଜାନେ କ୍ୟା ପିଲାୟା ମଗର୍ ବଡ଼ା ମଜା ଆୟା" ଗାଇଲା। ଭୁଲିଗଲା ତା'ର ସାନ୍ତାଳୀ ଗୀତ 'ବୁରୁ ନାଲାରେ' ଏବଂ ସେଙ୍ଗେଲକୁ ମଧ ଜ୍ଞାନ ଫଳରୁ ଚଖାଇଲା। ସୋମରସ ପିଇଲାମାତ୍ରେ ସେଙ୍ଗେଲ ଭାବିଲା ସେ ଦେବତା ପାଲଟି ଗଲା ପାରାଡ଼ାଇସ୍‌ର।

ବର୍ଷାଦିନ ହେବା ସଂଗେ ସଂଗେ ଜଙ୍ଗଲକୁ ଟ୍ରକ୍ ଯିବା ବନ୍ଦ ଆସନ୍ନ ଜାଣି ମକୁ ଉଭୟ ସୁମି ଓ ସେଙ୍ଗେଲକୁ ଟ୍ରକ୍‌ର ଟିମ୍ବର ଉପରେ ବସେଇ ନେଇ ଆସିଲା ସଭ୍ୟତାର ରାଜ୍ୟକୁ। ସେଠାରୁ ପୁଣି ଦିଲ୍ଲୀ ବା ପଞ୍ଜାବକୁ ଆହୁରି ଅଧିକ ସଭ୍ୟତାରେ ତାଲିମ ପାଇବା ପାଇଁ ପଠାଇବା ପୂର୍ବରୁ କୁଲି ଆକାରରେ ଡ଼ବ୍ଲିଂ ବା ଦୋହରି କାମରେ ଲଗାଇଲା। ବେଳ ଆସିଲେ ପୂଜାବେଳକୁ ସେମାନଙ୍କୁ ପଠାଇ ଦିଆଯିବ ଇପ୍ସିତ ସ୍ଥାନକୁ। ସେଙ୍ଗେଲ ଟାର୍ପଲିନ୍ ଢଙ୍କା ଛାଉଣୀରେ ରହିଲା ସୁମି ସହିତ। ଏବଂ ଆସିଲା ଅଗଷ୍ଟ ପନ୍ଦର, ଯେଉଁଦିନ କେତେ ହଜାର ବର୍ଷର ପୁରୁଣା ରାଜ୍ୟ ପୁଣି 'ରାମରାଜ୍ୟ' ବୋଲି ଆଖ୍ୟା ପାଇଲା।

Digitized by srujanika@gmail.com

ସୁମିର ତନ୍ଦ୍ରା ଭାବିଲା ସଭ୍ୟତାର ଆଉ ଏକ ଯନ୍ତ୍ରଦାନବ ମାନ୍ଦ୍ରାଜ କଲିକତାଗାମୀ ଅତିକାୟ ହାତୀଠୁ ବଡ଼ ଟ୍ରକ୍‌ର ଭୀଷଣ ଗର୍ଜନରେ। ଉଜ୍ଜ୍ୱଳ ଆଲୋକରେ ପଞ୍ଜାବ ଡ୍ରାଇଭରଟା ସୁମିର ଅର୍ଦ୍ଧ ଅନାବୃତ୍ତ ଶରୀର ଦେଖି ଗାଡ଼ି ଦଣ୍ଡେ ତା ପାଖରେ ଅଟକାଇଲା। ତାରି ପାଖରେ ଅନ୍ଧାରରେ ବସିଥିବା ଜନୈକା ସଭ୍ୟତା ପ୍ରେମୀ ଆଦିବାସୀ ମହିଳା ଓହ୍ଲାଇ ପଡ଼ି ସୁମି ସହିତ ତାରି ଭାଷାରେ କଥାବାର୍ତ୍ତା କରିବା ପରେ ସୁମି କିଂକର୍ତ୍ତବ୍ୟ ବିମୂଢ଼ ଅବସ୍ଥାରେ ଟ୍ରକ୍ ଭିତରକୁ ଯାଇ ଡ୍ରାଇଭର ପାଖରେ ବସିଲା । ଟ୍ରକ୍ ଚାଲିବା ମାତ୍ରେ ସୁମିର ନଜର ପଡ଼ିଲା ଦିଗ୍‌ବଳୟରେ ଏକ ଜ୍ୟୋର୍ତିବଳୟ ଉପରେ, ଯିମିତି ବଳୟ ସେ ତାର ଟିରିଙ୍ଗର 'ବୁରୁନାଲାର' ଘର ଅଗଣାରେ ଛିଡ଼ାହୋଇ ପ୍ରତି ରାତି ଟାଟାନଗରର ସଭ୍ୟ ଦୁନିଆଁକୁ ସତୃଷ୍ଣ ଆଖିରେ ଚାହୁଁଥିଲା ଏବଂ ଭାବୁଥିଲା ସେ ରାଜ୍ୟ କଣ ହୋଇନଥିବ।

ପ୍ରାୟ ପନ୍ଦର କୋଡ଼ିଏ କିଲୋମିଟର ପରେ ସହର ତଳି ରାସ୍ତାକଡ଼ରେ ଗୋଟାଏ ପଞ୍ଜାବୀ ହୋଟେଲ ପଡ଼ିଲା ଏବଂ ଯିମିତି ଡ୍ରାଇଭର ସେ ଆଡ଼କୁ ଯାଇଛି ସୁମି କଣ ହେଲା କେଜାଣି ସନ୍ତ୍ରସ୍ତ ହୋଇ ଏକମୁହାଁ ଅନ୍ଧକାର ଭିତରେ ମିଶିଗଲା।

ଯେତେବେଳେ ସହରର କେନ୍ଦ୍ରସ୍ଥଳର ଆଲୋକ ଉଦ୍ଭାସିତ ଅଞ୍ଚଳରେ ସେ ପହୁଞ୍ଚିଲା; ସେତେବେଳକୁ ମୁହାଁମୁହିଁ ଯୋଡ଼ିଏ ସିନେମାର ଦ୍ୱିତୀୟ ସୋ ସଦ୍ୟ ଶେଷ ହୋଇଥାଏ ଏବଂ ଯୋଡ଼ିକି ଯୋଡ଼ି ହୋଇ ଦର୍ଶକମାନେ ରିକ୍ସା ଷ୍ଟାଣ୍ଡ ଆଡ଼କୁ ଯାଉଥାନ୍ତି। ଚାରିଟା ବାର୍ ଲାଇଟ୍ ତଳେ ସୁମି ଯେତେବେଳେ ତ୍ରସ୍ତ ପଦରେ ଛକଟା ଅତିକ୍ରମ କରୁଥାଏ ସେତେବେଳେ ଶହ ଶହ ଆଖି ତାର ଅନାବୃତ ଅଙ୍ଗ ପ୍ରତ୍ୟଙ୍ଗକୁ ଜାନୁଆର ପରି ଚାହିଁ ରହିଥାନ୍ତି। ସୁମି ବୁଝି ପାରିଲାନି କାହିଁକି ନିଜ ପାଖରେ ଲଗା ଲଗି ହୋଇ ଚାଲିଥିବା ଗୋରା ତକ୍‌ତକ୍ ଦିହକୁ ନ ଦେଖି ସେମାନେ ତା'ର ମୁଗୁନି ପଥର ରଙ୍ଗର ଦିହକୁ ଚାହୁଁଛନ୍ତି। ଅନ୍ଧାର ତାକୁ ଭଲ ଲାଗୁଥାଏ।

ଛକ ଜାଗାଟା ପାରି ହୋଇଛି, ଗୁଡ଼ାଏ ରିକ୍ସାବାଲା ଓ ଦଳେ ବଜାରୀ ଟୋକା ତାକୁଇ ଲକ୍ଷ୍ୟକରି, "ଶସ୍ତା ସୁନ୍ଦର ମଜବୁତ" କାହିଁକି ଚିତ୍କାର କରୁଛନ୍ତି ସେ ବୁଝିଲା ନାହିଁ ଏକମୁହାଁ ଚାଲିଥାଏ ତାର ଲକ୍ଷ୍ୟହୀନ ଗତି ପଥରେ। ଦୁର୍ଯୋଗକୁ ମେଘଟାଏ ଆସି ପ୍ରଚଣ୍ଡ ଜୋର୍‌ରେ ବର୍ଷିବାକୁ ଲାଗିଲା। ସୁମି ଅନନ୍ୟୋପାୟ ହୋଇ ଚଢ଼ିଗଲା ଗୋଟାଏ ପିଣ୍ଡା ଉପରକୁ ଏବଂ କ'ଣରେ ଯେଉଁ ଅନ୍ଧାର ସ୍ଥାନଟିଏ ଥିଲା ସେଇଠି ଆଶ୍ରା ନେଇଥିବା ଗୋଟାଏ କୁତୀ ସାଙ୍ଗରେ ବସିଲା। ଭିତରୁ ପ୍ରଚଣ୍ଡ ଘର୍ଘର ଶବ୍ଦ ଆସୁଥାଏ। ଗୋଟାଏ ଅଟାକଳରୁ।

କବିତା ବା ଶ୍ଳୋକର ଶବ୍ଦଗୁଡ଼ାକ ଯେତେ କଡ଼ା ହେଲେ ମଧ୍ୟ ଯଦି ଯତି, ଅନୁପ୍ରାସ ଆଦି କ୍ରମ ଓ ବ୍ୟବଧାନରେ ପଡୁଥାଏ ତେବେ ତାହା ଯିମିତି ଶ୍ରୁତିପ୍ରିୟ ହୁଏ ଅଟାକଳର ଭୀଷଣ ଘର୍ଘର ଶବ୍ଦ ମଧ୍ୟ ଠିକ୍ ଅନୁକ୍ରମ ଓ ଅନୁପାତରେ ଜାତ ହେଉଥିବାରୁ ମଧୁର

Digitized by srujanika@gmail.com

ଶୁଭେ ଓ ସୁଷୁପ୍ତି ମଧ୍ୟ ଆଣିପାରେ । ସୁମି କାନ୍ଥକୁ ଆଉଜି କୁତୀ ଦିହରୁ ଉଷୁମ ଟାଣି ଶୋଇଗଲା ।

ତେଣେ ଅଟାକଳ ଚାଲିଛି । ଅନର୍ଗଳ । ଘର୍ ଘର୍ । ନିର୍ଜନ ଘରେ, ନିଝୁମ ବର୍ଷାରାତିରେ ବୈଦ୍ୟୁତିକ ଶକ୍ତିରେ । ଶିବଲାଲ୍ ପ୍ରଭୁଦୟାଲର । ପ୍ରଭୁଦୟାଲ୍ ଭଗତର ବଂଶଧର । ସଭ୍ୟ ଜଗତର ବଡ଼ ବଡ଼ିଆଠାରୁ ଆରମ୍ଭ କରି ସେଇ କଳ ଆଗରେ ବସି ଆଡ୍‌ଡ଼ା ଜମାଇଥିବା ଛତରା ବଜାରୀ ସମସ୍ତଙ୍କ ମୁହଁରେ ଏକ କଥା 'ଶିବଲାଲ୍ ପ୍ରଭୁଦୟାଲ୍ ଯେଉଁ ଅଟାକଳ ବସାଇଛି, ଗହମ ସାଙ୍ଗରେ ରାଇ ଦିଅ, ବାଲିଦିଅ ଗୋଡ଼ି ଦିଅ, ଭୁଷି କାଠ ପଥର ଯାହା ଦିଅ ତାହୁଁ ତାହୁଁ ପେଷି ଏକାକାର କରିଦେବ । କି କଳ !" ସୁମି ଏଇ ଅଦ୍ଭୁତ ଅପାରଶକ୍ତିସମ୍ପନ୍ନ କଳ ଆଗରେ ଶୋଇଛି । ସେଙ୍ଗେଲ ବି ହୁଏତ ଆଉ କେଉଁଠି ସେଇ କଳ ବା ଘଣା ନିଜ ଦିହର ଶକ୍ତିରେ ଚଳାଉଥିବ, ଘର୍‌ଘର୍ କେଁ କଟ୍‌କଟ୍ । ଶୁଆଶାରୀ, କାପ୍ତାକାପ୍ତି, କୋଇଲି କୁମ୍ଭାଟୁଆର ସ୍ୱର ଏଠି ସ୍ୱପ୍ନ ।

ସକାଳ ହେଲା । ପାଖ କବାଟ ଖୋଲା ହେବାର ଶବ୍ଦରେ ଚମକି ପଡ଼ି ସୁମି ନିଦରୁ ଯିମିତି ଉଠିଛି ଦେଖିଲା ଆଗରେ ବୃକ୍ଷରାଜନିକେତନ ଶିବଲାଲକୁ । ଧଡ଼୍‌ପଡ଼୍ ହୋଇ ଉଠି ଛିଡ଼ାହେଲା ବେଳକୁ "ଚଟାଳ ବାଳା ସ୍ତନଭିନ୍ନ ବଲ୍‌କଳା ।" ଏବଂ ଶିବଲାଲ ତାକୁ କୁଣ୍ଢେଇ ଅଟାକଳ ଭିତରକୁ ନେଇଗଲା ଓ ଦରଜା ବନ୍ଦ କରିଦେଲା ।

ଗଲା ଦୁଇମସା ଧରି ଶିବଲାଲ ଏକୁଟିଆ । ଇମର୍ଜେନ୍‌ସି ସମୟ । କଲେକ୍ଟରଙ୍କ ହୁକୁମ ଦିନରାତି କାଳ ଚାଲିବ । ବନ୍ୟାପ୍ରପୀଡ଼ିତଙ୍କୁ ଅଟା ଯୋଗାଇବାକୁ ହବ । ଶହ ଶହ ବୋରା ସରକାରୀ କୀଟଦ୍ରଂଷ୍ଟ ଗହମ ଘରଦ୍ୱାର ଚାରିଆଡ଼େ ଜମା ହୋଇଛି; ଏ ଅଟାକଳର ସହକାରିଣୀ ଥିଲା ଶିବଲାଲର ସ୍ତ୍ରୀ । ତାର ପିଲାଝିଲା ହବ, ତେଣୁ ସେ ବାପଘରକୁ ଯାଇଛି ଆସିବ ସନ୍ତାନ ପ୍ରସବ ପରେ । ଶିବଲାଲ ସାଥୀ ଖୋଜୁଥିଲା, ପାଇଗଲା । ସଭ୍ୟତାର ଖାଦ୍ୟ ପୋକରା ଅଟା, ପାନୀୟ ବ୍ଲିଚିଂ ପାଉଡ଼ର ଦିଆ କଳପାଣି ସୁମିକୁ ଖୁଆଇ ପିଆଇ ଖୁବ୍ ଆଦର ଯତ୍ନରେ ପାଷ୍ଟମ କଲା । ଦୋକାନର ଟେଲିଫୋନ୍‌କୁ ଦେଖାଇ କହିଲି; ସେ ଫୋନ୍ କରି ତାକୁ କହିଦେବ ସେଙ୍ଗେଲର ଖବର, ଜେଲ୍‌ରେ ବା ଡ଼ାକ୍ତରଖାନା ବା ଆଉ କେଉଁଠି ଅଛି, ମକୁ ଯେଉଁ ଫଳ ତାକୁ ଚଖାଇଥିଲା ସେ ପ୍ରଚୁର ମାତ୍ରାରେ ତାକୁ ଖାଇଲା ଏବଂ ଶିବଦୟାଲ ପାଖରୁ ଅଚିରେ ସଭ୍ୟ ଦୁନିଆଁର ସଭ୍ୟା ବନିଗଲା ।

ଶିବଲାଲର ଅଟାକଳ ଏଥର ରୀତିମତ ଚାଲିଲା । ଦିନରାତି ବିରାମ ନାହିଁ ଘର୍ ଘର୍ ଘର୍ ଘର୍ । ସେଇ ଶବ୍ଦ ସାଙ୍ଗକୁ ତାଳ ଦେଇ ଶିବଲାଲ ଗୁଣୁ ଗୁଣୁ ଗାଉଥାଏ "ଏ ସୁମି, ତୁ ମାନ୍ ଯା, ହସିନା ମାନ୍ ଯା" ଏବଂ ବେଳେ ବେଳେ ମୁଠାଏ ଅଟା ନେଇ ତାର ଦିହ ମୁହଁରେ ପାଉଡ଼ର ବୋଳିଲା ପରି ବୋଳିଦିଏ । ମସଲାଦିଆ ପାନ ଖଣ୍ଡେ

Digitized by srujanika@gmail.com

ଖଣ୍ଡେ ବି ନିଜେ ଖୁଆଇ ଦିଏ । କାନ୍ଧରୁ ମୁଣ୍ଡକୁ ଗହମ ବୋରା ବି ଟେକି ଦିଏ । ଦୁଃଖକୁ ସାଥୀକରି ମଣିଷ କେତେଦିନ ବଞ୍ଚିବ ? ବଞ୍ଚିଛି ଯେତେ ଦିନ ଟଙ୍କା କର, ସୁଖ କର, ଶିବଲାଲର ନୀତି ମାନି ସୁମି ତାକୁ ସାଥୀ କଲା । ହାସିନା ମାନିଗଲା । ଅଟାକଳ ପୂରା ଦମ୍‌ରେ ଚାଲିଲା, ହପ୍ତାଏ, ପକ୍ଷେ, ମାସେ, ଦୁଇମାସ ଧରି ।

କଳ ଆଗରେ ଯେଉଁ ପାନ ଦୋକାନ, ସେଠି ଯେଉଁ ଛତରା ବଜାରୀ ଜୁଟନ୍ତି, ସେମାନେ ସୁମିକୁ ଦେଖିଦେଲା ମାତ୍ରେ ବଡ଼ପାଟିରେ କହନ୍ତି, "ଶସ୍ତା ସୁନ୍ଦର ମଜବୁତ" ଏବଂ ବିକଟ ହସରେ କୁହାକୁହି ହୁଅନ୍ତି, "ଶିବଲାଲ ଯେଉଁ ଅଟାକଳ ବସାଇଛି, ତାହା କାଠ ପଥର ଭୁଷି କୁଟାକାଠି ସବୁ ପେଷି ଏକାକାର କରିଦେବ ।" ସୁମି ସେମାନଙ୍କୁ କିଛି ଜବାବ୍ ଦିଏ ନାହିଁ କି ଲାଲଆଖି ଦେଖାଏ ନାହିଁ, କଡ଼ା ଜରଦାଦିଆ ପାନ ଆଣି ଶିବଲାଲକୁ ଦିଏ, ଖୁଆଇ ଦିଏ, ମନେ ପକାଏ, "ବଡ଼ା ମଜା ଆୟା" ଗୀତର ସୁର୍‌ଟା ।

ଯଥାସମୟରେ ଶିବଲାଲର ସ୍ତ୍ରୀ ପୁତ୍ର ସନ୍ତାନଟିଏ ନେଇ ଫେରିଲେ । ତହିଁ ପୂର୍ବଦିନ ସୁମି ଚାଲିଲା ଆନନ୍ଦବଜାରର କଲୋନୀକୁ ଯେଉଁଠି ଚାରି ହାତରେ ଚାରିହାତ ଚାଳ କୋଠରୀଟିଏ ମାସକୁ ଦଶଟଙ୍କା ଭଡ଼ାରେ ଶିବଲାଲ ଯୋଗାଡ଼ କରି ଦେଇଛି ତା ପାଇଁ । ମାତ୍ର ଦିନଟିଏ ସେ ଅଟାକଳକୁ ଆସିଥିଲା । ଯେତେବେଳେ ପାନ ଦୋକାନରେ ଛତରା ବଜାରୀମାନେ ତାକୁ ଦେଖିଲେ ବନହଂସୀଟିଏ ଡ଼ିମ୍ବ ଦେବାକୁ ଯାଉଥିବା ବେଳର ଗତି କରି ଯାଇଛି, ପୁଣି ଅଟ୍ଟହାସ୍ୟ ସହିତ ପୁରୁଣା କଥା ଚିତ୍କାର କରି କହିଲେ, "ଶିବ ଦୟାଲ ଯେଉଁ ଅଟାକଳ ବସାଉଛି" କଣ ହେଲା କେଜାଣି ସୁମି ତା ପରଦିନଠୁଁ ଲୋଭେଇ କ୍ରସିଂ ପାଖ ତା କୁଡ଼ିଆ କୋଠରୀକୁ ଆଉ ବଜାରର ଅଟାକଳକୁ ଯାଇନାହିଁ ।

ପୁଣି ଆସିଲା ଅଗଷ୍ଟ ପନ୍ଦର । ନାନା ରଙ୍ଗର ପୋଷାକ ଓ ପତାକା ନେଇ, ସର୍କସ୍ ଜୋକର ପରି । କୁଡ଼ିଆରୁ ବାହାରି ଅଦୂରର ଚିଡ଼ିଆ ପୋଲ ଉପରେ ଟିକି ପୁଅକୁ ଧରି ବସିଥାଏ ସୁମି । ଗୋରା ଡକ୍‌ଟକ (ସଭ୍ୟତାର ରଙ୍ଗ !) ଶିବଲାଲ ପରି ରଙ୍ଗ ଛୁଆଟାର । ସକାଳ ସୂର୍ଯ୍ୟର କିଛି କିରଣରେ ଆଖି ଫିଟାଇ ପାରୁନଥାଏ ଆଠ ପାଉଣ୍ଡିଆ ଶିବଲାଲ ବଚ୍ଚା । ବାବାରେ ଆଲୁଅ ! ସୁମିର ଆଗରେ ଯାଇଥାଏ ଗୋଟାଏ ପ୍ରାଥମିକ ସ୍କୁଲର ଛାତ୍ରଛାତ୍ରୀଙ୍କ ଶୋଭାଯାତ୍ରା ପରେଡ୍ ପଡ଼ିଆ ଆଡ଼କୁ । ସବ୍‌କୋ ସନ୍‌ମତି ଦେ ଭଗବାନ୍ ! ଗାଇ ଶେଷ ପିଲାଟି ତାକୁ ଅତିକ୍ରମ କରିଯାଇଛି । ସେ ଚାହିଁଦେଲା ସାମ୍‌ନା ରାସ୍ତା ଆଡ଼କୁ, କଚେରୀରୁ ଜେଲ୍‌କୁ ଯାଇଛି ଯେଉଁ ରାସ୍ତା ।

ଇଏ କିଏ ? ସେଙ୍ଗେଲ ? ଏତେ ବଦଳ ! ମଣିଷ ପଶୁ ପରି ଦିଶୁଛି !

ହଁ, ଇଏ ନିଶ୍ଚୟ ସେଙ୍ଗେଲ । ଏମିତି ଝୁଲି ଝୁଲି ଚାଲେ ସେ, ନାଟୁଆ ପରି । ସୁମିର ମନଟା ଦଣ୍ଡେ ପାଇଁ କୋଡ଼ର ଛୁଆ ପାଖରୁ ଧାଇଁ ଯାଇ ଆସୁଥିବା ଲୋକଆଡ଼କୁ ଛୁଟିଲା । କଣ ଭାବି ଭାବି ଚାଲିଛି କେଜାଣି ।

Digitized by srujanika@gmail.com

ପୋଲ ପହୁଞ୍ଚିବାକୁ ଆଉ ଆଠ ଦଶ ହାତ ଅଛି, ସୁମିର ପାଟିରୁ ସଂଶୟାନ୍ୱିତ ଗଳାରେ ବାହାରି ପଡ଼ିଲା ଗୋଟିଏ ଶବ୍ଦ, "ସେଙ୍ଗେଲ ?"

ସେଙ୍ଗେଲ ଚାହିଁଲା ସୁମି ଆଡ଼କୁ। ସୁମି ଚାହିଁଲା ତା'ର ସେଙ୍ଗେଲକୁ। ଦୁହିଁଙ୍କ ଚାହାଣି ଦେଖିଲେ ଜଣାଯିବ ଯେମିତି ସେଙ୍ଗେଲ ପଚାରୁଛି, "ତୁଇ ଏଠେ ? ସୁମି ସେଙ୍ଗେଲକୁ ପଚାରୁଛି, "ତୁଇ ଏଠେ ଯେ।" କେହି କିନ୍ତୁ କଥା କହି ନାହାନ୍ତି।

"ଆୟ୍ ଯିବୁନି ?" – ସେଙ୍ଗେଲ ଡ଼ାକିଲା।

"କାନ୍ଠିକି ?" (କେଉଁଠାକୁ ?) ସୁମି ପଚାରିଲା।

"ଘର୍‌କେ। ଆର୍ କନ୍ଠିକି ?" ସେଙ୍ଗେଲ କହିଲା।

"ଏଟା ଯେ ?" – ଶିବଲାଲର ବଟା ଆଡ଼କୁ ଚାହିଁ ସୁମି ଏଇ ପ୍ରଶ୍ନଟି ସହିତ ସେଙ୍ଗେଲକୁ ଚାହିଁଲା ଉତ୍ତର ଅପେକ୍ଷା କରି।

"ଏଟା କନ୍ଠ ଆଣିଲୁ ?"

"ବଜାର୍‌ରୁ, ଅଟାକଲରୁ।" ଦଣ୍ଡେ ରହି ପୁଣି ପଚାରିଲା, "କି କହୁଛୁ ? ନବା ନା ଏଇଠେ ଫିଙ୍ଗି ଦେଇଯିବା ? କହିବୁ ତ ଏଇଠେ ପୋଲର ତଳ୍‌କେ ଗଡ଼େଇ ଦେବି।"

ବର୍ଷକ ପରେ ସାମାନ୍ୟ ଟିକିଏ ହସର ଛିଟା ଓଠରେ ଖେଳାଇ ସେଙ୍ଗେଲ କହିଲା, "ନେଇଯିବା ନାହିଁ ତ, ଆର୍ କି କର୍‌ବା ? ବଜାରକୁ ଆସିଥିଲୁ ଗୁଟେ ଚିହ୍ନ ନ ନେଇଗଲେ ଆମାର ଗାଁ ସାଇର ନୁକ୍‌ଗା (ଲୋକମାନେ) କିମ୍‌ତି ଜାଣବେ ? ଏଟା ବଜାରିଆ ଫଲ୍‌ଟା ପରା !"

ନିଜ କପାଳର ଚିଅର ଗେସ୍ ସେଲ୍ ର ଚିହ୍ନକୁ ଆଙ୍ଗୁଳିରେ ଦେଖାଇ ପୁଣି କହିଲା, "ହେଇ ଦେଖ, ମୁଇଁ ବି ତ ଗୁଟେ ଚିହ୍ନ ନେଇ ଯାଉଛି।"

ପଣ୍ଡୁପାଣି ମେଳାରେ ଏବଂ ତାପରେ ବୁରୁନାଲାରେ ଦୁହେଁ ଦୁହିଁଙ୍କୁ ଯେମିତି ଆଖିରେ ପ୍ରଥମେ ଦେଖିଥିଲେ ପୁଣି ସେଇ ଆଖିରେ ପରସ୍ପରକୁ ଚାହିଁଲେ ଏବଂ ଚାଲିଲେ ପୁଣି ଶିମିଳିପାଳ ଗଡ଼କୁ।

ପାରାଡ଼ାଇସ୍ ଲଷ୍ଟ; ପାରାଡ଼ାଇସ୍ ରିଗେନ୍‌ଡ଼୍ ( ?)

Digitized by srujanika@gmail.com

# ଚାଉଳ

ମାତ୍ର ଆଉ ଗୋଟାଏ ହପ୍ତା, ସାତୁଟା ଦିନ; ଅତି ବେଶି ହେଲେ ଆଠଦଶ ଦିନ। ଟାଣିଓଟାରି କଷ୍ଟେମଷ୍ଟେ ଏତେଦିନ ବଞ୍ଚାଇ ଆଣିଲା; କୌଣସିମତେ ଆଉ କେତୁଟା ଦିନ ସମ୍ଭାଳି ପାରିବ ନାହିଁ ? ବଡ଼ ହୁଏତ ବଞ୍ଚିଯିବ, ତିଷ୍ଠିଯିବ; କିନ୍ତୁ ସାନ ... କେଜାଣି ? ଦୁଇଟଙ୍କା ସତୁରି ଦେଇ ବ୍ଲେକ୍‌ରେ କିଣା ପୋକା ପୋଚରା ଅଟା ପାଣି ପିଇ କେତେ ଦିନ ବଞ୍ଚିବ ? ବୁଜୁଳା ବାହାରି ପଡ଼ିଲାଣି। ଗାଲ ପାଦ ଫୁଲା ପୁଲା ଦିଶିଲାଣି।

ଠିକ୍ ସମୟରେ ପଇସା ଯୋଗାଡ଼ କରି ପାରିଥିଲେ ଲକ୍ଷ୍ମୀପ୍ରିୟା ହୁଏତ ଲଘୁଧାନ ତଳି ପାଇଥାନ୍ତା। ଶେଷ କାର୍ତ୍ତିକ ନ ହେଲେ ବି ଆଦ୍ୟ ମଗୁଶିର ବେଳକୁ କାଟିଥାନ୍ତା। କିନ୍ତୁ କପାଳ ଖରାପ ପଡ଼ିଛି, ତଳି ମିଳିଲା ନାହିଁ, ଯାହା ମିଳିଲା ତାହା ବନ୍ଧଣା ପଡ଼ିଗଲା। କେଣ୍ଡାର ଅଗଧାନ ଗୋଟାଏ ଦୁଇଟା ରଙ୍ଗ ହୋଇଛି ସିନା, ହେଲେ କେରାର ତଳ ବାରପଣି ବିଲକୁଲ କଞ୍ଚା, ଦାନା ବାନ୍ଧିଛି କି ନାହିଁ ସନ୍ଦେହ।

ପୁଣି ଯାହା ଉପରେ ଆଶା ବାନ୍ଧିଚି ତାହା ବା କେତେ ? ମାଣେ ଦୁଇମାଣ ନୁହେଁ; ନିଜର ବି ନୁହେଁ। ସଡ଼କ କର ଛୋଟ ଛୋଟ ଚାରିଟା କିଆରି। ହଳପାନ ନାହିଁ। ଗୋଡ଼ରେ ମାଡ଼ି ନିଜ ହାତରେ ରୁଆ। ପିଲାମାନଙ୍କ ବାପା ଦାଦି କାହାକୁ କେତୁଟା ପାନଖିଆ ଦେଇ ପାଞ୍ଚବର୍ଷ ପୂର୍ବେ ଆବାଦ କରିଥିଲେ। ଯିଏ ବେଶୀ ଟଙ୍କା ଦେଲା ଏ ଜମି ତା'ର; ପୁଣି ଏ ବର୍ଷ ଅଛି ତ ଆରବର୍ଷ ଆଉ ଜଣକର। ବାପା ଦାଦି ଯିବାପରେ ବି ବର୍ଷକୁ ବର୍ଷ ୟାକୁତାକୁ ଦୁଇଟା ଗୋଟେ ଲାଞ୍ଚ ଦେଇ ସେ ଓ ଚମ୍ପିନାନୀ ଦଖଲ କରୁଛନ୍ତି।

ବାପାଦାଦି ଥିଲାବେଳେ ଦୁଃଖକଷ୍ଟ ଜଣା ପଡୁନଥିଲା। କଲିକତାରେ ଦୁହେଁ କାମ କରୁଥିଲେ; ଜାହାଜରେ କି ଚଟକଳରେ କିବା ପାଣିକଳରେ। ଏକାବେଳେ ଦୁହେଁଯାକ ଅଘଟଣରେ କି ଦଙ୍ଗା ହେଙ୍ଗାମରେ ଗଲେ ଯେ କିଛି ଖବର ମିଳିଲାନି। ନିଜ ଦେଶରେ କାମଧନ୍ଦା ମିଳୁଥିଲେ ବା ବନବତାସି ଆସୁ ନଥିଲେ ସେମାନେ କ'ଣ ବାଉଦପୁର ଛାଡ଼ି ପିତଳକଣ୍ଠୀକୁ ଆସିଥାନ୍ତେ ଏଇ କାଙ୍ଗାଳ ଇଲାକାଟାକୁ ?

କି କାଳ ପଡ଼ିଲା ! ଆଈମା ଗପୁଥିଲା ନଅଙ୍କ ବେଳେ କୁଆଡ଼େ ଟଙ୍କାକୁ ଚାରିସେର ଚାଉଳ ହେଲା ଯେ ଲୋକେ କିଣି ନପାରି ଭୋକ ଉପାସରେ ମାଳ ମାଳ ହୋଇ ମଲେ। ନିଜ ମାଆ ମୁହଁରୁ ମାଳିକା ବଚନ ଶୁଣିଛି, "ଟଙ୍କାକୁ ହୋଇବ ସେରେ ଚାଉଳ"। ସେତେବେଳର କେଡ଼େ ଭୟାବହ ବଚନ ! ମାଳିକା କଥା ସତ ହୋଇ ଭଲା ଟଙ୍କାକୁ ସେଇ ସେରେ ଚାଉଳ ମିଳୁଥାନ୍ତା। ଚାରିଟଙ୍କାକୁ ତ ସେରେ ମିଳୁନି। ତା' କାନ ଶୁଣିଛି, ଆଖି ବି ଦେଖିଲାଣି, ମହା ମହା ଲୋକେ ଟଙ୍କା ମୁଣ୍ଡତଳେ ଗୁଞ୍ଜି, ହାତରେ ମୁଠାଇ,

ଝଙ୍କାର, ୨୭ଶ ବର୍ଷ, ସପ୍ତମ ସଂଖ୍ୟା, ତୁଳା ୧୩୮୩, ଅକ୍ଟୋବର, ୧୯୭୫ ।

Digitized by srujanika@gmail.com

ଭୋକଉପାସରେ ଶୋଇ ଯାଉଛନ୍ତି । ଗୋରୁଗାଈ, ଛେଳିମେଣ୍ଢା, କଂସା ପିତଳ, ଗହଣା-ଗାଣ୍ଠି କଥା ଛାଡ଼, ପୋଷି ନ ପାରି ନିଜ ଛୁଆ ପିଲାଙ୍କୁ ବି ବିକୁଛନ୍ତି । କିଣୁଛି ବା କିଏ ? ଅଖାଦ୍ୟ ଖାଇ ମରୁଛନ୍ତି; କିଏ ବା ବିଷ ଦେଇ ଆଗ ଛୁଆପିଲାଙ୍କୁ ମାରି ନିଜେ ମରୁଛି । ତା'ରି ଭଳି ସ୍ତ୍ରୀ ଲୋକ ଡ଼ିହ ବିକି ଦିହ ବିକୁଛନ୍ତି । ଖାଇବା ଚିଜ ଛଡ଼ା ଅନ୍ୟ ସବୁ ଦେଶରେ ମିଳୁଛି, ହୁଏତ ଶସ୍ତାରେ । ତା' କପାଳରେ କ'ଣ ଅଛି ବା କେଜାଣି । ପୁଣି ଲଞ୍ଜାତାରା କୁଆଡ଼େ ଉଠିବ ବୋଲି ଲୋକେ କୁହାକୁହି ହେଉଛନ୍ତି- ଏଇ ମାସକ ଭିତରେ ।

ଆଜି ମଙ୍ଗଳବାର । ପଅରି ଦିନକୁ ତିନିପାଳି ଗୁରୁବାର ପଡ଼ିବ । ଚାରିପାଳି ମାଣବସା ଗୁରୁବାରକୁ ତା ନିଜ ଧାନ ଅମଳ ହୋଇଥିବ । ନଡ଼ାଗୁଡ଼ିକ କଞ୍ଚା ଥିଲେ ସେ ଖାଲି ଶୀସାଗୁଡ଼ାକୁ କାଟି ଆଣି ମାଣ ପୂରାଇ ପୂଜା କରିବ । କିଣା ବା କରଜ ଚାଉଳରେ ଝୋଟି ଲେଖିବାକୁ ତାକୁ କିମିତି କିମିତି ଲାଗେ । ଗାଁ ସାହିରେ ବୁଲି ଆସିଲେ କଣାଟିଏ ଅରୁଆ ଚାଉଳ ମିଳିବନାହିଁ । ଦିନ ଥିଲା ସେ କାନ୍ଥରେ ଏତେ ସୁନ୍ଦର ପଦ୍ମ'ଲ ଆଙ୍କୁଥିଲା ଯେ ଦାଣ୍ଡଗଲା ଲୋକ ବି ଦଣ୍ଡେ ଛିଡ଼ା ହୋଇ ଦେଖୁଥିଲା । ଅଗଣାରେ ଆଉ ଘରଭିତରେ ଟିକି ଟିକି ଲକ୍ଷ୍ମୀ ପାଦ ଏତେ ସୁନ୍ଦର କରି ଲେଖୁଥିଲା ଯେ ଲକ୍ଷ୍ମୀଦେବୀ ପାଦକୁ ପାଦ ମିଳାଇ ଦାଣ୍ଡପଟୁ ବାରିପଟୁ ଅଧା ରାତିରେ ବିଜେ କରି ଆସୁଥିଲେ, ବର୍ଷଯାକ ନ ରହିଲେ ବି ତିନିଚାରି ମାସ ରହୁଥିଲେ ।

ଏ ପଟେ ସାଇପଡ଼ିଶା କେହି ମାଣବସା ଜାଣନ୍ତି ନାହିଁ । ଜାଣିଲେ ବି ମାନନ୍ତି ନାହିଁ । ତାଙ୍କର ଲକ୍ଷ୍ମୀପୂଜା କେଉଁଦିନରୁ ଗଲାଣି, ତାଙ୍କର ଝୋଟି ନାହିଁ, ଝୋଟିକି ସେମାନେ କହନ୍ତି ଆଲ୍‌ପନା । ତାଙ୍କର ଚିତଉ ଉଆଁସ, ଗହ୍ମାପୁନେଇ, ଖୁଦୁରୁକୁଣି, ରାସପୁନେଇ, ଅଗରା ପୁନେଇଁ ଏସବୁ ବାରବ୍ରତ ପୂଜା ପାର୍ବଣ କିଛି ନାହିଁ । ତାଙ୍କର ସେଇ ଦୁଇଟା ପୂଜା' ମାଆର ପୂଜା ଆଉ କାଳୀପୂଜା । 'ଳ' କୁ 'ଲ' କହନ୍ତି 'ଣ' କୁ 'ନ' କହନ୍ତି ।

ତିନିଚାରି ପୁରୁଷ ଧରି ଘରେ ଜଗନ୍ନାଥ ଦାସଙ୍କ ଭାଗବତ, ବଳରାମଙ୍କ ରାମାୟଣ ଆଉ ସାରଳାଦାସଙ୍କ ମହାଭାରତ ଗାଦି ପୂଜା ପାଉଛନ୍ତି । ଲକ୍ଷ୍ମୀପ୍ରିୟା ସେଇ ଗାଦି ଆଡ଼କୁ ଚାହିଁଲା । ସେଇ ଗାଦି ଆଉ ଲକ୍ଷ୍ମୀପେଡ଼ି ଆଉ ମାଣ ତାର ଧନ ସମ୍ପତ୍ତି । ଲକ୍ଷ୍ମୀଙ୍କ ତିନି ଚାରି ଘର ପିତଳ ହାତୀ ପୁରୁଷ ପୁରୁଷ ଧରି ସଞ୍ଚୟ ବାକ୍‌ସ ଜାମ କରୁଛନ୍ତି । ତା'ର ମନେପଡ଼ିଲା ଭା'ଗତ ବଚନ "ଅନ୍ନ ବିହୁନେ ହଂସ ହାନି ।" ସତକଥା । ଅନ୍ନ ନାହିଁ ଓ ହଂସ ନାହିଁ । ଗହମରୁ କଣ ଅନ୍ନ ହୁଏ ? ହୁଏ ରୋଟି, ଚପାଟି, ପୁରୀ ପରଟା । ଏଇ ଅନ୍ନ ମୁଠିକ ପାଇଁ ଜଗା ବଳିଆ ଦୁହେଁଯାକ କମ୍ ହଇରାଣହରକତ ନ ହୋଇଛନ୍ତି । ସେ ତ ଲକ୍ଷ୍ମୀପୁରାଣ କଥା, ଶେଷରେ ପରା ଦୁହେଁ ପେଟବିକଳରେ ଚଣ୍ଡାଲୁଣୀଟା ହାତରୁ ବି ଅନ୍ନ ଖାଇଗଲେ । ପେଟ କାନ୍ଦିଲେ ଜାତିପତି ମାନୁଛି କିଏ ? ଏଇ ଅନ୍ନର ମହତ୍ତ୍ୱ ଜାଣି ଜଗନ୍ନାଥ ଦୈନିକ ଷାଠିଏ ପଉଟି ଅନ୍ନ ଭୋଜନ କରୁଛନ୍ତି ବୋଲି ଆମ ଜାତି ଭାଇ ଗର୍ବ କରନ୍ତି ।

Digitized by srujanika@gmail.com

ପ୍ରଭୁ! ତୁମ କୁଣ୍ଡିତଳେ ଲାଗିଥିବା ଅନ୍ନରୁ କଣିକାଏ କଣିକାଏ ଦେଲେ ତ ସବୁଦିନ ନ ଦେଲେ ନାହିଁ ସାତ ଦିନ ପାଇଁ ଦିଅ ମୋ' କଥା ଛାଡ଼, ମୋ' କୁନା ଟୁନା ତ ବଞ୍ଚିଯିବେ ପ୍ରଭୁ! ଏ ତିରୋଟ ଦିନରେ କିଛି କମ୍ ଖାଅ, ଗରିବଗୁରୁବାଙ୍କୁ କିଛି ବାଣ୍ଟିଦିଅ। ଚକାଡ଼ୋଳା! କଟିଛୁଆ ଯେ, ହାଡ଼କଣ୍ଠା ଅସ୍ଥି ଚର୍ମ ହେଲାଣି। ଏଇ କେତେବର୍ଷ ତଳେ ପ୍ରଭୋ! ତୁମରୀ ପୁରୀ ଯାଜପୁର ଇଲାକାର ଲୋକେ ତୁମରି ନାଁ ଧରି 'ଜଗନ୍ନାଥେ ମଙ୍ଗଳ କରନ୍ତୁ, କହି ଥଳିକି ଥଳି ପୂରାଇ ଆମରି ଇଲାକାରୁ ଚାଉଳ ନେଇଯାଇଥିଲେ, ଏଥର ଆମେ ଥଳି ପାତୁଛୁ? ଆମରି ଜାତିଭାଇଙ୍କ ପାଖରେ "ଜଗନ୍ନାଥେ ମଙ୍ଗଳ କରନ୍ତୁ" କହୁଛୁ, ମିଳୁ କିଛି। ଶ୍ରୀକ୍ଷେତ୍ର ଆଡ଼କୁ ଚାହିଁ ଲକ୍ଷ୍ମୀପ୍ରିୟା ନମସ୍କାର କଲା ହାତଯୋଡ଼ି।

ସତରେ ଜଗନ୍ନାଥଙ୍କ ଦୟାର କ'ଣ ସୀମା ଅଛି? ଚନ୍ଦନଅର୍ଗଳି ପାର ହୋଇ କିଏ ନ ଯାଇଛି ତାଙ୍କ ପାଖକୁ ଧଣ୍ଡା, ମହାପ୍ରସାଦ, ଚରଣୋଦକ ପାଇଁ? କୁଷ୍ଠୀ ଦିନକୃଷ୍ଣ, ଯବନ ସାଲବେଗ, ଗରୁଡ଼ସ୍ତମ୍ଭ ପାଖରେ ଅଟକି ସୀମା ବାହାରେ ଥାଇ ବି ଯାହା ଚାହୁଁଥିଲେ ପାଇଛନ୍ତି। କିନ୍ତୁ ଗତ କେଇବର୍ଷ ହେଲା ମଣିଷ ଯେଉଁ ଅର୍ଗଳି କରିଛି ତାକୁ ପାରିହବ କିଏ?

ପାର ହୋଇଥିଲା, ଭେଦିଥିଲା ତା' ଜାଆ ଚମ୍ପା, ଗାଁର ଚମ୍ପିନାନୀ, ଅକ୍ଳେଶରେ ସେ ଅର୍ଗଳି, ବାଡ଼ବନ୍ଧ, ଧଡ଼ା ଡ଼େଇଁ ଗଳି ପାରିହୋଇ ଜଗାବଳିଆ ଦେଶକୁ ଯାଉଥିଲା। ଗଣ୍ଡିରି ଗଣ୍ଡିରି ଚାଉଳ ଆଣୁଥିଲା। ତାକୁ ବିକିଭାଙ୍ଗି ସମସ୍ତେ ବଞ୍ଚୁଥିଲେ, ସେ କ'ଣ ଏକା? ଗାଁ ସାଇର ପଲ ପଲ ସ୍ତୀରି ଛୁଆପିଲା ବି ତା' ସାଙ୍ଗରେ ଯାଇ ଆଣୁଥିଲେ ଚାଉଳ। ସେ ଥିଲା ସମସ୍ତଙ୍କର ନେତା। ସମସ୍ତଙ୍କ ଦେଇ କ'ଣ ସବୁକଥା ହୁଏ?

କିନ୍ତୁ ଚମ୍ପିନାନୀ ଯେ, ସାତଦିନ ହବ ଗାଁକୁ ଫେରିନି। ଶୁଣାଶୁଣିରେ ସେ ଆଉ ଫେଣିଲେ ନାହିଁ। ବାଲେଶ୍ୱର ଷ୍ଟେସନରେ ରହିଗଲା। କଳରୁ ପାଣିପିଇ ଫେରୁଥିଲା, ରେଳ ଛାଡ଼ିଦେଲା। ଚଳନ୍ତା ଗାଡ଼ିରେ ଚଢ଼ୁଁ ଚଢ଼ୁଁ ଗୋଡ଼ ଖସିଗଲା, ପଡ଼ିଗଲା, ଦୁଇଖଣ୍ଡ ହୋଇ କଟିଗଲା, ତା'ର ଛେଉଣ୍ଡ ଦୁଇ ପୁଅ ସାଙ୍ଗକୁ ନିଜର ଦୁଇ, ଟୁନା ଆଉ କୁନା, କାନ୍ଦି କାନ୍ଦି ଭୋକଉପାସରେ ଲହୁଲୁହ ଶୁଖିଗଲାଣି ଡ଼ହଳବିକଳ ଦେଖିଲେ ମାଆ ଛାତି କ'ଣ ପଥର ବି ତରଳି ଯିବ। ତିନିମାସ ଧରି ଜାଆ ନିଜ ଛୁଆଙ୍କ ସାଥିରେ ତା' ଛୁଆଙ୍କୁ, ତାକୁ ବି ପୋଷିଥିଲା, ଗୋଟାଏ ଗୋଟାଏ ଦିନ ତାକୁ ଯୁଗ ପରି ଲାଗୁଛି।

ତାକୁ ବି କ'ଣ ଜାଆର ରାହା ଧରିବାକୁ ପଡ଼ିବ? ଆଉ ଅନ୍ୟ ଉପାୟ କ'ଣ ବା ଅଛି? କି ଦୁଃଖ! କି ବିଡ଼ମ୍ବନା! ଦେଶକୁ ଭାଗ ଭାଗ କଲା କିଏ? ଦୁଇଦେଶ ମଝିରେ ଗାର ଟାଣିଲା କେଉଁ ଲକ୍ଷ୍ମଣ? ତିନିଗାର ନୁହେଁ, ମାତ୍ର ଗୋଟାଏ ଗାର। ଏଇ ଯେ, ଗାଁର ଖଣ୍ଡେ ଦୂରରେ ସେଇ ଗାରଟା! ଗାର ଉପରେ ସାକ୍ଷାତ୍ ଜଗନ୍ନାଥ ପରି ଖୁମ୍ବଟାଏ ରହିଛି, ସିମିତି ଖଣ୍ଡେଦୂର ଛାଡ଼ି ଛାଡ଼ି ରହିଛନ୍ତି ବଳଭଦ୍ର, ସୁଭଦ୍ରା, ସୁଦର୍ଶନ। ଗାର ସୀମାସରହଦ୍ ଚିହ୍ନାଇ ଦେଉଛନ୍ତି ଦୁଇ ଦେଶର ଲୋକଙ୍କୁ। ସୀତାଠାକୁରାଣୀ ସୁନାର

Digitized by srujanika@gmail.com

ହରିଣର ମାଂସର ଚମଡ଼ା ଲୋଭରେ ସ୍ୱାମୀଙ୍କି ବଣକୁ ପଠାଇ ନିଜେ ସବାଶେଷରେ ଏକା ନିଃଶ୍ୱାସକେ ତିନିତିନିଟା ଗାର ଡେ଼ଇଁଗଲେ। ତା'ର ତ ମାଂସ ଚମଡ଼ାକୁ ଲୋଭ ନାହିଁ। ମୁଠାଏ ଅନ୍ନ ପାଇଁ, ଛୁଆଙ୍କ ଜୀବନ ବଞ୍ଚାଇବା ପାଇଁ ସେ କ'ଣ ଗୋଟିଏ ଗାର ଡେ଼ଇଁ ପାରିବ ନାହିଁ ?

ଗାଁର ଆରପାଖେ ଖଣ୍ଡେ ଦୂରରେ ଟଙ୍କାଏ ସତୁରିକି, ଏଠି ଚାରି ଟଙ୍କା ସତୁରି। ପିତଳକଣ୍ଠା ଗାଁର ପର୍ଣ୍ଣକୁଡ଼ିଆରୁ ବାହାରି ସେ ଯେବେ ଡ଼ାକେ ବାଟରେ ପଡ଼ିଥିବା ଗାର ଡେ଼ଇଁଯାଏ ତେବେ, କେଉଁ ରାକ୍ଷସରାବଣ ମାୟାବୀ ତପସ୍ୱୀ ବେଶ ଧରି ତାକୁ ଶୂନ୍ୟମାର୍ଗରେ ଉଡ଼ାଇ ନବ ନାହିଁ ତ! କିନ୍ତୁ ସେ କ'ଣ ନିଜ ପାଇଁ ସୁଖ ଲୋଡୁଛି ? ନିଜେ ମରୁପଛକେ ଛୁଆମାନଙ୍କୁ ବଞ୍ଚାଇବାକୁ ହେବ। ସେଇ ଛୁଆମାନଙ୍କ ପାଇଁ ତ ଜାଆ ମଲା କମ୍ ଲାଞ୍ଛନା; କଦର୍ଥନା ସେ ସହିଛି! ତା' ଛୁଆଙ୍କୁ ମୋ ଛୁଆଙ୍କୁ ବଞ୍ଚାଇବାକୁ ଯାଇ ଦିହ ବି ବିକିଲା, ଶେଷରେ ମଲା ବି।

ଯେତେ ବିପତ୍ତି ପଡୁ ନା କାହିଁକି ଲକ୍ଷ୍ମୀପ୍ରିୟା ଯିବ, ଘରୁ ଗୋଡ଼ କାଢ଼ି ତା ଚମ୍ପିନାନୀ ଯେଉଁ ରାସ୍ତାରେ ଯାଇଥିଲା, ଅଗମ୍ୟକୁ ଦୁର୍ଗମକୁ ସହଜଗମ୍ୟ କରିଥିଲା। ସେ କ'ଣ ବିଦେଶକୁ ଯାଇଛି କି ? ସେଇ ଜଗନ୍ନାଥ ରାସ୍ତା ଏଇଠୁତ ଡୋ଼ରି ପରି ଲମ୍ବିଯାଇଛି ପୁରୀଧାମଯାକେ। ସେଇଠି ଭଦ୍ରଖ ଆରପାରି ବାଉଦପୁରରେ ତା ଜ୍ଞାତିକୁଟୁମ୍ବ ଏବେ ବି କ'ଣ ନାହାନ୍ତି ? ଜଗନ୍ନାଥଙ୍କ ମହାପ୍ରସାଦ ହାଣ୍ଡିରୁ ମାତ୍ର କେଇବର୍ଷ ପୂର୍ବେ ସମସ୍ତେ ତ ଏକାଠି ବସି ଖାଇଥିଲେ କାମରୂପରୁ କାଞ୍ଚିପର୍ଯ୍ୟନ୍ତ। ସେତେବେଳେ କଣ ଗାର ନଥିଲା ଏ ନୂଆ ଗାର ଟାଣି ନିଜକୁ ପର, ନିଜ ଦେଶକୁ ପରଦେଶ କଲା କିଏ ? ସେ ଯିବ, ଯିବ, ଯିବ ।

କିନ୍ତୁ ଏ ପ୍ରାନ୍ତରେ ଜନମତ ହିଂସ୍ର ଭାବରେ ଜାଗ୍ରତ। ଜନତା ଯେକୌଣସି ଦୁଷ୍କର୍ମ କରିବାକୁ ଉଦ୍ୟତ। ଭାରତର ଭାତହାଣ୍ଡି ନ ହେଲା ଓଡ଼ିଶାର ଭାତ ହାଣ୍ଡିଟି ଶୂନ୍ୟ ହେବା ଉପରେ। ପିମ୍ପୁଡ଼ି ବାପୁଡ଼ା ଧାଡ଼ି ଧରିଲେ ଗୁଡ଼କୁନ୍ଦା ବି ଏକା ରାତିକେ ଶେଷ। ପୁଣି ସେଇ ଭାତହାଣ୍ଡି ବଙ୍ଗୋପସାଗରକୁ ଭାସିଯିବା ବିଚିତ୍ର ନୁହେଁ। ଯେଉଁ କେତୁଟା ଅନ୍ନ ତଳରେ ଲାଗିଛି, ତାକୁ ବି ଏଣୁ ତେଣୁ କୁଆକୁକୁର ଉଡ଼ିଆସି ଖାଇବାକୁ ଲାଗି ପଡ଼ିଲେଣି। ସେଗୁଡ଼ାକୁ ମାରି, ଘଉଡ଼ାଅ ବାଟୁଳି, ଧନୁଶର, ବନ୍ଧୁକ ମୁନ ଏମିତି କି ଗୁଳିରେ। ଜାତି ଓ ଜାତୀୟତା ଆଜି ଜାଗ୍ରତ ଅଭାବନୀୟ ଉଗ୍ରତାରେ।

ସରକାର, ନେତା, ଜନତା, ଛାତ୍ର, ରେଡ଼ିଓ, ଖବରକାଗଜ ସମସ୍ତେ ସର୍ବତ୍ର ଆଜି ସଚେତ, ସକ୍ରିୟ। ଯାହା ହେଲା ହେଲା ଆଉ ବରଦାସ୍ତ କରାଯିବ ନାହିଁ, ଆମେ ମରିଯିବା ଯେ ପରକୁ ବଞ୍ଚାଇବାକୁ ଯାଇ। ଟ୍ରେନ୍, ବସ୍, ଟେକ୍ସି, ବୋଟ, ଡ଼ଙ୍ଗା, ବଳଦଗାଡ଼ି କାହିଁରେ କାହାକୁ ମୁଠାଏ ଚାଉଳ ଗାଁର ଏପାରିରୁ ସେପାରିକି ନବାକୁ ଦିଆଯିବ ନାହିଁ, ଚୂଡ଼ା, ମୁଢ଼ି, ଖଇ ଏପରିକି ଛତୁ ଆକାରରେ। ସର୍ବତ୍ର ଧର ଧର ମାର

Digitized by srujanika@gmail.com

ମାର ଡ଼ାକ, ଏଁ ଏଁ ମେଁ ମେଁ ଆର୍ତ୍ତନାଦ, କରୁଣ ଚିତ୍କାର। କିନ୍ତୁ ଚାଉଳ ଚାଲିଯାଉଛି। କେଉଁଠି କେତେ ଶହ ବସ୍ତା କିଏ ଧରିଛି ବାରମ୍ବାର ରେଡ଼ିଓ କହିଛାଲିଛି, ସ୍କୁଲ କଲେଜ ପିଲାଏ ପାଠ ଛାଡ଼ି ଚାଉଳ ଧରୁଛନ୍ତି; ଚୋରି ଡ଼କାୟତି ନଧରି ଚୋରଚାଲାଣ ଧରୁଛନ୍ତି, ଧାନସଂଗ୍ରହ କାମ ଛାଡ଼ି ଏଫ୍.ସି.ଆଇ., ଶିଭିଲ ସପ୍ଲାଇବାଲା ଚାଉଳ ଧରୁଛନ୍ତି। ଲୋକଙ୍କ ପେଟକୁ ଚାଉଳ ନପଶି ମୁଣ୍ଡକୁ ପଶିଛି। କିଏ ଯେ କିପାଇଁ ଧରୁଛି ସେ କଥା କିଏ କହିବ ?

ଯାହା ହେଉ, ଜିଲ୍ଲା ଜିଲ୍ଲାକୁ ଅର୍ଗଳି, ଥାନା ଥାନାକୁ ଚେକ୍‌ପୋଷ୍ଟ, ରାସ୍ତା ରାସ୍ତାକୁ ଅକ୍‌ଟ୍ରାଇ ଧଡ଼ା। ହେଲେ ବୁଭୁକ୍ଷୁ ଜନତା ସମୁଦ୍ରକୁ ବାଡ଼ବତା ଦବ କିଏ ? କେଉଁ ବନ୍ଧବାଡ଼ ବଳଙ୍ଗ ସୁବର୍ଣ୍ଣରେଖା ବନ୍ୟାକୁ ରୋକିପାରିଲା ? ଇଆଡ଼େ ବନ୍ଧ ବାନ୍ଧିଲେ ସିଆଡ଼େ ବନ୍ଧ ଭାଜିଲା। ବାପ ପୁଅ ରାତିଯାକ ଉଜାଗାର, ମୁଗୁରା ମୁହଁ ତେଣେ ...।

ଧାନ ଚାଉଳର ସରକାରୀ କିଣା ଦର ଯେତେ ବୃଦ୍ଧି କଲେ ବି ଚୋରା ଚାଲାଣ ରୋକିବା ମୁଢ଼ ପ୍ରୟାସ। ଜନମତ ତଥା ସରକାରୀ ପ୍ରଚେଷ୍ଟା ଯେତେ ଟାଣୁଆ, ଚୋରାଚାଲାଣକାରୀଙ୍କ ମେଣ୍ଟ ଓ ବୁଦ୍ଧି କଉଶଳର ଉଦ୍ଭାବନ ଓ ପ୍ରୟୋଗ ସେତେ ବିଚକ୍ଷଣ ଓ ଚମତ୍କାର। ଏ ଚକ୍ରବ୍ୟୂହ ଅଭିମନ୍ୟୁ ଅବା ଭେଦ କରି ପାରନ୍ତା, ସୁଭଦ୍ରା କଣ ପାରିବ ?

ଚମ୍ପିନାନୀ ଭେଦ କରିଥିଲା, ବାରମ୍ବାର ଟ'ପୁଥିଲା ବିଜୟିନୀ ବେଶରେ ସପ୍ତରଥୀ (ସୁପ୍ତରଥୀଙ୍କି ପରାଭୂତ କରି। ସେ ଦିନେ ଦିନେ ତାର ରୋମାଞ୍ଚକର ଅଭିଜ୍ଞତା ବର୍ଣ୍ଣନା କରେ। ଭାରି ଗପୁଡ଼ୀ। କୁହେ, କିମିତି ଭୋର ସକାଳୁ ବାହାରି ଦୁଇକୋଶ ଗଲେ ନେକୁରୁଣୁଣୀ ବୋଲି ଗୋଟାଏ ଟେସନ ପଡ଼େ। ସେଇଠି ରେଲ, ବିନା ଟିକେଟରେ ଚଢ଼ି ହୁଏ। ଆମରି ସରକାର, ଆମରି ରେଳ, ଟିକେଟ କି ଦରକାର ? କେହି ଟିକଟ କାଟନ୍ତି ନାହିଁ। ଭାରି ବଢ଼ିଆ ରେଳ ସେଇଥିପାଇଁ ଖୁବ୍ ବେଶୀ ଭିଡ଼। ସବୁ ଚିଜ ମିଳେ; ଭିତରେ ଦୋକାନ ବଜାର ସବୁ ଅଛି। ଘୋଳ ସରବତ ମିଳେ, କଳଚୁଲି ରଖି ଲୋକ ଚା' ବିକନ୍ତି। ମୁଢ଼ି, ବରା, ଘୁଘୁନି, ଫଳମୂଳ, ପାନବିଡ଼ି ଯାହା ଖୋଜିବ ପାଇବ। ନାଚ କୀର୍ତ୍ତନ ବି ହୁଏ। ଦାସକାଠିଆ, ବାଇନାଚ, ନାନା ମଉଜ ମଜଲିସ୍‌ର ଗାଡ଼ିଟା। ଛୋଟା ଅନ୍ଧ କୁଷ୍ଠରୋଗୀ ସମସ୍ତେ ଖୁସିରେ ନାଚିକୁଦି ଯାଇପାରନ୍ତି। ସମସ୍ତେ ସମାନ, କେହି କାହାର ମାଲିକ ନାହିଁ। ଦେଶଯାକର ଲୋକ ଚାଲିଛନ୍ତି ଯିମିତି ସେ ଗାଡ଼ିଟାରେ। ସମସ୍ତେ ସାଧୀନ। ଯେଉଁଠି ଇଚ୍ଛା ଛିଡ଼ା କରାଅ। କାମ ସାରି ଫେର, ଚାଲାଅ। ଏସବୁ ବର୍ଣ୍ଣନା ଦେଇ ଚମ୍ପିନାନୀ କୁହେ, 'ଦେଖ, ରେଳ ସମସ୍ତଙ୍କର, ଏ ପାଖ ରେଳ ସେପାଖକୁ ସେ ପାଖ ରେଳ ଏପାଖକୁ ଯା ଆସ କରୁଛି। ହେଲେ ସେ ପାଖ ଚାଉଳ ଏପାଖକୁ ଆସିପାରିବ ନାହିଁ।

"ଚମ୍ପିନାନୀର କି ବୁଦ୍ଧି ! କେତେ ଗିଆନ ! କେଡ଼େ ଉଆଜିବ କଥା, ଖାଣ୍ଟି କଥା କହେ।" କିଏ ଜଣେ ଶ୍ରୋତା ମନ୍ତବ୍ୟ କରେ।

Digitized by srujanika@gmail.com

ଗପର ଖିଅ ଧଣି ଚମ୍ପିନାନୀ କୁହେ, "ଚାରି ଛଅ ଘଡ଼ିବେଳକୁ ବାଲେଶ୍ୱର। ଏଡ଼େବଡ଼ ଟେସନ ପୃଥିବୀରେ ନ ଥିବ, କଲିକତା ପରି ବଡ଼ ସହର କେଜାଣି। ଇଞ୍ଜିନ ଏଇଠି ପାଣିପିଏ। ଟେସନ ପହୁଞ୍ଚିବା ପୂର୍ବରୁ କିନ୍ତୁ ରେଳ ବଜାର ପାଖରେ ଠିଆ ହୁଏ। କୋର୍ଟ କଚେରୀ ପାଖରେ। ଲୋକେ ଧାଁ ଦଉଡ଼ କରି ମାଲି ମୋକଦ୍ଦମା କରନ୍ତି। ବଡ଼ ବଡ଼ ଇସ୍କୁଲ ବି ସେଇଠି। ଥରେ ମୁଁ ଦୁଇଜଣ ପିଲାଙ୍କୁ ଦେଖିଥିଲି। ଝିଅଙ୍କ ପରି ଚୂଳ। କୁରାଢ଼ି ପରି କଲି ଆଉ ଫୁଲ ପକା ଶାର୍ଟ। ଲୋକେ କୁହାକୁହି ହେଉଥିଲେ, ସେମାନେ କୁଆଡ଼େ ଯାତ୍ରୀଙ୍କି ଡ଼ରାଇ ହଲାଇ ପଇସା ନିଅନ୍ତି। ସେଇ ପଇସାରେ ପାଖ ବଜାରରୁ ଚାଉଳ କିଣି ଆମରି ଗାଡ଼ିରେ ଜଳେଶ୍ୱର ପାଖ ଷ୍ଟେସନକୁ ଆସନ୍ତି, ଚାଉଳ ଚଢ଼ା ଦରରେ ବିକି ଫେରି ଯାଆନ୍ତି। ଥରକୁ ପଚାଶ ଶହେ ପାଇଯାନ୍ତି।"

"ଲାଭ ! ଯାହା ମିଳିଲା; ଖାଆନ୍ତି, ପିଅନ୍ତି, ଦେଖନ୍ତି। ତାଙ୍କର ଦଳ ଅଛି। ଥରେ ମୁଁ ଦୁଇଜଣ ବଜାରୁଣୀ ଝିଅଙ୍କ ସାଙ୍ଗରେ ସେ ଦୁଇଜଣଙ୍କୁ ଯିବାର ଦେଖିଛି।"

'କ'ଣ ଯେ କୁହେ ନାନୀ!' ଲକ୍ଷ୍ମୀ କୁହେ।

'ଏଇ ବାଲେଶ୍ୱର ଟେସନ ଅସଲ ଟେସନ। ଏଇଠି ଅସଲ ଚିଜ ମିଳେ। ବଡ଼ ପାଣିଟାଙ୍କି ପାଖରେ ଯେଉଁ ଭଙ୍ଗା ରେଳଭଡ଼ା ଅଛି ତାରି ଭିତରେ ଗୁଡ଼ାଏ ଭିଖାରି, କୁଷ୍ଠରୋଗୀ ଥାଆନ୍ତି। ସେମାନେ ବୁଲାବିକାଳି ବି, ଚୋର ବି। ରେଳ ଠିଆ ହେଲେ ଲୋକେ ତାଙ୍କ ପାଖକୁ ଦଉଡ଼ନ୍ତି। ନାନା ସାଇଜର ଛିଣ୍ଡା କନା, ଅଖାପଟର ଥଳି। ଅଧକିଲିଆରୁ ପାଞ୍ଚକିଲିଆ ପର୍ଯ୍ୟନ୍ତ। ମୁଁ ପେଟ ପାଇଁ ପାଞ୍ଚ କିଲିଆ ଓ ଛାତି ପାଇଁ ଦୁଇଟା କିଲିକିଆ ଥଳି କିଣିଲି ଟଙ୍କାକରେ।'

"ନାଜ ନାଇଁ ଚମ୍ପି ନାନୀର" କୃତ୍ତିବାସ ମାଇତିର ସ୍ତ୍ରୀ ମନ୍ତବ୍ୟ ଦେଲା।

ଚମ୍ପି ନାନୀର ସମଧର୍ମୀ ପ୍ରୌଢ଼ାଟିଏ ତା କଥାର ଜବାବରେ କହିଲା, "ଆଲୋ, ଅଭାବରେ ସଭାବ ନଷ୍ଟ। ପଡ଼ିକାର୍ଡ଼ରେ ତିନି ଜାଗାରେ ତେର ଯୋଡ଼ୀଏ ଥଳିକି ଥଳି ଚାଉଳ ଶନିବାରକୁ ଶନିବାର କୃତ୍ତିଆ କଣ୍ଟାଇଡ଼୍ ଆଣୁଛି ବୋଲି ତୋର ନାଜସରମ ବେଶୀ ହେଉଛି।"

"ତା କଥାକୁ କାହିଁକି କାନ ଦଉଛ ? ଆଛା ନାନୀ! ତୁମେ ତେବେ ସେଇ ବାଲେଶ୍ୱରରୁ ଚାଉଳ ଆଣ ?"

"ନା, ବାଲେଶ୍ୱରବାଲାଏଁ ଶହ ଶହ ସାଇକେଲ ପଠାଇ ଯେଉଁଠୁ ଆଣନ୍ତି ସେଇଠୁଁ ଆଣୁ। ସେଠି ଚାଳିଶ ପଚାଶ ପଇସା ଶସ୍ତାରେ ମିଳେ। ଆମେ ଆଣୁ ଗୋଟାଏ ସାନ ସହରଭଳି ଜାଗାରୁ। ସେଠି ପୂର୍ବେ ବୀରମାନେ ଥିଲେ କୁଆଡ଼େ ମୋଗଲ ବର୍ଗୀମାନଙ୍କ ସହିତ ଯୁଝୁଥିଲେ। ଏବକୁ ଖଣ୍ଡା ଖଡ଼ଗ ଛାଡ଼ି ଲଙ୍ଗଳ ଧରି ବହୁତ ଧାନ ଅମଳ କରୁଛନ୍ତି। ଫେର୍ ତାଙ୍କ ହାଟକୁ ପାହାଡ଼ପାଖ ମଫସଲ ଗାଁରୁ ଶଗଡ଼ ଶଗଡ଼ ଚାଉଳ ଆସେ। ପାଟଣି ବୋଲି ଗୋଟାଏ ଚାଉଳ ମିଳେ। ଯବେ ଲମ୍ବା; ମାଛକଣ୍ଟା ବୋଲି ଆଉ ଗୋଟାଏ

Digitized by srujanika@gmail.com

ଚାଉଳ ଏତେ ସରୁ ଯେ ଆଖିକି ଦିଶିବ ନାହିଁ । ଆମେ କ୍ଷେପା ନହେଲେ ଭୁତିଆ ଧାନର ଚାଉଳ ଆଣୁ, ମୋଟା ବଗଡ଼ା ।"

"ଷ୍ଟେସନ୍‌ରେ ଚାଉଳ ମିଳେ ?"

'ଟେସନ ପାଖରୁ ଖଣ୍ଡେଦୂର ଗଲେ ମହାଜନ ଅଛନ୍ତି, ଭାରି ଭଲ ଜାଗା, ଭାରି ଭଲ ଲୋକ । ଟେସନରୁ ଓହ୍ଲାଇଲାବେଳକୁ ଲୋକ ଆସି ବାଟ କଢ଼ାଇ ନେଇଯିବେ ଠିକଣା ଜାଗାକୁ, ଯେତେ ନବ ନିଅ, ଦଶଘଡ଼ି ବେଳକୁ ଟେସନରେ ପହଞ୍ଚିଲା, ତିନିପହର ବେଳକୁ ସେଇ ରେଳ ଫେରିଆସିବ । ଚାଉଳ କିଣିବାକୁ ବେଳ ଢ଼େର । ଚାଉଳ ଧରି ଷ୍ଟେସନରୁ ପୁଣି ଫେରିଲ, ସେଇଠି ପାଣିକଳରେ ଗାଧୁଆ ପାଦୁଆ କଲ, ରେଳଷ୍ଟେସନ ବାଡ଼ରେ ଲୁଗା ଶୁଖାଇଲେ, ଏଥର ରୋଷେଇ କର । କାଲି ଯେଉଁମାନେ ରାନ୍ଧିଥିଲେ ତାଙ୍କରି ତିଆରି ଅଧାପୋଡ଼ା ଚୁଲି ଆଉ ଦରଜଳା ଅମରୀକାଠ ପଡ଼ିଛି । ମୁଠେ ଫୁଟାଅ; ଖାଇସାରିଲା ବେଳକୁ ଶୁଭିବ କୁଉଉଉଉ । ମାଛ ବି ବହୁତ ଶସ୍ତା, ଟିକିଏ ପଚିଥିବା ଇଲିସି କିଲ ଦୁଇଟଙ୍କା । ଚମ୍ପିନାନୀର ପଦ ପଦ କଥା ଲକ୍ଷ୍ମୀପ୍ରିୟା ଶୁଣୁଥାଏ । ସେଇ ନାନୀ ତା'ର ଅନ୍ନଦାତ୍ରୀ । ନାନୀର ପ୍ରଗଲ୍‌ଭତା, ରସିକତା, ଫୁଟାଣି ସବୁଦୋଷ ସେ ମାର୍ଜନା କରେ । ଗପ ମଝିରେ ମଝିରେ ଉଠିଯାଇ ଘରକାମ କରେ । ନାନୀକି ଘରକାମ କରିବାକୁ ଦିଏନାହିଁ ।

ଫେରିବା ବେଳର ନାନା ଘଟଣା ଉପାଖ୍ୟାନ କହୁ କହୁ ସେ କୁହେ କେତେ କ'ଣ ଜାହାକୁ ଦବାକୁ ପଡ଼େ । ବଡ଼ ବଡ଼ ପଠୁଆ ପିଲାଏ ନାଚତାମସା, ଯାତ୍ରା ସୁଆଙ୍ଗ କରିବେ ବୋଲି ଚାନ୍ଦା ମାଗନ୍ତି । ବଜାରର ଟୋକାଏ ବି ଦଳବାନ୍ଧି କାଳୀପୂଜା, ଜଗଦ୍ଧାତ୍ରୀପୂଜା କରିବେ ବୋଲି ଚାନ୍ଦା ନିଅନ୍ତି । ଓଡ଼ିଆ ଦେଶରେ ଅନେକ ଠାକୁର, ଜଣକର ପୂଜା ଊଣା ହେଲେ ଚାଉଳ ଉଭେଇଯିବ । ଏ ପ୍ରସଙ୍ଗରେ ସେକୁହେ ଜଣେ ବୁଢ଼ା ପଏଣ୍ଟମେନ୍ କଥା । ଦିନେ ସେ ବୁଢ଼ା ଅଥର୍ବ ଦେଖିଲା ଯେ ସମସ୍ତେ କିଛି ପାଇଲେ । ସେ ଆସି ଚମ୍ପି ପାଖରେ କହିଲା, "ଦେ, ଦେ, ଚାନ୍ଦା ଦେ ।" ଚମ୍ପି ପଚାରିଲା 'କି ଚାନ୍ଦା', ସେ କହିଲା 'ଗଣେଶ ପୂଜା' "ଗଣେଶପୂଜା ତ କେତେ ଦିନୁ ଗଲାଣି ।" ବୁଢ଼ା କହିଲା, "ନାଇଁମ, ସେଇ ପଏଣ୍ଟମେନ୍‌କୁ ଚମ୍ପି ପଚାରିଲା 'ଏ କି ଜାତିର ଲୋକ ?' ଉତ୍ତର ଆସିଲା ସେ ବୁଢ଼ା ମୁସଲମାନ କି ଖ୍ରୀଷ୍ଟାନ୍ ଅଛି ।"

ଟ୍ରେନ ଭିତରେ ବି କେତେକଥା ଘଟେ । ବାଟରେ ଗୋଟାଏ ଟେସନ ଅଛି ଯାହାର ନାଆଁ ଶୁଣିଲେ ହସିବ ବାହାନଗାବଜାର । ସେଠିକାର ଦଳେ ଟୋକା ଦିନେ ଆସି ଟ୍ରେନରେ ପଶିଲେ ଆଉ ଯେତେ ପାରିଲେ ଚାଉଳ ଓହ୍ଲାଇନେଲେ । ଭାରି ସଚ୍ଚୋଟ ପିଲା, କହୁଥାନ୍ତି "ଆମେ ବାହାରକୁ ଚାଉଳ ଛାଡ଼ିବୁ ନାହିଁ, ଆମେ କ'ଣ ମରିବୁଁ ନ ଖାଇ ଭୋକଉପାସରେ । କାଳେ ମୋ ବୁଜୁଚାଥଳି ଓହ୍ଲାଇ ନେବେ ବୋଲି ଭୟକରି ମୁଁ ଯିମିତି ହାତ ଟେକିଛି, ପାଖରେ ଚଷମା ପିନ୍ଧି ବସିଥିବା ଦରବୁଢ଼ାଟା ଦୁଇଅର୍ଥ ରଖି କହିଲା,

Digitized by srujanika@gmail.com

'ନାନୀ, ସବୁ ଦିଶୁଛି ବି ହସ ମାଡ଼ିଲା । ମୁରୁକି ହସି ଦେଲି; ଆଖିକି ଥରେ ମାରିଦେଲି । ସେ ବଜାରୀଙ୍କୁ ମୁଁ ବଜାରୁଣୀ । ଏତେଲୋକରେ ଦିନ ଦି'ପହରେ ସେ ମୋର କ'ଣ କରନ୍ତା ।"

"ନାନୀ! ତୁମେ ଟିକେ ଅତି ହୋଇ ଯାଉଛ" କହି ଲକ୍ଷ୍ମୀପ୍ରିୟା ଉଠି ଚାଲିଗଲା । ନାନୀ ଫେରିବା ବେଳର ଦୁଃଖଦୁର୍ଦ୍ଦଶା ବା ବୁଦ୍ଧି କୌଶଳ ପ୍ରୟୋଗ ସେ ଶୁଣିପାରିଲା ନାହିଁ । ଚକ୍ରବ୍ୟୂହ ଭେଦ କରିବା ଉପାୟ ସେ ଜାଣିଲା ସିନା, ଫେରିବା କଥା ଅଭିମନ୍ୟୁ ପରି ସେ ବି ଜାଣିପାରିଲା ନାହିଁ, ନାନୀ ତ ଆଉ ନାହିଁ, କାହା ପାଖରୁ ବୁଦ୍ଧି ନବ ? ଲକ୍ଷ୍ମୀପ୍ରିୟା କିନ୍ତୁ ଯିବ ଚାରିଛୁଆଙ୍କୁ ଧରି, ଫେରିବା ନ ଫେରିବା ସେଇ ଜଗା ହାତରେ ।

ରାତିରେ ବସି ବସି କେତେବେଳେ ଜହ୍ନ ଆଲୁଅରେ କେତେବେଳେ ଡ଼ିବିରି ଆଲୁଅରେ ପୁରୁଣା ଛିଣ୍ଡା ଫଟାକନାରେ ଛୋଟବଡ଼ କେତୁଟା ଥଳି ସିଇଁଲା । ବୁଧବାର ବଡ଼ିଭୋରୁ ଉଠି ଗାଧୁଆପାଧୁଆ ସାରି ମଠା ଲୁଗା ପିନ୍ଧି ଲକ୍ଷ୍ମୀଙ୍କ ପେଡ଼ି ଖୋଲିଲା । ଲକ୍ଷ୍ମୀହାତୀ ପେଟ ଖୋଲି ନୂଆ ପୁରୁଣା ସୁକି, ଅଧୁଲି ବାହାର କରି ଅଚଳକୁ ରଖି ବାକୀତକ ଗଣାଗୁନ୍ଥା କରି ଦେଖିଲା ସର୍ବମୋଟ ସତେଇଶି ବାରଣା ହେଲା, ଯେଉଁ ଲୁଗା ପିନ୍ଧିକରି ଯିବ ତା'ରି କାନିରେ କିଛି ବାନ୍ଧି ବାକିତକ ଅଣ୍ଟା ପାଇଁ ଗୁଞ୍ଜିଲା । ବିନା ଗୁଡ଼ରେ ଛୁଆଙ୍କ ପାଇଁ କେତୁଟା ଚକୁଳି କଲା । ଘରେ କୋଲପ ପକାଇ ରେଲଟେସନକୁ ବାହାରିଲା ବେଳେ ଭା'ଗତ ଗାଦି ପାଖରେ ଜୁହାର ହେଲା, ଲକ୍ଷ୍ମୀପେଡ଼ି ଆଡ଼କୁ ଚାହିଁ କହିଲା, "ମାଆ ! ମୁଁ ଚଣ୍ଡାଳୁଣୀ, ଘରେ କେବେ କେହି ଯାହା କରିନଥିଲେ ତାହା ମୁଁ ଅଲକ୍ଷଣୀ କଲି, ତୋ' ପେଟରୁ ଧନ ନେଲି । ଛୁଆଗୁଡ଼ାକୁ ଥରେ ବଞ୍ଚାଇ ଦେ ମା । ମୁଁ ତୋର ଦୋରେହା ହେବିନି । ଧାନ ବିକି ତୋ ଟଙ୍କା ତୋତେ ଦେଇଦେବି ।"

ଚମ୍ପିନାନୀକି ସୁମରଣା କରି ତା'ରି ବର୍ଣ୍ଣନା ଓ ବିବରଣୀ ଅନୁସରଣରେ ଲକ୍ଷ୍ମୀପ୍ରିୟା ଗନ୍ତବ୍ୟ ସ୍ଥାନରେ ପହଞ୍ଚିଲା ଏବଂ ସୁରୁଖୁରୁରେ ସବୁ କାମ କରି ଚାଉଳ ଧରି ଫେରନ୍ତା ରେଳରେ ଚଢ଼ିଲା । ଝୋଟି, ଭୋଗ ପାଇଁ ପିଠାପଣା ଲାଗି କିଲେ ଅରୁଆ ଚାଉଳ ବି କିଣିଥିଲା । ପାଞ୍ଚ ଛଅଟି ଟଙ୍କା ଦାନ ଖଇରାତିରେ ଯାଇଥାଏ । ନିଜେ ସେ ଖୁବ୍ ମୋଟାସୋଟା ଦିଶୁଥାଏ, ଛୁଆମାନେ ଜାଉଁଳି ଯେତେ ଲୁଚାଇବାର ଚେଷ୍ଟା କରୁଥିଲେ ବି ପାରୁନଥାନ୍ତି । ଚାଉଳିଆ ହେଲେ ବି କେତେଦିନ ପରେ ଭାତ ମୁଠାଏ ମୁଠାଏ ଖାଇ ସେମାନେ ଟିକିଏ ସତେଜ ଦିଶୁଥାନ୍ତି । ଏପାଖ ସେପାଖର ନାନା ଦୃଶ୍ୟ ଦେଖି ଚଳନ୍ତା ରେଳରେ ଯିବାର ଆନନ୍ଦ ଟିକକ ପାଉଥିଲେ ବି ସେମାନେ ଯେ ନ କରିବା କାମ କରୁଛନ୍ତି, ତା'ରି ସଜ୍ଞାନତା ତାଙ୍କୁ ଆତଙ୍କିତ କରୁଥାଏ । ପାଇଖାନା ପାଖ କଣଟିରେ ସମସ୍ତେ ଏକାଠି ଜାକିଜୁକି ହୋଇ ଛିଡ଼ା ହୋଇଥାନ୍ତି; ଥଣ୍ଡା ବାଧୁନଥାଏ ପରସ୍ପର ଦିହର ଉଷୁମରେ, ହେଲେ ସାନ ପିଲାଟି ଘୁମେଇବା ଆରମ୍ଭ କଲାଣି; ଘୁମା ରୋଗ ଧଇଲେ କୁକୁଆ ଚିଆଁ ଆଖି ବୁଜି ଯିମିତି ନିଶ୍ଚେଷ୍ଟ ହୁଏ ଠିକ୍ ସିମିତି ତା'ର ରୂପ, ଆଚରଣ ।

Digitized by srujanika@gmail.com

ରେଳର ସମସ୍ତ ଯାତ୍ରୀ ଗୋଦର, କୁଷ୍ଠ, ଫୁଲା ରୋଗରେ ଆକ୍ରାନ୍ତ ପରି କିମିତି ଅସ୍ୱାଭାବିକ ଦିଶୁଥାନ୍ତି । ବିଚାରା ରେଳଟି ବି ଉପର, ତଳ, ଭିତର, ସର୍ବତ୍ର ପୁଡ଼ିଆ ଥଳି, ବୋରାରେ ଅତି ଭାରାକ୍ରାନ୍ତ ହୋଇ ଥଙ୍ଗେଇ ଥଙ୍ଗେଇ ଚାଲୁଥାଏ । ପ୍ରତି ଚାରିପାଞ୍ଚ କିଲୋମିଟରରେ ନିଃଶ୍ୱାସ କୁଳାଏ ନାହିଁ, ଠିଆହୁଏ; ନିଃଶ୍ୱାସ ଫେରିଲେ ଦମ ଆସେ, ପୁଣି ଚାଲେ ।

ଜଳେଶ୍ୱର । ଏଇ ହେଲା ଚକ୍ରବ୍ୟୂହର ପ୍ରବେଶ ଓ ପ୍ରସ୍ଥାନ ପଥ । ପ୍ରବେଶ କାଳରେ ବ୍ୟୂହର କୌଣସି ପଥରେ ରଥୀ ବା ସୈନିକ କାହାରି ଦେଖା ନ ଥିଲା । ବାଲେଶ୍ୱରରେ ଯାତ୍ରୀମାନେ ଆତଙ୍କିତ ହୋଇଥିଲେ, କାରଣ ଚାରିଆଡ଼େ ଶୁଣାଗଲା ପ୍ରସ୍ଥାନ ପଥ ଅବରୁଦ୍ଧ । ଜମାନା କୁଆଡ଼େ ବଦଳ ହୋଇ ଯାଇଛି ଏଇ ଭିତରେ । ସତକୁ ସତ ଗାଡ଼ି ଯିମିତି ଷ୍ଟେସନରେ ଛିଡ଼ାହୋଇଛି ମୁହୂର୍ତ୍ତକେ ଜଣାଗଲା ବ୍ୟୂହର ସମସ୍ତ ରଥୀ, ମହାରଥୀ, ପଦାତି, ଅଶ୍ୱାରୋହୀଙ୍କ ଏଇ ଗୋଟିଏ ଦ୍ୱାରରେ ସମାବେଶ । ଯେଉଁଆଡ଼େ ଚାହିଁବ ଲୌହ ଶିରସ୍ତ୍ରାଣ, ଲାଠି, ବନ୍ଧୁକ । ପରିଚାଳନା ଭାର ନିଷ୍ଠୁରତା ଓ ନିର୍ମମତାରେ ଶ୍ରେଷ୍ଠସ୍ଥାନର ଯୁଗ୍ମ ଅଧିକାରୀ ଦୁର୍ଯୋଧନ ସାଇଁ ଆଉ ଦୁଃଶାସନ ମହାନ୍ତି ।

ଟ୍ରେନ ସେଇଠି ରହିଲା, ଆଉ ଆଗକୁ ଯିବନାହିଁ ଯେ ପର୍ଯ୍ୟନ୍ତ 'ଉଜ ତନଖି କରି ଟ୍ରେନର ସମସ୍ତ ଚାଉଳ ଉଦ୍ଧାର ନ କରିଛନ୍ତି । ଅଧଘଣ୍ଟାଏ ମଧ୍ୟରେ ରେଳବାଇ ଥାନା ଆଗରେ ଜମା ହେଲା ଶହ ଶହ ପୁଡ଼ିଆ, ଥଳି, ବୋରା, ଡୁଙ୍ଗୁରି ପ୍ରମାଣରେ । ରେଳର ଏମିତି କେଉଁ ଲୁଚାଚୋରା ସ୍ଥାନ ନାହିଁ ଯେଉଁଠି ଚାଉଳ ନ ଥିଲା । ସମସ୍ତ ଚାଉଳ ବାଜ୍ୟାପ୍ତି ବୋଲି ଘୋଷଣା କରାଗଲା । ଏଥର ହୁକୁମ ହେଲା ଯାତ୍ରୀମାନଙ୍କ ଦିହ ସର୍ଚ୍ଚ କର । ସ୍ତ୍ରୀ ପୁରୁଷ ପିଲାଝିଲା ସମସ୍ତଙ୍କୁ ପ୍ଲାଟ୍‌ଫର୍ମକୁ ନିଆଗଲା । ଲଙ୍ଗଳା ମୁକୁଳା କରି କେଉଁଠି ବା ସ୍ତ୍ରୀ ଲୋକ ସାହାଯ୍ୟରେ ଆଉ କେଉଁଠି ବା ଖୋଦ ରଥୀମାନଙ୍କ ଦ୍ୱାରା ଖାନତଲାସୀ ଚାଲିଲା । ଚୋର ଚୋରଣୀଙ୍କି ଦୟାମାୟା ଦେଖାଇବ କିଏ ? ଦେଶ ଜାତି ରାଷ୍ଟ୍ର ପ୍ରତି କର୍ତ୍ତବ୍ୟର ଅବହେଳା କେଉଁ ସରକାର ସହ୍ୟ କରିବ ।

ଲକ୍ଷ୍ମୀ ଓ ତା'ର ଚାରି ପିଲା ଧାଡ଼ିରେ ଛିଡ଼ା ହୋଇଥାନ୍ତି ଥରି ଥରି । ରାତି ଦୁଇଘଡ଼ି ହେଲାଣି । ସୁଲୁସୁଲିଆ ଉତ୍ତରା ବହିବାକୁ ଆରମ୍ଭ କରିଛି । ଖାଲି ପେଟକୁ ଶୀତ ବେଶୀ । ସାନ ପିଲାଟି ଠିଆ ହେବାକୁ ପ୍ରାୟ ଅସମର୍ଥ । ଲକ୍ଷ୍ମୀ ତାକୁ ଦିହର ଅନ୍ୟାନ୍ୟ ବୋଝ ସାଙ୍ଗରେ କାଖ କରି ରେଳରୁ ଆଣିଛି । ଚାହୁଁ ଚାହୁଁ ଅକ୍ଲେଶରେ ପିଲାମାନଙ୍କ ପେଟରେ ଓ କାନ୍ଧରେ ଥିବା ବୁଜୁଳା ଓ ଥଳି ଖସାଇ ନେଇ ଗଦା ଉପରେ ମିଶାଇ ଦିଆଗଲା । ନାନା ବିଦ୍ରୂପ ବାକ୍ୟ ଓ ଅଶ୍ଳୀଳ ମନ୍ତବ୍ୟ ଭିତରେ ଲକ୍ଷ୍ମୀର ସାତ କିଲୋ ଚାଉଳ ତା' ଦିହରୁ ଓହ୍ଲାଇ ନିଆଗଲା ।

ଦୁର୍ଯୋଧନଙ୍କ ଏକ୍‌ସରେ ଆଖି, କାନ୍ଥ, ପଥର, ଲୁହା, କାଠ ଭିତର ଦେଇ ଚାଉଳ ଦେଖିପାରେ, ଗୋଟାଏ ଦରମଲା ବୁଢ଼ା କନେଷ୍ଟବଳର ପଛପଟେ ବେଟନ ବାଡ଼ିଟା ଖୁଞ୍ଚି ଦେଇ ସେ ଗର୍ଜନ କଲେ, "ଏ ବୁଢ଼ା ! ତୋ ଆଖିକି ଦିଶୁନି ଏ ସାନ ପିଲାର ପେଟରେ

Digitized by srujanika@gmail.com

କ'ଣ ଅଛି ?" ଏ ପଦକ କଥା ସହିତ ଲକ୍ଷ୍ମୀର ସାନ ପୁଅର ବୁଜୁଳା ବାହାରିଥିବା ପେଟରେ ଚାଉଳ ପୁଡ଼ିଆ ବନ୍ଧା ହୋଇଛି ଭାବି ବେଟନରେ ଜୋର୍‌ରେ ଖୁଞ୍ଚି ଦେଲେ। "ମା...ଆ...କହୁଁ କହୁଁ ପିଲାଟି ତଳେ ପଡ଼ି ଛଟପଟ ହେଲା। ତଦ୍ଦଣ୍ଡେ ତାକୁ ଉଠାଇ କିଂକର୍ତ୍ତବ୍ୟବିମୂଢ଼ ଚକ୍ଷିରେ କାନ୍ଧରେ ଆଉଜାଇ କାଠଟି ପରି ଛିଡ଼ା ହୋଇ ରହିଲା। ସର୍ବତ୍ର କରୁଣ ରୋଦନ ଧ୍ୱନି ସାଙ୍ଗକୁ ଇଞ୍ଜିନର କ୍ରନ୍ଦନ ପ୍ଲାଟଫର୍ମକୁ ଗୋଟାଏ ବିରାଟ ଶ୍ମଶାନରେ ପରିଣତ କରିଥାଏ।

ଚାଉଳ ଗଲା, ମାନ ମହତ ବି। ଯାହାକୁ ବଞ୍ଚାଇବା ବୋଲି ଏତେ କଥା ସେ ଜୀବନରେ ରହିବ କି ନାହିଁ ସେ ଚିନ୍ତା ତାକୁ ଶଙ୍କାକୁଳ କଲା ! ଏଥର ଭଲା ଗାଡ଼ି ଚାଲନ୍ତା। ଘରେ ଶୀଘ୍ର ପହଞ୍ଚିଲେ ବା ଯଦି କିଛି ... । କିନ୍ତୁ ରେଳ ଚାଲିବାକୁ ନାହିଁ, ସିମିତି ସିଂ ସିଂ।

ଛଅଟି ବୋରା ଚାଉଳ ଯିବ ନ ଯିବ ତାରି ନିଷ୍ପତ୍ତି ଉପରେ କୁଆଡ଼େ ରେଳ ଚାଲିବ। ସମସ୍ତେ ଅପେକ୍ଷା କରିଛନ୍ତି ସେଇ ନିଷ୍ପତ୍ତିକୁ, ଆଉ ଶୁଣୁଛନ୍ତି ବଚସା, ଦୁର୍ଯୋଧନ ଆଉ ଜନୈକ ଦୀର୍ଘକାୟ ଚାଉଳ ମାଲିକଙ୍କ ଭିତରେ। ଡ୍ରାଇଭର, ଗାର୍ଡ଼, ଷ୍ଟେସନ ମାଷ୍ଟର ସମସ୍ତେ ମୂକ ଦ୍ରଷ୍ଟା।

ଏ ଚାଉଳ ଯାଇପାରିବ ନାହିଁ।

ଅଲବତ୍ ଯିବ। ଚାଉଳ ଅଟକାଇବାର ଆପଣମାନଙ୍କର ଅଧିକାର ନାହିଁ।

ଆଇନ ନିୟମ ଅଛି।

ଆପଣ ନିୟମ କାନୁନ ବିଲକୁଲ ଜାଣନ୍ତି ନାହିଁ। ମୋ ଚାଉଳ ପୁଣି ଗାଡ଼ିକି ଉଠାନ୍ତୁ, ଗାଡ଼ି ଛାଡ଼ିବାକୁ କୁହନ୍ତୁ।

ରାଜ୍ୟ ଭିତରେ ଦଶ କୁଇଣ୍ଟାଲ ଚାଉଳ ଯାଇପାରିବ।

ଆପଣ ରାଉରକେଲା ନେଉଛନ୍ତି।

ରାଉଲକେଲା କ'ଣ ପଶ୍ଚିମ ବଙ୍ଗଳାରେ ନା ବିହାରରେ ? ଆପଣ ଭଲ ଭୂଗୋଳ ପଢ଼ିଛନ୍ତି। ଚାଉଳ ମୁଁ ବୁକ୍ କରିଛି। ଖାଲି ଖାଲି ନେଉନାହିଁ।

ଆପଣଙ୍କର ପରମିଟ୍ ନାହିଁ।

ପରମିଟ୍ ଦରକାର ନାହିଁ। କଟକରେ ଚାଷଜମି, ଚାଉଳ ରାଉରକେଲାରେ ମୋ ଛୁଆପିଲାଏ ଖାଇବେ ନାହିଁ ?

ନା ଖାଇପାରିବେ ନାହିଁ, ପରମିଟ୍ ଦେଖାନ୍ତୁ ଅଥରିଟିର।

ଆପଣ ପରମିଟ୍ ଅଥରିଟି ପାଖରୁ ଆଣନ୍ତୁ। ଫୋନ୍ କରନ୍ତୁ ଆପଣଙ୍କ ଅଥରିଟିକି। ଡ଼େରି ହୋଇଯାଉଛି, ପାସେଞ୍ଜରମାନେ କ'ଣ ରାତିଯାକ ଏଇଠି ଅପେକ୍ଷା କରିବେ ? ମୋ ଚାଉଳ, ମୁଁ ବୁକ୍ କରିଛି, ନିଶ୍ଚୟ ନେବି ଏବଂ ରାଉରକେଲାକୁ ନେବି।

Digitized by srujanika@gmail.com

ଆମେ କହୁଛୁ ନେଇପାରିବେ ନାହିଁ, ମୁଁ ଅବି ଫୋନ୍ କରୁଛି । ହୁକୁମ୍ ନପାଇଲା ଯାକେ ରାତିଏ କ'ଣ ତିନିଦିନ ଗାଡ଼ି ଛିଡ଼ା ହେବ ।

କାହାକୁ ଦୁର୍ଯ୍ୟୋଧନ ଏଣ୍ଡ୍ କୋ ଫୋନ୍ କଲେ ଜଣାପଡ଼ିଲା ନାହିଁ । ସେପଟୁ କ'ଣ ଜବାବ ଆସୁଥାଏ ତାହା ସାଇଁ, ମହାନ୍ତି ବା ଷ୍ଟେସନମାଷ୍ଟର ଛଡ଼ା ଆଉ କେହି ଶୁଣିପାରିଲେ ନାହିଁ । କିନ୍ତୁ କିଛି ସମୟ ପରେ ସେ ଫୋନ୍ ଚାଉଳର ମାଲିକକୁ ଧରାଇଦେଲେ । ଏପଟୁ ବଡ଼ ପାଟିରେ ଯାହା କୁହାଯାଉଥାଏ ତାହା ସମସ୍ତଙ୍କୁ ଶୁଭୁଥାଏ ।

"ଓ ! ଆପଣ ! ଇଭିନିଂ, ମୁଁ ସିଂହ, ଜଳେଶ୍ୱରରୁ କହୁଛି ।"

"କ'ଣ ଆଉ କହିବି ? ଆପଣମାନେ ତ ଗୋଟାଏ ପାଲା, ଫାର୍ଶ, ତାମସା ଲଗାଇଛନ୍ତି ।"

"ହଁ ହଁ ଫାର୍ଶ ନୁହେଁ ତ କ'ଣ ? ଆପଣ ଆଗ ଏ ଦୁଇଜଣଙ୍କୁ କୁହନ୍ତୁ ମୋ ଚାଉଳ ଛାଡ଼ି ଦିଅନ୍ତୁ । ଏଠି ଯେଉଁ କାଣ୍ଡକାରଖାନା ଚାଲିଛି ଆସି ଦେଖିଯାଆନ୍ତୁ ଦିନେ ।"

"ହଁ, ମୁଁ ରାଉରକେଲା ନଉଛି । କ'ଣ ଅପରାଧ ହେଲା ? ଓଡ଼ିଶାର ଚାଉଳ ଓଡ଼ିଶାକୁ ଯିବ ।"

"କି ଆଶ୍ଚର୍ଯ୍ୟ! ବିହାର ବଙ୍ଗଳା ଦେଇ ଗଲା ବୋଲି ରାଉରକେଲା ଯିବ ନାହିଁ, ଆପଣ ସିଧାସଳଖ ରେଳ ଲାଇନାଟା କଟକରୁ ରାଉରକେଲା, ସମ୍ବଲପୁର ଟାଣି ଦେଲେନି ? ଛାଡ଼ନ୍ତୁ, ଯୁକ୍ତି କରନ୍ତୁ ନାହିଁ ।"

"ଆପଣ କ'ଣ ଏତିକି ବୁଝି ପାରୁନାହାନ୍ତି ଗୋଟାଏ ରାଜନୈତିକ ସୀମାସରହଦ ଟାଣି ଦେଶଟାକୁ ଚୋର କରିସାରିଲେଣି । ମୋ ନିଜ ଚାଉଳ ମୁଁ ନେବି ନିଜ ଦେଶକୁ ଅଥଚ ଚୋର ହେବି ମୁଁ ।"

"ହଁ ବଢ଼ିଆ କଥା କହିଲେ । ଟଙ୍କାଏ ଷାଠିଏରେ କଟକରେ ଚାଷ ଚାଉଳ ବିକି ରାଉରକେଲାରେ ତିନି କୋଡ଼ିଏରେ କିଣିବି ।"

"ଢେର ହେଲା । ଏଥର କୁହନ୍ତୁ ଦୟାକରି ମନ୍ତ୍ରୀ ସାର୍କିଟ୍ ହାଉସ୍‌କୁ ଫେରିଲେଣି କି ନାହିଁ । ମୁଁ ଟିକିଏ ତାଙ୍କୁ ପଚାରି ଦିଏ । ସେ କେମିତି ମୋତେ କହିଲେ ନବା ପାଇଁ ।"

"ମୁଁ ତାଙ୍କର ଶଳା । ଏଥର ହୁକୁମ ଦିଅନ୍ତୁ ।" ଦୁର୍ଯ୍ୟୋଧନ ବାବୁ ହୁକୁମ ଶୁଣିସାରି ଯିମିତି ଫୋନ୍ ରଖିଛନ୍ତି, ଚାଉଳର ମାଲିକ ତାଙ୍କର ପଦେ ମିଠାକଥାର ଉତ୍ତରରେ କହିଲେ ଓହୋଃ ! ଖଡ଼୍‌ଗପୁର କଥା ଛାଡ଼ନ୍ତୁ । ଆଠଣା ପଇସା ଦେଇ ମୁଁ ବାର୍ଥ ରିଜର୍ଭ କରିଛି । ଚାଉଳ ଛଅ ବୋରାକୁ ଷାଠିଏ ପଇସା ଲାଗିବ । ଆପଣ କନେଷ୍ଟବଳଙ୍କୁ କୁହନ୍ତୁ ମୋ ବୋରା ସ୍ଲିପରକୋଚ୍‌କୁ ଉଠାନ୍ତୁ । ଶୀଘ୍ର, ଶୀଘ୍ର ବହୁତ ଡେ଼ରି ହେଲା । ଗୁଡ଼ାଏ ଭୂତ ଏ ଦେଶକୁ ସାଇଲେ ।

ଗାଡ଼ି ଚାଲିଲା ଖଡ଼୍‌ଗପୁର ଅଭିମୁଖେ ଛଅ ବୋରା ଚାଉଳ ନେଇ । ଡୁଙ୍ଗୁରି ପ୍ରମାଣ ଛୋଟ ଛୋଟ ଥଳି ପୁଡ଼ିଆଗୁଡ଼ିକ ବୁହାହୋଇ ଗଲା ରେଳବାଇ ପୋଲିସ

Digitized by srujanika@gmail.com

ହାଜତଖାନାକୁ । ଭାଗ୍ୟ ଭଲ ବିନା ଟିକଟ ଯାତ୍ରୀଗୁଡ଼ାକୁ ହାଜତରେ ନ ପୂରାଇ ଯେଝା ଗନ୍ତବ୍ୟ ସ୍ଥାନକୁ ଯିବାକୁ ଅନୁମତି ଦିଆଗଲା ।

ରେଳ ନେକୁଡ଼ଶ୍ରେଣୀ ଷ୍ଟେସନ ପହୁଞ୍ଚିଲା ବେଳକୁ ରାତି ପ୍ରାୟ ନଅଟା । ନବମୀ ଜହ୍ନ ଆଲୁଅ ବେଶ୍ ଫୁଟିଆରା ଥାଏ । ଲକ୍ଷ୍ମୀ ସାନ ଛୁଆଟିକୁ କାଖେଇ ରିକ୍ତ ହସ୍ତରେ ଗାଡ଼ିରୁ ଓହ୍ଲାଇଲା । ସପ୍ତରଥୀଙ୍କ ହାବୁଡ଼ରୁ ସେ ବର୍ତ୍ତିପାରିଲା ନାହିଁ । ବାଟଯାକ ଭାବୁଥାଏ । ତାର ଭୁଲ ହୋଇଯାଇଛି । ସୀତା ଠାକୁରାଣୀ ତିନିଗାର ଡ଼େଇଁ ରାବଣ ହାବୁଡ଼ରେ ପଡ଼ିଥିଲେ ହେଁ ଅବଶେଷରେ ରାମ ଲକ୍ଷ୍ମଣ ତାଙ୍କୁ ଉଦ୍ଧାର କରିଥିଲେ । ମାତ୍ର ତାର ରାମ ଲକ୍ଷ୍ମଣ ତ କଲିକତାରେ ନିପାତ ହୋଇଛନ୍ତି ।

ସର୍ବତୋଭାବେ ଅସମାନ ଏକତରଫା ଯୁଦ୍ଧ ଚଳାଇ ଲକ୍ଷ୍ମୀପ୍ରିୟା ହାଲିଆ ହୋଇ ପଡ଼ିଥିଲା । ଯମରାଜ ସହିତ ସାନପୁଅଟର ଜୀବନ ବଞ୍ଚାଇବା ପାଇଁ ଲଢ଼ିବା ଲାଗି ସତୀ ସାବିତ୍ରୀର ବଳସମ୍ବଳ କିଛି ନଥିଲା ତା'ର । ରାତିଯାକ ଏକୁଟିଆ କାଠପରି ବସି ଦିହମୁଣ୍ଡ ଆଉଁଷିବା, ସେକାସେକି କରିବା ଛଡ଼ା ଆଉ ସେବାଶୁଶ୍ରୁଷା କ'ଣ କରିପାରନ୍ତା ।

ରାତି ପାହିଲେ ଗୁରୁବାର, ଦଶମୀ । ସୁଦଶାବ୍ରତ । ମଗୁଶିର ମାସ ଭୋରୁ ଉଠି ଗାଧୁଆପାଧୁଆ ସାରି ଯେତେବେଳେ ସେ ଝୋଟି ଲେଖୁଥିଲା ଠିକ୍ ସେତିକିବେଳେ ଚାଉଁକିନା ତାର ଘୁମ ଭାଙ୍ଗି ଗଲା । ଯାହା ଆଶଙ୍କା କରୁଥିଲା ଦେଖିଲା ଠିକ୍ ତାହାହିଁ ଘଟି ଯାଇଛି । ପୋଡ଼ାଆଖି ଦୁଇଟାକୁ ଉପାଡ଼ି ଆଣିବାକୁ ଇଚ୍ଛା କଲା । ଯେଉଁ ଝିମିଟିଏ ମୁଦି ହୋଇଗଲା ସେଇ ଝିମିଟିକେ ସବୁ ଶେଷ ।

କାହାକୁ ଡ଼ାକିଲା ନାହିଁ । କ'ଣ କେତୁଟା ଚିଜ ଏଣୁ ତେଣୁ ଗୋଟାଇ ଗୋଟାଇ ବୁକୁଚା କଲା । ତାକୁ ଆଉ ଥୁଣ୍ଟା ଖଣ୍ଡିଆ କୋଦାଳଟାକୁ କାନ୍ଧରେ ଧଇଲା । ନିଦେଇଲା ଛୁଆକୁ ବେକତଳେ ଗୋଡ଼ତଳେ ଦୁଇ ହାତରେ ଖୁବ୍ ସତର୍କରେ ସଗାଗରେ ଧରି ମାଆମାନେ ଯିମିତି ଏ ଖଟରୁ ସେ ଖଟକୁ ନିଅନ୍ତି ସେଇ ଭଙ୍ଗୀରେ ସାନକୁ ଧଇଲା । ମାଛି ଅନ୍ଧାରରେ ଚାଲିଲା ସେ ସୀମାଳି ପଥର ଗୋଟାକ ପାଖକୁ, ଅଗଭୀର ଗାତଟିଏ ଖୋଳି ଲମ୍ବେ ଲମ୍ବେ ଉତ୍ତରକୁ ମୁଣ୍ଡ କରି ଏମିତି ଶୁଆଇ ଦେଲା ଯିମିତି ଦିହର ଅଧେ ଏ ରାଜ୍ୟରେ ଆଉ ଅଧକ ଅନ୍ୟ ରାଜ୍ୟରେ ରହିବ । ରୋହିତର ସତ୍କାର କରିବାକୁ ଶୈବ୍ୟ ସହିତ ହରିଶ୍ଚନ୍ଦ୍ର ଶ୍ମଶାନରେ ଥିଲେ । ଏଠି ଲକ୍ଷ୍ମୀପ୍ରିୟା ଏକାକିନୀ । ମାଟି ଘୋଡ଼ାଇବା ଆଗରୁ ଲକ୍ଷ୍ମୀପ୍ରିୟା ଛୋଟ ଶିଲଟଟି, ଛିଣ୍ଡା ଜାମାପଟାକୁ ଏକାଠି କରି ଗୋଟାଏ ରକମ ତକିଆ କରି ମୁଣ୍ଡ ତଳେ ରଖିଲା । ଯେଉଁ ଛୋଟ ରବର ବଲଟିରେ ସେ ଖେଳୁଥିଲା ତାକୁ ହାତ ପାଖରେ ଥୋଇଦେଲା, ତାଲୁରୁ ତଳିପା ଯାଏଁ ଥରେ ଆଉଁଷି ଦେଲାବେଳେ ଦେଖିଲା, ପେଟରେ ବେଟନ ବାଜିଥିବା ଜାଗାଟା ଫୁଲି ରହିଛି । ଗୋଟାଏ ଆଖି ସାମାନ୍ୟ ଫିଟାଇ ଦେଖି ଦେଇ ଭୋ କରି କାନ୍ଦି ଉଠିଲା ଏବଂ ବାଷ୍ପଭରା କଣ୍ଠରେ କହିଲା, "କିରେ ବାପା ! ଚାଲିଗଲୁ ।"

Digitized by srujanika@gmail.com

କାମ ସାରି କୋଦାଳଟି ଧରି ଉଠିଲା ବେଳକୁ ଦେଖିଲା ପୁଅର ଖଡ଼ିଟି ଦେବାକୁ ଭୁଲି ଯାଇଛି । ଏଇ ଖଡ଼ିଟିରେ ଗଣେଶ ପୂଜାରେ 'ସିଦ୍ଧିରସ୍ତୁ' ଚାରିଅକ୍ଷର ପୁଅ ମଡ଼ାଇଥିଲା । ଆଉ ଖୋଲିବାକୁ ମନ ହେଲା ନାହିଁ । କ'ଣ ମନରେ ପାଞ୍ଚିଲା ପୁଣି ବସିପଡ଼ିଲା । କଇଁ କଇଁ ହୋଇ ପାଗଳୀ ପରି ସେଇ ସୀମାଳି ପାହିଆ ପଥର ଉପରେ ଖଡ଼ିକି ଧରି ଛବି ଆଙ୍କିବାକୁ ଲାଗିଲା । ଚାଉଳ ନାହିଁ, ଝୋଟି ଆଙ୍କିବ କିମିତି ଏଇ ସୁଦଶା ଦିନରେ ? କେତେ ସମୟ ସେ ଆଙ୍କିଲା କେଜାଣି । ଛିଡ଼ା ହୋଇ ନିଜର କଲା ସେଇ କାଳିଆ ପଥର ଦିହରେ ଅବିକଳ ଚକାଡ଼ୋଳାକୁ ଆଙ୍କି ପାରିଛି କି ନାହିଁ । ଦେଖିଲା ବଡ଼ ବଡ଼ ଦୁଇ ଆଖି, ପାଟି, ଆଉ ନାକ, ସୂର୍ଯ୍ୟ, ଚନ୍ଦ୍ର, ରାହୁ ଆଉ କେତୁ ସମସ୍ତେ ସେଇ ଏକ ମୁହଁରେ । ଅନନ୍ତବାହୁ, ଶଶିସୂର୍ଯ୍ୟନେତ୍ର, ଅନନ୍ତ ରୂପ । ସେଇ ମୂର୍ତ୍ତି ଯେ କି ଅସୀମ, ସୀମାହୀନ । ସେଇ ସୀମାସୂଚକ ପଥରଟାକୁ ଅସୀମ କରିଦେଇ ମୁଣ୍ଡ ଭୂଇଁରେ ଲଗାଇ ଲକ୍ଷ୍ମୀପ୍ରିୟା ସୁଦଶାବ୍ରତ ଉଦ୍‌ଯାପନ କଲା ।

# ଯୁକ୍ତ ଦୁଇ ବା ଧନ୍ଦାମୂଳକ

ଦିନେ ସମୁଦ୍ରକୂଳିଆ ଝାଉଁବଣରେ ତିନିଜଣ ବେକାରିଆ, ଟାଉଟରିଆ ଓ ଅପାଠୁଆ ମିଳିତ ହୋଇ ବିଚାରିଲେ ("ଦିନେ ଜଙ୍ଗଲରେ ବିଲୁଆମାନେ ଗୋଟିଏ ହାତୀକୁ ଦେଖି ବିଚାରିଲେ ଯେବେ ଏ ହାତୀଟା ମରନ୍ତା"- ମଧୁବାବୁଙ୍କ ଶିଶୁବୋଧ) ଯେବେ ଆମେ ଗୋଟାଏ କଲେଜ ଖୋଲି ପାରନ୍ତୁ ତେବେ ଜୀବନଯାକର ଅସାଫଲ୍ୟ, ବୈଫଲ୍ୟ, ନୈରାଶ୍ୟ ଓ ଶିଶୁପାଳତ୍ୱର କ୍ଷତିପୂରଣ ପାଇବା ସଂଗେ ସଂଗେ ଚତୁର୍ବର୍ଗରୁ ଅନ୍ତତଃ ତ୍ରିବର୍ଗ (ଧର୍ମ-ଯେଣୁ ଆମେ ଅଜ୍ଞାନତିମିରାନ୍ଧଙ୍କୁ ଚକ୍ଷୁ ଦେବୁ, ଅର୍ଥ ଯେଣୁ ନାନା ଉପାୟରେ ପ୍ରଚୁର ପାଣ୍ଠି ସଂଗ୍ରହ କରିପାରିବୁ ନିଜ ପାଇଁ ଓ ପିଲାଝିଲାଙ୍କ ପାଇଁ କାମ ଯେଉଁଠି ନାରୀ, ଝିଅ ସେଠି କାମପ୍ରବୃତ୍ତି ଚରିତାର୍ଥ) ଅକ୍ଲେଶରେ ପ୍ରାପ୍ତ ହୁଅନ୍ତା । ତାହା ଶୁଣି ସେମାନଙ୍କ ମଧ୍ୟରୁ ଦୁର୍ବିଦ୍ଧିଆ ଜଣକ ("ତାହା ଶୁଣି ଜଣେ ବୁଦ୍ଧିଆ ବିଲୁଆ କହିଲା"- ସେଇ ଗଳ୍ପର ପରବର୍ତ୍ତୀ ବାକ୍ୟ) ଚମକପ୍ରଦ ସ୍ୱରରେ କହିଲା "ବାଃ ବାଃ ! ଏ ଏକ ଉତ୍ତମ ପ୍ରସ୍ତାବ । The Idea! ଏଇ ମୁହୂର୍ତ୍ତରୁ କାର୍ଯ୍ୟ ଆରମ୍ଭ କରାଯାଉ । କାଳୁବାବୁ ହେବେ କଲେଜ ଜି.ବି.ର ପ୍ରେସିଡେଣ୍ଟ, କେଳୁ ହେବେ ସେକ୍ରେଟାରୀ ଆଉ ମୁଁ ହେବି କୋଷାଧ୍ୟକ୍ଷ । କାଳୁ ବାବୁ ଜଣେ ପୁରୁଖା ସାମ୍ବାଦିକ । ତାଙ୍କର ପତ୍ରପତ୍ରିକା, ରେଡ଼ିଓ ସହିତ ବହୁଦିନର ସମ୍ପର୍କ । ସେ ଆଜି ବିଶିଷ୍ଟ ପତ୍ରପତ୍ରିକାକୁ ଖବରଟିଏ ଏଇ

ଝଙ୍କାର, ୩୫ଶ ବର୍ଷ, ୭ମ ସଂଖ୍ୟା, ଶାରଦୀୟ ବିଶେଷାଙ୍କ, ତୁଳ ୧୩୯୧, ଅକ୍ଟୋବର ୧୯୮୩ ।

Digitized by srujanika@gmail.com

ମର୍ମରେ ଲେଖି ପଠାନ୍ତୁ ଯେ, ଆଜି ଏକ ବିରାଟ ସାଧାରଣ ସଭାରେ ନିଷ୍ପତ୍ତି ହେଲା ଯେ, ଆମର ଏ ଅନୁନ୍ନତ ଆଦିବାସୀ ତଥା ଅନୁସୂଚିତ ଅଞ୍ଚଳରେ ଉଚ୍ଚଶିକ୍ଷାର ପ୍ରଗତିକଳ୍ପେ ଏକ କଲେଜ ସ୍ଥାପନର ଉଦ୍ୟମ ହେବ । କିଏ କଣ କର୍ମକର୍ତ୍ତା ଆଉ କିଏ ମେମ୍ବର ତାଙ୍କ ନାମ ମଧ ପ୍ରକାଶିତ ହେଉ । ଅଲ ଇଣ୍ଡିଆ ରେଡ଼ିଓକୁ ମଧ ସେଇ ସମ୍ବାଦ ଯାଉ । କାଲି ସ୍ଥାନୀୟ କାଗଜରେ ଏଡ଼ମିଶନ୍ ପାଇଁ ବିଜ୍ଞାପନ ଜରିଆରେ ଦରଖାସ୍ତ ଆହ୍ୱାନ କରାଯାଉ, ତା' ସାଙ୍ଗରେ ଅଧାପକମାନଙ୍କ ପାଇଁ, ବର୍ତ୍ତମାନ ପାଇଁ ଆର୍ଟସ୍ ସବ୍‌ଜେକ୍ଟ ରଖାଯାଉ । ରେକଗ୍ନିଶନ ଏଫିଲିଏସନ୍ ପାଇବା ପାଇଁ ଧନ୍ଦାମୂଳକ ମତ୍ସ୍ୟଚାଷ ବା କୁକୁଡ଼ା ଚାଷ କରାଯାଉ । ସେଥିପାଇଁ ଅଧାପକ ଲୋଡ଼ାନାହିଁ । ପ୍ରିନ୍‌ସିପାଲ ପରେ ରଖିବା । ବର୍ତ୍ତମାନ ପାଇଁ ସେକ୍ରେଟାରୀ ସବୁ କାମ 'ଫର୍ ପ୍ରିନ୍‌ସିପାଲ୍' କରି ଚଳାଇବେ । ଗୋଟାଏ ବୁଢ଼ା ଅଥବା ରିଟାୟାର୍ଡ଼ ଲୋକ ମନେ ମନେ ଖୋଜୁଥାନ୍ତୁ । ଯେଉଁଦିନ ଇନ୍‌କ୍ୱାରି ଇନ୍‌ସପେସନ୍ ହବ ତାକୁ ବସାଇଦବା ।"

ଅନ୍ୟ ଦୁଇଜଣ ସଭ୍ୟ ଆଚମ୍ବିତ ହୋଇ ଶୁଣୁଥାନ୍ତି କେଉଟାଙ୍କ କଥା । କଣ୍ଟ୍ରାକ୍ଟରଟାଏ, ଶିକ୍ଷା ବିଷୟରେ କେତେ ଗୂଢ଼କଥା ନ ଜାଣିଛନ୍ତି ସେ । ଡ଼ରିମରି ଜଣେ ପଚାରିଲା, "ଏତେ ଟଙ୍କା, ଲକ୍ଷ ଟଙ୍କା ତ ଲୋଡ଼ା ଏଫିଲିଏଶନ ପାଇଁ । ଘର, ଚେୟାର, ଟେବୁଲ୍, ଲାଇବ୍ରେରୀ ଆହୁରି କେତେ କଥା । ଏଇଟା ଅବ୍ୟାପାର ହବ, ମୋ ମତରେ ଜନେ ହସିବେ ।

ଭର୍ତ୍ସନା ତଥା ଉଦ୍‌ବୋଧନୀ ଶୁଣାଇ କୋଷାଧକ୍ଷ କହିଗଲେ, 'ତୁମ ପରି ଦି'ଟା ବୋକାଙ୍କୁ ନେଇ ଶାଗ ମୁଗ ଶିଝିବ ନାହିଁ, କଲେଜ କରିବା ତ ଦୂରର କଥା । ତୁମେ ଦି'ଟା ମୋ' ସାଙ୍ଗରେ ଥାଅ, ଯାହା କହିବି ସେଇକଥା ଆପତ୍ତି ନକରି କରିଯିବ । ଶଳା, ସବୁ କାମ ଏବେ ପଞ୍ଚାୟତ ସମିତି ଜରିଆରେ କରିବେ ପରା ! ଧରି ନିଅନ୍ତୁ କଲେଜ ହେଲା । ଅଗଷ୍ଟ ପନ୍ଦରରେ ଉଦ୍‌ଘାଟନ, ଷୋହଳରୁ ରେଗୁଲାର କ୍ଲାସ୍ । କଣ୍ଟ୍ରାକ୍ଟର ଧନ୍ଦା ଛାଡ଼ି ଏ ଧନ୍ଦା ଧଇଲି । ବି.ଡ଼ି.ଓ. କୁ ଗାଁର ଚେଙ୍ଗନା ଟୋକାକୁ ଖୋସାମତ କରିବି ? ହୀନସେବା ଛାଡ଼ି ସାଧୀନ ହେବି ଏଥର । ପାଠ ନ ପଢ଼ିଥିଲେ ବି ଗଣ୍ଡା ଗଣ୍ଡା ଏମ୍.ଏ.ଙ୍କୁ ଉଠେଇବି, ବସେଇବି ।"

କେଉଟାଙ୍କ କଥାରେ ଉଦ୍‌ବୁଦ୍ଧ ହୋଇ କାଳୁ ଓ କେଳୁ କ୍ଳୈବ୍ୟ ପରିତ୍ୟାଗ କଲେ ଏବଂ ଯୁଦ୍ଧାୟ କୃତନିଶ୍ଚୟ ହେଲେ । ପରବର୍ତ୍ତୀ କଥାବାର୍ତ୍ତା ଆଳାପ ଆଲୋଚନାରେ ସ୍ଥିର ହେଲା ଯେ, ଜାତୀୟ ରାଜପଥ କଡ଼ରେ କେଉଟାଙ୍କ ଯେଉଁ ଚାଳଘରେ ସିମେଣ୍ଟ ଓ ଅନ୍ୟାନ୍ୟ ଉପକରଣ, ସରଞ୍ଜାମ ଥିଲା ତାକୁ ଗୋଟାଏ ଚାଳିଆକୁ ଅନ୍ତର କରି ସେଇ ଲମ୍ବାଳିଆ ଘରଟାରେ କଲେଜ ହେବ । ଯଦି କଲେଜ ଉଦ୍‌ଘାଟନ ଦିନକୁ ମୁଖ୍ୟମନ୍ତ୍ରୀଙ୍କ ଦିନକାଳ ସରିନଥାଏ, ତେବେ ତାଙ୍କର ନାଆଁରେ ମହାବିଦ୍ୟାଳୟ ନାମିତ ହେବ । ନତୁବା କଂଗ୍ରେସ ସରକାର ଥିଲେ 'ଗୋପବନ୍ଧୁ'ଙ୍କ ନାଆଁ, ଜନତା ବା ଅନ୍ୟ ସରକାର

Digitized by srujanika@gmail.com

ଥିଲେ 'କୁଳବୃଦ୍ଧ'ଙ୍କ ନାମ ଯୋଡ଼ାଯିବ । କ୍ଲାସ୍ ଆପାତତଃ ଖୋଲା ସ୍ଥାନରେ ଭୂମ୍ୟାସନରେ ହେବ, ଯାହା ଉଭୟ ଗୋପବନ୍ଧୁ ଓ ରବିଠାକୁରଙ୍କ ପରିକଳ୍ପନା ଥିଲା । ଦଶଜଣଯାଏ ଛାତ୍ରୀ ଆଣିପାରିଲେ ପଚାଶ ଜଣ ଛାତ୍ର ଆସିବେ । ଡ଼ୋନେଶନ ଓ ଡ଼େଭେଲପମେଣ୍ଟ ଫି'ରେ ମାସେ ଦି'ମାସ ଚଳିଯିବ । ତା'ପରେ ଅଧାପକଙ୍କ ଠାରୁ ହେଭି (ଭାରି ମାତ୍ରାରେ) ଡ଼ୋନେଶନ ନିଆଯିବ । ତାଙ୍କୁ କେତୁଟା ଟଙ୍କା ଦରମା ଦେବା ସମସ୍ୟା ନୁହେଁ । ଗୋଟାଏ ନୂଆ ଖୋଲିଥିବା ସିନେମାରୁ ଟିକଟ ପିଛା ଦଶ ପଇସା, ପ୍ରତି ବସ୍ ଯାତ୍ରୀ ପାଖରୁ ସେମିତି ଦଶ ପଇସା, ରେଜିଷ୍ଟ୍ରେସନ୍ ଅଫିସ୍‌ରୁ ଦିନକୁ ପଚିଶ ପଚାଶ, ସର୍ବୋପରି ମାଛ ଶୁଖୁଆ ପନିପରିବା ଝୁଡ଼ିରୁ ଜୋରଜବରଦସ୍ତ ଯାହା ମିଳିବ, ସେଥିରେ ଅଚିରେ ବି.ଏ କ୍ଲାସ୍ ବି ଖୋଲାହବ । ଦୁଇ କି ତିନିବର୍ଷ ପରେ ଯୁକ୍ତଦୁଇ ବା ଧନ୍ଦାମୂଳକ ଶିକ୍ଷା ଆସିଗଲେ ଛତା ମରାମତି, ଦୁଧଦୁହାଁ, ଦହିଦୁହାଁ ଆଦି ପିଠା ପଢ଼ାଯିବ । ସେ ସବୁ କେଉଟା ଓ ତାଙ୍କ ସ୍ତ୍ରୀ ମେନେଜ୍ କରିନେବେ ।

ଯେତେବେଳେ ଏଫିଲିଏଶନ ବା ରେକ୍‌ଗନିଶନ ପ୍ରଶ୍ନ ଉଠିବ ସେତେବେଳେ ପୋଷ୍ଟ ଅଫିସ୍‌ରେ ନିଜ ନିଜ ଟଙ୍କା ରଖିଦେଇ କମିଟି ଚାଲିଗଲେ ପୁଣି କାଢ଼ି ଆଣିବେ । ସ୍ଥାନୀୟ ଖବରକାଗଜ, ଏ.ଡ଼ି.ଏମ୍. ଓ ଏମ.ଏଲ.ଏ. ଙ୍କୁ କେତେବେଳେ ଖୋସାମତ୍, କେତେବେଳେ ବ୍ଲାକ୍‌ମେଲ୍ କରି ତାଙ୍କୁ ଆମ ପକ୍ଷକୁ ଟାଣି ଆଣିବାକୁ ପଡ଼ିବ । ସ୍ଥାନୀୟ ପତ୍ରିକା ସମ୍ପାଦକଙ୍କୁ ଜଏଣ୍ଟ ସେକ୍ରେଟାରୀ କରାଯାଇପାରେ ।

ସତକୁ ସତ ଏଇ ବିଲୁଆ ବିଚାରକୁ ଗୋପବନ୍ଧୁ ମହାବିଦ୍ୟାଳୟ ଅଗଷ୍ଟ ପନ୍ଦରରେ ମହା ସମାରୋହରେ ଉଦ୍‌ଘାଟିତ ହେଲା ଏବଂ ରେଡ଼ିଓ ତଥା ପତ୍ରପତ୍ରିକାରେ ସମ୍ବାଦ ହାଇଲାଇଟେଡ୍ ହେଲା ।

ତ୍ରିମୂର୍ତ୍ତି ଯେତେବେଳେ ଝାଉଁବଣ ଭିତରେ ଯୋଜନାର ବ୍ଲୁପ୍ରିଣ୍ଟ୍ ତିଆରି କରୁଥାନ୍ତି ଏବଂ ମହାବିଦ୍ୟାଳୟଟିଏ ସଂସ୍ଥାପନାର ବ୍ୟବସ୍ଥା କରୁଥାନ୍ତି, ମୁଁ ସେତେବେଳେ ନିଜକୁ ବିଭିନ୍ନ କଲେଜର ଇଣ୍ଟରଭିଉ ପାଇଁ ପ୍ରସ୍ତୁତ କରୁଥାଏ । ଯେଉଁ ଦୁଇ ତିନିଟାରେ ମୁଁ ଏପିଆର କରିଛି ସେଥିରୁ ଭବିଷ୍ୟତ ଅନ୍ଧକାର ବୋଲି ଉପଲବ୍ଧ କଲିଣି । କିନ୍ତୁ ଏ ନୂତନ ଜନତା କଲେଜରେ ଅଞ୍ଚଳ ଲୋକ ହିସାବରେ ଅବଶ୍ୟ ମିଳିବ ।

ଇଂରାଜୀରେ ଅଧାପକ ମିଳୁନାହାନ୍ତି ବୋଲି ମୁଁ ଓଡ଼ିଆ, ରାଜନୀତି ବିଜ୍ଞାନ, ଇତିହାସ ଆଦି ଛାଡ଼ି ଏହି ବିଷୟରେ ଅନର୍ସ ପରେ ପି.ଜି. କଲି । ବାଣୀବିହାର ପ୍ରତି ମୋର ଏଲାର୍ଜି, ସେଠି ଅନ୍ୟସବୁ ଭଲ ଚିଜ ପ୍ରଚୁର ମିଳିଲେ ମଧ ଖାଇବାକୁ ଭଲ ମିଳେନାହିଁ । ମାଆ ମୋର ମେଦିନୀପୁରୀ ଝିଅ ବୋଲି ମୋତେ କଲିକତା ପଠାଇଲା, ପରେ ପରେ ଶାନ୍ତିନିକେତନକୁ ଇଂରାଜୀ ଏମ୍.ଏ ପାଇଁ ପଠାଇଲା, ବଙ୍ଗଳା ଓ ବଙ୍ଗାଳୀ ପ୍ରତି ତାର ଦୁର୍ବଳତା ଥିବାରୁ । ସେଠି ଜୀବନ କିମିତି କଟିଲା ଅବସରକ୍ରମେ ପ୍ରସଙ୍ଗତଃ କହିବି । କିନ୍ତୁ ଦୁର୍ଭାଗ୍ୟ ଯେ, ମୁଁ ଦ୍ୱିତୀୟ ଶ୍ରେଣୀ ପାଇଲି । ଯଦିଓ ଚାକିରୀ ପାଇଁ ବାଉନ

Digitized by srujanika@gmail.com

ପରସେଣ୍ଟ୍ ଯଥେଷ୍ଟ ଥିଲା, ମୁଁ ପଢ଼ିବାକୁ ଗଲାବେଳେ, ଏବେ ଆସି ଶୁଣିଲି ଚଉବନ ପରସେଣ୍ଟ୍ ନହେଲେ ଚାକିରୀ ମିଳିବନାହିଁ ବୋଲି ନିୟମ ହୋଇଛି ସରକାରୀ କଲେଜରେ ଓ ମୋର ତେଣୁ ଏଡ଼ହକରେ ବି ସ୍ଥାନ ନାହିଁ, ବେସରକାରୀ ଡ଼ାଇରେକ୍ଟ ପେମେଣ୍ଟ ପାଉଥିବା କଲେଜରେ ବି ନାହିଁ । କେବଳ ଗ୍ରେଣ୍ଟ ପାଇନଥିବା ପ୍ରାଇଭେଟ୍ କଲେଜରେ ସ୍ଥାନ ଅଛି, ଯଦି ମୁଁ ଲେଖିଦିଏ ଚଉବନ ପରସେଣ୍ଟ ପାଇଁ ପୁଣି ପରୀକ୍ଷା ଦେବି । ଇଂରାଜୀରେ ଚଉବନ ପରସେଣ୍ଟ । ଏ କ'ଣ କେମିଷ୍ଟ୍ରି, ମେଥେମେଟିକ୍‌ସ, ସଂସ୍କୃତ ନା ହୋମ ସାଇନ୍ସ ନା ବଟାନୀ, ଜୁଲୋଜି ହୋଇଛି ? ନା ମୁଁ ଝିଅ ହୋଇଛି ? ନା ମୋର ନବମ ପତ୍ର (ଖୋସାମତି, ଅନୁସରଣ, ତୈଳମାଲିସ୍) ଥିଲା ? ନା ମୋର ଟ୍ରାନ୍‌ସଲେସନ ବା ଲାଙ୍ଗୁଏଜ୍ ପେପର ଥିଲା ? ସେମିଷ୍ଟାରବାଲାଏଁ ବା କାହିଁକି ଆପତ୍ତି କରନ୍ତେ ? ତାଙ୍କର ପରସେଣ୍ଟ ନାହିଁ । ଏ ପ୍ଲସ୍ ବାଏ, ଏ ମାଇନସ୍ । ସବୁ ସିମ୍ବଲିକ୍ ।

ଯା ହେଉ ଭାଗ୍ୟ ଉପରେ ନିର୍ଭର କରି ଗୋପବନ୍ଧୁ ମହାବିଦ୍ୟାଳୟର ସେକ୍ରେଟାରୀଙ୍କ ପାଖକୁ ଦରଖାସ୍ତଟିଏ ପକାଇଦେଲି । ବହୁ ପ୍ରତୀକ୍ଷିତ ଇଣ୍ଟରଭିଉ ଦିନ ଆସିଲା । ଇଂରାଜୀ ପାଇଁ ପାଞ୍ଚଜଣ ଦରଖାସ୍ତ କରିଥିଲେ ମଧ୍ୟ ମୋ ଛଡ଼ା କେହି ଉପସ୍ଥିତ ନଥିଲେ । ପ୍ରେସିଡ଼େଣ୍ଟ, ସେକ୍ରେଟାରୀ ଓ କୋଷାଧ୍ୟକ୍ଷ ଇଣ୍ଟରଭିଉ କରୁଥିଲେ । ଏକ୍‌ସପାର୍ଟ ଦରକାର ନଥିଲା । କାରଣ ସେମାନେ ତ ପ୍ରତ୍ୟେକେ ଏକସ୍‌ପାର୍ଟ, ସବୁ ବିଷୟରେ । ପ୍ରେସିଡ଼େଣ୍ଟ ପଚାରିଲେ, "ଓଡ଼ିଆରେ ଏମ୍.ଏ. ନ ପଢ଼ି ଇଂରାଜୀରେ ପଢ଼ିଲେ କାହିଁକି ?" ସେକ୍ରେଟାରୀ ପଚାରିଲେ, "ସେକ୍‌ସପିଅରଙ୍କ କେଉଁ କାବ୍ୟଟି ଭଞ୍ଜଙ୍କ ଲାବଣ୍ୟବତୀ ନାଟକ ପରି ?" ଯୋଡ଼ିକଯାକ ପ୍ରଶ୍ନର ଉତ୍ତର ଦେଇନପାରି ଲଜ୍ଜିତ ହେଲି । କୋଷାଧ୍ୟକ୍ଷ ସମସ୍ତଙ୍କ ତରଫରୁ କହିଲେ, "ଦେଖ, ତୁମର ଚଉବନ ପରସେଣ୍ଟ୍ ନାହିଁ । ତୁମକୁ ରଖିଲେ ଆମର କ୍ଷତି ହବ । କେତେ ଜଣଙ୍କୁ ଗ୍ରେଣ୍ଟ ମିଳିଲା ଯାଏ ଅନରେରୀ ରଖିବୁଁ । ଯେଉଁମାନେ ଅନ୍ୟାନ୍ୟ ବିଷୟରେ ଚଉବନ ଉପରେ ରଖିଛନ୍ତି ତାଙ୍କଠୁଁ ମଧ୍ୟ ଆମେ କନ୍‌ସେସନ ରେଟ୍‌ରେ ଛଅ ହଜାର, ସାତ ହଜାର ଡ଼ୋନେଶନ୍ ନେଉଛୁଁ । ପିଅମାନେ ଚାରି କି ପାଞ୍ଚ ହଜାର ଯାଏ ଦେଇ ସାରିଲେଣି । ତୁମକୁ ଦଶହଜାର ଦେବାକୁ ପଡ଼ିବ । ଡ଼ୋନେସନ ଦେଲେ ବି ଗ୍ରାଣ୍ଟ ମିଳିବାତକ ତୁମକୁ ଦୁଇଶହ ମାସକୁ ଦେବୁଁ । ଖାତାରେ ୬୨୫ ଲେଖିବ । ପିଓରଲି ଟେମ୍ପରାରି, ବିନା ନୋଟିସ୍‌ରେ ଚାକିରୀ ଟାରମିନେଶନ । ରୋକ୍‌ଠୋକ୍ କାଥା । ନୂଆ କଲେଜ, ସେକ୍ରିଫାଇସ୍ ନ କଲେ ଚଳିବ କିମିତି ? ନିଜ କଲେଜ ବୋଲି ଭାବି ପ୍ରତ୍ୟେକ ଲେକ୍‌ଚରର ନିଷ୍ଠାପର, ନିଃସ୍ୱାର୍ଥପର ହେବା ଉଚିତ୍ । କଣ କହୁଛ ?" ମୁଁ ସାତ ଦିନ ସମୟ ନେଲି, ଡ଼ୋନେଶନ୍ ଦାଖଲ ପାଇଁ ।

ଜୀବନରେ କାହିଁକି କେବେ ଲେକ୍‌ଚରର ଚାକିରୀ ପ୍ରତି ବିଶେଷତଃ ଇଂରାଜୀ ସାହିତ୍ୟ ଓ ଭାଷାର ଅଧ୍ୟାପକ ହେବା ପାଇଁ ମୋହ ମମତା ଜନ୍ମିଲା, ମୁଁ କହିପାରିବି ନାହିଁ । ବୋଧହୁଏ ପୁରୁଣା କାଳିଆ ପ୍ରଫେସରଙ୍କ ଜ୍ଞାନ, ଚାଲିଚଳନ, ବେଶଭୂଷା

Digitized by srujanika@gmail.com

ମୋତେ ମନ୍ତ୍ରମୁଗ୍ଧ କରିଥିବ । ଅନ୍ୟାନ୍ୟ ଅଧ୍ୟାପକଙ୍କ ଅପେକ୍ଷା ଇଂରାଜୀ ଅଧ୍ୟାପକଙ୍କୁ ପିଲାଏ ବେଶୀ ସମ୍ମାନ ଦେଇଥାନ୍ତି । ବିବାହ ବଜାରରେ ସବୁ ଅଧ୍ୟାପକ ଅପେକ୍ଷା ସେମାନଙ୍କର ବେଶୀ ଚାହିଦା । ମୋଟ ଉପରେ ସେମାନେ ରୋମାଣ୍ଟିକ୍ । ତେବେ ଦଶ ହଜାର କାହିଁ ମୁଁ କାହିଁ? ପୁଣି ଦଶହଜାର ବିନିମୟରେ ମାସକୁ ଦୁଇଶ! ଜଣେ ଏନ୍.ଏମ୍.ଆର୍. ସେତିକି ପାଏ, ପୁଣି ଯୁକ୍ତଦୁଇ ଉପୁରି ଦୁଇ ପଇସା । ଧନ୍ଦାମୂଳକ କାର୍ଯ୍ୟରେ ଅନଭିଜ୍ଞ ଅପାରଗ ଥିବାରୁ ମୋତେ ୟାକୁଇ ନବାକୁ ପଡ଼ିବ । ଘରେ ମାଆ ସବୁ, ବାପା କେହିନୁହନ୍ତି । ମୁଁ ଏକୋଇରବଳା । ମା'କୁ କହିଲାରୁ ସ୍ନେହଶୀଳା ଜୀବଟି କହିଲା, "ଏତେ ଟଙ୍କା ଗଲାଣି, ମୋ ନାଁରେ ଯେଉଁ ମି ଦୁଇ ମାଣ ଅଛି ତାକୁ ବିକିଦବା । ମୋ ପୁଅ ଚାକିରୀ କରିବ, ଲେକ୍‌ଚରର ହବ, ଗହଣାଗାଣ୍ଠି ପ୍ରାୟ ସବୁ ଯାଇଛି । ଦି'ମାଣ ଜମି ଯାଉ । ଦରମା ମିଳିଲେ ପୁଣି କିଣିନବାନି । ପୁଅ ବାହାଘରକୁ କିଛି ମିଳିବ ତ!" ଜମି ବିକାଗଲା । ଡ଼ୋନେସନ ଦାଖଲ କଲି । ଏପଏଣ୍ଟମେଣ୍ଟ ଅର୍ଡ଼ର ପାଇଲି । କାଗଜଖଣ୍ଡି ମା'କୁ ଦେଲି, ସେ ସାଇତି ରଖିଲା Purely temporary, terminable without notice - ଠାକୁରାଣୀ ପେଡ଼ି ଭିତରେ ।

ଭାଗ୍ୟକୁ ପରିଦିନ ଗୁରୁବାର । ବିଦ୍ୟାରମ୍ଭେ ଗୁରୁ ଶ୍ରେଷ୍ଠ । ବୁଧବାର ରାତି ନିଦ ହେଇନି । ମୁଁ ଟପ୍ ଫର୍ମରେ ଥାଏଁ, ଦଶ ହଜାର ଆମ ଘରୁ ଯାଇ କୋଷାଧକ୍ଷ କେଉଟାଙ୍କ ଥଳିରେ ପଡ଼ିଥିଲେ ମଧ । ଅଦ୍ୟାପି ମୋ ଦିହରୁ, ରକ୍ତରୁ କଲିକତୀ ଭୀମ ନାଗର ସନ୍ଦେଶ ଓ କେ.ସି. ଦାସ ରସଗୋଲାର ମିଠା ମହକ ବାହାରୁଛି, ବର୍ଦ୍ଧମାନର ସୋନପାମ୍ପୁଡ଼ି, ମିହିଦାନା ଓ ସୀତାଭୋଗ ଲାଳ ଜିଭରୁ ଆଜି ସୁଦ୍ଧା ଝରୁଛି 'ବକୁଲ ବୀଥିକା' 'ଆମ୍ରକୁଞ୍ଜ' 'କଲାଭବନ'ର ସୁଖସ୍ମୃତି ଅଦ୍ୟାପି ଜାଗରୁକ ।

ଶାନ୍ତିନିକେତନୀ ପଞ୍ଜାବୀ, ଧୋତି, ପର୍ଶ ଏବଂ ଝୁଲାମୁଣିଟି ସହିତ ଏଟେଣ୍ଡେନ୍‌ସ ଖାତା, ଚକ୍ ଖଡ଼ି, ଡ଼ଷ୍ଟର ଧରି ଚଷମା ଲଗାଇ ଯିମିତି ଫାଷ୍ଟ ଇଅର ଆଇ.ଏ. କ୍ଲାସ୍‌କୁ ପଶିଯାଇଛି ପ୍ରାୟ ଚାଳିଶ ଜଣ ଛାତ୍ର ଓ ଦଶ ଜଣ ଆଦିବାସୀ, ମଧବାସୀ ଓ ଅନ୍ତେବାସୀ ଝିଅ ଏକାବେଳକେ ଛିଡ଼ା ହୋଇଗଲେ । ମୁଁ ସାରାଜୀବନ ପରିଶ୍ରମ କରିଛି, ମାଆ ସବୁ ବିକି ଭାଙ୍ଗି ମୋତେ ପଢ଼ାଇଛି ଏଇ ମୁହୂର୍ତ୍ତଟି ପାଇଁ । ବାପା ମାଆ ମୋତେ ସେତିକିବେଳେ ଦେଖିଥାଆନ୍ତେ କି । ପାଗଳ ପ୍ରାୟ ହୋଇ କଣ ଯେ ଅନର୍ଗଳ ଇଂରାଜୀରେ କହିଗଲି ତାହା ମୁଁ ଜାଣେ ନାହିଁ । ପିଲାମାନେ ମଧ ଜାଣନ୍ତି ନାହିଁ ବୋଲି ମୋର ତନ୍ଦ୍ରା ଭଙ୍ଗରେ ପରିଦିନ ଜାଣିଲି । ତଥାପି କ୍ଲାସ୍‌ରୁ ବାହାରିଲା ବେଳକୁ ମୁହଁ ନାଲି ପଡ଼ିଯାଇଥିଲା । ମୁଁ ଗଳଦ୍‌ଘର୍ମ ହେଉଥିଲି ଆତ୍ମସନ୍ତୋଷ ଓ ପରିତୃପ୍ତିରେ ।

ଆଖପାଖର ପାଞ୍ଚଟା କଲେଜର ବଳକା ମାଲ, Spill over - ସମସ୍ତେ ଥାର୍ଡ଼ ଡ଼ିଭିଜନର, ତଳତଳିଆ ମାଲ । ଯାହା ପଚାରିଲେ ଜୁଳୁଜୁଳୁ ଚାହିଁ ଥାଆନ୍ତି । ଛବିଶଟା ଇଂରାଜୀ ବର୍ଣ୍ଣମାଳାର କ୍ରମ କହିପାରିବେ ନାହିଁ । ଡ଼େଫୋଡ଼ିଲ୍ ଓ ଭାର୍ଚ୍ଚ୍ୟୁ କବିତା

Digitized by srujanika@gmail.com

ଦୁଇଟିର ସାରାଂଶ ଛଡ଼ା କିଛି ଜାଣନ୍ତିନାହିଁ । "କାଲି ଯାହା ପଢ଼ାଇଥିଲି କଣ ବୁଝିଲ ?" ପ୍ରଶ୍ନର ଉତ୍ତରରେ ଜଣେ ଟାଣୁଆ ପିଲା, ଯେ ପରବର୍ତ୍ତୀ କାଳରେ ଇଉନିଅନର ପ୍ରେସିଡ଼େଣ୍ଟ ହବ କହିଲା "ଆପଣ ଯାହା ବୁଝିଲେ ।" ମୋର ଭ୍ରାନ୍ତି ସେହି ଦିନରୁ ଦୂର ହେବାକୁ ଆରମ୍ଭ ହେଲା । ସିଲାବସ୍ ଦେଖି ବୁଝିଗଲି ଯେଉଁମାନେ ସିଲାବସ୍ କରନ୍ତି, ସେମାନେ କେବେ ପଢ଼ାନ୍ତି ନାହିଁ ତଳ କ୍ଲାସ୍‌ରେ, ତେବେ ମେଟ୍ରିକ୍ୟୁଲେସନ ପାଠ ସହିତ ଆଇ.ଏ.ର ମେଳ ରଖିବାର ଚେଷ୍ଟା କରନ୍ତିନି । ପିଲାଙ୍କ ଗୋଟିଏ ମାତ୍ର ପାଠ୍ୟ ପୁସ୍ତକ, ସେ'ଟି ହେଲା ଟେଷ୍ଟ ପେପରର ପ୍ରଶ୍ନୋତ୍ତର । ସେଇଟି ପୁଣି ଟେଷ୍ଟ ପରେ କିଣା ହବ, ଫିଟାହବ, ଚିରାହବ, କପିପାଇଁ । ଇଂରାଜୀକୁ ପିଲାଙ୍କ ଘୃଣା, ଭୟ, ସବୁ ପାଠ ଇତିହାସ, ଅର୍ଥନୀତି, ରାଜନୀତି, ବିଜ୍ଞାନ, ଲଜିକ୍ ଓଡ଼ିଆ ମାଧ୍ୟମରେ ସବୁ ଅଧ୍ୟାପକ ପଢ଼ାନ୍ତି । ଇଂରାଜୀକୁ ତାଙ୍କର ବି ଡ଼ର । ମୁଁ ବି ଓଡ଼ିଆ ମାଧ୍ୟମରେ ଇଂରାଜୀ ପଢ଼ାଇଲି, ତଥାପି ହାଇ, କାନ୍ଦକାନ୍ଦ ମୁହଁ ଏବଂ ଢ଼ୋଳେଇବା, କ୍ଲାସ୍‌କୁ ନ ଆସିବା, ବହି ନ ଆଣିବା ସଂକ୍ରାମକ ରୋଗ ସମସ୍ତଙ୍କୁ ଗ୍ରାସିଛି ।

ପଢ଼େଇବା ଛଡ଼ା ଅନ୍ୟ କାମର ବୋଝ ମୋ ଉପରେ ପ୍ରାୟ ସବୁ । କାଗଜଚାଷ ପ୍ରଚୁର । Lesson note, Lesson plan, Tutorial Proctorial. - ରୁଟିନ୍ ପ୍ରସ୍ତୁତିରୁ ଘଣ୍ଟାପିଟା ପର୍ଯ୍ୟନ୍ତ ଲେକ୍‌ଚରର କରନ୍ତି । କିରାଣୀ ନ ଥିବାରୁ ଦରମା ଆଦାୟ, ଚିଠି ଡ୍ରାଫ୍‌ଟିଂ ବି ମୋ କାମ । ମୋଟ ଉପରେ ଆଦାୟ ଅସୁଲ ଠିକ୍ ଚାଲେ, କୋଷ ପୂର୍ଣ୍ଣ ଥାଏ । କାରଣ କାଗଜ ପାଇଁ ମଧ୍ୟ ପଇସା ବାହାରେ ନାହିଁ, ପିଲାଏ କାଲି କାଗଜ ବି ଘରୁ ଆଣନ୍ତି, ସେଥିପାଇଁ ପଇସା ଏଡ଼ମିଶନ ବେଳେ ଦେଇଥିଲେ ବି ।

ଆଶାରେ ଦୁଇ ତିନିମାସ ଚାଲିଗଲା । ପ୍ରଥମ ମାସର ଦରମା ଗଣ୍ଡାକ (ଦୁଇଶହ ଟଙ୍କାମାତ୍ର) ବି ମିଳିବାକୁ ଆଜିକାଲି ହୋଇ ଦିନ ଗଡ଼ି ଚାଲିଛି । ଶାନ୍ତିନିକେତନର ବସନ୍ତୋତ୍ସବ, ଡ଼ିଅର ପାର୍କ, ସନ୍ନିକଟ ହ୍ରଦର ସାରସ କାଦମ୍ବକାକଳି, ଆମ୍ରକୁଞ୍ଜ ବକୁଳବିଥିକାର ମହକ ଅର୍ଥାତ୍ ଚକ୍ଷୁ କର୍ଣ୍ଣନାସା ଜିହ୍ୱାତ୍ୱକ୍‌ର ପରିତୃପ୍ତି ବିଧାୟକ ସମସ୍ତ ରୋମାଣ୍ଟିସିଜିମ୍‌ର ଉତ୍ସ ଶୁଖି ଶୁଖି ଯାଇଛି । ତେଣେ ପେଟ ମଧ୍ୟ ଶୁଖି ଶୁଖି ପିଠିରେ ମିଶିଲାଣି । କେତେଦିନ ହୋଟେଲରେ ଖାଇଲି । ପେଟ ମାଇଲା । ତା'ପରେ ମେସ୍‌ରେ ଖାଇଲି । କୁନ୍ଥେଇ କୁନ୍ଥେଇ ଦିନ ଗଲା । ତାପରେ ଧାରଉଧାର କରି କିରାସିନୀ ଷ୍ଟୋଭ ଓ ପ୍ରେସର କୁକର୍ କିଣି ଘରୁ ଆଣିଥିବା ଚାଉଳ ଓ ମୁଗଡାଇ ସହିତ ଆଳୁ ପକାଇ ଆଚାର ସହିତ ଚଳାଇଲି । କଲେଜ କାମ କରିବା ପାଇଁ, ଟିଉଟରିଏଲ୍ ଖାତା ଦେଖିବା ପାଇଁ, ଦମ୍ କୁଳାଇଲା ନାହିଁ । ଏନ୍.ଏସ୍.ଏସ୍. କାମରେ ପିଲାଙ୍କୁ ଉତ୍ସାହ ଓ ଆଦର୍ଶ ଦେଖାଇବି କିମିତି ? ତଥାପି ପନ୍ଦରଟି ଦିନ ଏନ୍.ଏସ୍.ଏସ୍. କେମ୍ପରେ ଡିଓଳି ବଗଡ଼ା ଭାତ, ବିରିଡ଼ାଲି, କଖାରୁ ଘାଣ୍ଟ ଓ ଆମ୍ବଡ଼ାଖଟାରେ ବଞ୍ଚିଗଲି । ଇଉନିଭରସିଟି ଯାହା ଦେଇଥିଲା ତାର ମଧ୍ୟ ଅଧା କୋଷରେ ରହିଗଲା ।

Digitized by srujanika@gmail.com

ଏଇ କୃଚ୍ଛସାଧନ କରୁଥିଲି କେବଳ ସୁଷମା ପାଇଁ ଯେ କି କଲେଜ କୁଇନ୍ ଆଖ୍ୟା ପାଇବାକୁ ଯାଉଥାଏ । ହେଲେ ସେଠି ବି କଣ୍ଟା । କୋଷାଧକ୍ଷଙ୍କ ପୁତ୍ର ବି ତା ପଛେ ପଛେ ଲାଗିଛି ବୋଲି ମୁଁ ଅନୁମାନ କଲି । ଗୁରୁ ଓ ଶିଷ୍ୟ ଏକ ଶୀକାର ପଛରେ । ଭିଲେନଗୁଡ଼ାକ ସିନେମାରେ, କଲେଜରେ !

ହଠାତ୍ ବାପା ଦିନେ ହାଜର । ମାଆ ତାଙ୍କୁ ପଠାଇଛି, କିଛିଟଙ୍କା ଓ ଉପଦେଶ ଦେଇ । ସ୍ନେହମୟୀ ଶୁଣିଛି ତା ପୁଅ ବଡ଼ ଦୁଃଖରେ ଅଛି, ସୁନା ଦିହ ଚୂନ ହୋଇଗଲାଣି । ଘରଭଡ଼ା, ପୂଜାରୀଟୋକା ଖର୍ଚ୍ଚ ଯାହା ଯେତେ ପଡୁପଛେ ତା ପୁଅ ଅଲଗା ଆରାମରେ ରହୁ । ବଡ଼ି, ଆଚାର, ଘିଅ ପଠାଇ ଦେଇଛି ପୁଅ ପାଇଁ । ବାପମାଆଗୁଡ଼ାକ ପୁଅକୁ ଚାକିରୀରେ ଲଗାଇବା ପାଇଁ କେତେ ଦୂର ଯାଇନପାରନ୍ତି । ମାତ୍ର ପେରେଣ୍ଟମାନେ ପ୍ରପୋଜ କରନ୍ତି, ବୋର୍ଡ଼, ବିଶ୍ୱବିଦ୍ୟାଳୟ, ସରକାର, ପିଲାମାନେ ଏବଂ ସର୍ବୋପରି କୋଷାଧକ୍ଷ ଡ଼ିସ୍‌ପୋଜ୍ କରନ୍ତି । ଶାରିରୀକ ଓ ମାନସିକ ଦୁଃଖର ଶୀର୍ଷସ୍ଥାନ ଆଡ଼କୁ ଦ୍ରୁତଗତିରେ ଯାଇଛି ବସ୍‌ଷ୍ଟାଣ୍ଡରେ ଗୋଟାଏ ରୋଗା ଟୋକା ସାଙ୍ଗରେ ଦେଖାହେଲା । ପଚାରିଦେଲି "ମୋ ପାଖରେ ରହିବୁ ?" ଖୁବ୍ କାଙ୍ଗାଳ ପରି ସେ ଅତି ଆଗ୍ରହରେ ହଁ କହିଲା, କେବଳ ଖାଇବ ଓ ରହିବ, ଦରମା ନବନି । ଦୁଃଖ ପଡ଼ିଲେ ମଣିଷ ଭିଖାରୀ ବୁଲାକୁକ୍ତୁରର ବି ସଂଗ, ସାହଚର୍ଯ୍ୟ ଚାହେଁ । ପିଲାଟିର ନାଆଁ ପ୍ରଦୀପ, ପିଳେହି ପେଟା, ଗୋଦଡ଼ିଆ ମଧ । ଚେହେରା ଅନୁପାତରେ ବୟସ ବେଶୀ ହୋଇପାରେ । ଦି'ଜଣ ଦି'ଭାଇ ପରି ରହିଲୁଁ । ବହି ବା ସିନେମା ମେଗାଜିନ୍ ପଢ଼ିବା ଅପେକ୍ଷା ତା ସାଙ୍ଗରେ ଥଟ୍ଟାତାମସା ଖେଳକଉତୁକ ଭଲ ଲାଗିଲା । ବସାରେ ପ୍ରଦୀପ, କଲେଜରେ ସୁଷମା, ଧ୍ରୁବତାରାକୁ ଆଖି ଆଗରେ ରଖି, ପ୍ରଦୀପ କାନ୍ଧରେ ହାତ ଦେଇ ଡ଼ଙ୍ଗାକୁ ଅନନ୍ତ ସମୁଦ୍ରରେ ତୋଫାନ ଭିତରେ ଛାଡ଼ିଦେଇଛି ।

ଦୁର୍ବିପାକର କିନ୍ତୁ ଅନ୍ତନାହିଁ । ଅଭାଗା ଯେଖାନେ ଯାଏ ସମୁଦ୍ର ଶୁଖିଯା ଯାଏ । ଦିନେ ପ୍ରଦୀପ ରୋଷେଇ କରୁଛି ହଠାତ୍ ଜୋର୍‌ରେ ଆର୍ତ୍ତନାଦ କଲା "ବାବୁ ! ପେଟକୁ ମାଇଲା ।" ତେଲ ଫେଲ କଣ ଘଷାଘଷି କରି ଆରାମ ପାଇଛି କି ନାହିଁ ପୁଣି ଚିତ୍କାର କଲା "ପିଠିକୁ ମାଇଲା ।" ସେଦିନ ମୁଁ ବାକି ରୋଷେଇ କାମ କରି ତା ପାଇଁ ରଖି ଦେଇ କଲେଜ ଗଲି । ସେଠି ଯାଇ ଦେଖେତ ତୁମୁଳ ହଟ୍ଟଗୋଳ, କାର୍ଯ୍ୟାନୁଷ୍ଠାନ ସମିତି ପକ୍ଷରୁ କୋଡ଼ିଏ ଦଫା ଦାବୀପତ୍ର । ସାଉଁଳା ସାଉଁଳି କରି ପିଲାଙ୍କୁ ବୁଝାଇ ଦେଲି । ଗଭର୍ଣ୍ଣିଂବଡ଼ି ମନ୍ତବ୍ୟ ଦେଲେ ମୁଁ କୁଆଡ଼େ ପିଲାଙ୍କୁ ଉସୁକାଉଛି । ନଚାଉଛି । ଏ ଭିତରେ ମୁଁ ମହାମେଣ୍ଟ ସହିତ ସମ୍ପର୍କ ସ୍ଥାପନ କରିଛି ବୋଲି ସେମାନଙ୍କର କୋପ ଦୃଷ୍ଟିରେ ପଡ଼ିଲିଣି । ମୁଁ କମ୍ୟୁନିଷ୍ଟ, ସି.ପି.ଏମ୍. ଦଳର ବୋଲି ସନ୍ଦେହ ।

ଦି'ଦିନ ପରେ ପ୍ରଦୀପ କହିଲା, "ବାବୁ ! ମୋତେ ଛଅଟା ଟଙ୍କା ଦିଅ । କଚେରୀରେ ଜଡ଼ିବୁଟି ବିକୁଥିବା ଲୋକଟା ପାଖରୁ ବୋତଲେ ଔଷଧ ଆଣିବି । ଦି'ଦିନ ବ୍ୟବହାର

Digitized by srujanika@gmail.com

କରି ମୁଁ ଢ଼େର ଉପକାର ପାଇଛି । ମୁଁ ଦେଲି, ସେ ଔଷଧ ବୋତଲଟିଏ ଆଣିଲା । ଆଉ ତା ପେଟକୁ ପିଠିକୁ ରୋଗ ମୋର ନାହିଁ । ଆଉ ଆଠ ଦିନ ପରେ ପ୍ରଦୀପ ଅନ୍ତର୍ଦ୍ଧାନ । ସେ ଆଉ ମୋ ପାଖକୁ ଫେରିଲା ନାହିଁ । ମୁଁ ଖୋଜାଖୋଜି ବି କଲିନାହିଁ । ଯାଯାବରକୁ କିଏ ଖୋଜି ପାଇବ ? ଦୁଃଖ ଲାଗିଲା, ମୁଁ ଏକୁଟିଆ ହୋଇଗଲି । ଏଣେ ରୋଷେଇ ହେଙ୍ଗାମ, ତେଣେ କଲେଜ ଦଙ୍ଗାହାଙ୍ଗାମ । ମଣିଷ ବଞ୍ଚେ କେତେକ ?

ନୈରାଶ୍ୟ, ଅନିଶ୍ଚୟତା ଓ ହୀନମନ୍ୟତାରେ ଅକାଳ ବାର୍ଦ୍ଧକ୍ୟର ଲକ୍ଷଣ ମୋ ଦିହରେ ନ ହେଲେ ମଧ ମନ ଭିତରେ ଦେଖାଦେଲା । ତିନୋଟି ବର୍ଷ ବିତିଗଲା, କଲେଜର ଉନ୍ନତି ନାହିଁ କି ମୋର ଉନ୍ନତି ନାହିଁ । ପିଲାଏ ଏ କଲେଜ ସେ କଲେଜ ଜରିଆରେ ପରୀକ୍ଷା ଦେଉଛନ୍ତି । ତାଙ୍କର ପଢ଼ିବା ଦରକାର, ପାଇଁ ପାଯଡ଼ା କଲେଜ ହେଉ ବା ଶାଳଗଜା କଲେଜ ହେଉ । ମଝିରେ ମଝିରେ ଦିନେ ଦିନେ ପ୍ରଦୀପ କଥା ମନେପଡ଼େ, କୁଆଡ଼େ ଅନ୍ତର୍ଦ୍ଧାନ ହେଲା ନା ମରିହଜି ଗଲା । ପତ୍ତାନାହିଁ । ପାଞ୍ଚ ଟଙ୍କା ଦେଇ ପୋଷ୍ଟ ଅଫିସ୍‌ରେ ଯେଉଁ ପାସ୍ ବହି ଖୋଲିଥିଲି ତା ନାଆଁରେ ସେଇଟା କାହାକୁ ଦେବି !

ତା'ପରେ ଆସିଲା ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଲବିକ ପରିବର୍ତ୍ତନ ! ମାକ୍‌ଲେଙ୍କ ଇଂରାଜୀ ଶିକ୍ଷାପଦ୍ଧତି ପ୍ରବର୍ତ୍ତନର ଦେଢ଼ଶହ ବର୍ଷ ପରେ ଆସିଲା ଏକ ଅଭାବନୀୟ ଅଭିନବ ପଦ୍ଧତି । ଯାହା ମୁହଁରେ ଶୁଣିବ ଯୁକ୍ତ ଦୁଇ । ପ୍ରଥମେ ଆସିଲା ଏଗାର ଯୁକ୍ତ ଚାରି ସମାନ ପନ୍ଦର, ତା'ପରେ ଦଶ ଯୁକ୍ତ ଦୁଇ ଯୁକ୍ତ ତିନି ସମାନ ପନ୍ଦର, ଆଉ ଥରେ ଆସିଲା ଏଗାର ଯୁକ୍ତ ଦୁଇ ଯୁକ୍ତ ଦୁଇ ସମାନ ପନ୍ଦର । ସମସ୍ତେ ଆଚମ୍ବିତ, ସ୍ତମ୍ଭିତ, କେହି କିଛି ବୁଝିଲେନାହିଁ, ନା ଶିକ୍ଷାବିତ୍ ନା ଶିକ୍ଷକ ନା ଛାତ୍ର ନା ସରକାର । ଯିମିତି ଏକଦା ଆଧୁନିକ କବିତାକୁ ପ୍ରାଚୀନ ପନ୍ଥୀମାନେ ଦୁର୍ବୋଧ ଅବୋଧ ବୋଲି ବିବେଚନା କରିଥିଲେ । ଗୋଦାମରେ ନୂଆ ମାଲ ରଖିବା ପାଇଁ ପୁରୁଣାକୁ ଅନ୍ତର କରିବା କଥା । ଆଇ.ଏ. ପଞ୍ଚସ୍ତରୀ ହଜାର, ସିନିଅର ନବେ ହଜାରଙ୍କୁ ବିଦା କଲେ ଯାଇ ଲକ୍ଷେ ଜୁନିଅର ଆସିବେ । ତେଣୁ ଶିକ୍ଷା କ୍ଷେତ୍ରରେ ଅବିଶ୍ୱାସନୀୟ ପ୍ରସ୍ତୁତ ପର୍ବ । ବନ୍ୟା ପ୍ରଳୟ ପ୍ଲାବନର ଯୁଦ୍ଧକାଳୀନ ଭିତ୍ତିରେ କାମ ଦିନରାତି ଚାଲିଛି, ଅବିରାମ ବ୍ୟସ୍ତତା । ଏଣେ ଛାତ୍ର, ଶିକ୍ଷକ, ଅଭିଭାବକଙ୍କ ସାଫଲ୍ୟ ପାଇଁ ଅଭାବନୀୟ ପ୍ରଚେଷ୍ଟା । ନା କିରାସିନୀ ନା ଇଲେକ୍‌ଟ୍ରି ଆଲୁଅ । ପରୀକ୍ଷା ପିଲାଝିଲାଙ୍କ ନୁହେଁ, ବାପାମାଆଙ୍କର ଯିମିତି । ଗଣେଷ ସରସ୍ୱତୀ ପୂଜାରେ ଯିମିତି ପୁରୋହିତ ଅଭାବ ହୁଅନ୍ତି, କଲେରା କାଳରେ ଯେମିତି ଶବ ସଂସ୍କାର ପାଇଁ ଲୋକ ଅଭାବ ହୁଅନ୍ତି, ସେମିତି ଟିଉସନ ମାଷ୍ଟର ଅଭାବ । ପ୍ରତି ବେଚରେ କୋଡ଼ିଏ ତିରିଶ କରି ଦଶ ଦଶଟା ବେଚ୍ ଇଂରାଜୀ ଓ ଅଙ୍କ ମାଷ୍ଟରଙ୍କର । ଧନ୍ଦାମୂଳକ ଶିକ୍ଷା ଆସୁ ନ ଆସୁଣୁ ଧନ୍ଦାରେ ସମସ୍ତେ ସବୁସ୍ତରରେ ବ୍ୟସ୍ତ । ସିନିଅର ଜୁନିଅର ପରୀକ୍ଷା ଆସୁଛି । ସହର ବଜାରରେ ପିଲାଙ୍କ ରହିବା ପାଇଁ

Digitized by srujanika@gmail.com

ଘରଭଡ଼ା ଦଶଗୁଣ ବଢ଼ିଗଲାଣି । ଟେଷ୍ଟ ପେପର ଶଗଡ଼ ଶଗଡ଼ ଏକ ଦିନକେ କୁଆଡ଼େ ଉଭେଇ ଯାଉଛି । ଯୁକ୍ତଦୁଇକୁ ସ୍ୱାଗତ ସମ୍ଭାଷଣ ଜଣାଇବା ପାଇଁ ଜାତି ପ୍ରସ୍ତୁତ ହେଉଛି, ବହୁ ପ୍ରତୀକ୍ଷିତ ଧନ୍ଦାମୂଳକ ଖାଣ୍ଟି ଦେଶୀ ଶିକ୍ଷା ପଦ୍ଧତିକୁ । ଅନ୍ତତଃ ଦୁଇଟି ଦଶକର ଗର୍ଭାଧାନ ପରେ ପ୍ରସବ ବେଦନା ।

ପରୀକ୍ଷା ଆସିଲା । ଖବରକାଗଜ ଗୁଡ଼ାକରେ ଚମକପ୍ରଦ ଖବର ମଧ୍ୟରେ ପ୍ରକାଶ ପାଇଲା "ପରୀକ୍ଷା ଘୁଞ୍ଚୁ, ନୂଆ ପରୀକ୍ଷା କେନ୍ଦ୍ର ପାଇଁ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ।" ଆରମ୍ଭ ହେଲା ବିଶ୍ୱବିଦ୍ୟାଳୟ ପରୀକ୍ଷା ପୋଲିସ ଗାର୍ଡ଼ରେ, ଘରୋଇ କଲେଜ ଶିକ୍ଷକଙ୍କ ପରୀକ୍ଷା ବର୍ଜନ, ମାଜିଷ୍ଟ୍ରେଟ ପରୀକ୍ଷା ପରିଚାଳନା କଲେ, ପରୀକ୍ଷା କାଗଜ ହରଣଚାଳ, ପ୍ରଶ୍ନପତ୍ରରେ ବିଭ୍ରାଟ, ଖୋଲା ବଜାରରେ ପ୍ରଶ୍ନପତ୍ର ବିକ୍ରୀ, ଅଧ୍ୟକ୍ଷ ଗିରଫ, ପରୀକ୍ଷକ, ଟେବୁଲେଟର ଓ ପରୀକ୍ଷା କର୍ମଚାରୀ ସସ୍‌ପେଣ୍ଡ, କୁଳପତିଙ୍କ ସଫେଇ, ପରୀକ୍ଷା ବାତିଲ୍ ପୁର୍ନବାର ପରୀକ୍ଷା ହଟଚମଟ । ବ୍ୟାପକ କପି ରୋକିବା ପାଇଁ ସ୍କୁଆର୍ଡ଼ ଗାଡ଼ିରେ ବୁଲିଲେ । ଯାହା କପି ଧଇଲେ ତାହା ବକ୍ସ ସହିତ ହରଣଚାଲ ହେଲା । ସମସ୍ତେ କର୍ତ୍ତବ୍ୟ କରୁଛନ୍ତି । ଆତ୍ମୀୟତା କାହିଁ କେଉଁଠି ନାହିଁ , ଦୁଇ ପଇସା ନେଉଛନ୍ତି (ଯୁକ୍ତ ଦୁଇ ଅର୍ଥ ଯାହା ପାଉଛ ତା' ଉପରେ ଦି ପଇସା ରୋଜଗାର ପାଇଁ ଯେଉଁ ପଦ୍ଧତି) । ସବୁ ଠିକ୍ ଚାଲିଛି । କେନ୍ଦ୍ରୀୟ ମୂଲ୍ୟାୟନ, ଯିଏ ଯେଉଁଠି ଅଛ ଏମ୍.ଏ. ପାସ୍ କରିଥାଅ, ନ କରିଥାଅ ଇଂରାଜୀ ଖାତା ଦେଖ, ଶୀଘ୍ର ପରୀକ୍ଷା ଫଳ ପ୍ରକାଶ ହେବ, ଦିନକୁ ପଚାଶ ଷାଠିଏ ଖାତା ଦେଖ ।

ମୋତେ ବି ଡ଼ାକରା ମିଳିଥିଲା । କ୍ଲାସ୍‌ରେ ପ୍ରଥମ ଦିନଟି ଯିମିତି ମୋ ଛାତିକୁ ଫୁଲାଇଥିଲି, ପ୍ରଥମ ଖାତାଟି ଦେଖିଲାବେଳକୁ ମୋ ମନ ସେମିତି ଉତ୍‌ଫୁଲ୍ଲିତ ହେଲା । ଗୋଟିଏ ଖାତାକୁ ଟଙ୍କାଏ ଦୁଇଅଣା, ଅର୍ଥାତ୍ ଯୁକ୍ତ ଦୁଇଅଣା, ଦୁଇଅଣା ଅଧିକ ଟଙ୍କାଟିରୁ । ଖାତା ଦେଖିଲି ଯେ, କମ୍ବଳ ସାରା ବାଳ। ଏଗୁଡ଼ାକ ସବୁ ଇଂରାଜୀରେ କୋଡ଼ିଏ ନମ୍ବର ରଖି (ବ୍ୟାକରଣରୁ କୋଡ଼ିଏ ନମ୍ବରଯାକ ଉତ୍ତର: ପଚାରି ଉଚାରି, ଜପିକରି, କଳାପଟାକୁ ଉତାରି) ମେଟ୍ରିକ୍ ପାସ୍ କରି 'ରାଇମ୍ ଅଫ୍ ଦି ଏନଶିଏଣ୍ଟ ମେରିନାର'ରୁ ଉତ୍ତର ଦେବେ ? ଫେଲ୍ କରିବାରେ, ହତ୍ୟା କରିବାରେ, ଭ୍ରୁଣହତ୍ୟାରେ ବି ଆନନ୍ଦ ଅଛି ଜାଣିନଥିଲି । ନିଜେ ଯେ ବେଶ୍ୟା ଓ ଅସତୀ ସେ ଅନ୍ୟ ଏକ ବେଶ୍ୟା ବା ଅସତୀକୁ ଅବଶ୍ୟ ଘୃଣା କରିବ । ଲାଜ ମାଡ଼େ । ଏତେ ଏତେ ଦରମା ପାଇ ବି କେତୁଟା ଖାତା ଅନ୍ୟଠୁ କମ୍ ହେଲେ ବା ଇନ୍‌ଭିଜିଲେଶନ ସଂଖ୍ୟା ଗୋଟାଏ କମିଲେ କେତେ ବ୍ୟସ୍ତ ହେଉଁ ।

ପରୀକ୍ଷା ଫଳ ବହୁ ବିଳମ୍ବରେ ବାହାରିଲା । ପରୀକ୍ଷା ଫଳରେ ବି ବିଭ୍ରାଟ । ପରୀକ୍ଷା ଯେ ଦେଇଛି ସେ ଅନୁପସ୍ଥିତ, ଯେ ଦେଇନି ସେ ପାସ୍ କରିଛି । ଯାହାର ଲଜିକ୍ ନାହିଁ ସେ ଲଜିକ୍‌ରେ ପାସ୍ କରିଛି । ଫାଷ୍ଟ ଡ଼ିଭିଜନ ଥାର୍ଡ଼ରେ, ଥାର୍ଡ଼ ଫାଷ୍ଟରେ । ଅର୍ଦ୍ଧେକ

Digitized by srujanika@gmail.com

ଫଳ ସ୍ଥଗିତ । ମୋଟ ପ୍ରକାଶିତ ଫଳରେ ସତୁରି ହଜାରରୁ ପଚାଶ ହଜାର ଫେଲ । ନଅଙ୍କ ଦୁର୍ଭିକ୍ଷ ପରେ ଯେତେ ଯେତେ ମରୁଡ଼ି, ଦୁର୍ଭିକ୍ଷ ପଡ଼ିଛି ଏତେ ସଂଖ୍ୟାରେ ଲୋକେ ମୃତ, ଅର୍ଦ୍ଧମୃତ, ଅଳ୍ପମୃତ ହୋଇ ନ ଥିଲେ । ଲକ୍ଷ ଲକ୍ଷ ହୃଦୟର ସ୍ପନ୍ଦନ ସ୍ଥଗିତ, ସର୍ବତ୍ର ମହାଭାରତ, ଯୁଦ୍ଧପରର କୁରୁକ୍ଷେତ୍ର ଆର୍ତ୍ତନାଦ, କ୍ରନ୍ଦନରୋଳ । ଲକ୍ଷ ଲକ୍ଷ ଟଙ୍କା, କୋଟି କୋଟି ଘଣ୍ଟାର ପରିଶ୍ରମ, ଆବେଗ, ଉତ୍କଣ୍ଠାର ନିଦାରୁଣ କରୁଣ ପରିସମାପ୍ତି । କର୍ତ୍ତୃପକ୍ଷ ଠିକ୍ ଜଗନ୍ନାଥଙ୍କ ପରି ନିର୍ଜୀବ କାଷ୍ଠପାଷାଣ ମୂରତି । ଷାଠିଏ ପଉଟି ଅନ୍ନ ସଂହାର କରି ଦାନ୍ତ ନେଫଡ଼ାଉଛନ୍ତି । ଅଭିଭାବକଙ୍କ ପେଟ ବିଦୀର୍ଣ୍ଣ, ପ୍ରହ୍ଲାଦ ହାତଯୋଡ଼ି ସିଂହାସନ ତଳେ କାନ୍ଦି କାନ୍ଦି ଛିଡ଼ା, ଚାହିଁଛି । କମ୍ପ୍ୟୁଟର ମେସିନ୍ ବି ବିଗିଡ଼ିଗଲା ଏ ହଇହଲ୍ଲାରେ, ଏତେ ଏତେ ପିଲା ଫେଲ ହେବାରେ । ନମ୍ବର କମ୍ ବେଶୀ ପାସ୍‌ଫେଲ କରି ଚାରିଛଅଟା ଆରେଷ୍ଟ ବି ହେଲେ ।

ଆମ କଲେଜର ପ୍ରଥମ ପରୀକ୍ଷା ଫଳ ମାରାତ୍ମକ । ଶହେ ଚାରି ପରୀକ୍ଷାର୍ଥୀଙ୍କ ଭିତରୁ ତିନିଜଣ ପାସ୍, ସମସ୍ତେ ତୃତୀୟ ଶ୍ରେଣୀରେ । ବାକି ଶହେ ଏକଜଣ ଇଂରାଜୀରେ ଫେଲ୍ । କଲେଜ କୁଇନ୍‌ଟି କିନ୍ତୁ ପାସ୍ କରିଛି । କୋଷାଧକ୍ଷ ନିଜେ ଧାଁଧଉଡ଼ କରି ତାକୁ ପାସ୍ କରାଇଛନ୍ତି, କାରଣ ମୁଁ ଜାଣିଲିଣି ତାକୁ ସେ ପୁତ୍ରବଧୂ କରିବା ଅଭିପ୍ରାୟରେ ଅଛନ୍ତି । ଟେବୁଲେଟର ଯୁଗରେ, ଯୁକ୍ତ ଦୁଇ ମାଧମରେ, ସବୁ ଧନ୍ଦା କରିହବ । ପରୀକ୍ଷା ପରିଚାଳନା ସମିତି ବା ଅସଦୁପାୟ ନିରାକରଣ କମିଟିର କିଛି କାର୍ଯ୍ୟ ନାହିଁ । କେବଳ ଯୁକ୍ତ ଦୁଇପଇସା ଟେବୁଲେଟର କେତେ ପାସ୍ କେତେ ଫେଲ ନିର୍ଦ୍ଧାରଣ କରିବେ, କପି କିଏ କରିଛି ନ କରିଛି ତା' ଧରିବେ । ଇଏ ତାକୁ ସିଏ ତାକୁ ଦୋଷଦେଇ 'ଅର୍ଥାତ୍ ମାର୍ ମାର୍ ଭଣ୍ଡାରିଆକୁ ମାର' ନୀତି ଫଳପ୍ରଦ ହେଲା । ଫୁଲଗଛଟି ମରିଲା/ କାହିଁକିରେ ଫୁଲଗଛ ମରିଲୁ ?/ ପାଣି ଦେଲାନି/କାହିଁକିରେ ପାଣି ଦେଲୁନି/ ମୋ ଛୁଆ କାନ୍ଦିଲା/ କାହିଁକିରେ ଛୁଆ କାନ୍ଦିଲୁ ? ମତେ ବାଲିଜନ୍ଦା କାମୁଡ଼ିଲା / କାହିଁକିରେ ବାଲିଜନ୍ଦା କାମୁଡ଼ିଲୁ ? ଭୂଇଁ ତଳେ ତଳେ ଥାଏଁ କଅଁଳ ମାଉଁସ ଟିକିଏ ପାଇଲେ ..... ପଚାଶ ହଜାର ଫେଲ ଭିତରୁ ପଚାଶ ହଜାର ଇଂରାଜୀରେ ଫେଲ୍ । ବ୍ରିଟିଶ୍ ସରକାରର ଆମ ଦେଶକୁ ଏକ ପାଟିଂ କିକ୍ । କର୍ତ୍ତୃପକ୍ଷ କହୁଛନ୍ତି, "ବର୍ତ୍ତମାନ ବେଳ ଆସିଛି ପାଠ୍ୟରେ ଇଂରାଜୀର ପରିବର୍ତ୍ତିତ ପରିସ୍ଥିତିରେ ନୂତନ ସ୍ଥାନ ନିର୍ଦ୍ଧାରଣ ପାଇଁ ।"

ମୋ ଉପରେ ଚଡ଼କ ପଡ଼ିଲା । ଦୁଇଶ ଲେଖାଏଁ ଦରମା କେଉଁ ମାସ ମିଳିଛି କେଉଁମାସ ନାହିଁ । କପି ଧରିବାକୁ ଯାଇ ମାଡ଼ ଖାଇଲି । ମହାମେଣ୍ଟରେ ଯୋଗଦେଇ ଧାରଣା ଦେଇ ଲାଠିମାଡ଼ ମୁଣ୍ଡରେ ବାଜିଲା । No work no pay ନୀତିରେ ଅଠର ଦିନର ଦରମା ବି ହରାଇଲି ।

କୋଷାଧକ୍ଷ ଦିନେ ଅଫିସ୍‌କୁ ମୋତେ ଡ଼ାକି ପଠାଇ ରୋକ୍‌ଠୋକ୍ କହିଗଲେ "ଦେଖ, ତୁମକୁ ଆମେ ଥାଉ ରଖିପାରିବୁ ନାହିଁ । ଏ ଭିତରେ ଗ୍ରାଣ୍ଟ ମିଳିବାର ଅଛି,

Digitized by srujanika@gmail.com

ସରକାର ବି କଲେଜ ନେଇପାରେ । ଚଉବନ ପରସେଣ୍ଟ ନ ଥିଲେ ଗ୍ରାଣ୍ଟ ମିଳିବ ନାହିଁ, ସରକାର ତୁମକୁ ବି ନେବନାହିଁ । ତା'ଛଡ଼ା ତୁମେ ଇଂରେଜୀ ପଢ଼ାଇ ଜାଣିନ, ଆମେ ଏମ୍.ଫିଲ୍. ନହେଲେ ପି.ଏଚ୍.ଡ଼ି. ରଖିବୁଁ । ତୁମର ସରଭିସ୍ ଟାରମିନେଟ୍ ହେଲା ବୋଲି କିମିତି କଣ ଲେଖାଯିବ ଡ୍ରାଫଟ୍ କରିଦିଅ, ମୁଁ ଦସ୍ତଖତ କରିବି ।"

ମନେ ମନେ ଭାବୁଥାଏଁ, "ଶଳା ! ପିଏଚ୍‌ଡ଼ି, ଏମ୍‌ଫିଲ୍ ର ମାନେ କ'ଣ ଜାଣୁ ? ଯେଉଁ ପିଲାଙ୍କୁ କନଭେଣ୍ଟର କେଜିର ମିଷ୍ଟ୍ରେସ୍ ଅକ୍ଳେଶରେ ନିର୍ଭୁଲ ଇଂରାଜୀ ପଢ଼ାଇବ, କ୍ଲାସ୍ ସେଭେନ୍‌ର ମାଷ୍ଟର ପଢ଼ାଇ ଦବ- ସେ ଜାଗାରେ ଏମ୍‌ଫିଲ୍, ପିଏଚ୍‌ଡ଼ି ଚଉବନ ପରସେଣ୍ଟ ଖୋଜି ବୁଲୁଛ. ଟାଉଟର । ସବୁ ଗୋଟାଏ ଦଳର । 'ଇଂରାଜୀ ହଟାଅ' 'କେବଳ ଓଡ଼ିଆ' ଦଳ, 'ହିନ୍ଦୀଆଣି' ଦଳ । ମୁଁ ମୋ ନିଜ ସରଭିସ୍ ଟାରମିନେଟ୍ କରି ଡ୍ରାଫଟ୍ କରି ହତା ଛାଡ଼ିଲି । ଦି'ଜଣ ପିଲା କହିବାର ଶୁଣିଲି 'ହେଇବେ ଇଂରାଜୀ ଲେକ୍‌ଚାରର । ଫୁଟାଣିଆ ତ ! ଶଳା ସବୁ ଫେଲ୍‌କରି ରଖିଦେଲା । ଇଂରାଜୀ ତା' ବାପାର ଭାଷା ଯିମିତି । ୟା'ଙ୍କୁ ନିସ୍ତୁକ ଛେଚିବା କଥା ।' କିଏ ଜଣେ ପିଲା ଅଥର୍ବ ବୃଦ୍ଧ ପ୍ରେସିଡ଼େଣ୍ଟ ଘର କାନ୍ଥରେ ବଡ଼ ବଡ଼ ଅକ୍ଷରରେ ଲେଖିଥିଲା "ଏଠାରେ ପ୍ରେସିଡ଼େଣ୍ଟ ମିଳେ ।"

ପିଲାଙ୍କୁ ମାଡ଼ ଦେବାର ଚାନ୍ସ ଦେଲିନାହିଁ । ବସାକୁ ଯାଇ ବୁକୁଚାପତ୍ର ବାନ୍ଧିଲି । ଗୋପବନ୍ଧୁ କଲେଜର କୁଇନ୍‌ଟିକି କୋଷାଧକ୍ଷଙ୍କ ପୁଅ ନେଇ ସାରିଲେଣି । କୋଷାଧକ୍ଷ ନିଜେ ନୂଆ ବାସ୍‌ଟିଏ ତାଙ୍କ ସ୍ତ୍ରୀଙ୍କ ନାଆଁରେ ଚଳାଉଛନ୍ତି । କଲେଜ ନାଆଁର ପଟାଖଣ୍ଡିକ ବି ନୂଆ ରଙ୍ଗ ହେଇନାହିଁ । ଘରମୁହାଁ ହେଲି । ଏ ଭିତରେ ମାଆ ତାଙ୍କ ସୁକୁମାର ପୁଅର ଉନ୍ନତି ଦେଖି ଆନନ୍ଦାତିଶଯ୍ୟାରେ ପଞ୍ଚତ୍ୱ ପ୍ରାପ୍ତା ହୋଇଛନ୍ତି । ବାପା ମୁମୂର୍ଷୁ । ମୁଁ ଅଦ୍ୟାପି ଅବିବାହିତ, ସ୍ତ୍ରୀ ପାଳିବାର ମୋର ସାମର୍ଥ୍ୟ ନାହିଁ ।

ମଣିଷର ଯେତେବେଳେ ନିଦାରୁଣ ଅସହ୍ୟ ଦୁଃଖ ପଡ଼େ ଏବଂ ଭାଗ୍ୟର ଯେତେବେଳେ ଚୂଡ଼ାନ୍ତ ବିପର୍ଯ୍ୟୟ ଘଟେ, ସେତେବେଳେ ସେ ଭଗବାନଙ୍କୁ ବା ଭାଗ୍ୟକୁ ବିଶ୍ୱାସ କରୁ ନ କରୁ, ଡ଼ାକୁ ନ ଡ଼ାକୁ, ଧର୍ମ ସଂସ୍ଥାପନ ପାଇଁ ଭଗବାନ କିମିତି ଆପେ ଆପେ ପ୍ରଦୀପ ରୂପ ନେଇ ଦିନ ଦିପହରେ ବାସ୍‌ଷ୍ଟାଣ୍ଡରେ ଆବିର୍ଭୂତ ହୁଅନ୍ତି, ଏପରିକି ତ୍ରାଣ, ଉଦ୍ଧାର କରନ୍ତି ମୋ' ଜୀବନର ପରବର୍ତ୍ତୀ ଘଟଣାରୁ ତାହା ଜଣାପଡ଼ିବ ।

ଗାଁକୁ ଯାଇଥିବା 'ଭଗବତୀ ବସ୍'କୁ ଅପେକ୍ଷା କରୁଛି, ଜୋର୍ ବ୍ରେକ୍ ଦେଇ ରାଜଦୂତରୁ କିଏ ଜଣେ ଓହ୍ଲାଇ ମୋ ଆଡ଼କୁ ଆସିଲେ । ମୁଣ୍ଡରେ ହେଲମେଟ୍, ଆଖିରେ ବଡ଼ ବଡ଼ ଚଷମା, ଜିନ୍ ପେଣ୍ଟ ଓ ଟି-ସାର୍ଟସ୍, ହାତରେ ଡ଼ିଜିଟେଲ ଘଡ଼ି, ଡ଼ାହାଣ ହାତର ଆଙ୍ଗୁଳିରେ ତିନି ତିନିଟା ମୁଦି, ପଞ୍ଜାବୀ ବଳା, ଦାରୁଣ ମୂର୍ତ୍ତିଟିଏ । ମୋତେ ନମସ୍କାର କରି କହିଲେ, "ବାବୁ ! ଚିହ୍ନି ପାରୁଛନ୍ତି ?" ମୁଁ ଦଣ୍ଡେ ତାଙ୍କ ଆଡ଼କୁ ବୋକା ପରି ଛିଡ଼ାହୋଇ ଚିହ୍ନିବାର ଚେଷ୍ଟାକରୁଛି, ସେ କହିଗଲେ, ମୁଁ ବାବୁ ! ପ୍ରଦୀପ, କେତେଦିନ

Digitized by srujanika@gmail.com

ଆପଣଙ୍କ ରୋଷେଇ କରି ଦେଉଥିଲି । ମନେନାହିଁ । ବହୁ ସମୟଯାକେ ମୁଁ ସ୍ତମ୍ଭିତ ହୋଇ ରହିଲି । ଇଏ ସେଇ ଗୋଦରଗୋଡ଼ିଆ, ପିଳେହିପେଟା ପ୍ରଦୀପ ? ପାଖ ମିଠା ଦୋକାନକୁ ମୋତେ ନେଇ ଯାଇ ପଚିଶ ଟଙ୍କାର ଖାଦ୍ୟ ପାନୀୟ ଦେବାପରେ ଯାହା କହିଲା ମୁଁ ଶୁଣି ହତବାକ୍ ହେଲି । ମୁଁ ଯେତେବେଳେ ଏମ୍.ଏ. ପାସ୍ କରି ନିର୍ଯ୍ୟାତନା ଭୋଗି ହାନିମାନିଆ ଅବସ୍ଥାରେ ପ୍ରାଇଭେଟ୍ କଲେଜରେ ଘଣା ପେଲୁଥିଲି, ପ୍ରଦୀପ ଧନ୍ଦାମୂଳକ ଶିକ୍ଷା ପାଇଁ ଗୁରୁ ଖଟୁଥିଲା କଚେରୀର ବରଗଛ ତଳେ, ସେଇ ଜଡ଼ିବୁଟି ବିକୁଥିବା ଲୋକଟା ପାଖରେ । ମୋ'ଠୁ ଛଅଟି ଟଙ୍କା ନେଇ ବୋତଲଟିଏ କିଣିବାର ତିନି ଚାରିଦିନ ପରେ ସେ ମୋତେ ଛାଡ଼ିଲା । ତା'ପରର କଥା ତା'ରି ମୁହଁରୁ ଶୁଣନ୍ତୁ !

"ଔଷଧ ବିକାଳିଟା କହିଲା 'ତୁ ଏଇଠି ରହ ମୋ' ପାଖରେ, ଦିନକୁ ଛଅଟଙ୍କା ଦେବି, ୟାଡ଼େ ସିଆଡ଼େ ବୁଲୁଥିବୁ, ଡ଼ାକି ଦେଲେ ଆସିଯିବୁ । ଗରାଖ ଯେତେବେଳେ କିଣୁଥିବେ ତତେ ପଚାରିଦେବି, ଔଷଧ କିଛି କାମ ଦେଲା ? ତୁମ କହିଯିବୁ କିମିତି ଚାରି ପାନରେ ତୋ' ପେଟ ବେମାରି, ଅନ୍ତକୋଷ ପୀଡ଼ା ଭଲ ହୋଇଗଲା ।' ମୁଁ ସିମିତି କହିଲି । ବୋତଲ ବୋତଲ ଔଷଧ ବିକ୍ରି ହେଲା । ସେ ବେଳ ପାଇଲାନାହିଁ ଔଷଧ ତିଆରି କରିବାକୁ । ମତେ ଲଗାଇଲା ଔଷଧ ତିଆରି, ବୋତଲ ସିଲ୍‌ଦିଆ, ଲେବୁଲ୍‌ଲଗା କାମରେ । କାମ କିଛି ନୁହେଁ, ଗୁଡ଼ାଏ ପିଆଜ ଛେଚି ରସ ବାହାର କରିବାକୁ ପଡ଼େ । ସେ ଆଉ କ'ଣ କେତୁଟା ଗୁଣ୍ଡ ସେଥିରେ ମିଶାଇଦିଏ । ଏମିତି ମାସେ ଦି'ମାସ ପିଆଜ ଛେଚାଛେଚିରୁ ମୁଁ ଜାଣିଗଲି ସେ ଔଷଧରେ କ'ଣ କେତେ ଭାଗ ଅଛି । ଟଙ୍କାଏ ଖର୍ଚ୍ଚରେ ପାଞ୍ଚଟଙ୍କା ଲାଭ । ମନେ ମନେ ଭାବିଲି ୟାର ଗୋଲାମୀ ନ ଖଟି ନିଜେ ଔଷଧ ତିଆରି ନ କରିବି କାହିଁକି । 'ପ୍ରଦୀପ ଚଉଧୁରୀ କେମିକେଲସ'ର ସେ ଜନ୍ମ ନେଲା । ପିଆଜର ଜନ୍ମସ୍ଥାନ ଆନ୍ଧ୍ରକୁ ଚାଲିଗଲା । ବର୍ତ୍ତମାନ ବଡ଼ ବଡ଼ ସହରରେ ମୋରି 'ସର୍ବବ୍ୟାଧିହରସାଲସା'ର ପ୍ରଚାର ଓ ପ୍ରସାର ।"

କଫି ଦି'କପ୍ ବରାଦ କରି ପ୍ରଦୀପ କହିଗଲା "ଆପଣ ଆଖିରେ ନ ଦେଖିଲେ ବିଶ୍ୱାସ କରିପାରିବେନି । ମୁଁ ଗତ ବର୍ଷ କଲିକତାରେ ଛଅହଜାର ଖର୍ଚ୍ଚକରି ମୋର ସବୁ ରୋଗ ଅପରେସନରେ ଭଲ କରିଦେଇଛି । ମଟର ସାଇକେଲରେ ମୁଁ ସହରରୁ ସହର ବୁଲି ଏଜେଣ୍ଟମାନଙ୍କ ଠାରୁ କଲେକ୍‌ସନ କରୁଛି, ଔଷଧ ଯୋଗାଉଛି । ମୋତେ ଏଇକ୍ଷଣୀ ବଡ଼ ସମସ୍ୟା ହେଉଛି, 'ପ୍ରଦୀପ ଚଉଧୁରୀ' ଅର୍ଥାତ୍ ନିଜ ନାମଟା ଲେଖିବା । ଚାରି ଛଅଦିନ ହେଲା ଗୋଟାଏ କି ଦୁଇଟା ଅକ୍ଷର ଶିଖୁଛି, ଆଜି ଶିଖିଲେ କାଲି ଭୁଲିଯାଉଛି । ବେଙ୍କ୍‌ରେ ଟଙ୍କା ଜମା ରଖିବି କିମିତି ? ଓଡ଼ିଆ ଅକ୍ଷର ଗୁଡ଼ାକ ଏମିତି ବଙ୍କା ଟଙ୍କା ।"

ସିଗାରେଟଟାଏ ଲଗାଇ ପୁଣି କହିଲା 'ବାବୁ ! ଆପଣଙ୍କୁ କହିବାକୁ ସାହାସ ହେଉନି, ଆପଣ ଏତେ ପାଠ ପଢ଼ି ଲେକ୍‌ଚାରର ହୋଇଛନ୍ତି । ମୁଁ ଏକ ଗଜମୂର୍ଖ, କିଛି ଭାବିବେ

Digitized by srujanika@gmail.com

ନି ତ କହିବି !" ମୁଁ ଯିମିତି ତାକୁ ଆଗେଇବାକୁ ଅନୁମତି ଦେଇଛି, ସେ କହିଲା, "ବାବୁ! ମୁଁ ଏକୁଟିଆ କାମ ଉଠେଇପାରୁନି । ଆପଣ ଯଦି ମୋ' ସହିତ ଯୋଗ ଦିଅନ୍ତି ଆପଣଙ୍କୁ ମାସକୁ ପାଂଚଶ ଟଙ୍କା ପ୍ରଥମେ ଦିଅନ୍ତି, ଗସ୍ତଖର୍ଚ୍ଚ ବାଦ ଦିନକୁ ରହଣି ଓ ଖିଆପିଆ ଖର୍ଚ୍ଚ ବାବଦ ପଚିଶ ଟଙ୍କା ହିସାବରେ ଦିଅନ୍ତି । ଯୁକ୍ତଦୁଇ ମାନେ ଅଧିକା ଦି'ପଇସା ଯଦି ପାଇବାକୁ ଚାହାନ୍ତି ମୋ ପାଇଁ ରସରସିଆ ବକ୍ତୃତା "ଆପଣଙ୍କ ପେଟ ମାରୁଛି, ତଳିପେଟ ପିଟି ପିଟି ବେଦମ୍ ହେଉଛନ୍ତି, କୁନ୍ଥେଇ କୁନ୍ଥେଇ ଝାଳ ବାହାରୁଛି ....." ଲେଖିଦିଅନ୍ତେ ..... ମୁଁ ଏଜେଣ୍ଟମାନଙ୍କୁ ଦେଇଦିଅନ୍ତି ଲାଉଡ଼ସ୍ପିକରରେ ଗାଇବା ପାଇଁ ବାଦାମବାଡ଼ି ପରି ଛକ ସ୍ଥାନରେ ।

ମୁଁ ସାତଦିନ ସମୟ ନେଲି, ପ୍ରଦୀପର ଠିକଣା ମଧ୍ୟ ରଖିଲି । ଆଜି ଛଅଦିନ, ସକାଳ ସୁଦ୍ଧା ମୁଁ ଠିକଣାରେ ପହଞ୍ଚି ପାରିନାହିଁ, ପ୍ରଦୀପର ପାଞ୍ଚଶ ଯୁକ୍ତ ଗସ୍ତଖର୍ଚ୍ଚ ଯୁକ୍ତ ଦୈନିକ ଭତ୍ତା ଗ୍ରହଣ କରି ପେଟ ଓ ତଳିପେଟର ସାଲସାର ବକ୍ତୃତା ବିକାଳିଙ୍କ ପାଇଁ ଲେଖିବି କି ପ୍ରାଇଭେଟ୍ କଲେଜର ତ୍ରିମୂର୍ତ୍ତିମାନଙ୍କ ଅଧୀନରେ ପୁଣି ବାକି ଜମିବିକି ବାପାଙ୍କୁ ମାରି ଫାଷ୍ଟ ଇଅର (ସିନିଅର)ରେ ଆରମ୍ଭ କରିବି ରାଇମ୍ ଅଫ୍ ଦି ଏନଶିଏଣ୍ଟ ମେରିନାର ? ଆଚ୍ଛା ଏକ ଧନ୍ଦାରେ ପକାଇ ମହାମୂର୍ଖ ପ୍ରଦୀପ ଯାଇଛି ଯେ ମୁଁ ଶାନ୍ତିନିକେତନର ଇଂରାଜୀ ଏମ୍.ଏ. ପାଶ୍ କରି ବି ଧନ୍ଦିହେଉଛି ହସ୍ତାଏ ହେଲା ।

# ଚିତ୍ର ପ୍ରତିମା

ଜଳୋଜ ସାମ୍ନାରେ ସେଇ ଯେଉଁ ଦୋତାଲା କୋଠା ଦେଖୁଛନ୍ତି ତାର ଚାରିଟା ଫ୍ଲାଟ୍ । ଆଗରେ କାର୍ପେଟ୍ ଘାସର ସବୁଜ ଆୟତାକାର ପଡ଼ିଆଟି ବେଶ୍ ସଫାସୁତୁରା । ଛୋଟ ଛୋଟ ପିଲାଏଁ ଖେଳାଖେଳି କରିବା ପାଇଁ ପ୍ରଶସ୍ତ, ଅଭିପ୍ରେତ ମଧ୍ୟ । ଛାତିଏ ଉଚ୍ଚ ପାଚେରୀ କାନ୍ଥରେ ଯାଉଁଳି ଜେଫ୍ରି ଫାଟକ । ଦେଖିଲାମାତ୍ରେ ପିଲାଝିଲାଏଁ ଚଢ଼ିଯାଇ ଏପଟ ସେପଟ ବୁଲିବେ, ଝୁଲିବେ । ଘରଟି ମୋଟାମୋଟି ମଡ଼ର୍ଣ୍ଣ ଷ୍ଟାଇଲ୍‌ର । ବାସିନ୍ଦାମାନଙ୍କର ରୁଚି ଓ ସଂସ୍କୃତିର ପରିଚୟ କୋଣେ କୋଣେ ବହନ କରି ସଦର୍ପେ ଛିଡ଼ା ହୋଇଛି ।

ଚାରୋଟି ଫ୍ଲାଟ୍‌ର ବାସିନ୍ଦା ଚାରିଜଣ ମହିଳା । ସେମାନଙ୍କୁ ଆପଣ ଇଚ୍ଛାକଲେ ଚାରିଜାତିର ପଦ୍ମିନୀ, ଶଙ୍ଖିନୀ, ଚିତ୍ରଣୀ ଓ ହସ୍ତିନୀ କହିପାରନ୍ତି । ଯଦି ଜାତିଭେଦ

ଝଙ୍କାର, ୮ମ ବର୍ଷ, ୬ମ ସଂଖ୍ୟା, ଶାରଦୀୟ ବିଶେଷାଙ୍କ, ୧୯୮୩ ।

Digitized by srujanika@gmail.com

ଉଠାଇଦେବାକୁ ଚାହାନ୍ତି ତେବେ ସେମାନଙ୍କୁ ଗୋଟିଏ ଶ୍ରେଣୀର କରିଦିଅନ୍ତୁ । ସମସ୍ତେ ନାରୀ । କାମଶାସ୍ତ୍ରରେ ଏମାନଙ୍କ ମଧ୍ୟରେ ଯେଉଁ ପାର୍ଥକ୍ୟ ବର୍ଣ୍ଣନା କରାଯାଇଛି ତାକୁ ଭୁଲିଯାଇ ସେମାନଙ୍କ ସାମଞ୍ଜସ୍ୟ ବା ମୁଖ୍ୟ ଗୁଣ ଯଦି ବାହାର କରିବାକୁ ଚାହାନ୍ତି ତେବେ ଦୁଇଟି ରଖନ୍ତୁ ଯାହାହେଲା ସମ୍ପଦ ମୋହ ବା ପଜେସିଭ୍ ଇନଷ୍ଟିଙ୍କଟ୍, ଅନ୍ୟଟି ହେଲା ପରସ୍ପର ପ୍ରତି ପ୍ରତିଯୋଗିତା ଯାହାର ଅନ୍ୟ ନାମ ହିଂସା । ଜଣକର ଗୁଣ ବର୍ଣ୍ଣନା କରିବା ଅର୍ଥ ଚାରିଜଣଙ୍କ ଚରିତ୍ର ଚିତ୍ରଣ କରିବା ।

ପୁରୁଷ ମଧ୍ୟ ଚାରିଜଣ । ଶାସ୍ତ୍ରୋକ୍ତ ବିଧିରେ ସେମାନଙ୍କୁ ମଧ୍ୟ ଚାରିଶ୍ରେଣୀରେ ଯଥା ଅଶ୍ୱ, ବୃଷ, ମୃଗ ଓ ଶଶକ ଶ୍ରେଣୀରେ ବିଭକ୍ତ କରିପାରନ୍ତି । ପୁଣି ଯଦି ଜାତି ଉଠାଇବାକୁ ଚାହାନ୍ତି ତାଙ୍କୁ ଏକ ଜାତିର କରିଦିଅନ୍ତୁ । ସେ ଜାତିଟି ହେଲା ମେଣ୍ଢା । ସେ ଚାରିଜଣଙ୍କୁ ଚାରିଜଣ ସ୍ତ୍ରୀ ଗଦ ଶୁଙ୍ଘାଇ, ମୋହିନୀ ମନ୍ତ୍ରଦେଇ ଗଳ୍ପର ଡ଼ାହାଣୀ ବୁଢ଼ୀ ପରି ମେଣ୍ଢା କରି ରଜାପୁଅକୁ ରଖିଲା ଭଳି ଲୁଚାଇ ଦେଇଛନ୍ତି । ଦିନବେଳେ ଏ ସ୍ଥାନଟା ପ୍ରମିଳା ରାଜ୍ୟ ପରି ଜଣାପଡ଼େ । ପୁରୁଷ କେହି ନାହାନ୍ତି, କୁଆଡ଼େ କିଏ ଯାଆନ୍ତି, କି କାମ କେଉଁଠି କରନ୍ତି, ସବୁ ରହସ୍ୟାବୃତ । ରାତିରେ ଦଶ ଏଗାରଟା ପରେ ଯଦି ଦୈବାତ୍ କେବେ ଚାରିଜଣ ପୁରୁଷ ଓ ଚାରିଜଣ ନାରୀ ଏକତ୍ର ହୁଅନ୍ତେ, ତେବେ ସେମାନଙ୍କୁ ଦୁଇଧାଡ଼ି କରି ବସାଇ ଯିସ୍‌କା ବିବି ଗୋରୀ ହେ / କାଲୀ ହେ / ଛୋଟୀ ହେ / ମୋଟୀ ହେ / ଲମ୍ବି ହେ ରେକର୍ଡ଼ ବଜାଇ ସେମାନଙ୍କ ପ୍ରତିକ୍ରିୟା ଦେଖିବାକୁ ଇଚ୍ଛା ହୁଅନ୍ତା ।

ଅନ୍ୟାନ୍ୟ ଅଶେଷ ସାମଞ୍ଜସ୍ୟ ମଧ୍ୟରେ ଗୋଟିଏ ବଡ଼ ମେଳ ହେଲା ପ୍ରତ୍ୟେକ ହଳର ଯୋଡ଼ିଏ ପିଲାଥିଲା, ଗୋଟିଏ ପୁଅ, ଗୋଟିଏ ଝିଅ, ଚାରିରୁ ଛଅ ଭିତରେ ସେମାନଙ୍କ ବୟସ, ବୋଧହୁଏ ଗଳ୍ପପାଇଁ ସେତିକି ଯଥେଷ୍ଟ ।

ରଜାପୁଅ, ମନ୍ତ୍ରୀପୁଅ, ସାଧବ ପୁଅ ଓ କଟୁଆଳ ପୁଅ ପାରିଧିକି ଆସି ଅଗନା ଅଗନି ବନସ୍ତରେ ନପଶି ସହରର ମଝି ଜାଗାରେ କିମିତି ଅକସ୍ମାତ୍ ପହଞ୍ଚିଲେ ତାହା କହି ହେବନି । ତେବେ ଗୋଦାବରୀ ତୀରରେ ଥିବା ବିଶାଳ ଶାଳ୍ମଳୀ ତରୁରା ନାନା ଦିଗ୍ ଦେଶାଗତ୍ୟ ପକ୍ଷୀମାନେ ରହିଲା ପରି ଏମାନେ ପୂର୍ବ ପଶ୍ଚିମ ଉତ୍ତର ଦକ୍ଷିଣରୁ ଆନ୍ଧ୍ର, ବଙ୍ଗ, ମଧ୍ୟ ଓ ଉତ୍ତରପ୍ରଦେଶ ଅଞ୍ଚଳରୁ ଆସି ଏଇ ଦୋତାଲା କୋଠାରେ ଚାରୋଟି ଫ୍ଲାଟ୍‌ରେ ବସତି ସ୍ଥାପନ କରିଛନ୍ତି ।

ଏ ବିଦେଶାଗତ ଚଢ଼େଇ ଓ ତାଙ୍କ ଶାବକମାନଙ୍କ ଦାୟିତ୍ୱ ଆପେ ଆପେ ସ୍ୱେଚ୍ଛା ପ୍ରବୃତ୍ତ ହୋଇ ଗ୍ରହଣ କରିଥିଲା ଏକ ଜରଦ୍‌ଗବ ବୃଦ୍ଧ, ତାର ନାଆଁ ନାହିଁ । ଲୋକେ ତାକୁ ଗଙ୍ଗାର ସାମୀ ବୋଲି ଡ଼ାକନ୍ତି । ଗଙ୍ଗାର ସାମୀ, ଗଙ୍ଗା ଓ ତାଙ୍କର ଚେମ୍ବ୍‌ଟୀ ବୋଲି ପାଞ୍ଚ ଛଅ ବର୍ଷର ଝିଅଟି ଗୋଟିଏ ଗୁମ୍ଫା ବା କୋରଡ଼ ଭିତରେ ଥାଆନ୍ତି ଯାହା ତଳମହଲାର ପାହାଚ ଗୁଡ଼ାକ ତଳେ । ସେଠି ସେମାନେ ଗୋଟାଏ ଅଧେ ଭଙ୍ଗା

Digitized by srujanika@gmail.com

କିରାସିନୀ ବାକ୍ସପେଟି, ଛିଣ୍ଡା ଲୁଗାପଟାର ଗଣ୍ଠିଲିଟିଏ ଆଉ ଅନାବନା ଚିଜ ନେଇ ଅନ୍ଧାରୁଆ ଜାଗାଟାରେ ରାତିରେ ମଶାପଲ ସହିତ ଥାଆନ୍ତି । ଗଙ୍ଗାର ସ୍ୱାମୀ ଦିନଯାକ ବାହାରେ ଥାଏ, ଗୋବର ଗୋଟାଏ ଏବଂ ପିଠା କରି ଶୁଖେଇ ଶବଦାହ ପାଇଁ କିଏ ଲୋଡ଼ିଲେ ବିକେ । ଚୂନ ଦୋକତା, ମୁଢ଼ିମୁଠାକ ଦାମ୍ ସେଥିରୁ ସଂଗ୍ରହ କରେ । ସଞ୍ଜବେଳେ ତାକୁ ଭଲ ଦିଶେନାହିଁ । ବେଳଥୁଁ ଆସି କୋତରା ଘୋଡ଼ିହୋଇ ପାହାଚତଳେ ନୀଡ଼ରେ ଗଙ୍ଗା ଓ ତାର ଶାବକ ଚେମଟା ସହିତ ଯୋଗଦିଏ । କୋଠାର ଆଉ ଚାରି ପୁରୁଷଙ୍କ ପରି ସେ ବି ଅଳ୍ପବହୁତେ ଅଦରକାରୀ ହେଲେ ବି ଗଙ୍ଗା ତା ସ୍ୱାମୀକୁ ପେଟା ମାଂସ ଖୁଆଇ ବୋଲକରା କରିନାହିଁ ।

ଏଇ ଦ୍ୱିତଳ ରଙ୍ଗମଞ୍ଚରେ ଯେଉଁ ନାଟକ ଅଭିନୀତ ହେଉଛି ସେଥିରେ ଗଙ୍ଗାକୁ ଗୌଣଚରିତ୍ର ବୋଲି ଭାବିଲେ ନାଟକଟି ଏକାବେଳେ ଅବୋଧ ଓ ଉଦ୍‌ଭଟ ହୋଇଯିବ । ଏତିକି କହିଲେ ଯଥେଷ୍ଟ ଯେ, ଗଙ୍ଗା ବାସୁକୀର ଅଭିନୟ କରିଛି, ସେ ମୁଣ୍ଡ ହଲାଇଲେ ଦି'ମହଲା ପକ୍କା ଟଳମଳ ହେବ । ଗଙ୍ଗାର ବୟସ ଚାଳିଶ ଉପରେ, ଦିଶୁଛି ପଚାଶ ପରି । ତା ସ୍ୱାମୀର ସେ ଦ୍ୱିତୀୟ ସ୍ତ୍ରୀ । ଦିହିଁଙ୍କ ବୟସର ପାର୍ଥକ୍ୟ ତିରିଶ । ବୁଢ଼ାଟା ସାଙ୍ଗରେ ଯୋଡ଼ିହୋଇ ସୁଖଦୁଃଖରେ ଏତେ ବର୍ଷ ରହିବା ଫଳରେ ସେ ଅକାଳରେ ବୁଢ଼ୀ ହୋଇଯାଇଛି । ସେଥିରେ ବି ତାର ଆନନ୍ଦ । ବୁଢ଼ାଟା ସାଙ୍ଗରେ ଜୁଆନୀ ଚିର୍ଲା ହୋଇ ବୁଲିଲେ ଲାଜ ମାଡ଼ିବନି ? ତା'ର ସ୍ୱାମୀ ତରଫରୁ ଗଙ୍ଗାର ଯୋଡ଼ାଏ ପୁଅ, ସେମାନେ ସ୍ୱାଧୀନ ହୋଇ କୁଆଡ଼େ ନୀଡ଼ ବାନ୍ଧିଲେଣି । ଏଇ ଚେମଟୀଟି ତାଙ୍କ କୋଡ଼ପୋଛା ଛୁଆ । ମାଆ ପଣନ୍ତକାନି ଛାଡ଼ିନାହିଁ ।

ଗଙ୍ଗା ଚାରୋଟିଯାକ ପରିବାରର କାମୁଟୁଣୀ । ସେମାନଙ୍କ ଭିତରେ ସମନ୍ୱୟ ସଂଯୋଗ, ସଂହତି, ଏକତା ବା ବୁଝାମଣା ପାଇଁ କେତେଗୁଡ଼ିଏ ହିନ୍ଦୀ ଓ ଇଂରାଜୀ ଶବ୍ଦ ଯେତେ ଦାୟୀ, ତାଠୁ ବେଶୀ ଦାୟୀ ଏଇ ଅପରିଚ୍ଛନ୍ନା ଅସ୍ଥିଚର୍ମସାର ଗଙ୍ଗା । ସେ କଣ ନ କରେ ସେମାନଙ୍କର ? ବାସନକୁସନ, ଲୁଗାପଟା ଧୂଆକଚା ସାଂଗକୁ ଘର ଓଳେଇବା, ପୋଛିବା ଠାରୁ ଆଠଆଠୁଟା ପିଲାଝିଲାଙ୍କ ଗୁହମୂତ ସଫା କରେ ବିନା ଆପତ୍ତି ଅଭିଯୋଗରେ । ବିନିମୟରେ ସେ ପ୍ରତିଘରୁ ପାଳିକରି ଖାଏ, ନିଜ ଖାଦ୍ୟରୁ ମୁଠାଏ ବଳକା କରି ବୁଢ଼ା ପାଇଁ ରଖିଥାଏ । ଚେମଟୀ ତାରି ସାଂଗରେ ବସି ଖାଏ ।

ଗଙ୍ଗାକୁ ସବୁବେଳେ ଡ଼ାକରା । ପ୍ରତି ଅଧମିନିଟ୍‌ରେ ସପ୍ତସ୍ୱରରୁ ଗୋଟିକରେ 'ଗଙ୍ଗା' 'ଗଙ୍ଗା' ଡ଼ାକ । ଅନ୍ୟର ସେବା, ପରର ଛୁଆପିଲାଙ୍କ ସେବାରେ ନିଜକୁ ଏମିତି ସମର୍ପଣ କରି ଦେଇଛି ଯେ, ଚେମଟୀକୁ ଗାଧୋଇ ପାଧୋଇ ସଫାସୁତୁରା କରିବାକୁ ବା ଗୀତ ଗାଇ ଶୁଣାଇବାକୁ ମୁହୂର୍ତ୍ତେ ଫୁରୁସତ ପାଏନି । ବୁଢ଼ା ଡ଼ାକିଲେ କୁହେ, "ଶୋଇପଡ଼, ମୋ କାମ ସରିନି ।" ଗଙ୍ଗା ଆସାଧାର ବ୍ରତ ପାଳୁଛି ତା ସାଂଗକୁ । ସମସ୍ତଙ୍କ ମନ ମନାଇ ଚଳିବାକୁ ହବ, ୟା କଥା ତାଠି ତା କଥା ୟାଠି କହିଲେ ଘର

Digitized by srujanika@gmail.com

ରହିବ ? ତାଛଡ଼ା ବଡ଼ ବଡ଼ ଜଟିଳ ପ୍ରଶ୍ନର ଉତ୍ତର ଦେବାକୁ ତାକୁ ପଡ଼େ ଯାହା ଏଣେ ମାଇଲେ ତେଣେ ମାଇଲେ ଗୋହତ୍ୟା ବ୍ରହ୍ମହତ୍ୟାର ଦୋଷ ଭୋଗିବାକୁ ପଡ଼ିବ । ଯଦି ପଦ୍ମିନୀ ପଚାରନ୍ତି, "ଗଙ୍ଗା, କାଲି ହସ୍ତିନୀ ଘରକୁ କିଏ ଆସିଥିଲା ?" ସିମିତି ଚିତ୍ରିଣୀ ଯଦି ପଚାରନ୍ତି, "ଗଙ୍ଗା, କାଲି କାହା ସ୍କୁଟର ପଛରେ ସଞ୍ଜବେଳେ ଶଙ୍ଖିନୀ ଯାଇଥିଲା କି ?"- ଗଙ୍ଗା ଠିକ୍ ଯୁଧିଷ୍ଠିରଙ୍କ ପରି ନରେ ବା ଗୁଞ୍ଜରେ ବା ଅଶ୍ୱତ୍‌ଥାମା ହତ - ବଡ଼ପାଟିରେ କହି ଚୁପ୍ ରହେ, କଥା ବାଆଁରେଇ ନିଏ 'ଇତି ଗଜ' କହିପାରେନି । ବଡ଼ କଠୋର ଫାଟକ ରାତିରେ ଜଗିବା ।

ଚାରୋଟିଯାକ ପରିବାର ମଧ୍ୟ ମଧ୍ୟବିତ୍ତ ବା ଉଚ୍ଚ ମଧ୍ୟବିତ୍ତ । ସମସ୍ତଙ୍କର ସ୍କୁଟର ବା ମଟର ସାଇକେଲ, ସମସ୍ତଙ୍କର ଟେଲିଭିଜନ । ପୁରୁଷ ବା ସ୍ତ୍ରୀଙ୍କର କର୍ତ୍ତବ୍ୟ ନିର୍ଦ୍ଦିଷ୍ଟ । ଅଲଗା ଅଲଗା ସଂଘର୍ଷର ଅବକାଶ ନାହିଁ । ପୁରୁଷମାନେ (ମେଣ୍ଢାମାନେ) କେଉଁଆଡ଼ୁ କିମିତି ପଇସା ରୋଜଗାର କରି ଆଣି ଦାଖଲ କରିଦିଅନ୍ତି ଘର ବେଙ୍କ୍‌ରେ । ତାଙ୍କର କର୍ତ୍ତବ୍ୟ ଶେଷ । କେଉଁ ଦିନ ରାତିରେ ଘରେ ଶୁଅନ୍ତି କେଉଁ ଦିନ ଅନ୍ୟତ୍ର । ଘରେ ଥିଲେ ସକାଳ ଆଠବେଳକୁ ଘରୁ ବାହାରିଯାଆନ୍ତି ।

ନାରୀମାନଙ୍କ କାମ ଆରମ୍ଭ ହୋଇଯାଏ । କୋଠରୀଗୁଡ଼ାକ ବିଶେଷତଃ ବେଡ୍‌ରୁମ୍‌ଟା ବାସର ଘରପରି ସଜା ହୋଇଥାଏ । ପ୍ରତିଦିନ ଦୁଇ ତିନିଥର ବିଛଣା ଚାଦର ବଦଳହୁଏ । ଘର ପୋଛାପୋଛି ହୁଏ । ସର୍ବତ୍ର ପୂତପବିତ୍ରତାର ଲକ୍ଷଣ । କାହା ଠାକୁର ଘରେ ଭେଙ୍କଟେଶ୍ୱର ଅବା ସତ୍ୟସାଇ, ଆଉ କାହାର ଶ୍ରୀମା ଅରବିନ୍ଦ, ଆଉ କାହା ଘରେ ରାମସୀତା ବା ଲକ୍ଷ୍ମୀନାରାୟଣ । ବିଭିନ୍ନ ଧୂପଦୀପର ମହକ ଦିନରାତି ଘୂରି ବୁଲୁଥାଏ ଉପର ତଳ ତାଲାରେ । ଗଙ୍ଗା ସେମାନଙ୍କ ଦେଖାଦେଖି ଟିଣପାତିଆରେ ବନ୍ଧା ଜଗନ୍ନାଥ-ବଳଭଦ୍ର-ସୁଭଦ୍ରା ଛବିଟିଏ ବିଶ୍ୱାବସୁର ଗୁମ୍ଫାରେ ତିନିଠାକୁର ରହିଲା ପରି ସିଡ଼ି ତଳେ ଅନ୍ଧାରରେ ରଖିଥାଏ । ଗଙ୍ଗା ଆଉ ତାର ସ୍ୱାମୀ ଦୋତାଲା ପଛ ଗାଡ଼ିଆରେ ବୁଡ଼ିପଡ଼ି ଓଦାସରପଟ ଲୁଗାରେ ମୁଣ୍ଡିଆଟିଏ ମାରିଦିଅନ୍ତି । ଏଇ ଗାଡ଼ିଆଟି ପାଇଁ ଗଙ୍ଗା ଏତେ ଏତେ ବାସନକୁସନ, ଲୁଗାପଟା ଅକ୍ଳେଶରେ ସଫା କରିପାରେ । ନହେଲେ କୂଅରୁ ପାଣି କାଢ଼ି କାଢ଼ି ଅଣ୍ଟାପିଠି ବଙ୍କାହୋଇ ଯାଆନ୍ତାନି ।

ପିଲାଝିଲାଙ୍କୁ ଟିପ୍‌ଟପ୍ ଡ୍ରେସ୍ କରି କେଜି ବା ନର୍ସରୀ ବା କନଭେଣ୍ଟକୁ ପଠାଇ ଦେବା ପରେ ମାଆମାନେ ଫ୍ରି । ଗଙ୍ଗାର ବି ସେଇଟା ଖୁବ୍ ବ୍ୟସ୍ତତାର ବେଳ । ଗୋଟିଏ ପ୍ରାଣରେ କୋଟିଏ ଡ଼ାକ । ଏ ଫ୍ଲାଟ୍ ସେ ଫ୍ଲାଟ୍ ଧାଁ-ଧପଡ଼ କରି ପନିପରିବା କାଟ, ଏଟା ଯୋଗାଅ, ସେଟା ଆଣ । କିଚେନ୍‌କୁ ପ୍ରେସରକୁକରରୁ ହୁଇସିଲ୍ ପରେ ହୁଇସିଲ୍ । ଗେସ୍, ହିଟର କୁକର୍, ଫିଲଟର, ଫ୍ରିଜ୍ ଓ ଆଧୁନିକ ଯନ୍ତ୍ରପାତି ଓ ସରଞ୍ଜାମରେ ମାତ୍ର ଅଧଘଣ୍ଟାରେ ରୋଷେଇ ଶେଷ । ରାତିକି ରୋଷେଇ ଦରକାର ନାହିଁ, ଅଯଥା ସମୟ ନଷ୍ଟ, ଅଯଥା ଡ଼ବଲ ଖର୍ଚ୍ଚ । ରୋଷେଇ ବାସେଇ, ଗାଧୁଆପାଧୁଆ, ପୂଜାପଣା,

Digitized by srujanika@gmail.com

ବ୍ରେକ୍‌ଫାଷ୍ଟ ସରିଗଲେ ପ୍ରୋଗ୍ରାମ ହୁଏ । ଦୋକାନ ବଜାରକୁ ଯିବା, ନା ମାଟିନି / ମର୍ଣ୍ଣିଂ ସୋ'କୁ ଯିବା, ପିଲାଝିଲାଏ ଘରେ ରହିଲେ କୌଣସି ପ୍ରୋଗ୍ରାମ ହୋଇପାରେନି । ଚାରିଜଣ ଯେତେବେଳେ ବଜାରକୁ ଯାଆନ୍ତି ବା ସିନେମା ବା ଯାତ୍ରା-ସରକସ୍ ବା ମନ୍ଦିରକୁ ବାହାରନ୍ତି ତାଙ୍କ ଦିହର ମହକ ଶୁଙ୍ଘିବା ପାଇଁ ରିକ୍ସା ପଛରେ ସାଇକେଲବାଲା ଟୋକାଏ ଛୁଟନ୍ତି । ପ୍ରଶେସନର ଶୋଭାଯାତ୍ରା ନିରୀକ୍ଷଣ କରିବା ପାଇଁ ଅନେକ ଦେଖଣାହାରୀ ଜମି ଯାଆନ୍ତି ଠିକଣା ସ୍ଥାନରେ, ନହେଲେ ଏଟେନ୍‌ସନ୍ ଭଙ୍ଗୀରେ ଛିଡ଼ାହୋଇ ଯାଆନ୍ତି ନାରୀ ଜାତିକୁ ସମ୍ମାନ ଦେଖାଇବା ପାଇଁ।

କେବେ କେମିତି ଏମାନଙ୍କୁ ଝୁଙ୍କିବସେ ଗୋଟାଏ ଗୋଟାଏ ଚିଜ । କେବେ ଶାଢ଼ୀ କିଣିବେ ତ ନିତୀପ୍ରତି ଶାଢ଼ୀ ଦେଖା କିଣା ଚାଲିଥିବ । ସେମିତି କେବେ ଗହଣା, କେବେ କାଚ, କେବେ ବ୍ଲାଉଜ୍, କେବେ ଅତର । ଏବେ ଝୁଙ୍କି ଉଠିଛି ଷ୍ଟେନ୍‌ଲେଶ୍ ଷ୍ଟିଲ୍ କିଣିବାରେ ।

ପଦ୍ମିନୀ କୁହନ୍ତି, "ବୁଝିଲୁନା ଚିତ୍ରିଣୀ, ମୋତେ ଆଉ ପିତଳ, କଂସାର ବେଲା ବାସନ ମୋଟେ ଭଲ ଲାଗୁନି । କ୍ରମେ କ୍ରମେ ସବୁ ବିକି ବଦଳି କରି ଷ୍ଟେନ୍‌ଲେଶ୍ ଷ୍ଟିଲ୍ ଜିନିଷ ରଖିବି । ସବୁଦିନେ ଚକ୍‌ଚକ୍, କଳା ଲାଗିବନି, କଳଙ୍କ ଲାଗିବନି ।"

ଶଙ୍ଖିନୀ କହନ୍ତି, "ବୁଝିଲୁନା ହସ୍ତିନୀ, ଧଳା ରଙ୍ଗଟା ମୋର ଭାରି ପ୍ରିୟ, ମତେ ଧଳା ପଦ୍ମଫୁଲ ଭାରି ଭଲ ଲାଗେ। ସବୁ ଧଳା ଚିଜ ମୋର ପ୍ରିୟ । କଳଙ୍କ ନାହିଁ, ଦାଗ ନାହିଁ, କଳା ନାହିଁ । ଏବେ ହାଇଦ୍ରାବାଦରୁ ଷ୍ଟେନ୍‌ଲେଶ୍ ବାସନ ସେଟ୍ ମଗାଉଛି ।"

ହସ୍ତିନୀ କୁହନ୍ତି, "ମୁଁ ବି ଆରମ୍ଭ କରିଛି କିଣିବାକୁ, ଭାବୁଛି ସୁନା ଗହଣା ବଦଳରେ ରୂପା ଗହଣାର ସେଟ୍ ରଖିବି, ବାହାରକୁ ଯିବା ପାଇଁ ।"

ଅତଏବ ପ୍ରତିଯୋଗିତା ଚାଲିଲା ଷ୍ଟେନ୍‌ଲେଶ୍ କିଣିବାରେ । ବମ୍ବେ, ହାଇଦ୍ରାବାଦ୍, ମାନ୍ଦ୍ରାଜ, ଓ୍ୱାଲଟିୟାରରୁ କିସମ କିସମ ବାସନ କୁସନ ଆସିଲା, ଯିମିତି ଗୋଟାଏ ପ୍ରଦର୍ଶନୀ ହବ ଏ ଦୋତାଲା କୋଠାରେ । ଚିତ୍ରିଣୀ କଥା ପ୍ରସଙ୍ଗରେ ଦିନେ କହିଲେ, "ମଁ କେଉଁ ବହିରେ ପଢ଼ିଥିଲି ଧଳା ରଙ୍ଗକୁ ଯେଉଁମାନେ ପସନ୍ଦ କରନ୍ତି ସେମାନେ ପୂର୍ଣ୍ଣାତ୍ମା; ସ୍ତ୍ରୀ ହେଲେ ସତୀ ସାବିତ୍ରୀ ।"

ଗଙ୍ଗାକୁ ସମସ୍ତଙ୍କ ଉପଦେଶ, "ସର୍ଫ ନହେଲେ ଭିମ୍ ଦେଇ ଷ୍ଟିଲ୍ ବାସନ କନାରେ ମାଜିବୁ, ନହେଲେ ଦାଗ ଲାଗିଯିବ, ଗାର ପଡ଼ିଯିବ ।"

ଯେଉଁ ଦିନ ଦିପହରେ ଭଲ ନିଦ ହୁଏନି ସେହିଦିନ ପରସ୍ପର ଘରକୁଯାଇ ବା ଏକାଠି ମିଳିମିଶି ସିନେମା ମେଗାଜିନ୍ ଅଦଳ ବଦଳ ଆଲୋଚନା କରନ୍ତି, ବାସନକୁସନ ଦେଖାଦେଖି ହୁଅନ୍ତି, ନହେଲେ ନିଜ ନିଜ ଝିଅପୁଅଙ୍କ ଦୈନିକ କୀର୍ତ୍ତିକଳାପ ବର୍ଣ୍ଣନା କରିବସନ୍ତି ।

Digitized by srujanika@gmail.com

କିନ୍ତୁ ଯେଉଁ କାମରେ ସେମାନେ ଅନୁରକ୍ତ ଥାଆନ୍ତୁ ନା କାହିଁକି ପାଞ୍ଚଟା ବାଜିଲେ ସେମାନଙ୍କ ଦିନଯାକର ଅସଲ ସମୟ ଆସିଯାଏ, ଯେତେବେଳେ କି ସେମାନେ ପିଲାଝିଲାଙ୍କ ଖେଳ କଉତୁକ ପାଇଁ ବ୍ୟସ୍ତ ହୁଅନ୍ତି, ବାହାରି ପଡ଼ନ୍ତି ଉପର ମହଲା ବେଲକୁନିକୁ । ସ୍କୁଲରୁ ଫେରିଥିବା ପୁଅ ଝିଅମାନଙ୍କ ପୋଷାକପତ୍ର ବଦଳି କରି ମୁହଁ ହାତ ଧୁଆପୋଛା କରି ପାଉଡ଼ର ଟିକା ମାରି ଖୁଆଇ ପିଆଇ ତଳକୁ ଛାଡ଼ିଦିଅନ୍ତି । କାର୍ପେଟ୍ ଗ୍ରାସର ଛୋଟ ପଡ଼ିଆଟି ହସି ଉଠେ ଖିଲିଖିଲି ହସରେ । ମାଆମାନେ ତେଣେ ନିଜେ ନୂଆ ରୂପରଙ୍ଗରସ ନେଇ ବେଲକୁନି ରେଲିଂରେ ଭରା ଦେଇ ତଳକୁ ଉହୁଙ୍କି ଦେଖୁଥାଆନ୍ତି । ଗଙ୍ଗା ସେତେବେଳେ ଯେଉଁ ଫୁରୁସତ ପାଏ ସେଥିରେ ତା ଝୁରୁଝୁରୁ ଅଧା ଧଳା ଅଧା କଳା ଚୂଳଗୁଡ଼ାକୁ ଭଙ୍ଗାକାଚ ଅଇନା ଆଉ କାଠ ପାନିଆ ସାହାଯ୍ୟରେ ପାଣିଦେଇ ସାଉଁଟି ସମ୍ଭାଳି ନିଏ, ସିନ୍ଦୂର କଜ୍ଜଳବି କେଉଁଦିନ କେମିତି ହୁଏ । ଚେମଟୀ ବାରଣ୍ଡାରେ ବସି ବଡ଼ଲୋକଙ୍କ ପିଲାଝିଲାଙ୍କ ରଙ୍ଗୀନ ଖେଳ ଦେଖୁଥାଏ । ସମବୟସୀ ହେଲେ ମଧ ସେମାନଙ୍କ ସାଙ୍ଗରେ ଖେଳିବାର କ୍ଷୁଧା ଥିଲେ ବି ତାକୁ ଅନୁମତି ମିଳେନି ଖେଳିବାକୁ । ଗଙ୍ଗାକୁ ପୁଣି ଉପର ବାଲାଏ ତାଗିଦ୍ କରି କହିଛନ୍ତି, "ଦେଖିବୁ ଗଙ୍ଗା, ଚେମଟୀକୁ ଷ୍ଟେନ୍‌ଲେଶ୍ ଷ୍ଟିଲ୍ ବାସନ କୁସନ ମଜାମଜି କଲାବେଳେ ପାଖରେ ରଖିବୁନାହିଁ, ଖେଳଣା ଭାବି ଲୁଚାଇ ଦବ, ନହେଲେ ପାଣିକି ଫୋପାଡ଼ି ଦେବ ।" ଚେମଟୀ ବିରୁଦ୍ଧରେ ତାଙ୍କର ଆପତ୍ତି ହେଲା ତାକୁ ତା ମାଆ ଭଲକରି ପିନ୍ଧାଏ ନାହିଁ ଲୁଗାପଟା, ଯିମିତି ସେମାନେ ତାଙ୍କ ପିଲାଝିଲାଙ୍କୁ ଆବୃତ କରାନ୍ତି । ପ୍ରକୃତରେ ଚାରି ଫ୍ଲାଟର ମାଆମାନେ ନିଜେ ସ୍ଲିଭଲେଶରେ, ଲୋ-କଟ୍ ବ୍ଲାଉସ୍‌ରେ, ବ୍ରିଫରେ ତିନିଭାଗ ପେଟ ପିଠି ଦେଖାନ୍ତି ବେପରୱା ଭାବରେ । କିନ୍ତୁ ପୁଅଝିଅଙ୍କ ଅଙ୍ଗ ପ୍ରତ୍ୟଙ୍ଗକୁ ଜନ୍ମ ପାଖରୁ କେତେ ବେଳେ ଅନାବୃତ୍ତ ରଖିବେ ନାହିଁ । କାଳେ ପୁଅଝିଅ ସାନଟି ବେଳୁ ପେଟ କେତେବେଳେ ଅନାବୃତ୍ତ ରଖିବେ ନାହିଁ । କାଳେ ପୁଅଝିଅ ସାନଟି ବେଳୁ ସେକ୍ସ କନସସ୍ ହୋଇ ପରବର୍ତ୍ତୀ ଜୀବନରେ ଷ୍ଟେନ୍‌ଲେଶ୍ ହୋଇପାରିବେ ନାହିଁ । ଗଙ୍ଗାକୁ ମଧ ଅନେକ ସମୟରେ କଥାବାର୍ତ୍ତା ଅସଂଯତତା ଓ ବସିବାର ଅସତର୍କ ଭଙ୍ଗୀ ପାଇଁ ସେମାନେ ଭର୍ତ୍ସନା କରିଥାନ୍ତି ।

ଏ ଚାରିଟା ଫ୍ଲାଟ୍‌ର ଅଧିବାସୀମାନେ ଆନନ୍ଦରୁ ଆନନ୍ଦକୁ ଗତି କରନ୍ତି । ସଞ୍ଜହେଲା ମାତ୍ରେ ଧୂପ ଆଗରୁ ଗନ୍ଧର ମହକ, ଟେଲିଭିଜନ, ଆଠୁଟା ବେଳକୁ ପିଲାଝିଲାଏ ଶୋଇପଡ଼ନ୍ତି । ତା'ପରେ ପ୍ରତ୍ୟେକ ଫ୍ଲାଟ୍‌ରେ ଅତିଥି ଅଭ୍ୟାଗତ, ମଜଲିସ୍, ମୃଦୁମୃଦୁ କଥା, ଚାପାଚାପା ହସ, ଡ଼ିମ୍ ଲାଇଟ୍‌ରେ । ଅଶ୍ୱବୃକ୍ଷମୃଗଶଶକ ଯଦି କେବେ ଥାଆନ୍ତି ମେଷରୂପ ପରିଗ୍ରହ ନେଇ ଶୋଇଯାଆନ୍ତି । ସେମାନଙ୍କ ଜୀବନ ଦର୍ଶନ ହେଲା ଆପେ ଭଲ ଓ ଦୁନିଆଁ ଭଲ । ଅର୍ଦ୍ଧାଙ୍ଗିନୀକି ଅବଶ୍ୱାସ କରି ଦାମ୍ପତ୍ୟ ଜୀବନରେ ସୁଖୀ କେହି କେବେ ହୋଇଛି ?

Digitized by srujanika@gmail.com

ଟ୍ରେଜେଡ଼ି ମଣିଷ ଜୀବନରେ ଆସେ ଯେତେବେଳେ ତାର ସୁଖ ଚରମ ସୀମାରେ ପହଞ୍ଚେ । ପଦ୍ମିନୀମାନଙ୍କର ଟ୍ରେଜେଡ଼ି ଆସୁ ନ ଆସୁ ଗଙ୍ଗାକୁ ପ୍ରଥମ ମାଡ଼ଟି ବସିଲା । ସେଇ ଷ୍ଟେନ୍‌ଲେଶ୍ ଷ୍ଟିଲ୍‌ରୁ ତାର ମୂଳ ଉତ୍ପତ୍ତି । "It's the cause, it is the cause". ଆଜି ୟା ଘର ଚାମୁଚ ମିଳୁନି, କାଲି ତାର ଚା ଛାଙ୍କୁଣି, ପଅର ଦିନ ଆଉ କାହାର ଅଦୃଶ୍ୟ ହେଲା । ସମସ୍ତଙ୍କ ଆଖିରେ ଲୁହ । "ମୁଁ ତାଙ୍କୁ ହାଇଦ୍ରାବାଦ୍‌ରୁ ଅଣାଇଥିଲି ।" "ମୁଁ ସେ ଗୋଟାକ ଦିଲ୍ଲୀର ଜନଟ ପ୍ଲେସ୍‌ରୁ ଆଣିଥିଲି ।" "ସେ ଚିଜ ଆଉ ମିଳିବ ନାହିଁ ।" ସମସ୍ତେ ପରସ୍ପର ଆଗରେ କାନ୍ଦୁଛନ୍ତି, ଆଖି ଜକଜକେଇ । ଚରମ ସୁଖର ମୁହୂର୍ତ୍ତରେ ଅର୍ଥାତ୍ ବେଲକୁନୀରେ ରେଲିଂକୁ ଆଉଜି ପିଲାଙ୍କ ଖେଳ ଦେଖୁଥିଲା ବେଳେ ସେଇକଥା ଆଲୋଚା କରୁଁ କରୁଁ ସିଦ୍ଧାନ୍ତ କଲେ ଯେ, ଗଡ଼ିଆରେ ଗଙ୍ଗା ଛୋଟ ଛୋଟ ଜିନିଷଗୁଡ଼ାକ ପକାଇ ହଜାଇ ଦେଉଛି । ପାଣି କେବେ ଶୁଖିବ, ଜିନିଷ ମିଳିବ ? ପରଦିନ ନିଷ୍ପତ୍ତି କଲେ, ଚେମଟୀ ସେଗୁଡ଼ାକୁ ଖେଳନା ଭାବୁଛି, ତା' ବାପା ଅର୍ଥାତ୍ ଗଙ୍ଗାର ସ୍ୱାମୀ ପାନ ଚା' ଦୋକାନରେ ଅଳ୍ପ ଦାମ୍‌ରେ ବିକି ଚା' ପାନ ଗୁଜରାଣ ମେଣ୍ଟାଉଛି, ବୁଢ଼ାଟାର ନୁଙ୍ଗୁରା ଗୁଣ ଅଛି ।

ସେମାନଙ୍କ ଚାରିଜଣଯାକର ଧାରଣା ଏମିତି ବଦ୍ଧମୂଳ ହେଲା ଯେ, ସେମାନଙ୍କ ଷ୍ଟେନ୍‌ଲେଶ୍ ଷ୍ଟିଲ୍‌ର ଯାହା ହଜିଛି ସେ ସବୁ ଗଙ୍ଗା ବା ତା' ସ୍ୱାମୀ ବା ତା' ଝିଅ ଦେଇ ଅନ୍ତର୍ହିତ ହୋଇଛି । ପରଦିନ ଯେତେବେଳେ ଗଙ୍ଗା ଓ ଚେମଟୀ ବୁଢ଼ାକୁ ଘଷି ତିଆରି କାମରେ ସାହାଯ୍ୟ କରିବା ପାଇଁ ବାହାରିଗଲେ ସେତିକି ବେଳେ ପଦ୍ମିନୀ ଆଦି ଚାରିଜଣ ନାରୀ ପାହାଚ ତଳ ସେମାନଙ୍କ ଗୁମ୍ଫାକୁ ସର୍ଚ୍ଚ କରିବାକୁ ଲାଗିଲେ । କି ଆଶ୍ଚର୍ଯ୍ୟ କଥା ! ଯେଉଁ ଗଙ୍ଗା ସେମାନଙ୍କ ମଧ୍ୟରେ ସଂହତି, ସଂଯୋଗ ସମନ୍ୱୟର ଯୋଗସୂତ୍ର, ତାରି ଅନୁପସ୍ଥିତିରେ ତାର ଘରର ତଦାରଖ, ସର୍ଚ୍ଚ ! ଗୋଟାଏ ଅମୂଲସ୍ପେ କାର୍ଡ଼ବୋର୍ଡ଼ ବାକ୍ସ ଖୋଜାଖୋଜି କରିପାରିଲେ ବୁଢ଼ାର ଝାଳଗନ୍ଧର ହାଫ୍ ସାର୍ଟ ପକେଟ୍‌ରେ କେତୁଟା ଖଣ୍ଡିଆ ବିଡ଼ି, ଅମୃତାଞ୍ଜନ ଡ଼ବାରେ ଟେଳାଏ ଗୁଡ଼ାଖୁ, ଚେମଟୀ ସଂଗୃହୀତ ନାନାରଙ୍ଗର ଚକ୍‌ଚକିଆ ଟର୍ଫି, ମିଲ୍‌କ ଚକୋଲେଟ ଉପର ଆବରଣ ଓ ତିନିଚାରିଟା ରାକ୍ଷୀ ଗଙ୍ଗାର ମସିଆ ଗନ୍ଧିଆ କନାପୁଟୁଳି । ହସ୍ତିନୀ ମନ୍ତବ୍ୟ କଲେ ସେମାନେ କଣ ଏତେ ବୋକା ହୋଇଛନ୍ତି ଯେ, ଚୋରି ଚିଜ ଆମେ ଦେଖିବା ପାଇବା ଜାଗାରେ ରଖିଦେଇଥିବେ ? ଗଙ୍ଗା ଲେଉଟି ଶୁଂଘା ଶୁଂଘି କରି ଜାଣିପାରିଲା ତା ଅନୁପସ୍ଥିତିରେ କଣ ଏକ ବୈପ୍ଳବିକ ପରିବର୍ତ୍ତନ ବା ଭାଗ୍ୟରେ ଆସୁଛି । ନହେଲେ କଳଙ୍କ କାଳିମାର ଲେଶ ନଥିବା ମୁହଁ ଚାରିଟା ଏମିତି ମେଘୁଆ ହୋଇଛି କାହିଁକି ? ତାର ଆଶଙ୍କା ଯଥାର୍ଥ ! ରାତି ଭିତରେ ଆଉ ଏକ ସମନ୍ୱିତ ବିଚାର ଯୋଜନାର ନିଷ୍ପତ୍ତି ହେଲା ଗଙ୍ଗାକୁ ବାହାର କରି ଦିଆଯିବ । ନହେଲେ ଆଉ ଯେତେକ ଷ୍ଟେନ୍‌ଲେଶ୍ ଚିଜ ଅଛି ସବୁ ଚାଲିଯିବ । ଗଙ୍ଗା ପରଦିନ ସକାଳୁ କାଳବିଳମ୍ବ ନକରି ଚାଲିଗଲା । ସବୁ ସହି ହେବ, ହେଲେ ଅପବାଦ ସହିବ

Digitized by srujanika@gmail.com

ଯେଉଁମାନଙ୍କ ପାଇଁ ସେ ପ୍ରାଣପାତ କରିବା ପାଇଁ ପ୍ରସ୍ତୁତ ତାଙ୍କରି ମୁହଁରୁ ? ଖଟିଖିଆ ଲୋକ, ମେହେନତ କରିପାଇଲେ ଯେଉଁଠି ଖଟିବ ସେଇଠି ବଞ୍ଚିବ । ଗଛତଳ ତ ଅଛି ! ତିନିପ୍ରାଣୀ ଫାଟକ ପାରିହୋଇ ବାହାରି ଯାଇଥିଲା ବେଳେ ପଛପଟୁ ଆଠୁଟା ପିଲାଝିଲା ଡ଼ାକିଲେ, "ଚେମଟୀ ! ଯାଉଛୁ ? ଆସିବୁ ।" ଚେମଟୀ ପୋକରା ଦାନ୍ତ ଦେଖାଇ ଜୋର୍‌ରେ ମୁଣ୍ଡ ହଲାଇ ହୁଁ କହିଲା । ମାଆମାନେ ସିନା ସେମାନଙ୍କୁ ଚେମଟୀ ସାଂଗରେ ଖେଳିବାକୁ ଦିଅନ୍ତି ନାହିଁ ସେମାନେ ଚେମଟୀକୁ ଘୃଣା କରିବେ କାହିଁକି ?

ଏକମତ ହୋଇ ଜିଦ୍ ଉପରେ ଗୋଟାଏ କାମ ତ କରି ଦେଇଛନ୍ତି । ଆଉ ଗୋଟାଏ ଗଙ୍ଗା ନଆସିଲା ପର୍ଯ୍ୟନ୍ତ ସେମାନେ ବାଧ ହୋଇ ବାସି ପାଇଟି, ବାସନ ମଜା, ଲୁଗାସଫା, ଘର ଖରକା ଆଦି ଆରମ୍ଭ କରିଦେଲେ । ଉପରତଳ ବିବିଧ ପ୍ରଶ୍ନ ପଚରାଉଚରା ଚାଲିଥାଏ । 'ବାସି ପାଇଟି ସଇଲା ?' 'ଗାଧୁଆ ପାଣି କାଢ଼ିଲୁ ?' 'ଅଗଣା ଧୋଇଲୁ ?' ଆଦି ପ୍ରଶ୍ନ । କିଏ ବା କହେ "ନିଜ କାମ ନିଜ କରିବାଠୁ ଆନନ୍ଦ ନାହିଁ ।" କଣ ତାଙ୍କର ମନ କଥା ତାହା ସନ୍ତୋଷୀ ମାଆ ଜାଣିଥିବେ । 'ଆଗେ ବୁଣ ପଛେ ବୁଣ ଗର୍ଭିଣୀକୁ ଟୁଣ୍ ଟୁଣ୍' ପରି ଯିଏ ଯାହା କାମ କେତେବେଳେ କରୁ ପାଞ୍ଚୁଟା ବେଳକୁ ପିଲାଝିଲା ପଢ଼ିଆରେ ସଜବାଜ ହୋଇ ରହିଥିବେ, ଚାରିଜାତି ନାରୀ ପ୍ରତୀକ୍ଷିତ (ଉପେକ୍ଷିତା ନୁହେଁ) ଅଭିସାରିକା ବେଶରେ ଉପର ବେଲକୁନି ରେଲିଂରେ ନିଶ୍ଚୟ ହାଜର ଥିବେ ।

ନଭେମ୍ବର ଚଉଦ । ସର୍ବତ୍ର ବାଳ ଦିବସ ନାଆଁରେ ବିଦିତ । ଆଜିର ରମଣୀୟ ସୂର୍ଯ୍ୟାସ୍ତ ବର୍ଷ ଯାକ କେବେ ଦେଖାଯାଇନଥାଏ । ଯୋଡ଼ାଯୋଡ଼ା ରବର ବେଲୁନ୍ ଧରି ଝିଅମାନେ ଏବଂ ରେଳ ଇଞ୍ଜିନ୍ ଓ ଏରୋପ୍ଲେନ୍ ଧରି ପୁଅମାନେ ଜ୍ୟେଷ୍ଠ କନିଷ୍ଠକ୍ରମେ କାର୍ପେଟ୍ ଘାସ ପଡ଼ିଆକୁ ଉତ୍‌ଫୁଲ୍ଲ ହୋଇ ବାହାରିଆସିଲେ । କି ରଙ୍ଗ ବେରଙ୍ଗ ପୋଷାକ, ରିବନ, କେତେ ତୋଫା, ତାଜା, ସରସ ସେମାନଙ୍କ ବଦନ ମଣ୍ଡଳ । ଉପରୁ କମାଣ୍ଡେଣ୍ଟମାନେ କମାଣ୍ଡ ଦେବାମାତ୍ରେ ବେଲୁନ୍ ଉଡ଼ିଲା, 'ଚାଚା ନେହେରୁ ଜିନ୍ଦାବାଦ୍' ଧ୍ୱନୀରେ ଗଗନ ପବନ ପ୍ରକମ୍ପିତ ହେଲା । ଖେଳ, ଧାଁ ଦଉଡ଼ ପରେ ନାଚ ଗୀତ ବି ଚାଲିଲା । ତଳେ ପିଲାଏ ନାଚୁଛନ୍ତି, ଉପରେ ଚାରି ନାରୀ ତାଳ ଦେଉଛନ୍ତି, ସୂର୍ଯ୍ୟଦେବ ପାହାଡ଼ ଉପରେ ଦଣ୍ଡେ ରହି ପିଲାଙ୍କ ନାଚଖେଳ ସହିତ ଷ୍ଟେନ୍‌ଲେଶ୍ ମହିଳା ଚାରିଙ୍କି ଦେଖୁଁ ଦେଖୁଁ ସ୍ମିତହାସ୍ୟ ଦେଇ ପାହାଡ଼ ତଳକୁ ଯାଇଛନ୍ତି, ତୃତୀୟା ଫାଳିକିଆ ଚାନ୍ଦ ହସୁଛି, ସନ୍ଧ୍ୟାତାରା ଅନ୍ୟମାନଙ୍କ ସହିତ ଆଖିମିଟିକା ମାରୁଛି । ଆନନ୍ଦ, ଆନନ୍ଦ, ଅପରିସୀମ ଆନନ୍ଦ, ଦ୍ୟାବା ପୃଥିବୀର ଯୁଗପତ୍ ଆନନ୍ଦ, ପରସ୍ପର ଆନନ୍ଦ ବିନିମୟ କରୁଛନ୍ତି ଯିମିତି । ବେଲକୁନିକୁ ମାଆମାନେ ଟର୍ଫି ଗୋଟାକୁ ଗୋଟା ତଳକୁ ଫୋପାଡୁଛନ୍ତି ।

Digitized by srujanika@gmail.com

ଅଦୂରରେ ଅଭିନୀତ ଆଉ ଏକ ଦୃଶ୍ୟ ଚାରିଜଣ ଇଚ୍ଛାକଲେ ଦେଖିପାରନ୍ତେ, କିନ୍ତୁ ସେ ଦୃଶ୍ୟ ସେମାନେ ଦେଖିପାରିବେ ନାହିଁ, ଆଖି ଫୁଟିଯିବ ହୁଏତ, ବା ଦେଖି ଦେଲେ ଦିହ ପଥର ପାଲଟିଯିବ । ମନ୍ଦ ଦେଖିବା ନାହିଁ, ମହାତ୍ମାମାନେ କହନ୍ତି ।

ଶରତ୍‌ଜ ଏ ସୂର୍ଯ୍ୟାସ୍ତ ପାଷାଣ ଦିହରେ ମଧ୍ୟ ଉନ୍ମାଦନା ଆଣିଦେଲା । ଦ୍ୱିତଳ ପ୍ରସାଦର ଅଦୂରରେ ଯେଉଁ ଘୁଷୁରି ସାହିଟା ଥିଲା, ସେଥିରୁ କଳା ପିମ୍ପୁଡ଼ି ଗାତରୁ ବାହାରିଲା ପରି କିଳିକିଳା ନାଦକରି ଧାଇଁ ଆସିଲେ ଗୁଡ଼ାଏ ଲଙ୍ଗୁଳି ପିଲାଝିଲା ପିଚୁ ରାସ୍ତା କଡ଼ରେ ଜମା ହୋଇଥିବା ପର୍ବତ ପ୍ରମାଣ ବାଲିସ୍ତୂପକୁ । କେଡ଼େ ନିର୍ମଳ, କେଡ଼େ କୋମଳ, କେଡ଼େ ସ୍ଥିତିସ୍ଥାପକ, ବାଲିଗଦାଟି । ଶିଶୁ ଆଖିରେ ଦୂରରୁ ମାଆ ସ୍ତନର ଭ୍ରମ ସଞ୍ଚାର କରିବ । ଚଢ଼ିଗଲେ ଚାରିପଟୁ ପାହାଡ଼ ଚଢ଼ାଳିମାନେ ବିଭିନ୍ନ ଦିଗରୁ ଏଭରେଷ୍ଟକୁ ଚଢ଼ିବା ରୀତିରେ । କାହାରି ଦିହରେ ଚାଖଣ୍ଡେ କନା ନାହିଁ । ଯିମିତି ମାଆ ଜନମ କରିଥିଲା, ସେମିତି ଲଙ୍ଗଳା ଫୁଙ୍ଗୁଳା ଉପରକୁ ଚଢ଼ିଯାଆନ୍ତି, ବସିପଡ଼ି ତଳକୁ ଖସଡ଼ି ଆସନ୍ତି । ଆଖି ମୁଣ୍ଡ ଚୂଳ ବାଲିମୟ । "ଅହୋ ରୂପଂ ଅହୋଧ୍ୱନି !"

ବାଲିଗଦା ତଳକୁ ଅଦୂରରେ ଅଗଭୀର ପଲ୍ୱଳ । ବର୍ଷା ପାଣିକୁ ଅଗସ୍ତ୍ୟ ତାରା ପ୍ରଭାବରେ ଆବିଳତା ଦୂର ହୋଇ କୁଆଆଖି ପରି ନିର୍ମଳ ହୋଇଯାଇଛି । ବିନା ଶିକ୍ଷାଦିକ୍ଷାରେ ଘୁଷୁରିସାହି ପିଲାଗୁଡ଼ାକ ବି କେଡ଼େ ସୁନ୍ଦର ଖେଳିପାରନ୍ତି । ପାହାଡ଼ ଚଢ଼ିସାରି ସିଧାସଳଖ ପଶିଗଲେ ପାଣିଗାଡ଼ିଆ ଭିତରେ । ପରସ୍ପରକୁ ପାଣି ମରାମରି ହୋଇ ପୁଣି ପାହାଡ଼କୁ, ପାହାଡ଼ରୁ ପୁଣି ପଲ୍ୱଳକୁ । ଦିହ ଥରେ ପୂରା ଲଙ୍ଗଳା ତ ପରମୁହୂର୍ତ୍ତରେ ସିଲକ୍ ରଙ୍ଗର ନଈବାଲିର ଆବରଣ । ବାଃ ବାଃ ବଢ଼ିଆ ଖେଳ । ଲଙ୍ଗଳା ଆକାଶ ପକ୍ଷୀ, ଦେଖଣାହାରୀ ।

ଗଙ୍ଗାର ସ୍ୱାମୀ, ଗଙ୍ଗା ଆଉ ଚେମଟୀ ସେତିକିବେଳେ ସେଇ ବାଟ ଦେଇ ଫେରୁଥିଲେ । ଯିମିତି ଚେମଟୀ ସାଂଗ ପିଲାଙ୍କ ଖେଳ ଦେଖିଛି ସେ ବି ମାଆ ବାପାର ଅଲକ୍ଷିତରେ ଗାଡ଼ିଆ ପାଣିକୁ ଡ଼େଉଁଛି ଏବଂ ସେମାନଙ୍କ ସାଂଗରେ ପୂର୍ଣ୍ଣ ପ୍ରାଣରେ ଯୋଗଦେଇଛି । ଥକିଯିବା ପରେ ଯାଇ ସେ ତା' ପାଇଁ ଅପେକ୍ଷା କରିଥିବା ମାଆ ବାପା ସାଂଗରେ ଯୋଗ ଦେଲା ଏବଂ ତିନିହେଁ ସେଇ ରାସ୍ତା ଧଇଲେ ଯେଉଁଟି ଦ୍ୱିତଳ ପ୍ରାସାଦରେ କାର୍ପେଟ୍ ପ୍ରାଙ୍ଗଣ ପାଖ ଦେଇଯାଇଛି ।

ପ୍ରାସାଦ ରହନେବାଲାଙ୍କ ବାଲବଚାମାନଙ୍କର ଖେଳାଲୀଳା ସରିବା ଉପରେ । ପଶ୍ଚିମର ସୁନେଲୀ ଆଭା ପ୍ରାନ୍ତରକୁ ନୂଆ ବର୍ଣ୍ଣବିଭବ ଦେଇଥାଏ । ଚାରି ବର୍ଣ୍ଣର ନାରୀ ସେତେବେଳକୁ ଏକମତ ଯେ, ବାଳ ଦିବସଟି ପୂର୍ଣ୍ଣ ଆନନ୍ଦରେ କଟିଥାଆନ୍ତା ଯଦି ଘୁଷୁରି ସାହିର ଲଙ୍ଗଳା ଅସଭ୍ୟ ପିଲାଗୁଡ଼ାକ ଆଖିଆଗକୁ ଆସିନଥାନ୍ତେ । ଘୁଷୁରି ପିଲା ଆଉ ମଣିଷ ପିଲା ।

Digitized by srujanika@gmail.com

ଚେମଟୀ ଯାଉଁଳି ଫାଟକ ଦେଇ ଗୋଡ଼ ବଙ୍କେଇ ବଙ୍କେଇ ଖେଳି ଖେଳି ଗୁଣୁଗୁଣୁ ହୋଇଯାଇଥିଲା । କଣ ଭାବିଲା ବାଆଁ ବୁଲିଯାଇ ଦିଫାଳ କବାଟକୁ ଦି'ହାତରେ ଧରି ମେଲାକରି ଟିକି ଗୋଡ଼ ଦୁଇଟା ଦୁଇପଟେ ସୁଇଙ୍ଗ୍ କରିବାକୁ ଆରମ୍ଭ କରିଦେଲା । ଧୀରେ ଧୀରେ ଯେତେବେଳେ ଏପଟ ସେପଟ ହେଉଥାଏ ଦିଶୁଥାଏ ଯିମିତି ପ୍ରଜାପତି ଡେ଼ଣା ଦିଟା ମେଲାଉଛି, ବନ୍ଦ କରୁଛି ଏବଂ ଫୁଲରୁ ମହୁ ଚୋଷୁଛି । ବେଲକୁନିର ଦେଖଣାହାରୀ ସ୍ତବ୍ଧ, ଚକିତ, ଆଚମ୍ବିତ । ପିଲାଝିଲାଏ ଚେମଟୀର ଏ ସରକସ ନିର୍ବିକାର ଚିତ୍ତରେ ଦେଖିଲେ ମଧ୍ୟ, ଉପରବାଲୀମାନେ ଭାବିଲେ ବାରବର୍ଷର ତପସ୍ୟା ଶୁଖୁଆ ପୋଡ଼ାରେ ଗଲା । ପ୍ରତିଶୋଧ ଛଳରେ ବୋଧହୁଏ ଗଙ୍ଗା ଚେମଟୀକୁ ଏ ସରକସ ଦେଖାଇବା ପାଇଁ ଲଗେଇଛି । ଚାରିଜଣଯାକ ବାଘୁଣୀ, ସର୍ପିଣୀ ପରି ନାକପୁଡ଼ା ଫୁଲାଇ ଫଁ ଫଁ ହାଉଁ ହାଉଁ ଗର୍ଜନ ଆରମ୍ଭ କରିଦେଲେ ।

"ଡ଼ାହାଣୀ ।"

"ପେଟାଶୁଣୀ, ଚିରଗୁଣି ।"

ଗଙ୍ଗା ଚୁପ୍, ନୀରବ । ସହିଷ୍ଣୁତାର ଅବତାର ।

"ଚୋରଣୀ ।"

"ବେଧେଇ ।"

କାଳାନ୍ତକ ଅଗ୍ନିପରି ଗଙ୍ଗାର ଚକ୍ଷୁ ପ୍ରଜ୍ୱଳିତ ହେଲା । ଯେଉଁ ମ୍ଳେଛନିବନ୍ଧନିଧନ କଳ୍‌କୀ ଅବତାର ଏ ଚାରିଜଣ ମହିଳା କେବେ ଦେଖିନଥିଲେ ସେ ରୂପ ପ୍ରକଟ କରି ଗଙ୍ଗା କହିଗଲା କିରେ କହିଲୁ ? ଚୋରଣୀ ! ଭାବିଛୁ ତର ଷ୍ଟେନ୍‌ଲେଶ୍ ଷ୍ଟିଲ୍ ଜିନିଷ ମୁଁ ନେଇଛି ? ପୁଲିସ୍ ଆଣି ସରଚ୍ କର, ଦେଖିବୁ ସବୁ ଏଇ ତୁମର ଘରେ ଅଛି, ଯା ଚିଜ ତା'ଠି, ତାର ବାସନ ତୋ'ଠି । ମୁଁ ଚୋରଣୀ ! କି ସାଧୁରେ !

ନାୟିକାମାନେ ପରସ୍ପରକୁ ଚାହିଁଲେ ନୂଆ ଆଖିରେ । ଗଙ୍ଗା ଧର ଜଟାରୁ ଏତେଦିନ ପରେ ମୁକୁଳିଛି, ଜହ୍ନୁମୁନିର ହେଉ ଆଉ କାହାର ହେଉ ସମସ୍ତ ଆଶ୍ରମ ପ୍ଳାବନ କରି ଚାଲିଯିବ । "କଣ କହିଲୁ, ବେଧେଇ ! ବେଧେଇ କାହାକୁ କହନ୍ତି ଜାଣିଛୁ ? ସହର ବଜାରେ କିଏ ଅଛ ଧାଇଁ ଆସ ବେଧେଇ ଦେଖିବତ ! ମତେ ଫାଟକ ଜଗାଇ ଦେଇ ଫାଟକର ଚାବିକାଠି ସାତ ଆଠ ବର୍ଷ ହେଲା ମୋ ହାତକୁ ବଢ଼େଇ ଦେଇ କହୁଛି ମୁଁ ବେଧେଇ । ଦେଖ ହେଇଟା ମୋ ଝିଅ ଚେମଟୀ । ତା ମୁହଁକୁ ଚାହାଁ, ତା ବାପ ଏଇଠି ଛିଡ଼ା ହୋଇଛି, ବାପଝିଅର ମୁହଁ ମେଳକରି ଦେଖ । ଆଉ ତୁମେ ଚାରିଟା ଯେଉଁ ଦି'ଗଣ୍ଡା ଜନମ କରିଛ ତାଙ୍କ ମୁହଁକୁ କାହା ମୁହଁ ସାଂଗରେ ମେଳ କରିବ ? କଣ ଯେ କହନ୍ତି ଏଇଟା ମତେ ଜଣା । ବେଶ୍ୟାଘର ? କିଏ ନ ପଶିଛି ବଜାରର ତୁମ ଘରେ ? ସମସ୍ତଙ୍କ ନାଆଁ ଗାଁ ମତେ ଜଣା । ବେଧେଇ ମୁଁ ! ଷ୍ଟେନ୍‌ଲେଶ୍ ଟିଲ୍ ତୁମ ଟିଲ୍ ବି ନାହିଁ

Digitized by srujanika@gmail.com

କି ଟେନ୍‌ଲେଶ୍ ନାହିଁ । ଗୀତରେ ଅଛି ନା, ଚିତ୍ର ପ୍ରତିମା ପ୍ରାୟ ଦିଶୁ ସୁନ୍ଦର, ଚିରି ଭିତର ଦେଖ ..... ଆଉ କାହା ଆଗରେ ସତୀ ବୋଲାଇବ ।"

ଝିଅକୁ ଫାଟକରୁ ଓହ୍ଲାଇ ନେଇ ଗଙ୍ଗା, ଗଙ୍ଗାର ସ୍ୱାମୀ ଓ ଚେମଟୀ ଚାଲିଗଲେ । ଉପରେ ରେଲିଂ ଧରି ବେଲକୁନୀରେ ଛିଡ଼ା ହୋଇଥିବା ଚାରିଜଣ ସ୍ତ୍ରୀଙ୍କୁ ଜଣାଗଲା ଏତେଦିନ ଧରି ବାସୁକୀ ମୁଣ୍ଡାଇଥିବା ପୃଥିବୀଟି ଭୂମିକମ୍ପରେ ଟଳମଟଳ ହେଉଛି ।

# ନିତ୍ୟ ରାସ

କି ବିଚିତ୍ର ସ୍ତ୍ରୀ ଲୋକଟା ! କେଡ଼େ ଜିଦ୍‌ଖୋରୀ ସତରେ ! ସାମାନ୍ୟ କଥାରେ ମାନ କରି (ଚିଡ଼ିବାର ଅଭିନୟ କରି) ଦିନ ଦି'ପହରଟାରେ ଶାଢ଼ୀଟାଏ ପିନ୍ଧି ବିନା ଅତର ପାଉଡ଼ରରେ ଘରୁ ବାହାରିଗଲା ଯେ, ଥରେସୁଦ୍ଧା ନେତ୍ର ଢାଳି ଫେରିଚାହିଁଲା ନାହିଁ । ଭାତ ଗଣ୍ଡେ ତ ବାଢ଼ି ଦେବା ଦୂରର କଥା । ଓଲଟି କହିଲା, "ମୁଁ ଭାତଫାତ ବାଢ଼ିଦେଇ ପାରିବି ନାହିଁ । ଯାହାକୁ ଭୋକ କରୁଛି ସେ ନିଜେ ବାଢ଼ିଆଣି ଖାଉ ।" ରବିବାରଟା ମର୍ଡ଼ର ହୋଇଗଲା । କେତେ କଣ ମଣିଷ ଭାବିଥିଲା, ଆଶା କରିଥିଲା ।

ବିନା ମେଘରେ ଏ ଅଚାନକ ବଜ୍ରପାତର କାରଣ କଣ ନା ମୁଁ କଷ୍ଟ ଦେଇ ଠିକ୍ ସମୟରେ ଟିଉସନ୍‌ରୁ ଫେରି ପାରିଲିନାହିଁ । ମାଟିନୀ ସୋ'ର ସମୟ ଗଡ଼ିଗଲା । ସିଏ ରନ୍ଧାବଢ଼ା ସାରି ପ୍ରାୟ ରେଡ଼ି ହୋଇ ଆଗ୍ରହ ପ୍ରତୀକ୍ଷାରେ ମତେ ଚାହିଁବସିଥିଲେ । ଶାମ ଆସିଲେ ନାହିଁ, ମଲ୍ଲୀମାଳ ବାସୀ ହେଲା । ସିନେମା ଦେଖା ନହେଲା ବଡ଼ କଥା ନୁହେଁ, ଅସଲ କଥା ହେଲା, "ଅବା କେଉଁ ରସିକା ରସରଙ୍ଗରେ, ଛନ୍ଦି ରଖିଲା ଅବା ପ୍ରେମ ଫାନ୍ଦରେ ।" "ଏ ଘନ କାଳରେ ଘନ ବିଜୁଳୀରେ ଛନକା ଲାଗୁଛି କାନ୍ତ କାହା ପୁରେ ରହିଲେ, "ଏମିତି ଏକ ସନ୍ଦେହ ତାଙ୍କ ଛାତିକି କୋରି ଖାଇଲା ବୋଧହୁଏ ।

ପହୁଞ୍ଚି ଝାଳ ମୁହଁରୁ ପୋଛି ସାରିଛି କି ନାହିଁ ହାତେ ଉଚ୍ଚ ଫଣା ଟେକି ନାଗୁଣୀ ପରି ଆରମ୍ଭ କଲେ, "ସେ ଝିଅଟାର ମୁଣ୍ଡରେ ଗୋବର ଅଛି ନା କଣ ଘଣ୍ଟା ଘଣ୍ଟା ଧରି ତା' ମୁହଁକୁ ଚାହିଁ ପାଠଗୁଡ଼ାକ ପିଆଇ ପୂରାଇ ଦେଲେ ବି ଭିତରକୁ ପଶୁନି । ତୁମେ ଏକା ମାଷ୍ଟର ନା ଦୁନିଆରେ କେହି ଅଛନ୍ତି ? ଡ଼ାଉଟ୍‌ଗୁଡ଼ାକ ତାର କଣ ଶର୍ଦ୍ଦି ପରି ଏତେ ଜୋର ବସିଯାଇଛି ଯେ ତୁମେ କ୍ଲିଅର୍ କହିପାରୁନ ଘଣ୍ଟା ଘଣ୍ଟାରେ ? ଏଥିପାଇଁ ଓ.ଇ.ଏସ୍. ଛାଡ଼ି ଓ.ଏ.ଏସ୍. କୁ ଗଲନି ।"

Digitized by srujanika@gmail.com

ସେ ବର୍ଷିଯାଉଛନ୍ତି; ମୁଁ ଭିଜି ତିନ୍ତି ଜଡ଼ସଡ଼ ହୋଇ ବଜ୍ରବିଦ୍ୟୁତ୍‌କୁ ମୁଣ୍ଡପାତି ସହି ଯାଉଥାଏ । ଅପରାଧୀ ପରି ମନେ ମନେ ଭାବୁଥାଏଁ, "ଏଇ କଥାକୁ, ନାଆ ପେଲିଦେଲ କଲିକତାକୁ ।" ଲଳିତା, ବିଶାଖା, ବୃନ୍ଦାବତୀ ଆଡ଼କୁ ଶ୍ରୀକୃଷ୍ଣ କେତେବେଳେ କିମିତି ଢ଼ଳୁଥିଲେ ବୋଲି ରାଧା ତ ଗୋପପୁର ଛାଡ଼ି ମାଉସୀ ଘରକୁ ରାଗିମାଗି ଦିନ ଦି'ପହରେ ପାଗଳୀ ପରି ଧାଇଁଯାଇନଥିଲେ । ମାଟିନୀ ସୋ' ନହେଲା, ଇଭିନିଂ ସୋ, ନହେଲେ ରାତି ସୋ' ତ ଅଛି । ଘରେ ନା ପିଲା ନା ଝିଲା, ତାଲା ପକେଇଲ, ବାହାରିଗଲ । ବାବା, କି ନାକଫୁଲ ! କି ଆଖି ! ରାଉରାଉ ହୋଇ ରଡ଼ ନିଆଁପରି ଜଳୁଥାଏ । ସାକ୍ଷାତ୍ ରଣଚଣ୍ଡୀ । ମଦନ ପରି ମୁଁ ଆଖି ପିଛୁଳାକେ ଭସ୍ମ ହେଇଗଲି ଯେମିତି । ବିଜୟ ଦର୍ପରେ ପାଉଞ୍ଜ ଝମ୍‌ଝମ୍ କରି ଚାଲିଗଲେ ସିଡ଼ିରୁ ଏକା ନିଶ୍ୱାସରେ ଓହ୍ଲାଇଗଲେ ଦିହ ହଲାଇ । ଏଯାକେ କାନରେ ଚପଲର ଧପ୍‌ଧାପ୍ ଶବ୍ଦ ବାଜୁଛି । ବେଶ୍! ହେଉ ଦେଖିବା । ଏଣ୍ଟୁଅ ଯାଇ ବାରୁଣୀ ମୁଣ୍ଡଯାକେ ତ ଯିବ, ଆଉ କେତେ ଦୂର !

ବେଲକନିର ରେଲିଂ ଧରି ଛିଡ଼ା ହୋଇଥାଏ ପଶ୍ଚିମ ଆଡ଼କୁ, ସର୍ଣ୍ଣଚୂଡ଼ ପାହାଡ଼ ଆଡ଼କୁ । ପବନ ଧୀରସ୍ଥିର । ତତଲା ମୁଣ୍ଡ, ଭୋକିଲା ପେଟରେ ଦୁନିଆଁ ଫାଙ୍କାଫାଙ୍କା ଲାଗୁଥାଏ । ହଠାତ୍ ସୁଲୁସୁଲିଆ ପବନ ସହିତ ପୃଥିବୀକୁ ଅନ୍ଧାର କରି ମାଡ଼ି ଆସିଲା କଳାହାଣ୍ଡିଆ ମାନଗଡ଼ିଆ ମେଘଟାଏ, ବଜ୍ରବିଦ୍ୟୁତ୍ କୁଆପଥର, ଘୂର୍ଣ୍ଣିବାୟୁ ଆଦି କେତେ କ'ଣ ଠେସାଠେସ୍ ଭର୍ତ୍ତି କରି ତୂଣୀରରେ, ଗୋଟାଏ କଳା ଦାନବ ପରି ଆମରି ଘର ଆଡ଼କୁ । ଉତ୍ତରରୁ ଦକ୍ଷିଣକୁ ସ୍ପର୍ଶକରି, ପୃଥିବୀର ମାନଦଣ୍ଡ ପରି । ମେଘ ଦେଖିଲେ ସୁଖୀ ଲୋକର ମନ ଆନମନା ହୋଇଯାଏ, ରସିକା ପତ୍ନୀ ବିରହିତ ଯୁବକ ସ୍ୱାମୀର ମନ ରବିବାରିଆ ଦି'ପହରେ ଅଚାନକ ଏ ମେଘା ବେଲକନୀରେ କଣ ନ ହେବ ବା । ଭଲ ହୋଇଛି ଏକ ରକମ । ପାଞ୍ଚ ମିନିଟ୍ ତଳେ ତା ଠୁଁ ଯେଉଁ ମାଡ଼ଟା ଖାଇଛି ତାର ଯନ୍ତ୍ରଣାରେ ଦିହମୁଣ୍ଡ ଗରମ । ଆସୁ ଭଲା ଅସରାଏ ବର୍ଷା, ଝଡ଼ ତୋଫାନ ସହିତ, ଯଦିବା ଦିହମୁଣ୍ଡ ଥଣ୍ଡା ହୁଏ । ଆସ ବଜ୍ର, ଆସ ବିଦ୍ୟୁତ୍, ଆସ ବର୍ଷା ।

ବଜ୍ର ବିଦ୍ୟୁତ୍ ସହିତ ବର୍ଷା ଓ ପବନ ଆସିଲେ, ପ୍ରାୟ ପ୍ରଳୟଙ୍କରୀ ରୂପ । ମାତ୍ର କେତେ ସମୟ ପୂର୍ବରୁ ଯେଉଁ ଆକାଶ ନିର୍ମଳ ଥିଲା, ହଠାତ୍ ଅନ୍ଧକାରମୟ ହୋଇଗଲା । ବଡ଼ ବଡ଼ ଟୋପାରେ ଝଡ଼ଝଡ଼ କରି ଆରମ୍ଭ । ଏତେବଡ଼ ମେଘଟା ମୋରି ମୁଣ୍ଡ ଉପରେ ଖସିପଡ଼ିବ ଯେମିତି । କଣେଇ ଚାହିଁଦେଲି ପଛପଟ ରାସ୍ତା ମୋଡ଼କୁ । ମାନିନୀର କାନ୍ଧରୁ ଖସି ପଡୁଥିବା ଶାଢ଼ୀର ଝଲକଟା ମାତ୍ର ଦିଶିଲା । ମୁଁ ପଛପଟୁ ତାକୁ କାଳେ ଦେଖୁଥିବି ବୋଲି ସେ କଣ ଫେରି ଚାହିଁଥିବ ? ନା ବୋଧହୁଏ, ଭୀଷଣ ରାଗି ଯାଇଛି । ଜୋର ଅଭିମାନ ।

ଭାରି ଭଲ ଲାଗୁଥାଏ ଥଣ୍ଡା ପବନଟା । ଆହୁରି ଭଲ ଲାଗୁଥାଏ ତୀର୍ଯ୍ୟକ୍ ହୋଇ କପାଳରେ ପଡୁଥିବା ଗୋଟାଏ ଦୁଇଟା, ଦୁଇ ଚାରିଟା ବଡ଼ ବଡ଼ ପାଣିଟୋପା । ବାସ୍

Digitized by srujanika@gmail.com

ସେତିକି । ବହ୍ୱାରମ୍ଭେ ଲଘୁକ୍ରିୟା । ଏଡ଼େ ବିରାଟ ଆୟୋଜନ, ଅଭିଯାନ (ଅଭିମାନ ?) ହାସ୍ୟାସ୍ପଦ ରୀତିରେ ଅଳ୍ପକେ ଶେଷ ହେଲା । ଛିନ୍ନଛତ୍ର ହୋଇ ମେଘ କ୍ରମେ କୁଆଡ଼େ ମିଳେଇଗଲା । ଆକାଶ ସଫା ପୁଣି ।

ସବୁ କଥାର ଏଣ୍ଟିକ୍ଲାଇମେକ୍ସ ପରି ସମସ୍ତ ଟେନ୍‌ସନ୍ ଉଡ଼ାଇଦେଇ ଚଲାମେଘ ପରି ଆସିଲା ତଳେ ଏକ ବିବାହ ଶୋଭାଯାତ୍ରା । ଡ଼ିସ୍‌କୋ ଡ଼େନ୍‌ସର ଅନୁକୃତି ବିକୃତି । ହେଞ୍ଜେଡ଼ା ନାଚୁଣୀ ଅଭାବରେ ଚଉଦ ବର୍ଷିଆ ଦିଅର ଟୋକାଟାଏ (ବୋଧହୁଏ) ମଟର ଭିତରେ ବର ବେଶରେ କନ୍ୟାକୁ ଧରି ବସିଥିବା ଭାଇର ଆନନ୍ଦାତିଶଯ୍ୟାର ସ୍ୱରୂପ ଫୁଟାଇ ଥାଏ ବାଜାବାଲାଙ୍କ ଆଗରେ । ଅହୋରପମ, ଅହୋ ଧ୍ୱନି । ମନଟା ସାମାନ୍ୟ ହାଲୁକା ହେଲା ବରଷା ଟୋପା ଖାଇ, ମନୋରଞ୍ଜନ ବିଚିତ୍ର ଡ଼ିସ୍‌କୋ ଉପଭୋଗ କରି ।

ଝଡ଼ ବର୍ଷା ବା ଖରାଦିନିଆ ଖଣ୍ଡିଆ ଭୂତ ପରି ବିବାହ ଶୋଭାଯାତ୍ରା ବି ଚାଲିଗଲା । ମାନିନୀ ବି କେତେ ଦୂର ଚାଲିଯାଇଥିବ । ବର୍ଷାରେ ନିଶ୍ଚୟ ଭିଜିଥିବ । ଏଡ଼େ ବଡ଼ ବଡ଼ ଟୋପାର ମାଡ଼ ମୋର ଆଙ୍ଗୁଳି ଆଗରେ ଖେଳ କଉତୁକ ବେଳର ଶରଧାର ଠୋକ୍‌କର ପରି । ତା ପୁଚୁକା ଗାଲ ଦିଟା ସହି ପାରିଥିବ ? ଛାଡ଼, ଯେ ଯିବାକୁ ଚାହେଁ ତାକୁ ଯିବାକୁ ଦିଅ । ତା ମାଉସୀ କଣ ଭାବିବ ? କିଛି ଭାବିବ ନାହିଁ ହୁଏତ । ଘଇତା ମାଇପ କଳି, ଦାଣ୍ଡର ଧୂଳି । ଉଡ଼ିଯିବ, ଟିକିଏ ପବନରେ । କଦମ୍ବ ବନେ ବଂଶୀ ବାଜିବ, ରାଧା ଦମ୍ଭ ଶିଖରୀ ଭାଜିବ ।

ଅଦେଖିଲା ଦେଖଣାହାରୀଏ ମୁଣ୍ଡ କପାଳରୁ ବର୍ଷାବିନ୍ଦୁ ଝାଡ଼ିପୋଛି ଶୋଭାଯାତ୍ରା ସାଂଗେ ସାଂଗେ ଚାଲିଥାନ୍ତି । ବେଳ ପାଚିଲେ କୁଆର କି ଯାଏ । ଶାଢ଼ୀ ଭିତରେ ଦରଚି ସ୍ପଷ୍ଟ ଦିଶିଲା, ବେହିଆଙ୍କ ପରି କନିଆଁ ପିଠି ପଟେ ହାତ ରଖି ବିଜୟଦୃପ୍ତ ଭଙ୍ଗୀରେ ବସିଥାଏ । କଣ ଭାବିଛି ସିଏ ? ତା' ମାନିନୀର ମାନ ଅଭିମାନ ଗୁମାନ ଲାଜସରମ ଭାଙ୍ଗିବାରେ ତା ଜୀବନ କଟିଯିବନି । ଚତୁର୍ଥୀ ବାସର ରାତି ପାଖରୁ ତା ଅବସ୍ଥା ମୋରି ପରି ଦିଗଣ୍ଡା ଦିକଡ଼ା ହେବନି । ଗୁମ୍‌ମାରି ବସିଛି ମୋଟେ ହସ ଫୁଟାଇ ନାହିଁ ଓଠରେ । କି ଗମ୍ଭୀର ଚେହେରା ! Man of the match ! ଫୁଟାଣୀ ବଢ଼ିଯାଇଛି । ବୁଢ଼ାବୁଢ଼ୀମାନେ, ଏ ଛୋଟ ଛୋଟ ବାଳୁଙ୍ଗାଗୁଡ଼ାକ କଣ ରସ ପାଆନ୍ତି ବାହାଘର ଶୋଭାଯାତ୍ରାରୁ ! ବାଜା ବାଜିଲେ ଝରକା କବାଟ ଧଡ଼୍‌ଧାଡ଼୍ ଫିଟିଯାଏ ।

ଜିଭ ତଳେ ମୋର ଟେମ୍ପୋରେଚର ଅଠନବେ ପଏଣ୍ଟ ଚାରି । ଆକାଶ, ସର୍ଣ୍ଣଚୂଡ଼ ପାହାଡ଼ ଆଉ ଆଖି ବି ମୋର କ୍ରମେ କ୍ରମେ ତଳକୁ ଖସିଲା । ତଳରୁ ତଳକୁ, ଏକାବେଳେ ବେଲକନିର ମୋ ଗୋଡ଼ ତଳୁ ତଳ ଲାଲ ଗୋଡ଼ି ବିଛା ରାସ୍ତାକୁ, ଯେଉଁଠି ଅଳ୍ପ ସମୟ ଆଗରୁ ଉନ୍ମତ୍ତ ଡ଼ିସ୍‌କୋ ଚାଲିଥିଲା । ବାଡ଼କୁ ଲାଗି ମନ୍ଦାର ଲତାର ରାସ୍ତା ଆଡ଼କୁ ନୁଆଁଣିଆ ଡାଳର ତଳକୁ ଛିଡ଼ାହୋଇଛି ସ୍ତ୍ରୀ ଲୋକଟିଏ । ତାରି ପାଖ ଦେଇ ଶୋଭାଯାତ୍ରା ଚାଲିଯାଇଛି ।

Digitized by srujanika@gmail.com

. ଅନେକ ସମୟ ଧରି ସେ ସେଇଠି ଚୋରଣୀଟି ପରି କାଳେ କିଏ ଆସିବ ତାକୁ ଧରିନେବା ପାଇଁ, ଭୟରେ ଛିଡ଼ା ହୋଇଛି । ମୋର ନିଜ ମୁଣ୍ଡ ଭିତରେ କଣ ହେବ, କଣ କରିବି, ଚିନ୍ତାରେ ଭରପୂର । ତେଣୁ ମତେ ଦିଶୁନଥିଲା । ବର୍ତ୍ତମାନ ତାର ଆକାର ରୂପ ଆଡ଼କୁ ନଜର ଗଲା । ବିନା ବ୍ରା ଓ ବ୍ଲାଉଜରେ ଝୁମ୍ପୁରୀମୁଣ୍ଡି (ବିବାହିତାର ଚିହ୍ନ ବର୍ଣ୍ଣ କାହିଁ ଦିଶୁନାହିଁତ) ଝିଅଟା ରାସ୍ତାକୁ ଝୁଲି ଝୁଲି ପଡ଼ିଥିବା ମନ୍ଦାର ଡ଼ାଳ ତଳେ ଛିଡ଼ାହୋଇଛି । ତା' ଦେହର କିଛି ଅଂଶ କେତେବେଳେ ଦିଶୁଛି ତ ଅନ୍ୟ କେତେବେଳେ ଦିଶୁନି । ଛିଡ଼ାହୋଇ ହୋଇ ଗୋଡ଼ ଥକିଯିବାରୁ ଦିହର ଭାର ଗୋଟାଏ ପାଦକୁ ନେଲା । ମୁହଁଟା ଏଥର ଦିଶିଲା, ଗୋଲ ନିଟୋଳ । ସାବନା ଦିହ, ମସିଆ ବହଳ ଇଞ୍ଚକିଆ ଧଡ଼ିଥିବା ଲୁଗା । ବର୍ଷାରେ ଭିଜିତିନ୍ତି ଛିଡ଼ାହୋଇଛି କିଛି ନ ଜାଣିଲା ପରି । ନିଷ୍ପାପ, ନିର୍ଦ୍ଦୋଷ ପରି । ଦିହଯାକ ଯୌବନ । ଦାରିଦ୍ର୍ୟ ଭିତରେ ପ୍ରାଚୁର୍ଯ୍ୟ ଫୁଟି ଦିଶୁଛି ।

କାନ୍ଦୁଛି ? ଆଖି ଲୁହ ? ନା ବର୍ଷା ବିନ୍ଦୁ ପକ୍ଷ୍ମରେ ଦଣ୍ଡେ ରହି ତଳକୁ ଝରି ଝରି ଝୁଲୁଛି ? ଡ଼ାହାଣ ବାଁ କୁଆଡ଼େ ଚାହୁଁନି । ଏତେ ଆତ୍ମସ୍ଥ ! କହିବି ଭାବୁ ଥିଲି, "ଏ ଏଠି କଣ କରୁଛ ? କାହିଁକି ଠିଆ ହୋଇଛ, ଏତେ ସମୟ ଧରି କାହାକୁ ଅପେକ୍ଷା କରିଛ ? ବର୍ଷା ଟୁପୁ ଟୁପୁ କେତେବେଳେ କିମିତି ଖସୁଛି । ଆ ଆମ ବେଲକନି ତଳ ବାରଣ୍ଡାକୁ ଆ ।" ଉହୁଁ ଠିକ୍ ହବନି । ମାନିନୀ ଯଦି କାହା ଡ଼ାକରେ କାହା ପିଣ୍ଡା ତଳେ ଆଶ୍ରା ନିଏ ? ଯଦି ଫେରି ଆସେ ଏକ୍ଷଣୀ ଅନ୍ୟ କେଉଁଠି ଆଶ୍ରୟ ନପାଇ, ଭିଜିତିନ୍ତି !

ୟାର ବି ସ୍ୱାମୀ (ଯଦି ଥାଏ, ଏମାନେ ସିନ୍ଦୁର କଣ ସୁନ୍ଥାରେ ନାଆନ୍ତି ନାହିଁ ?) କ'ଣ ଟିଉସନକୁ ଯାଇଥିଲା ? ମାନିନୀ ପରି ଏ ବି ତା ସ୍ୱାମୀ ଉପରେ ରାଗିମାଗି ଅଭିମାନ କରି ଘରଦ୍ୱାର ଛାଡ଼ି ତା ମାଉସୀ ଘରକୁ ଯାଇଛି ? ଫୁଲାଫୁଲି ଫଟାଫଟିରେ କେତେ କାଳ ଘଇତା ମାଇପ ଅଲଗା ରହିବେ କି !

"ହେଇରେ ଏଇଠି ଠିଆ ହୋଇଛି" କହିଲା ଭଙ୍ଗୀରେ ରିକ୍ସାବାଲାଟି । ହଠାତ୍ ବେଙ୍କ୍‌ରୁ ଆଣିଥିବା ନୂଆ ରିକ୍ସାରେ ବ୍ରେକ୍ ଦେଇ ଓହ୍ଲାଇ ପଡ଼ିଲା । ଘଣ୍ଟା ଘଣ୍ଟା ଧରି ସହରର ଅନ୍ଦିସନ୍ଧି ଖୋଜି ପାଇନଥିଲା ତାକୁ ଯେମିତି । ଓହ୍ଲାଇପଡ଼ି ଆଶ୍ୱସ୍ତିରେ ନିଶ୍ୱାସଟାଏ ମାରି ସିଧା ରିକ୍ସାରୁ ଟାଣି ନେଇଆସିଲା ବାଡ଼କଡ଼କୁ, ମନ୍ଦାର ଡ଼ାଳ ତଳକୁ । ଆଗ ଡ଼ାଳରୁ ଫୁଟି ଝୁଲୁଥିବା ଗୋଟାଏ ଲାଲ୍ ଟକଟକ ମନ୍ଦାର ଫୁଲ ତଳକୁ । କ୍ଷଣେ ରହି ନାରୀ ମୂର୍ତ୍ତିଟି ଆଡ଼କୁ ମାଡ଼ିଯାଇ ଯିମିତି ତା ହାତକୁ ଧରି 'ଆ' ବୋଲି ଚଣ୍ଡାଳୁଣୀ କରିଛି ନାରୀଟି ତା ହାତକୁ ଜୋର୍‌ରେ ଛିଞ୍ଚାଡ଼ି ଦେଇ ପାଟିକରି କହିଲା "ମତେ ଜି ପାଇଲୁ କି ? ବାହାହେଇଛୁ ବୋଲି ଜୋର ଜବରଦସ୍ତ କରିବୁ ? ନୂଆ ରେକ୍‌ସା ଖଣ୍ଡେ ପାଇଗଲୁ ବୋଲି ସାଇର ସବୁ ଝିଅକୁ ବସେଇ ରଜ ପଡ଼ିଆକୁ ନେଉଥିବୁ ! ଆମର ରିକ୍ସା ଟାଣିବା ଦରକାର ନାହିଁ । ବିକିଦେ ରିକ୍ସା, ନ ହେଲେ ସରକାରଙ୍କୁ ଫେରେଇ

Digitized by srujanika@gmail.com

ଦେ ।" ଲୋକଟା ଶଙ୍କିଗଲା ପରି ପାହୁଣ୍ଡେ ପଛକୁ ଘୁଞ୍ଚିଗଲା । କିନ୍ତୁ ସେ ନଛୋଡ଼ବନ୍ଧା । ପଛଘୁଞ୍ଚା ନାହିଁ ବୀରର ଜାତକେ । ମୁଣ୍ଡରେ ବାବୁରି ବାଳ, କୁନ୍ତଳଗୁଡ଼ାକୁ ଲୁହା ତାରରେ ବାନ୍ଧି ଦେଇଛି ।

ଶ୍ରୀକୃଷ୍ଣଙ୍କ ମୁଖମଣ୍ଡଳ ପରି ଶୋଭନୀୟ ତାର ମୁଖ, ସୁଠାମ, ନିଟୋଳ । ଯେତେଥର ଆଗଉଥାଏ ତା ସ୍ତ୍ରୀ ଏମିତି ଭର୍ତ୍ସନା ସହିତ ଆଖି ଭଙ୍ଗୀ ଦେଖାଉଥାଏ, ଯହିଁରେ ହତାଶା ଓ ଅସହାୟତାର ଲକ୍ଷଣ ତା' ମୁହଁରେ ସ୍ପଷ୍ଟତର ହେଉଥାଏ । ଅବଶେଷରେ ଚିତ୍‌ପଟାଙ୍ଗ ହୋଇ ନରମି ପ୍ରାୟ କାନ୍ଦକାନ୍ଦ ସ୍ୱରରେ କହିଲା ସେ, "ରଜ ପର୍ବଟା, ସାଙ୍ଗସାଥୀ ମେଳରେ ଦୋଳି ପଡ଼ିଆକୁ ଚାଲିଗଲି, ଅଟକିଗଲି, ହାଣ୍ଡିଆ ଟିକେ ପିଇଦେଲି, ଧୁମୁଷା ମାଦଳରେ ମାତିଗଲି, ତତେ ରିକ୍ସାରେ ବସାଇନେଲି ନାହିଁ, କାଲିକି ବି ତ ରଜ ଅଛି । ଆୟ, ମୋର ଭୁଲ ହୋଇଯାଇଛି, ନିଶା ଛାଡ଼ିଯାଇଛି । ଏତିକି କଥାରେ ଘର ଛାଡ଼ି ଚାଲିଆସିଲୁ, ମୁଁ କେତେ ଖୋଜିଲିନି ତତେ, ହସିନା! ମାନ୍‌ଯା ।"

ମୁଁ କିନ୍ତୁ ରିକ୍ସାବାଲା ନୁହେଁ ଯେ, ନରମି ଯିବି। ମୁଁ କହିବି ନାହିଁ, "ଛୁଟି ଦିନ ଝିଅଟାକୁ ପୁଷ୍ପାଏ ପଢ଼େଇ ଦେଇ ଆସେ ବୋଲି ଚାଲିଗଲି, ଆଜି ନହେଲେ କାଲି ପୁଣି ତ ମାଟିନୀ ସୋ' ଅଛି ।" ମୁଁ କହିବି "ଯା ମ ତୋ ପରି ମାଇକିନିଆ ଢ଼େର ଦେଖିଛି । ଯା, ଚରିବୁଲି ଖାଇବୁ ।" କଦାପି ତାକୁ ଫେରାଇବାକୁ ଯିବିନି । ଏତେ ଅଯଥା ସନ୍ଦେହ । ମୁଁ ନେହୁରା ହେବିନାହିଁ । ମୋର ବି ତ ଇଜତ ମହତ୍, ମାନସମ୍ମାନ ଜ୍ଞାନ ଅଛି !

ରିକ୍ସାବାଲା ଯେତେ କହିଲେ ଭାଗବତ, ତୋଷ ନୋହିଲା ସ୍ତିରୀ ଚିତ୍ତ । ଦଣ୍ଡେ ପରସ୍ପରକୁ ଚୁପ୍‌ଚାପ ହୋଇ ଚାହିଁ ରହିଲେ ମାତ୍ର । ତାପରେ ଝିଅଟା ମୁଣ୍ଡ ଚୁଳରୁ ପାଣି ଝାଡ଼ିଝୁଡ଼ି ଦେଲା । ଖୋଷା ଫିଟାଇ ପୁଣି ବାନ୍ଧିଲା । କାନିରେ ପାଣି ଲୁହ, ମୁହଁ, ଆଖି, ଭୁଲତା ପୋଛି ସଫା କଲା । ପୁରୁଷଟା କହିଲା ପରି ମତେ ଜଣାଗଲା ସେ ଦିନ କାନଫୁଲ ଦୁଇଟାକୁ ଚାରିଟଙ୍କା କହିଲା । ଅଣ୍ଟାରେ ମୋର ୩ଟା ଟଙ୍କା ଥିଲା, ମାଲିକର ପଇସା । ଫେର ଗୁରୁବାର ଆସୁଛି, ରେମୁଣା ହାଟରୁ ଆଣିଦେବି । ତୋ ଦିହ ଛୁଉଁଛି । ଏତିକି କହି ତା ବାହୁର ଏମିତି ଜାଗାରେ ଧଇଲା ଯାହା କେବଳ ପୁରୁଷର ତା ନିଜ ସ୍ତ୍ରୀ ପକ୍ଷରେ ସମ୍ଭବ । କାରଣ ତା ପାପୁଲିର ପଛପଟ, ସ୍ତ୍ରୀ ଲୋକଟାର ସ୍ତନର ଇଞ୍ଚେ ପର୍ଯ୍ୟନ୍ତ ଦବି ଯାଇଥାଏ ।

ରଜାପୁଅ କି ମନ୍ତ୍ର ପଢ଼ିଲା କି ଗଦ ଶୁଙ୍ଘେଇଲା ହସିନା ମାନିଗଲା ଏବଂ ଯିବ ନଯିବ ଭାବ ଦେଖାଇ ରିକ୍ସାର ଡ଼ାଲାକୁ ପ୍ଲାଷ୍ଟିକ୍ ପରଦା ଟେକି ଜଙ୍ଘ ପର୍ଯ୍ୟନ୍ତ ଗୋଡ଼ ଦେଖାଇ ଚଢ଼ିଗଲା ଏବଂ ଲଥ୍‌କରି ବସିଗଲା ଯେଉଁ ଭଙ୍ଗୀରେ ଯାତ ଦେଖିବାକୁ ଆସିଥିବା ଦଳେ ସ୍ତ୍ରୀ ଲୋକେ ଧୂଳିମଳି ନ ବିଚାରି ସ୍ଥାନ ଅସ୍ଥାନରେ ନିର୍ବିକାର ଚିତ୍ତରେ ବସି ଯାଆନ୍ତି । ଏଇ ଅବସରରେ ରିକ୍ସାବାଲା କାନିରୁ ଧୂଆଁପତ୍ର ଆଉ ଚୂନ ବାହାର

Digitized by srujanika@gmail.com

କରି ପାପୁଲିରେ ମଳିଲା ଏବଂ ତିନି ଆଙ୍ଗୁଳିରେ ଟିପେ ନେଇ ତା ପାଟିରେ ପୂରେଇଦେଲା, ଚଢ଼େଇ ଛୁଆର ବଡ଼ ଆଁ କରିଥିବା ପାଟିରେ ପୋକଜୋକ ବାପ ଚଢ଼େଇ ପୂରାଇଲା ପରି । ପୁଣି କଣ ଭାବିଲା ମୁଣ୍ଡ ଉପରୁ ଡ଼ାଳ ନୂଆଁଇ ଫୁଲଟାଏ ତୋଳି ତା ଜଡ଼ାରେ ଗୁଞ୍ଜିଦେଲା ।

ମହାମୂଲ୍ୟ ଦୁର୍ଲଭ ହସଟିଏ ମୁହଁରେ ଖେଳାଇ ହସିନା କହିଲା "ଚଲା, ଜୋରେ ଚଲା । ତୁ ବଡ଼ ବଜାରୀ ହେଇଗଲୁ ।"

ସମଗ୍ର ବିଶ୍ୱର ଯୁଗ ଯୁଗର ରାସଲୀଳା ମୋରି ଆଖି ଆଗରେ ଅଭିନୀତ ହେଲାପରି ଲାଗିଲା । ରାଧାବୃନ୍ଦାଲଳିତାବିଶାଖା ସହିତ ଶ୍ରୀକୃଷ୍ଣ ଗୋପ ବାଳକଙ୍କ ଖେଳାଲୀଳା ମାନ ଅଭିମାନ, ମାନ ଭଞ୍ଜନ ସବୁ ଏଇ ରିକ୍ସା ଭିତରେ । "କୃଷ୍ଣ ନାମ ଆଜିଠାରୁ ମୋ ଶ୍ରବଣେ ..." "ଆସ କେ ଘେନିବ ଅଳତା", "ରଖ ଏ ସୁନ୍ଦର ଶାରୀକି" ଏବଂ ଶେଷରେ "ଝୁଲାଅ ଗୋ କିଶୋରୀ କହ୍ନା" । ମହାମିଳନର ସଂଗୀତ । ମୋହ ଗୋସାମୀଙ୍କ ସମଗ୍ର ରାସଲୀଳାର ଅଭିନୟ ମୋରି ଆଖି ଆଗରେ ।

ସ୍କୁଟରଟା ତଳେ ସଡ଼କ କଡ଼ରେ ଥୁଆ ହୋଇଥାଏ । ସାର୍ଟପେଣ୍ଟ ଗଳାଇଦେଇ ଚପଲରେ ଧପ୍‌ଧାପ୍ ସିଡ଼ି ଦେଇ ଓହ୍ଲାଇଗଲି । ଏକାଥରକେ ଷ୍ଟାର୍ଟ ହୋଇଗଲା ଏବଂ ଫାଙ୍କା ରାସ୍ତାରେ ସିଧା ଚାଲିଲି ମାନିନୀ ପଛରେ । ମାଉସୀବାଡ଼ି ପହୁଞ୍ଚିବାକୁ ଖଣ୍ଡେ ଦୂର ଅଛି ଧରିନେଲି ତା ରିକ୍ସାକୁ ଏବଂ ଯୋଡ଼ାଏ ଟଙ୍କାଦେଇ ରିକ୍ସାବାଲାକୁ ବିଦାୟ କରିଦେଲି । ତା' ମାନିନୀକି ରିକ୍ସାରେ ବସାଇବାକୁ ରିକ୍ସାବାଲାକୁ ଯେତେ ସମୟ ଲାଗିଲା ମତେ ତାର ଦୁଇଗୁଣ ସମୟ ଲାଗିଲା । କାରଣ ଆମ ସଭ୍ୟ ନାରୀର ମାନ ଏକାବେଳେକେ ପିତ୍ତ ମଗଜକୁ ଚଢ଼ିଯାଇଥାଏ । ପଦ୍ମତୋଳା ଗାଇ ସାପବିଷ ତଳକୁ ଖସାଇ ହେବ, ଏମାନଙ୍କୁ ବଶୀଭୂତ କରିବା ପୋଖତ ଗୁଣିଆର କାମ । ତଥାପି ପ୍ରାଚୀନ ରୀତିରେ ଆରମ୍ଭ କରିଦେଲି, 'ଯୋଷାବରରେ ଯଥାର୍ଥରେ ଜାଣି ମୁଁ ତୋହରଠେ' 'ଖଟାଅ ମୋତେ ..... ଖଟତଳେ ଦିବା ନିଶିରେ ସଂଗୀତ', 'ମରଦନିଆ ଚାକରରେ' ଏମିତି ଯେତେ ଯାହା ପଢ଼ିଥିଲି, ଶୁଣିଥିଲି, ଗୁଣିଗାରେଡ଼ି ମନ୍ତ୍ର । କିନ୍ତୁ ବୃଥା ଚେଷ୍ଟା, ପଣ୍ଡ ପରିଶ୍ରମ ।

ମୋର ଭାଗ୍ୟ ଯେ ଦଂଶନ ନକରି ଫଣା ହଲାଇ ନାଗୁଣୀ ମୋ ପଦ୍ମତୋଳା ଶୁଣିଲା । ଶେଷରେ ମୁହଁ ଛିଞ୍ଚାଡ଼ି କହିଲା, "ଛାଡ଼ ବାଜେ କଥା, କବିତା ଝିଅଙ୍କୁ ଶୁଣାଇବ କ୍ଲାସ୍‌ରେ, ଘରେ, ଟିଉସନ୍ ପଢ଼ାଇଲା ବେଳେ । ସ୍ତ୍ରୀକୁ କବିତା ଅବୋଧ, ଦୁର୍ବୋଧ । ଆଉ କଣ କହିବ କୁହ ।"

ନଗଦ ସଂଗୃହୀତ ଅଭିଜ୍ଞତା ରିକ୍ସାବାଲା ଓ ତାର ସ୍ତ୍ରୀ ମାନ ଓ ମାନଭଞ୍ଜନ ଓ ପୁନର୍ମିଳନ ଗାଥା ଗାଇଗଲି । ଶେଷରେ କବିସୁଲଭ ବର୍ଣ୍ଣନାଚାତୁରୀ ଦେଖାଇ କହିଲି,

Digitized by srujanika@gmail.com

କେମିତି ମହାମୂଲ୍ୟ ହସଟିଏ ରିକ୍ସାବାଲା ତା ଓଠରେ ଖେଳାଇଥିଲା ରିକ୍ସାରେ ନିଜ ସ୍ୱାମୀଦ୍ୱାରା ଟଣା ହୋଇଯାଇଥିଲା ବେଳେ ।

ମାନିନୀ ସାଂଗେ ସାଂଗେ କହିଲା, "ସେ ହସ ଦେଖିବାକୁ ଇଚ୍ଛାଥିଲେ ତୁମକୁ ରିକ୍ସା ଟାଣିବାକୁ ପଡ଼ିବ, ଚୂନ ଦୋକତା ପତ୍ର ଦଳି ମତେ ଖୁଆଇବାକୁ ପଡ଼ିବ, ମୋ ମୁଣ୍ଡରେ ବଣୁଆ ଫୁଲ ଖୋସିବାକୁ ପଡ଼ିବ, ଏପରିକି ହାଣ୍ଡିଆ ପିଇବାକୁ ପଡ଼ିବ । ମୁଁ ଯେତେବେଳେ କହିବି ଚଲାଓ, ଫୁର୍ତ୍ତି ଚଲାଅ" ମୋ କଥା ମାନି କାମ କରିବ । ଦେଖିବ ସେତିକିବେଳେ ସେଇ ହସ । ସ୍କୁଟର ପଛରେ ବସିଲେ ସେ ହସ ବାହାରିବ ନାହିଁ । ବା ସେ ହସ ତୁମକୁ ଦିଶିବନାହିଁ, କି ଶୁଭିବ ନାହିଁ । ବେହିଆ ! ଲାଜ ନାହିଁ! ଚାଲ ! ଏ ଯୁଗରେ ତୁମେ କାଚରା, ନାପିତୁଣୀ, ଚଢ଼େୟା ସାଜି ଏ ଯୁଗରେ ମାନଭଞ୍ଜନ କରିପାରିବନାହିଁ, ମାନିନୀର ବି ! ଦୋକତା ଟିପେ ଦିଅ, ରିକ୍ସାଟାଏ ଆଣ । ମୋତେ ଚଲାଅ । ମାଟିନୀ ସୋ କଥା କ'ଣ ହେଲା ?"

"କେତେ ଜିଦ୍‌ଖୋରୀ ମାଇକିନିଆ, କିଛି ଭୁଲିବ ନାହିଁ ।" ସ୍କୁଟର ପଛରେ ବସାଇ ମାଟିନୀ ସୋ'କୁ ଚାଲିଲା ।

# ଘେରାଓ ଓ ଶ୍ରୀଜଗନ୍ନାଥ

ମୁଁ ଏଥିପାଇଁ ନିଶ୍ଚିତ ଓ ନିଶ୍ଚିନ୍ତ ଥିଲି ଯେ ଦଳଟା ଆଜି ଆଉ ଆସିବେ ନାହିଁ । ମତେ ବିରକ୍ତ, ଉତ୍ୟକ୍ତ ଅଥବା ଉକ୍ଷିପ୍ତ କରିବେନାହିଁ । ବଡ଼ ବଡ଼ ଜଙ୍ଘା ଜଙ୍ଘା ପିଲାଗୁଡ଼ାକ, ଗୁଣ୍ଡାପରି ଚେହେରା, ବି.ଏ., ଏମ୍.ଏ. କ୍ଲାସରେ ପଢୁଥାନ୍ତେ । ଜଣେ କିଜଣଙ୍କ ନିଶ ଦେଖିଲେ ଡ଼ରମାଡ଼ିବ । ଜଣେ ଅଧେ ହୋଇଥାନ୍ତେ, ଏକାବେଳକେ ଆଠ ଦଶଜଣ । ମୋର ବାର ଫୁଟରେ ବାରଫୁଟ କୋଠରୀ ଭିତରକୁ ପରଦା ଟେକି ବିନା ଅନୁମତିରେ ହୁଡ଼ମୁଡ଼ିଆ ପଶିଆସିବେ, କାନ୍ଥ ପାଚେରୀ ପରି ଅଭେଦ୍ୟ ଧାଡ଼ି ବାନ୍ଧି ଛିଡ଼ା ହୋଇଯିବେ, ଘରଟା ଅନ୍ଧାରୁଆ ହୋଇଯିବ । ଝାଳ, ସିଗାରେଟ୍ ଗନ୍ଧରେ ଅଣନିଃଶ୍ୱାସୀ କରିଦେବେ ଏବଂ ସିଧାସିଧି କଡ଼ା ଚାହାଁଣୀ ଦେଇ ଆଖିରେ ଧମକଚମକ, କଥାରେ ବ୍ୟଙ୍ଗବିଦ୍ରୁପ, ବକ୍ରୋକ୍ତି ଭର୍ତ୍ତିକରି ନିଶୁଆ ଅଧିନାୟକଟି ଆରମ୍ଭ କରିଦେବି, "ଆମର କଣ ହେଲା ?"

ମୁଁ ବେଶ୍ ଜାଣେ ସେମାନଙ୍କର କିଛି ହୋଇନି, ମୁଁ କିଛି ସେମାନଙ୍କ ପାଇଁ କରିପାରିନି । ଏମିତି କଣ ଉତ୍ତର ଦେବି ଯେ, ସେମାନେ ସନ୍ତୁଷ୍ଟ ହୋଇ ଚାଲିଯିବେ,

Digitized by srujanika@gmail.com

ଟିକିଏ ଆଲୁଅ ପବନ ଭିତରକୁ ଆସିବ । ପଙ୍ଖାଟା ପ୍ରାୟ ଅଧିକାଂଶ ସମୟ ଲୋଡ଼ ଶେଡ଼ିଙ୍ଗ୍‌ରେ ବନ୍ଦ ରହୁଛି । ଏଇମାତ୍ର ତରବର ହୋଇ ଚାଉଳିଆ ଭାତ ଗଣ୍ଡେ ଦରଶିଝା ତରକାରୀ ସହିତ ଗିଳିଦେଇ ଖରାରେ ତରବର ହୋଇ ଆସିଛି । ଝାଳ ଗମଗମ ବହି ଜାମାପଟା ତିନ୍ତିଗଲାଣି । ଖରା ଗରମ ପାଇଁ ଯେତେ ଝାଳ ନୁହେଁ ନରଭସ୍‌ନେସ୍ ପାଇଁ ତାଠୁଁ ବେଶୀ ।

ଅନ୍ୟଜଣକ ମୁହଁକୁ ଚାହିଁଲି । ଜୁଲିଅସ୍ ସିଜର୍‌ରୁ ଧାଡ଼ିଟିଏ ମନେପଡ଼ିଲା "He has a lean and hungry look ... such men are dangerous." ଏଙ୍କୁଁ ଆରେକ ମହାବଳୀ। ସେଇ ଏକା ପ୍ରଶ୍ନଟିକୁ ସେ ଆହୁରି ଜୋରଦେଇ ବଡ଼ପାଟିରେ ପଚାରିଲା "ଆମର କଣ ହେଲା ? ବୁଝିପାରୁନାହାନ୍ତି ? ଆମ ପାଇଁ କଣ କଲେ ? ଆମେ ଏଇଠି, ଏଇ ଲାଗେ, ଉତ୍ତର ଚାହୁଁ । ଗୋଟାଏ ଖେଳ ଲାଗିଛି ବର୍ଷେ ହେଲା ।" ମୁଁ ପୂର୍ବପରି ନିରୁପାୟ, ନିଃସହାୟ, ନିରୁତ୍ତର ମଧ ।

ଯେଉଁ ଅଧାପକ ବନ୍ଧୁଟି ପାଖରେ ଅଛନ୍ତି ସେ ଗଭର୍ଣ୍ଣିଂବଡ଼ିର ଜନୈକ ସଭ୍ୟ, ସେ ସବୁ ଜାଣନ୍ତି, ଓତପ୍ରୋତ ଭାବରେ କଲେଜର ସର୍ବମୟ ଉନ୍ନତିରେ ସଂଶ୍ଳିଷ୍ଟ, ସଂପୃକ୍ତ । ମାତ୍ର କୌଣସି ଅଜ୍ଞାତ କାରଣରୁ ତାଙ୍କର ମେଜାଜ ବିଗିଡ଼ିଯାଇଛି, ଚଳନ୍ତି ଭାଷାରେ ଗରମ ଖାଇଛନ୍ତି, ତେଣୁ ସେ ନିସ୍ପୃହ । ତଥାପି ସେ ହିଁ ମୋର ଏକମାତ୍ର ଭରସା ବୋଲି ମୁଁ ଧରିନେଇଛି । ଅନ୍ୟଜଣକ ସମଦୁଃଖୀ ମାତ୍ର ଘଟଣା ଚୂଡ଼ାନ୍ତ ଅବସ୍ଥାକୁ ନ ଯିବା ପର୍ଯ୍ୟନ୍ତ 'ଅଶ୍ୱତ୍‌ଥାମା ହତ - ଇତି ଗଜ' କହିବେ ନାହିଁ, ନରକଗାମୀ ହେବା ଭୟରେ ।

ଛାତ୍ରବନ୍ଧୁମାନଙ୍କର ଘେରାଉ ଛଡ଼ା ଆଉ କଣ ଉପାୟ ଅଛି ? ମହାତ୍ମା ଗାନ୍ଧୀଙ୍କ ଅହିଂସା ସତ୍ୟାଗ୍ରହର ଏ ଏକ ଆଇନସିଦ୍ଧ ସଂସ୍କରଣ । ଯେଉଁମାନେ ପ୍ରଥମେ ପ୍ରଚଳନ କରିଥିଲେ ସେମାନେ ମଧ ଏହାରି ପ୍ରୟୋଗରେ ଅତିଷ୍ଠ, ମାତ୍ର ତାଙ୍କର କର୍ମାକର୍ମର ଫଳ ।

ସେମାନଙ୍କ ଅଭାବ ଅଗଣ୍ୟ, ସୀମାତୀତ, ଦାବୀ ସଂଖ୍ୟାତୀତ । ଗୁଡ଼ାଏ ଟଙ୍କା ଅନୁଷ୍ଠାନକୁ ଦେଇଛନ୍ତି । ତାଙ୍କରି ଅର୍ଥରେ ଅନୁଷ୍ଠାନର ବ୍ୟୟଭାର ମେଣ୍ଟୁଛି । ଅଥଚ ସେମାନଙ୍କର ନ୍ୟାଯ୍ୟ ଅତ୍ୟାବଶ୍ୟକ ଦାବୀର କିଛି ଗୋଟାଏ ହେଲେ ପୂରଣ ହୋଇନାହିଁ । ପ୍ରତିଶ୍ରୁତି ବାରମ୍ବାର ଦିଆଯାଉଛି, ବାରମ୍ବାର ଭଙ୍ଗ ହେଉଛି, ଆଜିକାଲି କରି ଦିନ ଗଡ଼େଇ ଦିଆଯାଇଛି । ସେମାନେ ନିର୍ଦ୍ଦିଷ୍ଟ ଦିନକାଳଧରି କ୍ଲାସ୍‌କୁ ଆସୁଛନ୍ତି, ଫେରୁଛନ୍ତି, ଷ୍ଟେସନ ଓଭରବ୍ରିଜରେ ବସି ତାସପିଟି, ଅଥବା ବସ୍‌ଷ୍ଟାଣ୍ଡ ପାଖ ଦୋକାନ ବଜାର ବେଞ୍ଚରେ ବସି ପାନ, ବିଡ଼ି, ସିଗାରେଟ୍‌ରେ ଅର୍ଥଶ୍ରାଦ୍ଧ କରି । କ୍ଲାସ୍ ହେଉନି, ଅଧାପକ ନାହାନ୍ତି, ଥିଲେ ବି.ସି.ଏଲ୍.ରେ ଅଛନ୍ତି କୁହାଯାଉଛି । ଲେବୋରେଟେରୀ ନାହିଁ, ପିଇବାପାଣିର ବି ବ୍ୟବସ୍ଥା ନାହିଁ । ହଷ୍ଟେଲ ନାହିଁ, ବାରଦ୍ୱାର ଶୁଣ୍ଠିପିଣ୍ଡା

Digitized by srujanika@gmail.com

ହେଉଛନ୍ତି । ଅଭିଭାବକ ବାପା ମାଆ ଜମି ଜାଗା ବିକିଭାଙ୍ଗି ହଜାର ହଜାର ଡୋନେସନ ଦେଇ ପିଲାଝିଲାଙ୍କୁ ପାଠପଢ଼ାକୁ ଛାଡ଼ିଛନ୍ତି କିନ୍ତୁ ସେମାନେ ପ୍ରତିଦିନ ସେଇ ଏକ ଉତ୍ତର ଦେଉଛନ୍ତି, 'କ୍ଲାସ୍ ହେଉନି, କ୍ଲାସ୍ ଆଜି ହେଲାନି' ଯାଉଛନ୍ତି, ଫେରୁଛନ୍ତି । ବାରମ୍ବାର ନିରାଶ, ବ୍ୟର୍ଥମନୋରମ ହୋଇ ଦୀର୍ଘଦିନର ସଞ୍ଚିତ କ୍ରୋଧ, ଦୁଃଖ ମୋରି ମୁଣ୍ଡ ଉପରେ ଅଜାଡ଼ୁଛନ୍ତି ।

ମୁଁ ବା କଣ କରନ୍ତି ? ମୁଁ ନିରୀହ ପ୍ରାଣୀ । ମୋର ଏତିକି ଅପରାଧ ଯେ, ସଉକରେ ହେଉ ବା ଅର୍ଥ ଲୋଭରେ ହେଉ ମୁଁ ଅଧକ୍ଷ ଚାକିରୀ ଗ୍ରହଣ କରିଛି । ହୁଏତ ମୁଁ ପ୍ରତ୍ୟକ୍ଷରେ ସେମାନଙ୍କଠାରୁ ଟଙ୍କା ନେଇନି, କିମ୍ବା ସେମାନଙ୍କୁ ବିବିଧ ପ୍ରତିଶ୍ରୁତି ବା ପ୍ରଲୋଭନ ଦେଖାଇନାହିଁ । ମୁଁ ପ୍ରିନସ୍‌ପାଲ, ପାଠ ପଢ଼େଇବା ଲୋକ । ସେମାନେ ଟଙ୍କା ଆଦାୟ କରନ୍ତି, ରଖନ୍ତି, ଖର୍ଚ୍ଚ କରନ୍ତି । ମୋ ନାଁରେ ରସିଦ୍ ଦିଆଯାଏ । ମୁଁ ରବରଷ୍ଟାମ୍ପ, ନିମିତ୍ତ ମାତ୍ର । ମତେ କିନ୍ତୁ ଯୁଦ୍ଧ କରିବାକୁ ହେବ । ଶ୍ରୀକୃଷ୍ଣଙ୍କ ବିଶ୍ୱରୂପ ଦେଖିଛି, ମୋର ସଦାସର୍ବଦା ପ୍ରାର୍ଥନା ପ୍ରସୀଦ ଦେବେଶ ଜଗନ୍ନିବାସ । ମୁଁ ଯେତେ ପଦ୍ମତୋଳା ବୋଲିରେ ନାଗବଚାମାନେ କାହିଁକି ଫଣା ବନ୍ଦ କରନ୍ତେ ! ଗଦ ଗାରିଡ଼ି ମନ୍ତ୍ର ମୋତେ ଜଣାନାହିଁ । ସେମାନେ ଏକାସଂଗରେ ଦଂଶିବାକୁ ଉଦ୍ୟତ ।

ଚର୍ବିତ ଚର୍ବଣକରି କହିଲି "ସେକ୍ରେଟାରୀଙ୍କୁ ମୁଁ ତୁମର ପ୍ରତ୍ୟେକ ଗ୍ରୀଭାନ୍‌ସ କହିଛି, ଟେଲିଗ୍ରାମ୍ ଯାଇଛି ପ୍ରଫେସରମାନଙ୍କ ପାଖକୁ ଜଏନ କରିବା ପାଇଁ । ଲୋକ ବି ପଠାଯାଇଛି, କଟକ, କଲିକତା ଯାହା ଯାହା ଉପକରଣ ଲୋଡ଼ା ସବୁ ଦୁଇଦିନ ଭିତରେ ହାତେ ହାତେ ଧରି ଆସିଯିବେ, ଯେତେ ଯାହା ତୁମର ଅସୁବିଧା ସବୁ କେଇଟା ଦିନରେ ଦୂର ହୋଇଯିବ । ପରୀକ୍ଷାର ଅସୁବିଧା ଆଦି ଦୂର କରିବା ପାଇଁ ଅଥରିଟିଙ୍କି ମୁଭ କରାଯାଇଛି । ଯଦି ମୋ କଥାରେ ତୁମର ବିଶ୍ୱାସ ହେଉନାହିଁ ତେବେ ଯାଅ ସେକ୍ରେଟାରୀଙ୍କ ପାଖକୁ, ଏସବୁର ସତ୍ୟତା ବୁଝି ଆସ ତାଙ୍କ ପାଖରୁ ।"

ଟିକିଏ ମାତ୍ର ନ ଟଳିଲି ସେମାନେ କ୍ରୋଧାନ୍ୱିତ ସ୍ୱରରେ କଲେଜ ପରିସରକୁ କମ୍ପାଇ କହିଗଲେ, "ଆମେ ସେକ୍ରେଟାରୀ ଫେକ୍ରେଟେରୀ କିଛି କାହାକୁ ଜାଣୁନି । ଏଠି ଗୋଟେ ନାଦ ପାଲା ଚାଲିଛି । ସେକ୍ରେଟାରୀ କହୁଛନ୍ତି ପ୍ରିନ୍‌ସିପାଲ ପାଖକୁ ଯାଅ, ପ୍ରିନ୍‌ସିପାଲ କହୁଛନ୍ତି ସେକ୍ରେଟାରୀ ପାଖକୁ ଯାଅ । ଆମେ ଆପଣଙ୍କ ଅଫିସରେ ଟଙ୍କାଦେଇ ରସିଦ୍ ନେଇଛୁ । ଆମେ ଆପଣଙ୍କୁ ଜାଣୁ, ଆଉ କାହାକୁ ଜାଣୁନାହିଁ । ଆମେ ଆଉ Pillar to post, post to pillar ହୋଇପାରିବୁ ନାହିଁ । ଆଜି ଯାହାହେଉ ନିଷ୍ପତ୍ତି ହେବ । ଏଇଠି ମୁକାବିଲା ହେବ । ଡ଼ାକନ୍ତୁ ସେକ୍ରେଟାରୀଙ୍କୁ, ଡ଼ାକନ୍ତୁ ଗଭର୍ଣ୍ଣିଂବଡ଼ି ମେମ୍ବରମାନଙ୍କୁ, ଡ଼ାକନ୍ତୁ ଆମର ଅଭିଭାବକମାନଙ୍କୁ । ଆମେ ଏଇଠି ଛିଡ଼ା ହୋଇଥିବୁ । ଭୋକ ଉପାସରେ ଆପଣ ବି ଏଇଠି ଥିବେ । ଆମେ ବାହାରକୁ ଯିବୁ ନି କି ଆପଣଙ୍କୁ ଛାଡ଼ିବୁ ନାହିଁ । ଆମେ ସେକ୍ରେଟାରୀ ପାଖକୁ ଯିବୁନି, କି ଆପଣଙ୍କୁ ତାଙ୍କ ପାଖକୁ ଛାଡ଼ିବୁ ନାହିଁ ।

Digitized by srujanika@gmail.com

ଆମେ ସେକ୍ରେଟାରୀ ପାଖକୁ ଯିବୁନି, କି ଆପଣଙ୍କୁ ତାଙ୍କ ପାଖକୁ ଯିବାକୁ ଦେବୁନି । ଏଇ ଶେଷ କଥା । ହୋଇପାରେ ଆପଣ ଭଲ ଲୋକ, ପ୍ରାଇଭେଟ ଅନୁଷ୍ଠାନର ରୀତିନୀତି ଜାଣି ସୁଦ୍ଧା ଏ ବୟସରେ ଏଠି ପଶିଲେ କାହିଁକି, ଯଦି ଜାଣିଛନ୍ତି ଆପଣ କାହାରି କିଛି ଉପକାର କରିପାରିବନାହିଁ ? ଦୁଇମାସ ହେଲାଣି ଆଜିକାଲି କରି । ଆଜି ଆପଣଙ୍କ ବା କାହାରି ରକ୍ଷା ନାହିଁ, ଆମ ଜୀବନକୁ ବାଧିଲାଣି ।"

କଲିଂବେଲ୍ ଟିପିଲି । ବିଚାରା ପିଅନଟି କାନ୍ଦ କାନ୍ଦ ମୁହଁରେ ମୋ ଆଗରେ ଛିଡ଼ାହେଲା, ପିଲାଙ୍କ ବ୍ୟୁହର ଫାଙ୍କଦେଇ । ତା ପ୍ରତି ଦୟା ହେଲା । ନରମ ଗଳାରେ କହିଲି, "ବିପିନ ! ଯାଆ, ସେକ୍ରେଟାରୀଙ୍କୁ ଡ଼ାକି ଆଣିବୁ । କହିବୁ ହେଲାଏ ପ୍ରିନ୍‌ସିପାଲଙ୍କୁ ଘେରାଉରେ ରଖିଛନ୍ତି, ଆପଣ ନ ଯିବା ପର୍ଯ୍ୟନ୍ତ ତାଙ୍କୁ ଘେର ଭିତରେ ରଖିଥିବେ, ଆଉ କେହି Lecturer ବି ତାଙ୍କ ପାଖରେ ନାହାନ୍ତି, କେଉଁମ ପିଟୁଛନ୍ତି କମନ ରୁମ୍‌ରେ ।"

ପିଅନ ଯିମିତି ବାହାରକୁ ଯାଇଛି ପିଲାଏଁ ଦଣ୍ଡକ ପାଇଁ ଘେରାଓ ଲିଫଟ୍ କଲେ ପରି ମତେ ଜଣାଗଲା । ପ୍ରତିଜ୍ଞା ସଂକଳ୍ପ ଯେତିକି ଦୃଢ଼ ଜଣାପଡୁଥିଲା ପ୍ରକୃତରେ ତାହା ନୁହେଁ ବୋଧହୁଏ । ଜଣ ଜଣ ହୋଇ ବାହାରିଲେ, ବୋଧହୁଏ ନିଶା ଛାଡ଼ିଗଲା । ମୁଁ ନିଃଶ୍ୱାସ ସ୍ୱଚ୍ଛନ୍ଦରେ ମାରିପାରିଲି । ଆଶା, ଦଣ୍ଡେ ପରେ ସେକ୍ରେଟାରୀ ଆସିବେ ଏବଂ ଯଥାସମୟରେ ଘରକୁ ଫେରି ଚା' କପକ ଖାଇପାରିବି । କିନ୍ତୁ ଏମିତି ଭୟ ପଶିଯାଇଥାଏ ଯେ, ସେମାନେ ବାରଣ୍ଡାରେ ନଥିଲେ ବି ମୋତେ ଜଣାପଡୁଥାଏ ଯିମିତି ଦୁର୍ବୃତ୍ତଗଣ ସେଇଠି ଛିଡ଼ା ହୋଇଛନ୍ତି ଏବଂ ଅନ୍ଧାର ଆଦୌ ଦୂର ହୋଇନି । ମନେ ମନେ ଭାବିଲି ଏତେ ସମୟ ଧରି ଏତେ କଥା କହିବା ବ୍ୟର୍ଥ ହୋଇନି । ଯେଉଁ ଦୁଇ ଚାରିଜଣ ପିଲା ଶାନ୍ତଶିଷ୍ଟ ସରଳ (ବୋକା) ! ଯେଉଁମାନେ ବିଦ୍ୟା ଓ ବୟସର ମୂଲ୍ୟ ବୁଝନ୍ତି ଓ ସମ୍ମାନ ଦିଅନ୍ତି ସେମାନେ ସିନା ନରମ ହେବେ ମାତ୍ର କେତୋଟି ଭଲ ଆମ୍ବ, ଝୁଡ଼ିକଯାକ ଆମ୍ବକୁ ପଚିବାକୁ ରକ୍ଷା କରିପାରିବେନି ।

ସେକ୍ରେଟାରୀ ଆସିବାକୁ, ପିଅନ ଫେରିବାକୁ ଅପେକ୍ଷା କରିଛି । ଆଶା, ସେକ୍ରେଟାରୀ ମୋତେ ଘେରାଉରେ ରଖିଦେଇ ନିଶ୍ଚିତ ହୋଇ ରହିପାରିବେ ନାହିଁ । ଏବେ ଏବେ ମୋର ଧାରଣା ହୋଇଛି କଲେଜ ପିଲାଙ୍କ ଗୋଇନ୍ଦା ବିଭାଗ ବା ଗୁପ୍ତଚର କାମ ଏତ୍ରିକି ତତ୍ପର ଯେ, ବଡ଼ ବଡ଼ ଲୋକେ ନିରାପତ୍ତା ପାଇଁ ସେମାନଙ୍କୁ ନିଯୁକ୍ତ କଲେ ମାରାତ୍ମକ ଅଘଟଣ ଘଟନ୍ତା ନାହିଁ । 'ସେକ୍ରେଟାରୀ ଆସିପାରିବେ ନାହିଁ, ତାଙ୍କ ଦିହ ଭୀଷଣ ଖରାପ, ସେ ଉପରୁ ତଳକୁ ଆସିପାରିବେ ନାହିଁ' - ସମ୍ବାଦଟି ପିଅନ ମତେ ଦେବା ପୂର୍ବରୁ ପିଲାଏ ପୁନଃ ଧାଇଁ ଧାଇଁ ଆସି ପୁନର୍ବାର ମୋତେ ବେଢ଼ି ରହିଲେ । ଡ଼ବଲ ଡେବଲ ଲାଇନରେ । ଝରକା କବାଟ ମଧ୍ୟ ପ୍ରାୟ ଆବଦ୍ଧ ହୋଇଗଲା ଦେଖଣାହାରୀଙ୍କ ଦ୍ୱାରା ।

Digitized by srujanika@gmail.com

Quo Vadis? ଯିବ କୁଆଡ଼େ ? ମୋତେ ଜଣାଗଲା ମୁଁ ମୃଗଣୀସ୍ତୁତିର ମୃଗୁଣୀ । ଆଗରେ ଧନୁର୍ଦ୍ଧାରୀ ବ୍ୟାଧ, ଦୁଇ ପାର୍ଶ୍ୱରେ ଶ୍ୱାନ, ପଛରେ ଅରଣ୍ୟ ଦହୁଥିବା ଦାବାଗ୍ନି, ଏଣେ ପେଟରେ ଛୁଆ, କୋଡ଼ରେ ଶାବକ । ଆଉ ରକ୍ଷାନାହିଁ ବିଚାରୀରର ଏ ଘେରାଉରୁ । କିଏ ଅଛ ତ୍ରାଣକର୍ତ୍ତା ? ବୁଢ଼ାଲୋକ, ଭୋକ ଶୋଷ ସମ୍ଭାଳି ପାରିବି ତ ? ପିଲାଝିଲାଏ କେତେ ଦୂରରେ ରହିଛନ୍ତି, ତାଙ୍କର କଣ ହେବ ଏ ଅବରୋଧରୁ ମୁକୁଳି ନ ପାରିଲେ ? କଙ୍କଣ ଲୋଭରେ ଏ ପଙ୍କରେ ପଶିଲି କାହିଁକି ? ତଣ୍ଡୁଳ ଲୋଭରେ ଜାଲ ଭିତରକୁ ଗଲି କାହିଁକି ?

ମୁଁ ଯେ ଜଣେ ଧର୍ମାତ୍ମା, ନିତିପ୍ରତି ଠାକୁରଙ୍କ ସେବାପୂଜା କରେଁ ତା ନୁହେଁ । ଗୁଡ଼ାଏ ଠାକୁର ଦେବତାଙ୍କୁ ବିଶ୍ୱାସ ନକରି ଜଗନ୍ନାଥଙ୍କୁ ଭଜେଁ । ଗାଧୋଇ ପାଧୋଇ ଗୋଟିଏ ମିନିଟ୍ ଜଗନ୍ନାଥ ଫଟୋକୁ ଚାହେଁ । ଆଖି ଦୁଇଟାକୁ ମୋ ଦୁଇଆଖି ସାଂଗରେ ମେଳ କରିନେଲେ ମୋର ଦୈନନ୍ଦିନ ଠାକୁରପୂଜା ସରିଲା । ଜୋତାମାଡ଼ି, ପେଟଭର୍ତ୍ତି ଖାଇ ଶାର୍ଟପେଣ୍ଟରେ ଏ କର୍ମ । ମୋ ଠାକୁରଟି ବଡ଼ Liberal, ମୋର ସବୁ ଅପରାଧ ଦୋଷ କ୍ଷମାକରେ, ନହେଲେ ସେ କି ଠାକୁର ? ଆଖି ବନ୍ଦକରି ସେ ଆଖିଯୋଡ଼ାକୁ ଧ୍ୟାନକରି ଚାରିପାଞ୍ଚ ମୁହୂର୍ତ୍ତ ।

'May I come in?' ଡ଼କ୍ଟର ତ୍ରିପାଠୀଙ୍କ ଗଳାସ୍ୱର ।

ଶୁଷ୍କ କଣ୍ଠତାଳୁରେ କହିଲି "ଆସନ୍ତୁ ଆସନ୍ତୁ । କାଲି କଣ ହେଲା ଆସିଲେ ନାହିଁ ? ମୁଁ ମିଟିଂରେ ନୋଟିସ୍ ଦେଇଥିଲି । ଆପଣଙ୍କ ଅପେକ୍ଷାରେ ଆମେ ସମସ୍ତେ ଦୁଇଟାଯାକେ ଥିଲୁ ।" କ୍ଷମାସୂଚକ ଗଳାରେ ସେ କହିଲେ, "ଏମିତି କାମ ପଡ଼ିଲଣ ଯେ, ମୋତେ ଆସିପାରିଲିନି । ଆଜି ବି ଆସିବି ନାହିଁ ଭାବୁଥିଲି । କାମ ତ ସେମିତି କିଛି ନଥିଲା, ଖାଲି ବକ୍ତୃତା ଦେବା ପାଇଁ ଆସିବି ? ଆଜିକାଲି ଧର୍ମ ସମ୍ବନ୍ଧରେ ବକ୍ତୃତା କିଏ ଶୁଣୁଛି ? ତଥାପି ମତେ କିଏ ଯିମିତି କହିଲା 'ଯାଆନ୍ତୁ' । ଚାଲି ଆସିଲି ।"

ଘେରାଉ ଭେଦକରି କେତେଜଣ ସାହାସୀ ଅଧ୍ୟାପକ ଅତିଥି ଚର୍ଚ୍ଚା ଅଭ୍ୟର୍ଥନା କଲେ ଚତୁରତାର ସହିତ ଏବଂ ଆଗନ୍ତୁକଙ୍କୁ ଖାଦ୍ୟ ପାନୀୟ ପାଇଁ ଅନ୍ୟତ୍ର ନେଇଗଲେ । ମିଟିଂରେ ବି ବ୍ୟବସ୍ଥା ଚାଲିଲା । ପରୀକ୍ଷା ପାଇଁ ଅନ୍ୟାନ୍ୟ କ୍ଲାସ୍ ହେଉନଥାଏ । ଅଧ୍ୟାପକ ଦଶ ବାରଜଣ ବୋର୍ଡ଼ିଂମାନଙ୍କର ରହୁଥିବା କିଛି ପିଲା ଡ଼ାକିଦେଲେ ଏବଂ ଆସିବା ଭଳି କେତେଜଣ ଛାତ୍ର ଏବଂ ତିରିଶଚାଳିଶ ଜଣ ପିଅନ, ଚାକର, ତୃତୀୟଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଏକତ୍ର କରିଦେଲେ ତ ଏକନମ୍ବର ହଲଟାରେ ବଡ଼ ସଭାଟାଏ ହୋଇଯିବ । ଏ କଣ ରାଜନୈତିକ ସଭା ହୋଇଛି ଯେ, ସଂଖ୍ୟାରୁ ମିଟିଂରେ ଗୁରୁତ୍ୱ ଜଣାପଡ଼ିବ ? ମନ୍ତ୍ରୀଙ୍କୁ ଟେକାଟେକି କରିବା ପାଇଁ ଡ଼ି.ପି.ଆର୍.ଓ., "ହଜାର ହଜାର ଜନତା"ଙ୍କ ସଂଖ୍ୟା ଜାଣିବା ପାଇଁ ମାପକାଠି ଧରି ବୁଲିବେ ?

Digitized by srujanika@gmail.com

ଡ଼କ୍ଟର ତ୍ରିପାଠୀଙ୍କ ମୋର ପ୍ରତ୍ୟକ୍ଷ ସାକ୍ଷାତ ଆଳାପ ଆଲୋଚନା ତିନିଦିନ ତଳର । ପରୀକ୍ଷା କାମରେ ସେ ପରିଦର୍ଶକ ରୂପେ ୟୁନିଭରସିଟିରୁ ଆସିଥାନ୍ତି ଆମ କେନ୍ଦ୍ରକୁ । ଫେରିବା ବେଳେ ଆମେ ଦୁହେଁ ଏକାସାଂଗରେ ଟ୍ରେନ୍‌ରେ ଗଲୁ । ଆମେ ପୂରାପୁରି ଅପରିଚିତ ନୋହୁଁ । ପରସ୍ପରକୁ ଦେଖିନଥିଲେ ମଧ୍ୟ ପରସ୍ପର ଲେଖା ପଢ଼ିଥିଲୁ । ଡ଼କ୍ଟର ତ୍ରିପାଠୀ ଶ୍ରୀକ୍ଷେତ୍ରର ଲୋକ । ତାଙ୍କ ସହିତ ଯାତ୍ରା କାଳରେ ଘଣ୍ଟାଏ ଆଲୋଚନାକରି ଅବଗତ ହେଲି ଯେ, ଜଗନ୍ନାଥ ଧର୍ମ ବିଷୟରେ ତାଙ୍କର ଅଗାଧ ଜ୍ଞାନ ଅଛି, ଯେଉଁ ତତ୍ତ୍ୱ ଓ ଜ୍ଞାନ ସେ ଜଗନ୍ନାଥ ଦାସଙ୍କ ପରି ସରଳ ମର୍ମସ୍ପର୍ଶୀ ଭାଷାରେ ବଖାଣି ପାରିବେ । ମିଠା ଏକା ଖାଇବ ନାହିଁ କି ଧର୍ମତତ୍ତ୍ୱ ଏକା ଶୁଣିବ ନାହିଁ ।

ମୁଁ ବନ୍ଧୁଙ୍କ ବ୍ୟାଖ୍ୟାନ ଯେତିକି ଶୁଣିଲି ସେଥିରେ ମୁଗ୍ଧ ଚକିତ ହୋଇ ନିମନ୍ତ୍ରଣ କରିଥିଲି ପୁଣି ଆମ ଗହଣକୁ ଆସି ଅନ୍ୟ କିଛି ଅଧିକା ନହେଲେ ମଧ୍ୟ ସେଇ ସେଇ କଥାଗୁଡ଼ାକ କହି ଆମ ସମସ୍ତଙ୍କୁ ଆପ୍ୟାୟିତ କରିବେ । ଲକ୍ଷ୍ୟ କରିଥିଲି ତାଙ୍କର ଏପ୍ରୋଚ୍ ବଡ଼ ବିଜ୍ଞାନ ବୁଦ୍ଧିସମ୍ମତ । ରଥଯାତ୍ରା ବେଳର ଭାବବିହ୍ୱଳିତ ଭାଟମାନଙ୍କ ପରି ଚିତ୍କାର ଆର୍ତ୍ତନାଦସର୍ବସ୍ୱ ନୁହେଁ । କଥାରେ ଚାତୁରୀ ଅଛି, ସଂଯମ ଅଛି । ବନ୍ଧୁତ୍ୱର ଅନୁରୋଧରେ ସେ ହିଁ କରିଥିଲେ ଏବଂ ଗଲାକାଲି ସଭା ପାଇଁ ତଦନୁଯାୟୀ ନୋଟିସ୍ ଦେଇଥିଲି । କାଲି ନ ଆସି ଆଜି ଅଚାନକ ଏ ଦୁଃସମୟରେ ଆସିବାରୁ ମୁଁ ମନେ ମନେ ଅଲୌକିକର ଇଙ୍ଗିତ ବୋଲି ଧରିନେଲି । କାଲି ଆସିବା ଲୋକ ଆଜି ଆସିଲା ଏବଂ ଆସିଲା ସେତେବେଳେ ବିପନ୍ନ ଅବସ୍ଥାରେ ଯେତେବେଳେ ଇଷ୍ଟଦେବଙ୍କୁ ଧ୍ୟାନକରୁଛି ମୋତେ ପରିତ୍ରାଣ କରିବା ପାଇଁ । ଯଦିବା ସେ ମୋତେ କୌଣସିମତେ ଏ ଘେରାଉରୁ ମୁକ୍ତକରି ନ ପାରନ୍ତି ତଥାପି ଗୋଟାଏ ମୁଣ୍ଡ ଅପେକ୍ଷା ଯୋଡ଼ାଏ ମୁଣ୍ଡରେ ଠେଙ୍ଗାଟା ବାଜିବ ଏବଂ ଆଘାତର ପରିମାଣ ବିଭକ୍ତ ହୋଇ ଲଘୁ ହେବ ।

ବିନା ଆଡ଼ମ୍ବରରେ, ବିନା ମାଇକରେ ଏପରି କି ବିନା ଉପକ୍ରମରେ ସଭା ଆରମ୍ଭ ହେଲା । ପିଲାଏ ମତେ ଘେରାଉ ମୁକ୍ତକରି ସଭାକୁ ଯିବାକୁ ଅନୁମତି ଦେଲେ । ନହେଲେ ସଭାପତି ହେବ କିଏ ? ଯାଉଁ ଯାଉଁ ଘେରାଉବାଲାଙ୍କୁ କହିଲି "ତୁମେମାନେ ବି ସଭାକୁ ଆସ, ଡ଼କ୍ଟର ତ୍ରିପାଠୀ ଜଣେ ପ୍ରଖ୍ୟାତ ପଣ୍ଡିତ । ଜଗନ୍ନାଥଙ୍କ ସମ୍ବନ୍ଧରେ ତାଙ୍କ ଲେଖା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ଉଚ୍ଚପ୍ରଶଂସିତ ହୋଇଛି । ତା'ଛଡ଼ା ତାଙ୍କୁ ଓ ତାଙ୍କ ବକ୍ତୃତାକୁ ସମ୍ମାନ ଦେବା ଅର୍ଥ ଆମ କଲେଜର ସମ୍ମାନ ବଢ଼େଇବା । ମୁଁ ପ୍ରତିଶ୍ରୁତି ଦେଉଛି ସଭା ପରେ ମୁଁ ପୁଣି ତୁମ ଘେରକୁ ପୁଣି ଫେରିଆସିବି ସେ ଟ୍ରେନ୍‌ରେ ବାହାରିଯିବା ପରେ । ମୁଁ ସେଇ ଟ୍ରେନ୍‌ରେ ତାଙ୍କ ସାଂଗରେ ଯିବି ବୋଲି କଥା ଦେଇଥିଲି, ଯିବିନାହିଁ । ତୁମେ ସବୁ ସତଃପ୍ରବୃତ୍ତ ହୋଇ ମୋତେ ଘେରରୁ ନ ମୁକୁଳେଇବା ଯାଏଁ ମୁଁ ଖସିଯିବାର ଚେଷ୍ଟା କରିବିନି । କାରଣ ତୁମର ଅଭାବ ଅଭିଯୋଗ ସବୁ ମୋତେ ଘେରାଉ କରିବା ଦ୍ୱାରା ପରିଚାଳନା ସମିତିର ଗୋଚରକୁ ଆସିବ । ତୁମେ ମୋ ସାଂଗରେ ସଭାକୁ ଆସ ।"

Digitized by srujanika@gmail.com

ସଭାଟି ଅପ୍ରତ୍ୟାଶିତ ବଡ଼ । ସମୟ ଠିକ୍ ଦୁଇଟା । ତାଙ୍କ ଟ୍ରେନ୍ (ଯେଦି ଖସି ଯାଇପାରେ ମୋର ମଧ୍ୟ) ଠିକ୍ ତିନିଟାରେ । ଡ଼କ୍ଟର ତ୍ରିପାଠୀ ବକ୍ତୃତା ମଞ୍ଚ ଡ଼େସ୍କ ପାଖକୁ ଯାଇ ଏକାବେଳକେ ଆରମ୍ଭ କରିଦେଲେ । କହିଲେ "ବାଟରେ ଜଣେ ଭଦ୍ରଲୋକ ମତେ ପଚାରିଲେ, ଆପଣଙ୍କୁ କେଉଁ ଫୁଲ ଭଲ ଲାଗେ ? ବିନା ଦ୍ୱିଧାରେ ଉତ୍ତର ଦେଲି କୋବି ଫୁଲ । ପୁଣି ସେ ପଚାରିଲେ, କେଉଁ music ଭଲ ଲାଗେ ? ମୁଁ କହିଲି- music of the coin." ସଭାରେ ଶ୍ରୋତାଗଣ ଏ ଉକ୍ତିର ମର୍ମ ବୁଝି ନ ପାରନ୍ତେ ଡ଼କ୍ଟର ତ୍ରିପାଠୀ ବୁଝାଇଦେଲେ ।

ତା'ପରେ ସେ ଜଗନ୍ନାଥଙ୍କ ଆକାର ସଂପର୍କରେ ବକ୍ତୃତା ଆରମ୍ଭ କଲେ । ସେ କହିଲେ, ଆମର ଜଗନ୍ନାଥ ଏକ ବିଚିତ୍ର ବିକୃତ ଏପରିକି ସାହେବଙ୍କ ଆଖିରେ ହାସ୍ୟାସ୍ପଦ ମୂର୍ତ୍ତି । ଖଣ୍ଡିଆ ହାତ, କାନ ନାହିଁ , ପାଦ ନାହିଁ, ବିରାଟ ବିରାଟ ଗୋଲ ଗୋଲ ଆଖି, ଭ୍ରୂଲତା ନାହିଁ । ଏଥିରେ ତାତ୍ପର୍ଯ୍ୟ ବୁଝାଇବାକୁ ଯାଇ କହିଲେ, ଜଗନ୍ନାଥ ଅସୀମ ଅନନ୍ତ, ତେଣୁ କାନ ହାତ ଗୋଡ଼ ଆଦି ସଂପୂର୍ଣ୍ଣ ଥିବାରୁ ବା ମୋଟେ ନ ଥିବାରୁ ସୂଚିତ ହେଉଛି ତାଙ୍କର ଶେଷ ନାହିଁ, ସୀମା ନାହିଁ । ସୀମାରେ ସେ ଆବଦ୍ଧ ନୁହଁନ୍ତି । ଜଗନ୍ନାଥଙ୍କ ଦୁଇଟି ଆଖି ବିଷୟରେ ସେ ଅନେକ ତଥ୍ୟ ପରିବେଷଣ କଲେ । ଆଖି ଖୁବ୍ ବଡ଼ ବଡ଼ ହୋଇଥିବାରୁ ସେ ସବୁ ଦେଖିପାରନ୍ତି ସବୁବେଳେ । ଆଖିରେ ଭ୍ରୂଲତା ନ ଥିବାରୁ ପଲକ ପଡ଼େନାହିଁ । ପଲକ ପଡ଼ିଲେ ସେ ଦେଖିପାରିବେ ନାହିଁ । ଆଖି ଦୁଇଟି ଶଶିସୂର୍ଯ୍ୟ । ଗୀତାରୁ ଗୁଡ଼ାଏ ପଂକ୍ତି ଗାଇଗଲେ ଶଶିସୂର୍ଯ୍ୟ ନେତ୍ର ପର୍ଯ୍ୟନ୍ତ । ନାକରେ ନଥ ନାଇବାର କାରଣ ସେ ଅର୍ଦ୍ଧାଙ୍ଗ ପୁରୁଷ ଅର୍ଦ୍ଧାଙ୍ଗ ନାରୀ । ଏମିତି କେତେ କଥା ।

କହିଲେ, ସିଂହାସନରେ ତିନିମୂର୍ତ୍ତି ଆମ ଆଖିରେ ସହଜରେ ପଡ଼ନ୍ତି । ସୁଦର୍ଶନରୁ ନଜର କଲେ ଦିଶନ୍ତି । କିନ୍ତୁ ଏ ଚାରି ମୂର୍ତ୍ତି ଛଡ଼ା ଆଉ ତିନିମୂର୍ତ୍ତି ସେଇ ରତ୍ନ ସିଂହାସନରେ ଥାଆନ୍ତି ଯାହାଙ୍କୁ ଆମେ ନଜର କରୁନା । ପ୍ରସଙ୍ଗକ୍ରମେ କହିଲେ, ଜଗନ୍ନାଥଙ୍କୁ ଭୋଗ ଲାଗିଲେ ମହାପ୍ରସାଦ କିନ୍ତୁ ବିମଳାଙ୍କୁ ତାହା ଅର୍ପଣ ନ କଲା ପର୍ଯ୍ୟନ୍ତ ନିର୍ମାଲ୍ୟ ହୁଏନାହିଁ ।

ଜଗନ୍ନାଥ ରାତିରେ ଶୁଅନ୍ତି ନାହିଁ । ଦିନଯାକ ପୃଥିବୀ ଓ ଅନ୍ୟ ଦୁନିଆର ତତ୍ତ୍ୱ ନିଅନ୍ତି । ରାତିରେ ଭାଇଭଉଣୀ ଓ ଲକ୍ଷ୍ମୀ ବିମଳା ଆଦି ଶୋଇଯାଆନ୍ତି । ଏକା ଜଗନ୍ନାଥ ଜାଗ୍ରତ । କାରଣ ରାତିରେ ତେତିଶକୋଟି ଦେବତାଙ୍କ ପାଳି । ତାଙ୍କର ଅଭାବ ଅଭିଯୋଗ କଳି ତକରାଳ ତ ଅଛି, ବିଶେଷତଃ ଅସୁରଙ୍କ ସହିତ । କେତେବେଳେ କିମିତି ଏଇ ଦେବତାମାନେ ଜଗନ୍ନାଥଙ୍କୁ ଘେରାଉ ମଧ୍ୟ କରନ୍ତି ଯିମିତି ଅଧ୍ୟକ୍ଷଙ୍କୁ ଛାତ୍ରମାନେ, ଫେକ୍‌ଟେରୀ ମାଲିକଙ୍କୁ କର୍ମୀମାନେ ଘେର ଭିତରେ ରଖି ଦାବୀ ଆଦାୟ ପୂରଣ କରନ୍ତି । ନାରଦଙ୍କ ମଧ୍ୟସ୍ଥତାରେ ଜଗନ୍ନାଥ ରକ୍ଷାପାଆନ୍ତି । ନହେଲେ ତାଙ୍କ ସାହାଭରସା କିଏ ? ଅନ୍ୟମାନେ ତ ଶୋଇଛନ୍ତି ।

Digitized by srujanika@gmail.com

ଦେବତାମାନେ ଜଗନ୍ନାଥଙ୍କୁ ବି ଘେରାଉ କରନ୍ତି କଥା ପଦକରେ ଦୁର୍ବୃତ୍ତମାନଙ୍କର ଢୁଳାଇବା ବନ୍ଦ ହୋଇଗଲା । ଆଖି ଖୋଲି ସେମାନେ ମୋ ଆଡ଼କୁ ଚାହିଁଲେ । ପ୍ରାୟ ଘଣ୍ଟାଏ ହେଲା ଘେରାଉ କଥାଟି ମୋ ମନରୁ ଅପସରି ଯାଇଥିଲା । ଭାବିଲି ସେଗୁଡ଼ାକ ଆଉ ବିଚାରମୂଢ଼ ହୋଇ ପୁଣି ମୋତେ ଘେରାଉରେ ରଖିବେ ନାହିଁ ।

ଚପରାସି ଏତିକିବେଳେ ପଶିଆସି ମୋ କାନରେ କହିଲା, "ସାର୍, ସେକେଣ୍ଡ ବେଲ୍‌ହେଲା । ସିଗ୍ନେଲ ବି ପଡ଼ିଗଲାଣି ।" ମୁଁ ଇଙ୍ଗିତରେ ଡ଼କ୍ଟର ତ୍ରିପାଠୀଙ୍କୁ ଜଣାଇଦେଲି ବକ୍ତୃତା ସାଂଗ କରିବା ପାଇଁ । ସେ ମୁଣ୍ଡି ମାଇଲେ । ଡ଼ାକିଲେ ମତେ "ଆସନ୍ତୁ ଯିବା । ଗାଡ଼ି ଆସିଯିବଣି ।" ଷ୍ଟେସନ୍ ପ୍ଲାଟଫର୍ମକୁ ଦୁଇମିନିଟ୍‌ର ରାସ୍ତା । ଆମେଦୁହେଁ ପାଖକୁ ପାଖ ଲାଗି ଚାଲିଥାଉଁ । ଘେରାଉବାଲାଏଁ ବି ବକ୍ତୃତାବିମୁଗ୍ଧ ହୋଇ ଡ଼କ୍ଟର ତ୍ରିପାଠୀଙ୍କୁ କହୁଥାନ୍ତି, ""ସାର୍ ଆଉ ଥରେ ଆସନ୍ତୁ, ଆଜି ବହୁତ ଛୋଟ କରିଦେଲେ, ଆହୁରି ଶୁଣିବାକୁ ଇଛା ହେଉଥିଲା ।"

ଏତିକିବେଳେ ସେକ୍ରେଟାରୀଙ୍କ ପାଖରୁ ଚିରକୁଟ୍‌ଟିଏ ଧରି ତାଙ୍କର ଆତ୍ମୀୟଟିଏ ଆସି ମୋ ହାତକୁ ସେଇଟି ବଢ଼ାଇଦେଲା । ଲେଖାଥିଲା, "ପିଲାମାନଙ୍କୁ କହିଦିଅନ୍ତୁ ସେମାନଙ୍କର ସମସ୍ତ ଦାବୀ ଅଭାବଅଭିଯୋଗ କୋଡ଼ିଏ ତାରିଖରୁ ପୂରଣ ହୋଇଯାଇଥିବ । ଆଜି ଟେଲିଗ୍ରାମ ଆସିଛି ଇନସ୍‌ପେକ୍‌ସନ୍ ଟିମ୍ ବାଇଶ ତାରିଖରେ ଆସୁଛନ୍ତି ।"

ଟ୍ରେନ୍ ହୁଇସିଲ୍ ପ୍ଲାଟଫର୍ମ ଛାଡ଼ିଲା । ପିଲାଏ ହାତ ହଲାଇ ଡ଼କ୍ଟର ତ୍ରିପାଠୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଲେ । ମୁଁ ବି ତାଙ୍କ ସାଂଗରେ ଘରକୁ ଫେରିଲି । ବାଟଯାକ ମନେ ପଡୁଥାଏ ମୃଗୁଣୀସ୍ତୁତିର ସେଇ ଧାଡ଼ିକ "ମନ୍ଦଂ ମନ୍ଦଂ ଚଳତି ହରିଣୀ ସାଧୁ ସାଧୁ ବିଧାତା ।"

# ମାର୍କେଟିଂ

ବର୍ଣ୍ଣବୋଧରେ ଅକ୍ଷର ପରିଚୟ ଦେବାକୁ ଯାଇ ମଧୁବାବୁ ଯଦି ଗାଇଲେ 'କଟକ ସହର, ଧବଳ ଟଗର' ଆଉଜଣେ ବିପରୀତଧର୍ମୀ ଲେଖକ ଲେଖିଲେ 'କଟକ ସହର ବଡ଼ ମହରଗ' ।

ଆଦ୍ୟ ପଞ୍ଚକର ଏକ ରମଣୀୟ ନାତିଶୀତୋଷ୍ଣ ସନ୍ଧ୍ୟାରେ ସପ୍ନପୁରୀରୁ ଲୁଣଟେଲର ଦୁନିଆକୁ ବାହାରି ପଡ଼ିଲି । ଦୁର୍ଗାପୂଜା ପରେ ପରେ କାଳୀପୂଜାର କୋଳାହଳ ଅନ୍ତେ

Digitized by srujanika@gmail.com

ସହରଟାରେ ଅସ୍ୱାଭାବିକ ଶାନ୍ତ ବାତାବରଣ ବେଶ ଅନୁଭବ କଲି । ମନେହେଲା, ସମସ୍ତ ହଇହଲ୍ଲା ଅସାମାଜିକତା ବାଦାମବାଡ଼ିରୁ ତଡ଼ିଦେଇ ସହରବାସୀମାନେ ଗୋଟାଏ ଅଧେ ଦିନ ସ୍ୱସ୍ତିର ନିଃଶ୍ୱାସ ମାରିବାର ଚେଷ୍ଟା କରୁଛନ୍ତି ।

ଇଚ୍ଛା ହେଉଥିଲା, କାଠଯୋଡ଼ି କୂଳେ କୂଳେ ଯାଇ ଉଜ୍ଜ୍ୱଳ ଆଲୋକ ଉପଭୋଗ କରନ୍ତି ଏବଂ ବର୍ତ୍ତମାନର ଶୋଭା ସହିତ ପଚାଶ ବର୍ଷ ତଳର, ରେଭେନ୍ସା କଲେଜ ଯୁଗର, ଅନ୍ଧାକରଛନ୍ନ ମରୁପ୍ରଦେଶର ଦୈନ୍ୟର ତୁଳନାତ୍ମକ ଛବି ଆଙ୍କନ୍ତି ।

ତେଲେଗୁ ଦେଶର ଜନୈକ ରିକ୍ସାଚାଳକକୁ ଅଟକାଇ ପଚାରିଲି, "ମହାନଦୀ କୂଳେ କୂଳେ ଯାଇ ହାଇକୋର୍ଟ ଦେଇ ବିନୋଦ ବିହାରୀକୁ ନେଇଯିବାକୁ କେତେ ନବୁ ?" ଉଦ୍ଦେଶ୍ୟ ଥିଲା ଉଜ୍ଜ୍ୱଳ ଆଲୁଅ ସହିତ ଆଗତପ୍ରାୟ ପୂର୍ଣ୍ଣିମା ଜହ୍ନଆଲୁଅକୁ ମିଶାଇ ଏକ ଦୀପ୍ତିମନ୍ତ ସୌନ୍ଦର୍ଯ୍ୟ ଦିହମନ ଭିତରକୁ ଟାଣି ଶୋଷି ନେବା ।

ମୋର ବର୍ଣ୍ଣନାତ୍ମକ ଦୀର୍ଘ ରାସ୍ତା ସୂଚନାରୁ ରିକ୍ସାବାଲା ଲମ୍ବା ରାସ୍ତାର ଧାରଣା ପାଇଯାଇ କହିଲା, 'ପାଞ୍ଚଟଙ୍କା' । ମୁଁ ଏକ ଶସ୍ତା ଅଳ୍ପଦାମିଆ ଦୁନିଆର ଲୋକ ହୋଇଥିବାରୁ ଯେତେ ଘୋଡ଼ାଗାଡ଼ିରେ ରେଭେନ୍ସାରୁ ଜିଲ୍ଲାପଡ଼ିଆକୁ ଚାରିଜଣରେ ଆଠଅଣା ଦେଉଥିଲି ବା ଢେଙ୍କାନାଳ ବା ତାଳଚେରର ଟଣା ରିକ୍ସାବାଲାକୁ ଦି'ଜଣରେ ସେଇ ଦୂରତାକୁ ତିନିଅଣା ଦେଉଥିଲି ।

ଏତେ ବିରକ୍ତ ଓ ସ୍ତମ୍ଭିତ ହେଲି ଯେ, ମନ ଭିତରୁ ସବୁ ରୋମାଣ୍ଟିସିଜମ୍‌କୁ ପିଚୁ ରାସ୍ତାଉପରେ ଅଜାଡ଼ି ଦେଇ ପଛକୁ ବୁଲିପଡ଼ିଲି ଏବଂ ବୀରଦର୍ପରେ ବାର ଇଞ୍ଚିଆ ଲମ୍ବା ପାହୁଣ୍ଡ ପକାଇ ରିକ୍ସାବାଲା ମୁହଁକୁ ନ ଚାହିଁ ପଶ୍ଚିମମୁଖା ହେଲି କୁକୁରିଆପଦା ଝୋଲାସାହି ରାସ୍ତାରେ ବିନୋଦବିହାରୀ ଯାଇ ବହିପତ୍ର ଓଲଟପାଲଟ କରିବି ଜ୍ଞାନାଲୋକ ସଂଗ୍ରହ ଆଶାରେ କଟକ ସହରର ତଥା ପୂର୍ଣ୍ଣିମାପ୍ରାୟ ଜହ୍ନର ଉଜ୍ଜ୍ୱଳ ଆଲୋକକୁ ପରିତ୍ୟାଗ କରି । ରିକ୍ସାବାଲା ପଛରୁ ବିକୃତ ଭାଷାରେ "କେତନା ଦବୁ, କେତେ ଦେଗା" ଆଦି କହି "ଚାର ଦବୁ" ପର୍ଯ୍ୟନ୍ତ ଗଲା । ମୁଁ ଏକାମୁହାଁ ହୋଇ ମୋର ଜିଦ୍ ରକ୍ଷାକରି ଚାଲିଲି ବିନୋଦ (ବିନୋଦନ ସ୍ଥଳୀ!) ବିହାରୀ ଆଡ଼କୁ । ମନେ ମନେ କହୁଥାଏଁ "ଚାରିଅଣାରେ ନେଲେ ବି ମୁଁ ଯିବି ନାହିଁ, କେତେ ବାଟ କି !"

ଅନ୍ତର୍ମୁଖୀ ହୋଇ ଏକଲା ଚାଲିଥାଏଁ, ଗରମ ଅନ୍ତର୍ବାସ ସତ୍ତ୍ୱେ ସାମାନ୍ୟ ସ୍ୱେଦ ନିର୍ଗତ ହେବାକୁ ଆରମ୍ଭ କରିଥାଏ । ସମତଳ ପିଚୁ ରାସ୍ତା ହେଲେ ମଧ ମୋର ଚାଲିବା ଦୋଷରୁ ହେଉ ବା ବାଟା ଜୋତାର ତିଆରି ପରିପାଟିରୁ ହେଉ ରାସ୍ତାଟା ଢେଉ ଢେଉକା ଲାଗୁଥାଏ ଏବଂ ଗୋଟାଏ ତଳ ସ୍ପର୍ଶ ନକରି ଏକାବେଳେ ଆଠ ଦଶଟା ତଳ ଜୋତାତଳି ସ୍ପର୍ଶ କରୁଥାଏ । ଗୋଟାଏ ସ୍ଥାନରେ ପ୍ରାୟ ହାବୁଡ଼ି ପଡ଼ିଲି । ଲକ୍ଷ୍ୟକଲି ସେଇଟା ମୋ ଚାଲିବା ଜୋତାର ଦୋଷରୁ ନୁହେଁ । ହୁଏତ କେବୁଲ ବସାଇବା ବାଲାଏ ବା ପି.ଏଚ୍.ଡ଼ି. ବାଲାଏ ରାସ୍ତା କାଟି ପ୍ରଗତି ଉଦ୍ଦେଶ୍ୟରେ ପାଣି ପାଇପ ବା ଟେଲିଫୋନ୍ ତାର

Digitized by srujanika@gmail.com

ବସାଇଛନ୍ତି ଏବଂ କାମ ସରିବା ପରେ ଆଉ ସେ ରାସ୍ତାରେ ସାଇକେଲରେ ବା ମୋ ପରି ଜୋତା ପାଦରେ ଆସିନାହାନ୍ତି । କୌତୂହଳୀ ହୋଇ କେତୁଟା ସେମିତି କଟା ସ୍ଥାନ ଅଛି ଗଣି ଗଣି ଚାଲିଥାଏଁ ? କ୍ରମେ ରାସ୍ତାର ଜନଗହଳି କମି କମି ଆସୁଥାଏ । ମୋର ମେଜାଜ ମଧ କ୍ରମେ ଭଲ ହେଉଥାଏ, କାରଣ ରିକ୍ସାବାଲାକୁ ମୋତେ ଚାରିଟଙ୍କା ଦେବାକୁ ପଡ଼ିଲା ନାହିଁ ।

ହଠାତ୍ ମୋ ଡ଼ାହାଣ ବାହୁରେ କାହାର ମୃଦୁସ୍ପର୍ଶ ଅନୁଭବ କଲି । ତନ୍ଦ୍ରାନ୍ୱିତ ଅବସ୍ଥାରୁ ସଚେତ ହୋଇ ଦେଖିଲି ଗୁଡ଼ାଏ ଚିଜ ଆଗପଛରେ ବନ୍ଧାବନ୍ଧି କରି ଝୁଲାଇ ସାଇକେଲରେ ଚାଲିଛି ପିଲାଟାଏ । ଦେଖିଦେଲା ମାତ୍ରେ ଜାଣିପାରିଲି ସେ କୌଣସି କଲେଜର ଛାତ୍ରଟିଏ ହୋଇଥିବ । ଏତେବର୍ଷ କାଳ ଶିକ୍ଷକତା କରି ଯଦି ଚେହେରା ପୋଷାକପତ୍ର ଆଚରଣ ଅନୁଧାନ ଗବେଷଣା କରି ଯଦି କିଏ ଛାତ୍ର କିଏ ଅଣଛାତ୍ର ଜାଣି ନପାରିଲି ତେବେ ମୋର ଏମ୍.ଫିଲ୍., ପି.ଏଚ୍.ଡ଼ି. ର ମୂଲ୍ୟ କଣ ?

ଏ ପିଲାଟି କିନ୍ତୁ ସାଏଁ କିନା ପାଖ ଦେଇନଯାଇ ଧୀରେ ଧୀରେ ଖୁବ୍ ସାବଧାନ ଓ ସତର୍କତା ଅବଲମ୍ବନ କରି ଏକା ଏକା ଯାଉଛି, ଆସ୍ତେ ଖୁବ୍ ଆସ୍ତେ, ଯିମିତି ଆସନ୍ନ ପରୀକ୍ଷାର ଗୁରୁ ବୋଝ ବୋହିଛି କେବଳ ମୁହଁରେ ନୁହେଁ, ଦିହର ପ୍ରତି ଅଙ୍ଗପ୍ରତ୍ୟଙ୍ଗରେ ।

ସେ ମୋର ଚାରିପାଞ୍ଚ ହାତ ଆଗରେ, ମୁଁ ତାର ଗତି ସହିତ ତାଳ ଦେଇ ସେ ବ୍ୟବଧାନ ଆଉ ଯେପରି ନ ବଢ଼େ ତାକୁ ନଜର ଦେଇ ଚାଲିଥାଏଁ । ତା ମୁହଁ ଦିଶୁନଥାଏ ପଛପଟୁ ଦେଖି ଜାଣିଲି ସେ ଜୀନ୍ ପେଣ୍ଟ୍ ପିନ୍ଧିଛି । ସାର୍ଟଟା 'ଇନ୍' କରିଛି । କେରିଅରରେ ତେଲେଙ୍ଗାପେଣୁଆଡ଼କୁ ନୂଆ ଆମଦାନୀ ଚାରିପାଞ୍ଚଟା ପତ୍ର ସହ ଫୁଲକୋବି ଚାପା ହୋଇଛି । ଗୋଡ଼ ସଞ୍ଚାଳନ କଲାବେଳେ 'ରଡ୍'ରେ ବନ୍ଧାଥିବା ଦୁଇତିନିଟା ଛୋଟ ଛୋଟ ଥଳିର ଅଂଶ ମଧ ଦିଶିଯାଉଛି ।

ହଠାତ୍ ଦେଖିଲି ମୋର ପାଖ ଦେଇ ଗୋଟାଏ ଆଳୁ କ୍ରିକେଟ ବଲ ଶାଗୁଆ ଘାସପଡ଼ିଆରେ ଗଡ଼ି ଗଡ଼ି ବାଉଣ୍ଡେରୀ ହେଲାପରି ମୋର ଡ଼ାହାଣଗୋଡ଼ ଦେଇ ପାର ହୋଇଗଲା କଳା ପିଚୁରାସ୍ତାରେ । କମ୍ ସେ କମ୍ ଶହେଗ୍ରାମ ଓଜନ ହେବ । ଖୁବ୍ ଶ୍ରଦ୍ଧାରେ ଏଣେତେଣେ ଚାହିଁ ଉଠାଇ ଆଣିଲି । ମଠା ରଙ୍ଗର ଝୀନ୍ ଶାଢ଼ୀ ଦିହରେ ଭିଡ଼ି ପିନ୍ଧିଥିବା ଝିଅଟି ପରି । ଚିକ୍କଣ, ସଲିଡ୍ । ଆମ ସିଆଡ଼ର ଆଳୁପରି ଗଜା ବା ବ୍ରଣଦୁଷ୍ଟ ନୁହଁ । ସଢ଼ା, ନରମା ନୁହଁ, ମାଟିଆ ରଙ୍ଗର ନୁହଁ, ରାସ୍ତା ପରି କଟା କଟା ନୁହଁ ।

ଆଳୁଟିକୁ ପରୀକ୍ଷା ନିରୀକ୍ଷା କରି ରୂପରଂଗରସର ତାରିଫ୍ କରୁଛି ଏବଂ ଭାବୁଛି ସବୁ ଭଲ ଚିଜ କଣ ଏଇଠି ରହିଥାଏ, ଅସୁନ୍ଦର ତଥା ଖରାପକୁ ବଣଜଙ୍ଗଲ ଅଞ୍ଚଳକୁ ପଠାଯାଏ । ପିଲାଟା ଧୀରେ ବ୍ରେକ୍‌ଦେଇ ଓହ୍ଲାଇପଡ଼ିଲା ଏବଂ ମୋ ଆଡ଼କୁ ଚାହିଁଲା ।

Digitized by srujanika@gmail.com

ଦେଖିଲି, ମୋ ପାଖକୁ ଆସିବାକୁ ତାକୁ ଆୟାସ ହେଉଛି । ଏବେ ପିଲାମାନଙ୍କୁ ସାଇକେଲରେ ଷ୍ଟାଣ୍ଡ ନାହିଁ । ଛିଡ଼ା କରାଇବ କିମିତି ? ମୁଁ ଗେଲେଣ୍ଟ ହୋଇ ତା ଆଡ଼କୁ ଚାଲିଗଲି ଏବଂ ଆଳୁଟି ବଢ଼ାଇଦେଲି । ମୋର ଭୟ ହେଲା ସେ କାଳେ ଭାବିଥିବ ମୁଁ ଏତେ ସୁନ୍ଦର ଆଳୁଟାକୁ ଆତ୍ମସାତ୍ କରିବା ମତଲବରେ ଥିଲି ବୋଲି ।

ଆହୁରି ପାଖକୁ ଯାଇ ଛିଡ଼ାହେଲି । ଦେଖିଲି ସାଇକେଲ ଆଗରେ ଲଟକି ଥିବା ପ୍ଲାଷ୍ଟିକ୍ ଝୁଡ଼ିକି, ଯହିଁରେ ସେ କଲେଜକୁ କବିତା ବହି ରଖିଯାଏ । ସେ କିଣିଲାବେଳେ ଠିକ୍ କଳନା ଅନ୍ଦାଜ କରିପାରିନି । ଚାରିକିଲୋ ଜାଗାରେ ପାଞ୍ଚକିଲୋ କିଣି ପକାଇଛି ଏବଂ ଝୁଡ଼ିରେ ସ୍ଥାନ ନିଅଣ୍ଟ ହେଉଛି । ପଇସା ଲୋଭରେ ଚଉଷଠୀ ସ୍ଥାନରେ ଶହେ ଅଠେଇଶି ଛାତ୍ର ଏଡ଼ମିଶନ୍ କଲେ କିଛି ଛାତ୍ର ବାହାରେ ବସିବେ । ଆଳୁଟି ମୋ ହାତରୁ ନେଇ ସେ ଠିକ୍ 'ଏଡ଼ଜଷ୍ଟ' କଲା ।

ସେ ଏଥର ବେଶି ସତର୍କ ହେଲା ଏବଂ ରାସ୍ତାର କଟାସ୍ଥାନ ଗୁଡ଼ାକ ବାଦ୍ ଦେଇ ଆଗକୁ ଚାଲିଲା । କାରଣ ସେଇ କଟାସ୍ଥାନରେ ଚକ ପଡ଼ିଲାମାତ୍ରେ ଝୁଡ଼ି ଡ଼େଇଁଛି ଓ ଆଳୁମାନେ ତଳକୁ ଗଡୁଛନ୍ତି ।

ପୁଣି ଆଉଗୋଟେ ତଳକୁ ଗଡ଼ିଲା । ସମସ୍ତ ସାବଧାନତା ସତ୍ତ୍ୱେ ଏବଂ ପୁଣି ମୁଁ ତାକୁ ଗୋଟେଇ ତା ହାତକୁ ସମର୍ପଣ କଲି ।

ଏଥର ସେ ଆଉ ଚଢ଼ିଲା ନାଇଁ, ଗଡ଼ାଇ ଗଡ଼ାଇ ଚାଲିଲା ଏବଂ ମୁଁ ତା ବାଁ ପାଖରେ ପ୍ରାୟ ଲଗାଲଗି ହୋଇ ଚାଲିଲି । ଦୁଇଥର ମୁଁ ତା ମୁହଁରୁ "Thanks", "Thank you" ଆଶା କରିଥିଲି । ପାଇଲିନାହିଁ ।

ଏଥର ଦୁର୍ବିପାକ ଟିକିଏ ନିଦାରୁଣ ହେଲା । ପଛରେ ଯେଉଁ ଫୁଲକୋବିଗୁଡ଼ିକ ଥିଲେ ସେମାନେ ବହୁ ସମୟ ଧରି ମୁକ୍ତି ପାଇଁ ଛଟପଟ ହେଉଥିଲେ । ତାଙ୍କୁ ଅଟକେଇ ରଖିଥିଲେ ମସୃଣ ଭଙ୍ଗପ୍ରବଣ ପତ୍ରଗୁଡ଼ାକ । ମୁର୍ଦ୍ଦାର ମୁଣ୍ଡ କୋକେଇରୁ ବାହାରି ପଡ଼ି ଠୁଳ ଠୁଳ ହେଲାପରି ଚାରିଟା ଯାକ ନାଚୁଥିଲେ । ହଠାତ୍ ଶରୀର ବନ୍ଧ ଛିନ୍ନ ହୋଇଗଲା ଏବଂ ସେମାନେ ବି ଇତସ୍ତତଃ ଆଳୁଙ୍କ ପରି ବିଚ୍ ରାସ୍ତାରେ ଶ୍ୱେତାଙ୍ଗିନୀ ପରି ଗଡ଼ଗଡ଼ାଇଲେ ।

ମୋତେ ସାଇକେଲ ଧରି ଛିଡ଼ାହେବାକୁ ପଡ଼ିଲା । ସେ ସେଗୁଡ଼ିକ ଯେତେ ପ୍ରକାରେ ଠୁଳକରି ବାନ୍ଧିବାକୁ ଲାଗିଲା, ସମର୍ଥ ହେଲାନାହିଁ । କେରାଏ ପାଳ ବା ଛିଣ୍ଡା ରଶିଟାଏ ଆଲୁଅତଳ ଅନ୍ଧାର ଜାଗାରେ ମିଳିଲା ନାହିଁ । ପ୍ରାୟଶଃ ଜୀର୍ଣ୍ଣ ପଇତାକୁ ବେକଦେଇ ବହୁ କଷ୍ଟରେ ବାହାର କଲି ଏବଂ ସେଥିରେ ଚାରିଟାକୁ ଗୁଡ଼ାଇ ପୁଣି କେରିଅରରେ ବାନ୍ଧିଦେଲି । ତାକୁ ଆଉ ସାଇକେଲ ଗଡ଼ାଇବାକୁ ନଦେଇ ନିଜେ ଥଡ଼ବଡ଼ ହୋଇ ଗଡ଼ାଇଲି । ନିର୍ବିକାର ନିର୍ବିକଳ୍ପ ହୋଇ ପିଲାଟି ଚାଲିଥାଏ । ମୁଁ କହିଲି, 'ଦେଖୁଥିବ କାଳେ ଆଉ କଣ ପଡ଼ିଯିବ ।' ସେହି ଅବସରରେ ଦେଖିଲି ହେଣ୍ଡେଲ ଓ

Digitized by srujanika@gmail.com

ଗଡ଼ର ଥଳିଗୁଡ଼ାକରେ ଚେଙ୍ଗେରାଟି ଓ ପନିପରିବା ଭରପୂର ଥିଲା । 'ଓଭରଲୋଡ଼ିଂ'ର କୁଫଳ ପିଲା ଯା ଭୋଗିଥିଲା । 'ଆଶ୍ଚର୍ଯ୍ୟ ସେ ପିଲାଟା ଅଦ୍ୟାପି Thanks ଦେଲାନି ।

'ତୁମ ଘର ଆଉ କେତେଦୂର ?' ପଚାରିଲି ।

ସେ କହିଲା 'ଏଇ ତ ପହୁଞ୍ଚିଲୁଁ । ଏଇ ଦରଜା ।'

ମୁଁ ଭାବିଥିଲି ଦୁଆରବନ୍ଧ ଦେଇ ସେ ସାଇକେଲ ପାରି କରି ଘର ଭିତରକୁ ନେବ ଏବଂ ମୋତେ ବିଦାୟ ଦେବ । ଓଲଟି ସେ କହିଲା 'ମୁଁ ପଛପଟୁ ଟେକି ଧରୁଛି ।' ଆପଣ ଦରଜାଟା ପାର କରି ଦିଅନ୍ତୁ ।' ମୁଁ ସେଇଆ କଲି । ମୋତେ ଜଣାଗଲା, ମୁଁ ନିଜେ ଯିମିତି ମାର୍କେଟିଂ ପରେ ନିଜ ଥଳି ସାଇକେଲରେ ଥୋଇ ଘରକୁ ଫେରିଲି ।

ମୁଁ ଭାବିଲି ମୋ ନିଜ ଦିହପା ଖରାପ ଥିଲେ ବା ଅନ୍ୟ କୌଣସି ଜରୁରୀ କାମ ଥିଲେ ଯେମିତି ପୁଅକୁ ଟ୍ରେନିଂ ଦେବା ଛଳରେ କୁହେଁ 'ଆଜି ମାର୍କେଟିଂ କରିଦବୁ, ବାପା ।' ତାର ହୁଏ ତ ପରୀକ୍ଷା ଥିବ, ହୁଏତ ସିନେମା, କ୍ରିକେଟ ବା ଅନ୍ୟ କେଉଁ ଆଦରର କାମ ଥିବ ସେ କଥା ତା ବାପା ଭାବିଥାଆନ୍ତି । ପିଲା ନିଶ୍ଚୟ କ୍ରୋଧାନ୍ୱିତ ବା ଅନ୍ୟମନସ୍କ ହେବ, କାରଣ ମାର୍କେଟିଂରେ ତାର ସ୍ପୃହା ନାହିଁ । ବାଧବାଧକତାରୁ ହୁଏତ ତାର ଏ ଦୁର୍ଗତି ।

ଏତିକିବେଳେ ମୋରି ସମବୟସ୍କ ଜଣେ ବୃଦ୍ଧ ବାରଣ୍ଡା ଆଲୁଅ ଜଳାଇ ଅଗଣାକୁ ଆସିଲେ ଏବଂ ଥଳିଗୁଡ଼ାକର ତତ୍ତ୍ୱ ନେବାକୁ ଆରମ୍ଭ କଲେ । ବାପ ପୁଅ ଦି'ଜଣ ହିସାବ ନିକାଶ ନିଆଅଣାରେ ବ୍ୟସ୍ତ ରହିଲେ । 'ଇଏ କିଏ ?'- ବୋଲି ପିତୃଦେବ ପଚାରିଲେ ନାହିଁ, ବୋଧହୁଏ (ଡ଼ାଲଡ଼ା) ଘିଅ ତେଲ ଲୁଣ ଦୁନିଆର କର୍ମବ୍ୟସ୍ତ ଧନ୍ଦାବ୍ୟସ୍ତ ବାପ 'ଇଏ କିଏ' ପଚାରିବାକୁ ବେଳ ପାଏନାହିଁ । ଯିମିତି ପୁଅ ନିଜ ଚିନ୍ତାରେ ମଗ୍ନ ରହି 'ଧନ୍ୟବାଦ' ପଦକ ଦେବା ଦୂରେଥାଉ 'ଚୋର ବା ମତଲବବାଜ୍' ଉପାଧି ମନେ ମନେ ପ୍ରଦାନ କରେ ।

ତା' ଛଡ଼ା ମୁଁ କ'ଣ ସ୍ୱାଧୀନତା ସଂଗ୍ରାମୀ ହୋଇଛି ଯେ, ଦେଶ ବା ଜାତି ଠାରୁ ମୋର ତ୍ୟାଗର ପୁରସ୍କାର ଆଶା କରିବି ଏବଂ ପୁରସ୍କାର ପାଇ ମଧ୍ୟ ପୁଣି ପୁରସ୍କାର ପାଇଁ ଝଗଡ଼ା କରିବି ? ମୁଁ ଯାହା ଠିକ୍ ଭାବିଲି କରିଛି, ନିନ୍ଦା ପ୍ରଶଂସା ଆଦି ଫଳ ମୋର କଣ ଦରକାର ?

ଉଜ୍ଜ୍ୱଳ ଆଲୋକ ଦେଖା ନୋହିଲା, ବିନୋଦରେ ବିହାର ମଧ୍ୟ ଏ ରମଣୀୟ ସନ୍ଧ୍ୟାରେ ସମ୍ଭବ ହେଲା ନାହିଁ । ସ୍ୱପ୍ନପୁରୀକୁ ଫେରିଆସିଲି ।

Digitized by srujanika@gmail.com

# ହଳେ ବଳଦ, ଯୋଡ଼ାଏ ଖାସି ଓ ଦୁଇଟି ପ୍ରାଣୀ

ଦର ଆଉଜା ତାଳପତ୍ର ଟାଟି ଦେଇ ଶାମ ଦେଖିଲା ସୁକୁମାରୀ ଅନ୍ଧାରୁଆ ପଲା ଭିତରେ କଣଟାଏ କୋଳରେ ରଖି ଚେକା ମାରି ବସିଛି । ଏତିକିବେଳେ ସବୁଦିନ ପଡ଼ିଶା ଘରର ବାସି କାମ, ବାସନକୁସନ ମଜାମଜି କାମ ସାରି, ଶାମର ଓ ତା ନିଜ ପେଟ ପାଇଁ ପାଣି ତୋରାଣି ଯୋଗାଡ଼ କରିବା ପାଇଁ ସେ ଫେରେ । କେଉଁଦିନ ପନିପରିବା ଚୋପା, ଶାଗ ଦି ମୁଠା, ନ ହେଲେ ସେମ୍ପଣା ଚୂଡ଼ା ମୁଢ଼ି ଗଣ୍ଡେ ବାବୁ ଘରୁ ନେଇ ଫେରିଥାଏ । ଶାମ ବି ସିମିତି ସକାଳୁ ଉଠି ବସିଲେ ସହର ତଳି ସାହିର ତଦାରଖ କରି ମାଲିମାମୁଲା ବୁଝାବୁଝି କରି ଫେରେ । ଦୁହେଁ ପଦେ ଅଧେ ନିହାତି ଦରକାରୀ କଥାବାର୍ତ୍ତା ହୁଅନ୍ତି । ଗିନାଏ, ବେଲାଏ ପାଣି ତୋରାଣି ପିଇ ଚୂନ ଧୂଆଁପତ୍ର କାନିରେ ଗଣ୍ଠାଇ ସୁକୁମାରୀ ପୁଣି କାମକୁ ଚାଲିଯାଏ । ଶାମ ଘର ଜଗାଜଗି କରେ । ଦୁଆର ମୁହଁ ସଡ଼କ କଡ଼ର ଚା' ଦୋକାନର ପଟା ବେଞ୍ଚରେ ବସି ନାହିଁ ନଥିବା ଖବର, ଗପ କୁହେ, ଶୁଣେ ।

କୋଡ଼ିଏ ହାତରେ କୋଡ଼ିଏ ହାତ ରେଳବାଇ ଜମି ବେଆଇନ୍ ଦଖଲ କରି ଅନ୍ୟମାନଙ୍କ ସାଂଗରେ ଯୁବା ବେଳରୁ 'ମେରେ ଜୀବନ ସାଥୀ' ସୁକୁମାରୀକି ଧରି ସେ ରହିଲାଣି । ଛୋଟ ପଲାଟିରେ ଋତୁ ପର୍ଯ୍ୟାୟକ୍ରମେ ପୋଇ, କଖାରୁ, ଲାଉ ନଟି ମାଡ଼ିଥାଏ । ଓଳି ତଳେ ବାସନକୁସନ ମଜା ସ୍ଥାନର ପାଣି କଳସି ପାଖରେ ସଜନା ଗଛଟି । ଟିକିଏ ଦୂରକୁ ହଜାରୀ କୁନ୍ଦୁରୀ ଲତାଟାଏ ବାରମାସୀ ଫଳ ଅଳ୍ପ ବହୁତେ ଯୋଗାଏ । ପଡ଼ିଶାଙ୍କ ବାଡ଼ କଡ଼ରେ ଆମ୍ବଡ଼ା ଗଛ, ରାସ୍ତା କଡ଼ରେ ବିରାଟ ଫଳନ୍ତି ତେନ୍ତୁଳି ଗଛ । ଆଉ କଣ ଲୋଡ଼ା ବଞ୍ଚିବା ପାଇଁ ?

ଶାମଟି ବଡ଼ ବିଚିତ୍ର ଜୀବ । ତାକୁ କେହି କେବେ ରାଗି ପାରିବନି । ଛୋଟିଆ ମଣିଷଟି, ଅସ୍ଥି ଚର୍ମ । ଚୂଳ କଦମ ଫୁଲିଆ, ନିଶ ଟୁଥ୍‌ବ୍ରଶ ପରି । ଆଣ୍ଠୁ ନ ବଙ୍କାଇ ଖାଡ଼ା କାଠଟା ପରି ଚାଲେ । କଥା କହିବା ପୂର୍ବରୁ ତା ମୁହଁରୁ ହସଟି ଆଗ ବାହାରେ । ସାହିରେ ସେ ଆପେ ଆପେ ନେତା ବୋଲାଏ । ଯୁବା କାଳରେ କେବେ ସିମେଣ୍ଟ କି ଆଳୁବୋରା ବୋହୁଥିଲା ବେଳେ ପିଠିରେ ଯେଉଁ ରକା ଲାଗିଥିଲା ତାହା ଭଲ ହେଲାନି । ତେଣୁ ସୁକୁମାରୀ କେବେ ତାକୁ ଭାରି କାମକୁ ଛାଡ଼େନି । ଏକ କଥାରେ ସୁକୁମାରୀ ତାକୁ ବାହାହୋଇ, ତାକୁ ପିଲାଟି ପରି ଆଦର ଶରଧା କରି ପୋଷିଛି, ପୋଷା ବିରାଡ଼ି କୁକୁର ପରି ପାଳିଛି ।

Digitized by srujanika@gmail.com

କେଉଁଠି ହୁରି ପାଟି କଳି ତକରାଳ ହେଉଛି, ଶାମ ହାଜର । କାହାର ଘରକରଣା ଖଟ ଆଲମାରୀ ଟ୍ରକ୍‌ରୁ ଓହ୍ଲାଇବ, ଶାମ ଉପସ୍ଥିତ । କାହାର ମଟର ଷ୍ଟାର୍ଟ ହେଉନି, ଶାମ ଲୋକ ଯୋଗାଡ଼ କରିଦବ ପଛରୁ ପେଲିବା ପାଇଁ, ନିଜେ ବି ହାତ ଦେଇଥିବ । ସାଇର କେଉଁ ବାବୁ ଭାୟାଙ୍କ ଦିହ ଖରାପ, ଶାମକୁ ଜଣା । ଦେଖାହେଲେ ପଚାରିଦେବ "କି ବାବୁ! ତର ଦିହ ନା କି ଖରାପ ଥିଲା, ଟିକିଏ ଭଲ ହେଲାନି ?" ଟିକିଏ ହସିଲେ ତାର ବତିଶ ଦାନ୍ତ ରୂପା ପରି ଝଟକିବ, ମୁହଁଯାକ ଦାନ୍ତମୟ ହୋଇଯିବ । ଗାଁ ବୋହୂ ଝିଅଙ୍କୁ ଲକ୍ଷ୍ୟକରି ଟୋକାଟାକାଳିଆ କେହି ବଜାରୀ ଯଦି ପଦେ ଅଧେ କହିଛି ତେବେ ଶାମ ସମସ୍ତଙ୍କୁ ହଟାଇ ତା କାନ ମୋଡ଼ାଇବ, ନାକ ଘଷାଇବ । ଏଇ ମାତ୍ର ଶାମ ସେମିତି ଏକ ଟୋକାକୁ ଜବତ୍ କରି, ନିଶ ଚଣଚଣ କରି ଫେରିଛି ।

ମୁଣ୍ଡ ନୂଆ ଘର ଭିତରକୁ ପଶୁଁ ପଶୁଁ, "କିରେ ନୁଙ୍ଗୁରୀ !" କହି ଗର୍ଭିଣୀ ଛଡ଼ାଟି ପିଠିରେ ହାତ ଧୀରେ ଆଉଁଷି ଦେଲା, ଆଉ ମୁଠାଏ ଦୁବ ଘାସ ତା ପାଟିରେ ପୂରାଇ ଦେଲା । ଚାଳର କଣାଦେଇ ଯେଉଁଠି ସୂର୍ଯ୍ୟକିରଣ ପଡ଼ିଥିଲା ସେଇଠି ମଝି ବାଉଁଶ ଖୁଣ୍ଟିକୁ ଆଉଜି ସୁକୁମାରୀ ବସିଥିଲା । ଆଉ ଲୁଗା କାନିରେ କୋଡ଼ରେ ଥିବା ଜୀବଟାକୁ ପୋଛିପାଛି, ପୁଣି ଚୁଲି ନିଆଁରେ ସେକାସେକି କରି ସାଷ୍ଟମ କରୁଥିଲା । କାନ ଦିଟାର ଫଡ଼ ଫଡ଼ ଶବ୍ଦ ଓ ଅର୍ଦ୍ଧ ମୁମୂର୍ଷୁର ମେଁ ମେଁ ଡ଼ାକରେ ଶାମ ବୁଝିପାରିଲା ସୁକୁମାରୀ ଛେଳିଟାଏ କୁଆଡୁ ଆଣିଛି ।

"ୟାକୁ କେଉଁଠୁ ପାଇଲୁ ?"

"କିଣିଛି, ଦୁଇକୋଡ଼ି ଦଶ ଦେଇ ।"

"ପେଣ୍ଠି ନା ବୋଦା ?"

"ପେଣ୍ଠି ।"

"ଟଙ୍କା କେଉଁଠୁ ପାଇଲୁ ?"

"ରଖିଥିଲି, ମୋର ମଜୁରୀ ଟଙ୍କାରୁ, ଦରମା (ପନ୍ଦର) ଟଙ୍କାରୁ ।"

"ବହୁତ ଦାମ ନେଲା । ପଚାଶ ଟଙ୍କା! ଦି କିଲୋ ମାଂସ ହବନି, ରୋଗା ଖାଲି ହାଡ଼ ଚମଡ଼ା ଯେ । ବାୟାଣୀ ହେଲୁ ତୁ ?"

"ତୁ ହିସାବ କରୁନୁ, ତୋରି କଥା ଅନୁସାରେ ଦି କିଲୋ ମାଂସର ଦାମ ତ ଦି କୋଡ଼ି, ଚମଡ଼ା ଅଛି, ମୁଣ୍ଡ, ଗୋଡ଼, ଖୁରା ଠେଙ୍ଗା ଚାରିଟା । ତୁ ନୁଙ୍ଗୁରୀକୁ ଆଣିଲା ବେଳେ କିମିତି ଥିଲା କି ? ମରୁ ମରୁ ସେ ବଞ୍ଚିଲା ହେପାଜତରେ । ବାବୁଘର ଜାଣିଲେ ଯେତେବେଳେ ବଞ୍ଚିବନି ଏମିତି ଦେଇଦେଲେ ସିନା । ଆମେ କି ବେପାର ପାଇଁ କିଣୁଛୁଁ, ଜୀବ ପୋଷୁଛୁ ?"

Digitized by srujanika@gmail.com

ଏଥର ଆରମ୍ଭ ହେଲା ସୁକୁମାରୀର ଛେଳି ବାରଣ ବ୍ରତ, ଦିବର୍ଷ ଆଗରୁ ଶାମର ଯିମିତି ଆରମ୍ଭ ହୋଇଥିଲା ଗୋଚାରଣ ବ୍ରତ । ତ୍ରେତୟାଯୁଗର ଦିଲ୍ଲୀପ ଓ ସୁଦକ୍ଷିଣାଙ୍କ କାଳିଦାସ ବର୍ଣ୍ଣିତ ବ୍ରତ ପରି । ସେମାନେ ଶୋଇଲେ ଏମାନେ ଶୁଅନ୍ତି, ସେମାନେ ଚରିଲେ ଏମାନେ ଅତନ୍ଦ୍ରିତ ହୋଇ ଜଗନ୍ତି ।

ସୁକୁମାରୀର ଅହୋରାତ୍ର ସ୍ନେହ ଶ୍ରଦ୍ଧାପାଇ ଛେଳିଟି ସୁସ୍ଥ ସବଳ ହୋଇ ଖେଳାଲୀଳା ଆରମ୍ଭ କରି ଦେଇ କେତୁଟା ଦିନରେ ଉଭୟଙ୍କ ଚକ୍ଷୁନନ୍ଦନ ହେଲା । ଶାମର ଝିଅର ନାଆଁ ଯଦି 'ନୁଙ୍ଗୁରୀ' ସୁକୁମାରୀର ଝିଅର ନାଆଁ 'ବୁଲାକୀ' । ଶ୍ୟାମର ଛଡ଼ାଟି ଟିକିଏ ଚୋରଣୀ ପ୍ରକୃତିର, ଯିଏ ତା' ଘରେ ବାଡ଼ିରେ ପଶି କଳିକନ୍ଦଳ ଭିଆଏ । ସୁକୁମାରୀର ଛେଳିଟି ବି ସେମିତି ସାଇ ଭିତରେ ବାଡ଼ି ବାଡ଼ି ବୁଲି ବୁଲି ପେଟ ପୂରାଇ ଘରକୁ ଫେରେ, ଉଭୟଙ୍କ ନାମକରଣ ସଫଳ ବୋଲାଯିବ । ନାମବାଚକ ଶବ୍ଦର ଅର୍ଥ ଅଛି ।

ପିଲାଟି ଭିତରେ ବର୍ଷା ଓ ଶୀତ ଦିନରେ ଚାରିପ୍ରାଣୀ ଏକାଠି ଲଗାଲଗି ହୋଇ ଶୋଇଥିବାର ଦେଖିଲେ ଫକୀରମୋହନଙ୍କ ମହାକୁଡ଼ ଓ ମହାକୁଡ଼ାଣୀ କଥା ମନେପଡ଼ିବ ଭଗିଆ ଶାରିଆ କଥା, ତଫାତ୍ ଏତିକି ସେମାନଙ୍କର 'ଛମାଣ ଆଠଗୁଣ୍ଠ'ର ପ୍ରକାଣ୍ଡ ଜମିଦାରୀ ଥିଲା, ଯାଙ୍କର ଗୋଷ୍ପଦେ ସୁଦ୍ଧା ଜମି ନଥିଲା । ସମାନତା ଥିଲା ଦୁଇ ବୟସ୍କ ନିଃସନ୍ତାନ ଦମ୍ପତିଙ୍କ ସନ୍ତାନ କାମନା ସ୍ତରରେ ।

ସହର ତଳି ଘୁଷୁରି ସାହିରେ ସଭ୍ୟ ଅସଭ୍ୟଙ୍କ ସଂଯୋଗ ଓ ସମ୍ମିଶ୍ରଣ ସ୍ଥଳୀରେ ସେମାନଙ୍କ ବସତି । ଘୁଷୁରି ଓ ମଣିଷଙ୍କ ପ୍ରକୃତି ସେଠି ପ୍ରାୟ ସମାନ । ଘୁଷୁରିଗୁଡ଼ାକ ଏଣେ ତେଣେ ବୁଲି କାଦୁଅ, ଗୁହମୂତ ହୋଇ ଶୀଘ୍ର ବଢ଼ିଯାଆନ୍ତି ଏବଂ ପ୍ରଚଣ୍ଡ ସନ୍ତାନ ବିସ୍ଫୋରଣ ଘଟାନ୍ତି, ଘୁଷୁରିଙ୍କ ଦେଖାଶିଖା (ନା ଓଲଟା ?) ମଣିଷମାନେ ମଧ୍ୟ ପ୍ରତିଯୋଗୀତା କରନ୍ତି । ସେମାନଙ୍କ ଯିମିତି ଫୁରୁସତ୍ ନଥାଏ ଜନସମସ୍ୟା ଆଲୋଚନା କରିବାକୁ; ମଣିଷଙ୍କ ଆବଶ୍ୟକତା ନଥାଏ ଆଲୋଚନା ପାଇଁ କାରଣ ସେମାନଙ୍କ ପିଲାଝିଲା ଯୋଗ୍ୟ, କାମିକା, ବେକାର କେଇ ନାହିଁ ସେମାନଙ୍କ ମଧ୍ୟରେ ।

ଘରର ଖଣ୍ଡେ ଦୂରରେ ରାସ୍ତା କଡ଼ର ଯେଉଁ ବିରାଟ ବାଲିଗଦା ତା' ଉପରେ କଳା କଳା ଲଙ୍ଗଳା ଫୁଙ୍ଗୁଳା ପିଲାଝିଲାଏ ସଞ୍ଜ ସକାଳେ ହୁରିପାଟି କରି ଯେତେବେଳେ ଖେଳୁଥାନ୍ତି, ଭୋକଶୋଷ ଭୁଲି ଶାମ ଦେଖେ । ଛାତିରେ ତାର କୋହ ଉଠେ । ସମ୍ଭାଳି ନପାରି ଚିତ୍କାର କରେ, "ବେ ଛୁଆଏ ! ବାଲିଗଦରେ କାହିଁକି ଖେଳୁଛ ?" ସୁକୁମାରି ବି ଦେଖେ ରାସ୍ତା କଡ଼ରେ ଛାତି ମେଲାଇ ଆଠ ଆଠୁଟା ନାଲି ପିଲାପିଲିଙ୍କ ମାଆ ଘୁଷୁରି ଦୁଧ ପିଆଉଛି, ବୁଲା କୁତ୍ତିଟା ଛଅଛଅଟା ଆଖି ନଥିବା ପିଲାପିଲିଙ୍କି ସେମିତି ଭଙ୍ଗୀରେ ଦୁଧ ପିଆଇ ତୃପ୍ତିରେ ସୁଖରେ ଆଖି ବନ୍ଦକରି ଶୋଇଯାଇଛି, ତେଣେ ହାତ ଗୋଡ଼ ପେଟକୁ ମାଡ଼ି ପିଲାଏଁ କ୍ଷୀର, ରକ୍ତ ପିଇ ଚାଲିଛନ୍ତି । ସୁକୁମାରୀ ସମ୍ଭାଳିପାରେନି, ଆଖିରୁ ଲୁହ ଝରୁଥାଏ । ଏମିତି ସନ୍ତାନ ବାତ୍ସଲ୍ୟର ଦୁଇଟି ଦୃଶ୍ୟ ଦେଖି ଦୁଇପ୍ରାଣୀ ଘରକୁ

Digitized by srujanika@gmail.com

ଫେରି ପରସ୍ପରକୁ ଯେତେବେଳେ ଚାହାଁନ୍ତି ଉଭୟେ ଜାଣନ୍ତି ଉଭୟଙ୍କ ବ୍ୟଥା । କୁହାକୁହି ହୁଅନ୍ତି ନାହିଁ, ପରସ୍ପର ପରସ୍ପରକୁ ଦୋଷାରୋପ କରନ୍ତି ନାହିଁ । କପାଳକୁ ଦୋଷ ଦିଅନ୍ତି, ଭଗବାନଙ୍କୁ ଦୋଷ ଦିଅନ୍ତିନି । ବରଂ ପାଖକୁ ପାଖକୁ ପାଖ ଘୁଞ୍ଚିଆସି ଆହୁରି ନିବିଡ଼ ଭାବରେ କୁଣ୍ଢାକୁଣ୍ଢି ହୁଅନ୍ତି ।

ପାଖରେ ମାଆ ମଙ୍ଗଳା ନାହାନ୍ତି, ସାଇରେ ଚମ୍ପା ନାହିଁ, ବା ମଙ୍ଗରାଜ ବଂଶ ନାହାନ୍ତି । ଏମାନେ କଣ ଭଗିଆ ସାରିଆ ପରି ଉଦାର ହୋଇଛନ୍ତି ଯେ, କାହା ହାବୁଡ଼ରେ ପଡ଼ିଯିବେ । ମଣିଷକୁ ସଜନା ସାଗ ବା କୁନ୍ଦୁରିଟାଏ ଦେବା ଅପେକ୍ଷା ଛେଳି ଗୋରୁ ମୁହଁକୁ କେରାଏ ଘାସ ଦେବା ବରଂ ଭଲ । ଏ ଧାରଣା ତାଙ୍କର ବଦ୍ଧମୂଳ ହେଲାଣି ।

କେତେ ବର୍ଷଧରି ଗୁଣିଗାରିଡ଼ି, ତୁଟୁକା ମୁଟୁକା, ଚେରମୂଳିକା ଆଦି ସବୁକଥା ଲୋକ କହିବା ମତେ ସେମାନେ କରି ସାରିଲେଣି । କ୍ରମେ ବଳବଅସ ଗଡ଼ି ଆସିଲା । ସେମାନେ ବେଶ୍ ଜାଣିଗଲେ ଆଉ ହେବନି । କାହାର ଅଭିଶାପ ପଡ଼ିଛି, ଜାଣିଲେ ସିନା ପ୍ରତିକାର କରିବେ । ଦୁହେଁ ଏକାନ୍ତରେ ବସିଥିଲା ବେଳେ ଦିନୁଟିଏ, ଥରୁଟିଏ ହେଲେ ମନେ ମନେ ଏକାବେଳେ କହିଥିବେ "ଭଗବାନ ପଡ଼ିଶା ଘରେ ପଲପଲ ଛୁଆ ହେଲା କୁକୁରର, ବିରାଡ଼ିର, ଘୁଷୁରିର, ବେଙ୍ଗର, ତେଲୁଣୀ ପୋକର । ଆମ ବେଳକୁ ପୁଅ ହଉ କି ଝିଅ ହେଉ, ସାପ ହେଉକି ବେଙ୍ଗ ହେଉ ଗୋଟାଏ କିଛି ଦେଲାନି ? ଆମେ କଣ ଟଙ୍କା ପଇସା ଦେବା ପାଇଁ ଉତ୍ତରାଧିକାରୀ ଚାହୁଁଥିଲୁ ? ସ୍ନେହ ଶ୍ରଦ୍ଧାଗୁଡ଼ାକୁ କାହା ଉପରେ ଅଜାଡ଼ିବୁ ?"

ଏବେ କେଇ ବର୍ଷ ହେଲା ସବୁ ସ୍ନେହଶ୍ରଦ୍ଧା ଦିଜଣଯାକ ଅଜାଡୁଛନ୍ତି 'ନୁଙ୍ଗୁରୀ' ଆଉ 'ବୁଲାକୀ' ଉପରେ ।

କିନ୍ତୁ ଦୁଃଖର କଥା ଗୋଛାଗ ଚାରଣ ବ୍ରତ ତଥାପି ଫଳବତୀ ହେଲାନି । ସୁଦକ୍ଷିଣା ମୁନିଙ୍କ ଧେନୁ ଚରାଇ ଦୋହଦ ଲକ୍ଷଣ ଧାରଣ କଲେ ମାତ୍ର ସୁକୁମାରୀର ଅଦ୍ୟାପି ଗର୍ଭ ସଞ୍ଚାର ନାହିଁ କି ଗର୍ଭ ଲକ୍ଷଣ ନାହିଁ । କିନ୍ତୁ 'ନୁଙ୍ଗୁରୀ' ଓ 'ବାଲୁକୀ' ଉଭୟେ ଏଇ ଭିତରେ ଯୋଡ଼ିଏ ଯୋଡ଼ିଏ ପୁତ୍ର ସନ୍ତାନର ମାଆ ହୋଇପାରିଲେ । ବେଶୀ ବ୍ୟବଧାନ ନଥିବାରୁ ଯାଆଁଳା ପରି ବାଛୁରୀ ଛେଳିଛୁଆଯାକ ଦେଖାଯାନ୍ତି ।

ନୁଙ୍ଗୁରୀ ନେତ ନୁହେଁ ତଥାପି ଯେତିକି କ୍ଷୀର ଦେଲା ତାହା ତା ନିଜ ଛୁଆକୁ ବଞ୍ଚାଇ ଶାମ ସୁକୁମାରୀକି ବଞ୍ଚାଇବା ପାଇଁ ଯଥେଷ୍ଟ । ସୁକୁମାରୀ ବାବୁଙ୍କ ଘର କାମ ଛଡ଼ା ଆଉ ଦିନଯାକ କୁଆଡ଼େ ଖଟେନାହିଁ । ବାବୁ ଘରକୁ କ୍ଷୀରତକ ଦେଇ ଯାହା ପାଏ ସେଥିରେ ଗାଈ ମୁହଁକୁ ତଥା ଦୁଇପ୍ରାଣୀଙ୍କ ମୁହଁକୁ ଦାନା କନା ମିଳିଯାଏ । ଶାମ ଯିମିତି ଘ୍ୟା ତା' ଘରୁ ପେଜ ସଂଗ୍ରହ କରିବାରେ, ଡ଼ାଳପାଲା ଛେଳି ପାଇଁ ପାଇଁ କଟାକଟି କରିବାରେ ଦିନଯାକ ବ୍ୟସ୍ତ ରହେ, ସୁକୁମାରୀ ବି ସିମିତି ଘ୍ୟା ବାଡ଼ି ତା ବାଡ଼ି ଦାଆ

Digitized by srujanika@gmail.com

ବାଉଁଶିଆ ଧରି ବୁଲି ବୁଲି ଗାଈ ବାଛୁରୀଙ୍କ ପାଇଁ ଘାସ ସଂଗ୍ରହ କରେ । ନଡ଼ା ବା ଦାନା କିଣିବା ସେମାନଙ୍କ ପକ୍ଷରେ ସମ୍ଭବ ନୁହେଁ । ନିଜ ପେଟରୁ କାଟି ପେଜ ତୋରାଣି ଟିକ ଗାଈ ବାଛୁରୀ ଏପରିକି ଛେଳିଛୁଆମାନଙ୍କୁ ଦେବାରୁ ସେମାନେ ଛଅଜଣ ତାଗଡ଼ା ହୋଇ ସାଇଯାକ ରାସ୍ତାଘାଟ ଧାଇଁଡ଼ିଆଁ ମାରି ଖେଳାଖେଳି କରୁଥିଲେ ଦେଖିବାପାଇଁ ବାଟଗଲା ଲୋକେ ମଧ୍ୟ ଛିଡ଼ା ହୋଇଯାଆନ୍ତି । ବାଛୁରୀ ଦିଟାରେ ବେକରେ ଚୂଳ, ଭାଲିଆ, କଉଡ଼ି ବନ୍ଧାଥାଏ, ଛେଳିଛୁଆ ଦିଟାର ବେକରେ ଘୁଙ୍ଗୁରୁ ବନ୍ଧାଥାଏ, ଲମ୍ବାକାନିଆ ଉନ୍ନତ ଧରଣର ଛୁଆ ଦିଟା ଭାରି ସୁନ୍ଦର ଦିଶନ୍ତି ।

ଏବେ ଶାମ ସୁକୁମାରୀଙ୍କ ପିଲା ଭରପୂର । ଖାଁ ଖାଁ ଶବ୍ଦ ସ୍ଥାନରେ ହାମା, ମେଏଁ ଡ଼ାକରେ ମୁଖରିତ, ଯିମିତି ବଡ଼ ପରିବାରଟାଏ । ରାତିରେ ଦିମୁଣ୍ଡ ଜାଗାରେ ଆଠମୁଣ୍ଡ ଏକତ୍ର ଶୋଇଥାନ୍ତି । ନିଃଶ୍ୱାସ ଓ ଗଳାଶବ୍ଦରେ ପଲାଟି ଉଠୁଥାଏ ପଡୁଥାଏ, ଯିମିତି ଭୀମ ସେ ଘରେ ଶୋଇଛି । ଯାହାକୁ କହନ୍ତି ପପୁଲେଶନ ଏକସ୍‌ପ୍ଲୋଶନ୍, ଘରେ ଫାଟିବା ଉପରେ । ଶାମ ସୁକୁମାରୀଙ୍କ ଛାତି ଭରପୂର । କୁଣ୍ଡେ ମୋଟ । ବନ୍ଧ୍ୟା ଦୋଷ କଟିଯାଇଛି ଯେମିତି । ସାଇର ପିଲାଝିଲା, ଘୁଷୁରୀପଲ, ଏମିତିକି ଚିଆଁ ପଲ ଦେଖିଲେ ମଧ୍ୟ ପୂର୍ବେ ଯିମିତି ସେମାନଙ୍କର ଈର୍ଷା ବା ବ୍ୟଥା ଉଦୟ ହେଉଥିଲା ଆଉ ସିମିତି ହୁଏନାହିଁ ।

ଗଳ୍ପର ମୋଡ଼ ବଦଳାଇବା ପାଇଁ ଶାସ୍ତ୍ରପୁରାଣକାର ବା ଗାଳ୍ପିକମାନେ ଏମିତି ସ୍ଥାନରେ ପ୍ରକୃତି ବା ଭଗବାନଙ୍କୁ ଏଜେଣ୍ଟ କରି ରୋଗ ବା ମୃତ୍ୟୁ ବା ଏକ୍ସିଡ଼େଣ୍ଟ ଘଟାଇଥାନ୍ତି । କାରଣ ପ୍ରକୃତି ବା ଭଗବାନ ବା ଭାଗ୍ୟ କେହି ମଣିଷର 'ଅତି' ବା ଔଦ୍ଧତ୍ୟ ସହ୍ୟ କରିନପାରି ଦୁଃଖ ବିପଦ ଜରିଆରେ ସମତା ରକ୍ଷା କରିଥାନ୍ତି । ଏଠି ମଧ୍ୟ ସେଇ କଥା ଘଟିଲା ।

ପ୍ରଥମେ ପାଳି ପଡ଼ିଲା ବୁଲାକୀର । ବେଳ ପାଞ୍ଚୁଟାରୁ ଲବକୁଶଙ୍କୁ କଳେବଳେ କ୍ଷୀର ଦେଇ ସାରି ସାଈ ବୁଲିବାକୁ ଯାଇଛି ଯେ, ସଞ୍ଜ ହେଲାଣି ଫେରିବାକୁ ନାହିଁ । ଦି ପୁଅ ତେଣେ ମେଁଏ ମେଁଏ ହେଲେଣି । ସୁକୁମାରୀ ସଞ୍ଜ ହେଲାରୁ ବିପତ୍ତି ମଣି ସାଈର ବାଡ଼ି ବାଡ଼ି ଘର ଘର ଖୋଜାଖୋଜି କରି ଶେଷକୁ 'ବୁଲାକି' 'ବୁଲାକି' ଡ଼ାକରେ ରାତ୍ରିର ପ୍ରଥମ ଯାମଟା ଗଗନ ପବନ ଫଟାଇ ଦେଲା । ଶାମ କହିଲା "ଠିକ୍ ହେଇଛି, କେତେ ପୁରା ଫୁଟାଣୀ ଦେଖାଇ ପାଚେରୀ କାନ୍ଥ ଚଢ଼ି ଫୁଲଫଳ ଗଛର ଡ଼ାଳପତ୍ର ଖାଉଥିଲା । ତାର ଡ଼ର ଭୟ ନଥିଲା କାହାକୁ । ବଜାର ଜାଗା, କେତେ କିସମର ଲୋକ ଅଛନ୍ତି, ଝିଅଗୁଡ଼ାକୁ ତ ଦିନ ଦ୍ୱିପ୍ରହରରେ ଲୋକେ ନେଇ ଯାଉଛନ୍ତି, ସେମାନେ ତୋର ବୁଲାକୀକୁ ଏକେଲା ପାଇଲେ ଛାଡ଼ିଦେବେ ଭାବିଛୁ ?" ଶାମର କଥା ଭବିଷ୍ୟବାଣୀ ପରି କାମ କଲା । ବୁଲାକୀ ଆଉ ଫେରିଲା ନାହିଁ, ସେ ରାତିରେ, ତହିଁ ପରଦିନ ମଧ୍ୟ । ସୁକୁମାରୀ ଗାଈ କ୍ଷୀର ପିଆଇ, କାଖରେ କୋଳରେ ଧରି ଛାତିକି ଲଗାଇ ପାଖରେ

Digitized by srujanika@gmail.com

ଶୁଆଇ ବୁଲାକୀର ଲବ କୁଶ ପୁଅକୁ ବଢ଼ାଇଲା । କେତେବେଳେ କିମିତି ସକ୍‌ସକ୍ ହୋଇ ଲୁହ ଟୋପାଏ ଝରାଇଲେ ଶାମ ସୁକୁମାରୀକୁ କୁହେଁ "ଏ! ଚୁପ୍, କାନ୍ଦନା ଚରମରା ଜାତି, ମରିହଜି ଗଲେ କାନ୍ଦିବା କଥା ନୁହେଁ, ବାବା କହୁଥିଲା । ଲୁହ ଝରାନା ।"

ଗୋଟିଏ ଦୁଃଖ ପରେ ଆଉ ଗୋଟିଏ ଆସିଲା । ଛିଦ୍ର ପାଇଲେ ଅନର୍ଥ ବଢ଼େ । ଭୋର ସକାଳୁ କ୍ଷୀର ଦୁହିଁସାରି ଯିମିତି ନୁଙ୍ଗୁରୀ ଆଉ ତା ପିଲାକୁ ଦଣ୍ଡେ ପାଇଁ ଶାମ ଛାଡ଼ି ଦେଇଛି । ମାଆ ପୁଅ ରେଳ ଲାଇନ୍ ଆଡ଼କୁ ଧାଇଁଗଲେ, ଯିମିତି କେଉଁଠି କଅଁଳ ଦୁବଘାସ କାଲି ସଞ୍ଜରେ ଛାଡ଼ି ଦେଇ ଆସିଛନ୍ତି, ଡ଼େରି କଲେ ଆଉ କିଏ ଖାଇଯିବ । ଶାମ କ୍ଷୀର ନେଇ ବାବୁ ଘର ଆଡ଼କୁ ଚାଲିଗଲା । ବାବୁ ସାଂଗରେ ଏଣୁ ତେଣୁ ଖୁସିଗପ କରି ଅଧଘଣ୍ଟାଏ ପରେ ଘରକୁ ଫେରୁଛି । ସାଇ ପିଲାଟାଏ ଧାଇଁ ଧାଇଁ ଆସି ଖୁସିର ଖବରଟାଏ ଦେଲାପରି କହିଲା, "ଏ ଶାମ! ତର ନୁଙ୍ଗୁରୀକୁ କରମଣ୍ଡଳ କାଟିଦେଲା ଦୁଇଗଡ଼ କରି, ଦେଖିବୁ ଯା ରେଳ ଲାଇନ୍ କଡ଼ରେ ପଡ଼ିଛି ।" "କି କହିଲୁ!"- ଆଉ କିଛି ନ କହି, ଅଦୂରରେ, ବସ୍ତି ଆର ପାଖରେ ଲୋକ ଜମିଥିବା ରେଳଲାଇନ୍ ଆଡ଼କୁ ଧାଇଁଲା । ଲାଇନ୍ ଏପାଖ ସେପାଖରେ ପଡ଼ିଥିବା ନୁଙ୍ଗୁରୀର ଗଣ୍ଡି ମୁଣ୍ଡ ଦେଖି କଣ ଭାବିଲା କେହି ଜାଣିବାର ଉପାୟ ନାହିଁ । ମୁଣ୍ଡଟା ପାଖକୁ ଯାଇ ଆଖି ପାଖରେ ପାପୁଲିରେ ଆଉଁସି ଦେଲା ଏବଂ ଦଣ୍ଡେ ବସିରହିଲା ସେହି ଭଙ୍ଗୀରେ ଯେଉଁ ଭଙ୍ଗୀରେ 'ଗାନ୍ଧୀ' ଛବିରେ ଗାନ୍ଧୀ ସଦ୍ୟ ମୃତା କସ୍ତୁରବା ପାଖରେ ବସିଛନ୍ତି । ଯଥା ସମୟରେ ସୁକୁମାରୀ ବି ସେ ସ୍ଥଳକୁ ଆସିଲା ଏବଂ ପରବର୍ତ୍ତୀ ଦୃଶ୍ୟ ଓ ଘଟଣାବଳୀ ଅନୁମାନ କରିବା କଥା । ବର୍ଣ୍ଣନାରେ କାରୁଣ୍ୟ ଆସିବ ନାହିଁ । କେତେଦିନ ଧରି ଶାମ ଓ ସୁକୁମାରୀ ପଲା ଭିତରୁ ବାହାରକୁ ବାହାରିଲେ ନାହିଁ । ଚୂଲି ଜାଳି ନାହାନ୍ତି । କଥା ନାହିଁ, ବାର୍ତ୍ତା ନାହିଁ, ମୂକ ପଶୁ ଯିମିତି ସବୁ ସହିଯାଏ ସିମିତି । ସେମାନଙ୍କର ବଞ୍ଚି ରହିବାର ଆଗ୍ରହ ପୁଣି ଗଜୁରିଲା ନୁଙ୍ଗୁରୀ ଆଉ ବୁଲାକୀର ଯୋଡ଼ାଏ ବାଛୁରୀ ଆଉ ଦୁଇଟା ଛେଳିଛୁଆ ପାଇଁ । ଯିମିତି ପୁଅ ଝିଅ ମରିଗଲେ ଛେଉଣ୍ଡ ନାତିମାନଙ୍କର ଲାଳନ ପାଳନ ଭାର ମାଆର, ମାଆ ନହେଲେ ମାଆର ବାପ ହାତରେ ପଡ଼େ ସିମିତି ଦ୍ୱିଗୁଣ ଉତ୍ସାହରେ ନୁଙ୍ଗୁରୀ ଆଉ ବୁଲାକୀକୁ ସ୍ମରଣ କରି ଦୁହେଁ ଲାଗିପଡ଼ିଲେ ସେମାନଙ୍କୁ ବଢ଼ାଇବା ପାଇଁ । ଯେଉଁ ଦାୟିତ୍ୱ ନେଇ ନିଜର ପିଲାଝିଲା ପାଳିବାର ଭାଗ୍ୟ ନଥିଲେ ବି ଛଡ଼ାଟାକୁ ଆଉ ପେଣ୍ଡିକି ପାଳି ଯେଉଁ ଅଭିଜ୍ଞତା ସେ ଆଗରୁ ହାସଲ କରିଥିଲେ ତାହା ପ୍ରୟୋଗ କରି ଦୁଇ ସ୍ଥାନରେ ଚାରି ଅଣ୍ଡିରି ପିଲାକୁ ବଢ଼ାଇବାକୁ ଲାଗିଲେ । ଦିନୁ ଦିନୁ ନନ୍ଦତନୟମାନେ ନୂଆ ନୂଆ ଦିଶିଲେ । ଶାମ ସୁକୁମାରୀ ଦୁହେଁ ଏକାବେଳେ ଘର ଛାଡ଼ି ଆଉ ବାହାରକୁ କାମଧନ୍ଦାରେ ଯାଇପାରନ୍ତିନାହିଁ । ଟିପା ଚାଉଳ ଆଣିବାକୁ ଗଲେ ଟିପି ଘର ଜଗେ, ଟିପି ବିରି ଆଣିବାକୁ ଗଲେ ଟିପା ଘର ଜଗେ । ଶାମ

Digitized by srujanika@gmail.com

ସୁକୁମାରୀଙ୍କ ପଶୁ ଜୀବ ପ୍ରତି ଶରଧା ଦେଖି ସାଇପଡ଼ିଶା କହନ୍ତି, ଷଣ୍ଢଛୁଆ, ଛେଳିଛୁଆଙ୍କୁ ତ ଏତେ ଶରଧା, ପୁଅଝିଅ ନାତି ନାତୁଣୀ ପାଇଥିଲେ କଣ ନ କରିଥାନ୍ତେ । କେହି କେବେ ବାଟଗଲା ଲୋକ ପଚାରି ଦିଅନ୍ତି, "ଶାମ ଏମାନଙ୍କୁ କଣ କଣ ଖାଇବାକୁ ଦେଉଛୁ ଯେ, ଦିହ ଏତେ ସୁନ୍ଦର ଚିକ୍‌ଚିକ୍ କରୁଛି, ହାତ ମାରି ଦେଲେ ଦାଗ ବସିଯିବ ?" ହାଇରା ଲାଗିଯିବା ଭୟରେ ଶାମ ଛେପ ଥୁ ଥୁ କରି ଚାରିଟାଙ୍କ ଉପରେ ପକାଇଦିଏ । ଯଦି କାହାକୁ ଉତ୍ତର ଦିଏ, କୁହେ "ବାବୁ, ଖାଇବାକୁ ପିଇବାକୁ ଦେଲେ ଯଦି ଦିହ ଚିକ୍‌ଚିକ୍ କରୁଥାନ୍ତା ତେବେ ବଡ଼ବଡ଼ିଆଙ୍କ ପୁଅଝିଅ ସବୁ ତ ସାଇବ ସାଇବାଣୀ ପରି ବାଟଘାଟରେ ବୁଲୁଥାନ୍ତେ । ଠାକରା ଗାଲ, କଷାଫଳିଆ ପିଚା ଧରି ଅଷ୍ଟା ହଲେଇ ବଙ୍କେଇ ଚାଲୁନଥାନ୍ତେ ହାଡ଼ ଚମଡ଼ା ଦିହରେ ଧରି । ବାବୁ ! ସ୍ନେହ ଶରଧା, ଲହୁ ଲୁହ, ଝାଳରକତ ଖାଇବା ଚିଜ ସାଂଗରେ ବୋଳିଦେଲେ ଅମୃତର ଗୁଣ କରିବ ସିନା !"

ଶୀତ ଦିନିଆ ରାତିରେ ଧୂନି ଚାରିକଡ଼ ଘେରି ଦୁଇମଣିଷ, ଦୁଇ ଗୋରୁ, ଦୁଇ ଛେଳି ଯେତେବେଳେ ଏକାଠି ଗାଜୁଲୁମାଜୁଲ ହୋଇ ଅଚେତ ହୋଇ ଶୋଇଥାନ୍ତି, ଘୁଙ୍ଗୁଡ଼ି କିଏ ମାରୁଛି ଜାଣିହୁଏ ନାହିଁ କି କେଉଁଟା ଖୁରା, କେଉଁଟା ଗୋଡ଼ କି କେଉଁଟା ମୁଣ୍ଡ କେଉଁଟା କାହା ଲାଞ୍ଜ ବାରିହୁଏ ନାହିଁ । ୟା ଗୋଡ଼ ତା ଛାତିରେ, ତା ମୁଣ୍ଡ ୟା ଜଙ୍ଘରେ, ୟା ନାକକୁ ତା ନାକ । ଦିନେ ପହିଲୁ କୁକୁଡ଼ା ଡ଼ାକରେ ସୁକୁମାରୀର ନିଦ ଭାଙ୍ଗିଗଲା । କହିଲା "ବୁଝିଲୁନା, ମୁଁ ଭାବୁଛି ବୁଲାକୀର ପୁଅ ଦିହିଁଙ୍କ ଠାକୁରାଣୀକି ପାଣି ଛଡ଼େଇ ବୋଦା ଛାଡ଼ିଦେବି ।" ଶାମ ଗଳା ଛଡ଼ାଇ କହିଲା, 'ବୁଝିଲୁ ! ମୁଁ ବି ସେମିତି ଭାବିଥିଲି ଷଣ ଛୁଆ ଦିହିଙ୍କ ମହାଦେବ ଗୋସାଇଁଙ୍କ ନାଆଁ ଧରି ତ୍ରିଶୂଳ ଦାଗ ଦେଇ ଛାଡ଼ିଦେବି । ତାହେଲେ ଆମର ନିଜ ଛୁଆପିଲା ନଥିଲେ ବି ଆମ ନାତିମାନେ ଦୁନିଆଁଯାକ କଳା ଧଳା ଗୋରୁ ଛେଳିର ଗୋଠ କରି ଦିଅନ୍ତେ । କିନ୍ତୁ ସେ କଥା ମନରୁ ପାଶୋରୀ ଦେଇଛି । ଏବେ ଆଉ ସେ କାଳ ନାହିଁ, ଦାନପୁଣ୍ୟର ଯୁଗ ଗଲାଣି । ନୁଙ୍ଗୁରୀ ବୁଲାକୀ ଯିମିତି ଆମକୁ କଲେ ଏ ଚାରିଟା ବି ସିମିତି ଚାରିଥର ସେଇ ଦୁଃଖରେ ପକାଇବେ । ତୋର ଠାକୁରାଣୀ ଆଉ ମୋର ମହାଦେବକୁ ନ ମାନିବା ଲୋକ ତ ଦୁନିଆରେ ଢ଼େର ଅଛନ୍ତି । କିଛି ନହେଲେ ନିତିପ୍ରତି ଗାଳି ଗୁଲଜ କିଏ ଶୁଣିବ ? ଏବେଠୁ ହଇରାଣ ହରକତ ଆରମ୍ଭ ହେଲାଣି, ଗୋରୁ ଗୋଠ ଛେଳି ଗୋଠରେ ମିଶି ଉତ୍ପାତ ଆରମ୍ଭ କରି ୟା ଘରେ ତା ଘରେ ସଞ୍ଜ ବେଳକୁ ହାଜର । ସଞ୍ଜଟା ଯାକ ଅନ୍ଧାରରେ ତାଙ୍କୁଇ ଖୋଜିବାରେ ମୋର ଯାଉଛି । ମାଈମାନଙ୍କୁ ସମ୍ଭାଳି ହବ, ପୁଅଗୁଡ଼ା ବଡ଼ ଉତ୍‌ପାତିଆ ।

ସୁକୁମାରୀ ବୁଢ଼ାର କଥାରେ ପ୍ରତିବାଦ କଲା ନାହିଁ । ନାତିମାନେ ବୟସର ପ୍ରଭାବରେ କଣ କି କଣ କରି ବସିବେ, କିଏ ଅବୁଝା ଅଝଟଙ୍କ ପ୍ରାଣନାଶ କରିଦେବ,

Digitized by srujanika@gmail.com

ରାଗରେ ବା ହିଂସାରେ କିଏ ଜାଣେ ? ଲାଗେ ଲାଗେ ଦି ଦିନ ଶାମ ଦାମୁଡ଼ିଆ ଦୁହିଁଙ୍କ ଓ ବୁଲାକୀର ବି ବଢ଼ନ୍ତା ପୁଅଙ୍କୁ ଡ଼ାକ୍ତରଖାନା ନେଇଗଲା ଏବଂ ଫେରାଇ ଆଣିଲା ହଳେ ବଳଦ ଓ ଯୋଡ଼ାଏ ଖାସିର ଛୋଟିଆ ସଂସ୍କରଣ କରି ।

ଦିନେ ହଳେ ବଳଦ ଆଉ ଗୋଟାଏ ଖାସି ସଜନା ଗଛ ମୂଳରେ ଶୋଇ ପରମ ପରିତୃପ୍ତିରେ ପାଜୁ କରୁଥାନ୍ତି । ଶାମ ସୁକୁମାରୀକି କହିଲା, "ଦେଖିଲୁ, ମୁଁ କହୁଥିଲି ପରା କେଡ଼େ ଧିରସ୍ଥିର ଶାନ୍ତଶିଷ୍ଟ ଚାରିହେଁ ଯାକ । ନହେଲେ ଏତେବେଳକୁ ବୋଦାର ମେ ମେ ଡ଼ାକ ଆଉ ଦୁଇଷଣ୍ଢ ଗର୍ଜନରେ ସାଇ ଉଠୁଥାନ୍ତା ପଡୁଥାନ୍ତା, ସମସ୍ତେ ଯାଙ୍କୁ ମାରି ଗୋଡ଼ାଇଥାନ୍ତେ । ସେଇଥିପାଇଁ ପରା ରଜା ବାଦସାମାନେ ତାଙ୍କ ପାଖର ଓ ଦେଶର ଲୋକଙ୍କୁ ଖାସୁକରି ରଖିଥାନ୍ତି ଯେମିତି ବୋଲ ମାନିବେ, ଉଠ୍ କହିଲେ ଉଠ୍, ବସ୍ କହିଲେ ବସିବେ । ତା ଛଡ଼ା ଖାସୁ ନହେଲେ ଚର୍ବି କେମିତି ବଢ଼ିବ, ମୋଟା କିମିତି ହେବେ ?" ବୁଢ଼ୀ ହାଁ ହୋଇ ଚାହିଁ ରହିଥାଏ ତାର ବୁଢ଼ାଟିକୁ । ସତକଥା; ସେ ଦିନେ ନିଜ ଆଖିରେ ଦେଖିଛି ସୁଲେମାନ ଖାସି ଗୋଟାକୁ କାନରେ ଧରି ଜଭେ କରିବାକୁ ଲୋ ବେଳେ ବୋକାଟା ଆମ୍ବପତ୍ର ଚୋବାଉଥାଏ । ଯୋଡ଼ି ବଳଦ ଭୋକ ଉପାସରେ କାଦୁଅ ବିଲ ଦିପହରଯାଏଁ ଚଷୁଥିବେ ଅଥଚ ହଳୁଆର ପେଟକୁ ଗୋଜିଆ ଶିଙ୍ଘରେ ଫାଡ଼ି ଅନ୍ତବୁଜୁଳା କାଢ଼ି ଦେବେ କି ? ବୋକାଗୁଡ଼ାକ ସତରେ ! ଚାବୁକ ଖାଉଥିବେ, ମୁଣ୍ଡ ନାଡ଼ିବେ ନାହିଁ ମୁଠାଏ ଘାସକୁଟା ଲୋଭରେ । ବାଘିଆ କୁକୁଡ଼ା କଣ ଲଢ଼େଇ କି ଆଗେଇବ ?

ଦିନେ ଜଣେ ଗ୍ରାମ୍ୟ ବେଙ୍କର ଫିଲ୍ଡ ଅଫିସର୍ ଶାମର ବଳଦ ହଳକର ସନ୍ଧାନ ପାଇ ତା ଘରେ ଉପସ୍ଥିତ ହୋଇ କହିଲେ "ଶାମ ବାବୁ ! କୋଡ଼ିଏ ପଏଣ୍ଟ କାର୍ଯ୍ୟକ୍ରମ ପୂରଣ ପାଇଁ ଆମେ ବଳଦ ଖୋଜୁଛୁ, ଆଜି ଦରକାର । ଶୁଣିଲି ଆପଣଙ୍କର ତ ଜମିଜାଇଗା କିଛି ନାହିଁ । ଏ ବଳଦ ହଳକ ବିକି ଦିଅନ୍ତୁ ଆମକୁ । ଟଙ୍କା ନିଅନ୍ତୁ, ଇଚ୍ଛାହେଲେ ପଞ୍ଜାବୀ ମଇଁଷୀ ନିଅନ୍ତୁ । ଆଜି ଲାଟ ସାହେବ ଆସୁଛନ୍ତି ।" ଶାମ ତା ନିଶହଳକ ସହିତ ଅଫିସର ଜଣକ ନିଶକୁ ପ୍ରତାଳ କରୁଥିବା ବେଳେ ସୁକୁମାରୀ ଦୁଇ କାନରେ ଘୋଡ଼ା ଛୁଆ ପରି ଗୋଟାଏ ଖାସି ଧରି ଅଗଣାରେ ଉପସ୍ଥିତ ହେଲା । ଅଫିସର ଜଣକର ଆଖି ଯେମିତି ସେ ତେଲିଆ ଖାସି ଦୁଇଟା ଉପରେ ପଡ଼ିଛି ସେ ପୁଣି କହିଲେ "ଶାମବାବୁ ! ଏ ଖାସି ଯୋଡ଼ାକ ଦୁଇ ଦୁଇଟା ବାହାଘର ତୁଲାଇ ନେବେ । ତୁମର ତ ପିଲାଝିଲା ବାହା କରିବାର ପ୍ରଶ୍ନ ଉଠୁନି । ଏ ଦିଟାକୁ ସେ ବଳଦ ହଳକ ସହିତ ଆମକୁ ଦେଇଦିଅ । ସେଇ କୋଡ଼ିଏ ପଏଣ୍ଟରେ ଛେଳି କିଣାବିକାର ବି ବ୍ୟବସ୍ଥା ଅଛି । ବୁଢ଼ା ହୋଇଗଲେ ଖାସିର ଦାମ ନାହିଁ ।"

ଦଣ୍ଡେ ଗୁମକରି କଥାଗୁଡ଼ାକର ମର୍ମ ଛାତିକି ନେଇ ଶାମ କହିଲା, "କଣ କି କହନ୍ତି ବାବୁ, ମୋର ମନ ଭଲ ନାହିଁ ଆଜି । ସେଦିନ, ଯେଉଁଦିନ ବଳଦ ହଳକର ମାଆ ନୁଙ୍ଗୁରୀ କରମଣ୍ଡଳରେ କଟିଗଲା, ତୁମରି ଭଳି ଟାଉଟର କହୁଥିଲା, 'ଶାମ, ଆ ଯିବା

Digitized by srujanika@gmail.com

ଟେସନକୁ ଗାଈର କ୍ଷତିପୂରଣ ଆଣିବା, ସିମିତି ଯେଉଁଦିନ ଏ ଖାସି ଯୋଡ଼ାକର ମାଆ ହଜିଗଲା ଓକିଲ ବାବୁ କହୁଥିଲା ଶାମ ତୁ ଥାନାରେ ଇତାଲା ଦେଇଆ, ସାଈସାରାଙ୍କୁ ବନ୍ଧେଇ ନଦେଇଛି ଯଦି । କ୍ଷତିପୂରଣ ମିଳିବ, ସାଈସାରାକୁ ବାନ୍ଧିଦେଇ ହବ କିନ୍ତୁ ମୋ ନୁଙ୍ଗୁରୀ କୁହ କି ବୁଲାକୀ କୁହ କେହି ମିଳିବେ ନାହିଁ । ଆମେ ତ ନିଜେ ରଖି ପାରିଲୁନାହିଁ । ପରକୁ ଦୋଷ ଦେଇ ଲାଭ କଣ ? ଏତିକି ଜାଣି ବାବୁ, ଟଙ୍କା ପଇସା ଦେଇ ମଣିଷ କିଣିପାରିବୁ ହେଲେ ଆମର ବଳଦ କି ଖାସି ଯୋଡ଼ାକ ପୃଥିବୀର କେହି କିଣିପାରିବେ ନାହିଁ। ପଇସା ପାଇଁ ଇଜ୍ଜତ ବିକିନାହିଁ, ଜୀବନ ବିକିଦେବୁ ? ଯାଆ; ଆଉ କେଉଁଠିକୁ । ମଣିଷଠୁ ପଶୁର ବେଶୀ ଦାମ ଯେବେ ଜାଣିବୁ ମୋ ପାଖକୁ ଆସିବ ଛେଳି ମୁଲେଇବା ପାଇଁ ।"

କିନ୍ତୁ ଶାମର ଦିମାକ ରହିଲା ନାହିଁ । ବଳଦ ହଳକୁ ତାକୁ ବିକିବାକୁ ପଡ଼ିଲା । ପାଖ ଆଖର କାହାକୁ ସେ ବିକିବ ନାହିଁ, କାରଣ ବଳଦ ଯେବେ ତେବେ ଆସି ତା ଦୁଆରେ ହାଜର ହେବେ, ତାଙ୍କୁ ସେ ଦେଖି ପାରିବନାହିଁ । ତେଣୁ ସେ ନିଜେ ହାଟକୁ ନେଇଗଲା । ଯେଉଁଦିନ ନୁଙ୍ଗୁରୀ ରେଳରେ କଟି ମରିଗଲା ସେଇଦିନ ପାଖରୁ ତାର ନାନା ପ୍ରକାର ବେମାର ବାହାରିଲା । ଗଲା ମାସକ ଭିତରେ ସେ ଦୁଇଗୁଣ ବୁଢ଼ୀ ହୋଇଯାଇଛି । ଆପେ ଆପେ କଣ ଗୁଡ଼ାଏ ବକରବକର ହେବାକୁ ଆରମ୍ଭ କଲାଣି । ଶାମ ବଳଦ ହଳକର ହେପାଜତ କରିବ ନା ବୁଢ଼ୀର ଚିକିତ୍ସା ସେବାଶୁଶ୍ରୁଷା କରିବ । ଗୁଜରାଣ ମେଣ୍ଟାଇବା ପାଇଁ ଆଉ ଔଷଧ ଖର୍ଚ୍ଚ ପାଇଁ ସେ ବାଧହେଲା ଏ ନିଷ୍ଠୁର କାମ କରିବାକୁ । ସେ ବଞ୍ଚିବ କିମିତି କୃଷ୍ଣ ବଳରାମ ମଥୁରା ଗଲେ ? କାହା ମୁଖ ଅନାଇ ବଞ୍ଚିବିରେ ଜୀବଧନ! ହେଲେ ବୁଢ଼ୀ ଆଗ ବଞ୍ଚୁ । ବୁଢ଼ୀ  କିନ୍ତୁ ବଞ୍ଚିଲା ନାହିଁ । କୃଷ୍ଣ ବଳରାମଙ୍କୁ ବିକି ବାରଶ ଟଙ୍କାର ନୋଟ ନେଇ ଶାମ ଘରକୁ ଫେରିଲା । ପାଣି ମୁନ୍ଦିଏ ସୁକୁମାରୀର ଓଠ ପାଖରେ ଧରି ଦେଇ ପୁଣି ଶୁଆଇଦେଲା । କହିଲା ହଜାରେ ଆଉ ଦୁଇଶ ଟଙ୍କାରେ ଦୁହିଁଙ୍କ ବିକିଲି । ନେ ମୁଣ୍ଡତଳେ ରଖି ଶୋଇଯା ।" ଯେତିକି ଶକ୍ତି ଥିଲା ତାକୁ ପ୍ରୟୋଗ କରି ସୁକୁମାରୀ କହିଲା "ହାତୀ ପରି କୃଷ୍ଣ ବଳରାମକୁ ଦେଇ ମୁଠାଏ କାଗଜ ଆଣିଲୁ, ନାଜ ମାଡୁନି । ମୋର ନବ କୁଶକୁ ବିକିଦେଲେ ଆହୁରି ଛଅଶ ଟଙ୍କା ପାଇବୁ । ଢ଼େର ଢ଼େର ଟଙ୍କା ଜୀବନରେ କମେଇଲୁ, ନାହିଁରେ ଶାମ । ସେ ଦିହିଙ୍କି ବିକିବୁନି । ବୁଢ଼ା ହୋଇ ଆପେ ଆପେ ଯେବେ ମରିବେ ମରିବେ । ରାଣ ଅଛି ।" ବାରଶ ଟଙ୍କାରୁ ଅଧେ ଖରଚ କରି ବି ଶାମ ସୁକୁମାରୀକୁ ବଞ୍ଚେଇ ପାରିଲାନି । ଦିଟା ଛେଳିକି ଏପାଖ ସେପାଖ ଶୁଆଇ "ନବ, କୁଶ, କୃଷ୍ଣ, ବଳରାମ, ନୁଙ୍ଗୁରୀ, ବୁଲାକୀ, ହରେକୃଷ୍ଣ ହରେ ରାମ, ବାପା, ମାଆ" ଭଜି ଭଜି ସୁକୁମାରୀ ଆଖି ବୁଜିଦେଲା । ବୁଲାକୀ ନୁଙ୍ଗୁରୀ ମଲାବେଳେ ବାପାଙ୍କ କଥା ପଦକ 'ଚରାମରା ଜାତି' ପରସ୍ପରକୁ କହି ଯିମିତି ନ କାନ୍ଦି ଧୈର୍ଯ୍ୟ ଧରି ନିଜକୁ ସମ୍ଭାଳି ଥିଲେ ସୁକୁମାରୀ ମରିବାରେ ଶାମ ସିମିତି ମୁନି

Digitized by srujanika@gmail.com

ପରି ଆଚରଣ କଲା । ତାର ସାନ୍ତ୍ୱନା ବା ସମବେଦନାର ଲୋଡ଼ା ନଥିଲା ଯିମିତି । କେତେଦିନ ଧରି ଛେଳି ଦୁଇଟା ସୁକୁମାରୀ ଯେଉଁଠି ମରିଗଲା ସେଇଠି ଖୁରାରେ ଭୂଇଁକି ରାମ୍ପି ଶୋଇ ପାଜୁ କରୁଥିଲେ, ଅତୀତକୁ ।

ତାପରେ ଆସିଲା ମହାଦେଶର ଅଗଣିତ ଜନତାର ମୁକ୍ତି ଦିବସ । ଶହେବର୍ଷର ସଂଗ୍ରାମ ପରେ ଦାସତ୍ୱ, ଶୃଙ୍ଖଳରୁ ମୁକ୍ତିର ଦିନଟି, କେତେ କେତେ ବଳି, ଜ୍ୱାଳାଯନ୍ତ୍ରଣା, ଅତ୍ୟାଚାର ଅନାଚାର ସହ୍ୟକରିବା ପରେ କ୍ରାନ୍ତିକାରୀ ଅଗଷ୍ଟ ପନ୍ଦର ଆସିଛି । ଏ ଦିନରେ ପତାକା ଉତ୍ତୋଳନ କରି ସମସ୍ତେ ସଂକଳ୍ପ ନିଅନ୍ତି ଏ ଦେଶରେ ଆଉ ପଶୁ ରଖି ଦେବୁନାହିଁ । ଗୋରୁ, ଛେଳି, ମେଣ୍ଢା, କୁକୁଡ଼ା, ମାଛ, ଘୁଷୁରି ବଂଶକୁ ନିପାତ ନିଶ୍ଚିହ୍ନ କରିଦେବୁଁ ଏଦିନ, ଏ ପୁଣ୍ୟଭୂମିରୁ । ମକର, ବିଷୁବ, ରଜ, ଗୁଣ୍ଡିଚାରେ ଯାହା ଯାଇଥିଲେ । ଅବଶିଷ୍ଟାଂଶ ଏଇ ଦିନରେ ସଂହାରରେ ଯିବେ । କେବଳ ମଣିଷ ବଞ୍ଚିବା ପାଇଁ ଏ ଦୁନିଆଁର ସୃଷ୍ଟି ଯିମିତି ।

ସ୍ୱାଧୀନତା ଦିବସର ଡ଼ିନାର ପାଇଁ ଭି.ଆଇ.ପି.ଙ୍କ ଖାଣ୍ଟି ଖାସି ଦରକାର । ଖାନସାମା ଭର୍ତ୍ସନା ଶୁଣିଛି ଯେ ମାଂସ ପିଉର ହେଉନି । (ସେ କଣ ଚିଙ୍ଗୁଡ଼ି ମାଛ ଖାଇଛି ଯେ, ପିଟା ମାଉଁସ କାଟି କରି ଝୋଳ କରିବ ବୁଢ଼ା ପାଇଁ ?) ଯେଉଁମାନେ କାହା ଘରେ କି 'ମାଲ' ଅଛି ତାର ଖବର ଅନ୍ତର ଜାଣନ୍ତି, ତାଙ୍କଠି ଠୁ ଜଣାଗଲା ଶାମ ଛଡ଼ାଏଁ ଦୁନିଆରେ ଆଉ କାହା ଘରେ ସେ ଚିଜ ନାହାନ୍ତି । ଜିପ୍ ଛୁଟିଲା ସହର ତଳିର ଶାମର ପଲାକୁ ।

ଶାମ ସେମାନଙ୍କୁ କହିଲା "ଏ ଖାସି ମୋର ନୁହେଁ ବାବୁ, ବୁଲାକୀର, ସୁକୁମାରୀର ! ମୁଁ ବିକିବି ନାହିଁ ।" ସେମାନେ ତାର ଏ ଅର୍ଥହୀନ ମୂଲ୍ୟହୀନ କଥା ନବୁଝି ଚାରିଶହଟି ଟଙ୍କା ଫୋପାଡ଼ି ଦେଇ ନବ କୁଶକୁ ଜିପରେ ବସାଇ ଯଜ୍ଞଶାଳାକୁ ନେଇଗଲେ । ଶାମ ନଥ୍ କରି ବସିପଡ଼ି ଅନ୍ୟମନସ୍କ ହୋଇ ଛେଳି ଲେଣ୍ଡିଗୁଡ଼ାକୁ ଗୋଟାକୁ ଗୋଟା ଗଣି ଏକାଠି କରୁଥାଏ । ଆଶାହୀନ ନୈରାଶ୍ୟମୟ ଜୀବନର ଦୁଃଖ ଜଞ୍ଜାଳକୁ ସହିବା ଛଡ଼ା ତାର ଆଉ ଗତି କଣ ଅଛି ? ପ୍ରତିକାରର ଉପାୟ ବା କାହିଁ ?

ସେଦିନ ସଞ୍ଜରେ ଶାମର ପଡ଼ୋଶୀ ସମ୍ବାଦ ଦେଲା, "ଶାମ ଭାଇ ! ତୋ କୃଷ୍ଣ ବଳରାମ ସୁଲେମାନ ହାବୁଡ଼ରେ ପଡ଼ିଗଲେରେ । ସେ କୌଶଳ କରି ଅନ୍ୟଦେଇ ତୋଠୁଁ ନେଇଗଲା । ତୁ ତ ତାକୁ କେବେ ଦି ହଜାରରେ ବି ଦେଇନଥାନ୍ତୁ । ବଳଦ ଦିଟା ଅସ୍ଥି ଚର୍ମ ହେଲେଣି, ଦାନାପାଣି ନାହିଁ ଦୁଇଓଳି ଯୋଚୁଛି, ଯେଉଁ ମାଡ଼ !" ଶାମ କହିଲା "ଭାଇରେ ! ମୋର ସେଇ ଦିଟା ପାଇଁ ଦୁଃଖ । ନବ କୁଶ ହାଣ ମୁହଁରେ ଗଲେ, ମୁକ୍ତି ପାଇଗଲେ, ପଶୁ ଜନମରୁ ଉଦ୍ଧରି ଗଲେ, ବଡ଼ଲୋକଙ୍କ ସେବାରେ ପ୍ରାଣ ଦେଲେ । ଶହୀଦ ହୋଇଗଲେ । ଏ ବଳଦ ଦିଟା ଆମ ଦି ପ୍ରାଣୀ ପରି ଖାଲି ଖାଲି ବୃଥା ଜୀବନ କଟାଇବେ, ଭୋକ ଉପାସରେ ଜୀବନର ଯେତେ ଧକ୍କା ଓ ଧୋକା ସହି

Digitized by srujanika@gmail.com

ସହି ନୁଙ୍ଗୁରୀର ବେକ କଟିଥିଲା, ନବ କୁଶର ବି କଟିଗଲା । ବାକି ମୋ ବେକଟା କିଏ କାଟି ଦଉନି ।"

ସେଦିନ ରାତିରେ ଶାମର ବି ଗଣ୍ଡି ମୁଣ୍ଡି କିଏ ଦୁର୍ବୃତ୍ତ (ପଡ଼ୋଶୀ ନୁହେଁ ତ!) ଅଲଗା କରି ତାକୁ ବି ମଣିଷ (ପଶୁ ?) ଜନ୍ମରୁ ଉଦ୍ଧାର କରିଦେଲା ତାରି ଓ ସୁକୁମାରୀର ବଳଦ ଖାସି ବିକା ଟଙ୍କା ଲୋଭରେ ।

ମାସେ ଦିମାସ ପରେ ଶାମ, ସୁକୁମାରୀ ତଥା ନୁଙ୍ଗୁରୀ, ବୁଲାକୀ ଓ ତାଙ୍କ ସନ୍ତାନ ସନ୍ତତିଙ୍କର ଭୂତ, ପ୍ରେତ, ଆତ୍ମା ସବୁ କୁଡ଼ିଆ ଉପରେ ଘୂରି ବୁଲୁଥିଲା ବେଳେ ଦିନେ ସଞ୍ଜରେ ଅଚାନକ ଯୋଡ଼ି ବଳଦ କୃଷ୍ଣ ବଳରାମ ଧାଇଁ ଧାଇଁ ଆସି ତାଙ୍କ ଭଙ୍ଗାରୁଜା ପୁରୁଣା ଘର ଉପରେ ଛିଡ଼ା ହୋଇ କ'ଣ ଶୁଙ୍ଘିବାକୁ ଲାଗିଲେ । ମୁହୂର୍ତ୍ତରେ ଖଣ୍ଡିଆ ଭୂତ ପରି ସୁଲେମାନ ତାଙ୍କ ପଛେ ପଛେ ଆସି ଚାବୁକରେ କୃଷ୍ଣ ବଳାରାମକୁ ବିଦେଶୀ ପୋଲିସ୍ ପରି ପଚାଶ ପଚାଶ ବାଡ଼େଇ କହୁଥାଏ "ହାରାମି ! ସୁଅର କା ବଚା ! ଶାଲା ! ବାରଶ ବିଶ୍ ରୁପେୟା ଦେଇ ମୁଁ କିଣିବି, ତୁ ଶଳା ଶାମର ଗୁଣ ଗାଇବୁ ? ଘର ଚଲୋ, ଶାଲେ !" ଚାବୁକ ମାଡ଼ର ପ୍ରତିଧ୍ୱନି ନଈ ପାଖ ମଶାଣି ଆଡୁ ଆସୁଥାଏ । "ମାରନା, ଥାଉ ମାରନା ! କାଟୁଛି, ବଡ଼ କାଟୁଛି ।"

# ଲୋକେ କ'ଣ କହିବେ

କାଳେ ଲୋକେ କହିବେ "ଦେଖ ! ନିଜର ଏତେ ନିକଟ ସମ୍ପର୍କୀୟ ବ୍ୟକ୍ତି ମୁମୂର୍ଷୁ ଅବସ୍ଥାରେ ଏଇଠି ପାଖରେ ପଡ଼ିଛି, ଅଥଚ ଏଇ ଦଣ୍ଡେ ପାଇଁ ହେଲେ ଯାଇ ଦେଖି ଆସିପାରିଲେ ନାହିଁ ।" ସେଥିପାଇଁ ବଡ଼ ଡ଼ାକ୍ତରଖାନାର ତିନି ନମ୍ବର କେବିନ୍‌ରେ ତାଙ୍କୁ (ଯାହାକୁ ମୁଁ ରୋଗଶଯ୍ୟାରେ ଦେଖିବାକୁ ଯାଏଁ ସେ ଆଉ ବଞ୍ଚିବ ନାହିଁ) ଦେଖି ନେଇ ଆଉଟଡ଼ୋର ରାସ୍ତାରେ ଫେରୁଛି, ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ପ୍ରତିମୂର୍ତ୍ତି ସାମନା ପଡ଼ିଆକୁ ଚାହିଁଲି ।

ମନେପଡ଼ିଲା ବହୁ ବର୍ଷତଳେ ସେଇଠି ଦେଖିଥିବା ଏକ କରୁଣତମ ଦୃଶ୍ୟ । ସେ ସମୟରେ ନରାଜର ରେଳପୋଲ ତିଆରି କାମ ଚାଲିଥାଏ । ହଠାତ୍ ଏକ ନିଦାରୁଣ ସମ୍ବାଦ ସହରରେ ପ୍ରଚାରିତ ହେଲା ଯେ, ଏକ ପ୍ରଚଣ୍ଡ ବିସ୍ଫୋରଣ ବା ବିଷାକ୍ତ ବାଷ୍ପର ଉଦ୍‌ଗମ ଫଳରେ ଅନ୍ୟୁନ ପଚାଶ ଜଣ ପଞ୍ଜାବୀ ଶ୍ରମିକ ଦୁର୍ଘଟଣାରେ ପ୍ରାଣ

ସମାଜ ଶାରଦୀୟ ସଂଖ୍ୟା, ୧୯୮୩ ।

Digitized by srujanika@gmail.com

ହରାଇଛନ୍ତି । ଦିନ ବାରଟାକି ଗୋଟାଏ ହେବ, ସାହସ ବାନ୍ଧି ସେଇ ସ୍ଥାନଟିକୁ ଯାଇ ଦେଖିଥିଲି ପ୍ରାୟ ଶହେହାତ ସ୍ଥାନରେ ମୁର୍ଦ୍ଦାର ସବୁ ଧାଡ଼ିଧରି ଶୋଇଛନ୍ତି, ଆବୃତ ଅବସ୍ଥାରେ । କାହାରି ମୁଣ୍ଡ ହାତ ବା ଗୋଡ଼ ଦିଶୁନାହିଁ କିନ୍ତୁ ପୂର୍ଣ୍ଣାବୟବ ମଣିଷର ଆକାରପ୍ରକାର ଦିଶୁଛି କମ୍ବଳ ଭିତରେ । ଦୈବାତ୍ ସେତିକିବେଳେ ଜଣେ ପଦସ୍ଥ ପୋଲିସ୍ କର୍ମଚାରୀ ଉପସ୍ଥିତ ହୋଇ ଗୋଟି ଗୋଟି କରି ଦେଖିବାକୁ ବା ଗଣିବାକୁ ଚାହିଁଲେ । ତାଙ୍କ ସାଂଗରେ ଥିବା କନେଷ୍ଟବଲଟି ଗୋଟି ଗୋଟି କରି ମୁହଁରୁ କମ୍ବଳ ଉଠାଉଥାଏ । ଗୋଟିଏ ଶ୍ମଶ୍ରୁଳ ମୁହଁ ଦେଖିଲେ ମୁଁ ମନେ ପକାଇଥାଏ ଏ ଅନୁରୂପ ଚେହେରାକୁ ବ୍ରାଉନିଂ, ରବିଠାକୁର, ଟଲଷ୍ଟୟ, ବିଶ୍ୱନାଥ, ନୀଳକଣ୍ଠ ଏପରିକି ଫକୀରମୋହନଙ୍କ ଉପନ୍ୟାସର ଛଣପଟ ପରି ମେଲା ଆଖୁନଜୀଙ୍କ ଦାଢ଼ିକୁ । ଇଂରାଜ କବି ଗ୍ରେ ଯିମିତି ମଶାଣିରେ ବସି ଭାବୁଥିଲେ, ବଞ୍ଚିଥିଲେ ଏଇ ଗାଉଁଲୀ ଲୋକଗୁଡ଼ାକ ବି ବଡ଼ ବଡ଼ ଯୋଦ୍ଧା, କବି ହୋଇପାରିଥାନ୍ତେ, ସେଇ ଭାବନା ମୋର ଆସିଲା । ଉଭୟ ହୃଦୟ ଓ ମନ ଏମିତି ବିକ୍ଷୁବ୍ଧ ଓ ଆନ୍ଦୋଳିତ ହେଲା ଯେ, ସେ ମୁହୂର୍ତ୍ତରୁ ନିଷ୍ପତ୍ତି କଲି ଜୀବନରେ କେବେ ହେଲେ ମୁର୍ଦ୍ଦାର ବା ଖବରକାଗଜରେ ବାରମ୍ବାର ବାହାରୁଥିବା ସ୍ତୂପୀକୃତ ଶବର ଛବି ଦେଖିବି ନାହିଁ । ଆଶ୍ଚର୍ଯ୍ୟ କଥା, ଅନ୍ତିମ ଶଯ୍ୟାରେ ମୁଁ ବାପାଙ୍କୁ ମାଆଙ୍କୁ, ଏପରିକି ନିଜ ସ୍ତ୍ରୀକୁ ବି ଦେଖିପାରିନାହିଁ ।

ବାପାଙ୍କ ବେଳେ ମଶାଣିରେ ପହଞ୍ଚି ଦେଖିଲି ଜୁଇରେ ଅନ୍ତବୁଜୁଳାଟି ମାତ୍ର କୁହୁଳୁଛି । ମାଆଙ୍କ ବେଳେ ଦୁଇ କିଲୋମିଟର ଦୂରରୁ ବସ୍‌ରୁ ଦେଖିଲି ପାହାଡ଼ ତଳ ମଶାଣିରେ ଲହଲହ ହୋଇ ଅଗ୍ନିଶିଖା ଆକାଶକୁ ଉଠୁଛି । ସ୍ତ୍ରୀର ମଶାଣିକୁ ବାରଦିନ୍ ଦିନ ଯାଇଥିଲା ଏ ତିନିହେଁ କେଡ଼େ ମୂଢ଼, ମୋହଗ୍ରସ୍ତ । ଏ ସମସ୍ତେ ଚାହୁଁଥିଲେ, ଶେଷ ନିଶ୍ୱାସ ଛାଡ଼ିଲା ବେଳକୁ ମୁଁ ଯିମିତି ପାଖରେ ଥାଇ ଗଙ୍ଗାଜଳ ତାଙ୍କ ପାଟିରେ ଦିଏଁ ।

ସେଦିନ ଏଇ ମର୍ମନ୍ତୁଦ ଦୃଶ୍ୟ ଦେଖି ଟ୍ରେନ୍ ରେ ଘରକୁ ଫେରୁଥିଲା ବେଳେ ମହାନଦୀ ପୋଲ ଆରମ୍ଭ ସ୍ଥଳରେ ପଞ୍ଜାବୀ ଶବସବୁକୁ କାଳିଆ ବୋଦାକୁ ନିଆଯାଉଥିବାର ମଧ୍ୟ ଦେଖିଥିଲି । ତିନି ନମ୍ବର କେବିନ୍‌ରେ ମୁମୂର୍ଷୁ ଆତ୍ମୀୟକୁ ଦେଖିବା ପରେ ବହୁବର୍ଷ ପୂର୍ବରୁ ଦୃଶ୍ୟ ଓ ଚିନ୍ତାକୁ ପୁଣି ଜାଗ୍ରତ କରି ମୁଁ ଜୀବନ ମୃତ୍ୟୁ ରହସ୍ୟ ଭାବୁଥାଏଁ । ସ୍ୱର୍ଗରେ ଭଲା ଆତ୍ମୀୟ ସ୍ୱଜନଙ୍କ ସହିତ ମୃତ୍ୟୁ ପରେ ଦେଖା ହୁଅନ୍ତା ।

ଏକ ଉତ୍ତପ୍ତ ମସ୍ତିଷ୍କ ନେଇ ଘରେ ସେଇ କୋଠରୀରେ ଶୋଇଥାଏଁ ଯେଉଁଠି ବାପା, ମାଆ, ଆଉ ସ୍ତ୍ରୀଙ୍କର ତୈଳଚିତ୍ର ଅଛି ଓ ଗୋଟାଏ ସ୍ଥାନ ମଧ୍ୟ ରଖାହୋଇଛି ଯହିଁରେ ମୋର ଛବି ରହିବ ମୋ ଅନ୍ତେ । ରାତି କେତେ ହେବ କେଜାଣି ମୋତେ ଜଣାଗଲା ମୋ ଆତ୍ମାଟା ଗୋଟାଏ ବୁଢ଼ା ଆଙ୍ଗୁଳି ରୂପନେଇ ମୋ ଦିହରୁ ବାହାରି ଛୋଟ ରକେଟ୍ ପରି ଆକାଶ ମାର୍ଗକୁ ଉଠିଲା ଏବଂ ଏତେ ଦ୍ରୁତ ଉଠିଲା ଯେ, ମୋ ନିଃଶ୍ୱାସ ବନ୍ଦ

Digitized by srujanika@gmail.com

ହୋଇଯିବା ପରି ଲାଗିଲା । ମୋର ପାଖଦେଇ ସାଏଁ ସାଏଁ ହୋଇ ଅଜସ୍ର ଗ୍ରହନକ୍ଷତ୍ର ପାରହୋଇ ଯାଉଥାନ୍ତି । ପରିଶେଷରେ ମୁଁ (ମୋର ଆତ୍ମା) ଆଲକାତରା ପରି ତରଳ ଅନ୍ଧକାର ଭିତରେ ପଶିଲି ଏବଂ ଦଣ୍ଡେ ପରେ ଆକୁପାକୁ ହେବା ଅବସ୍ଥାରେ ଦେଖିଲି ମୋ ସାମନାରେ କାରୁକାର୍ଯ୍ୟଖଚିତ ହୀରା ନୀଳାର ମନ୍ଦିର ତୋରଣଟିଏ ଯାହା ଆମ ମନ୍ଦିର ମାନଙ୍କର ପ୍ରବେଶ ଦ୍ୱାର ପରି ଦିଶୁଛି । ସେଇ ତୋରଣର ଗୋଟାଏ ପାଖକୁ ଲାଗି ଯକ୍ଷିଣୀ ମୂର୍ତ୍ତିଟି ପରି ମୋ ମାଆ ଅଣ୍ଟା ଭାଙ୍ଗି ଛିଡ଼ା ହୋଇଛି, ଯେମିତି ମୋତେ କେତେ ବର୍ଷ ଧରି ସେଇଠି ଅପେକ୍ଷା କରିଛି ।

ମର୍ତ୍ତ୍ୟରେ ଯିମିତି ଥିଲା ଅବିକଳ ସେମିତି । ଅସ୍ଥି ଚର୍ମସାର, ହରିଦ୍ରାଭ ମୂର୍ତ୍ତି । ଦୁଇ ଇଞ୍ଚିଆ ମୟୂର ଧଡ଼ିର ଓଢ଼ଣା ଟାଣିଛି ଧଳାକଳା ଚୂଳ ଥିବା ମୁଣ୍ଡରେ । ନାକରେ ନୋଥ, ଗୁଣା, ଦଣ୍ଡୀ, କାନରେ କାପ, ବେକରେ ଚମ୍ପାକଢ଼ିମାଳ, ବାହୁରେ ବାଜୁ, ହାତରେ ବଟଫଳ, କପାଳରେ ଛୋଟ ସିନ୍ଦୁର ବିନ୍ଦୁଟି । ମୋ ପାଟିରୁ ସ୍ୱତଃ ବାହାରିପଡ଼ିଲା "ମାଆ" ।

ମୋତେ ଯିମିତି ଦେଖିଛି ଏମିତି ଆନନ୍ଦ ଓ ଗର୍ବରେ ଫୁଲି ଉଠି ଛୋଟିଆ ବଙ୍କା ହସଟିଏ ପାକୁଆ ପାଟି କଣରେ ଖେଳାଇ ପଚାରିଲା, "କିରେ ବାପା ! ଆସିଗଲୁ ! ବାଇଶ ବର୍ଷ ହେଲା ଅପେକ୍ଷା କରିଛି । ବୋହୂ ଅବଶ୍ୟ ମୋଠୁ ଦୁଇବର୍ଷ ବେଶୀ ଅପେକ୍ଷା କଲାଣି ।

ମୁଁ କହିଲି, "ନାହିଁ ମାଆ ! ମୋର ଏଠାକୁ ଆସିବାର ବେଳ ହୋଇନି । ମର୍ତ୍ତ୍ୟ ଏତେ ଶୀଘ୍ର ଛାଡ଼ିବାର ମୋର ମତଲବ ନାହିଁ । ଯେତେ ଯାହା ଦୁଃଖ କଷ୍ଟ ପଡ଼ିଲେ ବି ମର୍ତ୍ତ୍ୟଠୁ ବଳି ସ୍ୱର୍ଗ କାହିଁ ମାଆ ! ତୁମେ ଜାଣୁ ନଥିବ ? ମୁଁ ଆସିଛି ପନ୍ଦର ମିନିଟ୍ ପାଇଁ ଗୋଟାଏ ଅଧେ କଥା ତତେ ଆଉ ତୋ ବୋହୂକୁ ପଚାରିବା ପାଇଁ । ତୁମେ ଦୁହେଁ ମର୍ତ୍ତ୍ୟରେ ଥିଲାବେଳେ ପଚାରିପାରି ନଥିଲି, ଅବକାଶ ବା ଅବସର ନଥିଲା । ଆଚ୍ଛା ମାଆ, ତୋ ବୋହୂ କିମିତି ଅଛି, ମୁନୁ କିମିତି ଅଛି, କେଡ଼େ ବଡ଼ ହେଲାଣି, ତାର ନିଶ ଉଠିଯାଇଥିବ ।"

ମାଆ କହିଲା, "ଇଏ କି ପ୍ରଶ୍ନ ପଚାରୁଛୁରେ ବାପା ! ଏଠି କିଏ କିମିତି ଅଛି ପ୍ରଶ୍ନ ନାହିଁ, ଯିଏ ଯିମିତି ଥିଲା, କ୍ଷୟ ବୃଦ୍ଧି କାହାରି ନାହିଁ । ଜ୍ଞାନ ବି ବଢ଼େନାହିଁ । ମୁନୁ ଯିମିତି ଫୁଟୁକା ଫୁଟୁକା ଲାଲି ଗାଲର ପିଲାଟି ହୋଇ ଏଠାକୁ ଆସିଥିଲା ସେମିତି ଅଛି । ମୋତେ ଦେଖୁନୁ, ଯିମିତି ହାଡ଼ଚମ ସିମିତି, କାହିଁ ପୁଳାଏ ବି ମାଂସ ଅଧିକା ଲାଗିନି !"

ମୁଁ ସେହି ମୁହୂର୍ତ୍ତରେ ନିଷ୍ପତି କଲି ସ୍ୱର୍ଗକୁ ଆସିବାର ଯେତେ ଯେତେ ପନ୍ଥା ସବୁ ନିରୋଧ କରିଦେବି । ଖାଇପିଇ ବହିପତ୍ର ପଢ଼ି ଲେଖି ଯେତେ ଦିନ ପାରିବି କୁକୁର ବିରାଡ଼ି ସାଂଗରେ ବରଂ ଜୀବନ ମର୍ତ୍ତ୍ୟରେ କାଟିବି, ଦେବତାଙ୍କ ସାଂଗକୁ ଏ ଜାଗାକୁ ଆସିବି ନାହିଁ ।

Digitized by srujanika@gmail.com

ଏଇ ମୋର ମାଆ । କଣ ନ କରିଛି ମୋ ପାଇଁ? କେତେ ବାରବ୍ରତ ଉପବାସ ଦାନ ଧ୍ୟାନ! ଆମେ ଥିଲୁଁ ତାର ସବୁ । ଆମକୁ ଛାଡ଼ି ବାପାଙ୍କ କଥା ବୁଝୁଥିଲା ବୋଲି ହାତ ତିଆରି ପିଠା, ହାତ ଗୋଳା ମୁଢ଼ି ଦହି ଚିନି ଖାଇବି ବୋଲି କେତେ ଆଗ୍ରହରେ ଶନିବାର ବା ଛୁଟି ଦିନରେ ଧାଇଁ ଯାଉନଥିଲି । ଛୁଟି ସରିଲେ ଘରୁ ବାହାରିଲା ବେଳେ ଦାଣ୍ଡ ପିଣ୍ଡାରେ କାନ୍ଥ କଡ଼ରୁ ଅଳ୍ପ ଓଢ଼ଣା ତଳେ ଆଖିକୁ ଜଳଜଳ କରି ରୁଦ୍ଧ କଣ୍ଠରେ କୁହେ "ଚିଠି ଦବୁରେ ବାପା, ପହଞ୍ଚିଲା ମାତ୍ରେ । କେତେବର୍ଷ ପରେ, କେତେ ଯୁଗ ପରେ ସେଇ ମାଆକୁ ଦେଖୁଛି, ସେଇ ଆଖିରେ ଆନନ୍ଦାତିଶଯ୍ୟାରେ ଲୁହ ଜମିଥିବାର ଦେଖିପାରୁଛି ।

ପଚାରିଲା, "ମାଆ! ବାପା କାହିଁ?" ଏଇ ବାପାଟି ପୁଣି ଆଉ ଏକ ଜୀବ! ଖରା ନାହିଁ, ବର୍ଷା ନାହିଁ କେତେ ଧାଁ ଧପଡ଼ ନ କରିଛନ୍ତି, କ୍ଷୀର ଟୋପାକ ପାଇଁ ନହେଲେ ଔଷଧ ପାନେ ଦି'ପାନେ ପାଇଁ । ମୋ ପାଇଁ ସେ କେତେ ଗର୍ବିତ । ବଡ଼ପୁଅ, ବଡ଼ ଚାକିରିଆ, ପକ୍କା କୋଠା କରିଛି । ଭିଖାରୀ ବ୍ରାହ୍ମଣଟି, କେତେ ଦିନ ମୋତେ ପଇସାଟିଏ ମାଗି ନାହାନ୍ତି, ନେଇ ନାହାନ୍ତି । ମୁଁ ମହାପାପୀ କୁଆଡ଼େ ତାଙ୍କୁ ନର୍କରୁ ତ୍ରାଣ କରିବି । ମୁଁ ତ ନିଜେ ଅରକ୍ଷ । ପୁଣି ପଚାରିଲି, "ବପା କ'ଣ କରୁଛନ୍ତି ?"

"କଣ କରିବେ! ସେଠି ଘରେ ଥିଲାବେଳେ ଗାଧୋଇ ପାଧୋଇ ଖଟ ଖଣ୍ଡିକରେ ପଡ଼ି ଗୋଡ଼କୁ ଗୋଡ଼ ଉପରେ ଥୋଇ ଶାସ୍ତ୍ର ପୁରାଣ ପଢୁଥିଲେ, ଏଠି ବି ସ୍ବର ଧରି ବୈଦେହୀଶ ବିଳାସ, ସାରଳା ମହାଭାରତ ପଢୁଛନ୍ତି, ଅନେକ ଦେବାଦେବୀ ପାଲା ଗାହାଣ ଶୁଣିଲା ପରି ତାଙ୍କୁ ଘେରି ବସିଛନ୍ତି । ଭାଗବତ ସମସ୍ତେ ପଢ଼ନ୍ତି ଶୁଣନ୍ତି ଚନ୍ଦ୍ରାଲୋକରେ । ଏଠି ଭୋକ ଶୋଷ ନାହିଁ କାହାରି । ଯେତେ କାବ୍ୟ କବିତା ଆଲୋଚନା କଲେ ବି ବେଳ ସରିବ ନାହିଁ । ଆଚ୍ଛା ବାପା । ପ୍ରଶାନ୍ତ, ସୁଶାନ୍ତ କିମିତି ଅଛନ୍ତି ? କମଳା, ବିମଳାର ଖବର ରଖିଛୁ ନା ଭାଇଭଉଣୀରେ ଦେଖା ସାକ୍ଷାତ ନାହିଁ? କଣ ପଚାରିବୁ ବୋଲି କହୁଥିଲୁ ପଚାର । ପନ୍ଦର ମିନିଟ୍‌ରୁ କେତେ ମିନିଟ୍ ଚାଲିଗଲାଣି । ଫେର୍ ବହୂକୁ ତ ଦେଖିବୁ ।"

ମୁଁ କହିଲି, "ମାଆ! ପୁଅର ମନ କଥା ତତେ ଅଛପା ଥିବ ? ଜନ୍ମରୁ ପଚିଶ ବର୍ଷ ଯାଏ ତୁ ମୋର ଏତେ ତତ୍ତ୍ୱ ନେଇଛୁ ଯେ, ମୁଁ ଏକ ଅପଦାର୍ଥ ହୋଇଗଲି । ଥନ ବେଣ୍ଟି ମୋ ମୁହଁରେ ପୁରାଇବା ଠୁଁ ସକାଳର ପାଣି ଦାନ୍ତକାଠି ଯୋଗାଇବା ଏପରିକି ରାତିରେ ଦିହରେ ଚାଦର ଘୋଡ଼ାଇ ଦେବା ପର୍ଯ୍ୟନ୍ତ ମୋର ସବୁ କାମ କରିଛୁ । ମାଆ! ସେତେବେଳେ ଶରଧାରେ ଗେହ୍ଲାରେ ବଢ଼ାଇ ମୋତେ ଯେ କ୍ରମେ କ୍ରମେ ତୁ ଅକର୍ମଣ୍ୟ କରିଦେଉଛୁ ସେ କଥା ବୁଝିଲୁ ନାହିଁ । ଯେତେବେଳେ ମୋର ଡ଼େଣା ଲାଗିଲା, ଖଣ୍ଡିଉଡ଼ା ଶିଖିଲି ଏବଂ ରେଭେନ୍ସା କଲେଜରେ ପାଞ୍ଚବର୍ଷ ସ୍ୱାଧୀନ ହୋଇ ପଢୁଥିଲି ସେତେବେଳେ ମୋତେ ତୋ ହାତରୁ ନେଇ ଆଉ ଗୋଟାକ ହାତରେ ସମର୍ପି

Digitized by srujanika@gmail.com

ଦେଲୁ । ସିଏ ବି ତୋରି ପରି ମୋତେ ଅପଦାର୍ଥ କରିଦେଲା, କୁଟା ଖଣ୍ଡିକ ଦିଖଣ୍ଡ କରିବାକୁ ଦେଲାନି । ମୁଁ ପାଣି ଢ଼ାଳେ ପାଇଁ ବି ତାକୁ ନିର୍ଭର କଲି । ତୁ ମୋର ପଛରେ ଲାଗି ଲାଗି ନିଜକୁ ଅସ୍ଥି ଚର୍ମ କଲୁ, ବାପାଙ୍କୁ ବି ସୁଖ ଦେଇପାରିଲୁ ନାହିଁ, ତୁ ଏକରକମ ଅକାଳରେ ମଲୁ । ଯାହାକୁ ମୋ ସ୍ତ୍ରୀ କରିଥିଲୁ ସେ ବି ମୋରି ସେବାକରି କରି ତୋରି ପରି ଅକାଳରେ ମଲା, ପଲେ ପିଲାଝିଲାଙ୍କ ବୋଝ ମୋର ଉପରେ ଲଦି ଦେଇ ସ୍ତ୍ରୀଲୋକଗୁଡ଼ାକ, ମାଆ, ନିଜ କଥା ମୋଟେ ବୁଝନ୍ତି ନାହିଁ କାହିଁକି ? ଫଳରେ ଆମେ ମରୁଁ । ମତେ କହ, ଏବେ ମୁଁ କଣ କରିବି । ମୁଁ ପୁରା ପଙ୍ଗୁ, ନାରୀ ନିର୍ଭରଶୀଳ । ମୋ ବୟସ ଷାଠିଏ ଟପିଲାଣି । ତୁମେ ଦି'ଜଣ ମୋତେ ଧୋକା ଦେଇ ଚାଲିଆସିଛ । ପୁଅ ଝିଅ ନାତି ନାତୁଣୀ ଯାହାଙ୍କ ଉପରେ ଆଶା ରଖିଥିଲି ସେମାନେ ନୂଆ ବସା ବାନ୍ଧିଲେଣି, ମୋତେ ଧିକ୍କାର, ହତାଦର କରିବାକୁ ଆରମ୍ଭ କଲେଣି ଅନେକ ଦିନରୁ । ଆଉ ମୁଁ......... ସହିବାର ଗୋଟାଏ ସୀମା ଅଛି ମାଆ । ଲେଖାଲେଖି କରି, ବହିପତ୍ର ପଢ଼ି ପଢ଼ାଇ ମନ ଭୁଲାଉଛି, ନିଜକୁ ଠକାଉଛି, ତୁ ଏବେ କହ ମୁଁ ବଞ୍ଚିରହିବା ପାଇଁ ଆଉଗୋଟାଏ ବାହା ହେବି କି ନାହିଁ ?"

ମାଆର ଆଖିରୁ ଠପ୍ ଠପ୍ ହୋଇ ଲୁହ (ଆରେ, ସ୍ୱର୍ଗରେ ବି ଦୁଃଖର ଲୁହ !) କେତେ ଟୋପା ଝରିଗଲା । କହିଲା "ବାପାରେ ! ବହୂ ଏଠାକୁ ଆସିବାର ଦି ବରଷ ପରେ ମୁଁ ଏଠାକୁ ଆସିଲି । ସେ ଦି ବରଷ ତୋ କଥା ଭାବି ଭାବି, ତୋ ଦୁଃଖ ଦେଖି, ପୂର୍ବରୁ କିଛି କରିପାରିଲି ନାହିଁ, ତୋତେ ସାହସ କରି କହି ବି ପାରିଲିନାହିଁ । ମୁଁ ତୋର ମାଆ, ମୋ ମନ କଥା ତତେ କହିଦେଉଛି, ତୋର ଯାହା ଇଚ୍ଛା ତାହା କର । ତୋର ସାମାନ୍ୟ କଷ୍ଟ ହେଉ ଏକଥା ମୁଁ ଚାହେଁନି । ହେଲେ ଲୋକଗୁଡ଼ାକୁ ମୋର ଡ଼ର । ତୁ ଗୋଟାଏ କାମ କରି ବସିବୁ । ଅନ୍ୟ ଲୋକ କଥା ଛାଡ଼ ନିଜର ଆତ୍ମୀୟ ସ୍ୱଜନ ପୁଅ ଝିଅ କଣ ନାହିଁ କଣ କହିବେ, କହନ୍ତୁ ନ କହନ୍ତୁ, କହିଲା ପରି ତତେ ମତେ ଜଣାଯିବ । ରାମଚନ୍ଦ୍ର ସେଇ ଲୋକପବାଦକୁ ଡ଼ରି ସୀତାଙ୍କୁ ବଣକୁ ପଠାଇ ଦେଇଥିଲେ ।"

ଠିକ୍ ମୋରି ମାଆ ପରି କଥାଗୁଡ଼ାକ । ମାଆ ପୁଅର ଏକା ଚିନ୍ତାଧାରା । ଲୋକେ କ'ଣ କହିବେ' ତାର ବି ଡ଼ର । ମୋର ତାଠୁ ବଡ଼ ଡ଼ର ।

ଦଣ୍ଡେ ରହି ପୁଣି ସେ କହିଲା "ତୋ ବହୂକୁ ପଚାରୁନୁ ? ସିଏ କଣ କହୁଛି । ସେ ନିଶ୍ଚୟ ମନାକରିବ, ଏତେ ବଡ଼ ବଡ଼ ଏତେଗୁଡ଼ାଏ ପିଲାଝିଲା ? ଗାଳି ବୃଷ୍ଟି କରିବ । ହେଇ ତ, ତୁ ଆସିବାର କିମିତି ଟେର ପାଇଲା କେଜାଣି ତୋରି ଆଡ଼କୁ ମାଡ଼ି ଆସୁଛି ।"

ମାଆ ଆଡୁ ଆଖି ଫେରାଇ ଆଗକୁ ଚାହିଁଛି, ଦେଖିଲି ଅସମ୍ଭାଳ ହୋଇ ପୂର୍ଣ୍ଣିମା ମୋ ଆଡ଼କୁ ଧାଇଁଛି । ପଲକ ପଡ଼ିଛି କି ନାହିଁ ଧାଇଁ ଯାଇ ତାକୁ ଆଖି କାନ ବୁଜି କୁଣ୍ଢେଇ ପକାଇଲି, ସେତିକି ଜୋର ଓ ସେମିତି ଭଙ୍ଗୀରେ ଯିମିତି ବାହା ପରେ ପ୍ରଥମ ଥର ରେଭେନ୍ସା କଲେଜରୁ ପୂଜାଛୁଟିରେ ଫେରିବା ଦିନ ରୋଷେଇ ଘରେ ଏକୁଟିଆ

Digitized by srujanika@gmail.com

ପାଇ ତାକୁ ଜାବୁଡ଼ି ଧରିଥିଲି । କେତେ ସମୟ (ମୁହୂର୍ତ୍ତେ ହବ !) ଦୁହେଁ ସିମିତି ରହିଲୁଁ ମାଲୁମ ନାହିଁ ।

ଅଲଗା ହେବା ମାତ୍ରେ ମୋ ପାଟିରୁ ବାହାରିଗଲା "O world Invisible, I view thee! O World Intangible, I clutch thee!" "ଅଦୃଶ୍ୟକୁ ଦୃଶ୍ୟମାନ ରୂପରେ ଏବଂ ଅସ୍ପୃଶ୍ୟକୁ ସ୍ପୃଶ୍ୟ ରୂପେ ଦେଖିବାର ଏବଂ ଅନୁଭବ କରିବାର ସ୍ୱର୍ଗୀୟ ଆନନ୍ଦ ମୁଁ ଯୁଗପତ୍ ପାଇଗଲି ।

ମାଆ ତେଣେ ମନ୍ତବ୍ୟ କରିବାର ଶୁଣିଲି, "ବହୂ ! ମୁଁ ଏଠି ଛିଡ଼ା ହୋଇଛି, ତଟେ ନାଜ ମାଡୁନି । ଲୋକେ କ'ଣ କହିବେ ?"

ସ୍ୱୀ କହିଲା, "ମାଆ ! ତୁମେ ଏ ଯାକେ ପୃଥିବୀର ନୀତି ନିୟମ ଭୁଲିନ ଦେଖୁଛି । ସ୍ୱର୍ଗରେ ନାଜ ଅଛି ? ପୁରୁଷଙ୍କୁ ସ୍ୱୀ ପ୍ରେମ କରିବ ସେଥିରେ ପୁଣି ଲୋକେ କଣ କହିବେ ? ପୃଥିବୀର ସବୁ ଜ୍ଞାନ ତୁମର ପାଶୋର ହୋଇଗଲା ?"

"ତୁ ତ ମୋ ପୁଅକୁ ଖରାପ କଲୁ । ମୋଠୁ ତାକୁ ଛଡ଼ାଇ ନେଲୁ । ତୁ ଯିମିତି ଆମ ଘରକୁ ଆସିଛୁ, ମାଆ ପୁଅର କଟି । ତୁ ଆସିବା ପର୍ଯ୍ୟନ୍ତ ସେ କେତେ ଭଲ ନ ଥିଲା ।"

ମୁଁ ଆଶ୍ଚର୍ଯ୍ୟ ହେଲି ସେମାନଙ୍କ ବଚନିକା ଶୁଣି । କହିଲି "ମାଆ ! ଶାଶୁ ବହୂ ମର୍ତ୍ତ୍ୟରେ କଳିକରିବା ନିତ୍ୟନୈମିତ୍ତିକ କଥା, ଶାଶୁ ବହୂ କଳି ବିରାଡ଼ି କୁକୁର କଳି ପରି ଏକପ୍ରକାର । ସ୍ୱର୍ଗକୁ ଆସିଲେ ବି ସେମାନଙ୍କ ପରିବର୍ତ୍ତନ ହେବନି ଏକଥା ମୁଁ ସପ୍ନରେ ବି ଭାବିନଥିଲି ।"

ମାଆ ମୋତେ ଆଣିବା ମତଲବରେ କହିଲା, "ତୁ ତ ତାକୁ ପ୍ରଥମରୁ ମୁହଁ ଦେଲୁ, ଜବତ କରିଥିଲେ ଏମିତି ଖୁରମୁହାଁ ହୋଇଥାନ୍ତା ! ଲୋକେ ତାକୁ ଘଇତା ସୁହାଗିଆ କହୁ ନ ଥିଲେ ?"

ମୁଁ କଣ ଷାଠିଏ ବର୍ଷ ହେଲା ଯାକେ ମା ଦୁଧ ପିଉଥାଆନ୍ତି କି ! ମୋର ବିଶ୍ୱାସ କୌଣସି ମାଆ ତା ବିବାହିତ ପୁଅର ମନ ଜାଣିବାର ଚେଷ୍ଟା ବି କରେନି । ପୁଅଟିକୁ ସକୀୟ ଉପାର୍ଜନ, ସମ୍ପତ୍ତି ଭାବେ ।"

'ସତ କଥା କହିଲୁ ବାପା । ପଚିଶ ବର୍ଷ ଆଉ ଦଶମାସ ଦଶଦିନ ଲହୁ ଲୁହ ହେଇ ଜୀବନକୁ ଜୀବନ ନ ଭାବି ତୋତେ ପାଳିଲି ଯେ, ତାର ଫଳ ହେଲା ମୁଁ ତତେ ଚିହ୍ନିଲି ନାହିଁ, ଚିହ୍ନିଲା ଜାଣିଲା ପରେ ଘରର ପନ୍ଦର ବର୍ଷର ଏକ ଛଟକୀ ଝିଅ ।"

ମୋ କଥାର ଖିଅ ଧରିନେଇ ବ୍ୟଙ୍ଗସୂଚକ ଠାଣୀରେ ପୂର୍ଣ୍ଣିମା କହିଲା, "ଚିହ୍ନିଲା ନାହିଁ, ପାଳିଲା ନାହିଁ ! କଣ ଯେ କୁହ ମାଆ ତାଙ୍କ ପିଲାଟିକୁ ପାଳିଲି, ତାକୁ ପାଳିଲି । ତୁମେ ଯେଉଁ ପଚିଶ ବର୍ଷ ପାଳିଲ ବୋଲି କହୁଛ ସେ ପଚିଶଟା ବର୍ଷ ଯେ କେହି ନର୍ସ ସାଙ୍ଗସାଥୀ, ବୋର୍ଡ଼ିଂ ହୋଷ୍ଟେଲରେ ପୂଜାରୀ ଚାକର ପାଳି ଦେଇଥାନ୍ତେ, ପାଳିଛନ୍ତି

Digitized by srujanika@gmail.com

ମଧ । ମୁଠାଏ ମୁଠାଏ ଖାଇବାକୁ ଦେଉଥିଲେ ବଢ଼ି ଚାଲିଥିବେ । କିନ୍ତୁ ୨୪/୨୫ ବର୍ଷ ପରଠାରୁ ପୁରୁଷପିଲାଙ୍କୁ ପାଳିବା ସ୍ତ୍ରୀ ପକ୍ଷରେ ସବୁଠୁ କଷ୍ଟ ପାଠ । ରାଗ, ରୁଷା, ଅଭିମାନ କେତେ କଣ ସେମାନଙ୍କର । ମୁଁ ଆଠ ଆଠୁଟା ପିଲାଝିଲା ପାଳିବା ସାଂଗରେ ନଅ ନମ୍ବର ପିଲା ଆକାରରେ ତୁମର ଏଇ ବଡ଼ପୁଅ, ବୁଢ଼ା ପୁଅକୁ ପାଳିଛି । ସେଇଟି ମୋର ବି ବୁଢ଼ା ପୁଅ, କୋଡ଼ପୋଛା ପିଲା ଧରି ନିଅ ।"

ଦି ଜଣଙ୍କ ଯୁକ୍ତିତର୍କ କଳିତକରାଳ ବଢ଼ି ଚାଲିବାର ଦେଖି ବିରକ୍ତ ହୋଇ କହିଲି "ମତେ ଆଶ୍ଚର୍ଯ୍ୟ ଲାଗୁଛି ତୁମେ ଦୁହେଁ ପ୍ରତି କଥାରେ ଏମିତି ଲାଗିଯାଉଛ, ଭାବିଛ, ମର୍ତ୍ତ୍ୟରେ ରୋଷେଇ ଘର, ଦାଣ୍ଡବାଟ, କିଆ ପୋଖରୀର ଗାଧୁଅ ଘାଟ ! ମୁଁ ଫେରିଯାଉଛି, ମାଆ ! ତୋତେ ପଚାରି ସାରିଛି ପ୍ରଶ୍ନଟି । ତାକୁ ପଚାରିବାକୁ ତୁ ମତେ ବେଳ ଦବୁନି ଦେଖୁଛି । ତୁମେ ଦୁହେଁ ମୋ ପାଇଁ ବହୁତ କରିଛ, ତୁମପରି ମାଆ ସ୍ତ୍ରୀ ମୋତେ ଜନ୍ମେ ଜନ୍ମେ ମିଳୁ ।"

ସ୍ତ୍ରୀ ଯୋଜିଲା, "ଯାଅ ମା ! ବାପା ଡ଼ାକିଲେଣି, ଗୁଣ୍ଡି ନା ପାନ କ'ଣ ମାଗୁଛନ୍ତି ।"

ମାଆ ମୁହଁ ହାଣ୍ଡି କରି କଡ଼ା ଚାହାଣିଟିଏ ତାକୁ ଦେଇ ଅନ୍ତର୍ହିତ ହୋଇଗଲା ।

ପୂର୍ଣ୍ଣିମା ମୋ ପାଖକୁ ଆସି ଲାଗିହୋଇ ହାତଟାକୁଧରି ମୋ ଆଙ୍ଗୁଳିଗୁଡ଼ାକୁ ଦଲୁଥାଏ ଏବଂ କହୁଥାଏ "ତୁମେ ମାଆକୁ ଯାହା ପଚାରିଛ ତାହା ମୋତେ ଅଛପା ନାହିଁ । ତୁମର ଏ ପ୍ରଶ୍ନ ବହୁ ପୂର୍ବରୁ ଜାଣିଛି । ତୁମ ରକ୍ତ ଶିରା ପ୍ରଶିରାର ଇତିହାସ ଭୂଗୋଳ ମୋତେ ଜଣାଅଛି । ଯାହା ପଚାରିବ, ମୋତେ ଆଗ କୁହ ମୋ ପିଲାଝିଲାଏ କିମିତି ଅଛନ୍ତି ? ମୁଁ ଅସମୟରେ ଚାଲି ଆସିଛି ଇଚ୍ଛା କରି । ଚାଲିଆସିଲି କେବଳ ତୁମେ ସେମାନଙ୍କୁ ଭଲ ପାଳିପାରିବ ବୋଲି ବିନା ସାହାଯ୍ୟରେ, ନହେଲେ ତୁମେ ମୋ ପିଛା ଲାଗି ମୋତେ ବି ଖାଇଥାନ୍ତ, ତୁମ ନିଜକୁ ବି ଖାଇଥାନ୍ତ । ତୁମ ମାଆତ ତୁମକୁ ଅପଦାର୍ଥ କରି ଦେଇଥିଲେ, ବାକି ଯାହା ତୁମର ନିଜର ଥିଲା ଅତିବେଶୀ ପତିଭକ୍ତି ଦେଖାଇ ତୁମକୁ ପଙ୍ଗୁ କରିଦେଲି । ଆମେ ଦୁହେଁ ଯେଉଁ ବିପଦରେ ତୁମକୁ ପକାଇଛୁ ତହିଁରୁ ରକ୍ଷାପାଇଁ ଏଠାକୁ ଧାଇଁ ଆସିଛ ତ । କୁହ ତୁମ କଥା । ଆଉ ଗୋଟିଏ ବାହା ହବ କହୁଛ ତ ? ହଉନ ! ମୋତେ ପଚାରିବାର କଣ ଅଛି ? ମାଆ କଣ କହିଲେ ?"

"ବାହା ହବା କଥା କହୁନି । ବାହା ହବା ବୟସ ଆସୁଛି ମୋର, କଣ ଭାବିଛ ? ମୁଁ କାହିଁକି, କାହାପାଇଁ ଘରକୁ ଫେରୁଛି, ଫେରିବି କୁହ । କାହାକୁ କହିବି, ହେଇ ଦେଖ୍ ପାହାଡ଼ ଆର ପାରି ସୂର୍ଯ୍ୟଟାକୁ । ଝରକା ଆରପାଖ ହେନା ରଜନୀଗନ୍ଧାର ମହକ ଶୁଙ୍ଘି ପାରୁଛ ? ହେଇ ଦେଖ, କେଡ଼େ ସ୍ପିଡ୍‌ରେ କରମଣ୍ଡଳ ଯାଉଛି ।' ଏକୁଟିଆ ସାଂଗ ବିନା ବୁଢ଼ା ମାଙ୍କଡ଼ଟା ବି ଚିଡ଼ିଆଖାନାରେ ମରିଗଲା ରାଉରକେଲାରେ ।"

"ଆରେ ବାବା ! ବାହା ହୁଅ, ସାଙ୍ଗ ନିଅ, ନର୍ସ ନିଅ ଯାହା ଯିମିତି ତୁମର ଇଚ୍ଛା କର । ଆରାମରେ ରୁହ । ଏଠି ସ୍ୱର୍ଗରେ ଅବସ୍ଥା ଦେଖିଲ ତ । ଏଠି କାହାର ହାତୀମୁଣ୍ଡ,

Digitized by srujanika@gmail.com

କାହାର ତିନି, କାହାର ଚାରି, କାହାର ବା ପାଞ୍ଚମୁଣ୍ଡ । ଏ ମୁଣ୍ଡର କଥା ସେ ମୁଣ୍ଡରେ ନାହିଁ । ମୁଁ ବେଶ୍ ବୁଝିଛି, ତୁମେ ଯୁଦ୍ଧ ଫେରନ୍ତା ଏକ ବୀର । ତମର ନରମ କଅଁଳ ଚିକିତ୍ସା ଦରକାର । ମାଆ କଣ କହିଲେ ?"

"ମାଆ କହିଲା ସେ ମୋର ଦୁଃଖକଷ୍ଟ ଦେଖିପାରିବିନି । ବାହା ହେବାକୁ କହିଲା । କିନ୍ତୁ ତାର ଭୟ 'ଲୋକେ କଣ କହିବେ" ।

"ତୁମର ଭୟ କାହିଁକି ?"

"ମାଆ କଥା ନ ମାନିବାକୁ । ମାଆ ପରା ପୃଥିବୀଠୁ ବଡ଼ । ଜୀବନଯାକ ଶାସ୍ତ୍ରରେ ପଢ଼ିଛୁଁ ।"

"ରଖ ତୁମ ଶାସ୍ତ୍ର । ଯେଉଁମାନେ କହୁଥିଲେ ସ୍ତ୍ରୀ କୁ ବିଶ୍ୱାସ କରିବ ନାହିଁ, ତାକୁ ସ୍ୱାଧୀନତା ଦବନି, ସେମାନେ ନିଜେ ବାହା ହୋଇନଥିଲେ ବା ତାଙ୍କର ସ୍ତ୍ରୀ ଥିଲେ ବୋଲି ଜଣାନାହିଁ । ନାରୀଜାତିଙ୍କ ନିନ୍ଦା କରେ ନପୁଂସକ । ତୁମେ ଲୋକକୁହା କଥାକୁ ଡ଼ରୁଛ । ପ୍ରିୟା ସୀତାଙ୍କୁ ବଣକୁ ମିଛକଥା କହି ଭୁଲାଇ ପଠାଇଦେବ । ବାଜେ କଥା ଛାଡ଼ ! ମୁଁ ମଲାବେଳେ ଲୋକେ କଣ କହିଥିଲେ ମନେ ନାହିଁ? ସେ ବଙ୍ଗାଳୀଟା କହିନଥିଲା ତୁମେ ମୋତେ ବାଡ଼େଇ ମାରିଦେଲ ବୋଲି । ସେ କାଠବାଲାଟା କହି ନଥିଲା, ମୋର ପାପଗର୍ଭ ଥିଲା ବୋଲି ! ଯାଅ, ଇଚ୍ଛାନୁସାରେ ମନମନାଇ ଖାଇପିଇ ମର୍ତ୍ତ୍ୟରେ ରୁହ, ସ୍ୱର୍ଗ କଥା ଚିନ୍ତା କରିବନି, ପାପପୁଣ୍ୟ ଚିନ୍ତା କରିବନି । ମୁଁ ତୁମ ସବୁ ପାପ ନେବି । ମାଆ ତୁମକୁ ପାଳିଥିଲେ ନର୍କରୁ ତାଙ୍କୁ ଉଦ୍ଧାର କରିବ ବୋଲି । ମୋତେ ତୁମେ କେଉଁଥିରୁ ଉଦ୍ଧାରିବ ? ପଳାଅ । ମହୀରେ ଥିବ ଯେତେଦିନ, ଆନନ୍ଦ କରୁଥିବ ମନ ।"

"ବେଶ୍ ! ତୁମରି କଥା ହେଲା । ଆଉ କଥାଏ । ତୁ ଦିନେ ଆମ ସେଠାକୁ ଆସ । ସମସ୍ତଙ୍କୁ ଡ଼ାକି ଦିଅନ୍ତି, ଆସନ୍ତେ ପୁଅଝିଅ ନାତି ନାତୁଣୀ । ଦେଖନ୍ତୁ ତୁ ଯିମିତି ମତେ ଜୀବନ ଦେଇ ପାଳିଥିଲୁ ମୁଁ ବି ତାରି ବଦଳରେ ତୋ ଛୁଆଙ୍କୁ କିମିତି ପାଳିଛି । ତୋ ଛାତି କୁଣ୍ଢେ ମୋଟ ହୋଇଯିବ ।"

"ଶୁଣି ଖୁସି ହେଲି । ଏଠାକୁ ଯେ ଆସେ ସେ ଦୁଃଖ କଷ୍ଟ ସହିବାର ଶକ୍ତି ହରାଏ, ଅମଣିଷ ହୁଏ । ତଳୁ ଉପରକୁ ଆସନ୍ତି ଉପରକୁ ତଳକୁ ଯାଆନ୍ତି ନାହିଁ କେହି, କେବଳ ମଝିରେ ମଝିରେ ଭଗବାନ ଯାଇ ଘୂରାଫେରା ନାମକୀର୍ତ୍ତନ କରି ଆସନ୍ତି ଦେବର୍ଷି ନାରଦଙ୍କ ଗହଣରେ ।"

"ଆଚ୍ଛା, ମୁଁ ଯିମିତି ତତେ ସ୍ୱପ୍ନରେ ବାଇଶ ବର୍ଷ ହେଲା ସ୍ୱପ୍ନରେ ଦେଖୁଛି ତୁ ସିମିତି ମୋତେ ସ୍ୱପ୍ନରେ ଦେଖିନାହୁଁ ?"

"ହାୟ ! ହାୟ ! ଏଠି ସ୍ୱପ୍ନ ବି ନାହିଁ, ଅସଫଳ ସ୍ୱପ୍ନ ବୋଲି କଥାଟି ନାହିଁ ।

Digitized by srujanika@gmail.com

ଆଜେବାଜେ କଥା ଛାଡ଼ । ମୁଁ ଯାହା କହୁଛି ତାହା କରିବ ଯାଅ । ମୁଁ ତୁମ ପାଖକୁ ଆସିବା ପୂର୍ବରୁ ଲେଖାଲେଖି କରୁଥିଲି, ମୋତେ ପାଇ ସେ ସବୁ ଛାଡ଼ିଲା ଏବେ ପୁଣି ସାକାସୁରାର ଆଶ୍ରାନେଇ ଲେଖ । ସ୍ୱର୍ଗର ଆନନ୍ଦ ମହୀରେ ପାଇବ । ଖବରଦାର, ଲୋକେ କଣ କହିବେ ସେ କଥା ଭାବିବ ନାହିଁ । ସୀତାଙ୍କ ସ୍ଥାନରେ ସୁନା ପ୍ରତିମା ଥାପି ଯଜ୍ଞ କର ।"

"ଥାଉ ଥାଉ ! ସେତିକି ଢ଼େର । ମୁଁ ଯେଉଁଥିପାଇଁ ଆସିଥିଲି ତାହା ବୁଝିଗଲି । ପାଇଗଲି । ତୁ ମୋତେ ଆଉ ଲେଖାଲେଖି ବିଷୟରେ ଉପଦେଶ ଦିଅନା । ମୋର ସୁବର୍ଣ୍ଣ ସୀତା ଲୋଡ଼ାନାହିଁ । ମୋର ଯଜ୍ଞ ପାଇଁ ତୋର ସ୍ମୃତି ଯଥେଷ୍ଟ । ଲେଖାଲେଖି ପାଇଁ ମୋର ଅଭାବ, ଶୂନ୍ୟତା ଲୋଡ଼ା । ପ୍ରେରଣା ପାଇଁ ଯାହା ଦରକାର ତୋଠୁଁ ପାଇଲିଣି । ତୁ ମାନିନୀ ହୋଇ ବି ମୋତେ ସୁବର୍ଣ୍ଣ ସୀତା ନେବାକୁ ଅନୁମତି ଦେଲୁ ତ, କିନ୍ତୁ ସୁନା ହରିଣ ପଛରେ ମୁଁ ଯିବିନାହିଁ । ମୋର କେହି ନାହିଁ, ନ ତତୋ, ନ ମାତା, ନ ବନ୍ଧୁ, ନ ଭ୍ରାତା, ତୁ ହିଁ ମୋର ଭବାନୀ, ସରସ୍ୱତୀ, ସାରଳା, ଦୁର୍ଗତନାଶିନୀ, ଦୁର୍ଗା Heavenly Muse, 'ତୋ ନାମ ଗାଇ ତୁଣ୍ଡରେ' ବ୍ରଜଦାଣ୍ଡରେ ଭିକ୍ଷା ମାଗିବି । ଲୋକେ ଯାହା କୁହନ୍ତୁ, ପାଗଳ ? ପ୍ରେମିକ ? କବି ? ଯେ ଯାହା ବୋଲିବ ପଛେ ବୋଲୁଥାଉ ।" ପ୍ରଥମ ରାତିର ବାସର ଗୃହକୁ ବାହାରି ଯାଉଥିଲାବେଳେ ଧୀରେ ଧୀରେ ନିଃଶବ୍ଦରେ କବାଟ ଆଉଜାଇ ଚାଲିଗଲା ଭଙ୍ଗୀରେ ପୂର୍ଣ୍ଣିମା ଲାଜୁଆ ଚାହାଣି ଦେଇ ମୋ ଆଗରୁ ଅନ୍ତର୍ହିତ ହୋଇଛି କି ନାହିଁ, ଚାରିଟା ପଇଁଚାଳିଶ ମିନିଟ୍ ଏଲାରାମ୍ ଟ୍ରିଂ ଟ୍ରିଂ ବାଜିଉଠିଲା ।

# ପୁଅ ପାଇଁ ଝିଅ

ଅଭିଜ୍ଞତାରୁ ଜାଣିଲିଣି, ଝିଅ ପାଇଁ ପୁଅ ପାଇବା ଅପେକ୍ଷା ପୁଅ ପାଇଁ ଝିଅ ପାଇବା ବେଶୀ କାଠିକର ପାଠ । ପୁଅଙ୍କ ପାଇଁ ଝିଅ ଖୋଜୁଥିଲା ବେଳେ ଯଦି ବନ୍ଧୁବାନ୍ଧବ ଆତ୍ମୀୟସ୍ୱଜନ କାହା ସଂଗରେ ଦେଖାହୁଏ, କୁହେଁ, "ହେ ଦୟାକରି ମୋ ପୁଅ ପାଇଁ ଗୋଟିଏ ଝିଅ ଖୋଜି ଦିଅନ୍ତୁ ନା ।" ସେ ତ ଦଣ୍ଡେ ସାଗ୍ରହରେ ଚିତ୍କାର କରନ୍ତି "ଝିଅ ! ଗଣ୍ଡା ଗଣ୍ଡା, କେତେ କେଉଁ କିସମର କୁହନ୍ତୁ ।" ଦିନ ଦିନ ମାସ ମାସ ବିତିଯାଏ ତାଙ୍କ ଦେଖାହୁଏ ନାହିଁ । ଦେଖାହେଲେ କୁହନ୍ତି "ଭୁଲି ଯାଇଛି, ହଉ ଦେଖିବା, ଗୁଡ଼ାଏ ଝିଅର ସନ୍ଧାନ ଅଛି ମୋର ।"

---

ସମ୍ବାଦ, ଶାରଦୀୟ ବିଶେଷାଙ୍କ, ୧୯୮୬ ।

Digitized by srujanika@gmail.com

ସେ କାଳରେ ତିନି ତିନିଟା ଝିଅ ପାଇଁ ଅକ୍ଳେଶରେ ପୁଅ ପାଇଥିଲି । ପ୍ରଥମଟି ଗୌରୀ କନ୍ୟା, ନବ ବର୍ଷା ଭବେତ୍ ଗୌରୀ । ନଅ ଦଶ ବେଳକୁ ତାର କାମ ଶେଷ । ଘର ଆଗରେ ଫ୍ରକ୍ ପିନ୍ଧି ଝିଅ ପୁଚି ଖେଳୁଥିଲା ବା ସ୍କିପିଙ୍ଗ୍ କରୁଥିଲା, ଜଣେ ମୋଫସଲ ଅଞ୍ଚଳର ଧନୀ ମହାଜନ (ବସ୍ ବାଲା) ମୋକଦ୍ଦମା ପାଇଁ କୋର୍ଟ କଚେରୀକି ଆସିଥିଲେ, ଲମ୍ବା ଗୋରୀ ଝୀଅଟିକି ଦେଖି ତାଙ୍କ କଲେଜର ଫାଷ୍ଟ ଇଅର ପୁଅ ପାଇଁ ପ୍ରସ୍ତାବ ବାଢ଼ିଲେ । ମାସକ ଭିତରେ ପାଆଁଶ ହଜାରେ ଭିତରେ ଶୁଭକର୍ମ ହେଲା ଏବଂ ଏକନମ୍ବର ଝିଅ ଉଠିଗଲା, ପଢ଼ାପଢ଼ିରେ ପୂର୍ଣ୍ଣଚ୍ଛେଦ ଟାଣି । ସେତେବେଳେ ତା ମାଆ ଥିଲା । ବିଧିବିଧାନ ପୂରାପୁରି ମାନି ଝିଅ ବାହାଦେଇ ଗୌରୀ କନ୍ୟାଦାନର ଫଳ ପାଇଲୁଁ ବୋଲି ଭାବିଥିଲୁ । ପାଞ୍ଚବର୍ଷ ପରେ ଭାରଥୋର ଦେଇ ଝିଅକୁ କାନ୍ଦଣା ଗୀତ ସହିତ ପଠାଇଲୁ ଶାଶୁଘର, ପୁଣି ସାମାନ୍ୟ କେତେ ଶହ ଖରଚ କରି ।

ଦୁଇ ନମ୍ବର ଝିଅ କଲେଜର ପ୍ରଥମ ଶ୍ରେଣୀରେ ପଢୁଥିଲା । ବିଜ୍ଞାନ ଅଧାପକଟିଏ ପ୍ରାକ୍ଟିକେଲ କ୍ଲାସ୍‌ରେ ତା' ସହିତ କଣ ଚୁମ୍ବକରେ କଥାବାର୍ତ୍ତା ହେଲା । ମିଆଁ ବିବି ରାଜି । ବାପ ପାଜି ବା କଣ କରନ୍ତା । ଅଲିଅଳ ପୁଅର ଅଭିଳାଷ ପୂରଣ ପାଇଁ ତା ବାପା ମାଆ ବି ରାଜି ଓ ଆଗ୍ରହୀ ହେଲେ । ମୋର କିଛି ବକ୍ତବ୍ୟ ରହିଲା ନାହିଁ, କାରଣ ମା' ଛେଉଣ୍ଡ ଝିଅଙ୍କୁ ଶୀଘ୍ର ଘରୁ ବିଦା କରିଦେବା ବିଜ୍ଞତାର କାର୍ଯ୍ୟ ବୋଲି ମୁଁ ଧରି ନେଇଥିଲି । ପ୍ରୋଭିଡ଼େଣ୍ଡ ଫଣ୍ଡରେ ପାଞ୍ଚ ସାତ ହଜାର ଯାହା ଥିଲା ତାକୁ ଧାର ଆଣି ବିବାହ ଶେଷକରି କୃତକୃତ୍ୟ ହେଲି । ଝିଅର ରଙ୍ଗ ସାବନା ଏବଂ ହାତରେ କଟା ଦାଗ ଥିଲା ସତ୍ତ୍ୱେ ଜୋାଇଁ ପୁଅ କହିଲା ବିବାହ ସହିତ ସେ ସବୁର କିଛି ସମ୍ପର୍କ ନାହିଁ । ସାବାସ୍ ପୁଅ ।

ସବା ସାନଝିଅ ପିଲା ଦିନରୁ ରୋଗୀଣା ଥିଲା, ପଢ଼ା ଆରମ୍ଭ କରୁଁ କରୁଁ ବୟସ ହୋଇଯାଇଥିଲା । ଉଚ୍ଚଶିକ୍ଷିତା ବୟସ୍କା ଝିଅ ପାଇଁ ବୟସ୍କା ଝିଅ ପାଇଁ ବୟସକୁ ବଡ଼ ଘରର ସୁପୁରୁଷଟିଏ ଭାଗ୍ୟକୁ ଜୁଟିଲା ତା' ମାଆର ଯାହା ଗହଣା ଗାଣ୍ଠି ତାକୁ ଏବଂ ଧାର ଉଧାର ଟଙ୍କା ମିଶାଇ ଦଶ କୋଡ଼ିଏ ହଜାରରେ କାମ ବଢ଼େଇ ଦେଲି । ସେବେ ଡ଼ିମାଣ୍ଡ ଯଉତୁକ ନଥିଲା । ଧର୍ଷଣ, ଆତ୍ମହତ୍ୟା, ହରଣଚାଳ, ନାରୀପ୍ରତି ଅହେତୁକ ନିଷ୍ଠୁରତା ଅନାଚାର ଖବରକାଗଜରେ ପ୍ରତିଦିନ ବାହାରୁନଥିଲା ।

ଝିଅମାନେ ଜଣ ଜଣ ହୋଇ ଏମିତି ଚାଲିଗଲେ । ଏଥର ପୁଅଙ୍କ ପାଳି । ପୁଅମାନଙ୍କ ସହିତ ଘଟଣା କ୍ରମରେ ବ୍ୟବଧାନ ବା ଦୂରତା ମୋର ନଥାଏ । ମୁଁ ଏକାଧାରାରେ ତାଙ୍କର ପିତାମାତା ।' 'ପ୍ରାପ୍ତେତୁ ଷୋଡ଼ଶେ ବର୍ଷେ ପୁତ୍ରଂ ମିତ୍ରବଦାଚରେତ୍ ।' ଏକାଠି ବସିଲେ ଖୋଲାଖୋଲି ଭାବରେ କୌଣସି ବିଷୟରେ ବାଧା ନିଷେଧ ନ ମାନି ଗପୁଁ, ଏପରିକି ସେକ୍‌ସ କଥା । ପୁଅଙ୍କ ବିବାହ ସମ୍ପର୍କରେ ମୋର ମତ ସ୍ପଷ୍ଟ । ସେମାନେ ଯେତେବେଳେ ଯେଉଁ ସର୍ତ୍ତରେ ଯେଉଁଠି ହଁ କରିବେ ମୁଁ ସେଇଠି ବିବାହ ସମ୍ବନ୍ଧ ସ୍ଥିର

Digitized by srujanika@gmail.com

କରିବି । ଉଦ୍ଦେଶ୍ୟ ହେଲା, ପରବର୍ତ୍ତୀ କାଳରେ ସେମାନେ ଯଦି Made for each other ନହେଲେ ତେବେ ମୋତେ ଦୋଷ ଦେଇପାରିବେ ନାହିଁ । ମୋ ପାଖକୁ କଥା ଆସିଲେ ତତ୍‌କ୍ଷଣେ କହିବି "ତୁମେ ନିଜେ ନିଜେ ଏକାଠି ହୋଇଛ, ମୋତେ ତୁମ ଭିତରକୁ ଟାଣୁଛ କାହିଁକି ?" ମୁଁ ଖାଲି ମୋଟାମୋଟି ଭାବରେ ଦେଖିନେବି ତ୍ରିଭୁଜ ଦୁଇଟି ସର୍ବତୋଭାବେ ସମାନ ହୁଅନ୍ତୁ ନ ହୁଅନ୍ତୁ ସେ ଦୁଇଟି ମୂଳତଃ ତ୍ରିଭୂଜ, ସମକୋଣୀ ହୁଅନ୍ତୁ ନ ହୁଅନ୍ତୁ, ସମବାହୁ ହୁଅନ୍ତୁ ନ ହୁଅନ୍ତୁ, କହିପାରିବେ ନାହିଁ "ମା ଥିଲେ ଆମର ଏମିତି ଅମେଳ ହୋଇନଥାନ୍ତା ।"

ଇଞ୍ଜିନିୟରିଂ ପାସ୍ ପରେ ବଡ଼ପୁଅ ଦିନେ ସଞ୍ଜବେଳରେ ଦେଖି ପକାଇଲା ସାଙ୍ଗସାଥୀ ମେଳରେ ଡେ଼ଙ୍ଗୀ ଗୋରୀ ଝିଅଟି ଇଲେକ୍ଟ୍ରି ଆଲୁଅ ତଳରେ ଯାଇଛି ସିନେମା ଦେଖିବାକୁ । ତାର ଲମ୍ବା ଝିଅ ଲୋଡ଼ା କାରଣ ତାଙ୍କ ପୁଅ ଲମ୍ବା ହବ ଏବଂ କ୍ରିକେଟ୍‌ରେ ଓପନିଂ ବୋଲର ହୋଇପାରିବ । ଯେତିକି ସୂଚନା ଓ ଇଙ୍ଗିତ ଝିଅ ବିଷୟରେ ପାଇଲି ସେଥିରେ ଉଦ୍‌ବୁଦ୍ଧ ଓ ଉତ୍ସାହିତ ହୋଇ ନିଷ୍ଠା ଓ ଦୃଢ଼ତାର ସହିତ ଲାଗିପଡ଼ି ପୁତ୍ରର ଇଚ୍ଛା ଫଳବତୀ କଲି ।

ଦ୍ୱିତୀୟ ପୁତ୍ରଟି ଝିଅ ଆହୁରି ପାଖରେ ପାଇଗଲା ସେମିତି ଚାନ୍‌ସ ଉପରେ । ଦୁଇ ତିନି ଝିଅ ନେଇ ରାଜଧାନୀର ଏକ ସମ୍ଭ୍ରାନ୍ତ ସଙ୍ଗତିସମ୍ପନ୍ନ ପରିବାର ଅନ୍ୟ ଏକ ସହରର ମୋ ଜୋଇଁ ଘରକୁ ଆସିଥିଲେ । ସେଇଠି ମୋ ଡ଼ାକ୍ତର ପୁଅ ଓ ତାଙ୍କ ଝିଅଙ୍କ ଭେଟଘାଟ ହେଲା, ସେଇଠି ତାର ନାନୀ ଘରେ । ମହାମଉଜରେ ନିର୍ବିଘ୍ନରେ ନିର୍ବନ୍ଧ ଓ ବିବାହ ଶେଷ ହେଲା ।

ତୃତୀୟ ପୁତ୍ର ପଢ଼ାପଢ଼ି ଶେଷକରି ଅଧ୍ୟାପକ ଚାକିରୀ କରୁ କରୁ ସିନେମା ଛକ, ପୂଜାମଣ୍ଡପ, ଜଗନ୍ନାଥ ମନ୍ଦିର, କଲେଜ ଫାଟକ ପାଖରେ ଝିଅ ସନ୍ଧାନରେ ଘୂରାଫେରା କରୁ କରୁ ଅକସ୍ମାତ ପାଇଗଲା ତାରି ମନମାଫି ଅନିନ୍ଦ୍ୟ ସୁନ୍ଦରୀକୁ । ମୁଁ ତାଠୁ ଯଥା ସମୟରେ ସୂଚନା ପାଇ ଛ'ମାସ କାଳ ନାକେଦମ୍ ହୋଇ ଆଶାନିରାଶା ଭିତରେ ଯାଇ ତାକୁ ବହୁ କରିପାଇଲି ।

ତିନି ପୁଅ ତିନି ଝିଅଙ୍କ ଏଇ ଯେଉଁ ବିବାହ ହୋଇଗଲା କୌଣସିଥିଲେ ଜାତକ ମେଳ କରିନି, ଯଉତୁକ, ବେଦଖର୍ଚ୍ଚ, ରାସ୍ତାଖର୍ଚ୍ଚ, ନମସ୍କାରୀ ଆଦି କଥା ଉଠାଇନି । ଭାଗ୍ୟଭଲ, ଭଲରେ ଭଲରେ ସବୁ ଚଢ଼େଇ ଯୋଡ଼ ବାନ୍ଧି ମୋ ବସାରୁ ଉଡ଼ିଗଲେ । ସବୁ ସୁଖରେ ରହିଲେ, ତିନିଝିଅ ପାଇଲେ ଦୋତାଲା, ତିନି ପୁଅ ପାଇଲେ ଦୋତାଲା ଶ୍ୱଶୁର ଘର । କେବଳ ମୋରି ଘରଟି ହେଲା ଭଡ଼ାଘର । ଯେଉଁଠି ରହିଲୁ ବୁଢ଼ାବାପ, ବୁଢ଼ା ପୁଅ, ଦୁଇ ଭାଇ ପରି । କୌଣସି କ୍ଷେତ୍ରରେ ଇଷ୍ଟାରକାଷ୍ଟ ହେଇନି, ବର୍ଣ୍ଣଶଙ୍କର ଆସିନାହାନ୍ତି ମୋ କୁଳୀନ ପରିବାରକୁ, ପିତୃପିତାମହଙ୍କ ନାଁ ବୁଡ଼ାଇବାକୁ ।

Digitized by srujanika@gmail.com

ବାହାହେବାକୁ ବାକୀ ରହିଲା ଜଣେ ସବା ସାନପୁଅ ବିଶ୍ୱଜିତ୍, ଶରଧା ନାଆଁ ଟୁନୁ । ଏ ଭିତରେ ମୁଁ ରାଟାୟର୍ଡ଼ ହୋଇଗଲି ପଞ୍ଚାବନ ବୟସରେ । ମୋର ଦାମ୍ ପ୍ରତିପତ୍ତି ଖୁବ୍ କମିଗଲା । ପୁଅର ବି ସିମିତି ଶିକ୍ଷାଗତ ଚାକିରୀଗତ ଯୋଗ୍ୟତା କମ୍ ଥିବାରୁ ଭଲ ଜାଗାରେ ତା ପାଇଁ ଝିଅ ମିଳିବା ଆଶା କମ୍ ହେଲା । ସେ ନିଜେ ଝିଅ ଖୋଜିବାକୁ ଆଗ୍ରହ ଦେଖାଇଲା ନାହିଁ । ମୁଁ ବି ପୁଞ୍ଜା ପୁଞ୍ଜା ଝିଅ ପୁଅ ଦେବା ନେବା କରି ଥକି ଯାଇଥିଲି । ଘରେ କେହି ସେମିତି ସ୍ତ୍ରୀ ଲୋକ ନାହିଁ ଯେ, ପୁଅ ପାଇଁ ଝିଅର ସନ୍ଧାନ ରଖିବେ । ଯାହାର ପୁଅର ଯଦି ଆଗ୍ରହ ନାହିଁ ମୋ ମୁଣ୍ଡ କାହିଁକି ବଥାଇବ । ଅନ୍ୟ ତିନିହେଁ ମୋତେ ଯିମିତି ସାହାଯ୍ୟ କରିଥିଲେ ଏ ସେମିତି ଖୋଜୁ, ଆଖି ପକାଉ, ଯୋଗାଡ଼ କରି ମତେ କହୁ । ଯାହା ମୋର ହେବାର ହୋଇଯାଇଛି । ପୁଅ ଭଲା ଷ୍ଟେଟ୍ ବେଙ୍କ୍‌ର ବା ଗ୍ରାମ୍ୟବେଙ୍କର କିରାଣି ନହେଲେ ଚାକର ଚପରାଶି ହୋଇଥାନ୍ତା ବା ଷ୍ଟିଲ୍ ପ୍ଲାଣ୍ଟ୍‌ର ମାଳୀ ମେହେନ୍ତର ହୋଇଥାନ୍ତା । ଯେତେ ଫାଷ୍ଟକ୍ଲାସ୍ ଏମ୍.ଏ., ଏମ୍.ଫିଲ୍., ପି.ଏଚ୍.ଡି. ହେଲେ ବି ଲେକଚରଙ୍କ ଯୁଗ ନାହିଁ । ସେ ଦିନ ଆମ ବିଡ଼ିଓ ଜଣେ ପୋଲିସ୍ ହେଡ଼ କନେଷ୍ଟବଲକୁ ମୋଟର ସାଇକେଲ, ଟେଲିଭିଜନ, ଗଡ୍ରେଜ୍ ଆଲମାରୀ, ସୋଫାସେଟ୍, ଭିସିଆର୍ ଛଡ଼ା ବିପୁଳ ଗହଣାଗାଣ୍ଠି ଧନ ସମ୍ପତ୍ତି ସହିତ ଝିଅକୁ ଦେଇ ନିଜକୁ ଧନ୍ୟ ମଣିଛନ୍ତି ଓ ପ୍ରତିଦିନ ଭାରଥୋର ପଠାଉଅଛି ଜିପ୍‌ରେ ।

କାଳକ୍ରମେ ଏ କୋଡ଼ପୋଛା ପୁଅଟି ପ୍ରୋବ୍ଲେମ୍ ହୋଇ ଛିଡ଼ାହେଲା । ପ୍ରଥମ ତିନିଜଣ ସ୍ୱାଧୀନତା ପୂର୍ବ ଯୁଗର ପୁଅ । ଏ ପିଲାଟି ସ୍ୱାଧୀନତା ପରର ତଥା ଯୁବ କଂଗ୍ରେସ ଯୁବ ଜନତା ଆଦି ଯୁବ ରାଜନୀତି ଦଳ ସୃଷ୍ଟି ପରର, ସିନେମା (ନଗ୍ନ) ଭିସିଆର, ଟେଲିଭିଜନ ଯୁଗର, 'ସୁର୍-ସଙ୍ଗମ୍' ଦୋକାନ ଯୁଗର, ହାସିସ୍ ନିଶା ଟେବ୍‌ଲେଟ୍ ଓ ହିରୋଇନ୍ ଯୁଗର । ସଂସର୍ଗଜାଃ ଦୋଷ ଗୁଣାଃ । କେତେଦିନ ପିଲାଝିଲାଙ୍କୁ ଘର ଭିତରେ ବନ୍ଦ କରି ରଖିବ ?

ଜାଣିଲି, ଶୁଣିଲି, ଦେଖିଲି ପୁଅ କ୍ରମେ କ୍ରମେ ବେଶୀ ବେଶୀ ହେଆଡ଼ିଆ ବେବାଗିଆ ହେବାକୁ ଯାଉଛି । ବାପ ପୁଅର ଦେଖା ସାକ୍ଷାତ ବିରଳ ହେଉଛି । ମନଖୋଲା ଛାତିଖୋଲା କଥାବାର୍ତ୍ତା ହସକୌତୁକ କମିଯାଇଛି, ଭାବ ବିନିମୟ ପ୍ରାୟ ନାହିଁ । ଏକାସନ ଏକଶଯ୍ୟା ଏକତ୍ର ଭୋଜନ କଥା ଛାଡ଼ । ମାନସିକ ଦୁଶ୍ଚିନ୍ତା ଆସିଲା, ଅତିଷ୍ଠ ହେଲି । କାମରୁ ଫେରି ମିନିଟିଏ ଘରେ ରହିବ ନାହିଁ । ବୁଲେଟ୍ ଗୁଡୁ ଗୁଡୁ କରି ବଜାରକୁ ବାହାରିଯିବ । ଘରେ ଖାଏ ନାହିଁ, ଚାଟ୍ ଚାଇନିଜ ଖାନା, ଫରେନ୍ ଡ୍ରିଙ୍କସ୍, କ୍ଲବ୍, ଚେସ୍ କ୍ରିକେଟ୍ ଆଦି ଭିତରେ ସବୁବେଳେ ବୁଡ଼ିଥାଏ । ପୂର୍ବ ପୁରୁଷଙ୍କ ସମସ୍ତ ଅଭିଶାପ ନେଇ ଜନ୍ମିଛି ମୋ ଜୀବନକୁ ଜାଳିପୋଡ଼ି ମାରିବାକୁ, ତାର ମାଆର ଅତୃପ୍ତ କାମନା ବାସନାକୁ ନେଇ ମୋର ଭୂତ ଭବିଷ୍ୟତ ବର୍ତ୍ତମାନକୁ ହସି ଉଡ଼ାଇ ଦେବାକୁ । କେଡ଼େ ସଂସ୍କୃତିମୟ କୁଳୀନ ବଂଶର କି ଅଧଃପତନ । ଯାହାକୁ କହନ୍ତି ବଂଶ ନାଶ

Digitized by srujanika@gmail.com

ବେଳକୁ ଘୋଡ଼ା ମୁହାଁ ।

ନା, ନା, ଧୈର୍ଯ୍ୟର ଗୋଟେ ସୀମା ଅଛି । ଆଉ ଢ଼ିଲା ମୋ ପକ୍ଷରେ ଚଳିବ ନାହିଁ । ସିଏ ମୋଟେ ଆଗଉ ନାହିଁ ଯେ, ମୁଁ ବାଧହୋଇ ଏଥର ଆଗେଇବି, ଯାହା କାହା କେସ୍‌ରେ ମୋତେ କରିବାକୁ ପଡ଼ିନଥିଲା । ଜେନେରେଶନ ଗେପ୍ ସାଙ୍ଗକୁ କମ୍ୟୁନିକେଶନ ଗେପ୍ । ମୋତେ ଚିଡ଼େଇବା ପାଇଁ ଗୋଟାଏ ବାଜେ ସିନେମାରୁ ଥରକୁ ଥର ସୁସୁରି ବଜାଇ ଗୀତ କଲିଟାଏ ଗାଉଛି "ବାହା ହେବ୍‌ବି ନାହିଁ, ବାହା ମୁଁ ହେବ୍‌ବି ନାହିଁ ।" ଯିମିତି କି ସିଏ ବାହା ନହେଲେ ମୋର ଦୁନିଆଁ ଭୁଷୁଡ଼ି ପଡ଼ିବ ।

ଆମ ଘରକୁ ବୁଲାବୁଲି କରିବା ପାଇଁ ଗୁଡ଼ାଏ ମାଆ ତାଙ୍କ ଝିଅପିଅ ଧରି ଆସନ୍ତେ ବା ଲିଜର ପିରିଅଡ଼ରେ ଦଳେ କଲେଜଝିଅ ହସଖୁସିରେ କଥାବାର୍ତ୍ତା ହୋଇ ଆମ ଘର ପାଖ ଦେଇ ଯାଆନ୍ତେ । କାହିଁକି ବା କେହି ଆସିବେ ? ଏ ଘରତ ଭୂତ ଘର । ବର ତ ଘରେ କସ୍ମିନ୍ କାଳେ ନଥାଏ । ଘରେ ମାଆ ଭଉଣୀ ମାଉସୀ ବୋଲି କେହି ନାହାନ୍ତି । ଏ ବୁଢ଼ାଟାକୁ ଦେଖାସାକ୍ଷାତ କରିବାକୁ ଆସୁଛି କିଏ ?

ଏଣେ ପୁଅକୁ ତିରିଶ ହେଲାଣି, କେହି କେବେ ତା ବୟସ ପଚାରିଲେ ମୋତେ ସତେଇଶ ଅଠେଇଶି ବୋଲି କହିବାକୁ ପଡୁଛି । ମୋର ନିଜ ଅବସ୍ଥା ପାଚିଲା ପତର ଆଡ଼କୁ ଯାଉଛି, କେତେବେଳେ ଟୁକ୍‌କରି ଝଡ଼ିପଡ଼ିବି । ଗୋଟାଏ କାମ ବାକି ରଖିଦେଇ ବୁଢ଼ା ଚାଲିଗଲା ବୋଲି କହିବାର ସୁଯୋଗ ନିଜ ପିଲାଝିଲା ବନ୍ଧୁବାନ୍ଧବ ଚାନ୍‌ସ ପାଇବେ । ତା ଭାଇଭଉଣୀ ମୋ ଝିଅଜୋଇଁ ଅବା ସାହାଯ୍ୟ କରିବାକୁ ବାହାରି ପଡ଼ନ୍ତେ । ସେମାନେ ସମସ୍ତେ ତାଙ୍କ କୁନି ଭାଇଟିର ଗୁଣଗ୍ରାମ ପ୍ରକୃତି ବିକୃତି ବେଶ୍ ଜାଣିଛନ୍ତି । କାହିଁକି ବୃଥା ହଟହଟାରେ ପଡ଼ିବେ ?

ଯେତିକି ଦିନ ଗଡ଼ି ଚାଲିଛି ସେତିକି ବେଶୀ ବେଶୀ ମୁଁ ହୃଦୟଙ୍ଗମ କରୁଛି ବିବାହର ଜୀବନରେ ଆବଶ୍ୟକତା ବିଷୟରେ, ବିଶେଷକରି ମାତୃହୀନ ପିଲାର ଅଟଙ୍ଗା ଜୀବନକୁ ମସୃଣ ଓ କୋମଳ କରିବା ବିଷୟରେ । ନାରୀ ଜାତି ସମ୍ପର୍କରେ ପୁରାଣରେ ପିତାମ୍ବର ଦାସ ମେନକା ମୁହଁରେ ବିଶ୍ୱାମିତ୍ରଙ୍କ ପ୍ରତି ଯେଉଁ ଦୀର୍ଘ ଭକ୍ତିରେ ନାରୀର ମହିମା ଗାଇଛନ୍ତି ମନେପଡ଼ିଲା । ଏଇ ନାରୀ ପାଇଁ କୁଆଡ଼େ ସୃଷ୍ଟି ଆତଯାତ ହେଉଛି । ମୁଁ ଶେଷ ନିଷ୍ପତ୍ତିରେ ପହୁଞ୍ଚିଲି, ମୋର ଏ ପୁଅକୁ କେହି ଯେବେ ମଣିଷ ଅବସ୍ଥାକୁ ଫେରାଇ ବେବାଗିଆ ଗୁଣ ଛଡ଼ାଇ ତଳୁ ଉପରକୁ ଉଠାଇପାରିବ ସେ ହେଉଛି ଝିଅଟିଏ । ତାର ସ୍ତ୍ରୀ, ମୋର ସାନବୋହୂ । ଏମିତି ଗୋଟିଏ ଝିଅ ଥିଲା ଯେ, ମୋ ଜେଜେବାପା, ବାପା ଅଧା ସହର ଅଧା ମୋଫସଲ ଅତି ଶିକ୍ଷିତ ଅର୍ଦ୍ଧଶିକ୍ଷିତଙ୍କ ଭିତରେ ମେଳ ଆଣି ଜାତିବଂଶ ସମୁଜଳ କରି ପାରିଥିଲା, ସେ ମୋ ମାଆ ।

ବାପା ବାହା ହୋଇଥିଲେ ସହରତଳି ଏକ ଗାଁରେ । ପୂଜକ ବ୍ରାହ୍ମଣଙ୍କ ଶାସନରେ । ମାଆର ବୟସ ଛଅ କି ସାତ ।

Digitized by srujanika@gmail.com

ବାପା କହିବାର ଶୁଣିଛି ସେ ଘୋଡ଼ାରେ ଚଢ଼ି ବାହା ହେବାକୁ ଯାଇଥିଲେ । ପ୍ରକୃତରେ ସେ ଚଢ଼ିନଥିଲେ, ତାଙ୍କର ତିନି ଶଳା ଦଳଖିଆ ଗୋଟିଏ ଟଟୁ ଘୋଡ଼ାକୁ ପୋଖରୀ ହୁଡ଼ାରୁ ବାନ୍ଧି ଆଣି ବାପାଙ୍କୁ ଜୋର୍ ଜବରଦସ୍ତ ତା ପିଠିରେ ବସାଇଥିଲେ ଘୋଡ଼ାର ଜିନ ଲଗାମ ହୁଦା କିଛି ନଥିଲା । ଅଜାଗାରେ ଯେଉଁ ଘାଆ ହେଲା ସେ ଜୀବନଯାକ ଦେଖିନଥିଲେ କି କାହାକୁ ଦେଖାଇ ପାରିନଥିଲେ । ପୁନର୍ବିବାହ ବେଳକୁ ମାଆ ଆମ ଘରକୁ ଆସିଲାବେଳେ ସାଂଗରେ ବାଉଁଶର ପେଡ଼ିଟିଏ ଓ ଗୋଟିଏ ଛୋଟ କାଠବାକ୍ସ ସମ୍ପତ୍ତି ଆକାରରେ ଆଣିଥିଲା । ଏତେ କାନ୍ଦୁଥିଲା ଯେ, ଜେଜେବାପା ତାକୁ କାନ୍ଦୁରୀ ନାଆଁ ଦେଇଥିଲେ ।

ଜେଜେବାପାକୁ ଲୋକେ କୃପଣ କହୁଥିଲେ । ବ୍ୟଙ୍ଗବିଦ୍ରୁପ କରି ଗାଁର ଶିବୁ ଧୋବା ନିମ୍ନ କବିତାଟି ଜେଜେଙ୍କୁ ଲକ୍ଷ୍ୟକରି ବାନ୍ଧିଥିଲା ଯାହା ମୁଁ ନିଜେ ସାନବେଳେ ଶୁଣିଛି ଏବଂ ଏଯାକେ ମନେ ରଖିଛି । ଭଞ୍ଜୀୟ ରୀତିର ରଚନାଟି ନିରକ୍ଷର ଧୋବା ଏହିପରି ରଚନା କରିଥିଲେ ।

ନନା ଏ କି ବିବେଚନା; ଚାରିଥାଉଁ କଲ ଉଣା
ପୁତ୍ର ପୁର୍ନବିଭାଘର ।
କଲେ ନନା ଫଗୁଣର; ଉଣିଶେ ଏକ ତାରିଖ
ଶୁଭେ ମଙ୍ଗଳ ରଚନା ।
ଅଇଲା ନବମ ଭାର; ଭାର ବିଧିରେ ଅଠର,
ସେ ଭାର ଦ୍ରବ୍ୟ କି ହେଲା
ଦେଖିତେ ହେଲା ସପନା ।
ବିଦେଶୀ ବସି ଆଶାରେ; ରାତି ପାହିଲା ପିଣ୍ଡାରେ,
ରାତି ପାହୁ ନ ପାହୁଣୁ
ଚଲିଲା ଦିଗ ଦକ୍ଷିଣା ।

ହରିଆ ନନା, ବୁଦ୍ଧି ଥାଉ ଥାଉ ଏ କି ବିଚାର ବିବେଚନା କଲ । ଯେଉଁ ନଅ ଭରି ମିଠେଇ ଆସିଥିଲା ତାହା ପ୍ରକୃତରେ ଅଠର ଭରି ସଂଗେ ସମାନ । ଅଥଚ, ଆଶାରେ ରାତିଯାକ ତୁମ ପିଣ୍ଡାରେ ବସି ସକାଳକୁ ଭୋକ ଉପାସରେ ଗାଁ ମୁହାଁ ହେଲି ।

ପ୍ରସଙ୍ଗକ୍ରମେ ବାପାଙ୍କ ବାହାଘର ସହିତ ମୋ ନିଜ ବାହାଘର ଚୁମ୍ବକରେ କହିଦିଏ । ମୋ ସମୟରେ ଗାଁରେ ଦଳେ ବହୁ ଖୋଜାଳି ଥିଲେ । କହିଦେଲା ମାତ୍ରେ ସେମାନେ ଚୁଡ଼ାମୁଢ଼ି ବାନ୍ଧି ଗାଁ ଗାଁ ବୁଲି ବିଶେଷକରି ଧଳଭୂଇଁ, ସିଂହଭୂଇଁ, ସରେଇକଳା, ବାହାଡ଼ାଗୋଡ଼ା, ଝାଡ଼ଗାଁ ଆଡ଼େ ବାହାରି ଯାଇଥିଲେ, ପୁଅମାନଙ୍କ ପାଇଁ ଝିଅ ଯୋଗସୂତ୍ର ଖଞ୍ଜୁଥିଲେ । ଏଇଟା ସେମାନଙ୍କ ପେଶା ବେଉସା ନୁହେଁ, ସଉକ । ପୁଣ୍ୟକାମ,

Digitized by srujanika@gmail.com

ଦାୟଗ୍ରସ୍ତ ପିତାମାତାଙ୍କୁ ଉଦ୍ଧାର କରିବା । ଗାଁର କ୍ଷେତ୍ର ଓତା, କୃଷ୍ଣ ମିଶ୍ର, ଅନନ୍ତ ଷଡ଼ଙ୍ଗୀଙ୍କ ପରି ଦୀର୍ଘାକାର ପୁରୁଷ ଶୁଭ ପଇତା କାନ୍ଧରେ ପକାଇ ନାଲି କୋଠି କୋଠିକା ଅଠର ପଇସିଆ ଗାମୁଛା ପକାଇ ଦିଗଦିଗନ୍ତ ପଦବ୍ରଜରେ ବରକନ୍ୟା ଖୋଜାଖୋଜି ଅପୂର୍ବ ଉତ୍ସାହରେ କରନ୍ତି। ଫେରିଆସି ପୋଖରୀ ହୁଡ଼ାରେ ସୁଲୁସୁଲିଆ ପବନରେ ବସି ବର୍ଣ୍ଣନା କରନ୍ତି କନ୍ୟା କିମିତି ଗୋଟିଏ ଚାଉଳରେ ଗଢ଼ା (ଦବାନବା କଥା କ୍ୱଚିତ୍ କହନ୍ତି), ମାଂସରେ କିମିତି କପାଫୁଟ ପରି ଚର୍ବି ଭାସୁଥିଲା, ପିମ୍ପୁଡ଼ିବାସ ଚାଉଳର ଭାତରେ କେତେ ପଳା ସଦ୍ୟ ମରା ହୋଇଥିବା ଗୁଆଘିଅ ଦେଇଥିଲେ ଆଦି । ତା' ସଂାଗକୁ କେଉଁ ନଈରେ ପୋଖରୀ ହୁଡ଼ାର ଶିମୁଳିଗଛରେ ବ୍ରହ୍ମରାକ୍ଷସ, ଡ଼ାହାଣୀ ପିତାଶୁଣୀ ନଙ୍ଗଳା ହୋଇ ଠିଆ ହୋଇଥିଲେ।

ମୋ ପାଇଁ ସେମାନେ ଯାହାକୁ ବାଛିଥିଲେ ସେ ବି ଗୋଟିଏ ଚାଉଳରେ ଗଢ଼ା । ବୟସ୍କା, ଏଗାରଯାଇ ବାର ପଶୁଛି । ସେ ବାହାଘର ଭାଙ୍ଗିଗଲା କାରଣ ତାଙ୍କ ତରଫରୁ ପୁଅ ପସନ୍ଦ ହୋଇନାହିଁ । ମୁଁ ଲୁଙ୍ଗି ପିନ୍ଧୁଥିବାରୁ ଏବଂ ନିଶ ରଖୁଥିବାରୁ । ସେମାନଙ୍କୁ ଆଉ ଗାଁ ଗଣ୍ଡା ବୁଲିବାକୁ ହେଲାନି । ମୋରି ଗାଁରେ ଝିଅ ମୋ ପାଇଁ ଥିଲା । ସେଇ ଝିଅଟିକି ଦିନେ ପୋଖରୀ ଯିବା ବାଟରେ ଲଙ୍ଗଳା ହୋଇ ବାଲିଘର ଖେଳୁଥିବାର ଦେଖିଥିଲି । ଘରକୁ ଆସି ମା'କୁ କହିଲି, "ମା ଗୋ ! ତାଙ୍କ ଘର ଝିଅଟା ଏଡ଼େ ଅପରଛନି ତାକୁ କେହି ବାହା ହେବେନି ।" କି ବିଡ଼ମ୍ବନା, ତାକୁଇ ମତେ ବାହାହବାକୁ ପଡ଼ିଲା । ଯେଉଁ ବାହାଘର ଭାଙ୍ଗିଗଲା ସେ କନ୍ୟାଟିର ଗୋଟିଏ ଗୋଡ଼ ଛୋଟା ଥିଲା । ବାହା ହେବାର ଦୁଇବର୍ଷ ପରେ ସେ ଝିଅଟି ବିଧବା ହେବାର ମୁଁ ଶୁଣିଲି ।

ମୋ ବାପା ବାହା ହୋଇଥିଲେ ଛଅବର୍ଷର କନିଆଁ, ମୁଁ ବି ବାହାହେଲି ସେଇ ଛଅବର୍ଷିଆକୁ ଯେ ଶାଢ଼ୀ ଛୁଆ ପିନ୍ଧି ଜାଣେନି । ବାପା ଘୋଡ଼ାରେ ଚଢ଼ି ବାହା ହୋଇଥିଲେ । ମୁଁ ଶଗଡ଼ରେ ବସି ବାହା ହେବାକୁ ଯାଇଥିଲି, ନିଜେ ଶଗଡ଼ ଚଳାଇ (ଦେଶୀ ଜୀପ୍ ! ବ୍ରେକ୍ ନାହିଁ, ବେଲ୍ ନାହିଁ) କନିଆଁ ପାଇଁ ସୁଆରୀ । ନିଘୋଡ଼ ନିଦରେ କନିଆଁ ଲଙ୍ଗଳା ହୋଇ ଶୋଇଥାଏ, ମତେ ଲାଜରେ ଲୁଗା ଢ଼ଙ୍କାଇବାକୁ ପଡ଼େ । ମାଆ ଯେମିତି ନିରକ୍ଷର ଏ ବି ସିମିତି । ସମୁଦୁଣୀଙ୍କ କଥାରେ ଏଇ ଝିଅ ଆମ ହାଣ୍ଡିରେ ଚାଉଳ ପକାଇଥିଲା । ଦୁହିଁଙ୍କ ରାଜଯୋଟକ । ହେଲେ ହାଣ୍ଡିରେ ଚାଉଳ ଅଧା ଫୁଟାଇ ଅଧାବୟସରେ ମତେ ଛାଡ଼ିଦେଇ ଚାଲିଗଲା ସେ ।

ମୋ ପୁଅ ପାଇଁ ଝିଅ କଥାକୁ ଏଥର ଫେରି ଆସୁଛି । ଯେତେ ଦିନ ଗଡ଼ିଯାଉଛି ସେତେ ସେତେ ମୋ ଘର ମଇ ଦିଆ ହୋଇଯାଉଛି । ଜଣାପଡୁଛି ଆମେ ଘରେ ନ ରହି ହୋଟେଲରେ ରହୁଛୁ । ନାରୀର କାଉଁରୀ କାଠି ଅଥବା ଛାଞ୍ଚୁଣୀ ସ୍ପର୍ଶ ଅଭାବରେ ବାପ ପୁଅ ଦୁହେଁ ମନୋଭାବରେ ରୁକ୍ଷ ଓ କଠିଣ ଓ ଅନମନୀୟ ହେବାରେ ଲାଗିଛୁ ।

Digitized by srujanika@gmail.com

ପୁଅକୁ କିମିତି ଲାଗୁଥାଏ କେଜାଣି ମୋତେ ପରିବେଶ ଓ ବାୟୁମଣ୍ଡଳ ଅସହ୍ୟ ଲାଗୁଥାଏ ।

ଦିନେ ଶନିବାର ସନ୍ଧ୍ୟାରେ ବର୍ଷା ଯୋଗୁଁ ପୁଅ ସିନେମା ଯାଇନପାରି ଘରେ ରହି ରେଡ଼ିଓ କଣ୍ଟା ମୋଡ଼ାମୋଡ଼ି ଘୁରାଘୁରି କରୁଥାଏ । ଟିକିଏ ଦୃଢ଼ ଓ ସଂକଳ୍ପବଦ୍ଧ ହୋଇ ଚେୟାର ପାଖ ଖଟ ଉପରେ ବସି ପାଚରିଲି, "ବାବା ! ଆଉ କେତେକାଳ ଏମିତି ଏକେଲା ହୋଇ ରହିବୁ ? ତୋର ସାଙ୍ଗଗୁଡ଼ାକ ଗୋଟାକୁ ଗୋଟା ତତେ ଛାଡ଼ି ଅନ୍ୟରାସ୍ତା ଧରିଲେଣି । ତୁ କେତେ ଦିନ ସେମାନଙ୍କ ଘରକୁ ଉପହାର ନେଇ ଥରକୁ ଥର ବାହାରୁଥିବୁ, ସେମାନଙ୍କୁ ଥରେ ଚାନ୍‌ସ ଦେ, କଣ କିଛି ଧରି ଆମର ଘରକୁ ଆସନ୍ତୁ ଏବଂ ମୁଁ ବି ତୋ ସହିତ ଚାନ୍‌ସ ପାଏଁ ଶ୍ରୀ ......... ଅନୁରୋଧ କରୁଅଛି କି ଆପଣ ସପରିବାର...... । ଏଥର ତୁ ଟିକିଏ ଆଗକୁ ବାହାରି ମତେ ସାହାଯ୍ୟ କର । ନିଜକୁ ଯଦି କଷ୍ଟ ହେଉଛି ମତେ ଅନୁମତି ଦେ ମୁଁ ଦେଖାଦେଖି କରେ ଯଦିଓ କୌଣସି ଭାଇ ଭଉଣୀ କେସ୍‌ରେ ମୁଁ ଆଗୁଆ ହୋଇନାହିଁ । ମୋତେ ସିଧା ସଳଖ କହି ଦେ ତ ତୁ ବାହାହବୁ କି ନାହିଁ ।"

ପୁରୁଣା ସିନେମା ଗୀତର ସୁର ଧରି ସେ ଗାଇଲା "ବାହା ହେବ୍‌ବି ନାହିଁ । ବାହା ନହେଲେ ମୋର ସିମିତି କିଛି ବିଶେଷ ଅସୁବିଧା ନାହିଁ, ଅନ୍ୟ ଭାଇମାନେ ବାହା ହେଇଛନ୍ତି, ପିଲାଝିଲା ପଇଦା କରିଛନ୍ତି, ବଂଶ ବୁଡ଼ିବା ପ୍ରଶ୍ନ ନାହିଁ । ତୁମେ ମୋ ବାହା ପାଇଁ ଏତେ ବ୍ୟସ୍ତ ହେଉଛ କାହିଁକି ? ଶଙ୍କରାଚାର୍ଯ୍ୟ, ବିଧାନ ରାୟ ଆହୁରି କେତେ କେତେ ବଡ଼ ଲୋକ ପୂର୍ବେ ଏବେ ଅବାହା ହୋଇ ରହିଥିଲେ, ଏବେ ବି ହଜାର ହଜାର ରହୁଛନ୍ତି ବିନା ବାହାରେ । ବାହା ମୁଁ ହେବ୍‌ବି ନାହିଁ ।"

ଘଣ୍ଟାଏ କାଳ ବାହାଘର ସପକ୍ଷ ବିପକ୍ଷରେ ଯୁକ୍ତି ତର୍କ ବାଦାନୁବାଦ ଚାଲିଲା । ମୁଁ ଯେତେ ଯେତେ ବାହାଘର ସପକ୍ଷରେ ଯୁକ୍ତି ବାଢ଼ିଲି ସେ ସେତେ ସେତେ ବଳିଷ୍ଠ ଯୁକ୍ତି ପ୍ରମାଣ ବିପକ୍ଷରେ ଉପସ୍ଥାପନା କଲା । ଏ ଭିତରେ ମୁଁ ତା ଭାଇ ଭଉଣୀମାନଙ୍କ ପାଖରୁ ଗଣ୍ଡେ ଦି ଗଣ୍ଡା ଚିଠି ପାଇଲିଣି ଯହିଁରେ ସେମାନେ ମୋତେ ଉପଦେଶ ଆଦେଶ ଦେଇଛନ୍ତି ତୁରନ୍ତ ଆଉ କାଳ ବିଳମ୍ବ ନ କରି ସାନର ବାହାଘର ସାରିବା ପାଇଁ । ସେମାନେ ଆର୍ଥିକ ଓ ଅନ୍ୟ ସାହାଯ୍ୟ ପୃଥକ୍ ପୃଥକ୍ ବା ଏକାଠି ଜୁଟି ଯୋଗାଇବେ ।

ଅବଶେଷରେ ବହୁ ତର୍କ ବିତର୍କ ପରେ ଟାଣୁଆ ଅବସ୍ଥାରୁ ନମନୀୟ ଅବସ୍ଥାକୁ ଆସି Complex ଗୁଡ଼ାକୁ ସାମାନ୍ୟ ପରିପ୍ରକାଶ କରି ସେ କହିଲା "ମତେ କେହି ବାହା ହେବେନି, ମୁଁ ତ ବୁଢ଼ା ହେଲିଣି, ମୋତେ କେହି ଝିଅ ଦେବେନି କାରଣ ମୁଁ ଫେଲ କମ୍ପାନୀକା ନକଲି ମାଲ, ଚେହେରା, ବେଶବସନ, ଗୁଣଗ୍ରାମ ଦେଖି ଖୁସିହୋଇ ଲୋକେ ମତେ ଝିଅ ଟେକି ଦେବେ । ହଁ ବେଙ୍କ କିରାଣୀ, ଚପରାସି ହୋଇଥାନ୍ତି, କଥା

Digitized by srujanika@gmail.com

ନଥାନ୍ତା । ମୋର ରହିବା ପାଇଁ ଘର ନାହିଁ, ଭଡ଼ା ଘରର ରହିବି, Wife କୁ ପିନ୍ଧିବା ପାଇଁ, ଘିନିବା ପାଇଁ ଲୁଗାପଟା ଗହଣାଗାଣ୍ଠି ଦେଇପାରିବି ନାହିଁ । ମୋର ଯାହା Style ବା ଷ୍ଟାଣ୍ଡାର୍ଡ଼ ସେଥିରେ ମୁଠାଏ ଖାଇ ବଞ୍ଚିବାକୁ ହେଲେ ଅତି କମ୍‌ରେ ପନ୍ଦରଶ । ଯେଉଁ ସ୍ତରରେ ରହି ବଢ଼ି ଆସିଛି ତା ତଳକୁ ଖସିବି କିପରି ? ସିଧାକଥା ମୁଁ wife ପୋଷି ପାରିବିନି, ବାହା ହେବ୍‌ବି ନାହିଁ ।

ମନେ ମନେ ଭାବୁଥାଏ ଅତି ବେଶୀ democracy ଯିମିତି ଦେଶ ପକ୍ଷରେ ଭଲ ନୁହେଁ, ସିମିତି ବିବାହ ବିଷୟରେ ପିଲା ଝିଲାଙ୍କୁ ଅତି ବେଶୀ ନରମ ପନ୍ଥାଧରି ସାଧୀନତା ଦେବା ଉତ୍ତମ ନୁହେଁ । ପଟ୍ଟନାୟକ ବାବୁ ତାଙ୍କ ଲେକ୍‌ଚାରୀର ପୁଅକୁ ଏମିତି ପରିସ୍ଥିତିରେ ପଡ଼ି ତାଙ୍କ ମନମାଫିକ ଗୋଟାଏ ଝିଅକୁ ଆଣି ଗୋଟାଏ ଘରେ ପୁଅ ଝିଅଙ୍କୁ ଆଠ ଦିନ ରଖିଦେଲେ । ପୁଅର ଜିଦ ଓ ବେଆଡ଼ିଆ ପଣ ଉଭେଇ ଗଲା । ଦଶଦିନ ରାତିରେ ବାହାଘର ହେଲା ଏବଂ ଦୁହେଁ ସୁଖରେ ରହିଲେ ।

କହିଲି "ଆରେ ବାବା ! ତୁ ଯଦି ଦୈବାତ୍ ପୋଷି ନପାରିଲୁ ମୋର କଣ କିଛି ନାହିଁ ? ପୁଅ ଜନ୍ମ କରିଛି ମୋର ତ ତୋତେ ପୋଷିବାର କିଛି ଦାୟିତ୍ୱ ଅଛି । ଦରକାର ପଡ଼ିଲେ ତିନିତିନିଟା ରୋଜଗାରିଆ ଭାଇ ଅଛନ୍ତି । ଆମେ ସମସ୍ତେ ମିଶି ବୋହୁଗୋଟାକୁ ପୋଷିପାଳି ପାରିବା ନାହିଁ । ତୁ ସେ ସବୁ ଚିନ୍ତା କରନି । ଆଗେଇଯା, ମାଡ଼ିଯା ।"

"ବାପା ! ସବୁ Marraige ଗୁଡ଼ା ଆଜିକାଲ failure ହେଉଛି, ଦେଖିପାରୁନ । ଘରର ପରିବାରର ଯାବତୀୟ ଅଶାନ୍ତି ଅସୁଖ ଏଇ ବାହାଘର ପାଇଁ ।" ପୁଣି ସିନେମା ଗୀତର ସୁର ଧାରି ଗାଇଲା 'ଆଜିକାଲି ଝିଅ ନକଲି ।"

"ତୁ ଚୁପ୍‌କର । ଅସଲିନକଲି ଆମେ ବୁଝିବା । ହଜାର ହଜାରରୁ ତୁ ଯଦି ଗୋଟେ ବାଛି ନପାରିବୁ ତେବେ ତୋର ଦୁର୍ଭାଗ୍ୟ । ତୋର Specifications, guidelines ମୋତେ ଦେଇଦେ । ତୁ ଖୋଜ, ମୁଁ ବି ଖୋଜେଁ, ଦିଜଣ ହୋଇ ଗୋଟିଏ ଭଲ ଝିଅ ପାଇବା ନାହିଁ ?"

ପୁଅ କହିଲା, "ରାଜି ! ତୁମରି ଆନନ୍ଦ, ସୁଖ ପାଇଁ ତୁମ ଆତ୍ମାର ଶାନ୍ତି ପାଇଁ ମୁଁ ରାଜି ହେଲି । କିନ୍ତୁ ମୁଁ ଯାହା ଚାହିଁବି, ମାଗିବି ତାହା ତୁମକୁ ଦେବାକୁ ହେବ । ଚାରିପାଞ୍ଚୋଟି ସର୍ତ୍ତରେ ମୁଁ ବାହା ହେବି । ଗୋଟିକର ବ୍ୟତିକ୍ରମ ହେଲେ ଚଳିବ ନାହିଁ, ଚଳିବ ନାହିଁ । ଶୁଣ, ମୋର ପ୍ରଥମ ସର୍ତ୍ତ ଝିଅ, ଟୀନ୍-ଏଜର ହୋଇଥିବ । ଉଣିଶ ହୋଇପାରେ, କୋଡ଼ିଏ କଦାପି ନୁହେଁ ।"

ସାମାନ୍ୟ ବିରକ୍ତ ହୋଇ କହିଲି, "ତୁ ନିହାତି ଅସମ୍ଭବ absurd ରୁ କଥା ଆରମ୍ଭ କରୁଛୁ, କାହାର ଝିଅ ଏତେ ଶସ୍ତା ଅଲୋଡ଼ା ହୋଇଛି ଯେ ତୋ ପରି ଏକ ବୁଢ଼ା ପୁଅକୁ ଡ଼ାକିନେଇ କହିବ "ନିଅ ବାବା ! ମୋର କୁନିକି, କଣ୍ଢେଇକି ଖେଳା ଖେଳି କରିବ ।"

Digitized by srujanika@gmail.com

ତୋର ନିଜର ବୟସ କେତେ ହେଲାଣି ହିସାବ ରଖିଛୁ ? ହେଲା ତୋ କଥା, ଅତିବେଶୀ ହେଲେ ଦି'ଜଣଙ୍କ ବୟସ ଫରକ ଦଶରେ ରଖିବା । ବାପାଙ୍କର, ମୋର, ତୋର ଉପର ଭାଇର ସେଇ ଦଶବର୍ଷ ଫରକ୍ ଥିଲା । ତୋର ବତିଶକୁ ଝିଅର ବାଇଶ ହେଉ ।"

ପୁଅ କହିଲା "ଟୀନ୍ଏଜ୍"ରେ ଆଖି ରଖିବ । ଦ୍ୱିତୀୟ କଥାହେଲା ଝିଅ ଚାକୀରି କରିନଥିବ, ମାଷ୍ଟରିଆଣୀ ହେଇନଥିବ । ନହେଲେ ମୋତେ ପ୍ରତିଦିନ ତାକୁ ସ୍କୁଲକୁ କି ଅଫିସ୍‌କୁ ନେବା ଆଣିବାକୁ ପଡ଼ିବ । ଝିଅ ବେଶୀ ପାଠ ପଢ଼ିନଥିବ, ମାଆ ତ କ୍ଲାସ୍ ଫାଇଭ୍ ପଢ଼ି କେତେ କଣନକଲା । ପରୀକ୍ଷାରେ ଫେଲ ହୋଇଥିଲେ ଆହୁରି ଭଲ । କେବେ ମତେ ଗାଳିଦେଇ ପାରିବନାହିଁ 'ତୁମେ ତ ଫେଲ ହୋଇଥିଲ, ମୁଁ ପାସ୍ କରିଛି ।' ଧନୀଘର ଝିଅ ହୋଇନଥିବ । Economic independence ବିରୁଦ୍ଧରେ ମୁଁ । ପାଖରେ ପଇସା ଥିଲେ ମତେ under ରେ ରଖିବ, ଉଠେଇବ ବସେଇବ ।" ଆଧୁନିକ ପୁଅର ଝିଅ ପ୍ରତି attitude ଲକ୍ଷ୍ୟକରି ମୁଁ ଚୁପ୍‌ଚାପ୍ ଛିଡ଼ା ହୋଇଥାଏ ।

ଅନ୍ୟାନ୍ୟ ସର୍ତ୍ତାବଳୀ ସକାରଣ ଏହିପରି : ଝିଅ ଗୋରୀ ହବନି, ମୁଁ ନିଜେ ମାଗୁରବନିଆ । କଳାଗୋରା ଭେଦ ଆସିଯିବ । ଅତି ପାଖ ବା ଅତି ଦୂର ଝିଅ ନୁହେଁ, ପାଖହେଲେ ସାମାନ୍ୟ ଟକରାଳ ମନୋମାଳିନ୍ୟ ହେଲେ ବାପ ଘରକୁ ଧାଇଁବ । ଦୂର ହେଲେ ମୁଁ ତାକୁ ବାରମ୍ବାର ଆଣିବାକୁ ଖର୍ଚ୍ଚ ପୋଷାଇବ ନାହିଁ । ଧନୀ ଘର ଝିଅ ନୁହେଁ, ଯଉତୁକ ଅଣାଯିବ ନାହିଁ । ମୁଁ କାହାରି ଘରଜୋଇଁଆ ହେବିନାହିଁ । ବେଦୀଖର୍ଚ୍ଚ, ରାସ୍ତାଖର୍ଚ୍ଚ ନାଆଁରେ ବି କିଛି ଅଣାଯିବ ନାହିଁ ଝିଅଘରୁ । ବୋନାସ୍ ପଏଣ୍ଟ ଆକାରରେ (ଅଳ୍ପହସି ସେ କହିଲା) ଶାଢ଼ୀଟିଏ ଥିବ; ଥଟ୍ଟାତାମସା ରଙ୍ଗରସ ପାଇଁ ।

ପଏଣ୍ଟ ପରେ ପଏଣ୍ଟ ବାଢ଼ି ଚାଲିଥିଲା ବେଳେ ମୁଁ ଆଁ କରି ଚାହିଁଥାଏ ଏବଂ ସେ ଆଁ କ୍ରମେ କ୍ରମେ ବଢ଼ି ଚାଲିଥାଏ । ମୁଁ ଭାବୁଥାଏ କିଏ ସେ ଝିଅ ମେଦିନୀରେ ଅଛି ଯେ, ସମୁଦୁଣୀଙ୍କ ଭାଷାରେ ଆମ ଘରେ ହାଣ୍ଡିରେ ଚାଉଳ ପକାଇଛି । ଆହୁରି ଭାବିଲି ଯୁଧିଷ୍ଠିର ଓ ବଗ ଉପାଖ୍ୟାନ, Riddle of the sphinx କଥା, ଏପରି କି ବଙ୍ଗାଳୀ ଢଗ "ଜୀବ ନେଇଁ ଜନ୍ତୁ ନେଇଁ ଦିବାରାତ୍ର ଚଲେ, କି ହେନ ପଦାର୍ଥ ଆଛେ ବଲ ଭୂମଣ୍ଡଲେ" । ଢଗଢ଼ମାଳିର ରହସ୍ୟ ଫେଡ଼ିବା ସହଜ, କିନ୍ତୁ ପୁଅ ଯେଉଁ ଝିଅ କଥା କହୁଛି ତାକୁ ପାଇବା ଆଦୌ ସମ୍ଭବ ନୁହେଁ ।

ନୂଆ ନୂଆ ଭାବ ଧାରଣା ଆଇଡ଼ିଆ ଆଦର୍ଶ, କଲେଜ କ୍ଲାସ୍‌ରୁମ୍, ସିନେମା ଟେଲିଭିଜନ ଭିସିଆର, ରାଜନୀତି ସମାଜବାଦ ଓ ଗୁଲିଖଟିମାନଙ୍କୁ ନେଇ ଜୀବନର ଏକ all important ସମସ୍ୟାରେ ପ୍ରୟୋଗକରି ଏକ ବିଭ୍ରାଟ ସୃଷ୍ଟି କରିବାକୁ ଯାଉଛି । ଏପରିକି ପରିବାରର ସର୍ବନାଶ କରିବାକୁ ଯାଉଛି । ହୁଏତ ତାର ମଥା ବିଗିଡ଼ି ଗଲାଣି । ନହେଲେ ତାର ଯାହା ଯାହା ଏକାନ୍ତ ଆବଶ୍ୟକ ତାକୁ ବର୍ଜନ କରିବାକୁ ବାହାରିଛି କାହିଁକି ? ଯେଉଁ କ୍ଷେତ୍ରରେ ଅନ୍ୟ ପୁଅମାନେ ବିବାହରୁ ସମସ୍ତ ସୁଯୋଗ ଏପରିକି

Digitized by srujanika@gmail.com

ଫାଇଦା ଉଠାଇ ସୁଖସନ୍ତୋଷରେ ରହି ବଂଶୋଜ୍ଜ୍ୱଳ କଲେଣି, ସେ କ୍ଷେତ୍ରରେ ସମସ୍ତଙ୍କ ଅଧମ ହୋଇ ଅଧମାଧମ ହେବାକୁ ଚାହୁଁଛି କାହିଁକି ? ତାର ଗହଣାଗାଣ୍ଠି ଟଙ୍କା ପଇସା, ଜମିଜାଗା ରୋଜଗାରିଆ ସ୍ତ୍ରୀ ଦରକାର ନାହିଁ, ଏପରିକି ସୁନ୍ଦରୀ ସ୍ତ୍ରୀ ବା ଜାନିଯୌତୁକ ଦରକାର ନାହିଁ । ଯାହାକୁ କହନ୍ତି ପାର୍‌ଭର୍ଟ (pervert) ଭାବିଛି ବାହାଘରକୁ ଏକ ଆଦର୍ଶ କରିବ, ନାଆଁ କମେଇବ ଏବଂ ଅପଦାର୍ଥ ସାଂଗସାଥୀ ଏପରିକି ଖବରକାଗଜବାଲା କହିବେ "ବାଃ ବାଃ ! ବିଶ୍ୱଜିତ୍ ଖଣ୍ଡେ କାମ କଲା ।"

ବିରକ୍ତ ହୋଇ ଆଉ ଗୋଟିଏ ଦୁଇଟା ସର୍ତ୍ତ ଯୋଡୁଥିଲି । ଝିଅ ଯିମିତି ସ୍ୱାମୀଙ୍କୁ ମଦ ଗଞ୍ଜା ପରଶି ପାରିବ ବିରିଆନି ସହିତ, ସ୍କୁଟର ନିଜେ ଚଳାଇ ସ୍ୱାମୀଙ୍କି ପଛରେ ବସାଇ ନବ ସିନେମା ସୋ'କୁ । ସ୍ୱାମୀର ସମସ୍ତ କୁକ୍ରିୟା ନିଜ ଗୁଣରେ କ୍ଷମାକରିବ । ବାଂଝ ରହିବାକୁ ପସନ୍ଦ କରିବ ଏବଂ ସନ୍ଧ୍ୟା ସକାଳେ ପର୍ବ ପୁନେଇରେ କ୍ଲବ୍, ପାର୍ଟିକୁ ଯିବାକୁ ସ୍ୱାମୀଙ୍କୁ ବସେଇ ଉଠେଇ ଦବନି ।

ଯୋଡ଼ାଏ ତ୍ରିଭୁଜକୁ ମେଳ ବା ସମାନ (ସର୍ବତୋଭାବେ ନ ହେଲେ ମଧ୍ୟ) କରିବା ପାଇଁ ମୌଳିକ ଆବଶ୍ୟକତା ଗୁଡ଼ିକ ଜଣାପଡ଼ିଗଲା ପୁଅର ଯୁକ୍ତିତର୍କ ଓ ସର୍ତ୍ତାବଳୀରୁ । କୋଣ, ରେଖା ତିନି ତିନି ହେଲେ ତ୍ରିଭୁଜ ଦୁଇଟି ସମଦ୍ୱିବାହୁ ସମକୋଣୀ ହେଉ ନ ହେଉ ମେଳ ଆଣିବାରେ ଅସୁବିଧା ହେବନି ।ପୁଅ ଝିଅ made for each other ହେଉନ୍ତୁ ନ ହେଉନ୍ତୁ ମୋର ନିତାନ୍ତ ଦରକାର ସାନବୋହୂର ଗୁଡ଼ାଏ ପିଲାଝିଲା କାରଣ ପୂର୍ବ ତିନି ଭାଇରେ ମାତ୍ର ଯୋଡ଼ିଏ ପିଲା ।

ଝିଅ ମିଳିବା ହାଟ ହେଲା ସ୍କୁଲ କଲେଜ ବିଶେଷତଃ ଖାଲି ସ୍କୁଲ ଓ ମହିଳା କଲେଜ । ଟୀନ୍‌ଏଜ ଝିଅ ପାଇଁ ସ୍କୁଲ ଆଡ଼କୁ ବି ଆଖିପକାଇବା ଦରକାର ଭାବି ଶଶୁର ଯଦି କଲେଜ ଅଧ୍ୟାପକ, ଅଧକ୍ଷ ବା ହେଡ଼ମାଷ୍ଟର ହୋଇଥିବେ ତେବେ ଘର ଘର ବୁଲି କନ୍ୟା ସନ୍ଧାନ କରିବା ହୁଏତ ଦରକାର ହୋଇନପାରେ ।

ପ୍ରଥମ କନ୍ୟା ଦେଖା ଅଭିଯାନଟି ପୁଅର ସାଙ୍ଗମାନଙ୍କ ତରଫରୁ ଆୟୋଜିତ ହୋଇଥିଲା । ଏକ ସନ୍ଧ୍ୟାର ଘଟଣା । ପୁଅର ସି Boss ତାଙ୍କ ପତ୍ନୀ, ମୋ ପୁଅ ଓ ତାର ତିନି ସାଙ୍ଗ ଜାକିଜୁକି ହୋଇ ଏକ ଆମ୍ବାସାଡ଼ର ଗାଡ଼ିରେ ଦେଉଳ ସାହିରେ ଏକ କନ୍ୟାଘରକୁ ଗଲୁ । ପୁଅ ଯାଇଛି ସାଙ୍ଗମାନଙ୍କ ପ୍ରବର୍ତ୍ତନାରେ । ନିମ୍ନ ମଧ୍ୟବିତ୍ତ ଘର। ଆନନ୍ଦ ଉତ୍କଣ୍ଠା ମଧ୍ୟରେ ପ୍ରଚୁର ଜଳଖିଆ ଓ ବଡ଼ ବଡ଼ ପିଠା ଖାଇ ସାରିବା ପରେ ପାତ୍ରୀ ଚା' ନେଇ ଆସିଲା କଲେଜ ପଢୁଆ ଝିଅ ସିମିତି ଲକ୍ଷଣୀୟ ଡ଼ରଭୟ ଲାଜ ସରମ ନଦେଖାଇ । ପାତ୍ରୀ ଦେଖିଲୁ, ଏମିତି ସେମିତି ଏଣୁ ତେଣୁ କେତେ ମାମୁଲି ପ୍ରଶ୍ନ ପଚାରିଲୁ । ପୁଅ କିଛି ପଚାରି ନାହିଁ । ସେ ଝିଅକୁ ନଜର କେତେ ବେଳେ କରିଛି ବୋଲି ମଧ୍ୟ ମୁଁ ଦେଖିନାହିଁ । ଝିଅ ଆମ ପ୍ରଶ୍ନର ଉତ୍ତର ଦେଲା ଯିମିତି କଲେଜରେ ସାର୍‌ମାନଙ୍କୁ ଦିଏ, ଅନାଗ୍ରସରରେ । ଆମେ ଫେରିଆସିଲୁ ବାଟରେ ପାତ୍ରୀ ସମ୍ପର୍କରେ

Digitized by srujanika@gmail.com

କିଛି କଥାବାର୍ତ୍ତା ନ କରି । ଯେ ଆଦର ଅଭ୍ୟର୍ଥନା କରି ଆମକୁ ନେଇଥିଲା ସେ ବି ଆମ ମତି ଗତି ଦେଖି ଚୁପ୍ ରହିଲା । "ପରେ ଆପଣଙ୍କୁ ଜଣାଇବୁ, ଧନ୍ୟବାଦ୍ ।" ଏ ଇଣ୍ଟରଭିଉରୁ ଏତିକି ଫଳ ହେଲା ଯେ, ପୁଅ ରୋକ୍‌ଠୋକ୍ କହିଦେଲା ସେ ଆଉ କସ୍ମିନ୍‌କାଳେ ଦଳବଳ ନେଇ ଝିଅ ଦେଖିବାକୁ ଯିବନି । ତାକୁ କନ୍ୟାର ଦୟନୀୟ ଅବସ୍ଥା ଭାରି ବାଧିଲା । ଗୁଡ଼ାଏ ଲୋକ କଟମଟ କରି ଝିଅକୁ ଚାହୁଁଥିବେ, ନାନା ପ୍ରଶ୍ନ ପଚାରୁଥିବେ, ଏସବୁ ନିନ୍ଦନୀୟ, କ୍ରୁର, ଏପରିକି ଜଘନ୍ୟ ପ୍ରଥା ।

ନିଷ୍ପତ୍ତି ହେଲା ଏଣିକି ପୁଅ ଝିଅ ଦେଖିବ ନାହିଁ । ପ୍ରଥମେ ଝିଅର ଫଟୋ ଦେଖିବ । ଫଟୋ ଦେଖି ଯଦି ମନକୁ ପାଇଲା, ତେବେ ଭାଇ ଭଉଣୀ ଭାଉଜମାନେ ଦେଖିବେ । ବାପା ବୁଢ଼ା, ତାଙ୍କ ଆଖି ଠିକ୍ ଦେଖିପାରିବ ନାହିଁ । ଯଦି ସେମାନେ ଦେଖି ପସନ୍ଦ କଲେ ତେବେ ସେଇଟା ଫାଇନେଲ୍, ସେ ଦେଖିବା ଦରକାର ନାହିଁ । ସିଧାସଳଖ ନିର୍ବନ୍ଧ ଏବଂ ବାହାଘର ।

ଅତଏବ ଫଟୋ ଦରକାର । ପ୍ରତିଦିନ ଡ଼ାକରେ, ହାତେ ହାତେ ଫଟୋ ଚାରିଆଡ଼ୁ ଆସିବାକୁ ଆରମ୍ଭ କଲା । କେତେ କେତେ ଲୋକଙ୍କ କେତେ କେତେ ଝିଅ, କେତେ କେତେ ରୂପର । ରଙ୍ଗ ବାରି ହୁଏନାହିଁ ଫଟୋରୁ । ବିଶେଷକରି ରଙ୍ଗୀନ୍ ଫଟୋରୁ । ବାଟରେ ଘାଟରେ, ନାଟରେ ଯେଉଁଠି ଯେଉଁ ଝିଅକୁ ଦେଖିଲି ତାର ଫଟୋ ସଂଗ୍ରହ କଲି । କଲେଜମାନଙ୍କୁ ଯାଇ କିରାଣୀମାନଙ୍କୁ ହାତ କରି ଏଡ଼ମିଶନ୍ ଫର୍ମମାନଙ୍କୁ ପାସପୋର୍ଟ ଛବି ଛିଣ୍ଡାଇ ଭଲ ଭଲ ସଜାତି ଝିଅଙ୍କ ଫଟୋ ଆଣିଲି । ଶୁଣି ଖୁସିହେଲି ପୁଅ ସଜାତିରୁ ବାହା ହେବ, Intercast ଆଡ଼କୁ ଯିବାକୁ ଆଗ୍ରହୀ ନୁହେଁ । ପିତୃ ପୁରୁଷଙ୍କୁ ପିଣ୍ଡରୁ ବଞ୍ଚିତ କରିବ ନାହିଁ ।

ଘରଯାକ ଫଟୋ । ଏଲବମ୍‌ରେ, ବହି ଭିତରେ, ଟେବୁଲ୍ ଭିତରେ, ଶାର୍ଟ କୋର୍ଟ ପକେଟରେ । ଫଟୋ ପରେ ଫଟୋ, ଫଟୋ ତଦୁପରି । ଅଫିସ୍‌ରୁ ମୁକୁଳିବା ପରେ ଫଟୋ ଦେଖା କାମ ଆରମ୍ଭ ହୁଏ । ଟେରେଇ ବଙ୍କେଇ ଏପଟ ସେପଟ କରି ଚାହିଁ ସେ ଫଟୋ ଦେଖେ, କେଉଁଟାକୁ ପସନ୍ଦ କରେ ନାହିଁ, ଆଖି ନାକ କାନ ଗାଲ ବେକ ଛାତି ଆଙ୍ଗୁଳି କପାଳ କେଉଁଠି ନା କେଉଁଠି defect ରହିଯାଏ । କିନ୍ତୁ ଖାଲି ଛବିର ଦୁନିଆରେ ସେ ରହେ । ପତ୍ରପତ୍ରିକାରୁ ସିନେମା ଝିଅଙ୍କ ଛବି ବି ଦେଖେ ଏବଂ ତୁଳନା କରେ ଗୋଟାକ ସହିତ ଆଉ ଗୋଟାକୁ । କେବଳ ତାର ଗୋଟିଏ କର୍ମରେ ଅଧିକାର ଛବି ଦେଖାରେ, ଫଳରେ ନୁହେଁ ।

"କିରେ, ଗୋଟାଏ ଅଧେ ପସନ୍ଦ ହେଲା ? ଶହ ଶହ ହଜାର ହଜାରରୁ ଗୋଟାଏ ବାଛିପାରିଲୁ ନାହିଁ । ମାସ ମାସ ବର୍ଷ ବର୍ଷ ବିତିଗଲା, ଆଉ କେତେ ଦିନ ଏ dialatory tactice ଚାଲିଥିବ ? ଆଇନାରେ ନିଜ ମୁହଁକୁ ଦେଖ, ଆଖି ତଳକୁ ଚାହିଁ । କପାଳ ରେଖାଗଣ, କାନମୂଳରେ ଗୋଟାଏ ଅଧେ ଧଳା ହେଲାଣିକି ଦେଖ । ତୁ ଯେମିତି

Digitized by srujanika@gmail.com

ବାଛୁଛୁ ଝିଅମାନେ ଧରି ତୋତେ ସିମିତି ଦେଖିବେ, ବାଛିବେ ଏବଂ ଶୁଣିବେ ଏବଂ ସୁର ଧରି ତୋର ପରି ଗାଇବେ "ବାପା ମୁଁ ହେବେ ନାହିଁ ବାହା ।"

ପୁଅ ଶୁଣିଲା ଭର୍ତ୍ସନା, ଉତ୍ତର ଦେଲା ନାହିଁ । ପୁଅର ଫଟୋ ଦେଖାରେ ବିରତି ନାହିଁ କି ମୋର ଫଟୋ ଯୋଗାଇବାରେ ବିଶ୍ରାମ ନାହିଁ । ମାସେ ଦୁଇମାସ ଛଅମାସ ଏପରିକି ବର୍ଷେ ଚାଲିଗଲା । ମୋର ଥକ୍କା ଓ ବିରକ୍ତି ଆସିଲା, ତାର ବି ବିତୃଷ୍ଣା ଆସିଲା ଏ କର୍ମରେ । ଦିନେ କାହିଁକି କେଜାଣି ଖୁବ୍ ଚିଡ଼ିଯାଇ କହିଲା "ବାପା, ତୁମେ ଆଉ ଫଟୋ ଦେଖାଦେଖି କରନି କି କନ୍ୟା ଯୋଗାଡ଼ରେ ରୁହନି । ତୁମର ଆଖିରେ ପରଳ ପଡ଼ିଲାଣି, ଭଲ ଦିଶୁନି ତୁମ ଆଖିକି । ମାଗଣା ଚକ୍ଷୁ ଚିକିତ୍ସା କେନ୍ଦ୍ର କଲେଜମାନଙ୍କରେ ଗଣ୍ଡା ଗଣ୍ଡା ଖୋଲୁଛି; ସେଇଠି ତୁମେ ଆଖି ଅପରେସନ କରାଅ; successful ହେଲେ କନ୍ୟା ଦେଖା, ଫଟୋ ଦେଖା ପୁଣି ଆରମ୍ଭ କରିବି । ମୁଁ ଆଶ୍ଚର୍ଯ୍ୟ ହେଉଛି ତୁମେ କେଉଁଠାରୁ ଏଯାକେ ଗୋଟେ ବି ମୋ ମନ ମାଫିକ ଝିଅ ପାଇଲିନି । ଏସବୁ ତୁମକୁ ମିଳୁଛନ୍ତି କେଉଁଠୁ ?" ଏମିତି କଠୋର ମନ୍ତବ୍ୟରେ ମୁଁ ଏକାବେଳକେ ବୀତସ୍ପୃହ ହେଲି ଏବଂ ପ୍ରାୟ ଭାଙ୍ଗି ପଡ଼ିଲି ।

ତଥାପି ପୁଅ ଉପରେ ରାଗିମାଗି ମାନ ଅଭିମାନ କରି କେତେ ଦିନ ଅଲଗା ରହିବ । ଅବଶେଷରେ ଦିନେ ମନେ ମନେ ସୁନ୍ଦରୀ ଓ ସ୍ୱାସ୍ଥ୍ୟବତୀ ଝିଅଟିଏ ଦେଖି ତାର ଫଟୋ ଆଣି ପୁଅ ହାତକୁ ସିଧା ନ ବଢ଼ାଇ ସେ ଦେଖିବା ଭଳି ସ୍ଥାନରେ ଟେବୁଲ୍ ଉପରେ ଥୋଇଦେଲି । ଭାବିଲି ଏଇଟା ନିଶ୍ଚୟ ତା ପସନ୍ଦକୁ ଆସିବ । ଫଟୋରେ ଝିଅର ପ୍ରକୃତ ରୂପ ପ୍ରତିଫଳିତ ନ ହେଲେ ମଧ ଯେ କେହି ଦେଖିଦେଲେ କହିବ, "ବାଃ, ଝିଅଟି ବେଶ୍ ସୁନ୍ଦରତ। ।" ଟେବୁଲ ଉପରୁ ନ ଉଠାଇ ପୁଅ ଦେଖିଲା ଫଟୋଟି । କାନୁବାଡ଼କୁ ଶୁଣେଇ ତାର ପ୍ରତିକ୍ରିୟା ପ୍ରକାଶ କଲା ଏଇ ଭାଷାରେ "ବାପା ଏ ଝିଅକୁ ଆଣିଛନ୍ତି ମୋ ପାଇଁ ନା ତାଙ୍କ ନିଜ ପାଇଁ ।"

ମୁଁ ପ୍ରତିଜ୍ଞା କରି ଭଗବାନଙ୍କ ନାଁ ନେଇ ଏ ପାଜି ପାଇଁ ଜୀବନରେ ଆଉ କେବେ କନ୍ୟା ଖୋଜିବି ନାହିଁ । କଣସବୁ ଅକଥା କୁକଥା କହିଯାଉଛି, ଲିବାଟି ଫ୍ରିଡ଼ମ ଦେଲି ବୋଲି । ବକଟେ ପୁଅ ମତେ ନାକେଦମ୍ କରିଦେଲାଣି । ପୁଅ ଝିଅମାନଙ୍କୁ ଲେଖିଦେଲି "ଏଥର ତୁମେ ସବୁ Seriously ଝିଅ ଦେଖାଦେଖି ନ କରିବ ତ ବଂଶରେ ଗୋଟିଏ କଳଙ୍କ ରହିଗଲା । ମୋ ପସନ୍ଦ କୌଣସି ଝିଅ ତାର ପସନ୍ଦ ହେବନାହିଁ ।

ଫଟୋ ଦେଖାଦେଖି କାଳରେ ଯୋଡ଼ିଏ ତିନୋଟି ଉଲ୍ଲେଖନୀୟ ମର୍ମନ୍ତୁଦ ଦୁର୍ଘଟଣା ଘଟିଗଲା । ଗୋଟିଏ ମହିଳା କଲେଜରେ ଯୋଡ଼ିଏ ବ୍ରାହ୍ମଣ ଝିଅ ଦେଖି ମନେ ମନେ ଭାବିଲି ପୁଅର ଏଥର ଆଉ ରକ୍ଷା ନାହିଁ । ଏ ଦୁଇରୁ ଗୋଟାକୁ ସିଏ ନିଶ୍ଚୟ ନେବ । କିନ୍ତୁ ଉଭୟ କେସ୍‌ରେ କନ୍ୟା ଦେଖା କଣ କନ୍ୟାର ଫଟୋ ଦେଖା ପର୍ଯ୍ୟନ୍ତ କଥା ଆଗେଇ ପାରିଲାନି । ପ୍ରଥମ ଝିଅଟି ସବୁ ଦୃଷ୍ଟିରୁ ଆକର୍ଷଣୀୟ, ଏତେ ସୁନ୍ଦରୀ, ସ୍ନେହୀ

Digitized by srujanika@gmail.com

ସୋହାଗିନୀ ଯେ ପୁଅର ସମସ୍ତ ବିରୋଧ ଏଡ଼ାଇ ମୁଁ ତାକୁଇ ବୋହୂ କରିବାର ନିଷ୍ପତ୍ତି ମନେ ମନେ ନେଇଥିଲି । ସମୁଦି ସମୁଦୁଣୀଙ୍କୁ ନ ଦେଖି ନ ପଚାରି ଝିଅ ପାଖରେ ସବୁ ଫାଇନାଲ୍ କରିବା ଅଭିପ୍ରାୟରେ ଥାଏ । ଜଣାପଡୁଥିବା ଝିଅଟି ମୋର ଛାତ୍ରିକା, ପ୍ରତିଦିନ ମୋ ପାଖକୁ ଆସେ ଏବଂ କ୍ଲାସ୍‌କୁ ପଢ଼ାଇବା ପାଇଁ ଆଗଚଲା ହୋଇ ଆସି ଡ଼ାକିଦିଏ । କ୍ରମେ ତା ସହପାଠିନୀମାନେ ହିଂସୁକ ହୋଇ କହନ୍ତି, ସାର୍‌ଙ୍କର ଗେହ୍ଲି ଝିଅ, ଗେହ୍ଲି ବୋହୂ । ଜନୈକା ଅଧାପିକା ଜରୀଆରେ ଝିଅର ବାପର ଠିକଣା ନେଇ ପ୍ରସ୍ତାବ ପଚାରିଥିଲି । "ଝିଅ ଯଦି ହଁ କରୁଚି ଆମର ଆପତ୍ତି ନାହିଁ " ବୋଲି ସେମାନେ କହିଲେ ମଧ । ସେମାନେ ଖୁବ୍ ଆଧୁନିକ ଦମ୍ପତ୍ତି ବୋଲି ତାଙ୍କର ତାରିଫ୍ କଲି । ମୋତେ ଆଉ ଆଗେଇବା ଦରକାର ପଡ଼ିଲାନି । ଛୁଟି ଯେଉଁଦିନ ହେବ ସେ ଗଛରେ ଦଉଡ଼ି ଦେଇ ଆତ୍ମହତ୍ୟା କଲା । ପୋଷ୍ଟମର୍ଟମରେ ଜଣାପଡ଼ିଲା ଆତ୍ମହତ୍ୟାର କାରଣ । ତା ପେଟରେ କୁଆଡ଼େ ପିଲା ଥିଲା ।

ଦୁଇ ନମ୍ବର ମୋର 'ଚଏଣ୍' (ମେରି ପସନ୍ଦ) କଥା କହୁଛି । ଏବେ ବି ମୁଁ ତାର ମାଂସଳ ବେକର କଣ୍ଠହାର ଦେଖିପାରୁଛି । ଖୁବ୍ ଟିପା ପୋଷାକ ପିନ୍ଧେ । ସାମାନ୍ୟ ବଙ୍କା ଭ୍ରୂଲତା, ବିସ୍ଫାରିତ ଆଖି । ଝିଅଟିକୁ ସେକ୍‌ସପିଅର ବିଏଟ୍ରିଶକୁ କହିଲା ଭଳି କହିବି 'The very forward march chick' କେତେ ଦିନର କଥାବାର୍ତ୍ତା ମିଳାମିଶା ପରେ ଦିନେ ଏକାନ୍ତେ ଝିଅକୁ ପଚାରିଲି "କିରେ ଝିଅ ! ମୋ ପୁଅକୁ ବାହାହବାରେ ତୋର ଆପତ୍ତି ଅଛି ?" ସେ ହଁ କହିଲା । କେତେଦିନ ପରେ ପୂର୍ବ ଝିଅକୁ ଲକ୍ଷ୍ୟକରି କହିଲା ଭଳି ଯାକୁ ଚିଡ଼େଇଲେ ତାର ଭାବଭଙ୍ଗୀ ଚାଲିଚଳନ ଦେଖି, "ଡ଼ଲି ସାର୍‌ଙ୍କ ସାନପୁଅକୁ ବାହାହବ ବୋଲି ଡ଼େଉଁଛି ।" ଝିଅ ଗାଁକୁ ଗଲି, ବାପାମାଆଙ୍କୁ ସବୁ କଥା କହିଲି । ସେମାନେ ବେଶ୍ ଆଦର ଅଭ୍ୟର୍ଥନା କଲେ, ମତେ ଭାବୀ ସମୁଦି ହିସାବରେ ନୁହେଁ ଝିଅର ଉପସ୍ଥିତ ପ୍ରିନ୍‌ସିପାଲ୍ ରୂପେ । କହିଲେ "ଆମେ ଗରିବ ଲୋକ, ଏଡ଼େ ବଡ଼ ଘରେ ଝିଅ ଦେଇ ଆମେ ଚଳିପାରିବୁ ନାହିଁ ।" କେତେଦିନ ପରେ ଖବରକାଗଜରୁ ଜାଣିଲି ସକାଳୁଆ କଲେଜରୁ କେନାଲ କୂଳ ଦେଇ ଫେରୁଥିବା ବେଳେ କିଏ ଜଣେ ଅଧୋଡ଼ା ଟ୍ରକ୍ ଡ୍ରାଇଭର ଝିଅକୁ ହରଣଚାଲ କରି ନେଇଗଲା । ଏଯାକେ ତାର ପତ୍ତା ମିଳିନି ।

ଏଇ ଦୁଇଟି ଦୁର୍ଘଟଣା ପାଇଁ ମୁଁ ବହୁତ ଦୁଃଖକଲି ଏବଂ ଥରେ ଥରେ ଭାବିଲି ମୋର ହତଲକ୍ଷ୍ମା ପୁଅ ପାଇଁ ବୋଧହୁଏ ସେ ଦୁଇଝିଅଙ୍କ ଦୁର୍ଗତି ଘଟିଲା । "ମା ଲୋକ ମା ! ଯେଉଁ ଡ଼ାଳକୁ ଯାଉଛି ସେଇ ଡ଼ାଳ ଭାଙ୍ଗୁଛି । ମୁଁ ଶନି ମହାଗ୍ରହ ଯାହା ସଂସ୍ପର୍ଶରେ ଆସୁଛି ସେ ପୀଡ଼ା ଭୋଗୁଛି ।"

ମୋର ଝିଅ ଖୋଜା କାମରେ ଯେତେବେଳେ ଏ ପ୍ରକାର ଅଶୁଭ ପରିସମାପ୍ତି ଘଟିଲା, ସେତିକିବେଳେ ପୁଅ ଝିଅମାନେ ଆଗୁସାର ହେବେ ବୋଲି ଜଣାଗଲା ।

Digitized by srujanika@gmail.com

ତିନିପୁଅଙ୍କ ମଧ୍ୟରୁ ଦୁଇଜଣ ଭାଇ ବାହାଘର ନାଆଁ ଧରିଲେ ନାହିଁ । ଏ ଦୁର୍ବାରକୁ ବାଗକୁ ଆଣିପାରିବେ ନାହିଁ ବା ସେମାନଙ୍କ କୌଣସି କଥା ବା ଉପଦେଶ ସେ ରଖିବ ନାହିଁ, କେବଳ ଅପଦସ୍ତ ହେବା ସାର ହେବ ବୋଲି ସେମାନେ ନିରସ୍ତ ହେଲେ । ବଡ଼ଝିଅ ବେଶ୍ ଭଲ ପ୍ରସ୍ତାବଟିଏ ଆଣିଥିଲା । ଝିଅ ଦିବ୍ୟ ସୁନ୍ଦର, କୋଡ଼ିଏ ପଚିଶ ଭରି ସୁବର୍ଣ୍ଣ ଗହଣା ଛଡ଼ା ଟେଲିଭିଜନ୍, ଗଡ୍ରେଜ୍ ସେଟ୍ ସେ ଦେବେ । ଝିଅ ଏବେ ଏବେ ତା ପୁଅର ବାହାଘର ସାରିଛି । ପୁଅର ମୁଣ୍ଡକୁ ପଶିଲା ଏ ଝିଅଟା ବୋଧହୁଏ ତା ନାନୀର ପୁଅର rejected ମାଲ୍ । କହିଲା, ନାନୀ ଅପ୍‌ସରୀ ଆଣିଲେ ବି ନା କହିବି । ମୋର ବଦ୍ଧମୂଳ ଧାରଣା ସ୍ୱାଧୀନତା ପୂର୍ବରୁ ଯେଉଁ ପୁଅଙ୍କ ଜନ୍ମ ସେମାନେ ସ୍ୱାଧୀନତା ପରର ପିଲାଝିଲା ଠାରୁ ପ୍ରକୃତି ଆଚରଣରେ ସମ୍ପୂର୍ଣ୍ଣ ପୃଥକ୍, ବିପରୀତ ମାର୍ଗର ।

ସାନଝିଅ ଜଗନ୍ନାଥଧାମରୁ ଆଉ ଗୋଟିଏ ଭଲ ଝିଅ ଯୋଗାଡ଼ କରିଥିଲା । ମୋର ଐକାନ୍ତିକ ବାସନା ଥିଲା ପୁରୀରୁ ବନ୍ଧୁବାସ କରିବା ପାଇଁ । ଫଟୋ ଆଣିଲୁ ଲୁଚାଚୋରାରେ । ଝିଅ ଲମ୍ବୀ, ତନୁପାତଳୀ । ଝିଅ ପଢୁଥିଲା ସାଇବାବା କଲେଜ, ଭୁବନେଶ୍ୱରରେ । ତାକୁ ଡ଼ାକଇଆଣି ଦେଖିଲୁ । ସାନଝିଅ ଟିକିଏ ଢ଼ିଲା ପ୍ରକୃତିର । ଫୁରସତ୍ ଅଭାବରେ ସିଆଡ଼େ ଜୋର୍ ଦେଇପାରିଲା ନାହିଁ । କେତେମାସ ପରେ ପୁଣି ପୁରୀକୁ ଚାହିଁଲା ବେଳକୁ ଚଢ଼େଇ ଉଡ଼ିଯାଇଛି ।

ଏ ଯାକେ ବଡ଼ପୁଅ ବଡ଼ବୋହୂ ଦୂରରେ ଥିଲେ । ସାନଭାଇ ଦିଅର କଥା ଦୁହେଁ ଆଦୌ ବୁଝୁନଥିଲେ କି ମୁଁ ଯେ କେତେ ନାକେଦମ୍ ହେଲିଣି ପୁଅ ପାଇଁ ଝିଅ ଖୋଜିବାରେ ତାହା ଜାଣୁନଥିଲେ । ପ୍ରସଙ୍ଗକ୍ରମେ ଦିନେ ମୁହଁ ଖୋଲି ଦୁହିଁକି ସବୁକଥା କହି କହିଲି, "ଦେଖ ବାବା ! ଜ୍ୟେଷ୍ଠ ଭ୍ରାତା ସମ ପିତା । ତୁମେ ଦୁହେଁ ତାର ବାପମାଆ । ସ୍ୱାଧୀନତା ପରର ଛୁଆ, ତା ଛଡ଼ା ବାଲ୍ୟରୁ ମାତୃହୀନ, ମୁଁ ଯାହା ଯିମିତି ଦେଖାଶୁଣା ତତ୍ତ୍ୱାବଧାନ ଯଥା ସମୟରେ ନେଇପାରିନାହିଁ ବହୁକୁଟୁମ୍ବୀ ହୋଇଥିବାରୁ । ତୁମେ  ଦୁହେଁ ଯଦି ତା କଥା ନବୁଝ ତେବେ ସେ ଉଜୁଡ଼ି ଯିବ । ଖୁବ୍ ଅମାନିଆ, ଜିଦ୍‌ଖୋର ହୋଇଗଲାଣି । ତା'ଛଡ଼ା ନାନା ପ୍ରକାର ବଦଭ୍ୟାସ୍ କଲାଣି । ଲୋକେ ଆମଘର ପିଲାଙ୍କୁ ନାନା କଥା କହିବେ ଏଇଟା କଣ ବଂଶମର୍ଯ୍ୟାଦାରେ ଆଞ୍ଚ ଆଣିବନି ?" ସେମାନେ କହିଲେ "ଦେଖ ବାପା ! ଟିକିଏ ସମୟ ଲାଗିବ । ବୁଝିବିଚାରି କାମ କରିବାକୁ ପଡ଼ିବ । ଡେ଼ରି ହୋଇଗଲାଣି । ଆମର ପୂର୍ବର ଦୈନ୍ୟ ତ ଏବେ ନାହିଁ । ଆମର ସମାଜରେ Rank ଅଛି, Status ଅଛି । ମାନୁଛି, ବାହାଘର ଏକମାତ୍ର ତାର ଅବସ୍ଥାକୁ ସୁଧାରିଦେବ । ହେଲେ ରୂପଗୁଣ ସମ୍ପଦ ଦେଶ କାଳ ପାତ୍ର ଦେଖି ବିବାହ କରିବା ସମୀଚିନ ହେବ । ଟିକିଏ ଧୈର୍ଯ୍ୟ ଧର । ଆମକୁ ମାସଟିଏ ସମୟ ଦିଅ ।" ମୁଁ ଅଶ୍ୱସ୍ତ ହେଲି, ମୁଣ୍ଡ ହାଲୁକା ଲାଗିଲା । ପୁଅ ବାହାଘର ପରି ପିଲାଳିଆ ମାଇଚିଆ ଧନ୍ଦା ମୋତେ ଆଉ କରିବାକୁ ପଡ଼ିବ ନାହିଁ । ସେମାନେ ବୁଝନ୍ତୁ ।

Digitized by srujanika@gmail.com

ମାସେ ଯାଉ ନ ଯାଉଣୁ ଦିନେ ଟେଲିଗ୍ରାମ ଆସିଲା "ଆସ।" ଏକାଗଲି, ପୁଅକୁ କିଛି ନକହି ଟେଲିଗ୍ରାମ ନଦେଖାଇ । ସହରରେ ପୁଅ ବୋହୂ ଅପେକ୍ଷା କରୁଥିଲେ । ଶୁଣିଲା ମାତ୍ରେ ପ୍ରସ୍ତାବଟି ଅତୀବ ଗ୍ରହଣୀୟ ବୋଧହେଲା ମୋତେ । ସବୁଠାରୁ ଭଲ ଜଣାଗଲା । ବନ୍ଧୁ ଦୃଷ୍ଟିରୁ ଏକାନ୍ତ କାମ୍ୟ । ଆମ ଅଞ୍ଚଳର ଲୋକ । ଝିଅର ବାପା ଅତି ଆତ୍ମୀୟ । କ୍ଲାସ୍‌ଫ୍ରେଣ୍ଡ କହିଲେ ଚଳିବ । ମାନ୍ୟଗଣ୍ୟ ବ୍ୟକ୍ତି, ରିଟାୟାର୍ଡ଼ ଅଫିସର୍ ମୋରି ପରି । ପୁଅ ବୋହୂଙ୍କ ଅତୀବ ପରିଚିତ କନ୍ୟାର ଭାଇ ଭଉଣୀ । ପୁଅବୋହୂ ପ୍ରସ୍ତାବର ଉତ୍କର୍ଷ ବିଷୟରେ ଯାହା ଭାବିଥିଲେ ମୋର ବି ସେଇଆ ମତ ଶ୍ରବଣମାତ୍ରେ ହେଲା । ଅଧିକନ୍ତୁ ପୁଅ ବୋହୂଙ୍କ ପ୍ରେଷ୍ଟିଜ୍ ଇସୁ ଯେମିତି ସର୍ବପ୍ରଧାନ କନ୍ୟାପିତା ଓ ପିତାଙ୍କ ଆଗ୍ରହ ସିମିତି । କନ୍ୟାପକ୍ଷରୁ ତୁରନ୍ତ ବସନ୍ତ ଆଗମନ ବାର୍ତ୍ତା ଫୋନ୍‌ରେ ଜଣାଇ ଦିଆଗଲା । ସନ୍ଧ୍ୟା ସାତ୍‌ଟାରେ ସେମାନେ ଗାଡ଼ିନେଇ ଆସି ଆମକୁ ନେଇଯିବେ ବୋଲି ସ୍ଥିର ହେଲା ।

ନିର୍ଦ୍ଧାରିତ ସମୟରେ ସେମାନେ ଆସି ମୋତେ ଓ ପୁଅ ବୋହୂଙ୍କୁ ନେଇଗଲେ ତାଙ୍କ କ୍ୱାଟର୍ସକୁ । ଆଦର ଅଭ୍ୟର୍ଥନା ତୁରି ଭୋଜନର ତୁଳନା ନାହିଁ । ଯିମିତି ଆମେ ଜନ୍ମ ଜନ୍ମ ଧରି ଆତ୍ମୀୟ । ଝିଅ ହାତ ତିଆରି ବିବିଧ items ଅତୀବ ସୁସ୍ୱାଦୁ, ନୂତନତାର ପରିଚୟ ପ୍ରତିଟିରେ । ବାଗବଗିଚା, ଗାଡ଼ି, ଟେଲିଭିଜନ, ଝିଅ ମୁହଁରୁ ଓଡ଼ିଶୀ, ଭଜନ, ଆଧୁନିକ ଶୁଣିଲୁ । ଝିଅ ଦେଖିଲି, ତିଳେ ଶଙ୍କା ନାହିଁ । ଚାଲିଚଳନ କଥାବାର୍ତ୍ତା ଏକାବେଳକେ ଫ୍ରି । ବାପ ମାଆ, ଭାଇ ଭାଉଜ ଭାବୀ ବୁଢ଼ାଶଶୁର ଏପରିକି ଦେଢ଼ଶୁର ଯଦି ଆଧୁନିକ ହୋଇଥିବେ, ତେବେ ଆଗରେ କେଉଁ ଆଧୁନିକ ଝିଅ ସରମିତା ହେବ ? ଆଇଏମ୍ ହେପ୍‌ପି, ପୁଅବୋହୂ ହେପ୍‌ପି, ତାଙ୍କ ଘର ହେପ୍‌ପି, ସମସ୍ତେ ହେପି, ଫଟୋ ନେବି କାହିଁକି ? ସମସ୍ତେ ଝିଅକୁ ଏତେ ପାଖରେ ଏତେ ଅବସ୍ଥାରେ ଦେଖିଲୁ, ଗୁଣଗ୍ରାମ ମଧ ବେଶ୍ ଜାଣିଲୁ । କିମିତି କହିବି, 'ଫନୀ ବାବୁ, ଝିଅର ଫଟୋଟିଏ ଦିଅନ୍ତୁ, ପୁଅ ମୋର ଦେଖିବ ।" ଛି ଛି ଅଭଦ୍ରାମୀ ହବ ।

ପଚିଶ ତାରିଖ ନିର୍ବନ୍ଧ । ତା ଆଗରୁ କାର୍ଯ୍ୟାନ୍ତରରେ ଦିଲ୍ଲୀ ଯାଇଥାଏ ଝିଅ ଜୋଇଁ ଘରକୁ । ତାଙ୍କ ପାଇ ପାଞ୍ଚ ଛ'ଶ ଟଙ୍କା ଦେଇ ବନାରସୀ ଶାଢ଼ୀ କିଣିଲି । ବାରିପଦାରୁ ପରେ କିଣିଲି ମୁଦି । କଟକରୁ କିଣିଲି ଚେଲେଞ୍ଜର ସୁଟ୍‌କେଶ୍ । ଏସବୁ ନିର୍ବନ୍ଧ ପାଇଁ । ତା ଆଗରୁ ଘରର ସମସ୍ତଙ୍କର ବିଶେଷତଃ ଝିଅ ଜୋଇଁ ଅନ୍ୟାନ୍ୟ ପୁଅ ବୋହୂଙ୍କ approval ଦରକାର । ସେମାନେ ଝିଅ ଦେଖିଲେ ନିର୍ବନ୍ଧ ହେବ ଏବଂ ନିର୍ବନ୍ଧକୁ କାହାରି ଆସିବା ଦରକାର ନାହିଁ । ଏକା ମୁଁ ପୁରୋହିତ ବାରିକ ଧରି ସେ କାମଟି ସାରି ଦେବୁଁ ।

ଚିଠି ଚାରିଆଡ଼େ ଚାଲିଲା । ଲାଙ୍ଗୁଲା ନରସିଂହ ମହାରାଜା ଦେଉଳ ତୋଳିବେ । ସାତତାଳ ପାଣି ଭିତରେ । ଡ଼ାକରା ଗଲା ରାଜ୍ୟର ସବୁ ଶିଳ୍ପୀବର୍ଗଙ୍କୁ । ଆସି କିଏ କେଉଁଠି ଅଛ । "ଗିରି ଶୃଙ୍ଗ କାଟି କର ସମତଳ ସାଗର ଶୁଖାଇ ଦେଖ ରସାତଳ,

Digitized by srujanika@gmail.com

କରିବା ?" ପରବର୍ତ୍ତୀ ସୋପାନ ଠିକ୍ କରିବା ପୂର୍ବରୁ ଯଦିଓ ପୁଅର ସମ୍ମତି ଅଛି ବୋଲି ଧରି ନେଇଥିଲୁ । ଫାଇନାଲ୍ ଖୋଲାଖୋଲି ପଚାରିଦେବା ଉଚିତ୍ ବୋଲି ଭାବିଲୁ । ପଚାରିଲୁ ମଧ୍ୟ ତାର ସରସ ପ୍ରଫୁଲ୍ଲ ସସ୍ମିତ ବଦନ ଓ ମୌନତାରୁ ଧରିନେଲୁ ପୁଅର ସମ୍ମତି ଅଛି । ସେମାନଙ୍କୁ ପରବର୍ତ୍ତୀ ସୋପାନ କହିଦେଲୁ ମଧ୍ୟ । ନିର୍ବନ୍ଧ । ବିବାହ ଛଅମାସ ଡେ଼ରିଥିଲେ ବି ନିର୍ବନ୍ଧକରି ରଖିଦେବା ଭଲ ହେବ ବୋଲି ମତ ପ୍ରକାଶ ପାଇଲା ଦୁଇପକ୍ଷରୁ । ଆଗାମୀ ପଚିଶ ତାରିଖ ଶୁଭଦିନ ବୋଲି ତାରିଖ ଧାର୍ଯ୍ୟ ହେଲା । ପୂର୍ବ ନିର୍ଦ୍ଧାରିତ ମତେ ଯେଣୁ କନ୍ୟା ଦେଖାକୁ ଏତେ ଲୋକ ଆସିଥିଲୁ ଭାବୀ ବନ୍ଧୁଙ୍କୁ (ଯଦିଓ ଯେତେଲୋକ ହେଲେ ବି ସେମାନଙ୍କର ଆପତ୍ତି ନଥିଲା ।) ଅଯଥା ଖର୍ଚ୍ଚାନ୍ତ କରିବୁ ନାହିଁ ବୋଲି କହିଦେଲୁ ତିନିଜଣ ଆସିବେ, କର୍ତ୍ତା ପୁରୋହିତ ଓ ବାରିକ । ଆମ ଫେମିଲିରେ ଗୋଟାଏ ଇଭେଣ୍ଟ ଘଟିଗଲା ବୋଲି ସମସ୍ତେ କହିଲେ ।

ଆଜି ତେଇଶି ତାରିଖ । ବେଶୀକିଛି ପ୍ରସ୍ତୁତି ଲୋଡ଼ା ନାହିଁ । ବ୍ରିଫ୍‌କେଶ୍, ବନାରସୀ ଶାଢ଼ୀ, ମୁଦି ତ ଆଗରୁ କିଣା ହୋଇଛି । ଆଜେବାଜେ ଚିଜ କାଚ ସିନ୍ଦୁର ଅଳତା ଦଶମିନିଟ୍‌ରେ ଆସିଯିବ । ଦଶକିଲୋ ଚକ୍ରଧରପୁରର ମିଠେଇ ମଝିଆଁ ପୁଅର ଶଶୁର ରାଉରକେଲାରୁ ପଠେଇବେ ଚବିଶ ସନ୍ଧ୍ୟାରେ । ଗଲା କାଲି ସନ୍ଧ୍ୟାରେ ଫୋନ୍ କଲ ମଧ୍ୟ ଆସିଥିଲା, ବଡ଼ପୁଅ ଓ ବୋହୂ ସେଠାରେ ଆସି ଉପସ୍ଥିତ ହୋଇଗଲେଣି । ନିର୍ବନ୍ଧ ସରିବା ମାତ୍ରେ ପ୍ଲାନକରି ଫେରିଯିବେ କର୍ମସ୍ଥଳକୁ । ଟେନସନ୍ ନାହିଁ, ବ୍ୟସ୍ତତା ନାହିଁ । କେତୁଟା ଘଣ୍ଟା କଟିଗଲେ ଶୁଭଦିନ, ଶୁଭକର୍ମ ।

କନ୍ୟା ଦେଖା ପରେ ଏବଂ ନିର୍ବନ୍ଧ ଦିନ ସ୍ଥିର ହେବା ପରେ କାହିଁକି କେଜାଣି ପୁଅର ଯେଉଁ ସରସ ସସ୍ମିତ ବଦନ ଦେଖିଥିଲି ତାହା ଆଉ ଦେଖିବାକୁ ମିଳିଲାନି । ମୁଁ ଭାବିଲି ପୁଅ ବୋଧହୁଏ ଏଥର ପୁଣି ବିବାହର ଗୁରୁଦାୟିତ୍ୱ ଉପଲବ୍ଧ କଲା ଏବଂ ବୁଝିଲା ଯେ, ତାର ମନ ଫୁଲାଣିଆ ଗୀତ 'ବାହା ହେବି ନାହିଁ' ଦିନ ଶେଷହେଲା ଏବଂ ଆଉ ଫାଜିଲାମି ଫେଚକାମି ଚଳିବ ନାହିଁ । ପୁଅ କେବଳ ଯେ ବିମର୍ଷ ବଦନ ହେଲା ତାହା ନୁହେଁ ଲକ୍ଷ୍ୟ କଲି ସେ ଚିଡ଼୍‌ଚିଡ଼୍ ପ୍ରକୃତିର ହେଉଛି । କାହାକୁ କିଛି ମନ କଥା କହିପାରୁନି । ମାଆ ଭଉଣୀଙ୍କ ଅନୁପସ୍ଥିତି ଯୋଗୁଁ ହୁଏତ ଏମିତି ହେଉଛି । ମୋ ମନକୁ ପାପ ଛୁଇଁଲା । ଏ ଟୋକା ଆଉ କେଉଁ ଝିଅକୁ ଭିତିରିଆ ଭଲ ପାଇଥିଲାକି ? ସିମିତି ପ୍ରକୃତି ତ ଯାର ହେବା କଥାନାହିଁ । ତାକୁ ବାଧା ବାରଣ ଦେବା ଲୋକ କିଏ ?

ସନ୍ଧ୍ୟା ପ୍ରାୟ ସାତଟା । ଖୁବ୍ ଆତ୍ମୀୟ ଅନ୍ତରଙ୍ଗ ଛାତ୍ରଟିଏ । କେତେ ଗୁଡ଼ିଏ ବହି ଓ ଚିଜ ନେଇ ସେ ମୋର ତୃତୀୟ ପୁତ୍ର ଅର୍ଥାତ୍ ଟୁନୁର ଉପର ଭାଇ ପାଖକୁ ଆଠଟା ବସ୍‌ରେ ବାହାରିଯିବା ବୋଲି ଅପେକ୍ଷା କରିଛି । ମୁଁ ଚିଠିଟିଏ ସେଇ ତିନି ନମ୍ବର ପୁଅ ପାଖକୁ ଦେବି ବୋଲି ଲେଖିସାରି ଲଫାପାଟା ସେ ଛାତ୍ର ହାତକୁ ବଢ଼ାଇ ଦେବାକୁ

Digitized by srujanika@gmail.com

ଧରାଛେଦୀ ଅଭ୍ରଭେଦୀ ତୋଳ ଶୃଙ୍ଗ ବରେଣ୍ୟ ।' ଦିଲ୍ଲୀ, କଟକ, ଭୁବନେଶ୍ୱର, ରାଉରକେଲା, ମିଜୋରାମ, ପାନ୍ଥଡ଼ା, ବିଶ୍ୱନାଥପୁର, ସାଲେପୁରରୁ ଆସିଗଲେ ଶିକ୍ଷୀଗଣ । ନିର୍ବନ୍ଧ ପାଇଁ କନ୍ୟା ଦେଖିବା ଓ ହଁ କରିବା ପାଇଁ ଗୋଟାଏ ମିନି ବାହାଘରର ଆୟୋଜନ ଦୁଇ ତରଫରେ । ଉଭୟ ପକ୍ଷରେ ଏକତ୍ର ହେଲେ ପଚାଶ ଷାଠିଏ ହେବେ । ପୁଣି ଭୁରୀଭୋଜନ, କେବଳ ମିଠା କୋଲକତା ସୁଇଟ୍ସ, ଗାଙ୍ଗୁରାମ ସୁଇଟ୍ସ, ପାହାଳ କଟକ ସୁଇଟ୍ସ କିଏ ପଚାରେ ? ପୁଣି କୋଳାହଳ, ଟେପ୍ ଟେଲିଭିଜିନ, କୋଲଡ୍ ଡ୍ରିଙ୍କ୍ସ, ହଟ୍ ଡ୍ରିଙ୍କସ୍ ।

ପୁଅ ଯିବାକୁ ମଙ୍ଗୁ ନଥିଲା । କହିଲା, "ଏତେ ବଡ଼ ବଡ଼ ଲୋକେ ଦେଖି ପସନ୍ଦ କରିଛନ୍ତି, ମୋର ଯିବାର କି ଦରକାର ?" ବାଧ ବାଧକତାରେ ପଡ଼ିଗଲା । ତା ସାଙ୍ଗମାନେ କେହି ଯାଇନଥିଲେ । ଯିବାର ଅବକାଶ ବା ସୁଯୋଗ ସେମାନଙ୍କ ପାଇଁ ସେ କରିପାରିଲା ନାହିଁ । ୟାକୁ ତାକୁ ପୁଛି ପଚାରି ସୁନ୍ଦର ପୋଷାକ ପରିଛଦରେ ସଜିତ ହୋଇ ସେ ଯାଇଥିଲା । ସେ ବେଶ୍ ଜାଣିଥିଲା ଆମର କନ୍ୟା ଦେଖା ସହିତ ଅପର ପକ୍ଷର ବର ଦେଖା ବି ଯୁଗପତ୍ ସଂଘଟିତ ହେବ । ମୋ ପୁଅ ଯେ ଏତେ ସୁନ୍ଦର ଦିଶିପାରେ ସେ ଗର୍ବରେ ମୁଁ ଫାଟି ପଡୁଥାଏ । ପାଟିରୁ ଥରକୁ ଥର ବାହାରି ଆସୁଥାଏ ଫକୀର ମୋହନଙ୍କ ମାମୁଁର ସେଇ କଥାଟା, ରାଘବ ମହାନ୍ତିର ମାଆ କହିଥିଲା 'ମା ବିକ୍ଷି ! ମୋ ରାଘୋଟି କ'ଣ ଅସୁନ୍ଦରିଆ ହୋଇଛି ।"

କେନ୍ଦ୍ର ପବ୍ଲିକ୍ ସରଭିସ୍ କମିଶନରେ କୋଡ଼ିଏ ତିରିଶ ଜଣ ଗୁଣୀ ଜ୍ଞାନୀ ଏକ୍ସପୋର୍ଟ ଆଗରେ ପରୀକ୍ଷାର୍ଥୀ ଛିଡ଼ାହୋଇ ଇଣ୍ଟରଭିଉ ହେଲାପରି ଝିଅଟି ଆମ ଆଗରେ ନାନା ପ୍ରଶ୍ନର ସୁନ୍ଦର ସୁନ୍ଦର ଉତ୍ତର ଦେଉଥିଲା ବେଳେ ଆମ ତିନିଙ୍କ (ପୁଅ ବୋହୂ ଏବଂ ମୋର) ଛାତି କୁଣ୍ଢେ ମୋଟ । କାରଣ ଆମର ଚଏଶ୍ ବା ପସନ୍ଦ ଏକାବେଳକେ ପରଫେକ୍ଟ ପୁରା ପାକଳିଆ । ଝିଅ ଟାଏଁ ଟାଏଁ କଥା, ଜବାବ କାହିଁ ଖିନି ବାଜୁ ନାହିଁ, ସେଠି ଗୁରୁଗମ୍ଭୀର ପରିବେଶ ମୋଟେ ନଥିଲା । ପୁଅ ଝିଅ ବି ହସାହସି ହୋଇ ଦଣ୍ଡେ ଯାଏ ଆଳାପ ମେଳାପ ହେଲେ । ଏ ଅବସରରେ ମୁଁ ଦେଖିନେଲି ପରିବାରର ଅନ୍ୟ ସଭ୍ୟ ସଭ୍ୟା ମେଳରେ ବିଶେଷକରି ଅନ୍ୟ ତିନି ବୋହୂମେଳରେ ଏ ନୂଆ ଝିଅଟି କିମିତି ଖାପ୍ ଖାଉଛି । Interview ପରେ ସମସ୍ତଙ୍କ ମୁହଁରେ ଗୋଟିଏ କଥା, ପୁଅ ଯେ ,ଏତେ ସୁନ୍ଦର ମେନେଜ କରିବ, ବିହେଭ୍ (behave) କରିବ ଆମେ କେହି କେବେ ଭାବି ନଥିଲୁ । congratulation ଟୁନୁ! ଭିଡ଼ ଭିତରୁ କେହି ଜଣେ କହିବାର ଶୁଣାଗଲା 'Tunu is now a big man".

ଏତେ ବିଶିଷ୍ଟ ଲୋକଙ୍କ ଏତେ ବଡ଼ ବୈଶିଷ୍ଟ୍ୟପୂର୍ଣ୍ଣ ସମାବେଶ ବେଶ୍ ଆନନ୍ଦ ଉଲ୍ଲାସ ତଥା ହଇଚଇ ମଧରେ ଶେଷ ହେଲା । ବିଦାୟ ପୂର୍ବେ ସେମାନେ ବଡ଼ପୁଅ ବୋହୂଙ୍କୁ ଓ ମୋତେ ଏକାନ୍ତରେ ପଚାରିଲେ "what next?" ୟା ପରେ କଣ

Digitized by srujanika@gmail.com

ଯାଉଛି ଦେଖିଲି ତା ଛାତି ପକେଟ୍‌ରେ ଦୁଇଚାରି ଧାଡ଼ି ଗାରେଇ ଟୁନୁ ଛୋଟ ଚିଟ୍‌ଟିଏ ପୁରେଇ ଦେଲା ଏବଂ ବୁଲେଟ୍ ଚଢ଼ି କୁଆଡ଼େ ବାହାରିଗଲା ।

ମୁଁ ଜୀବନରେ, ପୁଅଝିଅ ବା ଅନ୍ୟ କାହାରି ଚିଠିପତ୍ର ବିନା ଅନୁମତିରେ ଦେଖେ ନାହିଁ, ପଢ଼େ ନାହିଁ । ଲୋଟା କୋଟା ପତଳା କାଗଜଟି ଛାତ୍ରଟିର ପକେଟ୍‌ରୁ ଟାଣି ନେଇ ଯିମିତି ପଢ଼ିଛି ମୁଣ୍ଡ ଘୁରିଗଲା, ସୂର୍ଯ୍ୟ ଚନ୍ଦ୍ର ଗ୍ରହ ତାରା ସବୁ ବୁଲିଲା ପରି ଲାଗିଲା । କ୍ଷଣକେ ମୁଁ ଗଳଦ୍‌ଘର୍ମ ହୋଇଗଲି । ଲେଖାଥିଲା "କୁନୁ ନନା, ମୋର ସର୍ବନାଶ ହୋଇଯାଇଛି, ମୋର ଜୀବନ ଏକାବେଳକେ ନଷ୍ଟ ହୋଇଗଲା, ବାହାଘର ପାଇଁ । ମାଆ ନଥିବାରୁ ଏ ଅବସ୍ଥା ।" ଚିଠିଟା ତତକ୍ଷଣେ ଚିରି ଫୋପାଡ଼ି ଦେଲି ଏବଂ ଅବିଳମ୍ବେ ଟେଲିଫୋନ୍ ଅଫିସ୍‌କୁ ଧାଇଁଲି । ଟ୍ରଙ୍କକଲ୍ କଲି ବଡ଼ପୁଅ ପାଖକୁ, ଯେ ନିର୍ବନ୍ଧ ପାଇଁ ଆସି ଯାଇଥିଲା । କହିଲି "ନିର୍ବନ୍ଧ cancel କର ।" ଆଉ ପଦେ ନ କହି ଧଡ଼୍ କରି ଫୋନ୍ ରଖିଦେଲି । ଘରକୁ ଦ୍ରୁତ ବେଗରେ ଫେରିଲି ଅଧା ଚେତା ଅବସ୍ଥାରେ । ରାତି ଦଶରେ ପୁଅ ଫେରିଲା । କୁଆଡ଼େ ଯାଇଥିଲା କହି ହେବ ନାହିଁ । ତା ଚିଠି କଥା ଉଲ୍ଲେଖ ନ କରି ସିଧା କହିଦେଲି "ବାବା ! ଫୋନ୍‌କରି ନିର୍ବନ୍ଧ cancel କରି ଦେଇଛି । ତୁ ଥୟ ଧର, ବ୍ୟସ୍ତ ହୁଅନା, ମୁଁ ଜବାବ୍ ଦେଇଛି, ତୋ ଇଛା ବିରୁଦ୍ଧରେ କଦାପି ତୋତେ ବାହା କରିବିନି ।"

ପରଦିନ ସକାଳେ କନ୍ୟାପାତ୍ରୀର ଭାଇ ମୋର ଦ୍ୱାରସ୍ଥ ହେଲେ ଏବଂ ଆଶ୍ଚର୍ଯ୍ୟ କଥା ମୋତେ ଓଲଟି ବୁଝାଇବାକୁ ଲାଗିଲେ । ମୋତେ apology ମାଗିବାର ବି ଚାନ୍ସ ଦେଲେନି । କହିଲେ "ଏମିତି ହୁଏ last minute ରେ କେତେ କେତେ ବାହାଘର ଭାଙ୍ଗିଯାଇଛି ତଥାପି ଆମ ଏ କ୍ଷେତ୍ରରେ କିମିତି ଏହା ସମ୍ଭବ ହେଲା ସେଇଟା ବୁଝିବାକୁ ଚାଲି ଆସିଲି ।" ପୁଣି କହିଲେ - "ଦେଖନ୍ତୁ, ପୁଅର ଇଛା ବିରୁଦ୍ଧରେ କଦାପି ଆଉ ଆଗେଇବା ନାହିଁ । ତେବେ ଦୁଃଖ ହେଉଛି ଯେ, ଆମେ ଅନେକ ଦୂର ଆଗେଇ ଯାଇଥିଲୁ ଏବଂ ଭାଙ୍ଗିଯିବ ବୋଲି ଉଭଟ ସ୍ୱପ୍ନରେ କେହି ଭାବିନଥିଲୁ । ଆମର ମହାପ୍ରସାଦ କୁଣ୍ଡ ସବୁ ଦିପହର ବେଳକୁ ଘରେ ଆସି ପହଞ୍ଚି ଯାଇଥିବ, ଜିପ୍ ଯାଇଛି । ଏପରିକି କୁଳ ପୁରୋହିତ ବହୁ ଦୂରରୁ ଆସି ପ୍ରସ୍ତୁତ ଥିଲେ । ଦୂର ଦୂରାନ୍ତରୁ ଏପରିକି ପାଟନା, ବନାରସରୁ ବନ୍ଧୁବାନ୍ଧବ ସାଗ୍ରହ ଆନନ୍ଦରେ ପହଞ୍ଚି ଯାଇଥିଲେ ।"

ପୁଅକୁ ସେ ଖୋଲାଖୋଲି ସବୁକଥା କହିଯିବାକୁ ଅନୁରୋଧ କଲେ । ପଚାରିଲେ "ତୁମେ ତ ନିଜ ଇଛାରେ ହଁ କରିଥିଲ ଦେଖାଦେଖି କଥାବାର୍ତ୍ତା ପରେ । କାହିଁକି ହଠାତ୍ ନା କଲ ?" ମୁଁ ବି ପଚାରିଲି "କାହିଁକି ସେଦିନ ସେଇଠି ଖୋଲାଖୋଲି ନା କଲୁନାହିଁ ?" ସେ ଖାଲି ଏତିକି କହିଲା ମୋ ଆଡ଼କୁ ଚାହିଁ "ତୁମେ ସମସ୍ତେ ତ ଏତେ ବଡ଼ଲୋକ, ମୋ ପାଇଁ ଦେଖି ଶୁଣି ଜାଣି ପସନ୍ଦ କରିସାରିଛ, ତାକୁ ନାପସନ୍ଦ ବି କରିବାର ପ୍ରଶ୍ନ ଉଠୁନି । କିନ୍ତୁ କାହିଁକି କେଜାଣି ତାକୁ ଭଲ ପାଇପାରିବି ନାହିଁ ବୋଲି ଭାବୁଛି ।"

Digitized by srujanika@gmail.com

କନ୍ୟାର ଭାଇଟି (ସେ ଦୀର୍ଘଜୀବୀ ହୁଅନ୍ତୁ) ଥଣ୍ଡା ମିଜାଜ୍‌ରେ କହିଲେ "ଦେଖନ୍ତୁ, ବାହାଘର ନ ହେଲା ଦୁଃଖ ନାହିଁ । ଏଥରକୁ ଲଗାଇ ତିନି ଥର ହେଲା ଭଲ ଭଲ ପ୍ରସ୍ତାବ ଶେଷ ମୁହୂର୍ତ୍ତରେ ଭାଙ୍ଗିଯାଇଛି । ଝିଅ ଉପରେ ଯେଉଁ Psychological effect ହବ ସେକଥା ମୁଁ ଭାବୁଛି । ବାପାଙ୍କ ବୟସ ଅଶୀ, ତାଙ୍କ ହାର୍ଟକୁ କିମିତି ଜଗିବି, ରକ୍ଷା କରିବି ?" ଗାଡ଼ି ଛାଡ଼ିବା ପୂର୍ବରୁ ଟିକିଏ ବିମର୍ଷ ହୋଇ ସିଧାସଳଖ ମୋତେ ଶେଷ ପ୍ରଶ୍ନ ପଚାରିଲେ, ଆପଣଙ୍କ ଏ ପୁଅ ଆଡ଼ବାୟା କି ? ମୁଁ ତଦଣ୍ଡେ ଉତ୍ତର ଦେଲି "ସେ ନୁହେଁ, ମୁଁ ।"

ସେ ଫେରିଗଲେ । ବାହାଘର ନିର୍ବନ୍ଧ ଭାଙ୍ଗିଗଲା ଚବିଶ ଘଣ୍ଟା ପୂର୍ବରୁ । ଲଗ୍ନ ଧରାର ଅବ୍ୟବହିତ ପୂର୍ବରୁ । ମୋତେ ଜଣାଗଲା ଯେମିତି ସେକ୍ସପିଅର୍‌ଙ୍କ ଟ୍ରେଜେଡ଼ିର ତୃତୀୟ ଅଙ୍କରେ ଭାଷଣ ଶୋକାବହ Climax ଘଟିଲା । ପୁଅ ବୋହୂ ଘଟଣା ଜାଣିପାରି ଚିଠିପତ୍ର ଆମ ପାଖକୁ ବନ୍ଦ କରିଦେଲେ । ଅନ୍ୟମାନେ ଯଦି ବା ଖଣ୍ଡେ ଅଧେ ଚିଠି ଲେଖିଲେ ସେଥିରେ ଟୁନୁର ନାଁ ନାହିଁ । କେହି ବୁଝିପାରିଲେନି ବାପ ପୁଅ ମିଶି ଆମେ କି କାଣ୍ଡ କାହିଁକି ଭିଆଇଲୁ । ଲୋକ ଅପବାଦ, ପରିବାରରେ ମନୋମାଳିନ୍ୟ, ଦୁଶ୍ଚିନ୍ତା, ଅନୁଶୋଚନା ଆଦି ନାନା କଥା ଆମକୁ ଘାରିଲା । ପୁଅ ବାହାଘରରେ ପୂର୍ଣ୍ଣଛେଦ ପଡ଼ିଲା । ଗୁମ୍ ମାରି ଆମେ ବାପ ପୁଅ ଅଜାଗା ଘାଆ ଧରି ଚୁପ୍ ରହିଲୁ । ମୋର ଏତିକି ଆନନ୍ଦ ଯେ, ପୁଅକୁ ନିଶ୍ଚିତ Catastrophe ରୁ ଉଦ୍ଧାର କଲି ଯିଏ ଯାହା କହୁ, ଭାବୁ ନା କାହିଁକି ?

ମାସ ମାସ ଧରି ଛଅମାସ ଚାଲିଗଲା । All quiet in the western front ନା, ନା, All quiet on all fronts ମୋର ବି ପୁଅ ବାହାଘର ଉତ୍ସାହରେ ଭଟ୍ଟା ପଡ଼ିଗଲା । ଥରେ ଥରେ ଭାବେ ପୁଅ ଯିମିତି କହୁଥିଲା 'ବାହା ମୁଁ ହେବି ନାହିଁ' ତାର ପ୍ରତିଶୋଧ ସ୍ୱରୂପ "ବାହା ମୁଁ ହେବି ନାହିଁ ତାକୁ" ଗାଇବି । ମାତୃହୀନ ହେ ଅଡ଼ିଆ ପିଲାଟା ଉପରେ ଚିଡ଼ିବି, କଥାବାର୍ତ୍ତା ବନ୍ଦ କରିବି, ମୁହଁ ଚାହିଁବି ନାହିଁ । ପୁଅ ନିଜେ ଆସି ମୋତେ ନ କହିଲା ପର୍ଯ୍ୟନ୍ତ 'ବାପା ଏଥର ଦେଖ ମୁଁ ସେଇ ଝିଅକୁ ବାହା ହେବି ।' ଫେର ଭାବେ ବୁଡ଼ିଗଲା ଗୋଡ଼ ତଳକୁ ତଳକୁ ଯଦି ଚାଲିଯିବ । ତାର ବାହାଘରଟା ମୋର ଦରକାର ତାର ସ୍ୱାସ୍ଥ୍ୟ, ସଦାଚରଣ ଦୃଷ୍ଟିରୁ ନହେଲେ ସିନେମା ହିରୋ ପରି frustration ରେ ଗଞ୍ଜା, ନିଶା, ପଶା, ମଦ, ବେଶ୍ୟା, ଆଡ଼କୁ ଯାଇ ଆତ୍ମହତ୍ୟା କରିବ । ନା, ନା ଯେତେହେଲେ ମୋର ପୁଅ, ମାତୃହୀନ ପୁଅ, କୋଡ଼ପୋଛା ପୁଅ ।

ଦିନେ ଦେଖିଲି ପୁଅର ପ୍ରକୃତି ବଦଳିବାର ଉପକ୍ରମ କରୁଛି । ଶୀତ ଦିନ ଭୋର ସକାଳୁ ଉଠି ସ୍ପୋର୍ଟସ୍ ଡ୍ରେସ୍‌ରେ କଲେଜ ପଡ଼ିଆ ଆଡ଼କୁ Bullet Motor Cycle ରେ ଯାଉଛି । ଖୁସି ହେଲି change for the better ଭାବି । କେତେଦିନ ପରେ ଜାଣିଲି ସେ ଏ ଦିଗରେ regular ପ୍ରାକ୍ଟିସ୍ କରି ଚାଲିଛି । ଆହୁରି ଭଲ ଲାଗିଲା

Digitized by srujanika@gmail.com

ଯେତେବେଳେ ତାର ଏକ ସାଙ୍ଗ ପାଖରୁ ଜାଣିଲି ଯେ, ସେ ଏକ ଝିଅକୁ ଆଖି ଆଗରେ ରଖି ଏ ନୂଆ exercise ଆରମ୍ଭ କରିଛି । ବଙ୍ଗାଳୀ ଝିଅ, ବ୍ରାହ୍ମଣ କି କ୍ଷତ୍ରୀୟ କହି ହବନି । ଆହୁରି ଶୁଣିଲି ପୁଅ ଯିମିତି ତାକୁ ଭଲ ପାଉଛି ସେ ଝିଅ ବି ତା'ଠୁ ବଳି ତାକୁ ଭଲ ପାଉଛି । ପ୍ରତିଦିନ ଖେଳ କସରତ ଶେଷରେ ଚାହାଁ ହସ ଖୁସି ହୁଅନ୍ତି । ପୁଣି ଶୁଣିଲି, ଝିଅକୁ ଦେବାପାଇଁ ଯେବେ ବାପା ମାଆ ରାଜି ନହେବେ ତେବେ ସେ ଝିଅ ଆପେ ଆପେ ଘରୁ ବାହାରି ଆସିବ । କେବଳ ଦୁଇମାସ ପରେ ଏ କାମ ପାଇଁ ଆଇନ୍ ଝିଅ ତରଫ ହେବ । ଯଦି ଝିଅ ନ ଆସେ ତେବେ ସାଙ୍ଗସାଥୀମାନେ ତାକୁ ଘରୁ ନେଇ ଆସି ପଞ୍ଚଲିଙ୍ଗେଶ୍ୱର ମନ୍ଦିରରେ ବିବାହ କରାଇଦେବେ ।

ମୋର କୌଣସିଥିରେ ଗରରାଜି ନାହିଁ । ମୋତେ ଯିମିତି କୋର୍ଟ କଚେରୀକି ଯିବାକୁ ନ ହୁଏ, ପୁଅ ଯିମିତି ଥାନାକୁ ଚାଲାଣ ନହୁଏ । ଝିଅଟି ସୁନ୍ଦର, ଟୀନ୍ ଏଜ୍ । କେତେଦିନ ତଳେ କୁଆଡ଼େ ତାର ଦୂର ସମ୍ପର୍କିତ କକା କି ମାମୁଁ ସାଂଗରେ ଖଡ଼ଗପୁର କି ଟାଟା ଅନ୍ତର୍ଦ୍ଧାନ ହୋଇ ଯାଇଥିଲା କେତେ ଦିନ ପାଇଁ । "ପ୍ରୀତ୍ ନା ଜାନେ ରୀତ୍ ।" ପୁଅକୁ ଦିନେ ନାଟକୀୟ ରୀତିରେ ପଚାରିଲି "ଏ ଯେଉଁ ଜନରବ ଶୁଣୁଛି ତାହା କି ସତ୍ୟ ବାବା ! ସେ ଝିଅ କଣ ତୋତେ ଗ୍ରହଣ କରିବାକୁ ରାଜି ?" ପୁଅ କହିଲା "ମୁଁ ଯେତେଦୂର ଜାଣେ ତାର ଇଛାଅଛି, ମନ ଅଛି ।" ମୁଁ କହିଲି "Good ! ତୁ ତାକୁ ଯିମିତି ହେଉ ବାହାହ, ମୁଁ ରାଜି । ପଦେ କଥା ପଚାରୁଛି ଉତ୍ତର ଦେ । ତୁ କଣ ଜାଣୁନାହିଁ ଯେ ସେ ଝିଅ ସାହିର ଗୋଟିଏ ଟୋକା ସହିତ ..... ।" ପୁଅ ପଟାପଟ୍ ଉତ୍ତର ଦେଲା "ବେଶ୍ ଜାଣେ ! ତଥାପି ମୁଁ ତାକୁ ଭଲ ପାଏ । A known devil is better than an unknown one. ଏ କଥା ବି ମୁଁ କହି ଦଉଛି ସେ ସହସ୍ର ଶଯ୍ୟାର ନାୟିକା ହେଲେ ବି ମୁଁ ତାକୁଇ ବାହା ହେବି । Elizabeth Taylor .... ଯଦି ତା ବାପା ମତେ ତା' ଝିଅକୁ ଦେବାପାଇଁ ରାଜି ନହୁଏ ତେବେ ଆମେ ଜାଣୁ କଣ କରିବାକୁ ହେବ । ରୋକଠୋକ୍ କଥା ବାପା ହେଲେ ବି ଏଥର ତୁମ କଥା ମାନିବି ନାହିଁ ।"

କାଳେ କୌଣସି ଗଣ୍ଡଗୋଳ ବିଭ୍ରାଟ ପୁଅ ସୃଷ୍ଟି କରିବ ସେଥିପାଇଁ ଭାବିଲି ଝିଅର ବାପା ମାଆଙ୍କୁ ଭେଟିବି । ପୁଅ ଯେତେବେଳେ ଏ କ୍ଷେତ୍ରରେ ଏତେ ସଂକଳ୍ପବଦ୍ଧ ଏବଂ ଝିଅକୁ ଏତେ ଗଭୀର ଭାବରେ ଭଲ ପାଉଛି ମୁଁ ଯାଇ ସେମାନଙ୍କୁ ପ୍ରବର୍ତ୍ତାଇବି ଝିଅ ଦେବାକୁ । ଦେଇ ମଧ ପାରନ୍ତି । କେବଳ ବୟସର ଗୁଡ଼ାଏ ପାର୍ଥକ୍ୟ । ଆମ ଦୁଇ ପରିବାରର ଦୀର୍ଘ ଦିନର ସମ୍ପର୍କ ରହିଛି । ସାମାନ୍ୟ କିଛି ମିଠା, ଯୋଡ଼ାଏ ପାଚିଲା ଅମୃତଭଣ୍ଡା ଓ କିଛି ନାଲି କୋଶଳା ଶାଗ ନେଇ ସଞ୍ଜବେଳିଆ ଦିନେ ଗଲି । ଝିଅ ମୋଟେ ମୋ ସାମ୍ନାକୁ ବାହାରିଲା ନାହିଁ । ବୁଝିଗଲି ଝିଅ ନିଜକୁ ଆମ ଘରର ବୋହୂ ବୋଲି ଧରିନେଲାଣି ।

Digitized by srujanika@gmail.com

ୟାଡ୍ରୁ ସିଆଡ୍ରୁ ବଣବୁଦା ଝଡ଼ାଝଡ଼ି କରି ଯେତେବେଳେ ଟଦ୍ଭେଇର କିଛି ଖବର ନ ପାଇଲି ରୋକ୍‌ଠୋକ୍ ବାପମାଆଙ୍କୁ ପଚାରି ଦେଲି ପ୍ରଶ୍ନଟି । ମୁଁ ନିଶ୍ଚିତ ସେମାନେ ହଁ କରିବେ କାରଣ ଅଳ୍ପଦିନ ତଳେ ଝିଅର ବଦ୍‌ନାମ ସର୍ବତ୍ର ରଟି ଯାଇଛି । କିନ୍ତୁ ସେମାନେ ଯାହା ଇଙ୍ଗିତ ଦେଲେ ସେଥିରୁ ବୁଝିଲି ଯେ ସହସା ଝିଅକୁ ଦେବେ ନାହିଁ, ଝିଅ ପଢ଼ିବ, ବେଙ୍କ୍ କ୍ଲାର୍କ ହେବ । ଯଦି ବାହାହେବ ତା' ଇଚ୍ଛାରେ ତେବେ ତା' ଇଚ୍ଛାରେ ତେବେ ପିଓକୁ ବାହା ହେବ । ଏବେ ଝିଅ କଷ୍ଟ ଅଛି । ଦୁଃଖରେ ଫେରିଲି । "କାନ୍ଦି କାନ୍ଦି ଗାନ୍ଧୀ ବୁଢ଼ା ଫେରିଲାରେ ।" ମୋ ପକ୍ଷରେ ଝିଅଟା ସେତେ ମନମାଫିକ ନ ହେଲେ ମଧ ପୁଅ ତ ଚାହୁଁଥିଲା ।

ପୁଅକୁ ଏକ ଭୀଷଣ shock ହେଲା ବୋଲି ଅନୁଭବ କଲି । କାରଣ ଏଇଟା ବୋଧହୁଏ ତା'ର ପ୍ରଥମ ରୋମାନ୍ସ ପ୍ରଥମ ପ୍ରେମ । ସେ ପ୍ରାୟ ଭାଙ୍ଗି ପଡ଼ିଲା । ମୁଁ ତା' ପ୍ରତି ନରମ ଭାବ ପୋଷଣ କଲି ଖୁବ୍ ଶରଧାରେ ନାନା କଥା କହି, ଗପି ତାକୁ ଆଶ୍ୱସ୍ତ କରି ମନୋରଞ୍ଜନ କଲି । ପୁଅ ହୁଏତ ଭାଙ୍ଗିପଡ଼ି ଜୀବନରେ କେବେ ଉଠି ପାରିନଥାନ୍ତି । କି ବିଶ୍ୱାସ ଆତ୍ମହତ୍ୟା ଆଡ଼କୁ ଯାଇନଥାନ୍ତା - ଯେବେ ମାସକ ଭିତରେ ଅନ୍ୟଜଣେ ବୟସ୍କ ଖେଳୁଆଡ଼ ସେ ଝିଅକୁ ନେଇ ସେଇ ପଞ୍ଚଲିଙ୍ଗେଶ୍ୱର ମନ୍ଦିର ଭିତରେ ଇଣ୍ଟାରକାଷ୍ଟ ବିବାହ କରିନଥାନ୍ତା । ଯେଉଁ ଦିନ ଏକଥା ପ୍ରଘଟ ହେଲା ସେ ଦିନ ପୁଅ ଦିନଯାକ ହୋ ହୋ ହୋଇ ବହେ ହସିଲା, ଡ଼େଇଁଲା, ଜଗନ୍ନାଥ ମନ୍ଦିରରେ ଭୋଗ ଲଗାଇଲା । ସାଙ୍ଗ ସାଥୀଙ୍କୁ କହି ବୁଲିଲା, 'ମୋ ଜୀବନଟା ମର୍ଡ଼ର ହୋଇ ଯାଇଥାନ୍ତା ଆଉ ଟିକେ ହୋଇଥିଲେ ।'

ପୁଅ ପାଇଁ ଝିଅ ଖୋଜାରେ ମୁଁ ପ୍ରାୟ ଶାନ୍ତ କ୍ଳାନ୍ତ ବିରକ୍ତ ହୋଇଗଲି । ଦି'ଜଣ ଜଣେ ମୁରବୀ ସ୍ଥାନୀୟ ଲୋକ ଯେଉଁମାନେ ଟୁନୁର ବାହାଘର ଦେଖିବାକୁ ବଞ୍ଚିଥିଲେ ସେମାନେ ମରିଗଲେ । ଟୁନୁ ଟୀନ୍‌ଏଜ୍ ଝିଅ ବାହା ହେବାର ଯୋଗ୍ୟତା ରହିଗଲା । ସେ ଭାବିଲା, ବାପା ଆଉ ମୋତେ ବାହା କରେଇବେ ନାହିଁ । ଯାହା ହେଉ ଚତୁର୍ଥ କି ପଞ୍ଚମ ଥର ପାଇଁ ଦୁହେଁ ବିବାହ ପ୍ରଶ୍ନ ଉତ୍‌ଥାନ କଲୁନାହିଁ ।

ଏ ଭିତରେ ମୁଁ ଅନ୍ୟ ଏକ କଲେଜରେ ଚାକିରୀ ଧରିଲି । ମଫସଲ କଲେଜ । ତଥାପି ଏଇ ଛୋଟ ମଫସଲ କଲେଜରେ ଝିଅଙ୍କ ସଂଖ୍ୟା ଚାରିଶହରୁ ଊଣା ନୁହେଁ । ଟ୍ରେନ୍ ବସ୍ ଦ୍ୱାରା ସଂଯୁକ୍ତ ହୋଇଥିବାରୁ କଲେଜ ବେଳରେ ଏପଟୁ ସେପଟୁ ଯୋଡ଼ାଏ ଟ୍ରେନ୍ ଗୁଡ଼ାଏ ପୁଅ ଝିଅ ଅଜାଡ଼ି ଦିଅନ୍ତି । କଲେଜ-ସରଗରମ ହୋଇ ଉଠେ, ଜମି ଉଠେ ଶିକ୍ଷାପୀଠ । କେତେ ରୂପ କେତେ ରଙ୍ଗ ରସ । ପୁଅ ପାଇଁ ସିନା ଝିଅ । କିନ୍ତୁ ପୁଅ ବାବାଜୀ ହବ କି ବଇଷ୍ଣବ ହେବ କିଏ ଜାଣେ । ମୁଁ ତେଣୁ ବୀତସ୍ପୃହ, ଝିଅ ଦେଖା ଦେଖିରେ । ମୁଁ ସଂକଳ୍ପବଦ୍ଧ ଆଉ ଝିଅ ଦେଖିବି ନାହିଁ । କିନ୍ତୁ ଉପଲବ୍ଧ ହେଲା ସଂକଳ୍ପ ଯେତେ ଦୃଢ଼ ବୋଲି ଜଣାଯାଉଥାଏ ସେତେ ନୁହେଁ । ଝିଅ ଦେଖିବି ନାହିଁ ମୁଁ ଯେତେ

Digitized by srujanika@gmail.com

ମନେ ମନେ ଭାବୁଛି ସେତେ ନୂଆ ନୂଆ ସୁନ୍ଦରିଆ ଝିଅ ଆଖି ଆଗକୁ ଆସି ଯାଉଛନ୍ତି । ଏ ସୃଷ୍ଟି ଅମୃତମୟ ହେ !

ଦିନେ ପ୍ଲାଟଫର୍ମରେ ଟ୍ରେନ୍‌କୁ ଅପେକ୍ଷା କରିଥାଏ । ହଠାତ୍ ଆଖି ପଡ଼ିଲା ଏକ ଝିଅ ଉପରେ । ଷ୍ଟେସନ୍ ଓଭରବ୍ରିଜ୍‌ରୁ ଧୀରେ ଧୀରେ ପାହାଚକୁ ପାହୁଚ ଓହ୍ଲାଇ ଆସୁଛି । ମୋତେ ଜଣାଗଲା ଯେମିତି ଯାଦୁବଳରେ ସ୍ୱର୍ଗରୁ ମର୍ତ୍ତ୍ୟକୁ ଓହ୍ଲାଇ ଆସୁଥିବା ହେଲେନର ମୂର୍ତ୍ତି ଯାହାକୁ ଦେଖି ଦେଲା ମାତ୍ରେ ଡ଼କ୍ଟର ଫଷ୍ଟାସ୍ ବିହ୍ୱଳିତ ହୋଇ ଅନବଦ୍ୟ ପଂକ୍ତିରେ ଗାଇଗଲେ "Is this the face launched ships and burnt the topless towers of illium? Fair Helen, make me immortal with a kiss. ପୁଅ ଯଦି ଏ ମୁହଁ ଦେଖିଥାନ୍ତା ତେବେ ଓଭରବ୍ରିଜ୍‌ରୁ ଖସି ପଡ଼ିଥାନ୍ତା । ଯାହାକୁ କହନ୍ତି ତନୁପାତଳୀ, ଆଖିରେ ଯାଦୁ, ତରଳ ଢ଼ଳଢ଼ଳ, ଘନ କୃଷ୍ଣବେଣୀ । ପ୍ରକୃତିସ୍ଥ ହୋଇ ପାଖରେ ଛିଡ଼ା ହୋଇଥିବା ଜନୈକ ଅଧ୍ୟାପକଙ୍କୁ ପଚାରିଲି "ଏ କିଏ କି ?" ସିଏ ଗାଇଗଲେ "ଆମ କଲେଜରେ ପଢ଼େ । ସେକେଣ୍ଡ ଇଅର, ବ୍ରାହ୍ମଣ ଘର, ବୁନିଆଦି ଅଛି, ରେଡ଼ିଓରେ ଗୀତ ଗାଏ, ଚମତ୍କାର ଏକ୍‌ଟିଂ କରେ ।" ମୁଁ ବର୍ଣ୍ଣନା ଶୁଣୁଥାଏ ଏବଂ ଓହ୍ଲେଇ ଆସୁଥିବା ଝିଅର କଜଳଲାଞ୍ଛିକୁ ଚାହିଁଥାଏ । "ଭ୍ରୂଲତା କି କାମ କମାଣ ଶର ଲୋଚନ ବେନି ।" ପଚାରିଲି ଅଧ୍ୟାପକଙ୍କୁ "ଏତେ ସୁନ୍ଦର ଝିଅକୁ କି ସେମାନେ ମୋ ପୁଅକୁ ଦେବେ ?" ବନ୍ଧୁ କହିଲେ "କାହିଁକି ନ ଦେବେ ? ଆପଣଙ୍କ ପୁଅର କଣ ଅଭାବ ଅଛି କି ? ସେମାନେ କଣ ଏତେ ବଡ଼ଲୋକ ଯେ ଆପଣଙ୍କ ପୁଅର କଣ ଅଭାବ ଅଛି କି ? ସେମାନେ କଣ ଏତେ ବଡ଼ଲୋକ ଯେ ଆପଣଙ୍କ ପରି ଲୋକର ପୁଅକୁ ନ ଦେବେ ? ଆପଣ କୁହନ୍ତୁ ମୁଁ ସହଜରେ ଅକ୍ଲେଶରେ କାଲି କହିଲେ କରେଇ ଦେବି ।"

ଅଧ୍ୟାପକ ବନ୍ଧୁଙ୍କ 'କାଲି' ଆଉ ଆସିଲା ନାହିଁ ବା ସିଆଡ଼େ ପ୍ରତିଶ୍ରୁତି ମତେ ଆଣେଇବାର ଲକ୍ଷଣ ଜଣାପଡ଼ିଲା ନାହିଁ । ଫଟୋଟିଏ କଲେଜ ଅଫିସ୍‌ରୁ ଯୋଗାଡ଼ କରିଥିଲେ କୁଆଡ଼େ କିନ୍ତୁ ମୋ ପର୍ଯ୍ୟନ୍ତ ଆସିଲା ନାହିଁ । କିଛିଦିନ ପରେ ଆଉ ଜଣେ ଅଧ୍ୟାପକଙ୍କୁ ଲଗାଇଲି । ତାଙ୍କ କଥାରୁ ବୁଝିଲି ପୂର୍ବ ଅଧ୍ୟାପକ ନିଜେ ସେ ହେଲେନ୍' ପିଛା ଲାଗିଛନ୍ତି । କେବଳ ସେ ନୁହଁନ୍ତି ଅନେକାନେକ ପ୍ରଫେସର, ବି.ଡ଼ି.ଓ., କଣ୍ଟ୍ରାକ୍ଟର ମଧ୍ୟ । "କେତକୀ ଫୁଟିଲେ ବନେ ସଜନୀ ଗୋ ବାସ ଚହଟଇ ନାହିଁକି ?" ଭ୍ରମର ମହୁ ମାଛି ସହିତ ନୀଳ ମାଛି ବି ଆସିପାରନ୍ତି । ସେ ଝିଅ ଏଣେ ତେଣେ ସ୍ୱାଧୀନ ହୋଇ ବୁଲାବୁଲି କରେ । ଯାନିଯାତ୍ରା ନଗ୍ନ ଭିଡ଼ିଓ ସୋ, ବ୍ଲୁ ଫିଲ୍ମ, ହୋଟେଲକୁ ତାର ଅବାହିତ ପ୍ରବେଶ । କଲଗାର୍ଲ ହିସାବରେ ଏବେ ଶୁଣିଲି ସେ ଗୋଟାଏ ହୋଟେଲରୁ ଏରେଷ୍ଟ ହୋଇଛି ।

କେତେ ଦିନ ପରେ ବାପ ପୁଅ ବସି ରାଜନୀତି, କ୍ରିକେଟ୍, ଚେସ୍ ଆଲୋଚନା କରୁ କରୁ ପୁଅ କହିଲା "ବାପା ମୋର ବାହାଘର ତୁମ ଉପରେ ମୁଁ ଦେଲି । ମୋ ଦେଇ

Digitized by srujanika@gmail.com

କନ୍ୟାଖୋଜା ହବନି । ଯେଉଁ ପାଞ୍ଚ ଛଅଟା ପଏଣ୍ଟ ମୁଁ ତୁମକୁ ଦେଇଥିଲି ତାକୁଇ ଅନୁସରଣ କରି ଖୋଜ । ଯଦି ପାଇଯାଅ ତେବେ ମୋର ମତାମତ ଲୋଡ଼ାନାହିଁ । ମୋତେ ଖାଲି ଦିନ ତାରିଖ ଲଗ୍ନ କରିଦବ । ମୁଁ ଭଲ ପିଲାଟି ପରି ବସିଲା ଠାରୁ ଉଠି ବେଦୀକି ଚାଲିଯିବି ବର ସାଜି ।" ପୁଅ ପୁଣି ସେଇ ଅସମ୍ଭବ ସର୍ତ୍ତାବଳୀର ପୁନରାବୃତ୍ତି କରନ୍ତେ ମୁଁ ଧରିନେଲି ଝିଅ ମିଳିବେ ନାହିଁ, ପୁଅର ଜିଦ୍ ରହିବ ମୁଁ ବାହା ହେବିନାହିଁ । ବାପପୁଅ ହୋଟେଲ୍‌ରେ ଖାଇବା । ଘର ଚୁଲିରେ ହାଣ୍ଡି ବସିବ ନାହିଁ । ବଂଶ ୟାରି ପାଖରୁ ବୁଡ଼ିଲା । ପୁଣି All quiet ବାହାଘର ଶବ୍ଦ ଘରେ ପ୍ରଚାରିତ ହୁଏନାହିଁ ବା କେବେ କୌଣସି କାହା ଚିଠିର ଲେଖାପଢ଼ା ହୁଏନି ।

ତେବେ କଣ ସମୁଦୁଣୀଙ୍କ କଥା ଧଇଲେ କେହି ଆମ ହାଣ୍ଡିରେ ଚାଉଳ ପକାଇନି ?

ମାସେ ଦି'ମାସ ପରେ ଦିନେ ଟ୍ରେନ୍‌ରେ କଲେଜ ଯାଉଥାଏ । ଗୋଟିଏ ଛୋଟ ହଲ୍‌ଟରେ ଟ୍ରେନ୍ ଛିଡ଼ାହେଲା । ଷ୍ଟେସନ୍ ଠିକ୍ Adlestop ଷ୍ଟେସନ୍ ପରି ଯାହାର ବର୍ଣ୍ଣନା ପିଲାମାନଙ୍କ ଇଂରାଜୀ ଟେକ୍ସଟ୍‌ରେ ଅଛି, ଯେଉଁଠି କେହି ଉଠନ୍ତି ନାହିଁ, ଓହ୍ଲାନ୍ତି ନାହିଁ । ଗୋଟିଏ ଝିଅ ଉଠିଲା ମୋରି ଡ଼ବାରେ ଏବଂ ଅଣନିଃଶ୍ୱାସୀ ଓ ଗଳଦ୍‌ଘର୍ମ ହୋଇ ଆସି ମୋରି ସାମନାରେ ବସିଲା । ଝିଅଟି ବେଶ୍ ସ୍ୱାସ୍ଥ୍ୟବତୀ, ଢ଼ଉଲଢ଼ାଉଲ । ସୁନ୍ଦରୀ ମଧ । ଆଖି ଦୁଇଟା ଚମତ୍କାର, ଚାହେଁ କୁଆପରି କଣେଇ । ତା ପଛେ ପଛେ ଗୁଡ଼ାଏ କଲେଜ ପିଲା ଅନ୍ୟ ଡ଼ବାରୁ ଓହ୍ଲାଇ ତାକୁ ଖୋଜି ତାରି ଡ଼ବାରେ ପଶିଲେ । ସେମାନେ ଜାଣନ୍ତି ନାହିଁ ମୁଁ ସେ ଡ଼ବାରେ ବସିଛି । ସେମାନଙ୍କ କମେଣ୍ଟ, ଦୁର୍ବ୍ୟବହାର, ଅଶ୍ଳୀଳ ଇଙ୍ଗିତକୁ ଡ଼ରି କୁଆପଲ ଡ଼ରରେ ଯିମିତି ବଣି ବା କପୋତ ଛୁଆ କେଉଁଠି ଆଶ୍ରା ନିଏ ସେମିତି ଏ ଝିଅଟି ମୋ ପାଖରେ ବସି ଦୁର୍ବୃତ୍ତମାନଙ୍କ ହାବୁଡ଼ରୁ ନିଜକୁ ରକ୍ଷା କଲା । ପିଲାଏ ପରବର୍ତ୍ତୀ ଷ୍ଟେସନରେ ଓହ୍ଲାଇଗଲେ । ସେଇ ଦିନ ଠାରୁ ଅଧିକାଂଶ ଦିନ ଝିଅଟି ମୋର ଡ଼ବାରେ ସମ୍ଭବ ହେଲେ ମୋରି ପାଖରେ ବସେ । ତଦ୍ୱାରା ସେ ଅଧିକ ବିପଦ ନିଜ ଉପରକୁ ଡ଼ାକିଆଣେ । ଷ୍ଟେସନ୍ ପ୍ଲାଟଫର୍ମରୁ କଲେଜ ଶହ ଦେଢ଼ଶ ଗଜ ଦୂର । ଟ୍ରେନ୍‌ରୁ ଓହ୍ଲାଇ ସେ ଆଗେ ଆଗେ ଚାଲେ, ମୁଁ ତା ପଛେ ପଛେ । ତା ସହିତ ଆତ୍ମୀୟତା ବଢ଼ିବା ସଂଗେ ତାରି ଆଖି ବେଣୀ ନାକ ଫାଶିଆ ଓ ସ୍ୱାସ୍ଥ୍ୟ ସାଧାରଣ ସୌନ୍ଦର୍ଯ୍ୟ ଦେଖି କଣ ମନକୁ ଆସିଲା, ପଚାରିଲି "ଝିଅରେ ତୋର ଘର କେଉଁଠି ?" ସେ ମୁହୂର୍ତ୍ତକେ ଉତ୍ତର ଦେଲା ଯଥେଷ୍ଟ ପ୍ରଗଲ୍‌ଭତାର ସୂଚନା ଦେଇ "ପାତ୍ର ସାହିରେ ।" ଦଣ୍ଡେ ରହି କହିଲା, "ଯେଉଁ ଖଣ୍ଡିଆ ଷ୍ଟେସନରେ ମୁଁ ଗାଡ଼ି ଚଢ଼େ ତାର ଦୁଇ କିଲୋମିଟର ପଶ୍ଚିମକୁ ।"

ବାପା କିଏ, କଣ କରନ୍ତି, ତୁମେ ଭାଇଭଉଣୀ ମିଶି କେତେ, ଜମିଜାଇଗା କେତେ ଆଦି ମାମୁଲି ପ୍ରଶ୍ନ ପଚାରି ପଚାରି ସମୟ ଓ ଦୂରତା ସେ ଦିନ କଟାଇ ଦେଲି । ପରଦିନ ସେଇ ସବୁ କଥାର ଖିଅ ଧରି ଚାଲିଲି । ଦି' ଚାରିଦିନ ପରେ ଆତ୍ମୀୟତା

Digitized by srujanika@gmail.com

ଆହୁରି ବଢ଼ିଲା । ତାକୁ ଯେତେଥର ଦେଖୁଥାଏ ସେ ସେତେ ଆପଣାର ଜଣା ପଡୁଥାଏ । ଦୂରତା କ୍ରମେ କ୍ରମେ ଆମ ଦୁହିଁଙ୍କ କମିଆସିଲା । ତଥାପି ମୁଁ ଗହୀରକୁ ଯାଇ ନଥାଏ । ହଠାତ୍ ଦିନେ ଭାବପ୍ରବଣାତ ଏଡ଼ି ନପାରି ପଚାରିଦେଲି, "ଝିଅରେ ତୋର ଜାତି କ'ଣ ?"

ଓଠରେ ସାମାନ୍ୟ ହସ ଫୁଟାଇ ଚଲାକ ଝିଅଟା ପଟାପଟ୍ ଉତ୍ତର ଦେଲା, "ଆପଣ ଯେଉଁ ଜାତି ବୋଲି ଭାବିଛନ୍ତି ମୁଁ ତାହା ନୁହେଁ, ମୁଁ ଖଣ୍ଡାୟତ । ସାର୍! ଆପଣ ଏତେ ବଡ଼ ଲୋକ ହୋଇ ଆଜି କାଲି ଯୁଗରେ ଜାତିପାତି ମାନନ୍ତି ?" ମୁଁ ଅପ୍ରତିଭ ହେଲି । ପାଚିଲା ଆମ୍ବ ଭଳି ଗୋରୀ ଚିକ୍କଣ ଚମଡ଼ା ଦେଖି କାଳେ ବ୍ରାହ୍ମଣ ଝିଅ ହୋଇଥିବ ଭାବିଥିଲି । ସିଧା ତା ମୁହଁକୁ ଚାହିଁ ବାଚାଳତା ଦେଖାଇ କହିଲି "ମିନିରେ, ଯଦି ତୁ ବ୍ରାହ୍ମଣ ଝିଅ ହୋଇଥାନ୍ତୁ ତେବେ କାଲି ସକାଳୁ ତୋତେ ମୋ ପୁଅକୁ ବାହା କରାଇଥାନ୍ତି । ମୋର କପାଳରେ ତୋପରି ସୁନ୍ଦର ବୋହୂ ନାହିଁ ।"

ମିନି କହିଲା, "ମୁଁ କଣ ଏକା ଦୁନିଆରେ ସୁନ୍ଦର ଝିଅ ଅଛି ? କାହିଁକି ଆମ ଗାଁରେ ତ ମୋରି ସାଙ୍ଗ ଗୋଟିଏ ବ୍ରାହ୍ମଣ ଝିଅ ଅଛି ।" ଆଖିମିଟିକା ମାରି କହିଲା, "ସାର୍, ବ୍ରାହ୍ମଣ ଘର ନହେଲେ କଣ ଆପଣଙ୍କ ପୁଅର ଚଳିବ ନାହିଁ ?" ମୁଁ କହିଲି, "ନା, ବାପା ମାଆ ମନା କରୁଛନ୍ତି । ଆଚ୍ଛା, ମିନି ମୋ ସାଙ୍ଗରେ ଥଟ୍ଟା କରୁଛୁ ? ପାତ୍ର ସାହିରେ ବ୍ରାହ୍ମଣ ଝିଅ, ଫେର୍ ସୁନ୍ଦର ! ତୋ ଠୁ ସୁନ୍ଦର !"

"ମୋ କଥା ମାନିବେ ନାହିଁ ସାର୍! ରାଣ ଅଛି । ଭାରି ସୁନ୍ଦର, ମୋ ଠୁ ହଜାରେ ଗୁଣ ସୁନ୍ଦର । ବ୍ରାହ୍ମଣ ଘର । ଦିନେ ମୋ ସାଙ୍ଗରେ ଆସନ୍ତୁ । ଦେଖିଆସିବାରେ କଣ ଆପତ୍ତି । ଆପଣଙ୍କ ପୁଅ ପାଇଁ ଅନେକ ଝିଅ ଦେଖିଥିବେ । ଝିଅ କଣ ଅଭାବ ଦୁନିଆରେ । ଏଇ ଗୋଟିକ ଆଉ ଦେଖନ୍ତୁ ।" ମନେ ମନେ ଭାବିଲି "ନ ଗଙ୍ଗଦତ୍ତ ପୁନରେତି କୂପମ୍" ଆଉ ବାହାଘର ଆଡ଼କୁ ଯିବ ନାହିଁ । ପଙ୍କରେ ଢେର ଉବୁଟୁବୁ ହେଲାଣି ।

ଝିଅ କହି ଚାଲିଲା "ହେଲେ ଆମ ଗାଁ ଭିତରକୁ ବର୍ଷାଦିନରେ ଯିବାକୁ ଅସୁବିଧା । ଗାଁ ଦାଣ୍ଡରେ ଆଣ୍ଠୁଏ ପାଣି । କାଦୁଅ ପଚର ପଚର । ଯୋତା ହାତରେ ଧରି କାନ୍ଧରେ ବୋହି ଯିବାକୁ ହେବ । ବିଲ ଭିତରେ ଛୋଟ ଟାପୁଟିଏ ଆମ ଗାଁ । ଦିନେ ମୋ ସାଙ୍ଗରେ ଆସନ୍ତୁ ନା । ଷ୍ଟେସନ୍‌ରୁ ଓହ୍ଲାଇ ଚାଲିଯିବା ତିନିଟା ବେଳେ । ଦୁଇଘଣ୍ଟା ଗାଁରେ ରହି ପୁଣି ଆଉ ଗୋଟାଏ ଟ୍ରେନ୍ ଧରି ଆପଣ ଘରକୁ ଫେରିଯିବେ । ରାତି ଆଠଟାରେ ଆପଣଙ୍କ ଘରେ ଆପଣ ହାଜର । ଆସିବେ ନା ?" "ଦେଖିବା । ବେଳକାଳ ଦେଖି, ସମୟ ସୁବିଧା ହେଲେ ।" ତା'ପରେ ମିନି ଯେବେ ତେବେ ମୋ ଅଫିସ୍‌କୁ ଆସି ପଚାରେ "ସାର୍! ଆଜି ଯିବେ ନା ?" ମୋର ବି ଏକ ଉତ୍ତର "ଆଜି ନୁହେଁ, ଆଉ

Digitized by srujanika@gmail.com

ଦିନେ ।" ଏମିତି ଦିନ ପରେ ଦିନ ଗଡ଼ିଯାଏ । ମିନିଠାରୁ କୁଆଡ଼େ ଅଧିକ ସୁନ୍ଦର ଦୁନିଆଟି ମୋର ଅଦେଖା ରହି ରହି ଯାଉଥାଏ ।

ଦିନେ ଫେରନ୍ତା ରାସ୍ତାରେ ସେଇ ଛୋଟ ଷ୍ଟେସନ୍‌ଟିରେ ମିନି ଓହ୍ଲାଇଲା । ଯିମିତି ମୋତେ ଦେଖିଛି ଗୋଡ଼ିବିଛା ପ୍ଲାଟଫର୍ମରେ ଛିଡ଼ାହୋଇ ଖିଆଲରେ ହୁଏତ ସେଇ ମାମୁଲି ପ୍ରଶ୍ନଟି ମୋତେ ପଚାରିଲା, "ସାର୍, ଓହ୍ଲାନ୍ତୁ, ଝିଅ ଦେଖିବାକୁ ଯିବେ ପରା । ଆଜି ଆସନ୍ତୁ, କାଲି ଛୁଟି, ଓହ୍ଲାନ୍ତୁ ।" ପ୍ରାୟ ଅଧ ମିନିଟ୍‌ଏ ଯାକେ ଟ୍ରେନ୍‌ଟି ଛିଡ଼ା ହୁଏ । ତରବର ହୋଇ ଓହ୍ଲାଇ ପଡ଼ିଛି, ଟ୍ରେନ୍ ଛାଡ଼ି ଦେଇଛି । ଦୁଇ ଚାରି ସେକେଣ୍ଡ ଡ଼େରି ହୋଇଥିଲେ ଏକ୍ସିଡ଼େଣ୍ଟ ହୋଇଥାନ୍ତା । ଆପାତତଃ ଗୋଟାଏ ଏଡ଼ଭେଞ୍ଚର ପାଇଁ, ପରିବର୍ତ୍ତନ ବା change ପାଇଁ ଧାନ ବିଲ ଭିତରେ, ଗଛ ବୁରୁଛ ବାଉଁଶ ବୁଦା ଭିତରେ, ଧୂଆଁ, ମଶା, କୁକୁର, ଗୋରୁଗାଈ କଳାକଳା ମଣିଷଙ୍କ ଭିତରେ ହୁଏତ - ଅନ୍ଧାରରେ ।

ମିନି ବହି ଖାତାପତ୍ର ଛାତିରେ ଜାକି ବାଟ କଢ଼େଇ ଚାଲିଥାଏ ଆଗେ ଆଗେ । ମୁଁ ଆଠଦଶହାତ ପଛରେ, ଖସଡ଼ା ଅଣଓସାରିଆ ହିଡ଼ ବାଟରେ । କୁଆଡ଼େ, କାହିଁକି ଯାଉଛି ଭାବୁନାହିଁ, ଯାଉଛି ଚାଲିଛି ମିନି ପଛେ ପଛେ । କଥା ନାହିଁ, ବାର୍ତ୍ତା ନାହିଁ । ମିନି ନେଉଛି ମୋତେ କନିଆଁ ଦେଖେଇବ, ତାଠୁ ସୁନ୍ଦର କନିଆଁ, ମୋ ପୁଅ ପାଇଁ ଝିଅ ।

ଅଗଷ୍ଟ ମାସ, ଚଉଦ କି ଷୋହଳ ତାରିଖ । ଦଣ୍ଡେ ଆଗରୁ ଟାଣ ଅସରାଏ ବର୍ଷା ହୋଇଯାଇଛି । ନାଲିଗୋଡ଼ି ବିଛା ରାସ୍ତାରେ ଯୋତା କାଦୁଅ ହେବା ପର୍ଯ୍ୟନ୍ତ ଦବି ଯାଉଛି । ଦୂରରୁ ଗାଁ ଦିଶୁନାହିଁ । ଚାଳଛପର, ପଲାସବୁ, ବାଉଁଶ ଆମ୍ବ ପଣସର ଜଙ୍ଗଲ ଭିତରେ ଲୁଚି ରହିଛନ୍ତି । ବାଟକଡ଼ ଗହୀର ବିଲର ଆଗୁଆ ରୁଆ ଧାନତଳିସବୁ ଶୁଆପକ୍ଷିଆ ବନିଗଲାଣି । ମୁଖ୍ୟରାସ୍ତା ବା ଗାଁ ଗୋହିରୀରେ ଆଣ୍ଠୁଏ ଜଙ୍ଘେ ପାଣି । ଦୁଇକଡ଼ ବାଡ଼ରେ କେଉଁଠି କେମିତି ଜହ୍ନିଫୁଲ ଫୁଟିବାକୁ ଆରମ୍ଭ କଲାଣି । ମଶା ଗୁହାଳ ଘରୁ ଘଉଡ଼େଇବା ପାଇଁ ଧୂନିରୁ ଧୂଆଁ ଉଠି ଗାଁ ଯାକରୁ ଏକ ମଫସଲ ମହକ ସୃଷ୍ଟି କରୁଛି । ଏଇ ସମୟରେ ଆମ ଆଗେ ଆଗେ ଗାଁ ଗୋଠ ଦାଣ୍ଡ ଦେଇ ଆସିବାରୁ ବାଲି ପାଣି କାଦୁଅ ଏକାକାର ହୋଇ ଯାଆନ୍ତେ ଚୂନା ମାଛ ପଲ ଏଣେ ତେଣେ ପ୍ରାଣବିକଳରେ ଛିଟିକିବାକୁ ଲାଗିଲେ । ମୋର ଅବସ୍ଥା ଅସମ୍ଭାଳ । ନୂଆ ବାଟା ଯୋତା ଓ ମଉଜା ଫିଟାଇ ଫିତାକୁ ଫିତା ବାନ୍ଧି କାନ୍ଧରେ ଝୁଲାଇଲି । ଦୁଇ ହାତରେ ଜଙ୍ଘ ପର୍ଯ୍ୟନ୍ତ ପେଣ୍ଟ ମୋଡ଼ିମାଡ଼ି ଦେଇ ଦୁଇ ହାତରେ ଟେକି ଧରି ଆଗକୁ ଚାଲିଲି । ମୋ ଆଗରେ ଯାଉଥିବା ଝିଅ ଚାଲିଥାଏ ଠିକେ ଠିକେ ଉଚ୍ଚ ଟାଣୁଆ ବାଲିଜାଗା ବାରି ବାରି । ତାର ଜଙ୍ଘ ପର୍ଯ୍ୟନ୍ତ ଦିଶୁଥାଏ । ମାଛି ଅନ୍ଧାରର ସୁଯୋଗ ନେଇ ସେ ନିର୍ବିକଳ୍ପ ନିରାଲମ୍ବ ହୋଇ ଚାଲିଥାଏ । ପଛକୁ ମୋତେ ମୋଟେ ଚାହେଁ ନାହିଁ ।

Digitized by srujanika@gmail.com

ଝିଅଟା ଗୋଟେ ଚେଲେଞ୍ଜରେ ମୋତେ ଡ଼ାକିଛି । ପୁଅ ପାଇଁ ଝିଅ ଖୋଜିବା ଚେଲେଞ୍ଜ ଗ୍ରହଣ କରି ମୁଁ ଗତ କେତେବର୍ଷ ଯେତିକି ହନ୍ତସନ୍ତ ହୋଇଛି, ବର୍ତ୍ତମାନର ଏ ଦୁଃଖ କଷ୍ଟ ସେ ତୁଳନାରେ କିଛି ନୁହେଁ ।

ଗାଁ ମଝିରେ ଏ ଯାକେ ଆମେ ଗାଁର ଜନମାନବ ଦେଖିନୁ ଗୋଟିଏ ଉଚ୍ଚ ଖପର ଘରର ଦାଣ୍ଡ ପାଖ ଉଚ୍ଚ ପିଣ୍ଡାକଡ଼ ଦେଇ ବେଲେନ୍ସ ରଖି ଚାଲିଛୁ ଶୃଙ୍ଖଳାରେ । ଆଗରେ ସେଇ ପିଣ୍ଡାକୁ ଲାଗି ଛୋଟ ଫାଟକ । ସେଇଠି କେତେଗୁଡ଼ା ମାଙ୍କଡ଼ା ପଥରର ପାହାଚ ଗୁଡ଼ାକ ଦେଇ ଘର ଭିତରକୁ ଲମ୍ବିଯାଇଛି । ଗୋରୁ, ଛେଳି, ମଣିଷ ଘର ଭିତରକୁ ଯେପରି ସିଧା ପଶିଯାଇ ନ ପାରିବେ ସେଥିପାଇଁ ଗୋଟାଏ କାଠ ରେଲିଂ ଦିଆ ଗେଟ୍ ଅଣ୍ଟାଏ ଉଚ୍ଚ । ସେଇ ଗେଟ୍‌କୁ ନଇଁପଡ଼ି ଛିଡ଼ାହୋଇଛି ଝିଅଟିଏ ଫ୍ରକ୍ ପିନ୍ଧି । ଦିହ ମୁଣ୍ଡ ତୁଳନାରେ ଖୁବ୍ ବଡ଼ ଜୁଡ଼ାଟାଏ । ସେ ଆମରି ଆସିବା ଆଡ଼କୁ ଚାହିଁଥିଲା କାହା ଅପେକ୍ଷାରେ ଯିମିତି । ତାରି ପାଖେ ପହଞ୍ଚି ମିନି ତାକୁ କହିବାର ଶୁଣିଲି "ଝୁନୁ, ଆମ ଘରକୁ ଆ ।" ଝୁନୁ ମୁହୂର୍ତ୍ତକେ ଫାଟକ ଖୋଲି ମିନିକୁ ଅନୁସରଣ କଲା । ଅନ୍ଦାଜ କରି ଜାଣିଲି ମିନିର ଟ୍ରେନ୍ ହୁଇସିଲ୍ ଶୁଣିଲାକ୍ଷଣୀ ଝୁନୁ ଫାଟକ ପାଖରେ ଛିଡ଼ା ହୋଇଯାଏ । ନିଜେ ତ କଲେଜ ମାଡ଼ି ପାରିଲାନି, ତେଣୁ ସାଂଗ ପାଖକୁ କଲେଜ ପାଠ, ଖୋଜଖବର ବୁଝାବୁଝି କରେ । କେବେ ଚାନ୍ସ ପାଇଲେ ଯଦି କଲେଜରେ ଏଡ଼ମିଶନ୍ ହବ । ଝୁନୁର ସାଂଗରେ ଛଅ ସାତ ବର୍ଷର ଭାଇଟିଏ । ମିନି ଝୁନୁ ଆଠ ଦଶ ହାତ ବ୍ୟବଧାନରେ ଚାଲିଥାନ୍ତି ଏବଂ ବ୍ୟବଧାନ କ୍ରମେ ବେଶୀ ବେଶୀ ହେଉଥାଏ । କାରଣ ମିନି ଆଗେଇ ଯାଉଛି ତା ଘରେ ମୋ ଆସିବାର ଖବର ତା' ମାଆକୁ ଦେବା ପାଇଁ । କାରଣ ମୋ ଆର୍ବିଭାବ ଯିମିତି ଅକସ୍ମାତ ସିମିତି ଅପ୍ରତ୍ୟାଶିତ ।

ଆଗରେ ପ୍ରାୟ ଡ଼େଇଁ ଡ଼େଇଁ ହରିଣୀଛୁଆ ପରି ଯାଉଥିବା ଝିଅକୁ ନଜର କଲି । ଖାଲି ପାଦ, ନିଷ୍କଳଙ୍କ, ମସୃଣ ପାଚିଲା ଆମ୍ବ ପରି ଚମଡ଼ା, ଦିହର ରଙ୍ଗ ହଳଦିଆ ଗୋରା । ମୁହଁ ଖୁବ୍ କଅଁଳ, ପ୍ରାଣ ପ୍ରାଚୁର୍ଯ୍ୟରେ ଭରା ଯିମିତି । ସେ ମୋତେ ନଜର କରି ନାହିଁ ବା ଏ ବୁଢ଼ାଟା କିଏ ତା ପଛେ ପଛେ ଆସୁଛି ଜାଣିବାକୁ ଚାହିଁନାହିଁ । ଆମେ ଦୁହେଁ ଏକାବେଳକେ ଅପରିଚିତ, ପରସ୍ପର ସଂପୂର୍ଣ୍ଣ ଅଜ୍ଞାତ । କିନ୍ତୁ ମୋର ଅନ୍ତରାତ୍ମା ତାକୁ ଦେଖିବା ମୁହୂର୍ତ୍ତରୁ କହିଲାଣି ଏ ସେଇ ଝିଅ ଯାହାକୁ ମୁଁ ଯୁଗ ଯୁଗ ଧରି ଖୋଜୁଛି, ଯେ କି ମୋ ହାଣ୍ଡିରେ ଚାଉଳ ପକାଇଛି ।

ପ୍ରାୟ ତିରିଶ ସେକେଣ୍ଡ ଧରି ଗୋଟାଏ ଉଚ୍ଚ ଜାଗାରେ ଛିଡ଼ାହୋଇ ତା ମୁଣ୍ଡକୁ ଅନାଇଲି, ପଛପଟୁ । ଅତିକାୟ ଜୁଡ଼ାଟା ଦେଖି କିଛି ପଚାରିବାକୁ ଇଛାହେଲା ଝିଅଟାକୁ, ସମ୍ପୂର୍ଣ୍ଣ ଅପରିଚିତା ହେଲେ ବି । ଯେମିତି ସେ ମୋ ଆଡ଼କୁ ଦରଚାହାଁ ହୋଇଛି ତାକୁ ଛୋଟ ଛୁଆ ଭାବି (କିମିତି ନ ଭାବନ୍ତି, ଫ୍ରକ୍ ପିନ୍ଧିଛି, ତା' ବି ଖଣ୍ଡିଆ, ଉପର ଜଙ୍ଘଯାକେ ଦିଶିଯାଉଛି, ଡ଼େଇଁ ଡ଼େଇଁ ଚାଲୁଛି) ନିର୍ମଳ ଭାବମୂର୍ତ୍ତି ଦେଖାଇ ପଚାରି ଦେଲି "ହଇରେ

Digitized by srujanika@gmail.com

ଝିଅ, ତୋର ଚୂଳଗୁଡ଼ାକ ନିଜର ନା କେଉଁଠୁ ଭଡ଼ାରେ ଆଣିଛୁ ?" ରାଗ ଓ ଗର୍ବ ମିଶା ସ୍ୱରରେ ସେ ଧୀର ଉତ୍ତର ଦେଲା "କାହିଁକି ? ମୋ ନିଜର ଚୂଳ, ଆଉ କାହାଠୁ କାହିଁକି ଆଣିବି ?" ଅନୁମାନ କଲି ଜୁଡ଼ା ଫିଟାଇ ଦେଲେ ନଳୀଗୋଡ଼ ତଳକୁ ଖଣ୍ଡେଦୂର ସରସର ହୋଇ ଝରଣା ପରି ଝରିଯିବ । ଝିଅଟା ଏଥର ପାଣି କାଦୁଅରେ ଚବର ଚବର ହୋଇ ଧାଇଁବାକୁ ଲାଗିଲା ସାଂଗ ପାଖ ପହୁଞ୍ଚିବା ପାଇଁ । ମୋର ମନ ଉଲ୍ଲସିତ ହୋଇ ଉଠିଲା ।

ଏ ଯଦି ସେଇ ଝିଅ ତେବେ ତାକୁ ଅଧିକ ଭଲ ଭାବରେ ଆଉ କିମିତି ଦେଖିଥାନ୍ତି ? ଘର ଭିତରେ, ସୀମିତ ଆଲୋକରେ, ଜ୍ଞାତି କୁଟୁମ୍ବ ଭିତରେ ଅତି ବେଶୀ ହେଲେ ଦେଖିଥାନ୍ତି ଗୋଡ଼ ହାତର ଆଙ୍ଗୁଠି କେତୁଟା, ନାକ ଟିକିଏ, ଓଠରୁ ଟିକିଏ, ସାମାନ୍ୟ ଟିକିଏ ବେକ, ଆଖି ଯୋଡ଼ାକ, ବାସ୍ ସେତିକି । ବର୍ତ୍ତମାନ ମୁଁ ଝିଅର ରୂପ ବର୍ଣ୍ଣ ଉଚ୍ଚତା, ଗଳା ସ୍ୱର, ଚୂଳ ଏବଂ ଦିହର ଅଙ୍ଗ ପ୍ରତ୍ୟଙ୍ଗର ଷାଠିଏ ସତୁରୀ ଭାଗ ଦେଖି ସାରିଲିଣି । ଓଡ଼ିଆ ଘରର, ମଫସଲର, ବ୍ରାହ୍ମଣ ଘରର ବୋହୂ ଝିଅଙ୍କୁ ଏତେ ପରିଷ୍କାର ଭାବରେ କିଏ କେବେ ଦେଖାଏ ନା କିଏ କେବେ ଦେଖିପାରେ ? ଏ ଯଦି ସେଇ ଝିଅ ତେବେ ମୋର ଝିଅ ଦେଖାସରିଲା ବୋଲ ।

ମିନିର ମାଆ ଅପରିଚିତା ହେଲେ ବି ଖୋଲାଖୋଲି ଭାବରେ ମୋତେ ଭି.ଆଇ.ପି. ଏପରିକି ବନ୍ଧୁ ଆତ୍ମୀୟ ଆକାରରେ ମୋର ଆଦର ଅଭ୍ୟର୍ଥନା କଲେ ଯେମିତି କି ସେ ମୋର ସମୁଦୁଣୀ ହେବାକୁ ଯାଉଛନ୍ତି । ମୋତେ ଠାକୁର ଘରକୁ ନେଇ ତୁଳସୀ ଭୋଗ ଦେଲେ । ମୁଁ ତାଙ୍କୁ ମୋ ମନୋଭାବ କହିଲି ଏବଂ ତାଙ୍କ ଝିଅ ପାଇଁ ମୁଁ ଏ ଯାକେ ଆସିଛି କହିଲି । ସେ ମୋତେ ଉପଦେଶ ଦେଲେ ଗାଁରେ ଆଉ ଘରେ ବ୍ରାହ୍ମଣ ଅଛନ୍ତି ଏବଂ ତାଙ୍କର ବି ଭଲ ଝିଅଟିଏ ଅଛି, ତାକୁ ଦେଖିବାକୁ । ମୁଁ ସେଠାକୁ ଗଲି ନାହିଁ । କେତୁଟା ଦେଖିବି ? ଏ ବେପାରରେ ପଶି ମୋତେ ନିଜକୁ ରାଗ ଲାଜ ଲାଗିଲାଣି ।

କାକୁଡ଼ି, ଗୁଆଘିଅ, ମୁଢ଼ି, ମାଛଭଜା, କୁଟା ଛତୁ, ପତୁଆ ଆଦି ମଫସଲର ନାନା ରୁଚିକର ଅମିଳ ଚିଜର ଜଳଖିଆ ସାଂଗକୁ ମିଠା ଆକାରରେ ବଡ଼ ବଡ଼ ଗଛ ପାକଲା ଆତ ଆନନ୍ଦରେ ଖାଇ ପରିତୃପ୍ତ ହେଲି ।

ଏଥର ଝିଅକୁ ସାମ୍ନାକୁ ଡ଼କାଇଲି । ଏ ଯାକେ ଝିଅ ସ୍ୱପ୍ନରେ ମଧ ଭାବି ପାରିନି ଏ ବୁଢ଼ାଟା କିଏ କାହିଁକି ମୋତେ ଡ଼ାକୁଛି । ସେ ଜାଣିନି 'ଅକ୍ରୁର ଆସିଛି ତାକୁ ଧରି ନେବା ପାଇଁ ।' ପୁଅ ବି କେବେ କଣ ସ୍ୱପ୍ନରେ ଏ ମୁହୂର୍ତ୍ତରେ ଭାବୁଥିବ ମଫସଲର କେଉଁ ଏକ ଅଜ୍ଞାତ ସ୍ଥାନରେ ବସି ବୁଢ଼ା ଇଣ୍ଟରଭିଉ କରୁଛି ଝିଅକୁ । ଝିଅ ସଂଗେ ସଂଗେ ଦ୍ରୁତ ପଦରେ ଆସିଲା । ଯିମିତି କି ମୁଁ ତାକୁ ପାଣି ଗିଲାସେ ଆଣିବାକୁ କହିବି । ସେ ଆସି ସିଧା ସଳଖ attention ଭଙ୍ଗୀରେ ଠିଆ ହେଲା ଯେମିତି ସ୍କୁଲ ପଢୁଆ ଝିଅ ବୁଢ଼ା ସାର୍‌ଙ୍କୁ କ୍ଲାସ୍‌ରେ ଉତ୍ତର ଦେବା ପାଇଁ ଛିଡ଼ା ହୁଏ । ପଚାରିଲି ପ୍ରଥମେ ଗୋଟାଏ

Digitized by srujanika@gmail.com

ଅଧେ ମାମୁଲି ପ୍ରଶ୍ନ ନାମ, ଧାମ, ଠିକଣା ଆଦି । ତା'ପରେ ପଚାରିଲି ଝିଅରେ" "କେଉଁ ଧଳାଫୁଲକୁ ସବୁଠାରୁ ବେଶୀ ଭଲ ପାଉ ?" ଆଦୌ ବିଳମ୍ବ ନକରି ସଜୋରରେ କହିଲା 'ପଦ୍ମ' । ମୁଁ ଆନନ୍ଦ ଓ ଆଶ୍ଚର୍ଯ୍ୟରେ ବିଭୋର ହେଲି । ମୁଁ ନିଜେ ପଦ୍ମ ଫୁଲକୁ ଭଲପାଏ ଏବଂ ମୋର ଧାରଣା ଯେ ପଦ୍ମଫୁଲକୁ ଭଲପାଏ ସେ ପୁତ ପବିତ୍ର ମନା, ନିଷ୍ପାପ । "ବେଶ୍" କହି ପରବର୍ତ୍ତୀ ପ୍ରଶ୍ନ ପଚାରିଲି "ତୁ ଆମ୍ବ ଆଉ ଆମ୍ବଡ଼ାରୁ କେଉଁଟି ବେଶୀ ଭଲ ପାଉ ?" ସେ ସାମାନ୍ୟ ହସର ଛିଟା ଓଠରେ ଖେଳାଇ କହିଲା, "ଆମ୍ବ" । ଝିଅ ହେତୁ ସେ ଖଟା ଆମ୍ବଡ଼ା ଉତ୍ତର ଦେବ ବୋଲି ଭାବିଥିଲି । ଇଣ୍ଟରଭିଉ ଶେଷ ।

ଝୁନୁ ଘର ଭିତରକୁ ଆଉ କେତେକ ସାନ ସାନ ପୁଅ ଝିଅଙ୍କ ସାଂଗରେ ମିଶିଗଲା । ମୁଁ କାହିଁକି ତାକୁ ଫୁଲ ଫଳ ବିଷୟରେ ପ୍ରଶ୍ନ କରୁଥିଲି ସେ ବୋଧହୁଏ ବୁଝିପାରିଲା ନାହିଁ । ଧନ୍ୟବାଦ ଦେଉଛି ମିନିକି ସେ ଲବେ ମାତ୍ର ତା ସାଂଗକୁ କୌଣସି hints ବା ସୂଚନା ଦେଇନାହିଁ ବା କାହାକୁ ପୂର୍ବରୁ କହିନାହିଁ ଦିନେ ନା ଦିନେ ମୋର ଅଚାନକ ଆର୍ବିଭାବ ହେବ ତାଙ୍କର ଏ ଗାଁରେ ।

ସୁଯୋଗକୁ ଏତିକିବେଳେ ମିନିର ବାପା ହାଟରୁ ଗୁଡ଼ାଏ ପନିପରିବା ଧରି ପହୁଞ୍ଚିଲେ । ମୋତେ ତାଙ୍କ ଘରେ ଦେଖି (ଆଗରୁ କଲେଜରେ ତାଙ୍କ ସହିତ ଦୁଇଥର ଭେଟ ହୋଇଥିଲା) କୃତକୃତ୍ୟ ହେଲେ ଏବଂ ପ୍ରଥମେ ତାଙ୍କ ସ୍ତ୍ରୀଙ୍କ ପାଖରୁ ଓ ପରେ ମୋ ମୁହଁରୁ ସବୁକଥା ଶୁଣି ସାରିଲେ । ମୁଁ ତାଙ୍କୁ କହିଲି, "ଦେଖନ୍ତୁ, ତୁମ ଝିଅ ପାଖରୁ ସନ୍ଧାନ ପାଇ କାମ ଆରମ୍ଭ କରିଦେଇଛି । ମିନି ଛଡ଼ା ମତେ ଆଉ କେହି ଆପଣଙ୍କ ଏ କାଦୁଅ ଭିତରକୁ ଆଣି ପାରିନଥାନ୍ତା । ଏଥର ଆପଣ ଦୁହିଁଙ୍କୁ ଆପଣଙ୍କୁ ଓ ଆପଣଙ୍କ ସ୍ତ୍ରୀଙ୍କୁ ଏ କାମର ମୁଣ୍ଡି ମାରିବା ଦାୟିତ୍ୱ ଲାଗିଲା ।" ମିନିର ବାପା କହିଲେ "ଏ ସାମାନ୍ୟ କାମ, ଆପଣ ବ୍ୟସ୍ତ ହେବେନି, ସେମାନେ ଆମର ଆତ୍ମୀୟ, ଆମ କଥା ତଳକୁ ପକାଇବେ ନାହିଁ । ନିର୍ଭର ପ୍ରତିଶ୍ରୁତି ଦେଉଛି ଏ ଶୁଭକାମ ହବ ହବ ହବ, ଆମେ କରାଇ ଦେବୁ ।

ଠାକୁର ଘରେ ସନ୍ଧ୍ୟାଧୂପ ଆରତି ଘଣ୍ଟା ବାଜି ଉଠିଲା ଆମେ ଘରୁ ବାହାରିଲା ବେଳେ । ପ୍ରାୟ ସାତଟା ବେଳେ ଫେରନ୍ତା ଟ୍ରେନ୍ । ଯୋତା ମୋଜା ବନ୍ଧାବନ୍ଧି ଧରାଧରି କରି ପେଣ୍ଟଟେକି ପୁଣି ପାଣିକାଦୁଅ ଭିତରକୁ ପଶିଲି । ମିନି ଝୁନୁ ରହିଗଲେ । ସାଂଗରେ ଛାଡ଼ିବାକୁ ଆସିଲେ ମିନିର ବାପ ଓ ମାମୁଁ । ମିନିର ମାମୁଁ ମଧ ଏକ କରିତ୍‌କର୍ମା, ଅସାଧସାଧକ । ଏ ପର୍ଯ୍ୟନ୍ତ ମିନି ମଧସ୍ଥ, ଏବେଠୁ ତା ବାପା ସେ କାମ ଧରିବାକୁ ଆଗଭର ହେଲେ । ମିନିକୁ ଘରୁ ବାହାରିଲା, ବେଳେ କାନ ପାଖରେ କହିଆସିଲି ତା ସାଂଗରେ ଫଟୋଟିଏ ଯୋଗାଡ଼ କରି ଯିମିତି କଲେଜରେ ଆଣି ମୋତେ ଦିଅ । ବାଟରେ ଟର୍ଚ୍ଚ ପକାଇ ଆସିଲାବେଳେ ପୁଣି ଅସଂଖ୍ୟ ଗଡ଼ିଶା, ମାଗୁର ମାଛର ଗତିବିଧି

Digitized by srujanika@gmail.com

ଦେଖି ଭାରି ଖୁସି ଲାଗିଲା । ଟ୍ରେନ୍ ବେଳ ହୋଇଆସୁଛି, ତେଣୁ ଦ୍ରୁତ ପଦକ୍ଷେପରେ ଆମର ଗତି ।

ଆସିଲା ବେଳେ ଯେଉଁଠି ଫାଟକ ଫ୍ରକ୍ ପିନ୍ଧା ଝିଅଟି ଛିଡ଼ା ହୋଇଥିଲା ସେଇଠି ପହଞ୍ଚିଲା ବେଳକୁ ମିନିର ବାପା କହିଲେ "ଏଇଟା ଝୁନୁର ଘର ।" କଣ ଭାବିଲି ସାଂଗେ ସାଂଗେ ଭଦ୍ରଲୋକଙ୍କୁ କହିଲି 'ଆସନ୍ତୁ ଯିବା' । ତାଙ୍କ ଘରକୁ ପଶିଲି । ପ୍ରଶସ୍ତ ଅଗଣା, ଉଞ୍ଚା ପିଣ୍ଡା, ବିସ୍ତୀର୍ଣ୍ଣ ଖଳା, ଛୋଟ ପୋଖରୀଟିଏ, ଆଠ ଦଶଟା ଶାଗ ଡଳା । ଘର ଭିତର ପ୍ରାୟ ଅନ୍ଧାର । ମଫସଲରେ ସଞ୍ଜବେଳେ ବିଜୁଳି ନଥାଏ ସହର ଓ ସହରର ଶିଳ୍ପଙ୍କ ପାଇଁ ପାୱାର ଲୋଡ଼ା ହେଉଥିବାରୁ । ଘର ଭିତରୁ ଦ୍ରୁତ ପଦକ୍ଷେପରେ ଝିଅର ମାଆ ବାହାରି ପଡ଼ିଲେ । ଖାନ୍‌ଦାନ୍ ଘରର ଝିଅ ସେ । ତାଙ୍କ ବାପା ବଡ଼ ସରକାରୀ ଚାକିରୀ କରିଥିଲେ । ସାରା ଓଡ଼ିଶା ସେ ଗ୍ରସ୍ତ କରୁଥିଲେ । ତାଙ୍କର ବନ୍ଧୁକଥିଲା । ପାତଳୀ, ଗୋରୀ ସ୍ତ୍ରୀଲୋକଟି । ହରଷ ମୁହଁ, ଟାଏଁ ଟାଏଁ କଥା କହନ୍ତି ଯିମିତି ଘରର ମାଲିକ ମାଲିକାଣୀ ଉଭୟ ସେ । ମୁହାଁମୁହିଁ ଛିଡ଼ାହୋଇ ଉଭୟ ଉଭୟଙ୍କୁ ବିନା ପରିଚୟରେ ନମସ୍କାର ହେବା ପରେ ପରେ ମୁଁ କହିଲି "ଦେଖନ୍ତୁ, ମୁଁ ଆପଣଙ୍କ ପାଖକୁ କ୍ଷମା ମାଗିବାକୁ ଆସିଛି, ମୋର ଗୋଟାଏ ଭୁଲ୍ ପାଇଁ । କିଛି ଭାବିବେ ନାହିଁ । ମୁଁ ଆପଣଙ୍କ ଅନୁମତି ନ ନେଇ ଆପଣଙ୍କ ଝିଅକୁ ଦେଖି ଦେଇଛି, ଅଭଦ୍ରାମି ହୋଇଛି, ଅନ୍ତତଃ ମୋ ପରି ଲୋକ ପକ୍ଷରେ । ମୁଁ ମୋ ପୁଆ ପାଇଁ ଝିଅ ଖୋଜୁଛି ।"

ଭଦ୍ର ମହିଳାଟି ପ୍ରଚୁର ପ୍ରଗଲ୍‌ଭତା ଦେଖାଇ କହିଲେ "ଦେଖନ୍ତୁ, ମୁଁ ଜାଣିପାରୁନି ଆପଣ କେଉଁଠି କି ଭୁଲ୍ କଲେ । ଆମର ଝିଅ ଅଛି, ତାକୁ ଆପଣ ବା ଆଉକିଏ ଦେଖିବେ । ଘର ଭିତରେ ତାକୁ ଖୁଆଡ଼ି ରଖି ପାରିବୁ କେତେ ଦିନ ? ଆପଣ ମୋଟେ କିଛି ଭୁଲ୍ କରିନାହାନ୍ତି । ଆପଣ ଆପଣଙ୍କ ପୁଅ ପାଇଁ ଆମ ଝିଅକୁ ଦେଖିବେ, ଆହୁରି ଅନେକ ସେମାନଙ୍କ ପୁଅ ପାଇଁ ବି ତାକୁ ଦେଖିବେ । ଯାହାର ଝିଅ ପସନ୍ଦ ହେବ ସେ ତା ପୁଅକୁ ତାକୁ ଦେଖେଇବ । ପୁଅ ଝିଅ ଯଦି ପରସ୍ପରକୁ ପସନ୍ଦ କଲେ ତେବେ ଆପଣ ବାହା କରାଇ ନେଇଯିବେ । ମୁଁ ଆଉ ପାଦେ ଆଗେଇ ଯାଉଛି । ଯଦି ମୋ ଝିଅକୁ ଦେଖି ଆପଣ ପୁଅ ପାଇଁ ପସନ୍ଦ କରୁଛନ୍ତି ତେବେ ବାହା କରାଇ ଆପଣ ନେଇଯାଆନ୍ତୁ, ଆମର ତିଳେ ଆପତ୍ତି ନାହିଁ । କଥାଟା ଆହୁରି ଖୋଲି କହି ଦଉଛି । ଗଲା ମାସ, ଏଇ ପଚିଶ ଛବିଶ ଦିନ ତଳେ ଆମେ ଆମର ଗୋଟିଏ ଝିଅକୁ ବାହା ଦେଇଛୁ । ଏ ଗୋଟିକୁ ଏତେ ସହଳ ବାହା ଦେବା ପ୍ରଶ୍ନ ଉଠୁନି । ଆପଣ ଇଚ୍ଛା କଲେ ..."

ଖୁସିଲାଗିଲା ଯେ ମଫସଲର ଏଇ ପ୍ରୌଢ଼ା ଭଦ୍ରମହିଳାଟି ଏତେ ଆଧୁନିକା, ଏପରି ଶିକ୍ଷିତା ପରି କଥାବାର୍ତ୍ତା କରିପାରୁଛନ୍ତି ଏବଂ ଯଦି ସମ୍ପର୍କ ସ୍ଥାପିତ ହୁଏ ତେବେ ବଢ଼ିଆ ସମୁଦୁଣୀଟି ମୋ କପାଳକୁ ମିଳିଯିବ ।

Digitized by srujanika@gmail.com

ଏତେ ସଫଳ ଏବଂ ବୈଚିତ୍ରମୟ କନ୍ୟା ଖୋଜା ଅଭିଯାନ ପୂର୍ବ ପୂର୍ବ ଅଭିଜ୍ଞତାମାନଙ୍କରୁ ଅବ୍ୟକ୍ତ ରହିଲା ପୁଅ ପାଖରେ । କେତେବେଳେ କେଉଁ କଥାକୁ କି ମର୍ମରେ ଗ୍ରହଣ କରିବ ମୁଁ ଜାଣିପାରେନି । ତେଣୁ 'ସବ୍‌ସେ ଚୁପ୍ ଭଲା' ନୀତି ଧରି ରହିଗଲି । ଯେତେ ଯେତେ ଫଟୋ ଓ ଚିଠି ଥିଲା ସେ ସବୁକୁ ନଷ୍ଟ କରିଦେଲି । ଫେରାଇ ଦେବାର ଭଦ୍ରତା ନାହିଁ କି ଆଉ ଖର୍ଚ୍ଚ ବଢ଼େଇବାର ଅଭିପ୍ରାୟ ନାହିଁ ।

ଏତେ ଆନନ୍ଦର କଥାକୁ ହୃଦୟରେ ଚାପି ରଖିବା ମୋ ପକ୍ଷରେ କଷ୍ଟକର ହେଲା । ଦୁଇତିନି ଦିନ ପରେ ମିନି ଯୋଡ଼ିଏ ଫଟୋ ଆଣିଦେଲା । ପାସ୍‌ପୋର୍ଟ ଫଟୋ ଯାହା ବା identity card ବା admission ପାଇଁ ଲୋଡ଼ା ହେଉଥିବା ପାସ୍‌ପୋର୍ଟ ଫଟୋ ଯାହା ବାଟଘାଟରେ ନୂଆ ଫଟୋ ଦୋକାନ ଖୋଲିଥିବା ଫଟୋଗ୍ରାଫର ଠାରେ ମିଳେ । ଅନ୍ୟଟି ସହର ଯାଗାକୁ ସିନେମା ଦେଖିବାକୁ ବା ଦୁର୍ଗାପୂଜା ଦେଖିବାକୁ ଯାଇଥିବାବେଳେ ଝିଅର ଅଳି ଏଡ଼ି ନ ପାରି ଷ୍ଟୁଡ଼ିଓରେ ବାପା ମାଆ ଭାଇ ଉଠାଇଥାନ୍ତି । ଏଇ ଦ୍ୱିତୀୟ ଫଟୋଟି ଝିଅ କ୍ଲାସ୍ ଏଇଟ୍ କି ନାଇନ୍‌ରେ ପଢୁଥିବା ବେଳର ଛବି, ପୁରୁଣା ଓ ଫିକ୍‌କା । ତଥାପି ତାକୁ ଦେଖିଦେଲେ ଏକ 'ନଟି ସ୍କୁଲବୟ' ଛବି ଝିଅର ଠାଣିରେ ଦେଖିହେବ ।

ମୁଁ ଛବିଥିବା ଲଫାଫାଟି ଟେବୁଲ୍ ଉପରେ ଥୋଇଥିଲି । ପୁଅ ମୋର ଚିଠି ପତ୍ର ଖୋଲେ ଏବଂ ତା ସମ୍ପର୍କିତ ଚିଠି ପଢ଼େ ମଧ୍ୟ । ଦିନେ କଲେଜରୁ ଫେରି ଦେଖିଲି ଫଟୋ ଦୁଇଟା ଟେବୁଲ୍‌ରେ ଖୋଲା ହୋଇପଡ଼ିଛି । କିଏ ଖୋଲିଲା ? ପ୍ରଶ୍ନର ଉତ୍ତରରେ ପରିଚାରିକା ଥିଲା, ସେ କହିଲା ବାବୁଙ୍କର ଏଇ ଛବିଟା ଭାରି ପସନ୍ଦ ହୋଇଛି । କହିଲେ ସେ ଝିଅକୁ ଦେଖିବେ ତାଙ୍କ ସାଂଗ ଦୁଇଜଣଙ୍କ ସାଥିରେ । ପଚାରି ବୁଝିଲି, ବାବୁ ପସନ୍ଦ କରିଛନ୍ତି ସାନ ଛବିଟାକୁ । କାରଣ ଜାଣିଗଲି । ସେଇଟି 'ଟୀନ୍ ଏଜ୍' ଛବି । ବାବୁଙ୍କ ପ୍ରଥମ ସର୍ତ୍ତ ପୂରଣ କରୁଛି । ବହୁ ଦିନପରେ ସେ ଝିଅ ଦେଖିବେ । ସାଂଗ ଦିଜଣଙ୍କ ସହିତ । ଉତ୍ତମ ।

ଏଥର ରିଏଲ କନ୍ୟା ଦେଖା । ଖବର ଦେଲି ତାଙ୍କ ଘରକୁ । ଦାଣ୍ଡର ପାଣି ଶୁଖି ଆସୁଥାଏ ଶରତ ଅନ୍ତବେଳକୁ । ଆଡ଼ମ୍ବର ଆଦୌ ହବନି । କେହି ହୁଏତ ଜାଣିବେନି । ମୁଁ ଯିବି, ଯେଣୁ ନାଟର ଗୋବର୍ଦ୍ଧନ । ପୁଅକୁ ଏଥର ଯଥାର୍ଥ ହିରୋ କୁହାଯିବ । ସେ ଏବେ ବୁଲେଟ୍ ବିକି ଜାପାନୀ ହିରୋହୁଣ୍ଡା କିଣିଛି । ସେ ହିରୋ ଓ ମୁଁ ହୁଣ୍ଡା ସେଇ ହିରୋହୁଣ୍ଡାରେ ଯିବା । ସାଙ୍ଗ ଦୁଇଜଣ ପଟ୍ଟନାୟକ ଓ ରାଉତରାୟ ଯିବେ ରାଜଦୂତରେ । ଜଣେ ବିବାହିତ, ଅନ୍ୟଜଣକ ଅବିବାହିତ । କନ୍ୟା ଦେଖିବାରେ ଜଣକା ହୁଏତ ଜୋର ଫିଲିଂ ହଠାତ୍ ଆସିବ ନାହିଁ । ଅନ୍ୟଜଣକ ନର୍ଭସ ହୋଇଯିବ, ଦିହରୁ ଝାଳ ଗମଗମ୍ ବହିଯିବ । ଟ୍ରେନ୍‌ରେ ନଯାଇ ଏ ସ୍ୱାଧୀନ ଗାଡ଼ି ବ୍ୟବସ୍ଥା କଲୁ । ଆମେ ଫ୍ରି ହୋଇପାରିବୁ ସବୁଥିରେ । ଏତେ ଖୁସିରେ ଆମେ ଯାଇଥିଲୁ ଯେ ଟା'

Digitized by srujanika@gmail.com

ପିଇବାର ମୋତେ ଦରକାର ନଥିଲେ ବି ଗୋଟାଏ ରାସ୍ତା କଡ଼ର ଢ଼ାବାରେ ଖଟିଆରେ ବସି 'ଦାର୍ଜିଲିଂ ଟି' ନ ପିଇ 'ଢ଼ାବା ଟି' ପିଇଲୁ ।

ସବୁ ଗାଉଁଲି ବ୍ୟବସ୍ଥା ଆସନ, ଭୋଜନ, ବିଶ୍ରାମ ବା ଶୟନ । ପିଠାପଣା ଯେତେ ପ୍ରକାରର ହୋଇପାରେ । ପୋଡ଼ ପିଠା, ସରୁ ଚକୁଳି, ବିରି ବଡ଼ା, ଆରିସା, ଖିରି, କାକରା, ପନିପରିବା ତରକାରୀ । ଆମେ ଯେଉଁ ବଜାରିଆ ମିଠା ପ୍ୟାକେଟ୍ ସବୁ ନେଇଥିଲୁ ତାହା ଖାପଛଡ଼ା ଲାଗିଲା । ଆମେ ଲଜ୍ଜିତ ହେଲୁ । ଦୁଇପକ୍ଷର ଆଳାପ ମେଳାପରୁ ଯାହା ଜଣାଗଲା ଯଦି ଆମେ ତୁରନ୍ତ ବିବାହ ଆଡ଼କୁ ଯିବୁ ତେବେ ଆମକୁ ଉଭୟ ପକ୍ଷର ଖର୍ଚ୍ଚ ତୁଲାଇବାକୁ ପଡ଼ିବ । ଆମର ଡ଼ିମାଣ୍ଡ ତୁମେ ଝିଅ ଦବ ତାଙ୍କର ଡ଼ିମାଣ୍ଡ ତୁମେ ଖର୍ଚ୍ଚ ତୁଲାଇବ । ସେମାନେ ଧନୀ ନୁହନ୍ତି, ଭାଇମାନେ ଶତ୍ରୁତା ଆଚରଣ କରି ଏବେ ଭିନେ ହୋଇଯାଇଛନ୍ତି । ଗତମାସର ଝିଅ ବାହାଘର ତାଙ୍କ ଅଣ୍ଟା ଭଙ୍ଗା କରି ଦେଇଛି, ଏପରିକି ସେମାନଙ୍କୁ ଜମି ବିକିବାକୁ ପଡ଼ିଛି । ସଦ୍ୟ ବାହାଘରକୁ ସେମାନେ ଅମଙ୍ଗ, ସମ୍ପୂର୍ଣ୍ଣ ଆମ ଉପରେ ନିର୍ଭର ।

ଏଥର ରିଏଲ ଇଣ୍ଟରଭିଉ, ରିଏଲ କନ୍ୟା ଦେଖା । ବହୁ କଷ୍ଟରେ ପୁଅ ମଙ୍ଗିଛି, ନିଜେ ଆପେ ଆପେ ତା ଜୀବନ ସଂଗୀନି, ଜୀବନ ସାଥୀକୁ ଦେଖିବାକୁ । ମୋର ଛାତି ଧଡ଼ପଡ଼ । ମନେ ମନେ ମୁଁ ଭଲ କବିତାଟିଏ ଲେଖିଛି ଯଦି ଅନ୍ୟମାନେ କୁହନ୍ତି 'ଭଲ' 'ଚମତ୍କାର' ତେବେ ମୋ ଛାତି କୁଣ୍ଢେ ମୋଟ । ଝିଅ ମୁଁ ଦେଖିଛି, ପସନ୍ଦ କରିଛି ଏବଂ ମନେ ମନେ ଭଲ କହୁଛି । ଯଦି ପୁଅ ଓ ତାର ଦୁଇ ସାଙ୍ଗ କୁହନ୍ତି 'ଟୁନୁ ତୁ Lucky' ମୋତେ ଯଦି କହନ୍ତି 'ୟାକୁ କେମିତି ପାଇଲେ' ତେବେ ମୁଁ ଧନ୍ୟ ହେବି, "କ୍ଳେଶ ଫଳନ ହିଁ ପୁନର୍ନବତାଂ ବିଧତ୍ତେ ।"

ଭୋଲ୍‌ଟେଜ୍ କମ୍ ଥିଲା । ଆମ ଚାରିଜଣ କମିଶନ ମେମ୍ବର-ଚେୟାରମେନ୍ ଓ ଅତ୍ୟ ତିନିଜଣ ସଭ୍ୟ-ବଡ଼ ତକତପୋଷରେ ବସିଥାଉଁ ଗୋଡ଼ଟିମାନ ହଲାଇ ହଲାଇ । ଛିଟ ଶାଢ଼ୀଟିଏ (ଏଇଟି ବୋଧହୁଏ ଝିଅ ଓ ଜୀବନର ପିନ୍ଧା ପ୍ରଥମ ଶାଢ଼ୀ, କାରଣ ଏକ୍ସପାର୍ଟପରି ପିନ୍ଧିଥିଲା ପରି ଜଣାପଡୁନଥିଲା) ତା' ଦିହକୁ ଆବୃତ କରିଛି । ସେ ଦିନର ଫ୍ରକ୍ ପିନ୍ଧା ନଳିଗୋଡ଼ ଦିଶୁଥିବା ଝିଅ ଓ ଆଜି ସାମନାର ଏ ଛିଟ ଶାଢ଼ି ପିନ୍ଧା ଝିଅ ଭିତରେ ଏତେ ଫରକ୍ ଯେ ମୋ ମନକୁ ପାପ ଛୁଇଁଲା, ଏ ଅନ୍ୟ ଝିଅ ନୁହେଁ ତ ? ଚାରିଇଞ୍ଚ ଖଣ୍ଡେ ଅଧିକ ଲମ୍ବା ଦିଶୁଛି । ମୁଣ୍ଡରେ ଓଢ଼ଣା ନାହିଁ, ବେଣୀ ଉପନ୍ୟେ ଭଙ୍ଗୀରେ ରୀତିରେ କେତେ ତଳକୁ ଲମ୍ବିଛି କହି ହେଉ ନାହିଁ । କେଶକୁ ଦୁଇଭାଗ କରୁଥିବା ସୂକ୍ଷ୍ମ ଶଙ୍ଖ ପରି ଧଳା ଘନକୃଷ୍ଣ କେଶ ମଝିରେ । ଗୋଟାଏ ଛୋଟ ଷ୍ଟୁଲ୍ ଉପରେ ସେ ସିଧା ଦ୍ରୁତପଦରେ ଆସି ବସିଗଲା । ଆମ ଚାରିଜଣଙ୍କ ଆଖି ଯୁଗପତ୍ ତାରି ଆଡ଼କୁ ଚାଲିଗଲା ଆପେ ଆପେ । ବେଶ୍ Impressive ଚେହେରା, ରୂପ ରଙ୍ଗ । ଅନ୍ୟ ତିନିଙ୍କ ଆଖି ଝିଅକୁ ତାରିଫ୍ କରୁଥିବା ଦେଖି ନିଜକୁ ଧନ୍ୟ ଓ ଗର୍ବିତ ମନେ କଲି ।

Digitized by srujanika@gmail.com

"ପଟ୍ଟନାୟକ ବାବୁ ! ଝିଅକୁ କଣ ପଚାରିବ ପଚାର ।" ଚିତ୍ର ପ୍ରତିମାକୁ ଦେଖି ତଟସ୍ଥ ହେବା ଭଙ୍ଗୀରେ ପଟ୍ଟନାୟକ ବାବୁ ପଟାପଟ କହିଦେଲେ "ମୋର କିଛି କହିବାର ନାହିଁ ।" ଏବଂ ମତାମତ ଦେବାର ଦାୟିତ୍ୱ ଏଇଥିରେ ନିଷ୍କୃତି ଲଭିଲେ ।

"ରାଉତରାୟ ବାବୁ! ତୁମେ କିଛି ପଚାର ଝିଅକୁ ।" ରାଉତରାୟ ବାବୁ ମୋ ଆଡ଼କୁ ଚାହିଁ କହିଲେ - "ମୋର ବି କିଛି ପଚାରିବାର ନାହିଁ ।"

ମନେ ମନେ ଦୁହିଁଙ୍କି ଚିଡ଼ିଲି । ଏ ଦି'ଟା କାହିଁକି ଆସିଥିଲେ ତେବେ । ଯାଙ୍କ Positive ବା Favourable ମତ ପୁଅକୁ ପ୍ରଭାବିତ କରିଥାନ୍ତା । ଅଥଚ ଏମାନେ ପଦେ ଅଧେ କିଛି କହିଲେ ନାହିଁ ।

ଏଥର ସିଧାସଳଖ ପୁଅକୁ ଚାହିଁଲି । ସେ ଯେ ପୁଅକୁ ଏଯାକେ ଦେଖିଲାଣି କି ନାହିଁ ତା ମୁଁ ଜାଣିପାରିନାହିଁ । କହିଲି "କି ବାବା ! ତୋର ଦୁଇସାଙ୍ଗ ଯେଉଁମାନଙ୍କୁ ତୋତେ ସାହାଯ୍ୟ କରିବାକୁ ଆଣିଥିଲୁ ସେମାନେ ତ କିଛି କହିଲେ ନାହିଁ । ସେମାନେ ନ କୁହନ୍ତୁ । ତୁ ଯାହା ପଚାରିବାକୁ ଚାହୁଁଛୁ ପଚାର । ପୁଅ ଝିଅ ଭିତରେ ପରସ୍ପର understanding ରହିଲେ ଉଭୟଙ୍କ ଜୀବନ ସୁଖମୟ ହୁଏ । ତୁ କିଛି ନ ପଚାରିଲେ ମୁଁ ଦୁଃଖ କରିବି, ତୁ ମୋଠାରୁ ଅଧିକ ଦୁଃଖ କରିବୁ, ଅନୁତାପ କରିବାକୁ ପଡ଼ିପାରେ । ତୁ ଏତେ forward, modern ପଚାର ଖୋଲାଖୋଲି ଯାହା ଚାହୁଁଛୁ । ଏଠି ସେମିତି କେହି ନାହାନ୍ତି, ସମସ୍ତେ ତୋର ଆପଣାର ଲୋକ ।"

ପୁଅ ପଚାରିବ ବୋଲି ପ୍ରସ୍ତୁତ ହେଲା । ଜଣାପଡ଼ିଲା ସେ ଜୀବନର ସମସ୍ତ ବୁଦ୍ଧି ଚିନ୍ତା କୌଶଳ ପ୍ରୟୋଗ କରି ଜୀବନର ଏକମାତ୍ର ପ୍ରଶ୍ନ ଯିମିତି ପଚାରିବ । ଯହିଁରୁ ତାର ଜୀବନର ସାର୍ଥକତା ଓ ଉତ୍କର୍ଷ ପ୍ରମାଣିତ ହେବ । ଦିହ ମୁହଁର ସମସ୍ତ ଶିରାପ୍ରଶିରା ସଙ୍କୁଚିତ ହୋଇଗଲା । ସେ ସଳଖି ବସିଲା ଏବଂ ଗଳା ଖଙ୍କାରି ସଫାକଲା ଏବଂ ଜିଭରେ କିଛି ଛେପ ଦେଇ ଓଠକୁ ଓଦାକରି ଜୀବନର ସେଇ ଏକମାତ୍ର ପ୍ରଶ୍ନ ଦରସ୍ଫୁଟ କରି ପଚାରିଲା "ତୁମର-ନାମ-କି ?" ଚୁପ୍‌ଚାପ୍ । ଆଉକିଛି ପଚାରିବାର ନାହିଁ । ସବୁ ପ୍ରଶ୍ନର ଆରମ୍ଭ ଓ ଶେଷ ଯିମିତି ସେଇ ଗୋଟିଏ ପ୍ରଶ୍ନରେ ।

ଝିଅଟି ଅପ୍ରତିଭ ହେଲା । ଏ କି ପ୍ରଶ୍ନ! ଏଇଟା ତ ଗୋଟିଏ ଅ-ପ୍ରଶ୍ନ । କେତେ କଣ ଉତ୍ତର ଦେବ ବୋଲି ସେ ଭାବି ପ୍ରସ୍ତୁତ ହୋଇଥିଲା । ଉତ୍ତର ଦେବାର କୌଣସି ଆବଶ୍ୟକତା ନାହିଁ ବୋଲି ସେ ଅନ୍ୟ ପ୍ରଶ୍ନର ଅପେକ୍ଷା କରୁଥିଲା । ମାତ୍ର ଅନ୍ୟ ପ୍ରଶ୍ନର ଅଭାବରେ ସେ ଚୁପ୍ ରହିଲା, ବିସ୍ଫାରିତ ଚକ୍ଷୁକୁ କଣେଇଲା ମୋ ପୁଅଆଡ଼କୁ । ମୁଁ ତ ସବୁ ପ୍ରଶ୍ନ ପ୍ରଥମ ଇଣ୍ଟରଭିଉରେ ପଚାରି ସାରିଛି ଆମ୍ବ ଆମ୍ବଡ଼ା କଇଁଫୁଲ ପଦ୍ମଫୁଲକୁ ଲକ୍ଷ୍ୟ ରଖି । ଏତିକିରେ ଇଣ୍ଟରଭିଉ ଶେଷ ଯେଉଁଥିପାଇଁ ଆମେ ଚାରିଜଣ ପଇଁତିରିଶ କିଲୋମିଟର ରାସ୍ତା ପେଟ୍ରୋଲ ସାରି ଆସିଛୁ ଅମାପ ଆଗ୍ରହ ଓ ଔତ୍ସୁକ୍ୟରେ ।

Digitized by srujanika@gmail.com

ପରସ୍ପରକୁ ପ୍ରସନ୍ନ ବଦନରେ ଚାହିଁ ଦାଣ୍ଡ ପିଣ୍ଡାରେ ଫିତା ଖଟରେ ବସିଗଲେ । ବାହାରକୁ ଯାଇ ଫଳାଫଳ ଜାଣିବାକୁ ଚାହିଁଲି । pass with distinction ଦୁଇବନ୍ଧୁ Verdict ଦେଲେ । ପୁଅକୁ ପଚାରିବାକୁ ପଡ଼ିଲା ନାହିଁ । ମୁଁ ମୋ ପୁଅର ମନ ଜାଣିପାରିବି ନାହିଁ ଏ କି କଥା ।

ଘର ଭିତରକୁ ପଶିଯାଇ ସେଇ ଇଣ୍ଟରଭିଉ କୋଠାରୀକି ପୁଣି ଝିଅକୁ ଡ଼କାଇ ପଚାରିଲି, "କିରେ ଝୁନୁ! ମୋ ପୁଅକୁ ଦେଖିଲୁ ?" ସେ ମୁଣ୍ଡ ବେଶ୍ ଜୋର ଟୁଙ୍ଗାରିଲା । ପୁଣି ପଚାରିଲି "ତୁ କଣ କହୁଛୁ ?" ଗୋଟି ଗୋଟି କରି ଶବ୍ଦ ଧୀରେ ଧୀରେ ମେଲାଇ ଗେହ୍ଲେଇ କହିଲା "ମୋର କିଛି କହିବାର - ନାହିଁ ।" ଝିଅର ମାଆକୁ ( ଏ ଯାକେ ଝିଅର ବାପା ସହିତ ମୁଁ ପ୍ରତ୍ୟକ୍ଷ କଥାବର୍ତ୍ତା କରିନାହିଁ) ଡ଼ାକି କହିଲି "ମୁଁ ଯାହା ବୁଝିଲି ସମସ୍ତେ ରାଜି, ଅନ୍ତତଃ କାହାରି କିଛି କହିବାର ନାହିଁ । ମୁଁ ଗୋଟାଏ ଉଦ୍ଭଟ କଥା ଭାବୁଛି କରିବେ ? ଗୋଟିଏ ମିଠାଇ ଆଣ, ଦି'ଜଣକୁ ଫାଳେ ଫାଳେ ଦିଅ, ସେମାନେ ପରସ୍ପରକୁ ଖୁଆଇ ଦିଅନ୍ତୁ । ଏଇଠି, ଯିମିତି ନିର୍ବନ୍ଧ ନହେଲେ ବି ସେଇ ଆମ୍ଭର ନିର୍ବନ୍ଧ ହେବ ।" ଝିଅର ମାଆକୁ ପୁନଶ୍ଚ ଖୁବ୍ ମଡ଼ର୍ଣ୍ଣ ବୋଲିବି । ସେ ଝିଅ ପୁଅକୁ ଏକାଠି କରି ସେଇଆ କଲେ । ଘରକୁ ଫେରିବା ପରେ ଭାଉଜ ଲେଖା କିଏ ଜଣେ ଏ କଥା ଶୁଣି ପଚାରିଲେ "ସତରେ ଚୁନୁ, ବାହାଘର ପୂର୍ବରୁ କନିଆଁକୁ ମିଠେଇ ଖୁଆଇ ଦେଲ ?" ସେ କହିଲା "ଖାଲି ଖୁଆଇ ଦେଲି, ତା ଶାଢ଼ୀରେ ମୋ ମୁହଁ ହାତ ପୋଛିଦେଲି ପରା ।"

ରାତି ଏଗାରଟାରେ ସେଇ ଅଖ୍ୟାତ ଅଜ୍ଞାତ ଗାଁରୁ ଫେରିଲା ବେଳେ ଆମେ ପୃଥିବୀର ଛାତ ଉପରେ ଥିଲା ନା ମୁଣ୍ଡ ତଳକୁ ଗୋଡ଼ ଉପରକୁ କରି ଧାଉଁଥିଲୁ ଜାଣି ହେଉନଥିଲା । ଏଇ ରାଉତରାୟ ଓ ପଟ୍ଟନାୟକ ବାବୁ ଚାରିବର୍ଷ ପୂର୍ବେ ଦିନେ ସନ୍ଧ୍ୟାରେ ପ୍ରଥମ କନ୍ୟା ଦେଖା ଆରମ୍ଭ କରିଥିଲେ । ଆଜି ପୁଣି ଏକ ସନ୍ଧ୍ୟାରେ ବିନା ଆଡ଼ମ୍ବରରେ ବିନା ବାକ୍ୟାୟରେ ସେ କାମସାରି ନିଶ୍ଚିନ୍ତ ହେଲେ । ଚାରିବର୍ଷ ଧରି ମାତୃହୀନ ପୁଅକୁ ଏକ ହାତରୁ ଦୁଇ ହାତ କରିବା କାମ ଯିମିତି ଶେଷ ହେଲା, ଦୁଇ ବାହୁରୁ ଚାରି ବାହୁ କରିବା ରାସ୍ତା ସେମିତି ଫିଟିଲା ।

ଫେରିବା ବେଳେ ଜାତୀୟ ରାଜପଥରେ ଜହ୍ନ ଆଲୁଅରେ ଯାହାକୁ ଯାହା ହିନ୍ଦୀ ଓଡ଼ିଆ ଗୀତ ଆସିଲା ଖୋଲା ଗଳାରେ ଗାଇଲେ । ମୁଁ ବି କଲେଜ ଦିନରେ ଶିଖିଥିବା ଗୋଟାଏ ବଙ୍ଗାଳୀ ଗଜଲ ଗାଇଲି । 'ଗୋଲାପ ହୟେ ଫୁଟକ ତୋମାର ରାଙ୍ଗା କପୋଲ ଖାନି ।" ପଟ୍ଟନାୟକ ଓ ରାଉତରାୟ ଆଲୋଚନା କରି କରି ଚାଲିଲେ ଚୁନୁବାବୁ ଚାହୁଁଥିବା ନିଜର କେତେକଣ ପାଇଲା । ପାଇଲା ଟୀନ୍ ଏଜର୍, ଏଇଟା ଏଚିଭମେଣ୍ଟ କୁହାଯିବ । ପାଇଲା ଅଳ୍ପ ପାଠୋଇ, ମେଟ୍ରିକ୍‌ୟୁଲେଟ୍ । ପାଇଲା ମଫସଲ । ପାଇଲା ନିମ୍ନ ମଧ୍ୟବିତ୍ତ ପରିବାର । ପାଇଲା ଝିଅ ଯେ ନୁହେଁ ପାଖର ନୁହେଁ ଦୂରର । ପାଇଲା ବହୁ କୁଟୁମ୍ବୀ ବଂଶ । ପାଇବ ନାହିଁ ଯଉତୁକ ଯାହା ସେ

Digitized by srujanika@gmail.com

ଚାହୁଁନଥିଲା ମଧ୍ୟ । ପାଇଲା ଖୁବ୍ ଗୋରୀ ଝିଅ, ଯାହା ସେ ଚହୁଁନଥିଲା ଏବଂ ପାଇଲା ଏକ ବଢ଼ିଆ ଶାଳୀ-ଦୁଇବନ୍ଧୁ ଯୋଡ଼ିଲେ ।

ଅଥ ନିର୍ବନ୍ଧ । ଓଁ ବିଷ୍ଣୁ ପୁଣ୍ୟାହଂ ପୁଣ୍ୟାହମ୍ । ପୂର୍ବ ନିର୍ବନ୍ଧ ପାଇଁ ଯାହା ଯାହା ଜିନିଷପତ୍ର ଯୋଗାଡ଼ ହୋଇଥିଲା ତାହା ବ୍ୟବହାର ନକରି ନୂଆ ନୂଆ ଚିଜ କିଣାଗଲା ଶୁଭାଶୁଭ ବିଚାରରେ । ପୁଣି ଯେ ଯେଉଁଠିଥିଲେ ଆସିଗଲେ । ଆସିଗଲେ ତିନିଭାଇ, ଭାଉଜ, ତିନି ଭିଣୋଇ ତିନି ଭଉଣୀ । ଦିଟା ଗୋଟେ ନାତି ନାତୁଣୀ ଏବଂ ମଫସଲ ଅଞ୍ଚଳରୁ ପୁରୋହିତ ଓ ମୁରବୀ ସ୍ଥାନୀୟ କେତେ ବନ୍ଧୁବାସ । ଯୋଡ଼ାଏ ଟେକ୍ସି, ହିରୋର ଦରକାର ନାହିଁ । ହିରୋଇନ୍‌କୁ ବେଶବସନ କରିବା ପାଇଁ ବେଶକାରୀ । ହିସାବରେ ନିଆଗଲା ବଡ଼ଝିଅକୁ, କାରଣ ଏତେ ସାନଝିଅ ନିଜେ ସହରୀ ଥାଟରେ ନିଜକୁ ସାଜି ପାରିବନି ନୂଆ ନୂଆ ଡ଼ିଜାଇନର ପୋଷାକରେ, ବିଶେଷତଃ ଦାମିକା ଶାଢ଼ୀରେ । ମଫସଲର ବନ୍ଧୁଟି ଆମ ସହିତ ମଡ଼ାର୍ଣ୍ଣ ତାଳ ଦେବା ପାଇଁ ଏତେ ଚିକେନ୍ ଯୋଗାଡ଼ କରିଥିଲେ ଯେ, ତାଙ୍କ ଇଲାକାରେ ଆଉ ଖୋଜିଲେ କୁକୁଡ଼ା ମିଳନ୍ତେ ନାହିଁ ।

ବିଭାଘରରେ ବିଘ୍ନ ଉପୁଜାଇବା ପାଇଁ ଏକ ମାତ୍ର ଉପାୟ ହେଉଛି Demand ବା ଯୌତୁକ ପ୍ରଶ୍ନ ଉଠାଇବା । ଭାବି ସମୁଦି ଥାଳିରେ ଜ୍ୱଳନ୍ତ ପ୍ରଦୀପ ରଖି ସଭାସ୍ଥଳରେ ସତ୍ୟବାକ୍ କଲେ "ମୁଁ ମୋର ଅମୁକ ନାମ୍ନୀ କନ୍ୟାକୁ ଅମୁକ ନାମଧେୟ ବରକୁ.... ।" "ମୁଁ ମୋର ପୁତ୍ର ଅମୁକ ନାମ ଧେୟକୁ... ।" ଦିନ ଧାର୍ଯ୍ୟ ହେବା ପରେ ଉଭୟ ପକ୍ଷର ଲୋକେ କହିଲେ "ଏଥର ଉଭୟ ପକ୍ଷ କୁହନ୍ତୁ କିଏ କଣ ନେବେ, କିଏ କଣ ଦେବେ ।" ମୁଁ ସଂଗେ ସଂଗେ ଛିଡ଼ା ହୋଇ କହିଲି - "ବ୍ରାହ୍ମଣ ଗୋସେଇଁମାନେ ଶୁଣନ୍ତୁ, ମୁଁ ଦେବାଗ୍ନି ସନ୍ନିଧିରେ ଏହି ଅଙ୍ଗୀକାର କରୁଛି, ଆମଦୁହିଁଙ୍କ ତରଫରୁ ଏଇ ପ୍ରତିଶୃତି ଦେଉଅଛି ଯେ, ମୁଁ କିଛି ନେବି ନାହିଁ ଏବଂ ମୋ ସମୁଦି ବି କିଛି ଦେବେ ନାହିଁ ।" ସଭାସ୍ଥ ଲୋକେ ଆଶ୍ଚର୍ଯ୍ୟ ନେତ୍ରରେ ଅନାଇ ରହିଲେ ମୋର ବୋକା ମୁହଁକୁ ।

ପୁଅ ପାଇଁ ଝିଅ ଖୋଜାର ଅବସାନ ହେଲା । ହେଲେ ଝିଅକୁ ତ ବୋହୂକରି ଆମ ଘରକୁ ଆଣିବା ଦରକାର । ସେଥିପାଇଁ ବିବାହ ବ୍ୟବସ୍ଥା । ବିବାହ ପାଇଁ ଅର୍ଥ । ପ୍ରଚୁର ଅର୍ଥ କାରଣ ଏ ବାହାଘରଟି ସତନ୍ତ୍ର ଧରଣର । ଅନ୍ୟ ପୁଅମାନଙ୍କ ପାଇଁ ବେଶୀ ବେଶୀ ଅର୍ଥର ଲୋଡ଼ା ନଥିଲା। "ପୁଅ ବାହାଘର ପରା! ଟଙ୍କା କଣ ଦରକାର ।" ସମସ୍ତେ କୁହନ୍ତି । ଅନ୍ୟ ପୁଅମାନେ ହୁଏତ ସବୁ ଖର୍ଚ୍ଚ ତୁଲାଇ ଦିଅନ୍ତେ ହାତ ପାତିଲେ । କିନ୍ତୁ ତାଙ୍କ ବେଳକୁ ସବୁ ଖର୍ଚ୍ଚ ନିଜ ହାତରୁ ତୁଲାଇଛି । ଝିଅଘର କିଛି ଦେବେ ନାହିଁ । ବେଦୀ ଖର୍ଚ୍ଚ ତୁଲାଇବା କାଠିକର ପାଠ । ସେମାନେ ଦେଇପାରିବେ ନାହିଁ, ମୋତେ ତ କନ୍ୟାକୁ ବିଭୂଷଣ କରି ଆଣିବାକୁ ହେବ । ଲୋକେ କହିବେ "କାଙ୍ଗାଳ ବାହାଘର ନା କଣ ?" ପାଖପଡ଼ିଶାଙ୍କ ସ୍ତ୍ରୀମାନେ ଟାହୁଲି କରି କହିବେ "ହାତରେ ଚାରି ଚାରି ପଟ ସୁନାଚୁଡ଼ି ଦେଇପାରିଲେ ନାହିଁ, ବୋଝେ ମଫସଲୀଙ୍କ ପରି କହୁଣୀଯାଏ କାଚ

Digitized by srujanika@gmail.com

ନାଇଛି ବୋହୂ ।" ରିଟାୟାର କଲାବେଳକୁ ପଚିଶ ହଜାର ଟଙ୍କା ଗ୍ରାଚ୍ୟୁଟି ମିଳିଥିଲା । ତାକୁ ଫିକ୍ସ ଡ଼ିପୋଜିଟ୍‌ରେ ରଖିଥିଲି । ତାକୁ ବନ୍ଧା ଦେଇ ପନ୍ଦର ହଜାର ଟଙ୍କା ବ୍ୟାଙ୍କରୁ ଆଣିଲି । ସେଇ ଢ଼େର । ଧାର ଟଙ୍କା ଶୁଝିନପାରିଲେ ବି କ'ଣ ହେଉଛି କି ? ହାତୀ ଜୀଇଁଥିଲେ ବି ପନ୍ଦର ମଲେ ପନ୍ଦର । ତାଙ୍କରି ଟଙ୍କା ତାଙ୍କରି କାମରେ ଖରଚ ହେବ ।

ସେମାନେ ଭାରି ବ୍ୟସ୍ତହେଲେ କିଛି ଝିଅକୁ ଦେଇପାରିଲେ ନାହିଁ ବୋଲି । ଅନ୍ୟ ଝିଅଙ୍କୁ ଜମିଜାଗା ବିକି ଭାଙ୍ଗି ଯାହାହେଉ କିଛି ଦେଇଥିଲେ । ଯାହା ହେଉ କିଛି ଦେଇଥାନ୍ତେ, ହେଲେ ଏତେ ସହସା ଗଲା ମାସର କାମ ପରେ କିମିତି କେଉଁଠୁ ଆଣିବେ । କିଛି ନହେଲେ ରଙ୍ଗୀନ ଟିଭି ଦେବେ । ହେଲେ ଭାଇ ଭଗାରୀ, ଘରେ ମାଲିମକଦମା ପଶିବା ଉପରେ । ଜମି ବିକିବା ନିଷ୍ପତ୍ତି କଲେ । ଆମେ ନା କଲୁ । ଇଆଡ଼େ ସିଆଡ଼େ ବନ୍ଧୁବାସ ଘରକୁ ଗଲେ ଧାରଉଧାର ଉଦ୍ଦେଶ୍ୟରେ । କିଛି ଯେ କେହି ଦେବେ ସେ କଥା ଜଣାପଡ଼ିଲା ନାହିଁ। ବାପ ପୁଅ ମସୁଧା କଲୁ । ଶେଷରେ ଦିନେ ଜଣେ ବିଶ୍ୱସ୍ତ ଲୋକ ଜରିଆରେ ଖବର ପଠାଇଲି ଏଇ ମର୍ମରେ "ଆମର ଟିଭି ଦରକାର ନାହିଁ ବା ସେମିତି କୌଣସି ଦାମିକା ଚିଜ ଦେବା ଦରକାର ନାହିଁ । ମୋଟ କଥା ଏହି ଯେ, ଆପଣ ଯାହା ଦେବେ ତାହା ଝିଅକୁ ଶରଧାରେ ଦେବେ । ଯାହା ଦେଲେ ଆପଣଙ୍କୁ ସାମାନ୍ୟତମ ବାଧିବ ତାହା ଦେବେ ନାହିଁ । ରାଣ ରହିଲା । ଆମେ ସେ ଜିନିଷ ଗ୍ରହଣ କରିପାରିବୁ ନାହିଁ । କେବଳ ଖଟ ଶେଯପଟା ଦେବେ, ନ ହେଲେ ଅବିଧି ହେବ ।"

ଶ୍ରେୟାଂସି ବହୁବିଘ୍ନାନି । ଆମର କିଛିମାତ୍ର ବିଘ୍ନ ଘଟିଲା ନାହିଁ ବିବାହ ଉତ୍ସବରେ । ଯାହା ଯେତେବେଳେ, ଯାହାକୁ ଯେତେବେଳେ ଖୋଜିଲୁ ମିଳିଗଲା । ଭଡ଼ାଘରେ ଭୋଜିଭାତରେ ବ୍ୟବସ୍ଥା ନକରି ହୋଟେଲରେ ରିସେପ୍‌ସନ୍ କଲୁ । ନିମନ୍ତ୍ରଣରେ ଲେଖାଥିଲା "ସଂଗରେ ଯେତେ ଲୋକ ଆଣିବେ ଆଣନ୍ତୁ, ଖୁସୀ ହେବୁ । କିନ୍ତୁ ହାତରେ ଫଳପୁଷ୍ପ ଛଡ଼ା ଅନ୍ୟକିଛି ଆଣିଲେ ଦୁଃଖିତ ହେବୁ ।"

ଯିଏ ଝିଅ ଦେଖିଲା ପଚାରିଲା "ଏତେ ସୁନ୍ଦରୀ ଝିଅ କେଉଁ ବଣ ଜଙ୍ଗଲରେ ଲୁଚିଥିଲା, ତ଼ାଳପତ୍ର ଭିତରେ ପାଚିଲା ଆମ୍ବ ଲୁଚିଲାପରି ?" କିଏ କହିଲା ଝିଅଟା lucky ଆଉ କିଏ ପୁଣି କହିଲା "ପୁଅଟା ଭାଗ୍ୟବାନ୍ ।" ଅର୍ଥାତ୍ made for each other ନିର୍ବନ୍ଧ ଦୁଇଦିନେ ତାଙ୍କ ଘରକୁ ଯାଇ ଦୁଇଘଣ୍ଟା ଧରି ଗୋଟିଏ ଭାଷଣ ସାହାଯ୍ୟରେ ଝିଅକୁ ପରିବାରର ପ୍ରତ୍ୟେକଙ୍କ ବିସ୍ତୃତ ପରିଚୟ ଦେଇଥିଲି । ତେଣୁ ସେ ପାଣିରେ ମାଛ ପରି ସ୍ୱଚ୍ଛନ୍ଦରେ ଖେଳି ବୁଲିଲା ଓ ସମସ୍ତଙ୍କୁ ଦିନେ ଦୁଇଦିନ ଭିତରେ ଆପଣାର କରିନେଲା ଏବଂ ଗାଁ ମୁଣ୍ଡର ଗୋହିରୀ ଦାଣ୍ଡର ପାଣି କାଦୁଅ ହଳଦୀ ପାଣିରେ ଗୋଡ଼କୁ ଧୋଇଦେଲା ।

Digitized by srujanika@gmail.com

ଅବଶୋଷ ରହିଗଲା କାହିଁକି କେଜାଣି ଟୁନୁର ସାଂଗ ମିନି ବାହାଘରକୁ ଆସିଲା ନାହିଁ । ମନରେ କାହିଁକି କେଜାଣି ରୋଷ ରହିଲା । ତା' ମାଆ ବାପା ମାମୁଁ ସମସ୍ତେ ଆମ ଘରକୁ ଆସିଥିଲେ । ସେଇ ମିନି ଯୋଗୁଁ ତା ସାଙ୍ଗ ଝିଅ ଝୁନୁ ଓ ମୋ ପୁଅ ଟୁନୁ ଏକାଠି ହେଲେ । ହୁଏତ ସେ ମୋ ପାଖରୁ ଏତେବଡ଼ କାମ ପାଇଁ ଗୋଟାଏ ବଡ଼ ପୁରସ୍କାର (ଗହଣାଗାଣ୍ଠି, କାଞ୍ଜିଭରମ୍ ଶାଢ଼ୀ ବା VIP treatment) ଆଶା କରୁଥିଲା । କାର୍ଯ୍ୟବ୍ୟସ୍ତରେ, ଆନନ୍ଦାତିଶଯ୍ୟାରେ ତା ଆଡ଼କୁ ଧ୍ୟାନ ଦେଇ ପାରିଲିନି ।

ପୁଅଝିଅ ବରକନ୍ୟା ସାଜି ହୋଟେଲରେ ଭୋଜି ଉତ୍ସବରୁ ଫେରିଲେ । ଆଗପଛ ହୋଇ ମୋ କୋଠରୀରେ ପଶି ପ୍ରଥମେ ଜଗନ୍ନାଥ ଫଟୋକୁ ମୁଣ୍ଡିଆ ମାରି ମୋ ଗୋଡ଼ତଳେ ମୁଣ୍ଡିଆ ମାରିବାକୁ ଆଗଉଥିବା ବେଳେ ମୁଁ ପୁଅକୁ ଠାରିଦେଲି କାନ୍ଥରେ ଝୁଲୁଥିବା ତା ମା'ର ତୈଳଚିତ୍ର ଆଡ଼କୁ । ଦିହିଁଙ୍କି ମାଆ ଶାଶୁଆଡ଼କୁ ମୁହାଁଇ କହିଲି, "ଏଇ ଯେଉଁ ଛବି ଦେଖୁଛ ତାହା ତୁମ ମାଆଙ୍କର । ମୋରି ଯୋଗୁଁ ତାଙ୍କ ଅକାଳରେ ଜୀବନ ଗଲା । ଟୁନୁ ପାଞ୍ଚ ସାତ ବର୍ଷର ହୋଇଥାଏ । ମାଆ ଚାଲିଯିବା ପରେ ଗୁଡ଼ାଏ ପିଲାଝିଲା ବିଶେଷ କରି ଟୁନୁର ତତ୍ତ୍ୱ ନେଇପାରିଲି ନାହିଁ । ସେ ବେଆଡ଼ିଆ ହୋଇଗଲା । ଅନ୍ୟ ବୋହୂମାନଙ୍କ ଅପେକ୍ଷା ତୁମର ଦାୟିତ୍ୱ ବେଶୀ । ତୁମେ ମାଆ ତାକୁ ରାସ୍ତାକୁ ଆଣି ନାରୀର ଧର୍ମ ପାଳନ କର । ନିଜ ସଂସାର ଦୁହେଁ ନିଜେ ଗଢ଼ ଏବଂ ଜୀବନକୁ ମଧୁମୟ କର, ଏଥର ମୋତେ ମୁକୁଳାଅ, ଜଞ୍ଜାଳମୁକ୍ତ କର । ଆଶୀର୍ବାଦ ।"

ଚତୁର୍ଥୀ ଶ୍ରାଦ୍ଧ ପାଇଁ ବୋହୂ ଯେତେବେଳେ ପିଣ୍ଡ ଅନ୍ନ ପାଇଁ ହାଣ୍ଡିରେ ଚାଉଳ ପକାଇଲା, ସମୁଦୁଣୀ କହିଥିବା କଥାଟା ମନେପଡ଼ିଲା, "ଯିଏ ଯାହା ହାଣ୍ଡିରେ ଚାଉଳ ପକାଇଛି ।" ଏଇଠି କେତେ କିଲୋମିଟର ଦୂରରେ ପୁଅ ପାଇଁ ଝିଅ ଥିଲା । ଆମେ ଦୁନିଆଯାକ ଧନ୍ଦିହେଲୁ । ଆମ ହାଣ୍ଡିରେ ପାତ୍ରସାହିର ଝିଅ ଚାଉଳ ପକାଇଲା । ତାର ରନ୍ଧା ଅନ୍ନରେ ପିତୃପୁରୁଷଙ୍କୁ ପିଣ୍ଡ ଦେଲେ । ସେମାନେ ତୃପ୍ତ ହୋଇଥିବେ ।

ଆମ ରନ୍ଧାଘରେ ହାଣ୍ଡିରେ ଯେବେ ଚାଉଳ ବୋହୂ ପକାଇବ ସେଇ ଭାତ ଯେତେବେଳେ ଫୁଟିବ, ପେଜ ଗଳାହେବ ଏବଂ ବୋହୂ ପରଶିବ ସେତେବେଳେ ନୂଆ ବୋହୂର ରାନ୍ଧୁଣୀପଣ ପରଖିବ ।

Digitized by srujanika@gmail.com

# ବମ୍ କଟାଶ କଟିଆ ଉପାଖ୍ୟାନ

ବମ୍ କଟାଶ କଟିଆ- କି ନାମ ! ପ୍ରକୃତ ନାମ କାହାକୁ ଜଣାନାହିଁ । ତ୍ରିମୂର୍ତ୍ତି, ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ପରି । ମହାଯୁଦ୍ଧର ତ୍ରିଶକ୍ତି, ଏକ୍ସିସ୍ ପାୱାରସ୍ ପରି । ଏ ତିନିଙ୍କ ନାମ ଉଚ୍ଚାରଣ କଲେ ବିସ୍ଫୋରଣ ହେଲା ବୋଲି ଜଣାଯିବ । ଯେଉଁଦିନ ତିନିହେଁ ଯାକ କଲେଜରେ ଥିବେ ସେଦିନ ପିଜେଣ୍ଟ ରିଭଲ୍ଟ, ଫ୍ରେଞ୍ଚ ବା ଋଶିଆନ୍ ରିଭୋଲ୍ୟୁସନ୍ ଯେ, କୌଣସି ମୁହୂର୍ତ୍ତରେ ଘଟିଯିବ । ଜଣେ କହିବ 'ଇନିକ୍‌ଲାବ', ଆଉଜଣେ 'ଜିନ୍ଦାବାଦ', ଆଉ ଜଣେ 'ମୁର୍ଦାବାଦ' ।

ଏ ତିନିଙ୍କି ପାଇଥିଲି ବୀରଶ୍ରୀ ହନୁମାନ କଲେଜରେ, ପ୍ରାଇଭେଟ୍ କଲେଜରେ । ବିଶିଷ୍ଟ ଶିକ୍ଷାବିତ୍ ରୂପେ ଦୁନିଆରେ ବିଦିତ ହୋଇ ଯେତେ ଯେତେ ଜ୍ଞାନ କଥା ଜାଣିନଥିଲି, ତାଠୁ ବେଶୀ ଜାଣିଲି ମାତ୍ର ଚରିବର୍ଷରେ, ଏଇ ତିନିଙ୍କଠୁ, ସେଇ ପ୍ରାଇଭେଟ୍ କଲେଜରେ ।

ପଞ୍ଚାବନ ବର୍ଷରେ ଅକାଳରେ ଅନ୍ୟାୟରେ ତିନିଶ ଉଣିଶ ଟଙ୍କା ପେନ୍‌ସନରେ ଯେବେ ସରକାରୀ କ୍ଲାସ୍ ୱାନ୍ ଚାକିରୀରୁ ଏକ ବଡ଼ କଲେଜରୁ ଅବସର ନେଲି, ଚାରିଆଡ଼ ଅନ୍ଧାର ଦିଶିଲା । ମୁଣ୍ଡରେ କୁରାଳ ଚକ୍ର ବୁଲିଲା । ତିନିତିନିଟା ଝିଅ ଅବାହା, ତିନିତିନିଟା ପୁଅ ବେକାର, ଅର୍ଦ୍ଧଶିକ୍ଷିତ । ଅଗତ୍ୟା ଚାରିଆଡ଼େ ଛତୁ ପରି ଫୁଟି ଉଠୁଥିବା କଲେଜ ଉପରେ ଆଖି ପକାଇବାକୁ ପଡ଼ିଲା । ରିଟାୟାର୍ଡ଼ ଅଧାପକ ଯେତେ ଗୁଣୀ ଜ୍ଞାନୀ ହେଲେ ବି ତା' ପାଖରେ ଟିଉସନ ପଢ଼ିବାରେ କିଛି ଫାଇଦା ନାହିଁ ବୋଲି ଉଭୟ ଛାତ୍ର ଓ ଅଭିଭାବକ ବେଶ୍ ଜାଣନ୍ତି ।

ଦିନେ ବଡ଼ିଭୋର ସକାଳେ ଚିନ୍ତାଗ୍ରସ୍ତ ହୋଇ ମୁଣ୍ଡ ତଳକୁ ପୋତି ବସିଥାଏ । ରଙ୍ଗ ବେରଙ୍ଗ କନାର ତାଳି ପଡ଼ିଥିବା ପଚିଶ ତିରିଶ ବର୍ଷର ଗଳାବନ୍ଦ କୋଟ୍‌ରେ ଜନୈକ ବୃଦ୍ଧ ଦ୍ୱାରସ୍ଥ ହେଲା । ଦେଖିଲେ ଜଣାଯିବ ସେ ସର୍କସ୍ ପାର୍ଟିର ଜୋକର ଦରମା ନପାଇ ପଳାଇ ଆସିଛି, ଅଥବା ଭଲ ବିଦୂଷକ ପାର୍ଟ କରିନପାରି ଥିଏଟର ପାର୍ଟିରୁ ଘଉଡ଼ା ଖାଇଛି । "ଏଠି କିଛି ମିଳିବ ନାହିଁ - ଯାଆ ଆଉ କୁଆଡ଼େ ।" କହି ତାକୁ ବିଦା କରିବା ମତଲବରେ ଥାଏ । ସେ କାକୁସ୍ଥ କଣ୍ଠରେ କହିଲା, "ମାଷ୍ଟର ଆଜ୍ଞା, ମୋତେ ଉଦ୍ଧାର କରନ୍ତୁ, ଦୟାକରି ବସିବା ଠାଆରୁ ଆସନ୍ତୁ ଆମ କଲେଜକୁ ପ୍ରିନ୍‌ସିପାଲ ହୋଇ । ଛାତ୍ର, ଅଧାପକ, ଅଭିଭାବକ ସମସ୍ତେ ଆପଣଙ୍କୁ ଚାହାନ୍ତି । ଭଲ ପ୍ରିନ୍‌ସିପାଲ ନ ପାଇ ମୁଁ ବଡ଼ ହଟହଟାରେ ପଡ଼ିଯାଇଥିଲି । ଆସନ୍ତୁ, ଭଗବାନ ଆପଣଙ୍କର, ଆପଣଙ୍କ ପିଲାଝିଲାଙ୍କର ମଙ୍ଗଳ କରିବେ ।" ମୋର ଏତେ କାକୁତି ମିନତି ଲୋଡ଼ା ନଥିଲା । ମୁଁ ତଦ୍ଦଣ୍ଡେ ହଁ ଭରିଲି ଏବଂ ତହିଁ ପରଦିନ ସୋମବାର ବୀରଶ୍ରୀ ହନୁମାନ ମହାବିଦ୍ୟାଳୟରେ ଯୋଗ ଦେଲି । ଦରମା ଚାରିଶ ବିଶ୍ । ଯଥା ଲାଭ । ପ୍ରତିଦିନ

Digitized by srujanika@gmail.com

ଟ୍ରେନ୍, ଟ୍ରେକର୍, ବସ୍, ଟେକ୍ସିରେ ଯା ଆସ କରି ବେଶ୍ବୀକ ଦୁନିଆ ସମ୍ଭାଳି ହେବ ।

ଯାଇ ପହଞ୍ଚି ବୁଢ଼ାଟି ବିଷୟରେ କୌତୁହଳୀ ହେଲି । ଶୁଣିଲି ବୁଢ଼ାଟି ଏକ କରିତ୍‌କର୍ମା । ଦଶ କୋଡ଼ିଏଟି ସ୍କୁଲ ଜିଲ୍ଲା ଭିତରେ ସେ ଖୋଲିଛି । ଶିକ୍ଷାବିଭାଗର ଏକ ରିଟାୟାର୍ଡ଼ କର୍ମଚାରୀ । ଏଇ କଲେଜ ପାଇଁ ଷାଠିଏ ସତୁରୀ ଏକର ଜମି ଦାନ କରିଛି ଏବଂ ଯେତେବେଳେ ଯାହା ଦରକାର ତାହା ଦିଏ ଏବଂ ଡ଼ି.ପି.ଆଇ. ଅଫିସ୍‌କୁ ଇଉନିଭରସିଟିକୁ ବାରମ୍ବାର ବୁଢ଼ା ବୟସରେ ଧାଁଦଉଡ଼ କରି କଲେଜ ଅଫିସ୍‌ରେ ଘଣ୍ଟା ଘଣ୍ଟା କଟାଏ । ମେନେଜ୍‌ମେଣ୍ଟ୍ ତାକୁ ଆଶ୍ୱାସନା ଦେଇଛି ଯେ, କଲେଜ ତାରି ନାଁରେ ହେବ । ଗ୍ରାମବାସୀ ତାକୁ କିନ୍ତୁ କୃପଣ ବୋଲି କହନ୍ତି ଏବଂ ତା' ନାଁ ଧଇଲେ ବା ସକାଳୁ ତା ମୁହଁ ଚାହିଁଲେ କୁଆଡ଼େ ଖାଇବାକୁ ମିଳେନାହିଁ ବୋଲି କହନ୍ତି । ଏଇଟା ସତ ସେ ବୁଢ଼ାଟିର ଚେହେରା ଭଲ ନୁହେଁ, ସବୁବେଳେ ମୁହଁଟି କାନ୍ଦିଲା ପରି ଦିଶେ ।

କଲେଜର ଦୈନ୍ୟ କାରୁଣ୍ୟ ନ କହିବା ଭଲ । ଶୁଣିଲି, କେତେଦିନ ତଳେ ଖୋଦ୍ ଇଉ.ଜି.ସି. ଚେୟାରମାନ୍ ସଦଳବଳେ ଅକସ୍ମାତ୍ କଲେଜ ଭିତରକୁ ପଶି ଆସିଥିଲେ । ସକାଳୁଆ କଲେଜ । ଦିନ ଗୋଟାଏ ବାଜି ଯାଇଥାଏ । ତେଣୁ କେହି ଜନମାନବ ନଥାନ୍ତି । ହଲ୍ ନମ୍ବର୍ ଓ୍ୱାନ୍ ଲେଖା ହୋଇଥିବା ଚାଳ କୋଠରୀର ତଡ଼ା ଓ ତାଳତାଟି ଚପରାଶି ଫିଟାନ୍ତେ ପଲେ ଛେଳି ଥଣ୍ଡା ଜାଗାରେ ଆରାମରେ ଶୋଇ ପାଗୁଳି କରୁଥିବାର ଦେଖାଗଲା । ଯୋଡ଼ାଏ ବୁଲା କୁତା ବି ଲହ ଲହ ଜିଭ କାଢ଼ି ଧକଉଥିବା ଦୃଶ୍ୟ ଦିଶିଲା । ଖବର ପାଇ ବୁଢ଼ା ସେକ୍ରେଟାରୀ ତରବର ହୋଇ ଧାଇଁଆସି ଭିଜିଟର ବହି ଧରି କଲେଜରେ ପହଞ୍ଚିଲା ବେଳକୁ ଚେୟାରମେନଙ୍କ ଗାଡ଼ି ଅନ୍ତର୍ଦ୍ଧାନ ହୋଇ ଯାଇଥିଲା । ଜଏନ୍ କରିବା ଦିନ ବହି ଫିଟାଇ ଚେୟାରମେନଙ୍କ ଇମ୍‌ପ୍ରେଶନ ଜାଣିବା ପାଇଁ ଚେଷ୍ଟା କରୁଥିଲି । କିଛି ରେକର୍ଡ଼ ପାଇଲି ନାହିଁ ।

ଦେଖିଲି କଲେଜର ସବୁ ଅଛି, କିଛି ନାହିଁ । ସେକ୍ସପିଅର୍ ଅମଳରେ ଷ୍ଟେଜ୍‌ରେ ଯିମିତି କାଠପଟା ଖଣ୍ଡେ ଖଣ୍ଡେ କାନ୍ଥରେ ଲଟକାଇ ଜଙ୍ଗଲ, ରାଜପ୍ରାସାଦ, ପଡ଼ିଆ ଦର୍ଶକଙ୍କୁ ଜଣେଇ ଦିଆଯାଏ, ସିମିତି ଗୋଟିଏ କୋଠରୀରେ ପ୍ରିନ୍ସିପାଲ, ହେଡ଼କ୍ଲର୍କ ଅଧାପକଗଣ ଏନ୍.ସି.ସି. ଜୋତା ଷ୍ଟୋର୍, ପିଇବା ପାଣି, ପିଅନଙ୍କ କମନ୍ ରୁମ୍ ଆଦି କାନ୍ଥରେ ଲେଖାଥାଏ । ଲାଇବ୍ରେରୀ କହିଲେ ଗୋଟିଏ କିରାସିନୀ ପଟାର ଆଲମାରୀ ଯହିଁରେ ଶହେ ପାଞ୍ଚପା ବହି ସାଇତା ହୋଇଛି- ମାନେବହି, ନଟୁଚୋରୀ, ହନୁମାନ ପ୍ରଶ୍ନ, ଠୁଣଠୁଣକିଆ ଆଦି ଅଳ୍ପ ଦାମର ବହି । କଲେଜ ଅଫିସ୍‌ରେ ବସିଲାବେଳେ ଗୋଟାଏ ଗୋଦାମ ଘରେ ବସିଲା ପରି ଲାଗେ ।

ହେଲେ ଅଭାବ ଅସୁବିଧାରେ ପଡ଼ି ଦାୟିତ୍ୱ ନେଇଛି । ଅଲବତ୍ କିଛି କରିବାକୁ ହେବ । ପେନ୍‌ସନ୍ ମିଳୁ ମିଳୁ ଯୁଗେ ବିତିଯିବ । ପୁଅ ଦି'ଟା ପଢୁଛନ୍ତି । କଲେଜ ଗଣ୍ଡଗୋଳିଆ ନୁହେଁ । ପରିବେଶ ଭଲ, ନିର୍ମଳ । ମେନେଜମେଣ୍ଟ ଖୁସି, ଅଳ୍ପ ଦାମ୍‌ରେ

Digitized by srujanika@gmail.com

ଦାମିକା ପ୍ରିନ୍ସିପାଲ ପାଇଛନ୍ତି । ଗାଁ ବାଲାଏ ଖୁସି, ସିନେମା ପାଖକୁ ଲାଗି କଲେଜ, ନୂଆ ପ୍ରିନ୍ସିପାଲ କଣ୍ଟ୍ରୋଲ କରିପାରିବେ । ପିଲାଏ ବି ଖୁସି, ବୁଢ଼ା ପ୍ରିନ୍ସିପାଲ୍‌କୁ ନଚାଇ ହେବ, ମେନେଜ କରି ହେବ । ମୋ ପାଖରୁ ସମସ୍ତେ ତିନୋଟି କାମ ଚାହାନ୍ତି । ଗାଁ ଲୋକେ ଚାହାନ୍ତି ଏ ବର୍ଷ ତାଙ୍କ କଲେଜରେ ମେଟ୍ରିକ୍ ସେଣ୍ଟର ହେଉ । ମେନେଜମେଣ୍ଟ ଚାହେଁ କଲେଜର ଛାତ୍ରସଂଖ୍ୟା ଦୁଇଶହରୁ ବଢ଼ି ପାଞ୍ଚଶ ଟପୁ । ଯିମିତି ଇଉ.ଜି.ସି ଓ ଇଉନିଭରସିଟିରୁ ଲକ୍ଷ ଲକ୍ଷ ଟଙ୍କା ଅନୁଦାନ ମିଳିବ - ଯାହାକୁ ନାନାବିଧ ବ୍ୟକ୍ତିଗତ ଉନ୍ନତୀମୂଳକ କାର୍ଯ୍ୟରେ ଖଟାଇ ହେବ । ପିଲାଏ ଚାହାନ୍ତି କପି ହେଉ, ଛାତ୍ରର ଜନ୍ମଗତ ମୌଳିକ ଅଧିକାର ବଜାୟ ରହୁ ।

ଏଇଠି ମୁଁ ବମ୍ କଟାଶ୍ କଟିଆଙ୍କ ଘନିଷ୍ଠ ସମ୍ପର୍କରେ ଆସି ତାଙ୍କ ଗୁଣଗ୍ରାମର ପ୍ରକୃଷ୍ଟ ପରିଚୟ ପାଇଲି । ଏମାନେ ସ୍ଥାନୀୟ ଛାତ୍ର ନୁହନ୍ତି । ଆମ କଲେଜର ଉତ୍ତର ଦକ୍ଷିଣରେ ଯେଉଁ ଦୁଇଟି ସରକାରୀ କଲେଜ ଅଛି ଏମାନେ ସେଥିରେ ବଳକା ମାଲ, ଯାହାକୁ କହନ୍ତି Spill over ଦୁଇ କଲେଜରେ ସ୍ଥାନ ନ ପାଇ ଏଇଠି ପ୍ରବେଶ କରିଛନ୍ତି ।

ଅନେକ କଲେଜରେ ମୋ ଜୀବନରେ ଅନେକାନେକ ଦାଦା ଶ୍ରେଣୀର ପିଲା ଦେଖିଛି, କିନ୍ତୁ ଏ ତିନି ଦାଦାଙ୍କ ଏକତ୍ର ସମାବେଶ କେଉଁ କଲେଜରେ ଦେଖିନି । ଯୌବନ, ଧନ, କ୍ଷମତା ଓ ଅବିବେକିତା – ଏ ଚାରୋଟିର ପ୍ରତ୍ୟେକଟି ଅନର୍ଥର ମୂଳ । ଯେଉଁଠି ଚାରୋଟି ଏକତ୍ର ଅବସ୍ଥାନ କରିବେ ସେଠି ଅହୋରୂପ ମହୋଧ୍ୱନି । ଏକା ମୁହୂର୍ତ୍ତରେ ଘଣ୍ଟା ବାଡ଼େଇ କଲେଜ ବନ୍ଦ କରିଦେବେ ଏବଂ ପ୍ରଶେସନରେ ବାହାରି ଯିବେ 'ଆମର ଦାବୀ ପୂରଣ ହେଉ!' ଦାବୀ ବୋଇଲେ – ଝିଅଙ୍କ ପାଇଁ ବାଥିରୁମ ହେଉ, ଝିଅଙ୍କ ହଷ୍ଟେଲ ହେଉ । ପ୍ରତି ହପ୍ତାରେ 'ନାଇଟ୍' ସାଂସ୍କୃତିକ ଉତ୍ସବ, ବେଣ୍ଡପାର୍ଟି, ନାଚତାମସା ପାଇଁ ଉଦ୍‌ଯୋଗ ଓ ଚାନ୍ଦାସଂଗ୍ରହ । ଏମାନେ ଯେ କୌଣସି ଅଧାପକଙ୍କ ଅପେକ୍ଷା ସାସ୍ଥ୍ୟରେ ବଡ଼, ପ୍ରିନ୍ସିପାଲ୍‌ଠୁ କ୍ଷମତାରେ ବଡ଼ ଏବଂ ଗଭର୍ଣ୍ଣିଂ ବଡ଼ିଠାରୁ ଧନରେ ବଡ଼ । ଜଣଙ୍କ ବାପ ପୋଲିସ୍ ସବ୍-ଇନ୍ସପେକ୍ଟର, ଆଉ ଜଣଙ୍କର ରାଜନୀତିଜ୍ଞ, କଟିଆର ବାପ, 'ଏ' କ୍ଲାସ୍ କଣ୍ଟ୍ରାକ୍ଟର । ରାଜନୀତିଜ୍ଞର ପୁତ୍ରରତ୍ନ ଥରେ ଜୁଆଡ଼େ ଗୋଟାଏ ଝିଅ ଦିହରେ ଏସିଡ୍ ଢାଳିଥିଲା, ଆଉଥରେ ପିଟାରେ ପିନ୍‌କଣ୍ଟା ମାରିଥିଲା । ଏ ତିନିହେଁ ପ୍ରତିହିଂସା ପ୍ରତିଶୋଧ ନେଇ କାମ କରୁଛନ୍ତି । ସମାଜ ତାଙ୍କର ଶତ୍ରୁ । ଅସାଧ ସାଧନ କରି କଲେଜରୁ ଲୋକଲୋଚନକୁ ଆଣିବେ ।

ଏ ତ୍ରିମୂର୍ତ୍ତିଙ୍କ ଅମାପ ଶକ୍ତିର ଯଥାର୍ଥ ଉପଯୋଗ କରିବା ପ୍ରିନ୍ସିପାଲର ପରୀକ୍ଷା ଓ ବାହାଦୂରୀ । ପରମାଣୁ ଶକ୍ତିର ଶାନ୍ତିପୂର୍ଣ୍ଣ ପ୍ରୟୋଗ ବା ଧ୍ୱଂସକାରୀ ଅପପ୍ରୟୋଗ ।

ପ୍ରତିଦିନ ଟ୍ରେନ୍‌ରେ ଦୁଇ ତିନି ପଟୁ ଆସି ମିଳିତ ହୁଅନ୍ତି ଚେନ୍ ଟାଣି କଲେଜର ଖଣ୍ଡେ ଦୂରରେ ଓହ୍ଲାଇ ଅନ୍ୟାନ୍ୟ ଚାମଚା ପିଲାଙ୍କୁ ସାଂଗରେ ଧରି । ଡ୍ରାଇଭର ବା ଗାର୍ଡ଼ ଯାଙ୍କ ହାତରେ । ଅନେକ ସମୟରେ ଭକ୍ୟୁମ ନ ଖୋଲିଲେ ମଧ ଗାଡ଼ି ଆପେ

Digitized by srujanika@gmail.com

ଆପେ ଠିଆ ହୁଏ । କଲେଜକୁ ସିଧାସଳଖ ଯାଆନ୍ତି ନାହିଁ । ଗୋଟାଏ ବରଗଛ ମୂଳେ ବସି ତାସ ଖେଳନ୍ତି, ଖାଆନ୍ତି, ପିଅନ୍ତି, ଶୁଅନ୍ତି । ଝିଅମାନେ ପାଖଦେଇ ଗଲାବେଳେ କମେଣ୍ଟ ମାରନ୍ତି । କ୍ଲାସ୍ ନ ଗଲେ ବି ପ୍ରେଜେଣ୍ଟ ପଡ଼େ । ମାଡ଼କୁ ଦେବତା ଡ଼ରେ, ଦୁଇଶଟଙ୍କିଆ ଅଧାପକ ବା କେତେ ?

ଦିନକର ପ୍ରତ୍ୟକ୍ଷ ଘଟଣା ଓ ଅନୁଭୂତି ଏ ପ୍ରସଙ୍ଗରେ କହୁଛି । ସପ୍ଲିମେଣ୍ଟାରୀ ପରୀକ୍ଷା ସେକେଣ୍ଡ ସିଟିଂ ପାଇଁ ଝିଅଟି ଦିନ ଗୋଟାକ ବେଳେ କଲେଜକୁ ଆସୁଥିଲା । ସେ ମନେ ମନେ ଭାବିଥିଲା ଆଗରୁ ଯାଇ ଥକା ମେଣ୍ଟାଇବ ଏବଂ ବହିପତ୍ର ଓଲଟପାଲଟ କରିବ ପରୀକ୍ଷା ଆଗରୁ । ତାକୁ ଜଣାନାହିଁ ଯେ, ତ୍ରିମୂର୍ତ୍ତି ଟ୍ରେନ୍‌ରୁ ଏଗାରଟା ବେଳୁ ଓହ୍ଲାଇ ବରଗଛ ମୂଳରେ ଆଡ୍ଡା ଜମେଇଛନ୍ତି । କାଳି ତନୁପାତଳି ଝିଅଟି ଯେମିତି ପାଖଦେଇ ଯାଇଛି କଟିଆ ଆରମ୍ଭ କଲା, "ବେ ! ଆଜିକାଲି ଝିଅମାନେ ବେଶୀ କପି କରୁଛନ୍ତି, ଦେଖୁନୁ ସେଇମାନେ ସବୁଥିଲେ ଫାଷ୍ଟ, ସେକେଣ୍ଡ । ତାଙ୍କରି ପାଇଁ କଲେଜର ବଦ୍‌ନାମ ହେଉଛି । ତାଙ୍କର ସବୁ ସୁବିଧା ଅଛି । ଲୁଗା ଭିତରେ ଖାତା ବହି ସବୁ ନେଇ ଯାଇପାରିବେ । ତାକୁ ସର୍ଚ୍ଚ କରିବ କିଏ ? କପି ଧରିବ ବା କିଏ ?" କଟାଶ ସଂଗେ ସଂଗେ ଖିଅ ଧଇଲା, "ଏଇ ଝିଅକୁ ଦେଖୁନୁ, ପୁଳାଏ କପି ନେଇ ଯାଉଛି ।" ବମ୍ କହିଲା, "ଏହାକୁ ସର୍ଚ୍ଚ କଲେ ଦୁଇପୁଳା କପି ବାହାରିବନି ଆଉ ।" ଝିଅଟା ସହିପାରିଲା ନାହିଁ । ପାଟିରୁ ତାର ବାହାରି ପଡ଼ିଲା, "ବଜାରୀ ! କଞ୍ଚା ମିଛ କହିବାକୁ ଲାଜ ମାଡୁନି ?" ସର୍ବନାଶ ! ତିନିହେଁ ଭିଡ଼ିଗଲେ ଆସ କପି ଧରିବା କହି । ଝିଅଟାକୁ ଅତିଷ୍ଠ କରିଦେଲେ । ପ୍ରାଣ ବିକଳରେ ଅସମ୍ଭାଳ ହୋଇ ଖସି ପଳାଇ ଝିଅଟା କଲେଜକୁ ଧାଇଁଲା ଏବଂ ଝାଳନାଳ ହୋଇ ମୋ ଆଗରେ ଗୁହାରି କଲା । କହିବା ବାହୁଲ୍ୟ ସମସ୍ତ ପ୍ରବୋଧ ସତ୍ତ୍ୱେ ଝିଅଟି ପରୀକ୍ଷା ଦେଲାନି, କଲେଜକୁ ବି କେବେ ଆଉ ଆସିଲାନି । ମୁଁ ବା କଣ କରିଥାନ୍ତି ? ମୋର ତ ପୁଣି ପିଲାଝିଲା ଅଛନ୍ତି !

ମୁଁ ବେଶ୍ ଜାଣେ ଯେ, ପରୀକ୍ଷା ସେଣ୍ଟର କଦାପି ହବ ନାହିଁ । କାରଣ ବାଡଘେର, ଝରକା, କବାଟ କିଛିନାହିଁ । ତଥାପି ବୋର୍ଡ଼କୁ ଆବେଦନ ନିବେଦନ କରାଗଲା । ଏନ୍‌କୁଆରୀ ମଧ ହେଲା । କିଛି ଲାଭ ହେଲାନି । ଉପାୟହୀନ ହୋଇ ସାହାଯ୍ୟ ନେଲି ବମ୍ କଟାଶ କଟିଆର । ସେଇମାନେ ବାହାରି ପଡ଼ିଲେ । ଅଲବତ୍ ସେଣ୍ଟର ହେବ । ସେମାନେ ମନ୍ତ୍ରୀ ବା ଚେୟାର୍‌ମେନ ବା ଆଉ କାହାକୁ ଧରାଧରି କରି ସେଣ୍ଟର ଆଣିଲେ ଆମ କଲେଜକୁ ଭଗୀରଥ ଗଙ୍ଗା ଆଣିଲା ପରି । ଆନନ୍ଦ ଉତ୍ସାହର ସୀମା ନାହିଁ । କିଏ ଈର୍ଷାପରାୟଣ ହୋଇ ହଲ୍ଲା କରିଦେଲା ଯେ, ବ୍ୟାପକ କପି ସେଣ୍ଟରରେ ହେବ । ତେଣୁ ଦୂରଦୂରାନ୍ତରୁ ଅନେକ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଆସିଲେ । ଯେଣୁ ବମ୍ କଟାଶ ସେଣ୍ଟର ଆଣିଛନ୍ତି ସେମାନେ ସମସ୍ତ ଦାୟିତ୍ୱ ଗ୍ରହଣ କଲେ । ପୋଲିସ୍

Digitized by srujanika@gmail.com

ସାହାଯ୍ୟ ମାଗିଥାନ୍ତି, କିନ୍ତୁ ସେମାନେ ତାହା କରାଇ ଦେଲେ ନାହିଁ । ଶାନ୍ତି ଶୃଙ୍ଖଳା ତାଙ୍କରି ଉପରେ ନ୍ୟସ୍ତ କରି ମୁଁ ନିଶ୍ଚିତ ରହିଲି ।

ପ୍ରଥମ ଦିନ ଇଂରାଜୀ ଫାଷ୍ଟ ପେପର । ପରୀକ୍ଷା ଦିନ ଲୋକାରଣ୍ୟ । ବାରିକପୁର ଗୋରୁ ଛେଳି ହାଟରେ ବି ଏତେ ଜନସମାଗମ ଦେଖାଯାଇନି । ପାନବିଡ଼ି ଚା' ସର୍ବତ ଦୋକାନରେ ସ୍ଥଳୀ ଭରପୂର । ଅଭିଭାବକମାନେ ଥଳିରେ ବହି ଖାତାପତ୍ର ପୁରାଇ ହାଜର । ବମ୍ କଟାଶ କଟିଆ ହାଇସ୍କୁଲକୁ ପିଲା ପଠାଇ ଠିକ୍ ଠିକ୍ ଉତ୍ତର ସବୁ ମଗାଇ ଆଣିଲେ ଏବଂ ଛୋଟ ଛୋଟ ପିଲାଙ୍କୁ ମେଲା ଦରଜା ଝରକା ଦେଇ ଭିତରକୁ ପାର କରିଦେଲେ । ଏ ସବୁର ଆକର୍ଷଣ ଅପେକ୍ଷା ବେଶୀ ଆକର୍ଷଣ ଥିଲେ ଦୁଇଟି ବୟସ୍କା ଝିଅ । ଅଠର ଉଣେଇଶ ବର୍ଷର ଅନିନ୍ଦ୍ୟ ସୁନ୍ଦରୀ । କିଏ ଜଣେ ଆତ୍ମୀୟ ଅଧ୍ୟାପକ ଦୁହିଁଙ୍କ ପୁରୀ ଜିଲ୍ଲାରୁ ସେଣ୍ଟର ଚେଞ୍ଜ୍ କରାଇ ଆଣିଛନ୍ତି । ଝୀନବସନ, କଙ୍କଡ଼ା ଗୋଡ଼ ପରି ଖଣ୍ଡିଆ ଚୂଳ କପାଳରେ । ଫୁଟୁକା ଫୁଟ୍‌କା ଗାଲରେ ଲମ୍ବା କଲି । ନାକରେ ହାଲ ଫେଶନର ଫାଶିଆ । ଏମାନେ ଥିଏଟର ବା ସିନେମାରେ ହିରୋଇନ୍ ନହୋଇ ବୋର୍ଡ଼ ପରୀକ୍ଷାକୁ କାହିଁକି ଆସିଛନ୍ତି ବୁଝିପାରିଲିନାହିଁ । ଦୁନିଆର ବିଶୃଙ୍ଖଳା, ଲୋକାରଣ୍ୟ ଏଇଠି । ଲ ଏଣ୍ଡ ଅର୍ଡ଼ର ସିଚ୍ୟୁଏସନ୍ ଆସିଗଲା । ପୋଲିସ୍‌ର ସାହାଯ୍ୟ ନେଇ ନଥିବାରୁ ବାଧହୋଇ ବମ୍ କଟାଶ କଟିଆଙ୍କ ଆଶ୍ରା ନେଲି । ସେମାନେ ଗୋଟାଏ ରିକ୍ସା କରି ସାଇକେଲରେ ଏସ୍‌କଟ କରି କୁଆଡ଼େ ନେଇଗଲେ କେଜାଣି । ସେମାନେ ପରଦିନ ପରୀକ୍ଷାକୁ ଆସି ନାହାଁନ୍ତି । ଯଦି ଆସିଥାନ୍ତେ କୁଢ଼କୁଢ଼ କପି କାଗଜ ପୋଡ଼ା ପାଉଁଶ ମୁର୍ଦ୍ଦାର ପୋଡ଼ା ପାଉଁଶ ପରି ସ୍ଥାନେ ସ୍ଥାନେ ପଡ଼ି କଲେଜ ପଡ଼ିଆକୁ ମଶାଣି କରି ଦେଇଛି । ନୂଆ ବୁଢ଼ା ପ୍ରିନ୍ସିପାଲ୍‌ଙ୍କ ଖ୍ୟାତି ଗୌରବ ଦିନ ଗୋଟାକରେ ବଢ଼ିଗଲା । ଲୋକେ ତାଙ୍କୁ ଧନ୍ୟ ଧନ୍ୟ କଲେ । ବମ୍ କଟାଶ କଟିଆଙ୍କ ଛାତି ଫୁଲିଗଲା । ପରୀକ୍ଷା ଫଳ ଚମକପ୍ରଦ ହେଲା । ଆନନ୍ଦ ଉଲ୍ଲାସରେ ଛାତ୍ରମାନେ କେତୁଟା କବାଟ ଝରକା ଓପାଡ଼ି ଫିଙ୍ଗିଦେଲେ । କଲେଜର ନାଆଁ ଲୋକପ୍ରିୟତା ଜାହିଁ କେତେ ବଢ଼ିଗଲା ।

ନୂଆବର୍ଷରେ ବିନା ପରେଶାନରେ ଛାତ୍ର ସଂଖ୍ୟା ବଢ଼ିଗଲା । କପାଳେ ଥିଲେ ଟଙ୍କାଟିଏରୁ ଲକ୍ଷେ ମିଳେ । ଆମ କଲେଜର ଉତ୍ତର ଦକ୍ଷିଣର ଦୁଇଟା ବଡ଼ ବଡ଼ ସରକାରୀ କଲେଜ ପ୍ରିନ୍ସିପାଲ ଦୁହେଁ ନିଷ୍ପତ୍ତି କଲେ ଥାର୍ଡ଼କ୍ଲାସ୍ ପିଲା ନେବେ ନାହିଁ । ପରୀକ୍ଷା ଫଳ ତାଙ୍କ କଲେଜର ଖୁବ୍ ମିଜରେବଲ୍ ହେଉଛି । ସୁତରାଂ ଦୁଇଟା କଲେଜର ଅଗଣିତ ବଳକା ଓ ନକଲି ହନୁମାନ ଡ଼େଇଁଲେ ଆମ କଲେଜକୁ । ବମ୍ କଟାଶ କଟିଆ ଅଭିଭାବକମାନଙ୍କୁ ପ୍ରବର୍ତ୍ତାଇ ଗୁଡ଼ାଏ ଝିଅଙ୍କୁ ଏଡ଼ମିଶନ୍ କରାଇଲେ । ଯେଉଁଠି କପି, ଯେଉଁଠି ଝିଅ ସେଇଠି ଛାତ୍ର ସଂଖ୍ୟା ବୃଦ୍ଧି ହେବା ସ୍ୱାଭାବିକ୍ । ଏକା ମାସକେ ଦୁଇଶ ଚଉଦରୁ ବଢ଼ି ଛାତ୍ର ସଂଖ୍ୟା ହେଲା ପାଞ୍ଚଶ ପନ୍ଦର । ଏଥର ମେନେଜମେଣ୍ଟ ଇଉଜିସିରୁ ଯେତେ ଲକ୍ଷ ପାରିବ ଆଣୁ ଏବଂ ବ୍ୟବସାୟ ବାଣିଜ୍ୟରେ ଲଗାଇ ଲାଭ ଉଠାଉ ।

Digitized by srujanika@gmail.com

ମେଟ୍ରିକ୍ ସେଣ୍ଟର ଯିମିତି ପରିଚାଳନା କରିଛୁ ଆଇ.ଏ., ବି.ଏ. ପରୀକ୍ଷା ବେଳକୁ ସେ କଥା କ'ଣ ଭୁଲିଯିବେ ?

ଆଇ.ଏ. ପରୀକ୍ଷା ଆସିଲା । କଡ଼ା ପରୀକ୍ଷା ହେବ କୁଆଡ଼େ ଏଥର! ଏଥର ଇଉନିଭରସିଟି କଡ଼ା ସୁପରଭାଇଜର ନିଯୁକ୍ତି କଲା ଶହ ଶହ ସଂଖ୍ୟାରେ । ପରୀକ୍ଷା କେନ୍ଦ୍ର ତନଖି କରି ରିପୋର୍ଟ ଦେବେ କଣ୍ଟ୍ରୋଲରକୁ । ତିନି ତିନି ଜଣ ଗୋଟାଏ ଟେକ୍ସିରେ ଆସନ୍ତି, ଅଚାନକ କେନ୍ଦ୍ର ପରିଦର୍ଶନ କରି ବୋରା ବୋରା କପି ଧରନ୍ତି । ଭିନ୍ନ ଭିନ୍ନ ଗାଡ଼ି ନମ୍ବର ଦେଇ ପ୍ରତ୍ୟେକ ପାଆଁଶ ହଜାରେ ଟିଏ, ଡ଼ିଏ ମାରନ୍ତି । ଆମ କଲେଜରୁ ଦୁଇବୋରା ଗାଡ଼ି ପଛରେ ପୁରାଇ ଭୁରି ଭୋଜନ ପରେ ବାହାରି ଗଲେ । ଧର୍ମର ଗ୍ଲାନି ହେଲା ମାତ୍ରେ ମୁଁ ତ୍ରିମୂର୍ତ୍ତିଙ୍କ ଡ଼ାକେ । କିମିତି କେଜାଣି ସେମାନେ ମେନେଜ କରନ୍ତି । ଦୁଇବୋରା କପି ବାରିକପୁର ହାଟର ଫୁଲକୋବି, ବିଲାତି ବାଇଗଣ, ଆଳୁ, ସୋରିଷତେଲ ଟିଣରେ ପରିଣତ ହୋଇଗଲା । ସେଣ୍ଟର କେନସଲ୍ ହେବା ଦୂରର କଥା ନବେ ପରସେଣ୍ଟ ପିଲା ପାସ୍ କଲେ । ଅନ୍ୟାନ୍ୟ କଲେଜ ଅଠାନବେ ଅନେଶତ ପାଇଲେ ଆମର ତ ଖୁବ୍ ଖରାପ ହେଲା ତୁଳନାରେ । ସହରବାଲାଙ୍କ ସାଫଲ୍ୟ ଏତେ ବେଶୀ ଆମେ ମଫସଲର ଗରିବ ମଳିମୁଣ୍ଡିଆ କଣ ପାପ କରିଛୁ? ମୋର ବିଚାରର ତାରିଫ ସମସ୍ତେ କଲେ । ଜୟ ବୁଢ଼ା ପ୍ରିନ୍ସିପାଲ୍ । ତ୍ରିମୂର୍ତ୍ତିଙ୍କ ହସ୍ତାକ୍ଷର ଭଲ ନୁହେଁ, ନହେଲେ କମାଲ କରିଦେଇ ଥାଆନ୍ତେ ।

ଯୋଡ଼ିଏ ବର୍ଷ ବୀରଶ୍ରୀ ହନୁମାନ ମହାବିଦ୍ୟାଳୟରେ ରହିବା ପରେ (ଯୋଡ଼ିଏ ମାସରେ ମଧ ଚଳିଯାଇଥାନ୍ତା) ହୃଦ୍‌ବୋଧ ହେଲା ଯେ, ଯଦି କେହି କଲେଜ ଚାକିରୀ ନିହାତି କରିବ ତେବେ ସେ ପ୍ରାଇଭେଟ୍ କଲେଜରେ କରୁ । ଆଦର ସମ୍ମାନ ଯଶ ଖ୍ୟାତି ଟଙ୍କା ପଇସା (ଟଙ୍କା ପଇସା ପାଠୁଆମାନଙ୍କର ପ୍ରକୃତରେ ଦରକାର କି ?) କାହିଁରେ କିଛି ଉଣା ହବନି ଯଦି ବମ୍ କଟାଶ କଟିଆ ପରି ତ୍ରିମୂର୍ତ୍ତିଙ୍କ ପ୍ରତି ତାଙ୍କର ମମତା ଥିବ । ଦୁଇବର୍ଷରେ କଲେଜ ପ୍ରତି ଏବଂ ଛାତ୍ର ତିନିଙ୍କ ପ୍ରତି ମମତା ଥିବାରୁ ମୋର ଧାରଣା ହେଲା କଲେଜ ଜ୍ଞାନ ତଥା ଅଭିଜ୍ଞତା ପାଇଁ ଆଉ ଯୋଡ଼ିଏ ବର୍ଷ ମୋର ଦରକାର । ଏ ଭିତରେ ଗୋଟିଏ ଟ୍ରକ୍ ଡ୍ରାଇଭରକୁ ଟାଣି ଆଣି କଲେଜ ବାରଣ୍ଡାରେ ଲହୁଲୁହାଣ କରାଯାଇଛି ଏବଂ ଗୋଟାଏ କଲେକ୍ଟରକୁ ସବଂଶେ ନାଳରେ ପେଲି ଉବୁଟୁବୁ କରାଯାଇଛି । ଛାତ୍ର ବତ୍ସଳ ପ୍ରିନ୍ସିପାଲ ହେଲେ ମମତାର ମୂଲ୍ୟ ଅବଶ୍ୟ ଦେବାକୁ ପଡ଼ିବ । ଜନୈକ ଅଧାପକ ମୂଲ୍ୟ ଦେବାକୁ ଡ଼ାକ୍ତରଖାନା ପର୍ଯ୍ୟନ୍ତ ଯାଇଥିଲା ।

ଏ ବର୍ଷ ବୀରଶ୍ରୀ ହନୁମାନ କଲେଜର ପ୍ରଥମ ବ୍ୟାଚ୍ ବି.ଏ. ପରୀକ୍ଷାରେ ଅବର୍ତ୍ତୀର୍ଣ୍ଣ ହେବେ ସଦର୍ପରେ । ପରୀକ୍ଷା ଫିସ୍ ଦାଖଲ ତାରିଖ ଦିନ କଟିଆ ତ୍ରିମୂର୍ତ୍ତିଙ୍କ ତରଫରୁ ଆସି କହିଲା, "ସାର୍, ମୁଁ ପରୀକ୍ଷା ଦେବିନି, ଆଉବର୍ଷେ ଏଇଠି ରହି ପଢ଼ିବି । ବର୍ଷଯାକ

Digitized by srujanika@gmail.com

କାହିଁକି ଦୁଇବର୍ଷଯାକ ବହି ଖୋଲିନି, ଦେଖିନି । ଯାତ୍ରା ନାଚ ତାମସା ଇଉନିଅନରେ ଦିନରାତି କଟିଛି । ମୁଁ ତ୍ୱାହା ଫେଲ୍ ହେବି ।" ମୁଁ ଦେଖିଲି ଆଉ ବର୍ଷେ ଏ ତିନିହେଁ ରିହଲେ ସେଣ୍ଟର କ'ଣ କଲେଜର ଗେଣ୍ଡୁ ବି ଉପୁଡ଼ି ଯିବ । କହିଲି, "ତୁମେ ପରୀକ୍ଷା ଦିଅ, ତୁମେ ଏ କଲେଜର ମୂଳଦୁଆ, ମୂର୍ଦ୍ଧାଖୁଣ୍ଟ, ତୁମେ ଫେଲ୍ ହେଲେ ଇଉନିୟନ ଫେଲ୍, ମାନେ ସବୁପିଲା ଫେଲ୍ । ତୁମେ ପାସ୍ ନକଲା ପର୍ଯ୍ୟନ୍ତ ମୁଁ ଏ କଲେଜ ଛାଡ଼ିବିନି । ଏହା ମୋର ଭୀଷ୍ମ ପ୍ରତିଜ୍ଞା ।" କାନ୍ଦ କାନ୍ଦ ହୋଇ ସେ କହିଲା, "ଏତେ ଟଙ୍କା ଫିସ୍ ଆମେ କୁଆଡୁ ଦେବୁ?" ମୁଁ ଦେବି, ତୁମେ ବ୍ୟସ୍ତ ହୁଅନି । ବୁଢ଼ା ସେକ୍ରେଟାରୀକି କହିଲି । ସେ ସହାନୁଭୂତି ସମ୍ପନ୍ନ ହୋଇ ସବୁ ଟଙ୍କା ଛାଡ଼ କରିଦେଇ ସୋସିଏଲ୍ ସରଭିସ୍ ଗିଲ୍ଡରୁ ଦେଲେ, ଜଣକୁ ନୁହେଁ ତିନିଙ୍କି । ଅଥଚ ଏଇ ବୁଢ଼ାର ମୁହଁ ଦେଖିଲେ କୁଆଡ଼େ ଖାଇବାକୁ ମିଳେନି ବୋଲି ଗାଁ ଲୋକେ ବଦ୍‌ନାମ କରନ୍ତି ।

ଭାଗ୍ୟ ନିର୍ଦ୍ଧାରଣ ଦିନ ଆସିଲା । ସପ୍ଲିମେଣ୍ଟାରୀ ପରୀକ୍ଷା । ପତଳା ଛାତ୍ରସଂଖ୍ୟା । ଇଂରାଜୀ ଫାଷ୍ଟ ପେପର ଦିନ ସୁପରିନ୍‌ଟେଣ୍ଡେଣ୍ଟ ହିସାବରେ ବଡ଼ କୋଠରୀ ଭିତରକୁ ଗଲି । ଦେଖିଲି ଅଦ୍ଭୁତ ଦୃଶ୍ୟ । ସବୁ ରଥି ଏକତ୍ର । ଚାରି ଛଅଟା ଟେବୁଲ୍ ଏକତ୍ର ଯୋଡ଼ା ଯୋଡ଼ି କରି ବସି ଯାଇଛନ୍ତି ବହିପତ୍ର ମେଲାଇ, ସିଗାରେଟ୍, ବୋତଲ, ବାଦାମ, ପାନ ସହିତ । ଇଂରାଜୀ ପେପର । ଫେରି ଯାଉଥିଲି । ବମ୍ ମୋତେ ଦେଖିଦେଇ ଧାଇଁଆସିଲା ଟେବୁଲ୍ ଚେୟାର ଧଡ଼ଧାଡ଼ କରି । "ସାର୍, ସାର୍" ଡ଼ାକି ମୋତେ ବଡ଼ Eassy ବହିଟାଏ ଖୋଲି ଦେଖାଇ କହିଲା, "ସାର୍ ଏଇ ଦେଖନ୍ତୁ, ଏଇଟା "Journey to the Moon" କଟାଶ ଧାଇଁଆସି ସିମିତି ଆଉ ଏକ ବହି ଦେଖାଇ କହିଲା, "ସାର୍! ଏଇଟା "Space Travel" ଆମର ପ୍ରଶ୍ନ ପଡ଼ିଛି "Space Journey" କେଉଁଟା ଲେଖିବୁଁ ସାର୍ ?" ମୁଁ ସିଧାସିଧା କହିଗଲି "ତୁମେ ପଚାରିବାକୁ ଆଉ କାହାକୁ ପାଇଲ ନାହିଁ ?" ମୁଁ ପରା ପ୍ରିନ୍ସିପାଲ ଏବଂ ସୁପରିନ୍‌ଟେଣ୍ଡେଣ୍ଟ, ମୁଁ କିମିତି କହିବି ? ଆଉ କେଉଁ ଇଂରାଜୀ ସାର୍‌ଙ୍କୁ ପଚାରି ଲେଖ । ବୋକା!"

କଟିଆ କିମିତି କରୁଛି ଦେଖିବା ପାଇଁ ପୁଣି ଆଉ ଏକ ଇଂରାଜୀ ପେପର ଦିନ ଯାଇଥିଲି । କଟିଆ ସାଂଗକୁ ଛାଡ଼ି ଧରାଧରି କରି sick ରୁମ୍‌ରେ ଏକୁଟିଆ ଥାଏ । ତାକୁ ଗାର୍ଡ଼ ଦେବା ପାଇଁ କେହି ରାଜି ହେଲେନାହିଁ । ପାଇଲି ପଟ୍ଟନାୟକ ବାବୁଙ୍କୁ । ତିନି ଭସ୍ମାସୁରକୁ ଗଢ଼ିଛନ୍ତି ସେଇ । ପଲିଟିକେଲ ସାଇନ୍ସ ପଢ଼ାଉ ପଢ଼ାଉ ସେ ପଲିଟିକେଲ୍ କରୁଛନ୍ତି । ଅର୍ଥାତ୍ ରାଜନୀତି ବିଜ୍ଞାନରେ ସେ ପଲିଟିକ୍‌ସ ପୁରାଇ ଦେଇଛନ୍ତି । ସେ ନିର୍ମଳ ଭାବମୂର୍ତ୍ତିବାଦୀ । କଲେଜରେ ସେ କପି କରାଇଦେବେ ନାହିଁ । ବୁଢ଼ା ପ୍ରିନ୍ସିପାଲଟା ମାଇଚିଆ, ନପୁଂସକ, ଡ଼ରୁଆ, ଅର୍ଥଲୋଭୀ । ତାଙ୍କୁଇ ଦେଲି sick ରୁମ୍‌ର ଦାୟିତ୍ୱ । ସେ ଚେୟାରରେ ବସିଗଲେ ସକାଳ ଓଡ଼ିଆ ଖବରକାଗଜଟିଏ

Digitized by srujanika@gmail.com

ଧରି, ମୁହଁ ଆଗରେ ମେଲା କରି । ପାପ ଦେଖିବେ ନାହିଁ । ପାପ ତେଣେ ଚାଲିଛି ପରାକ୍ରମରେ ।

କଟିଆ କି ପେପର ଜାଣେନି, କି କି ବହି ଜାଣେନି । ପ୍ରଶ୍ନ ପତ୍ରଟି ମେଲା ଝରକା ବାହାରକୁ ଲୁଚିଥିବା ଏକ ହନୁମାନ ହାତକୁ ବଢ଼ାଇ ଦେଇ ଅପେକ୍ଷା କରିଛି । ପ୍ରଶ୍ନ ପଡ଼ିଛି 'କିଂ ଲିଅର୍'ରୁ, କର୍ଡ଼େଲିଆର ଚିରତ୍ର ଚିତ୍ରଣ । କର୍ଡ଼େଲିଆ ପୁରୁଷ କି ସ୍ତ୍ରୀ କି ବିଦୂଷକ ତାକୁ ଜଣାନାହିଁ । ଦୂର ହନୁମାନ ଏକ ଟ୍ୟୁସନ୍ ମାଷ୍ଟରକୁ ଠାବ କରି କିଲିକିଆ ଏକ ମାନେ ବହିରେ ଉତ୍ତରକୁ ଚିହ୍ନଟ କରି ଆଣିଲା । "ଏତେ ବଡ଼ ଉତ୍ତର ମୁଁ ଲେଖି ପାରିବିନି । ଯାଆ ଦୁଇପୃଷ୍ଠା ଯିମିତି ହବ ସେତିକି ଆଣିବୁ । ଲେକ୍‌ଚରର ବୋକା ହେଲେ ଛାତ୍ର କଣ କରିବେ ? ଯା ଶଳା ! ଦଉଡ଼, ଶୀଘ୍ର ଆସିବୁ !" ଏଇ ପଦ୍ଧତିରେ ଉତ୍ତର ଦାନ କରି ନିର୍ମଳମୂର୍ତ୍ତି ପଟ୍ଟନାୟକଙ୍କ ବାହୁଛାୟା ତଳେ କଟିଆ ପ୍ରାୟ ଡ଼ିଷ୍ଟିଙ୍କସନ୍‌ରେ ବି.ଏ ପାସ୍ କଲା । ଭୀଷ୍ମ ପ୍ରତିଜ୍ଞା ପାଳନ କରି ମୁଁ ସେ କଲେଜ ଛାଡ଼ିଲି ବିଂଶ ଶତାବ୍ଦୀର ଶିକ୍ଷା ପ୍ରଣାଳୀ, ପରୀକ୍ଷା ପଦ୍ଧତି ଓ ପାଠ୍ୟ ସବୁ ଶେଷକରି । ପାଞ୍ଚବର୍ଷ ପରେ (ଏ ଭିତରେ ମୁଁ ଡ଼ି.ଲିଟ୍. ପାଇଯାଇଛି ଶିକ୍ଷାରେ) ଗୋଟାଏ ଏମ୍ବାସାଡ଼ର ଗାଡ଼ିରେ ତ୍ରିମୂର୍ତ୍ତି ଅଚାନକ ପହୁଞ୍ଚିଲେ ମୋ ଘରେ । ପ୍ରତ୍ୟେକେ ମୋଟା ମୋଟା, ଜୁଆଳିଆ ନିଶ ଓ ଲମ୍ବା କଲି ବାଲା । ଆଖି ଇଷତ୍ ରକ୍ତାଭ । ଶୁଣିଛି ସେମାନେ ବି.ଡ଼ି.ଓ., ମ୍ୟୁନିସିପାଲଟି ଚେୟାରମ୍ୟାନ ଓ କଣ୍ଟ୍ରାକ୍ଟର । କଟିଆ (ଭଲ ନାଆଁ ମହୋଦଧି ଦାସ) କହିଲା, "ସାର୍ ବଡ଼ ସଭାଟାଏ ଆୟୋଜନ କରିଛୁ । ଆପଣ ହେବେ ମୁଖ୍ୟବକ୍ତା । ଆମେ ତିନିହେଁ ହେବୁ ସଭାପତି, ପ୍ରଧାନ ଅତିଥି ଓ ସମ୍ମାନନୀୟ ଅତିଥି । ଆଗାମୀ ଶତାବ୍ଦୀରେ ଆମର ଶିକ୍ଷାର ରୂପରେଖ ଆପଣ ବକ୍ତୃତା ମାଧମରେ ଆଙ୍କିବେ ।" ଜୋରଜବରଦସ୍ତ ମୋତେ ଗାଡ଼ିରେ ପୁରାଇ ନେଇଗଲେ । କିଛି କହିଲି କି ନାହିଁ ମନେ ନାହିଁ ।

Digitized by srujanika@gmail.com

# ଟ୍ରେନ୍‌ରେ ଗୁରୁଦେବ

ଅଧ୍ୟାପକ ହେବାର ମୋର ପଇଁତିରିଶ ବର୍ଷ ଏଇ ସେପ୍ଟେମ୍ବର ତେରରେ ପୂରିଲା । ଇଚ୍ଛାକରି ମୁଁ ଏ ଚାକିରୀ ନେଇଥିଲି । ମୋତେ ଯେତେବେଳେ କମିଶନ ଚେୟାରମ୍ୟାନ୍ ପଚାରିଲେ "ଆପଣ ଓ.ଏ.ଏସ୍. ରେ ଯିବା ନା ଅଧ୍ୟାପକ ହେବେ । ଦୁଇଟିଯାକ ଚାକିରୀ ପାଇଁ ଆମେ ଆପଣଙ୍କୁ ଯୋଗ୍ୟ ବୋଲି ବିବେଚନା କରିଲୁ । "ସେତେବେଳେ ଆନନ୍ଦାଶ୍ରୁ ଗଦଗଦ ହୋଇ ଅତୀବ ବିନୟର ସହିତ କହିଲି "ଅଧ୍ୟାପକ, ସାର୍ ।"

ସେତେବେଳେ ଏ ଚାକିରୀର ମର୍ଯ୍ୟାଦା ଥିଲା । ଅଧ୍ୟାପକଟିଏ ଝିଅ ପାଇଁ ଯଦି ମିଳିଗଲା ତେବେ ବାପା ମାଆ କୃତକୃତ୍ୟ ହେଉଥିଲେ । ଅଳ୍ପ କେତେ ବର୍ଷ ପୂର୍ବରୁ ଲେକ୍‌ଚରର୍ କହିଲେ ଲୋକେ ଜାଣୁନଥିଲେ ସେ ଚାକିରୀ କଣ । ରେଭେନ୍ସାରେ ସମସ୍ତେ ପ୍ରଫେସର ବୋଲି ଜାଣିଥିଲୁ ଛାତ୍ର ଥିବାବେଳେ । ତେବେ ସମାଜ ଅଧ୍ୟାପକଙ୍କୁ ଯେଉଁ ସମ୍ମାନ ଦେଉଥିଲା ତାର ଛିଟା ଏବେ ବି ଅଛି । "ମୁଁ ଜଣେ ଅଧ୍ୟାପକ / ଲେକ୍‌ଚାରର୍" କହିଲେ ଅଭିଭାବକମାନଙ୍କ ମୁଣ୍ଡ ସ୍ୱତଃ ନଇଁଯାଇଛି ଯଦିଓ ତାଙ୍କ ପାଖକୁ ଲାଗି ଛିଡ଼ା ହୋଇଥିବା ପୁତ୍ର ରତ୍ନର ଉଠୁନି କି ମୁଣ୍ଡ ନଉଁନାହିଁ । ନାନା ଅପମାନ ଲାଞ୍ଛନା ଗାଳି ମାଡ଼ ମାଲିମକଦ୍ଦମା ସତ୍ତ୍ୱେ ଅଧ୍ୟାପକ ଶିକ୍ଷକବର୍ଗ ଏବେ ବି ପାଠ ପଢ଼ାଇବାରେ ଆନନ୍ଦ ଗର୍ବ ଅନୁଭବ କରୁଛନ୍ତି, ସ୍ୱଳ୍ପ ବେତନ ସତ୍ତ୍ୱେ, ପ୍ରାଇଭେଟ୍ କଲେଜ ହେଲେ ମଧ୍ୟ ।

ଆମ ଅମଳରେ ଗୁରୁ ଶବ୍ଦର ସେତେ ପ୍ରୟୋଗ ନଥିଲା । ଗୁରୁ କହିଲେ ବୁଝାଉଥିଲା ସେଇ ଲୋକଙ୍କୁ ଯାହା ମୁଣ୍ଡରେ ଜଟ ଥିବ, ଯୋଡ଼ିଏ ତିନୋଟି ଶିଷ୍ୟ ଧରି ଗଛତଳେ ବସିଥିବେ ବେତ ଧରି, ତାଳପତ୍ର ଖେଦା ଆଗରେ ଥିବା, କପାଳରେ ତ୍ରିପୁଣ୍ଡକ ସହିତ ନସ୍ୟ ସେବନ କରୁଥିବା ବ୍ୟକ୍ତିଙ୍କୁ । ଶିଷ୍ୟ କହିଲେ ସେଇ ଚାଟକୁ ଯେ ହାତଯୋଡ଼ି ଛିଡ଼ା ହୋଇଥିବ ଏବଂ ଗୁରୁଙ୍କ ପାଇଁ ଚୂଡ଼ା ଦହି ଆଦି ଯୋଗାଡ଼ କରି ଆଣୁଥିବ । ଆରୁଣି ଏକଲବ୍ୟ ପରି ଆଙ୍ଗୁଳି କାଟି ଦକ୍ଷିଣା ଦବ, ଗୋରୁ ଚରାଇ ଆଖିଫୁଟାଇ ଦେବ ଅରଖ କ୍ଷୀରରେ ଉପମନ୍ୟୁ ପରି । କେଉଁ କଲେଜରେ ଏମିତି ଶିଷ୍ୟ ମିଳିବେ ? ଅଥଚ ମୁଁ ତାଙ୍କରି ତଥାକଥିତ ଗୁରୁ ।

ଗୁରୁଙ୍କ କଥା କହୁଛି । ୧୯୪୮ ସାଲରେ ସାର୍ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ବାରିପଦା ହାଇସ୍କୁଲରେ ସତରଞ୍ଜିରେ ବସି ଭାରତୀୟ ଦର୍ଶନ ବିଷୟରେ ବକ୍ତୃତା ଦେଉଥିବାର ମୁଁ ଶୁଣିଛି । ଯେ ମୋ ପରି ତାଙ୍କୁ ଶୁଣିଛି ସେ କହିବ ଗୁରୁ କିଏ ? କିପରି ତାଙ୍କ ରୂପ, ଚେହେରା, କେତେ ତାଙ୍କର ଜ୍ଞାନ ଧ୍ୟାନ, କିପରି ତାଙ୍କ ସଂଯମ ବାଗ୍ମିତା । "He was a guru, wise comes another?" ଆମପରି ଫୁଟାଣିଆ, ବାବଦୂକ, ଅଜ୍ଞ, ଚରିତ୍ରହୀନ,

Digitized by srujanika@gmail.com

ଲୋଭୀ କେବେ ଗୁରୁ ହୋଇପାରିବ ? ଚାରିଜଣ ଷ୍ଟେନୋ ରାଧାକ୍ରିଷ୍ଣନଙ୍କ ଅଧଘଣ୍ଟାର ବକ୍ତୃତା ଆମ ପାଇଁ ଧରିପାରିଲେ ନାହିଁ । ଏକା ଧ୍ୟାନରେ ଯୋଗାସନରେ ବସି ଅନର୍ଗଳ (ମିନିଟ୍‌କୁ ଶହେ ଦୁଇଶହ ଶବ୍ଦ) ଆର୍ଯ୍ୟ ଋଷିଙ୍କ ଗଳାସ୍ୱରରେ କହୁଥାନ୍ତି । 'ଗୁରୁଣାଂ ଗୁରୁ' କାହିଁ, ଆମେ କେଉଁଠି । ସେ ପ୍ରକୃତ ଗୁରୁ । ଆମେ ଗୋରୁ, ଗଧ ।

ଯେହେତୁ ଶିକ୍ଷକ, ଲେକ୍‌ଚରର, ରିଡ଼ର୍, ପ୍ରଫେସର ହୋଇ ପ୍ରିନ୍ସିପାଲ ହେଲି ଏବଂ ମୁଣ୍ଡଚୂଳ ଧଳା ହେଲା ପିଲାଏଁ, ଟୋକାଳିଆ ଲେକ୍‌ଚରର ମତେ ଗୁରୁ ଭାବିଲେ ଏବଂ ଗୁରୁ ପୂଜାର ମୁଖ୍ୟନାୟକ ହେବାକୁ ଅନୁରୋଧ କଲେ । ମୁଁ ଖୋସାମତି ପାଇବା ଆଶାରେ ହିଁ ମାରିଲି । ଅନେକ ଦିନ ହେଲା ମୁଁ ଜାଣିଲିଣି କୋଡ଼ିଏ ବର୍ଷ ମାଷ୍ଟରି ଚାକିରୀ କଲେ ସାକ୍ଷ୍ୟ କୋର୍ଟ କଚେରୀରେ ଗ୍ରହଣୀୟ ହେବ ନାହିଁ । କାରଣ ସେ ଅପରିପକ୍ୱଙ୍କ ସାଂଗରେ କାଳ କଟାଇ ସେମାନଙ୍କୁ ପଢ଼ାଇ ପଢ଼ାଇ ମଥା ବିଗିଡ଼ିଇ ବସେ । ଅପଦାର୍ଥ ହୋଇଯାଏ ।

ପାଗଳ ହେଉ ବା ନ ହେଉ ଏହା ସତ୍ୟ ଯେ, ଜୀବନଯାକ ପିଲାଙ୍କୁ ପଢ଼ାଇ ଏମିତି ଏକ ବଦ୍‌ଅଭ୍ୟାସର ବଶବର୍ତ୍ତୀ ହେଉ ଯାହା ଯୋଗୁ ଯାହାକୁ ଯେଉଁଠି ପାଇଲେ ପଢ଼ାଇବାକୁ ଚେଷ୍ଟା କରୁ । ଫଳରେ ଗାଳି ଗୁଲଜ ଶୁଣୁ, ଅପମାନିତ ହେଉ । ମାଡ଼ ନ ଖାଇଲେ ରକ୍ଷା । ଡ଼ନ୍‌କୁଇନ୍ ଝୋଟ ପରି ଆଦର୍ଶବାଦୀ ସାଜି ହାସ୍ୟାସ୍ପଦ ହେବା ସାର ହୁଏ ।

ମୋ ନିଜ ଗୁରୁ ଜୀବନରେ ଇତିହାସ ଏବଂ ଆନୁସଙ୍ଗିକ ବିଷୟ ଚିନ୍ତାକରି କରି ଟ୍ରେନ୍‌ରେ ଚଢ଼ିଲି । ଉଦ୍ଦେଶ୍ୟ ଗୁରୁପୂଜା ଗ୍ରହଣ କରିବି । ଶିକ୍ଷକ ଓ ଛାତ୍ରମାନଙ୍କ ପାଖରୁ ଚାନ୍ଦା ସଂଗ୍ରହ କରି ସରକାରଙ୍କ ଗୁରୁ କଲ୍ୟାଣ ପାଣ୍ଠିକି ସାହାଯ୍ୟ ପଠାଇବି । ଗୁରୁଦିବସ ରିପୋର୍ଟ ଦେବି ଏବଂ ଗୁରୁମହିମା ବିଷୟରେ ଓଜସ୍ୱିନୀ ବକ୍ତୃତାଟିଏ ଦେବି । "ଗୁରୋବ୍ରହ୍ମା ଗୁରୋର୍ବିଷ୍ଣୁ" ଶ୍ଳୋକରୁ ଆରମ୍ଭ କରି ।

ଟ୍ରେନ୍‌ର ସାଇଡ୍ ସିଟ୍‌ରେ ବସିଥାଏ । ଭିଡ଼ ଡ଼ବାରେ ନଥାଏ । ମୋ ଆଗ ସିଟ୍ ଖାଲି । ସାଇଡ୍ ବେଞ୍ଚରେ ଚାରିଜଣ ଯୁବକ ବସି ବଙ୍ଗଳାରେ କଥାବାର୍ତ୍ତା ହେଉଥାନ୍ତି । ବଢ଼ିଆ ମେଜାଜରେ ଥାନ୍ତି ଏବଂ 'ଆମା ଦେର କଲକାତା' "ଜ୍ୟୋତିବାବୁ ବଲବଲେନ୍" ଆଦି କଥାରୁ ଜାଣିଗଲି ସେମାନେ ବଙ୍ଗାଳୀ, ହାଓଡ଼ା ଯାଉଛନ୍ତି । ଖଡ଼ଗପୁରରେ ଗାଡ଼ି ବଦଳାଇ ଧଡ଼ଡ଼ା ଗାଡ଼ିରୁ ଓହ୍ଲେଇ ଇଲେକଟ୍ରି ଗାଡ଼ି ଧରିବେ । ସେମାନଙ୍କ ଆଗ ବେଞ୍ଚରେ ମାତ୍ର ଜଣେ ଯାତ୍ରୀ ଗୋଡ଼କୁ ଲମ୍ବାଇ ସାମ୍ନା ବେଞ୍ଚରେ ରଖି ସିଗାରେଟ୍ ଟାଣୁଥାଏ ଏବଂ କଥାବାର୍ତ୍ତାରେ ଯୋଗ ଦେଇଥାଏ । ଖୁବ୍ ଗରମ, ପଙ୍ଖା ଦୁଇଟି ଖୁବ୍ ଧୀରେ ଧୀରେ ଚାଲୁଥାଏ । ପାଞ୍ଚଜଣ ଯୁବକଙ୍କ କଥାବାର୍ତ୍ତାରୁ ଜାଣିଲି ସେମାନେ ଭଦ୍ର, ଯୁବସୁଲଭ ଭଦ୍ରାମି ତାଙ୍କ ପାଖରେ ଯଥେଷ୍ଟ ଅଛି । ମୋତେ ସମ୍ମାନ ନ ଦେଲେ ବା ପରିଚୟ ନ ଦେଲେ ବୋଲି ମୁଁ ଦୁଃଖିତ ନୁହେଁ । କାରଣ ପ୍ରଗଳଭ ଦେଖାଇ

Digitized by srujanika@gmail.com

ଅଯଥା ସେମାନଙ୍କ ସହିତ କଥାବାର୍ତ୍ତା କରିଥାନ୍ତି । ଯାହାହେଉ ସେମାନଙ୍କୁ ନିର୍ଦ୍ଦୋଷ ସହଯାତ୍ରୀ ରୂପେ ପାଇ ବିନା ବାକ୍ୟବିନିମୟରେ ମଧ ଖୁବ୍ ଖୁସିଥିଲି ।

ଏତିକିବେଳେ ପଶି ଆସିଲା ଆମ ଡ଼ବାକୁ ଏକ ଯୁବାପୁରୁଷ, ଗାଡ଼ି ଛାଡ଼ିବା ହୁଇସିଲ୍ ବାଜିବା ସଂଗେ ସଂଗେ । ସିଧା ଆସି ମଝିରେ ଛିଡ଼ାହୋଇ ପ୍ରଥମେ ଶାର୍ଟ ଖୋଲିଲା, ତାପରେ ଗେଞ୍ଜି ଖୋଲିଲା ଏବଂ ଛିଡ଼ା ହେଲା ପଙ୍ଖାତଳେ ସିଧାସଳଖ ଖୁଣ୍ଟପରି । ଝାଳ ଗନ୍ଧମୟ ହୋଇଗଲା ଆମ ବସିବା ଇଲାକାଟା ।

ଦଣ୍ଡେ ପରେ ସେ ଓଦାଳିଆ ପୋଷାକ ଦୁଇକୁ ପୁନର୍ବାର ପଙ୍ଖା ଆଡ଼କୁ ଦେଖାଇ ଘୋଡ଼ିଲା । ଛାତି ପକେଟ୍‌ରେ ସିଗାରେଟ୍ ପେକେଟ୍ ଓ ଦିଆସିଲି ବାହାର କରି ଗୋଟାଏ ସିଗାରେଟ୍ ଟାଣିଆଣି ଷ୍ଟାଇଲ୍‌ରେ ଠକ୍ ଠକ୍ କରି ଦିଆସିଲି ଖୋଳରେ ପିଟି ବସିବା ଭଙ୍ଗୀ ଦେଖାଇଲା ଏବଂ ଚାରିଜଣ ବସିଥିବା ସିଟ୍‌ର କଡ଼ରେ ମୋଡ଼ି ଆଡ଼କୁ ବେପରୁଆ ଭଙ୍ଗୀରେ ବସିଗଲା ଏବଂ ସିଗାରେଟ୍ ଟାଣିବା ସହିତ ଝାଳୁଆ ରୁମାଲରେ ମୁହଁ ପୋଛାପୋଛି କଲା ।

ଅନ୍ୟ ଚାରିଜଣ ଯାତ୍ରୀ ତା ଆଡ଼କୁ ଏକାସଂଗରେ ଅନେଇ ଦେଲେ । ଯାହା ସେମାନେ ତାକୁ କହିବେ ବୋଲି ବୋଧହୁଏ ଭାବୁଥିଲେ ତାହା ହେଲେ, "ମାନୁଷ ନା ଜାନୁଆର ! କି ବିଚିତ୍ର ଲୋକ । କି ଅସଭ୍ୟ ।" କିଛି କହିଲେ ନାହିଁ ଏବଂ ହାଓଡ଼ା, ବାଲିଗଞ୍ଜ ପାତାଲ ରେଳ ବା ବନଶୀରେ ମାଛଧରା କଥାରେ ବ୍ୟସ୍ତ ରହିଲେ । ଦଣ୍ଡେ ପରେ ସେ ଚାରିକାତ ମେଲାକରି ଆଗ ବେଞ୍ଚରେ (ଯେଉଁଠି ଜଣେ ବସିଥିଲା) ଗୋଡ଼ ରଖି ବସିଲା ଏବଂ ସିଗାରେଟ୍ ଧୂଆଁରୁ କୁଣ୍ଡଳୀ ସିନେମା ଷ୍ଟାଇଲରେ ଛାଡ଼ିଲା ।

ମୁଁ ବେଶ୍ ଜାଣିପାରିଲି ସେମାନେ ଯାର ପ୍ରତି କାମକୁ ନାପସନ୍ଦ କରୁଥାନ୍ତି । କଣ କହିବେ କହିବେ ହେଉଥାନ୍ତି ଭଦ୍ରତା ଖାତିରିରେ ହେଉ, ବଙ୍ଗଳା ଓଡ଼ିଆ ଜାତିଗତ ପାର୍ଥକ୍ୟ ପାଇଁ ହେଉ ବା ଭାଷାବୈଷମ୍ୟରୁ ହେଉ କିଛି କହିପାରୁନଥାନ୍ତି । ସେମାନେ ଯେତେ ଯେତେ ଅସ୍ୱସ୍ତି ବୋଧ କରୁଥାନ୍ତି ମୁଁ ତାଙ୍କଠୁ ବେଶୀ ଅନୁଭବ କରୁଥାଏ । ଓଡ଼ିଆଙ୍କୁ ସେମାନେ କଣ ବୋଲି ଭାବି ତାଙ୍କ ଆତ୍ମୀୟଙ୍କ ଆଗରେ ଉପସ୍ଥାପିତ କରିବେ ।

ପାଞ୍ଚ ମିନିଟ୍ ଗଲା, ଦଶ ମିନିଟ୍ ଗଲା । ସେମାନଙ୍କ କମୁନିକେଶନ ଗେପ୍ ପୂରଣ କରିବି ଭାବି ପ୍ରଥମ ମୁହଁ ଖୋଲି କହିଲି, "ଆଜ୍ଞା, ଆପଣ ମୋର ଏ ଆଗ ସିଟ୍‌କୁ ଆସୁନାହାନ୍ତି ? ପଙ୍ଖାର ପବନ ଅଛି, ସାଇଡ଼୍‌ରୁ ପବନ ଆସୁଛି ।"

ସେ ମୋ ଆଡ଼କୁ କଟମଟ ଆଖି କରି ଚାହିଁଲା । ବାସ୍ ସେତିକି । ଅନ୍ୟ ଚାରି ପାଞ୍ଚଜଣ ସେମାନେ ମୋର ଆଗେଇବାର ତାରିଫ୍ କଲେ । ମନେ ମନେ ଭଦ୍ରଲୋକ ବୋଲି ମୋତେ ଭାବିଲେ । ତାଙ୍କ ଆଖି ଧନ୍ୟବାଦ ଦେଲା । ବାସ୍ ସେତିକି ପୁଣି

Digitized by srujanika@gmail.com

ଚୁପ୍‌ଚାପ୍ । ସେ ଯୁବାପୁରୁଷଟି ତାପରେ ବାଦାମ ବାହାର କରି କଟ୍ କଟ୍ କରି ଚୋବାଇଲା ଏବଂ ଚୋପା ସବୁ ଗୋଡ଼ତଳେ ପକାଇ କଡ଼ା ଶବ୍ଦ ବାହାର କଲା ।

ଆମେ ସମସ୍ତେ ବିନା କଥାବାର୍ତ୍ତା ଆଲୋଚନାରେ ଏକମତ ହେଲୁ ଯେ ଏ ପ୍ରକାର ଜାନୁଆର ସହିତ ବୃଥା ବାକ୍ୟବ୍ୟୟ କରିବା ଉଚିତ୍ ନୁହେଁ ।

ମୁଁ କିନ୍ତୁ ରହିପାରିଲି ନାହିଁ । ମୁଁ ଶିକ୍ଷକ, ଅଧାପକ, ରିଡ଼ର୍, ପ୍ରଫେସର୍, ପ୍ରିନ୍ସିପାଲ୍ । ମୋ ଆଗରେ କେହି ଏମିତି କାମ କରିବ ମୁଁ ଜୀବନଯାକ ବରଦାସ୍ତ କରିନାହିଁ । ଆଜି ରିଟାୟାର୍ଡ଼ ହେଲି ବୋଲି ...

ତା ଆଡ଼କୁ ଚାହିଁ ପୁଣି କହିଲି "ଆପଣ ଏଇ ସିଟ୍‌କୁ ଉଠି ଆସନ୍ତୁ ।"

ସେ କହିଲା "ଆପଣଙ୍କର କଣ ଅସୁବିଧା ହେଉଛି ।"

ମୁଁ କହିଲି "ମୋର କିଛି ଅସୁବିଧା ହେଉନି ଯେ ସେ ଭଦ୍ରଲୋକମାନଙ୍କର ଅସୁବିଧା ହେଉଥିବ ।"

"ଆପଣ କିଏ ତାଙ୍କ କହିବାକୁ ? ସେମାନଙ୍କର ଯଦି ଅସୁବିଧା ହେଉଥିଲା ସେମାନେ କହିଥାନ୍ତେ । ଆପଣ ତାଙ୍କ ତରଫ କହିବାକୁ କିଏ ? ଚୁପ୍ ହୁଅ ନ ହେଲେ ଚଳନ୍ତା ଗାଡ଼ିରୁ .." ଏବଂ ସେ ଦରଜା ପାଖକୁ ଚାଲିଗଲା ଟ୍ରେନ୍ ଛିଡ଼ା ହଉ ନହେଉରୁ ଔଦ୍ଧତ୍ୟସ୍ଫୀତ ହୋଇ ଗାଡ଼ିରୁ ଓହ୍ଲାଇଗଲା, ବିନା ଟିକଟ ଯାତ୍ରୀ ।

ମୋର ଅନୁଶୋଚନା ହେଲା କାହିଁକି ବାରମ୍ବାର ଅପମାନିତ ହେବା ସ୍ଥଳେ ମୁଁ ଏମିତି ହେଉଛି ? ମୋର କଣ ଯାଏ ଆସେ, କିଏ କେଉଁଠି ବସିଲା, କିଏ କାହିଁକି ରାସ୍ତା ମଝିରେ ସାଇକେଲ ରଖି କଥାବାର୍ତ୍ତା ହେଲା । ପ୍ରତିଜ୍ଞା କଲି ଆଉ ଏମିତି ହାକିମାତି ଗୁରୁପଣିଆଁ ଦେଖାଇବି ନାହିଁ କେବେ ।

ଫେରିଲା ବେଳେ ମୁଁ ବରାବର ସାଇଡ୍ ସିଟ୍‌ର ବିଶେଷ କରି ଜଣକିଆ ସିଟ୍ ସନ୍ଧାନରେ ଥାଏ ଟ୍ରେନ୍‌ରେ ଚଢ଼ିଲାବେଳେ । ଏଥର ଚାରିଜଣିଆ ସିଟ୍‌ର କଡ଼ ସିଟ୍‌ଟା ମିଳିଲା । ବାଜେ ଟ୍ରେନ୍, ଭିଡ଼ ନଥାଏ, ଯିମିତି ଆସିଲାବେଳେ ନଥିଲା । ମୋ କପାଳରେ ଚନ୍ଦନ ସିନ୍ଦୁର, ବେକରେ ଫୁଲମାଳ ଥାଏ ଗୁରୁପୂଜାର ଚିହ୍ନ ସ୍ୱରୂପ ।

ଏଥର ମୋ ସାମ୍ନାରେ ସେମିତି ଚାରିସିଟ୍ । ବେଞ୍ଚର ସାଇଡ୍ ସିଟ୍‌ରେ ବୁଢ଼ୀଟିଏ ବସିଥିଲା । ସାଇଡ୍ ସିଟ୍‌ରେ ବସିଲେ ମୋର ଏଇ ଭୟ ଯେ, ଚଳନ୍ତା ଗାଡ଼ିରୁ କେହି ଛେପ ଖଙ୍କାର ପକାଇଦେବ ଏବଂ ମୋର ଭଦ୍ରାମି ବାହାର କରିଦେବ । ବିଚାରି ବୁଢ଼ୀଟି ମୋତେ ଦେଖି ଭୟକଲା ନାହିଁ ବରଂ ଶରଧା ଆଖିରେ ଦେଖିଲା ଯେମିତି ମୁଁ ତାର ନିଜ ମଣିଷ ବା ଭାଇ । ବିଧବା, ମୋଟା ହାତବୁଣା ଧୋତି ପିନ୍ଧିଛି, ଗାରଟିଏ ଲାଲି ଧଡ଼ି ।

Digitized by srujanika@gmail.com

ଦଣ୍ଡେ ପରେ ବୁଢ଼ୀ ତା ଲୁଗାକାନି ଫିଟାଇବାକୁ ଆରମ୍ଭ କଲା ଏବଂ ଯିମିତି ଶାଳପତ୍ରର ପୁଟୁଳାରୁ ଟିକିଏ ମଡିହାରୀ ଦୋକତା ବାହାର କରି କଳକୁ ନେଇଛି, ମୁଁ ତା ହାତଧରି ପକାଇ କହିଲି, "ମାଆ! ଦୋକତା ଛେପ ପକାଇବୁ ନାହିଁ, ଉଡ଼ିଆସି ମୋ ଜାମା କୁରୁତା ନଷ୍ଟ ହୋଇଯିବ ।" ବୁଢ଼ୀ ପଟାପଟ କହିଲା "ନା ବାପା! ତୁ ଡ଼ରନି । ମୁଁ ଛେପପକାଏ ନାହିଁ, ମୋ ପାଟିରୁ ବାହାରେ ନାହିଁ ।"

ଉଭୟ ବୁଢ଼ୀ ଓ ମୁଁ ଢୁଳାଇବାକୁ ଆରମ୍ଭ କରିଛୁ ହଲେ ଟୋକା ଜୋଡା ସରସର କରି ଭିଡ଼ି ଆସିଲେ ଆମେ ବସିଥିବା କୋଠରୀକି ଏବଂ ପାଖକୁ ପାଖ ଲାଗି ବସିଲେ ସେଇ ବୁଢ଼ୀ ବସିଥିବା ଜାଗା ପାଖରୁ ଟାଖଣ୍ଡେ ଦୂରରେ।

ଆମେ ଦୁହେଁ ସେମାନଙ୍କ ଆଡ଼କୁ ନଜର ଦେଲୁନାହିଁ । କାରଣ ଏତେ ପ୍ରଶସ୍ତ ସ୍ଥାନ ଥିଲା ଯେ, ଆମକୁ କୌଣସି ପ୍ରକାର ଅସୁବିଧା ହେବ ବୋଲି ଭାବିପାରିନଥିଲୁ ।

କିନ୍ତୁ ଯେଉଁ ମାରଣାସ୍ତ୍ରକୁ ଟ୍ରେନ୍‌ରେ ଯିବାବେଳେ ମୋର ପ୍ରାଣଭୟ ଡ଼ର ସେଇଟି ଥିଲା ବୁଢ଼ୀ ପାଖରେ ବସିଥିବା ଟୋକା ପାଖରେ । ତାର କଳରେ ଜାହାଜୀଗୁଆ ପରି ଗୋଟାଏ ଖୁଲ ଥିଲା ଏବଂ ପାଟି ଭିତରେ ଗୁଣ୍ଡ କିମାମ୍ ଆଦି ବାରୁଦିଆ ଚିଜ ଏକତ୍ରିତ ହୋଇ ଗୋଟାଏ ଏଟମିକ୍ ଚିଜ ତିଆରି ହେଉଥିଲା । କେତେବେଳେ ଏକ୍ସପ୍ଲୋଡ୍ କରିବ ସେଇ ମୁହୂର୍ତ୍ତକୁ ମୁଁ ଡ଼ରିଥିଲି । ସେ ଦି ଜଣଙ୍କ ଚେହେରା ଦେଖି ବୁଢ଼ୀକୁ ଯାହା କହିଥିଲି ତାହା କହିବାର ସାହସ ହେଲାନି । ଅସହାୟ ହୋଇ ବସି ରହିଲି । ବୁଢ଼ୀ ଆଖି ବନ୍ଦକରି ନିରୀହ ପ୍ରାଣୀପରି ଢୁଳାଉଥାଏ । ଦୁଇନମ୍ବର ଟୋକା ସିଗାରେଟ୍ ଟାଣି ଚାଲିଥାଏ ।

ଯୁବକ ଦୁହେଁ କଥାବାର୍ତ୍ତା ହେଉଥାନ୍ତି ଖୁବ୍ ପାଟିକରି, ଖୁବ୍ ଚଞ୍ଚଳତା ସହିତ । ଦୀର୍ଘ କଥାବାର୍ତ୍ତାରୁ ଜାଣିଲି ସେମାନେ ଦୁହେଁ ଆଇ.ଟି.ଆଇ. ଏଡ଼ମିଶନ୍ ପାଇଁ ଯାଇଥିଲେ, ଶିଶୁପାଳ ହୋଇ ଫେରୁଛନ୍ତି । କାରଣ ଦୁହେଁଯାକ ଆବଶ୍ୟକ ନମ୍ବର ରଖିପାରିନାହାନ୍ତି । ସେମାନେ କହୁଛନ୍ତି ତାଙ୍କର ସିଟ୍ ନ ମିଳିବାର କାରଣ ବିଚାରପତିମାନଙ୍କ ଅର୍ଥଲୋଭ। ଯେତିକି ଦେବା କଥା ତାହା ଦେଇପାରିବେ ନାହିଁ ବୋଲି ଜାଣି ସେମାନେ ୟାଙ୍କୁ ରିଜେକ୍ଟ କରିଦେଲେ । ସେମାନଙ୍କ ମନ୍ତବ୍ୟ ହେଲା ଏ ଯୁଗରେ ଟଙ୍କା ଯିଏ ଦେଇନପାରିଲା ତାର ଚାକିରୀ ନାହିଁ, ଚାକିରୀ ନାହିଁ, ଏଡ଼୍‌ମିଶନ ନାହିଁ ।

ଯୁବକକୁ ବୋଧେ କଥା କହିବାରେ ଅଶ୍ୱସ୍ତି ଲାଗିଲା ଏବଂ ସେ ଉଠିଯାଇ ବୁଢ଼ୀ ଯେଉଁଠି ମୁଣ୍ଡ ଆଉଜାଇଥିଲା ତାରି ପାଖରେ ମୁହଁ ଗୋଜିଆ କରି ବିସ୍ଫୋରଣ କଲା । ଅଧେ ପଡ଼ିଲା ଭିତରେ ଆଉ ଅଧେ ବାହାରେ । ମୁଁ ଅଳ୍ପକେ ବଞ୍ଚିଗଲି, ଗାଡ଼ି ଷ୍ଟେସନ୍ ପାଖ ଧରିଥିଲା ବୋଲି ।

ତା'ପରେ ପୁଣି ଆଉ ଗୋଟାଏ ଅନ୍ୟ କଳରେ ଜାକିଲା ଏବଂ ପୁଣି ସେଇ ପ୍ରଶେସ୍‌ରେ ବୋମା ତିଆରି ହେବାକୁ ଲାଗିଲା ଆମ ସମସ୍ତଙ୍କ ଅଲକ୍ଷିତରେ । କଡ଼ାଗୁଣ୍ଡି

Digitized by srujanika@gmail.com

ମୁଣ୍ଡକୁ ଯେତେ ଧରୁଥାଏ ଆଇ.ଟି.ଆଇ. ଙ୍କ ସେତେ ସେତେ ପୁରୁଷ ଉଦ୍ଧାର ହେଉଥାନ୍ତି । ଦ୍ୱିତୀୟବାର ବିସ୍ଫୋରଣରୁ ଛିଟା ବୁଢ଼ୀ ପାଇଲା ଏବଂ ମୁଁ ଛିଟାର ଛିଟା ସାମାନ୍ୟରେ ପାଇଲି । ଯୁବକଟି ଏଥର ଗଳଦଘର୍ମ ହେଲା, ଅନ୍ୟଜଣକ ମଧ୍ୟ । କାରଣ ମୋର ବିଶ୍ୱାସ ସେ ସିଗାରେଟ୍‌ରେ ଗଞ୍ଜା ଠେସି ଥିଲା । ଉଭୟେ ପ୍ରାୟ ଚଳତ୍‌ଶକ୍ତି ରହିତ ହେଲେ । କିନ୍ତୁ ତେଣେ ପାଟି ଭିତରେ କେମିକେଲ ବୋମା ଘନୀଭୂତ ହେଲା ।

ଏତେ ଦୂରକୁ ଉଠିଯାଇ ଝରକା ଦେଇ କେମିକାଲ ଯୁଦ୍ଧ କରିବା ଅପେକ୍ଷା ବସିବା ଠାଆରେ ମୁଣ୍ଡ ତଳକୁ କରି ବେଞ୍ଚ ତଳକୁ ପକାଇବା ପାଇଁ ଯୁବକଟି ଯିମିତି ଉଦ୍ୟତ ହୋଇଛି ବୁଢ଼ା ଏକାବେଳକେ ତେଜା ହୋଇ ଚିତ୍କାର କଲା "ଦେଖିବୁରେ ବାପା! ଝଙ୍କାରେ ମୋର ଚଉତା ଲୁଗାଟା ରଖିଛି ତୋର ଗୋଡ଼ ପାଖରେ ।" ମଦନ ଭସ୍ମ ବେଳେ ଦେବତାମାନଙ୍କ "ପ୍ରଭୋ! କ୍ରୋଧ ସମ୍ବରଣ କର" ବାକ୍ୟଟି ପୃଥିବୀ ପହୁଞ୍ଚୁ ନ ପହୁଞ୍ଚୁ ମଦନ ଭସ୍ମାବଶେଷ ହେଲା ପରି ବୁଢ଼ୀର କଥା ପାଟିରୁ ନ ବାହାରୁଣୁ ବିଚାରୀର ଶାଢ଼ୀ ଲାଲରକ୍ତ ପରି ପାନ ଛେପମୟ ହୋଇଗଲା । ବୁଢ଼ୀ ଦେଖିଲା, ମୁଁ ଦେଖିଲି, ଟୋକାଏ ଦେଖିଲେ । କୁକୁଡ଼ାଅନ୍ତ ପରି ଗୁଡ଼ାଏ ଆବର୍ଜନା ବୁଢ଼ୀ ଲୁଗାକୁ ନଷ୍ଟକରି ଦେଇଛି ।

କହିଲି, "ଦେଖ ବାବା! କାଳେ ଏ ବୁଢ଼ୀ ଦୋକତା ଛେପ ପକାଇବ ବୋଲି ମୁଁ ସାବଧାନ୍ ତାକୁ କଲାବେଳକୁ ସେ କହିଥିଲା 'ବାପା! ମୁଁ ଛେପ ଢ଼ୋକିଦେବି ବରଂ ପକାଇବି ନାହିଁ ।' ତୁମେ ପାଠଶାଠ ପଢ଼ି ମୁଁ ଜାଣିଲି ତୁମେ ଆଇ.ଟି.ଆଇ. ରେ ଭର୍ତ୍ତିହେବା ପାଇଁ ଯାଇଥିଲ ବୁଢ଼ୀର ସର୍ବନାଶ କଲ । ଭଲ ହେଲା ? ବିଚାରୀ ଗରିବ ଲୋକ, ତା ପକ୍ଷରେ କେତେ ମୂଲ୍ୟବାନ ଏ ଶାଢ଼ୀ । ଭଗବାନ ତୁମର ମଙ୍ଗଳ କରିବେ ଏମିତି କାମ କଲେ ? ମୁଁ ତାଠୁ ଯାହା ଶିଖିଲି ତୁମେ ତାର ଓଲଟା ଶିଖିଲ ।"

ଯୁବକଟି ଅପ୍ରତିଭ ହେଲା । ଭୁଲ୍ ବୁଝିପାରିଲା । କହିଲା "ସାର୍! ମୋର ଭୁଲ ହୋଇଯାଇଛି । ଆଉ ଏମିତି ହବ ନାହିଁ । ମାଆ! ମତେ କ୍ଷମା କର ।" ଛଳ ଛଳ ଆଖିରେ ଏତକ କହି ମତେ ପଚାରିଲା 'ସାର୍! ଆପଣଙ୍କୁ ମୁଁ ଦୋ ଦୋ ଚିହ୍ନା କରୁଛି, ଆପଣ କିଏ ? ଆପଣଙ୍କ ଫଟୋ ମୁଁ କେଉଁଠି ଦେଖିଛି ।"

ମୁଁ କହିଲି, "ଶୁଣ ବାବା, ପରିଚୟ ଦିଅନ୍ତି ନାହିଁ । ତଥାପି ଶୁଣ ମୁଁ ହଜାର ହଜାର ପିଲାଙ୍କ ଗୁରୁ । ସେମାନଙ୍କଠାରୁ ମୁଁ ସମ୍ମାନ, ପୂଜା ପାଇଁ ଆସିଥିଲି । ଚିତା ଚନ୍ଦନ ସିନ୍ଦୁର କପାଳରେ ଲାଗିଛି, ଦେଖୁନ ।"

ସେ ଲମ୍ବତମ୍ବ ହୋଇ ମୋ ଗୋଡ଼ ତଳେ ସେଇ ରେଳ ଡ଼ବାରେ ପଡ଼ିଗଲା । ପାଦରୁ ଧୂଳି ମୁଣ୍ଡରେ ଲଗାଇ କହିଲା, "ସାର୍, ଆପଣଙ୍କୁ ଅନେକ କଥା ମୋର କହିବାର ଥିଲା, ମୋ ଷ୍ଟେସନ୍ ପହଞ୍ଚିଗଲା । ଆଉଥରେ ଦେଖାହେଲେ ମନ ପ୍ରାଣ ଖୋଲି କହିବି । ନମସ୍କାର ସାର୍! ମାଆ! ଯାଉଛି ।" ଏତକ କହି ସେ ଯାତ୍ରୀ ଭିଡ଼ରେ ମିଶିଗଲା । ବୁଢ଼ୀ ମୋ ଆଡ଼କୁ ଚାହିଁଥାଏ ।

Digitized by srujanika@gmail.com

# ସହଯାତ୍ରୀ

ଏକ ଅସ୍ୱାଭାବିକ୍ ଚିତ୍କାରରେ କହିଲି, "ଆରେ ଆରେ ! ଏ କ'ଣ କଲ ? ଏଇଟା ଆପଣଙ୍କ ଘର ହେଇଛି ନା ଡ଼ହବାଡ଼ ହୋଇଛି ଯେ ଓଦା ସରସର ଗନ୍ଧିଆ ଲୁଙ୍ଗିଟାକୁ ପରଦା କରି ଖୁଞ୍ଚିଦେଲ, ମୋରି ସାମନାରେ । ଯାହା ଟିକିଏ ସମୁଦ୍ରୀ ହାଓ୍ୱା କେତେବେଳେ କିମିତି ଆସୁଥିଲା ତାକୁ ବି ରୁନ୍ଧି ଦେଲ ! ଭିଡ଼ ଆଉ ଗରମରେ ମଣିଷ ସିଝି ପଚି ଅଣନିଃଶ୍ୱାସୀ ହୋଇଗଲାଣି । କି ମୁସ୍କିଲ୍ ଲୋକ । କି ବିଚିତ୍ର ବିଚାର !"

ଏତିକିରେ ବାଧଶିଶୁ ଭଳି ତରବର ହୋଇ ଲୋକଟା ଡ୍ରାଇଭର ପଛର ମୋଟା ଲୁହାଜାଲିରେ ଫଡ଼ଫଡ଼ ହୋଇ ଉଡ଼ିବାକୁ ଆରମ୍ଭ କରିଥିବା ଏକରଙ୍ଗୀ ନୀଳ ଲୁଙ୍ଗିକି କ୍ଷମାପ୍ରାର୍ଥୀ ଚକ୍ଷୁରେ ଓହ୍ଲାଇ ଆଣିଲେ, ଦେଶପ୍ରେମୀ ଜଣେ ସନ୍ଧ୍ୟାବେଳକୁ ଦଳୀୟ ପତାକାକୁ ଯିମିତି ସନ୍ତର୍ପଣରେ ଓହ୍ଲାଇ ଆଣେ । କାଳବିଳମ୍ବ ନକରି ପ୍ରାୟ ଫାଟିବାକୁ ଯାଉଥିବା ଖଦଡ଼ିଆ ଥଳିରେ ମୋଡ଼ାମୋଡ଼ି କରି ପୁରାଇବାକୁ ଆରମ୍ଭ କଲେ । ନଇଁପଡ଼ି କାମ କରୁଥାନ୍ତି ଏବଂ ମନ୍ତ୍ର ପଢ଼ିଲା ପରି ମରୁମରୁ କହୁଥାନ୍ତି, "ମୁଁ ଅଜ୍ଞ ମୂର୍ଖ ମୋଫସଲି ନୁହେଁ, ଲୋକଙ୍କ ସୁବିଧା ଅସୁବିଧା ମୁଁ ବୁଝେ, ଆଚାର ବ୍ୟବହାର ଭଦ୍ରାମୀ ମୋତେ ବେଶ୍ ଜଣାଅଛି । କିନ୍ତୁ କଣ କରିବି ଖାପଟାରେ ପଡ଼ିଯାଇଛି । ଥଳି ଭିତରେ ପତଳା କଭରର କୋଡ଼ିଏ ପଚିଶ ଖଣ୍ଡ ବହି ଅଛି, ପାଣିଲାଗିଲେ ଛିଣ୍ଡିତୁଟି ଯିବ ।" ଦଣ୍ଡେ ରହି ନିଃଶ୍ୱାସ ମାରି ପୁଣି ଆରମ୍ଭ କଲେ, "ଭାବିଥିଲି କୋଡ଼ିଏ ପଚିଶ ହଜାର ଲୋକଙ୍କ ମେଳାରେ କେଇଖଣ୍ଡ ମାତ୍ର ବହି ବିକ୍ରୀ ହୋଇଯିବ । କିଛି ନହେଲେ ଛାପାଖର୍ଚ୍ଚ ବାବଦକୁ ଶହେ ଦି'ଶ ପ୍ରେସ୍‌କୁ ଦେଇଦେବି । କିନ୍ତୁ କି ଆଶ୍ଚର୍ଯ୍ୟ ! ବହି ଦେଖିଲେ କି ବହି ନାଆଁ ଶୁଣିଲେ ଲୋକେ ଆଖି ଫେରାଇ ନେଉଛନ୍ତି କୁଲା, ଛାଞ୍ଚୁଣି, ଚଣା, ରବର, ବେଲୁନ୍ ଆଡ଼କୁ । କି ଥିଲା ଏ ରାଜ୍ୟ କି ହେଲା ଆଜ ।"

ଥଳିମୁହଁ ବନ୍ଦ କଲାମାତ୍ରେ ବସ୍‌ଯାକ ଖେଳିଯାଉଥିବା ଓଦାଳିଆ ଭୁରୁଭୁରୁ ଦୁର୍ଗନ୍ଧ ଆସ୍ତେ ଆସ୍ତେ ଉଭେଇଗଲା । ଏ ଅଚଷ୍ଟା ଲୋକଟାକୁ ପାଖ ପୁରାଇ ଦେଇନଥାନ୍ତି । ଯେଉଁ ଲୋକଟା ଓହ୍ଲୋଇଗଲା ସେ ଥିଲା ଭୀଷଣ ମୋଟା ଓ ଝାଳୁଆ । ମୋ ଦିହରେ ଲେସିଘସି ହୋଇ ଏପରିକି ଦିହରେ ଆଉଜି ଘୁଙ୍ଘୁଡ଼ି ବି ମାରିବାକୁ ଆରମ୍ଭ କରିଥିଲା । ୟାର ତାଳପତ୍ର ସିପାହୀ ଦିହ ଦେଖି ଡ଼ାକି ବସାଇ ଥିଲି ତିନିସିଟିଆ ବେଞ୍ଚର ସେ ମୁଣ୍ଡରେ । ଲୋକଟା ବୋଧହୁଏ ମୋତେ ଚିହ୍ନେ, ମୋତେ ସିଧା ନ ଚାହିଁ, "ହଁ ଯେମିତି ହେଉ ଏଡ଼ଜଷ୍ଟ କରି ଚାଲିଯିବା କଥା, ସମସ୍ତେ ଯିବା କିଏ ରହିଯିବ ?" ଥରକୁ ଥର କହୁଥାନ୍ତି । କିନ୍ତୁ ମୁଁ ବେଶ୍ ଜାଣୁଥାଏ ୟା ସହିତ ମୋର ଏଡ଼ଜଷ୍ଟମେଣ୍ଟ ସମ୍ଭବ ନୁହେଁ । ତା' ଚେହେରା ତ ମୋତେ ଭଲ ଲାଗୁନାହିଁ ।

Digitized by srujanika@gmail.com

ସେ ପ୍ରଗଲ୍‌ଭ ପ୍ରକୃତିର, ଆଗଚଲା । ନୀଳ ଝଣ୍ଡାକୁ ଯଥା ସ୍ଥାନରେ ସାଇତିବା ପରେ ସିଟ୍‌ରେ ସଳଖି ବସି ଏଣେ ତେଣେ ଚାହିଁ ତାକୁ ଲାଗି ଘେରିରହିଥିବା ଲୋକଙ୍କ ସହିତ କଥାବାର୍ତ୍ତା ଆରମ୍ଭ କରିଦେଲା । ଖ୍ୟାତନାମା ଗୋଇନ୍ଦା ସେରଲକ୍ ହୋମ୍‌ସ ପରି ଗୋଟାକୁ ଗୋଟା ସିଗାରେଟ ଟାଣୁ ଟାଣୁ ଯାତ୍ରୀର ଇତିହାସ ଭୂଗୋଳ ଜାଣିବାକୁ ଆରମ୍ଭ କଲି ଲୋକମାନଙ୍କ ପ୍ରଶ୍ନ ଓ ତା'ର ଲମ୍ବାଚଉଡ଼ା ଉତ୍ତରରୁ । ରହସ୍ୟ ଭେଦ କରିବା ପାଇଁ ମୋତେ ବେଶୀ ସମୟ ଲାଗିଲା ନାହିଁ । ସେ ଏକ ସ୍ଥାନୀୟ ଲେଖକ, ବେଶ୍ ଜଣାଶୁଣା । ନାଆଁ ଅଛି । ଗଳ୍ପ ଉପନ୍ୟାସ ଲେଖାଲେଖି କରନ୍ତି । ଗୋଟାଏ ବଡ଼ ମେଳାକୁ ଯାଇଥିଲେ । ରାତିଯାକ ଅବିରଗୁଣ୍ଡ, ଧୂଳି ମେଘ ଭିତରେ ବଡ଼ ପାଟିରେ 'ସତ୍ୟମେବ' 'ସତ୍ୟମେବ' ଚିତ୍କାର କରି କରି ତଣ୍ଟି ଫଟାଇ ଦେଇଛନ୍ତି । ଏତେ ଦିନ ପରେ ଜାଣିଲି ଯେ, ଏବେ ବି ଅବକାଶ ଅଛି ଯେ, ନିଜ ଲେଖା ବହି ଲେଖକ ନିଜେ ଫେରି କରି, ବାଜା ବଜାଇ, ନାଚି, ଗୀତଗାଇ, ଅଭିନୟ କରି ଖଣ୍ଡେ ଅଧେ ବହି ଅନଭିଜ୍ଞଙ୍କୁ ବିକିବାର । କ୍ଷତି କ'ଣ ? ପ୍ରକାଶକମାନଙ୍କୁ ତେରଟି ଗଳ୍ପ ବହି ଦେଇ ଏଯାକେ ତେର ଟଙ୍କା କଣ ତେର ପଇସା ଯଦି ଜଣେ ଗାଳ୍ପିକ ନ ପାଇଲା ତେବେ ରାମମୋହନ କ'ଣ କରିବେ ? ମୁଁ ହୁଏତ ଜଣେ ହତାଶ ସମାଲୋଚକ । ଏବେ ମୋ ଆଖିରେ କେହି ଲେଖକ ଭଲ ନୁହନ୍ତି । କାହା ଲେଖା ମୋତେ ଭଲ ଲାଗେନି । ହେଲେ ଆମ ଦେଶରେ କେଉଁ ଲେଖକ ତାର ଭାଇକୁ ଭଲ ଆଖିରେ ଦେଖେ କି ? ଗବେଷଣାରୁ ଆହୁରି ଜାଣିଲି ଯେ, ବସ୍ ପାଇଁ ଅପେକ୍ଷା କଲା ବେଳେ ନିଜ ଜୋକର ଚେହେରା ପୋଛିବା ପାଇଁ ସେ ତରବରରେ ପାଖ ଜଳାଶୟରେ ଏକବସ୍ତ୍ରୀ ବା ଉଲା ଲଙ୍ଗଳା ହୋଇ ବୁଡ଼ି ପଡ଼ିଛନ୍ତି ଏବଂ ଲୁଙ୍ଗିକୁ ଦର ଚାପୁଡ଼ା କରି ହାତ ମୁଠାରେ ରଖି ପଶି ଆସିଛନ୍ତି ଠେଲିପେଲି । ମୁଠାଏ ମୁଢ଼ିଗୁଣ୍ଡି ବା ଛତୁ ପାଟିରେ ପକାଇଲା ବେଳେ ନିଶ ଦାଢ଼ିରେ ପାଉଡ଼ର ଛିଞ୍ଚି ହୋଇଯାଇଛି ।

କୌତୁକରେ ହେଉ ବା ବ୍ୟଙ୍ଗବିଦ୍ରୁପରେ ହେଉ ଆଖିଠାରରେ ବନେଟ ଆଡ଼କୁ ତାଙ୍କ ଦୃଷ୍ଟିନେଇ ଲୁଙ୍ଗି ଶୁଖାଇବାକୁ ଇଙ୍ଗିତ ଦେଲି ଅଭିନୟ କରି । ସେ ତଦଣ୍ଡେ ଥଳିରୁ ପୁଣି ମୂଲ୍ୟବାନ ନୀଳ ଝଣ୍ଡାକୁ ବାହାର କରି ଧଡ଼ପଡ଼ ହୋଇ ଯାଇ ବନେଟ୍ ଉପରେ ବେଶ୍ ଭଲକରି ପାରିଦେଇ ହାତ ରଖି ଅନୁଭବ କଲେ ଇଞ୍ଜିନର ଉଷ୍ମତା । ପୁଣି ଝାଳୁଆ ଉଷୁମୁଳିଆ ଗନ୍ଧ ବସ୍‌ରେ ଖେଳିଗଲା । ଦାଢ଼ିଆ ପଠାଣ ଡ୍ରାଇଭର ଚାହାଁଣି ସ୍ପଷ୍ଟ ସୂଚାଇ ଦେଲା ଯେ, ସେ ଭୁଲ କଲେ, କାରଣ ଲୁଙ୍ଗି ଶୁଖାଇବା ପାଇଁ କମ୍ପାନୀ ବନେଟ୍ କରିନାହିଁ ।

ଲୁଙ୍ଗି ଶୁଖାଇବା ପରି ଏକ ବିରାଟ ଦାୟିତ୍ୱ ବା କର୍ତ୍ତବ୍ୟରୁ ତ୍ରାହି ପାଇ ଔପନ୍ୟାସିକ ମହାଶୟ ଥଳିରୁ ବହିଟିଏ ବାହାର କରି ମୁଣ୍ଡରେ ଛୁଇଁ ବଇନି ଆଶାରେ ପାଖରେ ବସିଥିବା ଯାତ୍ରୀକି ଦେଲେ । ଲୋକଟା ପ୍ରଥମେ ବୁଝିପାରିଲା ନାହିଁ କାହିଁକି ବହି

Digitized by srujanika@gmail.com

ତାଙ୍କୁ ଦିଆଯାଇଛି । ତାର ପ୍ରତିକ୍ରିୟା ନାହିଁ । ସେ ହୁଏତ ବିହାରୀ ବା ଆମ ପ୍ରୌଢ଼ ଶିକ୍ଷା କେନ୍ଦ୍ରର ଏକ ଅକ୍ଷର ଶୂନ୍ୟ ଭଟ୍ଟାଚାର୍ଯ୍ୟ । ପାଞ୍ଚ ମାସରେ ବି ଆଙ୍ଗୁଳି ଟିପ ଦେଇପାରବ ନାହିଁ ବା ବାଁ ଆଙ୍ଗୁଳି କେଉଁଟା ଦେଖାଇ ପାରିବନାହିଁ । ଲୋକଟା ବହିଟାକୁ ଜାନୁଆର ଭୂଇଁ ବିଦାରିଲା ପରି ଯେତେବେଳେ ବିଦାରୁଥାଏ, ମୁଁ ଦେଖିନେଲି ବହିରେ ପଞ୍ଚସ୍ତରୀ ଖଣ୍ଡେ ପୃଷ୍ଠା । ଆଠପୃଷ୍ଠା ପ୍ରଶଂସା ପତ୍ର, ତିନୋଟି ଛବି, ଜନୈକ ପ୍ରାକ୍ତନ ମୁଖ୍ୟମନ୍ତ୍ରୀଙ୍କର, ଆଉ ଗୋଟିଏ ଜନୈକ ବାବାଙ୍କର ଏବଂ ତୃତୀୟଟି ଲେଖକଙ୍କ ନିଜ ଯୁବାକାଳର । ଲୋକଟା ଭେଳକା ହୋଇ ଚାହିଁଥାଏ, ବହିର ଲେଖକ କହିଚାଲିଥାନ୍ତି, "ଦେଖନ୍ତୁ, ଆହୁରି ଦଣ୍ଡେ ଭଲ କରି ଦେଖନ୍ତୁ । ପୃଷ୍ଠାଏ ଦୁଇପୃଷ୍ଠା ପଢ଼ନ୍ତୁ । ରୋମାଞ୍ଚକର ବହି । ଦେଶାତ୍ମବୋଧି ଗଳ୍ପ । ଦାମ ମାତ୍ର ପନ୍ଦର ଟଙ୍କା । ଲାଇବ୍ରେରୀରେ ସାଇତିବା ବହି । ବଡ଼ ବଡ଼ ଲେଖକ ଏହାର ତାରିଫ୍ କରିଛନ୍ତି । ନହେଲେ ଦୁଇଟଙ୍କା କମ୍ ଦିଅନ୍ତୁ । ତେରଟଙ୍କା ଦିଅନ୍ତୁ ।" ଲୋକଟା ଦାମ ତେରଟଙ୍କା ଶୁଣିଲା ମାତ୍ରେ ବହିଟି ହାତ ବଦଳାଇଲା ।

ପ୍ରଥମ ପ୍ରଚେଷ୍ଟା ବିଫଳ ହେଲା । କିନ୍ତୁ ପଛଘୁଞ୍ଚା ନାହିଁ ଲେଖକ ଜାତକେ । ମୋ ଆଡ଼କୁ ଚାହିଁଲେ, ଦ୍ୱିତୀୟ ଥର ପାଇଁ ନମସ୍କାର କଲେ । ବହି ପ୍ରତି ମୋର ଶ୍ରଦ୍ଧାର ମାତ୍ରା ପରୀକ୍ଷା କରିବା ପାଇଁ ବହି ଖଣ୍ଡିକୁ କଅଁଳା ପିଲାକୁ ବଢ଼େଇଦେବା ଭଙ୍ଗୀରେ ନଇଁପଡ଼ି କାନ୍ଦକାନ୍ଦ ସ୍ୱରରେ ନରମ ଗଳାରେ କହିଲେ, "ସାର୍, ବହିଟା ଟିକିଏ ଦୟାକରି ଦେଖିବେ ?" ଲୋକଟାକୁ କେବେ ହୁଏତ ଦେଖିଥିବି । କିନ୍ତୁ ମନେ ନାହିଁ ବିଲ୍‌କୁଲ୍ । ଏ ଯାକେ ତାକୁ ଭଲ ଆଖିରେ ଦେଖିନି । କେଉଁ ଲେଖକ ଅନ୍ୟ ଏକ ଲେଖକ ଭାଇକୁ ଏ ଦେଶରେ ସହିସମ୍ଭାଳି ପାରେ କି ? ଯଦି ନିଜ ଗୋଷ୍ଠୀ ବା ବର୍ଗର ହୋଇନଥାଏ । କାରଣ ଏଠି ସମସ୍ତେ ଏକାଡ଼େମୀ, କେନ୍ଦ୍ର ଏକାଡ଼େମୀ, ଜ୍ଞାନପୀଠ ନହେଲେ ସାରଳା-ବିଷୁବ ମୁହାଁ ।

ଚୂଳଗୁଡ଼ାକୁ ଖଣ୍ଡିଆ ପାନିଆରେ ବାଗେଇ କଲରକୁ ସଳଖ କରି ରୋକ୍‌ଠୋକ୍ କହିଲି, "ବହିଫହି ଏବେ ମୁଁ ଦେଖେନି, ପଢ଼ିବା କଥା ଛାଡ଼ । ଖାଲି ସମାଲୋଚନା କରେ, ବିନା ଆଲୋଚନାରେ । ବିଶେଷକରି ଆମ ଓଡ଼ିଆ ବହି । କି ହରିବୁଲ୍ କାଗଜ, କି ବାଜେ ପ୍ରିଣ୍ଟ୍, କି କଭର୍ ।" ଧୈର୍ଯ୍ୟ ଓ ଆଶା ନ ହରାଇ ସେ କହିଲେ "ନ ଦେଖିଲେ ନାହିଁ, ନ ପଢ଼ିଲେ ନାହିଁ, ବହିଟିକୁ ଟିକିଏ ଛୁଇଁ ଦିଅନ୍ତୁ । ମୁଁ ଧନ୍ୟ ହେବି । ଆପଣ କେଡ଼େ ବଡ଼, କେଡ଼େ ବିରାଟ ଯୋଦ୍ଧାଏ ଏକାଡ଼େମୀରୁ ସମ୍ମାନିତ; ଜ୍ଞାନପୀଠ ଅଗ୍ରେ ଧାବତି । "ଦେଖନ୍ତୁ ସାର୍, ଏ ବହିରେ ଆପଣଙ୍କ ସାର୍ଟିଫିକେଟ ଓ ଦସ୍ତଖତ ଅଛି ।" ମୁଁ କାବ୍‌ବା । ଏ ଲୋକଟା ଚୋର ପାଜି ସଇତାନ! ମୁଁ କେତେବେଳେ ମଜଗୁଲ ଅବସ୍ଥାରେ ଥିଲାବେଳେ ଏ ଦସ୍ତଖତ କରେଇ ନେଇଛି । ସେ ପୃଷ୍ଠାଟା ବାହାର କରି ଦେଖାଇଲା । ହଁ ତ ମୋରି ଦସ୍ତଖତ । ଗର୍ଜି ଉଠିଲି, "ସବୁ ଜାଲିଆତି, ମୁଁ କେବେ

Digitized by srujanika@gmail.com

ଓଡ଼ିଆରେ ଦସ୍ତଖତ କରେନି । ଗୋଲ ଗୋଲ ଅକ୍ଷର ମୋ ବଙ୍କା ଆଙ୍ଗୁଳିକୁ ପୋଷାଏ ନାହିଁ । ମୋର ଇଂରାଜୀ ଅନର୍ସ, ଇଂରାଜୀ ଏମ୍.ଏ. । ହିଲ୍, ଆର୍ମାର, ଉଡ୍‌କକ୍, ଡ୍ୟୁକ୍ ସାହେବ ମୋର ଗୁରୁ ଜାଣ ?"

ଆଦୌ ଶଙ୍କିନଯାଇ ସେ ଟାଣୁଆ ମୋଟା ଗଳାରେ କହିଲା, "ଆପଣ ଓଡ଼ିଆରେ କେବେ ଦସ୍ତଖତ୍ .... ?" ତଦଣ୍ଡେ କହିଲି, "ନା ନା, ଦସ୍ତଖତ କଣ ଏବେ କଥାବାର୍ତ୍ତା ବି କରେନି, ହିନ୍ଦୀ ଇଂରାଜୀକୁ ଭାଷା କରିବାର ଅଭ୍ୟାସ୍ କରୁଛି ।" ନଜର କଲି ଲୋକଟାର ଆଖିରୁ ନିଆଁ ନିର୍ଗତ ହେଉଛି । ଜଳୁଛି । ଲୋକଟା କ୍ରୋଧୀ, ହିଂସାପରାୟଣ । ଏଇ କିସମର ଲୋକଥିଲା କୁଚକ୍ରୀ କେଶିୟାସ ଯାହାକୁ ଦେଖାଇ ଜୁଲିୟାସ୍ ସିଜର କହିଥିଲେ, "Yond Cassius has a lean and hungry look .. such men are dangerous" କେଶିୟାସ ଆଡ଼କୁ ଚାହିଁ କହିଥିଲେ, "ତା ଆଖିରେ ଅଛି ତୀକ୍ଷ୍ଣତା ଓ ବୁଭୁକ୍ଷା । ଏମିତି ଲୋକଗୁଡ଼ାକ ମାରାତ୍ମକ ।"

ଭାଗ୍ୟକୁ ସେ ଲୋକଟାର ଦୃଷ୍ଟି ପଡ଼ିଲା ସିଧାସଳଖ ବନେଟର ବାଆଁ ପାଖ ଭି.ଆଇ.ପି. ଯୋଡ଼ା ସିଟ୍ ଉପରେ ଯେଉଁଠି ଅନ୍ଧାରୁଆ ଜାଗାର ସୁଯୋଗ ନେଇ ବଗୁଲାବଗୁଲି ପରି ବସିଥାନ୍ତି ନବବିବାହିତ ଦମ୍ପତିଟିଏ । କାଚ, ଶଙ୍ଖା ଓ ସୁନାଚୁଡ଼ି, ଘଡ଼ି ହାତର ପ୍ରାୟ ଅଧେ ଯାକେ ବିସ୍ତାରି ଥାଏ । ସିନ୍ଥିରେ ସତୀତ୍ୱର ସନ୍ତକରୂପେ ବହଳ ସିନ୍ଦୁର ଜକଜକ୍ କରୁଥାଏ । ଧନୀ ଓ ଆଭିଜାତ୍ୟର ମୁଦ୍ରାଙ୍କନ ଦିହିଙ୍କ ଯାକ ପୋଷାକପରିଚ୍ଛଦ, ଗହଣାଗାଣ୍ଠି ଏପରିକି ମୁଖମଣ୍ଡଳରେ ଅନ୍ଧାରରେ ମଧ ବେଶ୍ ପରିସ୍ଫୁଟ ହେଉଥାଏ । ଗମ୍ଭୀର ହୋଇ ଲଗାଲଗି ହୋଇ ବସିଥାନ୍ତି । କମ୍ କଥା, ଫୁସଫାସ୍ କଥା ହେଉଥାନ୍ତି ଯାହା ତାଙ୍କ ଛଡ଼ା ଆଉ କାହାକୁ ଶୁଭୁନଥାଏ ।

ଅଳ୍ପ ସମୟ ପରେ ସେ ଦୁହିଁଙ୍କୁ ଜାଣିବାର ଅବକାଶ ମିଳିଲା ମୋର ଲେଖକ ବନ୍ଧୁଙ୍କ ଜରିଆରେ । ଅକ୍ଳେଶରେ ଜଣାପଡ଼ିଲା ସେମାନେ ସେଇ ଶ୍ରେଣୀର ଲୋକ ଯେଉଁମାନେ ଜାଣିଲେଣି ଯେ ଯଉବନ, ଧନସମ୍ପତ୍ତି ଏପରିକି ପ୍ରଭୁତ୍ୱ ଯାହା ଦେଇ ନପାରିବ ସାହିତ୍ୟ କଲେ ବା ସାହିତ୍ୟର ପୃଷ୍ଠପୋଷକତା କଲେ ତାହା ମିଳିବ।

ସେ ଦିହିଁଙ୍କି ଦେଖିଦେଲା ମାତ୍ରେ କ୍ରୋଧ ଦୁଃଖ ହତାଶା ବନ୍ଧୁଙ୍କ ମୁହଁରୁ ଅପସରିଗଲା ଏବଂ ଆବିଷ୍କାର ଓ ଆନନ୍ଦରେ ଦିବ୍ୟଜ୍ୟୋତି ଉକୁଟି ଉଠିଲା । ଚିତ୍କାର କଲେ, 'ନମସ୍କାର ନମସ୍କାର ସୁରେଶ ବାବୁ ।' ଚମକି ପଡ଼ି ପୁରୁଷ ଭି.ଆଇ.ପି. କହିଲେ "ନମସ୍କାର ସୁରେଶ ବାବୁ ନୁହେଁ, ତାଙ୍କ ସାନଭାଇ ରମେଶ ବାବୁ ।" ଲେଖକଙ୍କୁ ପ୍ରତ୍ୟୁତ୍ପନ୍ନମତି ରକ୍ଷାକଲା । କହିଲେ "ମୋର କେଡ଼େ ଭାଗ୍ୟ ଆପଣ ଦିହିଁଙ୍କ ସହିତ ଦେଖାହେଲା, ମୁଁ ଆପଣଙ୍କୁ କେତେ ଖୋଜୁନଥିଲି ।" ଏତିକି କହୁଥାନ୍ତି ଓ ଥଳିରୁ (ତା' ଭିତରେ ଆଉ କଣ ଥିବ କିଏ କହିବ ?) ଦି'ଖଣ୍ଡ 'ସତ୍ୟମେବ' କାଢୁଥାନ୍ତି ।

ନାଟକୀୟ ଭଙ୍ଗୀରେ ପକେଟ୍‌ରୁ ଟଙ୍କାକିଆ ଡ଼ଟ୍ ପେନ୍‌ଟି ବାହାର କରି ଜଙ୍ଘ

Digitized by srujanika@gmail.com

ଉପରେ ବହି ରଖି ଉତ୍ସର୍ଗ ପତ୍ର ଲେଖି ଦି'ଜଣଙ୍କୁ ଦି'ଟା ବହି ରାଜକୁମାର ଓ ରାଣୀଙ୍କ ହସ୍ତରେ ଅର୍ପଣ କଲେ ଓ ଚାହିଁ ରହିଲେ ଭି.ଆଇ.ପି. ଫେଶନିଆ ମନିବେଗରୁ ନୋଟ୍ ବାହାର କରୁଥିବା ଆଙ୍ଗୁଳିଗୁଡ଼ିକୁ । ମୋର ଜାଣିବାକୁ ଡ଼େରି ଲାଗିଲାନାହିଁ ଏ ଦୁହିଁଙ୍କ ସହିତ ଲେଖକ ମହାଶୟଙ୍କ ପରିଚୟ ତଥା ଆତ୍ମୀୟତା ଥିବ। ଲାଲିରଙ୍ଗର୍ ଦୁଇଟି ନୂଆ କୋଡ଼ିଏ ଟଙ୍କିଆ ନୋଟ ପାଇ କୃତ୍ୟକୃତ୍ୟ ହେଲେ ଯେ କୃତଜ୍ଞତା ପ୍ରକାଶ କରିବାକୁ ଯାଇ ଲମ୍ବତମ ତଳେ ପଡ଼ିଯାଇଥାନ୍ତେ କିନ୍ତୁ ସ୍ଥାନାଭାବରୁ ତା କରିନପାରି ଦୁଃଖିତ ହେଲେ । ମହିଳାଟି ବହିଟି ଧରି ଉର୍ଦ୍ଧ୍ୱ ବହି ମେଲାଇଲା ପରି ପଛପଟୁ ଓଲଟ ରୀତିରେ 'ସତ୍ୟମେବ' ଏମିତି ଦେଖିଲେ ଯହିଁରୁ ବୁଝିଗଲି ସେ ବିଶେଷ ଦୂର ପାଠରେ ଆଗେଇ ନାହାନ୍ତି । ବା ହୁଏତ ଶସ୍ତା ବହି ପଢ଼ିବାକୁ ଚେଷ୍ଟାକରି ପାଠିକା ନାଆଁ କମେଇବାକୁ ଚେଷ୍ଟା କରୁଛନ୍ତି ଏବଂ ସ୍ୱାମୀ ସହିତ ବିଭିନ୍ନ ଛୋଟକାଟର ସାହିତ୍ୟ ସଭାମାନଙ୍କୁ ଯାଇ ସାହିତ୍ୟିକା ବୋଲାଇ ପାହ୍ୟା ବଢ଼ାଇବାକୁ ଲାଗିଛନ୍ତି ଏବଂ ଯଦି ସୁବିଧା ମିଳେ ତେବେ ପତ୍ରପତ୍ରିକାର ସଂପାଦନା କରିବାରେ କ୍ଷତି କ'ଣ ?

ବହି ଦି'ଖଣ୍ଡ ବିକ୍ରୀ ହେବା ପରେ ସହଯାତ୍ରୀଟି ମୋ ଆଡ଼କୁ ନଚାହିଁ ବିସ୍ମୟ ବିସ୍ଫାରିତ ନେତ୍ରେ ଚାହିଁଥାନ୍ତି ଏକାଦିକ୍ରମେ ମହିଳା ଭିଆଇପିଙ୍କ ବେଶବସନ, ପୋଷାକ ପରିପାଟୀ ଓ ଗହଣାଗାଣ୍ଠିର ବିନ୍ୟାସ ଆଡ଼କୁ । ବିଶ୍ୱାସ କରନ୍ତୁ ନକରନ୍ତୁ, ଲେଖକ ବଡ଼ ହେଉ ବା ସାନ ହେଉ, ସେ ଯେତେବେଳେ ସୁଖର ଶୀର୍ଷସ୍ଥାନରେ ମଜଗୁଲ ହୋଇ ବସିଥାଏ, ସେତିକିବେଳେ ତା' ଜୀବନରେ ବିପତ୍ତି ବିପର୍ଯ୍ୟୟ ଆସିବଇଁ ଆସିବ । ହଠାତ୍ ଏକ ଅସ୍ୱାଭାବିକ୍ ସର୍‌ସର୍ ଘରଘର ଶବ୍ଦ ଧଡ଼ଡ଼ା ଗାଡ଼ିର ଡ଼େଉଁଥିବା ଅଧାମେଲା ବନେଟ୍‌କୁ ଆସନ୍ତେ, ସମସ୍ତଙ୍କ ଦୃଷ୍ଟି ସେ ଆଡ଼କୁ ଟାଣି ହୋଇଗଲା । ଦେଖାଗଲା ଦାଢ଼ିଆ ଡ୍ରାଇଭରଟା ଯେମିତି ଗୋଟାଏ ଜାନୁଆର ଆଡ଼କୁ ଲମ୍ପମାରି ତା' ପାଟିକୁ ଆଁ କରି ଉଦ୍ଧାର କରି ଫେନ୍ ବେଲ୍‌ଟ ଭିତରୁ ଭିଡ଼ି ଆଣୁଛି ସହଯାତ୍ରୀଙ୍କ ନାଳ ବଣ୍ଡାକୁ ସେତେବେଳକୁ ଲୁଙ୍ଗିର ପାଏ ଅଂଶ ରାକ୍ଷାସ ଗର୍ଭରେ ରହିଗଲାଣି । ଘରପୋଡ଼ିରୁ କୁଟା କେରାଏ ପାଇଲା ପରି ବା ପଣ୍ଡିତମାନଙ୍କ 'ସର୍ବନାଶ ସମୁତ୍ପନ୍ନେ ଅର୍ଦ୍ଧଂ ତ୍ୟଜତି ପଣ୍ଡିତ' ଶ୍ଳୋକ ମନେପକାଇ ବାକି ତିନିପା ଲୁଙ୍ଗି ଫେରିପାଇ ଲୋକଟି ଖୁବ୍ ଖୁସି ହେଲା । ଲୋକଟା ସବୁବେଳେ ଅଲାଜୁକ ପରି ଖୁସି । ପତାକାଟି ଭାଗ୍ୟକୁ ପୁରାମାତ୍ରାରେ ଶୁଖି ଯାଇଥାଏ ।

ବାକି ଦଶ ପନ୍ଦର ମିନିଟ୍ ରାସ୍ତାରେ ଆଉ କେତେ ଘଟଣା ଦୁର୍ଘଟଣା ଘଟନ୍ତା । ଅବଶେଷରେ ବସ୍‌ଟି ଛିଡ଼ା ହେଲା ପଲ୍ଲୀଗାଁର ଏକ ପ୍ରାନ୍ତରେ ଆମ୍ବତୋଟା ପାଖରେ । ଆମ ସମସ୍ତଙ୍କୁ ଭି.ଆଇ.ପି. ଦମ୍ପତି, ବୁଲା ପୁସ୍ତକବିକାଳି, ଲେଖକ ଏବଂ କେତେଜଣ ଯୁବକ ସାହିତ୍ୟପ୍ରେମୀ ଏବଂ ସ୍ୱୟଂ ମୁଁ ପାଛୋଟି ନିଆଗଲା ଏକ ଚନ୍ଦ୍ରାତପ ଶୋଭିତ,

Digitized by srujanika@gmail.com

ନାନା ରଙ୍ଗର କାଗଜଫୁଲ ଖଚିତ ସଭାମଣ୍ଡପକୁ । ଦୋଳ ପୂର୍ଣ୍ଣିମା ସମୟର ସକାଳ ହେଲେ ମଧ୍ୟ ଭାରି ଗରମ ପଡ଼ିଥିଲା ।

କାହିଁକି କେଜାଣି ମୁଁ ଅନୁଭବ କଲି ଖରାଦିନିଆ ସକାଳ କଚେରୀ ପରି ସାହିତ୍ୟସଭା ସବୁ ସକାଳୁଆ ହେବା ଉଚିତ୍ । ସେଇଦିନ ଆହୁରି ଉପଲବ୍ଧ ହେଲା ଯେ, ମଧ୍ୟରାତ୍ରୀ କବିତା ପାଠୋତ୍ସବ ଅପେକ୍ଷା ସକାଳ ସାହିତ୍ୟ ସମାରୋହ ବେଶୀ ଭୟାବହ ଓ ମାରାତ୍ମକ । କାରଣ ସାହିତ୍ୟସଭାରେ ମାନସରେ ଏବେ ଏତେ ବେଶୀ ତାତି ଉତ୍ପନ୍ନ ହେଉଛି ଯାହାକୁ ସଂଗ୍ରହ କରି ପାରିଲେ ପଲାଉ ମାଂସ ଆଦି ବିବିଧ ଭୋଜନ ସାମଗ୍ରୀ ପ୍ରସ୍ତୁତ କରିବା ପାଇଁ ଆଦୌ ଜାଳେଣି ଦରକାର ହବନି ।

ତାତି ଭୟରେ ସବୁ ପ୍ରୋଗାମ କାଣ୍ଟଛାଣ୍ଟ କରି ଚୁମ୍ବକରେ ସାହିତ୍ୟ ମହୋତ୍ସବଟି କରିବାକୁ ପଡ଼ିଲା । ସମ୍ପାଦକ ମହୋଦୟ ଏକା ନିଃଶ୍ୱାସରେ ଏକା ରାହାରେ ଅତିଥି ପରିଚୟ ବିବରଣୀ ପାଠ, ଏପରିକି ବିଶେଷ ଘୋଷଣା ସାରିଦେଲେ । ଘୋଷଣାରେ ସେ କହିଲେ ଯେ, ଜନତା ଦରବାର ସତ୍ୟମେବ ଉପନ୍ୟାସର ଲେଖକଙ୍କୁ ଓଡ଼ିଆ ସାହିତ୍ୟକୁ ବିଶିଷ୍ଟ ଅବଦାନ ପାଇଁ ପୁରସ୍କୃତ, ସମ୍ମାନିତ ଓ ଉପାୟିତ କରିବେ । ଆନନ୍ଦାତିଶଯ୍ୟରେ ଲେଖକ ଛିଡ଼ାହୋଇ ବହିଟିଏ ଥଳିରୁ ବାହାର କରି ଦର୍ଶକଙ୍କୁ ଦେଖାଇଲେ । ଲେଖକ ମଣ୍ଡପ ଆଡ଼କୁ ଆଗେଇ ଆସିଲେ । ମୁଖ୍ୟ ଅତିଥି ବଣୁଆ ପୁଷ୍ପମାଲ୍ୟ ବିଭୂଷିତ ହୋଇ ଆରମ୍ଭ କଲେ, ବତୀଟିଏ ଜଳାଇ ଉତ୍ସବର ପ୍ରଥମ ବାର୍ଷିକ ଶ୍ରାଦ୍ଧସଭା ଉଦ୍‌ଘାଟନ କରି ମୁଁ ଧନ୍ୟ ହୋଇଛି । ମୁଁ ସ୍ଥାନୀୟ ଲୋକ । ମୁଁ ବେଶ୍ ଜାଣେ ଯେ, ସାହିତ୍ୟ ବିନା ପଲିଟିସିଆନ୍ କଣ୍ଟ୍ରାକ୍ଟର, ଏପରିକି ମନ୍ତ୍ରୀବର୍ଗଙ୍କ ଉଦ୍ଧାର ନାହିଁ । ମୁଁ ସାହିତ୍ୟ ନବୁଝିଲେ ବି ଗଣତନ୍ତ୍ରରେ ସାହିତ୍ୟର ପୃଷ୍ଠପୋଷକତା କରିବାରେ ବାଧା ନାହିଁ । ମୁଁ ଆଶ୍ଚର୍ଯ୍ୟ ହେଉଛି କାହିଁକି ସାହିତ୍ୟର ଉନ୍ନତି ପାଇଁ ଉଣିଶ ବା ଏକୋଇଶ ପଏଣ୍ଟ ପ୍ରୋଗ୍ରାମ ଏଯାକେ ରଖାଯାଇନାହିଁ । ମୋର ଟାଇମ୍ ହୋଇଯାଇଚି, ଅତି ଦୁଃଖରେ ଏ ଅପୂର୍ବସଭା ଛାଡ଼ି ବିଦାୟ ନେବାକୁ ପଡୁଛି । ଉଦ୍‌ଘାଟକ ହୋଇଥିବାର ଅବଦାନ ସ୍ୱରୂପ ମୁଁ ଏଇ ଦଶ ହଜାର ଟଙ୍କାର ଥଳୀଟି ସାହିତ୍ୟ ମଣ୍ଡପ ନିର୍ମାଣ ପାଇଁ ଦେଇଯାଉଛି । ମୋର ନୀଳଗିରି ପଥର ଖଣିରୁ ଯେତେ ଇଚ୍ଛା ସେତେ ପଥର ଆଣି ବ୍ୟବହାର କରିପାରନ୍ତି, ମଣ୍ଡପ ପାଇଁ, ନିଜ ଘର ପାଇଁ ମଧ୍ୟ ।" ନାରୀ ଭିଆଇପି କିଛି ହସ କିଛି ଲାଜ ନେଇ ମୋରି ଦସ୍ତଖତ ଥିବା ମାନପତ୍ର, ପୁଷ୍ପଗୁଚ୍ଛ ଏବଂ ସ୍ଥାନୀୟ ମାର୍କେଟର ଖଦଡ଼ ଚାଦରଟିଏ କୃତୀ ଶ୍ରେଷ୍ଠ ଲେଖକଙ୍କୁ ଅର୍ପଣ କଲେ । କେମେରାର ଖୁଟ୍‌ଖାଟ୍ ଶବ୍ଦ ହେଲା । ସହଯାତ୍ରୀ ବନ୍ଧୁଟିଙ୍କୁ ଅନେକ ଟାଇମ୍ ଲାଗିଲା କାହାକୁ ନମସ୍କାର କରିବେ । ଭିଆଇପି ଦୁହେଁ ଚାଲିଯିବା ପରେ ସେ ଖଣ୍ଡେ ଦୂର ଯାଇ ତାଙ୍କୁ ଶେଷ ନମସ୍କାର କରି ଫେରିଲେ ।

Digitized by srujanika@gmail.com

ସେ ଦୁହେଁ ଚାଲିଯାନ୍ତେ ଆରମ୍ଭ ହେଲା କବିତା ପାଠୋତ୍ସବ, ପୁଣି ମୋରି ସଭାପତିତ୍ୱରେ । ସେମାନେ ମୋତେ କେଉଁଠି ଦେଖିଥିବେ ପାଠୋତ୍ସବ ପରିଚାଳନା କରିବାର । ବୋଧହୁଏ ଚଣ୍ଡୀଖୋଲରେ, ସମସ୍ତେ ଯୁବ ଲେଖକ । ଜଣେ ପଢ଼ିବାକୁ ଯିବା ପୂର୍ବରୁ କହିଲେ ମୋର କବିତାର ନାଆଁ ଏବଂ ଦୋଅକ୍ଷରି ଶବ୍ଦଟିଏ ପାଟି କରି ଉଚ୍ଚାରଣ କଲେ । ମୁଁ ଅନୁମତି ନ ଦିଅନ୍ତେ ସମସ୍ତେ ସମସ୍ୱରରେ ମୋ ଉପରେ ଦୋଅକ୍ଷରି ପ୍ରୟୋଗ କଲେ ଏବଂ ମାଡ଼ରୁ ରକ୍ଷା ପାଇବା ପାଇଁ ଗୋଟାଏ ବଳଦଗାଡ଼ି ତଳେ ଲୁଚି ରହି ଲଜ୍ଜା ଅପମାନ ଉଭୟରୁ ରକ୍ଷା ପାଇଲି । ସେଇଦିନରୁ ମୁଁ କବିତା ପାଠୋତ୍ସବକୁ ଭାରି ଡ଼ରେ । ଦେଖିଲି ସମ୍ମୁଖରେ ଅତି କମ୍‌ରେ ଦୁଇଶହ କବିତା ପାଠକ ଉପସ୍ଥିତ ଓ ଉଦ୍‌ଗ୍ରୀବ । ଦେଖିଲି ପୁରସ୍କୃତ ଔପନ୍ୟାସିକଟି ଏପଟ ସେପଟ ହେଉଛନ୍ତି, ଯା' ତା ସାଙ୍ଗରେ ଫୁସ୍‌ଫାସ୍ କଥାବାର୍ତ୍ତା ମଧ ହେଉଛନ୍ତି, ଏ ମାନପତ୍ର ବା ସାର୍ଟିଫିକେଟ୍‌କୁ ଯା'କୁ ତାକୁ ଆଙ୍ଗୁଳି ଦେଇ କଣ ଦେଖାଉଛନ୍ତି ।

ସଭାପତି ରୂପେ ପ୍ରାରମ୍ଭିକ ମନ୍ତବ୍ୟ ବା ସୂଚନାରେ କହିଲି, "ଦେଖନ୍ତୁ, କବିତା ଏବେ ସମସ୍ତେ ଲେଖୁଛନ୍ତି, କିନ୍ତୁ କେହି ସେସବୁ ପଢୁନାହାନ୍ତି ବା ବୁଝୁନାହାନ୍ତି । ତେଣୁ ମୁଁ ପ୍ରସ୍ତାବ ଦେଉଛି ପଠିତ ହେବାକୁ ଆସିଥିବା ଦୁଇଶହରୁ ଅଧିକ କବିତା ପଢ଼ାହେଲା ବୋଲି ଧରିନିଆଯାଉ ଏବଂ ପାଠାଗାରରେ ରଖି ଦିଆଯାଉ ଗନ୍ଧକର୍ପୂର ଦେଇ ଏକବିଂଶ ଶତାବ୍ଦୀ ପାଇଁ ଏବଂ ସମସ୍ତଙ୍କ ନାଆଁ ପଠାଇ ଦିଆଯାଉ ପତ୍ରପତ୍ରିକାକୁ ପ୍ରକାଶ ପାଇଁ ।" ବାଘୁଆ ମହୁଫେଣାରେ ବା ଭୀମ ବିରୁଡ଼ି ବସାରେ ପୋକମାନଙ୍କୁ ଜାଳିଦେଲେ ରଣରଣ ଶବ୍ଦ ଖଣ୍ଡେଦୂର ଶୁଭେ, ସିମିତି ଗୋଟାଏ ଅଶୁଭସୂଚକ ଶବ୍ଦ ମୁଁ ଦର୍ଶକମଣ୍ଡଳୀରୁ ଆସୁଥିବାର ଶୁଣିଲି ।

ଚାହୁଁ ଚାହୁଁ ସଦ୍ୟ ଅଭିନନ୍ଦନ, ମାନପତ୍ରପ୍ରାପ୍ତ ଲେଖକଙ୍କ ନେତୃତ୍ୱରେ ପଣେ କି ଦି'ପଣ କବି ମୋ ଆଡ଼କୁ ହଇହଲ୍ଲା କରି ମାଡ଼ିଆସିଲେ । ଗର୍ଜନ କରି ହୁଙ୍କାରି କହିଲେ, ତଳକୁ ଆସନ୍ତୁ, ସଭାପତିପଣିଆ ଛଡ଼େଇ ଦେଉଛୁଁ ଆପଣଙ୍କର ।" ଜଣେ ଟାଣୁଆ ବଳୁଆ ସାହିତ୍ୟିକ ଚୁପକରି ମୋ ଡ଼ାହାଣ ହାତ ବୁଢ଼ା ଆଙ୍ଗୁଠିକି ଧରି ପକାଇ କହିଲେ, "ଆପଣ ଏ ମାନପତ୍ରରୁ ଇଂରାଜୀ ଦସ୍ତଖତ କାଟି ଓଡ଼ିଆରେ ଦସ୍ତଖତ କରିବେ କି ନାହିଁ ? ଆପଣ କୁଆଡ଼େ ଇଂରାଜୀରେ ଦସ୍ତଖତ୍ କରନ୍ତି, ଓଡ଼ିଆରେ କାହିଁ କେବେ ଦସ୍ତଖତ କରନ୍ତି ନାହିଁ । ଇଂରାଜୀ କାଟି ଓଡ଼ିଆରେ ଦସ୍ତଖତ କରିବେ କି ନାହିଁ ? ଇଂରାଜୀ କେଉଁ କାଳରୁ ଉଠିଯାଇ କୋର୍ଟ କଚେରୀରେ ମାତୃଭାଷା ପ୍ରଚଳନ ହେଲାଣି, ଆପଣ କଣ ମଦ ପିଇ ଶୋଇଥିଲେ ?" ମୁଁ ବିରକ୍ତ ହୋଇ କହିଲି, "ଆଙ୍ଗୁଳି ଛାଡ଼ନ୍ତୁ, ମୁଁ କଦାପି କାଟିବି ନାହିଁ, ଅସୁନ୍ଦର ଦିଶିବ । ପ୍ରାଣଗଲେ ବି କାଟିବି ନାହିଁ କି ଓଡ଼ିଆରେ ଦସ୍ତଖତ କରିବି ନାହିଁ ।"

Digitized by srujanika@gmail.com

କଣ ହେଲା କେଜାଣି ମୋତେ ଜଣାଗଲା ଯିମିତି ଡ଼ାହାଣ ହାତ ବୁଢ଼ା ଆଙ୍ଗୁଳିଟା ଠକ୍‌କରି ଭାଙ୍ଗିଗଲା । ଚିତ୍କାର କରି ପରବର୍ତ୍ତୀ ବସ୍ ଧରିବାକୁ ଛିଡ଼ା ହୋଇଥାଏ ଏବଂ ଦୂରରୁ 'ଇଂରାଜୀ', 'ଓଡ଼ିଆ', 'ଇଂରାଜୀ', 'ଓଡ଼ିଆ' ଧ୍ୱନି ଭିତରୁ ଖସିଆସି ସହଯାତ୍ରୀ ବନ୍ଧୁପ୍ରବର ପହୁଞ୍ଚିଥିଲେ । ମୁଁ ବନ୍ଧା ହୋଇନଥିବା ବୁଢ଼ା ଆଙ୍ଗୁଠିଟିକୁ ମୁଠେଇ ଛିଡ଼ା ହୋଇଥାଏ । ଧସ୍ତାଧସ୍ତିରେ ବନ୍ଧୁଟି ତାଙ୍କ 'ସତ୍ୟମେବ' ବହି, ନୀଳଝଣ୍ଡା, ଏପରିକି ମୂଲ୍ୟବାନ ଥଳି ହରାଇ କନା ନଥିବା ଛତାବେଷ୍ଟରେ ଭରାଦେଇ ଧକେଇ ହେଉଥାନ୍ତି, ଇଂରାଜୀ-ଓଡ଼ିଆ, ହିନ୍ଦୀ-ଓଡ଼ିଆ ସବୁ ଏକାକାର ।

# ଜନ୍ମଦିନ

ମୋତେ ଯଦି କେହି ପଚାରିବ, "ଆପଣ ବାପା ମାଆଙ୍କ ଜନ୍ମଦିନ (ଏପିରିକି ମୃତ୍ୟୁଦିନ) କେବେ କହିପାରିବେ ?" ମୋର ଉତ୍ତର ହେବ, "ବାପା ମାଆଙ୍କ ଜନ୍ମଦିନ କଣ ମୋର ନିଜ ଜନ୍ମଦିନ ବି କହିପାରିବି ନାହିଁ, କିନ୍ତୁ ସମ୍ରାଟ ପଞ୍ଚମ ଜର୍ଜ କେବେ ଭାରତକୁ ଆସିଥିଲେ ବା କେବେ ମଲେ କହିଦେବି ।"

ସତ କହିଲେ ଜନ୍ମଦିନ ମୋର ମନେ ନାହିଁ, କେବଳ ସାର୍ଟିଫିକେଟମାନଙ୍କରେ ବା ସରକାରୀ ସର୍ଭିସ୍ ବହିରେ ଲିପିବଦ୍ଧ ହୋଇଥିବା ଜନ୍ମ ତାରିଖଟି କହିପାରେ । ସତରବର୍ଷ ଏକମାସ ଏଗାରଦିନ ମୁଁ ମେଟ୍ରିକ୍ ପାସ୍ କରିଥିଲି । ଏଥିରୁ ଜନ୍ମଦିନ କଷି ବାହାର କରିବାକୁ ପଡ଼ିବ । ରେଭେନ୍ସା କଲେଜରେ ଏଡ଼ମିସନ୍ ନେବା ଦିନଠୁ ବୟସ ବା ଜନ୍ମ ତାରିଖ ଅବସର ଗ୍ରହଣ ପର୍ଯ୍ୟନ୍ତ ଜାଣିବାର କେବେ ଚେଷ୍ଟା କରିନାହିଁ । ଫେବୃଆରୀ ପନ୍ଦର ଉଣେଇଶ ପନ୍ଦର ଏଇଟି ମୁଖସ୍ଥ ରଖିଛି । ତା ମଧ ସରକାର ଅବସର ଦେଲା ବେଳେ ଫେବୃଆରୀ ଏକ ତାରିଖ କରିଦେଲା ।

ଆମ ଅମଳରେ ଜନ୍ମଦିନ ପାଳନ ପ୍ରାୟ ହେଉନଥିଲା । ପିଲାଟିଏ ଜନ୍ମ ହେଲେ ନଅ ଦିନ ପାଳନ କରାଯାଉଥିଲା ଲୁଗାପଟା କଚାଇ ବା ହାଣ୍ଡିକୁଣ୍ଡି ବଦଳାଇ । ଏଇଟା ହେଲା ମାଆ ବିପଦମୁକ୍ତ ବୋଲି ଜାଣିବାର ଦିନ । ଏକୋଇଶିଆରେ ତିନି ପଇସିଆ ତ୍ରିନାଥ ମେଳା ହୁଏ ବା ସତ୍ୟନାରାୟଣ ପୂଜା ହୁଏ ଯଦି ଫେଣାଏ ଅଧେ ବା କାନ୍ଦିଏ କଦଳୀ ମିଳେ । ଏକୋଇଶିଆର ତାତ୍ପର୍ଯ୍ୟ ପିଲା ବିପଦମୁକ୍ତ । ପିଲାର ସେଇଦିନ ନାଆଁ ଦିଆଯାଏ, ଠାକୁର ଆଗରେ ଶୁଆଇ ଦେଇ ।

---

ଜଗ. ଡ଼ିସେମ୍ବର, ୧୯୮୩ ।

Digitized by srujanika@gmail.com

ଜନ୍ମଦିନ କଥା ଉଠିଲେ ମୋର ମନେପଡ଼େ ବାପା ମାଆଙ୍କ କଥାବାର୍ତ୍ତା । ମାଆ କହେ ଆଷାଢ଼ ମାସ ଗୁରୁବାର ମୀନ ଲଗ୍ନରେ ମମୋର ଜନ୍ମ । ବାପା ସନ ତେରଶ ... ଏମିତି କଣ କହନ୍ତି । ମୋର ଜନ୍ମ ଜାତକ ତିଆରି ହୋଇଥିଲା ଏବଂ କୁଟୁମ୍ବଙ୍କ କୋଷ୍ଠୀ ସହିତ ମୋର କୋଷ୍ଠୀ ମଧ ଲାଲି ଶାଲୁ କନାରେ ବନ୍ଧାହୋଇ ପେଡ଼ି ଭିତରେ ଥିଲା । ମେଣ୍ଟାଏ ଥିଲା, ଏବେ ଗୋଟିଏ ଅଛି । ସେଇଟି ମୋର । କେହି ମରିଗଲେ କୋଷ୍ଠୀଟା ବୋଧହୁଏ ପାଣିରେ ପକାଇ ଦିଆଯାଏ । ମଝିରେ ମଝିରେ ମୁଁ କୌତୂହଳରେ ସେଇଟାକୁ ଦେଖେ । କିନ୍ତୁ ଅକ୍ଷର ପଢ଼ିବା ମୋ ଦେଇହୁଏ ନାହିଁ । କାରଣ ସେ ଅକ୍ଷର ସବୁ ଓଡ଼ିଆ ଲିପି ବର୍ତ୍ତୁଳ ଅବସ୍ଥା ଲାଭର ପୂର୍ବ ଲେଖା । ଅକ୍ଷର ବହୁ କଷ୍ଟରେ ପଢ଼ିଲେ ମଧ ସନ ତେରଶ କୋଡ଼ିଏ ସାଲ ମିଥୁନ ମାସ ବୃହସ୍ପତି ବସ୍ର ଅର୍ଥ ତର୍ଜମା କରିପାରେନି । ତେଣୁ କୋଷ୍ଠୀ ବନ୍ଧାହୋଇ ବାକ୍ସରେ ଥୁଆ ହୋଇଥାଏ ମୋ ଆଠପୁଅ ଝିଅର କୋଷ୍ଠୀପତ୍ର ସହିତ । ପୁଅ ଝିଅ ବାହା ହୋଇଯିବା ପରେ ଯେଝା ଭାଗ୍ୟ ତାଳପତ୍ରରେ ଧରି ମୋ ଘରୁ ଚାଲି ଯାଇଛନ୍ତି । ସ୍ତ୍ରୀ, ଛୋଟ ପିଲାଟି ନାହିଁ, ତିନି ପାଞ୍ଚିରୁ କଟି ଯାଇଛନ୍ତି ।

ଜାତକ ମୁଁ କେବେ ଦେଖିବାର ଅଭିପ୍ରାୟ ରଖିନି । ପ୍ରଥମ କାରଣ ମୋର ବିଶ୍ୱାସ ନାହିଁ ଜାତକ ଉପରେ, କାରଣ ଯେ, ମୋ ଛୁଆଙ୍କ ଜାତକ କରିଥିଲା, ତାକୁ ତା' ପୁଅ ଓ ସ୍ତ୍ରୀ ମିଶି କୁରାଢ଼ିରେ ହାଣି ଦେଇଥିଲେ । ଯେବେ ସେ ଏତେବଡ଼ ଗଣକ ତେବେ ସେ ନିଜ ମୃତ୍ୟୁ ଦିନଟାକୁ ଜାଣି ସାବଧାନ୍ ନ ହେଲା କାହିଁକି ? ଦ୍ୱିତୀୟତଃ ଜୀବନରେ ଦୁଇଥର ଶନି ମହାଗ୍ରହ ଯଥା (ଗୋଟିଏ ଯଶା ଚବିଶ ବର୍ଷ ରହେ) ଭୋଗିଲିଣି, ଆଉ ଗୋଟିଏ ଯଶ ଜାତକରୁ ବାହାରି ପଡ଼ିଲେ ତାକୁ ଭୋଗିବାକୁ ଜୀବନ କାହିଁ ? ବୟସ ଜାଣିବାର ଅର୍ଥହୀନତା ବା ଅନାବଶ୍ୟକତା ଯୋଗୁଁ ଜାତକ ସାଇତି ସମ୍ଭାଳି ରଖାଯାଏ, ଯେମିତି ନ ଫାଟେ । ଫାଟିଲେ ଅଶୁଭ, ମୃତ୍ୟୁ ସନ୍ନିକଟରେ ସୂଚନା ଲକ୍ଷଣ ।

ଅସଲ କଥା ହେଲା ମୁଁ ଇଚ୍ଛାକରି ବୟସ ଜାଣିବାର ଚେଷ୍ଟା କରେନି । କଲେଜ ଦିନର ପଢ଼ା କଥାଟି ମୋ ମନକୁ ଖୁବ୍ ପାଇଛି । Not to keep time for life is to live for ever. ସମୟର ହିସାବ ନ ରଖିଲେ ମଣିଷ ଅମର ହେବ, କେବେ ବାହାଘର ହୋଇଥିଲା- ଏମିତି କଥା ପ୍ରତି ଧ୍ୟାନ ନଦେଲେ ମଣିଷ ଦେବତାଙ୍କ ପରି ଅର୍ବୁଦ ବର୍ଷ ବଞ୍ଚିବ । ସାର୍ଟିଫିକେଟ୍ ବୟସରୁ ମୁଁ ଜାଣିଛି ମୋର ବୟସ ସତୁରି ଆଡ଼କୁ ଯାଉଛି । ପିଲାମାନେ କେବେ ଯେମିତି କୋଷ୍ଠୀ ବାହାର ନ କରନ୍ତି ସେଥିପାଇଁ ଆଠଜଣ ପୁଅ ଝିଅଙ୍କ ଜନ୍ମ ତାରିଖ ଜାନୁଆରୀ ପହିଲାରେ ରେଜେଷ୍ଟ୍ରୀରେ ଲେଖେଇଛି । ଦିନେ ଦିନେ ସେମାନେ ପଚାରନ୍ତି, "ବାପା ! ଆମର ସମସ୍ତଙ୍କ ଜନ୍ମ ଜାନୁୟାରୀ ପହିଲାରେ, ଏପାଖ ସେପାଖ ନାହିଁ । ଏମିତି କିମିତି ସମ୍ଭବ ହେଲା ?" ମୁଁ ଉତ୍ତର ଦିଏ, "ଏମିତି ବି ହୁଏ ।"

Digitized by srujanika@gmail.com

ଅବସର ଗ୍ରହଣ ପରେ ପୁଣି ଏକ କଲେଜରେ ଚାକିରୀ କଲି । ସେମାନେ ମୋ ରୂପ ଚେହେରା ଦେଖି ଷାଠିଏ ବୋଲି ଧରିନେଇ, ଦୁଇବର୍ଷ ପାଇଁ ନିଯୁକ୍ତି ଦେଲେ ।

କୋଷ୍ଠୀ ଜାତକ ଦେଖାହୋଇ ନଥାନ୍ତା ଜୀବନରେ । ଦିନେ ଖବରକାଗଜରୁ ଜାଣିଲି ରାଷ୍ଟ୍ରପତିଙ୍କ ଜନ୍ମଦିନ ପାଳନ ହେଉଛି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଆହୁରି ଆହୁରି କେତେ କେତେ ଲୋକଙ୍କ ଜନ୍ମଦିନ ଉତ୍ସବ ହେଉଛି । ନନ୍ଦୋତ୍ସବ ପରି । ଭୋଜି ଭାତ ହେଉଛି, ଫଟୋ ବାହାରୁଛି, ବିଶିଷ୍ଟ ପୁରୁଷ ସ୍ତ୍ରୀ ସକାଳରୁ ସଞ୍ଜଯାକେ ଧାଡ଼ି ଧାଡ଼ି ଫୁଲତୋଡ଼ା ଉପାୟନ ହାତରେ ନେଇ ଶୁଭେଚ୍ଛା ଜଣେଇବାକୁ ଚାଲିଛନ୍ତି । ବାପାମାଆ ଜନ୍ମୋତ୍ସବ ପାଳନ କରିବା କଥା । ମୋ ବାପାମାଆ ବଞ୍ଚିଥିଲା ବେଳେ କେବେ ମୋ ଜନ୍ମଦିନ ପାଳି ନାହାନ୍ତି । ପାଳିଥିଲେ ଜନ୍ମ ତିଥି ଜାଣିବା ପାଇଁ ମୁଁ ଏତେ ହଟହଟା ଭୋଗି ନଥାନ୍ତି । 'ବଡ଼ ବଡ଼ ଲୋକେ ମର୍ତ୍ତ୍ୟମଣ୍ଡଳେ ଜନ୍ମିଛନ୍ତି, ମୁଁ କଣ ଜନ୍ମି ନାହିଁ କାହା ପେଟରୁ ? ମୋର କାହିଁକି ଜନ୍ମଦିନ ପାଳନ ନ ହେବ ?' ତେବେ ସମସ୍ୟା ହେଲା କିଏ ପାଳିବ ? ପୁଅ ଝିଅ ମୋର ବାପାମାଆଙ୍କ ବଦଳରେ ଭଲା ପାଳନ କରନ୍ତେ ! ତେବେ ସେମାନେ କେହି ପାଖରେ ନାହାଁନ୍ତି; ଥିଲେ ବି କେଉଁଦିନଟି ମୋର ଜନ୍ମଦିନ ସେ କଥା ତାଙ୍କୁ ଜାଣିବାକୁ ଚାନ୍ସ ଦେଇନାହିଁ । ଜାତକ ତ ବାକ୍ସରେ । ସେମାନେ ଜାଣନ୍ତି ନାହିଁ ହୁଏତ ହାତପହୁଞ୍ଚରେ ସେ ମୂଲ୍ୟବାନ ଚିଜଟି ଅଛି । ହେଲା, କେହି ନକରନ୍ତୁ । ବନ୍ଧୁ ସାହିତ୍ୟିକଙ୍କୁ ଭେଟି ମୋର ଉଭଟ ଚିନ୍ତା ପ୍ରକାଶ କଲି, କିଛି ପଇସାପତ୍ର ସେଥିପାଇଁ ଦେବି ବୋଲି ମଧ କହିଲି । ଉଦ୍ଦେଶ୍ୟ ହେଲା ନାଆଁ କାଗଜରେ ବାହାରିବ, ମୁଁ ବଞ୍ଚିଛି ବୋଲି ଲୋକେ ଜାଣିବେ । ସେମାନେ ବା କାହିଁକି ଏ ହେଙ୍ଗାମକୁ ଯାଇ ବଦ୍‌ନାମ ନେବେ ? ଯଦିବା ପାଳନ କରାଯିବ ତେବେ ଜନ୍ମଦିନ ଉତ୍ସବକୁ ଆସିବ କିଏ ? ମୁଁ ତ କେବେ କାହା ପୁଅଝିଅଙ୍କ ଏକୋଇଶିଆ, ଜନ୍ମଦିନକୁ ଯାଇନି । କାରଣ ଖରଚ ଅଛି । ଆମ ସମାଜରେ ଇଏ ଏକ ପ୍ରକାର ଛୋଟକାଟର ଯୌତୁକ ପ୍ରଥା । ନିମନ୍ତ୍ରଣ କଲା ବେଳେ ଲୋକେ ଆଶା କରିଥାନ୍ତି ଖାଦ୍ୟପାନୀୟ ଖର୍ଚ୍ଚ ବାବଦ ଯତ୍‌କିଞ୍ଚିତ ଫେରିବା ତଥାପି ଜନ୍ମଦିନ ପାଳନର ଖିଆଲ ମୋତେ ଜାବୁଡ଼ି ଧଇଲା । ଅତଏବ୍ ବାକ୍ସ ଖୋଲି ଶୁଭାରମ୍ଭ କଲି । ଶାଲୁକନା ଭିତରର ୧୩୨୦ ସାଲର ଜନ୍ମ ପତ୍ରିକାଟି ବାହାର କଲି, କେଉଁଦିନ କେଉଁ ମୁହୂର୍ତ୍ତରେ ଜନ୍ମ ସଠିକ୍ ଜାଣିବା ପାଇଁ । ସେବେ ବାପାମାଆ କାହିଁକି କେଜାଣି ବୟସ କମେଇ ଚାଟଶାଳୀ ପାଠଶାଳାରେ ନାଁ ଲେଖାଇଥିଲେ ।

ପୁଣି ସେଇ ୧୩୨୦ ସାଲ । ସସ୍ତି ଶ୍ରୀ ମୟୂରାଣ୍ଡୋଭବ ମୟୁରଭଞ୍ଜାଧୀଶ ପୂର୍ଣ୍ଣଚନ୍ଦ୍ର ଭଞ୍ଜ ପ୍ରହରାଜାଙ୍କ ଦୁତୀୟ ଅଙ୍କ ... ଚାଲିଲି ପୁରୁଣା ବଜାର ଗଣକ ସାହି ଆଡ଼କୁ । ଚାରି କିଲୋମିଟର ରାସ୍ତା । ପହୁଞ୍ଚି ଜାଣିଲି ଡ଼ିମାଣ୍ଡ ଅଭାବରେ ଜ୍ୟୋତିଷୀ ଗଣକ ସାହିର ବୁଢ଼ା ସବୁ ଅକାଳରେ ମରିଗଲେଣି । ଜଣେ କହିଲା, "ମୁଁ ସେ କାମ ଜାଣେ, ହେଲେ ଶହେ ବର୍ଷର ପାଞ୍ଜି ମୋ ଠି ନାହିଁ, ହାଇସ୍କୁଲର ଶଙ୍କରନନ୍ଦ ସଂସ୍କୃତ ପଣ୍ଡିତ

Digitized by srujanika@gmail.com

ପାଖକୁ ଯାଆନ୍ତୁ । ତାଙ୍କ ବାପାଙ୍କର ପାଞ୍ଜିସବୁ ସେ ସାଇତିଛନ୍ତି ।" ଗଲି, ସେ ଯାଇଥିଲେ ଟିଉସନ୍‌କୁ, ଜଣେ ନାମଜାଦା ଡ଼ାକ୍ତରଙ୍କ ଘରକୁ । ଦୈବକୁ ଡ଼ାକ୍ତରବାବୁ ମୋର ଫେମିଲି ଡ଼କ୍ଟର । ସେମ୍ପରର କାମ ଶେଷକରି ଡ଼ାକ୍ତର ଅନ୍ୟ ଏକ ଘରକୁ ଯାଇଥିଲେ । ଡ଼ାକ୍ତରଙ୍କ ପତ୍ନୀଙ୍କୁ ଜାତକଟି ଦେଇ ଫେରିଲି । ଦେଖିଲି ଡ଼ାକ୍ତରଙ୍କ ସ୍ତ୍ରୀ ସାଇତି ସମ୍ଭାଳି ଲାଲିଶାଲୁରେ ଥିବା ମୂଲ୍ୟବାନ ଚିଜଟି ଯତନରେ ତାଙ୍କ ବାକ୍ସରେ ରଖିଲେ ।

ପ୍ରାୟ ସପ୍ତାହକ ପରେ ଡ଼ାକ୍ତରବାବୁ ନିଜେ ଆଣି ଜାତକଟି ସହିତ ପଣ୍ଡିତ ମହାଶୟଙ୍କ ଟିପ୍ପଣୀ ଦେଇଗଲେ । ଲେଖାଥିଲା ସନ ୧୩୨୦, ଶକାବ୍ଦ ୧୮୩୫, ଇଂରାଜୀ ୧୯୧୩, ଜୁନ୍ ଛବିଶ ।

ଦଶପନ୍ଦର ମିନିଟ୍ ଭିତରେ ପୁଅଝିଅମାନଙ୍କ ପାଖକୁ ବିଶୁଦ୍ଧ ଜନ୍ମ ତାରିଖର ସମ୍ବାଦ ଚାଲିଗଲା । ସେମାନେ ଜଣେ ଜଣେ ପ୍ରତିବର୍ଷ ତାଙ୍କ ମାଆଙ୍କ ତିଥି ଦିବସ ପାଳୁଛନ୍ତି । ବାପାଙ୍କ ଜନ୍ମଦିନ କାହିଁକି ନମାନିବେ ? ଭାବିଲି ସାହିତ୍ୟିକ ଦୁନିଆକୁ ଜଣାଇଦେବି ଏକ ବଡ଼ କାଗଜ ବିଜ୍ଞାପନ ଜରିଆରେ । ନା, ନା, ବହୁତ ଖର୍ଚ୍ଚ ପଡ଼ିବ, ଯେମିତି ସରକାର ମ୍ୟୁନିସିପାଲଟିମାନେ ହଜାର ହଜାର ଟଙ୍କା ଖର୍ଚ୍ଚକରି ପୃଷ୍ଠାକୁ ପୃଷ୍ଠା ବିଜ୍ଞାପନ ଦେଉଛନ୍ତି, ଯାହାଫଳରେ ବୃଥା ଯଥେଚ୍ଛା ଖର୍ଚ୍ଚ ଟେକ୍ସଦାତାଙ୍କ ଉପରେ ପଡୁଛି । ନାଆଁକୁ ଦାମ ବଳିପଡ଼ିବ । କେତେଜଣ ସାମ୍ବାଦିକଙ୍କୁ ଉତ୍ସବକୁ ଡ଼ାକିଲି । ଦି' କିସମର ସାମ୍ବାଦିକଙ୍କୁ । କାମଳ ଓ ବିମଳ । କାମଳ ସାମ୍ବାଦିକରୁ ଅନେକ ବନ୍ଧୁ, ତାଙ୍କୁ ନ ଡ଼ାକି ବିମଳଙ୍କୁ ଡ଼ାକିବି । ନିଜେ ଚାରିପାଞ୍ଚଜଣଙ୍କ ଦ୍ୱାରସ୍ଥ ହୋଇ ମୋ ଆଇଡ଼ିଆ ସେମାନଙ୍କୁ ଦେଲି । କେଡ଼େ ବନ୍ଧୁଭାବାପନ୍ନ ସେମାନେ ! ସାଂଗେ ସାଂଗେ ସ୍ୱୀକୃତି ଓ ସହଯୋଗର ପ୍ରତିଶ୍ରୁତି ।

ଜନ୍ମଦିନ ଆସିଲା, ମନ୍ଦିରରେ ଶଙ୍ଖ, ଘଣ୍ଟା ଆରତିର ଧ୍ୱନି ସହିତ । ମୁଁ ନିଜେ ଆନନ୍ଦାତିଶଯ୍ୟାରେ ଘଣ୍ଟା ପିଟିଲି । ବଡ଼ପୁଅ କେବେ ଦିନେ ଦେଇଥିବା ଧୋତି, ସାନପୁଅ ଦେଇଥିବା ଗେଞ୍ଜି, ମଝିଆ ଦେଇଥିବା ଶାର୍ଟ ଏବଂ ଚତୁର୍ଥ ଦେଇଥିବା ଅର୍ନ୍ତବାସ ପିନ୍ଧି, ନୂଆ ପଇତା କାନ୍ଧରେ ପକାଇ କାନ୍ଥ ଆଲମାରିର ଟିଣପଟା ଫ୍ରେମ୍‌ରେ ଆବଦ୍ଧ ତିନି ଠାକୁରଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରି ଦୀର୍ଘାୟୁ ମାଗିଲି ।

ସଞ୍ଜବେଳକୁ ଆସିଲେ ଆଠ ଦଶଜଣ ସାମ୍ବାଦିକ ବନ୍ଧୁ । ସେ ଭିତରୁ ଜଣେ କବିତାଟିଏ ନେଇ ଆସିଥିଲେ । ପ୍ରଥମଧାଡ଼ି ହେଲା - "ମଧୁର ବାସରେ ମଧୁର ହାସରେ ନାଚେ ହୃଦୟ ଆବେଶେ" "ମଧୁର ବାସରେ ବସନ୍ତ କୁମାର"- ଆଦି । ଆଉଜଣେ ବାଟରୁ ଦୁଇଚାରି କିସମର କ୍ରୋଟନ୍ ଡ଼ାଳକୁ କାହା ବାଡ଼ିରୁ ଭାଙ୍ଗି ତୋଡ଼ାକରି ଆଣିଥିଲେ । ତାକୁ ଗୋଟାଏ ଟବ୍‌ରେ ପୋତି ଦେଇଥିଲେ ଯେ, ଏବେ ସବୁ ବଞ୍ଚିଯାଇ କେତେ ସୁନ୍ଦର ନ ଦିଶୁଛି ! ଯିଏ ଯାହା ଉପହାର ଦେବା ପାଇଁ ଆଣିଥିଲେ ଦରଦାମ୍ ସେ ସବୁର କଷିଲେ ଶୂନ୍ୟ ଫଳ ବାହାରିବ । ମୁଁ ତାଙ୍କୁ ଦେଲି ଘରତିଆରି କାକରା,

Digitized by srujanika@gmail.com

ପୋଡ଼ପିଠା, ସରୁଚକୁଳି, ଖିରି ଯାହାକୁ ଯେତେ । ଖୁବ୍ ହୋହଲ୍ଲା ହେଲା । ଜଣେ ଅଧେ Happy birth day to you' ପାଟିକରି ଗାଇଲେ । ମୋ କୁକୁରକୁ କୁଣ୍ଢାଇ ନାଚିଲେ ମଧ୍ୟ । ଏତେ ଜୋର୍ ଅଟ୍ଟହାସ୍ୟ ଯେ ପାଖ ପଡ଼ିଶା ଶଙ୍କିଗଲେ, ଆସିଲେ ନାହିଁ, ସେମାନଙ୍କ ମୁହଁରେ କେବେ ହସ ଫୁଟେ ନାହିଁ । ଏତେ ହିଂସା ଯେ, ମୁଁ ମରିବାର ଶୁଣିଥିଲେ ଆଗ୍ରହରେ ଧାଇଁ ଆସିଥିଲେ ମୁର୍ଦ୍ଦାରକୁ ଶୁଭେଚ୍ଛା ଦେବା ପାଇଁ । ପାଣି ସମ୍ଭାଳ ପାଇଁ ମଧ୍ୟ । ପରିଦିନ ମୋ ନାଁରେ କେତେ କଣ ଲେଖା ବାହାରିଲା, ସେମାନଙ୍କ ପରିଚାଳିତ ପ୍ରକାଶିତ ପତ୍ର ପତ୍ରିକାରେ । ମୋତେ ବିଦୂପକରି କଥାବାର୍ତ୍ତା କରୁଥିବା ଦି'ଜଣଙ୍କ ଭାଷଣ ଶୁଣିଲି । ମହାପାତ୍ରେ କହୁଥାନ୍ତି ମାହାନ୍ତିକି, "ହଇହେ ରମଣବାବୁ, ତୁମର କେବେ ଜନ୍ମଦିନ ପଡୁଛି ?" ମାହାନ୍ତି ଉତ୍ତର ଦେଉଥାନ୍ତି, "ଅଲାଜୁକ କିଏ ଅଛି ତୁମଠୁ ବଳି ? ପଞ୍ଚାଶି ବର୍ଷର ବୁଢ଼ା - (ମୋ ବାପାମାଆ ଯିମିତି ତାଙ୍କ ପାଖରେ ମୋ ଜାତକ ରଖି ଯାଇଥିଲେ!) ଟା ପାଗଳ ହୋଇ କଣ କରୁଛି ? ୟାର ମରଣ ପାଖ ହୋଇଆସିଲା ।" ସେମାନେ କେହି ବଧାଇ ଦେଲେନାହିଁ, ସେଥିରେ କଣ ପଇସା ପଡ଼ିଥାନ୍ତା । ମୁଁ କଣ କାହାକୁ ଦୁଆର ମୁହଁରେ ବସାଇ ରଖିଥିଲେ ସୁନା ଚେନ, ମୁଦି ସଂଗ୍ରହ କରିବା ପାଇଁ ମଲା ବୟସରେ ?

ପରଦିନ ଯେଉଁମାନେ ମୋର ପଞ୍ଚସ୍ତରି ବର୍ଷରେ ପଦାର୍ପଣ କରିବାର ଶୁଣିଲେ ସେମାନେ ଶୋକ ଗଦଗଦ ସ୍ୱରରେ କହିଲେ, "ହଁ, ବୁଢ଼ାଏ ଏ ଯାକେ ବଞ୍ଚିଛି, ୟାର ମରଣ ନାହିଁ । ବୁଢ଼ୀ ମରିଯାଇ ତାର ସବୁ ବଳକା ବୟସ ୟାକୁ ଦେଇଯାଇଛି । ଯୁଗେ ହେଲା ବଞ୍ଚିଲାଣି, ଫେର୍ ଚାକିରୀ କରୁଛି, କେଡ଼େ ଲୋଭୀ! ବୁଢ଼ା ହେଲେ ଏମିତି ଲୋଭୀ ହୁଅନ୍ତି ମଣିଷଗୁଡ଼ା ।"

ପରଦିନ ଜନ୍ମଦିନର ଯାବତୀୟ ଘଟଣା ଓ ସମ୍ବାଦ କହିଗଲି, ଅଧ୍ୟାପକବର୍ଗ ଓ ଜଣେ ଦି'ଜଣ ଗଭର୍ଣ୍ଣିଂ ବଡ଼ିର ସଦସ୍ୟଙ୍କ ସାମନାରେ । ଆଗ୍ରହର ସହିତ ସବୁ ଶୁଣିଲେ ସମସ୍ତେ । ପ୍ରତ୍ୟେକର କିଛି ନା କିଛି ଅଭାବ ଅସୁବିଧା ଥିବାରୁ ଉତ୍ସବରେ ଯୋଗଦେଇନପାରି ଦୁଃଖ ପ୍ରକାଶ କଲେ ।

ରାତିରେ ବିରୋଧୀଦଳ ବୈଠକରେ ବସି ମୋରି ପଞ୍ଚସ୍ତରିତମ ଜନ୍ମଦିନ ବିଷୟ ଜୋରସୋର ଆଲୋଚନା କଲେ ବୋଲି ଶୁଣିଲି, ଏପରିକି ପରିଚାଳନା ସମିତିର ଏକ ଜରୁରୀ ନୈଶ ବୈଠକ ହୋଇଥିଲା ।

ମୋର ଯେଉଁଦିନ ପଞ୍ଚସ୍ତରି ବର୍ଷର ଦ୍ୱିତୀୟ ଦିନ ଚାଲିଲା ସେଇ ଦିନ ସମିତିର ଏକ ପୂର୍ଣ୍ଣାଙ୍ଗ ବୈଠକରେ ମୋତେ ଡ଼କାଯାଇ କୁହାଗଲା ... ଦେଖନ୍ତୁ ସାର୍ ! ଆପଣ ଆମକୁ କହିଥିଲେ ଆପଣଙ୍କ ବୟସ ଷାଠିଏ ବାଷଠି ହେବ । କିନ୍ତୁ ଆପଣ ପଞ୍ଚସ୍ତରି ବର୍ଷରେ ଦିନେ ତଳେ ପଦାର୍ପଣ କଲେ ବୋଲି ପତ୍ରପତ୍ରିକାରେ ବାହାରିଛି । ଆପଣଙ୍କୁ

Digitized by srujanika@gmail.com

ଆଉ ରଖିହେବନାହିଁ । ସରକାର invalid ବୋଲି କହିବ । ଇସ୍ତଫା ପତ୍ର ଦାଖଲ କରନ୍ତୁ ।

ସନ୍ନିପାତ ହେଲେ ଯେମିତି ଥର୍ମୋମିଟରରେ ଉତ୍ତାପ ହଠାତ୍ ଖସି ଖସି ଆସେ ମୋର ବୟସର ସେମିତି ହେଲା । 'ରକ୍ତ ଥଣ୍ଡା ହୋଇଯାଉଛି' ପରି ଲାଗିଲା । ସଂଗେ ସଂଗେ ପଞ୍ଚସ୍ତରି ବର୍ଷର ଲକ୍ଷଣ ପ୍ରକଟିତ ହେଲା ସର୍ବାଙ୍ଗରେ । ଚୂଳ ପୂରା ଧଳା ହୋଇଗଲା ମୁଣ୍ଡରେ । ହାତ ଗୋଡ଼ରେ ଚୂଳ ମଧ ପାକିଗଲା । ବାର୍ଦ୍ଧକ୍ୟର ପୂରା ଲକ୍ଷଣ ଦେଖାଗଲା । ଅଙ୍ଗ ଗଳିତ, ମୁଣ୍ଡ ପଳିତ, ତୁଣ୍ଡ ଦମନବିହୀନ, କରିଧୃତ ଦଣ୍ଡ କମ୍ପିତ । ଅଙ୍ଗପ୍ରତ୍ୟଙ୍ଗ ଏକାବେଳେକ ଶିଥିଳ । ମୃତ୍ୟୁ ଦ୍ୱାର ଦେଶରେ ।

ନିଜକୁ ଧିକ୍କାର କଲି କାହିଁକି ଜନ୍ମଦିନ ଖୋଜୁଥିଲି ଜାତକରୁ! ଯଦି ବା ଜନ୍ମଦିନ ଜାଣିଲି, ତାକୁ ପ୍ରକାଶ କଲି କାହିଁକି ? ଆୟୁ ବା ବୟସ ଗୋପନ ନକଲି କାହିଁକି ଯାହା ବାପାମାଆ କରିଥିଲେ । ଯାହା ସାମ୍ବାଦିକଙ୍କ ଗହଣରେ ପାଳନ କଲି, ତାହା ମୋର ଜନ୍ମଦିନ ନା ମୃତ୍ୟୁଦିନ !

# ଅନୁଧାନକାରୀ

ବାହାରି ପଡ଼ିଲି । କିଛି ଅନୁସନ୍ଧାନରେ ନୁହେଁ, ଟି.ଏ., ଡ଼ି.ଏ. ଉପାର୍ଜନରେ ନୁହେଁ, ଦେଶ ଉଦ୍ଧାର ପାଇଁ ନୁହେଁ, ଖାଲି ଏମିତି, ବୁଲାବୁଲି କରିବା ପାଇଁ, ହୁଏତ ସୂର୍ଯ୍ୟାସ୍ତ ଶୋଭା ଦେଖିବା ପାଇଁ, ଶେଷ ହେମନ୍ତର ଧାନକ୍ଷେତର ମଥାନୁଆଁ ହରିତ ହରିଦ୍ରାଭ ପଶାପାଲିଆ ଶୋଭାରୁ ଖାଣ୍ଟି ଆନନ୍ଦ ପାଇବା ପାଇଁ । ସତ କହିଲେ ଖାଦ୍ୟ ହଜମ କରିବା ପାଇଁ ।

ଏମିତି ପ୍ରତିଦିନ ବାହାରିବି ବୋଲି ଆଜିଠାରୁ ସଂକଳ୍ପ କରିଛି ଏବଂ ଅତିକମ୍‌ରେ ତିନି ତିନି ଛଅ କିଲୋମିଟର ଯାଆସ କରିବି ବୋଲି ସ୍ଥିର କରିଛି । ରିଟାୟାର୍ଡ଼ ଲାଇଫ୍ ପାଇଁ ଏ ବ୍ୟବସ୍ଥା ଡ଼ାକ୍ତର ମହାନ୍ତି ବିନା ମୂଲ୍ୟରେ ବିତରଣ କରିଛନ୍ତି । ଡ଼ାକ୍ତରଟି ଆମ ଫେମିଲି ଡ଼ାକ୍ତର । ଭାରି ନିର୍ଲୋଭ । ବିନା ପଇସାରେ ଆମକୁ ହୋମିଓପାଥି, ଏଲୋପାଥି ଏପରିକି ନେଚାରୋପାଥି ପ୍ରେସ୍‌କିପ୍‌ସନ ଦେଇଥାନ୍ତି । ସାଇନ୍‌ବୋର୍ଡ଼ରେ ଏଚ୍.ଏମ୍.ଡି. ଲେଖା ହୋଇଛି, କୌଣସି ଅନୁଷ୍ଠାନରେ ସେ ପଢ଼ିନାହାନ୍ତି । ପାଞ୍ଚଶ କି ହଜାରେ କାହାକୁ ଦେଇ ବା ଧରାଧରି କରି ଏ ଡ଼ିଗ୍ରୀ ସେ ପାଇଛନ୍ତି । ଗରିବଙ୍କ ପାଇଁ ହୋମିଓ । ଅନ୍ୟମାନଙ୍କ ପାଇଁ ଏଲୋପାଥିକ ଇଞ୍ଜେକସନ୍ । ବୁଲେଟ୍ ଗାଡ଼ିରେ ଯା ଆସ ।

Digitized by srujanika@gmail.com

ବାରମ୍ବାର ସକାଳ ସନ୍ଧ୍ୟା ତାଙ୍କୁ ଉତ୍ୟକ୍ତ କଲାରୁ ଦିନେ ସେ ବିରକ୍ତ ହୋଇ କହିଲେ "ଆପଣଙ୍କୁ ଅଗ୍ନିମାନ୍ଦ୍ୟ ଧରିଛି, ଆୟୁର୍ବେଦିକ ତ୍ରିଫଳା ପାଣି ସକାଳେ ପିଅନ୍ତୁ । ବୁଢ଼ାହେଲେ ଖାଇବା ଲୋଭ ଯେତିକି ବଢ଼େ ହଜମ ଶକ୍ତି ସେତିକି କମେ । ଖାଇସାରିଲେ ନିଦ ମାଡ଼େ । ଦି'ପହରିଆ ନିଦଟି ମାରାତ୍ମକ । ସବୁଠାରୁ କମ୍ ଖର୍ଚ୍ଚ, ସର୍ବରୋଗହାରକ ଜଗିଂ । ଖବରକାଗଜରୁ ପଢ଼ିଥିବେ ଗୋଟାଏ ଅଠଷଠୀ ବର୍ଷର ବୁଢ଼ା କାଶ୍ମୀରରୁ କନ୍ୟାକୁମାରୀଯାକେ ଡ଼େଇଁ, ଡ଼େଇଁ ଧାଇଁ ଧାଇଁ ଯାଇଥିଲା । ଆପଣ ଜଗିଂ କରନ୍ତୁ । କହିଲି "ଡ଼ାକ୍ତରବାବୁ, ଖବରକାଗଜରୁ ସେ ବୁଢ଼ା କଥା ପଢିଛି । ସେ ମଲା କି ବଞ୍ଚିଛି ତା ପଢ଼ିନାହିଁ, ଗାଁ ଗଣ୍ଡା ହୋଇଥିଲେ ଆପଣଙ୍କ କଥା ମାନି ମାଲକଛା ମାରି ନାଚିକୁଦି ଦିନରାତି ବୁଲୁଥାନ୍ତି । କିନ୍ତୁ ସହର ବଜାର ବିଚ୍ ଦାଣ୍ଡରେ ଦିନ ଦିପହରରେ ଲୋକଲଜ୍ଜା ବୋଲି କଥାଟାଏ ଅଛି । ପାଗଳ ବୋଲି ଲୋକେ କୁକୁର ଘଡ଼େଇ ଗୋଡ଼ାଇବେ ଯେ । ହେଲା, ଆପଣଙ୍କ କଥା ମାନି ସହର ତଳି ରାସ୍ତାରେ ସଞ୍ଜବେଳିଆ ପାଞ୍ଚଛଅ କିଲୋମିଟର ଧାଁଧପଡ଼ କରିବି ଆଜିଠାରୁ ।"

କିନ୍ତୁ ଘରେ ନ ପଶୁଣୁ ମୁଣ୍ଡରେ ଚାଳ । ବେଳାଏ ଡ଼େରି ଶୋଇପଡ଼ିଲି । ରବିବାରିଆ ଲାଞ୍ଚ, ଗରିଷ୍ଠ ହୋଇଗଲା । ପିଲାଝିଲା ନାତିନାତୁଣୀଙ୍କ ଛୁଟିଦିନ । ଶୋଇଉଠିବା ବେଳକୁ ପ୍ରାୟ ପାଞ୍ଚଟା । ତରବର ହୋଇ ବାହାରିପଡ଼ିଲି । ତେଣେ ଚା' ପ୍ରସ୍ତୁତ ହେଉଥାଏ । ଫେରିଲା ବେଳକୁ ଥଣ୍ଡା ପଡ଼ିବାକୁ ଆରମ୍ଭ କରିବ । ଅଗ୍ନିମାନ୍ଦ୍ୟ ଭଲ କରିବାକୁ ଯାଇ ଶର୍ଦ୍ଦି, କଫ, କାଶ ଡ଼ାକି ଆଣିବାକୁ ପଡ଼ିବ । ଖୋଲା ଇଲାକା, ଉତ୍ତରା ସୁଲୁସୁଲିଆ ହାଓ୍ୱା । ଧାନକ୍ଷେତରେ ଥଣ୍ଡାଳିଆ ପରିବେଶ । ଉଷୁମ ପେଣ୍ଟ, ଉଷୁମ ମୋଜା, ଗରମ କୋଟ, ଗରମ ନେପାଳୀ କେପ୍ ଉପରେ ମାଫଲାର । ଦୁଇ ପିଶ୍ କେକ୍ ଏବଂ ପରେ ଚା'ଶେଷ କରି ବାହାରି ପଡ଼ିଲି । ଟର୍ଚ୍ଚଧରି ବାଁ ପଟର ଆଇନାକୁ ଚାହିଁ ଦେଲି, ପର୍ବତାରୋହୀ ତେନସିଂ ଚେହେରାକୁ ।

ଦୋତାଲାକୁ କୋଡ଼ିଏ ପାହାଚ ତଳକୁ ଯାଇଛିକି ନାହିଁ ତଳି ପେଟରୁ ବ୍ରହ୍ମରନ୍ଧ୍ର ଭେଦକରି ଉଠିଲା ଏକ ହାକୁଟି । ଷ୍ଟେରିଓରୁ ଯିମିତି ବିଭିନ୍ନ ସଂଗୀତ ବାଦ୍ୟସ୍ୱର ଅଲଗା ଅଲଗା ହୋଇ ବାହାରେ ସିମିତି ବିଭିନ୍ନ ଖାଦ୍ୟର ଯଥା ପିଆଜ, ଧନିଆପତ୍ର, କାକୁଡ଼ି, ପାମ୍ପଡ଼, ଚିକେନ୍, ଏପରିକି ଆଇସ୍‌କ୍ରିମ୍‌ର ମହକ/ ଦୁର୍ଗନ୍ଧ ଏତେ ଜୋର ବାହାରିଲା ଯେ, ଦୁଇଗଜ ଦୂରରେ ଛିଡ଼ା ହୋଇଥିବା ଲୋକ ସହଜରେ ବାରିପାରିବ ମୁଁ କଣ କଣ ଖାଇଛି । ବିଲକୁଲ୍ ହଜମ ହୋଇନାହିଁ । ମଲା ପର୍ଯ୍ୟନ୍ତ ଜଗିଂ କଲେ ମଧ ଜରି ନପାରେ ।

ସହରର ପ୍ରଧାନ ରାସ୍ତାଟି ବଙ୍କେଇ ହୋଇ ଯେଉଁଠି ତଳି ଅଞ୍ଚଳକୁ ଯାଇଛି ସେଇଠି ଆଖିପଡ଼ିଲା ଏକ ବିରାଟ କନାର ତୋରଣ ଉପରେ । ବିଭିନ୍ନ ରଙ୍ଗର କନାରେ ବାଉଁଶକୁ ଢ଼ାଙ୍କି ଦିଆଯାଇ ଲେଖାହୋଇଛି ମାତୃଭାଷାରେ 'ସ୍ୱାଗତମ୍' 'ସ୍ୱାଗତମ୍'

Digitized by srujanika@gmail.com

ଯାହାକୁ ହିନ୍ଦୀବାଲା ପଢ଼ି ପାରିବେନାହିଁ । ଫାଟକକୁ ଲାଗି ଛିଡ଼ା ହୋଇଥାନ୍ତି ଫୁଲମାଳ ହାତରେ କେତେଜଣ କର୍ମୀ, ଯେଉଁମାନଙ୍କୁ ହୋଟେଲବାଲା, ସୁରାସଙ୍ଗମର ମାଲିକ ଭଡ଼ାରେ ଆଣିଚି ଏବଂ ଶଙ୍ଖ ହୁଳହୁଳି ପକାଇବା ପାଇଁ ବାରଜଣ ନାରୀ । ଏମାନଙ୍କ ସମସ୍ତଙ୍କ ବଡ଼ ବଡ଼ କୋଠାବାଡ଼ି ଅଛି । ଚାଷ କରନ୍ତି ନାହିଁ, ମୁଡ଼ି ବିକନ୍ତି ନାହିଁ । ତାଙ୍କ କାମ କେବେ କିଏ ଭି.ଆଇ.ପି. ଆସୁଛନ୍ତି ଖବର ରଖିବା, ଖାଦ୍ୟପେୟର ଆୟୋଜନ କରିବା, ସମ୍ବର୍ଦ୍ଧନା ଜଣାଇବା ଏବଂ କୋଠାବାଡ଼ି ତୋଳିବା ।

ଦଳପତିଙ୍କୁ ପଚାରିଲି - "ଆଜି ପୁଣି କିଏ ଆସୁଛନ୍ତି କି ?"

ମୁଖସ୍ଥ ପାଠ ଉଚ୍ଚାରଣ କଲାପରି ଉତ୍ତର ଦେଲେ "ଅନୁଧାନକାରୀ ଦଳ, ଏକାବେଳେ ଉପରୁ ହାଇକମାଣ୍ଡରୁ ଆସୁଛନ୍ତି । ଖବରକାଗଜ ପଢ଼ନ୍ତି ନାହିଁ ଆପଣ ? ଏଇଥିପାଇଁ ଦେଶର ଏତେ ଅଧୋଗତି !"

ସାହସ ବାନ୍ଧି ପଚାରିଲି "ସେ ଦିନ ପରା ଦଳେ ଅନୁଧାନକାରୀ ଆସିଥିଲେ, ପୁଣି ଏମାନେ କଣ ଅନୁଧାନ କରିବେ ?"

ବିରକ୍ତି ସହିତ ଉତ୍ତର ଦେଲେ ସେମାନେ, "ଏଥର ଯେଉଁ ଦଳ ଆସୁଛନ୍ତି ସେମାନେ ଶୁଖା ଦଳ, ଶୁଖା ଅନୁଧାନ ପାଇଁ, ଗତ ଥର ଯେଉଁମାନେ ଆସିଥିଲେ ସେମାନେ 'ଓଦା' ଦଳ ବନ୍ୟା ପରିସ୍ଥିତି ପାଇଁ, ଏଥର ପରିସ୍ଥିତି ପାଇଁ ।" ଓଦା ଓ ଶୁଖା ଦଳ ଭିନ୍ନ ଉଦ୍ଦେଶ୍ୟ ନେଇ ଆସିଲେ ବି ଏକା ଲୋକ ସେମାନେ । ଯିଏ 'ଓଦା' ଜାଣେ ବିପରୀତରେ ସେ 'ଶୁଖା' କଥା କହିପାରେ ।

ଡ଼ରିମରି ପଚାରିଲି, "ଆସୁଛନ୍ତି ନା ଫେରୁଛନ୍ତି ?"

"ଯାହା କଲେ ମଧ ଏଇ ରାସ୍ତା ଦେଇଯିବେ । ଆମେ ଘାଟ ଜଗିଛୁ ।"

ଚାହୁଁ ଚାହୁଁ ଦିନବେଳେ ମଧ ନାଲି ଆଲୁଅ ଦପ୍ ଦାପ୍ କରି ପାଇଲଟ୍ ଗାଡ଼ି ଆଗକୁ ଅତିକ୍ରମ କରିଗଲା । ପରେ ପରେ କଣ୍ଟେସା ଗାଡ଼ିରେ ଉପରବାଲା, ଟୋପିବାଲା, ପରେ ପରେ ଏମ୍ବାସାଡ଼ାରରେ ଜିଲ୍ଲାମାଲିକ, ଜିପ୍‌ରେ ଅନ୍ୟମାନେ ସାଏଁ ସାଏଁ କରି ପାର ହୋଇଗଲେ । ଶଙ୍ଖ ହୁଳିହୁଳି ସେମାନଙ୍କୁ ଶୁଭିଲା କି ନାହିଁ କେଜାଣି । କେତେଜଣ ହୋଟେଲ ବୟ ଜିନ୍ଦାବନ୍ଦ କରୁ କରୁ ମରୁଡ଼ି ଜିନ୍ଦାବାଦ୍, ବନ୍ୟା ପରିସ୍ଥିତି ଜିନ୍ଦାବାଦ୍ ଚିତ୍କାର ମଧ କଲେ । ଅନୁଧାନ ପାଲା ଏତିକିରେ ଶେଷ । ହୋଟେଲବାଲା ଏଣ୍ଡ କୋ ମୋତେ ବୁଝାଇଲେ "ଏମାନେ ଆସିଲେ ମାନେ ପଚାଶ ଷାଠିଏ କୋଟି । ଖବରକାଗଜ ବାଲାଏ ଯେତେ ଯେତେ ଖବର ଆଉ ଛବି ମାସ ମାସ ଧରି ଛାପନ୍ତି ତାର ତ ଫେର ମୂଲ୍ୟ ଅଛି । ଲୋକେ ପାଇବେ ତ ? ହୁଏତ କିଏ କହିବ, ଲୋକେ ନ ପାଇଲେ ରାଜ୍ୟକୁ ତ ଆସିବ, ରାଜ୍ୟକୁ ଆସିଲେ ରାଜ୍ୟର ଲୋକେ ନାନା ଭାବରେ ଉପକୃତ ହେବେନି ?"

Digitized by srujanika@gmail.com

ମୋର ଅଗ୍ନିମାନ୍ଦ୍ୟ ସମସ୍ୟା ଏବଂ ଶରତ ଡ଼ାକ୍ତରଙ୍କ ଜଗିଂ ପରାମର୍ଶ ମୋତେ ପୁଣି ଜାବୁଡ଼ି ଧରିଲା । ଆଗେଇଲି, ଅଧ କିଲୋମିଟର ପରେ ସହର ତଳି ଇଲାକା ସରିଲା । ସୂର୍ଯ୍ୟ ପାହାଡ଼ ଉପରେ ବସିଛନ୍ତି । କାବ୍ୟିକ ଦୃଶ୍ୟ । କାଶତଣ୍ଡି ଫୁଲ । ଦିଗ୍‌ବଳୟବ୍ୟାପୀ ଘାସ । ଧାନଗଛ ନ ଥାଇପାରେ, କିନ୍ତୁ ସବୁଜିମାର ଅଭାବ ନାହିଁ । ଗୋରୁ ଛେଳି ଚଢ଼େଇଟା ହେମନ୍ତ ଶୋଭାକୁ ବଢ଼ାଉଛନ୍ତି । କେରାଏ କେରାଏ ଏଠି ସେଠି ଧାନ ଶୀଷା ମନେପକାଇ ଦେଉଛି, ଏଇଠି ଧାନଚାଷ ହୋଇଥିଲା ଦିନେ ମଣିଷଙ୍କ ପାଇଁ ଖାଦ୍ୟ ନ ମିଳିଲେ ବି ପଶୁମାନଙ୍କ ପାଇଁ କିଛି ଅଛି । ଏରୋପ୍ଲେନ୍ ବା ହେଲିକେପ୍ଟରରୁ ଅନୁଧ୍ୟାନ କଲେ ବଢ଼ିଆ ଦୃଶ୍ୟ ଦେଖି ହୁଅନ୍ତା ଏ ଅଞ୍ଚଳରେ ।

ମୁଁ ତ ଟୁରିଷ୍ଟ ନୁହେଁ, ହୋଟେଲ ବାଲା ଏଣ୍ଡକୋଙ୍କୁ ଛାଡ଼ି ହଜମ ପ୍ରକ୍ରିୟା ଜୋରଦାର କରିବାକୁ ଜଗିଂ କରି ପାଞ୍ଚନମ୍ବର ଜାତୀୟ ରାଜପଥ ଆଡ଼କୁ ଚାଲିଲି । ପ୍ରାୟ କିଲୋମିଟର ରାସ୍ତା ଅତିକ୍ରମ କରି ମଧ ଯଥାପୂର୍ବଂ ତଥା ପରଂ ଅବସ୍ଥା ପେଟର । ଦେଖିଲି ସାମ୍‌ନାରୁ ତିରିଶ ଚାଳିଶ ପୁରୁଷ ସ୍ତ୍ରୀ ହାଣ୍ଡିକୁଣ୍ଡି, ପେଡ଼ିପେଟରା, ସପ-ପଟିଆ ଧରି ଆସୁଛନ୍ତି । ଆମ ମାଳ ଅଞ୍ଚଳର ଲୋକ । ପଚାରିଲି ବୁଢ଼ା ଜଣକୁ, "କିରେ ବୁଢ଼ାଭାଇ ! କୁଆଡ଼େ ଯାଉଛ ?" "ଆରେ କୁଆଡ଼େ ? ତୁହୁର ଏଇ ନାମାଜକେ ଆସିଛୁ । ଆହ୍ମର ଚାଷ ଗେଲା ବାସ୍ ବି ଗେଲା । ଯାଡ଼େ ଆସିଛୁଁ ବିଲ କାମକୁ, "ବଛା କୁଛା ଗୁଆ କାମ ନାହିଁ ତ ଧାନକଟା ଯାହା ମିଳିବ । ନଈ ଫାଳେ ଖାଇଲା ତ ମରୁଡ଼ି ଆର ଫାଙ୍କ ଖାଇଗଲେ । ଭଗବାନ୍ ଯୁଆଡ଼େ ନବ ସେଇ ଆଡ଼କୁ ମଣିଷ ଯିବ ନା ଆର୍ କୁଆଡ଼େ ! ଗରିବର ଆଉ କିଏ ସାହା ? ଉପରୁ ଯାହା ବା ମିଳୁଛି ତାକୁ ସବ୍ ତୁମର ଘାଟୁଆ ବାଟୁଆ, ସହରୀବଜାରୀ ପାଉଛନ୍ । ଆମର ବେଳକେ ସରିଗେଲା, ଆର ଥରକେ ।" ପ୍ରଶେସନ୍ କରି ସଡ଼କର ପାଦଚଲା ରାସ୍ତାରେ ଧାଡ଼ିକରି ଚାଲିଛନ୍ତି ସେମାନେ । ଦାଆ କୋଡ଼ି ସାଂଗକୁ ବଇଁଶୀ କେନ୍ଦରା, ମକର ବେଳକୁ ଫେରିବେ ରୋଜଗାର ଟଙ୍କାରେ ଟିଣ ସୁଟ୍‌କେଶ୍ ପ୍ଲାଷ୍ଟିକ୍ ଝୁଡ଼ି ଧରି । ଯାଙ୍କର ନା ଭୂତ, ନା ଭବିଷ୍ୟତ ନା ବର୍ତ୍ତମାନ । "ଜୟ ହେଉ ପରାତ୍ପରଙ୍କର ତାଙ୍କ ସୃଷ୍ଟି ରଥଚକ୍ର ତଳେ ପିଷ୍ଟ ହେଉ ଦରିଦ୍ର ଜନତା ।"

ଯେଉଁ ଉଦ୍ଦେଶ୍ୟରେ ବାହାରିଛି ତହିଁରୁ କିଛିମାତ୍ର ଅଦ୍ୟାପି ପୂରଣ ହୋଇନାହିଁ । ଜଗିଂ ସତ୍ତ୍ୱେ ଅସ୍ୱସ୍ତି ଭାବ ଦୂର ହୋଇନାହିଁ ବରଂ ବଢ଼ିଚାଲିଛି । ଗତ ବର୍ଷ ଏ ସମୟରେ ପକ୍ୱଶସ୍ୟ କ୍ଷେତ୍ରରେ ଯେଉଁ ହରିତାୟମାନ ଶୋଭା ଓ ମାଧୁରୀ ନିରୀକ୍ଷଣ କରିଥିଲି ଏଥର ତା'ର ଲେଶ ମାତ୍ର ନାହିଁ । ଗୋରୁ ଗୋଠ ଚରିଯାଇଛନ୍ତି ଏବଂ ଧାନକଟା ପରେ କ୍ଷେତର ଯେଉଁ ଶୋଭା ତାହାହିଁ ରାସ୍ତାର ଦୁଇ କଡ଼ରେ ଦେଖୁଛି । ମନେ ମନେ ହସିଲି । ମୁଁ କଣ ଅନୁଧ୍ୟାନକାରୀ ପାଲଟି ଗଲିଣି । କ୍ଷତି କ'ଣ ? ସେମାନଙ୍କର ଅନୁଧ୍ୟାନ

Digitized by srujanika@gmail.com

ପାଇଁ ଗାଡ଼ି ଅଛି, ମୋର କ'ଣ ଗୋଡ଼ ନାହିଁ ? ମୁଁ କ'ଣ ଚାଷୀପୁଅ ନୁହେଁ ? ଗାଁରେ ଭାଇ ଭାଗ ପରେ ଦି'ଏକର ଜମି ଅଛି । ସଞ୍ଚବଖରା ଅଛି ।

ପନ୍ଦର କୋଡ଼ିଏ ମିନିଟ୍ ପରେ ଯେଉଁଠି ରାସ୍ତା ପାଞ୍ଚ ନମ୍ବର ଜାତୀୟ ରାଜପଥକୁ ଧରିଛି ସେଇଠି ସୂର୍ଯ୍ୟାସ୍ତ ହେଲା ଧୀରେ ଧୀରେ ବଣଗିରି ଖାଲରୁ ଛାଇ ଅନ୍ଧାର ମାଡ଼ି ଆସିଲା । ଫେରିବି ବୋଲି ସ୍ଥିର କଲି ସେଇଠୁ, ଜହ୍ନ ବି ଉଠିଲା ପଛପଟୁ । ଦେଖିଲି ଗୋଲେଇ ଛକରେ ଚାରିଟା ତୋରଣ । 'ସତ୍ୟମେବ ଜୟତେ' ତୋରଣ ।' 'ମା କଶ୍ଚିତ୍ ଦୁଃଖଭାକ୍ ଭବେତ୍ ତୋରଣ, ସର୍ବେ ଭଦ୍ରାଣୀ ପଶ୍ୟନ୍ତୁ, ଓଁ ଶାନ୍ତି ଶାନ୍ତି ତୋରଣ । ଅନୁଧ୍ୟାନକାରୀ ଦଳକୁ ସମ୍ବର୍ଦ୍ଧନା ଦେବା ପାଇଁ ଫେରନ୍ତା ବାଟକୁ ଗୁଡ଼ାଏ ଜଗିଛନ୍ତି । ତୁହା ଦେବେ "ଅନୁଧ୍ୟାନ ଜିନ୍ଦାବାଦ୍", "ମଗୁଡ଼ି ଜିନ୍ଦାବାଦ୍ ।" ଜିନ୍ଦାବାଦ୍ ଅର୍ଥ ତାଙ୍କୁ ଜଣାନାହିଁ ହୁଏତ ।

ଏଗୁଡ଼ାକ ପଛରେ ଗୋଡ଼ାଇ କିଛି ଲାଭ ନାହିଁ । ଫେରିଲି । ଗଲାବେଳେ ନଜର କରିଛି ବିଲ ଧଳା ଦିଶୁଛି ଖତ ଗୋବର ସାର ନାହିଁ । ହିଡ଼ରେ ମାଟି ନାହିଁ କିଆରୀ ଅସମତଳ । ବିଲରେ ପାଣି ରହୁନାହିଁ । କେରାଣ୍ଡି, ଧାନଫୁଲ, କଙ୍କଡ଼ା, ତୋଡ଼ିମାଛ, ବେଙ୍ଗ କିଛି ବିଲରୁ ବାହାରୁ ନାହାନ୍ତି । ଇଏସବୁ ଫଟା ଭୂଇଁ, ପୋଡ଼ା ଭୂଇଁ, ଟାଉଟରୀ ଚାଷ, ବାଲୁଙ୍ଗା ଚାଷ । ଜିନ୍ଦାବାଦ୍ ।

ଝାମ୍ପୁରା ଗଛ ବଣବୁଦା ଭିତରେ ଛୋଟ ମନ୍ଦିରଟିରେ ମା' ବାଟ ମଙ୍ଗଳାଙ୍କ ଆସ୍ଥାନ । ଏବେ ସେଠି ଇଲେକ୍ଟ୍ରି ଆଲୁଅ ଜଳେ । ସେଠି ପହୁଞ୍ଚି ଭିତରକୁ ଯିବି କି ନ ଯିବି ଭାବୁଛି ଭେଟିଲି ଗଙ୍ଗାକୁ । ଖୁବ୍ ପତଳା ଛିଣ୍ଡାଫଟା ମସିଆ ଛିଟ ଶାଢ଼ୀ ଦିହରେ ଢ଼ଙ୍କେଇ ହେଇଛି । ମୋତେ ଦେଖିଲା ମାତ୍ରେ କହିଲା, "ବାପା, ଆଜ ଇୟଡ଼େ ? ବରଷ ଦେଢ଼ ବରଷରେ ଆଜ୍ ଦେଖା । ବାପା ଆ ମର ଘରକୁ । ପାଖରେ ଆଜି ଛାଡ଼ିବି ନାହିଁ । ଦେଖି ଆସିବୁ ଆ । ଟରଚ୍ ଅଛି, ବେଶୀ ରାତି ହବନି ଯେ, ମଶାଣିକି ଡ଼ର ମାଡ଼ିଲେ ତା'ର ବାପା ସାଂଗରେ ଯିବ ଛାଡ଼ି ଆସିବ ଗରୋ" ମୁଁ ଆପେ ଆପେ ଜଗି ବନ୍ଦ କରି ତାରି ପଛେ ପଛେ ଚାଲିଲି, ମୂଳ ରାସ୍ତାକୁ ଛାଡ଼ି, ଅଣବାଟରେ । ତା'ପରେ ବିଲବାଡ଼ି ରାସ୍ତା । ଅଣଓସାରିଆ ହିଡ଼ରେ ବେଳେବେଳେ ଖସି ପଡୁଥାଏ । ଗଙ୍ଗାର ଅସ୍ଥିଚର୍ମ, ଝୁରଝୁରି ମୁଣ୍ଡି, ଅଧାଅଧି ଚୂଳ ପାଚିଲା । ଆଣ୍ଠୁକୁ ଆଣ୍ଠୁ ବାଜୁଛି ଚାଲିଲା ବେଳେ ।

ସେ ଆଗରେ ଚାଲିଥାଏ । ମୁଁ ପଛରେ । "ବେଶୀ ଦୂର ନାହିଁ ବାପା ! ବଡ଼ ହିଡ଼ ଉପରର ସଜନା ଗଛ, ପପେୟା ଗଛ ଆମର । କହିଲା ସେ । "ଆଇୟେ, ପଧାରିଏ, ଆସନ୍ତୁ, ବସନ୍ତୁ, ଶୁଭାଗମନ କରନ୍ତୁ" ଗଙ୍ଗାର ମୁହଁରୁ ବାହାରି ପଡୁଛି ଯିମିତି । ମୋତେ ସେ ଅନୁଧ୍ୟାନକାରୀ ବୋଲି ଭାବି ନାହିଁ ତ ।

ଏଇ ଗଙ୍ଗା ଓ ତାର ବଂଶପ୍ରାଣୀ ଏକଦା ମୋର ଆଶ୍ରିତ ଥିଲେ । ଭୀମ (ତା'ର ସ୍ୱାମୀ) ପାହାଡ଼ ପର୍ବତ ଇଲାକାରୁ ଆସି ଏଇଠି ରେଲଷ୍ଟେସନ୍ ଇଲାକାର ଏକ ତଳିଆ

Digitized by srujanika@gmail.com

ଜାଗାରେ ଅନ୍ୟମାନଙ୍କ ସହିତ ଝାଟିମାଟିର ଘର ବାନ୍ଧି ରହିଥିଲା କୁକୁଡ଼ା, ମାଙ୍କଡ଼, ଛେଳି ଘୁଷୁରି ସାଂଗରେ । ସେ ଟାଣୁଥିଲା ଭଡ଼ା ରିକ୍ସା, ଗଙ୍ଗା ବାସି କାମ କରୁଥିଲା ମୋ ଘରେ, ଛୁଆପିଲାଙ୍କ ସାଂଗରେ । ଅଭାବ ଅସୁବିଧାରେ ସେମାନେ ମୋତେ ମୁରବୀ ମାନିଛନ୍ତି ଏବଂ ତାର ଦୁଇଝିଅ ବଡ଼ ହେବାଯାକେ ମୋରି ଘରର ମାଆ ସହିତ ଖଟିନୁଟି ରହିଛନ୍ତି । ମୋତେ ବାପା, ଅଜା ବୋଲି ଡ଼ାକନ୍ତି । ଗତ ବର୍ଷ ତାଙ୍କୁ ବିପତ୍ତି ପଡ଼ିଲା ତାଙ୍କ ଗାତୁଆ ଇଲାକାରେ ପାଣି ଜମିଯାଏ ଜୋର ବର୍ଷା ହେଲେ । କାନ୍ଥବାଡ଼ ପଡ଼ିଯାଏ, ଚାଳ ଦବିଯାଏ, ଖସିପଡ଼େ । ପାଣି ବାହାର କରିଦେବା ପାଇଁ ହ୍ୟୁମ୍ ପାଇପ ଦେଇ ତାରି ଉପରେ ଚଲା ରାସ୍ତା ହେଲା ସରକାରର । କିନ୍ତୁ ଦୁର୍ଭାଗ୍ୟକୁ ବର୍ଷାଦିନରେ ଦିନେ ଚବିଶ ଘଣ୍ଟାରେ ସତର ଇଞ୍ଚ ବର୍ଷା ହେଲା । ରାତି ବାରଟା ବେଳକୁ ସବୁ ନାଳ ନର୍ଦ୍ଦମାର ପାଣି ସେହି ଘୁଷୁରି ସାହିରେ ପହଞ୍ଚିଲା । ପିଲା ପିଚିକା ହାଣ୍ଡିକୁଣ୍ଡି ଧରି ଭୀମ ଓ ଗଙ୍ଗା ଆସି ଆଶ୍ରା ନେଲେ ସଡ଼କ ଆର ପାଖରେ ଏକ ଅସଂପୂର୍ଣ୍ଣ ଢ଼ଳେଇ ଛାତ ପଡ଼ିଥିବା ପକ୍କା ଘରେ । ସେମାନେ ସମସ୍ତେ ଶୋଇଲେ ଠେସଦିଆ ବାଉଁଶ ଖୁଣ୍ଟ ତଳେ, ଅନ୍ଧାର ଭିତରେ । ସାଙ୍ଗ ତିନି ଚାରିଜଣଙ୍କୁ ଧରି ଭୀମ ଦୋକାନ, ଖଣତି ଏବଂ ଢ଼ିମା ପଥର ସାହାଯ୍ୟରେ ହ୍ୟୁମ ପାଇପ୍ ଭାଙ୍ଗି ପାଣି ଖଲାସ କଲା । କିନ୍ତୁ ତା' ଘରଟି ଗୋଟାଏ ଅତିକାୟ କୁଟାଛତୁ ବା କଇଞ୍ଚ ଖୋଳପରି ପାଣି ଭିତରେ ଶୋଇଯାଇଥାଏ । ସକାଳ ପାହିଲା ବେଳକୁ ସରକାରୀ ଲୋକ ଆସି ରିଂ ଲିଡ଼ର ଭୀମ ଓ ସାଂଗମାନଙ୍କୁ ଧରି ନେଇଗଲେ ଥାନାକୁ । ଏଣେ ଗଙ୍ଗା ଓ ତା'ର ପିଲାପିଲିଙ୍କୁ ତଡ଼ି ଦେଲା ଆଶ୍ରୟ ସ୍ଥଳରୁ ଘରମାଲିକ ଅଗରୱାଲା । ନିରାଶ୍ରୟ ହୋଇ ସେମାନେ କେଉଁଆଡ଼େ ଗଲେ ମୋତେ ଜଣାନଥିଲା ।

ହିଡ଼ ଉପରେ ଟଳମଳ ହୋଇ ଯାଉଥାଏଁ ଗଙ୍ଗା ଘରଆଡ଼କୁ । ପଚାରୁଥାଏ ଦୁଃଖସୁଖ କଥା । ଅଳ୍ପଦୂର ଅଛି ଦେଖିଲି ଭୀମ କାଖରେ ଛୁଆଟାଏ ଧରି ଚାହିଁଛି ଗଙ୍ଗା ଆସିବା ବାଟକୁ । ଛୁଆର ଜୀବନ ନାହିଁ ଯେତେ, ରଡ଼ି ଛାଡୁଛି ତା'ଠୁ ବେଶୀ । ଗଙ୍ଗା ଧାଇଁ ଯାଇ ଛୁଆଟାକୁ ଧରିନେଲା ଓ ତା' ମୁଣ୍ଡରେ ଫୁଲଟିଏ ଛୁଆଇଁ ଦେଲା । ଭୀମ ମୋତେ ଦେଖିଦେଲା ମାତ୍ରେ କହିଲା "ବାପାର ଆଜି କିମିତି ମନେପଡ଼ିଲା ? ଆମକୁ ଖୋଜି ଖୋଜି କିମିତି ପାଇଲୁ ବାପା ? ଗଙ୍ଗାକୁ କେଉଁଠୁ ପାଇଲୁ ? ଆରେ ଯୁଈ, ଆରେ ଜାଈ, ଆସ ଦେଖ କିଏ ଆସିଛି ।" ମୁହୂର୍ତ୍ତକେ ସ୍ଥାନଟି କୋଳାହଳମୟ ହୋଇଗଲା । ସମ୍ବର୍ଦ୍ଧନା ସମ୍ଭାଷଣ ଏତେ ରୂପ ନେଲା । ଅଥଚ ମୁଁ ଅନୁଧାନକାରୀ ନୁହେଁ । ଅଗ୍ନିମାନ୍ଦ୍ୟର ଆରୋଗ୍ୟ ପାଇଁ ସାନ୍ଧ୍ୟଭ୍ରମଣ ବା ଜଗିଂ କରୁଛି । ଯୁଈ ଗୀତ ଗାଇଲା "ଆସିଲ ବନ୍ଧୁ ଭଲକଲ ବସିତେ ନାହିଁ ଠାଆ, ପିଢ଼ା ଖଣ୍ଡିଏ ଦେ'ନ୍ତି ଅଜା ଚେପଟା ପଥରଟା ।" ଜାଈ କହିଲା "ଅଜା ଭିତରକୁ ଆସ, ସାବଧାନ୍! ଦେଖିବ ରୁଅ ମୁଣ୍ଡରେ ଗୁଞ୍ଜିହବ । ଅଜାକୁ ଟିକିଏ ଆଉଁସି ଦବା, ଥକି ଯାଇଥିବେ ଆସ ।"

Digitized by srujanika@gmail.com

ଭିତରକୁ ଯିବାକୁ ମୋର ଭୟ ହେଲା । ମନେପଡ଼ିଲା 'କିଂଲିଅର' ନାଟକର କୁଡ଼ିଆ କଥା । ଯାହା ଭିତରେ ଭୂତଟାଏ ଲଙ୍ଗଳା ହୋଇ ବସିଥିଲା । କହିଲି "ଏଇଠି ବାହାରେ ଛିଡ଼ା ହେବି, ଏଇଠି ଦଣ୍ଡେ ସମସ୍ତଙ୍କୁ ଦେଖିବି, ରାତି ହେବ, ଆଉ ଦିନେ ଆସିବି, ଘର ତ ଦେଖିଲି । ଆଚ୍ଛା, ତୁମେସବୁ ଏଠାକୁ କେବେ ଆସିଲ ।" ଭୀମ ଆଡ଼କୁ ଚାହିଁ ପଚାରିଲି ହଁରେ ଭୀମ! ସେ ବର୍ଷ ବନ୍ୟା ବେଳେ ଯେଉଁ ଅନୁଧ୍ୟାନକାରୀ ଦଳ କଲେଜର ଆଉ ଚେୟାରମେନ୍, ଏସ୍.ଡ଼ି.ଓ. ଆସିଥିଲେ ସେମାନେ ସାହାଯ୍ୟ କିଛିଦେଲେ ନାହିଁ ଘର ତିଆରି ପାଇଁ, ଖାଦ୍ୟ ଲୁଗାପଟା ପାଇଁ ?" ଭୀମ ରାଗିଯାଇ ଶଳା ଫଳା କଣ ମୁହଁରୁ ବାହାର କରୁଥିଲା । କହିଲା "ବାପା! ଢ଼େର ଢ଼େର ମିଳିଥିଲା କୁଆଡ଼େ, ଆମ ପାଖକୁ ପହଞ୍ଚିଲେ ତା ନହେଲେ ଏ ଅପନ୍ତରା ମଶାଣିରେ ଛୁଆପିଲା ଧରି ପଡ଼ିଥାନ୍ତି ? ଆଲୁଅ ନାହିଁ, ଦୀପ ନାହିଁ, ସେଦିନ ଏଇ ସାନଟାକୁ ଶିଆଳ ନେଇ ଯାଇଥାନ୍ତା । ବଡ଼ଦୁଃଖ କଷ୍ଟ ବାପା । ଏଠି ଯଦି ଆସି କୃଷ୍ଣ ମୋହରିର ପାଖରୁ ସଞ୍ଜା ଭାଗରେ ଦୁଇତିନି ମାଣ ବଂଶପ୍ରାଣୀ ମିଶି ଚାଷ କରିନଥାନ୍ତି ତେବେ କି ହୋଇଥାନ୍ତା କେଜାଣି । ହେଲେ ଏ ବର୍ଷ ମରୁଡ଼ି ପୂରାପୂରି ମାରିଦେଲା । ଦୁଃଖୀ ନୁକକୁ ଭଗବାନ ଯିମିତି ବାଦ କରେ, ମଣିଷ ତା'ଠୁ ବେଶୀ ଦାଉ ସାଧେ ।"

ଆଶ୍ୱାସନା ଛଳରେ କହିଲି, "ଧୈର୍ଯ୍ୟଧର ଅପେକ୍ଷା କର । ଟଙ୍କା ଉପରୁ ଆସିବ ଜରୁର ମିଳିବ । ଏଇ ରାସ୍ତା ଦେଇ ଉପରବାଲାଙ୍କ ଗାଡ଼ି ଘଣ୍ଟାଏ ହେଲା ଗଲା ପରା । ସେମାନଙ୍କର କି ଆଖି ନାଇଁ ? କାହିଁ କେରାଏ ଶୀଷା ନାହିଁ, ମରୁଡ଼ି ଆଉ କିମିତି ହୁଏ ?" ଭୀମ କହିଲା, "ବାପା! ଧାନଗଛ ସେମାନେ ଦେଖିଛନ୍ତି ? ଧାନ ଗହମ ଗଛର ଫରକ କହିପାରିବେ ?"

ସଂଳାପ କରୁଣ ତଥା ତିକ୍ତ ହେବାରୁ ଗଙ୍ଗାକୁ ପଚାରିଲି "ଗଙ୍ଗା! ଏଇ ଛୋଟ ଛୁଆଟା ତୋର ନା ଝିଅର ? ଏତେ ଦୁର୍ବଳ କାହିଁକି ?" ଗଙ୍ଗା କହିଲା ମୋର ସାନଝିଅ ଭିତରେ ଅଛି, ଶୋଇଛି । ଏଇଟା ପରା ଯୁଈର । ସିଏ ବି ଦୁଃଖ କଥା । ପନ୍ଦର ବରଷରେ ସେମାନେ ମୋର ବୋଝ ଉପରେ ଲଳିତା ବିଦ୍ରା । ଜହିଲା ଯଉତୁକ ବାବଦ ସାଇକେଲ ଦେଲିନାହିଁ, ଛାଡ଼ି ଦେଲା । ଜାଇ ପାକା କାମ କରୁଥିଲା; ତା'ର ତେର ଚଉଦ; ମିସ୍ତ୍ରୀ ଟୋକା ସାଂଗରେ ଜଳେଶ୍ୱର ପଳାଇଲା । ଫେରିଆସି ଏଠି ପଶିଛି । ତା'ର ବି ପୁଅ କି ଝିଅ କ'ଣ ହବ ।" ପଚାରିଲି, "ଘର ଭିତରେ କିଏ କାଶୁଛି ?" "ସିଏ ମୋର ଶାଶୁବୁଢ଼ୀ । ଅଣ୍ଟାବାତ, କାଶକଫ, ଗୁରୁଣ୍ଡୁଛି ।" ରୋଗ ଆଉ ଘରେ ବସା ବାନ୍ଧିଛି । ଗୋଟାଏ ବୋଲି ପୁଅକୁ ଆଣ୍ଠୁଗଣ୍ଠି ଧରିଛି, ନଳୀଗୋଡ଼ ବଙ୍କା । ପଢୁଥିଲା । ଭଲକଲା, ଛାଡ଼ିଦେଲା, ବହିସିଲଟ ନାହିଁ ଟିଉସନ ଦେଇପାରିଲି ନାହିଁ । ତା' ତଳକୁ ତିନିଟା ସାନ ସାନ ଝିଅ । ବାପା, କପାଳ ଖରାପ । ଲୋକେ ଘର ପାଉଛନ୍ତି, ଜମି ପାଉଛନ୍ତି, ରିକ୍ସା ପାଇଛନ୍ତି, ଲୁଗାପଟା, କମ୍ବଳ, ଔଷଧପତ୍ର ସବୁ ପାଇଛନ୍ତି । ଭୀମ

Digitized by srujanika@gmail.com

କହିଲା, "ଆମର ଭୁଲ ନା ଆଉ କାହାରି ? ଆମେ ଗତର ଖଟାଇ ଖଟିନୁଟି ଚଳୁଛୁ ବୋଲି ହାତ ପତାଇ କାହାକୁ ମାଗୁ ନାହୁଁ । ଟାଉଟର ହେଲେ ସବୁ ପୋଲା ଶସ୍ତାରେ ମିଳିଯିବ, ଆପେ ଆପେ ଲୋକେ ଯାଚି ଦେଇଯିବେ ଘରେ । ମାଗିବୁ ଯା, ଟେକାଟେକି କରିବୁ ଯା, ସବୁ ପାଇବୁ ।"

କୁଡ଼ିଆରେ ଏତେ ଜୀବଜନ୍ତୁ ଥିବାର ଜଣାଗଲା ଯିମିତି ଘରଟା ଫାଟି ଯିବ । ଅନ୍ତତଃ ଦଶଜଣ ମଣିଷ, ଗୋଟାଏ ବଳଦ, ଗୋଟାଇ ଗାଈ, ଛେଳି ଦି'ଟା, କିଛି କୁକୁଡ଼ା, ସମସ୍ତେ ଏଇ ଘରର ବାସିନ୍ଦା, ଏକାଠି ଜାକିଜୁକି ଶୋଇ ପଡ଼ନ୍ତି । ପରସ୍ପର ଦିହରୁ ଉଷୁମ ଟାଣନ୍ତି ।

ଏଯାକେ ଯୁଇ ଓ ଜାଈ ମୋ ସାମନାକୁ ଆସିନାହାନ୍ତ । ତାକୁ ଯିମିତି ବାହାରିବାକୁ କହିଛି, ଗଙ୍ଗା କହିଲା, "ଆସରେ ଅଜା ଡ଼ାକୁଛି । ଛିଣ୍ଡା ସଅପ ଭିତରେ କନା ଦୁଇ ଟୁକୁରା ଅଛି ତାକୁ ଦିହରେ ପକାଇ ବାହାରି ଆସେ । ନାଜ କାହାକୁ, ଅଜା ପରା !" ଜହ୍ନ ଆଲୁଅ ଭୟରେ ପଦାକୁ ବାହାରିଲେ ନାହିଁ ଦୁହେଁଯାକ ଲାଜରେ । ଯୁଈ କହିଲା ଭିତରେ ଥାଇ, "ଅଜା ତୁମେ ଆଉ ଦିନେ ଆସ, ମନ ମନେଇ କଉତୁକିଆ କଥାବାର୍ତ୍ତା ହବ । ଆଜି ଟିକିଏ କାମ ଅଛି, କାଲି ପୂଜାପାଳି ଗୁରୁବାର । ଚାଉଳ ବତୁରେଇବି, ପିଠଉ ବାଟିବି । ଲକ୍ଷ୍ମୀପାଦ ଦେବି, ଧାନଶିସା ଆଙ୍କିବି ।" ଗଙ୍ଗା କହିଲା "କି କଥା କହୁଛୁଲୋ ଝିଅ, ମୁଠାଏ ଅରୁଆ ଚାଉଳ ନଥାଉ ପଛେ, ଶିଳ ଶିଳପୁଆ ନଥାଉ ପଛେ, ଝିଅ ମୋର ପିଠଉ ବାଟିବ । ଅନ୍ଧାର ଘରେ ଝୋଟି ନେଖିବ । ୟାଙ୍କ ଫୁଟାଣି କଥାରୁ କି ପାଇବ ବାପା । ଭାଗ୍ୟକୁ ଆଜି ଚତୁର୍ଦ୍ଦଶୀ କି ପୁନେଇ ନହେଲେ ନଅନୁଆଣି ଭୟରେ ଘରେ ଜାକିଜୁକି ହୋଇ ବସିଥାନ୍ତେ ।"

ଏତେ ଦୁଃଖରେ ପଡ଼ି ବି ଜାଈ କହିଲା "ବାଆ ଲୋ ! ଅଜାକୁ ସାଂଗରେ ନେଇ ଗାଁ ଭିତର ଗୁମୁଟି ଦୋକାନରୁ ଚା' ଖୁଆଇ ଆଣ ।"

ତତକ୍ଷଣେ କହିଲି "ନା ନା ଭୀମ ! ତୁ ସେମାନଙ୍କ କଥାରୁ କି ପାଇବୁ ? ମୁଁ ଆଉ ଚା ପିଉ ନାହିଁ ରିଟାୟାର କରିବା ପରେ । ଅଗ୍ନିମାନ୍ଦ୍ୟ ଧରିଛି । ବୁଲାଚଲା ଧାଁ ଧପଡ଼ ସକାଳ ସନ୍ଧ୍ୟା ଅଭ୍ୟାସ କରିବାକୁ ଡ଼ାକ୍ତର କହିଛି । ୟାଡ଼େ ମରୁଡ଼ି ଅବସ୍ଥା ଦେଖିବି ବୋଲି ଭୁଲରେ ଚାଲି ଆସିଥିଲି । ଗଙ୍ଗା ଡ଼ାକି ଆଣିଲା ଘରବାଡ଼ି ଦେଖେଇବ ବୋଲି । ଛୁଆମାନଙ୍କୁ ତ ସବୁ ଦେଖିଲି । ଆଉ କ'ଣ ? ଆଉ ଥରେ କେବେ ଆସିବି ।"

ଏତିକି ବେଳେ ପୋଲିଓ କି ଆଷ୍ଟ୍ରୁଗଣ୍ଠିରୁ ମୁକ୍ତି ଲଭିଥିବା ଭୀମର ପୁଅ ଚୁପେ ଚୁପେ ମୋ ଶୁଣିବା ଭଳି ଗଳାରେ ତା'ର ମାଆକୁ କହିଲା "ମାଲୋ ! ଅଜାକୁ ମାଗ ପଇସାପତ୍ର, ବହି ସିଲଟ କିଣିବି ।" ଆଉ ଦୁଇଟା ଛୁଆ କହିଲେ "ହଁ ହଁ ମାଗ ମୁଢ଼ି କିଣିବା ।"

Digitized by srujanika@gmail.com

ମୁଁ ସବୁ ପକେଟ୍‌ଗୁଡ଼ା ଅଣ୍ଡାଳିଲି । ଅନୁଧ୍ୟାନକାରୀ କି ପଇସା ନେଇ ଘରୁ ବାହାରେ ? ଜଗିଂ ଛାଡ଼ି ଅନୁଧ୍ୟାନ ଗବେଷଣା ଅନୁସନ୍ଧାନ କାମ ଧଇଲି କାହିଁକି ? ଏମିତିରେ ପେଟ ବେମାର ଯିବ ?

ପେଟ ଏଣେ ଫୁଲିଯାଇ ଆଙ୍ଗୁଳିରେ ବାଡ଼େଇଲେ ଢୋ ଢୋ ଶବ୍ଦ ଶୁଭିଲା, ତଳିପେଟ ଖେଞ୍ଚ୍ ଖେଞ୍ଚ୍ କରିବାକୁ ଆରମ୍ଭ କଲା । ଏ ଶୁଖା ଦେଶର ଭୋଖାଙ୍କ କଥା ଅନୁଧ୍ୟାନରେ କି ଫଳ ? କୋଡ଼ିଏ ପଏଣ୍ଟ କଣ ପଚିଶ ପଚାଶ ପଏଣ୍ଟର ତାଲିକା ଯେ କେହି କର୍ମୀ ବା କର୍ମଚାରୀ ପୋଖରୀ ହୁଡ଼ାରେ ନିର୍ଜନ ପ୍ରଦେଶର ଗୋଟିଏ କାଙ୍ଗାଳର କୁଡ଼ିଆରୁ ତିଆରି କରିଦେଇପାରିବ । ଜାତୀୟ ରାଜପଥ ପର୍ଯ୍ୟନ୍ତ ଯିବାକୁ ପଡ଼ିବନାହିଁ ।

ବ୍ଲିପ୍ ବ୍ଲିପ୍ କରି ପାଇଲଟ୍ ଗାଡ଼ି ଅନୁଧ୍ୟାନକାରୀଙ୍କୁ ସହର ଆଡ଼କୁ ଫେରାଇ ନେଇଗଲା । ମିଞ୍ଜି ମିଞ୍ଜି ଟର୍ଚ୍ଚ ଧରି ମୁଁ ବି ଅନୁଧ୍ୟାନକାରୀ ପଛେ ପଛେ ଘରକୁ ଫେରିଲି ଅଗ୍ନିମାନ୍ଦ୍ୟ ଧରି । ଭୀମ, ଗଙ୍ଗା ଓ ବଂଶପ୍ରାଣୀ ମରୁଡ଼ିକ୍ଲିଷ୍ଟ ଅଞ୍ଚଳରେ ମଶାଣି ପାଖରେ ଉପରବାଲା ଓ ମା' ମଙ୍ଗଳାଙ୍କୁ ଆଶ୍ରାକରି ରହିଲେ ଜିନ୍ଦାବାଦ୍ ଧ୍ୱନି ଦେଇ । କୁଡ଼ିଆ ଛାଡ଼ିଗଲା ବେଳେ ଗଙ୍ଗା କହିଲା, "ତୁ ବାପା ! ଆମ କଥା ବେଶୀ ଭାବିବୁ ନାହିଁ, ଆମେ ବଞ୍ଚିଛୁ, ବଞ୍ଚିଯିବୁ ବନ୍ୟା ଆସୁ ମରୁଡ଼ି ଆସୁ । ତୋର ଦିହ ଖରାପ ହୋଇଯିବ ବେଶୀ ଆମ କଥା ଭାବିବୁ ନାହିଁ ।"

# ଟି.ଭି. କ୍ଲବ୍

ଅଠାଳିଆ ଭାରି ଆଖିପତା ଦିଟା ଧୀରେ ଧୀରେ ମେଲିଲା । ଉପରକୁ ଅନାଇ ଦେଖିଲି ଡ଼ାଳେ ଉଚ୍ଚ ମଲା ଶୁଖିଲା ଶାଳଗଛଟା ଗୋଟିଏ କି ଦୁଇଟା ବଡ଼ ବଡ଼ ଓରା ଥିବା ଆକାଶକୁ ଛୁଇଁଛି । କେତେ ବାଜିଛି ବା ସକାଳ ହେବାକୁ କେତେ ଡ଼େରି ଅଛି ଜାଣିହେଲା ନାହିଁ । ହାତଗୋଡ଼ ପେଟ ପିଠି ପୂଜ ପରି ବଥା । କାହିଁକି କିମିତି ଆସି ଥଣ୍ଡା ରାତିରେ ଅରମା ଅସନା ଜାଗାରେ ଏକୁଟିଆ ବୋବେଇ ଖଟିଆରେ ପଡ଼ିଛି ଠିକଣା କରିବାକୁ ଦଣ୍ଡେ ସମୟ ଲାଗିଲା । ଆସନ୍ନ ମୃତ୍ୟୁ ନ ଜାଣି ତିନି ଚାରିଟା କୁକୁଡ଼ା ଗଞ୍ଜା ତୁହାକୁ ତୁହା କେକେରେକେ କିରବାକୁ ଜାଣିଲି ସକାଳ ଡ଼େରି ନାହିଁ ଏବଂ ମୁଁ ସହର ଉପକଣ୍ଠ ପଞ୍ଜାବୀ ଢାବା ପାଖରେ ପଡ଼ିଛି ଯେଉଁଠିକି ରାତି ଅଧରେ କାରରେ ଆମେ ପାଞ୍ଚଜଣ କ୍ଲବ୍ ମେମ୍ବର ଆସିଥିଲୁ, ବିଶ୍ରମା ନେଇଥିଲୁ, ଖାଇଥିଲୁ ଏବଂ ପିଇଥିଲୁଁ ।

ଝଙ୍କାର ୪୦ଶ ବର୍ଷ, ୪ର୍ଥ ସଂଖ୍ୟା, କର୍କଟ ୧୩୯୫, ଜୁଲାଇ ୧୯୮୮ ।

Digitized by srujanika@gmail.com

ପିଇବ ବୋଲି ପିଇବ ମଣିଷ ମରିବାଯାକେ ପିଇବ, ଛିଃ-ନିଜକୁ ଧିକ୍କାର କଲି । ଦୀଘା ବା ଚାନ୍ଦିପୁର ଯିବା ରାସ୍ତା, ଡ଼ିସେମ୍ବର ପଚିଶ, ଯୀଶୁଙ୍କ ଜନ୍ମଦିନ, ଜହ୍ନରାତି । ଏଗାରଟା ଟି.ଭି. ସୋ' ସରିଛି କି ନାହିଁ ଭାଉଜ ବେଡ଼ରୁମ୍ ଭିତରୁ ଚିତ୍କାର କଲେ 'କି ନିଶା ଟେଲିଭିଜନର ! ଚେତା ଅଛି ନା ନାହିଁ କାହାରି । କୁଆଡ଼େ ଯିବା ପରା, ଆଉ ରାତି କରନା ।' ଭାଉଜ ଆମକୁ ପଠାଇଦେଲେ, ନିଜେ ଆସିଲେ ନାହିଁ । କ୍ଲବ୍‌ର ସିଏ ଜଣେ ବିରୋଧୀ ତଥା ଅନୁପସ୍ଥିତ ସଭ୍ୟା ।

ଢ଼ାବା ମାଲିକକୁ ପଚାରିଲି 'ସେମାନେ ଚାରିଜଣ ଗଲେ କୁଆଡ଼େ' ବୁଢ଼ା ମିଶାମିଶି ଭାଷାରେ କହିଲା-ମୋତେ କିଛି ଜଣାନାହିଁ, ତେବେ ଦକ୍ଷିଣକୁ ଗଲେ । ଆପଣଙ୍କୁ ଠେଲାପେଲା କରି ଗାଡ଼ି ଭିତରେ ପୁରାଇବାକୁ ବହୁ ଚେଷ୍ଟା ଚରିତ୍ର କଲେ କିନ୍ତୁ ଆପଣଙ୍କ ଲାସଭାରି ଦିହଟା ପୁରା ମୁର୍ଦ୍ଧାର ହୋଇଯାଇଥିଲା ନିଶାରେ । ଛାଡ଼ିଦେଇ ଗଲେ ।' ଦଣ୍ଡେ ରହି ପଚାରିଲି, ଚା ନା ଲେମ୍ବୁ ପାଣି ନା ଆଉ କିଛି ?'

ନିଶା ଛାଡ଼ିବା ବେଳର ଆଳସ୍ୟ ଦୁର୍ବଳତା ମୋଡ଼ି ଭାଙ୍ଗିହେଇ ଦୂର କରିବାକୁ ଯାଉଚି ଗୋଟାଏ କାର୍ ଷ୍ଟାର୍ଟ ବନ୍ଦ ନକରି ମୋରି ପାଖରେ ଛିଡ଼ାକରି କହିଗଲା ଓ.ଆର୍.ବି. ୧୨୩୪ ନମ୍ବର କାର୍ ଅଡ଼ତିରିଶ କିଲୋମିଟର ପାଖରେ ପୋଲ ତଳକୁ ଓଲଟି ପଡ଼ିଛି । ଖୁବ୍ ମାରାତ୍ମକ ଏକ୍ସିଡ଼େଣ୍ଟ । ସମସ୍ତେ ଚିପିହୋଇ ଯାଇଛନ୍ତି, କେହି ବର୍ତ୍ତି ନଥିବେ, ଆମେ ସେ ପଟକୁ ଖବର ଦେଇଛୁ । ଆପଣ ଦୟାକରି ଟାଉନ୍ ଥାନାକୁ ଖବର ଦେଇଦେବେ ।'

ଏଥର ମୋର ପୁରା ଚେତା ଫେରିଲା । ଦାସବାବୁ, ଆମ କ୍ଲବ୍ ପ୍ରେସିଡ଼େଣ୍ଟଙ୍କ ଗାଡ଼ି ନମ୍ବର ଏଇଟି । ମୋର ଛାତିରେ ଛୁରା ବିଦ୍ଧ ହୋଇ ଗଲା ଯିମିତି । ଯଦି ସେମାନେ ମୋତେ ଟେକିଟାକି ନେଇ ପାରିଥାନ୍ତେ ତେବେ ମୃତ ତାଲିକାରେ ମୁଁ ପଶିଯାଇଥାନ୍ତି । ଜୟ ପ୍ରଭୋ ! ବଞ୍ଚିଯାଇଛି । ଆପେ ବଞ୍ଚିଲେ ବାପର ନାମ । ଚା ବା ଲେମ୍ବୁ ପାଣି ଖଟ ଖୁରାରେ ରହିଲା । ଧାଇଁଲି ବିଲବଣ ଖାତଖମା ନ ମାନି ଏକମୁହାଁ, ଭାଉଜ ଘର ମୁହାଁ । ଦି' କିଲୋମିଟର ଦୂର ଭାଉଜଙ୍କ ଦୋତାଲା ଉପରେ ପନ୍ଦର ହଜାର ଟଙ୍କା ମୂଲ୍ୟର ଏଣ୍ଟିନା ବାଳ ସୂର୍ଯ୍ୟ କିରଣରେ ଝଟକୁ ଥାଏ । ଏଇଟା ମୋର କୀର୍ତ୍ତି ବା ଅପକୀର୍ତ୍ତି । ଯାରି ତଳ ବୈଠକଖାନାରେ ଆମର ଟି.ଭି. କ୍ଲବ୍ ବସେ । ମୋର ଘରଦ୍ୱାର ନାହିଁ, ନ ତାତୋ ନ ମାତା । ଦାସବାବୁ ଓ ତାଙ୍କ ସ୍ତ୍ରୀ ରକ୍ତର ଭାଇ ଓ ଭାଉଜ ପରି, ପି.ଜି. ପରେ ତିନିବର୍ଷ ହେଲା ତାଙ୍କରି ଘରେ ମୋର ଆଶ୍ରା ବସତି । ତାଙ୍କ ଦୁହିଁଙ୍କ ସହିତ ଅମାପ ଆତ୍ମୀୟତା ।

ଭାଇ ହେଲେ କ୍ଲବ୍‌ର ଫାଉଣ୍ଡର ମେମ୍ବର, ଭାଉଜ ଏବ୍‌ସେଣ୍ଟି ମେମ୍ବର, ମୁଁ ବୋଲକରା ମେମ୍ବର । ଅନ୍ୟ ଚାରିଜଣ ହେଲେ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର, ଏ କ୍ଲାସ୍ କଣ୍ଟ୍ରାକ୍ଟର ଏବଂ ଥ୍ରୀଷ୍ଟାର ହୋଟେଲ୍ ମେନେଜର । ଦାସ ଭବନ ଫାଟକରୁ ଦେଖିଲି

Digitized by srujanika@gmail.com

ପ୍ରତୀକ୍ଷାମଣା ଭଙ୍ଗୀରେ ଭାଉଜ ଦ୍ୱାର ବନ୍ଧୁକ ଆଉଜି ଛିଡ଼ା ହୋଇଛନ୍ତି । ମୁଁ ପହଞ୍ଚିଲା ମାତ୍ରେ ସେ ଲଥିକିନା ଚଟାଣରେ ବସି ପଡ଼ିଲେ, କ୍ଳାନ୍ତିରେ । ଉଦ୍ବେଗ, ନିଦ୍ରାହୀନତା ଓ ଅଜଣା ଆଶଙ୍କାରେ ସେ ଦିଶୁଛନ୍ତି ରାମାୟଣର ଅଶୋକବନର ସୀତାଙ୍କ ଛବି ପରି । ଏ ମୁହଁ କେବେ ମୁଁ ଦେଖିନି, ଦେଖିଛି ମାତୃମୂର୍ତ୍ତିର ମୁହଁ ଯାହା ମୋତେ ଟାଣି ଆଣିଛି, ବାନ୍ଧି ରଖିଛି ଏଇ ଭବନରେ । ପୁତୁଳା ପରି ତିନିଝିଅଙ୍କୁ ମୁଁ ନିଜ ଭଉଣୀ ଭାବି କାଖେଇ କୁଣେଇ ଦୁଃଖ ଭୁଲିଯାଇଛି ।

"ଏମାନେ ସବୁ କାହାନ୍ତି ?" ବାଷ୍ପରୁଦ୍ଧ କଣ୍ଠରେ ଭାଉଜ ପଚାରିଲେ । ସେ ବୋଧହୁଏ ଆଶା କରିଥିଲେ ମୁଁ କହିବି "ପଛରେ ଆସୁଛନ୍ତି, ହୋଟେଲରେ ଚା ଖାଉଛନ୍ତି ।" କିନ୍ତୁ ଅପରାଧୀ ହତ୍ୟାକାରୀ ପରି ଚୁପ୍‌ଚାପ୍ ଛିଡ଼ାହୋଇ ରହନ୍ତେ ତାଙ୍କ ଛାତିରେ ଛନକା ପଶିଲା । ବହୁ କଷ୍ଟରେ କାନ୍ଦିଲା ସ୍ୱରରେ କହିଲି, "ଭାଉଜ ମୁଁ ସେମାନଙ୍କ ସାଂଗରେ ଯାଇନି, ସେମାନେ ମୋତେ ନେଲେନି, ଛାଡ଼ିଦେଇ ଚାଲିଗଲେ । ଯେତେବେଳେ ହେଉ ଆଜି ଫେରିବେ ବ୍ୟସ୍ତ ହୁଅନି, ମୋରି ଖାଲି ଭୟ ନେଶନାଲ ହାଇୱେକୁ, ବେପରୁଆ ଗାଡ଼ିଚଲାରୁ କେତେ କେତେ ଏକ୍ସିଡେଣ୍ଟ ନ ଘଟୁଛି । ପ୍ରତିଦିନ କାଗଜରେ ଛବି, ଦୁଃସମ୍ବାଦ ।" ମନେ ମନେ ମୁଁ ଆସ୍ତେ ଆସ୍ତେ ଭାଉଜଙ୍କୁ ପ୍ରସ୍ତୁତ କରାଉଥିଲି ନାରୀ ଜୀବନର କରୁଣତମ ଟ୍ରେଜେଡ଼ି ପାଇଁ ।

"କିଏ ଗାଡ଼ି ଚଲାଉଥିଲା ?" "ଭାଇ" .... ବୋଲି ଉତ୍ତରଟି ମୋ ମୁହଁରୁ ଚଟାପଟ୍ ବାହାରି ପଡ଼ିଲା ! "ତୁମକୁ ମୁଁ କଣ କହନ୍ତି ପ୍ରଶାନ୍ତ, ତୁମେଇ ନାଟର ଗୋବର୍ଦ୍ଧନ । ଟି.ଭି. ତ ଦେଖିବ, କ୍ଲବ୍ ଗୋଟେ କ'ଣ ? ଯେଉଁଦିନ କ୍ଲବ୍ ଗଢ଼ିବାର ସ୍ଥିର ହେଲା ମୁଁ କଣ କହିଥିଲି ? ଏସବୁ ଚିଜ ଘରେ ପୁରାଅ ନାହିଁ, ମୁଁ ଗାଉଁଲୀ ମଫସଲି ଝିଅ, ନା ବୁଝେ ହିନ୍ଦୀ, ନା ଇଂଲିଶ ନା ବଙ୍ଗଳା । ଖାଲି ମୁହଁ ଦେଖିବା କଥା, ଛବି ଦେଖିବା କଥା । ତା'ଛଡ଼ା ଗୁଡ଼ାଏ ଅତିଥି ଅଭ୍ୟାଗତ ଜୁଟିବେ, ତାଙ୍କର ସତ୍କାର କରି ଅଣ୍ଟାପିଠି ବାଙ୍କିଯିବ । ତିନି ଝିଅ ତ ବୋଝ ଉପରେ ନଳିତା ବିଡ଼ା । ଟଙ୍କା ପଇସା ଶସ୍ତାରେ ଆସିଲା ବୋଲି ଏମିତି ଉଡ଼େଇବ ନା ? ଝିଅଙ୍କୁ ଛବିରେ ଦେଖିବ, ମନ ଉଚାଟ କରିବ, ପିଇବ, ରାତି ଅଧରେ ମଜା କରିବ, କେଉଁଠି ନା ଶହେ ମାଇଲ ଦୂର ସମୁଦ୍ରକୂଳରେ । ତୁମେ ଭଲା ମୋ ତରଫ ହୋଇଥାନ୍ତ ! ତୁମର ନିଜର ଦେଖିବାର ଇଚ୍ଛା ତ ! ଓଲଟି ଛେଲା ବୋହି ସାତଦିନରେ ଏଟାସେଟା ବଜାରରୁ ଆଣି ଠିକ୍‌ଠାକ୍ କରି କ୍ଲବ୍ ପ୍ରତିଷ୍ଠା କରିଦେଲ । କ'ଣ ଇମିତି ବୋକାଙ୍କ ପରି ଜଳଜଳ ଚାହିଁ ଛିଡ଼ା ହୋଇଛ ? ଯାଅ ବୁଝାବୁଝି କର ଏମାନେ ଗଲେ କୁଆଡ଼େ । ମୁଁ ଯାଏ, ଅଥର୍ବ ଶଶୁରଙ୍କ କଥା ବୁଝେ, ତାଙ୍କୁ କିଛି ଦିଶୁନି, ଥତ଼ବତ଼ ହେଉଛନ୍ତି ଚାଲିଲାବେଳେ ।"

ବୋକା ବା ପାଗଳଙ୍କ ପରି ରାସ୍ତାଆଡ଼କୁ ଚାଲିଲି । ପ୍ରତି କୋଡ଼ିଏ ପଚିଶ ହାତ ବ୍ୟବଧାନରେ ଦଳେ ଲୋକ । ସେମାନଙ୍କ ମୁହଁରେ ସେଇ ଗୋଟିଏ କଥା । "କେବଳ

Digitized by srujanika@gmail.com

ପ୍ରଶାନ୍ତ ବଞ୍ଚିଯାଇଛି ଏତେ ପିଇଥିଲା ଯେ, ତାକୁ ଚାରିଜଣ ଧରାଧରି କରି ଗାଡ଼ିକୁ ଭର୍ତ୍ତିକରି ପାରିଲେନି ।" ସେମାନେ ସମସ୍ତେ ପ୍ରତିପତ୍ତି କ୍ଷମତା ଓ ସଂଗତିସମ୍ପନ୍ନ ଲୋକ । ଯାଇଥିଲେ ଯିମିତି ମଲେ ବି ସିମିତି । ସମସ୍ତେ ହାୟ ହାୟ କରିବେ, ଗୁଣ ଗାଇବେ । କୁସୁମ ପରଶରେ ପଟ ନିସ୍ତରିଲା ପରି ମୁଁ ଜୀଇଁଥାଇ ମଲାଙ୍କ ସହିତ ଯୋଡ଼ି ହେଉଛି । ମଲା ତାଲିକାରେ ନଥାଇ ମଧ୍ୟ ।

ସାରା ସହର ଚାରୋଟି ଆତ୍ମର କ୍ରନ୍ଦନରେ ଶୋକାକୁଳ । ଖବର ଆସିଗଲା ବଡ଼ି ସବୁ ଡ଼ାକ୍ତରଖାନାରୁ ସିଧା ଟ୍ରକ୍‌ରେ ଆସୁଛି । କାହାକୁ ଚିହ୍ନି ହେଉନି । କଟା କଟି କରି ବାହାର କରିବାକୁ ପଡ଼ିଛି । ସବୁ ମଲା ଖବରଠାରୁ ଏଇଟା ଖୁବ୍ ଶୀଘ୍ର ସହରରେ ପ୍ରଘଟ ହୋଇଛି । ସମସ୍ତେ ଦଣ୍ଡକେ ଜାଣିଲେ, ଜାଣିଲେ ନାହିଁ ଭାଉଜ, ତାଙ୍କ ଶ୍ୱଶୁର ଆଉ ତିନି କୁନି ଝିଅ । ମୁଁ ସମସ୍ତଙ୍କ ନଜର ଏଡ଼ାଇ ହତ୍ୟାକାରୀ ଆଖ୍ୟା ଧରି ଲକ୍ଷ୍ୟହୀନ ହୋଇ ବୁଲୁଥାଏ । କୋର୍ଟ କଚେରୀ ହାଟବଜାର ସବୁ ବନ୍ଦ ପ୍ରାୟ । ଚାରିଟା ବେଳକୁ ଶବବାହୀ ଟ୍ରକ୍ ଆସିବା ସମ୍ବାଦରେ ପୁଣି ସହର ଲୋକାରଣ୍ୟ । ଶାଳଗଜା ପରି ତରୁଣ ଯୁବାଚତୁଷ୍ଟୟଙ୍କୁ ସମ୍ମାନ ଶ୍ରଦ୍ଧା ଜ୍ଞାପନ ପାଇଁ ପୁରୁଷ ଅପେକ୍ଷା ତରୁଣୀ ସମାଗମ ଅଧିକ । ନିଷ୍ପତ୍ତି ହେଲା ଶବ କାହା ଘରକୁ ଯିବ ନାହିଁ କି କାହାକୁ ଦେଖାହେବ ନାହିଁ । ସଂପୃକ୍ତ ଲୋକଙ୍କ ଘର ଆଗ ଦେଇ ରାସ୍ତାରେ ଚାଲିଯିବ । ସର୍ଗତ ଆତ୍ମାମାନଙ୍କୁ ସମ୍ମାନ ଦେବାର ସୁବିଧା ପାଇଁ ଦଣ୍ଡେ ଅଧେ କେଉଁଠି କେମିତି ପ୍ରଶେସନ ଛିଡ଼ା ହେବ । ସମୂହ ଶବଦାହ ଓ ସଂସ୍କାର କର୍ମ ଛୋଟ ବଡ଼ ଚାରିନଦୀର ସଂଗମ ଚତୁର୍ବେଣୀ ଘାଟରେ ରାତି ଦଶରେ ସରିଲା । ଗଣ୍ୟମାନ୍ୟ ଲୋକଙ୍କୁ ତୋପ ସଲାମି ଦେଲାପରି ଏମାନଙ୍କୁ ମଧ୍ୟ ବୀରର ସମ୍ମାନ ଦିଆଯାଇ ଧର୍ମଗ୍ରନ୍ଥ ପାଠ ମଧ୍ୟ କରାଯାଇଥିଲା ।

ସେହିଦିନଠୁ ଭାଉଜଙ୍କ ଘରକୁ ଯିବାର ସତ୍‌ସାହସ ମୁଁ ସଂଗ୍ରହ କରିନାହିଁ । ଦଶାହ ଏକାଦଶାହ ଏପରିକି ଦ୍ୱାଦଶାହ ଗଲା । ଭାଉଜଙ୍କ ଯାହା ଖବର ରଖୁଥାଏ ତାହା କେବଳ ମୁହୁର୍ମୁହୁ ମୂର୍ଚ୍ଛା, ବିଳାପ, ପ୍ରଳାପ ଓ ଆତ୍ମହତ୍ୟା ପ୍ରୟାସ । ତାଙ୍କ ଦୁଃଖଶୋକର ଭାଗ ନେବାର ମୋର ଶକ୍ତିସାମର୍ଥ୍ୟ ନାହିଁ । ଭାରି ବ୍ୟସ୍ତ ଲାଗୁଥାଏ । ମାସେ କି ଦେଢ଼ମାସ ପରେ ଦିନେ ଗଲି । ଟି.ଭି. ରୁମ୍‌ରେ ଟି.ଭି.କୁ ଲାଗି କାର୍ପେଟରେ ସେ ବସିଥାନ୍ତି । ତାଙ୍କ ବିଧବା ରୂପ ଓ ସ୍ୱାସ୍ଥ୍ୟର ଅବନତି ମୋ ଆଖି ଦେଖିପାରୁନଥାଏ । ଜଣକ ପରେ ଜଣେ ତିନିଝିଅ ମୋ ପିଠିରେ କାନ୍ଧରେ ବସି ପଚାରୁଥାନ୍ତି "କକା, ଏତେଦିନ କୁଆଡ଼େ ଥିଲ ? ବାପା କାହାନ୍ତି, ଅଙ୍କଲ ? ଅଙ୍କଲ୍ ବାବା କେବେ ଆସିବେ ?" ମୋର ଉତ୍ତର ନାହିଁ, ଛାତି ଫାଟିଯାଉଥାଏ । ଭାଉଜଙ୍କୁ ଶୁଣାଇ ପ୍ରବୋଧ ଦେବା ଉଦ୍ଦେଶ୍ୟରେ କହିଗଲି "ସଂଗମରେ ଅଛି- ବିସର୍ଜନ ହେଲା, କେତେ ସଭା ହୋଇଛି, କେତେକେତେ ସମ୍ବାଦ ଫଟୋ "ସଙ୍ଗମରେ ଅଛି । ବିସର୍ଜନ ହେଲା, କେତେ

Digitized by srujanika@gmail.com

ସଭା ହୋଇଛି, କେତେକେତେ ସାଦ ଫଟୋ ଖବରକାଗଜରେ ବାହାରିଛି, ସେମାନଙ୍କ ମାର୍ବଲ ମୂର୍ତ୍ତି ମାର୍କେଟରେ ବସିବ, ରାସ୍ତାସବୁ ତାଙ୍କରି ନାଁରେ ନାମିତ ହେବ ।" ଭାଉଜଙ୍କ ପ୍ରତିକ୍ରିୟା ନାହିଁ, ଆଖି କୁରାଳ ଚକ୍ରପରି ଘୁରୁଥାଏ । ଯେତେବେଳେ କହିଲି ଗାଡ଼ିର କ୍ଷତି ପୂରଣ ମିଳିବ, ସରକାର ପୁଳାଏ ପୁଳାଏ ଟଙ୍କା ଦେବେ, ଝିଅମାନଙ୍କ ପଢ଼ାପଢ଼ିର ବ୍ୟବସ୍ଥା କରିବେ ସେ ଏମିତି ଚାହାଣି ଦେଲେ ମୋ ଦିହ ପଥର ହୋଇଗଲା ।

ଅନ୍ୟମନସ୍କ ହୋଇ ଭାଉଜ ଟି.ଭି. ର କଳକବ୍‌ଜା ଖଟ୍‌ଖାଟ୍ କରୁଥାନ୍ତି, ହଠାତ୍ ନଅ ନମ୍ବର ଚେନେଲ ଖୋଲିଗଲା ଅନିଚ୍ଛାସତ୍ତ୍ୱେ । ବୁଲି ଦେଖିଲେ ଜନୈକ ଷ୍ଟାରକୁ । 'ନା ନା ଏ ନୁହନ୍ତି' ପୁଣି ଆଉ ଜଣକୁ 'ନା ନା ଏ ବି ନୁହେଁ' ଏମିତି ଛବି ପରେ ଛବି, ନା ପରେ ନା, ନା, ନା, ନା । ତାଙ୍କ ମୁହଁ କାହିଁ ? ପାଜି ବଗୁଲିଆ ପ୍ରଶାନ୍ତ କହେ ଶକ୍ତିଶାଳୀ ଏଣ୍ଟିନା ଦ୍ୱାରାରୁ, ଶୂନ୍ୟରୁ, ସ୍ୱର୍ଗରୁ ଚେହେରା ସବୁ ଧରି ଆଣିବ । ଏତେ ଏତେ ଟଙ୍କା ଶୂନ୍ୟରେ ଉଡ଼ିଗଲା । ସିଏ କ'ଣ ଶୂନ୍ୟରେ କି ସ୍ୱର୍ଗରେ ନାହାନ୍ତି ? ପାଜି ପ୍ରଶାନ୍ତକୁ ମାଡ଼ ଦେବା କଥା । ପ୍ରଶାନ୍ତ ! ହଜାର ହଜାର ଲକ୍ଷ ଲକ୍ଷ ଦେଇ ଟି.ଭି. ଆଣ । ମୁଁ ତାଙ୍କ ମୁହଁ ଦେଖିବି, ଏବସେଣ୍ଟ ଆଉ ହେବିନାହିଁ । ପ୍ରଶାନ୍ତ ! ମୋତେ ନୁହେଁ ନ ଦେଖାଇ ପୋଡ଼ିଦେଲେ କାହିଁକି ? ଡ଼ରିଲ ? କାଳେ ସତୀ ହେବି ବୋଲି ! ନା, ନା, ମୋ କୁନି ଝିଅମାନଙ୍କୁ ? ଧିକ୍ ତୁମ ଟି.ଭି. ଧିକ୍ ତୁମ କ୍ଲବ୍" କହି କେବିନେଟ୍ ଥାକରୁ ଭାଉଜ ଜୋର ଗୋଇଠା ମାରି ରଙ୍ଗୀନ ଟି.ଭି. ସେଟ୍‌କୁ ଧାଡ଼ଧାଡ଼ କରି ତଳେ ଗଡ଼ାଇ ଦେଲେ । ଛବି ସବୁ ଲିଭି ଗଲା । ଭାଉଜ ପାଗଳୀ ହୋଇଗଲେ ଡ଼ରି ଦଉଡ଼ି ବାସଭବନରୁ ବାହାରି ଆସିଲି । ଅତିକାୟ ଅର୍ଦ୍ଧଗୋଲକାର ଏଣ୍ଟିନା ଆକାଶକୁ ଚାହିଁଥାଏ ମୁହଁ ଖୋଜି ଖୋଜି । ଏବସେଣ୍ଟି ମେମ୍ବର ଏବେ ସଦା ଉପସ୍ଥିତ ଟି.ଭି. ଘରେ । ବୋଲକରା ମେମ୍ବର ପାଇଁ କାମ ନାହିଁ । ଭାଉଜ କଣ୍ଟା ଘୂରାଇ ଚାଲିଛନ୍ତି କିନ୍ତୁ ଭଙ୍ଗା ଟି.ଭି.ରୁ ମୁହଁ ଦିଶୁନାହିଁ ।

Digitized by srujanika@gmail.com

# ଚଇତନ ଚରିତାମୃତ

ସେତେବେଳେ ମୋ ଘରେ ଲୋକବାକ ଚାକର-ଚାକରାଣୀ ନେଇ ଗୁଡ଼ାଏ ପରୀକ୍ଷାନିରୀକ୍ଷା ଚାଲିଥାଏ । ଅଧ୍ୟାପକଙ୍କ ଘରେ କେହି ଚାକର ଚାକରାଣୀ ପୂଜାରୀ ଭାବରେ ରହିବାକୁ ଚାହାଁନ୍ତି ନାହିଁ, କାରଣ ଅନ୍ୟ ଲାଇନର କର୍ମଚାରୀ ଘରେ ରହିଲେ ଦିନେ ନା ଦିନେ ଏନ୍.ଏମ୍.ଆର୍ ଚପରାସି, ନର୍ସ, ଭି.ଏଲ୍.ଡ଼ବ୍ଲିଉ, ମାଳୀ ଆଦି ଚାକିରୀ ମିଳିବ ବା ମିଳିବାର ଆଶା ରହିଥବ । କିନ୍ତୁ ଅଧ୍ୟାପକ ପାଖରେ କିଛି ସେମିତି କାମ ମିଳିବ ନାହିଁ । ଅପରନ୍ତୁ ଅଧ୍ୟାପକ ପ୍ରାୟ ସବୁ ସମୟରେ ଘରେ ଜଗିଥିବେ ଏବଂ ଚାକରଚାକରାଣୀଙ୍କୁ ଖଟାଉଥିବେ, ଦୋଷ ଦୁର୍ବଳତା ବାଛୁଥିବେ, ନହେଲେ "ଯା କିଛି ହରାୟ ଗିନ୍ନି ବଲେନ୍ କେଷ୍ଟା ବେଟାଇ ଚୋର ।" ସମସ୍ୟା ବହୁଳ ଘରେ ମୋର ମୁଖ୍ୟ ସମସ୍ୟା ହେଲା ଦେଢ଼ବର୍ଷର ମା'ଛେଉଣ୍ଡ ପିଲାକୁ ଦେଖାଶୁଣା କରିବ କିଏ ? ଯିମିତି ପିଲାଟି ମୋ ସ୍ନେହ ଭୁଲି ତାକୁ ଆବୋରିବ ।

ଘରେ ଯେ ଲୋକ ନାହାନ୍ତି ତା ନୁହେଁ, ବରଂ ବହୁ ଅଧିକ ଲୋକ ଅଛନ୍ତି ଖୁନ୍ଦିହୋଇ । ଚାରିପୁଅ, ତିନିଝିଅ, ତିନି ଝିଆରୀ । ସେମାନେ ସମସ୍ତେ ସ୍କୁଲ କଲେଜରେ ପଢ଼ାଶୁଣା କରନ୍ତି । ଘର କାମ କରିବ କିଏ ? ଛୋଟ ଭାଇକୁ ସମ୍ଭାଳିବ କିଏ ?

ଦୁର୍ଯ୍ୟୋଗକୁ ସେ ଦିନ ପିଲାଟାକୁ ପଡ଼ୋଶୀ ଘର ଝିଅ ଏତେ ଜୋର୍‌ରେ ପେଲି ଦେଇଥିଲା ଯେ କପାଳ ଫାଟି ଝରଝର ଲହୁ ବାହାରୁଥିଲା । ଆମେ ସମସ୍ତେ ସ୍କୁଲ କଲେଜରୁ ଫେରି ଦେଖିଲୁ ପିଲାଟି ସଭିଏଁ ଥାଉ ଥାଉ ଛେଉଣ୍ଡ ଅବସ୍ଥାରେ କାନ୍ଦି କାନ୍ଦି ଚଟାଣରେ ଶୋଇ ପଡ଼ିଛି । ମୁଢ଼ିବାଲାଟିଏ ତାକୁ ଜଗିଛି । ମୁଢ଼ି ସବୁ ବିକ୍ରି ହୋଇଗଲା ଓ ସେ ଥକି ଯାଇ ଆମ ବାରଣ୍ଡାରେ ଖାଲି ବୋରା ଉପରେ ବସିଛି । ସେ ଆମ ଘରେ ରହିବାକୁ ମଗିଁଲା । ରହିବ, ଖାଇବ, ପିନ୍ଧିବ ଏବଂ ପିଲା ଜଗିବ । ଅସ୍ଥିଚର୍ମ, କାଳୀକୋତରି (ଆଲକାତରା) । ସେ କେବଳ ସଜନା ଶାଗ ଭଲ ଖରଡ଼ି ପାରେ, ଆଉ କିଛି ଜାଣେନି । ପିଲାପିଲିଏ ତା ରନ୍ଧା ଖାଇବେ ନାହିଁ ବୋଲି କହିଲେ । ପିଲା ତା ପାଖ ପଶିଲା ନାହିଁ, ଦେଖିଲେ କାନ୍ଦିଲା । ପରଦିନ ସକାଳୁ ତାକୁ କେହି ଦେଖିନାହିଁ ।

ପରବର୍ତ୍ତୀ ରେକ୍ରୁଟ କୋଡ଼ିଏ ବାଇଶ ବର୍ଷର ଟୋକା । ଦଶ ଦିନ ରହିଥିଲା । ଦିନେ ସଞ୍ଜରେ ମୋ ଦୋକାନୀ ପାଖରୁ କଣ ଆଣିବ ବୋଲି ଥଳି ବୋରା ଧରି ବାହାରିଗଲା ଟର୍ଚ୍ଚ ନେଇ । ନଅଟା ବେଳକୁ ଦୋକାନକୁ ଯାଇ ବୁଝିଲି ସେ ତା'ଠୁ ତିରିଶ ଟଙ୍କା ଧାର ନେଇ ଘରକୁ ଫେରିଛି । ପରେ ଜଣାଗଲା, ସେ ସେଇ ରାତିରେ ପୁରୀ

---

ଝଙ୍କାର, ୪୦ଶ ବର୍ଷ, ୮ମ ସଂଖ୍ୟା, ବିଛା ୧୩୯୭, ନଭେମ୍ବର ୧୯୮୮ ।

Digitized by srujanika@gmail.com

ଏକ୍ସପ୍ରେସ୍‌ରେ କଲିକତା ଯାଇଛି, ମୋର ନୂଆ ଚପଲ, ଟର୍ଚ୍ଚ, ଶାର୍ଟ, କମ୍ବଳ ବୋରାରେ ଭର୍ତ୍ତିକରି ।

ଦିନେ ବାରଟା ବେଳେ କଲେଜରୁ ଫେରୁଥାଏ । ଦେଖିଲି, ସୁନ୍ଦର ଟୋକାଟାଏ ଜାପାନୀ ହଳଦିଆ ଚାଦର ଦିହଯାକ ଘୋଡ଼ି ହୋଇ ଛିଡ଼ାହୋଇଛି । ମୁଁ ଯାହାକୁ ଦେଖୁଛି, ତାକୁ ଚାକର ପିଲା ଭାବୁଛି । ଭାଗ୍ୟକୁ ସେ କେବଳ ଖାଇବ, ରହିବ । ଘରେ ବଢ଼ିଲା ଝିଅ ଅଛନ୍ତି - ଏକଥା ମୋର ସ୍ମରଣ ନାହିଁ । ସାଇକେଲ୍ ପଛରୁ ଓହ୍ଲାଇଲା ବେଳେ ଟଳମଳ ହୋଇ ହାବୁଡ଼ି ପଡ଼ିଲା । ଦେଖିଲି ତାର ହାତୀ ଗୋଦର । ଡ଼ାହାଣ ଗୋଡ଼ର ଓଜନ ଅଧ ମହଣ ହେବ । ସେ ଘର ଭିତରକୁ ପଶିନି, ପିଲାଝିଲାଙ୍କ ମନ୍ତବ୍ୟରେ ଗୋଡ଼କୁ ଘୋସାରି ବସ୍‌ଷ୍ଟାଣ୍ଡ ଆଡ଼କୁ ଗଲା, ଭିକ ମାଗିବା ପାଇଁ ।

ପୁଅ-ଚାକର ଦେଇ ହବନି । ସଫାସୁତୁରା, ଲାଞ୍ଚ ନଥିବା ବିଧବାଟିଏ ଯଦି ମିଳେ, ତେବେ ରଖାଯାଇ ପାରେ । ତେବେ ଗୋରୁ, ଜମି, ସୁନା ଭାଗ୍ୟରେ ଥିଲେ ମିଳନ୍ତା ଏବଂ ସ୍ତ୍ରୀ । ବୋଧହୁଏ ଭାଗ୍ୟ ଭଲ ଥିଲା । ବଡ଼ ବଡ଼ ଲୋକଙ୍କ ସୁପାରିଶ ବଳରେ ଗୋଟିଏକୁ ପାଇଲି, ଏକ ଆଶ୍ରମରୁ । ଏ ନୁହେଁ ବନ୍ଧୁ, ନୁହେଁ ମାତା, ନୁହେଁ କନ୍ୟା, ନୁହେଁ ଉର୍ବଶୀ ପରି ଅନନ୍ତଯୌବନା । ମୋତେ ସେ ପଗଡ଼େଇବା ପୂର୍ବରୁ ମୁଁ ତାକୁ ବାଧହୋଇ ବିଦା କରିଦେଲି । ମାସେ ରହିବା ପରେ ଘର ପଛପଟ ଦୋକାନୀ ପାଖରୁ ଜାଣିଲି ତାକୁ ସବୁ ବିଦ୍ୟା ଆସେ, ଏପରିକି ନେଇ ଆଣି ଥୋଇ ଜାଣିବା ବିଦ୍ୟା । ଘରର ଡାଲଦା, ସୋରିଷତେଲ, ଚିନି ଓ ଅନ୍ୟାନ୍ୟ ବହୁ କଷ୍ଟଲବ୍ଧ ଅତ୍ୟାବଶ୍ୟକୀୟ ପଦାର୍ଥ ସେ ନିଜେ ଆଣେ ଓ ବିକେ ଆମ ଘରର ବିଶୃଙ୍ଖଳାର ସୁବିଧା ନେଇ । ତାକୁ ପୋଲିସ୍‌ରେ ଦେବି କହିବାରୁ ସେ ଚାଲିଗଲା, ଭଲେଭଲେ । ବଜାରରୁ ସଞ୍ଜବେଳେ ଦେଢ଼ କିଲୋ ରୁଟି ଓ ସୋଲା ଡ଼ାଲି ବିହାରୀ ଦୋକାନରୁ ଆଣି ବଞ୍ଚିଲୁ । ସାନ ପିଲାଟିର ମଲାଗଲା କେହି ବୁଝନ୍ତିନାହିଁ, ତେବେ କେତେଦିନ ଏମିତି ଚାଲିବ ?

କ୍ରମେ ଧର୍ମର ଗ୍ଲାନି ଆରମ୍ଭ ହେଲା ଏବଂ ବଢ଼ି ଚାଲିଲା ମଧ । ପରିବାରର ଅଭ୍ୟୁଥାନ ବ୍ୟାହତ ହେଲା । ଭଗବାନଙ୍କୁ ଡ଼ାକିବା ଛଡ଼ା ଅନ୍ୟ ଉପାୟ ନାହିଁ । ସମସ୍ତଙ୍କ ମୁହଁରେ ପଞ୍ଚାକ୍ଷର, କଣ କରିବା ? ଦିନେ ଦିନ ଦୁଇଟା ବେଳେ କ୍ଲାସ୍‌କୁ ଯିବି ବୋଲି ଭାତ ଡ଼ାଲି ଲେମ୍ବୁ ଆଚାର ଖାଇ ସାଇକେଲ ବାହାର କରୁଛି, ବାର ତେର ବର୍ଷର ଟୋକାଟିଏ ମୋ ସମ୍ମୁଖରେ ଆର୍ବିଭାବ ହେଲା । ଖାକି ହାଫ୍‌ପେଣ୍ଟଟିଏ ଓ ଛେଣ୍ଡା ଗେଞ୍ଜିଟିଏ ପିନ୍ଧିଛି । ଖାଲି ଗୋଡ଼ ପାଦ ।

ନଇଁପଡ଼ି ନମସ୍କାର କଲା । ମୋତେ ଚିହ୍ନି ପାରିଲା ବୋଧହୁଏ । କହିଲା, "ମୁଁ ତିରିଙ୍ଗରୁ ଆସିଛି, ବି.ଡ଼ି.ଓ. ପଠେଇଛନ୍ତି ।" ମୋ ପିଲାଝିଲାଙ୍କୁ ଛାଡ଼ି ଦୁଇଜଣ ଝିଆରୀ କଲେଜରେ ପଢ଼ାପଢ଼ି କରନ୍ତି । 'ଯେତେ ଭଙ୍ଗା ଜୁଆଳି ସବୁ ବଡ଼ାମ ଶାଳରେ

Digitized by srujanika@gmail.com

ବସା ।' ସେମାନେ ବୋଧହୁଏ ତାଙ୍କ ବାପାଙ୍କ ପାଖକୁ ହଇରାଣ ହରକତ ପଢ଼ିବା ଅସୁବିଧା କଥା ଲେଖୁଥିବେ ।

ଭାଇ ଥାଏ ସେତେବେଳେ ମୟୁରଭଞ୍ଜର ଉତ୍ତର ସୀମାରେ, ଟାଟାନଗର ପାଖରେ । ଶାନ୍ତ, ଶିଷ୍ଟ, ଅ-ସଭ୍ୟ ଇଲାକାରେ, ଯେଉଁଠି ଲୋକେ ବିନା ବାଡ଼ରେ ମକା କୋବି ଚାଷ କରନ୍ତି । ଚୋରି ହୁଏ ନାହିଁ, ଗୋରୁ ଫସଲ ନଷ୍ଟ କରନ୍ତିନାହିଁ । ମୁଁ ସଚକ୍ଷୁରେ ଦେଖୁଛି ସାଟନ କମ୍ପାନୀର ଛୋଟ ଛୋଟ ତିନି ନମ୍ବର ବଲ ସାଇଜ ବନ୍ଧାକୋବି ସହସ୍ର ସଂଖ୍ୟାରେ ଶୃଙ୍ଖଳା ପଡ଼ିଆରେ ଫଳିଥାଏ । ସେଠାରେ ପିଲାଏ ପାଠ ପଢ଼ନ୍ତି ନାହିଁ, ଦରକାର ନାହିଁ ପାଠ, ବଞ୍ଚିବା ପାଇଁ । ଗୋରୁ ଛେଳି ମୁଣିବା ଜୀବନ ବଞ୍ଚାଇବା ପାଇଁ ଯଥେଷ୍ଟ । ଭୋକ ଉପାସରେ ମରିବେ, ମାଗିବେ ନାହିଁ, ସଭ୍ୟ ହେବାକୁ ଚାହିଁବେ ନାହିଁ, ଭିକ ମାଗିବେ ନାହିଁ । ନାମ ?

'ଚଇତନ' ବୋଲି ହରଷ ମୁହଁରୁ ବାହାରିଲା । କେହି ଘରେ ନଥିଲେ । ଚାବି ପକାଇ ଯିବାର କଥା । ମୁଁ ଖୋଲା ଘର ଚଇତନ ଦାୟିତ୍ୱରେ ଦେଇ ବାହାରିଗଲି । ଘରର ବଡ଼ ଅଡୁଆ ଥିଲା ମୁନୁ ବୋଲି ସାନପୁଅ । ସେ ସେତେବେଳକୁ ପାଣିରେ ବୁଡ଼ି ସର୍ଗକୁ ଚାଲିଯାଇଥାଏ । ତା ମାଆ ପାଖକୁ ।

ଚଇତନର ଚେହେରା ଦେଖି ମୁଁ ବିହ୍ୱଳ ହୋଇଗଲି । ମୋର ଆକୁଳ ପ୍ରାର୍ଥନାରେ ଭଗବାନ ସନ୍ତୁଷ୍ଟ ହୋଇ ଚଇତନ ରୂପରେ ମୋ ଘରେ ସମ୍ଭବିଲେ ବା ଆବିର୍ଭୂତ ହେଲେ ଯିମିତି ! ପଦେ ଦୁଇପଦ କଥା ପରେ ସେ ମୋତେ ବାପା ବୋଲି ସମ୍ବୋଧନ କଲା । ଆଠ ଦଶବର୍ଷ ଧରି ମନର ଯେଉଁ ହରଷ ବା ହସ ଉଭେଇ ଯାଇଥିଲା, ତାହା ଫେରିଲା ପରି ଲାଗିଲା ।

ମୁଁ ଫେରିଲା ବେଳକୁ ସମସ୍ତେ ଆସିଯାଇଛନ୍ତି ଏବଂ ପୁଅଟିଏ ଜନ୍ମ ହେଲେ ପରିବାରରେ ଯେଉଁ ଆନନ୍ଦ ଉତ୍ସବ ହୁଏ, ସେଇ ପରିବେଶ ସୃଷ୍ଟି ହୋଇଛି । ଚଇତନକୁ ଘେରି ସମସ୍ତେ ନାନା କଥା ପଚାରୁଛନ୍ତି । ଚଇତନ ମୁହଁରୁ ସରଳା ନାନୀ, ସୁଧା ନାନୀ, ସରୋଜିନୀ ନାନୀ, କୁନୁ ବାବୁ, ଟୁନୁବାବୁ, ସଞ୍ଜୟ ନନା ଆଦି ବହୁତ ଆତ୍ମୀୟତାର ସ୍ୱର ଉଚ୍ଚାରିତ ହେଉଛି । ସମସ୍ତେ ତତ୍ପର, ତାର ସୁବ୍ୟବସ୍ଥା କରିବା ପାଇଁ । ସବେଇ ଘାସର ଖଟଟିଏ ଥିଲା, କନ୍ଥା, ଏପରିକି ଛିଣ୍ଡା ତକିଆ କମ୍ବଳ ଯାହା ଯେଉଁଠି ପଡ଼ିଥିଲା, ତାକୁ ଦାଣ୍ଡ ଘରେ ରଖି ଦିଆଗଲା ରାତି ପାଇଁ । ପଖାଳ ସଂଗେ ସଂଗେ ମୁଢ଼ି, ପିଆଜ ଓ କାକୁଡ଼ି ଖାଇ ଚଇତନ ତେଜିୟାନ ଦିଶୁଥାଏ ।

ସଞ୍ଜବେଳକୁ ଚାଲି ଚାଲି ଦୁଇ ତିନିଟା ଥଳି ଧରି ବଜାରକୁ ଗଲୁ । ମତଲବ ହେଲା ତାକୁ ବଜାର ଦୋକାନ, ଦୋକାନୀଙ୍କି ଦେଖାଇବି । ଯୋଡ଼ାଏ ସାଇକେଲ ଥିଲେ ବି ନେଲୁ ନାହିଁ। ବାଟରେ କଥାବାର୍ତ୍ତା ହୋଇଯିବୁ, ପରସ୍ପରକୁ ଜାଣିବୁ, ବୁଝିବୁ । ତା' ବିଷୟରେ ଏତିକି ଜାଣିଛି ନାଆଁ ଚଇତନ, ଗାଁ ବଡ଼ ଡ଼ାଲିମା । ସେ ମୋ ବିଷୟରେ

Digitized by srujanika@gmail.com

ଏତିକି ଜାଣେ ମୁଁ ବି.ଡ଼ି.ଓ.ଙ୍କ ଭାଇ ଏବଂ ପିଲାଙ୍କୁ ପାଠ ପଢ଼ାଏ । ସ୍କୁଲ କଲେଜ ଫରକ ସେ ଜଣେ ନାହିଁ । ତା' ଘର କଥା ପଚାରି ବୁଝିଲି, ତା'ର ବାପା, ମାଆ, ଭଉଣୀଟିଏ, ଛୋଟା ଚଳତ୍‌ଶକ୍ତି ରହିତ ସାନଭାଇ । ଗୋଟାଏ ବଡ଼ ପୋଖରୀ ହିଡ଼ ତଳକୁ କୁଡ଼ିଆଟିଏ । ଜମି ଜାଗା ପ୍ରାୟ ନାହିଁ । ମୂଲ ଲାଗି କାମୁତୁଣୀ କାମ କରି ବାପା ମାଆ ଛୁଆ ପାଳନ୍ତି । ଜାତିରେ ବାଥୁଡ଼ି । 'ଚଇତନ ନାୟକ' ବୋଲି ନାଆଁ ଦସ୍ତଖତ କରି ଜାଣେ । କେବେ କେଉଁଠି କିଛି ଅକ୍ଷର ଶିଖିଥିଲା ।

ମୋର ଏସବୁ ଜାଣିବା କିଛି ଦରକାର ନଥିଲା । ଜାଣିଲି, ତାର ବୟସ ଚଉଦ । ଚଉଦବର୍ଷିଆ ଟୋକାଙ୍କୁ ଅର୍ଥାତ୍ Land of fourteen କୁ ମୋ ପାସାଁଙ୍କ ଭାରି ଡ଼ର । ଯିଏ ତାଙ୍କ ଗଳ୍ପ 'ସାଇମନର ପାପା' ପଢ଼ିଛି, ସେ ଜାଣିଥିବ । ଆପାତତଃ ତାକୁ ଡ଼ରିବା, ଘୃଣା କରିବାର କୌଣସି କାରଣ ନଥିଲା । ଚେହେରା ସୁନ୍ଦର । ବ୍ରାହ୍ମଣ ପିଲାଟିଏ, ମୋରି ନିଜ ଘରର । ଚାରି ନମ୍ବର ପୁଅର ସାଂଗ ହେବା ପରି । ଗୋରା, ପରିଷ୍କାର, ପରିଚ୍ଛନ୍ନ । ଆମ ସାଂଗରେ ମିଶିଯିବ । ତାର ପାରିବାପଣିଆଁ, ଗୁଣଗ୍ରାମ, ଯୋଗ୍ୟତା ଜାଣିବା ପାଇଁ ଗୋଟାଏ ପରେ ଗୋଟାଏ ପ୍ରଶ୍ନ ପଚାରିଚାଲିଲି ।

ବଜାର ପହଞ୍ଚିବା ପୂର୍ବରୁ ଜାଣିଗଲି ବହୁ କଷ୍ଟରେ ସେ ତା ନାଆଁ 'ଚଇତନ ନାୟକ' ଲେଖି ଜାଣେ । ସାଇକେଲ ଚଢ଼ା ଜାଣେ, ହଳ ଫାଳ ଜାଣେ । ଗୋରୁ ଜଗିପାରେ, ବାପା ମାଆଙ୍କୁ କାମରେ ସାହାଯ୍ୟ ନକରି ସହର ବଜାର ବୁଲି ଦେଖିବ, ଭଦ୍ର ହେବ, ସଭ୍ୟ ହେବ, ବଣ ଜଙ୍ଗଲ ମଫସଲରୁ ବାହାରିଆସି, ବଡ଼ ବଡ଼ ଲୋକଙ୍କ ପାଖରେ ରହି । ନିଷ୍ପତ୍ତି କଲି ବାହାର କାମ ସବୁ ତାକୁ ଦେବ ଯଥା-କଣ୍ଟ୍ରୋଲ ଦୋକାନରୁ କାର୍ଡ଼ରେ ଆଣିବା, ଇଲେକ୍ଟ୍ରି ବିଲ୍ ପଇସା ପଇଠ କରିବା, ବଜାର ସଉଦା କରିବା । ମୋତେ ସାଇକେଲ ପଛରେ ନେଇ ରେଲଷ୍ଟେସନରେ ,ବସ୍‌ଷ୍ଟାଣ୍ଡରେ ଛାଡ଼ିବା ଓ ଆଣିବା । ଚିଠିପତ୍ର ପୋଷ୍ଟଅଫିସ୍‌ରେ ପକାଇବା ଇତ୍ୟାଦି । ଲେଖାପଢ଼ା ପାଇଁ ମୋତେ ପ୍ରଶସ୍ତ ଟାଇମ ମିଳିବ, ଟିଉସନ ବି କରିବାକୁ ବେଳ ପାଇବି । ସେଦିନ ସନ୍ଧ୍ୟାରେ ବଜାର ବୁଲି କେଉଁଠୁ କାହା ପାଖରୁ କଣ କଣ ଆଣିବ କହିଲି ଏବଂ ଦୋକାନୀମାନଙ୍କୁ ଜଣ ଜଣ କରି ଚିହ୍ନାଇଲି । ନୂଆପିଲା ଯିମିତି ଠକିବ ନାହିଁ, କାହାକୁ ଠକାଇବ ନାହିଁ ।

ଝିଅମାନେ ତାକୁ ଘର କାମ ଶିଖାଇଲେ । ନିରଳସ ଓ ନିଷ୍କାପଟ ହୋଇ ସେ ସେମାନଙ୍କଠୁ କିରାସିନୀ ଷ୍ଟୋଭ, ଗେସ୍ ଷ୍ଟୋଭ୍ ଲଗାଇବା ଶିଖିଗଲା । ପିଇବା ପାଣି କେଉଁଠୁ ଆଣି ଫୁଟାଇ ଥଣ୍ଡାକରି ଫିଲଟାରରେ ଢ଼ାଳିବାକୁ ହେବ, କେଉଁ ସୁଇଚ ଟିପିଲେ କେଉଁ ଆଲୁଅ ଜଳିବ ବା ପଙ୍ଖା ଚାଲିବ ଇତ୍ୟାଦି ଘର ଭିତରର କାମ ଝିଅ ଝିଆରୀମାନେ ଗୋଟି ଗୋଟି ଚିକିନିଖି ଶିଖାଇଦେଲେ । ପିଠାପଣା, ଉପମା, ବିରିଚକୁଳି, ପୋଡ଼ପିଠା, ମାଛ ମାଂସ, କିମିତି ରନ୍ଧାଯାଏ, ତାହା ସେ ଆଗ୍ରହର ସହିତ ଦେଖିଲା, ଶିଖିଲା ଏବଂ କାଳକ୍ରମେ ସେ ସବୁରେ ଏକ୍‌ସପାର୍ଟ ହୋଇଗଲା । ଭାରତରୁ ବି ପେଜ ଗାଳି

Digitized by srujanika@gmail.com

ପାରିଲା । ଝିଅଝିଆରୀମାନେ ଘର କାମରୁ ଅବ୍ୟାହତ ପାଇ ପଢ଼ାପଢ଼ିରେ ମନ ଦେଇପାରିଲେ ଏବଂ ପରୀକ୍ଷାରେ ମଧ ଭଲ କଲେ । ଘର ଆମର ବୈକୁଣ୍ଠ ସମାନ ହୋଇଗଲା, ପରସ୍ପର ସ୍ନେହ ନିରନ୍ତର ରହିବାରୁ । ପତ୍ନୀବିୟୋଗ ସନ୍ତାନ ବିୟୋଗ ଦୁଃଖ ଦୁଃସହ ସ୍ତରରୁ ସହନୀୟ ସ୍ତରକୁ ଖସିଆସିଲା ।

ଆପ୍ତମାନଙ୍କର ସମସ୍ତଙ୍କର ଆର୍ଶୀବାଦ ଓ ସଦିଚ୍ଛାରୁ ଚଇତନର ଶାରୀରିକ ଓ ମାନସିକ ଉନ୍ନତି ମଧ ଘଟିଲା । ରାତିରେ କେବେ କେମିତି ଏବଂ ରବିବାର ଦି' ପହରିଆ ପୁଅ ଝିଅ ଏକାଠି ବସି ଟ୍ୱ୍ୟଏଣ୍ଟିନାଇନ୍ ପିଟିଲେ, ମୁଁ ତାସ୍ ପାଲି କିଣିଦେଲି । ସିନେମା ବି ଦିନେ ଅଧେ ଯାଆନ୍ତି । ଚାରିଟା ପାଞ୍ଚଟାରେ ପୁଅମାନଙ୍କ ସହିତ ପଡ଼ିଆରେ କାଠି ପୋତି ଟେନିସ୍‌ବଲ ଓ ପଟାଖଣ୍ଡିକରେ କ୍ରିକେଟ୍ ବି ଚାଲେ । ଷ୍ଟେଡ଼ିୟମ୍‌ର କୌଣସି ଫୁଟବଲ୍ ଖେଳ ଚଇତନର ବାଦ୍ ପଡ଼େନାହିଁ । ବୁଝୁ ନବୁଝୁ ତାଳଚାପୁଡ଼ି ମାରେ, ସାଇଡ଼ ବି ନିଏ ।

ମୁଁ ଅନ୍ୟ ଏକ କଲେଜକୁ ଚାଲିଯିବା ପରେ ଚଇତନକୁ ସାଇକେଲ ପଛରେ ବସାଇ ରେଳଷ୍ଟେସନ ନେଇଯାଏ । ସେ ସାଇକେଲ ନେଇ ଫେରେ । ପିଲାମାନଙ୍କର ସାର୍ଟ, ପେଣ୍ଟ, ଚପଲ, ପୁରୁଣା ଜୋତା ସବୁ ପିନ୍ଧି ଦେଇ ଲମ୍ବା ଚଉଡ଼ା ଟୋକାଟା କଲେଜ ପିଲା ପରି ଦିଶେ । ଦିନେ ଦିନେ କଲେଜ ପିଲାଙ୍କ ସହିତ ମିଶି ବିନା ଟିକଟରେ କଲେଜକୁ ଯାଏ, ଟିଫିନ୍ କେରିଅରରେ ମୋର ଲଞ୍ଚ୍ ଧରି, ମୁଁ ଖାଇ ସାରିଲେ ପୁଣି ସେମାନଙ୍କ ସହିତ ଫେରିଆସେ । ଇଂରାଜୀ ଶବ୍ଦର ସଂଖ୍ୟା ଚଇତନର ବଢ଼ିଗଲାଣି ।

ପିଲାଝିଲା ଛାତ୍ରଛାତ୍ରୀ ମୋର ଆଜ୍ଞା ଅବଜ୍ଞା କରିବେ, ଆଳସ୍ୟ ପରାୟଣ ହୋଇ କାମ ନ କରିବେ ପଛକେ କିନ୍ତୁ ଚଇତନ ସବୁବେଳେ ଏଟେନ୍‌ସନ । ରାତି ଗୋଟାଏ ବେଳେ ଡ଼ାକ, ସେ ହୁଁ କରିବ, ଡ଼ାକ୍ତରଖାନାରେ ଶ୍ୱାସରୋଗାକ୍ରାନ୍ତ ଭାଇକୁ ସାରା ରାତି ଜଗିବାକୁ କୁହ, ସେ ଅନିଦ୍ରା ହୋଇ ବସିଥିବ । ମୁଁ ତାକୁ କଣ ଦେଉଚି ? ପନ୍ଦର ଟଙ୍କା ମାସକୁ । ମୋର ଋଣ ଶୁଝିବ ବୋଲି ଏବେ ସେ କୁକୁଡ଼ା ପାଳୁଛି ଡ଼ାକ୍ତରଖାନାର ଅଣ୍ଡା ଆଣି- ହାଟରୁ ଆଣିଥିବା ମାଈକୁକୁଡ଼ା ଜଗିଆରେ । ବାଡ଼ିପଛପଟ ଗାଡ଼ିଆରୁ ବନ୍‌ସିରେ ମାଛ କେବେ କେମିତି ଧରେ, ଅଭାବ ଅସୁବିଧାରେ । ରାଜାରାଜୁଡ଼ାମାନଙ୍କୁ ଦ୍ୱାତ୍ରିଂଶ ଲକ୍ଷଣଯୁକ୍ତ ପୁରୁଷ କୁହାଯାଇଥାଏ । ଆମ ଚଇତନ ବୋଧହୁଏ ପଞ୍ଚତ୍ରିଂଶ କଳାଯୁକ୍ତ ଯୁବକ ନିଶ ଗଜୁରି ଆସୁଛି ପରି ମୋତେ ଦିଶୁଛି । ଆହୁରି ଅଛି ତ ବେଳକାଳ ।

ଦିନେ ରବିବାର ସକାଳେ ମାଂସ ଆଣି ଘରେ ରଖିଦେଲା ଏବଂ ମୋ ପାଖକୁ ଆସି କହିଲା, "ବାପା, ମୁଁ ଚାନ୍ଦିପୁର ଯିବି, ଦେଖି ଆସିବି, ଟୁନୁବାବୁଙ୍କୁ ପଛରେ ବସାଇ ନେଇଯିବି ।" ଚଇତନକୁ କୌଣସି କଥାରେ 'ନା' କରିପାରିବି ନାହିଁ । ସେମାନେ ଅଠର କିଲୋମିଟର ରାସ୍ତା ଗଲେ ଓ ଫେରିଲେ । ଦୁଇଟା ଟଙ୍କା ଦେଇଥିଲି, କାଳେ

Digitized by srujanika@gmail.com

ଦରକାର ପଡ଼ିବ । ଦିନ ବାରଟା ବେଳକୁ ଫେରିଆସି ଟଙ୍କା ଫେରାଇଦେଲେ । ସେଇଦିନ ସଞ୍ଜବେଳେ ଚଇତନ ଆସି କହିବ ନ କହିବ, ଭାବ ଦେଖାଇ କହିଲା, "ବପା, ମୁଁ କାଲି ସକାଳେ ଘରକୁ ଯିବି, ମାଆକୁ ଦେଖିବାକୁ ମନ ହେଉଛି । ଆସିଲା ବେଳେ ବାପାଙ୍କୁ ସାଂଗରେ ଆଣିବି । ସେ ସମୁଦ୍ର ଦେଖିବ, ସମୁଦ୍ର କି ଜିନିଷ ଜାଣେନି । ବସ୍‌ରେ ବସେଇ ଦେବି । ସେ ଫେରିଯିବ ।" ତଦଣ୍ଡେ ତା ପ୍ରାର୍ଥନା ମଞ୍ଜୁର କଲି, କୋଡ଼ିଏ ଟଙ୍କା ଦେଲି ।" ଯେଉଁ ଦୁଇଦିନ ସେ ନଥିଲା, କିଛି ବିଶେଷ ଅସୁବିଧା ହେଲାନି । କାରଣ, ପ୍ରତିଟି ଦରକାରୀ ଜିନିଷ ସେ ଆଣି ରଖି ଦେଇଥିଲା । ଛୁଟି ମଧ ଥିଲା କାଳୀପୂଜା ପାଇଁ ଆମ ସମସ୍ତଙ୍କର ।

ଯେତିକି ବେଳେ ଯେଉଁ ବସ୍‌ରେ ଫେରିବ ବୋଲି କହିଥିବା ସେଇ ବସ୍‌ରେ ବାପାକୁ ନେଇ ଫେରିଲା । କିଛି ପରବ ଛତୁ ଓ ଦୁଇଡ଼ଜନ ଆତ ବିଷୋଇ ହାଟରୁ ଆମ ପାଇଁ ଆଣିଥିଲା ।

ବାପ ପୁଅ ମୋରି ପୁରୁଣା ରାଲେ ସାଇକେଲରେ ପରଦିନ ଚାନ୍ଦିପୁର ଯାଇ ସମୁଦ୍ର ଦର୍ଶନକରି ଫେରିଲେ । ବାପା ଆନନ୍ଦ ଗଦ୍‌ଗଦ୍ ହେଲା, ମାତ୍ର ସାଇକେଲ ରଡ଼୍‌ରୁ ଓହ୍ଲାଇଲା ବେଳେ ରଡ଼ଟା ଦୁଇଖଣ୍ଡ ହୋଇ ଭାଙ୍ଗିଗଲା । ଚଇତନ ତଦନ୍ତେ ପାଖ ଗେରେଜରୁ ରଡ଼କୁ ଝଳାଇ ଆଣିଲା ଏବଂ ତା'ପରେ ମୋତେ ସବୁକଥା କହିଲା ! "ବ୍ୟସ୍ତ ହ'ନା, ଅଠେଇଶି ବର୍ଷର ପୁରୁଣା ସାଇକେଲ କେତେଦିନ ଟାଣିବ ।" ଏଇଟି ଚଇତନ ଜୀବନରେ ପ୍ରଥମ ଦୁର୍ଘଟଣା । ରିପେୟାର ଖର୍ଚ୍ଚ ସେ ତା' ଦରମାରୁ କାଟିନେବାକୁ କହୁଥିଲା ।

ଆଉ ପନ୍ଦର ଦିନ ପରେ, ଚଇତନ ନୂଆ ଫିଲିପ୍‌ସ୍ ସାଇକେଲ୍ ଧରି ସଞ୍ଜବେଳେ ନୂଆବଜାର ମାର୍କେଟ୍‌କୁ ଯାଇଥିଲା । କହିଲି "ଚଇତନ, ଆଜି ଫିଗିଜି ମାଛର ଭଜା ଆଉ ଟମାଟୋ ସଶ୍ ମୁଢ଼ି ସାଂଗରେ ଖାଇବାକୁ ଇଚ୍ଛା ହେଉଛି, ତୁ ବଜାରରୁ ଫେରିଲାବେଳେ ମାଛବଜାରକୁ ପଶିଯିବୁ ଏବଂ ଦେଖିବୁ ମାଛ ଆସିଛି କି ନାହିଁ, ଆଉ ଦର କେତେ ।" ପ୍ରାୟ ଅଧଘଣ୍ଟା ପରେ ଚଇତନ ଧାଇଁ ଧାଇଁ କାନ୍ଦି କାନ୍ଦି ଆସି କହିଲା, "ବାପା, ସାଇକେଲଟା ଚୋରି ହୋଇଗଲା ।" ସାଂଗେ ସାଂଗେ ଅନ୍ୟ ସାଇକେଲଟା ଧରି ନୂଆବଜାର ଚାଲିଲି । ଚଇତନ ପଛେ ପଛେ ଧାଇଁଲା । ଘଟଣାସ୍ଥଳରେ ପହଞ୍ଚି ଯାହା ଦେଖିଲି, ସେଥିରୁ ଜାଣିଲି, ଚଇତନ ସାଇକେଲଟାକୁ ଗୋଟାଏ ସାଇକେଲ ଦୋକାନ ଆଗରେ ରଖିଦେଇ ଲକ୍ ପକାଇ ଗୋଟାଏ ମିନିଟ୍ ପାଇଁ ମାଛବଜାରକୁ ପଶିଯାଇଥିଲା । ଫେରିଆସି ଦେଖେ ତ ସାଇକେଲ ନାହିଁ, ଚୋରିର ଚିହ୍ନବର୍ଣ୍ଣ ନାହିଁ । ସାଇକେଲ ଦୋକାନୀ ତାର ଏସିଷ୍ଟେଣ୍ଟମାନଙ୍କୁ ଲଗାଇ ମୋ ସାଇକେଲକୁ ଘର ଭିତରକୁ ଉଠାଇ ନେଇ ଅଧମିନିଟ୍‌ରେ ସବୁ କାମ ଶେଷ କରିଦେଇଛି । ଥାନାକୁ ଗଲି ନାହିଁ । ଜୀବନରେ ପାଞ୍ଚୋଟି ସାଇକେଲ୍ ହରାଇଛି, କୌଣସି ଫେରିପାଇନାହିଁ । ପୋଲିସ୍‌କୁ

Digitized by srujanika@gmail.com

ଏତଲା ଦେବା ଅର୍ଥ ଦଶଥର ଥାନାକୁ ଧାଇଁବ, ଲୋକ ଚିହ୍ନଟ ପାଇଁ, ସାଇକେଲ ଚିହ୍ନଟ ପାଇଁ । ଲୋକକୁ ତ ଦେଖିନାହିଁ, ଚିହ୍ନଟ କରିବି କିପରି, ସାଇକେଲ ମୋର ନୁହେଁ, ମୋର ବୋଲି କହିବି କିପରି । କପାଳ ଆଦରି ରହିଲି । ଚଇତନକୁ ପଦେ ସେ ବିଷୟରେ କହିନି, ତାର ଦୋଷ ନାହିଁ । ବଜାରିଆଙ୍କୁ ବଜାରିଆ ଧରିପାରୁନାହାନ୍ତି । ମୟୁରଭଞ୍ଜ ଜଙ୍ଗଲର ମଫସଲି ଚଇତନ, ଯେ କି ସହରୀ ହେବାପାଇଁ ଆସିଛି, ସେ ବଜାର ଭିତରୁ ସାଇକେଲ ଉଦ୍ଧାର କରିବ କିମିତି ?

ଚଇତନକୁ କିମିତି ସାହାଯ୍ୟ କରିବି, ସେଇ ବେଳକାଳ ଖୋଜୁଥାଏ । ମୁଁ ଯେ ଖୁବ୍ ଧନୀ, ତା ନୁହେଁ । ଏ ଭିତରେ ମୋ ପୁଅ ଝିଅରୁ କେତୋଟି ପଢ଼ିବା ପାଇଁ ଓ କେତୋଟି ବାହାହୋଇ ଅନ୍ୟତ୍ର ଚାଲିଗଲେ । ଘରେ ରହିଲେ ଗୋଟିଏ ଝିଆରୀ ଆଉ ଦୁଇପୁଅ । ପଇସାପତ୍ର କଥା ଝିଆରୀ ବୁଝେ । ମୁଁ ପଇସା ଗଣେ ନାହିଁ, ହିସାବ କିତାବ ରଖେ ନାହିଁ । ଦିନେ ଚଇତନ ଭଉଣୀର ବାହାଘର ଖବର ଆସିଲା । ମୋଠୁ ଶହେଟି ଟଙ୍କା ନେଇ ଚଇତନ ତା ବାପା ପାଖକୁ ମନିଅର୍ଡ଼ର କରିଦେଲା, ପଇସା ଖର୍ଚ୍ଚ ହେବ ବୋଲି, ଘରକୁ ନଯାଇ । କେତେ ମାସ ପରେ କାକୁସ୍ଥ ହୋଇ କହିଲା, "ବାପା ! ଆମର ଦୁଇଟି କିଆରୀ ପାଖକୁ ମାଣେ ହବ ଜମି ଚାରିଶ ଟଙ୍କାରେ ମିଳୁଛି, କିଣିବି ଭାବୁଛି । ତୁମ ଟଙ୍କା ମୋ ଦରମାରୁ କଟେଇ ନେବ, ମାସକୁ ମାସ ।" ଦେଲି ଚାରିଶ ଟଙ୍କା, ସେ ଜମି କିଣିଲା ଦି' ଦିନ ପାଇଁ ଘରକୁ ଯାଇ । ଫେର କେତେ ଦିନ ପରେ ତାର ବାପା ମରିବାରୁ ଶୁଦ୍ଧିକ୍ରିୟା ପାଇଁ ଶହେଟଙ୍କା ଦେଇଥିଲି । ଆଉ ଯେତେଦିନ ଥିଲା, ସେ କେବେ ମୋ ପାଖରୁ ପଇସା ମାଗିନି । ମୁଁ ଧାର କରଜ ଶୁଝିବା କଥା ଉଠାଇନି । ମୋ' ମନରେ କେବେ ଭାବିନି ଚଇତନ ମୋ ପଇସା ଦବନି ବୋଲି, ବରଂ ମୁଁ ନଜର ରଖିଛି, କୃତଜ୍ଞତାରେ ସେ ଭାଙ୍ଗିପଡ଼ିବାର । ବଞ୍ଚିବା ପାଇଁ, ବିପଦରୁ ମୁକୁଳିବା ପାଇଁ ଅନ୍ୟର ଉପକାର ପାଇଁ, ମୋ'ଠୁ ସେ ପଇସା ମାଗିଛି, ନେଉଛି । ଭାବିଛି ଜୀବନଯାକ ମୋ ପାଖରେ ଖଟି ପଇସା ଶୁଝିଦେବ । ମୁଁ ବାରିପଦା ଘରଡ଼ିହରେ ତା' ପାଇଁ ଘର କରିଦେବି, ବାହା କରାଇଦେବି । ସବୁଦିନ ମୋ' ପାଖରେ ରହିବ ।

ମାଛ ପାଇଁ ମୋତେ ସାଇକେଲ ହରାଇବାକୁ ପଡ଼ିଛି, ଏବେ ଦୁଧ ପାଇଁ ହୁଏତ ଆଉ କଣ ଅଧିକ ପ୍ରିୟବସ୍ତୁ ବା ବ୍ୟକ୍ତି ହଜାଇବାକୁ ପଡ଼ିପାରେ । ଏ ଭିତରେ ସହର ଠାରୁ ଚାରିପାଞ୍ଚ କି.ମି ଦୂରରେ ଦୁଧ ଫାର୍ମଟିଏ ଖୋଲିଲା । ଦିନେ ଚଇତନ କହିଲା, "ବାପା, ଏଇଠି ନୂଆକରି ଗାଈଫାର୍ମ ଖୋଲିଛି, ବଢ଼ିଆ ବଢ଼ିଆ ଗାଈ ଅଛନ୍ତି, ମୁଁ ଦେଖି ଆସିଛି । କାର୍ଡ଼ କଲେ ଦୁଧ ମିଳିବ ଲିଟରେ ଲେଖା, ଏଇଠି ନୂଆବଜାରରେ ସକାଳେ ସଞ୍ଜରେ ସରକାରୀ ଲୋକେ ଦୁଧ ବଡ଼ ବଡ଼ ଡ଼ବାରେ ଆଣି କାର୍ଡ଼ ଉପରେ ବାଣ୍ଟୁଛନ୍ତି । ତୁମେ ଯାଇ ଫାର୍ମରୁ କାର୍ଡ଼ କରିଆଣ । ମୁଁ ସଞ୍ଜରେ ଯାଇ ଦୁଧ ନେଇଆସିବି । ସକାଳ ଓଳି ରୋଷେଇ କରୁ କରୁ ବେଳ ମିଳିବନାହିଁ । ଯେଉଁ ଦୁଧ ଗୋଓ୍ୱାଲା ଦେଉଛି ତାହା

Digitized by srujanika@gmail.com

ଖାଲି ପାଣି, ସର ପଡୁନି, ଦହି ବସୁନି ।" ପରଦିନ କାର୍ଡ଼ କରିଆଣିଲି । ସଞ୍ଜକୁ ଦୁଧ ଆସିଲା । ଚଇତନର କାମ ଟିକିଏ ବଢ଼ିଲା । ହେଲେ, ସରକାରୀ କ୍ଷୀର, ବଗଅଠା ପରି ବହଳ, ପାଣି ନ ମିଶାଇଲେ ଜାଣିବା ମୁସ୍କିଲ୍ । ଚଇତନ ମୋତେ ଦୁଧଭାତ ଦେଲା ।

ଚଇତନ ଯାଏ, ପନ୍ଦର କୋଡ଼ିଏ ମିନିଟ୍‌ରେ ଦୁଧ ନେଇ ଫେରିଆସେ । ଏତେଶୀଘ୍ର କିମିତି ଫେରେ ପଚାରିଲେ, କୁହେ ଦୁଧ ଦେବାବାଲାଙ୍କ ସାଂଗରେ ତା'ର ଆତ୍ମୀୟତା ହୋଇଯାଇଛି । ଆଗପଛ ବାଛ ବିଚାର ନ କରି ଯାକୁ ପ୍ରଥମ ଦେଇଦିଅନ୍ତି । ମାସେ ଖଣ୍ଡେ ପରେ ଲକ୍ଷ୍ୟ କଲି, ତାର ଫେରିବାକୁ ଡ଼େରି ହେଉଛି । ବାରମ୍ବାର ଜେରା ଜମାନବନ୍ଦୀରୁ ଅବଗତ ହେଲି ଯେ, ଚଇତନ ଓ ତା'ର ଦୁଇବନ୍ଧୁ ଗୋଟାଏ ଟି'କ୍ଲବ୍ ଖୋଲିଛନ୍ତି । ଦୁଇଜଣ ବନ୍ଧୁ ବଡ଼ ବଡ଼ ଲୋକଙ୍କ ଦୁଇ ଚପରାଶି । ତିନିହେଁ ତିନିଟି କେନ୍‌ରେ କ୍ଷୀର ନେଇ ଗୋଟାଏ ଚା' ଦୋକାନରେ ବସନ୍ତି । ଚାମଚେ ଦି'ଚାମଚ ପ୍ରତ୍ୟେକ ଦେଲେ ଦୋକାନୀ ତିନିକପ୍ ଖାଣ୍ଟି ଚା' ଦିଏ । ମନ୍ଦିର ପାଖ ପୋଖରୀ ହୁଡ଼ାର ପକ୍କା-ପାହାଚରେ ତିନିବନ୍ଧୁ ବସି ଚା'ପିଅନ୍ତି, ସିନେମା ଗୀତ ଗାଆନ୍ତି । ଫେରିବାକୁ ଡ଼େରି ହୁଏ ।

କେତେଦିନ ପରେ ଚଇତନ କହିଲା, "ବାପା, ଆମର ଟି' କ୍ଲବ୍‌ରେ ପାକିସ୍ତାନୀ ଛୋଟ ଝିଅଟିଏ ଓ ତା' ମାଆକୁ ମିଶାଇଛୁ । ଖୁବ୍ ଗରିବ । ସେ ଝିଅକୁ ଆମେ ତିନିଜଣ ପାଖ ସ୍କୁଲରେ ପାଠ ପଢ଼ାଇବୁ ବୋଲି ଠିକ୍ କରିଛୁ, ଚାନ୍ଦା ଦେଇ । ଜଣକା ପାଞ୍ଚଟଙ୍କା, ସେମାନେ ହାକିମମାନଙ୍କ ପାଖରୁ ଟଙ୍କା ଆଣିବେ । ତୁମେ ପାଞ୍ଚଟଙ୍କା ଦବ ?" ମୁଁ ଦେଲି । ମନେ ମନେ ଚଇତନର ଗୁଣର ତାରିଫ୍ କଲି । ଦି'ଦିନ ପରେ ଖବର ପାଇଲୁ କ୍ଲବ୍ ସେ ଝିଅକୁ ବହି ସିଲଟ କାଗଜ କାଳି କଲମ କିଣି ଦେଇଛି । ଆଉ କେତେଦିନ ପରେ ପେଣ୍ଟ ଫ୍ରକ୍ ମଧ ଯୋଗାଇ ଦେଇଛି । କ୍ରମେ ରାତି ଯାତରେ ଫେରିବା ଲୋକ ଆଠରେ ଫେରୁଛି ଏବଂ ବୁଡ଼ିଗଲା ଲୋକ ତଳକୁ ତଳ ଯାଉଛି । କ୍ଲବ୍ ଖୁବ୍ ଜମୁଛି ବୋଲି ମୋର ଧାରଣା ହେଲା । ଝିଅର ମାଆ ବି ପ୍ରତି ସଞ୍ଜରେ ଆସେ । ତା'ର ସ୍ୱାମୀ ନାହାନ୍ତି । ଝିଅକୁ ଯେପରି ହେଉ ପାଠ ପଢ଼ାଇବା ତ'ର ଓ କ୍ଲବ୍ ମେମ୍ବରମାନଙ୍କର ଜିଦ୍ । ସପ୍ତମରୁ ଅଷ୍ଟମ ଯିବ । ଦି'ଚାରି ମାସ ପରେ ଚଇତନ କହିଲା "ବାପା ! ଆମ କ୍ଲବ୍ ମେମ୍ବରଙ୍କ ଗୋଟାଏ ଫଟୋ ଉଠିବ ।" ପୁଣି ପାଞ୍ଚଟଙ୍କା ପୁଣ୍ୟ କାମ ପାଇଁ ଅକାତରେ ଦେଲି ।

ପରଦିନ ରାତି ନଅରେ ଦୁଧକେନ୍ ଧରି ଚଇତନ ଫେରିଲା ଏବଂ ସିଧା ମୋ ପାଖକୁ ଆସି କହିଲା, "ବାପା ! ଏଇ ଆମ କ୍ଲବ୍ ମେମ୍ବର ଫଟୋ ।" ଦେଖିଲି, ବାବା ଚଇତନ ମଝିରେ ବସିଛି । ବାଁ ପାଖକୁ ଫ୍ରକ୍ ପିନ୍ଧା ଝିଅଟିଏ । ଡ଼ାହାଣକୁ ଫୁଲସରିଆ ଏ.ଡ଼ି.ଏମ୍.ଙ୍କ ଚପରାଶି, ପଛରେ ଦଣ୍ଡାୟମାନ ଅବସ୍ଥାରେ ଆଉଜଣେ ଅଧୋଡ଼ା ପିଅନ

Digitized by srujanika@gmail.com

ସାଂଗକୁ ଲାଗି ପଇଁତିରିଶ ବର୍ଷର ବିଧବା ନାରୀ । ଝିଆରୀ ସରଳା ଫଟୋଟି ମୋ ହାତରୁ ନେଇ ଦେଖିଲା, କହିଲା, "ଦଦେଇ, ଏ ଝିଅଟିକୁ ଚଇତନ ଦଶ ଏଗାର ବର୍ଷର ବୋଲି କହୁଥିଲା । ଏଇଟି ପାକଳ ଝିଅ, ସ୍ୱାସ୍ଥ୍ୟ ନଥିବାରୁ ଛୋଟ ଦିଶୁଛି । ଆଉ ତା' ମାଆଟା ବଜାରୁଣୀ ପରି ଜଣାପଡୁଛି । ଚଇତନ ଆଉ ଆଗ ଚଇତନ ନାହିଁ । ଫାର୍ମ ଦୁଧ ତାକୁ ସାରିଲା, ଆଉ ଡ଼ି.ଏମ୍., ଏ.ଡ଼ି.ଏମ୍. ଙ୍କ ଦୁଇ ଚପରାଶି ତାକୁ ଖାଇଲେ । ଆମର ଯେଉଁ ପିତଳ ଷ୍ଟୋଭଟା ଥିଲା ତାକୁ କ୍ଲବ୍‌କୁ ଦେଇଛି, ସେଇଠି ବା ପାଣି ଫୁଟୁଛି ।" ତାକୁ କହିଲି "କଡ଼ା ନଜର ତା' ଉପରେ ଟିକେ ରଖିଥିବୁ ।"

ଦିନେ ସଞ୍ଜବେଳେ ଦାଣ୍ଡପିଣ୍ଡାରେ ବସିଛି, ପ୍ରାୟ ସାତଟା ବେଳେ ଘର ଭିତରୁ ଚଇତନ ଓ ସରଳା କଳି ଲାଗୁଛନ୍ତି ଭଳି ମୋତେ ଲଗିଲା । ଧାଇଁଯାଇ ଦେଖିଲି ଚଇତନର ହାତକୁ ଜାବୁଡ଼ି ସରଳା ଧରିଛି ଏବଂ କହୁଛି, "ତୁ ସବା ଶେଷରେ ଚୋରିକଲୁ । ବାପା ତୋତେ ପଠାଇଥିଲେ ତାଙ୍କ ନାଆଁ ବୁଡ଼ାଇବାକୁ ।" ଚଇତନ ଥରୁଛି ଏବଂ "ନା, ନା, ମୁଁ ଚୋରି କରୁନଥିଲୁ, ବଜାର ସଉଦା ପାଇଁ ଟଙ୍କା ବାହାର କରୁଥିଲି । ତୁମେ ସେ ଘରେ ପାଠ ପଢୁଥିଲ, ମୁଁ ତୁମକୁ ଡ଼ିଷ୍ଟର୍ବ କରିବିନାହିଁ ବୋଲି ଭାବିଲି, ଗାଣ ପକାଉଛି ।" ଦେଖିଲି ଦଶଟଙ୍କିଆ ନୋଟ୍ ଟିଏ ସେ ଧରିଛି, ବାଁ ହାତରେ ତାଲା ଓ ଚାବିକାଠି ମୁଠାଇଛି । ମୋ ଘରେ ବାକ୍ସ ଯେ, କେହି ଫିଟାନ୍ତି । ଅଳ୍ପ ପଇସା ଥାଏ, ମୁଁ ପଇସାପତ୍ର ହାତରେ ଧରେନାହିଁ । ଚଇତନ ସରଳା ପାଖରୁ ନିଏ, କେବେ ନିଜେ ବାକ୍ସ ଛୁଏଁନାହିଁ । ମୁଁ ନିଜେ କର୍ତ୍ତବ୍ୟାକର୍ତ୍ତବ୍ୟ ସ୍ଥିର କରିନପାରି ଭାବବିହ୍ୱଳ ହୋଇ ପାଖ ଘରୁ ଫୋନ୍‌ରେ ଥାନାକୁ ଡ଼ାକିଦେଲି । ମୁଁ କଡ଼ା ଆଖିରେ ଚଇତନକୁ ଚାହିଁଥାଏ, ସେ କାନ୍ଦ କାନ୍ଦ ହୋଇ ଲୁହ ଛଳ ଛଳ ଆଖିରେ ମୋ ଆଡ଼କୁ କ୍ଷମାପ୍ରାର୍ଥୀ ଚକ୍ଷୁରେ ଚାହିଁଥାଏ ।

ପୋଲିସ୍ ଆସିଲା । ମୁଁ ଭାବିଥିଲି ପୋଲିସ୍‌କୁ ଖବର ଦେଲେ ସେ ଡ଼ରିଯିବ । ପରେ ହୁଏତ ତାକୁ ଭାଇ ପାଖକୁ ପଠାଇଦେବି । ପୋଲିସ୍ ତାକୁ ଦଉଡ଼ିରେ ବାନ୍ଧି ଥାନାକୁ ନେଇଗଲା । ମୁଁ ପ୍ରାୟ ଦଶଟା ବେଳେ ତାକୁ ମୁକୁଳାଇ ଆଣିଲି । ଥାନାବାଲାକୁ ଏଫ୍.ଆଇ.ଆର୍ ଦେଲିନାହିଁ । କାନ୍ଦୁଥାଏ ସେ, ମୁଁ ବି ଅନୁତପ୍ତ ହୋଇ ଦୁଃଖ କରୁଥାଏ । ଯାହା କହିଲେ ବି ସେ ବୁଝିଲା ନାହିଁ । ରାତିରେ ଖାଇଲା ନାହିଁ । ଶେଯପଟା ନ ନେଇ ଖାଲି ଭୂଇଁରେ ଶୋଇଲା । ରାତିଯାକ ଶୋଇନାହିଁ ବୋଧହୁଏ । ଆମେ ସକାଳୁ ଉଠି ଦେଖୁ କବାଟ ଆଉଜା ହୋଇଛି । ଖିଟିଂ ଫାଙ୍କ୍, ଚଇତନ ନାହିଁ । ଯାହା ପିନ୍ଧିଥିଲା ସେତିକି ଛଡ଼ା କିଛି ନେଇନାହିଁ ।

ଆମେ କାହିଁକି ମାତ୍ର ଦଶଟଙ୍କା ପାଇଁ ତାକୁ ଏମିତି କଲୁ, ସେଥିପାଇଁ ବ୍ୟଥିତ ହେଲୁ । ହୁଏତ ସେ ଆଉ ଫେରିବନାହିଁ । ଆମର ଏ ଦୁର୍ବ୍ୟବହାର ପରେ ବିଶ୍ୱାସ ହରାଇଲା, ଏତେ ବଡ଼ଲୋକର ଏଇ କଥା ତା' ଛାତିକୁ କୋରି ଖାଇବ, ହୁଏତ ଆତ୍ମହତ୍ୟା କରିବ ।

Digitized by srujanika@gmail.com

ପୁଣି ପୋଲିସ୍‌କୁ ଖବର ଦେଲି । ଜଣେକ ଲେବର ଅଫିସର୍ ତାକୁ ଖୁବ୍ ଭଲ ପାଉଥିଲେ । ତାଙ୍କ ଇଲାକାର ଲୋକ । ତାଙ୍କୁ ଖବର ଦେଲି । ଖୋଜ ଖବର ନେବେ, ସେ କହିଲେ ।

ଦିନେ ଗଲା, ଦି'ଦିନ ଗଲା । ରୋଷେଇ ବାସେଇ ସିମିତି ସିମିତି, ଖାଇବା ପିଇବା ପ୍ରାୟ ନାହିଁ । ଘରର କେହି ପ୍ରିୟଜନ ବା ଅତି ପ୍ରିୟ ଜୀବଟିଏ ମରିଗଲେ ଯେମିତି ଲାଗେ, ସେମିତି ଲାଗିଲା, ଘର ଶୁନଶାନ୍ । ଚଇତନ ଆଉ ଫେରିବ ନାହିଁ । ହୁଏତ, କିନ୍ତୁ ବଞ୍ଚିଛି ନା' ଜୀବିତ ଅଛି ? ଏକବାଗିଆ, ଏକମୁର୍ଖିଆ ଟୋକାଟା ।

ରାତି ପ୍ରାୟ ଦଶଟା । ଚାରିଜଣ ଲୋକ ମୋତେ ଡ଼ାକି ଉଠାଇଲେ । "ଆମେ ସାର୍ ଚାରିଜଣ ଆପଣଙ୍କ ଛାତ୍ର, ଏବେ ଇସ୍କୁଲ ମାଷ୍ଟର ଅଛୁ । କଲିକତା ବୁଲିବାକୁ ଯାଇଥିଲୁ । ଲୋକାଲ ଟ୍ରେନ୍‌ରେ ଖଡ଼ଗପୁର ଆସି ସେଇଠୁ ପାସେଞ୍ଜର ଧରି ଏଇମାତ୍ର ପହୁଞ୍ଚିଲୁ । ସାର୍ ଆପଣଙ୍କ ଘରେ 'ଚଇତନ ନାଏକ' ବୋଲି ପିଲାଟିଏ ଥିଲା କି ?' ଆମେ ତାକୁ ସାଂଗରେ ନେଇ ଆସିଛୁ । ଖଡ଼ଗ୍‌ପୁର ଷ୍ଟେସନ ପ୍ଲାଟଫର୍ମରେ ଗାଡ଼ିକୁ ଅପେକ୍ଷାକରି ବେଞ୍ଚରେ ବସିଥାଉ, ଦେଖିଲୁ ପିଲାଟାଏ ରେଳ ଲାଇନ୍ କଡ଼ରେ ବସିଛି ଅନେକ ସମୟ ଧରି । ସନ୍ଦେହ ହେବାରୁ ତା' ପାଖକୁ ଯାଇ ପଚାରିଲୁ ତାର ନାମ ଧାମ । ଆପଣଙ୍କ ଘରେ କାମ କରୁଥିଲା ବୋଲି କହିଲା ବେଳେ ତା ଆଖିରୁ ଲୁହ ଝରିଲା ପରି ଲାଗିଲା । ତା' ମତଲବ ବୋଧହୁଏ ଭଲ ନଥିଲା । ତା' ପାଖରେ ପଇସାପତ୍ର କିଛି ନଥିଲା । ଆମେ ତାକୁ ଚା' ଜଳଖିଆ ଖୁଆଇ ଟ୍ରେନ୍‌ରେ ଘେନି ଆସିଛୁ । ସେ ଆପଣଙ୍କ ଘରକୁ ଫେରିବା ପାଇଁ ମଙ୍ଗିଲା ନାହିଁ । ଜଣେ ଅଫିସର୍ ଘରକୁ ଯିବ କହିଲା । ସେଇଠି ତାକୁ ପହୁଞ୍ଚାଇ ଦେଇ ଆମେ ଆପଣଙ୍କୁ ଖବର ଦେବା ପାଇଁ ଆସିଛୁ ।"

ସାଇକେଲ ଧରି ତଦନ୍ତେ ବାହାରି ପଡ଼ିଲି ଲେବର୍ ଅଫିସର ମୋର ଅତି ପ୍ରିୟ ଛାତ୍ର ପରଶୁରାମର କ୍ୱାର୍ଟରକୁ । ପରଶୁରାମ କବାଟ ଖୋଲି ଯିମିତି ମୋତେ ଦେଖିଛି, କହିଲା "ସାର୍, ଚଇତନ ମୋ ପାଖରେ ଅଛି । ସେ ନ ଖାଇ ନ ପିଇ ଶୋଇଯାଇଛି ।" କହିଛି "ବାପା ଆସିଲେ କହିବେ, ମୁଁ ଅଚେତ ହୋଇ ଶୋଇଯାଇଛି । ତା' ଛଡ଼ା ସେ ପ୍ରାୟ ପାଗଳ ହେଲା ଭଳି ଜଣାପଡୁଛି ତା' କଥାବାର୍ତ୍ତା, ଚେହେରାରୁ । ଯେଉଁମାନେ ତାକୁ ଆଣି ମୋ ଘରେ ପହୁଞ୍ଚାଇଲେ ସେମାନେ ମୋତେ ପଦେ କଥା କହିଛନ୍ତି "ସେ କୁଆଡ଼େ ରେଳ ତଳେ ଆତ୍ମହତ୍ୟା କରିବା ମତଲବରେ ଥିଲା ।"

ପରଦିନ ଭୋର ସକାଳୁ ଜଣେ ଆସି ପଚାରିଲା, "ସାର୍! ଚଇତନ ଆପଣଙ୍କ ଘରକୁ ଆସିଛି ?"

"ନା, ତ ।" ତେବେ ସେ କୁଆଡ଼େ ଚାଲିଗଲା ଭୋର ସକାଳୁ, କାହାକୁ କିଛି ନକହି ।"

Digitized by srujanika@gmail.com

ଚଇତନ ଚାଲିଗଲା । ମୁନୁ ଓ ତା' ମାଆ ବି ଏମିତି ଯାଇଥିଲେ, କିଛି ସୂଚନା ନ ଦେଇ । ଜଣକର ପିନ୍ଧା ଶାଢ଼ୀ କେଇଖଣ୍ଡ ଆଉ ରେଶମୀ କାଚ ଦୁଇପଟ, ଅନ୍ୟ ଜଣଙ୍କର ବହି, ଶିଲଟ, ଟେନିସ୍ ବଲ୍‌ଟିଏ, ତିନିଅଣା ପଇସା ଦୁଇଟି ପ୍ଲାଷ୍ଟିକ୍ ବେଗ୍‌ରେ ବାକ୍ସ ଭିତରେ ଅଛି । ସାଂଗକୁ ଆଉ ଗୋଟିଏ ବେଗ୍ ଆଜି ଯୋଡ଼ାହେଲା, ଯହିଁରେ ଅଛି ବନ୍‌ସୀ କଣ୍ଟା ଗୋଟିଏ, ଟା' କ୍ଲବ୍‌ରେ ମେମ୍ବରମାନଙ୍କ ଫଟୋ ଏବଂ ଗୋଟିଏ ଛୋଟ ହିସାବ ଖାତା, ଯହିଁରେ ଚଇତନ ପ୍ରତିଦିନ ବଜାର ସଉଦା ହିସାବ ରଖୁଥିଲା, ବିଚିତ୍ର ଅକ୍ଷରରେ, ଯଥା ଭେଣ୍ଡି, କଙ୍କଡ଼ା, ମିଲ୍କ (ମିଲ୍କ) ସୁଜନା ଗୁଡ଼ା, ଗୁମା ଇତ୍ୟାଦି । ଏ ତିନି ପେକେଟ୍ ମୋ ସାଂଗରେ ଯିବ, ସେଇ ଦଶଟଙ୍କିଆ ନୋଟ୍ ସହିତ ।

ଏବେ ଚଇତନର ଅର୍ଜୁନ ବୋଲି ବଡ଼ ଗଞ୍ଜାଟା ପ୍ରତିଦିନ ଭୋର ସକାଳେ ବଡ଼ପାଟି କରି ଡ଼ାକୁଛି, "ବାପାକୁ ଚା' ଦେ ।" ଚଇତନର କିନ୍ତୁ ଖୋଜଖବର ନାହିଁ ।

# ଚୁପ୍, ଛୁଆ ଶୋଇଛି

ଆଶ୍ୱସ୍ତିସୂଚକ ସୁଦୀର୍ଘ ହାଇଟିଏ ସ୍ୱାଭାବିକ ଶବ୍ଦ ସହିତ ନିର୍ଗତ ହେଉ ହେଉ ଶେଷଆଡ଼କୁ ହଠାତ୍ ସ୍ୱର ପରିବର୍ତ୍ତନ କରି ବିକଟ ଚିତ୍କାରରେ ପରିଣତ ହେଲା । କାଲି ରାତି ଦେଢ଼ଟା ବେଳେ ମାଡ୍ରାସ୍ ମେଲରେ ବଡ଼ପୁଅ, ବଡ଼ବୋହୂ, ତାଙ୍କ ସାନଭଉଣୀ ଓ କୁନିପୁଅକୁ ଧରି ୱାଲଟିୟରରୁ ଆସି ମୋରି ପାଖ କୋଠରିକୁ ଦଖଲ କରି ଶୋଇଛନ୍ତି ସେ ଖିଆଲ ମୋର ନଥିଲା ।

ମୋର ଅପ୍ରାକୃତିକ ହାଇ ଶବ୍ଦ ଶେଷ ହୋଇଛି କି ନାହିଁ କାଏଁ କରି ନାତିଛୁଆର ତୀକ୍ଷଣ ତୀବ୍ର ଗଳାସ୍ୱର ଘରର ତିନୋଟିଯାକ କୋଠରୀକୁ କମ୍ପାଇଦେଲା । କୁଆ ଉଡ଼ିଗଲା, ତାଳ ପଡ଼ିଗଲା । କାକତାଳୀୟ ନ୍ୟାୟରେ ବଡ଼ପୁଅ ଗଳାକୁ ଖଙ୍କାରି ବିରକ୍ତିସୂଚକ ଗଳାରେ କହିଲା "ବାପା, ତୁମକୁ ବୋଧହୁଏ ମାଲୁମ ନାହିଁ ଆମେ କାଲି ରାତିଯାକ ଉଜାଗର ରହିଛୁ । ଏକେ ତ ରାତି ଗୋଟାଏ ଦୁଇଟାରେ ପହୁଞ୍ଚିଲୁ, ତା'ଛଡ଼ା ତମ ଶେଯପଟା ଖରାରେ ଦିଆ ନହୋଇଥିବାରୁ ଉଷୁମୁଳିଆ ଗନ୍ଧ ବାହାରୁଛି, ଦୁନିଆଯାକର ମଶା; ଫ୍ଲିଟ୍ ସ୍ପ୍ରେ କରନି ଘର ଗୁଡ଼ିକରେ ? ଗୋରୁ ବି ଶୋଇପାରିବେ ନାହିଁ ଏଠି । ଛୁଆକୁ ବହୁ କଷ୍ଟରେ ଶୁଆଇ ଦେଇଛୁ କି ନାହିଁ ସେ ଘରୁ ଗୋରୁ ହମ୍ବାଳିଲା ପରି ହାଇମାରି ତୁମେ ତାକୁ ଜାଗ୍ରତ କରିଦେଲ । ଦେଖ ଆଜି ଦିନଟା କିମିତି କଟୁଛି ।

Digitized by srujanika@gmail.com

ଏଇ ଯେ ଛୁଆ ଉଠିଲା ଆଉ ତାକୁ ନିଦ ହବନି । ଶୁଆଇ ହବନି । ସେ ଘରୁ ପୁଣି ବୁଢ଼ୀମାଆର ଖୁଖୁର୍ଯ୍ୟାଁ କାଶରେ ଘର କମ୍ପୁଛି । ଆମେ ଆସିଥିଲୁ ସପ୍ତାହର ଶେଷ ଦୁଇଟା ଦିନ ସହରକୁ ବାହାରିଆସି ଆରାମରେ କଟାଇବୁ । ପୁଅର ଜୋର ପାଟିରେ ତିନିଝିଅ, ତିନିପୁଅ ଉଠି ବସିଲେ । "ଛୁଆଟା କେଡ଼େ ଜୋର କାନ୍ଦୁଛି ।" ଜଣ ଜଣ କରି କହିଲେ, "ଭାଉଜ ତାକୁ ଚୁପ୍ କରିପାରୁନାହାନ୍ତି ?" ବୋହୂ କ୍ରୁଦ୍ଧହୋଇ କହିଲେ "ତୁମେ ସବୁ ଚୁପ୍ ହୁଅ ଆଗେ, ତା'ପରେ ସିନା ଛୁଆ ଶୋଇବ । ତୁମେ ତ ସବୁ ବଣିବସାରେ ଢ଼େମଣା ପଶିଲା ପରି ଚେରଚାର କିଚିରିମିଚିରି ହେଉଛ । ବାପା ତ ନାଟର ଗୋବର୍ଦ୍ଧନ, ପ୍ରଥମେ ସେ ବିକଟାଳ ହାଇରେ ତାକୁ ଉଠାଇଛନ୍ତି ।"

ମୋ ବୁଢ଼ୀମାଆ ଛୁଆର ଟାଟକା ହେବାଯାକେ କାନ୍ଦ ଶୁଣି କହିଲା, "ବୋହୂ ଦୁଧ ବେଣ୍ଟିଟା ପୁଅ ପାଟିରେ ପୂରାଇଦେ, ଭୋକ କରୁଥିବ ତାକୁ ।" ବୋହୂ ଖୁବ୍ ଚିଡ଼ିଯାଇ କହିଲେ, "କେଉଁ ଦୁନିଆର ଜାନୁଆର ସବୁ ଏଠି ରହିଛନ୍ତି କେଜାଣି, ସକାଳୁ ଉଠି ବସିଲାମାତ୍ରେ ପାଟି ମୁହଁ ସବୁ ଗରମ ପାଣିରେ ନ ଧୋଇ ଗଳା ସଫା ନକରି ଦୁଧବେଣ୍ଟି ପୁରାଇଦେଲେ ଛୁଆ ଶୋଇଯିବ ! ବୋତଲକୁ ଗରମ ପାଣିରେ ନ ଧୋଇ ... କି କଥା ! ମଫସଲରେ ରହିଲେ ଯାହା ହୁଏ ।" ତାଙ୍କ ନିଜ ଗଳା ଏତେ ଚେଚେଯ୍ୟାଁ ଯେ, ଛୁଆ ତାଙ୍କ ଗଳା ଶବ୍ଦରେ ପୁଣି ଟାଟକା ହେବା ଯାଏଁ କାଶିଛିଙ୍କି କାନ୍ଦିଚାଲିଲା । ଏତିକିବେଳେ ଅକସ୍ମାତ ମୋର ଲାଗେ ଲାଗେ ଚାରିପାଞ୍ଚଟା ସର୍ବାଙ୍ଗ କମ୍ପାଇ ଛିଙ୍କ ବାହାରିଲା । ଦୈନିକ ସକାଳେ ଏଥିରେ ମୋର ଦିନ ଆରମ୍ଭ ହୁଏ, ଏଲାର୍ଜି ଛିଙ୍କ । ଛୁଆ ଦଣ୍ଡେ ଚୁପ୍ ଥିଲା । ମୋ ଛିଙ୍କରେ ପୁଣି କୁଆଁ କୁଆଁ । ସେ ଘରୁ ପୁଅର ହାକିମାତି ଗଳାସ୍ୱର ଶୁଭିଲା, "ବାପା, ତୁମେ ନିଜେ ଚୁପ୍ ହୁଅ, ଛୁଆ ଆପେ ଆପେ ଶୋଇବ, ଆଉ ସେ ବୁଢ଼ୀକି କୁହ, ଦୁଧବେଣ୍ଟି ପ୍ରେସ୍‌କ୍ରିପସନ୍ ଆଉ କାହାକୁ ଦେବ । ବାପା ! ସତ କହିଲେ ଏ ଘରେ ସମସ୍ତଙ୍କ ଗଳା ମୋଟା କର୍କଶ ହୋଇଯାଇଛି । କେହି ଦଣ୍ଡେ ଅଧେ ଚୁପ୍ ରହିପାରୁନାହାନ୍ତି । ଏମିତିରେ ଛୁଆ ଶୋଇବ କିମିତି ? ବଞ୍ଚିବ କିମିତି ? ଆମ କେତେ କଷ୍ଟରେ ଛୁଆ ପାଳୁଛୁ, ଆମ ଘରେ, ଯାହାକୁ କହନ୍ତି ପ୍ରିନ୍‌ଡ୍ରପ୍ ସାଇଲେନ୍ସ ମେଣ୍ଟେନ୍ କରିଥାଉ । ଦି'ଟା ଦିନ କିମିତି କଟାଇବା ସେଇ କଥା ଭାବୁଛି । କାଲି ରାତିଯାକ ଟ୍ରେନ୍ ଜର୍ଣ୍ଣି । ଏଣେ ଜୋର୍‌ଥଣ୍ଡା, ନାକ ବସିଯାଇଛି, ଚୁଣ୍ଟିଯାଇଛି ଛୁଆର । ତଣ୍ଟିରେ କଫ ଘଡ଼ ଘଡ଼ । ଏଣେ ହୁରିପାଟି, ଛିଙ୍କ କାଶ ସମସ୍ତଙ୍କର ତା' ସାଂଗକୁ ହିତୋପଦେଶ ବୋହୂକୁ । ମଣିଷ ମହରଗରୁ ଆସି କାନ୍ତାରରେ ପଡ଼ିଲା, ଦେଖୁଛି ।" ପୁଅ ଅନର୍ଗଳ ଏକାନିଃଶ୍ୱାସରେ କହିଗଲା ।

ଏତିକିବେଳେ କାମଚୁଣୀଟା ବାସନକୁସନ ଢ଼ଣଢ଼ାଣ କରି ଗୋଟାଇଲା ଏବଂ ଅଗଣାରେ ରଖି ଖରକାରେ ଚଟାଣ ଧୋଇବାକୁ ଲାଗିଲା । ଏଥର ଦେଖ, ଛୁଆର

Digitized by srujanika@gmail.com

କାନ୍ଦ । ଯିମିତି ବିଛା କାମୁଡୁଛି । ଘରେ ରହିବା ମୁସ୍କିଲ । ମାଆବୁଢ଼ୀ, ତିନିପୁଅ, ତିନିଝିଅ ବଗିଚା ଆଡ଼କୁ ଡ଼ରିମରି, ବାଧହୋଇ ଚାଲିଗଲେ ଦାନ୍ତପତ୍ର ଘଷାଘଷି ସାରି ନିତ୍ୟକର୍ମ ଶେଷ କରିବା ପାଇଁ । କଥାବାର୍ତ୍ତା ହେଲେ ଏ ପ୍ରମାଦରୁ ରକ୍ଷାପାଇବେ, ଉଦ୍ଧାର ପାଇବେ କିମିତି ? ବାଘ ବାଘୁଣୀର ହୁଁକାରରୁ । ଆଜ୍ଞା ପୁଅ ଭାଇଙ୍କର ଜନ୍ମିଛି ।

ଛୁଆ ନିଃଶ୍ୱାସ ନିଏ ଏବଂ ଦଣ୍ଡେ ରହି କାନ୍ଦେ । ଯଦିଓ ସମସ୍ତେ ଘର ବାହାରକୁ ଗଲେଣି, ଘର ଚୁପ୍‌ଚାପ୍ ଜଣାଗଲାଣି, ତଥାପି ବାହାର ସଡ଼କରେ ଘରଘାର ମୋଟର ଶବ୍ଦ ଓ ପେଁ ପେଁ ହର୍ଣ୍ଣ ଶବ୍ଦରେ, ଛୁଆ କେଁ କେଁ ଆରମ୍ଭ କରିଦିଏ ।

ପୁଅ କହିଲା, "ବାପା, କଣ୍ଟାନିଦିଆ ଛୁଆକୁ ସମସ୍ତେ ମିଳିମିଶି ବିଶେଷକରି ତୁମ ଗୋରୁ ପରି ଛିଙ୍କ ଉଠେଇଛି । ଦେଖିବ, ଆଜି ଦିନଯାକ କଣ ଅବସ୍ଥା ହେବ, ଦଫାରଫା ଛିଣ୍ଡେଇଦବ ସମସ୍ତଙ୍କର । କିମିତି ତୁମେ ଆଠ ଆଠୁଟା ଛୁଆ ଜନ୍ମ କରିଛ, ବଢ଼ାଇଛ, ମୁଁ ମୋଟେ ବୁଝିପାରୁନି, ତୁମ ମୁଣ୍ଡ ପାଗଳ ନ ହୋଇଛି କିମିତି !" ମୁଁ ମୁରୁ ମୁରୁ ହୋଇ କହୁଥାଏ, "ମୋ ମାଆ ପାଳିଛି ସିନା, ଶାଶୁ ବୋହୂ ଦୁହେଁ ମିଳିମିଶି ଆଠଆଠୁଟା ପିଲା ଏମିତି ପାଳିଲେ ଯେ, ମୁଁ ଜାଣିପାରିଲି ନାହିଁ କିଏ ପିଲାପିଲିଙ୍କି ବଢ଼ାଇଛି । ମାଆ ଆମ ଘରକୁ ଆସିଲା ବେଳେ ଅଳେଇପେଡ଼ିଟିଏ ଆଣିଥିଲା । ପିଲାପିଲିଙ୍କ ପାଇଁ ମିନି ଡ଼ାକ୍ତରଖାନା କୁହାଯିବ । ମାଆକୁ ସବୁ ଜଣା । ପେଟପାଟଣା, ଶର୍ଦ୍ଦି, କାଶ, ଜ୍ୱର ସବୁ ରୋଗବଇରାଗ ପାଇଁ ତା' ଭିତରେ କେତେଜଣ ନଥାଏ, ହରିଣୀ ଶିଙ୍ଗ, କଇଁଛ ଖୋଳପା, ବାଇବିଡ଼ଙ୍ଗ, ଶୁଣ୍ଠି, ପିପଳି, ମୁଥା, ଅଁଳା, ବାହାଡ଼ା, କଷାଫଳ ଆହୁରି ଦଶ ପଚିଶ ଉଦ୍ଭିଦ ଜଗତ ଓ ପ୍ରାଣୀଜଗତର, ଚେରମୂଳିକା ଓ ଜାନ୍ତବ ପଦାର୍ଥ । ମାଆ କ୍ଷୀରରେ ପେଡ଼ିରେ ଏସବୁ ଘୋରି ମହୁ ସହିତ ପିଲାକୁ ଶାମୁକାରେ ଖୁଆଇଲେ ସବୁ ରୋଗ ଭଲହୁଏ । ଘଣା ସୋରିଷତେଲ ମୁଣ୍ଡରେ ଲଗାଇଲେ ଶିଶୁଙ୍କ ସର୍ବରୋଗ ଦୂରର କାମ ଦିଏ । ଏବେ ବି ସେ ପେଡ଼ି ଘରେ ସାଇତା ହୋଇଛି । ବଟା କଞ୍ଚାହଳଦୀ ଖୁଆଇଲେ କୃମି ହୁଏ ନାହିଁ । କାନିଶିରି ଲତାର ମୂଳରେ କୋଷ୍ଠକାଠିନ୍ୟ ଦୂର ହୁଏ, ଏସବୁ ଶାସ୍ତ୍ର ମାଆ ମୁହଁରେ ଥିଲା । ଏବେ ସେ ଚିକିତ୍ସାର ହଇରାଣ ହେଙ୍ଗାମ ଦୂର କରିବା ପାଇଁ ଜନ୍ମଘୁଟି, ସୁବିଧାରେ ବ୍ୟବହାର କରୁଛନ୍ତି । ଏକଦା ପିଲାଙ୍କ ବହିରେ ଥିଲା, "ଶିଶୁକୁ ସକାଳୁ ଶେଯରୁ ଉଠାଇ ଅତି ସାବଧାନ୍ ହୋଇ, ଅଳ୍ପ ଉଷୁମ ଜଳରେ ତାହାର ଦୁଇ ଆଖି ଦେବ ଧୋଇ ।" ଏବେ ସେ ପାଠ ବଦଳରେ ଏଇ ତ ମୋର ଜନ୍ମଭୂଇଁ ।

ପିଲାଝିଲାଏ ଘର ବାହାରକୁ ଚାଲିଯିବା ଫଳରେ ଶୁନ୍‌ଶାନ୍, ଚୁପ୍‌ଚାପ୍ ହେଲା ଘରଟା । କେବଳ ମୁଁ ଉଠି ଏପଟ ସେପଟ ହେଉଥାଏ କୋଠରିଟାରେ । ନାତିପିଲାଙ୍କୁ ରାତିରେ ଭଲ ଭାବରେ ଦେଖିପାରିନାହିଁ । ତାକୁ ଦେଖିବା ପାଇଁ ଗଳା ଖଙ୍କାରି ତାଙ୍କ କୋଠରିକି ଗଲି । ପିଲାଟି ଛୋଟ ଡ଼ନଲୋପ ଶେଯରେ ଶୋଇଛି, କାନ୍ଦି କାନ୍ଦି ଆଖି

Digitized by srujanika@gmail.com

ମୁହଁ ଫୁଲିଗଲାଣି । ବୋହୂ ତେଣେ ବଡ଼ ବାକ୍ସଟା ଖୋଲି ତା'ଭିତରୁ ଥାର୍ମୋସ, ଗୁଣ୍ଡଦୁଧ, ଡ଼ବା, ଚାମଚ, ତଉଲିଆ, ଗ୍ରାଇପ୍ ମିକ୍ସଚର ଆହୁରି କେତେକଣ ଅପୂର୍ବ ଚିଜ ବାହାର କରୁଥାନ୍ତି । ପୁଅ ତାଙ୍କୁ ସାହାଯ୍ୟ କରୁଥାନ୍ତି । ଛୁଆ କାନ୍ଦୁଥାଏ । ପୁଅ ନହେଲେ ବୋହୂ ଥରକୁ ଥର ଚିତ୍କାର କରୁଥାନ୍ତି (ଯଦିଓ ମୋ ଛଡ଼ା ଚିତ୍କାର କରିବା ପାଇଁ କେହି ନଥାନ୍ତି ପାଖରେ) ଚୁପ୍, ଛୁଆ ଶୋଇଛି । ଛୁଆ ଚିତ୍କାର କରୁଥାଏ, କିନ୍ତୁ ପୁଅବୋହୂ ହନ୍ତସନ୍ତ, କାନ୍ଦ କାନ୍ଦ । ତାଙ୍କ ଅବସ୍ଥା ଦେଖି ମୋତେ ବି କାନ୍ଦ ମାଡ଼ିଲାଣି ।

ଶୀତ ଲାଗିବାର କୌଣସି କାରଣ ନାହିଁ । କିନ୍ତୁ ଛୋଟ ଡ଼େନ୍‌ସିଂ ଗୃପ ଛୁଆଟି ନେଇଥାଏ ଶୀତବସ୍ତ୍ରର ଆବରଣରେ । ଛୁଆକୁ ଦେଖିଲି ବଡ଼ ହେଲା ତା' ମାଆ ପରି ହେବ, ଧନ୍ୟ ମାତୃମୁଖୀ ସୁତ ! ପିଲାଟି ବଂଶରକ୍ଷା କରିବ । ଭାବିଲି, ଛୁଆଟିକି ଉଠେଇ ଛାତିରେ ଧରିବି । ମୋ ଦିହର ଉଷୁମ (ଯେତିକି ଅଛି) ଏବଂ ରକ୍ତ ରକ୍ତର ସମ୍ପର୍କ ହୁଏ ତ ଶିଶୁକୁ ଚୁପ୍ କରିପାରିବ ଏବଂ କହିପାରିବ, "ଏଥର ନାତି ଚିହ୍ନିଲା, ମତେ ଅଚିହ୍ନା କଲାନାହିଁ ।" କିନ୍ତୁ ଇଏ କଣ ? କ୍ଷୁଦ୍ର ତୁଷାରମାନବଟିକୁ ଯିମିତି ସତର୍କତା ସହିତ ଉଠାଇଆଣି ଛାତିରେ ଥୋଇଛି ଛୁଆ କେଁ କେଁ ଛାଡ଼ି ଭେଁ ଭେଁ ପର୍ଯ୍ୟନ୍ତ ଗଲା । ଯେମିତି ମୋ ଦିହରେ ଡ଼ାହାଣୀ, ଭୂତ, ପ୍ରେତ ବା ଅନ୍ୟ ଦୈବୀ ଅସୁରୀଶକ୍ତି ଲୁକ୍କାୟିତ ରହିଛି । ଆତଙ୍କିତ ହୋଇ ଉଭୟ ପୁଅ ବୋହୂ ମୋ ଆଡ଼କୁ ମାଡ଼ିଆସିଲେ ମୋ ନାତି ସ୍ନେହ ଏକାବେଳକେ ଉଭେଇଗଲା । ପୁଅ ମୋ ଆଡ଼କୁ ଚାହିଁ କହିଲା - "ବାପା, ତୁମେ ଏ ରୁମ୍‌ରୁ ଯାଅ, ଏ ଛୁଆର ଓ ତୁମର ମୋଟେ ପଟିବ ନାହିଁ, କସ୍ମିନ୍ କାଳେ । ତୁମ ତୁଣ୍ଡ, ଗଳା ଶୁଣିଲେ ସେ ଚମକି ଉଠିବସୁଛି, ତୁମ ଦିହ ଛୁଇଁଲା ବେଳକୁ ଦେଖିଲ ତା ଆଖି ଡ଼ିମା କିମିତି ଓଲଟି ଯାଇ ସନ୍ନିପାତ ଲକ୍ଷଣ ଦେଖାଦେଲା । ତୁମେ ଅନ୍ୟ କିଛି ନ ଭାବି ବାହାରେ ଆଜି ଦିନଟା ରୁହ, ଆଉ ବାହାରେ 'ଚୁପ୍, ରୁହ' ନହେଲେ ଏ ଛୁଆ ଶୋଇବ ନାହିଁ, କାନ୍ଦି କାନ୍ଦି ତଣ୍ଟି ଛାତି ଫାଟିଯିବ ।" 'ମଣିଷ ମହା ମୁସ୍‌କିଲ୍‌ରେ ପଡ଼ିଲା' କହି ଯିମିତି ବକ୍ତୃତା ସାରିଛି ମୁଁ ଚୋର, ଦୋଷୀ, ଅପରାଧୀ ଏପରି କି ଶିଶୁହନ୍ତା ବୋଲି ନିଜକୁ ଭାବି ଚୁକ୍‌କରି ଅନ୍ୟ ଦରଜା ଫିଟାଇ ବାହାରିଗଲି ।

ଭୀଷଣ ଥଣ୍ଡା । ଉତ୍ତରା କାଲୁଆ ପବନ ଜୋର୍‌ରେ ବହୁଛି । ବାରଣ୍ଡାରେ ସୂର୍ଯ୍ୟକିରଣ ପଡ଼ିଛି । ମାତ୍ର ଦିହକୁ ଉଷୁମ କରିବାର ଶକ୍ତି ତାର ପ୍ରାୟ ନାହିଁ । କାଠଗଡ଼କୁ ବସିବା ପାଇଁ ଆସନ କରି ଗେଣ୍ଡୁ ସେବତୀ ଗଛର କୁଣ୍ଡକୁ ପୃଷ୍ଠପଟରେ ରଖି ବସିଗଲି ।ଭଗବାନଙ୍କୁ ପ୍ରାର୍ଥନା କଲି ଚଢ଼େଇ ଚଟା, ଛେଳି ଗୋରୁ ଆଦି ଜୀବଜନ୍ତୁଙ୍କ ମୁଖବନ୍ଦ କରିଦେବା ପାଇଁ, ଚୁପ୍ ଛୁଆ ଶୋଇଛି ବାରମ୍ବାର କହି । ମୁଁ ସେ କଥା କହିଲେ ଶବ୍ଦ ହେବ, କିନ୍ତୁ ଭଗବାନଙ୍କ ମୁଖନିଃସୃତ ବାଣୀ ନିଃଶବ୍ଦ । ଛୁଆ ଶୋଇବାରେ ବାଧା ହେବ ନାହିଁ । ମୋର ପ୍ରାର୍ଥନା ନିଷ୍ଫଳ ହେଲା । ପୁଣି କେଁ ଭେଁ ।

Digitized by srujanika@gmail.com

ମୁଁ ଏତେ ଆତ୍ମସ୍ଥ ଓ ଚିନ୍ତାଗ୍ରସ୍ତ ଯେ ମୋତେ ଜଣାନାହିଁ ଠିକ୍ ମୋରି ପଛକୁ ଖାଲି ସିମେଣ୍ଟ ଚଟାଣରେ ଗୋଟାଏ ଲଙ୍ଗୁଳୀ ମୋରି ନାତି ବୟସର ଶିଶୁଟିଏ ପେଟେଇ ନିଘୋଡ଼ ନିଦରେ ଶୋଇଛି । ହଲନାହିଁ ଚଲନାହିଁ । ମା' କ୍ଷୀର ଶେଷାଂଶରେ ଗାର ଫୁଟୁକା ଫୁଟୁକା ଗାଲରେ ଚିନିପାଣି ପରି ଶୁଖି ରହିଛି । ତ୍ରିପଣ୍ଡ କାଳୀଝିଅଟି ପେଟେଇ ଶୋଇ ବସୁମାତାରୁ ଉଷ୍ମ ଟାଣୁଛି । ଏକାକୀ, ନ ତାତୋ ନ ମାତା । ଶକୁନ୍ତଳାକୁ ଚଢ଼େଇ ପାଳୁଥିଲା ଯାକୁ ସୂର୍ଯ୍ୟକିରଣ ପାଳୁଛି ଏବଂ ଯେତେ ପାଳୁଛି ତାର ରଙ୍ଗ ସେତେ କଳାହେଉଛି । ଦଣ୍ଡେ ତାକୁ ନିଘୋଡ଼ ନିଦରେ ଦେଖି ଦେଖି ଏବଂ ତାର ଛୋଟ ଦିହଟିର ଛାତିର ଉଠାପଡ଼ା ଦୃଶ୍ୟରେ ମୁଗ୍ଧହୋଇ କହିବାକୁ ଇଛା ହେଉଥାଏ, "ଚୁପ୍, ଛୁଆ ଶୋଇଛି ।" ଦଣ୍ଡେ ପରେ ଦେଖିଲି, ଚୁର୍‌ଚୁର ହୋଇ ଗୁଡ଼ାଏ ପରିସ୍ରା ବାରଣ୍ଡାରେ ବହିଗଲା ଦୁଇଗୋଡ଼ ଭିତର ଦେଇ । ଛୁଆର ଦିହରେ କନା ନଥିଲା । ବଦଳ କରିବା, ପୋଛାପୋଛି କରିବା ଦରକାର ନାହିଁ । ନିଦ ଭାଙ୍ଗିଲା ନାହିଁ ତାର, ବରଂ ଉଷ୍ମ ପାଣିର ଆରାମ ସେ ପାଇଲା । ପୁଣି ଦଣ୍ଡେ ପରେ ସେ ଧୀରେ ଧୀରେ ତାର ଗୋଲ ଗୋଲ ଆଖିଦିଟା ଫିଟାଇ ଛାତର ଧଳା ରଙ୍ଗକୁ ଉପଭୋଗ କଲା । ଗୋଡ଼ହାତ ଛଟପଟ କରି ହାଓ୍ବାରେ ପୁରାଶକ୍ତିରେ ପହଁରିଲା, ଥକିଗଲା ଏବଂ ପୁଣି ଶୋଇବାକୁ ଯାଉଥିଲା । ତାର ମାଆ (ମୋ କାମତୁଣୀ), ବେଳ ଉଣ୍ଡି ଛେଳି ଗାଈ ଯେମିତି ତାଙ୍କ ଛୁଆର ଦରକାର ବେଳକୁ ଆସିଯାଆନ୍ତି ସେମିତି ଆସି ଦେଖିଲା ଛୁଆ ଶୋଇଛି, ଧୀରେ ଧୀରେ ମୂତ ସାଂଗକୁ ହଳଦିଆ ହୋଇ ଗାରେ ପତଳା ଝାଡ଼ା ମଧ ଚଟାଣରେ ବହୁଛି ।

ଏଇ କାମତୁଣୀଟି କେତୁଟା ଦିନ ହେଲା ଆମ ଘରେ ଖଟୁଛି । ମାସକୁ କୋଡ଼ିଏ ପଚିଶରେ କିଏ ପାଇଟି କରିବ ? ଦଶ ପନ୍ଦର ଟଙ୍କା ମଜୁରି ଯାହାକୁ ଯେତେ ବାହାରେ । ନା ତାର ପାର (ପାର୍ବତୀ) । କୁନି ଝିଅର ଅଶ୍ଳୀଳ ବ୍ୟବହାର ଦେଖି ସେ ଅପ୍ରତିଭ ହେଲା । ମୋତେ ଶୁଣାଇ ଶୁଣାଇ କହିଲା "ବାଲଟିଏ ପାଣି ଆଉ ଫିଲାଇନ୍ ଆଣି ସଫା କରିଦେବି ।" ଏବଂ ଦଣ୍ଡେ ସେ ସବୁ ଆଣି ପରିଷ୍କାର କରି ବାରଣ୍ଡା ସଫା କରିଦେଲା ।

ପଚାରିଲି, "ୟାର ବାପ କଣ କରେ ?" ସଡ଼କରେ ଦେଢ଼ ଦୁଇବର୍ଷର ଲଣ୍ଡାମୁଣ୍ଡିଆ ପୁଅକୁ କାଖରେ ଧରି ଯେଉଁ ଲୋକଟା ରିକ୍ସା ପାଖରେ ଏପଟ ସେପଟ ହେଉଥିଲା ତାକୁ ଦେଖାଇ ସେ କହିଲା "ସେଇ ୟାର ବାପା, ଆମର ଘରଟା ସଡ଼କ ତଳେ । ପୁଅ ଛୁଆକୁ ଆଣିଲେ ସେ ତୁମର ଏଇଠେ କନ୍ଦାକଟା କାଳେ କରିବ, ହୁରି ପାଟି କରିବ, ସେଇପାଇଁ ତାକୁ ତା ବାପ ପାଖରେ ରଖି ଏଠାକୁ ଆସୁଛି । ଏଇ ସାନଟାକେ ସେ ରଖିପାରିବ ନାହିଁ । ମୁଁ ଏଇଠୁ ଗଲେ ସେ ରିକ୍ସା ନେଇ ରୁଜଗାରକୁ ଯିବ । ମୁଁ ଦୁଇଟାଯାକ ପାଳିବି ।" ଦେଖିଲି ଦୁଇଟା ଛୁଆ ସତ୍ତ୍ୱେ ଏ କଞ୍ଚ ତନୁପାତଳୀ ମାଆଟିର

Digitized by srujanika@gmail.com

ସ୍ୱାସ୍ଥ୍ୟ ପ୍ରାୟ ସାଧାରଣ । ତା କହିବା ମୁତାବକ ସେ ଶୋଇଥିଲା ବେଳେ ଦୁଇ ଛୁଆ ଦୁଇ ଦୁଧ ଶୋଷୁଥାନ୍ତି ।

ଘର ଭିତରୁ ଦୁଗ୍ଧଫେନନିଭ ଶଯ୍ୟାରେ ଶୋଇଥିବା ଏବଂ ଆହୋରାତ୍ର ଯୋଡ଼ାଏ କାହିଁକି ଆଠଦଶଟା ଲୋକ ସେବା ସୁଶ୍ରୁଷା କରୁଥିବା ମୋ ନାତିଛୁଆ ଭେଁ ଭେଁ ହେଲା । ପାରକୁ ପଚାରିଲି (ପାର ମୋରି ଆଗରେ ତା ଛାତି ଖୋଲି ଛୁଆକୁ କ୍ଷୀର ଖୁଆଉଥାଏ, ଛୁଆ ଚଁ ଚଁ କରି ଆଖିମୁଜି ଘଟ୍ ଘଟ୍ କରି କ୍ଷୀର ପିଇଯାଉଥାଏ) 'ତୋ ଛୁଆ କାନ୍ଦେ ନାହିଁ' ପଟାପଟ ଉତ୍ତର ଦେଲା – 'ଛୁଆ କେନେ କାନ୍ଦିବ ?' ପାଳି ଜାଣିଲେ ଛୁଆ କାନ୍ଦିବ ନାହିଁ । ଆମର ଗରିବଗୁରୁବା ନୋକ ପେଜପାଣି ଖାଇ ଛୁଆ ଗୁଟାଏ ଜାଗାରେ ଦୁଇଟା ପାଳୁଛି ଛେଳିମୂତ ଓ ଘୁଷୁରି ଗୁହର ଟୁଙ୍ଗିରେ । ଛୁଆ କାନ୍ଦିବ ପେଟ ନ ପୂରିଲେ ଯଦି ଡ଼ାହାଣୀ ନାଗେ । 'ଦୁଷ୍ଟି' ହେଲେ ସଞ୍ଜରେ ଛୁଆ କାନ୍ଦେ । ଆମର ସାଇରେ 'ଦୁଷ୍ଟି'କୁ ନୁକ ବହୁତ ଡ଼ରନ୍ତି । ଛୁଆ କାନ୍ଦେଇବ, ଶୁଖେଇ ଶୁଖେଇ ଛୁଆ କି ବଡ଼ ସମସ୍ତଙ୍କୁ ମାରିଦବ ।"

ପଚାରିଲି, 'କିଛି ଗୁଣିଗାରିଡ଼ି ଡ଼ାହାଣୀ ମନ୍ତ୍ର ଯଦି କାମ ନ କରିଲା ତେବେ କି କରୁ ?"

'ଇଲାଜ ଅଛି । ସେଟା ଦବାର କଥା ନାହିଁ । ତେବେ ବି ଦେଉଛି ସମସ୍ତେ । ସେଟା ଆଣି ଘରେ ରଖିଥାଏ । ଯେତେ ଛୁଆ କାନ୍ଦୁଥାଉ ସୋରିଷର ଅଧେ ସେ ଇଲାଜରୁ ଖୁଆଇ ଦେଲେ ଛୁଆର କାନ୍ଦ ବନ୍ଦ ହୋଇଯିବ । ଧୀର ହୋଇ ଶୁଇଯିବ । ଦୁକାନରେ ମିଳେ, ହେଲେ ଦୁକାନୀ ଦିଏ ନାହିଁ, ଟିକେ ଅଧିକ ପଇସା ନିଏ । ତୁମର ଛୁଆ ଖାଇବ ନାହିଁ, ତୁମର ସେ ଇଲାଜ ଦବ ନାହିଁ, ବିଷ୍ କହିବ ।" "କହିଦେ ନା ସେ ଇଲାଜର ନାଆ..." "କାହିଁ କହିବୁ ନାହିଁ ତ କହିବି ।" କାହିଁ କାହାକୁ କହିବି ନାହିଁ ବୋଲି କହିବାରୁ ସେ କହିଲା, "ଅଫିମ ବୁଲି କହନ୍ତି ସେ ଇଲାଜକୁ ।" ଘର ଭିତରୁ ଛୁଆ ପୁଣି କେଁ ଚେଁ ।

ଝିଅକୁ ଧରି ସେ ଚାଲିଯିବାକୁ ବ୍ୟସ୍ତ ହେଲା । ସେତିକି ବେଳେ ବଡ଼ପୁଅ କବାଟ ଫିଟାଇ ମୋ ଆଡ଼କୁ କଟମଟରେ ଚାହିଁ ଗର୍ଜନ କରି କହିଲା, "ବାପା, ତୁମେ ଯାହା ଭାବ, ମୁଁ ସଫା ସଫା କହିଦେଉଛି । ଆମେ ଆସିଥିଲୁ ଏଠି ସପ୍ତାହାନ୍ତ ଯାହାକୁ 'ଉଇକ୍ ଏଣ୍ଡ' କହନ୍ତି କଟାଇବା ପାଇଁ ଭଲ ପରିବେଶ ମଧ୍ୟରେ, କିନ୍ତୁ ଭୋର ସକାଳୁ ତୁମେ ହାଇ ନାମରେ ଯେଉଁ କାଣ୍ଡ ଭିଆଇଲ, ତାର ଏ ଯାକେ ସମାପ୍ତି ନାହିଁ । କେହି ଚୁପ୍ ହେଲ ନାହିଁ, ଛୁଆ ଶୋଇପାରିଲା ନାହିଁ । ସେ ମରିବ କି ବଞ୍ଚିବ ଠିକଣା ନାହିଁ । ଏ ଜାଗାରେ ଛୁଆ ପାଞ୍ଚ-ଦଶମିନିଟ୍ ବଞ୍ଚେଇବା  ବା ପାଳିବା କଷ୍ଟିନ୍ କାଳେ ସମ୍ଭବ

Digitized by srujanika@gmail.com

ହେବନାହିଁ । ତୁମେ ସମସ୍ତଙ୍କୁ ଚୁପ୍‌ଚାପ କରନ୍ତ ନା ନିଜେ ଘରୁ ବାହାରିଆସି ବାରଣ୍ଡାରେ ଯିଏ ସାଂଗରେ ଗପ ଜମେଇଛ । କଣ କଥାବାର୍ତ୍ତା ହେଉଥିଲ ? ଆମର ଧାରଣା ଓ ବିଶ୍ୱାସ ଯେ, ତୁମେ ଆମକୁ ଏଠି ରହିବା ପାଇଁ ଦେବନି । ତୁମେ ଛୁଆ ଉଠାଉଥିବ, ଆମେ ପ୍ରାଣପଣ ଚେଷ୍ଟାକରି ତାକୁ ଶୁଆଉଥିବୁ । ସେ ଡ଼ାହାଣୀଟା ପାଖରୁ କଣ ଶୁଣୁଥିଲ ?"

ମୁଁ ଖୁବ୍ ଶଙ୍କିଗଲି ତା' ରୂପ, ଚେହେରା, ଏ ଆଖି ଆଉ ଗଳା ସ୍ୱରରେ । ନମ୍ର ଭାବରେ କହିଲି, "ସେ ମୋତେ ଗୁଣିଗାରିଡ଼ି, ଆଉ ଦୃଷ୍ଟି କଥା କହୁଥିଲା, ଛୁଆମାନେ କାହିଁକି କାନ୍ଦନ୍ତି, କଥା ପଚାରିବାରୁ । ପୁଅ ଖୁବ୍ ଚିଡ଼ିଯାଇ କହିଲା, "ତୁମେ ଗୁଡ଼ା ବାଜେ ଲୋକ ସାଂଗରେ ରହି ତୁମର ବିଚାର ବୁଦ୍ଧି ହ୍ରାସ ପାଇଲାଣି । ମୁଁ ଯାହା ବୁଝିଛି, ସେଇ ଡ଼ାହାଣୀଟା ଆମର ଛୁଆକୁ କନ୍ଦାଉଛି, ଯେତେ ଯାହା କଲେ ମଧ ଶୋଉନାହିଁ ନହେଲେ ତୁମର ଦୃଷ୍ଟି ତା ଉପରେ ପଡ଼ିଛି, ଯେଉଁଥିପାଇଁ ସେ କାନ୍ଦ ଚାଲିଛି ।"

ଲକ୍ଷଣ ପରି ଭ୍ରାତୃଭକ୍ତ ଭାଇମାନଙ୍କ ମଧ୍ୟରୁ ଜଣେ କିଏ ଯାଇ ଟେକ୍ସିଟାଏ ଡ଼ାକିଆଣିଲା ଏବଂ ନଖାଇ ନ ପିଇ ଗୋଟାଏ ଝୁଙ୍କିରେ ଜିନିଷପତ୍ର ପୂରାଇ ସେମାନେ ଚାଲିଗଲେ ଶାନ୍ତି ସମୃଦ୍ଧର କେନ୍ଦ୍ରସ୍ଥଳୀ ଭୂସ୍ୱର୍ଗ ମହାନଦୀ କୂଳର କେଣ୍ଟନମେଣ୍ଟ ରୋଡ଼ର କୋଠିକି ।

ଦୁଇଦିନ ଯାଏ ସବୁବେଳେ ଆମକୁ ଶୁଭୁଥାଏ "ଚୁପ୍, ଛୁଆ ଶୋଇଛି ।" ଆମ ଭିତରେ ଅହେତୁକ ନୀରବତା ଘରସାରା ବିରାଜୁଥାଏ । ଯିମିତି ଅଡ୍ଡା ଜମେଇ ସେମାନେ ସୁଖ ଶାନ୍ତି, ଶୃଙ୍ଖଳା ଓ ସଭ୍ୟତା ଖୋଜୁଛନ୍ତି କେଣ୍ଟିନମେଣ୍ଟ କ୍ୱାଟର୍ସର । ମହାନଦୀ କୂଳର ଏବଂ ହାକିମାତି ଗଳାରେ କହୁଥାନ୍ତି, "ଚୁପ୍, ଛୁଆ ଶୋଇଛି ।"

Digitized by srujanika@gmail.com

# ମଣିଷ ଓ ମଶା, ମେଲେରିଆ ଓ ମ୍ୟୁନିସିପାଲିଟି, ମଶାରି ଓ ମାଇକିନିଆ, ମହାମାରୀ ଓ ମୃତ୍ୟୁ

"ଆଜି ଏତେ ଡେ଼ରି କାହିଁକି ? ମୁଁ ଆଉ କେତେ ସମୟ ତୁମ ଘର ଲେଉଟାଣିକୁ ଚାହିଁଥିବି ? ପ୍ରତିଦିନ ବାରଟାରେ ଯାଅ, ଦୁଇଟାରେ ଫେରିଆସ । ଆଜି ତିନିଟା ବାଜିଲାଣି । ଖାଇବ କେତେବେଳେ, ଶୋଇବ କେତେବେଳେ" ଏକା ସୁର ଧରି ଦରଦ ମିଶା ଗଳାରେ ଶ୍ରୀମତୀ ଆଦରଣୀ ଦେବୀ ଗାଇଗଲେ ।

ସ୍ୱାମୀ ପରୀକ୍ଷିତ ଦାସ ବିଗିଡ଼ିଥିବା ମେଜାଜ୍‌ରେ ଥମ୍ ଥମ୍ ମୁହଁକରି ବେଡ୍‌ରୁମ୍‌ରେ ଗୋଟାକୁ ଗୋଟା ପୋଷାକ ଫିଟାଉଥାନ୍ତି, ବିପର୍ଯ୍ୟସ୍ତ ଅବସ୍ଥାରେ ଫୋପାଡୁଥାନ୍ତି ଏବଂ ମୁରୁମୁରୁ ହୋଇ କହୁଥାନ୍ତି, "ତୁମେ ତ ଘରେ ଆରାମରେ ଖାଇପିଇ ଶୋଇଛ, ଚାକର, ଚପରାସୀ, ଚାକରାଣୀ, ପୂଜାରୁଣୀ ଭିତରେ ଥାଇ ଚର୍ବି ବଢ଼ାଉଛ । ତୁମେ ବା କିମିତି ଜାଣନ୍ତ ନୂଆ ମନ୍ତ୍ରୀ, ନୂଆ ଆଇ.ଏ.ଏସ୍. କଲେକ୍ଟର କଥା । ଏବେ ଆମକୁ ମାଡ଼ ମାରିବା ପାଇଁ ମନ୍ତ୍ରୀ ଉସୁକାଇଲେଣି ଲୋକଙ୍କୁ । ଗୋଟାକୁ ଗୋଟା ଡ଼ିପାର୍ଟମେଣ୍ଟ ପଛରେ ଲାଗିଛି । ଏଥର ମୋ ଉପରେ ଲାଲ ଆଖି, ମୁଁ କୁଆଡ଼େ ଦୁର୍ନୀତି କରୁଛି । ଫଳରେ ମଶା ବଢୁଛନ୍ତି ଏବଂ ଗରିବ ଲୋକେ ଓ ନାଗରିକମାନେ ଅତିଷ୍ଠ ହେଉଛନ୍ତି । ମାସ ଗୋଟାକରେ ମୋର ଅସ୍ଥି ପଞ୍ଜରା ଜଳଜଳ ଦିଶିଲାଣି, ଓଜନ ତେୟାନବେ ପାଉଣ୍ଡରୁ ଚାରିପାଉଣ୍ଡ ଖସିଗଲାଣି । ଏଇ ଦେଖୁନ ମୋର ଖାଲି ଦିହଟାକୁ ।" ନିଃଶ୍ୱାସଟାଏ ଛାଡ଼ି ପୁଣି କହିଲେ "ଲୋକେ ଖାଇବା ପାଇଁ ଜିନିଷ ପତ୍ର ପାଉଛନ୍ତି କି ନାହିଁ, ବଣଜଙ୍ଗଲ ଯେ ଅତିମାତ୍ରରେ ଧ୍ୱଂସ ହୋଇଯାଉଛି, ସେ କଥା ଦେଖିବାକୁ ନାହିଁ । ଲାଗିଛି ପରିବାର ନିୟନ୍ତ୍ରଣ ପିଛା, ନହେଲେ ମଶା ପିଛା, ନହେଲେମୋରି ପିଛା, ବାଜେ ଲୋକ ଗୁଡ଼ାକ ! ୟାଙ୍କୁ ମନ୍ତ୍ରୀ କଲେ ଯେ,..." ପତିପତ୍ନୀ ଉଭୟେ "Made for each other" ଅର୍ଥାତ ଏକକୁ ଆରେକ, ଯେ ଯାହା ସରି, ରୂପ, ରଙ୍ଗ, ରସରେ ସମାନ । କେହି କାହାକୁ ଘଣ୍ଟାଏ ଛାଡ଼ିବତ ହୋଇ ରହିପାରନ୍ତି ନାହିଁ । ସାଏଁକରି ଗାଡ଼ିରେ ଆସି ସ୍ୱାମୀ ପହଞ୍ଚୁଯାନ୍ତି, ନହେଲେ ଅଫିସ୍‌ରୁ ଫୋନ୍ କରି ଘରୋଇ କଥାବାର୍ତ୍ତା ହୁଅନ୍ତି ।

---

*କଥା*, ଏପ୍ରିଲ ୧୯୯୧ ।

Digitized by srujanika@gmail.com

ଟିକିଏ ଶାନ୍ତ ପଡ଼ି ପରୀକ୍ଷିତ ବାବୁ ଅର୍ଦ୍ଧାଙ୍ଗିନୀକୁ ନରମ ଗଳାରେ ପଚାରିଲେ "ଆଜି ଲଞ୍ଚରେ ମେନ୍ୟୁ କଣ ?" "ବଢ଼ାବଢ଼ି ସଇଲାଣି, ତୁମେ ହାତ ମୁହଁ ଧୋଇ ଠା'ରେ ବସ, ମୁଁ ବିଞ୍ଚୁ ଦେଉଛି । ଆଜି ତ କରେଣ୍ଟ ନାହିଁ । ଝାଳ ଗଦ ଗଦ ବହିଯିବ, ଥରେ ପାଟିକୁ ହାତ ନେଲା ବେଳକୁ । ଏମିତି ଡ଼େରିରେ ଖାଇ ଖାଇ ଦିହର ଗୋଲାପ ଫୁଲ ରଙ୍ଗ ଆସି କେନ୍ଦୁ କାଠକୁ ପହଞ୍ଚିଲାଣି ।" "ତଥାପି ଶଳେ କହୁଛନ୍ତି, ଏତେ ଆୟ ବର୍ହିଭୂତ ଟଙ୍କା ମେଲେରିଆ ଫାଇଲେରିଆ ଡ଼ିପାର୍ଟମେଣ୍ଟରୁ ମୁଁ କେଉଁଠୁ ପାଇଲି । ଦୁର୍ନୀତି । ମୁଁ କୁଆଡ଼େ ସବୁ ଜିନିଷ ବିକି ଦେଉଛି । ନାଳ ନର୍ଦ୍ଦମାରେ ତେଲ, କୂଅ ପୋଖରୀରେ ବ୍ଲିଚିଙ୍ଗ୍ ପାଉଡ଼ର ପଡୁନାହିଁ । ଗାଁ ଗଣ୍ଡାରେ ମେଲେରିଆ ଓ ଫାଇଲେରିଆ ମାଡ଼ିଯାଉଛି, ଦିନ ଦିପହରେ ଲୋକେ ପାଞ୍ଚମିନିଟ୍ ଶୋଇପାରୁ ନାହାନ୍ତି । ଆଜି କଲେକ୍ଟର ଗୋଟାଏ ମିଟିଙ୍ଗ୍ ଡ଼ାକିଥିଲା ମନ୍ତ୍ରୀଙ୍କ ଆଦେଶରେ ମୁଁ ମନ୍ତ୍ରୀଙ୍କୁ ସିଧା ସଫା କହିଦେଇଛି । ଭିଜିଲାନ୍ସ ଲଗାଇ ଯେଉଁ ସମ୍ପତ୍ତି ତାଲିକା କରାଇଛନ୍ତି ସେ ସବୁ ସରକାରର ନୁହେଁ । ମୋର ବି ନୁହେଁ । କେତେ କେତେ ମନ୍ତ୍ରୀ ଗଲେଣି । ମୁଁ କୁଆଡ଼େ ତିନିଟା କୋଠା କରିଛି । ଗହଣାଗାଣ୍ଠି ଲକରରେ ରଖିଛି । କି ଅଜବ ଦୁନିଆଁ ! ତୁମ ବାପ କଣ ଭିକାରୀ ବ୍ରାହ୍ମଣ ଥିଲେ ନା ତୁମେ କୁଟୀର ରହନେ ବାଲୀ ଥିଲ ? ଶଳେ ଖବରକାଗଜବାଲାଏ ଟାଉଟର, ମନ୍ତ୍ରୀଙ୍କ ଯେତେ ଗୋଡ଼ାଣିଆ ସମସ୍ତେ ମିଶି ଦେଶକୁ ଖାଇବେ, ଶେଷରେ ମଶା ମୂଷାକୁ ବି ଗିଳିବେ ।"

ତାଙ୍କ ସହିତ ଯୋଗଦେଇ ଆଦରଣୀ ଦେବୀ କହିଲେ "ସତକଥା । ସେ ଦିନ ହାଇ ମାରିଲା ବେଳେ ଗୋଟାଏ କି ଯୋଡ଼ାଏ ମଶା ଏକାବେଳକେ ମୋ ତଣ୍ଟିରେ ଯାଇ ହାଜର । ଗୋଟାଏ ଭିତରକୁ ଚାଲିଗଲା ଆଉଗୋଟାକୁ ଥୁକି ବାହାର କରିଦେଲି । ମଶା ମଣିଷ ଯୁଦ୍ଧରେ ମଣିଷର ହାରିବା ନିଶ୍ଚିତ । ତୁମେ ଆଉ ବକ୍ ବକ୍ ହୁଅନି । ତାଙ୍କ କଥା ପରେ ବୁଝିବା । ତୁମେ ଆଗ ଲଞ୍ଚ୍ ଶେଷକର । କେତେ ଦିନ ହେଲା ତୁମ ଖିଆପିଆ ବିଲକୁଲ କମିଯାଇଛି । ଯେଉଁ ଦେହରେ ମଶା ବସିପାରୁନଥିଲା ସେଠି ମାଛି ବସି କସରତ କରିପାରୁଛି ।"

ପରୀକ୍ଷିତ ବାବୁ ଠା'ରେ ବସି ଇଷ୍ଟଦେବଙ୍କୁ ସ୍ମରଣ କରି ମେଞ୍ଚାଏ ଲହୁଣୀ ସହିତ ପ୍ରଥମ ଗୁଣ୍ଡାଟି ପାଟିରେ ପୁରାଇ ବଡ଼ ବାଧିଆ କୁକୁଡ଼ାର ଫଡ଼ି କଣ୍ଟାରେ ଝୋଳକୁ ଜିଭରେ ଚାଖିଲେ । ପଚାରିଲେ, "ଅରପାନ ମିଆଁ ଏଇଟା ଦେଇଥିଲା ନା !" ତା'ପରେ ଦିଚାରିଖଣ୍ଡ ଖାଣ୍ଟି ପିଓର ଖାସି କଲିଜା ପାଟିରେ ପକାଇ କହିଲେ "ଏଇଟା ଇସ୍ମାଇଲ ଦେଇଥିବ । ଆମର ଯେତେ ବଡ଼ବଡ଼ିଆ ସମସ୍ତଙ୍କୁ ସେ ଦୁହେଁ ମାଂସ ଯୋଗାନ୍ତି, ମାଛ ଦିଏ ବଙ୍ଗାଳି କେଉଟ । ଏମାନଙ୍କୁ ଦୟାମାୟା ନ ଦେଖାଇ କଡ଼ାକଡ଼ି ପ୍ରାପ୍ୟ ଆଦାୟ କରୁଥିବ । ଆଜି ମୋତେ ଖୁବ୍ ନିଦ ଲାଗୁଛି, ପେଟଟା ବି ଖୁବ୍ ଭାରି ଲାଗୁଛି । ତେବେ ବି ମହି ଦୋକାନରେ ଏ ମିଠା ଗୁଡ଼ାକୁ ଛାଡ଼ିବି ନାହିଁ ।"

Digitized by srujanika@gmail.com

ପରୀକ୍ଷିତ ବାବୁ ଆକଣ୍ଠ ଭୋଜନ ସାରି ଲବଙ୍ଗମରା ତିନିକୋଣିଆ ବରହମପୁରୀ ଛାଚି ପାନ ଚୋବାଇ ସିଗାରେଟଟାଏ ଥରେ ଦିଥର ଟାଣି ଫୋପାଡ଼ି ଦେଲେ ଏବଂ ଟଳମଟଳ ହୋଇ ଗଦି ଶେଯରେ ବସିପଡ଼ିଲେ ଏବଂ ଡ଼ନଲପ୍ ଗଦି ନଅ ଇଞ୍ଚ ଦବିଗଲା । ପଡ଼ିବା ମାତ୍ରେ ଶୟନ, ନିଦ୍ରା, ନିଦ୍ରା ମାତ୍ରେ ଘୁଙ୍ଗୁଡ଼ି ମାତ୍ରେ ମଶାଟିଏ, ଜାଲରୁ ଖସି ଯାଇଥିବା ମାଛକୁ ପୁନର୍ବାର ଧରିବା ଯିମିତି କାଠିକର ପାଠ, ସହରର ନାନା ବାଧା ବିପଦରୁ ଖସି ଯାଇଥିବା ଏଇ ଯେଉଁ ମଶାଶ୍ରୀଟି ଘୁଙ୍ଗୁଡ଼ି ଶବ୍ଦର ଶ୍ରବଣ ମାତ୍ରେ ଆସିଗଲା ତାକୁ ମାରିବା ସହଜ କଥା ନୁହେଁ । ସେ ବାରମ୍ବାର ଆସିବ ଏବଂ ସୁଖ ନିଦ୍ରା ଭାଙ୍ଗିଦେବ ।

ଆଦରଣୀ ଦେବୀ ତେଣେ ବସିଯାଇଛନ୍ତି ତାଙ୍କ ସତନ୍ତ୍ର ଲକ୍ଷ୍ୟରେ । ବଡ଼ି ପିଆଜ କଞ୍ଚାଲଙ୍କା ଚକଟା, ତେଲ ଡାମ୍ପୁଡ଼ି ଶୁଖୁଆ ଦିଟା ପୋଡ଼ି, ଘଣା ପେଡ଼ା ସୋରିଷ ତେଲରେ ତାକୁ ଗୁଣ୍ଡକରି ଗୁଣ୍ଡାଟିଏ ପାଟିକୁ ନେଉଛନ୍ତି ବେଡ଼୍‌ରୁମ୍‌ରୁ ପାଟି ଶୁଭିଲା "ଶୁଣୁଛ ? ଦିନ ଦିପହରେ ବି ମଶା ଗୁଣୁଗୁଣୁ ଆରମ୍ଭ କରିଦେଲା, ନିଦଭଙ୍ଗା ଗୀତ । ତୁମେ ଖିଆପିଆ ଛାଡ଼ି ଧାଇଁ ଆସ କେତୁଟା ମଶାମରା ଅଗରବତୀ ନହେଲେ କଇଁଚ କଏଲ ଧରି । କାଲିକା ଇମାର୍ଜେନ୍ସି ମିଟିଙ୍ଗ୍‌ରେ ମଶା ମହାଯଜ୍ଞର ବ୍ୟବସ୍ଥା କରିବି । ଯିମିତି ପରୀକ୍ଷିତ ମହାରାଜ ସର୍ପଯଜ୍ଞକରି ସର୍ପକୂଳକୁ ନିଧନ କରିଥିଲେ । ଶେଷରେ ତକ୍ଷକ ବର୍ତ୍ତିଯାଇଥିଲେ । ପଖାଳ ବେଲା ସେମିତି ପଡ଼ି ରହିଲା । ଆଦରଣୀ ଦେବୀ ନୂଆ କଇଁଚ କଏଲ ଆଣି ଖଟ ତଳେ ଥୋଇ ଦିଆସିଲି ଜଳାଇଲେ । ବିକଟ ଗନ୍ଧରେ ଘର ଭରପୂର ହେଲା । ଆଲୁଅ ଜାଳି ଦେଖିଲେ, କାହିଁ ଶତ୍ରୁ ନାହିଁ । ଲୁଚିଗଲା କେଉଁଠି । ଦେବୀ ଭୋଜନାଳୟକୁ ଫେରି ପୁଣି ଗୁଣ୍ଡାଏ ପାଟିକୁ ନେଉଛନ୍ତି ଠୋ'କରି ଗାଲରେ ଚାପୁଡ଼ା ଶବ୍ଦ ଶୁଭିଲା । ପୁଣି ଉଠିଲେ ଦେବୀ । ଆଲୁଅ ଜାଳିଲେ । କାହିଁ କେଉଁଠି ନାହିଁ ଶତ୍ରୁ । ନିଜ ମୋଟା ଟାଣୁଆ ଆଙ୍ଗୁଳିରେ ନିଜ ଗାଲ ଫୁଲିଯାଇଛି । "ଝରକା କବାଟ ବନ୍ଦ କରିଦିଅ, ଆଲୁଅ ଜଳୁଥାଉ, ଗରମ ହେଉ ବରଞ୍ଚ ଶେଯ ଛୋଡ଼ାଇଦିଅ । ଗୋଟିଏ ମଶା ଏତିକି ଟିକିଏ ଜୀବାଣୁ! କେତେ କୌଶଳରେ ସଂଗ୍ରାମ କରି ଛଟପଟ, ରକ୍ତାକ୍ତ କଲାଣି ଏତେବଡ଼ ମଣିଷ ପରି ଜାନୁଆରକୁ ।" "ତୁମେ ଆଖିବୁଜି ଶୋଇପଡ଼, ତା ଗୀତକୁ ଶୁଣନି, ତାକୁ ଚାହଁନି ।" ପରୀକ୍ଷିତ ବାବୁ ସେଇକଥା କଲେ, ମାତ୍ର ଶତ୍ରୁ କ୍ରମେ ବଡ଼ ଦିଶିଲା । ପ୍ରଥମେ ବଡ଼ ମାଛି ପରି, ତାପରେ ଡ଼ାଆଁଶ ପରି । ତା'ପରେ ଫାଇଟର ଏରୋପ୍ଲେନ ପରି । ପରୀକ୍ଷିତ ବାବୁ ଭୀତତ୍ରସ୍ତ ହେଲେ ଏବଂ ଆଦରଣୀ ଦେବୀଙ୍କୁ ପୁଣି ପଖାଳ କଂସାରୁ ଉଠାଇ ଆଣିଲେ ଚିତ୍କାର କରି । ଦେହରୁ ଝାଳ ବୋହିଯାଉଥାଏ । "ମଶାରୀଟା ଟାଣିଦିଅ" ତାହାହିଁ ହେଲା । ବଡ଼ ବୋଲକରା ସ୍ତ୍ରୀଟି । ଏଥର ଶତ୍ରୁ କେତେବେଳେ ମଶାରୀର କ୍ଷୁଦ୍ର ରନ୍ଧ୍ରଦେଇ ପାର ହୋଇଗଲା । ପରୀକ୍ଷିତ ବାବୁ ବୃଥା ଚାପୁଡ଼ା ମାଡ଼ ଦେଉଥାନ୍ତି । ମଶାର କିଛି ହୁଏନାହିଁ । ତାପରେ ବଡ଼

Digitized by srujanika@gmail.com

ମହୁମାଛି ପରି ତାଙ୍କୁ ଦଂଶେ । ତାପରେ "ମରିଗଲି, ମାରିଦେଲା" ଚିତ୍କାର । "ମାଆଲୋ କଣ କରିବି, ଧାଇଁଆସ" ଚିତ୍କାରରେ ଘରଟା ଉଠୁଥାଏ ପଡୁଥାଏ ଯେମିତି । ଭୂତ ଆଶ୍ରାକଲାଣି ଘରକୁ । ସ୍ୱାମୀ ସ୍ତ୍ରୀ ଦୁହିଁଙ୍କ ମୁଣ୍ଡ ବିଗିଡ଼ିଲାଣି । ଶତ୍ରୁ କେତେବେଳେ ଶେଯ ଭିତରେ ଗୁଣିଗାରେଡ଼ି ବଳରେ ଆଶ୍ରାନେବାର ସ୍ପଷ୍ଟ ଜଣାପଡୁଛି । ଦୁହେଁ ନିରାଶ୍ରୟା । ଶେଯ ଭିତରେ ନିରାପଦ ସ୍ଥାନ ପାଇ ମନ ଖୁସିରେ ଯେଉଁ ଗୀତ ଗାଉଛି ଏବଂ ନିର୍ଭୟରେ ଥରେ ଥରେ ଛୁଞ୍ଚ ଫୋଡୁଛି ସେଥିରେ ପରୀକ୍ଷିତବାବୁ ଓଃ ଆଃ ସହିତ ଡ଼ନଲପ୍ ଗଦିରେ ଉଠପଡ଼ ହେଉଛନ୍ତି । "କାହିଁ, କେଉଁଠି" କହି କହି ଧର୍ମପତ୍ନୀ କମ୍ବଳଟାକୁ ଝାଡୁଛନ୍ତି ଏବଂ ଫୁରସତ୍ ପାଇଲେ ତାଙ୍କ ଅସରନ୍ତ ଲଞ୍ଚ ଆଡ଼କୁ ଫେରିଯାଉଛନ୍ତି । ଏତିକିବେଳେ ଇଲେକ୍ଟ୍ରିଲାଇନ୍ ପୁଣି ବିଗିଡ଼ିଗଲାରୁ ଘର ଅନ୍ଧାର ହୋଇଗଲା ଏବଂ ଗୋଟାଏ ସ୍ଥାନରେ ଏହି ଅବସରରେ ଗୁଡ଼ାଏ ଶତ୍ରୁ ଦୁର୍ଗଭେଦ କରିଗଲେ । ଟର୍ଚ୍ଚ ନପାଇ ତକିଆ ତଳର ଦିଆସିଲି ଅଣାଳିଲେ ଏବଂ ଯିମିତି ଝର ଶବ୍ଦ କରି ଦିଆସିଲି କାଠିକୁ କ୍ରୋଧାନ୍ୱିତ ହୋଇ ଜଳାଇଛନ୍ତି ହାଉକରି ବାରୁଦମୁଣ୍ଡ ଜଳିଉଠିଲା ଏବଂ ଅଧାହୋଇ ଭାଙ୍ଗିଥିବା କାଠିଟା ଛିଟିକି ପଡ଼ି ବ୍ରହ୍ମଦେଶର ପତଳା ନାଇଲନ ମଶାରୀ ସଂଗମ ସ୍ଥଳରେ ପଶିଗଲା । ତାପରେ ଯାହାହଲା ତାହା ଖୁବ୍ ଭୟାବହ, ବେଶ୍ ଅନୁମେୟ ।

ମଶାରୀରୁ ନିଆଁ ଚରିଗଲା ଶେଯକୁ, ଚାଦରକୁ, ଚାଦରରୁ ଲୁଙ୍ଗିକୁ । ଘରଯାକ ଧୂଆଁମୟ । ଲଙ୍ଗଳାମଙ୍ଗଳା ହୋଇ ପରୀକ୍ଷିତ ବାବୁ ଫାୟାରବ୍ରିଗେଡ୍‌କୁ ଫୋନ୍ କଲେ । ତେଣେ ଘରଣୀ ଢୋକେ ତୋରାଣୀ ପିଇ ଘଟଣା ସ୍ଥଳରେ ପହଞ୍ଚିଲେ ଏବଂ ମୁଣ୍ଡବାଡ଼େଇ କାନ୍ଦିଲେ । ପୁଅଝିଅ ଦିଟା କଲେଜରୁ ଫେରି ଦେଖନ୍ତି ଫାୟାରବିଗ୍ରେଡ଼ ଯେତିକି ବଞ୍ଚାଇଛି ତାହାର ଦୁଇଗୁଣ ନଷ୍ଟ କରିଛି । ପରଦିନର ଇମରଜେନ୍ସି ମିଟିଙ୍ଗ୍‌ରେ ଯେଉଁ ମଶକ ଯଜ୍ଞର ପ୍ରସ୍ତାବ ବାଢ଼ିବେ ବୋଲି ଭାବିଥିଲେ ତାହା ସମ୍ଭବ ହେଲା ନାହିଁ । କାରଣ ତାଙ୍କର ମସ୍ତିଷ୍କଜ୍ୱର ଏବଂ ସ୍ତ୍ରୀଙ୍କର ରାତ୍ରିରେ ମେନିଞ୍ଜାଇଟିସ୍ । ଉଭୟ କଲେକ୍ଟର ଓ ମନ୍ତ୍ରୀ ଫୋନ୍ ଦ୍ୱାରା ଦୁହିଁଙ୍କୁ ସମବେଦନା ଜଣାଇ ତାଙ୍କର ସେବା ଶୁଶ୍ରୁଷାର ତୁରନ୍ତ ବ୍ୟବସ୍ଥା କଲେ ।

ପରୀକ୍ଷିତ ମହାରାଜ ଦ୍ୱାପର ଯୁଗରେ ସର୍ପଯଜ୍ଞର କେଉଁ ବ୍ୟବସ୍ଥା କରିଥିଲେ ତାହାଠୁ ଖୁବ୍ ବଡ଼ଧରଣର ପ୍ଲାନ୍ ସେ କରିଥିଲେ । ସେ ଭିତରେ ଥିଲା ଗଙ୍ଗାନଦୀକୁ ପୂତପବିତ୍ର ଏବଂ ପ୍ରଦୂଷଣମୁକ୍ତ କଲାପରି ସହରର ମଧ୍ୟସ୍ଥଳରେ କେଉଁ ଆଲକାତରା ରଙ୍ଗର କେନାଲ ପ୍ରବାହିତ ତାକୁ ଭୂଗର୍ଭକୁ ନେବା ପାଇଁ ହାରକ୍ୟୁଲିସ୍‌କୁ ନିଯୁକ୍ତି କିରବା ଏବଂ ଲୋକଙ୍କ ଠାରୁ ଚାନ୍ଦା ବା ଟ୍ୟାକ୍ସ ଆଦାୟ କରି ସେ ପୂତିଦୁର୍ଗନ୍ଧମୟ ମଶକ ଅପେକ୍ଷା ଅନ୍ୟାନ୍ୟ ମାରାତ୍ମକ ରୋଗର ଜନ୍ମଦାତାଙ୍କୁ କୋଟି କୋଟି ମୂଲ୍ୟର ବିଶୋଧନ ଔଷଧ ପକାଇ ନିଶ୍ଚିହ୍ନ କରିବା ।

Digitized by srujanika@gmail.com

ଯେଉଁ କର୍ମଚାରୀମାନେ ମହାମାରୀ ଅବସ୍ଥାକୁ ଆସିଥିବା ରୋଗକୁ ସହରରୁ ନିଶ୍ଚିହ୍ନ କରିବାକୁ ଯାଇ ନିଜେ ସହୀଦ ଅବସ୍ଥାକୁ ଆସିଛନ୍ତି, ତାଙ୍କୁ ଏବଂ ତାଙ୍କ ପରିବାର ପ୍ରତ୍ୟେକଙ୍କୁ ତିନିଲକ୍ଷ ବା ତଦୁର୍ଦ୍ଧ୍ୱ ଟଙ୍କା ଦେବା ଏବଂ ଦୁର୍ନୀତିଗ୍ରସ୍ତ କର୍ମଚାରୀମାନଙ୍କ ନାମରେ ଭିଜିଲାନ୍ସ ଯେତେବେଳେ ମିଥ୍ୟା ଓ ଜାଲ୍ ମକଦ୍ଦମା ଦେଇଛି ସେସବୁ ଉଠାଇନେଇ ମାନହାନୀ ମକଦ୍ଦମା ଖର୍ଚ୍ଚ ଦେବା । ଦରକାର ପଡ଼ିଲେ କେନାଲ କୂଳେ କୂଳେ ଯେଉଁ ଝୁମ୍ପୁଡ଼ି ସବୁ ରହିଛି ସେ ସବୁକୁ ମକରସଂକ୍ରାନ୍ତି ବା ଆଉ କୌଣସି ଶୁଭଦିନରେ (ଯଥା ଅଗିରା ପୁନେଇରେ) ବନ୍ ଫାୟାର କରିବା ।

ହୁଏତ ତକ୍ଷକ ରୂପ ନେଇ ସର୍ପକରାଜ ନିଜକୁ ତଥା ବଂଶ ପ୍ରାଣୀଙ୍କୁ ବଞ୍ଚାଇ ରଖିବ ଏବଂ ପରୀକ୍ଷିତ ନିଜକୁ ବଞ୍ଚାଇ ପରିବେ ନାହିଁ, ନିବୁଜ କାନ୍ଥ, ନେଉଳ ରକ୍ଷାକରିପାରିବେ ନାହିଁ, ଫୁଲଟି ଭିତରେ ରହି ମହାରାଜାଙ୍କୁ ଦଂଶନ କରିବ । ଆମର ବି ମଶକ ରାଜ ଏମିତି ନାନା ରୂପ ଧରି ରହିଯିବ ଯେ ତାର କେହି ଖୋଜ ଖବର ପାଇବେନାହିଁ ।

ଇମରର୍ଜେନ୍ସୀ ମିଟିଙ୍ଗ୍ ହେଲା । ପରୀକ୍ଷିତବାବୁଙ୍କୁ ନାନା ଅପମାନଜନକ ତଥା ବିଦ୍ରୂପାତ୍ମକ କଥା କହି ଚରମପତ୍ର ବା ଅଲଟିମେଟାମ୍ ଦିଆଗଲା ଯେ, ସେ ମାସକ ଭିତରେ ହେମଲିନ୍ ସହରରୁ ମୂଶାଙ୍କୁ ନିର୍ମୂଳ କଲାପରି ସହରରୁ ଯଦି ମଶାକୁଳକୁ ନିଃଶେଷକରି ନପାରିବେ ତେବେ ପରୀକ୍ଷିତବାବୁ ବଦଳ, ସସ୍ପେଣ୍ଡ, ଡ଼ିସ୍‌ମିସ୍ ବା କମ୍ପୋଲସରି ରିଟାୟାରମେଣ୍ଟ ଦଣ୍ଡ ଭୋଗିବାକୁ ପଡ଼ିବ ବା ଜନସାଧାରଣଙ୍କୁ ମାଡ଼ ମାରିବାକୁ କୁହାଯିବ ।

· ଆଶ୍ଚର୍ଯ୍ୟ କଥା ସଭାଶେଷରେ ପରୀକ୍ଷିତ ବାବୁ ପୋଡ଼ାଘାଆକୁ ଢ଼ଙ୍କାଇ ହସ ହସ ମୁହଁରେ ପତ୍ନୀ ଓ ଶାବକଦ୍ୱୟ ସମ୍ମୁଖରେ ଘୋଷଣା କଲେ ଯେ, ତାଙ୍କର ଡ଼ିପାର୍ଟମେଣ୍ଟ ଉଠିଯାଉଛି । ବୈଜ୍ଞାନିକମାନେ ଅନ୍ୟ ଏକ ଜିଲ୍ଲାରେ ଗବେଷଣା କରି କହିଛନ୍ତି ମଶାମାନେ ମେଲେରିଆ, ଫାଇଲେରିଆ ଆଦି ରୋଗର କାରଣ ନୁହଁନ୍ତି । ଭୂତାଣୁମାନେ ତାର କାରଣ । ନୈନଂଛିନ୍ଦନ୍ତି ଶୂତାଣି ନୈନଂ ଦହତି ପାବକ । ନୂଆ ଡ଼ିପାର୍ଟମେଣ୍ଟର ନାମ ହେବ ଭୂତାଣୁ ବିଭାଗ । ଅନୁଭବ ଓ ଅଭିଜ୍ଞତାଥିବାରୁ ସେ ଏହି ଭୂତାଣୁ ଡ଼ିପାର୍ଟମେଣ୍ଟର ଡ଼ାଇରେକ୍ଟର ହେବେ ଏବଂ କାନ୍ଥବାଡ଼ରେ ଲେଖାଯିବ ଭୂତାଣୁକୁ ସାବଧାନ୍ । ତାର ଔଷଧ ନାହିଁ । ସେ ସବୁରୋଗର ପିତାମାତା । ଆଦରଣୀ ଦେବୀଙ୍କୁ କହିଲେ, "ବୁଝିଲନା, ଏଥର ଆମର ସଂଗ୍ରାମ ମଶା, ମଶିଷ, ମେଲେରିଆ ସହିତ ନୁହେଁ ଭୂତାଣୁ, ପ୍ରେତାଣୁ ସହିତ ।"

Digitized by srujanika@gmail.com

# ବାଙ୍କି ଥିଏଟର

୧୯୯୩ ସାଲ । ରେଭେନ୍ସା କଲେଜ । ଇଷ୍ଟ ହଷ୍ଟେଲ୍ ବା ପ୍ରାଚୀ ଛାତ୍ରାବାସ । ପ୍ରଥମ ବାର୍ଷିକ କଳା ଛାତ୍ର ।

"ଅତି ସୁମଧୁର କାଳ ଶୀତଋତୁ ଧରା ଛାଡ଼ି ଛାଡ଼ି ନାହିଁ,

ପଲ୍ଲବ ପାଟଳ ମଧୁଋତୁରାଜ ଧରା ମାଡ଼ି ମାଡ଼ି ନାହିଁ ।"

ସେ ଦିନ ଥାଏ ଶନିବାର। 'ସେଟାର ଡ଼େ ନାଇଟ୍ ମାଷ୍ଟ ବି ଡ଼ିଲାଇଟ୍' ଏମିତି କଥାଟି ପ୍ରତି ଛାତ୍ରଙ୍କ ମୁହଁରେ । ପୁଣି ସେଇଟି ଶେଷ ଶନିବାର । ଆଜିକାଲି ଯିମିତି କୋର୍ଟ କଚେରୀ ପାଇଁ ଦ୍ୱିତୀୟ ଶନିବାରଟି ଛୁଟିର ଦିନ, ଅଳସୁଆମିର ଦିନ, ଆମ ପାଇଁ କର୍ମମୁଖର ଉତ୍ସାହମୁଖର ଦିନ, ପୁଲକର ଦିନ ଏଇ ଲାଷ୍ଟ ସେଟାର ଡ଼େ ଟି । ଯିମିତି ଗୋଟିଏ ଦିନ ପାଇଁ ଆମେ ମାସଯାକ ଅପେକ୍ଷା କରି ବଞ୍ଚୁ । ସେଦିନ ଷ୍ଟାଡ଼ି ଆୱାର ନାହିଁ । ରୋଲ୍ କଲ୍ ନାହିଁ, କାହାରି ଅନୁମତି ଲୋଡ଼ା ନାହିଁ, ନାଚକୁଦ ଖେଳ ତାମସା କର । ରେଳ ଷ୍ଟେସନକୁ ଯାଅ ପ୍ଲାଟଫର୍ମରେ ପୁରୀ ପାସେଞ୍ଜର ନ ହେଲେ ତାଳଚେର ପାସେଞ୍ଜର ଦେଖ । ମୁହଁ ସଞ୍ଜରେ ବେଳ ଥିଲେ ମହାନଦୀ ପୋଲ, ଆନିକଟ ଦେଖ, ପଠାକୁ ଯାଇ ବଣି ବା ବଗର ସମାବେଶ ଦେଖ ବା ଶିମୁଳୀ ଫୁଲର ଫୁଟାଣି ଉପଭୋଗ କର, ଖୁବ୍ ଚଲାବୁଲା କଲେ ଭୋକ ଲାଗିବ ।

ପ୍ରତି ଶନିବାର ରାତ୍ରିର ଭୋଜନ ହଷ୍ଟେଲର ଆକର୍ଷଣ, କିନ୍ତୁ ଶେଷ ଶନିବାର ରାତ୍ରିଭୋଜନ ରାଜାରାଜୁଡ଼ାଙ୍କ ଜନ୍ମଦିନ ବା ଶ୍ରାଦ୍ଧଦିନର ଭୁରିଭୋଜନକୁ ବଳିପଡ଼େ । ଯେମିତି ଲୋଭନୀୟ ସେମିତି ପର୍ଯ୍ୟାପ୍ତ । ଦୁଇ ତିନି କିସମର ମିଠା ପାୟସ । ଖଜୁରୀ ଓ କିସ୍‌ମିସ୍ ଖଟା । ଶନିବାର କାନିକା, ଶେଷ ଶନିବାର ପଲାଉ । ମାଂସର ଚପ୍ କଟଲେଟ୍ ଏବଂ ଝୋଳ । 'ସାଦା'ଙ୍କ ପାଇଁ ଯଥେଷ୍ଟ ମିଠା ଓ ଛଅ ସାତ ପ୍ରକାରର ତିଅଣ ତରକାରୀ । ଶେଷକୁ ପାସିଂ ସୋ ସିଗାରେଟ୍ (ଦଶଟା ଦିଅଣା) ଅଭାବେ ଇଞ୍ଜିନ ମାର୍କା, ଗୋଲାପସୁନ୍ଦରୀ, ସାହେବ ଫଟୋ, ଗାଈ ମାର୍କା, ଚକ୍ରଧର ପୁରିଆ ବିଡ଼ି । ମୋର କିନ୍ତୁ ବାରିପଦା ଗଣପତି ଦୋକାନର ଇଞ୍ଚିକିଆ ଛୋଟ ଛୋଟ ବିଡ଼ି, ଗୋଟାକ ପରେ ଗୋଟାଏ ।

ଏସବୁ ଦୁର୍ଲଭ ଖାଦ୍ୟ ପାନୀୟ ପାଇଁ କଲେଜ ଫି ସାଙ୍ଗକୁ ଥାଏ ସର୍ବମୋଟ ମାସିକ ଖର୍ଚ୍ଚ ଅଠର ଟଙ୍କା । ମାସକର ଶେଷ ସପ୍ତାହ ମୁଣ୍ଡି ମାରିବା ପାଇଁ ଅନ୍ୟ ଏକ ଆକର୍ଷଣ ହେଉଛି ମୋହନ ଗୋସ୍ୱାମୀ, ବୈଷ୍ଣବ ପାଣି, ବାଳକୃଷ୍ଣ ମହାନ୍ତି ଆଦି ସ୍ୱନାମଧନ୍ୟ ଲୋକପ୍ରିୟ ଯାତ୍ରାସୁଆଙ୍ଗକାରୀଙ୍କ ମନମୁଗ୍ଧକାରୀ ଅଭିନୟ, ନଚେଟ୍ ନରିଆ, ହରିଆ, ଯୋଗୀ, ପରମାନନ୍ଦ ଶରଣଙ୍କ ମନମତାଣିଆ ପାଲା ଗାଉଣ, ବିନା ପଇସାରେ, ଖୋଲା ଆକାଶ ତଳେ । ଆର୍ଟ ଥିଏଟର, ବଳଙ୍ଗା ଥିଏଟର କଥା ଛାଡ଼ । ବଲାଇ ବେନାର୍ଜିଙ୍କ

Digitized by srujanika@gmail.com

କର୍ଣ୍ଣାର୍ଜୁନ ନାଟକର କର୍ଣ୍ଣ ଅଭିନୟରେ ଯେ ଦେଖିଛି ସେ ମିର୍ନାଭା ବା ରଙ୍ଗମହଲ ଦେଖିବାକୁ ମନ ବଳାଇବ କାହିଁକି ?

କଟକରେ ସ୍ଥାୟୀ ରଙ୍ଗମଞ୍ଚ ନାହିଁ । କେବଳ ବକ୍ସିବଜାରରେ ହାଲମୁନ୍ ଟକିଜ୍ ବୋଲି ସିନେମା ହଲ୍‌ଟିଏ ଥାଏ । ସେଇଠି କେବେ କେମିତି କଳା ଧଳା ଭାଷାହୀନ ଇଂରାଜୀ ବା ବଙ୍ଗଳା ଫିଲ୍ମ । ଦୁଇ ବା ତିନି ଅଣା ଟିକେଟ । ପରଦା ପାଖକୁ ଲାଗି ବେଞ୍ଚ । ଛବି ଦେଖିଲା ବେଳେ ଜଣାପଡ଼େ ଯିମିତି ଆମେ ଜଗନ୍ନାଥ ମନ୍ଦିରର ନେତ ଦେଖୁଛୁ ବା ମଝି ଆକାଶକୁ ପଗଡ଼ି ଖସିଲା ଭଳି ଭଙ୍ଗୀରେ ଚାହିଁଛୁ । ସେଇ ଏକମାତ୍ର ଓଡ଼ିଶାର ଟିକି ଘରେ କେବେ କିମିତି ଆମର ବିଚିତ୍ର ମନୋରଂଜନ ବ୍ୟବସ୍ଥା। ହାଲଦାର ଓ ମୁଖାର୍ଜୀ ନାମକ ଦୁଇ ମହାତ୍ମା କଲିକତାରୁ କେବେ କିମିତି ଆସି ପନ୍ଦର ଦିନ ମାସେ ବଙ୍ଗଳା ଚିତ୍ର ଯଥା 'ସାବିତ୍ରୀ' 'ଚଣ୍ଡିଦାସ' ଆଦି ଦେଖାନ୍ତି । ସେମାନେ ଚାଲିଗଲେ ଦେଶୀୟ ଥିଏଟର ଦଳ ସୋ' ଦିଅନ୍ତି । ଅନେକ ଦିନ ଘର ବନ୍ଦ ଥାଏ ।

ଶଂସିତ ଶନିବାରରେ, ଶୁଣାଶୁଣିରେ, କେଉଁଠାରୁ ବାର୍କି ଥିଏଟର କଟକକୁ ଆସିଥାଏ । ତାର ରୂପ ରସ ଗନ୍ଧ ଆମେ ପାଇଲୁ ସେଇଦିନ ସକାଳେ । ତିନିନମ୍ବର ୱାର୍ଡ଼ର ପାଇପ୍‌ରେ ମୁହଁଧୋଇ ପୋଛାପୋଛି ହେଉଛୁ ଉପରୁ ଚାରିନମ୍ବର ୱାର୍ଡ଼ର ପାହୁଚ ଦେଇ ଶୁଭିଲା କଠୋଉର ଠକ୍ ଠକ୍ ଶବ୍ଦ । କ୍ଷୀରୋଦ ଭାଇର ଏ ଶବ୍ଦ । ତା'ର ସବୁକଥା ମାର୍କି । ତା' ମୁହଁ ଦେଖି ଆମେ ଜାଣିଲୁ ସେ କିଛି ସୁସମ୍ବାଦ ନେଇ ଆସୁଛି ସ୍ୱର୍ଗଦୂତ ପରି ଦେବଲୋକରୁ ଓହ୍ଲାଇ ।

ତାକୁ ଆମେ 'ଚାନ୍ଦାବାଲା' ବୋଲି ଜାଣୁ । ବ୍ୟଙ୍ଗବିଦ୍ରୁପରେ 'ପରାନ୍ନଭୋଜନ କାନନ କଣ୍ଠରବ' ନାଆଁ ନେଇ ଦେଇ ଆମ ଭିତରେ କଥାବାର୍ତ୍ତା କରୁ । ମୁହଁଟି ଚାରି କୋଣିଆଁ । ନାକ ତଳେ କଜଳପାତିଆ ନିଶ । ହିଟ୍‌ଲରୀ । ଏ ପଟେ ଦଶୋଟି ଅନ୍ୟପଟେ ନଅଟି । ଆଖିଯୋଡ଼ିକ ଡ଼େକରା । ସାକ୍ଷାତ ଜୋକର ତଥା ଠକଭଣ୍ଡ ।

ଭାଇର ସାଙ୍ଗ ଲାଲ ବାବାଜୀ ଜଣେ । ମୁଣ୍ଡରେ ତା'ର ଲାଲି ପଗଡ଼ି, ଦିହରେ ଏକ ଆଲଖଲା, ସେଇଟି ବି ଗାଢ଼ ଲାଲ୍ । ସେ କଠଉ ମାଡ଼ି ମୟୁରଭଞ୍ଜ ଲଜ୍ ଇଲାକାରେ, ମରହଟ୍ଟା ଛାଉଣିରେ ଅବେଳରେ ଠକ୍ ଠକ୍ କରି ବୁଲେ । କଠଉରେ ତାଳଦେଇ ଗାଉ ଥାଏ, ଚାଲିଥାଏ ଠକ୍ ଠକ୍ । ଗୁଣିଗାରିଡ଼ି ତାକୁ କୁଆଡ଼େ ଆସେ । କ୍ଷୀରୋଦ ଭାଇ ତାର ମହିମା ପ୍ରଚାରକ । ଶିଷ୍ୟ । ଆମକୁ କେବଳ ଦିନଟିଏ ଗୁରୁସାନ୍ନିଧକୁ ଭାଇ ନେଇଥିଲା । ସେଇଦିନ ସେ ବାବାଜୀ ଆମ କପାଳରେ ଭାସ୍ମ ଦେଇ ଭୌତିକ କାର୍ଡ ଦେଖାଇଥିଲା । ବାଁ ହାତରେ ବିଶି ଆଙ୍ଗୁଳିରେ ଛେପ ଲଗାଇ ଆମକୁ ଚାଟିବାକୁ କହିଲା । "ଆରେ ! ଖୁବ୍ ମିଠା ଲାଗୁଛି ତ ! ପୁଣି ସେଇ ଆଙ୍ଗୁଳିକୁ ଚଟାଇଲା । "ଛି, ଛି ! କହି ଆମେ ଥୁ ଥୁ କଲୁ ଏବଂ ଚିତ୍କାର କଲୁ ଏବଂ କୁଇନାଇନ୍ କୁଇନାଇନ୍ କହିଲୁ ।" ମରହଟ୍ଟା ପଡ଼ିଆର ବୁଦାଳିଆ ଏକ ନିଭୃତ କୋଣରେ ପ୍ରାୟ ପ୍ରତିଦିନ ଗୁରୁ ଶିଷ୍ୟଙ୍କ

Digitized by srujanika@gmail.com

ଭେଟ ହୁଏ ଏବଂ ଭବିଷ୍ୟବାଣୀ ଓ ରୋଗବୈରାଗ୍ୟର ପ୍ରତିକାର ହୁଏ । ଯଦ୍ୱାରା ଦୁହିଁଙ୍କ ବିଡ଼ି ସିଗାରେଟ୍ ଗଞ୍ଜେଇଚିଲମ ଖର୍ଚ୍ଚ ଉଠିଯାଏ ।

ମୋତେ ଦୋତାଲା ପାହାଚ ତଳକୁ ଡ଼ାକି ନେଇ କ୍ଷୀରୋଦ କହିଲା, "ଭାଇ ଦେ ବିଡ଼ିଟାଏ ଦେ, ତୋତେ ବଢ଼ିଆ କଥାଟିଏ କହୁଛି ।" ମୋ ସାଙ୍ଗରେ ମାତ୍ର କେତେଦିନ ତଳେ 'କେତକୀ' ଚାକରାଣୀ ଅଭିନୟ କରି ନାଚି କାଠମଞ୍ଚ ପ୍ରାୟ ଭାଙ୍ଗି ଦେଇଥିଲା । ଡ୍ରଏଟ୍‌ରେ ସେ ନିଜ ରଚିତ ଗୀତଟିଏ ଗାଇଥିଲା "ଦୁନିଆ ବାହାର ନାରୀ ରତନ, ନିଶରେ କାଗଜ ଚାପି ଦିଶୁ କେଡ଼େ ଯତନ ।" ସେ ତା ହିଟଲରୀ ନିଶ କାଟିବ ନାହିଁ ଅଥଚ ନାରୀ ଅଭିନୟ କରିବ । ସେବେ ଶୁଙ୍ଘିବା ପାଇଁ ନାରୀଟିଏ କଲେଜରେ ପ୍ରାୟ ନଥିଲେ । ତେଣୁ ପୁରୁଷ ଅଭିନେତାଙ୍କୁ ନାରୀ ରୂପ ଦେଇ କାମ ଚଳାଇବା କଥା । କ୍ଷୀରୋଦକୁ ବାରିପଦିଆ ବିଡ଼ି କଠାଟିଏ ବଢ଼ାଇ ଦେଲି । ସେ ପୁଞ୍ଜାଏ ବିଡ଼ି ବାହାର କରି ଗୋଟାଏ ଲଗାଇ ଆଉ କେତୁଟାକୁ ପକେଟ୍‌ରେ ପୁରାଇ ଆରମ୍ଭ କଲା "କାହାକୁ କିଛି କହିବୁ ନାହିଁ । ନାଲିଆ ବାବାଜୀ ପାଖରୁ ଏଇ ପାଞ୍ଚଟି ଟିକଟ୍ କାଲି ସନ୍ଧ୍ୟାରେ ଆଣିଛି । ଆମ ଦଳ ପାଇଁ । 'ହଲମୁନ୍' ଟକିଜ୍‌ରେ ଆଜି ଶେଷ ରଜନୀ । ବାର୍କି ଥିଏଟର । ମାସେ ହେଲା ଅଭିନୟ କଲେଣି । "ସୁବର୍ଣ୍ଣ କଙ୍କଣ" । ନାରୀ ପାର୍ଟ କରୁଛି ସେଇ ମୋହନ ଗୋସାଇଁ ଦଳର ରାଧା ପାର୍ଟ କରୁଥିବା ଝିଅଟି । କି ଚେହେରା, କି ଗଳା ! ସନ୍ଧ୍ୟା ସାତରେ ଯାଇ ଫ୍ରଣ୍ଟ ସିଟ୍‌ଗୁଡ଼ାକ ମାଡ଼ି ବସିଯିବ । ଏ ଗୁଡ଼ାକ କମ୍ପଲିମେଣ୍ଟେରୀ କାର୍ଡ଼ ।" କଥା ସରୁ ନ ସରୁ କ୍ଷୀରୋଦ ଦଉଡ଼ିଲା ପାନ ବିଡ଼ି ଦୋକାନୀ ଅନ୍ତୁର ଗୁମୁଟି ଆଡ଼କୁ । ଅନୁ ଦୋକାନ ପଛକୁ "ଗାଈ ମାର୍କା ଅଟା ଆଉ ବରଫ କଳ ।" ବଡ଼ ବଡ଼ ଅକ୍ଷରରେ ଗାଈର ଛବି କାନ୍ଥରେ ଲେଖା ।

ତା'ପରେ ଆମର ପାଞ୍ଚଜଣିଆ ସଭା ବସିଲା । "ବୁଭୁକ୍ଷିତ କିଂ ନ କରୋତି ପାପମ୍ ।" 'ସୁବର୍ଣ୍ଣ କଙ୍କଣ' । ନାରୀ ଅଭିନେତ୍ରୀ ସୁନ୍ଦର ଖ୍ୟାତାନାମା । ପାଞ୍ଚୁଟା ଛାତିର ଦୁକଦୁକି ଏକାବେଳକେ ବନ୍ଦ ହୋଇଗଲା ପରି ଲାଗିଲା । କେଉଁଝରର ବନମାଳୀ କହିଲା, "ଆଜି କ୍ଲାସ ଯିବନି ।" ବେତନଟୀର ମଧୁପରିଡ଼ା କହିଲା, "ମହାନଦୀ ପୋଲ ଆଡ଼କୁ ସାନ୍ଧ୍ୟଭ୍ରମଣ କେନ୍‌ସେଲ୍ କରିବା ।" ବଲାଙ୍ଗୀର ରାମକୃଷ୍ଣ ଦୁଃଖର ସହିତ ମନେପକାଇ ଦେଲା, "ଆଜି କାହାରି ପାଖରେ କିଛି ପଇସାପତ୍ର ନାହିଁ ।" ମୁଁ କହିଲି ଚାଲ କଲେଜ ଡ଼ାକ୍ତରଖାନାକୁ ଯିବା, ପାନେ ପାନେ କର୍ଡ଼ଲିଭାର ଅଏଲ ବିଲାତି ବାଇଗଣ ରସ ସହିତ ମିଶାଇ ଖାଇଦେବା, ଭୋକ ବଢ଼ାଇବ । ନରଓ୍ୱେରୁ ଆସିଛି, ଆଇଁଷିଆ ତଥାପି ଦିହପେଟକୁ ଗୁଣ ।"

ଦିନଯାକ ଗମ୍ଭୀର ରହିଲୁ । ବାର୍କି ବା ଥିଏଟର କାହା ମୁହଁରୁ ବାହାରିଲା ନାହିଁ । କଥା ଗୋପନ ରଖିବା କେତେ କଷ୍ଟ ସେଇ ଦିନ ଆମେ ଜାଣିଲୁ । ଭାତ କମ୍ ଖାଇଲୁ ଯିମିତି ମାସିକା ଭୋଜନ ଖାଇ ତିନିଦିନ ଓପାସ ରହିହେବ । ପ୍ରାୟ ତିନିଟା ବେଳେ

Digitized by srujanika@gmail.com

ବାହାରିଲୁ ନିତ୍ୟନୈମିତ୍ତିକ ସାନ୍ଧ୍ୟଭ୍ରମଣରେ ମହାନଦୀ ପଠା ଆଡ଼କୁ । କୋଳି ଖାଇଲେ ଭୋକ ମରିଯିବ ବୋଲି ସେ କୁକର୍ମରୁ କ୍ଷାନ୍ତ ହେଲୁ ।

ସାନ୍ଧ୍ୟଭ୍ରମଣରୁ ଫେରିଲା ବେଳକୁ ଛଅଟା । ଚକ୍ରା, ବେଙ୍ଗ, କେଶବ ଆଉ ଧନୀ ଚାରିମେସର ଚାରି ପୂଝାରୀ । ଆମର ଧନୀ । ଆମପାଇଁ ତା'ର ସ୍ନେହ ଶ୍ରଦ୍ଧା ଏତେ ବେଶୀ ଯେ, ଆମେ ମାଆକୁ ଭୁଲିଯାଉ । "ଧନୀ, ଆମେ ଫେରିବାକୁ ଡ଼େରି ହେବ" କହି ପାଞ୍ଚଭାଇ ବାହାରି ପଡ଼ିଲୁ । ଅନୁ ଦୋକାନରୁ ମିଠାପାନ କିଣି ଅଗ୍ରସର ହେଲୁ 'ହଲମୁନ୍' ଆଡ଼କୁ । ରିକ୍ସା ତିନିଅଣା, ଘୋଡ଼ାଗାଡ଼ି ଆଠଅଣା । ଏତେ ପଇସା କାହିଁ । "ଚାଲି ଚାଲି ଯିବା ।" ଭୋକକୁ ଭୋକ ବଢ଼ିବ, ତା'ଉପରେ ସୁବର୍ଣ୍ଣ କଙ୍କଣ ଦେଖାଯିବ ବିନା ପଇସାରେ କି ଆନନ୍ଦ ! କି ଭାଗ୍ୟ ।

ଏଥର ଡ଼ବଲ୍ ସ୍ପିଡ୍ । ସାଦା ମିଠା ବା ଜରଦା ପାନ ସଂଗକୁ ଡ଼ବଲ ସ୍ପିଡ୍ ଚାଲି ଝାଳ ବହିବାକୁ ଆରମ୍ଭ କଲା । କଥାବାର୍ତ୍ତା ପ୍ରାୟ ବନ୍ଦ । କେନାଲ ପରେ ପରେ ପ୍ରସ୍ତାବିତ ମାଇନର ସ୍କୁଲର ବୁଦାଳିଆ ସ୍ଥାନ, ତା'ପରେ ରାଣୀହାଟ ବୁକ୍ ଏଜେନ୍ସୀର ଛୋଟ ବହି ଦୋକାନ, ତା'ପରେ କଟକ ଇଲେକ୍ଟ୍ରି ସପ୍ଲାଇର ଢ଼ପ୍‌ଢ଼ପ୍ ଶବ୍ଦ, କଟକ ଏମ୍ପୋରିୟମ (ଏତେ ଆଧୁନିକ ଏତେ ଦାମ ଯେ, ଆମେ କେବେ ସେ ଦୋକାନକୁ ଯାଉନା କେବଳ ବାହାରୁ ଦେଖୁ) ପରେ ପରେ ଡ଼ି.ପି. ସୁରର କଲିକତି ବଙ୍ଗାଳି ଦୋକାନ । ମଙ୍ଗଳାବାଗ ଛକ, ମେଡ଼ିକାଲ ସ୍କୁଲକୁ ରାସ୍ତା । ଏଇଠୁ ରାସ୍ତା ଚାଲିବ, ରାଜରାସ୍ତାର ଅନନ୍ତ ଅନ୍ଧାର ଦେଇ ବକ୍ସି ବଜାରକୁ । ପୋଷ୍ଟ ଅଫିସ୍ ପାଖରେ ବାହାରିବ ।

ଏଥର "ହଲମୁନ୍' ଆଡୁ ବାଜା କ୍ଲେରିଓ ନେଟର ଶବ୍ଦ ଶୁଭିଲା ପରି ଲାଗିଲା । 'ସୁବର୍ଣ୍ଣ କଙ୍କଣ'ର ହାତଲେଖା ବିଜ୍ଞାପନଟା କିରାସିନୀ ବତୀଗୁଚ୍ଛ ତଳେ ଝଲସି ଉଠିଲା । ଗୋଟିଏ ନାରୀର ବିକଟ ମୁହଁ ସେଇ ରଙ୍ଗର କାଳିରେ ତା'ରି ତଳକୁ ଝୁଲୁଥାଏ । କୁଆଡୁ କିଛି ଶବ୍ଦ ନ ଶୁଭିଲେ ଭାବୁ ଏଇ ଆରମ୍ଭ ହୋଇଗଲା ଏବଂ ପ୍ରତ୍ୟେକ ପ୍ରତ୍ୟେକଙ୍କୁ ଦୋଷ ଦେଇ ତା'ରି ଯୋଗୁ ଟ୍ରେଜେଡ଼ି ଘଟିବାକୁ ଯାଉଛି । ଜଣେ ବିରକ୍ତ ହୋଇ କହିଲା 'ହିତୋପଦେଶରେ ଯାହା ହେଲା ସେଇ ବୃଦ୍ଧ ବ୍ୟାଘ୍ରର ଦଶା ଆମକୁ ପଡ଼ିବ । "କଙ୍କଣସ୍ୟ ହିଁ ଲୋଭେନ ମଗ୍ନ ପଙ୍କେ ସୁଦୁସ୍ତରେ ।" ପଙ୍କରେ ମଗ୍ନ ହୋଇ ଘରକୁ ଫେରିବା ସାର ହେବ ।

ସାଇରୁ ଶଙ୍ଖ ଶବ୍ଦ ବାହାରି ଗଗନ ପବନରେ ଖେଳିଗଲା । ପଲପଲ ବାଦୁଡ଼ି ଡ଼େଣାହଲାଇ ଗଛକୁ ଗଛ ଟଙ୍ଗା ହୋଇଥିବା ଜାଲରେ ପଡ଼ି ଫଡ଼ଫଡ଼ ହେଲେ । ଖଣ୍ଡେ ଦୂର ଗଲେ "ହଲମୁନ୍" । ବାଁ ପଟେ ଯୋତା ଓ ମୋଚି ଦୋକାନ । ଆଲୁଅ ଦୀପ କିଛି ନାହିଁ । ଭାବିଲୁ ଆମର ଡ଼େରି ହୋଇଗଲା । ସେ ଆରମ୍ଭ ହୋଇଗଲା । ଏତେଦୂର, ଏତେ ଏତେ କୁଚ୍ଛ ସାଧନ, ଏତେ ଉତ୍କଣ୍ଠା ସହିତ କ୍ଷୀରୋଦ ଭାଇର ଆମ ପ୍ରତି ଏତେ

Digitized by srujanika@gmail.com

ଦୟା, ଦରଦ-ସବୁର ଏଇ ପରିସମାପ୍ତି । ରିଏଲ ଟ୍ରେଜେଡ଼ି ।

ତରବରରେ ପ୍ରତ୍ୟେକ ଟିକେଟ୍ ବାହାର କରି ହାତରେ ମୁଠେଇ ଧରିଲୁ ଏବଂ ବିରାଟ ଯାଉଁଳି କବାଟ ଆଡ଼କୁ ଅନ୍ଧାରରେ ଅଗ୍ରସର ହେଲୁ । କିଏ ଆଗ 'ଖ୍ରିଂ ଫାଙ୍କ୍' କହିବ ପ୍ରତିଯୋଗିତାରେ କବାଟ ଭିତରେ ଠେଲା ପେଲା ହୋଇ ଜଣେ ଦି'ଜଣ ଅଟକି ରହିଲୁ । ଯିଏ ପାର ହେଲା ସୋ ଭିତରେ ପହୁଞ୍ଚି କାନ୍ଦ କାନ୍ଦ ହୋଇ ବଡ଼ପାଟିରେ କହିଲା, "କିବେ, କାହିଁ ବାଙ୍କି ଥିଏଟର, ଯାତ୍ରା ଥିଏଟର, ଆଲଦୀର, କାହିଁର କିଛି ଚିହ୍ନବର୍ଣ୍ଣ ନାହିଁ । ଏତେ ସାର୍ଥପର ଗୁଡ଼ାକ ଆମେ ଯେ ଧସ୍ତାଧସ୍ତି ଉପରକୁ ପାଞ୍ଚଭାଇ ଆସିଗଲୁ ।

ଭିତରକୁ ଯାଇ ଭିନେ ଭିନେ ଏକତ୍ର ଅଣ୍ଡାଳି ବାଙ୍କି ଥିଏଟର ବା ଆମେ କିଏ କେଉଁଠି ଅଛୁଁର ପତ୍ତା ପାଇଲୁନାହିଁ, କେବଳ ମୁଠାମୁଠି କିଟିମିଟିଆ ଅନ୍ଧାରରେ ଏଣେ ତେଣେ ଘୁରି ବୁଲିଲୁ । 'ସୁବର୍ଣ୍ଣ କଙ୍କଣ' ପତ୍ତା ନାହିଁ । ନିଜର ଆଖି କାନକୁ ବିଶ୍ୱାସ ନ କରି, ନିଜ ସାଙ୍ଗକୁ ବିଶ୍ୱାସ ନ କରି ଆମେ ଶେଷଥର ପାଇଁ ବିରାଟ ହଲ୍‌ରେ ଶେଷଥର ପାଇଁ ଥିଏଟର ଦର୍ଶନ ଆଶା ହରାଇଲୁ । ଆମର ଆଶଙ୍କା ଘନୀଭୂତ ହେଲା କ୍ରମେ । ବାହାରେ ଶୂନ୍ୟତାକୁ ଘେରି ରହିଛି ନଡ଼ିଆ, ସପେଟା ଓ କଦଳୀ ବଗିଚାର ଉଦ୍ୟାନ । ଘରେ ବାହାରେ ଖାଲି ଭୂତପ୍ରେତର ନାଚଗୀତ ଚାଲିଛି ଯେମିତି । କିଏ କେଉଁଠି କାହାକୁ କଙ୍କଣ ଲୋଭରେ ହତ୍ୟା କରୁଛି ଯେମିତି । ଏତିକିବେଳେ ଝପ୍‌ଝାପ୍ ଶବ୍ଦଟାଏ କୁଆଡୁ ଆସିଲା । ପରେ ପରେ ଚିତ୍କାର ଶୁଭିଲା "ରକ୍ଷାକର, ବୁଡ଼ିଗଲି ।" ପରେ ପରେ ଶୁଭିଲା "ଏଠି ଗୋଟାଏ ଗାଡ଼ିଆ ଅଛି, ଧର ଉଠଅ, ମୁଁ କାଦୁଅରେ ଅଟକି ଯାଇଛି ।" ସୁର ବାରି ତାକୁ ଉଠାଇଲୁ, ଉଦ୍ଧାରକଲୁ ଦୁସ୍ତର ପଙ୍କମୟ ଗାଡ଼ିଆରୁ । ଆମେ ସମସ୍ତେ ଯେତେବେଳେ ବର୍ତ୍ତିବାର ଆଶା ହରାଇ କାନ୍ଦ କାନ୍ଦ ହେଉଥିଲୁ ସେତିକିବେଳେ କିଏ ଜଣେ ବାଟୋଇ ଟର୍ଚ୍ଚ ଆଲୁଅରେ ଆମକୁ ବାରି ଅନ୍ଧାରରୁ ଆଲୋକକୁ ଆଣିଲା । ପାଞ୍ଚଜଣକୁ ପାଞ୍ଚ ଅବସ୍ଥାରେ ଜାଣିଲୁ । କିଏ କ୍ଲାନ୍ତି, ନିରାଶୀ, କିଏ ଭଗ୍ନ ଜାନୁ, ଆଉକିଏ କର୍ଦ୍ଦମାକ୍ତ ଅବସ୍ଥାରେ ରହିଥିଲେ ଜାଣିବା ଅବସ୍ଥାରେ ନଥିଲୁ । ଜଣେ ନିଃଶ୍ୱାସ ଫେରି ନପାଇ ଦାଣ୍ଡଟାରେ ଚିତ୍ ହୋଇ ପଡ଼ି ରହିଥାଏ ।

ଭଲକରି ଓଲଟ ପାଲଟ କରି ବନ୍ଧୁବର ଦେଇଥିବା କମ୍ପଲିମେଣ୍ଟେରୀ ଟିକଟ୍ ଗୁଡ଼ାକ ଏପଟ୍ ସେପଟ କରି ପୁଣି ଦେଖିଲୁ । କ୍ଷୀରୋଦ ଏପ୍ରିଲ୍ ଫୁଲ୍‌କରି ଦେଲାକି ଆମ ସମସ୍ତଙ୍କୁ । 'ସୁବର୍ଣ୍ଣ କଙ୍କଣ' ତ ହରାଇଛୁ, ନାରୀ ଅଭିନେତ୍ରୀ ଦେଖି ଜୀବନ ଧନ୍ୟ କରିବାର ଦୁରାଶା ସ୍ୱପ୍ନରେ ପରିଣତ ହେଲା । ତଥାପି ପଛଘୁଞ୍ଚା ନାହିଁ ଆମର ଜାତକେ । ମାସକ ଫିଷ୍ଟ ତ ଧନୀ ରଖିଥିବ ଆମ ପାଇଁ । ଶନିବାରିଆ ମାସିକିଆ ଭୋଜନ ମନେ ପଡ଼ିବାରୁ ପରଦିନ ଦାନ୍ତରୁ ସେ ଗରିଷ୍ଠ ଭୋଜନର ଅବଶେଷାଂଶ ଛଡ଼ାଇବା ପାଇଁ ଆଗକୁ ଚାଲିଲୁ ଚୌଧୁରୀ ବଜାର ଛକକୁ ଆକବରୀ ବାସନା ଗୁଡ଼ାଖୁ ଛଟାଙ୍କିଏ ଲେଖାଏଁ ଆଣିବା ପାଇଁ । ଛ ପଇସା ଲେଖାଏଁ ପୁଟୁଳାକୁ ଫେରିଲାବେଳେ

Digitized by srujanika@gmail.com

ମହାର୍ଘ କିଆକାଠି ବିଡ଼ାଏ ବିଡ଼ାଏ ଢ଼ିବିରି ଆଳୁଅ ଜାଳି ରାସ୍ତାକଡ଼ରେ ଯେଉଁ ଗୋଦରୀଗୋଡ଼ୀ ବୁଢ଼ୀ ବସିଥାଏ ତା'ଠୁ ନେଲେ ଉତ୍ସବରେ ଦିନଟିଏ ସରିବ । ବାଙ୍କି ଥିଏଟର ସ୍ମୃତିଟି ଖାଲି ରହିଯିବ । ଗୁଣୁଗୁଣୁ ସ୍ୱରରେ ଯାତ୍ରାଗୀତ 'ରଜ ସଜବାଜ ମଉଜକୁ ଝିପି ଝିପି ବର୍ଷା ସାରିଦେଲାରେ' ଗାଇ ଗାଇ ପ୍ରାୟ ନଅଟା ବେଲ୍‌କୁ ଭୋଜି ପୂର୍ବରୁ ଗୁଡ଼ାଖୁ କିଆକାଠିରେ ମୁହଁ ସଫାକରି ଚାରିନମ୍ବର ଧନୀ ମେସର ବିରାଟ କୋଳାହଳ ଭିତରକୁ ପଶିଲୁ । (ନେପଥ୍ୟେ କୋଳାହଳ) ଆମକୁ ଶୁଭିଲା ନାହିଁ ।

ପରଦିନ ସକାଳେ କ୍ଷୀରୋଦକୁ ଉତ୍ତମ ମଧମ ଜରିଆରେ ଜବଦ କରି ପ୍ରକୃତ ତଥ୍ୟ ପାଇଲୁ । କ୍ଷୀରୋଦ ମାନିନେଲା କିମିତି ସେ ଆମକୁ ଠକାଇଲା । ଲାଲିଆ ବାବାଜୀ ସାଂଗରେ ମିଶି ସେମାନେ ଗୁଡ଼ାଏ ଟିକଟ ଯୋଗାଡ଼ କଲେ । ବାଙ୍କି ଥିଏଟର ସୋ ସମାପ୍ତ କରି ପୁରୁଣା ଟିକଟ ସବୁ ଫୋପାଡ଼ି ଦେଇ କଟକ ଛାଡ଼ିଲା ପରେ ଏ ଦୁହେଁ ସେ ସବୁ ଆଣି ବଣ୍ଟାବଣ୍ଟି କରି ଥିଏଟର କାଙ୍ଗାଳଙ୍କୁ ଦେଇ କଉତୁକ ଦେଖୁଥିଲେ ।

ଆମର ଅବଶୋଷ ରହିଗଲା ଥିଏଟର ନ ଦେଖିଲୁ ନାହିଁ ଗୋଟିଏ ମଧ ନାରୀ ଅଭିନେତ୍ରୀ ଦେଖିପାରିଲୁନାହିଁ । ଭାଗ୍ୟ ଭଲ ମାତ୍ର ଅଳ୍ପ କେତେଦିନ ପରେ ପଇସା ଦେଇ "ଗ୍ରେଟ୍ ଅଲମ୍ପିକ୍ ସର୍କସ" ଓ ରଙ୍ଗମହଲ ଥିଏଟରରେ ସେଇବର୍ଷ ଅନେକ ନାରୀଙ୍କୁ ଦେଖି ଭୋକଶୋଷ ମାରି ପାରିଲୁ ।

# ସଂସ୍କୃତି ଓ ଉତ୍ସବ

'ଅତିଥି ଆସିଛ, ଦୁଆରେ' ଆବାହନୀ ସଂଗୀତର ତାଳେ ତାଳେ ଜ୍ୟୋତ୍ସ୍ନାମୟୀ ସୁଦୂର ପଲ୍ଲୀ ସନ୍ଧ୍ୟାଟି ମୁଖରିତ ହୋଇ ଉଠୁଛି ।

ସଂଗୀତଟି ପରିବେଷଣ କଲେ ଦୁଇଜଣ ସୁନ୍ଦରୀ ଗ୍ରାମସେବିକା, ତେଣୁ ସଂଗୀତର ଭାବ ଓ ଇଙ୍ଗିତ ଅଧିକ ସ୍ପଷ୍ଟ ଏବଂ ଝଙ୍କାର ଓ ମୂର୍ଚ୍ଛନା ଅଧିକ ଜୀବନ୍ତ ଓ ପ୍ରାଣସ୍ପର୍ଶୀ ହେଲା ।

ମୋଟାମୋଟି କହିଲେ କଲେଜ ଉତ୍ସବ ପେଟାର୍ଣ୍ଣରେ ଅନୁଷ୍ଠିତ ହେବାକୁ ଯାଉଥିବା ବ୍ଲକ୍‌ର ଉତ୍ସବଟି ପ୍ଲାନ ଅନୁଯାୟୀ ଚାଲିଛି ।

ପ୍ରଧାନ ଅତିଥିଙ୍କ ପଦ ପଲ୍ଲୀର ମାଟି ସ୍ପର୍ଶକରୁ ନ କରୁଣୁ ଲାଉଡ୍ ସ୍ପିକରରେ ବାଜି ଉଠିଥିଲା 'ପ୍ୟାର୍ କିୟା ତୋ ଡ଼ର୍‌ନା କ୍ୟା ।' ମଞ୍ଚସଜା, ଆଲୋକ ସଜା କାହିଁରେ କିଛି

Digitized by srujanika@gmail.com

ତ୍ରୁଟି ନାହିଁ । ବାତାବରଣ, ପରିବେଶ ଏକଦମ୍ ଖାଣ୍ଟି ସାଂସ୍କୃତିକ । ସ୍କୁଲ ପିଲା, ଗୋରୁଜଗା ଟୋକା, ଡ଼ାକ୍ତରଖାନା ରୋଗୀ, ପାଖଆଖ ଗାଁର ବିଧବା ପିଲାଝିଲା ମିଶି ପ୍ରାୟ ପାଞ୍ଚଶ ହେଲେଣି । ଭଦ୍ରଲୋକ ହାଟୁଆ ବାଟୁଆ ପୁଣି ଅଛନ୍ତି । ଗୋଟାଏ ବିରାଟ ଜନସମାଗମ ଆଶଙ୍କା କରାଯାଉଛି । କେବଳ ଟି ପାଟି ଓ ଭୋଜନର ବ୍ୟବସ୍ଥା ଥିଲେ ଉତ୍ସବଟି ସର୍ବାଙ୍ଗ ସୁନ୍ଦର ହୋଇଥାନ୍ତା ।

ମାଗିଯାଚି, ଚୋରିକରି, ସ୍କୁଲ ପିଲେ ଦିନଯାକ ଲାଗି ଦେଢ଼ ମିଟର ଲମ୍ବ ଯେଉଁ ଗେଣ୍ଡୁମାଳଟି ରଚନା କରିଛନ୍ତି ତାହା ପ୍ରାୟ ତିନି କିଲୋ ହବ । ତେଣୁ ପ୍ରଧାନ ଅତିଥିଙ୍କ ଗ୍ରୀବା ଓ ଶରୀର ବିନମ୍ର ହୋଇଯାଇଛି । ଉଦ୍ୟୋକ୍ତାଗଣଙ୍କ ସଂସ୍କୃତି ପ୍ରୀତି ଏହି ଦୈର୍ଘ୍ୟ, ପ୍ରସ୍ଥ ଓଜନରୁ ଅକ୍ଲେଶରେ ମାପି ହେବ ।

ପ୍ରଧାନ ଅତିଥି ଶ୍ରୀ ଜୀବନାନନ୍ଦଙ୍କ ମୁଖମଣ୍ଡଳରେ ପ୍ରଫୁଲ୍ଲତା, ଆତ୍ମସନ୍ତୋଷ ବେଶ୍ ପରିସ୍ଫୁଟ । ଉତ୍ସବ କମିଟିର ସମ୍ପାଦକ ସେଇ ପିଲାଟି ଆତ୍ମସନ୍ତୋଷ ବେଶ୍ ପରିସ୍ଫୁଟ । ଉତ୍ସବ କମିଟିର ସମ୍ପାଦକ ସେଇ ପିଲାଟି (ନାଁ, ତାର ଅକ୍ଷୟ) ତାଙ୍କର ଯିମିତି ପରିଚୟ ଦେବା କଥା ଦେଇଛି । ଟିପା କାଗଜରୁ ଅକ୍ଷରଟିଏ ମଧ ଭୁଲି ନାହିଁ । ସେ ନିଜେ କିଛି ଭାବି ବା ଲେଖିପାରେନା ସତ, କିନ୍ତୁ ନୋଟ୍ ଦେଇଦେଲେ ବକ୍ତୃତା ହେଉ ବା ପ୍ରଶ୍ନୋତ୍ତର ହେଉ, ନିର୍ଭୁଲ ଉଦ୍‌ଗୀରଣ କରିଦିଏ, ଉତ୍ତାରି ଦିଏ । ତାର ବି.ଏଲ୍. ପାଶ ସୁନିଶ୍ଚିତତା ପରିଚୟ ଦେଲାବେଳେ ଭୁଲ୍ ଭିତରେ ସେ ଜୀବନାନନ୍ଦଙ୍କ ଆଗରେ ଡ଼କ୍ଟର ଶବ୍ଦ ବ୍ୟବହାର କରିଛି । ତେବେ ସେଇଟା ଅଧିକନ୍ତୁ ନ ଦୋଷାୟ ଶ୍ରେଣୀର ଭୁଲ୍ । ସାଂସ୍କୃତିକ ଉତ୍ସବର ମୁଖ୍ୟ ସବୁଠି ଡ଼କ୍ଟର ହେବା ପରମ୍ପରା ଦେଶରେ ପ୍ରତିଷ୍ଠିତ ହେଲାଣି । ଗୋଟାଏ ଗୋଟାଏ କଲେଜରେ ଡ଼ଜନେ ଡ଼କ୍ଟର, କେପ୍‌ଟେନ୍, ମେଜର, ଲେଫ୍‌ଟେନେଣ୍ଟ ମିଳିଯିବେ ।

ସାଙ୍ଗସାଥୀମାନେ ଫୁଟାଣିଆଁ, ବାହାଦୁରିଆ, ଆଗଚଲା କହିଲେ ବି ଅକ୍ଷୟ ବଡ଼ ସିନିଅର ପିଲା । ଭାରି ଖଟିପାରେ । କାମ ପଛରେ ଜୋକପରି ଜଡ଼ି ରହେ । ଆଜି ସକାଳେ ବଡ଼ିଭୋରୁ ଚାରିଛଅ ଜଣ ସାଥୀଙ୍କି ଧରି ହାଜର ଜୀବାନନ୍ଦଙ୍କ କ୍ୱାର୍ଟରସ୍‌ରେ । ଗୋଡ଼ତଳେ ଲମ୍ବ ଲମ୍ବ ହୋଇ ପଡ଼ିଯାଇ କହିଲା, "ସାର୍ ଆମକୁ ଉଦ୍ଧାର କରନ୍ତୁ । ସର୍ବନାଶ ହେବାକୁ ବସିଛି । ଡ଼କ୍ଟର ବେଦବ୍ୟାସ ଆସିବେ ନାହିଁ, ଟେଲିଗ୍ରାମ୍ ଆସିଛି । ତାଙ୍କର ଗଳା ଆଉ ଗାଲ ଫୁଲିଯାଇଛି କୁଆଡ଼େ, ମାସେ ଭିତରେ ଶହେଟା ବକ୍ତୃତା ଦେଇ । ବ୍ଲକ୍ ଲୋକେ ଆପଣଙ୍କୁ ଚାକି ବସିଛନ୍ତି, ଆପଣ ପହୁଞ୍ଚିଲେ ଯାଇ ଉତ୍ସବ ହେବ । ଆପଣ ନ ଆସିବା ଯାକେ ଏଇଠି ଏମିତି ପଡ଼ିଥିବି, ଉଠିବି ନାହିଁ ।"

ପ୍ରିୟ ପ୍ରାକ୍ତନ ଛାତ୍ରଟିର କରୁଣ ଅବସ୍ଥା ଦେଖି ଜୀବାନନ୍ଦ ମାଭୈ ମାଭୈ କହି ଟିକିଏ ଡ୍ରାମାଟିକ୍ ଭଙ୍ଗୀରେ କହିଲେ, "ବତ୍ସ ! ଅଯଥା ଅଧୈର୍ଯ୍ୟ ହୁଅନାହିଁ । ସଂସ୍କୃତି ରଥୀମାନଙ୍କର ଅକାଳେ ସକାଳେ ଏମିତି ମୂର୍ଚ୍ଛା ଓ ପତନ ହୁଏ, ଏକଥା ଆମର ସଂସ୍କୃତି

Digitized by srujanika@gmail.com

କେରିଅପ୍‌ପା, ମିନାକ୍‌ସାମାନେ ଜାଣନ୍ତି, ତେବେ ନେଫା ଲାଡ଼ାଖ୍‌ରେ ଅଚାନକ ଆକ୍ରମଣରେ ଛାମୁଆ ସୈନ୍ୟଙ୍କ ସାମୟିକ ବିପର୍ଯ୍ୟୟ ଘଟିଲା ବୋଲି ହୋମଗାର୍ଡ଼ ଜଣ ନାହାନ୍ତି ? ସଂସ୍କୃତି ଯୁଦ୍ଧର ସେକେଣ୍ଡ ଲାଇନ୍ ଅଫ୍ ଡ଼ିଫେନ୍ସ ମୁଁ ଗଢ଼ିସାରିଛି । ସଂସ୍କୃତି ବିପନ୍ନ ହେବାର ଜାଣିଲେ ମୁଁ ବସିଲା ଠାଆରୁ ଉଠିଲି ।"

କୃତକୃତ୍ୟ ହୋଇ ଅକ୍ଷୟ କହିଲା "ସାର୍ ଆପଣ ମହାପୁରୁଷ, ମହାତ୍ମା ।"

ଏକା ଗୀତି, ରାହରେ ଜୀବାନନ୍ଦ କହିଗଲେ, "ତୋଷାମଦ କରନାହିଁ ବତ୍ସ ! କଥାଟା ବୁଝ । ଗୋଟାଏ ସଂସ୍କୃତି ପୀଠ ରେଭେନ୍ସାରୁ ଏବେ ହଜାରେ ହେଲାଣି । କଲେଜ ଗୋଟିକୁ ଇଉନିୟନ ଗୋଟିଏ, ଇଉନିୟନ ଗୋଟିକୁ ସଂସ୍କୃତି ସପ୍ତାହ ଗୋଟିଏ । ଗୋଟିଏ ଦିନକୁ ଉଦ୍‌ଘାଟକ, ମୁଖ୍ୟବକ୍ତା, ମୁଖ୍ୟଅତିଥି, ସଭାପତି ଇମିତି ଅନ୍ତତଃ ଚାରିଜଣ । ସ୍କୁଲ ତ ଅଛି । ଫେର୍ ତୁମେ ସବୁ ବ୍ଲକ୍‌ର ଗାଁ ଗଣ୍ଡାକୁ ସାଂସ୍କୃତିକ ଫ୍ରଣ୍ଟ୍ ସଂପ୍ରସାରିତ କରିବାକୁ ଆରମ୍ଭ କଲଣି । ପନ୍ଦର ଶହ ମାଇଲ ଧରି ଏ ଯେଉଁ ଫ୍ରଣ୍ଟ୍ ସେଥିପାଇଁ ଇମରଜେନ୍ସୀ ରେକ୍ରୁଟମେଣ୍ଟ ଦରକାର । ଅବଶ୍ୟ ବୁଲା ଭାଟଙ୍କ ପରି ଅନେକ ସଂସ୍କୃତିରଥୀ ଋକ୍‌ବେଦ, ଭଞ୍ଜ, ବୈଷ୍ଣବଧର୍ମ ବୋମା ହାତରେ ଧରି ଗସ୍ତ କରୁଛନ୍ତି । ନୂଆ ବ୍ଲଡ୍ ଦରକାର । ତୁମ ଯଜ୍ଞରେ ମୁଁ ଆତ୍ମାହୁତି ଦେବାକୁ ପ୍ରସ୍ତୁତ ।"

"ସାର୍ ! ଏ ବର୍ଷ ନୂଆ ସଂସ୍ଥାଟିଏ ଗଢ଼ିଛୁଁ । ଚାନ୍ଦା ବେଶି ଉଠିନାହିଁ । ମାତ୍ର ପାଞ୍ଚ ହଜାର । ଆପଣଙ୍କୁ ବା କ'ଣ ଦେଇପାରୁ ? ଆମ ଗାଁ ଭିତର ଦେଇ ବସ୍ ଯା' ଆସ କରୁଛି । ଠିକ୍ ସଭା ଆରମ୍ଭକୁ ବସ୍ ପହୁଞ୍ଚିବ, ଭୋର୍ ସକାଳୁ ଛାଡ଼ିବ । ଆପଣ ଘରେ ପହୁଞ୍ଚି ମଧ ଚା, ଜଳଖିଆ ଖାଇପାରିବେ ।"

"ଉତ୍ତମ । ମୁଁ ଖାଇବାର ସାଂଗରେ ନେଇଯିବି ।"

"ସାର୍, ଆମେ ଖବରକାଗଜବାଲାଙ୍କୁ ଡ଼ାକିଛୁ, 'ପିତୃଭୂମି' 'ଗଣତନ୍ତ୍ର', 'ସୋସାଇଟି' ପତ୍ରିକାର ପ୍ରତିନିଧିମାନେ ଆସିବେ । ଫଟୋ ଉଠିବ ସାର୍, ଡ଼କ୍ଟର ରାୟଙ୍କ ପରି ପୂରାପୁରି ସମ୍ବାଦ ଓ ବକ୍ତୃତାର ସାରାଂଶ ଦେଇଦେଲେ ସୁବିଧା ହେବ ସେମାନଙ୍କୁ ଛାପିବାକୁ । ଆପଣଙ୍କ ନିଜ ବ୍ଲକ୍ ଥିଲେ ଛବି ବି ଛାପା ହୁଅନ୍ତା । ଟିକିଏ ହିଉମର୍ ଦେବେ । ତେବେ ବକ୍ତୃତାଟା ଜମିବ । ସାର୍, ଆପଣଙ୍କ ସବ୍‌ଜେକ୍ଟ କ'ଣ ?"

"ଶିକ୍ଷା, ସଂସ୍କୃତି ଓ ସଭ୍ୟତା ।"

"ଫରେନ୍ ଯାଇଥିଲେ ।"

"ଯୋଗାଡ଼ କରୁଛି ।"

"ରିଡ଼ର୍ ନା ପ୍ରଫେସର ?"

"ଲେକ୍‌ଚାରାର ।"

"ପବ୍ଲିକେଶନ ?"

"ସବୁ ଯନ୍ତ୍ରସ୍ଥ ।"

Digitized by srujanika@gmail.com

ଦଣ୍ଡେ ରହି ଜୀବାନନ୍ଦ କହିଲେ "ବାପା ଅକ୍ଷୟ! ତୁମେ ଯଦି ମୋର ପରିଚୟ ଦେବାପାଇଁ ମସଲା ସନ୍ଧାନରେ ଅଛ ତେବେ ଟିପିନିଅ ଆଜୀବନ ବକ୍ତା, ନିଷ୍କାମ ଗବେଷକଗ, ମୂକ ସାହିତ୍ୟିକ ଏବଂ ଆଗାମୀ ଯୁଗର ବୈପ୍ଲବିକ ଲେଖକ । ଆଚ୍ଛା, ତୁମର ମନ୍ତ୍ରୀ ବା ସ୍କୁଲ ଇନ୍ସପେକ୍ଟର କେହି ଆସୁ ନାହାନ୍ତି ତ ?"

"ଜଣେ ଯାଇଛି, ମନ୍ତ୍ରୀଙ୍କୁ ଆଣିବା ପାଇଁ । ଏମାନଙ୍କୁ ଆପଣ କାହିଁକି ଚାହାନ୍ତି ନାହିଁ ସାର୍ ?"

"ମନ୍ତ୍ରୀ ଆସିଲେ ମୋ' କଥାରେ କେହି ତାଳି ଦେବେନି । ଇନ୍ସପେକ୍ଟର ଆସିଲେ ବ୍ଲକ୍‌ଯାକର ଶିକ୍ଷକ ଘେରି ତାଙ୍କୁ ଖୁଆଇବେ । ହାତ ଯୋଡ଼ି ଘେରିଥିବେ, ମୋତେ ପଚାରିବେ ନାହିଁ ।"

ଅକ୍ଷୟ ମୋଟାମୋଟି ଖୁସି । ବିନା ତପସ୍ୟା (ପଇସା)ରେ ସଂସ୍କୃତି ଗଙ୍ଗାକୁ ହରଙ୍କ ଜଟାରୁ ଫିଟାଇ ଶଙ୍ଖ (ମୋଟର ହର୍ଣ୍ଣ) ବଜାଇ ବଜାଇ ଭଗୀରଥି ପରି ନେଇଯିବ, ଯେଉଁଠି ତାର ଷାଠିଏ ସହସ୍ର (ବ୍ଲକ୍‌ର ଲୋକ ସଂଖ୍ୟା) ଜ୍ଞାତିଭାଇ ଅସଂସ୍କୃତି ଅବସ୍ଥାରେ ରହି ପ୍ଲାବନ ଲୋଡୁଛନ୍ତି ମୁକ୍ତି କାମନାରେ । କାଳେ କେଉଁଠି ଜହ୍ନୁ ଗଙ୍ଗାକୁ ଶୋଷିନେବେ ସେଥିପାଇଁ ସେ ତୀକ୍ଷ୍ଣ ନଜର ରଖିଛି ଅଧାପକଙ୍କ ସ୍ୱାସ୍ଥ୍ୟ ପ୍ରତି । ତେଣୁ ଯେଉଁଠି ଯେଉଁଠି ଟାୟାର, ଫେନ୍‌ବେଲ୍‌ଟ ଗଣ୍ଡଗୋଳ ଯୋଗୁଁ ବାସ୍ ଅଟକିଛି ସେ ଚା', ରସଗୋଲା ନିଜେ ଖାଇଛି ଏବଂ ସାର୍‌ଙ୍କୁ ପାନ ସିଗାରେଟ୍ ଯାଚିଛି । ରତନପୁର ଗାଁରେ ବସ୍ ଟିକିଏ ବିଳମ୍ବ ଅଟକିଲା । ଦୁଇଜଣ ଯୁବତୀ-ସ୍ତ୍ରୀ ନିଜ ପିଲାପିଲି ଧରି ଘରକରଣା ଚିଜ ନେଇ ଉଠିଲେ ସେଇଠି ।

ଜୀବାନନ୍ଦ ଯାହାକୁ ଡ଼ରୁଥିଲେ ସେହି ଲୋକ ତାଙ୍କ ପୂର୍ବରୁ ସଭାରେ ହାଜର । ଜନୈକ ମନ୍ତ୍ରୀ ଗସ୍ତରେ ଯାଉଥିଲେ, ଜନସାଧାରଣଙ୍କ ଅନୁରୋଧ ଏଡ଼ି ନପାରି ଅଟକିଛନ୍ତି ଏଇ ସର୍ତ୍ତରେ ଯେ ସେ ଭାଷଣ ଦେଇସାରି ଚାଲିଯିବେ । ତା'ପରେ ଯାଇ ମୁଖ୍ୟଅତିଥି ଭାଷଣ ଦେବେ । ଅକ୍ଷୟ ପରିଚୟ ଦେଇସାରି ରଙ୍ଗମଞ୍ଚକୁ ଚାଲିଗଲା ମେକ୍-ଅପ୍ ନବ । ସେ ଭାଇ ପାର୍ଟ କରିବ, ଭାଉଜ ପାର୍ଟ କରିବେ ପରିବାର ନିୟନ୍ତ୍ରଣ କେନ୍ଦ୍ରର ଜନୈକା ନର୍ସ ।

ଦୈବକୁ ମନ୍ତ୍ରୀଜଣକ ଜଣେ ସୁସାହିତ୍ୟିକ । ମନ୍ତ୍ରୀତ୍ୱ ସହିତ ସେ ଋକ୍‌ବେଦ, ଭଞ୍ଜ, ରାଧାନାଥ ସବୁ ପାରାୟଣ କରିଛନ୍ତି । ତାଙ୍କର ନୂତନତମ ଆବିଷ୍କାର ହେଲା ଉଭୟ ଭଞ୍ଜ ଓ ରାଧାନାଥ ଦିବ୍ୟଚକ୍ଷୁରେ ଦେଖିପାରିଥିଲେ, ଚୀନ୍ ଭାରତର ଶତ୍ରୁ ହେବ, କାରଣ ସେମାନେ ଅଭୟ ଚିନାଂଶୁକ ଶବ୍ଦ ବ୍ୟବହାର କରିଛନ୍ତି । ଯାହାର ଅର୍ଥ ଚିନା, ଅଂଶୁ ଅର୍ଥାତ୍ କଣ୍ଟକ ଭାରତର । ଆଉଏକ, ଆବିଷ୍କାର - 'ଲୁପ୍' ଶବ୍ଦ ଲୋପର ଅପଭ୍ରଂଶ । ଅର୍ଥାତ୍ ଲୁପ୍ ନେଲେ ସନ୍ତାନ ଲୋପ ହୁଏ । ଘନଘନ କରତାଳିରେ ବକ୍ତୃତା ସାରି ସେ ପ୍ରସ୍ଥାନ କଲାବେଳେ ପଚାରିଲେ, ସଭାର କେତେ ଲୋକ ହେବେ ?

Digitized by srujanika@gmail.com

ଏସ୍.ଡ଼ି.ଓ. ସାଂଗେ ସାଂଗେ କହିଲେ, "ଦଶହଜାର ଡ଼ି.ପି.ଆର୍.ଓ. ନିଜେ ଗଣିଛନ୍ତି ।" ପୁଣି ମନ୍ତ୍ରୀ ମହୋଦୟ ପଚାରିଲେ, ଏ ଅଞ୍ଚଳରେ ବର୍ଷା ହୋଇଛି । ଏ.ଡ଼ି.ଏମ୍. କହିଲେ ଅଳ୍ପ ଅଳ୍ପ ହୋଇଛି (ପ୍ରକୃତରେ ବିନ୍ଦୁପାତ ହୋଇନି) ଆପଣ ଫେରିଲାବେଳକୁ (ଯିମିତି ସେ ଋଷ୍ୟଶୃଙ୍ଗ) ଅସରାଏ ହୋଇଥିବ, ଦେଖୁନାହାନ୍ତି ମେଘରେ ବିଜୁଳି (ଇଲେକ୍ଟ୍ରି ତାର) ସଂଘର୍ଷର ଝଲକ ।"

ମନ୍ତ୍ରୀ ଯିବାପରେ ସଭା ପତଳା ହୋଇଗଲା । ଲୋକଙ୍କ ଉଦ୍ଦେଶ୍ୟ ଘରକୁ ଯାଇ ଫେରିବେ, ଥିଏଟର ଆରମ୍ଭ ହେଲେ । ଜଣେ ଆସି କହିଗଲେ, ସଭାପତିଙ୍କ ଯିମିତି ଜୀବାନନ୍ଦଙ୍କ ବକ୍ତୃତା ଲମ୍ବା ନହୁଏ । ସଭାପତି ହେଉଛନ୍ତି ସ୍ଥାନୀୟ ହାଇସ୍କୁଲର ହେଡ଼୍‌ମାଷ୍ଟର । ପେନ୍‌ସନ୍ ପାଇବାର କୋଡ଼ିଏ ବର୍ଷ ହେଲାଣି, 'ତଦପି ନ ମୁଂଚତ୍ୟାଶାଭାଣ୍ଡମ୍।' ଶୁଭୁନଥିବା କଣ ଦି'ପଦ ଛାଡ଼ିହୋଇ କହି ସେ ପୁଣି ମୁଣ୍ଡକୁ ଗୋଟାଏ ପଟକୁ ଆଉଜାଇ ଚେୟାରରେ ଶୋଇଗଲେ ।

ଜୀବନର ଏଇ ପରମ ମୁହୂର୍ତ୍ତକୁ ଜୀବାନନ୍ଦ ଅପେକ୍ଷା କରିଥିଲେ । ସଂସ୍କୃତିର ଭାଟହୋଇ ବାହାରିବା ଏଇ ତାଙ୍କର ପ୍ରଥମ । ସେ ଲବ୍ଧ ପ୍ରତିଷ୍ଠ ନୁହନ୍ତି, ନାଆଁ ଗାଁ ନାହିଁ । ଆରମ୍ଭ କଲେ ଜଗନ୍ନାଥଙ୍କୁ ସ୍ମରଣ କରି, "ମୋର ବକ୍ତବ୍ୟ ହେଲା ଶିକ୍ଷା, ସଭ୍ୟତା ଓ ସଂସ୍କୃତି ।" ପଥର ପଡ଼ିଲେ ଯେପରି ନିସ୍ତରଙ୍ଗ ଜଳ ବିକ୍ଷୁବ୍ଧ ହୁଏ ସେମିତି ଦର୍ଶକମଣ୍ଡଳୀରେ ଆଲୋଡ଼ନ ପରିଲକ୍ଷିତ ହେଲା । ବିଷୟ ବଦଳ କରି ଭଞ୍ଜ ସାହିତ୍ୟରେ ଆଧ୍ୟାତ୍ମିକତା, ବା ଜରତା-ଋଷ୍ୟଶଙ୍ଗ ଉପାଖ୍ୟାନ ବା ସର୍ବଭାରତୀୟ ଭାଷା-ଓଡ଼ିଆ ବା ସିମିତି କିଛି କହିଥାନ୍ତେ । ମାତ୍ର 'ପଛଘୁଞ୍ଚା ନାହିଁ (ସଂସ୍କୃତି) ବୀରର ଜାତକେ' ମନେପକାଇ ପୁଣି ଆରମ୍ଭ କଲେ "ଶିକ୍ଷା କହିଲେ କେବଳ ସାକ୍ଷରତା ବୁଝାଏ ନାହିଁ, ବୁଝାଏ ମାନବର କାୟିକ, ମାନସିକ ଏବଂ ହୃଦୟର ପ୍ରବୃତ୍ତିନିଚୟର ସାମୂହିକ, ଯୁଗପତ୍ ବିକାଶ ଓ ଉନ୍ନତି । ସଭ୍ୟତା କହିଲେ ସେହିପରି ବୁଝାଏ ନାହିଁ ଭୌତିକ ବା ବୈଷୟିକ ଉନ୍ନତିକୁ ବା ଶତତଳ ପ୍ରାସାଦ, ପରମାଣୁ ବୋମା, ବା ମହାକାଶ ବିଜୟ ବା ପରିକ୍ରମାକୁ, ବୁଝାଏ ସୁନ୍ଦର ଚିନ୍ତା, ସୁନ୍ଦର ସୃଷ୍ଟି ବା ସୁନ୍ଦର ସମାଜ ଗଠନ ମନୋବୃତ୍ତିକୁ । ସଂସ୍କୃତି କହିଲେ ବୁଝାଏ ନାହିଁ ଉଦ୍ଦାମ ନାଚଗୀତ, ହୁରିହାଟ, ତାମସା ମଜ୍‌ଲିସ୍‌ପୂର୍ଣ୍ଣ ଉତ୍ସବକୁ । ସତ୍ୟ ଶିବ ସୁନ୍ଦରର ପରମ୍ପରା ଓ ଅବଦାନକୁ ଶ୍ରଦ୍ଧା କରିବା, ସଂରକ୍ଷଣ କରିବା ଓ ସଂପ୍ରସାରଣ କରିବା ହେଲା ସଂସ୍କୃତି ।

ଯାହାକୁ କହନ୍ତି ସଂସ୍କୃତି ବୋମାର ସେଚୁରେଶନ, ଆଖିବୁଜା ବର୍ଷଣ । ଗୁଡ଼ାଏ ବେସାମରିକ ଲୋକ ମୂର୍ଚ୍ଛାର ପରି ପଡ଼ିଗଲେ । ବୃଦ୍ଧ, ବିଧବା ବାଳକ ବାଳିକା । ଏତିକିବେଳେ ଅନୁପେଶନ୍ ଫୋର୍ସ୍ ବା ଦଖଲକାରୀ ସୈନ୍ୟ ଦରକାର । ମୋରାଲ୍, ମନବଳ, ଅତୁଟ ରଖି ଜୀବାନନ୍ଦ ରୋଡ଼୍, ଫରଷ୍ଟାର୍, ରସେଲ୍, ରସ୍କିନ୍, ଟଲଷ୍ଟୟ, କାଳିଦାସ, ସେକ୍ସପିଅର, ଠାକୁର, ବିଥୁଭାନ୍ ପ୍ରମୁଖଙ୍କୁ ଧରି ବାହାରି ପଡ଼ିଲେ ।

Digitized by srujanika@gmail.com

କହିଲେ, "ଉଦାହରଣଟିଏ ନିଅନ୍ତୁ, ଏଇ ଗାଁର ଯୋଡ଼ିଏ ଝିଅଙ୍କ କଥା କହୁଛି । ଧରନ୍ତୁ ସେମାନଙ୍କ ନାଆଁ ତାରାବତୀ ଚନ୍ଦ୍ରାବତୀ । ଏକା ଗାଁର ଝିଅ, ଏକା ଗାଁର ବୋହୂ । ଏକା ସାଂଗରେ ବଢ଼ିଛନ୍ତି, ପଢ଼ିଛନ୍ତି, ବାହା ହୋଇଛନ୍ତି, ମାଆ ମଧ୍ୟ ହୋଇଛନ୍ତି । ଦିହେଁ ଯାଇଥିଲେ ବାପଘରକୁ ବିବାହର ପ୍ରଥମ ଫଳଟିମାନ ନେଇ । ବୋଧହୁଏ ଚିଠି ପାଇଲେ ସେମାନଙ୍କ ସ୍ୱାମୀ ଦୁହେଁ ଆଜି ଛୁଟିରେ ଘରକୁ ଆସୁଛନ୍ତି । ତେଣୁ ଯେତେ ଦିନ ରହିବା କଥା ତା ଆଗରୁ ଦୁହେଁ ଶଶୁର ଘରକୁ ଫେରୁଛନ୍ତି ।

ରତନପୁର ଗାଁ ମୁଣ୍ଡରେ ବସ୍ ଛିଡ଼ା ହେଲା । କାଞ୍ଜିଭରମ୍ ଶାଢ଼ୀ ଓ ଶିଲ୍‌କ ବ୍ଲାଉସ୍‌ରେ ଟିକି ଝିଅକୁ କାଖରେ ଧରି ପ୍ରଥମେ ଉଠିଲା ତାରାବତୀ । ସମ୍ବଲପୁରୀ ଅଞ୍ଚଳ ଥାଇ ଧଳାଶାଢ଼ୀ ପିନ୍ଧି ଓ ସବୁଜ ପପ୍‌ଲିନ ବ୍ଲାଉସ୍ ପିନ୍ଧି ତାପରେ ଉଠିଲା ଚନ୍ଦ୍ରାବତୀ । ଚୂଡ଼ା, ଉଖୁଡ଼ା, ମିଠାଇ ହାଣ୍ଡି, ଘରକରଣା ଚିଜ ତାପରେ ଉଠିଲା । ଡ଼େରି ହେଉଛି ବୋଲି ଯାତ୍ରୀମାନେ ଅସ୍ତବ୍ୟସ୍ତ । ଗାଁର ଅଧାଅଧି ଝିଅବୋହୂ ବସ୍ ପାଖରେ । ଗାଡ଼ି ଛାଡ଼ିଲା ବେଳକୁ ବୁଢ଼ାଟାଏ ଖନିମାରିବା ଗଳାରେ ତାରାବତୀକୁ କହିଲା, "ମାଆ ପହୁଞ୍ଚି ଖବର ଦେବୁ, କୁନିକୁ ସାବଧାନରେ ଧରିଥିବୁ । ଆଉଗୋଟାଏ ବୁଢ଼ୀ ସିମିତି ଚନ୍ଦ୍ରାବତୀକୁ କହିଲା "ଆଉ ଥରେ ଆସିଲାବେଳକୁ ତୋ ପୁଅ ମତେ 'ଅଜା' 'ଅଜା' ଡ଼ାକୁଥିବ ।" ନାତିର ପୁଚୁକା ଗାଲକୁ ଚିପି କାନ୍ଦ କାନ୍ଦ ଆଖିରେ ଓହ୍ଲାଇଗଲା । ଜୀବାନନ୍ଦଙ୍କ ମନେପଡ଼ିଲା କାଳିଦାସଙ୍କ ଶକୁନ୍ତଳାର କର୍ଣ୍ଣ ମୁନିଙ୍କ ଆଶ୍ରମର ବିଦାୟକାଳୀନ ଦୃଶ୍ୟ ଯାହାର ବିଶ୍ୱ ସାହିତ୍ୟରେ ତୁଳନା ନାହିଁ ।

ଦୁଇଜଣ ଯୁବତୀଙ୍କି ପାଇଁ ବସ୍‌ଯାତ୍ରୀ ଚଞ୍ଚଳ ହୋଇ ଉଠିଲେ । ଡ୍ରାଇଭର ଦୁହିଁଙ୍କି ଆଇନାରେ ଦେଖିବାକୁ ଲାଗିଲା । ଜଣେ କଲେଜ ପିଲା ପାନ ଚକୋଲେଟ୍ ଯାଚିଲା । କିଏ ଖବରକାଗଜରୁ ଏକ ଅଶ୍ଳୀଳ ସମ୍ବାଦ ପଢ଼ିଲା । କିଏ ମନ୍ତବ୍ୟ ଦେଲା "ଅଳ୍ପ ବୟସରେ ବାହାହେବା ଉଚିତ୍ ନୁହେଁ ।" କିଏ କଟକ ରେଡ଼ିଓରୁ ଗୀତ ଶୁଣାଇଲା 'ଆଖି ବୁଝେ ଆଖିର କଥା ଗୋପନ' । ଆଉ ଦି'ଟା ଟୋକା ଏମିତି କଟମଟ କରି ସେମାନଙ୍କ ଆଡ଼କୁ ଚାହିଁ ରହିଲେ ଯେ, ଶିଶୁ ଦୁହେଁ ଯେତେ କାନ୍ଦକଟା କଲେ ବି କଳେ ଦୁଧ ଶିଶୁଙ୍କୁ ଖୁଆଇବା ମା' ଦୁହିଁଙ୍କ ପକ୍ଷରେ ଅସମ୍ଭବ ହେଲା ।"

କିଏ ଜଣେ ଚିତ୍କାର କଲା "ବହୁତ କହିଲ, ଏଥର ବନ୍ଦକର, ଥିଏଟର ଦେଖିବା ।" ଆଉକିଏ କହିଲା "ଲୋକଟାର ସ୍କ୍ରୁ ଟିକିଏ ଢ଼ିଲା ଅଛି । ଆଡ଼ବାୟା, ପାଗଳଟା ।"

ମନ୍ତବ୍ୟର ଶରଗୁଡ଼ାକ ସଂଖ୍ୟା ଊଣା ପଡ଼ିବାରୁ ଜୀବାନନ୍ଦ କହିଲେ, "ଏଇ ଉପାଖ୍ୟାନରୁ ଆପଣମାନେ ବୁଝିବେ ଶିକ୍ଷା, ସଭ୍ୟତା ଓ ସଂସ୍କୃତି କ'ଣ । ବସ୍ ଭିତରେ ଶିକ୍ଷା ସଭ୍ୟତା ସଂସ୍କୃତିର ପୂଜାରୀମାନେ ଦୁଇଟି ଯୁବତୀ ମାତା ପ୍ରତି କେଉଁ ଆଚରଣ ଦେଖାଇଲେ ଏବଂ ସଂସ୍କୃତି ନାମରେ ଆପଣମାନଙ୍କ ଏଇଠି ଯେଉଁ ଉତ୍ସବ ଚାଲିଛି

Digitized by srujanika@gmail.com

ତଦ୍ୱାରା କଣ ତାରାବତୀ ଚନ୍ଦ୍ରବତୀମାନଙ୍କ ଲୁହଟୋପାକ ବା ହସଟିକକର ମୂଲ୍ୟାୟନ କରିହେବ .... ?"

ସଭାସ୍ଥଳରେ ଘୋର ବିଶୃଙ୍ଖଳା ଦେଖାଦେଲା । କ'ଣ ହେଲା କେଜାଣି ଦୁଇଟି ଶିଶୁ ଧରି ବସିଥିବା ଯୋଡ଼ିଏ ଝିଅ ଭେଁ ଭେଁ କରି କାନ୍ଦି ଉଠିଲେ । ପାଖରେ ବସିଥିବା ଶାଶୁ ଦୁହେଁ ବୋହୂମାନଙ୍କ ଅବସ୍ଥା ଦେଖି ପାଟି କରୁଥାନ୍ତି "ହେ ଦଉଡ଼ି ଆସ, ମୋ ବୋହୂକୁ ଡ଼ାହାଣୀ କି ଭୂତ ଲାଗିଲା ।" ସଭାପତି ଓ ଶୋଇଯାଇଥିବା ଅନ୍ୟାନ୍ୟ ଲୋକ ଧଡ଼ପଡ଼ ହୋଇ ଉଠି ବସିଲେ ।

ଗ୍ରୀନ୍ ରୁମ୍‌ର ଐକତାନ ବାଦନ ସଂଗେ ସଂଗେ ବନ୍ଦ ହୋଇଗଲା । ପୂରା ବିଦୂଷକ ମେକଅପ୍ ନେଇଥିବା ବ୍ଲକ୍ ଡ଼ାକ୍ତର ବାହାରି ଆସିଲେ । ହୃଦଯନ୍ତ୍ର ଦେଖିବା ଯନ୍ତ୍ରଟା ପାଖରେ ନଥିଲା, ନହେଲେ ବୋହୂ ଦିହିଁଙ୍କ ସେଇଠି ଶୁଆଇ ଛାତିର ଦୁକୁଦୁକି ଦେଖିଥାନ୍ତେ । ଡ଼ାକ୍ତରଙ୍କ ସବୁଚେଷ୍ଟା ପଣ୍ଡ କରି "ଆମର କିଛି ହୋଇନି" କହି ବୋହୂ ଦୁହେଁ ଯେଝା ଘରକୁ ଚାଲିଗଲେ । ସେମାନେ ଯିବାପରେ ଦୁଷ୍ମନ ପାର୍ଟି କରିବାକୁ ଯାଉଥିବା ଥାନା ସବ୍‌ଇନ୍ସପେକ୍ଟର କହିଲେ- ମୁଁ ଛାଡ଼ିବି ନାହିଁ । ରେଗୁଲାର ଇନ୍‌କ୍ୱାରି ହବ ଯଦି କିଏ ଏଫ୍.ଆଇ.ଆର୍. ଦିଏ । ମୁଁ ବରାବର ନଜର କରିଛି ଲୋକଟା ବକ୍ତୃତା ଦେଲାବେଳେ ସେ ଦିହିଙ୍କି ବଲବଲ କରି ଚାହୁଁଥାଏ । ନିଶ୍ଚୟ ସେ ମେସ୍‌ମେରିଜମ୍ ନହେଲେ ମେଜିକ୍ ବା ଗୁଣିଗାରେଡ଼ି ଜାଣେ ।"

ହତାଶ ପ୍ରେମିକର ବେଶ୍ ନେଇ ଅକ୍ଷୟ ମଧ ଧାଇଁଆସିଲା ଏବଂ ଜୀବାନନ୍ଦଙ୍କ ହାତଧରି ପାଖ ସ୍କୁଲର ଗୋଟାଏ କୋଠରୀକି ନେଇଗଲା । ଜୀବାନନ୍ଦ ପାଉଁରୁଟି ଆଉ ଅନ୍ୟାନ୍ୟ କଣ କିଛି । (ଯାହା ସେ ଘରୁ ସାଙ୍ଗରେ ଆଣିଥିଲେ ) ଖାଇ ଶୋଇବାକୁ ଯାଉଛନ୍ତି, ଅକ୍ଷୟ କହିଲା "ବଡ଼ ଦୁଃଖର କଥା ସାର୍, କଣ ଗୋଟାଏ ଗଣ୍ଡଗୋଳ ହୋଇଗଲା । ଆପଣ ଭୁଲ୍ ସବଜେକ୍ଟ ବାଛିଲେ । ହିଉମର୍ ଦେଲେ ନାହିଁ । ଏକଦମ୍ ଫେଲିଓର ହସ ନାହିଁ, କ୍ଲେପ୍ ନାହିଁ, କୁହାକୁହି ହେଉଥିଲେ ଲୋକେ । ହାରମୋନିୟମ୍‌ରେ ଗୋଟିଏ ଅଧେ ଛାନ୍ଦ ଗାଇଥିଲେ ବରଂ ଜମିଥାନ୍ତା । ଗଲାବର୍ଷ ଡ଼କ୍ଟର ଦାସ ଓ ଡ଼କ୍ଟର ରାୟ ନାଚି ନାଚି ଷ୍ଟେଜ୍ ଫଟାଇ ଦେଇଥିଲେ ।"

କୋଠରୀର ଆଲୁଅ ଲିଭାଇବା ପୂର୍ବରୁ ଅକ୍ଷୟ କହିଲା "ଯା ହେଉ ଗୋଟିଏ ନିଷ୍ପତ୍ତି ହୋଇଯାଇଛି । ଡ଼କ୍ଟର ଉପାଧି ନଥିବା କାହାକୁ ଆଉ ଡ଼କା ଯିବନି । ସେ ଡ଼ାକ୍ତରଟା କୁଆଡ଼େ କହିଲା ଆପଣଙ୍କ ମୁନ୍‌ଷ୍ଟ୍ରକ୍ ମେଡ଼୍‌ନେସ୍ ଅଛି ବୋଲି, କାରଣ ଆପଣ ସବୁବେଳେ ଚନ୍ଦ୍ର ତାରା କହୁଥିଲେ ବକ୍ତୃତାରେ । ଆପଣ ରାତିରେ ଚନ୍ଦ୍ର ତାରା ଦେଖିବେ ନାହିଁ, ସେ କହିଛନ୍ତି । ମୁଁ ଝରକା କବାଟ ସବୁ ବନ୍ଦକରି ଦେଉଛି । ବାହାରୁ ତାଲା ଦେଇଯିବି । ଲୋକେ ଉତ୍ତ୍ୟକ୍ତ, ରାତିରେ ଏଟେକ୍ କରିପାରନ୍ତି । ସକାଳୁ ଦି'ଜଣ ପିଲା ଆସି ଆପଣଙ୍କୁ ବସ୍‌ରେ ବସାଇଦେବେ । ବସ୍ ଭଡ଼ା କଣ୍ଡକ୍ଟରକୁ ଦେଇ

Digitized by srujanika@gmail.com

ଦେଇଛି । ଯାଉଛି, କ୍ଷମାଦେବେ ସାର୍, ମୋର ପାର୍ଟି ଅଛି ।"

ଜୀବାନନ୍ଦ ଶୋଇବାକୁ ଚେଷ୍ଟା କଲେ, ନିଦ ମାଡ଼ିଲା ନାହିଁ । ସେ ଦୁଃଖ କଲେ ଯେ, ଅକ୍ଷୟ ସରପଞ୍ଚ ହେବ ବୋଲି ଏଡ଼େ ବଡ଼ ଟାଉଟର ହୋଇଛି ଗାଁକୁ ଆସି ।

କାରାରୁଦ୍ଧ ସଂସ୍କୃତି ବୀର ଶୋଇରହି ଭାବିଲେ କିମିତି ତୋଫାନିଆ ଅନ୍ଧକାର ଭିତରେ ସଂସ୍କୃତି ଦୀପଟିକୁ ଯୋଡ଼ିଏ ଛୋଟହାତ ପାପୁଲି ଦେଇ ପ୍ରଜ୍ୱଳିତ କରି ରଖିହେବ, କିମିତି ଏ ନୂଆ ଶିକ୍ଷା ସଭ୍ୟତାର ବତାସ କବଳରୁ କେତେଜଣ ନାଉରୀ ଛୋଟ ଡ଼ଙ୍ଗାରେ ସଂସ୍କୃତି ସମ୍ପଦକୁ ନଈର ଆରପାରିକୁ ପହଞ୍ଚାଇବେ ।

ଭୋର ସକାଳେ ଦୁଇଜଣ ଯୁବକ ଆସି ଜୀବାନନ୍ଦଙ୍କୁ କାରାମୁକ୍ତ କଲେ । ତାଙ୍କୁ ଜଣାଗଲା ଯେମିତି ସେ ହର ଜଟାଜଟରୁ ଅଥବା ଜହ୍ନୁଙ୍କ ଜଙ୍ଘରୁ ଉଚ୍ଛଳିତ ହୋଇ ମୁକୁଳିଲେ ।

ବସ୍‌ର ଘରଘର ଶବ୍ଦ ଭିତରେ ସେ ଦୁହେଁ କହିଗଲେ, "ସାର୍ ଆପଣ ଆମକୁ ଚିହ୍ନିବେ ନାହିଁ ଭାସ୍କର, ଚନ୍ଦ୍ରମୋହନ ଆପଣଙ୍କ ଛାତ୍ର ଏବର୍ଷ ଆମ ଇଂରାଜୀ, ଓଡ଼ିଆରେ ଏମ୍.ଏ. ପାସ୍ କରିଛୁ । ଆପଣ ଚନ୍ଦ୍ରାବତୀ ତାରାବତୀ ବୋଲି ଯାହାଙ୍କୁ କହୁଥିଲେ ସେମାନେ ଆମେ ସ୍ତ୍ରୀ, ସେମାନେ ବି ଆପଣଙ୍କ ଛାତ୍ରୀ, ବୀଣା ଆଉ ଚମ୍ପା । ଆପଣ ମୁଖ୍ୟଅତିଥି, ହୋଇ ଆସୁଛନ୍ତି ଶୁଣି ଆମେ କଟକରୁ, ସେମାନେ ରତନପୁର ବାପଘରୁ ଆସିଥିଲୁ । ସେମାନେ କାନ୍ଦିଲେ କାରଣ ଆପଣ ସେମାନଙ୍କ ରୁଦ୍ଧଦ୍ୱାର ଖୋଲିଦେଲ ଦରଦ ଓ ସହାନୁଭୂତିର କାଉଁରିକାଠିରେ । ସେମାନଙ୍କର କାନ୍ଦିବାର ଦରକାର ନାହିଁ । ଆମେ ବୁଝିଲୁ ସାର୍ ସଂସ୍କୃତି ବଡ଼ ମାରାତ୍ମକ ଚିଜ । ଗାଁ ଗଣ୍ଡାକୁ ... ।"

ସଂସ୍କୃତି ବସ୍ ଛାଡ଼ିଦେଲା । ଗଙ୍ଗା ହର ଜଟାଜୁଟରୁ ଏବଂ ଜହ୍ନୁ ମୁନିଙ୍କ ଜାନୁରୁ ମୁକ୍ତି ପାଇଥିଲେ ସିନା କିନ୍ତୁ ସେ ଟାଉଟର ଅକ୍ଷୟର ଜଠରରୁ ମୁକ୍ତି ପାଇଲେ ନାହିଁ । ଷାଠିଏ ସହସ୍ର ବ୍ଲକର ସଗର ପୁତ୍ର କପିଳ ମୁନିଙ୍କ ଅଭିଶାପର ପୂର୍ବ ଅବସ୍ଥାକୁ ଫେରିଯାଇ ପୁଣି ଉଦ୍ଧତ ମଦଗର୍ବୀ ହୋଇ ମେଦିନୀ ଖୋଳିବାରେ ଲାଗିପଡ଼ିଲେ, ଅସଂସ୍କୃତ ହୋଇ ଆମୋକ୍ଷ ହୋଇ ।

Digitized by srujanika@gmail.com

# କୁତ୍ତୀ

ଡ଼ି.ଓ.ଜି. ଏବଂ ଜି.ଓ.ଡ଼ି. ଏହି ତିନି ଅକ୍ଷରର ଏପାଖ ସେପାଖ ସଂଯୋଗରେ ଯେଉଁ ଡ଼ଗ୍ ଓ ଗଡ଼୍ ଶବ୍ଦ ସୃଷ୍ଟି ହୁଏ, ବା ଠାକୁର ଓ କୁକୁର ବୋଲି ଯେଉଁ ଦୁଇଟି ଶବ୍ଦ ସେମାନଙ୍କର ଯେଉଁ ଅକ୍ଷରଗତ ଓ ଉଚ୍ଚାରଣଗତ ସାମଞ୍ଜସ୍ୟ ରହିଛି ତାହା କଣ ଆକସ୍ମିତ ନା ଇଙ୍ଗିତ ପୂର୍ଣ୍ଣ ? ଧର୍ମରାଜ ଯୁଧିଷ୍ଠିରଙ୍କ ସହିତ ସଶରୀରେ କୁକୁରଟାଏ ସ୍ୱର୍ଗକୁ ଯିବାର ଯେଉଁ ଅଧିକାର ଲଭିଲା ତାହା ମୂଳରେ ବା କଣ ତାତ୍ପର୍ଯ୍ୟ ଅଛି ?

କୁକୁର ନା ମଣିଷ ମଣିଷ, ନା କୁକୁର ? ଯେ କୁକୁର ପୋଷିଛି, ପାଳିଛି, ଭଲ ପାଇଛି, ସେ ଅବଶ୍ୟ ଅନେକ ଥର ଜୀବନରେ ନିଜକୁ ଏଇ ପ୍ରଶ୍ନ ପଚାରିବ ଓ ବହୁବାର ସଂଶୟ ଓ ଭ୍ରମରେ ମଧ ପଡ଼ିବ ।

ତାପରେ ଭାବିବ କୁକୁରଗୁଡ଼ାକ ଆମର ଏତେ ଉପକାର କଲେ ବି ଆମେ କାହିଁକି ସେମାନଙ୍କୁ କୃତଜ୍ଞତା ଜଣାଉ ଏହି ସବୁ ବାକ୍ୟରେ "ତୁ ଗୋଟିଏ କୁତ୍ତା, ସେଇଟା ଗୋଟାଏ କୁତ୍ତୀ ?" ପାଶ୍ଚାତ୍ୟ ଦେଶରେ ଯେଉଁଠି କୁକୁର, ପରିବାରର ଏକ ବିଶିଷ୍ଟ ବ୍ୟକ୍ତି ବା ଅଙ୍ଗ ସେଠିବି ସେଇ ବିଚାର "Thou Dog! "Son of a bitch" "Parihas of Society" ଇତ୍ୟାଦି ଗାଳିର ବହୁତ ବ୍ୟବହାର ସେ ଦେଶରେ । ଏମିତି କ'ଣ କେବେ କେଉଁଠି ରାଜ୍ୟ ନଥିବ ଯେଉଁଠି ଦେବତାର ଛାପନେଇ ଜନ୍ମିଥିବା ମଣିଷକୁ ତା'ର ନୀଚ ହୀନ ପ୍ରକୃତି ଦେଖି କେହି ଗାଳିଗୁଲଜ କରୁନଥିବେ, "ତୁ ମଣିଷଟାଏ" "ତୁ ମଣିଷ ପିଲାର ମା" ବୋଲି ?

ସେଦିନ ବୁଦ୍ଧ ପୂର୍ଣ୍ଣିମା । ପରମକାରୁଣିକଙ୍କ ଆର୍ବିଭାବ ଓ ତିରୋଧାନ ଦିବସ । ହଜାର ହଜାର ବର୍ଷଧରି ମାନବ ସମାଜ ସ୍ୱାର୍ଥସିଦ୍ଧି ଲାଗି ଓ ବୁଭୁକ୍ଷାପରବଶ ହୋଇ ଯଜ୍ଞ ନାମରେ ଯେଉଁ ପଶୁହତ୍ୟା ଭିଆଉଥିଲା ତାରି ବିରୁଦ୍ଧରେ "ଅହିଂସା ଓ "ଜୀବେଦୟା" ମହାମନ୍ତ୍ର ପୃଥିବୀକୁ ଦେଇଥିଲେ ସେଇ ମହାପୁରୁଷ ରାଜସିଂହାସନ ବିନିମୟରେ ।

ଚେୟାରଟାଏ ଟାଣି ଆଣି ଘର ସାମ୍ନା ବାରଣ୍ଡାରେ ବସି ଦେଖୁଥାଏ ବୈଶାଖର ଫଟା ରୁକ୍ଷ ମେଦିନୀ ଉପରେ ଚନ୍ଦ୍ର କିରଣର ଅବାରିତ ଦୟା ଓ ଝାଞ୍ଜି ପବନ ପ୍ରତି ସଦ୍ୟଫୁଟା ମଲ୍ଲୀ ଓ ଛାତ ଉପରୁ ତଳକୁ ପେନ୍ଥା ପେନ୍ଥା ହୋଇ ଝୁଲୁଥିବା ଧଳା ଓ ଲାଲ ରଙ୍ଗର ମଧୁମାଳତୀ ସୌରଭର ଅକୁଣ୍ଠ ଅବଦାନ ।

ଆଉ ଦେଖୁଥାଏ ଅଳ୍ପ ସମୟ ପୂର୍ବରୁ ଧୂଆ ହୋଇଥିବା ଥଣ୍ଡା ସିମେଣ୍ଟ ଚଟାଣରେ ଆଖିବୁଜି ଲମ୍ବତମ୍ବ ହୋଇ ପେଟେଇ ଶୋଇଥିବା ଜଲିକୁ । ଦିନଯାକ ଲହ ଲହ ଥକିଯାଇ ଜିଭଟା ତାର ବିଶ୍ରାମ ନେଇଥାଏ ପାଟି ଭିତରେ । ତାକୁ ଦେଖି ମୁଁ ମନେପକାଉ ଥାଏ ଏପ୍ରିଲ ୨୯ ତାରିଖର ୱାସିଂଟନ ସମ୍ବାଦ । ପ୍ରେସିଡ଼େଣ୍ଟ ଜନ୍‌ସନ୍ ନିଜର କୁକୁର

Digitized by srujanika@gmail.com

ଦୁଇଟିର କାନଧରି ଟେକୁ ଉଠାଇଥିଲେ ବୋଲି ହଜାର ହଜାର କୁକୁରପ୍ରେମୀ ଆମେରିକାପ୍ରେମୀ ଭର୍ତ୍ସନାପୂର୍ଣ୍ଣ ଚିଠି ତାଙ୍କ ପାଖକୁ ଲେଖିଥିଲେ ଏବଂ କୁଆଡ଼େ ଭୟହେଲା ଯେ, ନିର୍ବାଚନରେ ସେ ସେମାନଙ୍କର ଭୋଟ ପାଇ ପାରିବେନାହିଁ । କାନ ଧରି ଉଠାଇଥିବା ଦ୍ୱାରା କୁକୁର ଦିହିଁଙ୍କ ବାଧିଥିବ, ସେଥିପାଇଁ ଏତେ ଆପତ୍ତି ଅଭିଯୋଗ ।

ମଣିଷ କୁକୁର ପ୍ରକୃତିର ତୁଳନାତ୍ମକ ବିଶ୍ଳେଷଣ ସହିତ ବୁଦ୍ଧ-ଦର୍ଶନର ଗବେଷଣା କରୁଥାଏ, ଅତି ପରିଚିତ ଗଳାରେ ମୋ ନାମ ଡ଼ାକି ଡ଼ାକି ପହଞ୍ଚିଗଲେ ମହାପାତ୍ର ବାବୁ ସସ୍ତ୍ରୀକ, ଖଦି ପଞ୍ଜାବୀ ଭିତରେ ଗେଞ୍ଜି ନଥିବା ହୃଷ୍ଟପୁଷ୍ଟ ଦେହ ଚନ୍ଦ୍ର କିରଣରେ ଫୁଟି ଦିଶୁଥାଏ. ମହାପାତ୍ର ବାବୁ ଏ ଗଳ୍ପର ନାୟକ ନୁହନ୍ତି ସତ କିନ୍ତୁ ପାର୍ଶ୍ୱ ଚରିତ୍ର ଠାରୁ ଆରମ୍ଭ କରି ସଇତାନ ପର୍ଯ୍ୟନ୍ତ ଯେ କୌଣସି ପାର୍ଟି, ଏକାଙ୍କିକା ଠାରୁ ପୂର୍ଣ୍ଣପଞ୍ଚାଙ୍କ ନାଟକରେ, ଅତି ସହଜରେ ତାଙ୍କୁ ଦେଇହେବ ଯଦି ପ୍ରତି ବିରତି ଓ ଦୃଶ୍ୟାନ୍ତରରେ ତାଙ୍କୁ ଚାହା ଓ ଜଳଖିଆ ଯୋଗାଇବାର ନିଶ୍ଚିତ ବ୍ୟବସ୍ଥା ଥାଏ ।

ଭାରି ସ୍ପଷ୍ଟବାଦୀ ଲୋକ ସେ । ଚାରିଆଡ଼େ ବିଶେଷ କରି ହାକିମ ମହଲରେ ଭାରି ପ୍ରଂଶସା ସେ କରନ୍ତି ମୋର ଓ ମୋର ସ୍ତ୍ରୀଙ୍କର । କିମିତି ମୋରି ଉପଦେଶରେ ଜମି କିଣି ସେ ଘରଟିଏ ତୋଳିଛନ୍ତି, ମୋରି କୋଡ଼ିକାଙ୍କ ନେଇ କିଚେନ୍ ଗାର୍ଡ଼େନ୍‌ଟିଏ କରିଛନ୍ତି, କିମିତି ତାଙ୍କ ସ୍ତ୍ରୀ ମୋ ସ୍ତ୍ରୀଙ୍କ ଠୁଁ ଶିକ୍ଷାପାଇ ନୂଆଘର ପାଖକୁ ଲାଗି ଚାଳିଟାଏ କରି ଢେଙ୍କିଟାଏ ପକାଇଛନ୍ତି ଏବଂ ପଦ୍ମକେଶର ପିମ୍ପୁଡ଼ି ବାସ ପ୍ରଭୃତି ଅତି ସରୁ ଚାଉଳରୁ ଭଲ ମୁଢ଼ି ତିଆରି କରି କଲିକତାର ପାର୍କ ଓ ଭିକ୍ଟୋରିଆ ମେମୋରିଏଲ ପାଖରେ ବିକ୍ରି ହେଉଥିବା ମସଲା ମୁଢ଼ି ଘରେ ପ୍ରବର୍ତ୍ତନ କରିଛନ୍ତି, ଏସବୁ ନାନା କଥା ଆମ ଦୁହିଁଙ୍କ ପ୍ରଶଂସା ଛଳରେ କହିଥାନ୍ତି ।

ମହାପାତ୍ର ବାବୁ ପାଖ ପଡ଼ିଶା । ଆମ ବାଡ଼ିର ଲେମ୍ବୁ ଅମୃତଭଣ୍ଡା ତାଙ୍କ ଘରକୁ ଯାଏ । ତାଙ୍କ ଘରୁ କେବେ କେମିତି ମାରିଶ ଶାଗ ବା ପାଣିଚିଆ ଖଡ଼ା ଆମ ଘରକୁ ଆସେ । ଜମି ଖଣ୍ଡିଏ ସେ ମାଜିଷ୍ଟ୍ରେଟ ଥିଲାବେଳେ ଜଣେ ଗଉଡ଼ ପାଖରୁ କୁଆଡ଼େ କିଣିଥିଲେ ବହୁତ ଦାମ ଦେଇ । ଲୋକେ କହନ୍ତି, ପାଣିମିଶା ଦୁଧ ବିକ୍ରି କରୁଥିବା ଅପରାଧରେ ଧରା ହୋଇଥିବା ଗଉଡ଼କୁ ପ୍ରମାଣ ମୋକଦ୍ଦମାରୁ ଖଲାସ କରି ସେ ଜମି ଖଣ୍ଡିକ ରେଜେଷ୍ଟ୍ରି କରାଇ ନେଉଛନ୍ତି ତାଙ୍କ ସ୍ତ୍ରୀଙ୍କ ନାଁରେ । ବିଚାର ବିଭାଗରୁ ରେଭେନ୍ୟୁକୁ ଆସି ଏବେ ଲାଣ୍ଡ୍ ଏକୁଇଜିସନ ପୁନର୍ବସତି ଏଣ୍ଟରଟେନ୍‌ମେଣ୍ଟ ବିଭାଗ ଗୁଡ଼ିକ ଦାୟିତ୍ୱରେ ଅଛନ୍ତି ।

ବାରଣ୍ଡାକୁ ଉଠୁ ନଉଠୁ ଆରମ୍ଭ କଲେ ମହାପାତ୍ର ବାବୁ, "ଜୟ, ମିଶ୍ରବାବୁଙ୍କ ଜୟ ।" ପୁଣି କହିଲେ, "ବଡ଼ ଭାଗ୍ୟବାନ ଲୋକ ମିଶ୍ର ବାବୁ, ଏଘରେ ଯେମିତି ଚା'ର ଫ୍ଲେଭର ସିମିତି କେଉଁଠି ମୁଁ ପାଇନାହିଁ । ଯେମିତି ରଙ୍ଗ ସେମିତି ଫ୍ଲେଭର୍ ।" କଥାଗୁଡ଼ାକ ଏମିତି ଉଚ୍ଚଗଳରେ କହିଲେ ଯିମିତି ଘର ଭିତରେ କାର୍ଯ୍ୟବ୍ୟସ୍ତ ଥିବା ମହିଳାଟି

Digitized by srujanika@gmail.com

ସହଜରେ ଶୁଣିପାରିବେ । ତେଣେ ଘର ଭିତରକୁ ପଶିଯାଇ ମହାପାତ୍ର ବାବୁଙ୍କ ସ୍ତ୍ରୀ ଆରମ୍ଭ କଲେ ହଇରେ ପିଲେ, "ସବୁଦିନ ତୁମ ମାଆ, ମଉସାଙ୍କୁ ଚା' କପେ କପେ ଦେଇ ଭୁଲାଇ ଦେଉଛନ୍ତି । ବାପାଙ୍କୁ କୁହ, ସ୍କ୍ୱାସ୍ ସିରାପ୍ ଆଣି ରଖନ୍ତୁ । ଖରାଦିନରେ ଚା ଖାଇଲେ ମଉସାଙ୍କୁ ରାତିରେ ନିଦ ହେବନି ।" ନାମ ଧରି ବଡ଼ଝିଅକୁ ଡ଼ାକି କହିଲେ, "ହଇଲୋ ! ମଲ୍ଲୀଫୁଲ ଗୁଡ଼ାକ ଝଡ଼ି ପଡ଼ିଯାଇଛି, ହାରଟାଏ କରି ମଉସାଙ୍କୁ, ବାପାଙ୍କୁ ଦେଉନୁ ।" ମୋ ସ୍ତ୍ରୀ ବୋଧହୁଏ ସାମୀ ସ୍ତ୍ରୀଙ୍କ କଥାର ଇଙ୍ଗିତ ବୁଝି ଚା' କେଟିଲ ଚୁଲୀ ଉପରେ ବସାଇ ସାରିଲେଣି । ଖଡ଼୍‌ଖଡ଼୍ ଶବ୍ଦରୁ ଜାଣିଲି ।

"ବୁଝିଲେ ନା ମିଶ୍ରବାବୁ" ପୁଣି ଆରମ୍ଭ କଲେ ମହାପାତ୍ର ବାବୁ, ସବୁ ହେଲା କିନ୍ତୁ ପଲସ୍ତରା କାମଟା ସାରି ପାରିଲିନି । (କିମିତି ବା ସାରନ୍ତେ ? ଇନ୍‌କମ୍‌ଟାକ୍ସ ମ୍ୟୁନିସପାଲିଟି ସଂଗେ ସଂଗେ ଟ୍ୟାକ୍ସ ବସାଇ ଦେବେ ଯେ) ମଣିଷ ଦେଖାରେ ବୁଡ଼ିଗଲା । ତା'ଛଡ଼ା ଚାଳିଆଟାକୁ ଖପର ବା ଦସ୍ତା ନକଲେ କେତେବେଳେ କେଉଁ କଥା । ଠାକୁର ଘରକୁ ଲାଗିକରି ରହିଛି ଚାଳଟା ।

ପରଦା ଆଢୁଆଳରେ କଳା କାଚପିନ୍ଧା ହାତଟି ଚା କପ୍ ଧରି ବାହାରିବାର ଦେଖି ମହାପାତ୍ର ବାବୁ କଥା ବନ୍ଦ କଲେ । ଚା' ନିଅ ସ୍ତ୍ରୀଙ୍କ କ୍ଷୀଣ ଗଳାସ୍ୱର ଶୁଣି ମୁଁ ହାତ ବଢ଼ାଇ ଦେଲି । ମହାପାତ୍ର ବାବୁ କିନ୍ତୁ କେତେବେଳୁ ସେ ହାତକୁ ଦେଖିଲେଣି । ତା ସାଙ୍ଗକୁ ହାତ ଉପରକୁ ଛାଇ ଆଲୁଅରେ ପରଦା ଅନ୍ତରାଳରେ ଦିଶୁଥିବା ଛୋଟ ଗୋଲମୁହଁଟିକୁ ମଧ୍ୟ ନଜର କରି ସାରିଲେଣି । ଚାରେ ଚୁମୁକ୍ ଦେଲାମାତ୍ରେ ଚିତ୍କାର "ଆଃ ଫାଷ୍ଟକ୍ଲାସ୍ । ଜୟ ଶ୍ରୀମତୀ ମିଶ୍ରଙ୍କର ! କି ହାତ!" ଏ ହାତ ଯେମିତି ମିଶ୍ରଙ୍କ ପାଇଁ ପାଇଁ ଫାଷ୍ଟକ୍ଲାସ୍ ଚା' କରେ, ପିଲାଙ୍କୁ, ଠାକୁରଙ୍କୁ ଓ ଜଳିକୁ ସିମିତି ଫାଷ୍ଟକ୍ଲାସ୍ ନିର୍ମଳ କରି ଧୋଇ ପୋଛିଦିଏ, ଏଇ ହାତ ପିଲା ଅତିଥି ଅଭ୍ୟାଗତଙ୍କ ଭାତ ତିଅଣ, ଠାକୁରଙ୍କ ପାଇଁ ପିଠାପଣା କଦଳୀଚକଟା, ତୁଳସୀଙ୍କ ପାଇଁ ଧୂପଦୀପ ଯିମିତି ଦିଏ, ଜଳି ପାଇଁ ଅନ୍ତ, ହାଡ଼, ଗୋଡ଼, ଦାନ୍ତ, ପାଟି, ଆଖି ସହିତ ଭାତ ଘୃଣାନକରି ଶରଧାରେ ବାଢ଼ିଦିଏ ।

ମହାପାତ୍ର ବାବୁ ତା'ର ପ୍ରଶଂସା ଏତେ ଉଚ୍ଚ ଗଳାରେ କଲେ ଯେ ଜଳିର ନିଦ ଭାଙ୍ଗିଗଲା । ଜଳି ଆଖି ଦି'ଟା ଜୁଳୁଜୁଳୁ କରି ଚାହିଁ ଦେଖିଲା ମାଉଁସିଆ ପ୍ରଜାପତିଗୁଡ଼ାକ ସହଜରେ ଲମ୍ବା ଶୁଣ୍ଢ ପୂରାଇ ମଧୁମାଳତୀ ଫୁଲରୁ ରସ ପିଇଯାଉଛନ୍ତି, ଅଥଚ ଗୁଣୁଗୁଣିଆ ବୋକା ଭଅଁରଗୁଡ଼ାକ ମହୁଭାଣ୍ଡରେ ପହଞ୍ଚିନପାରି ଏଣେତେଣେ ବୁଲୁଛନ୍ତି । ଜଳି ଲୋଭ ସମ୍ଭାଳି ନପାରି ଉଠିବସିଲା । ତଳକୁ ଖସି ଆସୁଥିବା ଗୋଟାଏ ଦୁଇଟା ପ୍ରଜାପତିକୁ ଟକ୍‌ଟାକ୍ କରି ପାଟିରେ ଧରି ରଖିବାକୁ ଚେଷ୍ଟାକଲା, କିନ୍ତୁ ଗୁଡ଼ାଏ ରେଣୁଛଡ଼ା ତା ପାଟିରେ କିଛି ଲାଗିଲା ନାହିଁ ।

Digitized by srujanika@gmail.com

କୁକୁରଗୁଡ଼ାକ ପ୍ରତି ମହାପାତ୍ର ବାବୁଙ୍କ ଶ୍ରଦ୍ଧା ଅଛି କି ନାହିଁ କହିବା ମୁସ୍କିଲ୍ । ଆମର ସବୁ ଜିନିଷର ପ୍ରଶଂସା କରିବା ନୀତିରେ ହେଉ ବା ଜଲିର ଗୋଲଗାଲ ଚେହେରା ଦେଖି ହେଉ ମହାପାତ୍ର ବାବୁ କହିଲେ, "କୁକୁରଟା କେଡ଼େ ସୁନ୍ଦର ହୋଇଗଲାଣି ।" ଟିକିଏ ଶ୍ଳେଷ ରଖି ମୁଁ କହିଲି କାହାର କରାମତି ଜାଣନ୍ତୁ ? ଯେଉଁ ହାତ ଆପଣଙ୍କୁ ଚା' ଦେଲା ସେହି ହାତର ଆଦର ଯତ୍ନରେ ଜଲି ବଢ଼ିଛି । ସେ ପଚାରିଲେ "ଆପଣଙ୍କ ହାକିମ କୁଆଡ଼େ ବଦଳି ହୋଇଗଲେଣି ?"

"କିନ୍ତୁ ସେ ଯିବା ପୂର୍ବରୁ ମୋର ସେକେଣ୍ଡ ଇ.ବି. କ୍ରସ ହୋଇଗଲା । ତା' ବି ଏଇ କୁକୁରଟା ପାଇଁ, ଚାରିଟା ଛୁଆରୁ ଗୋଟାଏ ନେଲେ ଡ଼ି.ଏସ୍.ପି. ଗୋଟାଏ ସିଭିଲ୍‌ସର୍ଜନ, ତୃତୀୟଟା ଏସ୍.ଡ଼ି.ଓ. । ଦରମଲା ମାଈ କୁକୁର ଛୁଆର ପ୍ରଶଂସା କରି ମୁଁ ଯେଉଁ ଦିନ ତାକୁ ମୁଣ୍ଡରେ ଛୁଇଁ ଘରକୁ ଆଣିଲି ତା ପରଦିନ ସାହେବ ମୋ ପ୍ରତି ପ୍ରସନ୍ନ ହୋଇ"

"ବ୍ରିଡ୍"

"ବ୍ରିଡ୍" କଥା ସାହେବ ଜାଣିଥିବେ । ମୋର ଅନୁମାନ ଜଲି ପୂରାଦେଶୀ, ଅଣାଏ ଅଧେ ହୁଏତ ବିଲାତୀ ହୋଇଥିବ ?"

"ଆପଣଙ୍କ ସ୍ତ୍ରୀ ଆପତ୍ତି କଲେନି ? ସେ ଧାର୍ମିକା, ନୀତିନିୟମ ମାନି ଚଳନ୍ତି । ଆପଣଙ୍କ ଠାକୁର ଅଛନ୍ତି ପରା ?"

ମୋ ସ୍ତ୍ରୀଙ୍କ ପ୍ରତି ମହାପାତ୍ର ବାବୁଙ୍କ ଭାରି ନଜର । ତାଙ୍କର ମତିଗତି ରୁଚି ବିଷୟରେ ସେ ଭାରି କୌତୁହଳୀ ।

କହିଲି, ଧାର୍ମିକା ସତ, କିନ୍ତୁ କୁକୁର ପାଳିବାରେ ଧର୍ମ ନଷ୍ଟ ହୁଏ ନାହିଁ ବୋଲି ତାଙ୍କ ଧାରଣା । ଶୀତ ରାତିରେ କୁକୁର ଛୁଆ କେଁ କେଁ ହେଲେ ପିଲାଝିଲା ସହିତ ତାକୁ କମ୍ବଳ ଭିତରେ ଜାକିଧରି ସେ ଶୁଅନ୍ତି ପରା !

"ବାପା ତ ପୁରୁଣା ମରହଟ୍ଟୀ ଲୋକ, ସେ ଆପତ୍ତି କଲେନି ?" "କୁକୁର ଶରଧା ତାଙ୍କର ସମସ୍ତଙ୍କ ଠୁ ବଳି, ସେ ପ୍ଲେଟରେ ତାକୁ ଚା' ଦିଅନ୍ତି । ତାଙ୍କ ଓଠରେ ଯେଉଁ ଚା' ଲାଗିଥାଏ ତାକୁ ଜଲି ଚାଟିଲେ ବି ତାଙ୍କର ଆପତ୍ତି ନଥାଏ ।"

"ଆଶ୍ଚର୍ଯ୍ୟ ! ଦୁନିଆଁ ବଦଳିବ, ମୋ ସ୍ତ୍ରୀ କିନ୍ତୁ ବଦଳିବେ ନାହିଁ ।"

ଭିତରୁ ତାଙ୍କ ସ୍ତ୍ରୀ ବୋଧେ ଶୁଣିପାରିଲେ ଏ ମନ୍ତବ୍ୟ । ତତ୍‌କ୍ଷଣାତ୍ ପାଟି ଶୁଭିଲା, "ହଁ, ହଁ, ସେତିକି ଥାଉ, ତୁମେ ବି ପୁଞ୍ଜାଏ କୁକୁର ପିଲା ଆଣି ନିଜ ପିଲାଝିଲାଙ୍କ ସାଂଗକୁ ପୂରାଅ, ଦି'ଟା ହାଡ଼ି ମେହେନ୍ତର, ଟିଣ ଟିଣ ଡ଼େଟୋଲ, ଫିନାଇଲ ଘରେ ରଖ, ମୋର ଆପତ୍ତି ନାହିଁ । ତା' ପୂର୍ବରୁ ଠାକୁରଙ୍କୁ ଆଉ ମୋତେ ବାପଘରେ ଛାଡ଼ିଦେଇ ଆସ ।"

ମହାପାତ୍ର ବାବୁ ଦବିଯାଇ ଖୁବ୍ ଧୀର ଗଳାରେ କହିଲେ, କିପରି ତାଙ୍କର କେତେବେଳେ କେମିତି ଇଚ୍ଛା ହୁଏ କୁକୁରଟାଏ ପୋଷିବାକୁ । କେଉଁଦିନ ରାତି ଫେରୁଛନ୍ତି କେଉଁଦିନ ବା ଫେରୁନାହାନ୍ତି । ଗାଈ ଅଛି, ବାଡ଼ି ବଗିଚା ଅଛି । ରାତି

Digitized by srujanika@gmail.com

ନିଛାଟିଆ ହୋଇଯାଇଛି ସହର ତଳି ଇଲାକା । ଇଲେକ୍ଟ୍ରି ଲାଇନ ଆସୁ ଆସୁ ବରଷେ ଦି' ବରଷ ବିତିଯିବ, କୁକୁରଟାଏ ଥିଲେ ଚୋର ଷଣ୍ଢ ପଶିବାକୁ ଅନ୍ତତଃ ଡ଼ରନ୍ତେ । କିନ୍ତୁ ତାଙ୍କ ସ୍ତ୍ରୀ ବାଗକୁ ଆସୁନାହାନ୍ତି । ନହେଲେ ଡ଼ି.ଏମ୍. ଘରୁ ଆଲସେସିୟାନଟା ଆଣନ୍ତେ । ଠାକୁର ଘରେ ପଶିବ, ଲୁଗାପଟା ମାରା କରିବ, ଘରଦୁଆର ଅପରିଷ୍କାର କରିବ, ଛୁଆପିଲାଙ୍କୁ କାମୁଡ଼ିବ, ଏମିତି କେତେ ତାଙ୍କର ଆପତ୍ତି ।

"ତୁମକୁ କୁକୁର ଛଡ଼ା ଆଉ କିଛି କଥା ମିଳୁନାହିଁ ? ସାରା ସଞ୍ଜଟା ସେଇ ଗୋଟାଏ କଥା । ପିଲାଙ୍କ ପାଇଁ ଟିଉସନ୍ ମାଷ୍ଟରଟାଏ ଯୋଗାଡ଼ କରିବାକୁ ମିଶ୍ରବାବୁଙ୍କୁ କୁହ ।"

ମହାପାତ୍ରବାବୁଙ୍କ ସ୍ତ୍ରୀ ତାଙ୍କ ସ୍ୱାମୀଙ୍କୁ ଭର୍ତ୍ସନା କରିବାକୁ ଦେଖି ମୋ ସ୍ତ୍ରୀ ବି ସେମିତି କହିଲା, "ମୁଁ କୁକୁର ପାଳୁଛି ବୋଲି ପ୍ରଶଂସା କରି ଅନେକ କଥା କହିଲଣି, କିନ୍ତୁ କାଲିଠୁ ଆଉ ଜଲି ପାଇଁ ଭାତ ରାନ୍ଧିବି ନାହିଁ । ମାଂସବାଲା ଖାଲି ଆଖି, ଖୁରା, ଜିଭ, ଦାନ୍ତ, ପାଟି ଦେଉଛି । ରାନ୍ଧିବା ବେଳେ ମତେ ଭାରି ଘୃଣା ଲାଗୁଛି ।"

ଏତିକି ଶୁଣିଲାକ୍ଷଣୀ ମହାପାତ୍ରବାବୁଙ୍କ ସ୍ତ୍ରୀ ହଡ଼୍‌ହଡ଼୍ କରି ପିଇଥିବା କପେ ଚା' ବାନ୍ତିକରି ପକାଇଲେ । ମହାପାତ୍ର ଦମ୍ପତ୍ତି ଉଠି ଚାଲିଗଲେ । ବଡ଼ଝିଅ ଇତି ମଧ୍ୟରେ ଗୁନ୍ଥିଥିବା ମଲ୍ଲୀମାଳଟା ମହାପାତ୍ରଙ୍କୁ ଦେଇ ଆସିଲା ।

ସେଦିନ ସନ୍ଧ୍ୟାଟି ଆମର ନଷ୍ଟ ହେଲା ବାନ୍ତି ସଫା ଓ ଘର ଧୁଆଧୋଇରେ । ତା'ପରେ ଆସିଲା କେତେ ପୂର୍ଣ୍ଣିମା ସନ୍ଧ୍ୟା, ସ୍ନାନ, ଶୟନ, ରାକ୍ଷୀ, କୁମାର ଇତ୍ୟାଦି ।

ଦିନକୁ ଦିନ ଆମ ଶ୍ୱାନ ତନୟା ବଢ଼ିବାକୁ ଲାଗିଲା । ବାଲ୍ୟ, କୈଶୋର, ପୌଗଣ୍ଡ ଯାଇ ଜଲି ଛୁଇଁଲା ଯୌବନ ସୀମା ଓ ଉପମା ରାଜ୍ୟକୁ ବୁଡ଼ାଇଦେଲା ରୂପଶ୍ରୀରେ ତା'ର ଦେହ । "ଝଳି କାନ୍ତିକି ଲଭିଣ ଭିଡ଼ିକି କଲା ଜଣ୍ଟକ ଦୁର୍ଗକୁ କେତକୀ" ବାଳ କାଳ ରୀତିକ୍ରମେ ତୁଟି ତା' ଦେହରେ ପ୍ରକଟିତ ହେଲା ଆଦି ଶ୍ୱାନର ସାଧୀନ ଅମାନିଆ ହିଂସ୍ର ପ୍ରକୃତି ।

କ୍ରମେ ଜଲି ନାମରେ ଦୁର୍ନାମ, ଅପବାଦ ସାହିରେ ରଟିଲା । ଯା'ର କୁକୁଡ଼ା, ତା'ର ହଂସ, ସେ କୁଆଡ଼େ ଧରି ଖାଇଗଲା । ଯା'ର ହାଣ୍ଡି, ତାର କୁଣ୍ଡି ମାରାକଲା, ଏପରି କି ଯା' ପୁଅ ତା' ଝିଅକୁ କାମୁଡ଼ିଲା । ସାଇପଡ଼ିଶା ଅସ୍ତବ୍ୟସ୍ତ ହେଲେ ! ଆମ କୂଅରୁ ପାଣି ନେବାକୁ ଡ଼ରିଲେ ମଧ୍ୟ । ମହାପାତ୍ରବାବୁଙ୍କ ସ୍ତ୍ରୀ ତାଙ୍କ ପିଲାଝିଲାଙ୍କୁ ଆମ ଘରକୁ ଆସିବା ପାଇଁ ବାରଣ କରିଦେଲେ । ମୁଁ ଦିନେ ଜୋର୍‌ରେ ଜଲିକୁ ବାଡ଼େଇଲି । ସ୍ତ୍ରୀ ବାଧା ଦେଇ କହିଲେ, "ତୁମ ପିଲାଝିଲା ଅଝଟ ଅମାନିଆ ହେଲେ ଏମିତି ବାଡ଼େଇବ ତ ? କୁରଙ୍ଗା ସାହିର ଲୋକେ ଶୁଣେଇ ଶୁଣେଇ କହିଲେ "କୁକୁର ବାନ୍ଧିରଖ ନହେଲେ ଠେଙ୍ଗାରେ ମୁଣ୍ଡ ଫଟାଇ ଦେବା, କାଣ୍ଡ ଶର ବିନ୍ଧି ମାରିଦେବା ।" କିନ୍ତୁ ମୋ' କୁକୁର ବୋଲି କଥାକୁ କାମରେ ଦେଖାଇଲେ ନାହିଁ ।

Digitized by srujanika@gmail.com

ଏଣେ ହଂସ, କୁକୁଡ଼ା, ହାଣ୍ଡିକୁଣ୍ଡିର କ୍ଷତିପୂରଣ ଦେବାରେ କୁକୁର କାମୁଡ଼ା ପାଇଁ ଚିକିତ୍ସା ବ୍ୟବସ୍ଥା କରିବାରେ, ମୋତେ ଟଙ୍କା ଗଣିବାକୁ ପଡୁଥାଏ ।

ଦିନେ ପିଲାପିଲି ବାପା ସମସ୍ତେ ବସିଥାନ୍ତି । ମୁଁ କହିଲି "ଜଲିକୁ କାହାକୁ ଦେଇଦେବା, ନହେଲେ ଟ୍ରକ୍‌ରେ ନେଇ କେଉଁଠି ଦୂର ଜଙ୍ଗଲରେ ଛାଡ଼ିଦେଇ ଆସିବା । ଏକାସଙ୍ଗରେ ବାପା ଓ ପିଲାପିଲି କହି ଉଠିଲେ "ନା ନା !" ମୋ ସ୍ତ୍ରୀ ଦୂରରୁ କହିଲେ, "କାହାକୁ ଦେବାକୁ ପଡ଼ିବ ନାହିଁ । କି କାହିଁ ଅନ୍ତର କରିବାକୁ ବି ପଡ଼ିବ ନାହିଁ । ତା' ବେକରେ ବୁଲା କୁତ୍ତାଟା ଯେଉଁ ଦାନ୍ତ ପୁରେଇଛି ସେ ବିଷରୁ ମୁକ୍ତି କେବେ ଜଲି ପାଇବନାହିଁ । ସାବୁନ୍ ଦେଲାବେଳେ ସେ ନଜର କରିଛନ୍ତି କେତେ ଗଭୀର ସେ ଦାନ୍ତର ଆଘାତ ଜଲିର ବେକରେ । ଜଲି ଆମର ଖେଳ କଉତୁକ ପାଇଁ ଦରକାର, କିନ୍ତୁ ଅସଲ ପାଳିବା କାମ ତାଙ୍କର, ଆମର ନୁହେଁ ।

ସତକୁ ସତ କେତୁଟା ଦିନରେ ଜଲି ମୁମୂର୍ଷୁ ହୋଇପଡ଼ିଲା । ବେକଟା ଫୁଲି ଗଣ୍ଡି ସହିତ ଏକାକାର ହୋଇଗଲା । ଖାଦ୍ୟ ତଣ୍ଟିରେ ଗଳିଲା ନାହିଁ । ଘାଆ ବାଟରେ କେତେବେଳେ କିମିତି ପିଇବା ପାଣି ବି ବାହାରି ଆସିଲା ।

"ଜୀବ ପୋଷିବାର ଏତେ ସଉକ । ଡ଼ାକ୍ତରଖାନା ନେଇ ଗୋଟାଏ କଣ ବ୍ୟବସ୍ଥା କର, ହଳଦୀଗୁଣ୍ଡ ସୋରିଷ ତେଲରେ ଏ ଘାଆ ଭଲ ହେବାର ନୁହେଁ ।" ସ୍ତ୍ରୀ କହୁଥାନ୍ତି ! ଆଶ୍ଚର୍ଯ୍ୟ କଥା, ଯେଉଁ ଜଲି ଆମକୁ ଏତେ ଆନନ୍ଦ ଦେଉଥିଲା ତା' ପାଇଁ ଆମେ କିଛି କଲୁନାହିଁ । କୁତ୍ତୀଟାକୁ କିଏ ଧରି ବଜାର ଭିତରେ ବୁଲିବ ?

ଗୋଟାଏ ଛିଣ୍ଡା ଅଖାପଟକୁ ତକିଆ କରି ଜଲି ପଡ଼ିଥାଏ । ବେକ ଉଠାଇବାର ଶକ୍ତି ନାହିଁ । ବେକ ହଲଚଲ ହେଲେ ମେଞ୍ଚାଏ ପୋକ ଓ ପୂଯ ବାହାରିପଡ଼େ । ଘରଯାକ ଦୁର୍ଗନ୍ଧ । ବାନ୍ତି ବାହାରି ଆସୁଥାଏ, ମୁଁ ଭାବିଲି ମ୍ୟୁନିସିପାଲିଟି ଅଫିସ୍‌ରୁ କୁକୁରମରା ଔଷଧ ଆଣି ଜଲିର କଷ୍ଟ ଶେଷ କରିଦେବି ।

ଯାହାହେଉ ଘରେ ତାକୁ ରଖିବା ଉଚିତ୍ ହେବନି । ଆଜକୁ ଦଶଦିନ ହେଲା କେହି ଆମ ଘରେ ପାଦ ଦେବାକୁ ନାରାଜ । ପଚା ଦୁର୍ଗନ୍ଧ ଘରଯାକ ।

ବହୁକଷ୍ଟରେ ଲୋକଟାଏ ମିଳିଲା । ହେଲେ କୁକୁର ବୋହିବ କିଏ ? ଦଶଟଙ୍କା ଦେଲେ ବୋହିବ, କିନ୍ତୁ କୁକୁର ମୁହଁ ବନ୍ଦ କରିବାକୁ ପଡ଼ିବ ।

ବଡ଼ିଭୋରରୁ ସ୍ତ୍ରୀ ଭାରି ବ୍ୟସ୍ତ । ଖୋଜାଖୋଜି କରି ଅଖାଟାଏ ଯୋଗାଡ଼ କରିଛନ୍ତି । କଣ ଭାବିଲେ କେଜାଣି ବଗିଚାର ଫୁଲରୁ ପୋକ ମାରିବା ପାଇଁ ଯେଉଁ ଗେମାକ୍‌ସିନ୍ ଆଣିଥିଲି ସେଥିରୁ କିଛି, ସିବାଜୋଲ୍ ବଟିକାଗୁଣ୍ଡ ଓ କିଛି ଅଙ୍ଗାର ଗୁଣ୍ଡ ଏକାଠି ମିଶାଇ ଡ଼ାକିଲେ ବାପାଙ୍କୁ - ବାପା, ଆସ, ଜଲି ବେକରେ ପଟିଟାଏ ବାନ୍ଧି ଦେବ । ଲୋକ ଆସିଯିବ, ପିଲେ ଉଠିବା ଆଗରୁ -"

Digitized by srujanika@gmail.com

ଭାରର ଗୋଟାଏ ପାଖରେ ପଥରଟାଏ ଅନ୍ୟ ପାଖରେ ଜଲିକ ରଖି ଲୋକଟା ଚାଲିଯାଉଥାଏ । ସ୍ତ୍ରୀ ତାଗିଦ କରି କହିଲେ, ଆସିଲାବେଳେ ବୋରା ମୁହଁ ଫିଟାଇ ଦେବୁ, ନହେଲେ ମରିଯିବ । ଡ଼ରିବୁ ନାହିଁ, ତା ଜୀବନ ନାହିଁ ତୋତେ କାମୁଡ଼ିବାକୁ ।" ସେଦିନ ସକାଳ ବେଳା ଘରେ ରୋଷାଇ ବନ୍ଦ । ସ୍ତ୍ରୀଙ୍କ ଭାରି ମୁଣ୍ଡ ବ୍ୟଥା ଓ ଜ୍ୱର, କାନ୍ଦ କାନ୍ଦ ଆଖି ମୁହଁ ଫୁଲି ଯାଇଥାଏ ।

ଆଠଦିନ ପରେ ବାପା ସହର ତଳି ହାଟକୁ ଯାଇଥାନ୍ତି, ଭିଡ଼ ଭିତରେ ବାଟ କାଟି ଜଲି ତାଙ୍କ ପାଖରେ ହାଜର । ଦେଖିଲାମାତ୍ରେ ତାଙ୍କୁ ଚାଟି କଇଁ କଇଁ ହୋଇ ଛାତିଯାକେ ଉଠିଗଲା, ସାନ୍ତାଳଟା ଭିଡ଼ା ଓଟରା କଲେ ବି ଗଲା ନାହିଁ । ସାନ୍ତାଳ ବର୍ଣ୍ଣନା କଲା, କୁକୁରଟା କେମିତି ବଣରୁ ତା' ସଂଗେ ସଂଗେ ଗୋଡ଼ାଇ ଆସିଲା । ବାପା ତାକୁ ଟଙ୍କା ଦୁଇଟା ଦେଲେ ଓ କୁକୁର ଘେନି ଘରେ ପହଞ୍ଚିଲେ ।

ସ୍ତ୍ରୀ ଦୁଆର ମୁହଁରେ ଛିଡ଼ାହୋଇଥାନ୍ତି, ଜଲି ତାଙ୍କ ଉପରେ ଚଢ଼ିଗଲା ଓ ଗାଲ ମୁହଁ ଚାଟି ପକାଇଲା । ତାଙ୍କର ଲୁଗାପଟା ଅସମ୍ଭାଳ ହୋଇଗଲା । ତାକୁ କୁଣ୍ଢେଇ ଧରି ସେ ଘର ଭିତରକୁ ନେଇ ଆସିଲେ । ଆଖି ଆନନ୍ଦରେ ଛଳ ଛଳ, ସମସ୍ତେ ଖୁସି, କୁକୁର ପ୍ରତ୍ୟାବର୍ତ୍ତନରେ ଉତ୍ସବ ହେଲା ଆମ ଘରେ । ଜଲିର ଘାଆ ଏକାବେଳକେ ଶୁଖି ଯାଇଛି । କେବଳ ଦାନ୍ତ ଦାଗଟା ଗୋଲାପି ରଙ୍ଗ ଦିଶୁଛି ।

ଏ ଘଟଣା ପରେ ଜଲି ସମସ୍ତଙ୍କର ପ୍ରିୟ ହେଲା, ଆମେ ପ୍ରାୟଶ୍ଚିତ୍ତ କଲୁ ତାକୁ ଗୁଡ଼ାଏ ଭଲ ଚିଜ ଦେଇ । କୁକୁର ବାହାରକୁ ଗଲାନାହିଁ, କାହାର ଅନିଷ୍ଟ କଲା ନାହିଁ, ଚୋରି ବିଦ୍ୟା ଭୁଲିଗଲା, ଭୋକିଲା ସିନା ଚୋରି କରେ ।

ମହାପାତ୍ରବାବୁଙ୍କ ସ୍ତ୍ରୀ ଯେତେବେଳେ ଶୁଣିଲେ ଯେ, ଜଲି ଫେରି ଆସିଲା, ସେ ମନ୍ତବ୍ୟ କଲେ "ଛାର, କୁତ୍ତୀଟିଏ ଲାଗି ମିଶ୍ରବାବୁ ଘର କେତେ ବ୍ୟତିବ୍ୟସ୍ତ ନ ହେଉଛନ୍ତି! ବାୟାଗୁଡ଼ାକ ।"

ମାତ୍ର କେଇଦିନ ପରେ ଜଲି ସହିତ ଆମର ସବୁ ସମ୍ପର୍କ ତୁଟିଗଲା, ଆସିଲା ବଦଳି ହୁକୁମ ପାଞ୍ଚଟା ମାଇଲ ଦୂର ସ୍ଥାନକୁ ।

ଘର ଛାଡ଼ିବାର ପୂର୍ବଦିନ କୁଲି ଗୋଟାଏ ଧରି ମହାପାତ୍ରବାବୁଙ୍କ ସ୍ତ୍ରୀ ପହଞ୍ଚିଗଲେ କଦଳୀ, କ୍ରୋଟନ, ମଲ୍ଲୀ ପ୍ରଭୃତି ଯେତେ ଅନ୍ତର କରିପାରିବା ଗଛଲତା ଥିଲା ସବୁ ଖୋଳାଖୋଳି କରି ନିଜ ବଗିଚାକୁ ନେଇଗଲେ । ଯୋଡ଼ାଏ ଲୋଟଣୀ ପାରା ପୋଷିଥିଲୁ ତାକୁ ବି ନେଇଗଲେ ।

ଦେଶୀ କୁତ୍ତୀଟାକୁ ଟ୍ରେନ୍‌ରେ ଏତେଦୂର ନେବ କିଏ ? ଲୋକେ ହସିବେ ସିନା ! ମୁଁ ମହାପାତ୍ରବାବୁଙ୍କୁ କହିଲି "କୁକୁରଟାକୁ ବି ଦୟା କରି ନିଅନ୍ତୁ ।"

ମୁହଁ ଆଡ଼କରି ଉତ୍ତର ଦେଲେ, "ଦେଶୀ କୁତ୍ତୀଟାକୁ କିଏ ଘରେ ରଖିବ ? ଘରେ ପୁଣି ଠାକୁର ଦେବତା ଅଛନ୍ତି, ଏ କଣ କିରସ୍ତାନ ଘର ?"

Digitized by srujanika@gmail.com

ଆମ ବାଡ଼ି ପଛରେ ଦୁଇ ଏକର ଯାଏ ଚାଷ ଜମି । ସଲିମ୍ ବୋଲି ଜଣେ ମୁସଲମାନ୍ ଚାଷ କରୁଥାଏ ଧାନ, ମୁଗ । ଆମ ବଦଳି କଥା ଜାଣି ସେ ଆସିଲା ଏବଂ ମାଗିଲା କୁକୁରକୁ ଆମେ ଜଲିର ଦାୟିତ୍ୱରୁ ରକ୍ଷା ପାଇଲୁ ।

କେତେଦିନ ପରେ ମୋ' ଅଫିସର କିରାଣୀ ଚିଠି ଲେଖି ଜଣାଇଲେ ଯେ, ଜଲି ବଢ଼ିଲା ନଈ ପାରିହୋଇ ଫେରିଆସିଛି ଏବଂ ଆମ ପିଣ୍ଡାରେ ଶୋଇ ରହିଛି । ବିରାଡ଼ିଟା ମଧ ରୋଷାଇ ଘରେ ଶୋଇ ରହିଛି । ଅପେକ୍ଷା କରିଛି ଯେମିତି ଆମ ଫେରିଆସିବାକୁ । ମହାପାତ୍ର ବାବୁଙ୍କ ପିଲାପିଲି ମା'ଙ୍କ ଅଜ୍ଞାତରେ ଭାତ ମୁଠାଏ ମୁଠାଏ ଜଲିକୁ ଦେଉଥାନ୍ତି । କେତେଦିନ ପରେ ଚେନ୍‌ଟିଏ ଆଣି ବାନ୍ଧି ସେମାନେ ଜଲିକୁ ତାଙ୍କ ଘରକୁ ନେଇଗଲେ, ମହାପାତ୍ରବାବୁଙ୍କ ସ୍ତ୍ରୀ ଅନୁମତି ଦେଲେ, ଏଇ ସର୍ତ୍ତରେ ଯେ କୁକୁର ପାଇଁ ସ୍ୱତନ୍ତ୍ର ଖାଦ୍ୟ ରନ୍ଧାହେବ ନାହିଁ । ତାକୁ ଘର ଭିତରକୁ ଛଡ଼ାଯିବ ନାହିଁ ଓ ବାହାରର ଚାଳିଆର ବାଉଁଶ ଖୁଣ୍ଟରେ ବନ୍ଧା ରହିଥିବ । ତାଙ୍କରି ଧାରଣା, କୁକୁରଟାକୁ ଶ୍ରଦ୍ଧାକରି ନଷ୍ଟ କରିଛନ୍ତି ମିଶ୍ରବାବୁ, କଡ଼ା ଶାସନ ଦରକାର ।

ମହାପାତ୍ରବାବୁଙ୍କ ସ୍ତ୍ରୀ କୁକୁର ରଖିବା ପାଇଁ ରାଜି ହେବାରୁ ଅସଲ କାରଣ ହେଲା ତାଙ୍କ ବିଷୟ ସମ୍ପତ୍ତିର ଅଭିବୃଦ୍ଧି । ସାଇପଡ଼ିଶାରେ ସମସ୍ତେ ଜାଣିଲେଣି ଯେ, ଲକ୍ଷ୍ମୀ ଦିନକୁ ଦିନ ମହାପାତ୍ରବାବୁଙ୍କ ଘରେ ଆସ୍ଥାନ ଜମେଇବାରେ ଲାଗିଛନ୍ତି । ଦିବ୍ୟପୂଜା ପାଇ ଠାକୁର ପ୍ରସନ୍ନ ହୋଇ ସମ୍ପତ୍ତି ଅଜାଡ଼ି ଦେଇଛନ୍ତି । ପେଜପାଣି ପିଇ ଜଲି ସେସବୁ ଜଗିଦେଉଛି । ଛ'ମାସ ଭିତରେ ଚୋରମାନେ ଦି'ଥର ପଶିବାର ଚେଷ୍ଟା କଲେଣି ଜଲି ପାଇଁ ସେମାନଙ୍କ ସମସ୍ତ ଚେଷ୍ଟା ପଣ୍ଡ ହୋଇଯାଉଛି । କେତେ ଶହଥର ବୁଲାଷଣ୍ଢ ତାଙ୍କ ବାଡ଼ି ବଗିଚା ନଷ୍ଟ କରିବା ଉଦ୍ୟମ କରିଛି, କିନ୍ତୁ ଜଲି ପାଇଁ କିଚେନ୍ ଗାର୍ଡ଼ନ ବାରମାସ ସବୁଜ ରହିଛି । ଆଶ୍ଚର୍ଯ୍ୟ କଥା, ଯେଉଁ ଜଲି ଆମକୁ ଖର୍ଚ୍ଚାନ୍ତ କଲା, ବଦମାସ କଲା, ସେଇ ଜଲି ବିନା ସେବା ଅର୍ଚ୍ଚନାରେ ମଧ ମହାପାତ୍ରବାବୁଙ୍କର ହିତ ସାଧନ କରୁଛି ।

ଲୋକଙ୍କ ଧାରଣା ମୋ ସ୍ତ୍ରୀ ଶିବ ପୂଜା କରୁଥିଲେ ବୋଲି ନିଃସ୍ୱ ଓ ତ୍ୟାଗୀ । ମହାପାତ୍ର ବାବୁଙ୍କ ସ୍ତ୍ରୀ ଶକ୍ତି ବା କାଳୀ-ଉପାସନା କରନ୍ତି ବୋଲି ଏତେ ବିଭବବତୀ, ଏତେ ଶକ୍ତିଶାଳିନୀ । ଗାଧୋଇ ପାଧୋଇ ଉଭୟ ସ୍ୱାମୀ-ସ୍ତ୍ରୀ ଯୁଗଳ ହୋଇ ମା'ଙ୍କ ଅର୍ଚ୍ଚନା ଆରାଧନା କରନ୍ତି । ସେତେବେଳେ କବାଟ ବନ୍ଦ ହୁଏ । ଘଣ୍ଟାଧ୍ୱନି, ଧୂପଦୀପ, ଆରତିରେ ସାହି ମୁଖର ଓ ସୁଗନ୍ଧମୟ ହୋଇଯାଏ । ପୂଜା ବଢ଼ି ଆସିଲା ବେଳକୁ ଗାଲକୁ ଫୁଲାଇ ଆଙ୍ଗୁଳିରେ ପିଟି ବଂ, ବଂ ଶବ୍ଦ ବାହାର କରନ୍ତି ମହାପାତ୍ର ବାବୁ। ତାଙ୍କ ସ୍ତ୍ରୀ ସେତେବେଳେ ମାଆ ମାଆ, ହୋଇ କାତର ଡ଼ାକ ଦେଉଥାନ୍ତି । ସାଧନା ପରେ ସ୍ୱାମୀ-ସ୍ତ୍ରୀ ଗଳଦ୍‌ଘର୍ମ ହୋଇ ବାହାରକୁ ଆସନ୍ତି । ଉଭୟଙ୍କ ଚକ୍ଷୁ ଲାଲବର୍ଣ୍ଣ, କେଶ ବିପର୍ଯ୍ୟସ୍ତ, ନିଶ୍ୱାସ ପ୍ରଶ୍ୱାସର ଗତି ପ୍ରଖର, ଭକ୍ତି-ଆପ୍ଲୁତ ଦିହିଁଙ୍କ ବଦନ । ଦୁନିଆ ପ୍ରଳୟ ହେଲେ ବି ଏ ନୈମିତ୍ତିକ ପୂଜାରେ ସେମାନଙ୍କ ବ୍ୟାଘାତ ନାହିଁ, ଶୁଦ୍ଧ ପୂତ

Digitized by srujanika@gmail.com

ସଂଯତ ଯୁଗଳ ଜୀବନ ସହିତ ମ୍ଳେଚ୍ଛ ଅଶ୍ଳୀଳ ଜଲି ବୋଲି କୁତ୍ତୀର ସମ୍ପର୍କ ବା କିପରି ସମ୍ଭବ ହୁଅନ୍ତା ? କିନ୍ତୁ ସ୍ୱାର୍ଥ ଓ ସମ୍ପଦ ପରସ୍ପର ବିରୋଧୀଙ୍କୁ ଏକତ୍ର ସହାବସ୍ଥାନର ଶିକ୍ଷା ଦେଇଥାଏ ।

ବଦଳି ପରେ ଜଲି ସହିତ ଆମର ଥରେ ମାତ୍ର ଦେଖାହୋଇଥିଲା ପୂଜା ଛୁଟିରେ ଗାଁକୁ ଗଲାବେଳେ । ମୁଁ ଓ ମୋ ସ୍ତ୍ରୀ ଦୁହେଁ ରିକ୍ସାଟାଏ ଧରି ବସ୍‌ଷ୍ଟାଣ୍ଡରୁ ଘର ଦେଖିବା ପାଇଁ ଗଲୁ, ପିଲାପିଲିଙ୍କୁ ଜିନିଷ ପତ୍ର ଜଗାଇଦେଇ । ମହାପାତ୍ରବାବୁ ଗୟା ପିତୃଶ୍ରାଦ୍ଧରୁ ଫେରିନଥାନ୍ତି । କାଳେ ମନ କଷ୍ଟ ନହେବ ସେଥିପାଇଁ ଆମ ଜଲିକୁ ଦେଖିବା ପାଇଁ ଚାହିଁଲୁ ନାହିଁ । କିନ୍ତୁ ଜଲି କଣ ଏକାବେଳକେ ରିକ୍ସା ଉପରେ ଚଢ଼ିଗଲା । ବଡ଼ କରୁଣ ମୋ ସ୍ତ୍ରୀ ଓ ଜଲିର ମିଳନ ଦୃଶ୍ୟ, ଦୋକାନରୁ କେତୁଟା ବିସ୍କୁଟ୍ ଆଣି ଯାଚିବାରୁ ଜଲି ତଳକୁ ଓହ୍ଲାଇଲା ଓ ବିସ୍କୁଟ ଖାଇବାରେ ମାତିଗଲା ।

ଏଇ ଅବସରରେ ଆମେ ରିକ୍ସା ଧରି ଜୋରରେ ପଳାଇ ଆସିଲୁ । ଖାଇସାରି ଜଲି ପୁଣି ଆମକୁ ଖୋଜିଥିବ, ପାଇନଥିବ ଏବଂ ଅନୁତାପ କରିଥିବ, କାହିଁକି ଏତେ ଛୋଟ ଜିନିଷ ଲୋଭରେ ବଡ଼ ଜିନିଷ ହରାଇ ବସିଲା ।

ଜଲି ଜୀବନରେ ଚତୁର୍ଥ ପୂଜା ଛୁଟି ଆସିଲା । ଏଥର ତାପାଇଁ ପାଉଁରୁଟି ଓ ମୋଟାମୋଟା ବିସ୍କୁଟ ନେଇଯିବା ପାଇଁ ସ୍ଥିରକରି ପୁଣି ପାନ ଦୋକାନରେ ରିକ୍ସା ଛିଡ଼ା କରି ଦୋକାନୀକୁ ମାଗିଲୁ ଦୋକାନୀ ବୁଝିପାରିଲା ଆମେ କାହାପାଇଁ କିଣୁଛୁ । ଅପ୍ରତିଭ ହୋଇ ପଚାରିଲା, "କଣ ଜଲି ପାଇଁ ?" ଆମର ହଁ ଜବାବ୍‌କୁ ଅପେକ୍ଷା ନକରି ସେ କହିଲା, "ଆପଣ ଆଉ କାହାକୁ ପାଇଲେ ନାହିଁ । ତାଙ୍କୁ ଦେଇଗଲେ ଏଡ଼େ ଗୁଣବାନ୍ କୁକୁରକୁ ? ମହଲାକୁ ମହଲା କୋଠା ଉଠି ଚାଲିଛି, ମୋର ପଚାଶ ଷାଠିଏ ଟଙ୍କା ବରଷେ ହେଲାଣି ରହିଲାଣି ଯେ ଦବାକୁ ଦିନେ ମନେପକାନ୍ତୁନି । ତା'ପରେ ସେ ସବୁକଥା କହିଗଲା -

ସେ ଦିନ ମହାଳୟା । ବର୍ଷେ ପୂର୍ବେ ପିତୃଶ୍ରାଦ୍ଧକୁ ଗୟା ଯାଇଥିଲେ ବୋଲି ମହଲା ଏ ଘର ତୋଳି ପାରିଛନ୍ତି । ଏ ବର୍ଷ ପିଣ୍ଡ ସହିତ ମା' କାଳୀଙ୍କ ଷୋଡ଼ଶୋପଚାର ପୂଜାର ବ୍ୟବସ୍ଥା ମହାପାତ୍ର ଦମ୍ପତି କରୁଛନ୍ତି । ବୋଦାଟାଏ ସହଣି ପଡ଼ିବା କଥା । କିନ୍ତୁ ମିଳିଲା ନାହିଁ ବୋଲି, ମହାପାତ୍ରଙ୍କ ସ୍ତ୍ରୀଙ୍କ ଦୁଃଖ ଓ କ୍ରୋଧ ।

ସବୁଦିନ ପରି ଆଜି ବି ଧୂପଦୀପର ଆରତି ବେଳ ହେଲା, ଶଙ୍ଖଧ୍ୱନି ହୁଳହୁଳି, ବମ୍‌ବମ ମାଆ ମାଆ ଡ଼ାକ ସାହିସାରା ଲୋକେ ଶୁଣିଲେ । କିନ୍ତୁ ଧୂପର ପରିମାଣ ଆଜି କଣ ଏତେ ବେଶି ? ଆକାଶର ଖଣ୍ଡେ ଅଂଶ ଧୂଆଁରେ ଛାଇ ହୋଇଗଲାଣି, କୁକୁରଟା ଦିନ ଦିପହରରେ ଏତେ ଭୁକୁଛି କାହିଁକି ? କିନ୍ତୁ କୁକୁର କୁହାଟ ମନ୍ଦିର ଭିତରକୁ ଶୁଭିବ କେମିତି ? ନିଆଁ ଦିଶିଲାରୁ ଲୋକେ ଜାଣିଲେ ଯେ, ଏ ଧୂପ ଦୀପ ନୁହେଁ, ମହାପାତ୍ର ବାବୁଙ୍କ ଚାଳିଆରେ ନିଆଁ ଲାଗିଛି ।

Digitized by srujanika@gmail.com

କବାଟ ଫିଟିଲା, ଲୋକେ ବି ଗୁଣ୍ଡ ହେଲେ । ସେତେବେଳକୁ ଅଧେଚାଳ ଯାଇ ଢେଙ୍କି ଉପରେ ପଡ଼ି ଜଳିଲାଣି । ଜଲିର ମୁଣ୍ଡ ଉପର ଚାଳଟା ଖସିବା ଉପରେ, ସେ ତ୍ରାହିମାରି ଆର୍ତ୍ତନାଦ କରି ଯେତେ ଖସିଯିବାପାଇଁ ଚେଷ୍ଟା କରୁଛି ଲୁହା ଚେନ ସେତେ ତା ବେକରେ ଚିପି ହୋଇଯାଉଛି । ମହାପାତ୍ର ବାବୁ ବାଛୁରୀଟାକୁ ଗୁହାଳରୁ ଫିଟାଇ ଦେଲେ । ତାପରେ ଜଲିର ବିକଳ ପ୍ରାର୍ଥନାରେ ତରଳିଯାଇ ଫିଟାଇବା ପାଇଁ ଯାଇଥିଲେ, ସ୍ତ୍ରୀ ଚିତ୍କାର କଲେ, "କ'ଣ କରୁଛ ? ପାଖକୁ ଯାଅନା, ନିଆଁ ତୁମ ଉପରେ ପଡ଼ିବ ।"

ନଯଯୌ ନତସ୍ଥୌ ଛିଡ଼ା ହୋଇଗଲେ, ନିଆଁ ହୁଳାଟାଏ ଜଲି ଉପରେ ପଡ଼ିଲା ଓ ତା' ସ୍ୱର ବନ୍ଦ ହୋଇଗଲା ।

ମହାପାତ୍ର ବାବୁ ଟିକିଏ ଦୁଃଖ କିରବାରୁ ତାଙ୍କ ସ୍ତ୍ରୀ କୁଆଡ଼େ କହିଲେ, "ଏ ଘରର ଅମଙ୍ଗଳ ସବୁ ଏଇ କୁତ୍ତୀ ଯୋଗୁଁ । "ମିଶ୍ରବାବୁଙ୍କ ସ୍ତ୍ରୀ ଯେମିତି ଅମଙ୍ଗଳୀ ଏ କୁତ୍ତୀ ବି ସେମିତି ।" ତୁମେ ମୋ କଥା ମାନ, ଶୀଘ୍ର କାନ୍ଥ ଉଠାଅ ତ । ଠାକୁର ଘରକୁ ଲାଗି ଚାଳିଆ ରଖିଥିଲ ପରା ? ଏଥର ଯେତେ ଟଙ୍କା ପଡ଼ିଲେ ବି ବୋଦାଟିଏ ଖୋଜି ଆଣ, କାଳୀ ପୂଜା ଦିନକୁ ।

# ତସ୍ମୈ ଶ୍ରୀ ଗୁରବେ

ପୁରୁଣା ଶିପ ବୋତାମ ଗୁଡ଼ାକ, ଜୋରେ ବାଡ଼େଇଦେଲେ, ଭାଜି ଗୁଜି ଏକାକାର ହୋଇଗଲା; ଏବେ ଭଲା ମୁଁ କ'ଣ କରିବି ? ଖଦଡ଼ ଶାର୍ଟର ବୋତାମଗୁଡ଼ାକ ଲଗାଉ ଲଗାଉ ବଶିଷ୍ଠ ଦେବଶର୍ମା ଯେତେବେଳେ ଦେଖିଲେ ସେ ସୂତାଖିଅରେ ଦି'ଟା ବୋତାମ ଟୁକୁରା ଝୁଲୁଛି ସେତେବେଳେ ଅଲକ୍ଷିତ ସ୍ଥାନରେ ଗୃହକର୍ମରତା ସ୍ତ୍ରୀଙ୍କୁ ଶୁଣାଇ ଏଇ ବିକଳ କଥାଗୁଡ଼ାକ କହିଗଲେ ।

କାନ୍ଧକୁ ଚାହିଁ ଦେଖିଲେ ସିଲାଇ ଫାଟି ଭିତରର ମସିଆ ଗେଞ୍ଜିଟାର ସ୍ୱରୂପ ଫୁଟି ଦିଶୁଛି । ପୁଣି ବ୍ୟତିବ୍ୟସ୍ତ ହୋଇ ଡ଼ାକ ଦେଲେ – "ଛୁଞ୍ଚ ସୂତା ଆଣିବ, ଏଠି ସେଠି ଗୋଟାଏ ଅଧେ ଟିପ ମାରିଦିଅ । ହଇରାଣରେ ପଡ଼ିଲା ମଣିଷ ! ଶୀଘ୍ର ଆସ, ଏଇଲାରେ ଆସିବେ ଯେ ।"

ଅରୁନ୍ଧତୀ ଦେବୀ ପ୍ରାକ୍-ପରିବାର ନିୟନ୍ତ୍ରଣ ଯୁଗର ନାରୀ । ଅଷ୍ଟଗର୍ଭା ଶାଢ଼ୀଟିଏ ପିନ୍ଧି ରୋଷ (ରୋଷେଇ) କଷାୟିତ ନେତ୍ର ଦୁଇଟିକୁ ମଳି ମଳି ବାହାରୁ ବାହାରୁ

Digitized by srujanika@gmail.com

ଆରମ୍ଭ କରିଦେଲେ "ଯେତେବେଳେ କାମ ୟାଙ୍କର ସେତେବେଳେ ବରାଦ । ପିଲେ ପରସ୍ତେକୁ ୟାଙ୍କର ପରାସ୍ତେ। ଏ ଘରେ କେବେ ମଣିଷ ବସ୍ଥିବ ? ମସିଆ ଜାମାଟାକୁ ନ ବାଢ଼େଇଲେ ସହଜେ କ'ଣ ସଫା ହୋଇଯାଉଥିଲା ! ଛୁଞ୍ଚ ସୂତା ଅବି ମିଳିବ ନାହିଁ । ଯେଉଁଠି ଯାହା ସାଇତି ସମ୍ଭାଳି ରଖିଲେ କ'ଣ କାମବେଳକୁ ମିଳୁଛି ? ଆଠ ଆଠଟୁ ପିଲା ଜିନିଷପତ୍ର ରଣଭଣ କରି ଫୋପାଡ଼ି ଦେଉଛନ୍ତି ।"

"ଆଚ୍ଛା ତେବେ, ବାକ୍ସରୁ ପୁରୁଣା ଓଢ଼ଣୀଟା ଦିଅ, ଢ଼ଙ୍କେଇ ହୋଇଯାଏ, ଫଟାତୁଟା ଦିଶିବ ନାହିଁ ।" ଆଇନରେ ମୁହଁ ଦେଖୁଥାନ୍ତି ଆଉ ବାଁ ପାଖ କଦମ୍ବ ଫୁଲିଆ ଚୂଳାଗୁଡ଼ାକୁ ବାଗକୁ ଆଣିବାର ଚେଷ୍ଟା କରୁଥାନ୍ତି ସରସ୍ୱତୀ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ।

ପେଡ଼ିସାଇତା ଗନ୍ଧକର୍ପୂର ମହକ ଉଠୁଥିବା ଭାଗଲପୁରୀ ଛିଣ୍ଡା ଏଣ୍ଡି ଚଦରଟି ସ୍ୱାମୀଙ୍କ ହାତକୁ ବଢ଼ାଇ ଦେଲାବେଳେ ସ୍ୱାମୀଙ୍କ ସଫା ସୁତୁରା ଚେହେରା ଉପରେ ଅରୁନ୍ଧତୀଙ୍କ ନଜର ପଡ଼ିଲା । ଝିଅପରି ଟାଣୁଆ କସରା ଚୂଳଗୁଡ଼ାକ ସୋରିଷତେଲ ଅଠାରେ ବୋଲକରା ପିଲାପରି ଶୋଇ ଯାଇଛନ୍ତି । ରୁଢ଼ ନ ଥିବାରୁ ମୁହଁଟା ଚିକ୍କଣିଆ, ପିଲାଳିଆ ଦିଶୁଛି ।

କ୍ରୋଧ ସମ୍ବରଣ କରି ସସ୍ମିତରେ ଦେବୀ ଜିଜ୍ଞାସା କଲେ, "ଆଜି ଏ ମଦନମୋହନ ବେଶ କାହିଁକି ? ଆଜି ପୁଣି କିଏ ଆସୁଛି ? ଦି'ଦିନ ତଳେ ଇନ୍ସପେକ୍ଟର ଆସିଥିଲେ ପରା !"

ବଶିଷ୍ଠଦେବ ବିରକ୍ତିମିଶା ଗଳାରେ କହିଲେ, "ତୁମକୁ ଗୋଟି ଗୋଟି କରି ସବୁ ପାଠ ପଢ଼ାଇବାକୁ ମୋର ବେଳ ନାହିଁ । ଦି'ଦିଟା ଖବରକାଗଜ ଘରକୁ ଆସୁଛି । ପିଲେ ବି ପଢୁନାହାନ୍ତି, ତୁମେ ବି ପଢୁନ । ଏଥର ତାକୁ କହିବି, ସିଧା ସ୍କୁଲ୍‌ରେ ଫୋପାଡ଼ି ଦେଇଯିବ ।" ସ୍ୱର ନରମ କରି କହିଲେ, "ଆଚ୍ଛା, କଣ ଗଣ୍ଡିଏ ଦିଅ । କେତେବେଳେ ଆସି ପହଞ୍ଚିଯିବେ, ତରବରରେ ଖାଇହେବ ନାହିଁ । ପୁଣି ଫେରିବି କେତେବେଳେ ଠିକଣା ନାହିଁ, ପିଲାଙ୍କ କାମ ଜାଣ ତ ।"

"କୋଉଁ ବାହାକୁ ଦି'ଗୋଡ଼ ଅଳତା । ଭାତଫାତ କିଛି ହୋଇନି । ଟିଣରୁ ମୁଢ଼ି କଲେ ଦିକଳ ଖାଇଦିଅ । ପିଲେ ବି ତ ସିମିତି ଜଳଖିଆ କରି ଯାଇଛନ୍ତି । ଫେରିଲେ ସମସ୍ତେ ଏକାବେଳେ ଖାଇବ । ପନିପରିବା କିଛି ନାହିଁ । ଯାଏ ସିଆଡ଼େ ଡ଼ାଲି ହାଣ୍ଡି ପୋଡ଼ିଗଲାଣି ।"

ଚାଲି ଯାଉଥିଲେ ବୁଲିପଡ଼ି ପୁଣି ପଚାରିଲେ, "ଆଜି କଣ ଘରକୁ ଘର ବୁଲି ପିଲାଙ୍କୁ ଡ଼ାକି ସ୍କୁଲରେ ନାମ ଲେଖାଇବ ? ଯଦୁ ମାଷ୍ଟରଙ୍କ ସ୍ତ୍ରୀ କହୁଥିଲେ, ତାଙ୍କ ଗିରସ୍ତ ଖରା ତାତିରେ ହପ୍ତାଏ କାଳ ବୁଲି ବୁଲି ଦୁଇମାସ ଜ୍ୱର ଭୋଗିଛନ୍ତି । ପୁଣି ତାଙ୍କ କୁନି ପାଇଁ ସମ୍ବନ୍ଧ କରିବାକୁ ଯେଉଁମାନେ ଆସିଥିଲେ, ସେ ସମୟରେ ତିନିଥର ଯଦୁବାବୁଙ୍କ ଦେଖାନପାଇ ନିର୍ବନ୍ଧ ଭାଙ୍ଗିଦେଇ ଚାଲିଗଲେ ।" ଗଳା ସ୍ୱର ଖୁବ୍ କରୁଣ କରି ପୁଣି

Digitized by srujanika@gmail.com

କହିଲେ - "ହେ, ମୋ ରାଣୀ ! ଭୋଦୁଅ ମାସ ଟାଣ ଖରାରେ ସେମିତି ବେଶି ବୁଲାବୁଲି କରିବ ନାହିଁଟି ।"

ବଶିଷ୍ଠ ଶର୍ମା ଅଗ୍ନିଶର୍ମା ହୋଇ କହିଲେ, "କେତେଦିନ ଗଲେ ତୁମର ବୁଦ୍ଧି ହେବ ? ସେ ତ ନାଆଁଲେଖା ସପ୍ତାହ, ପ୍ରାଇମେରୀ ସ୍କୁଲ କଥା । କାହା କଥା କେଉଁଠି ଯୋଡୁଛ ? ଛି, ଛି, ଆଜିପରା ଗୁରୁ ଦିବସ ! ଦେଶସାରା ଛାତ୍ର ଅଭିଭାବକ ଆମରି ପୂଜା ଅର୍ଚ୍ଚନା କରିବେ । ଦେଶର ଭବିଷ୍ୟତ ବଂଶଧରଙ୍କୁ ଆମେ ଗଢୁଛୁ, ଦେଶ ଆମକୁ କୃତଜ୍ଞତା ଜଣାଇବାର ଦିନଟି ଆଜି । ତୁମେ ଖବରକାଗଜ ପଢ଼, ପ୍ରଚାରପତ୍ର ଗୁଡ଼ାକ ପଢ଼ ।"

"ମୋତେ ଥରକୁ ଥର ପଢ଼ାପଢ଼ି କଥା କହିବନି । କ'ଣ ତ କ'ଣ କହିବି ଯେ ତୁମର ଗୁରୁ ଦିବସ ଗୋରୁ ଦିବସ କରିଦେବି । ନାକ ପୋଛିବାକୁ ତର ନାହିଁ, ଗଣ୍ଡା ଗଣ୍ଡା ପିଲାଝିଲା, ମରଣ ପାଖ ହେଲାଣି, ଯ୍ୟାଙ୍କୁ ଗେଲ ଲାଗିଛି ।"

ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ବଚସା ବାକ୍‌ବିତଣ୍ଡା ପୁଣ୍ୟ ଦିବସଟିକୁ ପ୍ରାୟ ନଷ୍ଟ କରିଦେବା ଉପରେ, ସେତେବେଳେ ଦୂରରୁ ଭାସିଆସିଲା ଲଳିତ ମଧୁର ସଂଗୀତ ଝଙ୍କାର । ସମବେତ କଣ୍ଠରେ ଉଚ୍ଚାରିତ ହେଲା ଗୁରୁବ୍ରହ୍ମା 'ଗୁରୁର୍ବିଷ୍ଣୁ ଗୁରୁର୍ଦେବ ମହେଶ୍ୱରଃ ।' କି ପ୍ରାଣସ୍ପର୍ଶୀ ମୂର୍ଚ୍ଛନା, କି ଆବେଗମୟ ଉଚ୍ଛ୍ୱାସ ।

ଅରୁନ୍ଧତୀ ଦେବୀ ଦାଣ୍ଡ ଦୁଆରକୁ ଆସି ଦେଖିଲେ ଏକ ଅପୂର୍ବ ରଙ୍ଗିନ୍ ଦୃଶ୍ୟ । ପ୍ରାୟ ଶହେଜଣ ଛାତ୍ରୀ ରଙ୍ଗ ବେରଙ୍ଗ ସେଲୁଆର ପଞ୍ଜାବୀ ପିନ୍ଧି ଗୁରୁ ମହିମା ଗାଉଛନ୍ତି । ସମସ୍ତଙ୍କ ବକ୍ଷସ୍ଥଳରେ ଛୋଟ ଛୋଟ ପତାକା । ଦି'ଜଣ ଡେଙ୍ଗୀ ଝିଅ 'ଗୁରୁ ଦିବସ' ଲେଖାଥିବା ପତାକାଟିଏ ଧରିଛନ୍ତି, ତା' ତଳକୁ ସ୍କୁଲର ନାମ । ଜଣେ ଛାତ୍ରୀ ସିଙ୍ଗଲ ରିଡ୍ ହାରମୋନିୟମ୍ ବେକରେ ଝୁଲାଇ ସ୍ତବ ଗାଉଛି, ଅନ୍ୟମାନେ ପାଳି ଦେଉଛନ୍ତି ।

ଦେଶ ସ୍ୱାଧୀନ ହେଲା ପାଖରୁ କେତେ କେତେ ପଟୁଆର ଘର ଆଗ ଦେଇଯାଇଛି । ଯକ୍ଷ୍ମା ଦିବସ, ବି.ସି.ଜି. ଦିବସ, କୁଷ୍ଠ ଦିବସ, ରକ୍ତ ଦିବସ, ପତାକା ଦିବସ, ସଫେଇ ଦିବସ ଇତ୍ୟାଦି । କିନ୍ତୁ ଆଜିର ଏ ଦିବସଟି ଅରୁନ୍ଧତୀ ଦେବୀଙ୍କୁ ଅତି ଆପଣାର ଜଣାଗଲା ।

ଗୁରୁ ବନ୍ଦନାର ଝଙ୍କାର ପବନରେ ମିଳାଇ ଯାଇଛି କି ନାହିଁ ଚଷମା ଲଗାଇଥିବା ଝିଅଟିଏ ଅରୁନ୍ଧତୀଙ୍କ ପାଖକୁ ଭିଡ଼ ଆସି ଶାଢ଼ୀରେ (ବ୍ଲାଉସ୍ ନଥିବାରୁ) ପତାକାଟିଏ ଲଗାଇ ଦେଇ କହିଲା, "ମା"! ଆଜି ଆପଣଙ୍କ ସ୍ୱାମୀଙ୍କ ଦିବସ ଗୁରୁ ପାଣ୍ଠିକୁ କିଛି ଦାନ କରନ୍ତୁ । ଗୁରୁମାନଙ୍କର ପୂଜାର୍ଚ୍ଚନା ଧୂପଦୀପ ନୈବେଦ୍ୟ ହେବ ।"

ଦେବୀ ବିହ୍ୱଳା ହୋଇପଡ଼ିଲେ କାତର ପ୍ରାର୍ଥନାରେ । ଚବିଶ ବର୍ଷ ହେଲା ସୁଖ, ଦୁଃଖ, ଖରା କାକର ସହି ତ୍ରିକାଳ ସନ୍ଧ୍ୟା ଯେଉଁ ସ୍ୱାମୀଙ୍କୁ ଖୋରାକ ପୋଷାକ, ଯୋଗାଇ ବିଦ୍ୟା ମନ୍ଦିରକୁ ପଠାଇଛନ୍ତି ଏବଂ ଯାହାଙ୍କ ସେବା ଶୁଶ୍ରୂଷା ଫଳରେ ଅକାଳେ ନିଜକୁ ବିଗତ ଯୌବନା କରି ମୃତକଳ୍ପା ହୋଇଛନ୍ତି, ତାଙ୍କରି ଏବଂ ତାଙ୍କପରି କେତେ

Digitized by srujanika@gmail.com

ଗୁରୁମାନଙ୍କ ସେବାର୍ଚ୍ଚନା ହେବ ଦେଶଯାକରେ ଏତେଦିନ ପରେ ଦେଶ ଗୁରୁଙ୍କ ମର୍ଯ୍ୟାଦା ବୁଝିଛି, ସ୍ୱାମୀଙ୍କ ପାଇଁ ଆଉ ଅଗ୍ନିମାନ୍ଦ୍ୟ ବା ଅମ୍ଳଶୂଳର ମହୌଷଧ ମହାଶଙ୍ଖବଟୀ, ଜୀରକାଦୀ ଚୂର୍ଣ୍ଣ ବା ଜୁଆଣି ଅର୍କ ରଖିବାକୁ ଜାଗା ନାହିଁ । ଆଉ କେତୁଟା ବର୍ଷ ଆଗରୁ ଏ ବ୍ୟବସ୍ଥା ହୋଇଥାନ୍ତା କି !

ଘର ଭିତରକୁ ପଶିଗଲା ବେଳେ ଅରୁନ୍ଧତୀ ଦେବୀ ଏଇ ବାବୁ କଥା ଭାବୁଥାନ୍ତି । ଖୋଲା ପ୍ରାଣରେ ଦୁଇଟଙ୍କିଆ ନୋଟ୍‌ଟିଏ ଝିଅଟିର ହାତରେ ଦେଇ ଯେତେବେଳେ ତା'ର ଅଙ୍ଗପ୍ରତ୍ୟଙ୍ଗ ଓ ପୋଷାକ ପରିଛଦ ଦେଖିଲେ ମାତୃସ୍ନେହରେ ପଚାରିଲେ, "ହଇଲୋ ଝିଅ! ତୁ ଏମିତି ଅଧାଲଙ୍ଗଳା ପୋଷାକ ପିନ୍ଧିଲେ ତୋ ମାଆ ବାପା ବା ଦିଦିମାନେ କଣ କିଛି କୁହନ୍ତି ନାହିଁ ?"

ଝିଅଟି ତତ୍‌ଷଣ୍ଡେ ଜବାବ୍ ଦେଲା, "ସେମାନେ କଣ ମୋଫସଲି ? ମୋ ବାପା ଏ.ଡ଼ି.ଏମ୍. । ଦିଦିମାନେ ଏଥର ଟପ୍‌ଲେଶ୍ ବଟମ୍‌ଲେଶ୍ ପିନ୍ଧିବା କଥା ଆପଣ ପଢ଼ି ନାହାନ୍ତି ?"

"ପୁଣି ସେଇ ଖବରକାଗଜ ?" ଅରୁନ୍ଧତୀ ଦେବୀ ନୀରବରେ ଘର ଭିତରକୁ ପଶିଗଲେ ।

ଏଥର ପାଳି ପଡ଼ିଲା ତାଙ୍କ ନିଜ ପଞ୍ଚପାଣ୍ଡବଙ୍କ । ଜଣ ଜଣ ହୋଇ ମାଗି ବସିଲେ ଗୁରୁ ଦିବସ ଚାନ୍ଦା । 'ମୋର ଟଙ୍କାଏ' ମୋର ଚାରିଅଣା, ଆମ ଦୁହିଁଙ୍କର ଟଙ୍କାଏ । 'ମୋଲ ଦଶ ପଇସା ।'

ପିଲାଙ୍କ ହୃଦୟରେ ଗୁରୁଭକ୍ତିର ଉଦୟ ଦେଖି ଦେବୀ ପରିତୃପ୍ତା ହେଲେ, ଭାବିଲେ ଆଜି ସ୍ୱାମୀଙ୍କ ଦଫାରଫା ରହିବ ନାହିଁ । ସେ ଟିକିଏ ଭାବପ୍ରବଣ, କାନ୍ଦକଟା ନ କଲେ ରକ୍ଷା । ଚାନ୍ଦା, ଟଙ୍କା ଓ ଚେନାଚୁର ବାଦାମ ଖର୍ଚ୍ଚ ବାବଦ ପାଞ୍ଚୋଟି ଟଙ୍କା ବଡ଼ପୁଅକୁ ଦେଇ କହିଲେ, "ଖୁଚୁରା ନାହିଁ ବାପା, ବାଣ୍ଟିକୁଣ୍ଟି ନେବ ସମସ୍ତେ । ଦେଖିବ ସମସ୍ତେ ପାଖାପାଖି ଥିବ, ଭିଡ଼ରେ ହଜି ଯିମିତି ନ ଯାଅ ।"

ପିଲାଏ ବାହାରି ଯାଉଁ ନ ଯାଉଁଣୁ ସ୍ପଷ୍ଟତର କର୍କଶ ଗଳାରେ ଗୁରୁସ୍ତୁତି 'ଗୁରୁରାଦିରନାଦିଶ୍ଚ ଗୁରୁ ପରମ ଦୈବତମ୍ ।'

ତେଣେ ବଶିଷ୍ଠଶର୍ମା ବାହାରିଯିବା ପୂର୍ବରୁ ଦାଣପିଣ୍ଡା ଖୁଣ୍ଟରେ ବନ୍ଧା ହୋଇଥିବା ବଳଦ ଦି'ଟାକୁ ମୁଠାଏ ମୁଠାଏ ପାଳ ଦେଉଥାନ୍ତି । ଗଲା ରାତିରେ ଦି'ଟା ଗାଁରୁ ଆସିଛନ୍ତି ଶଗଡ଼ରେ କାଠ ଚାଉଳ ନେଇ । ଚାକର ଚପରାସି ଘରୋଇ କାମ କରୁନାହାନ୍ତି, ଆଜି ଛୁଟି ବୋଲି କେହି ଆସିନାହାନ୍ତି ମଧ । ଜୀବଗୁଡ଼ାକୁ ମୁଠାଏ ମୁନ୍ଦିଏ ନଦେଲେ ଦିନଯାକ ଖାଡ଼ା ଉପାସ ରହିଯିବେ ଯେ ।

ପୁଣି ଗୁରୁସ୍ତୁତି, 'ଗୁରୋଃ ପରତରଂ ନାସ୍ତି, ତସ୍ମୈଶ୍ରୀ ଗୁରୁବେ ନମଃ ।' ଏ ପଦକ ଶୁଣିଲା ମାତ୍ରେ କାହିଁକି କେଜାଣି ବଶିଷ୍ଠଦେବ ଗୋରୁ ଦୁହିଁଙ୍କୁ ଭକ୍ତିରେ ନମସ୍କାର କରି

Digitized by srujanika@gmail.com

ଭିତରକୁ ପଶିଗଲେ ଏବଂ ଅରୁନ୍ଧତୀ ଦେବୀଙ୍କୁ କହିଲେ, 'ପିଲାଙ୍କୁ ଟଙ୍କାଟିଏ ଦିଅ ।'

କୌଣସି ଭାଟ ଭିକାରୀଙ୍କୁ ଭିଖ ଦେଇ ଦେବୀ କେବେ ଏତେ ଆନନ୍ଦ ପାଇନଥିଲେ ଆଜି ଯିମିତି ଏଥରକୁ ମିଶାଇ ତିନିଥର ପାଇଲେଣି । ନିଜ ଛାତିର ଲୁଗାରେ ମଗା ହୋଇଥିବା ପତାକାଟି ସ୍ୱାମୀଙ୍କୁ ଦେଖାଇ ସେ କହିଲେ, "ଦେଖ ଦେଖ, କେଡ଼େ ସୁନ୍ଦର ଛବିଟି । ଗଛମୂଳରେ ଗୁରୁଦେବ । ମାତ୍ର ତିନିଜଣ ଛାତ୍ର । କି ତପସ୍ୟା । କି ସାଧନା ! ତୁମେ ତ' ଶହ ଶହ ଛାତ୍ର ସାଂଗକୁ ଅଧାଲଙ୍ଗୁଳୀ ଛାତ୍ରୀ ଘେନି ବସିଛ ତୁମକୁ କେଉଁ ସମ୍ମାନ ମିଳିବ ?"

ବଶିଷ୍ଠ ଶର୍ମା ଜୀବନଯାକ ଆଶାବାଦୀ । କହିଲେ, "ଅପେକ୍ଷା କର ଦେଖିବ, ଯୁଦ୍ଧପଣ୍ଣ ପରି ଗୁରୁପାଣ୍ଣ ଦି'ଟା ବର୍ଷରେ ଫୁଲି ଉଠିବ । ପେନ୍‌ସନ, ଭତ୍ତା, ପ୍ରଭିଡ଼େଣ୍ଟଫଣ୍ଡ୍ ସବୁ ସୁବିଧା ହୋଇଯିବ । ପ୍ରତି ଛାତ୍ର ଜଣେ ଜଣେ ସୈନିକ । ଛୋଟ କମାଣ୍ଡର ହିସାବରେ ଆମର କ'ଣ କିଛି ପ୍ରାପ୍ୟ ନାହିଁ ? ସବୁର କର ।"

ଅରୁନ୍ଧତୀ ଦେବୀଙ୍କ ମନେପଡ଼ିଲା ଡ଼ାଲିହାଣ୍ଡି ଓ ଚୂଲୀଶାଳ କଥା । ଘରେ ମାତ୍ର ଯୋଡ଼ିଏ ଟଙ୍କା ଅଛି । ପୁଣି କିଏ ଆସିଯିବେ ସେଥିପାଇଁ ଧଡ଼କିନା କବାଟ ବନ୍ଦକରି ଭିତରକୁ ପଶି ଯାଉଛନ୍ତି, ଶୁଭିଲା ତୂର୍ଯ୍ୟନାଦ, ଜୟଘୋଷ । ଗଗନ ପବନ ଭେଦକରି ସହସ୍ର କଣ୍ଠରେ ଉଚ୍ଚରିତ ହେଲା 'ଅଖଣ୍ଡମଣ୍ଡଳାକାରଂ' 'ଜୟ ଗୁରୁଜୀକି ଜୟ' "ସ ଘୋଷଣ୍ଣ ବଶିଷ୍ଠାନାଂ ହୃଦୟାନି ବ୍ୟଦାରୟେତ୍ ! ନଭଷ୍ଣ ପୃଥିବୀ ଚୈବ ତୁମୁଳୋ ବ୍ୟନୁନାଦୟନ୍ ।" ବଶିଷ୍ଠଙ୍କ ମନେପଡ଼ିଲା ମଧୁବାବୁଙ୍କ ଲିସବନ୍ ଭୂମିକମ୍ପର କେତୋଟି ଧାଡ଼ି "ସମୁଦ୍ର ମାଡ଼ି ଆସୁଅଛି ଆଉ ରକ୍ଷା ନାହିଁ, ଏଥର ଆତ୍ମାରକ୍ଷାର ଉପାୟ ଚିନ୍ତାକର ।" କିନ୍ତୁ ପଥ କାହିଁ ? ପଥ ରୁଦ୍ଧ, ଛାତ୍ରାକୀର୍ଣ୍ଣ ଗୁରୁଦେବଙ୍କ ଆଶ୍ରମ ପ୍ରାଙ୍ଗଣ ।ସର୍ବାଗ୍ରେ ବୀଟଲ ଚୂଳ ନଳୀପେଣ୍ଟ ଓ ଟେରିଲିନ୍ ସାର୍ଟରେ ଉଭା ଜଗା ଓ ମାଧା- ଆଧୁନିକ ଯୁଗର ଆରୁଣୀ ଓ ଏକଲବ୍ୟ ।

ମାତ୍ର ଗୋଟାଏ ଦିନରେ ଦୁହିଁଙ୍କର କି ବୈପ୍ଲବିକ ମାନସିକ ପରିବର୍ତ୍ତନ ! ବଶିଷ୍ଠଙ୍କୁ ଜଣାଗଲା ଶିକ୍ଷାକ୍ଷେତ୍ରରେ ଯେମିତି ଅଚାନକଭାବରେ ପୂର୍ଣ୍ଣକ୍ରାନ୍ତି ଓ ସର୍ବୋଦୟ ଆସିଗଲା । ବର୍ଷ ବର୍ଷ ଧରି କାନ୍ଥରେ, ପିଚ୍ ରାସ୍ତାରେ, ଯେଉଁ ସବୁ ଅକଥା ଓ କୁକଥାର ଫ୍ରେସକୋକ୍ ତାହା ଏ ଦୁହିଁଙ୍କ କୀର୍ତ୍ତି । ବ୍ଲେଡ଼ବୋର୍ଡ଼ ଲେଖା ଓ ଡ଼େସ୍କ ଖୋଦେଇ ଯାଙ୍କରି ହସ୍ତଶିଳ୍ପ, ରେଫରୀକୁ ଜବ୍‌ଦ କରିବା ଓ ପରୀକ୍ଷା ହଲରେ କପି ଯୋଗାଇବା ପନ୍ଥା ଯା'ଙ୍କରି ଉର୍ବର ମସ୍ତିଷ୍କର କଳ୍ପନାସମ୍ଭୂତ । ସିନେମା ଛକର ସୁପ୍ରସିଦ୍ଧ ପରିବ୍ରାଜକ ଏମାନେ । ମାତ୍ର ଘଣ୍ଟାକରେ ସମଗ୍ର ସହରରେ ହରତାଳ କରିପାରନ୍ତି ଏମାନେ । ତେବେ କଣ ଏକା ଦିନକେ ୪୭ ସାଲ ପରର ଛାତ୍ର ସମାଜର ସମସ୍ତ ଅଶାଳିନ୍ୟ, ଦୁର୍ଗତି, ଦୁର୍ନୀତି ଗୁରୁଦିବସରେ କାଉଁରୀରେ ଉଭେଇଗଲା ?

ପଛପିଲା ହାତକୁ ପତାକା ବଢ଼ାଇ ଦେଇ ଜଗା ଭିଡି ଆସିଲା ବଶିଷ୍ଠଙ୍କ ଆଡ଼କୁ

Digitized by srujanika@gmail.com

ଦୁଇତିନି କିଲୋ ଓଜନର ଫୁଲମାଳ ଧରି । ବେକରେ ଲମ୍ବାଇ ଦେଇ ଲମ୍ବ ତମ୍ବ ହୋଇ ଗୋଡ଼ତଳେ ପଡ଼ି କହିଲା, "ଗୁରୁଜୀ! ମାତାଜୀଙ୍କୁ ଡ଼ାକନ୍ତୁ । କାଉନ୍‌ସିଲ ସ୍ଥିର କରିଛି ତାଙ୍କୁ ମଧ୍ୟ ଯିବାକୁ ପଡ଼ିବ ।"

ବାହାରର ଗଣ୍ଡଗୋଳ ଶୁଣି ଅରୁନ୍ଧତୀ ଦେବୀ ସ୍ୱାମୀଙ୍କ ଉପରେ ବିପଦ ପଡ଼ିଲା ଭାବି ବାହାରକୁ ଆସିଲା ମାତ୍ରେ ମାଧା ଦଉଡ଼ି ଯାଇ ସିମିତି ଓଜନଦାର ହାରଟାଏ ଲମ୍ବାଇ ଦେଲା । ଦେବୀ କ୍ଷଣେ ନମ୍ର ଓ ତଟସ୍ଥ ହେଲେ । ପରେ ମାତୃତ୍ୱର ଉଷ୍ମ ଚକ୍ଷୁରୁ ପ୍ରସରିବାକୁ ଲାଗିଲା । ସହସ୍ର କଣ୍ଠରେ ଧ୍ୱନିତ ହେଲା, "ଅଜ୍ଞାନ ତିମିରାନ୍ଧସ୍ୟ" ପରେ 'ଯା' ଦେବୀ ସର୍ବଭୂତେଷୁ ।"

ଚକ୍ଷୁ ଉନ୍ମିଳିତ କରି ଗୁରୁ ଓ ଗୁରୁପତ୍ନୀ ଦେଖିଲେ ସମ୍ମୁଖରେ ପତ୍ରପୁଷ୍ପ ଶୋଭିତ ରିକ୍ସାଟାଏ । ସାଗ୍ରହନେତ୍ରରେ ଜଗା ଓ ମାଧା ଦୁହିଁଙ୍କୁ ଆହ୍ୱାନ କଲେ ରିକ୍ସାରେ ଯୁଗଳ ଅଧିବେଶନ ନିମନ୍ତେ । ରିକ୍ସାବାଲାକୁ ସରକସର କ୍ଲାଉନ ରୂପରେ ସଜା ହୋଇଥାଏ । କିନ୍ତୁ ଏ ଅଭିଯାନ ପାଇଁ ଗୁରୁପତ୍ନୀଙ୍କ ପୋଷାକପରିଚ୍ଛଦ ପଯେ ପର୍ଯ୍ୟାପ୍ତ ନୁହେଁ ତାହା ବଶିଷ୍ଠ ଦେବ ବୁଝିପାରିଲେ ଜୀବନସଂଗୀନିଙ୍କ ଚାହାଣୀରୁ । ଜଗା ଓ ମାଧାଙ୍କ ଅନୁମତି ନେଇ ଗୁରୁଜୀ ସାଇକେଲ ଧରି ବାହାରି ପଡ଼ିଲେ ଜୟସୁଖଲାଲ ମାଣିକଲାଲର ଦୋକାନକୁ ଯଦି ବା ଖାତାରେ ଲେଖାଲେଖି କରି କିଛି ଆଣିହୁଏ ।

ଇତିମଧ୍ୟରେ ପରିକଳ୍ପିତ ଶୋଭାଯାତ୍ରାରେ ଶେଷ ମୁହୂର୍ତ୍ତରେ ପରିବର୍ତ୍ତନ ଅଣାଗଲା । ଦୁଇ ପଟ୍ଟଶିଷ୍ୟଙ୍କ ମୁଣ୍ଡରେ ବୁଦ୍ଧିଟାଏ ଖେଳିଗଲା ହଠାତ୍ । ଗୁରୁ ଓ ଗୁରୁପତ୍ନୀ ମଣିଷଟଣା ଗାଡ଼ିରେ ଯିବା ଉଚିତ୍ ହେବ ନାହିଁ । ଅସଲ କଥା ହେଲା ଦୁହିଁଙ୍କ ନଜର ପଡ଼ିଛି ପିଣ୍ଡାରେ ବନ୍ଧା ହୋଇଥିବା ବଳଦ ଦି'ଟା ଓ ଅଗଣାର ଶଗଡ଼ ଉପରେ । ଜଗା ମାଧାକୁ ବୁଝାଇ ଦେଇଛି- "ବଳଦ ନିରୀହ, କର୍ମଠ, ବୋଲକରା ଓ କଷ୍ଟସହିଷ୍ଣୁ ଜୀବ, ମାଡ଼ ଗାଳି ଖାଇ ମଧ୍ୟ ବୋଝ ଟାଣେ । କଂଗ୍ରେସ ସେଥିପାଇଁ ଯୋଡ଼ିବଳଦକୁ ସନ୍ତକ କରିଛି । ଗୋରୁ ଓ ଗୁରୁ ମଧ୍ୟରେ ବିଶେଷ ପାର୍ଥକ୍ୟ ନାହିଁ ।"

ରିକ୍ସାର ସାଜସଜା ଶଗଡ଼କୁ ଅନ୍ତର କରାଯାଉଥିଲା । ନଟିଆ ଆସି ପହୁଞ୍ଚି ଜଣାଇଲା ସଭାପତି ହେବା ପାଇଁ କାହାକୁ ସେ ପାଇଲା ନାହିଁ ।

"ଡ଼ି.ଏମ୍.ଏଡ଼ି.ଏମ୍. ?"

"ସେମାନେ ଏସେମ୍ଲି ପ୍ରଶ୍ନର ଉତ୍ତର ଫୋନ୍‌ରେ କହୁଛନ୍ତି ।"

"ଇନ୍ସପେକ୍ଟର।"

"ମାଷ୍ଟରମାନଙ୍କୁ ସମ୍ମାନ ଦେବା ପାଇଁ ସେ ଆସିବେ ନାହିଁ । ତାଙ୍କ ଅଫିସର କିରାଣୀଙ୍କୁ ଗଣ୍ଡା ଗଣ୍ଡା ମାଷ୍ଟର ଖୋସାମତ କରୁଛନ୍ତି ।"

"ଓକିଲ, ବି.ଡ଼ି.ଓ., ଏସ୍.ଡ଼ି.ଓ. ଓ ଚେୟାରମେନ୍ ?"

Digitized by srujanika@gmail.com

"କାହାକୁ ଜଣକୁ ଧରିଆଣ । ନହେଲେ ହେବ କିମିତି ?"

"ସେଇ ପଶୁ ଡ଼ାକ୍ତରକୁ ଡ଼ାକିଛି । ହଁ କରିଛି । ହେଲେ ଜାତୀୟପତାକା ଅଗଷ୍ଟ ପନ୍ଦରରେ ଓଲଟା ଉଡୁଥିଲା ତା' ଅଫିସ୍ ଆଗରେ ।"

"ଠିକ୍ ଅଛି । ଦିଅ ଚାଲ ।"

"ବୋଲ ରାଧା ବୋଲ" ସଂଗୀତ ଲାଉଡ଼ସ୍ପିକରରେ ବାଜିବା ସଂଗେ ସଂଗେ ଶୋଭାଯାତ୍ରା ଆରମ୍ଭ ହେଲା । ସଂଗୀତ ପରିଚାଳନାର ଭାର ନଟିଆ ଉପରେ । 'ପ୍ୟାର କିୟା ତୋ ଡ଼ରନା କ୍ୟା', 'ଆଜ ବି ହେ କାଲ ବି ରହେଗା', 'ଜୀବନ ଯମୁନାରେ' ଇତ୍ୟାଦି ରମ୍ୟ ସଂଗୀତ ଶେଷରେ 'ମେଁ କ୍ୟା କରୋଁ ରାମ ମୁଝେ ବୁଢ୍ଢା ମିଲ୍‌ଗୟା' । ତେଣେ ପଛର ଲାଉଡ଼ସ୍ପିକରରେ କେବଳ ଗୁରୁ ଅଷ୍ଟକ ବୋଲାଯାଉଥାଏ । ସଂସ୍କୃତ ଶ୍ଳୋକଗୁଡ଼ାକ କେହି ଭଲକରି ଉଚ୍ଚାରଣ କରି ନପାରିବାରୁ ପଣ୍ଡିତ ମହାଶୟ ନିଜେ ରିକ୍ସାରେ ବସି ସେ ସବୁ ବଡ଼ପାଟିରେ ଗାଉଥାନ୍ତି । ବେଣ୍ଡ, ସଂକୀର୍ତ୍ତନ ଢ଼ୋଲର ଆବାଜ ସହିତ ତୁହା, ସ୍ଲୋଗାନ୍ ବୋଲି । ତା' ଉପରେ ରାଷ୍ଟ୍ରପତି, ଗାନ୍ଧୀ, ଜହରାଲାଲଙ୍କ ଜୟଧ୍ୱନି । କେହି ବାଦ ପଡୁନଥାନ୍ତି । ମଝିରେ ମଝିରେ ହରିବୋଲ ବି ଶୁଭୁଥାଏ । ବଶିଷ୍ଠଦେବଙ୍କ ଭୟ ପିଲାଗୁଡ଼ାଏ ଭୁଲ୍‌ରେ 'ହରିନାମ ସତ୍ୟ ହେ' କହିଦେବେ ନାହିଁ ତ !

ବାଲିଗଞ୍ଜ ବଜାର, ସିନେମା ଛକ ଓ କଚେରୀ ଦେଇ ଶୋଭାଯାତ୍ରା ଚାଲିଥାଏ । ଅସମୟରେ ଦୁର୍ଗାମେଢ଼ ବିସର୍ଜନ ହେଲାପରି ଲୋକଙ୍କୁ ଜଣାପଡୁଥାଏ । ସିନେମା ଛକ ପାଖରେ ଚାରି ପାଞ୍ଚଟା ଛୋଟ ଛୋଟ ଶୋଭାଯାତ୍ରା ଆସି ଯୋଗଦେଲା । ଗୁରୁଙ୍କ ସମ୍ମାନ ଦେଖାଇବାରେ ଦ୍ୱନ୍ଦ୍ୱ ଓ ପ୍ରତିଯୋଗିତା ଲାଗି ସଂଘର୍ଷର ମଧ ଆଭାସ ସେଇଠି ମିଳିଥିଲା । କଚେରୀ ପାଖରେ ପହୁଞ୍ଚିଲା ବେଳକୁ ହାକିମହୁକୁମା ବାହାରି ପଡ଼ିଲେ କାମ ଛାଡ଼ି । ସମସ୍ତଙ୍କ ମୁହଁରେ ଏକ କଥା ସ୍କୁଲ କଲେଜରେ ନ ପଶି ସେମାନେ କାହିଁକି ହୀନିମାନିଆ ଚାକିରୀ କରୁଛନ୍ତି ।

ବହୁବର୍ଷ ପୂର୍ବେ ଦିନେ ବିଶିଷ୍ଠ ଦେବ ଓ ଅରୁନ୍ଧତୀ ଦେବୀ ଏମିତି ଖୋଲା ବଳଦ ଗାଡ଼ିରେ ହର-ପାର୍ବତୀ ବେଶରେ ସର୍ବସାଧାରଣରେ ଶୋଭାଯାତ୍ରାରେ ଯାଇଥିଲେ । ଦୁହେଁ ପରସ୍ପରକୁ ଚାହିଁ ସେଦିନ କଥା ମନେପକାଇ ଲାଜ ଲାଜ ହେଉଥାନ୍ତି । ଏଣେ ନନ୍ଦୀ ଭୃକୁଟୀରୂପୀ ଜଗା ମାଧା ଯୋଡ଼ି ବଳଦର ଏପାଖ ସେପାଖ ଥାଇ ଚାଲିଥିବାରୁ ସେ ଦି'ଟାରେ ଏପଟ ସେପଟ ହେବାର ଯୁ' ନଥାଏ । ଯେଡ଼େ ଟାଣୁଆ ହେଲେ ବି ଜଗା ମାଧା ଆଗରେ ଗୋରୁ ମୂଷା ପରି । ଜେଲର ସାହେବ ଓ ସଦର ଇନ୍ସପେକ୍ଟରଙ୍କ ପୁଅ ଦୁହେଁ । ଗୋ-ବଧକୁ ସେମାନେ ଡ଼ରନ୍ତି ନାହିଁ, ଯିମିତି ତାଙ୍କ ବାପା ନରବଧକୁ ଶଙ୍କି ଯାଆନ୍ତି ନାହିଁ ।

Digitized by srujanika@gmail.com

ହେଲେ ମଫସଲରୁ ଆସିଥିବା ବଳଦ ଦୁଇଟା ଭାରି ଅତିଷ୍ଠ ହେଲେଣି । ସଭାମଣ୍ଡପ ପାଖରେ ଗୁରୁ ଓ ଗୁରୁପତ୍ନୀ ଓହ୍ଲାଇଲାବେଳେ ଶଙ୍ଖ, ହୁଳହୁଳି ଓ ଘଣ୍ଟାଧ୍ୱନି ସହିତ ବୋର୍ଡ଼ିଂ ପାଖରେ ଭେଳା ଭେଳା କୁକୁରଙ୍କ ଆର୍ତ୍ତନାଦ ଏତେ ପ୍ରଚଣ୍ଡ ହେଲା ଯେ, ବଳଦ ଦି'ଟା ବୋଲ ନ ମାନି ଶଗଡ଼ଟାକୁ ଖଣ୍ଡେଦୂର ଓଟାରି ନେଇଗଲେ । ଭାଗ୍ୟକୁ ବଶିଷ୍ଠ ଦେବ ଓ ଅରୁନ୍ଧତୀ ଦେବୀ ଅବତରଣ କରି ସାରିଥାନ୍ତି । ପଚାଶ ଷାଠିଏ ହାତ ଯିବାପରେ ଶଗଡ଼ଟା ଗୋଟିଏ ଖାତରେ ପଡ଼ିଗଲା । ତରକି ଯାଇ ବଳଦ ଦି'ଟା ଏକାଟାଣକେ ଦଉଡ଼ି ଛିଣ୍ଡାଇ ଲାଞ୍ଜ ଟେକି କାଳିଦାସ ବର୍ଣ୍ଣିତ ଆଶ୍ରମ ହରିଣର ପଳାୟନ ଭଙ୍ଗୀରେ ମାଇଲିଏ ଖଣ୍ଡେ ରାସ୍ତାଯାଇ ଜେଲ ହତାର କଦଳୀ ଓ ଅମୃତଭଣ୍ଡା ବଗିଚାରେ ଅଦୃଶ୍ୟ ହୋଇଗଲେ ?

ଗୁରୁ ପୂଜା ମଣ୍ଡପଟି ସଂସ୍କୃତ ପଣ୍ଡିତ ମହାଶୟଙ୍କ କଳ୍ପନା ପ୍ରସୂତ । ଗୁରୁକୁଳାଶ୍ରମ, କନ୍ୟାଶ୍ରମ, ସତ୍ୟବାଦୀ ବନବିଦ୍ୟାଳୟ ଓ ଶାନ୍ତିନିକେତନର ଆଦର୍ଶ ଓ ରୀତି ନେଇ ପ୍ରସ୍ତୁତ । ହିନ୍ଦୀ, ଡ୍ରଇଂ ଶିକ୍ଷକଦ୍ୱୟ ପାଞ୍ଚ ଛଅଦିନ ପଣ୍ଡିତ ମହାଶୟଙ୍କ କଳ୍ପନାକୁ ରୂପ ଦେଇଛନ୍ତି । କଦମ୍ବ, ଦେବଦାରୁ ଓ କଦଳୀ ଆଦି ନାନା ଆଶ୍ରମ ସୁଲଭ ବୃକ୍ଷରାଜିର ଡ଼ାଳପତ୍ରରେ ବେଦୀପୀଠ ସଜ୍ଜିତ । ବଶିଷ୍ଠ ଦେବ ଓ ଅରୁନ୍ଧତୀ ଦେବୀ ସେଇ ମଞ୍ଚରେ ସମାସୀନା ଓ ଅନ୍ୟାନ୍ୟ ଗୁରୁବର୍ଗ ଅର୍ଦ୍ଧ ବୃତ୍ତାକାରରେ ସମ୍ମାନ ଗ୍ରାୟସୀ ହୋଇ ଉପବିଷ୍ଟ ।

ଗୁରୁ ଅର୍ଚ୍ଚନା ବିଧିଧାରା ମଧ ପଣ୍ଡିତ ମହାଶୟଙ୍କ ପ୍ରଣୀତ । ଉତ୍‌ଫୁଲ୍ଲିତା ତାଙ୍କ ବଦନର ସର୍ବତ୍ର ପରିବ୍ୟାପ୍ତ । ଚକ୍‌ଖଡ଼ିର ଅତି ଶୁଭ୍ର ତ୍ରିପୁଣ୍ଡ୍ରକରେ ତାଙ୍କର ଲଲାଟ ଦେଦୀପ୍ୟମାନ । ତାଙ୍କର ଧାରଣା, ଏଣିକି ପିଲାମାନେ ଅଧ୍ୟୟନରେ ମନ ଦେବେ, ତାଙ୍କ ଚାଲି ବା ନସ୍ୟସେବନ ପ୍ରକ୍ରିୟାର ହନୁକରଣ କରିବେ ନାହିଁ, ବିଧର୍ମୀ ହେବେ ନାହିଁ । ସର୍ବଦା ଦାଲଦା ପରିବର୍ତ୍ତନରେ ଗବ୍ୟଘୃତ ପ୍ରଚଳିତ ହେବ ଓ ମାହିଷ ଦଧି ଓ ପକ୍ୱ ରମ୍ଭାଯୁକ୍ତ ଭୁରିଭୋଜନ ମିଳିବ । ସର୍ବୋପରି ଇଂରାଜୀ ଭାଷା ଉଠିଯିବ ଓ ପିଲେ ତେନ୍ତୁଳିମଞ୍ଜି ଗଣି ଗଣି ଶବ୍ଦ ଓ ଧାତୁ ରୂପ ମୁଖସ୍ଥ କରିବେ ।

ଚନ୍ଦନ-ଚର୍ଚ୍ଚିତ-କ୍ଷୀଣ-କଳେବର-ଜୀର୍ଣ୍ଣବସନ ବଶିଷ୍ଠ ମଣ୍ଡପରେ ବସି ଛାତ୍ରଛାତ୍ରୀଙ୍କ ଭକ୍ତିସୁଧା ପାନ କରୁଥିଲାବେଳେ ତାଙ୍କ ଚତୁର୍ଦ୍ଦିଗରୁ "ଗୁରୁ କୃପା ହିଁ କେବଳମ୍" "ଗୁରୁଦେବ ଦୟାକର ଦୀନଜନେ" ଆଦି ସ୍ତୁତି ଓ 'ଜୟଗୁରୁ' ମନ୍ତ୍ରର ୧୦୮ ବାର ଜପ ଶୁଭୁଥାଏ ।

ଅର୍ଚ୍ଚନାଦି ପରେ ସଭାକାର୍ଯ୍ୟ ଆରମ୍ଭ ହେଲା । ଜିଲ୍ଲା ପଶୁ ଚିକିତ୍ସକ ମହାଶୟ ଲେଖନ, ପରକଲମ ଓ ତାଳପତ୍ର ପୋଥି ଚିହ୍ନିତ ତିନିରଙ୍ଗ ପତାକା ଉତ୍ତୋଳନ କଲେ ଏବଂ ମୁଖ୍ୟ ବକ୍ତାରୂପେ ଗୁରୁ ଓ ଗୋରୁ ମଧରେ ସାମଞ୍ଜସ୍ୟ ଓ ପାର୍ଥକ୍ୟ ବୈଜ୍ଞାନିକ ଦୃଷ୍ଟିକୋଣରୁ ଉପସ୍ଥାପିତ କଲେ ସ୍ଥାନୀୟ ପଶୁ ଡ଼ାକ୍ତର ମହାଶୟ ।

Digitized by srujanika@gmail.com

ତା'ପରେ ଜଗା ଗୋଟିଏ ପ୍ରସ୍ତାବ ଆଗତ କଲା ଯହିଁରେ ଜାତୀୟକୃତ ଗଣିତ ପାଠ୍ୟପୁସ୍ତକରେ ଗୁରୁଙ୍କୁ ବିରାଡ଼ି ଏବଂ ଛାତ୍ରଙ୍କୁ ମୂଷା ଆକାରରେ ଚିତ୍ରିତ କରାଯାଇଥିବାର ପ୍ରତିବାଦ ଓ ନିନ୍ଦାବାଦ କରାଗଲା । ମାଧାର ପ୍ରସ୍ତାବଟି ଗୁରୁତ୍ୱପୂର୍ଣ୍ଣ, କାରଣ ସେଥିରେ ଗୁରୁଶିଷ୍ୟ ସହାବସ୍ଥାର ପଞ୍ଚଶୀଳର ରୂପରେଖ ଦିଆଯାଇଥିଲା । ପ୍ରବୀଣ ଶିକ୍ଷକ ଓ ଅଧାପକମାନଙ୍କ କୃତ 'ମାନେ ବହି'ର ସହଜ ସରଳ ସଂସ୍କରଣର ଜାତୀୟକରଣ, ଫଳାଫଳ ଉପରେ ଶିକ୍ଷକମାନଙ୍କ ପ୍ରତି ପୁରସ୍କାର ଓ ଦଣ୍ଡବିଧାନ ବ୍ୟବସ୍ଥା, ସହଶିକ୍ଷାର ବ୍ୟାପକ ପ୍ରସାରକଳ୍ପେ ସତନ୍ତ୍ର ବାଳିକା ବିଦ୍ୟାଳୟ ବା କଲେଜର ଉନ୍ମୂଳନ, ପରୀକ୍ଷା ବ୍ୟବସ୍ଥାର ପ୍ରତ୍ୟାହାର ଏବଂ ଅବସରବିନୋଦନ ପାଇଁ ସ୍କୁଲ କଲେଜରେ ସିନେମା, ଥିଏଟର, ଖେଳ, ସମରଶିକ୍ଷାର ସୁବ୍ୟବସ୍ଥା ଆଦି ତହିଁର ଅନ୍ତର୍ଭୁକ୍ତ ।

ସଭାଶେଷରେ ଛାତ୍ର ଓ ଅଭିଭାବକଙ୍କ ତରଫରୁ ଗୋଟିଏ ପ୍ଲେଟ୍‌ରେ ରୁମାଲରେ ବାନ୍ଧି ପୁଟୁଳାଟିଏ ଗୁରୁ ଓ ଗୁରୁପତ୍ନୀଙ୍କୁ ଉପହାର ଦିଆଗଲା । ଜଣାଗଲା ନୋଟ୍ ବିଡ଼ାଟିଏ ଦିଆଯାଇଛି ।

ବଶିଷ୍ଠ ଦେବଙ୍କ ଆଶ୍ରମରେ ପୁଣି ଏକ ସନ୍ଧ୍ୟା ନଇଁ ଆସିଲା । ସକାଳର ବର୍ଣ୍ଣାଢ୍ୟ ଦୀପ୍ତିମନ୍ତ ସୂର୍ଯ୍ୟ ମୁମୂର୍ଷୁ ଓ ନିଷ୍ପ୍ରଭ ହୋଇ ବିଦାୟ ନେଲେ ।

ବାହାର ଅଗଣାରେ ଗୋଟିଏ ସବେଇ ଖଟ ଉପରେ ହାଲିଆ ହୋଇ ବାହୁକୁ ତକିଆ କରି ପଡ଼ିଥାନ୍ତି ବଶିଷ୍ଠ ଶର୍ମା ଫାଙ୍କା ଆକାଶକୁ ଚାହିଁ । ଦିନମାନ ସେଇ ମୁଢ଼ି ମୁଠାକ ଛଡ଼ା ତାଙ୍କ ପେଟକୁ ଦାନା ଯାଇନାହିଁ । ସଭାସ୍ଥଳରୁ ଉଭୟ ଗୁରୁ ଓ ଗୁରୁପତ୍ନୀ ପଦବ୍ରଜରେ ଭୋଦୁଅ ଖରାରେ ଘରକୁ ଫେରିଛନ୍ତି । ସଭା ପରେ କିଏ କୁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲେ, ରିକ୍ସାଟାଏ ଡ଼ାକିବାର ବି ଉପାୟ ନଥିଲା । ଶଗଡ଼ଟା ବିଲ୍ କଡ଼ର ଖାତ ପାଖରେ ଶ୍ମଶାନର ମୁର୍ଦ୍ଦାର ଖଟପରି ଦିଶୁଥାଏ ।

ଘରେ ପହଞ୍ଚି ଗୁରୁ ଦମ୍ପତି ଦେଖନ୍ତି ବଳଦ ଦି'ଟା ଫେରିନାହାନ୍ତି । ବଶିଷ୍ଠଙ୍କ ହଲକ ଶୁଖିଗଲା । ମଫସଲି ବଳଦ ପ୍ରଥମ କରି ସହରକୁ ଆସିଛନ୍ତି । ଗଲେ କୁଆଡ଼େ ? କାଲି ବାରିକପୁର, ପଅରଦିନ ସାରଷକଣା ହାଟ । ହଡ଼ାଖିଆ ବେପାରୀ ପଣ ପଣ ଗାଁ ଗାଁ ବୁଲୁଛନ୍ତି । ବଳଦ ଦି'ଟା ତିନିଶରୁ କ'ଣ ଊଣା ହେବେ ? ଚାକିରୀଆଙ୍କୁ ଚାଷ ଅତୁଆ । ବଳଦ ଦି'ଟା ବିକି ପରୀକ୍ଷା ଖାତା ଦେଖା ପଇସା ସହିତ ମିଶାଇ ଆସନ୍ତା ବର୍ଷକୁ ବଡ଼ପୁଅକୁ ବୁର୍ଲା ଇଞ୍ଜିନିୟରିଂ ପଠାଇବେ ବୋଲି ଭାବିଥିଲେ । ଏକାଦିନକେ ଆଶ ସଉଧ ଭାଜିଗଲା ଯେ! ଧଇଲେ ସାଇକେଲ । ଟିଉବ ଟାୟାରର ଅବସ୍ଥା ନାହିଁ । ଅବଶିଷ୍ଟ ଟଙ୍କାଏ ଦି'ଟଙ୍କା କ'ଣ ଥିଲା ଅରୁନ୍ଧତୀଙ୍କ ଠାରୁ ନେଇ ଚାଲିଲେ ସାଇକେଲ ଦୋକାନକୁ ଗାଁକୁ ଯିବା ରାସ୍ତାରେ । ବିଫଳ ହୋଇ ଫେରି ଦିନଯାକ ଗୁରୁଜୀ ଗୋ ଅନ୍ୱେଷଣରେ ବେଢ଼ା ବେଢ଼ା କରି ସହର ପରିକ୍ରମା କଲେ, ଆଦିକନ୍ଦ ଖୋଜିଲେ ।

Digitized by srujanika@gmail.com

କାଞ୍ଜି ହାଉଦାରେ ସନ୍ଧାନ ନେଲେ । ବୃଥା ଚେଷ୍ଟା, ପଣ୍ଡ ପରିଶ୍ରମ । ବେଳବୁଡ଼କୁ ଥାନାରେ ଖବର ଦେଇ ଏଇମାତ୍ର ଫେରି ଝାଉଁଳି ପଡ଼ି ଯାଇଛନ୍ତି ।

"ନମସ୍କାର ଗୁରୁଜୀ ।"

ଜଗାର ପରିଚିତ କଣ୍ଠସ୍ୱର ଶୁଣି ଧଡ଼କିନା ଗୁରୁଦେବ ଉଠି ବସିଲେ । କ୍ରୋଧ ଦୁର୍ବଳ ଦେହରେ ମଧ ବଳ ଦିଏ । ଉଠିଯାଇ କାଠ ଫାଳିଆଟାଏ ଧରି ଜଗାରେ ମୁଣ୍ଡଟା ଦିଫାଳ କରିବେ ବୋଲି ଭାବୁଛନ୍ତି । ଏତିକିବେଳେ ଅମୃତନିସ୍ୟନ୍ଦୀ ଗଳାରେ ଜଗା କହିଲା, "ବଳଦ ମିଳିଗଲେ, ସାର୍, ମାଧା ଓ ନଟିଆ ଅଡ଼େଇ ଆଣୁଛନ୍ତି ।"

"କେଉଁଠି ପାଇଲ ରେ ?" ସମସ୍ତ ଦୁଃଖ କ୍ରୋଧ ଭୁଲି ବଶିଷ୍ଠ ପଚାରିଲେ ।

"ଶୁନଗଡ଼ିଆ କାଞ୍ଜିହାଉଦାରେ ଥିଲେ । ବାପା, ଓ୍ୱାର୍ଡ଼ର ଲଗାଇ ପଠାଇ ଦେଇଥିଲେ । ଗୋରୁଗୁଡ଼ାକ ସେ ସବୁବେଳେ ସେଇ ଖୁଆଡ଼କୁ ପଠାନ୍ତି । ମାଲିକ ଖୋଜି ଖୋଜି ପାଏ ନାହିଁ । ବଳଦ ନିଲାମ ବିକ୍ରି ହୋଇଯାଏ ।"

"ଟଙ୍କା ପାଇଲ କେଉଁଠୁ ?"

"ପତାକା ବିକ୍ରି ପଇସା ଥିଲା ଆମ ପାଖରେ ।"

"ହିସାବ ଦେବ କିମିତି ?"

"ହିସାବ ମାଗୁଛି କିଏ ? ଆମେ ବ୍ଲାକ୍‌ରେ ବି ବିକିଛୁ ।"

"ତେବେ ସେଇ ଟଙ୍କାରେ ଗୋରୁ ମୁକୁଳାଇଲା ?"

"ଗୁରୁଙ୍କ ଟଙ୍କା ଗୋରୁ କାମରେ ଲାଗିଲା ।" ଅଳ୍ପ ହସି ଜଗା କହିଲା ।

ଏତିକିବେଳେ ମାଧା ଓ ନଟିଆ ବଳଦ ହଳକୁ ଶଗଡ଼ରେ ଯୋଚି ଘେନି ଆସିଲେ । ବଶିଷ୍ଠ ଦୌଡ଼ିଯାଇ ବଳଦ ଦି'ଟାରେ ମୁଣ୍ଡ ସହିତ ନିଜର ଗାଲ ଲଗାଇ ଚୁମ୍ବନ ଦେଲେ । ବଳଦ ଶିଙ୍ଘର ସିନ୍ଦୁର ତାଙ୍କ ଗାଲ କପାଳେରେ ଲାଗିଗଲା, ତାଙ୍କୁ ମାଲୁମ ନାହିଁ ।

ଶଗଡ଼ ଓ ଗୋରୁଖୁରାର ଶବ୍ଦ ଶୁଣି ଘର ଭିତରୁ ବାହାରି ଆସିଲେ ଅରୁନ୍ଧତୀ ଦେବୀ । ସ୍ୱାମୀଙ୍କ ମୁହଁକୁ ଚାହିଁଦେଲା ମାତ୍ରେ ଅର୍ଥପୂର୍ଣ୍ଣ କରୁଣ ହସଟିଏ ତାଙ୍କ ମୁହଁରେ ଖେଳିଗଲା । ମୁଖମଣ୍ଡଳକୁ ଈଷତ୍ ଆବୃତକରି ଖୁଣ୍ଟ ଆଢୁଆଳରେ ଠିଆହୋଇ ଦେବୀ କହିଲେ, "ଆସ ଏଥର ଗୋରୁ ଦିବସ ତ ସରିଲା, ଆଉ ଡ଼େରି କାହିଁକି ? ଗଣ୍ଡିଏ ଖାଇ ଶୋଇ ପଡ଼ିବ ଆସ ।"

ଜଗା, ମାଧା ଓ ନଟିଆର ଅଟ୍ଟହାସ ସହିତ ଆକାଶର ପଲ ପଲ ବାଦୁଡ଼ିଙ୍କ ଅଜସ୍ର ଡ଼େଣାର ଅନ୍ଧାର ଝରି ଝରି ଆସି ଜମାଟ ବାନ୍ଧିଲା ସେ ରାତିରେ ଗୁରୁଦମ୍ପତିଙ୍କ ଘରେ, ଅଗଣାରେ ।

ଶୋଇବା ପୂର୍ବରୁ କୌତୁହଳ ସମ୍ଭାଳିନପାରି ବଶିଷ୍ଠ ଦେବ ଓ ଅରୁନ୍ଧତୀ ମ୍ଲାନ ଲଣ୍ଠନ ଆଲୁଅରେ ଜଗା ଦେଇଥିବା ପୁଟୁଳାଟି ଖୋଲିଲେ । ଦେଖିଲେ ପରସ୍ତ ପରସ୍ତ

Digitized by srujanika@gmail.com

କରି ଗୁଡ଼ାଏ ଖବରକାଗଜର କଟା ଅଂଶ ଥୁଆ ହୋଇଛି । ପତ୍ର-ପତ୍ରିକାର ଗୁରୁଦିବସ ସମ୍ପର୍କିତ ସମ୍ପାଦକୀୟ ସମୂହ, ରାଷ୍ଟ୍ରପତିଙ୍କ ଠାରୁ ଉପମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ବାଣୀ ଏକତ୍ର ରଖାଯାଇଛି ଏବଂ ସେ ସବୁର ଥିବା 'ମାନ' 'ସମ୍ମାନ' 'ଅଭିନନ୍ଦନ' 'ମର୍ଯ୍ୟାଦା' 'ଭକ୍ତି' 'ସେବା' 'ଅର୍ଚ୍ଚନା' ପରି ଶବ୍ଦଗୁଡ଼ାକ ଲାଲ ପେନ୍‌ସିଲରେ ଗୋଲ ଗୋଲ ଟିକି ପଇସା ପରି ଦାଗ ଦିଆଯାଇଛି । ଗଣିଲେ ହଜାର ହଜାର ହେବ । ସବାତଳେ ମୋଟା କାର୍ଡ଼ବୋର୍ଡ଼ରେ ରଙ୍ଗବେରଙ୍ଗ କାଳିରେ ଲେଖାହୋଇଛି "ତସ୍ମୈ ଶ୍ରୀ ଗୁରୁବେ ।"

ଗୁରୁଦମ୍ପତିଙ୍କ ଦୀର୍ଘଶ୍ୱାସରେ ଠିପି ନଥିବା ପୁରୁଣା ଲଣ୍ଠନର ଦପ୍ ଦପ୍ କରୁଥିବା ଲାଲି ଶିଖାଟି ବି ଦପ୍‌କରି ନିଭିଗଲା ।

Digitized by srujanika@gmail.com

# ଲେଖକଙ୍କ ଗ୍ରନ୍ଥପଞ୍ଜି

| ପ୍ରକାଶନ କାଳ | ବହିର ନାମ | ମନ୍ତବ୍ୟ |
|---|---|---|
| ୧୯୬୦ | Sir Roger at Test Cricket (Illustrated) | Sir Roger De Coverly Papers ଅନୁସରଣରେ |
| ୧୯୭୦ | ନବନାଟିକା | କେତୋଟି ଶ୍ରେଷ୍ଠ ଇଂରାଜୀ ଏକାଙ୍କିକାର ସାବଲୀଳ ଅନୁବାଦ |
| ୧୯୬୭ | ଏଣ୍ଟି ରୋମାଣ୍ଟିକ୍ | ୧୯୬୮ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ |
| ୧୯୭୦ | ଚମ୍ପା | ଫକୀର ମୋହନ ସେନାପତିଙ୍କ 'ଛ' ମାଣ ଆଠଗୁଣ୍ଠ'ର ନାଟ୍ୟରୂପ |
| ୧୯୭୦ | ଦୁଇଟି ଭ୍ରମଣ କାହାଣୀ | ଇଉଲିସେସ୍‌ଙ୍କ ଭ୍ରମଣ କାହାଣୀ, ମାନ୍‌ଚେ୍ୟସେନ୍‌ଙ୍କ ଭ୍ରମଣ କାହାଣୀ (ଶିଶୁ ସାହିତ୍ୟ)ର ଅନୁବାଦ |
| ୧୯୭୪ | ସଞ୍ଚୟନ | ପୁରାଣଯୁଗରୁ ସାଂପ୍ରତିକ ଯୁଗ ପର୍ଯ୍ୟନ୍ତ ଓଡ଼ିଆ କବିତାର ସଙ୍କଳନ (କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ) |
| ୧୯୭୭ | ଲେମ୍ବଙ୍କ ସେକ୍ସପିଅର କାହାଣୀମାଳା | ଭାରତୀୟ ଭାଷାରେ ପ୍ରଥମେ ପ୍ରକାଶିତ (ଅନୁବାଦ) |
| ୧୯୭୯ | ରାଜା (ରବୀନ୍ଦ୍ର ନାଥ ଠାକୁର) | ପଞ୍ଚନାଟକ, ରବୀନ୍ଦ୍ର ନାଥ ଠାକୁର (ଅନୁବାଦ) |
| ୧୯୮୧ | ଗଙ୍ଗା ଓ ଗାଙ୍ଗୀ | ଗଳ୍ପ ସଙ୍କଳନ ୧୨ଟି ଗଳ୍ପର |
| ୧୯୮୨ | ହାଇଦ୍ରାବାଦ ଅଙ୍ଗୁର | ଗଳ୍ପ ସଙ୍କଳନ ୧୪ଟି ଗଳ୍ପର |
| ୧୯୮୨ | ମାଂସାଶୀମାନଙ୍କ ଉଦ୍ଦେଶ୍ୟରେ | ଗଳ୍ପ ସଙ୍କଳନ ୧୨ଟି ଗଳ୍ପର |
| ୧୯୮୨ | ଗୋଟାଏ ଆଳୁ | ଗଳ୍ପ ସଙ୍କଳନ ୧୪ଟି ଗଳ୍ପର |
| ୧୯୮୩ | ନୀଡ଼ାଶ୍ରୟୀ | ଗଳ୍ପ ସଙ୍କଳନ ୧୨ଟି ଗଳ୍ପର |
| ୧୯୮୩ | ଆକାଶୀ ଫୁଲ | ଗଳ୍ପ ସଙ୍କଳନ ୧୩ଟି ଗଳ୍ପର |
| ୧୯୮୩ | ଅଜାଘା ଘାଆ | ଗଳ୍ପ ସଙ୍କଳନ ୧୨ଟି ଗଳ୍ପର |
| ୧୯୮୪ | Phakir Mohan: His life and literature | Essay on Phakir Mohan and retranslation of six stories |

Digitized by srujanika@gmail.com

| | | |
|---|---|---|
| ୧୯୯୧ | ମେଜର ଅପାରେଶନ | ଗଳ୍ପ ସଙ୍କଳନ ୧୫ଟି ଗଳ୍ପର |
| ୨୦୦୦ | ପୁଅ ପାଇଁ ଝିଅ | ଗଳ୍ପ ସଙ୍କଳନ ୨୧ଟି ଗଳ୍ପର |

***Articles in Indian Literature***
***(Central Sahitya Academy Journal)***

1969-1970
1. Nil Shaila
2. One or Two Outstanding Books
3. Neither Boms nor Whimper
4. Much Paper More Poverty

ଅପ୍ରକାଶିତ:

| | |
|---|---|
| ବାସନ୍ତୀ ରମ୍ୟରଚନାମାଳା-୧ ଅକାଳେ ସକାଳେ | ମୁକ୍ତ ଅନୁବାଦ (ଲଳିତନିବନ୍ଧ) Statesmanର Now and Again ସ୍ତମ୍ଭରୁ |
| ବାସନ୍ତୀ ରମ୍ୟରଚନାମାଳା-୨ ବୁଢ଼ାବାବୁ ଓ ଅନ୍ୟାନ୍ୟ | ଅନାଧାରିତ ରମ୍ୟରଚନା |
| ବାସନ୍ତୀ ରମ୍ୟରଚନାମାଳା-୩ ଆଜ୍ଞା ଟିକିଏ ଦୟାକରି ଓ ଅନ୍ୟାନ୍ୟ | ଆଧାରିତ ରମ୍ୟରଚନା |

* ଏତଦ୍‌ବ୍ୟତୀତ ଗାଳ୍ପିକଙ୍କର ଅନେକଗୁଡ଼ିଏ ଗଳ୍ପ, ଇଂରାଜୀ, ହିନ୍ଦୀ ଓ ତେଲୁଗୁରେ ଅନୂଦିତ ହୋଇ ସେହି ଭାଷାର ପତ୍ରିକାରେ ସ୍ଥାନିତ ।

Digitized by srujanika@gmail.com

ଅଗ୍ରଦୂତ, କଟକ-୨

ମୂଲ୍ୟ: ଟ.୩୫୦.୦୦

Digitized by srujanika@gmail.com